# ମୋ ନନାଙ୍କ ଦେଶ



ଡଃ ବିକ୍ରମ ଦାସ

Digitized by srujanika@gmail.com

# ମୋ ନନାଙ୍କ ଦେଶ

( ମନସ୍ୱୀ ପଣ୍ଡିତ ନୀଳକଂଠ ଦାସଙ୍କ ମହତ୍ ଜୀବନର
ଅନେକ ଅପ୍ରକାଶିତ ଓ ଅଙ୍ଗେଲଭ୍ୟ ଘଟଣା ଏବଂ
ତାତ୍କାଳିକ ଓଡ଼ିଶାର ସାହିତ୍ୟ, ରାଜନୀତି ଓ
ସାଂସ୍କୃତିକ ବିଚାରଧାରାର ସମ୍ୟକ
ପରିପ୍ରକାଶ । )

ଲେଖକ

ଡକ୍ଟର ବିକ୍ରମ ଦାସ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ମୋ ନନାଙ୍କ ଦେଶ
ଲେଖକ :
ଡକ୍ଟର ବିକ୍ରମ ଦାସ
ପ୍ରକାଶକ :
ଗୋବର୍ଦ୍ଧନଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ,
ପ୍ରଥମ ସଂସ୍କରଣ :
ପଣ୍ଡିତ ନୀଳକଣ୍ଠ ଜନ୍ମ ଶତବାର୍ଷିକୀ– ୧୯୮୩
ପ୍ରଚ୍ଛଦ:
ଅସିତ ମୁଖାର୍ଜ୍ଜୀ
ମୁଦ୍ରଣ :
ବିକାଶ ପ୍ରିଣ୍ଟର୍ସ
ବାଳକୃଷ୍ଣ ରୋଡ, କଟକ-୧
ମୂଲ୍ୟ—ତିରିଶି ଟଙ୍କା
ସାଧାରଣ—ପଚିଶି ଟଙ୍କା

**MO NANANK DESH**
By :
**Dr. Bikram Das.**
Published by:
**G. C. Patra**
Orissa Book Store
Cuttack-753002
1st Edition
**Pt. Nilakanth**
**Birth Centinary 1983**
Printed at :
**Bikash Printers**
Balakrushna Road,
Cuttack-1
**Price—**
**(Thirty Rupees Only)**

Digitized by srujanika@gmail.com

# ସୂଚୀପତ୍ର

## ପ୍ରଥମଭାଗ-ନିଜକଥା


| | | |
|---|---|---|
| ଏକ | ମୋର ବାଲ୍ୟ ଜୀବନ | ୧ |
| ଦୁଇ | ଆମ ଘର ବୁଢ଼ା | ୨୨ |
| ତିନି | ମୋ ପିଲାଦିନ | ୪୫ |
| ଚାରି | ନନାଙ୍କ ସଙ୍ଗେ ରହଣି | ୬୭ |
| ପାଞ୍ଚ | ମୋ ପାଠ ପଢ଼ା | ୯୧ |
| ଛଅ | ଆନ୍ଦୋଳନ ପରେ ମୋ ଶିକ୍ଷା | ୧୧୭ |


## ଦ୍ୱିତୀୟ ଭାଗ—ପରିସ୍ଥିତିର ପ୍ରବାହ


| | | |
|---|---|---|
| ସାତ | ଗାନ୍ଧିଜି ନନା | ୧୩୭ |
| ଆଠ | ସମାଜ ସଂସ୍କାର | ୧୬୫ |
| ନଅ | ଦେଶର ରାଜନୈତିକ ବାତାବରଣ | ୧୯୨ |
| ଦଶ | ବୈପ୍ଳବିକ ରାଜନୀତି | ୨୧୨ |
| ଏଗାର | ନନାଙ୍କ ପାଠଦଶା ଓ ପାଣ୍ଡିତ୍ୟ | ୨୩୩ |
| ବାଅର | ସାହିତ୍ୟ ଚର୍ଚ୍ଚା ଓ ନବଭାରତ ପ୍ରେସ | ୨୫୧ |
| ତେଅର | ନନାଙ୍କ ରାଗ | ୨୬୪ |


## ତୃତୀୟ ଭାଗ—ପ୍ରତିଷ୍ଠାର ସଂସ୍ଥାପନା


| | | |
|---|---|---|
| ଚଉଦ | ନିର୍ବାଚନ ଯୁଦ୍ଧ | ୨୮୭ |
| ପନ୍ଦର | ନନାଙ୍କ ଯୁବ ଦୃଷ୍ଟିକୋଣ | ୩୧୫ |
| ଷୋହଳ | କଂଗ୍ରେସ ରାଜନୀତି ଓ ପୁରାତନ ବନ୍ଧୁ | ୩୪୨ |
| ସତର | ନିର୍ବାଣମୁଖୀ ଦୀପ | |
| ଅଠର | ଶେଷ ସ୍ମୃତି । | |


Digitized by srujanika@gmail.com

ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ମନ୍ତବ୍ୟ—

# ପଢେଅଥେ

ପଣ୍ଡିତ ନୀଳକଣ୍ଠଙ୍କ ସମ୍ପର୍କରେ ତାଙ୍କ ତନୁଜ ଶ୍ରୀ ବିକ୍ରମ ଦାସ ଲେଖିଛନ୍ତି "ମୋ ନନାଙ୍କ ଦେଶ" ମୋତେ କହିଛନ୍ତି କିଛି ମନ୍ତବ୍ୟ ଦେବାକୁ ।

ଲେଖକ ଶ୍ରୀ ବିକ୍ରମ ଦାସ ତାଙ୍କ ନନାଙ୍କ ଦେଶ ଭିତରେ ପାଠକର 'ନନାଙ୍କ ଦେଶ'କୁ ଉପରେ ଫୁଟାଇଛନ୍ତି ପୁଣି ସେଇ ଫୁଟିଲା ଫୁଲର ସୁବାସ ପାଠକର କି ପରିମାଣରେ ଉପଭୋଗ୍ୟ, ତାହା ତାଙ୍କ ପିଲାଦିନର 'ଧାରଣା'ରେ କଳ୍ପିତ ରୂପାୟିତ ହୋଇ ପାରିଛି ।

ସେ ଲେଖିଛନ୍ତି-"ମୋର ଛୋଟରୁ ହେବାବେଳକୁ ପଣ୍ଡିତ ନୀଳକଣ୍ଠ-ମୋ 'ନନା', ଉକ୍ତି ପ୍ରଥମ ଆଚାର୍ଯ୍ୟ ହରିହର-ମୋ ଦଦେଇ, ପ୍ରସିଦ୍ଧ ଅନନ୍ତ ମିଶ୍ର-ଭଣେଇ, ଗୋଦାବରୀଶ, ଲିଙ୍ଗରାଜ ପ୍ରଭୃତି-ମଉସା, ଦ୍ୱିସର ତ୍ୟାଗବୀର ମୁରଲୀ ତ୍ରିପାଠୀ ଓ ଅନ୍ୟାନ୍ୟ ବିଶିଷ୍ଟ ଦେଶସେବୀମାନେ ମୋର ଭଇନା ପ୍ରଭୃତି ଭାବେ ମୋତେ ଦେଖା ଦେଇଥିଲେ ।"

ସେମିତି ସେ ନନାଙ୍କ ଭିତରେ ଦେଶକୁ ଓ ଦେଶ ଭିତରେ ନନାଙ୍କୁ ଦେଖି ଲେଖିଛନ୍ତି ଏଇ ଗ୍ରନ୍ଥ । ବନ୍ଧୁମାନଙ୍କ ଗହଣରେ ବସି ଗପ କଲା ଭଳି "ମୋ ନନାଙ୍କ ଦେଶ"କୁ ଅବିକଳ ଚିହ୍ନାଇବାରେ ଲେଖକଙ୍କୁ ବିଶ୍ରାମ କାହିଁ ଦେଇ ନାହାନ୍ତି । ଲେଖକଙ୍କ କାନ୍ଧରେ ହାତ ପକାଇ ପାଠକ ବି ଏକା ୨ ଚଉଡରେ ବୁଲୁଛି, ସବୁ ଚିହ୍ନ, ସବୁରି ମୁହଁ ଦେଖି ଦେଖିକା । ପାଠକଙ୍କୁ "ମୋ ନନାଙ୍କ ଦେଶ" ବୁଲାଇ ସେ ଏମିତି ନିସ୍ତାନ୍ତ କରି ପକାଇଛନ୍ତି, ସେ ବିଚରା ଲେଖାକୁ ଛାଡ଼ି ଆଉ କୁଆଡ଼ିକି ଚାହିଁ ପାରେନା, ଭୋକ ଶୋଷ ନିଦ ଭୁଲି ଗଳ୍ପପରି ଲାଗେ । ସବୁ ଆଗ୍ରହ, ଆନନ୍ଦ ଅନୁଭବ, ଉତ୍କଣ୍ଠା ଯୋଗାଇଦିଏ ତ ଏଇ 'ମୋ ନନାଙ୍କ ଦେଶ' । ପ୍ରତ୍ୟେକ ସେଇ ଦେଶଟି ସବୁ ବେଳେ ମହକ ଭରି ବକୁଳ-ଚୁଆଅନା-ସତ୍ୟ-ଅହିଂସା ହୋଇ ବସିଛି ।

Digitized by srujanika@gmail.com

ଛାତ୍ରାବସ୍ଥାରେ ନୀଳକଣ୍ଠଙ୍କୁ ଆମ୍ଭେମାନେ Giant of litrature ବା ମୁଦ୍ରା ରାକ୍ଷସ' ବୋଲି କୁହା କେହୁ ହେଉ, ଯଦ୍ୟପି ତାଙ୍କ ଶିଷ୍ୟ ବା ଛାତ୍ର ହେବା ସୌଭାଗ୍ୟ ଯୁଟି ନାହିଁ। ପୁରୀଜିଲ୍ଲା ସ୍କୁଲର ଛାତ୍ରଥିଲାବେଳେ ସତ୍ୟବାଦୀ ବନ ବିଦ୍ୟାଳୟକୁ ଯାଆସ, କରିବା ଓ ଗୋପବନ୍ଧୁ, ଆଚାର୍ଯ୍ୟ, ହରିହର, ନୀଳକଣ୍ଠ, ଗୋଦାବରୀଶଙ୍କୁ ଭେଟିବା ଥିଲା ଏକ ଆବେଗପୂର୍ଣ୍ଣ ପୁଣ୍ୟ କର୍ତ୍ତବ୍ୟ ଆମ୍ଭମାନଙ୍କର।

ମୋ ନନାଙ୍କ ଦେଶ ପଢ଼ି ବସିଲେ ପାଠକ ସ୍ୱୟଂ ଜଣେ ଲେଖକ ହେବାକୁ ମନ ବଳାଏ, କିନ୍ତୁ ମୋ ନନାଙ୍କ ଦେଶ ଭ୍ରମଣରେ ଲେଖକଙ୍କ ସହିତ ପାଦ ପକାଇ ଚାଲିପାରିଲେ ସିନା, ପଢ଼ିବାକୁ ଆରମ୍ଭ କଲେ ଶେଷନକରି ଛାଡ଼ି ହୁଏନା। ଅଥଚ ନନାଙ୍କ ଦେଶକୁ ପୂଅ କରୁଛନ୍ତି ଭ୍ରମଣ। ଶେଷ ତାହାର କାହିଁ? ଲେଖକଙ୍କର ସ୍ୱାସ୍ଥ୍ୟ ସମ୍ବେଦନ କି ଫୁଲ ଗଛଟି ମଉଳନ ଏତିକି ମାତ୍ର ମା' ବାଗ୍‌ଦେବୀଙ୍କ ନିକଟରେ ପ୍ରାର୍ଥନା।

ପାଠକର ମନେହୁଏ ଲେଖକ ଶ୍ରୀ ବଙ୍କିମ ଦାସଙ୍କ ନନା ପଣ୍ଡିତ ନୀଳକଣ୍ଠ କେବେହେଲେ ଚରିକନା ହେବେନାକି ହୋଇ ନାହାନ୍ତି। ଶେଷରେ ବଙ୍କିମ-ଲେଖନୀକୁ ଆନ୍ତରିକ ଅଭିନନ୍ଦନ ଜଣାଇ ମୁଁ ମଧ୍ୟ ଆନନ୍ଦିତ ହୁଏ। କାଳନ୍ଦୀ ଚରଣ ପାଣିଗ୍ରାହୀ ତା ୨୨।୪।୮୨।

Digitized by srujanika@gmail.com

ନୀଳକଣ୍ଠ ସ୍ମୃତି ସମିତିର ସଭାପତି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଧ୍ୟାପକ ଡକ୍ଟର ଶ୍ରୀ ସଦାଶିବ ମିଶ୍ରଙ୍କ କଲମରୁ ।

# ବହିଟି ବିଷୟରେ

ମୋ ନନାଙ୍କ ଦେଶ ପାଣ୍ଡୁଲିପିଟି ମୂଳରୁ ଶେଷ ଯାଏ ପଢ଼ିଲି । ଭଲ ଲାଗିଲା । ଅନେକ କଥା ମନେ ପଡ଼ିଗଲା । କେତେକ ଅଧ୍ୟାୟ ପୁଣି ଥରେ ପଢ଼ିଲି ।

ପଣ୍ଡିତ ନୀଳକଣ୍ଠଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ଲେଖା ଯାଇନାହିଁ । ଲେଖିବା କଷ୍ଟସାଧ୍ୟ । ଆତ୍ମ ଜୀବନୀରେ ପଣ୍ଡିତ ମହାଶୟ ଅନେକ କଥା ଲେଖିଛନ୍ତି । ଅଥଚ ଅନେକ କଥା ଅନ୍ତର୍ଭୁକ୍ତ ହୋଇ ନାହିଁ । ଶିକ୍ଷା ସାହିତ୍ୟ, ସମାଜ ସଂସ୍କାର, ରାଜନୀତି ସକଳ କ୍ଷେତ୍ରରେ ସେ ସଂଗ୍ରାମ କରିଛନ୍ତି । ନଜର ରଖି ଯାଇଛନ୍ତି । ଜୀବନବ୍ୟାପି ସେ ସ୍ୱାଧୀନଚେତା । ପ୍ରତ୍ୟେକଟି ବିଷୟରେ ଗୋଟିଏ ଲେଖାଏଁ ଗ୍ରନ୍ଥ ପାଇଁ ରହିଛି ପ୍ରଚୁର ସାମଗ୍ରୀ ।

ଡାକ୍ତର ବିକ୍ରମ ଦାସ ଲେଖକ ହିସାବରେ ସୁପରିଚିତ । ଚିକିତ୍ସା ତାଙ୍କର ପେଶା, ସାହିତ୍ୟରେ ସେ ଦୀକ୍ଷିତ । ପାଠକମାନେ ତାଙ୍କ ଲେଖାର ସ୍ୱାଦ ଉପଭୋଗ କରିଛନ୍ତି ।

ମୋ ନନାଙ୍କ ଦେଶ କାହାଣୀ ନୁହେଁ, ଉପନ୍ୟାସ ନୁହେଁ । ଉପାଖ୍ୟାନ ନୁହେଁ ମାତ୍ର କାହାଣୀ ପରି, ଉପନ୍ୟାସ ପରି ଉପଭୋଗ୍ୟ । ପଣ୍ଡିତ ନୀଳକଣ୍ଠଙ୍କର ପୁତ୍ର ହିସାବରେ ଲେଖକ ନନାଙ୍କ ସନ୍ନିଧିରେ ବହୁ ଘଟଣା ଦେଖିଛନ୍ତି, ବହୁ ବିଶିଷ୍ଟ ଲୋକଙ୍କୁ ଭେଟିଛନ୍ତି, ବହୁ ପରିସ୍ଥିତି ଲକ୍ଷ୍ୟ କରିଛନ୍ତି । ବହୁ କାର୍ଯ୍ୟକ୍ରମରେ ସହାୟକ ହୋଇଛନ୍ତି । ସେ ସବୁ କାହାଣୀ ପରି ମୋ ନନାଙ୍କ ଦେଶରେ ଖଞ୍ଜି ପାଇଛନ୍ତି ।

ବହିର ଆରମ୍ଭ ସତ୍ୟବାଦୀରେ ମହାତ୍ମା ଗାନ୍ଧିଙ୍କ ସଙ୍ଗେ ସାକ୍ଷାତ । ସେତେ-ବେଳେ ସେ ପିଲା । ମାଇନର ସ୍କୁଲର ଛାତ୍ର । ଗାନ୍ଧିଜୀଙ୍କର ପଦଯାତ୍ରା । ଢ଼େଲ୍ଙ୍ଗରେ ରହଣି ବହୁ ନେତାଙ୍କୁ ଦେଖିବାର ସୁଯୋଗ । ଏଇଠାରୁ ଆରମ୍ଭ କରି

Digitized by srujanika@gmail.com

ନନାଙ୍କ ଉଦ୍‌ବୋଧନ ପର୍ଯ୍ୟନ୍ତ ବିଷୟ ବସ୍ତୁ ପୁସ୍ତକରେ ସନ୍ନିବିଷ୍ଟ ହୋଇଛି । ଏଥିରେ ଅଛି ନନାଙ୍କ ରୋଗୀ ସେବା, ସମାଜ ସଂସ୍କାର, ଅଛି କୁସଂସ୍କାର ବିରୁଦ୍ଧରେ ଅଭିଯାନ, ଅଛି ଶିକ୍ଷା ସଂସ୍କୃତି, ଦର୍ଶନର ସଂଯୋଗ, ଅଛି ସାହିତ୍ୟ ଚର୍ଚ୍ଚା, ଲେଖା ଲେଖକ ଓ ସାମ୍ବାଦିକତା, ଅହୁରି ଅଛି ସ୍ୱାଧୀନତା ସଂଗ୍ରାମ କେନ୍ଦ୍ର ଓ ରାଜ୍ୟ ଆସେମ୍ବ୍ଲିରେ ବିଚକ୍ଷଣତା, ରାଜନୀତିରେ ହଟଚମଟ, ନିର୍ବାଚନ ପ୍ରଚାର ।

'ମୋ ନନାଙ୍କ ଦେଶ' ପଣ୍ଡିତ ନୀଳକଣ୍ଠଙ୍କର ସମଗ୍ର ଜୀବନ ବୃତ୍ତାନ୍ତ ନୁହେଁ । ଏଥିରେ ସମୀକ୍ଷା କିମ୍ବା ମୂଲ୍ୟାୟନର ଉଦ୍ୟମ ହୋଇ ନାହିଁ, ହୁଅନ୍ତା ନାହିଁ । ଏଥିରେ ଅଛି ବିକ୍ଷିପ୍ତ ଚିତ୍ର । ମାତ୍ର ସୁଦୃଶ୍ୟ ସେ ସମସ୍ତ ଚିତ୍ର । ଯେଉଁମାନେ ନୀଳକଣ୍ଠଙ୍କର ସଂସ୍ପର୍ଶରେ ଆସିଛନ୍ତି, ଏ ପୁସ୍ତକଟି ପଢ଼ିଲେ ତାଙ୍କୁ ନୀଳକଣ୍ଠଙ୍କ ପାଖରେ ବସିଥିଲା ପରି ଲାଗିବ । ତାଙ୍କର କଥା ବାର୍ତ୍ତା, ଭାଷଣ, ନିର୍ବାଚନ ପ୍ରଚାର ଯେପରି ଜୀବନ୍ତ ହୋଇ ପଡ଼ିଛି । ଏ ପୁସ୍ତକ ତାଙ୍କ ଜୀବନ ଚରିତ ନୁହେଁ, ଜୀବନ୍ତ ଚରିତ ।

ମୁଁ ଲେଖକଙ୍କୁ ମୋର ଶ୍ରଦ୍ଧା ଜ୍ଞାପନ କରୁଛି । ତାଙ୍କର ଅଧିକ ଉଜ୍ଜ୍ୱଳ ସାହିତ୍ୟ ସାଧନା କାମନା କରୁଛି ।

**ସଦାଶିବ ମିଶ୍ର**

୩୦ ଅଗଷ୍ଟ ୧୯୮୩

Digitized by srujanika@gmail.com

# କୃତଜ୍ଞତା

ଯେ କୌଣସି ଜନନାୟକଙ୍କ ତିରୋଧାନ ପରେ ତାଙ୍କର ବ୍ୟକ୍ତିତ୍ୱରେ ଭବିଷ୍ୟତ ବଂଶଧରଙ୍କୁ ପ୍ରଭାବିତ କରିବା ପାଇଁ ଦେଶ ସମ୍ମୁଖରେ ଉପସ୍ଥାପିତ କରିବାକୁ ସେ ମହାପୁରୁଷଙ୍କର ଜୀବନୀ ଓ କାର୍ଯ୍ୟାବଳୀର ନିର୍ଦ୍ଦିଷ୍ଟ ତଥ୍ୟଗୁଡ଼ିକ ଖୋଜି ବାହାର କରିବା ଦରକାର ହୁଏ । କିନ୍ତୁ ଯେ କୌଣସି ବିପ୍ଳବୀ ଦେଶସେବୀଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ସଂଗ୍ରହ କରିବା ଏକ ଦୁରୂହ ବ୍ୟାପାର ।

ଊନବିଂଶ ଶତାବ୍ଦୀର ଶେଷଭାଗ ଓ ବିଂଶ ଶତାବ୍ଦୀ ପ୍ରାରମ୍ଭରେ ପର ପଦାନତ ଭାରତ ଭୂଇଁର ସବୁଠାରୁ ଉପେକ୍ଷିତ ଖଣ୍ଡବିଖଣ୍ଡିତ ଦଳିତ ଦରିଦ୍ର ଓଡ଼ିଶାର ସେବାରେ ଆତ୍ମୋତ୍ସର୍ଗ କରିବାକୁ ଯେଉଁ ତ୍ୟାଗୀ ପୁରୁଷମାନେ ବିଦ୍ରୋହର ଜ୍ୱଳନ୍ତ ଅଗ୍ନିଶିଖା ଭିତରକୁ ଲମ୍ଫ ଦେଇଥିଲେ ସେମାନଙ୍କର କାର୍ଯ୍ୟର ସଠିକ ସବୁ ଖୋଜି ପାଇବା ଆଦୌ ସହଜ ନୁହେଁ ।

ପଣ୍ଡିତ ନୀଳକଣ୍ଠ ତାଙ୍କର ଦୀର୍ଘ ଜୀବନକାଳ ଭିତରେ ଦେଶର ସଂସ୍କୃତି ଶିକ୍ଷା, ସାହିତ୍ୟ, ରାଜନୀତି ସବୁକ୍ଷେତ୍ରରେ ଦେଶର ଅଭିବୃଦ୍ଧି ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ । ସେ ସମୟରେ ଘଟିଥିବା ପ୍ରଗତି ଓ ତାର ଇତିହାସ ପଣ୍ଡିତଜୀଙ୍କ କାର୍ଯ୍ୟାବଳୀକୁ ବାଦଦେଇ ଅଲଗା କରି ସମୀକ୍ଷା କରିବା ଅସମ୍ଭବ । ତେଣୁ ଯେତେ କଷ୍ଟସାଧ୍ୟ ହେଲେ ମଧ୍ୟ ତାଙ୍କ ଜୀବନୀକୁ ପୂର୍ଣ୍ଣାଙ୍ଗ କରି ଦେଖିବା ପାଇଁ ତାଙ୍କ ଲେଖା, ମନ୍ତବ୍ୟ, ଚିଠିପତ୍ର ଓ କାର୍ଯ୍ୟାବଳୀର ବିବରଣୀ ସବୁ ଖୋଜାଯାଉଛି ।

କିନ୍ତୁ ସେସବୁ ମିଳିବ କେଉଁଠୁ ? ପଣ୍ଡିତଜୀ ଥିଲେ ଏକ ଗତିଶୀଳ ବ୍ୟକ୍ତି ବା ଚଳନ୍ତି ଅନୁଷ୍ଠାନ । ସେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଦେଶର ଉନ୍ନତ ଭବିଷ୍ୟତକୁ ଆଖି ଆଗରେ ରଖି ଯୁବଭାବରେ ଆଗେଇ ଚାଲି-ଥିଲେ । ପଛକୁ ଚାହିଁବା ତାଙ୍କର ଅଭ୍ୟାସ ନଥିଲା ।

ତାଙ୍କର କୌଣସି କାଗଜପତ୍ରକୁ ଜାବୁଡ଼ି ଧରି ରଖିବା ବା ସାଇତି ରଖିବା ଅଭ୍ୟାସ ନଥିଲା । ଲାଇବ୍ରେରୀଟିଏ କରି ନିଜ ବହିପତ୍ର ଗୁଡ଼ିକୁ ସାଇତି ରଖିବାର

Digitized by srujanika@gmail.com

ସୁବିଧା ବା ଇଚ୍ଛା ତାଙ୍କର ନଥିଲା । ତାଙ୍କର ଅସାଧାରଣ ସ୍ମୃତି ଶକ୍ତି ଯୋଗୁ ତାଙ୍କର ଲାଇବ୍ରେରୀର ପ୍ରୟୋଜନ ମଧ୍ୟ ନଥିଲା କି ସେ ସବୁ ଭବିଷ୍ୟତ ପାଇଁ ସାଇତି ରଖିବାକୁ ଓ ତାଙ୍କର ଲେଖା, ଚିଠିପତ୍ର ସବୁ ସଜାଇବା ପାଇଁ ନିର୍ଦ୍ଦିଷ୍ଟ ଲୋକ କେହି ତାଙ୍କ ପାଖରେ ନଥିଲେ । ତାଙ୍କର ରହିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ମଧ୍ୟ ନଥିଲା । ଗାଁର ଘରଟି ଛଡ଼ା ଅନ୍ୟ କୌଣସି ସ୍ଥାନ ନଥିଲା ବା ସହରରେ ସେ ଘର କରିନଥିଲେ କିମ୍ବା ଗାଁକୁ ବେଶୀ ସମୟ ଯାଇପାରୁ ନଥିଲେ ।

ଜୀବନରେ କୌଣସି ସ୍ଥାନରେ ସେ ବେଶୀଦିନ ସ୍ଥିର ହୋଇ ରହିନାହାନ୍ତି । ସହରମାନଙ୍କରେ ସେ ବହୁ ଭଡ଼ା ଘର ବଦଳାଇଛନ୍ତି । କୋଳାହଳମୟ ସ୍କୁଲ, ପ୍ରେସ, ସରକାରୀ ଭବନଠାରୁ ବନ୍ଦୀଶାଳା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନ ତାଙ୍କ ବାସ ଗୃହରେ ପରିଣତ ହୋଇଥିଲା, ଶେଷରେ ସେ ଏକ ସରକାରୀ ଭବନରେ ଚିରଦିନ ପାଇଁ ଆଖି ବୁଜିଥିଲେ ।

ତାଙ୍କ ଜୀବନକାଳ ଭିତରେ ତାଙ୍କର ଚିଠି ଲେଖା, ବହିପତ୍ର ସବୁ ମେଞ୍ଚା ମେଞ୍ଚା ହୋଇ ଏଠାରୁ ସେଠା ନେବାରେ ଏଠି ସେଠି ପଡ଼ି ପଡ଼ି କେତେ କୁଆଡ଼େ ନଷ୍ଟ ହୋଇଛି, ତାଙ୍କ ଦୀର୍ଘ ଅନୁପସ୍ଥିତିରେ ତାଙ୍କର କେତେ ଉପାଦେୟ ପୁସ୍ତକ, ପତ୍ର ପତ୍ରିକା କରେସ୍ପଣ୍ଡ ଓ ଅତି ମୂଲ୍ୟବାନ ଲେଖା ଓ ଚିଠିପତ୍ର ସବୁ ଏକତ୍ର କରି କେତେ ଠୁଳ ଘରରେ ବନ୍ଦୀ କରିଦେଇ ସେ ଘର ସଫା କରିଦେଇଛନ୍ତି ।

ତାଙ୍କର ବହୁ ମୂଲ୍ୟବାନ ଜିନିଷ ପତ୍ର ଆମେ ହରାଇଛୁ ତେଣୁ ଦେଶ ଆଗରେ ଥୋଇବାକୁ ଆମ ପାଖରେ ବିଶେଷ କିଛି ବସ୍ତୁ ବା ଦ୍ରବ୍ୟ ନାହିଁ । କିନ୍ତୁ ତାଙ୍କ ସହିତ ବହୁକାଳର ନିବିଡ଼ ସମ୍ପର୍କ ଯୋଗୁ ତାଙ୍କ ସ୍ମୃତି ମୋ ପକ୍ଷରେ ଭୁଲିବାର ନୁହେଁ । ତାଙ୍କର ଦୈନନ୍ଦିନ କାର୍ଯ୍ୟାବଳୀ ଓ ତାଙ୍କର ମୁହଁ ମୋ ଆଖି ଆଗରେ ଜଳ ଜଳ ଦିଶିଯାଉଛି ।

ତେଣୁ ଗବେଷକ, ଅନୁସନ୍ଧିତ୍ସୁ ଓ ଦେଶବାସୀଙ୍କ ନିକଟରେ ମୋର ଅସହାୟତା ଦେଖାଇ ମୁହଁ ଲୁଚାଇବା ଅପେକ୍ଷା, ମୋର ସ୍ମୃତି ପେଡ଼ିକୁ ଅଣ୍ଡାଳି ଓ ଯାହାକିଛି କାଗଜ ପତ୍ର ବା ଅନ୍ୟର ସାହାଯ୍ୟ ମିଳିଲା ସେ ସବୁକୁ ପାଥେୟ କରି ପଣ୍ଡିତଙ୍କ ଅଦୃଶ୍ୟ ନିର୍ଦ୍ଦେଶରେ ଏହି ବହି ଖଣ୍ଡିକ ଲେଖି ଦେଶବାସୀ ସୁଧୀ ପାଠକ ମଣ୍ଡଳୀଙ୍କ ଆଗରେ ଥୋଇ ତାହାର ମାଧ୍ୟମରେ ମୁହଁ ଦେଖାଇବାର ଚେଷ୍ଟା କରିଛି । ମୁଁ ତାଙ୍କ ବ୍ୟକ୍ତିତ୍ୱକୁ ଜୀବନ୍ତ ଭାବରେ ଥୋଇ ପାରିବାରେ କେତେଦୂର ସଫଳ ହୋଇପାରିଛି ତାର ବିଚାର ସହୃଦୟ ପାଠକମାନଙ୍କ ହାତରେ ।

ଏ ପୁସ୍ତକରେ ବହୁ କାଳର ବହୁ ଘଟଣାବଳୀ ରହିଥିବାରୁ କାଳେ ମୁଁ ବାଟରେ କେଉଁଠି ଝୁଣ୍ଟିଥିବି ବା ଭୁଲ କରି ପକାଇଥିବ ସେହି ଶଙ୍କାରେ ମୋତେ

Digitized by srujanika@gmail.com

ବହୁ ବିଜ୍ଞବ୍ୟକ୍ତି, ଦେଶସେବୀ ଓ ପଣ୍ଡିତଜୀଙ୍କ ସହିତ ସଂପୃକ୍ତ ବହୁ ବ୍ୟକ୍ତିଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିଛି ଓ ଅନେକ ମୋତେ ବହୁଭାବରେ ସାହାଯ୍ୟ କରିଛନ୍ତି ।

ଏ ସମ୍ବନ୍ଧରେ ମୋତେ ବେଶୀ ସାହାଯ୍ୟ କରିଛନ୍ତି ମୋର ଅଗ୍ରଜ ପ୍ରତିମ କୁଳଗାଇନା ବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବିବୁଧେନ୍ଦ୍ର ମିଶ୍ର । ସେ ନନାଙ୍କ ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା ପ୍ରଭୃତିର ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିବାରୁ ସେ ସବୁ ସମ୍ପର୍କରେ ମୋତେ ଅନେକ ସୂଚନା ଦେଇଛନ୍ତି । ସେ ମୋ ସଙ୍ଗେ ବହୁ-ବାର ଏହି ବହି ସମ୍ପର୍କରେ ଆଲୋଚନା କରି ବହିର ବିଷୟ ବସ୍ତୁ ଓ ପ୍ରାସଙ୍ଗିକତା ଠିକ୍ କରିବାର ବାଟ ଦେଖାଇଛନ୍ତି ।

ନନାଙ୍କର ପୂର୍ବତନ ପ୍ରିୟ ସହକର୍ମୀ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସଙ୍ଘର ସଭାପତି ଗଞ୍ଜାମର ଶ୍ରୀ ବଳରାମ ପଣ୍ଡା, ମୋର ବାଲ୍ୟ ବନ୍ଧୁ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ନରସିଂହ ତ୍ରିପାଠୀ, ବିପ୍ଳବୀ କବି ମନମୋହନ ମିଶ୍ର ପ୍ରଭୃତି ଏ ପୁସ୍ତକ ପାଇଁ ମୋତେ ବହୁ ଉପାଦାନ ଯୋଗାଇଛନ୍ତି ।

ଡକ୍ଟର କୃଷ୍ଣବିହାରୀ ଦାଶ, କବି ରାଧାମୋହନ ଗଡ଼ନାୟକ, ମୁରଳି ମୋହନ ଜେନା, ରବିନାରାୟଣ ମହାପାତ୍ର, ଉତ୍କଳ ସାହିତ୍ୟ ସମାଜର ସଭାପତି ଶ୍ରୀ ବିଚିତ୍ରାନନ୍ଦ କର, ବିଶିଷ୍ଟ ସମାଜ ସେବିକା ଶ୍ରୀମତୀ ରମା କର ପ୍ରଭୃତି ମୋର ଅସଂଖ୍ୟ ଶୁଭାକାଂକ୍ଷୀ ଓ ବନ୍ଧୁ ଏ ପୁସ୍ତକ ଲେଖା ଓ ପ୍ରକାଶନରେ ମୋତେ ନାନା ଭାବରେ ଉତ୍ସାହିତ କରିଛନ୍ତି ।

ବିଶେଷରେ ଓଡ଼ିଶା ବୁକ୍ ଷ୍ଟୋରର ଅଧିକାରୀ ବିଶିଷ୍ଟ ସାହିତ୍ୟାନୁରାଗୀ ଶ୍ରୀ ଗୋବିନ୍ଦ ଚରଣ ପାଣି ବହୁକଷ୍ଟ ସ୍ୱୀକାର କରି ଓ ମୋତେ ନାନାଭାବରେ ସାହାଯ୍ୟ କରି ଏ ପୁସ୍ତକର ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଛନ୍ତି ।

କେତେକ ଅନିବାର୍ଯ୍ୟ କାରଣ ଯୋଗୁ ଏ ବହିଟିର ଛପାରେ ବହୁ ବିଳମ୍ବ ଘଟିଛି ଓ କେତେକ ମୁଦ୍ରଣ ପ୍ରମାଦ ରହିଯାଇଛି ସେଥିପାଇଁ ବହି ଶେଷରେ ଗୋଟିଏ ଭ୍ରମ ସଂଶୋଧନ ତାଲିକା ଦେବା ପାଇଁ ବ୍ୟବସ୍ଥା ହେଉଛି । ଏ ତ୍ରୁଟି ପାଇଁ ମୁଁ ପାଠକମାନଙ୍କ ନିକଟରେ କ୍ଷମା ମାଗୁଛି ।

ଉତ୍କଳର ବରେଣ୍ୟ ସାହିତ୍ୟିକ କାଳିନ୍ଦୀ ବାବୁ ଓ ନୀଳକଣ୍ଠ ସ୍ମୃତି ସମିତିର ସୁଯୋଗ୍ୟ ସଭାପତି ପୂର୍ବତନ କୁଳପତି ଶ୍ରୀ ସଦାଶିବ ମିଶ୍ର ଆଗ୍ରହ ସହକାରେ ପାଣ୍ଡୁଲିପିଟି ପଢ଼ି ବହିଟି ସମ୍ବନ୍ଧରେ ତାଙ୍କର ମୂଲ୍ୟବାନ ମନ୍ତବ୍ୟ ଦାନ କରିଛନ୍ତି ।

ମୁଁ ଏ ସମସ୍ତଙ୍କଠାରେ ଋଣୀ ଓ ସେମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି ।

ବିନୀତ

ଲେଖକ ।

Digitized by srujanika@gmail.com

# ମୋ ନନାଙ୍କ ଦେଶ

## ପ୍ରଥମ ଭାଗ—ନିଜ କଥା

### ଏକ

### ମୋର ବାଲ୍ୟ ଭାବନା

**ଜ୍ଞାନର ଦୂରତା**—ବଣ ଜଙ୍ଗଲରେ ବନବାସ କରି ରହୁଥିବା ଅଦିମାନବ, ସୁନା, ହୀରା ପ୍ରଭୃତିର ମୂଲ୍ୟ ବୁଝୁ ନଥିଲା। ଜଙ୍ଗଲରେ ଏଠି ସେଠି ପଡିରହିଥିବା ସୁନା, ରୁପା, ହୀରା, ନୀଳା ପ୍ରଭୃତି ନିଜ୍ ନିଜ୍ ଦେଖୁଥିଲେ ମଧ୍ୟ ସେସବୁ ନ ଉଠାଇ ତା ନିକଟରୁ ମୁନିଆଁ ପଥର ଖଣ୍ଡିଏ ମାତ୍ର ସଂଗ୍ରହ କରୁଥିଲା।

ମୁନିଆଁ ପଥର ଖଣ୍ଡକ ତା ପାଇଁ ଅତି ମୂଲ୍ୟବାନ ଥିଲା। ସେଇ ପଥର ଖଣ୍ଡକ ଜୀବଜନ୍ତୁଙ୍କ ଉପରକୁ ଫିଙ୍ଗି ସେ ଶିକାର କରୁଥିଲା। ପେଟ ଭରୁଥିଲା।

ଅଜି ସମୟ ସୁଅରେ ଭାସି ଭାସି ମଣିଷ ବହୁ ଜ୍ଞାନ ଆହରଣ କରିଛି। ସଭ୍ୟତାର ଚରମ ସୀମାରେ ଆସି ପହଞ୍ଚିଛି। ଯେଉଁ ସୁନାକୁ ସେ ଗୋଡ଼ରେ ଆଡେଇ ବାଟ ଚାଲୁଥିଲା, ତାକୁ ଆଜି ମୁଣ୍ଡରେ ଲଗାଇବା ପାଇଁ ମଧ୍ୟ ପାଉନାହିଁ। ସାଧାରଣ ଲୋକପାଇଁ ସୁନା ଚିଜିଏ, ଏବେ ଅମୂଲ୍ୟ।

ମଣିଷର ବାଲ୍ୟ ବୟସର ଜ୍ଞାନଟି ଅଦିମାନବର ଜ୍ଞାନ ସହିତ ଅନେକାଂଶରେ ତୁଳନୀୟ। ସେ ବୟସରେ କେଉଁ କଥାର ଗୁରୁତ୍ୱ କେତେ ମଣିଷର ଶିଶୁ ମନ ବୁଝିପାରେ ନାହିଁ। ସେତେବେଳେ ସେ ସାହାସବୁ ଆଡେଇ ଦେଇଥାଏ ପରିଣତ ବୟସରେ ତାକୁହିଁ ଝୁରି

Digitized by srujanika@gmail.com

ହୁଏ । ପିଲାଦିନର ଘଟଣାସବୁ ମନେପଡ଼ିଲେ ମୋ ମନରେ ଏହିପରି ଭାବ ଜାଗ୍ରତ ହେବା ସ୍ୱାଭାବିକ ।

**ମୋର ଗାନ୍ଧି ଦେଖା**—୧୯୩୪ ମସିହାରେ ମହାତ୍ମା ଗାନ୍ଧି ହରିଜନ ପଦଯାତ୍ରାରେ ପୁରୀରୁ ବାହାରି କଟକ ଆଡ଼େ ଆସୁଥାଆନ୍ତି । ସତ୍ୟବାଦୀ ଡାକ୍ତରଖାନା ପଛପଟେ ମେଳଣ ପଡ଼ିଆରେ ସଭା ହେବାର ଥିଏ । ନୂଆ ସତ୍ୟବାଦୀ ମାଇନର ସ୍କୁଲ ଛାତ୍ରାବାସରେ ରହୁଥିବା ଆମେ କେତେକ ଶ୍ରେଷ୍ଠ ଶ୍ରେଷ୍ଠ ପିଲା ଗାନ୍ଧିଙ୍କୁ ଦେଖିବାକୁ ସତ୍ୟବାଦୀ ହଭକୁ ଧାଇଁଲୁ । ସଭା ଭରପୂର । ଆମେ ଟିକିଏ ଦୂରରେ ସଭାର ପଛପଟେ ଠିଆହେଲୁ । ଭିଡ଼ ଭିତରେ ପଶି ହେଲାନାହିଁ ।

ଗାନ୍ଧି ଓ ତାଙ୍କ ସଙ୍ଗେ ବହୁ ବଡ଼ ବଡ଼ ନେତା ଚାଲି ଚାଲି ଆସି ସେଠାରେ ପହଞ୍ଚିବାର ଆମେ ଦୂରରୁ ଦେଖିଲୁ । ଗାନ୍ଧି ଗୋଟିଏ ଉଚ୍ଚ ସ୍ଥାନରେ ଠିଆ ହେଲେ । ତାଙ୍କୁ ଲୋକମାନେ ନାନା ଉପହାର ଭେଟି ଦେଲେ । ସେ ଉପହାରଟି ପାଇଲା ମାତ୍ରେ ହସି ହସି ନିଜ ହାତରେ ଧରି ନିଲାମ କରିଦେଉଥିଲେ । ସେ ନିଲାମ ଟଙ୍କା ହରିଜନ ପାଣ୍ଠିକୁ ଯାଉଥିଲା ବୋଲି ଶୁଣିଲୁ ।

ଗାନ୍ଧିଙ୍କୁ ଭଲ କରି ଦେଖିବା ପାଇଁ ଆଗ୍ରହ ବଢ଼ିଲା । ଗାନ୍ଧି-ସଭାରୁ ବାହାରି ଗୋପବନ୍ଧୁ ସେବାସଦନ ବା କାଦୁଆ ଆଶ୍ରମ ଆଡ଼େ ଚାଲିଲେ । ଆମେ ଶୁଣିଲୁ ସେଠାରେ ସେ କିଛି ସମୟ ବିଶ୍ରାମ ନେବେ । ତେଣୁ ତାଙ୍କୁ ଭଲକରି ଦେଖି ହେବ ବୋଲି ତାଙ୍କ ପଛରେ ଯିବା ପାଇଁ ଠିକ୍ କଲୁ ।

ଗାନ୍ଧିଙ୍କର ଗୋଟିଏ ହାତରେ ଖଣ୍ଡେ ବାଉଁଶ ଠେଙ୍ଗା ଅନ୍ୟ ହାତଟି ଜଣେ ମହିଳାକର୍ମୀଙ୍କ କାନ୍ଧ ଉପରେ ପଡ଼ିଥାଏ । ଓହୋ ! ସେ କି ଚାଲି । ଆମେ ତାଙ୍କ ପଛରେ ଧଇଁସଇଁ ହୋଇ ଦଉଡ଼ିକରି ବି ତାଙ୍କ ପାଖରେ ପହଂଚି ପାରୁନଥାଉ । କାନ୍ଧରେ ହାତ ପଡ଼ିଥିବା ଖଦଡ଼ ଶାଢ଼ି ପିନ୍ଧା ବଳିଷ୍ଠ ମହିଳା, ମୀରାବେନ ବି ଲମ୍ବା ଲମ୍ବା ପାଦ ପକାଇ ଗାନ୍ଧିଙ୍କ ସଙ୍ଗେ ସମାନ ଭାବରେ ଚାଲୁଥାଆନ୍ତି ।

Digitized by srujanika@gmail.com

ସ୍ତଷାବାସରୁ ସଭାକୁ ଆସିବା ପୂର୍ବରୁ ମୁଁ ଗୋଟିଏ ଖାଲି ସ୍ନୋ ଡ଼ବା ଭିତରେ ଗୁଡ଼ାଏ ପୁରୁଣା ଗ୍ରାମୋଫୋନ୍ ପିନ ପୁରାଇଧରି ଟେକୁଥିଲି, ପିଲାମାନେ ସଭାକୁ ଯିବାକୁ ଡ଼ାକିବା ସଙ୍ଗେ ସଙ୍ଗେ ସେଗୁଡ଼ିକ କେଉଁଠି ରଖିଦେଇ ଆସିବାକୁ ସମୟ ନପାଇ, ହାତରେ ଧରି ସେ ସଭାକୁ ଚାଲି ଆସିଥିଲି । ସେଇଟି ମୋ ହାତରେ ଥାଏ । ବାଟରେ କାଞ୍ଜିଆଗଛ ନିକଟରେ ଗୋଟିଏ ଫୋନ୍ଲଗଛ ମୂଳରେ ପିନ୍ ତକ ଅଜାଡ଼ି ଦେଇଥିଲି କିନ୍ତୁ ସେ ଡବାଟିକୁ ଧରି ମୁଁ ଗାନ୍ଧିଙ୍କ ପଛଆଡ଼ ଦଳରେ ଦଉଡୁଥିଲି ।

ଶୋଭାଯାତ୍ରା କାଦୁଆ ଆଶ୍ରମରେ ପହଞ୍ଚିଲା । ସେଠାରେ ଆଗରୁ ବ୍ୟବସ୍ଥା ହୋଇଥିଲା । ଗାନ୍ଧି ଗୋଟିଏ ଉଚ୍ଚା ଖଟ ଉପରେ ପଡ଼ିଥିବା ଚଉକିଟି ଉପରେ ଯାଇ ବସିଲେ । ଆଗରେ ପଡ଼ିଥିବା ବୃଞ୍ଚ ଓ ସତରଞ୍ଜି ଉପରେ ଅନ୍ୟମାନେ ବସିଲେ ।

କେତେକ ସ୍ତ୍ରୀ ଲୋକ ଜଣେ ଜଣେ କରି ଯାଇ ନିଜର ସୁନା ରୁପା ଅଳଙ୍କାରଗୁଡ଼ିକ ଦେହରୁ କାଢ଼ି ଗାନ୍ଧିଙ୍କ ପାଦତଳେ ଥୋଇଦେଇ ପ୍ରଣାମ କରି ଫେରିଲେ । ମୁଁ ଦେଖିଲି, ମୋ ବୋଉ ମଧ୍ୟ ତା'ର ଯଥାସର୍ବସ୍ୱ ଅଳଙ୍କାର କାଢ଼ି ସେଠାରେ ଥୋଇ ଫେରିଲା । (ସେହିଦିନଠାରୁ ତା'ର ଶେଷ ପର୍ଯ୍ୟନ୍ତ ସେ ଆଉ ସୁନା ରୁପାର ଅଳଙ୍କାର ପିନ୍ଧି-ନଥିଲା ।)

ତାପରେ ପୁରୁଷ ଲୋକଙ୍କ 'ପାଳି' ହେଲା । ସେମାନେ ମଧ୍ୟ କିଛି କିଛି ଉପହାର ସେଠାରେ ନେଇ ଥୋଇଲେ । ଗୋଟିଏ ହରିଜନ ବୁଢ଼ା ତାର ଦାନବୁଣା ହାତତିଆରି ବାଉଁଶ ଟୋପିଟିଏ ହାତରେ ଧରି ଗାନ୍ଧିଙ୍କ ପାଖକୁ ଗଲା । ଗାନ୍ଧି ସେ ଟୋପିଟି ତାର ହାତରୁ ନେଇ ମୁଣ୍ଡରେ ପିନ୍ଧିପକାଇ ହସି ହସି କହିଲେ, ଏ ଟୋପିଟି ମୋ ଲଣ୍ଡା ମୁଣ୍ଡକୁ ଠିକ୍ ହଉଚି । କିନ୍ତୁ ବହୁକାଳ ହେଲା ଖରାଟା ଖୁବ ମୋ ମୁଣ୍ଡରେ ଲାଗିନଥିଲା । ଏବେ ଏ ଟୋପିଟି ଛତାର କାମକରି ମୋ ମୁଣ୍ଡର ଚମଡ଼ାକୁ ପୁରା ଘୋଡ଼ି ନେବ ।

ଗାନ୍ଧିଙ୍କ କଥାରେ ଖୁବ୍ ହସ ସୃଷ୍ଟି ହେଲା । ଗାନ୍ଧି ନିଜ ମୁଣ୍ଡରୁ କାଢ଼ି ଟୋପିଟାକୁ ହାତରେ ଧରିବା ସଙ୍ଗେ ସଙ୍ଗେ ତାହା ବହୁତ ଦାମରେ ନିଲାମ ହୋଇଗଲା ।

Digitized by srujanika@gmail.com

ଯେ ସବୁ ଦେଖି ମୁଁ ଥୟଧରି ପାରିଲି ନାହିଁ, ମୋର ଗାନ୍ଧିଙ୍କୁ କିଛି ଦେବାକୁ ଇଚ୍ଛା ହେଲା, କିନ୍ତୁ ସ୍ନୋ ଡବାଟି ଛଡ଼ା ମୋ ପାଖରେ ଆଉ କିଛି ନଥିଲା । ମୁଁ ସେ ଖାଲି ଡବାଟିକୁ ଧରି ଡରି ଡରି ଗାନ୍ଧିଙ୍କ ପାଖକୁ ଗଲି । ସେ ମୋ ପରି ପିଲାଟିକୁ ଦେଖି ହସି ହସି ହାତ ବଢ଼ାଇ ଦେଲେ, ମୁଁ ତାଙ୍କ ହାତରେ ଡବାଟି ଧରାଇଦେଇ ପ୍ରଣାମ କରି ସେଠାରୁ ଏକାଦମ୍ ଟିକେ ଦଉଡ଼ି ମୋର ପୂର୍ବ ସ୍ଥାନକୁ ପଳାଇ ଆସିଲି । ଗାନ୍ଧି ସେଇଟିକୁ ହାତରେ ଧରି ଦେଖାଇବା ସଙ୍ଗେ ସଙ୍ଗେ ସେଇଟି ମଧ୍ୟ ଟଙ୍କାଟିରେ ନିଲାମ ହୋଇଗଲା ।

ସେତେବେଳେ, ମୋର ମନର ଆନନ୍ଦ ବର୍ଣ୍ଣନା କରିହେବ ନାହିଁ । ମୁଁ ସେ ଘଟଣାର କୌଣସି ଗୁରୁତ୍ୱ ଉପଲବ୍ଧି କରି ନ ପାରିଲେ ମଧ୍ୟ ମୋର ସହପାଠୀ ଓ ବନ୍ଧୁମାନଙ୍କ ନିକଟରେ ବାହାଦୁରି ଦେଖାଇବାପାଇଁ ମୋତେ ସୁବିଧା ମିଳିଗଲା ।

ମୁଁ ଛାତ୍ରାବାସକୁ ଫେରିଲାପରେ ସେ ଘଟଣା ଶୁଣି ସେ ସ୍କୁଲର ଜଣେ ପୁରାତନ ସ୍ୱାଧୀନତା ସଂଗ୍ରାମୀ ଶିକ୍ଷକ ମୋତେ କହିଲେ "କିରେ ତୋତେ ଗାନ୍ଧି ଚିହ୍ନି ପାରିଲେକି ? ତୁ କଅଣ, ପୂର୍ବରୁ ଖାଇଥିବା ତାଙ୍କ ଫଳଟିର ଦାମ ଦେଇ ଫେରିଲୁ"।

**ଗାନ୍ଧିଙ୍କ ନାସପାତି** :—ଗାନ୍ଧିଙ୍କର ଫଳ ଖାଇଥିବା କଥା ଗାନ୍ଧି ଦେଖାବେଳେ ମୁଁ ସ୍ମରଣ କରି ନଥିଲି । ମାଷ୍ଟ୍ରଙ୍କ କଥା ଶୁଣି ମୋର ଘଟଣାଟି ମନେ ପଡ଼ିଗଲା । ମୋର ଛଅ ସାତ ବର୍ଷବେଳେ ସେ ଘଟଣାଟି ଘଟିଥିଲେ ମଧ୍ୟ ପରେ ଅନ୍ୟମାନେ ସେ ବିଷୟ ଅନେକଥର ଆଲୋଚନା କରିଥିବାରୁ ତାହା ମୋ ସ୍ମୃତିପଟରୁ ସଂପୂର୍ଣ୍ଣ ଭାବେ ଲିଭିପାଇ ନଥିଲା ।

୧୯୨୭ ମସିହା କଥା । ସେତେବେଳକୁ ବିଖ୍ୟାତ ସତ୍ୟବାଦୀ ବିହାର ପୁରା ଭାଙ୍ଗିଯାଇ ସ୍କୁଲଟି ଗୋଟିଏ କଂଗ୍ରେସ ଆଶ୍ରମରେ ପରିଣତ ହୋଇଥାଏ । ଗୋପବନ୍ଧୁ, ହରିହର ପ୍ରଭୃତି ସେଠାରେ ରହୁଥାଆନ୍ତି ।
ମହାତ୍ମାଗାନ୍ଧି ଓଡ଼ିଶା ଗସ୍ତରେ ଆସି ସେଠାରେ ପହଁଚି ଥାଆନ୍ତି । ସେ ପୂର୍ବତନ ଛାତ୍ରାବାସର ଗୁଳଘରେ ଖଣ୍ଡିଏ ଖଜୁରୀ

Digitized by srujanika@gmail.com

ପଟିରେ ବସି ସେ ତାଙ୍କ ଚରଖାରେ ସୂତା କାଟୁଥାଆନ୍ତି ଓ ତାଙ୍କ ଚାରିପଟେ ନେତା ଓ କଂଗ୍ରେସ କର୍ମୀମାନେ ତାଙ୍କୁ ଘେରି ଆଲୋଚନାରେ ବ୍ୟସ୍ତ ଥାଆନ୍ତି ।

ଗାନ୍ଧି ଶିଶୁମାନଙ୍କୁ ଭଲପାଆନ୍ତି । ମୁଁ ସେତେବେଳକୁ ଛଅ ସାତ ବର୍ଷର ଶିଶୁ । ମୋତେ କିଏ ଜଣେ ଗାନ୍ଧିଙ୍କ ପାଖକୁ ନେଲା । ସେ ପାଖରେ ବସାଇ ମୋ ହାତ ତାଙ୍କ ଚରଖା ଦେହରେ ଲଗାଇ ମୋତେ ମୋତେ ଗେଲ କଲାଭଳି କଅଣ ସବୁ କହୁଥିଲେ ।

ମୋର କିନ୍ତୁ ସେ ଚରଖା ପ୍ରତି, ତାଙ୍କପ୍ରତି ବା ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ପ୍ରତି ଆଦୌ ଲକ୍ଷ ନଥିଲା । ମୋର ଆଖି ପଡ଼ିଥିଲା, ଆମ ସାମ୍ନାରେ ଟିକିଏ ଦୂରରେ ଗାନ୍ଧିଙ୍କ ପାଇଁ କଟକରୁ ଆସି ଥୁଆହୋଇ ଥିବା ଅଙ୍ଗୁର ନାସପାତି ପ୍ରଭୃତି ଫଳ ଉପରେ, ମୁଁ ଗାନ୍ଧିଙ୍କ ହାତରୁ ଚରଖା ପାଖରୁ ମୋ ହାତଟିକୁ କାଢ଼ିନେଇ ସେହି ଫଳକୁ ଦେଖାଇଲି । ଗୋଟିଏ ନାସପାତି ଫଳରେ ତୃପ୍ତହୋଇ ହୁଏତ ଘରକୁ ଫେରିଥିଲି ।

ଗାନ୍ଧିଙ୍କ ସାନିଧ୍ୟ ଲାଭ କରିବା ବା ଗାନ୍ଧିବାଣୀ ତୁଳନାରେ ସେ ଫଳଟି ଯେ କପରି ଅଳୀକ, ସେ କଥା ବୁଝିପାରିବାର ଉପାୟ ମୋର ସେତେବେଳେ ନଥିଲା ।

**ଡେଲାଙ୍ଗ କଂଗ୍ରେସ ସଭା** :—ହରିଜନ ପଦଯାତ୍ରାର ପୂର୍ବବର୍ଷ ପରେ ୧୯୩୮ ମସିହାରେ କଂଗ୍ରେସର କାର୍ଯ୍ୟକାରୀ କମିଟି ବୈଠକ ବା ଗାନ୍ଧି ସେବା ସଙ୍ଘ ବୈଠକ ଡେଲାଙ୍ଗ ନିକଟସ୍ଥ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ବେରବୋଇ ଗାନ୍ଧି ଆଶ୍ରମଠାରେ ବସିଥିଲା । ମୁଁ ସେତେବେଳକୁ କଟକ କଲେଜିଏଟ୍ ସ୍କୁଲର ଦଶମ ଶ୍ରେଣୀ ଛାତ୍ର । ରାଜନୀତି ବିଷୟରେ ମୋର ସମ୍ୟକ ଜ୍ଞାନ ହେଲାଣି ତେଣୁ ନେତାମାନଙ୍କୁ ଦେଖିବାର ଅଦମ୍ୟ ପିପାସା ନେଇ ମୁଁ ସେଠାରେ ପହଁଚିଲି ।

ମହାତ୍ମା ଗାନ୍ଧି, ସୀମାନ୍ତ ଗାନ୍ଧି, ରାଜଗୋପାଳଚାରୀ, ରାଜେନ୍ଦ୍ର ପ୍ରସାଦ, ଜହରଲାଲ ନେହେରୁ, ବଲ୍ଲଭ ଭାଇ ପଟେଲ, ମୌଲାନା

Digitized by srujanika@gmail.com

କଲମ ଅଜାଦ ପ୍ରଭୃତି ମହାରଥୀପ୍ରମୁଖ ନେତାମାନେ ସେଠାକୁ ଆସିଥିଲେ ।

ଓଡ଼ିଶାରୁ ଓ ଭାରତର ଅନ୍ୟଅଞ୍ଚଳରୁ ବହୁନେତା କର୍ମୀ ଓ ଦେଖଣାହାରୀଙ୍କ ଦ୍ୱାରା ସେ ସ୍ଥାନ କୋଳାହଳମୟ ହୋଇଥିଲା ।

ମହାତ୍ମା ଗାନ୍ଧିଙ୍କର ସେ ଶେଷ ଓଡ଼ିଶା ଯାତ୍ରା । ତା'ପରେ ଓଡ଼ିଶା ମାଟିରେ ଆଉ ବୋଧହୁଏ ତାଙ୍କ ପାଦ ପଡ଼ିନାହିଁ । ଲୋକମାନେ ସେ କଥା ନଜାଣି, ତାଙ୍କୁ ଶେଷଥର ପାଇଁ ଦେଖିବାର ସୁବିଧା ପାଇଥିଲେ ।

ସେ ସମୟରେ ଅନ୍ୟ ଅନେକ ପ୍ରଦେଶପରି ଓଡ଼ିଶାରେ ମଧ୍ୟ କଂଗ୍ରେସ ମନ୍ତ୍ରୀ ମଣ୍ଡଳର ଅଧିକାର ଥାଏ । କେନ୍ଦ୍ରରେ ବ୍ରିଟିଶ ରାଜପ୍ରତିନିଧି ବା ବଡଲାଟ ଶାସନ ମୁଖ୍ୟ ହୋଇ ଥିବାରୁ ପ୍ରଦେଶ ମନ୍ତ୍ରୀମଣ୍ଡଳର ମୁଖ୍ୟମାନଙ୍କୁ ପ୍ରଧାନ ମନ୍ତ୍ରୀ ବୋଲି କୁହାଯାଉଥିଲା । ଓଡ଼ିଶାରେ ଶ୍ରୀ ବିଶ୍ୱନାଥ ଦାଶ ପ୍ରଧାନମନ୍ତ୍ରୀ, ଶ୍ରୀ ବୋଧରାମ ଦୁବେ ଓ ଶ୍ରୀ ନିତ୍ୟାନନ୍ଦ କାନୁନଗୋ ମନ୍ତ୍ରୀ ଥାଆନ୍ତି । ପୁରୀର ଶ୍ରୀ ଜଗନ୍ନାଥ ମିଶ୍ର, କୋରାପୁଟର ଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ ଓ କଟକର ଶ୍ରୀ ଯଦୁମଣି ମଙ୍ଗରାଜ, ଶ୍ରୀ ରାଜକୃଷ୍ଣ ବୋଷ ପ୍ରଭୃତି ପାର୍ଲାମେଣ୍ଟାରୀ ସେକ୍ରେଟାରୀ ହୋଇଥାଆନ୍ତି । ମନ୍ତ୍ରୀମାନଙ୍କ ତତ୍ତ୍ୱାବଧାନରେ ସେଠାରେ ବହୁତ ଘର ତୋଳା ଯାଇଥାଏ । ସଭା ମଣ୍ଡପଟି ସୁନ୍ଦର ଭାବରେ ଛଦଉ କନା ଦେଇ ଛପା ହୋଇଥାଏ । ସ୍ୱେଚ୍ଛାସେବକ କର୍ମୀ ଓ ଶାନ୍ତି ରକ୍ଷାକାରୀ ପୋଲିସ ଦଳ ଭେଳା ଭେଳା ହୋଇ ବୁଲୁଥାଆନ୍ତି ।

ନେତାମାନଙ୍କ ପାଇଁ ସ୍ୱତନ୍ତ୍ର ଘର ସବୁର ବ୍ୟବସ୍ଥା ହୋଇଥାଏ । ମହାତ୍ମା ଗାନ୍ଧି ଗୋଟିଏ ଛୋଟିଆ କୁଡ଼ିଆ ଘରେ ରହୁଥାଆନ୍ତି । ତାଙ୍କ ଘର ପଛପଟେ ଗୁଆଁବାଡ଼ଦିଆ ମାଟି ଗାତର ପାଇଖାନାଟିଏ ମଧ୍ୟ ଥାଏ ।

ମହାତ୍ମା ଗାନ୍ଧି ଅନ୍ୟ ନେତାମାନଙ୍କ ସଙ୍ଗେ ଆଲୋଚନା କରିବା, ସୂତା କାଟିବା, ପ୍ରଭୃତି କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ତାଙ୍କ ଆଶ୍ରମ ଚାରିପଟେ କଡ଼ା ପହରା ଥିଲା । କର୍ମୀମାନେ ଗାନ୍ଧି ଦର୍ଶନ ପାଇଁ ଗାନ୍ଧିଙ୍କ ଘର ନିକଟକୁ କାହାକୁ ଛାଡୁ ନଥିଲେ ।

Digitized by srujanika@gmail.com

ଗାନ୍ଧି, ସାଧାରଣ ଲୋକଙ୍କୁ ସାକ୍ଷାତ ଦେବା ପାଇଁ ଆଶ୍ରମ ପାଖରେ ଥିବା ବଲ ଭିତରେ ବ୍ୟବସ୍ଥା ହୋଇଥିଲା । ନିର୍ଦ୍ଧାରିତ ସମୟରେ ତାଙ୍କର ଦର୍ଶନ ପାଇଁ ହଜାର ହଜାର ଲୋକ ବଲ ପଡ଼ିଆରେ ଠିଆହୋଇ ରହିଥିଲେ । ଏପରି ଜନଗହଳି ହୋଇଥିଲା ଯେ ଜନତାର ମୁଣ୍ଡ ଉପରେ ଥାଳିଟିଏ ଚଲାଇଦେଲେ ତାହା ଅବଲୀଳା କ୍ରମେ ଆଖି-ନଦିଶିବା ଦୂରସ୍ଥାନକୁ ଚାଲିଯିବ ।

**ଗାନ୍ଧି ଦର୍ଶନ :—** ଗୋଟିଏ ବଡ଼ ମଞ୍ଚ ଉପରକୁ ଉଠି ଗାନ୍ଧି ଜନତାକୁ ସାମନାକରି ହାତଯୋଡ଼ି ଠିଆ ହେଲେ । କଥାବାର୍ତ୍ତା କିଛି ନାହିଁ । କିନ୍ତୁ ତାଙ୍କର ଦର୍ଶନ ମାତ୍ରେ, ଦେବତାଙ୍କ ଆଗରେ ତନ୍ମୟ ହୋଇ ଆନନ୍ଦାଶ୍ରୁ ବିସର୍ଜନ କଲାପରି ସେ ଜୀବନ୍ତ ଦେବତାଙ୍କୁ ଦେଖି ସମସ୍ତଙ୍କ ଆଖିରୁ ଟପ୍ ଟପ୍ ହୋଇ ଲୁହ ତଳକୁ ଖସି ପଡ଼ିଲା । ଗାନ୍ଧି ଟିକିଏ ମୃଦୁଳ ହସ ହସି ଆଶୀର୍ବାଦ କଲାଭଳି ହାତ ଟେକି ଅଳ୍ପ ସମୟ ରହି ସେଠାରୁ ବିଦାୟ ନେଲେ । ଜନତା ସନ୍ତୋଷରେ ଫେରିଲେ । ମୁଁ ମଧ୍ୟ ଭାବପ୍ରବଣ ହୋଇ ଫେରିଲି ।

ମୁଁ ଫେରିଲାବେଳେ ଲୋକମାନଙ୍କର କେତେପ୍ରକାର କଥା-ବାର୍ତ୍ତା ଆସି ମୋ କାନରେ ବାଜିଲା । ଫେରୁଥିବା ଲୋକଙ୍କ ଭିତରୁ ଜଣେ ଅନ୍ୟ ଜଣକୁ କହିଲା " ଗାନ୍ଧି ଦେଖାତ ସରିଲା, ଏଥର ଚାଲ କଂଗ୍ରେସ ସଭାକୁ ଯାଇ ବଡ଼ ନେତାମାନଙ୍କୁ ଦେଖି ଆସିବା । " ଆର-ଜଣଙ୍କ ଉତ୍ତର ଦେଲା "ଆରେ କଂଗ୍ରେସ ସଭାକୁ ଆଉ କଅଣ ଯିବୁ, କଂଗ୍ରେସ ନେତାଙ୍କ କଥା ଆଉ କଅଣ ଅଧିକା ଶୁଣିବୁ ? ଗାନ୍ଧି ଯେ, କଂଗ୍ରେସ ସେ, ଗାନ୍ଧିଙ୍କୁ ଦେଖିଲେ ଯଶୋଦା କୃଷ୍ଣଙ୍କ ପାଟିଭିତରେ ଚଉଦ ବ୍ରହ୍ମାଣ୍ଡ ଦେଖିବାପରି ଫଳ ମିଳିଗଲା । ସବୁ ନେତାଙ୍କୁ ଦେଖିବା ହୋଇଗଲା । ଚାଲ ଘରକୁ ଫେରିଯିବା ।

ପ୍ରଥମ ବ୍ୟକ୍ତି ତା କଥା ଶୁଣି କହିଲା "ଆରେ ଝିଲୁ ଏତେ ଗୁଡ଼ାଏ ଭାବ ପ୍ରବଣ ହୋଇଯିବା ଠିକ୍ ନୁହେଁ । ଗାନ୍ଧିଙ୍କ ଯାଗୁ କଂଗ୍ରେସ, କିନ୍ତୁ ଗାନ୍ଧି ଓ କଂଗ୍ରେସ ଏକା ନୁହଁ । ଗାନ୍ଧି ଓ ଅନ୍ୟ ନେତାଙ୍କ କାର୍ଯ୍ୟ ଓ ଚିନ୍ତାଧାରାରେ ବହୁତ ତଫାତ୍ ଅଛି । ଗାନ୍ଧି ତ

Digitized by srujanika@gmail.com

କଂଗ୍ରେସଠାରୁ ନିଜ ସ୍ୱତନ୍ତ୍ରତା ଅଲଗା ରଖିବାପାଇଁ ଏବେ ନିଜେ କଂଗ୍ରେସର ଚୁରଅଣିଆ ସାଧାରଣ ସଦସ୍ୟ ବି ନୁହନ୍ତି । ଗାନ୍ଧି ମହାପୁରୁଷ । କିନ୍ତୁ ଆଜି ତାଙ୍କୁ ଗୋଟାଏ ରାଜନୈତିକ ଦଳର ନେତାଙ୍କ ସଙ୍ଗେ ସମାନକରି ତୁଳନା କରନା । ସ୍କୁଲ ନେତାମାନେ କଅଣ କରୁଛନ୍ତି; କଅଣ କହୁଛନ୍ତି ଦେଖିବା, ଶୁଣିବା, ନହେଲେ ବୁଲି ବୁଲି ମଜା କରିବା ।

ଗାନ୍ଧି ଓ କଂଗ୍ରେସ ସଭା ଦେଖାହେବା ପରେ ସେଠାରେ ଗୋଟିଏ ପଖ ଗାଁ, ଗିରେମା ସୁନ୍ଦରକଜପୁରକୁ ମୁଁ ମୋର ବଡ଼ ମଉସାଙ୍କ ସଙ୍ଗେ ବୁଲାଗଲି । ସେଠାରେ ମୋ ବଡ଼ ମାଉସୀଙ୍କ ଘର । ରାତିଟି ସେଠାରେ କଟାଇ ତଇଦିନ ସକାଳରୁ ଆସି ପୁଣି ବେରବୋଇ ଆଶ୍ରମରେ ପହଞ୍ଚିଲି ।

**ଗାନ୍ଧି ଓ ନେତାଙ୍କ ରାଗ :**—ସେଠାରେ ବୁଲୁ ବୁଲୁ ବହୁତ ବନ୍ଧୁ ଆସି ଜୁଟିଗଲେ । ଆମ ପିଲଙ୍କ ଭିତରେ ଗାନ୍ଧିଙ୍କ ବିଷୟରେ ବହୁପ୍ରକାର ଆଲୋଚନା ଚାଲିଲା । ତାଙ୍କ ସତ୍ୟ, ଅହିଂସା କଥା ପଡ଼ିଲା । କଥାବାର୍ତ୍ତା ପରେ, ଗାନ୍ଧି ଦେବ ଅଂଶରେ ଜନ୍ମ, ରାଗ, ଦ୍ୱେଷ ତାଙ୍କଠାରେ କେଶ ମାତ୍ରାରେ ନାହିଁ ବୋଲି ଠିକ୍ କରି ଆମେ ବୁଲୁ ଥିଲାବେଳେ, ମୋର ପୁରାତନ ସ୍କୁଲ ସାଥୀ ପୁରୀଜିଲ୍ଲା ସ୍କୁଲ ଛାତ୍ର ନରସିଂହ ହିଦଠୀ ଆମ ନିକଟକୁ ଆସି ଆମ କଥାରେ ଯୋଗଦେଇ ଆମର ଧାରଣାକୁ ପୁରା ବଦଳାଇ ଦେଲେ—ସେ ଗାନ୍ଧିଙ୍କ ଜିଦ୍ ଓ ଅକଡ଼ବାଜିଆ ଚଟିଆ ବର୍ଣ୍ଣନା କଲେ ।

ବୃନ୍ଦାବନ ଗାନ୍ଧି କାର୍ଯ୍ୟବ୍ୟସ୍ତ ଥିଲାବେଳେ କସ୍ତୁରବା କେତେକ କର୍ମୀଙ୍କ ସାହାଯ୍ୟରେ ଗାଡ଼ିଟିଏ ଯୋଗାଡ଼କରି ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ । ନରସିଂହ ସ୍ୱେଚ୍ଛାସେବକ ଭାବେ ତାଙ୍କ ସଙ୍ଗେ ଯାଇଥିଲେ । ସେମାନେ ଜଗନ୍ନାଥ ଦର୍ଶନ କରି ଫେରିଲାବେଳକୁ ସେକଥା ଜାଣିପାରି ଗାନ୍ଧି ତାଙ୍କ ସହଧର୍ମିଣୀ କସ୍ତୁରବାଙ୍କ ଉପରେ ରାଗି ନିଗ ଠାକ ସଂତଠା ହୋଇ ବସିଥିଲେ । ଜଗନ୍ନାଥଙ୍କ ଦେଉଳରେ

Digitized by srujanika@gmail.com

ହରିଜନ ପ୍ରବେଶ ପାଇଁ ଅନୁମତି ମିଳି ନଥିବାରୁ ଗାନ୍ଧି ଜଗନ୍ନାଥ ମନ୍ଦିରରେ ପ୍ରବେଶ କରୁ ନଥିଲେ ତେଣୁ ତାଙ୍କ ସହଧର୍ମିଣୀ ତାଙ୍କ ଅଜ୍ଞାତରେ ସେପରି କାର୍ଯ୍ୟ କରିବା ସେ ସହ୍ୟ କରି ପାରି ନଥିଲେ ।

ହିନ୍ଦୁ ନାରୀ ମାନେ ଦେବଭକ୍ତ । ତୀର୍ଥ ନିକଟକୁ ଆସି ଦେବ ଦର୍ଶନ ନ କରି ଫେରିବା କସ୍ତୁରବାଙ୍କୁ ଭଲ ଲାଗିଲା ନାହିଁ ତେଣୁ ସେ ଜଗନ୍ନାଥ ଦର୍ଶନ କରିବାକୁ ଚାଲିଯାଇଥିଲେ । ଗାନ୍ଧି କିନ୍ତୁ ତାଙ୍କୁ କେବଳ ସମସ୍ତଙ୍କ ଆଗରେ ଭର୍ତ୍ସନା କରି ସନ୍ତୁଷ୍ଟ ହୋଇ ନଥିଲେ ପରେ ତାଙ୍କ ହରିଜନ କାଗଜରେ ମଧ୍ୟ ତାଙ୍କୁ ନିନ୍ଦା କରି ଲେଖିଥିଲେ ।

ଜବାହରଲାଲ ନେହେରୁ ବଦ୍-ରାଗି ବୋଲି ଆମେ ଜାଣିଥିଲୁ କିନ୍ତୁ ଗାନ୍ଧିଙ୍କ ପରି ମହାପୁରୁଷମାନେ ଅର୍ଥାତ୍ ଷଡ଼ ରିପୁ ଦମନ କରିଥିବା ଲୋକେ ରାଗନ୍ତି ବୋଲି ଆମେ କଳ୍ପନା କରି ନଥିଲୁ । ୧୯୩୭ ସେପ୍ଟେମ୍ବର ଓଡ଼ିଶା ନିର୍ବାଚନ ଚହ୍ରବେଳେ ନେହେରୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଟ୍ରେନରେ ଯାଉଥିଲେ । ତାଙ୍କର ତତ୍ତ୍ୱ ନେବା-ପାଇଁ ଜଣେ କଂଗ୍ରେସୀ ନିର୍ବାଚନ ପ୍ରାର୍ଥୀ ତାଙ୍କ ସଙ୍ଗେ ଯାତ୍ରା କରୁଥିଲେ । ତାଙ୍କୁ ପନ୍ଦର ମିନିଟ ପରେ ଉଠାଇ ଦେବାକୁ କହି ନେହେରୁ ଆଖି ମୁଦି ଶୋଇବାକୁ ଚେଷ୍ଟା କଲେ । ପ୍ରାର୍ଥୀ ପନ୍ଦର ମିନିଟ ହୋଇଗଲା ବୋଲି ଘଣ୍ଟାରୁ ଦେଖିଲେ, କିନ୍ତୁ ନେହେରୁ ବକ୍ତୃତା ଦେଇ ଦେଇ ଖୁବ୍ ହାଲିଆ ହୋଇ ବିଶ୍ରାମ ନେଉଥିବାରୁ ଓ ଟ୍ରେନ ଭିତରେ ଟିକିଏ ଅପେକ୍ଷା ନକରି ହଠାତ୍ ଉଠାଇବା ସେପରି ଜରୁରୀ ନଥିବା ଭାବି ତାଙ୍କୁ ନ ଉଠାଇ ବସି ରହିଲେ । ଆଉ ଦୁଇ ମିନିଟ ପରେ ନେହେରୁ ହଠାତ୍ ଉଠିପଡ଼ି ଘଣ୍ଟାକୁ ଚାହିଁଦେଇ ନିଆଁବାଣ ହୋଇଗଲେ । ପ୍ରାର୍ଥୀଙ୍କର ସମୟ ଜ୍ଞାନ ନାହିଁ ସେ କି ଲୋକ ପ୍ରତିନିଧି ହେବେ ବୋଲି ତାଙ୍କୁ ତୀବ୍ର ଭର୍ତ୍ସନା କଲେ ।

ଯେତେ ବଡ଼ ଲୋକ ହେଲେ ମଧ୍ୟ ସମସ୍ତଙ୍କ ଭିତରେ ରାଗ, ଦ୍ୱେଷ, ପ୍ରଭୃତି ସାଧାରଣ ଗୁଣ ଦୁର୍ଗୁଣ ସବୁଥାଏ ବୋଲି ମୁଁ ହୃଦୟଙ୍ଗମ କଲି ।

Digitized by srujanika@gmail.com

ଉତ୍ତର ପ୍ରଦେଶର ପୂର୍ବତନ ଲାଟ (ଗଭର୍ଣ୍ଣର) ଶ୍ରୀ ବିଶ୍ୱନାଥ ଦାଶଙ୍କ ଠାରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କେତେ କଥା ଶୁଣି ପରେ ମୋର ସେ ଧାରଣା ଦୃଢ଼ୀଭୂତ ହେଲା

ବିଶ୍ୱନାଥ ବାବୁ କଟକ କଲେଜରେ ଛାତ୍ର ଥିଲାବେଳେ ପ୍ରଥମ ଯୁଦ୍ଧ ସମୟରେ ସବୁଦିନ ମଧୁବାବୁଙ୍କ ଘରକୁ ଖବର କାଗଜ ପଢ଼ିବାକୁ ଯାଉଥିଲେ । ସାମାନ୍ୟ କିଛି ବ୍ୟତିକ୍ରମ ଦେଖିଲେ ତାଙ୍କ ପାଳିତା କନ୍ୟା ଶୈଳବାଳାଙ୍କ ଉପରେ ରାଗାନ୍ୱିତ ହୋଇ ସେ ସମସ୍ତଙ୍କ ସାମନାରେ ତାଙ୍କ ଚାକର ହାଡ଼ିଆକୁ ଡାକି "ଏ ଟୋକୀର ଚୁଟି ଧରି ନେଇ ବାହାରେ ଛାଡ଼ିଦେଇଆ" ବୋଲି ଗର୍ଜନ କରି କହିବାର ସେ ବହୁବାର ଶୁଣିଛନ୍ତି ।

**ପିଲାଦିନର ଧାରଣା**—ଶିଶୁ ଅବସ୍ଥାରେ ମହାତ୍ମା ଗାନ୍ଧିଙ୍କର ଅତି ନିକଟରେ ପହଁଚି ମଧ୍ୟ ତାଙ୍କର ମହାନୁଭବତା ଅବଧାରଣା କରି ପାରିନଥିଲି । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମୋର ଯେତିକି ବୃଦ୍ଧି ହେଲା ସଙ୍କୋଚ ସେତିକି ବଢ଼ିଲା, ବଡ଼ ମଣିଷଙ୍କ ଠାରୁ ମୋତେ ସେତିକି ଦୂରେଇ ଯିବାକୁ ପଡ଼ିଲା । ଶେଷରେ ମହାତ୍ମା ଗାନ୍ଧିଙ୍କୁ ଅତି ଦୂରରୁ ଖୁବ୍ ଅଳ୍ପ ସମୟ ପାଇଁ ଦେଖି ମଧ୍ୟ ଅଭିଭୂତ ହୋଇ ପାରିଥିଲି ।

ମହାତ୍ମା ଗାନ୍ଧିଙ୍କ ପ୍ରତି ମୋ ଧାରଣା ଯେପରି ଆସ୍ତେ ଆସ୍ତେ ବଦଳି ଥିଲା, ମୋର ଗୁରୁଜନ ଓ ବ୍ୟକ୍ତିତ୍ୱବାନ ଆତ୍ମୀୟ ସ୍ୱଜନଙ୍କ ପ୍ରତି ମଧ୍ୟ ମୋର ଧାରଣା ସେହିପରି ରୂପ ନେଇଥିଲା ।

ମୋର ହେତୁ ହେବା ବେଳକୁ ପଣ୍ଡିତ ନୀଳକଣ୍ଠ ମୋ ନନା, ଋଷି ପ୍ରତିମ ଆଚାର୍ଯ୍ୟ ହରିହର ମୋର ଦାଦେଇ, ପ୍ରଚାରକ ଅନନ୍ତ ଭିଣୋଇ, ପଣ୍ଡିତ ଗୋଦାବରୀଶ, ପଣ୍ଡିତ ଲିଙ୍ଗରାଜ ପ୍ରଭୃତି ମଉସା, ପୁଣିର ତ୍ୟାଗବୀର ମୁରଳି ତ୍ରିପାଠୀ ଓ ଅନ୍ୟାନ୍ୟ ବିଶିଷ୍ଟ କଂଗ୍ରେସ କର୍ମୀମାନେ ମୋର ଭାଇନା ପ୍ରଭୃତି ଭାବରେ ମୋତେ ଦେଖା ଦେଇଥିଲେ । ସେମାନେ ବଡ଼ କି ଛୋଟ ଓ ସେମାନଙ୍କର ବ୍ୟକ୍ତିତ୍ୱର କି ମହତ୍ତ୍ୱ ତା ପିଲାଦିନେ ମୋର ଭାବିବା ବି କି ଦରକାର ଥିଲା ।

Digitized by srujanika@gmail.com

ସେମାନଙ୍କୁ ନିଜର ଅତି ସାଧାରଣ ଲୋକ ମନେକରି ବରଂ ମୁଁ ସେମାନଙ୍କ ପ୍ରତି ସାଧାସିଧା ବ୍ୟବହାର ଦେଖାଉଥିଲି । ସେମାନଙ୍କ ଭିତରୁ ପ୍ରବୀରକ ଅନନ୍ତ ଓ ମୁରାରି ତ୍ରିପାଠୀଙ୍କୁ ମୁଁ ମନେ ମନେ ଭାରି ରାଗୁଥିଲି । ସେମାନେ ଲାଞ୍ଚୁଆ ପ୍ରକୃତିର ଲୋକ ବୋଲି ମୁଁ ମନେ ମନେ ଧରି ନେଇଥିଲି । ସେମାନେ ମୋତେ ଠକାମିରେ ଭୁଲାଇ ମୋ ଠାରୁ ଲାଞ୍ଚ ଆଦାୟ କରିବାରେ ସିଦ୍ଧହସ୍ତ ଥିଲେ ।

ଅନନ୍ତ ନନାଙ୍କ ସମବୟସୀ ଓ ସହପାଠୀ ହେଲେ ମଧ୍ୟ ଆମ ପଡ଼ିଶା ଘର ଦଦେଇ ପଣ୍ଡିତ ଆର୍ତ୍ତତ୍ରାଣ ଦାସଙ୍କର ଜୋଇଁ ଥିବାରୁ ସେ ହିସାବରେ ମୋର ଭିଣୋଇ ଥିଲେ । ସେ ମୋତେ ଥଟ୍ଟା କରନ୍ତି ।

ମୋର ଜନ୍ମ ପୂର୍ବରୁ ଆମ ଘରେ ଚୋକା ବେଳେ କେଉଁଠି ଆମଘରେ ଗୋଟାଏ ଗୋଧିସାପ ପଶି ଥିଲା ତେଣୁ ପିଲାଦିନେ ମୋତେ କେହି କେହି ଗୋଧିଦାସ ବୋଲି ଡାକନ୍ତି ।

ପ୍ରବୀରକ ଅନନ୍ତଙ୍କୁ ଆମଘର ଚୂଡ଼ା ପଣସ ବଡ଼ ଭଲଲାଗେ । ମୁଁ ଚୂଡ଼ା ପଣସ ନ ଦେଲେ ସେ ମୋତେ ଗୋଧିଦାସ ବୋଲି କହିଦେବେ, ସେକଥା ଜଣାଇବା ସଙ୍ଗେ ସଙ୍ଗେ ମୁଁ ଘର ଭିତରକୁ ଦଉଡ଼ି ଯାଇ ବୋଉ ସଙ୍ଗେ ଅଳିକରି ତାଙ୍କ ପାଇଁ ଚୂଡ଼ା ପଣସର ବ୍ୟବସ୍ଥା କରେ । ତାଙ୍କୁ ଚୂଡ଼ା ପଣସ ଖାଇବାକୁ ଡାକରା ଆସେ ସେ ଉପରେ ଉପରେ ନାହିଁ ନାହିଁ କହୁଥିଲେ ମଧ୍ୟ ଭୋଜନ ଘରରେ ଯାଇ ଖୁସିରେ ବସି ପଡନ୍ତି । ବୋଉଙ୍କୁ ବି ତାଙ୍କୁ ଚୂଡ଼ା ପଣସ ଖୁଆଇବାକୁ ଭଲ ଲାଗେ ।

ମୁରାରି ଭାଇନା, ପାନ ନ ଦେଲେ ଗୋଧିଦାସ ବୋଲି କହିଦେବ କହି ପାନ ଖଣ୍ଡି କରେ ଆପାତତଃ ସନ୍ତୁଷ୍ଟ ହୁଅନ୍ତି, କିନ୍ତୁ ସେମାନଙ୍କ ସନ୍ତୋଷ କ୍ଷଣସ୍ଥାୟୀ । ହେମାନେ ତାଙ୍କ ଦରକାର ଅନୁଯାୟୀ ଯୁକ୍ତି ଥରକୁ ଥର ମୋତେ ଚିଡ଼ାଇ ତାଙ୍କର ଏପରି ଲାଞ୍ଚ ସବୁ ଆଦାୟ କରି ନଅନ୍ତି ।

Digitized by srujanika@gmail.com

ସେତେବେଳେ ଯେଉଁମାନଙ୍କ ଉପରେ ମୁଁ ଏତେ ରାଗୁଥିଲି ଏବେ ଭାବୁଛି ତାଙ୍କର ପାଖରେ ବସି ମୁଁ ସେମାନଙ୍କଠାରୁ କିଛି ଶିଖି ଥାଆନ୍ତି କି ? ସେମାନଙ୍କ କଥା ମନେ ପଡ଼ିଲେ, ମୋର ମନ ସେମାନଙ୍କୁ ଖୋଜି ଅସ୍ଥିର ହୁଏ । ଆଜି ତାଏ ନାହାଁ ।

**ତ୍ୟାଗର ପ୍ରତୀକ ଅନନ୍ତ**—ପ୍ରବୃତ୍ତିକ ଅନନ୍ତ ମିଶ୍ର ନନାଙ୍କର ବାଲ୍ୟସାଥୀ ଓ ଅତି ଅନ୍ତରଙ୍ଗ ସହଚର । ନାନାଙ୍କର ସବୁ କାର୍ଯ୍ୟରେ ସେ ପୁରୋଗର ଥାଆନ୍ତି । ଛୋଟିଆ ମଣିଷଟିଏ । ମୁହଁରେ ଗୋଲିଆ ଦାଢ଼ି । ପିନ୍ଧା ଗୈରିକ ଖଦଡ଼ ଲୁଗା । ଗ୍ରାମରେ ଥିଲାବେଳେ ତାଙ୍କ ଦାଣ୍ଡ ପିଣ୍ଡାରେ ଗୋଟିଏ ମହାବଳ ବାଘର ଚମଡ଼ା ଆସନ ଉପରେ ଚକା ପକାଇ ବସି ଅନ୍ୟମାନଙ୍କ ସଙ୍ଗେ ହସି ହସି ଦେଶ କଥା ସବୁ ଆଳାପ କରୁଥାଆନ୍ତି । ପିଲାଙ୍କୁ ଦେଖିଲେ ଆଦର କରନ୍ତି, ଥଟେଳି କଥା କହନ୍ତି ।

ବିବାହର ଅଳ୍ପଦିନ ପରେ ଗୋଟିଏ ପୁଅ ଜନ୍ମ କରି ପ୍ରସୂତି ରୋଗରେ ତାଙ୍କ ସହଧର୍ମିଣୀ ସ୍ୱର୍ଗାରୋହଣ କରିଥିଲେ । ସେ ଦ୍ୱିତୀୟ ଦାର ପରିଗ୍ରହ ନକରି ସଂସାର ବନ୍ଧନ ଛିଣ୍ଡାଇ ଜନ୍ମଭୂମିର ସେବାରେ ପ୍ରାଣ ଉତ୍ସର୍ଗ କରିଥିଲେ । ଘରେ ଗୋଟିଏ ବିଧବା ସେଗା ଭଉଣୀ ଥିଲା ଓ ପୁଅଟି ମାମୁଁ ଘରେ ବା ଏଠି ସେଠି ରହୁଥିଲା ।

ଗୋପବନ୍ଧୁ, ନୀଳକଣ୍ଠ ଓ ହରିହରଙ୍କ ସଙ୍ଗେ ଛାତ୍ରାବସ୍ଥାରୁ ଦେଶସେବା ଶପଥ ନେବା ପରେ ସେ ସେବା କାର୍ଯ୍ୟରେ ଲାଗିଥିଲେ । ଅଳ୍ପଦିନ ପାଇଁ ଓଲଙ୍ଗରେ ଶିକ୍ଷକତା କରିଥିଲେ । ସତ୍ୟବାଦୀ ବନ-ବିଦ୍ୟାଳୟ ଆରମ୍ଭ ହେବା ପରେ ଆଉ ଶିକ୍ଷକତା ନକରି ସେ ଦେଶସେବା ଓ ଶିକ୍ଷାର ପ୍ରସାର ପାଇଁ ପ୍ରଚାର କାର୍ଯ୍ୟରେ ଲାଗି-ପଡ଼ିଥିଲେ ।

ସତ୍ୟବାଦୀ ବନ ବିଦ୍ୟାଳୟ ପାଇଁ ବୁଲି ବୁଲି ଚାନ୍ଦା ଆଦାୟ କରିବା, ଦୂର ଦୂରାନ୍ତର ଓଡ଼ିଆ ଭୂଇଁରେ ପ୍ରଚାର କରି ସେ ସବୁ ସ୍ଥାନରୁ ଜାତୀୟ ଭାବରେ ତାଲିମ ହେବାପାଇଁ ଛାତ୍ର ସଂଗ୍ରହ କରି

Digitized by srujanika@gmail.com

ପଠାଇବା ପ୍ରଭୃତିରେ ସେ ଗୋପବନ୍ଧୁ ନୀଳକଣ୍ଠ ପ୍ରଭୃତିଙ୍କୁ ପ୍ରଭୂତ ସାହାଯ୍ୟ କରୁଥିଲେ ।

ଉପାନ୍ତ ଭୂମିରେ ଓଡ଼ିଆ ପ୍ରଚାର ପାଇଁ ସେ ସିଂହଭୂମିର ଚାଇଁବସା ସହରରେ ଗୋଟିଏ ପ୍ରେସ୍ ବସାଇ ସେଥିରୁ ସମ୍ମିଳନୀ ନାମକ ଓଡ଼ିଆ ପତ୍ରିକା ବାହାର କରୁଥିଲେ । ଓଡ଼ିଶାର ସମସ୍ତ ମୋଗଲବନ୍ଦି ଓ ଗଡ଼ଜାତ ବୁଲି ବୁଲି ରାଜା, ଜମିଦାର ଓ ସାଧାରଣ ଲୋକଙ୍କୁ ଓଡ଼ିଆ ଜାତୀୟତା ପ୍ରେମରେ ଉଦ୍‌ବୁଦ୍ଧ କରୁଥିଲେ । ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ଥିବା ଗଞ୍ଜାମ, କୋରାପୁଟ ତରଳା, ମଞ୍ଜୁଷା ପ୍ରଭୃତିରେ ମଧ୍ୟ ତାଙ୍କ ପ୍ରଚାର କମ ନଥିଲା ।

ବଡ଼ି ମହୁରି ପ୍ରଭୃତିରେ ଗୋପବନ୍ଧୁଙ୍କ ସଙ୍ଗେ ରହି ସେ ଅକ୍ଲାନ୍ତ ପରିଶ୍ରମ କରୁଥିଲେ । ଗୋପବନ୍ଧୁ ଲୋକଙ୍କ ଦୁଃଖରେ କାତର ହୋଇ ପଡ଼ୁଥିଲେ । ଦୁଃଖୀରଙ୍କିଙ୍କ ପାଇଁ ତାଙ୍କ ହୃଦୟ ବଡ଼ କୋମଳ ଥିଲା । କିନ୍ତୁ କର୍ମୀ ଓ ସହକର୍ମୀଙ୍କ କାର୍ଯ୍ୟପ୍ରତି ସେ କଠୋର ଦୃଷ୍ଟି ରଖୁଥିଲେ । ଶୃଙ୍ଖଳା ଓ ନୀତିବ୍ୟତିକ୍ରମରୁ ଟିକିଏ ଏପଟ ସେପଟ ହେଲେ ସେ ସହ୍ୟ କରି ପାରୁନଥିଲେ ।

ଗୋପବନ୍ଧୁ ନିଜେ ସରଳ ଜୀବନ ଯାପନ କରୁଥିଲେ । ମିତବ୍ୟୟୀ ଥିଲେ । ଥରେ ବିହାର ଓଡ଼ିଶା କାଉନସିଲକୁ କୌଣସି ଉଚ୍ଚ ବିଦେଶୀ ଶାସକ ଆସିବାର ଥିବାରୁ ସବୁ ସଦସ୍ୟଙ୍କୁ ବିଲାତି ପୋଷାକର ପ୍ୟାଣ୍ଟକୋର୍ଟ ପିନ୍ଧି ବିଧାନ ସଭାକୁ ଆସିବାକୁ ନିର୍ଦ୍ଦେଶ ହୋଇଥିଲା ।

ଗୋପବନ୍ଧୁ ତାଙ୍କର ବନ୍ଧୁ ଉତ୍କଳ ବ୍ରଜସୁନ୍ଦର ଦାସଙ୍କର ପେଣ୍ଟ କୋର୍ଟ ମାଗି ନେଇଥିଲେ । ବ୍ରଜବାବୁ ଜଣେ ଦୀର୍ଘକାୟ ମଣିଷ । ଗୋପବନ୍ଧୁଙ୍କ ଠାରୁ ମୋଟାରେ ଦୁଇ ତିନି ଗୁଣ ଓ ଡେଙ୍ଗାରେ ପ୍ରାୟ ଦେଢ଼ ଗୁଣ । ଗୋପବନ୍ଧୁ ନିଜ ଲୁଗାପଟା ପିନ୍ଧି, ତା ଉପରେ ଆଉକିଛି ଲୁଗାପଟା ଗୁଡ଼ାଇ ହୋଇ ସେ ପେଣ୍ଟ କୋର୍ଟ ଭିତରେ ପ୍ରବେଶ କରି ସେହି ବେଶରେ ଯାଇ ବିଧାନସଭା କାର୍ଯ୍ୟରେ ଯୋଗ ଦେଇଥିଲେ ।

Digitized by srujanika@gmail.com

ସେ ବିଧାନସଭା ସଦସ୍ୟ ଥିଲାବେଳେ ମଧ୍ୟ ସତ୍ୟବାଦୀରେ ଅଣ୍ଟିରେ ମୁଠି ପୁରାଇ ଅନ୍ୟମାନଙ୍କ ସଙ୍ଗେ ଶ୍ରେଣୀରେ ଶ୍ରେଷ୍ଠ ଓ ଜଳଖିଆ କାର୍ଯ୍ୟ ଶେଷ କରୁଥିଲେ ।

ବଡ଼ି ସନ୍ଧ୍ୟାରେ କୌଣସି ସ୍ଥାନରେ ସେ ଜଣେ କଠୋର କର୍ମୀଙ୍କୁ ବଜାରରୁ କିଛି ଚୂଡ଼ା ଗୁଡ଼ ଜଳଖିଆ କିଣି ଆଣିବାକୁ ପଠାଇଥିଲେ । ପିଲାଟି ସେସବୁ ଆଣିଲାବେଳେ, ସେଠିଏ ଉପଯୋଗ ନାଇ ଦଶପଇସାଏ ଅଧିକା ଖର୍ଚ୍ଚ କରିଦେଇ ଥିବାରୁ ତାଙ୍କଠାରୁ ଭର୍ତ୍ସନା ଶୁଣିଥିଲା । ସେ ପଇସାକର ବୁଝାରେ ଦୁଇଜଣ ବଡ଼ ଅଞ୍ଚଳର ଜଣେ ଲୋକର ବଳେ ପେଟପୁରା ଖାଦ୍ୟ ହୋଇଥାଆନ୍ତା ବୋଲି ସେ ଭାବୁଥିଲେ ।

ଅନନ୍ତ ସନ୍ୟାସୀ ରୂପରେ ବୁଲୁଥିଲେ, ତାଙ୍କର ପଇସା ପଇ ପ୍ରତି କୌଣସି ଲୋଭ ନଥିଲା । ତାଙ୍କ ପାଖରେ ଯାହାଥାଏ ତା ସମସ୍ତେ ଜାଣି ପାରନ୍ତି । ସେ ଥରେ ନିଜ ଗ୍ରାମ ଜମିବାଡ଼ିରୁ ସଂଗ୍ରହ କରି ପାଖରେ ତିରିଶିଟି ଟଙ୍କା ସାଇତି କରି ରଖିଥିଲେ । ସେଥିରେ ଯେ ସମ୍ମତି ନଥିବାରୁ ତାହା ଗୋପବନ୍ଧୁଙ୍କ କାନରେ ପଡ଼ିଲା ।

ଗୋପବନ୍ଧୁ ସେତକ ଟଙ୍କା ଅନନ୍ତଙ୍କ ଠାରୁ ଧାର ସ୍ୱରୂପ ମାଗିନେଲେ । ତାପରେ ଅନନ୍ତ ଯେତେଥର ସେ ଟଙ୍କା ପାଇଁ ଗୋପବନ୍ଧୁଙ୍କ ଦ୍ୱାରସ୍ଥ ହେଲେ, ଗୋପବନ୍ଧୁ ଟଙ୍କା ନ ଫେରାଇ ଖାଲି ଟାଳ ଟୁଳ କଲେ । ଦିନେ ଗୋପବନ୍ଧୁ ଅନନ୍ତଙ୍କୁ ପଚାରିଲେ ତୁମର ଟଙ୍କା ପ୍ରତି ଏତ ଲୋଭ କାହିଁକି ? ଟଙ୍କା କଅଣ କରିବ ? ଅନନ୍ତ ଉତ୍ତର ଦେଲେ ବହୁତ ବୁଲିବାକୁ ପଡୁଛି, ବୁଲି ବୁଲି ଏବେ ଦିନକେ ଦୂର ଦୂର ସ୍ଥାନକୁ ଯାଇ ହେଉ ନାହିଁ, ତେଣୁ ଗୋଟିଏ ସେକେଣ୍ଡହାଣ୍ଡ ସାଇକେଲ କିଣିବ ବୋଲି ସେ ଟଙ୍କା ଯୋଗାଡ଼ କରିଥିଲି ।

ଗୋପବନ୍ଧୁ କହିଲେ ସାଇକେଲ ହେଲେ ତୁମେ ନଈ ବନ୍ଧେ ବନ୍ଧେ ବା ସଡ଼କରେ ଯିବ ଆଉ ଗାଁ ଗଳି ଭିତରେ ପଶି ଲୋକଙ୍କ ନିକଟକୁ ଯାଇ ପାରିବ ନାହିଁ । ମୁଁ ସେଇ କଥା ଶୁଣି ତୁମ ସାଇକେଲ ଟଙ୍କା ଦେଶସେବା କାର୍ଯ୍ୟରେ ଲଗାଇ ଦେଇଛି । ଅନନ୍ତ ନିର୍ବିକାର ଭାବରେ ସେଠାରୁ ଉଠି ନିଜ କାର୍ଯ୍ୟରେ ଲାଗିଗଲେ ।

Digitized by srujanika@gmail.com

ଗୋପବନ୍ଧୁ, ନୀଳକଣ୍ଠ ପ୍ରଭୃତି କଂଗ୍ରେସ ଅନୁଷ୍ଠାନରେ ଯୋଗ-ଦେଇ ଉଡ଼ିଶା କଂଗ୍ରେସ କମିଟି ଗଠନ କରିବା ସଙ୍ଗେ ସଙ୍ଗେ ପ୍ରଚାରକ ଅନନ୍ତ ପୂର୍ଣ୍ଣପ୍ରାଣରେ କଂଗ୍ରେସ ପ୍ରବୃତ୍ତିରେ ଲାଗି ପଡିଥିଲେ । ସେଥିପାଇଁ ତାଙ୍କୁ ବହୁବାର କାରାବରଣ କରିବାକୁ ପଡିଥିଲା ।

ସମାଜସଂସ୍କାର କ୍ଷେତ୍ରରେ ମଧ୍ୟ ସେ ନୀଳକଣ୍ଠଙ୍କର ପ୍ରଧାନ ସହଚର ଥିଲେ ଓ ଶେଷପର୍ଯ୍ୟନ୍ତ ସେଥିରେ ଲାଗିଥିଲେ । ହରିଜନ ସେବା, ନାରୀ ଶିକ୍ଷା, ବିଧବା ବିବାହ ଓ ସମାଜରୁ ଅନ୍ୟାନ୍ୟ କୁସଂସ୍କାର ଲୋପ କରିବା ପ୍ରଭୃତି ସାମାଜିକ ପରିବର୍ତ୍ତନ ଆଣିବା ପାଇଁ ସେ ଆପ୍ରାଣ ଉଦ୍ୟମ କରୁଥିଲେ ।

୧୯୩୬ ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଢ଼ାହେଲା, କିନ୍ତୁ ବହୁତ ଓଡ଼ିଆଭୂମି ଅନ୍ୟ ପ୍ରଦେଶରେ ରହିଗଲା । ତାଙ୍କର ପ୍ରିୟ ସିଂହଭୂମି ଓ ଦକ୍ଷିଣର ତରଳା, ମଞ୍ଜୁଷା ଟିକାଲି ପ୍ରଭୃତି ଓଡ଼ିଶାରେ ମିଶି ପାରିଲା ନାହିଁ ।

ସେ ଅକ୍ଳାନ୍ତ ପରିଶ୍ରମ କରି କରି, ଖାଇବା, ପିଇବା ଓ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନନେଇ ବହୁମୂତ୍ର ରୋଗରେ ଅବଶ ହୋଇ ପଡିଥିଲେ । ରୋଗର ସୁଚିକିତ୍ସା କରିବାକୁ ତାଙ୍କର ସମ୍ବଳ ନଥିଲା । ସେ ରୋଗପାଇଁ ଔଷଧ ବି ବାହାରି ନଥିଲା । ସେହି ରୋଗ ଅବସ୍ଥାରେ ସେ ଓଡ଼ିଆ ଭାଷା ଭାଷି ଅଞ୍ଚଳର ଦୁରବସ୍ଥା ବିଷୟ ଚିନ୍ତାକରି ପୁରା ଭାଙ୍ଗି ପଡିଲେ । ଗୁରୁ ଗୋପବନ୍ଧୁଙ୍କ ପରି ନିରାଶ ହୃଦୟରେ ଅକାଳରେ ମାତ୍ର ଏକାବନ ବର୍ଷ ବୟସରେ ୧୯୩୭ ମସିହାରେ ଦେହ ତ୍ୟାଗ କଲେ ।

ଏ ଦେଶରେ ପୂଜ୍ୟ ପୂଜାର ଯେ ଅବସ୍ଥା ସେଥିରେ 'ସମାଜ' କାଗଜଟିଏ କରିଯାଇ ଥିବାରୁ ସେ କାଗଜର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଗୋପବନ୍ଧୁଙ୍କ ନାମ ପ୍ରଚାର ଲାଭ କଲା, ନହେଲେ ପ୍ରଚାରକ ଅନନ୍ତଙ୍କ ନାମ ପରି ସେ ନାମ ମଧ୍ୟ କାଳ ଗର୍ଭରେ କେଉଁଠି ଲୁଚି ଯାଇ ଥାଆନ୍ତା । ମୋ ପିଲା ଦିନେ ତାଙ୍କ ତିରୋଧାନ ପରେ ପରେ ଆମ ଗଡ଼ା ଆମ ଗ୍ରାମର ମୁମୁର୍ଷୁ ଅନନ୍ତ ପାଠାଗାରଟି ଛଡା ଓଡ଼ିଶାରେ ସେ ମହାନ ବ୍ୟକ୍ତିଙ୍କ ସ୍ମୃତି ପାଇଁ ଆଜି କିଛି ନାହିଁ । ଦେଶ ମିଶ୍ରଣ ନେତାଙ୍କ ଭିତରେ ତାଙ୍କ ନାମ ବି ସ୍ଥାନ ପାଉନାହିଁ ।

Digitized by srujanika@gmail.com

**ମୁରଲି ଭାଇନା:**—ସେ ଥିଲେ ଜଣେ ବେପରୁଆ ସାହସି କର୍ମୀ ଓ କର୍ତ୍ତବ୍ୟନିଷ୍ଠ ସେବକ । ସେ ଅବିବାହିତ । ପିଲାଦିନୁ ତାଙ୍କ ଗାଁ ନୂଆଗଡ଼ ଛାଡ଼ିଥିଲେ । ଆଜୀବନ ପୁରୀରେ ଏଠି ସେଠି ଯେଉଁଠାରେ ସୁବିଧା ବା ଆଶ୍ରା ମିଳେ ସେଠାରେ ରହି ଜନସେବାରେ ଲାଗିଥିଲେ ।

୧୯୩୦ ଲୁଣମରା ଆନ୍ଦୋଳନରେ ସତ୍ୟାଗ୍ରହ କରୁଥିଲାବେଳେ ଇଂରେଜ ସରକାରଙ୍କ ପୋଲିସର ଲାଠି ମାଡରେ ତାଙ୍କ ସମ୍ମୁଖଦାନ୍ତ ଭାଙ୍ଗିଥିଲା । ମହାତ୍ମା ଗାନ୍ଧି ତାଙ୍କୁ 'ମେରେ ଖୋପିଆ ଦୋଲିସ' ବୋଲି ଆଦର କରି ଡାକୁଥିଲେ । ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁବାର କାରାଗାର ଓ ନାନା ନିର୍ଯ୍ୟାତନା ଭୋଗ କରିଥିଲେ ।

ଯେ କୌଣସି ଜନ ସମାଗମ ଥିବା ଯାନଯାତ୍ରା ପ୍ରଭୃତିରେ ଜନସେବା କରିବାକୁ ନିଜ ଜୀବନକୁ ତୁଚ୍ଛ କରି ସେ ଶୃଙ୍ଖଳା ରକ୍ଷା ଓ ନିରୀ ସେବା କରିବାପାଇଁ ଆଗୁଆ ହୋଇ ବାହାରି ପଡୁଥିଲେ । ସେସବୁ ପାଇଁ ଏକ ସେବାଦଳ ଗଢି ସେ ସବୁବେଳେ ଜାଗ୍ରତ ଥିଲେ ।

ଜୀବନରେ ବହୁ ବିପଦ୍ ଭଳିଙ୍କ କଠୋର ନିଜର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ନଦେଇ ସେ ପୁରୀ ସହରର ହଜାର ହଜାର ଯାତ୍ରୀ ଓ ଅନ୍ୟ ରୋଗୀମାନଙ୍କ ସେବା କରି ଯାଇଛନ୍ତି । ଯେ କୌଣସି ଅସହାୟ ରୋଗୀ ତାଙ୍କୁ ମନେ ପକାଇବା ମାତ୍ରେ ସେ ତାର ନିକଟରେ ଯାଇ ପହଞ୍ଚି ଯାଆନ୍ତି । ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ନିସ୍ୱାର୍ଥ ଭାବରେ ସେ ଦୀନ ଓ ଦୁଃସ୍ଥଜନ ସେବାରେ ନିଜକୁ ନିୟୋଜିତ କରି ରଖିଥିଲେ ।

ସେ ତାଙ୍କ ଜୀବନ କାଳରେ ଯେତେଗୁଡ଼ିଏ ନିରାଶ୍ରିତ ଶବ ନିଜେ କାନ୍ଧେଇ କରି ନେଇ ସତ୍କାର କରିଛନ୍ତି, ପୃଥିବୀରେ ଅନ୍ୟ କେହି ତାହା କରି ନଥିବ କି ଏତେ ଗୁଡ଼ାଏ ଦୁସ୍ଥ ଲୋକଙ୍କୁ ଏକାଠିରେ ସାହାଯ୍ୟ କରି ସାନ୍ତ୍ୱନା ବାଣୀ ଶୁଣାଇ ନଥିବ ।

କର୍ମବୀର ମୁରଲି ଭାଇନା ଥିଲେ ପୁରୀର ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ । ଯେତେବେଳେ ଯେତେ ଅଳ୍ପ ସମୟ ପାଇଁ ପୁରୀର ଯେ କୌଣସି ସ୍ଥାନକୁ ଯାଇ ଫେରି ଆସିବାର ଥିଲେ ମଧ୍ୟ ତାଙ୍କ ସଂଗେ ଦେଖା ହେଉଥିଲା ।

Digitized by srujanika@gmail.com

ସେ ତାଙ୍କର ଅଦ୍ଭୁତ ଖଦଡ଼ ଜନାଇ ହାଣ୍ଡି ବା ଟୋପିଟି ମୁଣ୍ଡରେ ଲଗାଇ ଖଦଡ଼ ହାଫ୍ ପ୍ୟାଣ୍ଟ ଓ ହାଫ୍ ସାର୍ଟ ପିନ୍ଧି ପୁରୁଣା ସାଇକଲ ଖଣ୍ଡିକ ଧରି ପୁରା ସହରସାରା ଚକର ଦେଉଥାଆନ୍ତି । ରୋଗୀଙ୍କ ହାଲଚାଲ ବୁଝିବା ତାଙ୍କର ପ୍ରଧାନ କାମ ।

ସେ ନନାଙ୍କର ଜଣେ ଅତି ବିଶ୍ୱସ୍ତ ସେବାପରାୟଣ ସହକର୍ମୀ ଥିଲେ । ଭାରତ ସ୍ୱାଧୀନ ହେବାର ସେ ଦେଖିଲେ, କିନ୍ତୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା କିମ୍ବା ଅନ୍ୟ କୌଣସି ସାହାଯ୍ୟ ମିଳିବାର ପୂର୍ବରୁ ଅତି ଦୁଃସ୍ଥ ଭାବରେ ଏକାକୀ ରୋଗ ଶଯ୍ୟାରେ ପଡ଼ି ପଡ଼ି ସଂସାରରୁ ବିଦାୟ ନେଲେ ।

ଅନନ୍ତ, ମୁରାରିଙ୍କ ପରି ବହୁ ନିଃସ୍ୱାର୍ଥପର ଦେଶସେବକଙ୍କ ସହିତ ନନାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ପିଲାଦିନୁ ଓଡ଼ିଶାର ବହୁ ନେତା ଓ କର୍ମୀଙ୍କ ସହିତ ମୋର ପରିଚୟ ହୋଇଛି । ନନାଙ୍କ କଥା ଭାବିଲା ବେଳକୁ ସେମାନଙ୍କ କଥା ମନେ ପଡ଼ିବା ସ୍ୱାଭାବିକ । କୌଣସି ବ୍ୟକ୍ତି-ବିଶେଷଙ୍କୁ ଏକୁଟିଆ ନିରୀକ୍ଷଣ କରି ତାଙ୍କର ବ୍ୟକ୍ତିତ୍ୱକୁ କଳନା କରି ହୁଏ ନାହିଁ ।

ଜ୍ୱଳନ୍ତ ଅଗ୍ନି କେବଳ ଗୋଟିଏ ଅଗ୍ନିଶିଖା ନୁହେଁ । ଇନ୍ଧନ ବାୟୁ ପ୍ରଭୃତି ସହିତ ତାହାର ନିବିଡ଼ ସମ୍ବନ୍ଧ; ତେଣୁ ସେ ସବୁକୁ ବାଦ ଦେଇ ଅଗ୍ନିଶିଖାର ସ୍ଥିତି ବର୍ଣ୍ଣନା କରିବା ସମ୍ଭବ ନୁହେଁ ।

**ଅଭିଭାବକ ପିତା:**—ଆମ ସମାଜରେ ପିତାହିଁ ପ୍ରଧାନ ଅଭିଭାବକ । ସେ ପିଲାଟିର ଲାଳନ ପାଳନ ଠାରୁ ରୋଗ ବୈରାଗ୍ୟରେ ତତ୍ତ୍ୱନେବା, ଶିକ୍ଷାର ଭାରନେଇ ମଣିଷ କରିବା ପ୍ରଭୃତି ସମସ୍ତ ଦାୟିତ୍ୱ ବହନ କରନ୍ତି ।

ଆମ ଜେଜେ ବାପା ଆନନ୍ଦ ଦାସଙ୍କର ତତ୍ତ୍ୱ ବିଧାନ, ତ୍ୟାଗ-ସ୍ୱୀକାର ଓ କଠୋର ସାଧନାର ସାହାଯ୍ୟ ନେଇ ନନା ମଣିଷ ହୋଇଥିଲେ ବୋଲି ତାଙ୍କ ଆତ୍ମ ଜୀବନୀରେ ଲେଖିଯାଇଛନ୍ତି ।

Digitized by srujanika@gmail.com

ନନାଙ୍କର ପିତା କୁଳର ମାନ ରକ୍ଷାକାଶ୍ରେ ସୁପୁତ୍ର ପ୍ରାପ୍ତି ପାଇଁ ବାଲିଆ ନୀଳକଣ୍ଠ ମହାଦେବଙ୍କ ନିକଟରେ, ସସ୍ତ୍ରୀକ ଅଧିଆ ପଡ଼ି ପରିଣତ ବୟସ ବା ଅଠଚାଳିଶ ବର୍ଷରେ ନନାଙ୍କୁ ପାଇଥିଲେ । ପ୍ରଥମରୁ ତାଙ୍କୁ ଯୋଗ୍ୟକରି ଗଢ଼ିବାକୁ ଆଦର୍ଶ ଦେଖାଇବା ପାଇଁ ନିଜର ବହୁକାଳର ଭାଙ୍ଗ ନିଶା ଅଭ୍ୟାସକୁ ଜଳାଞ୍ଜଳିଦେଇ ଜୀବନର ଶେଷ ବା ବୟାନବେ ବର୍ଷ ପର୍ଯ୍ୟନ୍ତ କୌଣସି ନିଶା ଛୁଇଁ ନଥିଲେ । ଅନେକ ଦିନର ଅଭ୍ୟାସକୁ ଓ ନିଜର ସୁଖସମ୍ଭୋଗକୁ ପୁତ୍ରର ମଙ୍ଗଳ ଉଦ୍ଦେଶ୍ୟରେ ଏପରିଭାବରେ ବିଦାୟଦେବା କିଛି କମ୍ ତ୍ୟାଗ ନୁହେଁ ।

ଏହା କେତେକ ବାପାଙ୍କ ଭଳି ଜଣେ ସାଧାରଣ ଗୃହସ୍ଥ ପକ୍ଷରେ ସମ୍ଭବ ହୋଇଥିଲା । କିନ୍ତୁ ଆମ ନନାଙ୍କ ପରି ଦେଶ ମୁକ୍ତି ଯଜ୍ଞରେ ଜୀବନକୁ ଆହୁତି ଦେବାକୁ ପ୍ରସ୍ତୁତ ଥିବା ଜଣେ ନେତୃସ୍ଥାନୀୟ ସଂଗ୍ରାମୀ ବ୍ୟକ୍ତିଙ୍କ ପକ୍ଷରେ ନିଜ ପିଲାଙ୍କ ପାଇଁ ଭାବିବାକୁ ବେଳ ନଥିଲା । ତାଙ୍କ ପାଇଁ ନିଜ ପିଲାଙ୍କର ଯେପରି ତତ୍ତ୍ୱ ନେବା ଯେପରି ଅସମ୍ଭବ ଥିଲା, ତାଙ୍କ ସନ୍ତାନ ଭାବରେ ଆମମାନଙ୍କର ତାଙ୍କଠାରୁ ସେସବୁ ଆଶା କରିବା ମଧ୍ୟ ଦୁରୂହ ବ୍ୟାପାର ଥିଲା ।

ବିଦ୍ୟାଶିକ୍ଷା ଶେଷ କରିବା ସଙ୍ଗେ ସଙ୍ଗେ ଆମ ନନା, ଦେଶର ପିଲାଙ୍କୁ ମଣିଷ କରିବାପାଇଁ ବଳିଷ୍ଠ ଜାତି ଗଠନ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିଥିଲେ । ଫଳତ ତାଙ୍କ ନିଜ ପିଲାଙ୍କ କଥା ବୁଝିବାକୁ ତାଙ୍କୁ ଅବସର ମିଳିନଥିଲା । ତାପରେ ଆସିଲା ସ୍ୱାଧୀନତା ସଂଗ୍ରାମ ଯେଉଁଥିରେ ସେ ପୂର୍ଣ୍ଣପ୍ରାଣରେ ଝାସ ଦେଲେ ।

ଦେଶ ପାଇଁ ସମସ୍ତ ସ୍ୱାର୍ଥ ତ୍ୟାଗରେ ବ୍ରତୀ ହେଲାବେଳେ ନିଜକୁ ନିଜର ଧନ ସମ୍ପତ୍ତି, ପିଲାପିଲି ସବୁକୁ ସେ ଯଜ୍ଞରେ ଆହୁତି ଦେବାକୁ ହୁଏ । ନିଆଁକୁ ଡେଇଁଲାବେଳେ ଆଉ ପଛକୁ ଚାହିଁ ହୁଏ ନାହିଁ । ତେଣୁ ଆମେ ସବୁ ହୋଇପଡ଼ିଥିଲୁ ସେ ସ୍ୱାଧୀନତା ଯଜ୍ଞର ସମିଧ, ଆମ ଭିତରୁ କିଏ ଜଳିଗଲା କି ଆମପରି କିଏ ଜ୍ୱାଳରେ ନ ଜଳି ବଞ୍ଚିଗଲା ।

Digitized by srujanika@gmail.com

ଭାରତର ସ୍ୱାଧୀନତା ସଂଗ୍ରାମବେଳେ, ମହାତ୍ମାଗାନ୍ଧି, ରାଜଗୋପାଳାଚାରୀ, ବଲ୍ଲଭଭାଇ ପଟେଲ ପ୍ରଭୃତି କେହି ନିଜ ପିଲାଙ୍କୁ ବୁଝି ନଥିଲେ । ମୁଁ ଶୁଣିଛି ଗୋପବନ୍ଧୁଙ୍କର ମାତୃହୀନା କନ୍ୟା କଟକରେ ତାଙ୍କ ଶ୍ୱଶୁର ଘରେ ଥିବା ସମୟରେ ସେ ପୁରୀରୁ କଟକ ଆସିଥିଲେ କିନ୍ତୁ ଅନ୍ତଃସତ୍ତ୍ୱା ଝିଅଟିକୁ ଦେଖିବାକୁ ଯିବାକୁ ତାଙ୍କୁ ବେଳ ନଥିଲା । ତାଙ୍କର ବିଶ୍ୱସ୍ତ ଭୃତ୍ୟ ରାମା ଯାଇ ଦେଖିକରି ଆସିଥିଲା । ଗୋପବନ୍ଧୁ ପୁରୀ ଫେରିଯିବା ପରେ ରାମା ସନ୍ତର୍ପଣରେ ତାଙ୍କୁ କହିଲା 'ନାନୀଙ୍କର ପୁରୀ ମହାପ୍ରସାଦ ଖାଇବାକୁ ମନହେଉଛି ସେ ପଠାଇବାକୁ କହିଛନ୍ତି । ତାହା ଶୁଣି ଗୋପବନ୍ଧୁ ଉତ୍ତରଦେଲେ ତାର ସ୍ୱାମୀ କଅଣ ଅଯୋଗ୍ୟ ମୋତେ କାହିଁକି ବବ୍ରଦ ଦେଉଛି ।'

ମୋ ଉପରେ ଦୁଇଟି ଭଉଣୀ ଜନ୍ମ ହୋଇଥିଲେ, ନନା ଦେଶ କାର୍ଯ୍ୟରେ ବ୍ୟସ୍ତ ଥିଲାବେଳେ ୧୯୨୧ ରୁ ୨୪ ଭିତରେ ଖାଦ୍ୟ ଓ ଚିକିତ୍ସା ଅଭାବରେ ଦୁଇଟି ଯାକ ଅଳ୍ପ ବୟସରେ ଆରପୁରକୁ ଚାଲି ଯାଇଥିଲେ ।

ନନା ସମ୍ବଲପୁରରେ କଂଗ୍ରେସ ଆନ୍ଦୋଳନ, ଜାତୀୟ ସ୍କୁଲ ଓ 'ସେବା' ପତ୍ରିକା ପରିଚାଳନା କରୁଥିଲାବେଳେ ଦିନେ ଗୋଟିଏ ସଭାରେ ବକ୍ତୃତା ଦେବା ସମୟରେ ତାଙ୍କ ବଡ଼ ଝିଅଟିର ମୃତ୍ୟୁ ସମ୍ବାଦ ଶୁଣିଲେ । ଶୁଣିବା ପରେ ସେଥିପ୍ରତି ଗୁରୁତ୍ୱ ଦେଇ ନଥିଲେ, ତାଙ୍କ ଭାଷଣ ପୂର୍ବପରି ଚାଲିଥିଲା ।

ରାଜନୈତିକ ବନ୍ଦୀ ଭାବରେ ପୁରୀରୁ ହଜାରୀବାଗ ଜେଲକୁ ନିଆ ହେଲାବେଳେ ସତ୍ୟବାଦୀ ଷ୍ଟେସନରେ ଦ୍ୱିତୀୟ କନ୍ୟାର ମୃତ୍ୟୁ ସମ୍ବାଦ ପାଇଥିଲେ । ସେଥିରେ ମଧ୍ୟ ବିଚଳିତ ନହୋଇ 'ହରି' ବୋଲି କହି ଷ୍ଟେସନକୁ ଦେଖା କରି ଆସିଥିବା ବିପୁଳ ଜନତାଠାରୁ ବିଦାୟ ନେଇ ସଂଗ୍ରାମ ଚାଲୁରହୁ ବୋଲି ଜନତାକୁ ଉଦ୍‌ବୋଧନ ଦେବା ପରେ ଗାଡ଼ି ଛାଡ଼ି ଦେଇଥିଲା । ଗାଡ଼ି ଛାଡ଼ିବାପରେ ତାଙ୍କ ସଙ୍ଗେ ଜଗୁଆଳ ଭାବେ ଯାଉଥିବା ପୋଲିସ ଅଫିସରଙ୍କ ସଙ୍ଗେ ପୂର୍ବପରି ତାଙ୍କର କଥାବାର୍ତ୍ତା ଚାଲିଥିଲା । କନ୍ୟାର ମୃତ୍ୟୁ କଥା ସେ ଉଠାଇ

Digitized by srujanika@gmail.com

ନ ଥିଲେ । ସେଥିରେ ପୋଲିସ ଅଫିସର ଆଶ୍ଚର୍ଯ୍ୟ ହୋଇ ପରେ ଅନ୍ୟମାନଙ୍କୁ କହିଥିଲେ ।

ପିଲାଦିନେ ଆମ ଅବସ୍ଥାର ତତୋଽଧିକ ଥିଲା । ମେଲେରିଆ ଜ୍ୱରରେ ପ୍ଲିହାଯକୃତ ବୃଦ୍ଧି ନାଲି ଝାଡ଼ା ଖାଦ୍ୟାଭାବଜନିତ ରୋଗ ପ୍ରଭୃତି ହୋଇ ଆମେ କେଉଁଠି ଯେ କିପରି ଯମ ମୁହଁରୁ ବର୍ତ୍ତିଗଲୁ ତାହା ଆଶ୍ଚର୍ଯ୍ୟର କଥା ।

ସେ ଘରେ ଆସି ପହଞ୍ଚିଥିଲେ ଅବଶ୍ୟ ଆମର ତତ୍ତ୍ୱ ନେବାକୁ ଚେଷ୍ଟା କରୁଥିଲେ କିନ୍ତୁ ତାଙ୍କ ପତାପତି ବା ଭାବନା ବନ୍ଦ ହେଉନଥିଲା ।

ପ୍ରଥମ କନ୍ୟାର ମୃତ୍ୟୁ ପରେ ସେ ପ୍ରଥମ ଥରପାଇଁ ରାଜନୈତିକ ବନ୍ଦୀ ଭାବରେ କାରାବରଣ କରିଥିଲେ । କାରାଗାରରୁ ଫେରି ଘରକୁ ଆସିଲାବେଳକୁ ମୋ ବୋଉକୁ 'ବସନ୍ତ' ହୋଇଥିଲା । ମୋତେ ସେତେବେଳକୁ ପ୍ରାୟ ଦେଢ଼ବର୍ଷ । ମୁଁ ଖଣ୍ଡେଇ ଖଣ୍ଡେଇ କଥା କହିବା ଶିଖିଥିଲି ।

ମୋତେ ସମ୍ଭାଳିବା ଭାର ତାଙ୍କ ଉପରେ ପଡ଼ିଲା ସେ ମୋତେ ପାଖରେ ରଖିଲେ । ସେତେବେଳେ କାବୁଲିବାଲାମାନେ ଗାଁକୁ କିସମିସ୍ ଖଜୁରୀ ପ୍ରଭୃତି ଶୁଖିଲା ଫଳ ବିକି ଆସନ୍ତି । ସେ କିଛି କିସମିସ୍ କିଣି ପାଖରେ ରଖିଥାଆନ୍ତି । ମୋତେ ଭୁଲାଇବାକୁ ପାଖରେ ବସାଇ ମଝିରେ ମଝିରେ କିସମିସ୍ ଟିଏ ମୋ ହାତକୁ ବଢ଼ାଇ ଦେଇ ମୋର ଗଣ୍ଡଗୋଳରୁ ପରିତ୍ରାପାଇ ତାଙ୍କ ପଢ଼ାଲେଖାରେ ଲାଗିଥାଆନ୍ତି । ମୁଁ କିନ୍ତୁ ଗୋଟିକିଆ କିସ୍‌ମିସ୍‌ରେ ସନ୍ତୁଷ୍ଟ ନହୋଇ ତାଙ୍କ କିସ୍‌ମିସ୍ ପୁଡ଼ିଆକୁ ଲକ୍ଷ୍ୟ କରୁଥାଏ ।

ମୁଁ କେଉଁଠି ଆଉ ସମ୍ଭାଳି ନପାରି ତାଙ୍କୁ ଖଣ୍ଡେଇ ଖଣ୍ଡେଇ କହିଲି ନନା ତୁମେ ଅଜା କି, ମୁଁ ବଅଙ୍କ ଛନ୍ଦ (ଷଣ୍ଢ) । ଅଜା ଛନ୍ଦ ଆଗଲେ ଲୁଲଲେ ଲୁହା ଅଜାହ ହେଲା ପଲି ତୁମେ କାହିଁକି ଖିଟ୍ଟିମିଟ୍ଟି ଚକ ଲଖିବଅ କି ମୁଁ ଛନ୍ଦ ପଲି ଗାଈଁ ଗାଈଁ କଲି କାଇଦେବି ।

Digitized by srujanika@gmail.com

ଅଜା ସବୁଦିନ ମହାଦେବଙ୍କ ଷଣ୍ଢକୁ କୂଳରେ ଗୁଡ଼ଳ କୁଣ୍ଡା ପ୍ରଭୃତି ଖାଇବାକୁ ଦେବାର ମୁଁ ଦେଖିଥିଲି । ମୋର ସେ ପ୍ରସ୍ତାବରେ ନନା ସମ୍ପୂର୍ଣ୍ଣ ରାଜି ହୋଇଥିଲେ କି ନାହିଁ ବା କଅଣ କହିଥିଲେ ମୁଁ ସେ କଥା ଜାଣେ ନାହିଁ, କିନ୍ତୁ ବହୁକାଳ ପର୍ଯ୍ୟନ୍ତ ମୋତେ ଷଣ୍ଢ ଅପବାଦ ସହିବାକୁ ପଡିଥିଲା । ଏସବୁ ଦୃଷ୍ଟିରୁ ଆମଘର ମୋର ପିଲାଦିନ ଅବସ୍ଥା ଓ ନନାଙ୍କ ସଙ୍ଗେ ସମ୍ପର୍କ ପ୍ରଭୃତି ମୁଁ ପରଅଧ୍ୟାୟରେ ସୂଚାଇ ଦେଉଛି ।

Digitized by srujanika@gmail.com

# ଆମ ଘର କଥା

( ଦୁଇ )

**ଆମ ଘରର ଆର୍ଥିକ ସ୍ଥିତି :—** ବ୍ରାହ୍ମଣ ପଣ୍ଡିତମାନଙ୍କୁ ଦୂର-ଦୂରାନ୍ତରରୁ ଆଣି ରାଜାମାନେ ଶାସନ ଗ୍ରାମ ସବୁ ବସାଉଥିଲେ । ସେହି ପଣ୍ଡିତମାନଙ୍କର ପ୍ରତିନିଧିମାନେ ଓଡ଼ିଶାର ଗଜପତିଙ୍କୁ ଧର୍ମଶାସନ ବିଷୟରେ ପରାମର୍ଶ ଦେଉଥିଲେ । ବ୍ରାହ୍ମଣମାନେ ସାଧାରଣ ଭାବରେ ଉଦର ପୋଷଣ କରି ନିଶ୍ଚିନ୍ତ ଭାବରେ ବିଦ୍ୟାଚର୍ଚ୍ଚା କରିବାର ବ୍ୟବସ୍ଥା ହୋଇଥିଲା । ତେଣୁ ସେମାନଙ୍କର ଉଦର-ଚିନ୍ତା ନଥିଲା ।

ଆମ ଗ୍ରାମ ଶ୍ରୀରାମଚନ୍ଦ୍ରପୁର ଶାସନଟି ଭୋଇବଂଶର ପ୍ରଥମ ରାମଚନ୍ଦ୍ର ଦେବ ୧୫୫୩ ଖ୍ରୀଷ୍ଟାବ୍ଦରେ ବସାଇ ଶ୍ରୀରାମଚନ୍ଦ୍ରପୁର ମୌଜା ସୃଷ୍ଟି କରିଥିଲେ । ସେ ମୌଜାରେ ଗୋଟିଏ ବ୍ରାହ୍ମଣ ଗ୍ରାମ, ଚଉଦଟି କୃଷୀଗ୍ରାମ, ଗୋଟିଏ ବୈଶ୍ୟ ଗ୍ରାମ ଓ ଗୋଟିଏ ମଣିଗ୍ରାମ ବା କରଣ ଗ୍ରାମଛଡ଼ା ଗୁଡ଼ିଏ କ୍ଷୁଦ୍ରଗ୍ରାମ ବସାଇଥିଲେ ଓ ସେମାନେ ନିଜନିଜକୁ ସାହାଯ୍ୟ କରିପାରିଲା ଭଳି ସେମାନଙ୍କ ପାଇଁ ରାଜା ନିଷ୍କର ଜମି ସବୁ ଛାଡ଼ି ଦେଇଥିଲେ ।

ଇଂରେଜ ଅମଳରେ ସେ ସବୁ ଜମି ଉପରେ କର ଧାର୍ଯ୍ୟ କରାଯିବାରୁ ଓ ଲୋକମାନେ କର ଦେବାରେ ଅନଭ୍ୟସ୍ତ ଥିବାରୁ ଜମିସବୁ କଲିକତାରେ ନିଲାମ ହୋଇଯାଉଥିଲା । ଶ୍ରୀରାମଚନ୍ଦ୍ରପୁରର ନନାଙ୍କ ଜେଜେବାପା ଶ୍ରୀ ବନମାଳି ଦାସ ନାମକ ଜଣେ ଉଦ୍ୟମମାନ ଯୁବକ ଗୋଟିଏ ସଂଘ ଗଢ଼ି ନିଜେ ସରକାରଙ୍କଠାରୁ ତହସିଲଦାରୀ ନେଇ ନିଜ ଜମି ବନ୍ଧାଦେଇ ଠିକ୍ ସମୟରେ ଲୋକଙ୍କ ଖଜଣା ସରକାରରେ ପଇଠ କରି ଲୋକଙ୍କ ଜମି ସବୁ ରକ୍ଷା କରୁଥିଲେ । ପରେ ଲୋକମାନଙ୍କଠାରୁ କର ଆଦାୟ କରି ନିଜ ଜମି ମୁକୁଳାଇ ଆଣୁଥିଲେ ।

Digitized by srujanika@gmail.com

ଆମ ନନାଙ୍କ ନନା ବା ଆମ ଜେଜେବାପାଙ୍କୁ ଯେତେବେଳେ ମାତ୍ର ୪-୫ ବର୍ଷ ବୟସ ସେତେବେଳେ ଜନସେବୀ ବନମାଳୀ ବାପଙ୍କର ହଠାତ୍ ମାତ୍ର ଅଠେଇଶ ବର୍ଷ ବୟସରେ ହଇଜାରେ ଦେହାନ୍ତ ହୋଇଗଲା । ତାଙ୍କର ମୃତ୍ୟୁ ପରେ କରଜ ସୁଝା ହୋଇ ନପାରି ସମସ୍ତ ଜମିବାଡ଼ି ବୁଡ଼ିଗଲା । ସେଥିରେ ତାଙ୍କ ସାଥୀମାନେ ମର୍ମାହତ ହେଲେ କିନ୍ତୁ ବିଶେଷ କିଛି ସାହାଯ୍ୟ କରିପାରିଲେ ନାହିଁ ।

ବନମାଳୀଙ୍କର ମଧ୍ୟବିତ୍ତ ପରିବାର ଆଗରୁ ଖୁବ୍ ଭଲରେ ଚଳୁଥିଲେ । ପ୍ରତିଦିନ ବଡ଼ ବଡ଼ ମାଛ ଖାଇବା ଓ ଅନ୍ୟମାନଙ୍କୁ ଖୁଆଇବା ସେ ଘରର ଚଳଣି ଥିଲା । ବନମାଳୀଙ୍କ ଶୁଦ୍ଧକ୍ରିୟା ସରିବା ପରେ ତାଙ୍କର ଜଣେ ଘନିଷ୍ଠ ସହକର୍ମୀ ଗୋଟିଏ ବଡ଼ ମାଛ ଆଣି ତାଙ୍କର ଦୁଇଟି ଶିଶୁପୁତ୍ର ଆନନ୍ଦ ଓ ଜଗନ୍ନାଥଙ୍କ ଆଗରେ ଥୋଇଦେଇ ଛଳ ଛଳ ଆଖିରେ କହିଲେ 'ପିଲେ ଏଇ ଗୋଟାକ ଏବେ ଖାଇଥାଅ ପରେ ନିଜେ ପାରିଲେ ଖାଇବ ।"

**ଜେଜେ ବାପା ଓ ବୁଢ଼ୀ ମା**—ଜେଜେବାପାଙ୍କ ବିଶୋରୀ ମାତା ଶାରୀରିକ ପରିଶ୍ରମ କରି ପେଜ ପାଣି ଖୁଆଇ ବଡ଼ କଷ୍ଟରେ ପୁଅ ଦୁଇଟିଙ୍କୁ ବଞ୍ଚାଇ ରଖିଲେ । ଆମ ଜେଜେବାପା ଆନନ୍ଦ ଦାସ ପାରିଲା ପରେ ଯାହା ଥିଲା ଜମିଚାଷକରି ଘର ସମ୍ଭାଳିଲେ । କିଛି ଜମିବାଡ଼ି ମଧ୍ୟ କଲେ । ବ୍ରାହ୍ମଣ ହୋଇ ପାଠ ନପଢ଼ି ଚାଷ କରୁଥିବାରୁ ଅନ୍ୟ ପଣ୍ଡିତମାନେ ତାଙ୍କୁ ତାଚ୍ଛଲ୍ୟ କରୁଥିଲେ ।

ଉଚ୍ଚଶିକ୍ଷାର ସୁବିଧା ନ ପାଇଥିଲେ ମଧ୍ୟ ସେ ସାଧାରଣ ଲେଖାପଢ଼ାରେ ଧୁରନ୍ଧର ଥିଲେ । ଗାଁ । ଗଣ୍ଡାର ନ୍ୟାୟ ନିଶାପଟେର ବିଗ୍ରହପତି ଭାବରେ କଳି ଛିଣ୍ଡାଇବାକୁ ତାଙ୍କୁ ଲୋକେ ଡାକୁଥିଲେ । ବିଦ୍ୟାପ୍ରତି ତାଙ୍କର ଅତି ଆଗ୍ରହ ଥିଲା ପୁଅଟିଏ ହେଲେ ତାକୁ ପାଠ ପଢ଼ାଇ ଜଣେ ଯୋଗ୍ୟବ୍ୟକ୍ତି କରାଇବା ପାଇଁ ତାଙ୍କର ପ୍ରବଳ ଇଚ୍ଛାଥିଲେ ମଧ୍ୟ ବୃଦ୍ଧାବସ୍ଥା ପାଖେଇ ଆସିବା ପର୍ଯ୍ୟନ୍ତ ସେ, ସେ ବିଷୟରେ ନିରାଶ ହୋଇଥିଲେ ।

ଆମ ଜେଜେମା ଅମ ଗ୍ରାମର ଜଣେ ଥିଲାବାଲା ଘରର ଝିଅ । ସେ ତାଙ୍କ ପିତାମାତାଙ୍କର ଏକମାତ୍ର ସନ୍ତାନ ତେଣୁ ବିବାହବେଳେ

Digitized by srujanika@gmail.com

ସାଙ୍ଗରେ କିଛି ଜମିବାଡ଼ି ଯୌତୁକ ଆଣିଥିଲେ । ତାଙ୍କର ପ୍ରଖର ବୈଷୟିକ ବୁଦ୍ଧି ଥିବାରୁ ସେ ନିଜେ ନଡ଼ିଆ ବ୍ୟବସାୟ ପ୍ରଭୃତିକରି କେତେଗୁଡ଼ିଏ ଜମିମଧ୍ୟ କିଣିଥିଲେ । କିନ୍ତୁ ପୋଷିଆ ଘରଟାରୁ ଭାଗବାଣ୍ଟ କରି ଜମିବାଡ଼ି ଆଣିଲେ ବାପଘରର ସ୍ନେହ ସୌହାର୍ଦ୍ଦ୍ୟ କମିଯିବ ବୋଲି ସେ ପୈତୃକ ସମ୍ପତ୍ତି ଦାବି କରି ନଥିଲେ ।

ତାଙ୍କ ନନାଙ୍କ ଅଠଚାଳିଶ ବର୍ଷ ବେଳେ ଆମ ନନା ଜନ୍ମ ହୋଇଥିଲେ । ନନାଙ୍କ ପିଲାଦିନକୁ ସେମାନେ ଖାଇପିଇ କୌଣସି ମତେ ଚଳିଯିବା ପରି ତାଙ୍କର ସମ୍ପତ୍ତି ଥିଲା । କିନ୍ତୁ ତାଂକ ପାଠ ପଢ଼ାରେ ସାହାଯ୍ୟ କରି ପାରିଲା ଭଳି ଘରର ସ୍ୱଚ୍ଛଳ ଅବସ୍ଥା ନ ଥିଲା । ନନା ମେଧାବୀ ଛାତ୍ର ହୋଇଥିବାରୁ ଛାତ୍ର ବୃତ୍ତିପାଇ ନିଜ ପଢ଼ାପଢ଼ିର ଖର୍ଚ୍ଚ ଚଳାଇ ନେଇଥିଲେ ।

ନନା ତାଙ୍କ ପାଠପଢ଼ା ବା ଏମ୍. ଏ. ପାଶପରେ ଦେଶସେବା ପ୍ରତିଜ୍ଞା ନେଇ ଚାକିରୀବାକିରୀ ନକରି ସତ୍ୟବାଦୀ ସ୍କୁଲ, ଦେଶସେବା ଓ ସମାଜ ସଂସ୍କାର ପ୍ରଭୃତିରେ ପୂର୍ଣ୍ଣ ପ୍ରାଣରେ ଲାଗିଲେ । କୁଳରକ୍ଷା ପାଇଁ ତାଙ୍କ ନନା ତାଙ୍କୁ ଜବରଦସ୍ତି ବିବାହ କରାଇଥିଲେ । ତାପରେ ଘର ଖର୍ଚ୍ଚ ବଢ଼ିଲା ।

ଘର ଖର୍ଚ୍ଚ ମେଣ୍ଟାଇବାକୁ ଓ ଭବିଷ୍ୟତରେ ତାଙ୍କ ଦେଶ କାର୍ଯ୍ୟରେ ବାଧା ନ ପଡ଼ିବାପାଇଁ ପିଲାପିଲି ଓ ବୃଦ୍ଧ ପିତାମାତାଙ୍କ ଭରଣ ପୋଷଣରେ ବ୍ୟବସ୍ଥାରୂପେ ସେ ଗୋପବନ୍ଧୁଙ୍କ କିଛି ଟଙ୍କା କରଜ କରି ଗୋଟିଏ ଚନ୍ଦ୍ରଗୋଲିଆ ନାଲିମ ଜମି ଖୁବ୍ ଶସ୍ତାରେ କିଣି ପକାଇଲେ ।

ସେହି ଜମିରୁ ବହୁତ ମାଲିମୋକଦ୍ଦମା ସୃଷ୍ଟି ହୋଇଥିଲା ସେ ସବୁ ବୁଝିବା ପାଇଁ ସେ ଗ୍ରାମର କେତେକ ବିଶ୍ୱସ୍ତ ଲୋକଙ୍କୁ ଭାର ଦେଇ ନିଶ୍ଚିନ୍ତ ଥିଲେ । ସେହି ଜମିର ଆୟରେ ମାଲିମୋକଦ୍ଦମା ଖର୍ଚ୍ଚ, କରଜ ସୁଝା ହେବାରେ ଆମମାନଙ୍କର ଭରଣପୋଷଣ ମଧ୍ୟ କଷ୍ଟେମଷ୍ଟେ ଚଳୁଥିଲା ।

Digitized by srujanika@gmail.com

ଦେଶ ସେବାରେ ଲାଗିରହି ନନାଙ୍କର ସ୍ଥାୟୀ ରୋଜଗାରର ପନ୍ଥା ନଥିଲେ ମଧ୍ୟ ଦେଶୀ ବିଦେଶୀ ପତ୍ରପତ୍ରିକାମାନଙ୍କୁ ଉଚ୍ଚ ଶ୍ରେଣୀୟ ସନ୍ଦର୍ଭ ସବୁ ପଠାଇ ଓ ପୁସ୍ତକ ପ୍ରଣୟନ କରି ସେ ସବୁରୁ କିଛି ପଇସା ପାଉଥିଲେ । ଅତି ଅଭାବ ବା ଦରକାରବେଳେ ବରାଦ ଅନୁସାରେ ରାଜ ରାଜୁଡ଼ାଙ୍କ ପାଇଁ ସେମାନଙ୍କ ନାମରେ ଛପା ହେବାକୁ ବହି ଲେଖିଲେ ତାଙ୍କୁ କିଛି ପଇସା ମିଳୁଥିଲା । ସୋନପୁର ରାଜାଙ୍କ ନାମରେ ପ୍ରକାଶିତ ନୈଷଧୀୟ ଚରିତ କାବ୍ୟର ବାଇଶିଟି ସର୍ଗ ଓଡ଼ିଆରେ ଲେଖିବା ପାଇଁ ସେ ଅଠରଶହ ଟଙ୍କା ପାଇଥିଲେ ।

ଜେଜେବାପାଙ୍କର ନନାଙ୍କୁ ବଡ଼ ପଣ୍ଡିତ ଓ ବଡ଼ ମଣିଷ କରି ଗଢ଼ିବାର ଯେପରି ପିପାସା ଥିଲା, ସେ ପିଲାଦିନୁ ଆର୍ଥିକ ଅନାଟନ ଭିତରେ ଗତି କରିଥିବାରୁ ତାଙ୍କୁ ଭଲରେ ରଖିବା ପାଇଁ ନନାଙ୍କର ସେପରି ଉଦ୍ୟମ ଥିଲା । ସବୁ ବାଧା ବିଘ୍ନ ସତ୍ତ୍ୱେ ପିତାଙ୍କର ଇଚ୍ଛା ପୂରଣ କରିବାକୁ ସେ ଗୁରୁତ୍ୱ ଦେଉଥିଲେ ।

ଅତି ବୃଦ୍ଧ ଅବସ୍ଥାରେ, 'କୋଠାଘରେ ଶୋଇ ମରନ୍ତି' ବୋଲି ତାଙ୍କର ପିତା ଇଚ୍ଛା ପ୍ରକାଶ କରିବାକୁ ୧୯୨୦/୨୧ରେ କଲିକତାରେ ଅଧ୍ୟାପକ ଥିବାବେଳେ ନନା ତାଙ୍କ ପିତାଙ୍କ ପାଇଁ ଇଟା ଚୂନ ଓ କଡ଼ି ବର୍ଗା ଲଗାଇ ଏକୋଇଶ ଶହ ଟଙ୍କାରେ ଟାଁ ମାଟିଘର ଭାଙ୍ଗି ତା ଉପରେ ଗୋଟିଏ କୋଠାଘର ତିଆରି କରାଇଦେଇଥିଲେ । ତାଙ୍କର ପିତା ସେଥିରେ ସାତ ଆଠ ବର୍ଷ କଟାଇ ଅଶ୍ୱସ୍ତିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ସେହିଘର ସମ୍ପୂର୍ଣ୍ଣ ହେବା ବର୍ଷ ୧୯୨୧ ଫେବୃୟାରୀ ସରସ୍ୱତୀ ପୂଜା ଦିନ ମୁଁ ଜନ୍ମ ହୋଇଥିଲି । ସେହି ବର୍ଷ ନନା ପ୍ରଥମ କରି କାରା-ବରଣ କଲେ । ମୋତେ ଦେଢ଼ ବର୍ଷ ହେଲାବେଳକୁ ବୁଢ଼ୀ ମା' ସଂସାରରୁ ଚାଲିଗଲେ । ଆମର ଘରର ଆର୍ଥିକ ଅବସ୍ଥା ଖରାପ ଆଡ଼କୁ ଗତିକଲା ।

## ନନାଙ୍କ ଭୋଜ :

ଆଗେ ବ୍ରାହ୍ମଣ ଓ ଉଚ୍ଚ ଜାତିର ଲୋକମାନେ ଧନ ସମ୍ପତ୍ତି ପ୍ରତି ବିତସ୍ପୃହ ଥିଲେ । ସମାଜରେ ଧନୀ ସାହୁକାରମାନଙ୍କୁ ଉଚ୍ଚ ସ୍ଥାନ

Digitized by srujanika@gmail.com

ବିଶ୍ୱାସ ନ ଥିଲା । ଟଙ୍କା ପଇସାଥିବା ଲୋକଙ୍କୁ ଲୋକେ ଟେକି ମହାଜନଟାଏ କହି ତାଚ୍ଛଲ୍ୟ କରୁଥିଲେ ଓ ସେପରି ଲୋକର ମୁହଁ ଦେଖିଲେ ଯାହା ଅଶୁଭ ହେବ, ଓ ସେ ପ୍ରକାର ଅନିଷ୍ଟ ଦର୍ଶନ ଯୋଗୁ ସେଦିନ ଖାଇବାକୁ ମିଳିବ ନାହିଁ ବୋଲି ଲୋକେ ଭାବୁଥିଲେ ।

ପ୍ରତ୍ୟେକଦିନ କେବଳ ଭଲ ଖାଇବାଟାଏ ଜୁଟିଗଲେ ପଣ୍ଡିତମାନେ ଖୁସି ହେଉଥିଲେ । ରାଜଦରବାରରେ ଶାସ୍ତ୍ର ଚର୍ଚ୍ଚା ପରେ ରାଜା ଦକ୍ଷିଣା ଯାଚିଲାବେଳକୁ ପଣ୍ଡିତ ଶ୍ଳୋକ ବୋଲୁଥିଲେ, 'ଭୋଜନଂ ଦେହି ରାଜେନ୍ଦ୍ର, ଘୃତ ସୂପ ସମନ୍ୱିତଂ ।' ଅର୍ଥାତ୍ ବକ୍ରେ ମାତ୍ର ଭୋଜନର ସାମଗ୍ରୀ ପାଇଁ ଅନୁରୋଧ କରୁଥିଲେ, ପରଦିନକୁ ସଞ୍ଚି ରଖିବାପାଇଁ ବି କିଛି ମାଗୁ ନ ଥିଲେ ।

ସେହି ସଂସ୍କୃତି ଓ ପରମ୍ପରାରେ ସେକାଳ ଲୋକେ ବଢ଼ିଥିଲେ ଜମିବାଡ଼ି ଓ ଘରର ଆସବାବ ପତ୍ରକୁ ଅନ୍ନ ଯୋଗାଡ଼ ପଣ୍ୟ ଦ୍ରବ୍ୟ ପରି ମନେ କରୁଥିଲେ ।

ନନା ଥରେ କାରାଗାରରୁ ଫେରି ଟାଉରେ ଆମ ଦାଣ୍ଡ ଦୁଆରେ ବସିଥିଲେ । ସମାଜ କାଗଜର ହକର ଓ କମ୍ପୋଜିଟର ଶ୍ରୀ ଫକୀର ଭଉଣୀ ଆମ ଦାଣ୍ଡ ବାଟେ ଯାଉଥିଲେ । ସେ ଗରିବ ହେଲେ ମଧ୍ୟ ପେଟ କାଟି ଲୁଚି କିଛି ଟଙ୍କା ରଖିଥିବାର ଲୋକେ କୁହାକୁହି ହୁଅନ୍ତି ।

ନନା ଫକୀର ଭଉଣୀଙ୍କୁ ଡାକି କହିଲେ, 'ହଇଓ ତୁମର କିଛି ପଇସା ହେଲାଣି ବୋଲି ଶୁଣୁଚି, ଧରି ବସିଛ କାହିଁକି ? କିଛି ଜମି ବାଡ଼ି କିଣୁ ନାହିଁ ।' ସେ ଉତ୍ତର ଦେଲେ ଆଜ୍ଞା ମୋ ପାଖରେ କେତେ ବା ପଇସା ଅଛି ସେଥିରେ କି ଜମି ବାଡ଼ି କିଣିହେବ ।'

ନନା ତାଙ୍କୁ କହିଲେ 'ତମ ଘର ପାଖରେ ତ ମୋର ଖଣ୍ଡିଏ ଜମି ଅଛି ତୁମେ ତାକୁ କିଣ ।' ସେ ଉତ୍ତର ଦେଲେ ଆପଣଙ୍କ ଜମିର ବହୁତ ଦାମ୍ ହେବ । ମୁଁ ଆପଣଙ୍କୁ ଲୁଚାଇବି କାହିଁକି ସିଏ ଯାହା କହନ୍ତୁ ମୋ ପାଖରେ ମୋଟେ ଦୁଇଶହ ପଚାଶଟି ଟଙ୍କା ଅଛି, ଆପଣଙ୍କ ଜମିକୁ ମୋ ହାତ ପାଇବ ନାହିଁ ।'

Digitized by srujanika@gmail.com

ନନା ସେହ୍ବ ଦୁଇ ଶହପଚସ୍ତରିଟଙ୍କା ଗ୍ରହଣକରି ହଜାରରୁ ଊର୍ଦ୍ଧ୍ୱ ଜମିଟିକୁ ତାଙ୍କୁ ପୁଣିରେ କବଲା କରି ଦେଇ ବଡ଼ ବଡ଼ ମାଛ ଓ ପରିବା ପତ୍ର ଧରି ଘରକୁ ଫେରିଲେ। ସେଦିନ ଆମ ଘରେ ଭୋଜି ହେଲା, ସେଦିନ ଗ୍ରାମର କେତେକ ଲୋକ ଡକା ହୋଇ ଆସି ନଈ ଭୋଜନରେ ଯୋଗ-ଦେଲେ। ନନାଙ୍କର ଖାଇବା ଓ ଖୁଆଇବାରେ ଆନନ୍ଦ। ତାଙ୍କୁ ଏକୁଟିଆ ବସି ଖାଇବାକୁ ଭଲ ଲାଗେ ନାହିଁ। ଅନ୍ୟମାନେ ତାଙ୍କ ସାଙ୍ଗରେ ବସି ଗପ କରି ହସ ଖୁସିରେ ଖାଇଲେ ସେ ତୃପ୍ତି ଅନୁଭବ କରନ୍ତି। କୌଣସି କୃପଣ ଲୋକର ନାମ ଭୁଲରେ ଧରିଦେଲେ ଲୋକେ ସଙ୍ଗେ ସଙ୍ଗେ ନନାଙ୍କ ନାମ ସାତ ଥର ଉଚ୍ଚାରଣ କରି ସେ ପାପର ପ୍ରାୟଶ୍ଚିତ କରନ୍ତି।

ସେ ସେପରି ଭାବରେ ଜମି ବିକି ଦେବାରେ ମୋ ବୋଉ ଆପତ୍ତି କରି କହିଲା 'ଜମିଗୁଡ଼ାକ ଏପରି ନଅ ଛଅ କରି ବିକି ଦେଉଛ, ସେ ତାର ଉତ୍ତରରେ କହିଲେ ଦରକାରବେଳେ ତ ବିକିବା ନାହିଁ ତେବେ ଜମି କାହିଁକି ଅଛି। ମୋର ଗୁକଣ ଅଛି ନା ପେନସନ୍ ମିଳୁଛି, କି ମୁଁ ଇନସୁରାନସ୍ କରିଛି ? ଏଇ ଜମିତ ସବୁ। ତାକୁ ନ ବିକି କଣ ଉପାସରେ ନ ଖାଇ ମରିବା। ପୁଣି ଟଙ୍କା ମିଳିଲେ ମୁଁ ତୁମକୁ ଦେବ ତୁମେ ଆଉ ଜମି କିଣି ତୁମର କ୍ଷତିପୂରଣ କରିଦେବ ଏବେ ମନକୁ ଖୁସି ରଖ।'

## ମାଛଖିଆ :

ତ କର ମାଛଖିଆ କଥାଟା ଓଡ଼ିଶାରେ ଜଣାଶୁଣା ହୋଇ ଯାଇ-ଥିଲା। ପାନ ବଟୁଆଟା ଓଡ଼ିଆଙ୍କର ଗୋଟାଏ ସନ୍ତକ ପରି ସେ ଓଡ଼ିଆଙ୍କ ମାଛଖିଆକୁ ଗୋଟିଏ ପ୍ରଧାନ ସନ୍ତକ ବୋଲି ଭାବୁଥିଲେ।

ମହାତ୍ମା ଗାନ୍ଧି ପ୍ରଥମ ଥର ଓଡ଼ିଶା ଆସିବାବେଳେ ଗୋପବନ୍ଧୁ ଓ ନନା ପ୍ରଭୃତି ତାଙ୍କ ଗହଣରେ ଗୋଟିଏ ସ୍ଥାନରେ ସଭା କରିବାକୁ ଯାଉଥିଲେ। ବାଟରେ ପଞ୍ଚାଏ ଲୋକ ଫୋଡ଼ୁଅ ଧରି ଖାଡ଼-ଟାଏ ଖୋଳି କରି ମାଛ ଧରୁଥିବାର ସେମାନେ ଦେଖିଲେ।

ଗାନ୍ଧିଙ୍କ ଜାତି ପୁଣି ନିରାମିଷାଶୀ ସେ ମଧ୍ୟ ଅହିଂସାଧର୍ମୀ। ଓଡ଼ିଶାରେ ମାଛଧରା ଦେଖି ସେ ବଡ଼ ମର୍ମାହତ ହେଲେ। ସଭାରେ

Digitized by srujanika@gmail.com

ବକ୍ତୃତା ଦେଲାବେଳେ ସେ ମାଛଖିଆ ପ୍ରସଙ୍ଗ ଉତ୍ଥାପନକରି କହିଲେ 'ଜୀବହତ୍ୟା ମହାପାପ, ମାଛକୁ ଖାଇବାପାଇଁ ହତ୍ୟା କରିବା ଉଚିତ୍ ନୁହେଁ ।'

ତାଙ୍କ କଥା ଶୁଣି ଗୋପବନ୍ଧୁ ତାଙ୍କୁ ପଚାରିଲେ ଏଠାରେ ଲୋକେ ମାଛ ନ ଖାଇଲେ ଆଉ କ'ଣ ପୁଷ୍ଟିକର ଖାଦ୍ୟ ଖାଇବେ ? ଗାନ୍ଧି ଉତ୍ତର ଦେଲେ 'ଦୁଧ ଖାଆନ୍ତୁ ଛେନା ଖାଆନ୍ତୁ ଘିଅ ଖାଆନ୍ତୁ ।' ଗୋପବନ୍ଧୁ ଗମ୍ଭୀର ହୋଇ କହିଲେ ଗାନ୍ଧି ତୁମେ ଧନୀ ରାଜ୍ୟରୁ ଆସିଛ ତୁମେ ଏ ରାଜ୍ୟକୁ ଜାଣି ନାହଁ ଏ ଗରିବ ରାଜ୍ୟରେ ଲୋକେ ପଖାଳ ମୁଠାଏ ତାମ୍ବଡ଼ା ଶୁଖୁଆ ଖଣ୍ଡେବ ଖାଇବାକୁ ପାଉନାହାନ୍ତି । ଦୁଧ ଘିଅ କେଉଁଠୁ ପାଇବେ । ସେ କଥାରେ ଗାନ୍ଧି ଆଶ୍ଚର୍ଯ୍ୟ ହୋଇ ସେଦିନଠାରୁ ଓଡ଼ିଶା ଭାରତର ସବୁଠାରୁ ଅବହେଳିତ ଓ ଦରିଦ୍ର ଅଞ୍ଚଳ ବୋଲି ଜାଣିପାରିଲେ ।

ପରେ ଗାନ୍ଧିଙ୍କୁ ଖୁସି କରିବାକୁ ତାଙ୍କ ଓଡ଼ିଶା ଗସ୍ତବେଳେ ଅନ୍ୟ କେତେକ ଓଡ଼ିଆ ନେତା ଗାନ୍ଧି ଆଶ୍ରମମାନଙ୍କରେ ନିରାମିଷ ଭୋଜନ କରି ଘରେ ଆସି ମାଛ ଖାଉଥିଲେ କିନ୍ତୁ ଗାନ୍ଧିଙ୍କ ଜାଣତରେ ନନା ଖୋଲା ଖୋଲି ଭାବରେ ମାଛ ଭୋଜନ କରୁଥିଲେ, ସେଥିରେ ଗାନ୍ଧି ବି ଆପତ୍ତି କରୁ ନଥିଲେ ।

ନନାଙ୍କର ମାଛ ସମ୍ବନ୍ଧୀୟ ମର୍ମକୁ ନେଇକରି ଓଡ଼ିଶାର ସୁପରିଚିତ ନିଆଁଖୁଣ୍ଟା ପତ୍ରିକାର ସଂପାଦକ ଶ୍ରୀ ଗୋଦାବରୀଶ ମହାପାତ୍ର ତାଙ୍କର ରାଜନୈତିକ ପରିଚୟ ଦେବାକୁ ଯାଇ ତାଙ୍କ ପତ୍ରିକାର ଦ୍ୱିତୀୟ ବର୍ଷ ପଞ୍ଚଦଶ ସଂଖ୍ୟାର ୮ ଭାଗ କଭର ପୃଷ୍ଠାରେ ନନାଙ୍କ ମୁହଁଟିର ସଙ୍ଗେ ବେକଠାରୁ ମାଛ ଶରୀରର ଚିତ୍ରକରି ଲେଖିଥିଲେ:—

## ଉତ୍କଳ ରାଜନୀତି ସମୁଦ୍ରର ଆଦ୍ୟ ଅବତାର

'ପ୍ରଳୟ ପୟୋଧି ଜଳେ ଧୃତ ବାନସି ବେଦଂ
ବିହିତ ବହିତ୍ର ଚରିତ୍ରମ ଖେଦଂ
କେଶବ ଧୃତ 'କଣ୍ଟୁ' ଶରୀର
ଜୟ ଜଗଦୀଶ ହରେ ।'

Digitized by srujanika@gmail.com

ଆମ ଘରର ପରମ୍ପରା ଅନୁସାରେ ଆମ ଜେଜେବାପା ବି ମାଛ ଖାଇବାକୁ ଖୁବ୍ ଭଲପାଉଥିଲେ । ନନା ୧୯୨୧ରେ ପୁଣି ଜେଲରୁ ବନ୍ଦୀ ଭାବରେ ଅନ୍ୟତ୍ର ନିଆ ହେଉଥିଲାବେଳେ ସେ, ତାଙ୍କ ନନାଙ୍କର ବୁଢ଼ା ଅବସ୍ଥାରେ ଦେହ ଖରାପ ହୋଇଥିବା କଥା ସତ୍ୟବାଦୀ ଷ୍ଟେସନରେ ଶୁଣି ତାଙ୍କ ଆତ୍ମୀୟ ଲୋକଙ୍କୁ କହିଲେ 'ମୋ ନନାଙ୍କୁ ଭଲ ମାଛ ଖାଇବାକୁ ଦେବ ତା' ହେଲେ ମୁଁ ଫେରିବା' ପର୍ଯ୍ୟନ୍ତ ସେ ଥାଇପାରିବେ ।

ଗୋଦାବରୀଶଙ୍କ ମିଳିତ ମନ୍ତ୍ରୀମଣ୍ଡଳ ବେଳେ ବଙ୍ଗଳାରେ ଦୁର୍ଭିକ୍ଷ ପଡ଼ିଲା । ଗୋଦାବରୀଶ ଯୋଗାଣ ବିଭାଗ ମନ୍ତ୍ରୀ ଭାବରେ ଓଡ଼ିଶାରୁ ଚାଉଳ ଯୋଗାଇବା ପାଇଁ ଡିଲରସିପ ଲାଇସେନ୍ସ୍ କେବଳ ଓଡ଼ିଆଙ୍କୁ ଦେବାକୁ ସ୍ଥିର କଲେ । ସେଥିରେ ସ୍ଥାନୀୟ ମାରୁଆଡ଼ିମାନେ ବିବ୍ରତ ହୋଇ ସେମାନଙ୍କୁ ଲାଇସେନସ୍ ଦେବାକୁ ଗୋଦାବରୀଶଙ୍କୁ ପ୍ରବର୍ତ୍ତାଇବା ପାଇଁ ନନାଙ୍କ ନିକଟକୁ ଆସିଲେ ।

ନନା ନବଭାରତ ପ୍ରେସ୍ ଉପରେ ବସିଥାଆନ୍ତି ସେମାନେ କହିଲେ "ଆପଣ ଆମମାନଙ୍କୁ ପିଲାଟି ଦିନରୁ ଦେଖିଛନ୍ତି ଆମେ ଏଇଠାରେ ଜନ୍ମ କିନ୍ତୁ ଆମକୁ ଓଡ଼ିଆ ବୋଲି ଗ୍ରହଣ ନ କରି ସରକାର ଆମ ପ୍ରତି ଅନ୍ୟାୟ କରି ଲାଇସେନ୍ସ୍ ଦେଉନାହାନ୍ତି । ଆପଣ ଏହାର ସୁବିଚାର କରି ମନ୍ତ୍ରୀଙ୍କୁ କହନ୍ତୁ ।

ନନା ସେମାନଙ୍କୁ ଚାହିଁ ଅଳ୍ପ ହସି କରି କହିଲେ "ତୁମ ବନ୍ଧୁଆ କାହିଁ ପାଂ ଖଇଲ କଣ ଖାଇ ଶିଖିଲଣି ମାଛ ଖାଇ ପାରିବ ? ଓଡ଼ିଆ ହେବାକୁ ହେଲେ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବଢ଼ିବା ଦରକାର, ସ୍ଥାନୀୟ ଲୋକଙ୍କ ସଙ୍ଗେ ଓତଃପ୍ରୋତ ଭାବରେ ମିଶିବା ଦରକାର । ତୁମେ ସେପରି ଓଡ଼ିଆ ହୋଇପାରିଛ ବୋଲି ମୋର ହୃଦୟଙ୍ଗମ ହେଲେ ମୁଁ ନିଶ୍ଚୟ ଗୋଦାବରୀଶଙ୍କୁ ତୁମ ବିଷୟରେ ସୁପାରିଶ୍ କରିବ । ତାଙ୍କଠାରୁ ଆଉ ବେଶୀ ଶୁଣିବାକୁ ଅପେକ୍ଷା ନ କରି ସେମାନେ ସେଠାରୁ ଖସି ପଳାଇଲେ ।

Digitized by srujanika@gmail.com

ନୀଳକଣ୍ଠଙ୍କ ତିରୋଧାନ ପରେ କାର୍ତ୍ତିକ ପୂର୍ଣ୍ଣମୀ ଦିନ ତାଙ୍କର ଦ୍ୱାଦଶାହ ଶ୍ରାଦ୍ଧ ପଡ଼ିଲା । ସେଦିନ ଆମେ ଆମ ଗ୍ରାମର ବ୍ରାହ୍ମଣମାନଙ୍କ ପାଇଁ ହବିଷାନ୍ନର ବ୍ୟବସ୍ଥା କରି ସେମାନଙ୍କୁ ଆମିଷ ଭୋଜିମାନଙ୍କଠାରୁ ଅଲଗା କରି ବସାଇବାର ବ୍ୟବସ୍ଥା କରିଥିଲୁ ।

ଭୋଜି ବେଳକୁ ପ୍ରାୟ ଦିନ ଦେଡ଼ଟା ହୋଇଯାଇଥିଲା, ସେଦିନ ପାଞ୍ଜି ଅନୁସାରେ ପୂର୍ଣ୍ଣମୀ ଦିନ ବାରଟା ପର୍ଯ୍ୟନ୍ତ ଥିଲା । ପରରେ ବସୁ ବସୁ ବ୍ରାହ୍ମଣ ପଣ୍ଡିତଙ୍କ ଭିତରୁ ଜଣେ କହିଲେ 'ଆହେ ଆଜି ପରା ନୀଳକଣ୍ଠଙ୍କ ବାର ଶ୍ରାଦ୍ଧ । ସେ ଆମକୁ ଏକାଦଶୀ ଦିନ ବି ମାଛରେ ଗହମ ପକାଇ ନିରାମିଷ ହୋଇଗଲା କହି ମାଛ ଖୁଆଉଛନ୍ତି । ଆଜି ଆମେ ମାଛ ନ ଖାଇଲେ ତାଙ୍କ ଆତ୍ମା କିଣ ଶାନ୍ତି ପାଇବ ନାଁ । ଆସ ତାଙ୍କ ଆଶୀର୍ବାଦ ପାଇବା ।'

ସେତିକିବେଳକୁ ଆଉ ଜଣେ ପଣ୍ଡିତ ଘଣ୍ଟା ଦେଖି କହିଲେ 'ପୂର୍ଣ୍ଣିମା ଗତଃ ।' ତାପରେ ସମସ୍ତେ ନିରାମିଷ ସ୍ଥାନରୁ ଉଠି ଆମିଷ ଭୋଜି ସ୍ଥାନରେ ଆସି ବସିଲେ ।

ଜାତି ବଳିଷ୍ଠ ହେବା ପାଇଁ ଯେ ଲୋକଙ୍କର ପୁଷ୍ଟିକର ଖାଦ୍ୟ ଦରକାର ସେ କଥା ସେ ଅନେକଦିନୁ ଉପଲବ୍ଧି କରିଥିଲେ । ସତ୍ୟବାଦୀ ସ୍କୁଲର ପରିଚାଳକ ଥିଲାବେଳେ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଦେଇପାରିବାକୁ ସେ ମାଛର ବ୍ୟବସ୍ଥା କରିଥିଲେ । ଗୋଟିଏ କୃଷି ବିଭାଗ ଖୋଲିଥିଲେ । ପିଲାମାନେ ସାମୟିକ କାର୍ଯ୍ୟିକ ପରିଶ୍ରମ କରି ନାନାପ୍ରକାର ପନିପରିବା ଉତ୍ପାଦନ କରୁଥିଲେ ଓ ଗୋଟିଏ ଗୋଶାଳା ଖୋଲାଇଥିଲେ । ଚଉଦ୍ୱାରର ସୁମନ୍ତ ପଟ୍ଟନାୟକଙ୍କ ପରି ବିଶିଷ୍ଟ କୃଷି ବିଶେଷଜ୍ଞଙ୍କୁ ଆଣି ସ୍କୁଲରେ ରଖାଇଥିଲେ ।

ନୀଳକଣ୍ଠ ଓ ଗୋପବନ୍ଧୁଙ୍କ ସେବକ, ରାମ ବାରିକ୍ ସତ୍ୟବାଦୀ ସ୍କୁଲର ପରିଚାଳକଙ୍କ ବିଷୟରେ ଲେଖାଇବାକୁ ଯାଇ କହିଛନ୍ତି । ନୀଳକଣ୍ଠ ବାବୁ ଛୁରି ଧାରରେ ଚାଲିବା ଲୋକ କିନ୍ତୁ ତାଙ୍କ କର୍କଶ ପଣିଆ ବାହାରର ଭେକ । ସେ ପିଲାଙ୍କୁ ଜୀବନ ପଣ କରି ଭଲ ପାଆନ୍ତି ।

Digitized by srujanika@gmail.com

ସବୁବେଳେ ତାଙ୍କ ପ୍ରାଣଟା ଲାଗିଥାଏ । ପିଲାଙ୍କଠି । ସବୁବେଳେ ଚିନ୍ତା ପିଲାଏ କିପରି ଭଲ ଖାଇବେ, ପିଇବେ ଭଲରେ ରହିବେ । ଭଲ ପଢ଼ିବେ । ତାଙ୍କର ବ୍ୟବହାର କଠୋର ହୃଦୟ ଭିତରେ କଅଁଳ ଥିବ ।

ମଧ୍ୟବାସୀ ବୋର୍ଡ଼ିଂରେ ସାଢ଼େ ଚାରିଶହରୁ ଊର୍ଦ୍ଧ୍ୱ ପିଲା । ଚଉଦଟି ମେସ୍, ଚଉଦଟି ପୂଜାଘର । ଭଲ ମନ୍ଦ ବାରନ୍ତି ନିଜେ ନୀଳକଣ୍ଠ ବାବୁ । ସପ୍ତାହରେ ଦୁଇଦିନ ଲେଖା ପ୍ରତି ମେସ୍ ତାଙ୍କୁ ତରକାରୀ ଚାଖିବାକୁ ଦେବ, ତାହେଲେ ସେ ବାରିପାରିବେ ପିଲାଙ୍କ ପାଇଁ ଭଲ ରୋଷେଇ ହଉଛି କି ନାହିଁ ।

ନନା କାହାକୁ ହଠାତ୍ ଦେଖି ପକାଇଲେ ବା ତାଙ୍କ ନିକଟକୁ ଆସୁଛନ୍ତି ବୋଲି କିଏ ଫୋନ୍‌ଟାଏ କରିଦେଲେ, ତାଙ୍କ ସଙ୍ଗେ କଥା ବା ଦେଖା ସାକ୍ଷାତ ହେବା ପୂର୍ବରୁ ସେ ଭଦ୍ରବ୍ୟକ୍ତି ଖାଇଛନ୍ତି କି ନାହିଁ ବୋଲି ସେ ଆଗ ପଚାରୁଥିଲେ । ଅସମୟରେ ବା ସେତେ ରାତିରେ କେହି ଆସି ପହଞ୍ଚିଲେ ତାହାଙ୍କର ଖାଇବା ବ୍ୟବସ୍ଥା କରିସାରି ପରେ ତାଙ୍କ ସଙ୍ଗେ ଆଳାପ କରୁଥିଲେ ।

ନନା ଗାଁକୁ ଆସିଲାବେଳେ ସମସ୍ତ ଅସମୟରେ ଦଳ ଦଳ କର୍ମୀ ଯେମିତି ଗାଆଁରେ ପହଞ୍ଚନ୍ତି । ରାତି ଦୁଇଟାବେଳେ ଆସି ପହଞ୍ଚିଲେ ବି ବୋଉ ଧଡ଼ପଡ଼ କରି ନିଦରୁ ଉଠି ସମସ୍ତଙ୍କ ପାଇଁ ରୋଷେଇ ବସେଇ ହୁଏ । ଦିନ କଥା ତ ଛାଡ଼, ଘରଆଡୁ ମାଛ ଧରା ହୋଇ ଆସୁଥାଏ ବୋଉ ରାନ୍ଧିବାରେ ଲାଗିଥାଏ । ସମସ୍ତେ ଏକାଠି ଧାଡ଼ି ବାନ୍ଧି ବସି ଘଣ୍ଟା ଘଣ୍ଟା ଧରି ଖାଉଥାଆନ୍ତି ଏଇଟା ଆଣ ସେଇଟା ଆଣ ବୋଲି ନନା ବରାଦ କରୁଥାଆନ୍ତି । ବୋଉ ଖୁବ୍ ସୁସ୍ୱାଦୁ କରି ନାନା ପ୍ରକାର ରାନ୍ଧୁ ଥିବାରୁ ଯେତେ ଥିଲେ ମଧ୍ୟ ବୋଉ ଦେଉ ଦେଉ ସବୁ ସରିଯାଏ । ଆମେ ଆଗରୁ ଖାଇ ବସି ନ ଥିଲେ ବେଳେ ବେଳେ ଆମ ପାଇଁ ତରକାରୀ ପୁଣି ନିଅଣ୍ଟ ହୋଇଯାଏ । ପିଲାଦିନେ ନନା ଘରକୁ ଆସିଲେ ମଧ୍ୟ ଆମ କଥା ବୁଝିବାକୁ ତାଙ୍କୁ ବେଳ ନଥାଏ । ଆମେ ଯେତେବେଳେ ଶୁଣୁଥାଉ ନନା ବୋଇଲେ ଜଣେ ବ୍ୟକ୍ତି ଯେ ଆସିଲେ ଆମ ଘରେ ବହୁତ ରନ୍ଧାହୁଏ ଓ ଭଲ ମାଛ ତରକାରୀ ହୁଏ ।

Digitized by srujanika@gmail.com

ଭାରତର ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଓ କମ୍ୟୁନିଷ୍ଟ କର୍ମୀମାନେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ । ବିଶେଷତଃ ଉଗ୍ରପନ୍ଥି କମ୍ୟୁନିଷ୍ଟ କର୍ମୀମାନେ ଗୋପନରେ ଏଣେତେଣେ ବୁଲି ବୁଲି ସେମାନଙ୍କର ଖାଇବା ପିଇବାରେ କିଛି ଠିକ୍ ଠିକଣା ନଥାଏ । ସେମାନଙ୍କର ଚେହେରା ବି ନିତାନ୍ତ ଶୁଷ୍କ ଦିଶୁଥାଏ ।

ଥରେ ସେପରି ଜଣେ କର୍ମୀ ଶ୍ରୀ ମନମୋହନ ମିଶ୍ରଙ୍କୁ ଦେଖି ନନା କହିଲେ "ବାପା ତୁମ ଚେହେରା କାହିଁକି ଏପରି ହେଲାଣି । ଲୋକେ କିପରି ସମାନ ଭାବରେ ଖାଇପିଇ କରି ସୁସ୍ଥ ରହିବେ ସେଥିପାଇଁ ତ ତୁମେ ଆନ୍ଦୋଳନ କରୁଛ । ତୁମ ନିଜର ଏପରି କୃଚ୍ଛ୍ର ସାଧନା କାହିଁକି । ନିଜେ ଠିକ୍ ସମୟରେ ଭଲକରି ଗଣ୍ଡିଏ ଖାଇବାର ବ୍ୟବସ୍ଥା କରୁନାହଁ ? ନିଜେ ଖାଇପିଇ ନିଜର ଦେହ ଭଲ ନ ରଖିଲେ ଲୋକଙ୍କ ପାଇଁ କି କାମ କରିପାରିବ ?

ଏବେ ଥରେ ଗୋଟିଏ ସଭାରେ 'ସବୁଜ ସାହିତ୍ୟ' ଦଳର ସାହିତ୍ୟିକ ଶ୍ରୀ ଶରତ ମୁର୍ଖାର୍ଜୀଙ୍କ ସଙ୍ଗେ ମୋର ଦେଖା ହେଲା । ସେ କହିଲେ ତାଙ୍କ ଯୁବକ ଅବସ୍ଥାରେ ଯେ ଯେତେବେଳେ ଲେଖାଲେଖିରେ ମାତି ଥିଲେ ସେତେବେଳେ ତାଙ୍କୁ ଦେଖି ସେ ଦିନକୁ କେତେଖଣ୍ଡ ମାଛ ଖାଉଚନ୍ତି ବୋଲି ପଚାରି ଥିଲେ ଓ ମାନସିକ କାର୍ଯ୍ୟପାଇଁ ଦିନକୁ ଅନ୍ତତଃ ଦୁଇତିନି ଖଣ୍ଡ ବଡ଼ ମାଛ ଖାଇବାକୁ ଉପଦେଶ ଦେଇଥିଲେ ।

**ଆମ ମାମୁଁ ଘର**—ନନାଙ୍କ ମତ ଯାହାହେଉ ପଛକେ ଆମର ପିଲାଦିନେ ଆମକୁ ପ୍ରତିଦିନ ଭଲ ପୁଷ୍ଟିକର ଖାଦ୍ୟ ଖାଇବାର ଯେ ସୁବିଧା ଥିଲା ତା ନୁହେଁ । କଂଗ୍ରେସ ନେତା ଭାବରେ ନନା ଥିଲେ ଓଡ଼ିଶାର ଏକ ନମ୍ବର ରାଜଦ୍ରୋହୀ । ସରକାରଙ୍କର କ୍ରୁର ଦୃଷ୍ଟି ସବୁବେଳେ ଆମଘର ଉପରେ ଥିଲା ।

ନନା ଜେଲ ଗଲାବେଳେ ତାଙ୍କ ଜୋରିମନା ବାବଦକୁ ଆମରି ଘର ଖାନତଲାସ ହୋଇ, ଆମର ଛଟାକିଏ ଅଧପାଏ ଖୀର ଦେଉଥିବା ଅସ୍ଥିସାର ପାଞ୍ଚ ସାତଟା ଗାଈ ଓ ଚାଷକରିବାକୁ ଥିବା କେତୋଟି ହଡ଼ା ବଳଦ ପୋଲିସ୍ ବାଜ୍ୟାପ୍ତି କରି ଅଡ଼ାଇ ନେବା

Digitized by srujanika@gmail.com

ମୋର ମନେ ଅଛି, ଜମିବାଡ଼ି, ଗୃହ ବାସ ବୁଝିବାକୁ ଠାଣୁଆ ଲୋକ ମଧ୍ୟ କେହି ଆମ ଘରେ ନଥିଲେ ।

ଥରେ ଗୋଟିଏ ଆଳୁ ସିଝାପାଇଁ ମୁଁ ଓ ମୋର ତଳ ଭଉଣୀ ଝଗଡ଼ା କରି କିଏ ଆଳୁର ବଡ଼ ଖଣ୍ଡିକ ଖାଇବ ବୋଲି କଳି କଳ-ବେଳକୁ ଗୋଟିଏ ପାତିମାଙ୍କଡ଼ ଗଛରୁ ଓହ୍ଲାଇ ଆସି ଆମର ଆଳୁଟି ଘେନି ପଳାଇ ଯିବାରୁ ଆମେ କଳି ଓ କାନ୍ଦ ବନ୍ଦ କରି ଭାତ ଓ ବାଡ଼ି-ଶାଗରେ ପେଟ ପୂରାଇଥିଲୁ ।

ଜେଲ ବା ଜେଲ ବାହାରେ ଭଦ୍ଧି ନନାଙ୍କର ଘର ସଙ୍ଗେ ଅଧିକାଂଶ ସମୟରେ କୌଣସି ସମ୍ପର୍କ ରଖିବାର ସୁବିଧା ନ ଥିବାରୁ ଓ ଘରେ ଅନ୍ୟକେହି ପରିବାର ମଣିଷ ଆମର ତତ୍ତ୍ୱ ନେବାକୁ ନ ଥିବାରୁ ଅଜାଙ୍କ ସାନ ମାମୁଁ ଆସି କିଛି ସମୟ ଆମ ଘରେ ରହି ଆମର ଓ ଗୃହବାସର ତତ୍ତ୍ୱ ନେଉଥିଲେ ।

ଆମ ଅଜା ଥିଲେ ପୁରୁଷୋତ୍ତମପୁରର ଶ୍ରୀ ସୋମନାଥ ମିଶ୍ର— ଜଣେ ଅତି ସରଳିଆ, ଅନ୍ଧବିଶ୍ୱାସୀ, ପୁରୁଣା କାଳିଆ, କର୍ମଠ ବ୍ୟକ୍ତି ଥିଲେ । ସେ ଅତି ପିଲାଦିନୁ ପିତାମାତାଙ୍କୁ ହରାଇଥିବାରୁ ନିଜ ହାତରେ ଗୃହବାସ କରି ମଣିଷ ହୋଇଥିଲେ ।

ଧନୀ ଲୋକ ଘରର ବାହା ନ ହୋଇ, ଭାଙ୍ଗିଯାଇ ପୁଣି ଉଠା ହେଉଥିବା ଖାନଦାନ ଘରେ ବିବାହ କରିବା ପାଇଁ ନନା ସର୍ତ୍ତ ଦେଇ ଥିବାରୁ ବାପା ଅଜାଙ୍କ ଘରୁ ମୋ ବୋଉକୁ ବୋହୂ କରି ଆଣିଥିଲେ ।

ଅଜାଙ୍କର ଦୁଇଟି ପୁଅ ଓ ପାଞ୍ଚଟି ଝିଅ ଥିଲେ । ଆମ ବଡ଼ ମାମୁଁ ଶ୍ରୀ ଭୁବନେଶ୍ୱର ମିଶ୍ର ସତ୍ୟବାଦୀ ବିଦ୍ୟାଳୟର ଛାତ୍ର ଥିଲେ । ପରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ସହକର୍ମୀ ଭାବରେ ଭାଷାକୋଷ ସଙ୍କଳନରେ ଲାଗି ପଡ଼ିଥିଲେ ।

ସାନ ମାମୁଁ ଅତି ସରଳ ପ୍ରକୃତିର ଜଣେ ମାତ୍ରବାନ ଲୋକଥିଲେ । ସେ ବହୁକାଳ ଆମ ଲାଳନ ପାଳନର ଭାରନେଇ ଆମକୁ ବହୁତ ସାହାଯ୍ୟ କରିଥିଲେ ।

Digitized by srujanika@gmail.com

ଆମର ବଡ ମଉସା—ଗିରମାପ୍ରହରାଜପୁରର ଶ୍ରୀ ସଦାଶିବ ମହାପାତ୍ରେ ଜଣେ ଖାନଦାନ୍ ଲୋକ ଥିଲେ । ତାଙ୍କୁ ସେ ଅଞ୍ଚଳରେ ଜଣେ ନ୍ୟାୟବନ୍ତ ଭଲ ମଣିଷ ଭାବରେ ସମସ୍ତେ ଖାତିର କରୁଥିଲେ ।

ଦ୍ୱିତୀୟ ମଉସା—ସତ୍ୟବାଦୀ ବିହାରର ସୁନାମଧନ୍ୟ ଶିକ୍ଷକ ପଣ୍ଡିତ ବାସୁଦେବ ମହାପାତ୍ର । ସେ ଜଣେ ଆଦର୍ଶ ଶିକ୍ଷକ, ବାଗ୍ମିଷ୍ଟ ଧର୍ମପ୍ରାଣ ସାହିତ୍ୟିକ ଓ ନନାଙ୍କର ଜଣେ ଘନିଷ୍ଠ ସହକର୍ମୀ ଥିଲେ ।

ତୃତୀୟ ମଉସା— ସତ୍ୟବାଦୀ ବିହାରର ସୁଯୋଗ୍ୟ ଛାତ୍ର ସତ୍ୟବାଦୀ ନୂଆରାମେଶ୍ୱରପୁରଶାସନବାସୀ ଶ୍ରୀ ଚନ୍ଦ୍ରଶେଖର ମିଶ୍ର । ସେ ନନାଙ୍କ ସଙ୍ଗେ ସମ୍ବଲପୁର ସତ୍ୟାଗ୍ରହ ଆନ୍ଦୋଳନ ବେଳେ ଜଣେ ପ୍ରଧାନ ସହକର୍ମୀରୂପେ କାମ କରିଥିଲେ । ସେ ଜଣେ ଉଚ୍ଚକୋଟୀର ଶିକ୍ଷକ, ସାହିତ୍ୟ ସେବୀ ଓ ସମ୍ପାଦକ ଥିଲେ । ସେ ନନାଙ୍କର ଅତି ଅନ୍ତରଙ୍ଗ ଥିଲେ । ଆମକୁ ଅତ୍ୟନ୍ତ ସ୍ନେହ କରୁଥିଲେ । ମୁରବୀ ଅଭାବରୁ ଅନେକ ଦିନ ପର୍ଯ୍ୟନ୍ତ ଭାଇନା ଏପଟ ସେପଟ ହୋଇ କୌଣସି ସ୍କୁଲରେ ନ ପଢି ଗାଁରେ ବୁଲୁଥିଲେ । ସେ ତାଙ୍କୁ ସଙ୍ଗରେ କଟକ ଆଣି ପ୍ରାକ୍ଟିସିଂ ମିଡ଼ିଲ ସ୍କୁଲରେ ନାମ ଲେଖାଇ ପାଠପଢ଼ା ଆରମ୍ଭ କରାଇ ଥିଲେ ।

ସାନ ମଉସା—ବିଶ୍ୱନାଥପୁର ନୂଆଗାଁର ଶ୍ରୀ ନରସିଂହ ଷଡ଼ଙ୍ଗୀ । ସେ ଜଣେ ବେପରୁଆ ସ୍ୱାଧୀନମନା ପୁରୁଷ ।

**ଅଜାଙ୍କ ଧର୍ମ ଧାରଣା**—ଆମ ଅଜା ଜଣେ ଅତି ପୁରୁଣାକାଳିଆ ନଇହଣ୍ଠୀ ଲୋକ ଥିବାରୁ ସାବୁନକୁ 'ସାଇବା ଗୁହ' ଓ ଦାନ୍ତଘଷା ପେଷ୍ଟକୁ ସିଂଘାଣି ବୋଲି କହି ଆମକୁ ଥଟ୍ଟା କରୁଥିଲେ । ସେ ସେସବୁକୁ ଛୁଉଁ ନଥିଲେ ଓ ଲୁଗା ସଫା ପାଇଁ ଇଠା ଫଳ ବ୍ୟବହାର କରୁଥିଲେ । ପଇଡ଼ ଖାଇଲେ ଲସମା ବା ଶର୍ଦ୍ଦି ହେବ ବୋଲି ଧାରଣା ଥିବାରୁ ଦେହ ଖରାପ ବେଳେ ଡାକ୍ତର କହିଲେ ମଧ୍ୟ ଅମକୁ ପଇଡ଼ ନ ଦେଇ ଖୋଜି ଖୋଜି ମିଶିରି ଆଣି ପଣା କରି ପିଆଉଥିଲେ ।

ସେ ଜଣେ ନୈଷ୍ଠିକ ବ୍ରାହ୍ମଣ ଥିଲେ ମଧ୍ୟ ପୂଜା ପୁଜି ଓ ତୀର୍ଥ-ଯାତ୍ରା ପ୍ରଭୃତିରେ ଅଯଥା ସମୟ ନଷ୍ଟ ନ କରି ବୃଷ ବାସ ପ୍ରଭୃତି

Digitized by srujanika@gmail.com

କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ । ସେ ଯେଉଁ ମଞ୍ଜିଟି ପୋତନ୍ତି ସେଇଟି ଗଛ ହୋଇ ଶୀଘ୍ର ଫଳଧରେ ।

ଆମ ଆଈର ଧର୍ମକାର୍ଯ୍ୟରେ ବେଶୀ ମନ ଥିଲା । ସେ ଅଜାଙ୍କୁ ତୀର୍ଥ ଯାତ୍ରା, ବାରୁଣୀ ବୁଡ଼ ପ୍ରଭୃତି ପାଇଁ ସାଙ୍ଗରେ ଯିବାକୁ ଡାକିଲେ ଅଜା ଯାଉନଥିଲେ । ସେ କାହିଁକି ଯାଉ ନାହାନ୍ତି ବୋଲି ପଚାରିଲେ ସେ କହୁଥିଲେ "ତୁମ ଆଈ ତ ସବୁ ପୁଣ୍ୟ କରୁଛି, ମୋର କରିବା ଆଉ କଅଣ ଦରକାର । ଚିତ୍ରଗୁପ୍ତଙ୍କ ପଞ୍ଜିକାରେ ଗୋଟିଏ ପୃଷ୍ଠାରେ ସ୍ୱାମୀ ସ୍ତ୍ରୀଙ୍କର ଏକାଠି ପୁଣ୍ୟଫଳ ଓ ଅନ୍ୟ ପୃଷ୍ଠାରେ ଏକାଠି ପାପଫଳ ଲେଖା ହୁଏ । ସେ ଦୁହିଁଙ୍କ ଭିତରୁ ଯେ ଆଗ ସଂସାରରୁ ବିଦାୟ ନିଏ ସେ ପୁଣ୍ୟ ଫଳଟିକ ପାଏ, ପଛବାଲାକୁ ପାପର ଫଳଟିକ ମିଳେ । ମୁଁ ତ ଆଈଠାରୁ ବଡ଼, ମୁଁ ନିଶ୍ଚୟ ଆଗ ଯିବି, ମୋ ପାଇଁ ପୁଣ୍ୟଫଳ ଥୁଆ, ତୁମ ଆଈ କେତେ ପୁଣ୍ୟ କରିବ କରୁ" । ତାଙ୍କର ଏ ଥଟ୍ଟାଳି କଥାରେ ଆମେ ହସୁ ।

କିନ୍ତୁ ସତକୁ ସତ ଅଜା ପୂର୍ବରୁ କୌଣସି ରୋଗ ନ ଭୋଗି ଅଶୀବର୍ଷ ପରେ ହଠାତ୍ ଚାଲିଗଲେ । ସେ ଯିବା ପରେ ବର୍ଷେ ଦୁଇ ବର୍ଷ ଆଈ ରୋଗରେ ପଡ଼ି ପଡ଼ି ଶେଷରେ ଦେହତ୍ୟାଗ କଲେ । ରୋଗ ଭୋଗ କଲାବେଳେ ସେ ଅଜାଙ୍କ କଥାକୁ ମନେ ପକାଇ କହେ "କହୁଥିଲେ ପୁଣ୍ୟଫଳ ନେଇଯିବେ ବୋଲି, ସେ ପୁଣ୍ୟଫଳ ନେଲେ, ମୁଁ ପାପରେ ଘାଣ୍ଟି ହେଉଛି"

ଅଜା ଜଣେ ପାଞ୍ଚହାତିଆ ଟାଣୁଆ ମଣିଷ ଥିଲେ । ଶାରୀରିକ ପରିଶ୍ରମ କରି କରି ତାଙ୍କ ଦେହରେ ବହୁତ ବଳ ଥିଲା । ତାଙ୍କର ମୁଣ୍ଡଟି ବଡ଼ ଟାଣ । ବୃଦ୍ଧ ବୟସରେ ସେ ଚାଲି କରି ଯାଉଥିବା ଅବସ୍ଥାରେ ଗୋଟିଏ ଡେଙ୍ଗା ନଡ଼ିଆ ଗଛରୁ ଗୋଟିଏ ଶୁଖିଲା ନଡ଼ିଆ ତାଙ୍କ ଲଣ୍ଡା ମୁଣ୍ଡରେ ପଡ଼ି ତଳକୁ ଖସି ପଡ଼ିଲା । ଆମେ ତାଙ୍କୁ ଡାକ୍ତରଖାନା ଯିବାକୁ ବାଧ୍ୟ କଲୁ । ତାଙ୍କ ମୁଣ୍ଡ ଅଳ୍ପ ଟିକିଏ ରାଞ୍ଚୁଡ଼ି ହୋଇ ଯାଇଥିବାର ଦେଖି ଡାକ୍ତର ତା ଉପରେ ଟିଞ୍ଚର ଆଇଡ଼ିନ ମାରିଦେଲେ ଓ ଥଟ୍ଟାକରି କହିଲେ ନଡ଼ିଆଟାର ଭାଗ୍ୟ ଖରାପ, ସେ ଆଜି କାହା ମୁଣ୍ଡକୁ ନ ଡେଇଁ

Digitized by srujanika@gmail.com

ଅଜାଙ୍କ ମୁଣ୍ଡ ଉପରକୁ ଡେଇଁ ପଡୁଥାନ୍ତି ମାଛିମାନେ। ଝିଟିପି ସେ ଲୁଣ୍ଡା ମୁଣ୍ଡରେ ଥକି ଖାଲି ଡାଳ ୯ଟି ଦଫାକ ଚିହ୍ନ ଯାଇଥିବ। ଅଜା ମୁଣ୍ଡ ଉପରେ ହାତ ବୁଲାଇ କହିଲେ, 'ମିଛଟିଆ ଲୋକଟେ ଓ କ୍ରୋଧ-ଖାନା ଆଣି ଲୋକଦୟା କରୁଛି। ମୁଁ ତ ମୂଳରୁ କହୁଛି ମୋର କିଛି ହୋଇନାହିଁ, ହଜ ଗଲା —ଏବେ ମୋର ଉଜାଏ ନଷ୍ଟ କଲେ।'

ତାଙ୍କ ମୃତ୍ୟୁର ଅଳ୍ପ କିଛି ଦିନ ପୂର୍ବରୁ ସେ ତାଙ୍କ ଗ୍ରାମ ପୋଖରୀ ହୁଡାକୁ ମୁହଁ ସନ୍ଧ୍ୟାବେଳେ ଝାଡାଫେରା ଯାଉଥିଲେ। ତାଙ୍କ ହାତରେ ସବୁବେଳେ ଗୋଟିଏ ମୋଟା ବେତଠେଙ୍ଗା ଥାଏ। ବର୍ଦ୍ଧକ୍ୟ ଯୋଗୁ ତାଙ୍କୁ ଟିକିଏ କାଲୁ କାଲୁଆ ଦେଖାଯାଉଥାଏ।

ସେ ପୋଖରୀ ବସିବା ଅବସ୍ଥାରେ ଗୋଟିଏ ବାଲିଆ ବିଲୁଆ ଆଁ ମେଲିକରି ତାଙ୍କୁ କାମୁଡିବାକୁ ତାଙ୍କ ଆଡକୁ ମାଡି ଆସିଲା। ସେ ତାକୁ ଆଗରୁ ଦେଖି ପକାଇ ଦୁଇ ହାତରେ ଠେଙ୍ଗାଟି ଧରି ସେହି ବସିବା ଅବସ୍ଥାରେ ତାର ମୁଣ୍ଡକୁ ଗୋଟିଏ ସଙ୍ଗୀନ ପାହାର ଦେଲେ। ସେହି ପାହାରକେ ବିଲୁଆଟି ସେଇଠାରେ ମରିପଡିଲା।

ଅଜା କର୍ମୀ ପୁରୁଷ। ସେ ଖୋସାମତ କରି ଶିଖି ନଥିଲେ କି ତାଙ୍କୁ କିଏ ଖୋସାମତ କରିବା ଆଦୌ ପସନ୍ଦ କରୁ ନଥିଲେ। ଖେତରୀ ଖତ୍ରୀ ବୋଲି ଗୋଟିଏ ଲୋକ ଆମ ଘରେ ମୂଲ ଲାଗୁଥିଲା, ତାର ଦୁଇ-ହାତରେ ଆଙ୍ଗୁଠି ଗୁଡ଼ିକ ବାତ ଯୋଗୁ ବେଙ୍କା ହୋଇଥିବାରୁ ସେ ବିଚରା ବେଶୀ କାମ କରି ପାରେ ନାହିଁ। କିନ୍ତୁ ସେ ବଡ଼ କୁହାଳିଆ ଓ ଖୋସାମତିଆ ଲୋକ, ଅନ୍ୟମାନଙ୍କଠାରୁ ବେଶୀ କାମ କରେ ବୋଲି ବେଳେ ବେଳେ ବାହାଦୁରୀ ଦେଖାଏ।

ଦିନେ ଅଜା ପିଣ୍ଡାଉପରେ ବସିଥିଲାବେଳେ, ଖେତରୀ ତାକୁ ବରାଦଥିବା କାମକୁ ଛାଡ଼ି ତଳ ପାହାଚ ଉପରେ ଆସି ବସିଲା। ସେ ଅଜାଙ୍କୁ ଖୁସି କରିବାକୁ ଏଣୁ ତେଣୁ କଥା କହି ଉତ୍ତର ନ ପାଇବାରୁ ଖୋସାମତ କରି କହିଲା "ବୁଢ଼ାସାଆନ୍ତେ! ତୁମେ, ଆପଣ ଜଣେ ଭଲ ଲୋକ।"

Digitized by srujanika@gmail.com

ଅଜା ସେଥିରେ ଖୁସି ହେବେ କଅଣ, ହଠାତ ରାଗିଗଲା ପରି ଗମ୍ଭୀରଦେଖେଇ କହିଲେ "ହଇରେ କଅଣ କହୁଚୁ ମୁଁ କଣେ ଲୋକ ? ଲୋକ ମୂଲିଆଙ୍କି କୁହାଯାଏ । ଆଜି ଯେତେ 'ଲୋକ' କାମ କଲେ ହିସାବ ଖାତାରେ ଲେଖାଯାଏ, ମୁଁ ହେଲି 'ଲୋକ' ହେବି ତୁ କଅଣ ସାଆନ୍ତ ! ଯାଆ ଯାଆ ସେ ଖୋସାମଦିଆ କଥାଗୁଡ଼ାକ ଛାଡ଼, ତୋର ସବୁ କାମ ପଡ଼ି ରହିଛି, ଚାଲ୍ ଚାଲ୍ ତୋ କାମରେ ଆଗ ହାତଦେଇ ଆସିଲୁ ।"

**ଆମ ଅଭିଭାବକ ଅଜା**—ନନା, ବୋଉ, ଭଉଣୀ ସତ୍ୟାଗ୍ରହୀ ଭାବରେ ଜେଲରେ ବା ଅନ୍ୟ ଆଡ଼େ ଥିଲାବେଳେ ଅଜା ଆମ ଘରେ ରହି ଆମ ଘର କଥା ବୁଝାସୁଝା କରୁଥିଲେ । ଗୋଟିଏ ବେତ ପେଟରାରେ ତାଲା ପକାଇ ସେ ତାଙ୍କର ଟଙ୍କା ପଇସା ସବୁ ରଖନ୍ତି । ପେଟରାଟି ହଲାଇଲେ ପଇସା ଗୁଡ଼ାକ ଝନ ଝନ ଶୁଭୁଥାଏ ।

ଘର ଚଳାଇବାକୁ ବେଶୀ ପଇସା ନଥିବାରୁ, ମୁଡ଼ି ଭୁଜା ଭୁଞ୍ଜି ଖାଇବାକୁ ଆମକୁ ସେ ଅଧଲା କି ପଇସାଏ ପେଟରା ଫିଟାଇ ଦିଅନ୍ତି । ମୁଁ ଓ ମୋ ସାନ ଭଉଣୀ ସେତେବେଳକୁ ପଇସା ଚିହ୍ନି ନଥାଉ । ତଥାପି ଅଜାଙ୍କ ଦେବା ଅଧଲା, ପଇସାରେ ସନ୍ତୁଷ୍ଟ ନହୋଇ ଆଉ ଅଧିକା ପଇସା ପାଇବା ପାଇଁ ଉଦ୍ୟମ କରୁଥାଉ ।

ଅଜା ମଶାରୀ ଟାଣି ଶୋଇବାକୁ ଭଲ ପାଆନ୍ତି ନାହିଁ । ମଶାରୀ କଥା ଉଠିଲେ, ଜାଲ ଭିତରେ ମାଛ ଛଟପଟ ହେଲାପରି ତା ଭିତରେ ସେ ପଶି ପାରିବେ ନାହିଁ ବୋଲି କହନ୍ତି । ମଶା ଘଉଡ଼ାଇବା ପାଇଁ ନଡ଼ିଆ ଖୋଷାର ଧୁନାଟିଏ ଜାଳି ଘର ଧୁଆଁ କରି ଶୁଅନ୍ତି । ଆମେ ଦୁହେଁ ତାଙ୍କ ପାଖରେ ଶୋଉ, ଅଭ୍ୟାସବଶତଃ ଆମକୁ ବି ସେ ଧୂଆଁରେ କିଛି ଲାଗେ ନାହିଁ ।

ଭୋରରୁ ଉଠି ଅଜା ତାଙ୍କ ନିତ୍ୟକର୍ମ ସାରିବାକୁ ଚାଲିଯାଆନ୍ତି । ଖୋଷା ଧୁନାଟି ସାପୁ ହୋଇ ଆସିଥାଏ, ତଥାପି ଜୁକ୍ ଜୁକ୍ ହୋଇ ଜଳୁଥାଏ । ଆମେ ସକାଳରେ ଉଠି ସେ ଧୁନାଟି ଲିଭାଇଦେଉ ।

Digitized by srujanika@gmail.com

**ଆମ ଚୋରୀ**— ସୁବିଧାରେ ବେଶୀ ପଇସା ପାଇବା ପାଇଁ ଆମ ମୁଣ୍ଡରେ ଗୋଟିଏ ଦୁଷ୍ଟ ବୁଦ୍ଧି ଜୁଟିଲା । ଅଜା ସକାଳୁ ଉଠି ଚାଲିଯିବା ପରେ ଆମେ ଜଳନ୍ତା ହୁଳାଟି ଆଣି ପେଟରାର ଗୋଟିଏ କଡ଼ରେ ଲଗାଇଲୁ । ପେଟରାର ପୁରୁଣା ବେତ ବି ଜୁକୁଜୁକୁ ହୋଇ ଜଳିଲା ; ଦୁଇ ତିନ ଇଞ୍ଚର ଜାଗା ଏପରି ଜଳିଯିବା ପରେ ଆମେ ଫୁଙ୍କାଫୁଙ୍କି କରି ଓ ପାଣି ପକାଇ ସେ ନିଆଁ ଲିଭାଇ ଦେଲୁ । ଆଙ୍ଗୁଠି ପୂରାଇ ପୋଡ଼ା ଦରପୋଡ଼ା ବେତସବୁ ବାହାର କରିଦେବା ପରେ ସେଠାରେ ଗୋଟିଏ କଣାର ସୃଷ୍ଟି ହେଲା ।

ତାପରେ କେତେ ପେଟରାଟିକୁ ଓଲଟାଇ ଦିଏ ଓ ଆଉ କେବେ ଆଙ୍ଗୁଠି ଭର୍ତ୍ତି କରି ଗୋଟାଏ ଅଧଲା ବା ପଇସା ସଂଗ୍ରହ କରିବା ପରେ ଆମେ ଖୁସିହୋଇ ଆମ ଘର ସାମନାରେ ଥିବା ଗୁଡ଼ିଆ ଘରକୁ ଯାଇ ତାଠାରୁ ଭୁଜା କି ମିଠେଇ କିଣି ଖାଉ ।

ଏପରି କିଛିଦିନ ଚାଲିଲା ପରେ ଦିନେ ହାତ ଗଳାଇ ଗଳାଇ ଗୋଟିଏ ବଡ ଧଳା ମୁଦ୍ରା ମିଳିଲା । ବଡ଼ ଧଳା ପଇସାରେ ବେଶି ମିଠେଇ ମିଳିବ ବୋଲି ମନେ ମନେ ଖୁସିହୋଇ ବାଜିସାହୁ ଗୁଡ଼ିଆ ଘରକୁ ଦଉଡ଼ିଲୁ ।

ବାଜିସାହୁ ଆମଠାରୁ ମୁଦ୍ରାଟି ନେଇ ଆମକୁ ଅଞ୍ଜୁଳାଏ ଲେଖାଏ ମୁଢ଼ିଦେଇ ଆମ ମୁହଁକୁ କଟମଟ କରି ଚାହିଁ ଆମକୁ ବିଦା କରିଦେଲା । ଆମ ମୁଦ୍ରାର ଦାମ କାହିଁକି ଏତେ କମ ହେଲା, ସେକଥା ଆମେ ବୁଝି ନପାରି ଓ ତାକୁ ପଚାରିବାକୁ ସାହସ ନକରି କାନମୁଣ୍ଡା ଆଉଁସି ଘରକୁ ଫେରିଲୁ ।

ଅଜା ଗୃହକାମ ଦେଖି, ନଡ଼ିଆ ତୋଳା ସାରି ଘରକୁ ଫେରିଲେ ; ମୁଣ୍ଡରେ ମଥାଦେଇ (ରାଶିତେଲ) ଓ ଦେହରେ ନଡ଼ିଆ ତେଲ ଲଗାଇ ପୋଖରୀକୁ ଗାଧୋଇଗଲେ । ତାଙ୍କ ଗାମୁଛାରେ ଦେହକୁ ରଗଡ଼ିକରି ମାଜି ମାଜି ତାଙ୍କ ଗାଧୁଆ ସାରିଲେ । ଓଦାଗାମୁଛା ପିନ୍ଧି ପାଣି ତାଳଟିଏ ଧରି ଗୁଣୁ ଗୁଣୁ ଶ୍ଳୋକ ଗାଇ ଗାଇ ଘରକୁ ଫେରି ଦିଅଁଙ୍କ ଘରକୁ ଗଲେ ।

Digitized by srujanika@gmail.com

ପୂଜା ସାରିବା ପରେ ଭାତ ବଢ଼ା ହେଲା, ଆମେ ତାଙ୍କ ପାଖରେ ତୁନ ହୋଇ ବସି ଖାଇଲୁ । ଖାଇସାରିବା ପରେ ସେ ଆମକୁ ନେଇ ତାଙ୍କ ପାଖରେ ଶୁଆଇ ଘୁଂଘୁଡ଼ି ମାରିଲେ । ଆମ ମନ ତ ଛଟପଟ ହେଉଥାଏ, ସେ ଘୁଂଘୁଡ଼ି ମାରିବା ସଙ୍ଗେ ସଙ୍ଗେ ଆମେ ସେଠାରୁ ଉଠି [illegible]ଟ ହେଲୁ ।

ପୋଖରୀ ହୁଡ଼ା କିଆକୋଳି ଗଛ ମୂଳରୁ କୋଳି ଗୋଟାଇ ଖାଇବା ପାଇଁ ଚେଷ୍ଟା କଲୁ, କିନ୍ତୁ ଆଗରୁ ଗୋଟାଏ ବାଉରି ପିଲା ଆସି ଭଲ କୋଳିତକ ଗୋଟାଇ ନେଇ ଥିବାରୁ ଆମେ ଗୋଟେ ଦୁଇଟା ଦରପାଚିଲା କୋଳି ପାଟିରେ ପକାଇ ଏଣେ ତେଣେ ବୁଲି ବୁଲି ଘରକୁ ଫେରିଲୁ ।

ଏହା ଭିତରେ ବାଜସାହୁ ଗୁଡ଼ିଆ ଟଙ୍କାଟି ଆଣି ଅଜାଙ୍କୁ ଫେରାଇ ଦେଇଥିଲା । ପିଲାଏ ଟଙ୍କାଟା କେଉଁଠୁ ପାଇଲେ ବୋଲି ଅନୁସନ୍ଧାନ କରୁ କରୁ, ପେଟରାର ପୋଡ଼ାଗାଡ଼ିଟି ତାଙ୍କ ଆଖିରେ ପଡ଼ିଥିଲା ।

ଆମେ ଫେରିବା ପରେ ଅଜା ଆମକୁ ଡାକି ହସି ହସି କହିଲେ ଶେଯରୁ ଉଠି କୁଆଡେ଼ ଯିବା ହୋଇଥିଲା, ଖରାରେ ଦେହ କଳାକାଠ ପଡ଼ିଲାଣି । ଲୁଚାକରି ଯାଇ ଖରାବେଳେ ବୁଲିବା, ଚୋରି କରିବା ଏସବୁ କିଛି ଭଲ କଥା ନୁହେଁ । ଚୋରି ଶବ୍ଦ ଶୁଣି ଆମେ ଧରାପଡ଼ି ଯାଇଛୁ ବୋଲି ଜାଣିପାରି ଚମକି ପଡ଼ିଲୁ ।

ସେ ପେଟରାଟିକୁ ଆମକୁ ଦେଖାଇ କହିଲେ, ତମ ଚୋରି ଧରା ପଡ଼ିଛି । ଚୋରିରେ, ଶେଷରେ ସମସ୍ତେ ଧରା ପଡ଼ନ୍ତି । ସାରୁଚୋର ଆଳୁ ଚୋର, ଚୋରଭଜ ନଶ୍ବରଜ ବଡ଼ା ଚୋର । ଚୋରି କରି ଥରେ ଅଧେ କିଏ ଖସି ଯାଇପାରେ, କିନ୍ତୁ ଶେଷକୁ ଧରାହୋଇ ପୋଲିସ ହାତରେ ମାଡ଼ ଖାଏ ଜେଲ ଯାଏ, ତାକୁ ସମସ୍ତେ ଛି ଛି କରନ୍ତି । ତୁମେ ଯଦି ଆଉ ଏମିତି କାର୍ଯ୍ୟ କରିବ, ମୁଁ ଚୋରଙ୍କ ଅଜା ହୋଇ ଆଉ ଏଠି ରହିବି ନାହିଁ । ଆମ ଗାଆଁକୁ ପଳାଇବି ।

Digitized by srujanika@gmail.com

ଆମେ ତାଙ୍କର ଶେଷ କଥାପଦକ ଶୁଣି ଆଗକଥା ସବୁ ଯାକ ଭୁଲିଯାଇ ତାଙ୍କୁ ପଚାରିଲୁ—ତୁମେ କେବେ ଯିବ ? ଆମେ ତୁମ ସାଙ୍ଗେ ଯିବୁ । ତମ ଗାଁରେ ଆମ୍ବ ଅଛି, ଭାରି ମଜା ।

ଅଜା ଗାଁ ବୀରପୁରୁଷୋତ୍ତମପୁର, ଆମ ଗାଁଠାରୁ ତିନି ଚାରି ମାଇଲ ଦୂର । ସେତେବେଳକୁ ବୀରପୁରୁଷୋତ୍ତମପୁର ରେଳ ଷ୍ଟେସନ ହୋଇ ନଥାଏ । ଆଜି ଗାଁଆରେ ପୁଣ୍ୟପର୍ବ ହେଲେ ଆମେ ଜଗନ୍ନାଥ ସଡ଼କ ବାଟେ ଶଗଡ଼ରେ ଯାଉ, ନହେଲେ ମାଳ ଭିତର ଦେଇ ଅଜାଙ୍କ ସାଙ୍ଗେ ଚାଲି ବାଟରେ ଚାଲିଯାଉ । ମୁଁ ଓ ମୋ ତଳ ଭଉଣୀ ପ୍ରାୟ ତାଙ୍କ ସାଙ୍ଗେ ଚାଲିକରିଯାଉ ।

ସେ ଜଣକୁ କାନ୍ଧରେ ବସାଇ ଅନ୍ୟ ପିଲାର ହାତ ଧରି ଚାଲି ଚାଲି ନିଅନ୍ତି । ବାଟରେ ମାଳରୁ ପାଚିଲା କୋଳି ତୋଳିକରି ଦିଅନ୍ତି କିମ୍ବା ବାଟରେ ହାଟ ଥିଲେ, ହାଟରୁ କିଛି ଖାଇବା ଜିନିଷ କିଣିକରି ଖାଇବାକୁ ଦିଅନ୍ତି । ଚାଲିବା ପିଲାଟିର ଗୋଡ଼ କଅଣ ହୋଇଗଲେ ତାକୁ କାନ୍ଧୁଆ କରି ଅନ୍ୟ ପିଲାଟିକୁ ଚାଲନ୍ତି । ମଝିରେ ମଝିରେ କୌଣସି ଛାଇ ସ୍ଥାନରେ ବସାଇ ଆମ ଗୋଡ଼ ବି ଚିପି ଦିଅନ୍ତି ।

ପରେ ତାଙ୍କ ଗାଁ ନିକଟରେ ରେଳ ଷ୍ଟେସନ ହେଲା; କିନ୍ତୁ ଅତି ବୃଦ୍ଧ ବୟସରେ ବି ରେଳ ଗାଡ଼ିରେ ନ ଆସି ତାଙ୍କ ଗାଁରୁ ସେ ଆମ ଗାଁକୁ ଚାଲିକରି ଆସୁଥିଲେ । ରେଳଗାଡ଼ିରେ କାହିଁକି ଆସୁନାହାନ୍ତି ବୋଲି ପଚାରିଲେ ସେ କହନ୍ତି, ମୁଁ କଅଣ ଛେଳି ହୋଇଛି ଯେ ଆମ ଗାଁରୁ ଆମ ଷ୍ଟେସନକୁ ମାଇଲିଏ ବାଟ ଚାଲିକରି ଆସିବି । ପୁଣି ତୁମ ଷ୍ଟେସନରୁ ଦୁଇ ମାଇଲ ଚାଲି ତୁମ ଘରକୁ ଆସିବି ଆଉ କେବଳ ଗାଡ଼ିରେ ବସିବା ସୁଖ ଟିକକ ପାଇଁ ରେଳ କମ୍ପାନୀକୁ ଜୋରିମାନା ଦେବି । ପୁଣି ଚାଲି ଆସିବାକୁ ଯେତିକି ସମୟ ଲାଗିବ ରେଳ ଆସିବା ପାଇଁ ଅପେକ୍ଷା କରିବାକୁ ତାଠାରୁ ବେଶୀ ସମୟ ଲାଗିବ ।

ଆମ ପଇସା ଶ୍ରେଷ୍ଠ ପରେ ଅଜା କୋଉଠିଆକୁ ଡାକି ପେଟରାଟି ମରାମତି କରାଇ ନେଲେ, କିନ୍ତୁ ଆମ ଶ୍ରେଷ୍ଠ ବୟସରେ କିଛି ଗୁରୁତ୍ୱ

Digitized by srujanika@gmail.com

ହେଲେନି କିମ୍ବା ସେ କଥା ଆଉ କାହାକୁ କିଛି କହିଲେ ନାହିଁ । ନନା ବୋଉ କେହି ମଧ୍ୟ ସେ କଥା ଜାଣନ୍ତି ନାହିଁ । ଏବେ ମଧ୍ୟ ସେ ଫଟୋଚିତ୍ରଟି ଆମ ଘରେ ପଡ଼ିଛି । ତାକୁ ଦେଖିଲେ ଅଜାଙ୍କ ସ୍ନେହ କଥା ମନେ ପଡ଼ି ଆଖି ଆଗେ ଆପେ ଓଦା ହୋଇଆସେ ।

ଅଜା ଆଉ ଯେତେ ରାଗି ଲୋକ ହେଲେ ମଧ୍ୟ ନାତି ନାତୁଣୀଙ୍କ ଅତ୍ୟାଚାର ନୀରବରେ ସହିଯାଆନ୍ତି । ସେମାନଙ୍କୁ ଅତ୍ୟଧିକ ସ୍ନେହ କରି କିପରି ତାଙ୍କ ଦୋଷ ସବୁ ଘୋଡ଼ାଇ ପକାନ୍ତି ଆମ ଘେଙ୍ଗା ତାରଙ୍କ ଗୋଟିଏ ଦୃଷ୍ଟାନ୍ତ । ସେହିଯୋଗୁ ବୋଧହୁଏ ଅନେକ ପିଲା ପାଠ ପଢ଼ିବା ପାଇଁ ଆଉ ଅଜାଙ୍କ ପାଖରେ ରହି ଏକଜିଦିଆ ଓ ବାଲୁଙ୍ଗା ହୋଇ ଯାଆନ୍ତି ।

**ଅନାଗତ ବିଧାତା**—ନନା ଜେଲରୁ ଫେରି ଗାଁକୁ ଆସିଲେ ମଧ୍ୟ ଅଜା ଆମ ବିରୁଦ୍ଧରେ ତାଙ୍କ ପାଖରେ କୌଣସି ଅଭିଯୋଗ କରନ୍ତି ନାହିଁ କି ଆମର ଦୁଷ୍ଟାମି ବା ତାଙ୍କ ନିଜର ଅସୁବିଧା କଥା କିଛି କହନ୍ତି ନାହିଁ ।

ଅଜା ନନାଙ୍କୁ ନିଜ ପୁଅଠାରୁ ଅଧିକ କରି ସ୍ନେହ କରୁଥିଲେ ମଧ୍ୟ ନନାଙ୍କ ଦେଶ ସେବା ପାଇଁ ତାଙ୍କର ନନାଙ୍କ ପ୍ରତି ଖୁବ୍ ଖାତିର ଥିଲା ।

ନନାଙ୍କ ବ୍ୟକ୍ତିତ୍ୱ ଯୋଗୁ ତାଙ୍କ ପିଲାଦିନୁ ତାଙ୍କର ଗୁରୁଜନ-ମାନେ ବି ତାଙ୍କୁ ପରୋକ୍ଷରେ ସମ୍ମାନ ଦେଖାଇବା କଥା ମୁଁ ଶୁଣିଛି । ନନା ସତ୍ୟବାଦୀ ସ୍କୁଲରେ ଶିକ୍ଷକତା କଲାବେଳେ ତାଙ୍କର ବୟସ ଖୁବ୍ କମ୍, କିନ୍ତୁ ସେତେବେଳକୁ ବି ଲୋକେ ତାଙ୍କ ବ୍ୟକ୍ତିତ୍ୱକୁ ଉଚ୍ଚ ସ୍ଥାନ ଦେବା ଆରମ୍ଭ କରିଥିଲେ । ସେତେବେଳେ ଆମ ଗାଁରେ ବୁଢ଼ା ବୁଢ଼ାମାନେ ପଶା ଗଞ୍ଜପା ପ୍ରଭୃତି ଖେଳୁଥିଲେ ଓ ସନ୍ଧ୍ୟାରେ ପାଚକ ଟାଣି ବା 'ଭାଙ୍ଗ' ଖାଉଥିଲେ । କିନ୍ତୁ ସତ୍ୟବାଦୀ ସ୍କୁଲ ଆରମ୍ଭ ହେବା ପରେ ସେସବୁ ପ୍ରାୟ ବନ୍ଦ ହୋଇ ଯାଇଥିଲା । ଥରେ ନନା ଖରାବେଳେ ସତ୍ୟବାଦୀରୁ ଗାଁକୁ ଆସିବାବେଳେ କେତେକ ବୁଢ଼ାଲୋକ ( ତାଙ୍କ ନନାଙ୍କ ସମେତ ) ଦାଣ୍ଡକଡ଼ରେ ନଡ଼ିଆ ଗଛ ମୂଳେ ମଶିଣା ପକାଇ

Digitized by srujanika@gmail.com

ପଶା ଖେଳୁଥିଲେ । ନନାଙ୍କୁ ଦୂରରୁ ଦେଖିବା ମାତ୍ରେ ପଶା ପାଲିକୁ ଗୁଡ଼ାଇ ଖେଳ ବନ୍ଦ କରି ସେଠାରୁ ଉଠି ଚାଲିଗଲେ । ନନା ସେ ଆଡ଼େ ନଚାହିଁ ମୁଣ୍ଡ ପୋତି ପୋତି ଘରକୁ ଆସିଲେ ।

ଜେଜେ ବାପାଙ୍କ ସଙ୍ଗେ ଦେଖାହେବା ପରେ ନନା ତାଙ୍କୁ କହିଲେ 'ତୁମେ ବୁଢ଼ାମାନେ ତ ଖେଳୁଥିଲ, ମୋତେ ଦେଖି କାହିଁକି ଖେଳ ବନ୍ଦ କରିଦେଲ ? ମୋତେ ବଡ଼ ଅଡୁଆ ଲାଗିଲା' । ତାର ଉତ୍ତରରେ ତାଙ୍କ ନନା କହିଲେ "ଆରେ ସେ ଗୋଟେ ମର୍ଯ୍ୟାଦା କଥା । ଆରେ ତୋତେ ଦେଖି କେହି ଉଠିନାହିଁ, ତୋର ବ୍ୟକ୍ତିତ୍ୱକୁ ସମ୍ମାନ ଦେଖାଇବା ପାଇଁ ସମସ୍ତେ ଉଠି ଯାଉଛନ୍ତି ।"

ଅଜା ନନାଙ୍କୁ ଯେପରି ମର୍ଯ୍ୟାଦା ଦେଖାଉଥିଲେ ମଧ୍ୟ ଗୁରୁଜନ ଭାବେ ବେଳେବେଳେ ତାଙ୍କୁ ତାଙ୍କର କର୍ତ୍ତବ୍ୟ ସୂଚାଇ ଦେଉଥିଲେ ।

ଅଜାଙ୍କର କେଉଁଆଡ଼କୁ ଯିବାର ଥିଲେ ସେ ବହୁ ଆଗରୁ ସେ ସ୍ଥାନକୁ ଯିବାକୁ ବାହାରି ପଡ଼ନ୍ତି ।

ସେ କୌଣସି କାମରେ ବାହାରିଲା ବେଳେ ତାଙ୍କୁ ପଛରୁ ଡାକଦେଲେ ସେ ଫେରିଆସି ଟିକିଏ ରହିଯାଇ ପୁଣି ଜଗନ୍ନାଥଙ୍କ ନାଁ ନେଇ ଯାତ୍ରା ଆରମ୍ଭ କରନ୍ତି ।

ସେ ତାଙ୍କ ହାତରେ ଏତେ ସମୟ ରଖିଥାନ୍ତି ଯେ ଏପରି ଆମେ ଡାକିବା ହେଉ, ଥରେ ଦୁଇଥର ତାଙ୍କୁ ଫେରାଇବା ହେଉ ବା ଡେରି ହେଲେ ମଧ୍ୟ, ସେ ଠିକ୍ ସମୟରେ ବା ସମୟର କିଛି ପୂର୍ବରୁ ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ ପହଞ୍ଚିବାରେ ବିଶେଷ କିଛି ଅସୁବିଧା ହୁଏ ନାହିଁ ।

ଥରେ ନନା ଘରକୁ ଆସିଥାଆନ୍ତି । କୌଣସି ଜରୁରୀ କାମ ଯୋଗୁ ତାଙ୍କର ଟ୍ରେନରେ ଦିଲ୍ଲୀ ଫେରିଯିବାର ଥାଏ । ନନାଙ୍କର ଠିକ୍ ସମୟରେ ଘଣ୍ଟା ଅନୁସାରେ ଷ୍ଟେସନରେ ଗାଡ଼ି ଆସିଲାବେଳକୁ ପହଞ୍ଚିବା ଅଭ୍ୟାସ । ତାଙ୍କ ଗୁରୁପଣେ ସବୁବେଳେ ଠିକ । ଶେଷ ପର୍ଯ୍ୟନ୍ତ ସେ କାମ ତୁଣ୍ଡାଉ ଥାଆନ୍ତି ।

Digitized by srujanika@gmail.com

ଗାଡ଼ିକୁ ଯିବାକୁ ପ୍ରସ୍ତୁତ ହେବାର ଡେରି ଦେଖି, ଶୀଘ୍ର ପ୍ରସ୍ତୁତ ହୋଇ ଆଗରୁ ଯାଇ ଷ୍ଟେସନରେ ପହଞ୍ଚିବା ପାଇଁ ଅଜା ନନାଙ୍କୁ ବହୁଥର ତାଗିଦ୍ କଲେ ।

ନନା ସେକଥା ଶୁଣିଲା ନଶୁଣିଲା ପରି ବହୁସମୟ ରହିବା ପରେ ଶେଷରେ ଅଜା ତାଙ୍କୁ ବେଶୀ ବ୍ୟସ୍ତ କରିବାରୁ ତାଙ୍କ ପାଟିରୁ ବାହାରି ପଡ଼ିଲା 'ଅପଣ ମଫସଲିଆଙ୍କ ପରି ମିଛରେ କାହିଁକି ଏତେ, ବ୍ୟସ୍ତ ହେଉଛନ୍ତି । ମୋ ପାଖରେ ଘଣ୍ଟା ଅଛି । ମୁଁ ଠିକ୍ ସମୟରେ ଯାଇ ଗାଡ଼ି ଧରିବି ।'

ସେତେବେଳେ ନନା ବଡ଼ଲାଟ ସଭାର ମେମ୍ବର ଥିବାରୁ ତାଙ୍କୁ ଫାଷ୍ଟକ୍ଲାସ ପାଶ ମିଳୁଥିଲା । ଫାଷ୍ଟକ୍ଲାସ କେବଳ ସାହେବ ଓ ବଡ଼ବଡ଼ଆ-ମାନଙ୍କ ଯିବାପାଇଁ ହୋଇଥିବାରୁ ଜଣେ ଫାଷ୍ଟକ୍ଲାସ ଯାତ୍ରୀ ଠିକ୍ ସମୟରେ ଗାଡ଼ିକୁ ଆସି ନପାରିଲେ ତାଙ୍କ ପାଇଁ ଦୁଇ ପାଞ୍ଚ ମିନିଟ୍ ଗାଡ଼ି ସେ ଷ୍ଟେସନରେ ଅପେକ୍ଷା କରୁଥିଲା । ନନା ରେଲୱଏ ବୋର୍ଡର ମେମ୍ବର ଥିବାରୁ ତାଙ୍କ ଖାତିରରେ ମଧ୍ୟ ବେଳେ ବେଳେ ଗାଡ଼ି ଅଟକୁଥିଲା । ତେଣୁ ତାଙ୍କର ବିଶେଷ ଅସୁବିଧା ହେଉ ନଥିଲା ।

ସମୟ ହେବାରୁ ଘଣ୍ଟା ଦେଖି ନନା ଅନ୍ୟମାନଙ୍କୁ ବିଦାୟ ଦେଇ ବଳଦ ଗାଡ଼ିରେ ବସି ଷ୍ଟେସନକୁ ବାହାରି ପଡ଼ିଲେ । ଆମ ଗାଁରୁ ସତ୍ୟବାଦୀ ଶଲବେଳକୁ ବାଟରେ ସେବକ ସାହିର ରାସ୍ତାଟି ବଡ଼ ଅଣଓସାରିଆ । ଯେଉଁଠି ଗୋଟିଏ ଶଗଡ଼ ବା ମଟର ପଶିଲେ ଏଠି ସବୁ ଯାନବାହାନ ଏପରିକି ସାଇକଲ ଯିବା ମଧ୍ୟ ବନ୍ଦ ହୋଇଯାଏ ।

ନନାଙ୍କ ଶଗଡ଼ ସେ ଗାଁ ମୁଣ୍ଡରେ ପହଞ୍ଚିଲା ବେଳକୁ ଆରପଟୁ ଗୁଡ଼ାଏ ପଥର ଶଗଡ଼ ଆସୁଥିଲା । ସେଗୁଡ଼ିକ ପାର ହେଉ ହେଉ ବହୁତ ଡେରି ହୋଇଗଲା । ଷ୍ଟେସନ ପ୍ରାୟ ଦୁଇ ମାଇଲ ହେଲେ ମଧ୍ୟ ରେଳ ଆସିବା ଓ ଯିବାର ହୁଇସିଲ ବିଲବାଟେ ଆସି ସମସ୍ତଙ୍କ କାନରେ ବାଜିଲା । ଟ୍ରେନ ଷ୍ଟେସନ ଛାଡ଼ିବାର ହୁଇସିଲ ଶୁଣି ନନା

Digitized by srujanika@gmail.com

ବାଧ୍ୟହୋଇ ଘରକୁ ଲେଉଟିଲେ । ତାଙ୍କୁ ଦେଖି ଅଜା ହସି ହସି କହିଲେ କଅଣ ଏବେ ସହରିଆ ଫେରିଲେ ।’

ନନା ଅନ୍ୟମାନଙ୍କୁ ବୁଝିଁ କହିଲେ ସିଘ୍ରେ ଆପଣେ ଜଣେ ‘ଅନାଗତ ବିଧାତା’ ଆମପରି ପ୍ରତ୍ୟୁତ୍ପନ୍ନମତି କେବେ କେବେ କୌଣସି କୌଣସି କାର୍ଯ୍ୟରେ ଅକୃତକାର୍ଯ୍ୟ ହୋଇପାରେ, କିନ୍ତୁ ତାଙ୍କପରି ଅତି ଆଗରୁ ପ୍ରସ୍ତୁତ ହୋଇଥିବା ‘ଅନାଗତ ବିଧାତା’ କେବେ କୌଣସି କାର୍ଯ୍ୟରେ ବିଫଳ ହୁଏ ନାହିଁ ।

●

Digitized by srujanika@gmail.com

# ମୋ ପିଲାଦିନ

( ତିନି )

**ଗୋପ ପ୍ରସ୍ଥାନ—** ନନାଙ୍କ ନିଜ ଭାଷାରେ ଗୋପବନ୍ଧୁ ଥିଲେ, ତାଙ୍କର ପ୍ରଧାନ ସଖା, ଗୁରୁ ଓ କର୍ଣ୍ଣଧାର । ତାଙ୍କର ଯୁବାବସ୍ଥାରୁ ସେ ଗୋପବନ୍ଧୁଙ୍କ ସଙ୍ଗେ କାର୍ଯ୍ୟ କରିଆସିଥିଲେ । ଗୋପବନ୍ଧୁଙ୍କ ସଙ୍ଗେ ତାଙ୍କ ସମ୍ପର୍କ, ଗୀତାର ଶ୍ରୀ କୃଷ୍ଣଙ୍କ ସଙ୍ଗେ ଅର୍ଜୁନଙ୍କ ସମ୍ପର୍କପରି ଥିଲା । ଅର୍ଜୁନ ଯେପରି କୃଷ୍ଣଙ୍କ ସଙ୍ଗେ ଯୁକ୍ତି କରୁଥିଲେ ଓ କୃଷ୍ଣ ଅର୍ଜୁନଙ୍କୁ ଯୁକ୍ତିରେ ମନାଇ କର୍ତ୍ତବ୍ୟରେ ଲଗାଉଥିଲେ ସେହିପରି କୌଣସି କାର୍ଯ୍ୟପନ୍ଥାରେ ମନ ନମାନିଲେ ବା ସନ୍ଦେହ ହେଲେ ନନା ଗୋପବନ୍ଧୁଙ୍କ ସଙ୍ଗେ ଆଲୋଚନା ଓ ଯୁକ୍ତିତର୍କ କରି ନିଜର କର୍ତ୍ତବ୍ୟ ସ୍ଥିର କରୁଥିଲେ ।

୧୯୨୮ ମସିହାଟି କେବଳ ନନାଙ୍କ ପାଇଁ ନୁହେଁ ସାରା ଓଡ଼ିଶା ପାଇଁ ଗୋଟିଏ ଅତି ଅଶୁଭ ସମୟ । ଗୋପବନ୍ଧୁଙ୍କୁ ଭଲଭାବରେ ଦେଖିବା ମୋର ମନେ ନାହିଁ । ମୋର ଜନ୍ମ ୧୯୨୧ରେ । ୧୯୨୧ ଠାରୁ ୧୯୨୮ ପର୍ଯ୍ୟନ୍ତ ସତ୍ୟାଗ୍ରହ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ । ସେତେବେଳେ ନନା ଗୋପବନ୍ଧୁ ପ୍ରଭୃତିଙ୍କର କାରାଗାର ଓ ଦେଶ କାର୍ଯ୍ୟରେ ଏଠି ସେଠି ବେଶୀ ସମୟ କଟୁଥିଲା । ମୋର ସେମାନଙ୍କର ଘନିଷ୍ଠ ସମ୍ପର୍କରେ ଆସିବାର ସୁବିଧା ନଥିଲା ।

ଶୁଣିଛି ସେ ସମୟ । ନନା ଓଡ଼ିଶା ବାହାରେ ଥିଲେ, ଗୋପବନ୍ଧୁ ତାଙ୍କୁ ସତ୍ୟବାଦୀକୁ ଡକାଇ ପଠାଇଲେ । ସେ ଗ୍ରାମକୁ ଆସି ଗୋପବନ୍ଧୁଙ୍କ ସାକ୍ଷାତ ପାଇଁ ଘରୁ ସତ୍ୟବାଦୀ ଆଶ୍ରମକୁ ଯିବା ଆସିବା କରୁଥିଲେ । ଗୋପବନ୍ଧୁ ଜ୍ୱରରେ ଶଯ୍ୟାଗତ ହୋଇ ପଡିଥିଲେ ।

Digitized by srujanika@gmail.com

ଏଣେ ଦୁଇଦିନ ଘରକୁ ଯିବା ଆସିବା କରିବା ପୂରା ବନ୍ଦ ହୋଇଯିବାରୁ ଆମ ଗାଁଆରେ ସମସ୍ତେ ଗୋପବଂଧୁଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତିତ ହୋଇ ପଡ଼ିଲେ । ତାଙ୍କ ଦେହ ଅତ୍ୟନ୍ତ ଖରାପ ବୋଲି ଲୋକେ କୁହାକୁହି ହେଲେ ।

ନନା କାହିଁକି ଆସୁନାହାନ୍ତି, ଗୋପବଂଧୁଙ୍କ ଦେହ କିପରି ଅଛି ବୋଲି ବୁଝିବାକୁ ଘରୁ ଆମ କଣ୍ଡୁରିଆ ଚାକରକୁ ସତ୍ୟବାଦୀ ପଠାଗଲା । ମୁଁ ମଧ୍ୟ ତା କାନ୍ଧରେ କାନ୍ଧୁଆ ହୋଇ ତା ସଙ୍ଗେ ସତ୍ୟବାଦୀ ଗଲି ।

ମୁଁ ଦେଖିଲି ବେଳକୁ ଆଶ୍ରମରେ ଖୁବ ଭିଡ଼ । ଗୋପବଂଧୁଙ୍କ କୋଠରୀ ସାମନାରେ କେତେକ ଲୋକ ଭାରିମନରେ ମୁହଁ ଶୁଖାଇ ଏପଟ ସେପଟ ହେଉଛନ୍ତି ।

ଗୋଟିଏ ଖଟ ଉପରେ ଜଣେ ରୋଗୀ ଲୋକ ଘୋଡ଼େଇ ଘାଡ଼େଇ ହୋଇ ଶୋଇ ତାଙ୍କ ଲମ୍ବା ମୁଣ୍ଡଟିକୁ ଏପଟ ସେପଟ କରୁଛନ୍ତି । ତାଙ୍କ ଗୋଡ଼ତଳେ ମୁଣ୍ଡପାଖରେ ଓ କଡ଼ରେ ଦୁଇ ତିନିଜଣ ଲୋକ ଚଉକି ପକାଇ ବସି ତାଙ୍କୁ ଆଉଁସା ଆଉଁସି କରୁଛନ୍ତି ।

ସେମାନଙ୍କ ଭିତରୁ ନନାଙ୍କୁ ଚିହ୍ନିପାରି ମୁଁ ତାଙ୍କୁ ଡ଼ାକିଲି । ସେ ଆମ ଆଡ଼କୁ ଚାହିଁଲେ କିନ୍ତୁ ସେଠାରୁ ନ ଉଠି ହାତ ହଲାଇ ଘରକୁ ଫେରିଯିବାକୁ କଣ୍ଡୁରିଆକୁ ନିର୍ଦ୍ଦେଶ ଦେଲେ । ମୁଁ ସେଦିନ କଣ୍ଡୁରିଆ ସଙ୍ଗେ ଘରକୁ ଫେରିଲି ।

ଗୋପବଂଧୁଙ୍କର ଟାଇଫଏଡ଼ ଜର ଲେଉଟି ତାଙ୍କ ହୃତ୍‌ପିଣ୍ଡ ଝିଲ୍ଲିରେ ପାଣି ଜମି ଯେ Pericarditis ନାମକ ସାଂଘାତିକ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ସମସ୍ତେ ତାଙ୍କ ଜୀବନର ଆଶା ପ୍ରାୟ ଛାଡ଼ି ଦେଇଥାଆନ୍ତି । ତାଙ୍କର ଦାଢ଼ି ଥିଲା ବୋଲି ମୁଁ ଆଗରୁ ଶୁଣିଥିଲି, ରୋଗ ଯୋଗୁ ସେ ଖୁବ ଲମ୍ବା ହୋଇଥିବାରୁ ତାଙ୍କୁ ଦେଖି ମୁଁ ପ୍ରଥମେ ଚିହ୍ନିପାରି ନଥିଲି ।

Digitized by srujanika@gmail.com

ଜଗନ୍ନାଥଙ୍କ ନେତ୍ରୋତ୍ସବ ଦିବସରେ ଗୋପବନ୍ଧୁ ଚାଲିଗଲେ ବୋଲି ଏଇଦିନ ସବୁଆଡ଼େ ଚହଳ ହୋଇଗଲା । ସମସ୍ତେ ବକୁଳ ବନ ଶ୍ମଶାନକୁ ତାଙ୍କ ଶେଷ ଦର୍ଶନ ପାଇଁ ଦଉଡ଼ିଲେ । ମୁଁ ମଧ୍ୟ କଣ୍ଡୁ ରିଆ ସଙ୍ଗେ ଯାଇ ସେଠାରେ ପହଞ୍ଚିଲି ।

ଶ୍ମଶାନ ଲୋକାରଣ୍ୟ । ଅଧିକାଂଶ ଲୋକଙ୍କ ଆଖିରେ ଲୁହ କିଏ କିଏ କୋହ ସମ୍ଭାଳି ନପାରି ଭୋ ଭୋ ହୋଇ କାନ୍ଦୁଥାଆନ୍ତି । ଦୂରରୁ ତାଙ୍କ ଚିତାଗ୍ନି ଦେଖି ଆମେ ଫେରିଲୁ । ସେଦିନ ମୁଁ ଜାଣିଲି ଲୋକେ ମରିଗଲେ ତାଙ୍କୁ ନେଇ ମଶାଣିରେ ପୋଡ଼ି ଦିଅନ୍ତି ।

ମୃତ୍ୟୁ କି ଜିନିଷ ମୁଁ ପୂର୍ବରୁ ଜାଣି ନଥିଲି । ମୋ ଅଜ୍ଞାନ ଅବସ୍ଥାରେ ମୋ ଉପରର ଦୁଇ ଭଉଣୀ ଓ ମୋ ବୁଢ଼ୀମା ମରିଥିଲେ । ମୁଁ ଶୁଣିଛି ମୋ ବୁଢ଼ୀମା ମଲାବେଳେ ନନା କେଉଁଠି 'ହୋ' 'ହୋ' କାନ୍ଦୁଥିଲେ । ମୁଁ ତାଙ୍କୁ ଦେଖି ତାଙ୍କ ମୁହଁକୁ ଚାହିଁ ସେହିପରି କାନ୍ଦିବାର ଅଭିନୟ କରୁଥିଲି ଓ ଗୋଟେ ଖଡିଛରେ ଘାସ ମୁଠାଏ ଧରି ବେଳେବେଳେ ମଦର ଶାଗ (ମଦାରଙ୍ଗା ଶାଗ) ନିଅ ମଦର ଶାଗ ନିଅ ବୋଲି ତାଙ୍କୁ ବ୍ୟସ୍ତ କରୁଥିଲି ।

**ନୂଆ ଜେଜେ ମାଲୀ ମହାପାତ୍ର** — ଗୋପବନ୍ଧୁ ମଲାବର୍ଷ ନନାଙ୍କର ମଧ୍ୟ ପିତୃବିୟୋଗ ହୋଇଥିଲା । ଜେଜେବାପା ମୋତେ ଆଦର କରୁଥିଲେ । ସେ ସବୁବେଳେ ମୋତେ ଏଇ କଥା ପଚାରି 'ଆରେ ନିଧି ବୋଧି ପଢ଼ିଲୁଣି କି ନାହିଁ' ବୋଲି ପଚାରୁଥାଆନ୍ତି । ମୋ ଜନ୍ମ ପୂର୍ବରୁ ଆମଘରେ ଗୋଧି ପଶିବାର ଶୁଣି ସେ ନିଧି ମିଳିବ ବୋଲି କହିଥିବାରୁ ମୋତେ ନିଧି ବୋଲି ଡାକୁଥିଲେ ।

ତାଙ୍କ ଶବ ଉଠିଲା ବେଳେ ଆମ ପିଲାମାନଙ୍କୁ ଘରୁ ଅନ୍ୟତ୍ର ପଠାଇ ଦିଆଯାଇଥିଲା ଓ ପରେ ଜେଜେବାପା କାହାନ୍ତି ବୋଲି ପଚାରିବାରୁ ସେ ସ୍ୱର୍ଗକୁ ଯାଇଛନ୍ତି ବୋଲି କୁହାଯାଇଥିଲା ।

ମୋର ବୟସ ଛଅ କି ସାତ, ତଳ ଭଉଣୀ ମୋଠାରୁ ବର୍ଷେ ଦେଢ଼ବର୍ଷ ସାନ, ତେଣୁ ସ୍ୱର୍ଗ କେଉଁଠି ସେ କଥା ତ ଆମେ ଜାଣିନଥିଲୁ ।

Digitized by srujanika@gmail.com

ସେ କୁଆଡ଼େ ବାହାରିକି ଯାଉଛନ୍ତି ନିଶ୍ଚୟ ଫେରିବେ ବୋଲି ଆମେ ସବୁଦିନ ଦାଣ୍ଡକୁ ଚାହିଁଥାଉ ।

ମାତ୍ର ଦୁଇମାସ ପରେ ଦେଖିଲୁ ଜେଜେ ବାପାଙ୍କ ପରି ଜଣେ ବୁଢ଼ାଲୋକ ବାଡ଼ିଟିଏ ଧରି ଦାଣ୍ଡରେ ଯାଉଛନ୍ତି । ଆମେ ଦୁହେଁଯାକ ଦଉଡ଼ି ଯାଇ ତାଙ୍କୁ କୁଣ୍ଢାଇ ପକାଇ ଆମ ଘର ପିଣ୍ଡାକୁ ଟାଣି ଆଣିଲୁ ।

ସେ ପ୍ରଥମେ ହୁଏତ କିଛି ବୁଝି ପାରିଲେ ନାହିଁ କିନ୍ତୁ ଆମ ଜେଜେବାପା ତାଙ୍କରୁ କଥାଟା ଠଉରାଇ ନେଇ ଆମ ସଙ୍ଗେ ଦାଣ୍ଡ ଦୁଆରେ ବସିଲେ । ଆମକୁ କୋଳରେ ଧରି ବହୁସମୟ ପର୍ଯ୍ୟନ୍ତ ଗେଲ କଲେ ତାପରେ ତାଙ୍କର କାମ ଅଛି ଓ ସେ ପରେ ଆସିବେ ବୋଲି କହି ଆମଠାରୁ କୌଣସିମତେ ବିଦାୟ ଘେନି ନିଜ ଘରକୁ ଚାଲିଗଲେ ।

ସେ ବୁଢ଼ା ହୋଇଛନ୍ତି 'ମାଲ' ଲୋକନାଥ ମହାପାତ୍ରେ । ସେ ଅତି ବୃଦ୍ଧ ବୟସରେ ବି ଆମ ଗାଁରୁ ସବୁଦିନ ଚାଲିକରି ପୁରୀ ଯିବା ଆସିବା କରୁଥିଲେ । ପୂର୍ବେ ସତ୍ୟବାଦୀ ବିହାରରେ ତାଙ୍କୁ ବ୍ୟାୟାମ ଶିକ୍ଷକ କରି ରଖାଯାଇଥିଲା । ସେ ପାଠଶାଠ କିଛି ପଢ଼ି ନଥିଲେ କିନ୍ତୁ ଜଣେ ବଡ଼ ପହିଲମାନ ଥିଲେ । ମହଣେ ଦେଢ଼ ମହଣ ଓଜନର ପଥରକୁ ଅନାୟାସରେ ଦୁଇହାତରେ ଉପରକୁ ଟେକି ଦେଉଥିଲେ । ନଡ଼ିଆଟାକୁ ଗୋଟାଏ ବିଧାରେ ଭାଙ୍ଗି ଦେଉଥିଲେ; ତାଙ୍କ ଟିପରୁ ବଡ଼ ବଡ଼ ଜୋରଦାର ଲୋକେ ଟିପେ ନାଶ ଛଡ଼ାଇ ନେଇପାରୁ ନ ଥିଲେ ।

ତତ୍କାଳୀନ ବିହାର ଓଡ଼ିଶାର ଲାଟସାହେବ ସାର୍ ଏଡୱାର୍ଡ଼ ଗେଟ୍ ସତ୍ୟବାଦୀ ବିଦ୍ୟାଳୟ ପରିଦର୍ଶନରେ ଆସିବାବେଳେ ମହାପାତ୍ରଙ୍କୁ ସେ ସ୍କୁଲର ବ୍ୟାୟାମ ଶିକ୍ଷକ ବୋଲି ଚିହ୍ନାଇ ଦିଆଯାଇଥିଲା । ସେ ନିଜର ପରିଚୟ ଦେବାକୁ ଯାଇ ସାହେବଙ୍କ ସାମନାରେ ଠିଆ ହୋଇ ଲୁହାଗୋଡ଼ା ଲାଗିଥିବା ତାଙ୍କ ବାଡ଼ିଟିକୁ ଖୁବ୍ ଜୋରରେ ନିଜ ପିଠିର ହାଡ଼ ଉପରେ ସିଧା ସିଧା ଭାଙ୍ଗି ସାହେବଙ୍କୁ କହିଲେ 'ଏହା ନାମ ନରିକୁଦନ ବିଦ୍ୟା' ଏହିପରି କୁଦାକୁଦି କରି ପିଲାଙ୍କ ଶରୀରକୁ ଟାଣ କରାଯାଏ ।

Digitized by srujanika@gmail.com

ସାହେବ ତାଙ୍କ ଓଡ଼ିଆ କଥା ବୁଝି ନପାରିଲେ ମଧ୍ୟ ତାଙ୍କ କାର୍ଯ୍ୟ ଦେଖି ପ୍ରଭୂତ ଶଙ୍କିଯାଇ ଗୋପବନ୍ଧୁଙ୍କୁ କହିଲେ ଏ ମଣିଷ ନା ରାକ୍ଷସ ? ଏଥିରୁ ଗୋଟାଏ ଦେବାଦ୍ୱାରା ତ ଯେକୌଣସି ଲୋକର ଛାତି ମେଞ୍ଚା ହୋଇଯିବ ଇଏ ସମ୍ଭାଳିଲା କପରି ?

ସତ୍ୟବାଦୀର ସୁନାମଧନ୍ୟ ଶିକ୍ଷକ ପଣ୍ଡିତ ବାସୁଦେବ ମହାପାତ୍ର ଉତ୍କଳ ଭୀମ ପଦ୍ମଚରଣ, ଉତ୍କଳ ମଲ୍ଲ ରାଧାଶ୍ୟାମ ଦାସ ପ୍ରଭୃତି ବଡ଼ ବଡ଼ ବ୍ୟାୟାମବୀରମାନେ ତାଙ୍କଠାରୁ ବ୍ୟାୟାମ ଓ ମଲ୍ଲଯୁଦ୍ଧ ଶିଖିଥିଲେ । ଆମର ପ୍ରଭୂତ ବୃଦ୍ଧି ହେବାପାଏ ଅନେକଦିନ ଧରି ଆମେ ତାଙ୍କୁ ଆମର ନିଜ ଜେଜେବାପା ବୋଲି ବିଶ୍ୱାସୁଥିଲୁ । ତେଣୁ ସେହି କୋମଳ ବୟସରେ ଗୋପବନ୍ଧୁଙ୍କ ଶିକ୍ଷା ଓ ଲୋକଙ୍କ ଉକଳ କ ଦଣା ମୋ ଉପରେ କି ପ୍ରଭାବ ପକାଇଥିବ ଓ ମୁଁ କେତେ ବିଚଳିତ ହୋଇଥିବି ସେକଥା ଅନୁମାନ କରିବା କଷ୍ଟ ।

**ଗୋପବନ୍ଧୁ ସେବାସଦନ—** ଗୋପବନ୍ଧୁଙ୍କ ତିରୋଧାନ ପରେ ନନା ଚିନ୍ତାଗ୍ରସ୍ତ ରହୁଥିଲେ ଓ ଗମ୍ଭୀର ଦିଶୁଥିଲେ । ଗୋପବନ୍ଧୁଙ୍କ ଅନ୍ତେ ତାଙ୍କ ସ୍ମୃତିକୁ ଜାଗ୍ରତ ରଖି ତାଙ୍କ ଚିନ୍ତାରେ ଦେଶକୁ ଚଳାଇ-ବାକୁ ଦୃଢ଼ପରିକର ହୋଇ ଗୋପବନ୍ଧୁ ମେମୋରିଆଲ ନାମରେ ଗୋଟିଏ ମହାଭାରତୀୟ ଜାତୀୟ ସେବା ଅନୁଷ୍ଠାନ ଗଢିବାପାଇଁ ଉଦ୍ୟମ କରିଥିଲେ ।

ତାଙ୍କୁ ସମର୍ଥନକରି ମହାଭାରତୀୟ ନେତା ମୋତିଲାଲ, ମଦନ ମୋହନ ମାଲବ୍ୟ, ଠକ୍କରବାପା ପ୍ରଭୃତି ସେ ଅନୁଷ୍ଠାନ ଗଢିବାରେ ସାହାଯ୍ୟ କରିବାପାଇଁ ଏକ ନିବେଦନ ପତ୍ର ପ୍ରକାଶ କରିଥିଲେ, ଏବଂ ନେତାଜୀ ଶ୍ରୀ ସୁଭାଷ ଚନ୍ଦ୍ର ବୋଷ ସେ ପାଣ୍ଠିର କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ ।

ସେହି ଉଦ୍ଦେଶ୍ୟରେ ସତ୍ୟବାଦୀ କାହୁଆ ଗ୍ରାମ ନିକଟରେ ଗୋପବନ୍ଧୁ ସେବାସଦନ ଗଢ଼ା ଯାଇଥିଲା । ସେଥିରେ କେତେ ଦାଣ୍ଡି ଟିଣ ଓ ଖଣ୍ଡଘର ତୋଳାଯାଇ ସ୍ୱାଧୀନତା ସଂଗ୍ରାମୀ କର୍ମୀମାନେ ରହିବାର ବ୍ୟବସ୍ଥା ହୋଇଥିଲା ।

Digitized by srujanika@gmail.com

ସେ ଆଶ୍ରମର ଦକ୍ଷିଣ ଦାଣ୍ଡିର ପ୍ରଥମ ଘରେ ଶ୍ରୀ ଜଗନ୍ନାଥ ରଥ, ଦ୍ୱିତୀୟ ଘରେ ଶ୍ରୀ ନୀଳକଣ୍ଠ ଦାସ, ତୃତୀୟ ଘରେ ଶ୍ରୀ ସତ୍ୟବାଦୀ ନନ୍ଦ, ୪ର୍ଥ ଘରେ ନନା, ବୋଉ ଓ ପଞ୍ଚମ ଘରଟିରେ ବୋଲଗଡର ଶ୍ରୀ ଦୁଃଖୀଶ୍ୟାମ ଦାସ ପିଲାପିଲି ନେଇ ରହୁଥିଲେ । ଅନ୍ୟ ଦାଣ୍ଡିଘର ମାନଙ୍କରେ ଅବିବାହିତ ବା ଏକୁଟିଆ କର୍ମୀମାନେ ରହୁଥିଲେ । ଗୋଟିଏ ଅଫିସ ଘର ଓ ସୂତାକଟା କାର୍ଯ୍ୟାଳୟ ପ୍ରଭୃତି ମଧ୍ୟ ଥିଲା । ସମସ୍ତଙ୍କ ପାଇଁ ଗୋଟିଏ ରନ୍ଧନଶାଳା ଓ ଏକତ୍ର ଭୋଜନର ବ୍ୟବସ୍ଥା ଥିଲା । ନେତା ଓ କର୍ମୀମାନେ ସ୍ୱଦେଶୀ ପ୍ରଚାର ଓ ସ୍ୱାଧୀନତା ବାଣୀ ଶୁଣାଇବା ପାଇଁ ଅନେକ ସମୟ ବାହାରେ ରହୁଥିଲେ । ସେମାନଙ୍କ ପିଲାପିଲିଙ୍କ କଥା ସେମାନେ ନଥିଲାବେଳେ ଅନ୍ୟମାନେ ବୁଝୁଥିଲେ ।

ଭାଇନା ମୋଠାରୁ ନଅ ବର୍ଷ ବଡ଼, ସେ କଟକରେ ରହି ପାଠ ପଢ଼ୁଥିଲେ । ମୁଁ ଚତୁର୍ଥଶ୍ରେଣୀରୁ ନୂଆ ସତ୍ୟବାଦୀ ଛାତ୍ରାବାସରେ ରହୁଥିଲି । ମୋର ଜ୍ୟେଷ୍ଠ ଭଉଣୀମାନେ ବୋଉ ପାଖରେ ଆଶ୍ରମରେ ରହୁଥିଲେ । ନନା କେନ୍ଦ୍ର ଆସେମ୍ବ୍ଲି କାର୍ଯ୍ୟରେ, କଂଗ୍ରେସ କାର୍ଯ୍ୟରେ ସୁଭାଷ ବାବୁଙ୍କ ସହିତ କଲିକତା ଓ ଟାଟାରେ ଓଡ଼ିଆ ଶ୍ରମିକ ଆନ୍ଦୋଳନ ପ୍ରଭୃତି କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ବେଶୀ ସମୟ ସେ ଆଶ୍ରମରେ ରହି ପାରୁ ନଥିଲେ । ମୁଁ ଛୁଟିଦିନ ମାନଙ୍କରେ ଆଶ୍ରମକୁ ଯାଏ କିନ୍ତୁ ନନାଙ୍କ ସଙ୍ଗେ ପ୍ରାୟ ଦେଖାହୁଏ ନାହିଁ ।

ସେଠାରେ ଶ୍ରୀ ଜଗନ୍ନାଥ ରଥ ନନାଙ୍କର ପ୍ରଧାନ ସହକର୍ମୀ ଥିଲେ । ସେ ଆକାରରେ ଗେଣ୍ଟିଆ ସରୁଆ ମଣିଷଟିଏ । 'ଗୋସ ଚେଚେହେସ' । ଅତିଜ୍ଞାନୀ ଲୋକ । ତାଙ୍କୁ ଲୋକେ ନାଁ ଦେଇଥାଆନ୍ତି ନନାଙ୍କ ପକେଟ ଡିକ୍ସିନାରୀ ଓ ନନାଙ୍କୁ କହୁଥାଆନ୍ତି ବିଶ୍ୱଜ୍ଞାନକୋଷ ବା ଏନସାଇକ୍ଲୋପିଡ଼ିଆ ।

ସେତେବେଳେ ପୁରୀଠାରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ହେବାର ସ୍ଥିର ହୋଇଥିଲା । ଅଭ୍ୟର୍ଥନା ସମିତିର ସମ୍ପାଦକ ଭାବେ ନନା ସେଥିରେ ଲାଗି ପଡ଼ିଥିଲେ ।

Digitized by srujanika@gmail.com

ମୋ ଦେହ ଖରାପ ଯୋଗୁ ଔଷଧ ଆଣିବାକୁ କାହାସଙ୍ଗେ ମୁଁ ପୁରୀ ଯାଇଥିଲି । ପୁରୀରେ କଂଗ୍ରେସ ନେତା ଉତ୍କଳ ବନମାଳୀ ଦାସ ବା ଶ୍ରୀ ଜଗବନ୍ଧୁ ସିଂହଙ୍କ ଘରେ ମୁଁ ନନାଙ୍କୁ ଦେଖିଥିଲି । କିନ୍ତୁ ସେ କର୍ମୀ ଗହଣରେ ବିଶେଷ କାର୍ଯ୍ୟବ୍ୟସ୍ତ ଥିବାରୁ ମୁଁ ତାଙ୍କ ସଙ୍ଗେ କଥାବାର୍ତ୍ତା କରି ନପାରି ଫେରିଆସିବାର ମୋର ମନେଅଛି ।

ସେତେବେଳର ରାଜନୈତିକ ପରିସ୍ଥିତି, ଓ ୧୯୩୦ ଲୁଣମରା ଆନ୍ଦୋଳନ ସତ୍ୟାଗ୍ରହ ପ୍ରଭୃତିର ପ୍ରଭାବରେ ଭାରତ ହୁଲସ୍ଥୂଲ କମ୍ପିଲା । ଗୋପବନ୍ଧୁ ମେମୋରିଆଲ ଗଢା ହୋଇପାରିଲା ନାହିଁ । ସରକାର କଂଗ୍ରେସ ଅନୁଷ୍ଠାନକୁ ବେଆଇନ ଘୋଷଣା କଲେ । ପୁରୀରେ କଂଗ୍ରେସ ବସି ପାରିଲା ନାହିଁ । ନନାଙ୍କର ସବୁ ଯୋଜନା ପସର ଫାଟିଲା ।

ସତ୍ୟବାଦୀର ନେତା ଓ କର୍ମୀମାନେ ଗୋପବନ୍ଧୁ ସେବାସଦନକୁ ନିଜର କର୍ମସ୍ଥଳୀ କରି ସେଠାରୁ ପୁରୁଷ ଓ ନାରୀ କର୍ମୀମାନେ ସତ୍ୟାଗ୍ରହ ଚଳାଇଲେ ।

ଛୋଟ ଛୋଟ ବାନର ସେନାଙ୍କ ଶୋଭାଯାତ୍ରାର କୋଳାହଳରେ ଦେଶ କମ୍ପି ଉଠିଲା । ବାନରସେନାଙ୍କ ସମରସଙ୍ଗୀତରେ ଗଗନ ପବନ ଥରିଲା । କଥା କଥାକେ ବୀରକିଶୋର ଦାସଙ୍କଭଳି ଜାତୀୟ-କବିମାନେ କବିତା ଯୋଡ଼ି ବାନର ସେନାଙ୍କୁ ଯୋଗାଇ ଦେଉଥିଲେ ।

ଭାଇନା କଲେଜିଏଟ ସ୍କୁଲରେ ସ୍କାଉଟ ଥାଇ ସେତେବେଳର ଶିକ୍ଷା-ନିର୍ଦ୍ଦେଶକ ଡ଼. ପି ସାହେବଙ୍କ ସାମନାରେ ବ୍ରିଟିଶ ପତାକାକୁ ପାଦରେ ଦଳି ଜାତୀୟ ପତାକା ଉଡ଼ାଇ ସେ ସ୍କୁଲ ଛାଡ଼ିଲା ବେଳେ ବୀରକିଶୋରଙ୍କର ଯେଉଁ ଗୀତ ବାନର ସେନା ବୋଲୁଥିଲେ ସେଥିରୁ ପଦେ ହେଲା "ମାଳକଂଠ କଟିକୁମର, ଅଶୋକ ସାହସୀ ସୁନ୍ଦର ନମାନିଲା ସେଦିନ ବ୍ରିଟିସ ପତାକା ସ୍କୁଲକୁ ଛେଡ଼ି ଗୁଡ଼ିଲା ।" ତାପରେ ଭାଇନା କଲିକତା ପଢ଼ିବାକୁ ଯାଇ ସେଠାରେ ନାମ ଲେଖାଇ ଫେରିବା ପରେ ଆନ୍ଦୋଳନରେ ମିଶି ବନ୍ଦୀ ହୋଇ ହଜାରିବାଗ୍ ଜେଲକୁ ଗଲେ । ଆଇନ ନମାନି ଲକ୍ଷ ଲକ୍ଷ ଲୋକ ବନ୍ଦୀ ହେଲେ । ନନା ସାର୍ଦ୍ଧ କାରାଦଣ୍ଡ ଆଦେଶ ପାଇଲେ । ଜଣେ ନେତା ବନ୍ଦୀ ହେଲା ପରେ ଆଉ-

Digitized by srujanika@gmail.com

ଜଣେ ନେତା ଆନ୍ଦୋଳନର ନେତୃତ୍ୱ ନେଉଥିଲେ । ଶେଷରେ ବୋଝ ଉପରେ ମଧ୍ୟ ସେ ନେତୃତ୍ୱ ଚଢ଼ିଥିଲା ଓ ସେ ଦକ୍ଷତାର ସହିତ ଆନ୍ଦୋଳନ ଚଳାଇ କାରା ବରଣ କରିଥିଲା ।

ଆନ୍ଦୋଳନ ଜୋର ସୋରରେ ଚାଲିଥିଲା ବେଳେ ଆମେ ଛୋଟ ପିଲାମାନେ ସଭାସମିତିମାନଙ୍କରେ ସତ୍ୟାଗ୍ରହୀଙ୍କ ପାଇଁ ଚାନ୍ଦା ଆଦାୟ କରୁଥିଲୁ । ବିଭିନ୍ନ ସ୍ଥାନରେ ସଭାମାନଙ୍କରେ ଟେବୁଲ ଉପରେ ଠିଆ ହୋଇ ସତ୍ୟାଗ୍ରହୀ ମାରିଥିବା ଛୋଟ ଛୋଟ ଲୁଣ ପୁଡ଼ିଆ ନେଲାମକୁ ଦେଇ ମୁଁ ସେମାନଙ୍କ ପାଇଁ ଚାନ୍ଦା ଆଦାୟ କରୁଥିଲି ।

କଂଗ୍ରେସ ସଭାଟିଏ ହେଲେ କେତେ କାହୁଁ ଆସି ସଙ୍ଗେ ସଙ୍ଗେ ଜୁଟି ଯାଆନ୍ତି । ଲୁଣ ପୁଡ଼ିଆ ନେଇ ଚାନ୍ଦା ଦିଅନ୍ତି । କର୍ମୀମାନଙ୍କ ପାଇଁ ଖାଇବା ସଞ୍ଜା ଦେଇଯାଆନ୍ତି । ଖବର ପାଇ ପୋଲିସ ଆସିଲା ବେଳକୁ ସଭା ସରିଥାଏ । କିଏ କୁଆଡ଼େ ପଳାଇ ଯାଆନ୍ତି । ଉଦ୍ୟୋକ୍ତାମାନଙ୍କ ଭିତରୁ କେହି କେହି ବନ୍ଦୀ ହୁଅନ୍ତି । ଅନ୍ୟମାନେ ସେଠାରୁ ଯାଇ ସୁବିଧା ଦେଖି ଅନ୍ୟଠାରେ ସଭା କରନ୍ତି ।

ଆନ୍ଦୋଳନକାରୀଙ୍କ ଦ୍ୱାରା କାରାଗାର ସବୁ ଭରପୂର ହୋଇଗଲା । କାରାଗାରମାନଙ୍କରେ ସ୍ଥାନ ନ ଅଣ୍ଟିବାରୁ କଣ୍ଟାବାଡ଼ ଦେଇ ଅସ୍ଥାୟୀ ଟିଣ ଘରର ପାଟନା କ୍ୟାମ୍ପ ଜେଲ ପରି ଜେଲମାନ ଗଢ଼ାଗଲା । ସେସବୁ କାରାଗାରର ଅସ୍ୱାସ୍ଥ୍ୟକର ପରିସ୍ଥିତି ଯୋଗୁ ମେଲେରିଆ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗରେ ବହୁ କର୍ମୀ ପ୍ରାଣ ହରାଇଲେ । ପାଟନା କ୍ୟାମ୍ପ ଜେଲରେ ଶ୍ରୀ ଲାଲବହାରୀ ଦାସଙ୍କ ଛୋଟଭାଇ ବାଳକ ଗୋଲକ ପ୍ରାଣ ହରାଇବାର ଶୁଣି ସତ୍ୟବାଦୀରେ ହାହାକାର ପଡ଼ି ଯାଇଥିଲା । ସେହିପରି ବହୁତ ମୃତ୍ୟୁ ଖବର ଆମେ ଶୁଣୁଥିଲୁ ।

**ଗୁହାଳୀରୁ ସ୍କୁଲ**—ମୋର ପିଲାଦିନଟି କେବଳ ବିଶୃଙ୍ଖଳା ଭିତରେ ଗତି କରିଥିଲା । ପାଠ ପଢ଼ିବା ପାଇଁ ସେପରି ବାଧ ବାଧକତା ନଥିଲା । ମୁଁ ପ୍ରଥମେ ଆମ ଗାଁ ପୁରାଣ ମଣ୍ଡପରେ ଭିକାରୀ ମହାନ୍ତି ଅବଧାନଙ୍କ ପାଖେ ଖଡ଼ିଧରି ବ୍ରହ୍ମାବିଷ୍ଣୁ ଘୋଷି ପାଠ ଆରମ୍ଭ କରିଥିଲି ।

Digitized by srujanika@gmail.com

ଡ଼ିଷ୍ଟ୍ରିକ ବୋର୍ଡ଼ ଅଧୀନରେ ଆମ ଗ୍ରାମଠାରୁ ପ୍ରାୟ ଫର୍ଲଙ୍ଗେ ଦୂରେ ଯେଉଁ ଟଙ୍ଗା ଡୁଡ଼ା ଉପରେ ଗୋଟିଏ ଚିଣ୍ଡଘର ତିଆରି ହୋଇ ବିଧିବଦ୍ଧଭାବରେ ଲୋୟରପ୍ରାଇମେରୀ ସ୍କୁଲଟିଏ ଖୋଲାହେଲା ।

ସେ ସ୍କୁଲ ପ୍ରତିଷ୍ଠା ଦିନ ପୁରୀ ଜିଲ୍ଲାବୋର୍ଡ଼ ଚେୟାରମ୍ୟାନ, ଶ୍ରୀ ବନମାଳୀ ଦାସ ଆମ ଗୃହାଳି ପିଲଙ୍କୁ ଟେଳାଏ ଲେଖାଏଁ ମହନଭୋଗ ଖାଇବାକୁ ଦେଇ ଆମ ଗୃହାଳିକୁ ଲୋୟର ପ୍ରାଇମେରୀ ସ୍କୁଲରେ ମିଶାଇ ଦେଲେ । ଆମ ଅବଧାନଙ୍କୁ ସେଠାରେ ମାସିକ ୪ ଟଙ୍କା ବେତନରେ ଦ୍ଵିତୀୟ ଶିକ୍ଷକ ଭାବେ ନିଯୁକ୍ତ କଲେ ।

ସାତବର୍ଷ ବୟସରେ ସଭ୍ରତଳ କ୍ଲାସରେ ସେ ସ୍କୁଲରେ ମୋ ନାମ ଲେଖାଗଲା । ଆମ ଅବଧାନେ ଶୂନ, ଏକ କରି ହାତକୁ କେଞ୍ଚି ଉପସ୍ଥାନ ନେବା ଠାରୁ, ନଡ଼କାକରି କାନ୍ଥରେ ଆଉଜାଇ ବସାଇବା, ନାକଡଲେ ଘୋଷରିବା ପ୍ରଭୃତି ମାଡ଼ ଦେବା ଓ ବଡ଼ ବୃଠ ହାତରେ ମାଡ଼ଦିଆଇବାରେ ବଡ଼ ଅଭ୍ୟସ୍ତ ଥିଲେ । ବୋର୍ଡ଼ ସ୍କୁଲରେ ଶିକ୍ଷକତା କଲାପରେ ତାଙ୍କର ସେ କାର୍ଯ୍ୟସବୁ ପୁରା ବନ୍ଦ ହୋଇଗଲା ।

ପିଲଙ୍କୁ ଗୃହାଳିରେ ଅପେକ୍ଷା ନକରି ଘର ଘର ବୁଲି ଡାକି-ନେବାକୁ ତାଙ୍କୁ ଆଦେଶ ହେଲା । ସେପରି ଡାକିବା ତାଙ୍କୁ ଅଡୁଆ ଲାଗୁଥାଏ କିନ୍ତୁ ମାସିକ ଦରମା ଲୋଭରେ ସେ ଡାକନ୍ତି ।

ଆମ ଦୁଆରକୁ ଆସି ବଳରାମ ବାବୁ, ବଳରାମ ବାବୁ, ବୋଲି ମୋତେ ଡାକବାକ୍ଷଣି, ମୋତେ ଅବଧାନେ ବାବୁ ବୋଲି ସମ୍ବୋଧନ କରୁଛନ୍ତି ଶୁଣି ଭାରି ଖୁସିହୋଇ ତାଙ୍କ ସଙ୍ଗେ ସ୍କୁଲକୁ ଯିବାକୁ ତରତର ହୋଇ ବାହାରି ପଡ଼େ । ଦିନେ ଅଧେ ଟିକିଏ ଡେରି ହେଲେ ସେ ମୋତେ ସଙ୍ଗରେ ନେଇ ନେଇ ନଜାଣିଆ କରି ମୋତେ ଗୋଟେ ଅଧେ ଚମୁଟା ବି ଦିଅନ୍ତି ।

ଦିନେ ମୋର ଟିକିଏ ଡେରି ହୋଇଯିବା ପରେ ମୋତେ ସାଙ୍ଗରେ ନେବାବେଳେ ଆମ ଘର ଠାରୁ ଦୂରରେ ଗୋଟିଏ ବଉଳ କୋଳି ଗଛ ମୂଳରେ ଠିଆ ହୋଇଯାଇ ମୋତେ ରହଟମଟ କରି ବୁଝିଁ,

Digitized by srujanika@gmail.com

"ଆରେ ବୁଢ଼ା ମୁଣ୍ଡା ମୁଁ ସବୁଦିନ ତୁମ ଦୁଆରେ ଅଉ କେତେ ବାବୁ ବାବୁ ଡାକୁଥିବି" କହି ମୋ ମୁହଁକୁ ଜବରଦସ୍ତ ଚାପୁଡ଼ାଟାଏ ଗୁଡ଼-ଦେଲେ । ମୋ ନାକରୁ ଝର ଝର ହୋଇ ରକ୍ତ ବୋହିଲା । ମୁଁ ଏକା ଦଉଡ଼ାକେ ଦଉଡ଼ି ଦଉଡ଼ି ଘରକୁ ପଳାଇ ଆସିଲି । ଅବଧାନେ ମୋ ପଛରେ ନ ଗୋଡ଼ାଇ ସେଠାରେ କିଛି ସମୟ କାଠପରି ଠିଆହୋଇ ରହିଲେ ।

ମୋର ଶର୍ଦ୍ଦିଯୋଗୁ ଆଗରୁ ବି ମଝିରେ ମଝିରେ ନାକରୁ ରକ୍ତ ପଡ଼ୁଥିଲା । ମୁଁ ଘରେ ପହଁଚିବା ସଙ୍ଗେ ସଙ୍ଗେ ମୋ ନାକରେ ଚୂନ ଦେଇ ମୋତେ ଶୁଆଇ ଦିଆଗଲା ।

ନନା ସେ ଦିନ ଗାଁକୁ ଆସିଥିବା କଥା ଅବଧାନେ ଜାଣିଥିଲେ । ମୋ କଥା ଶୁଣି ନନା ରାଗିଲେ ତାଙ୍କ ଚାକିରିଟି ଛୁଟିବାର ସମ୍ଭାବନା ତାଙ୍କୁ ଥିଲା ।

ଅବଧାନେ ଥରେ ଥରେ ଯାଇ ସେ ଘଟଣାଟି ଦେଉଳ ପଣ୍ଡିତ ଶ୍ରୀ ମଧୁସୂଦନ ହୋତାଙ୍କ ଆଗେ ଆମୂଳ ଚୂଳ ବର୍ଣ୍ଣନା କରି ତାଙ୍କ ପାଇଁ ନନାଙ୍କ ଆଗରେ କ୍ଷମା ମାଗିବାକୁ ଅନୁରୋଧ କଲେ । ତାଙ୍କ ଅନୁରୋଧ ରକ୍ଷାକରି ମଧୁ ମାଷ୍ଟ୍ରେ ନନାଙ୍କ ନିକଟକୁ ଆସି ସବୁ କହିଲେ ।

ନନା ସବୁ ଶୁଣିସାରି କହିଲେ—ଅବଧାନେ କଅଣ ଏପର୍ଯ୍ୟନ୍ତ ତାଙ୍କ ପୂର୍ବ ଅଭ୍ୟାସ ଛାଡ଼ି ପାରି ନାହାନ୍ତି । ତାଙ୍କୁ କହ ସେ ପିଲା ନାକରୁ ରୋଗଯୋଗୁ ଟିକିକରେ ରକ୍ତବୁହେ । ସେ ଯାହାହେଉ, ସେ ମାଡ଼ ଦେବାର ଅଭ୍ୟାସ ଶୀଘ୍ର ଛାଡ଼ନ୍ତୁ । ଶ୍ରେଷ୍ଠ ପିଲାଙ୍କୁ କଅଁଳେଇ ସଅଁଳେଇ ମଣିଷ କରିବା ପାଇଁ ତୁମେମାନେ ଚେଷ୍ଟାକର ।" ନନାଙ୍କ କଥାରେ ଆଶ୍ୱସ୍ତ ହୋଇ ମଧୁମାଷ୍ଟ୍ରେ ଫେରିଯାଇ ଅବଧାନଙ୍କ ଚାକିରି ଯିବା ଭୟ ଦୂର କଲେ ।

**ମଧୁମାଷ୍ଟ୍ରେ**—ସେହି ଦିନଠାରୁ କିନ୍ତୁ ମଧୁ ମାଷ୍ଟ୍ରଙ୍କର ସୁଦୃଷ୍ଟି ନଜର ରହିଲା ମୋ ଉପରେ । ସେହି ଟିକିଏ ବଦ୍‌ରାଗି ଲୋକ । ସମସ୍ତ ସମୟରେ

Digitized by srujanika@gmail.com

ଦୁଷ୍ଟାମି କଲେ କି ପାଠ ନଆସିଲେ ସେ ପିଲାଙ୍କୁ ବେତ୍ରାଘାତ କରନ୍ତି ବୋଲି ତାଙ୍କର ଦୁର୍ନାମ ଥାଏ, କିନ୍ତୁ ସେ ଭଲ ପଢ଼ାନ୍ତି ଓ ପ୍ରତି ବର୍ଷ ତାଙ୍କ ସ୍କୁଲରୁ ଅନ୍ତତଃ ଜଣେ ଅପର ବୃତ୍ତି ପାଇବ ସେଥିପାଇଁ ସେ ଚେଷ୍ଟା କରୁଥାଆନ୍ତି । ସେ ସ୍କୁଲରୁ ବି ପ୍ରତିବର୍ଷ ଗୋଟେ ଅଧେ ପିଲା ବୃତ୍ତି ପାଆନ୍ତି ।

ସେ ମୋ ଉପରେ ଦିନେ ଭୁଲରେ ବି ହାତ ଉଠାଇ ନାହାନ୍ତି । ମୋତେ ବୁଝାଇ ସୁଝାଇ ପାଠ ପଢ଼ାନ୍ତି । ମୁଁ ଅପର ଭଲ ପଢ଼ି ବୃତ୍ତି ପାଇବ ସେଥିପାଇଁ ସବୁବେଳେ ସେ ଯତ୍ନ ନେଉଥାଆନ୍ତି ।

ସେତେବେଳେ ଘରୋଇ ଟିଉସନ ପ୍ରଥା ଏତେ ଚଳି ନଥିଲା । ସେ ସମୟ ପାଇଲେ ମୁଁ ଘରେ ପଢ଼ିଲା ବେଳେ ଆସି ବେଳେବେଳେ ମୋତେ ପଢ଼ା ବତାଇ ଯାଆନ୍ତି ।

ସେ ସମୟରେ ଘରେ ଘରେ ମେଲେରିଆ ଜରର ପ୍ରକୋପ । ମୋତେ ବରବର ଜର ହୋଇ ମୋର ପିଳେଇ ଓ ଯକୃତ ମଧ୍ୟ ବଢ଼ିଥାଏ ।

ମୁଁ ତୃତୀୟ ଶ୍ରେଣୀରେ ପଢ଼ିବା ବେଳେ ଲୋଅର ପ୍ରାଇମେରି ବୃତ୍ତି ପାଇଁ ମୋତେ ପ୍ରଥମେ ଚନ୍ଦନପୁର ଯାଇ ବଛାବଛି ପରୀକ୍ଷା ଦେବାର କଥା ହେଲା ।

ବଛା ବଛି ପରୀକ୍ଷାର ଠିକ ଅଳ୍ପ କେତେଦିନ ପୂର୍ବରୁ ମୋତେ ଭାରିଜର ହେଲା । ମଧୁ ମଷ୍ଟ୍ରେ ଆସି ମୋ ରୋଗଶଯ୍ୟା ପାଖରେ ବସି ମୋ ମୁଣ୍ଡକୁ ଆଉଁସୁ ଥାଆନ୍ତି । ତାଙ୍କ ଆଖି ଛଳ ଛଳ ଦିଶୁଥାଏ ।

ଡାକ୍ତର ଖାନା ଆମ ଘରଠାରୁ ଦୁଇ ମାଇଲ । ସେଠାକୁ ଯାଇ ମୋ ପାଇଁ କୁଇନାଇନ ଔଷଧ ଆଣିବାକୁ କେହି ଲୋକ ନଥାନ୍ତି । ମୂଲିଆ ଓ ହଳିଆମାନେ ବିଲକୁ ଯାଇ ଥାଆନ୍ତି । ମାଷ୍ଟ୍ରେ ସ୍କୁଲରୁ ଛୁଟି ନେଇ ଶିଶିଟିଏ ଧରି ଡାକ୍ତର ଖାନାକୁ ଯାଇ ମୋ ପାଇଁ ଔଷଧ ଆଣି ମୋର ଜର ଭଲ କରାଇଲେ । ଶଗଡ଼ରେ ବସି ବଛାବଛି ପରୀକ୍ଷା ଦେବାକୁ ମୁଁ ଚନ୍ଦନପୁର ଗଲି ।

Digitized by srujanika@gmail.com

ରତନ ପୁର ବର୍ତ୍ତାବର୍ତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବୃତ୍ତି ପରୀକ୍ଷା ଦେବା ପାଇଁ ସେ ମୋତେ ସଙ୍ଗରେ ଧରି ପୁରୀ ଗଲେ । ପୁରୀରେ ମାର୍କଣ୍ଡ ପୋଖରୀ ଉପରେ ତାଙ୍କର ଜଣେ ଜଣାଶୁଣା ଲୋକଙ୍କର ଗୋଟିଏ ଘରରେ ଆମେ ରହିଲୁ । ସେ ହାତରେ ରୋଷେଇ କରୁଥିଲେ ।

ମୁଁ ପୁରୀ ଟ୍ରେନିଂ ସ୍କୁଲ ହଲରେ ସକାଳେ ପରୀକ୍ଷା ଦେଇ ମଝି ଛୁଟିରେ ହଲରୁ ବାହାରକୁ ଆସିଲା କ୍ଷଣି ପ୍ରଥମ ଦିନ ସେ ଗୋଟିଏ ଖଲି ଠୁଙ୍ଗାରେ ମୋ ହାତକୁ ଦୁଇଟି ସିଂଘଡା ଓ ଗୋଟିଏ ରସଗୋଲା ବଢ଼ାଇ ଦେଲେ । ମୁଁ ତାକୁ ଧରୁ ଧରୁ ଉପରୁ ଗୋଟିଏ ଛଞ୍ଚାଣ ଝାମ୍ପମାରି ମୋ ହାତରୁ ଠୁଙ୍ଗାଟି ଛଡ଼ାଇ ନେଇ ଉଡ଼ି ପଳାଇଲା । ମାଷ୍ଟ୍ରେ ତାହା ଦେଖି ଥକ୍‌କରି ରହିଗଲେ, କିନ୍ତୁ ମୋ ଉପରେ ନରାଗି, ମୋତେ ସେଇଠାରେ ଠିଆ କରାଇ, ସୋମେଶ୍ୱରପୁର ମାଷ୍ଟ୍ରଙ୍କଠାରୁ ପଇସା ଉଧାର ଆଣି ଆଉ ଜଳଖିଆ କିଣି ମୋତେ ଗୋଟିଏ ଝୋଟଘ ଭିତରକୁ ନେଇ ବସାଇ କରି ଖାଇବାକୁ ଦେଲେ ।

ସେ ମାଷ୍ଟ୍ରେ ଅନେକ ଦିନୁ ଚାଲିଗଲେଣି କିନ୍ତୁ ତାଙ୍କର ସ୍ନେହ ମମତା ମନେ ପଡ଼ିଲେ ଏବେବି ତାଙ୍କୁ ମନେ ପକାଇ ମୋ ମନରେ କୋହ ଉଠେ । କେବଳ ତାଙ୍କ ପାଖରେ ପାଠ ପଢ଼ିଲି ବୋଲି ନୁହେଁ, ପରେ ବି ସ୍କୁଲ କଲେଜରେ ମୋର ପରୀକ୍ଷା ଫଳକୁ ସେ ଚାହିଁ ରହି-ଥାଆନ୍ତି । ମୁଁ କୃତକାର୍ଯ୍ୟ ହୋଇଥିବାର ଶୁଣିଲେ ସେ ଆନନ୍ଦରେ ନାଚି ଉଠନ୍ତି । ମୁଁ ଯେବେ ଗାଁକୁ ଯାଏ ସେ କେଉଁଠାରୁ ଦଉଡ଼ିଆସି ମୋତେ କୁଣ୍ଢାଇ ପକାନ୍ତି । ଆମଭଳି ପୂର୍ବତନ ଛାତ୍ରମାନଙ୍କୁ ଦେଖିଲେ ତାଙ୍କ ଛାତି ଯେପରି କୁଣ୍ଢେ ମୋଟ ହୋଇଯାଏ । ତାଙ୍କର ଆମ ଠାରୁ କୌଣସି ଅର୍ଥ ବା ଆକାଂକ୍ଷା ନଥାଏ, ଆମକୁ କେବେ ହେଲେ ତାଙ୍କ ଅଭାବ ଅସୁବିଧା ଜଣାଇ ନାହାନ୍ତି । ପୂର୍ବତନ ଛାତ୍ରଙ୍କର ଉନ୍ନତି ଦେଖିଲେ ସେ ନିସ୍ୱାର୍ଥପର ସନ୍ତୋଷ ଲାଭ କରନ୍ତି ।

**ମାଇନରସ୍କୁଲ**—କଂଗ୍ରେସ ଆଶ୍ରମ ପୁରୁଣା ସତ୍ୟବାଦୀ ବିଦ୍ୟାଳୟ ହତାରୁ କାଦୁଆ ଗୋପବନ୍ଧୁ ସେବାସଦନକୁ ଉଠି ଯାଇଥାଏ ।

Digitized by srujanika@gmail.com

ସେଠାରେ ସତ୍ୟବାଦୀ ବିହାରର କେତେକ ପୁରାତନ ଗୁରୁଙ୍କ ଶିକ୍ଷକତାରେ ନୂଆ ମାଇନର ସ୍କୁଲଟିଏ ଚାଲୁଥାଏ ।

ମୁଁ ନିମ୍ନ ପ୍ରାଥମିକ ବୃତ୍ତି ପାଇ ସେ ସ୍କୁଲରେ ୧୯୩୦ରେ ଯାଇ ନାମ ଲେଖାଇଲି, ନନା, ବୋଉ, ଭାଇନା ପ୍ରଭୃତି ଜାତୀୟ ଆନ୍ଦୋଳନରେ ଧରାହୋଇ କାରାଗାରରେ ଥାଆନ୍ତି । ମୁଁ ଘରୁ ସ୍କୁଲକୁ ମାଇଲିଏ ବାଟ ଚାଲି ଚାଲି ଯା, ଆସ କରେ । ଖଣ୍ଡେ ଦିଖଣ୍ଡ ମଇଳା କୋଚଡ଼ା ଖଦଡ଼ ଲୁଗା ଛଡ଼ା ଆଉ କିଛି ପିନ୍ଧିବାକୁ ନଥାଏ, ନନାଙ୍କ ପୁରୁଣା ଅଣ୍ଡରୱେୟାର ଯୋଗାଡ଼ କରି ତାକୁ ପେଣ୍ଟ କରି ପିନ୍ଧି ବେଳେବେଳେ ମୁଁ ସ୍କୁଲକୁ ଯାଏ ।

ନନା ହଜାରିବାଗ ଜେଲରେ ଥାଆନ୍ତି, ଶ୍ରୀ ଜଗନ୍ନାଥ ରଥ ସେ ଜେଲରୁ ଅଗ ଖଲାସ ହୋଇ ଆସିଲେ, ମୋ ଅବସ୍ଥା ଦେଖି ସେ ଖଦଡ଼ ଷ୍ଟୋରରୁ ଖଣ୍ଡେ ଖାକି କନା କିଣାଇ ପୁରୀରୁ ତିଆରି କରାଇ ମୋତେ ମୋର ପ୍ରଥମ ହାଫ୍ ପେଣ୍ଟ ଖଣ୍ଡିକ ଆଣି ଦେଇଥିଲେ ।

ସେତେବେଳେ ସତ୍ୟବାଦୀ ବଜାର ଆଜିକାଲିର ବଜାରପରି ଏତେ ବଡ଼ ନଥିଲା । ସେଠାରେ ସିଲେଇ ଦୋକାନଟିଏ ମଧ୍ୟ ନଥିଲା । କେତେକାଳ ପରେ ବୀର ଗୋବିନ୍ଦପୁରର ନରି ଆଚାର୍ଯ୍ୟ କେଉଁ ଗାନ୍ଧି ଆଶ୍ରମରୁ ଶିଖି ଆସି ଗୋଟିଏ ପୁରୁଣା ସିଲେଇ ମେସିନ ଯୋଗାଡ଼କରି ସିଲେଇ ଦୋକାନଟିଏ ଖୋଲିଥିଲେ ।

ନରି ଆଚାର୍ଯ୍ୟ ଠିକଏ ମୋଟାସୋଟା ଲୋକ । ସେ ବୋଧହୁଏ କେବଳ ଗାନ୍ଧିଙ୍କର ମାପରେ ଜାମା ତିଆରି କରିବା ଶିଖି ଆସିଥିଲେ । ଆମେ ସ୍କୁଲ ପିଲାଏ ଆମପାଇଁ ଜାମା କରିବାକୁ କନା କିଣିକରି ତାଙ୍କୁ ଦେଲେ ସେ କମ୍ଭୁତ କମାକାର ଢୋଲା ଢୋଲା ସାର୍ଟ, ପେଣ୍ଟକରି ଥୋଇ ଦିଅନ୍ତି । ତାଙ୍କୁ କହିଲେ ସେ କହନ୍ତି ଏତେ କନା ଦେଇଥିଲ ମୁଁ କଅଣ କନା ବଳାଇ ତୁମ କନା ମାରି ନିଅନ୍ତି, ତା' ପରେ ତୁମେ କଅଣ ସବୁଦିନେ ଏପରି ଗେଡ଼ିଟିଆ ପିଲା ଥିବ ଆଉ ବଢ଼ିବନି । ତୁମର ଏବେ ବଢ଼ିବା ବେଳ ତୁମେ ଆମପରି ବଡ଼ ହୋଇଗଲେ ସେ ଜାମା

Digitized by srujanika@gmail.com

ତୁମ ଦେହକୁ ଠିକ୍ ହେବ । ଏପରି ଜଣା ପଡ଼ିବନି, ବହୁତ ଦିନ ଯିବ । ହାଜି ନର ସୁଚନା ନମସ୍କାର କରି କାନମୁଣ୍ଡା ଅଇଁସି ଆଇଁସି ପିଲାଏ ସେଠାରୁ ଫେରନ୍ତି । ତେଣୁ ପୁସ୍ତ ବା କଣ୍ଠକରୁ ଜାମା ପଟା ବିଅର କପଲ ଆଣିଲେ ଜମା ପିନ୍ଧିବାର ବିଶେଷ ସୁବିଧା ନଥାଏ ।

**ମାଇନରସ୍କୁଲ ମେସ**—କିଛି କାଳ ସ୍କୁଲକୁ ଚାଲିକରି ଯିବା ଆସିବା କରିବା ପରେ ମୋତେ ସ୍କୁଲ ଛାତ୍ରାବାସରେ ରହିବାର ସୁବିଧା ମିଳିଲା । ମୁଁ ବୃତ୍ତି ପାଉଥିବାରୁ ସେତେବେଳର ନିୟମ ଅନୁସାରେ ମୋର ସ୍କୁଲ ଦରମା ମୋତେ ଛାଡ଼ଥିଲା । ଛାତ୍ରାବାସର ସିଟ୍‌ରେଣ୍ଟ (ମାସକୁ ଦୁଇଅଣା) ମଧ୍ୟ ଛାଡ଼ ଥିଲା । ମେସ୍ ଖର୍ଚ୍ଚ ମାସକୁ ତିନିଟଙ୍କା ପଡ଼ୁଥିଲା । ଲିଙ୍ଗା ଗୁଡ଼ଆଠାରୁ ଜଳଖିଆ ପାଇଁ ଦୁଇଓଳି ମୁଢ଼ି ଉଖୁଡ଼ା ଖାଇବାକୁ ଘରୁ ଅଜାଙ୍କଠାରୁ ଅଳ୍ପ କିଛି ପଇସା ଆଣିଲେ ମୋର ସମସ୍ତ ଖର୍ଚ୍ଚ ଚଳି ଯାଉଥିଲା ।

ଆମ ମେସର ପରିଚାଳକ ବା ସୁପରିଣ୍ଟେଣ୍ଡେଣ୍ଟ ଥିଲେ ଆମ ଶିକ୍ଷକ ଶ୍ରୀ ବାଇଦ୍ୟମଚନ୍ଦ୍ରପୁରର ଶ୍ରୀ ଗଣେଶ୍ୱର ରଥେ । ସେ ଗରିବ, ଦେଶ ପ୍ରେମୀ, ସାଧାସିଧା ଓ ଟିକିଏ ଚଟା ଲୋକ । ଅତି କମ୍ ଖର୍ଚ୍ଚରେ କିପରି ମେସ୍ ଚଳିବ ଓ ସେ ଆମକୁ ଖାଇବା ପିଇବା ଦେଇ ଲୋକ ନେବେ ସେ ସେହି ବିଷୟରେ ସବୁବେଳେ ଚିନ୍ତା କରୁଥାଆନ୍ତି । ତାଙ୍କୁ ବ୍ୟଙ୍ଗ କରି ତାଙ୍କ ପଛରେ ଆମେ ନାଁ ଦେଇଥାଉ ବୈରମ ଖାଁ (ଆକବରଙ୍କ ଅଭିଭାବକ)

ମେସ୍ ଖର୍ଚ୍ଚ ବାବଦକୁ ମାସକୁ ଯେଉଁ ତିନି ଟଙ୍କା ଦେବାର କଥା, ଅନେକ ପିଲା ତାଙ୍କୁ ଟଙ୍କା ଆକାରରେ ଦେଇ ନପାରି, ଚାଉଳ, କଖାରୁ, ସାରୁ, ମୂଳା, ବାଇଗଣ ଆକାରରେ ବି ଦିଅନ୍ତି । ଗଣେଶ ବାବୁ ସେ ସବୁ କୋଠାଏ ଘରେ ସାଇତି ରଖି ସେଇସବୁ ମିଶାମିଶିକରି ମେସ୍ ଚଳାଇ ପାଇଁ ପ୍ରତିଦିନ କାଢ଼ିକରି ଦିଅନ୍ତି ।

ମେସ୍‌ର ଖାଇବା ଭାତ ବାଉଁଶିଆ ମୋଟା ଚାଉଳରେ ରନ୍ଧା ହୁଏ । ଡାଲି ବୋଲି ଯେ ପଦାର୍ଥ ମିଳେ ସେଥିରେ ଯେଉଁ ନ ମିଶିଥିଲେ ତାହା ବଢ଼ି ପାଣି ସଙ୍ଗେ ସମାନ ଜାଣ ଦିଅନ୍ତା । ତରକାରି ରୂପରେ

Digitized by srujanika@gmail.com

ଯେଉଁ ଦେଶରୁ ଆସନ୍ତି ତାଙ୍କ ଦେହରେ ଅଧା ଲୋକ ଚାରୁ ଅଧରେ କଥାରୁ ଶୁଣିଲୁ ମୁକା ଧଡଅ ମଞ୍ଜିଆ ବାଲେଶ ଓ ଖଡ଼ା ଡ଼ାଙ୍ଗ ସବୁ ମିଶି ଘାଣ୍ଟର ନାମ ସଂକୀର୍ତ୍ତନ କରୁଥାଆନ୍ତି ।

ମେସରୁ ଆମକୁ ସବୁଦିନ ଲଣ୍ଠନ ଜାଳି ପାଠ ପଢ଼ିବାକୁ ପଡେ ଦୁଇ ପଲା କିରୋସିନ ତେଲ ମିଳେ । ବେଶି ଭୋଜନ ବେଳକୁ ସେ ଲଣ୍ଠନର ତେଲ ସରି ଆସିଥାଏ, କାଚ ପୂରା କଳା ହୋଇ ଯାଇଥାଏ । ସେ ଲଣ୍ଠନକୁ ଆମ ବଡ ଡାଇନିଂ ହଲରେ ଆମ ସାମନାରେ ଥୋଇ ଆମ ନିଜ ଥାଳି ଗିନାରେ ଆମେ ଭୋଜନ କରୁ ।

ମେସ ଖର୍ଚ୍ଚ ବାବଦକୁ ଯେଉଁ ତିନି ଟଙ୍କା ଦିଆ ହୋଇଥାଏ ସେଇଥିରୁ କିରୋସିନ ମିଳେ । ଶନିବାର ଦିନ ଆମକୁ ମିଳୁଥିବା କିରୋସିନ ତେଲର ମାତ୍ରା ଟିକିଏ କମାଇ କରି ଦିଆ ହୁଏ, ତେଣୁ ଅଧିକାଂଶ ଲଣ୍ଠନ ରାତ୍ରି ଭୋଜନ ବେଳକୁ ଲିଭି ପଡୁଥାଆନ୍ତି । ବଡ ହଲଟାରେ ଗୋଟାଏ ଦୁଇଟା ମାତ୍ର ଲଣ୍ଠନ ଜୁକ୍ ଜୁକ୍ ହୋଇ ଜଳୁଥାଏ ।

ମେସରେ ସେ ଦିନ ବଜାରରୁ ଟିକିଏ ଶସ୍ତାରେ ଟିକିଏ ଦବି ଯାଇଥିବା ଲୁଣି ମାଛ ବା ଲୁଣି ଶଙ୍କୁଚ ଅଣି ମାଛ ଝୋଳଟାଏ ହୋଇ-ଥାଏ । ତାକୁ ବଢ଼ କରି ଦିଆଯାଇଥାଏ । ସେଦିନ ଜମୁରା ଭୁଜିଆ ପଣ୍ଡୁ ପଶରା ପ୍ରଭୃତି ଷ୍ଟୋରରୁ ବାହାର କରି ରନ୍ଧା ଯାଇଥାଏ । ମାତ୍ର ଘାଣ୍ଟି ବାହନାରେ ପିଲମାନେ ଖାଦ୍ୟ ଅଖାଦ୍ୟ ବାରି ନ ପାରି ଅନ୍ଧାରରେ ବସି ଖୁସିରେ ସେ ସବୁ ଖାଇ ଦିଅନ୍ତି । ଖାଇସାରି ନିଜ ବାସନ ନିଜେ ମାଜି ବାସନ ଦୁଇଖଣ୍ଡ ହାତରେ ଧରି ନିଜ ନିଜ କୋଠରୀକୁ ଫେରନ୍ତି । ମୁଁ ନିରାମିଷାଷୀ ଥିବାରୁ ଅବଶ୍ୟ ମାଛ ତରକାରୀର ସ୍ୱାଦ ବାରିପାରେ ନାହିଁ । ଅଣି ମୁଦ ଭାତ ଓ ସାଧା ତରକାରୀରୁ ମେଣ୍ଟାଏ ଖାଇ ପେଟ ଭର୍ତ୍ତିକରେ ।

ଛାତ୍ରାବାସର ଶୃଙ୍ଖଳା ଓ ନିୟମିତ ପରିଶ୍ରମ ଯୋଗୁ ସେପରି ଖାଦ୍ୟ ସବୁ ଭୋକ ହେଉଥିବାରୁ ସୁଆଦ ଲାଗେ ।

Digitized by srujanika@gmail.com

ଅମ କୋଠରିର ମାଟି ଚଟାଣକୁ ଆମେ ବୁଧଦିନ ଦୁଇଥର ଟେକାଣ୍ଡ ଓ ସବୁ ରବିବାର ସକାଳେ ଲିପୁ । ରାତିରେ ମସିଣା ବା ଖଜୁରି ପଟିରେ ଇଟାକୁ ତକିଆ କରି ଶୋଉ ।

ଦିନବେଳେ ସବୁ ଇଟା ଉପରେ ଚଟାଦେଇ ଭାଙ୍ଗି କରି ରଖି-ଥାଉ । ଭୋରରୁ ଘଣ୍ଟା ବାଜିବା ସଙ୍ଗେ ସଙ୍ଗେ ନିଦରୁ ଉଠି ମୁହଁ ଧୋଇ ଉପାସନା ହଲକୁ ଯାଇ 'ନମସ୍ତେ ସତେତ ଜଗତ କାରଣାୟ' (ପୁରୁଣା ସତ୍ୟବାଦୀ ସ୍କୁଲର) ଉପାସନାଟି ବୋଲୁ ।

ଉପାସନା ପରେ ସତ୍ୟବାଦୀ ଥାଳି ଧୂଆ ପୋଖରୀ (ଏବର ଶ୍ୟାମକୁଣ୍ଡ) ବା କେତକୀ ଝର (ଏବର ରାଧାକୁଣ୍ଡ) କୁ ଶିକ୍ଷକମାନଙ୍କ ସଙ୍ଗେ ଗାଧୋଇ ଯାଉ । ଆମେ ପରିଷ୍କାର କରି ସ୍ନାନ କଲୁ କି ନାହିଁ ଶିକ୍ଷକମାନେ ଲକ୍ଷ୍ୟ କରନ୍ତି । (ଥରେ ହେଡମାଷ୍ଟ୍ରେ ନିଜେ ରଗଡ଼ି କରି ମୋ କାନ ମୁଣ୍ଡାରୁ ମଳି ଛଡ଼ାଇ ଦେଇଥିବା ମୋ ମନେ ଅଛି ।) କୂଅ କା' କଳ ପୂର୍ବରୁ ସ୍ନାନସାରି ଲୁଗା ପାଲଟି ବ୍ୟାୟାମ କରୁ ।

ବ୍ୟାୟାମ ପରେ କାଙ୍ଗା ଗୁଡ଼ଆଠାରୁ ମୁଠି ଖାଇସାରି ପାଠପଢ଼ାରେ ବସୁ । ଯେଉଁମାନେ ପଥର ଟେକା ପ୍ରଭୃତି କଠିନ ବ୍ୟାୟାମ କରନ୍ତି ସେମାନେ ରାତିରୁ ଗୋଟିଏ ବାଟିରେ ଗୁଜଳ ମୁଗ ନଡ଼ିଆ ସବୁ ମିଶାଇ ପାଣିଦେଇ ଚୂଲିରେ ବସାଇ ଦେଇ ଥାଆନ୍ତି, ସକାଳୁ ବ୍ୟାୟାମପରେ ସେଥିରୁ ମେଞ୍ଚାଏ ଖାଆନ୍ତି । କମ୍ବା ଗଜା ମୁଗ ବା ଗଜାବୁଟ ଖାଆନ୍ତି ।

ତାପରେ ଆମେ ପାଠ ପଢ଼ାରେ ଭୁନ ହୋଇ ବସୁ । ଶିକ୍ଷକ-ମାନେ ବାରଣ୍ଡାରେ ବୁଲି ଆମେ ପଢ଼ୁଚୁ କି ନାହିଁ ତଦାରଖ କରନ୍ତି । ପାଠ ବୁଝିପାରୁ ନଥିଲେ ଆମେ ତାଙ୍କୁ ପଚାରି ବୁଝୁ ।

ସାଢ଼େ ନଅଟା ବେଳେ ଖାଇବା ଘଣ୍ଟା ବାଜିଲେ ଡାଇନିଂହଲକୁ ଯାଇ ଖାଇବା ଶେଷ କରି ଦଶଟା ବେଳକୁ ତାଳପଟି ଓ ବସ୍ତାନି ଧରି ବକୁଳ ବନକୁ ପାଠ ପଢିବାକୁ ଯାଉ । ବର୍ଷାଦିନେ ଟିଣ ଘରେ ପାଠପଢ଼ା ହୁଏ ।

Digitized by srujanika@gmail.com

ବକୁଳ ବନ ବେପରି ପଦା ନ ହୋଇ ଛୁରିଅନା ଓ ବଉଳ ଗଛରେ ପୂର୍ଣ୍ଣହୋଇ ଘନ ଜଙ୍ଗଲ ପରି ଦିଶୁଥାଏ । ଯେଉଁଠି କ୍ଲାସ ସବୁ ହୁଏ ସେଠାରେ ବେଶୀ ଗଛ ନଥାଏ । ପୁରୁଣା ସ୍କୁଲର ସିମେଣ୍ଟ ଚଉକି ଓ ଟେବୁଲ ଗୁଡିକ ଥାଏ । ଗୋଟିଏ ଗଛରେ ବ୍ଲାକ ବୋର୍ଡ ଟଙ୍ଗାଯାଇ ଶିକ୍ଷକ ପାଠ ପଢ଼ାନ୍ତି । କ୍ଲାସଗୁଡିକ ଦୂରଛଡ଼ା ହୋଇଥିବାରୁ ଗୋଟିଏ କ୍ଲାସ ଅନ୍ୟ କ୍ଲାସକୁ ଦେଖାଯାଏ ନାହିଁ । ଗଛ ଗୁଡିକ ଢେଙ୍ଗା ଢେଙ୍ଗା ହୋଇ ଉପରକୁ ଉଠିଥିବାରୁ ମୂଳ ପରିଷ୍କାର ଥାଏ ଓ ଜମି ବାଲିଆ ଥିବାରୁ ତଳେ ଘାସ ଘନ ନଥାଏ ।

ବକୁଳ ବନର ମଝି ସ୍ଥାନରେ ବାଲି ଉପରେ ବଉଳ ଗଛ-ତଳେ ଟେବୁଲ ଚଉକି ପକାଇ ଶିକ୍ଷକମାନେ ଅଫିସ କରନ୍ତି । କ୍ଲାସମାନଙ୍କରେ ଶିକ୍ଷକଙ୍କ ସିମେଣ୍ଟ ଟେବୁଲ ସାମନାରେ ଜଣିକିଆ ନସ୍ତ କାଠ ଡେକସ ସବୁ ଧାଡି ଧାଡି ହୋଇ ପଡିଥାଏ । ତା ପାଖରେ ଆମେ ତାଳପଟି ପକାଇ ବସି ପଢୁ ।

ଶିକ୍ଷକମାନେ ପିରିଅଡ ଅନୁସାରେ ତାଙ୍କ ଅଫିସରୁ ବାହାରି ଭିନ୍ନ ଭିନ୍ନ କ୍ଲାସକୁ ଯାଇ ପାଠ ପଢ଼ାନ୍ତି । ଖେଳ ଛୁଟି ବେଳେ ବା ଶିକ୍ଷକ ଛୁଟିରେ ଥିଲେ, ଆମେ ପିଲାମାନେ ଗଛ ଉପରକୁ ଚଢି ପାଚିଲା ବଉଳ କୋଳି ତୋଳି ଖାଉ, କିମ୍ବା ଡାଳ ମାଙ୍କୁଡ଼ ଖେଳ ଖେଳୁ । ସେ ଖେଳରେ ଜଣେ ଚୋର ହୋଇ ଡାଳକୁ ଡାଳ ଡେଇଁ ଅନ୍ୟମାନଙ୍କୁ ଗୋଡ଼ାଏ । ଛୁରିଅନା ଗଛଗୁଡିକ ଢେଙ୍ଗା, ଠାଣୁଆ ଓ ଲମ୍ବା ହୋଇ ଥିବାରୁ ଗଛକୁ ବଙ୍କାଇ ଗୋଟିଏ ଗଛରୁ ଅନ୍ୟ ଗଛକୁ ଝୁଲିବା ସୁବିଧା ହୁଏ । ଆମକୁ ସାବଧାନରେ ଖେଳିବାକୁ ହୁଏ, ଗଛରୁ ପତ୍ରଟିଏ ଛିଣ୍ଡାଇବା ଆମକୁ ମନା ଥାଏ । ପତ୍ର ଛିଣ୍ଡାଇବା ଜଣା ପଡ଼ିଲେ ହେଡ୍-ମାଷ୍ଟରଙ୍କ ଠାରୁ ଆମକୁ କଠୋର ଶାସ୍ତି ମିଳେ ।

ଖେଳ ଛୁଟି ଛଡ଼ା ଅନ୍ୟ ସମୟରେ ଖେଳିବା ମନା ଥାଏ । ଶିକ୍ଷକ ନଥିବା ବେଳେ କ୍ଲାସରେ ତୁନି ହୋଇ ବସି ପାଠ ପଢିବାକୁ ଆଦେଶ ଥାଏ । ସେ ସମୟରେ ଖେଳୁଥିଲେ ହେଡମାଷ୍ଟ୍ରେ ବେତଧରି କ୍ଲାସରେ ଆସି ପହଞ୍ଚି ଯାଆନ୍ତି । ତାଙ୍କୁ ଦୂରରୁ ଆସିବାର ଦେଖିଲେ

Digitized by srujanika@gmail.com

ସମସ୍ତେ ତରତରରେ ଗଛରୁ ଓହ୍ଲାଇ ଆସି ଯେଝା ସ୍ଥାନରେ ଚୁପ୍-ହୋଇ ବସି ଯାଆନ୍ତି ।

ଥରେ ହଠାତ୍ ହେଡ଼ମାଷ୍ଟ୍ରେ ଆସିବାର ଦେଖି ସମସ୍ତେ ଗଛରୁ ଓହ୍ଲାଇ ଆସିଲେ କିନ୍ତୁ ଗୋପାଳ ବୋଲି ଗୋଟିଏ ପିଲା ନ ଜାଣିପାରି ଗୋଟିଏ ଛୁଆଁଅନା ଗଛ ଅଗରେ ରହି ଯାଇଥିଲା । ସେ ତଳକୁ ଚୁହିଁ ହେଡ଼ମାଷ୍ଟରଙ୍କୁ ଦେଖିବାକ୍ଷଣି ଉପରୁ ତଳକୁ ଖସି ପଡ଼ିଲା. କିନ୍ତୁ ତଳେ ବାଲିଥିବା ଯୋଗୁ ବଂଚିଗଲା । ସେହିଦିନଠାରୁ ହେଡ଼ମାଷ୍ଟ୍ରେ ଆଉ ଗୋପନରେ କୌଣସି କ୍ଲାସକୁ ଯିବା ବନ୍ଦ କରିଦେଇ ଥିଲେ ।

**ଗଙ୍ଗାଧରବାବୁ**—ବାର ହରେକୃଷ୍ଣପୁର ନିବାସୀ ପୁରୁଣା ସତ୍ୟବାଦୀ ସ୍କୁଲର ପୂର୍ବତନ ଛାତ୍ର ଶ୍ରୀ ଗଙ୍ଗାଧର ରଥ ଆମ ମାନଙ୍କର ସ୍କୁଲର ହେଡ଼ମାଷ୍ଟର ଥିଲେ । ଛାତ୍ରାବାସରେ ମୁଁ ରହୁଥିବା କୋଠରୀକୁ ଲାଗି ଗୋଟିଏ କୋଠରୀରେ ସେ ରହୁଥିଲେ । ତାଙ୍କ କୋଠରୀର ଦୁଆର ବାହାରକୁ ନ ଖୋଲି ଆମ କୋଠରୀ ଭିତରକୁ ଖୋଲେ । ଆମ କୋଠରୀରେ ଖଟ ନଥାଏ, ଚେମ୍ପୁଟିଆ ଦରିରେ ଆମେ ତିନିଜଣ ରହୁଥାଉ, ତାଙ୍କ କୋଠରୀରେ ଖଟ ଖଣ୍ଡିଏ ପଡ଼ିଥାଏ । ସେ ଆମ ପଢ଼ାପଢ଼ିରେ କଡ଼ା ନଜର ରଖି ଥାଆନ୍ତି । ତାଙ୍କର ଦେହ ଖରାପ ହେଲେ ଆମେ ସେବା ଶୁଶ୍ରୂଷା କରୁ ବେଳେବେଳେ ପାଳି କରି ତାଙ୍କ ଗୋଡ଼ ଘଷୁ ।

ସେ ବଡ଼ ସରଳିଆ ଲୋକ, କିନ୍ତୁ ରାଗି, ତାଙ୍କ ପଛରେ ତାଙ୍କୁ ଆମେ ରମ୍ପ ସାପ ବୋଲି ନାଁ ଦେଇଥାଉ । ସେ ଛଳ କପଟ ବୁଝି ପାରନ୍ତି ନାହିଁ, ଅଳ୍ପ କଥାରେ ବିଚଳିତ ହୋଇ ଯାଆନ୍ତି ।

ଥରେ ଜଣେ ନବକିଆ ଅଙ୍କ ଶିକ୍ଷକ ଅଙ୍କାରେ ତାଙ୍କୁ ପାଞ୍ଚଶହ ଟଙ୍କା ଧାର ମାଗିଲେ । ତାଙ୍କ ପାଖରେ କେବେ ଗୋଟିଏ ହେଲେ ଅଧିକା ପଇସା ନଥାଏ । ସେ ବଡ଼ କଷ୍ଟରେ ସଂସାର ଚଳାନ୍ତି । ସେ ଟଙ୍କା କାହୁଁ ପାଇବେ ବୋଲି କହିବାରୁ ଅନ୍ୟ ଶିକ୍ଷକ ତାଙ୍କୁ କହିଲେ 'ଆପଣ ଏଠି ସେଠି ଏତେ ବର୍ଷହେଲା ରୁକଲି କଲେଣି : ହାରାହାରି

Digitized by srujanika@gmail.com

ମାସକୁ ଷାଠିଏ ଟଙ୍କା ରୋଜଗାର କରୁଛନ୍ତି । ମାସକୁ ମାତ୍ର ଦଶଟି ଟଙ୍କା ବଳାଇ ରଖିଥିଲେ ଆପଣଙ୍କ ପାଖରେ ପାଞ୍ଚ ଦଶ ହଜାର ଟଙ୍କା ଥିବାର କଥା । ଆପଣ ଟଙ୍କା ନାହିଁ ବୋଲି କଣ କହୁଛନ୍ତି ? ଆପଣ ବୋଧହୁଏ ମାସ ଶେଷରେ ସବୁ ଟଙ୍କା ଆପଣଙ୍କ ସହଧର୍ମିଣୀଙ୍କୁ ଦେଇ-ଦିଅନ୍ତି । ସେ ଘର ଚଳାନ୍ତି ସେ ଟଙ୍କା ରଖିଥିବେ । ଆପଣ ତାଙ୍କୁ ପଚାରନ୍ତୁ ।'

ଗଙ୍ଗାଧର ବାବୁ ବିବ୍ରତ ହୋଇ କହିଲେ ହଁ ସତେତ ମୁଁ ସବୁ ତାଙ୍କୁ ଦେଇଦିଏ । ସେ ପିଲାପିଲିଙ୍କୁ ସତ୍ୟବାଦୀ ଆଣି ଚଳାଇବାର ଶକ୍ତି ନଥିବାରୁ ସେମାନଙ୍କୁ ଗାଁରେ ରଖିଥାଆନ୍ତି । ଛୁଟି ବେଳେ ବା ଦରମା ମିଳିବା ଦିନ ସାଇକଲରେ ଗାଁକୁ ଯାଆନ୍ତି ।

ଶନିବାର ଦିନ ସେ ଗାଁକୁ ଯାଇ ତାଙ୍କ ସ୍ତ୍ରୀଙ୍କୁ ପଚାରିବାରେ ସେ ସବୁ ଶୁଣି ସ୍ତ୍ରୀ କହିଲେ 'ତୁମ ମୁଣ୍ଡ କଅଣ ଖରାପ ହୋଇଗଲାଣି, ଏତେଗୁଡ଼ାଏ ପିଲା, ଘର ଚଳାଇ ମୁଁ ଧାର ଉଧାରରେ ବୁଡ଼ି ଉବୁଟୁବୁ ହେଉଛି । ଅଙ୍କ ମାଷ୍ଟ୍ର ଠକିକରି ତୁମକୁ ଅଙ୍କ କଷି ଶୁଣାଉଛନ୍ତି ତୁମେ ଏତିକି ବୁଝିପାରୁନାହିଁ ଯେ ତାଙ୍କ କଥାରେ ବିଶ୍ୱାସ କରି ଟଙ୍କା ନେବାକୁ ମୋ ପାଖକୁ ଧାଇଁ ଆସିଛ ?' ହେତିକରେ ସେ ସବୁ ବୁଝି ଗର ଗର ହୋଇ ସ୍କୁଲକୁ ଫେରିଲେ । କିଛିଦିନ ପର୍ଯ୍ୟନ୍ତ ଅଙ୍କ ମାଷ୍ଟ୍ରଙ୍କ ସଙ୍ଗେ କଥାବାର୍ତ୍ତା ବନ୍ଦ କରିଦେଲେ ।

ପାଠ ପଢ଼ା ଛଡ଼ା ଅନ୍ୟ କୌଣସି କଥା ତାଙ୍କ ମୁଣ୍ଡରେ ପଶୁ ନଥିଲା । ମୁଁ ମାଇନର ପାଶ ପରେ କଟକରେ ପଢୁଥିଲି । ସେ ମାଇନର ସ୍କୁଲଟି ହାଇସ୍କୁଲରେ ପରିଣତ ହେଲା । ମୁଁ ଛାତ୍ର ଆନ୍ଦୋଳନ ପରେ ବର୍ଷେ ପାଠ ଛାଡ଼ି ପୁଣି ଏକାଦଶ ଶ୍ରେଣୀରେ ସତ୍ୟବାଦୀ ସ୍କୁଲକୁ ଆସି ଛାତ୍ରାବାସରେ ରହିଲି । ସେତେବେଳକୁ ହାଇସ୍କୁଲରେ ଅନ୍ୟଜଣେ ହେଡ଼ ମାଷ୍ଟର ଥାଆନ୍ତି । ଗଙ୍ଗାଧରବାବୁ କେବଳ ଆଇ. ଏ. ପାଶ କରିଥିବାରୁ ସାଧାରଣ ଶିକ୍ଷକ ଭାବରେ ଥାଆନ୍ତି ଓ ଆମ କ୍ଲାସରେ ସାହିତ୍ୟ ପଢ଼ାଉ ଥାଆନ୍ତି ।

ଦିନେ ମୁଁ ସାହିତ୍ୟ କ୍ଲାସକୁ ଯାଇ ନଥିଲି । ସନ୍ଧ୍ୟାବେଳକୁ ମୁଁ କେତକୀଙ୍କର ପାଖ ପଡ଼ିଆକୁ ଝାଡ଼ା ଫେରିବାକୁ ଯାଉଛି ।

Digitized by srujanika@gmail.com

ଗଙ୍ଗାଧରବାବୁ ଗାମୁଛାଟିଏ ପିନ୍ଧି ତାଳଟିଏ ଧରି ଝାଡ଼ା ଫେରିସାରି ସେଠାରୁ ଫେରିଲାବେଳକୁ ମୋତେ ଦେଖି ପକାଇ କହିଲେ 'ହଇରେ ତୁ କଅଣ ରଚନା ଲେଖିନଥିଲୁ ବୋଲି ଆଜି ମୋ କ୍ଲାସକୁ ଗଲୁନାହିଁ ?'

ତାଙ୍କ କଥା ଶୁଣି ମୋ ପାଟିରୁ ବାହାରି ପଡ଼ିଲା 'ଆଜ୍ଞା ଆପଣଙ୍କର କଅଣ ସ୍ଥାନ, କାଳ, ପାତ୍ରର ଜ୍ଞାନ ନାହିଁ । ଏଇ ଝାଡ଼ା ଫେରିଯିବା ଅବସ୍ଥାରେ ଏହି ସ୍ଥାନରେ କଅଣ ଏପରି କଥା ପଚରା ହୁଏ ?'

ସେତିକିରେ ସେ ରାଗି କାନ୍ଦି ତାଙ୍କ କୋଠରୀକୁ ଫେରିଲେ । ଦୁଇଦିନ କାଳ କିଛି ନ ଖାଇ ନ ପିଇ ଖଟ ଉପରେ ଶୋଇ ରହିଲେ । ସେ କଥା ନୂଆ ହେଡମାଷ୍ଟ୍ରଙ୍କ କାନକୁ ଗଲା । ସେ ଆସି ପଚାରିବାରେ ଗଙ୍ଗାଧର ବାବୁ କହିଲେ 'ନାଁ ମୁଁ ଅଜ ଜୀବନ ଧରି କିଛି ଲଭିନାହିଁ ମୋର ଏତେ ବର୍ଷର ଶିକ୍ଷକତା ବୃଥା । ଏ କାଳ କଅଣ ହେଲା ? ବଡ଼ମ ପରି ସୁଧାର ପିଲା ଯାହା ପାଟିରୁ ଓଁ କି ଚୁଁ ପଦେ କଥା ବାହାରୁ ନଥିଲା । ସେ କେତେଟା ବର୍ଷ କଟକ ଯାଇ ଏପରି କଅଣ ପାଲଟିଗଲା । ସେ ପୁଣି ମୋତେ ଜବାବ ଦେଇ କହୁଛି ମୋର ସ୍ଥାନ କାଳ ପାତ୍ରର ଜ୍ଞାନ ନାହିଁ । ଏ ପାଠ ପଢ଼ାଇବା ଧିକ୍ ଏ ଜୀବନ ଧିକ୍ ।

ହେଡ଼ମାଷ୍ଟ୍ର ଶ୍ରୀ ହରିହର ମହାପାତ୍ର ତାଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କରି ବିଫଳ ହୋଇ ସେଠାରୁ ଫେରି ତାଙ୍କ କୋଠରୀକୁ ମୋତେ ଡକାଇ ପଠାଇଲେ ।

ମୁଁ ତାଙ୍କ ନିକଟକୁ ଯିବାକ୍ଷଣି ସେ ମୋତେ କହିଲେ ହଇରେ ତୁ କି ନାଟ ଲଗେଇଚୁ । ଗଙ୍ଗାଧର ବାବୁଙ୍କୁ କଅଣ ଉପାସରେ ମାରିବୁ ? ପିଲାଦିନୁ ତାଙ୍କ ପାଖରେ ବଢ଼ିଚୁ ସେ ଅତି ଅଭିମାନୀ ଲୋକ ବୋଲି କଅଣ ତୁ ଜାଣିନାହୁଁ । ସେ ତତେ ଅତ୍ୟନ୍ତ ସୁଖ ପାଆନ୍ତି ବୋଲି ତୋ କଥା ତାଙ୍କୁ ଏତେ ବାଧିଲା । ପୁରାତନ ଛାତ୍ର ଓ ମାଛିନର ସ୍କୁଲ ତାଙ୍କର ପ୍ରଧାନ ଗର୍ବ ସେ ସମ୍ବନ୍ଧରେ କିଛି ଆଞ୍ଚ ଆସିଲେ ସେ ଆଦୌ ସହି ପାରନ୍ତି ନାହିଁ ।

Digitized by srujanika@gmail.com

ସେ ପୁଣି କହିଲେ ମୁଁ ପ୍ରଥମେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଗ୍ରହଣ କଲାପରେ ଭୁଲ୍‌ବଶ ମୋ ପାଖରୁ ତାଙ୍କ ମାଇନର ସ୍କୁଲ ବିଷୟରେ କିଛି କଡ଼ା ମନ୍ତବ୍ୟ ବାହାରି ପଡ଼ିଥିଲା । ସେ ସେତିକରେ ଉତ୍ତେଜିତ ହୋଇଯାଇ ଅନ୍ୟମାନଙ୍କୁ କହିଲେ ଏଠି 'ମୂଳଦୁଆ ପକାଇଥିଲା କିଏ ? ଖୁଣ୍ଟ ପୋତିଲା କିଏ ? ଛପର ଛାଉଣି କଲା କିଏ ? ସ୍କୁଲ ଗଢ଼ିଲା କିଏ ? ଇଏ କେଉଁଠାରୁ ଉଡ଼ି ଆସି ମୋ ଉପରେ ମାଷ୍ଟରି କରୁଛନ୍ତି ମୋ ସ୍କୁଲକୁ ଖୁଣୁଛନ୍ତି । ମୋର ଏଠି ଆଉ ଦଣ୍ଡେ ରହିବା ଉଚିତ ନୁହେଁ ଏହା କହି ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିଲେ ।'

ଗଦାଧର ବାବୁ ସତ୍ୟବାଦୀ ବିଦ୍ୟାଳୟର ପୁରାତନ ଛାତ୍ର । ସେ ଅନ୍ୟଠାରୁ ବୁଝିଲି ପଣ୍ଡିତ ନୀଳକଣ୍ଠଙ୍କ ନିର୍ଦ୍ଦେଶରେ ପୁଣି ସେଇ ପୁରୁଣା ସ୍କୁଲ ଆଦର୍ଶରେ ଏ ସ୍କୁଲଟି ଆରମ୍ଭ କରିଥିଲେ । ମୋ କଥାରେ ସେ ରାଗିବା ସ୍ୱାଭାବିକ ଭାବି ମୁଁ ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା ମାଗି ଇସ୍ତଫା ପତ୍ର ଫେରାଇ ଦେଇଥିଲି ।

ହେଡମାଷ୍ଟରଙ୍କ ସଙ୍ଗେ କଥାବାର୍ତ୍ତା ପରେ ମୁଁ ଗଦାଧର ବାବୁଙ୍କ ପାଖକୁ ଯାଇ ଲମ୍ବହୋଇ ତାଙ୍କ ଗୋଡ଼ତଳେ ପଡ଼ି କ୍ଷମା ପ୍ରାର୍ଥନା କଲି । ସଙ୍ଗେ ସଙ୍ଗେ ତାଙ୍କ ମୁହଁରେ ହସ ଦେଖାଗଲା । ସେ ମୋତେ ଟେକି ଉଠାଇ କୁଣ୍ଢାଇ ପକାଇ କହିଲେ ତୁ ଅନୁତାପ କରିବୁ ବୋଲି ମୁଁ ଜାଣିଥିଲି । ଗୁରୁଜନମାନଙ୍କ ମନରେ କଷ୍ଟ ଦେଲାଭଳି କୌଣସି କଥା କହନ୍ତୁ ନାହିଁ । ଏବେ 'ଯା ମନଦେଇ ପଢ଼ାପଢ଼ି କର ଭଗବାନ ତତେ ସୁବୁଦ୍ଧି ଦିଅନ୍ତୁ ତୁ ବଡ଼ ମଣିଷ ହୁଅ । ମୁଁ ତୋତେ ଆଶୀର୍ବାଦ କରୁଛି ।' ତାଙ୍କର ରାଗ ଉଭେଇ ଯାଇ ସେ ଲକ୍ଷ୍ମୀପରି କୋମଳ ହୋଇଗଲେ ।

●

Digitized by srujanika@gmail.com

# ନନାଙ୍କ ସଙ୍ଗେ ରହଣି

( ସ୍ମୃତି )

**ନନାଙ୍କ କାରାମୁକ୍ତି**—ସତ୍ୟବାଦୀ ଛାତ୍ରାବାସର ସକାଳ ଗାଧୁଆ, ଖାଇବା ପିଇବା ଓ ମେଲେରିଆର ଅତ୍ୟାଚାର ଯୋଗୁ ମୋ ସ୍ୱାସ୍ଥ୍ୟ ଆହୁରି ଭାଙ୍ଗିପଡ଼ିଥିଲା ।

ସେହି ସମୟରେ ଦେଢ଼ବର୍ଷର ଦୀର୍ଘ କାରାବାସ ପରେ ନନା ଜେଲରୁ ଫେରିଲେ । ପୁରୀରେ ଓ ସତ୍ୟବାଦୀରେ ତାଙ୍କ ପାଇଁ ବିରାଟ ସ୍ୱାଗତ ସମ୍ବର୍ଦ୍ଧନା ସଭା ହେଲା । ଲୋକେ ତାଙ୍କୁ ଫୁଲମାଳ ଓ ଜୟଧ୍ୱନୀରେ ପୋତି ପକାଇଲେ । ସେତେବେଳକୁ ମାଇକର ବ୍ୟବହାର ନଥିଲା ତଥାପି ନନାଙ୍କର ଓଜସ୍ୱିନୀ ବକ୍ତୃତା ଲକ୍ଷାଧିକ ଲୋକ ସ୍ପଷ୍ଟ ଭାବରେ ଶୁଣିପାରୁଥିଲେ ।

ନନା ଆସିବା ପରେ ମୁଁ ମଧ୍ୟ ଛାତ୍ରାବାସ ଛାଡ଼ି ଘରକୁ ଫେରି ଆସିଲି । ମାଇନର ପରୀକ୍ଷା ପୂର୍ବରୁ ମୋ ଦେହ ବେଶୀ ଖରାପ ହେଲା । ନାକରୁ ବହୁତ ରକ୍ତ ପଡ଼ିଲା । ମୋ ଦେହ ପରୀକ୍ଷା ପାଇଁ ମୁଁ ନନାଙ୍କ ସଙ୍ଗେ କଟକ ଆସିଲି ।

ନନା ଜେଲରୁ ଆସିବା ପରେ ପରେ ସେ ପୁଣି ତାଙ୍କ କାମରେ ଯୋରସୋରରେ ଲାଗିପଡ଼ିଲେ । କଟକରେ ପ୍ରେସଟିଏ ବସାଇ ପତ୍ରିକାଟିଏ ବାହାର କରିବାପାଇଁ ସେ ଯୋଜନା କରୁଥାଆନ୍ତି । ତାଙ୍କର ପୁରାତନ ବନ୍ଧୁ ଓ ଅନ୍ତରଙ୍ଗ କର୍ମୀ ଶ୍ରୀ ଚନ୍ଦ୍ରମଣି ମିଶ୍ର ପ୍ରେସ ପରିଚାଳନା ଉଦ୍ଦେଶ୍ୟରେ କଟକ ବାଖରାବାଦରେ ଘରଟିଏ ଭଡ଼ା ନେଇଥାଆନ୍ତି । ଆମେ ସେହିଠାରେ ଆସି ରହିଲୁ ।

Digitized by srujanika@gmail.com

କଟକରେ ପହଞ୍ଚୁ ପହଞ୍ଚୁ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ତାଙ୍କ ଅନ୍ତିମ ରୋଗ ଶଯ୍ୟାରୁ ତାଙ୍କୁ ଡ଼କାଇ ପଠାଇଲେ । ସେ ତାଙ୍କ କାନ୍ଧରେ ହାତ ପକାଇ 'ଓଡ଼ିଶା ତୁମକୁ ଲାଗିଲା' ବୋଲି କହି ତାଙ୍କର ଅନ୍ୟ ସହକର୍ମୀମାନଙ୍କୁ ଗଳକଂଠ କଥାମାନ ଚଳାଇବ ବୋଲି ନିର୍ଦ୍ଦେଶ ଦେଇ ଆଖି ବୁଜିଲେ ।

ମଧୁ ବାବୁଙ୍କ ତିରୋଧାନରେ ସୃଷ୍ଟିଆଡ଼େ ଚହଳ ପଡ଼ିଗଲା । ମୁଁ ମଧୁବାବୁଙ୍କ ସମ୍ବନ୍ଧରେ କେଶି କିଛି ଜାଣି ନଥିଲି କେବଳ କେନ୍ଦ୍ର କେନ୍ଦ୍ର ଗୀତ ବୋଲିବା ଶୁଣିଥିଲି 'ପାଠ ପଢ଼ିବ ପାଠ ପଢ଼ିବ କାଳିଆ ଘୋଡ଼ାରେ ଚଢ଼ିବ, ବଡ଼ ହେଲେ ମୁହିଁ ଓକିଲ ହୋଇ ମଧୁବାବୁ ସଙ୍ଗେ ଲଢ଼ିବ ।'

କବି ନବକିଶୋର ଦାସ ନନାଙ୍କ ସଙ୍ଗେ ଆସି ମଧୁ ବାବୁଙ୍କ ବିଷୟରେ ଆଲୋଚନା କରୁଥିଲେ । ମୁଁ ନବବାବୁଙ୍କୁ ପଚାରି ତାଙ୍କଠାରୁ ମଧୁବାବୁଙ୍କ ବିଷୟରେ ଅନେକ କଥା ଶୁଣିଲି ଓ ପରେ ସେ ମଧୁବାବୁଙ୍କ ବିଷୟରେ ଲେଖାଥିବା ବହିଟି ମଧ୍ୟ ପଢ଼ିଲି ।

ମୋ ରୋଗ ବିଷୟରେ କଂଗ୍ରେସ ନେତା ଡାକ୍ତର ଅଟଳ ବିହାରୀ ଆଚାର୍ଯ୍ୟ ଓ ବଶିଷ୍ଠ କବିରାଜ ନନାଙ୍କର ଆତ୍ମୀୟ ବାଲକେଶ୍ୱର ଆଚାର୍ଯ୍ୟଙ୍କ ସଙ୍ଗେ ପରାମର୍ଶ କରି ଔଷଧ ନେଇ ନନାଙ୍କ ସଙ୍ଗେ ଗ୍ରାମକୁ ଫେରିଲି ।

**ମୋ ମାଛ ଖିଆ—** ନନା ଥିଲାବେଳେ ମୁଁ ଗୁରୁକୁଳବାସରୁ ଆସି ଘରେ ରହିବା ଦ୍ୱାରା ସମସ୍ତଙ୍କୁ ବଡ଼ ଅସୁବିଧାରେ ପକାଇଲି । ମୋ ଦେହ ଖରାପ ଯୋଗୁ ସେମାନଙ୍କର ସେତେ ଉଦ୍‌ବେଗ ନଥିଲା ମୋ ନିରାମିଷ ଆହାର ଅଭ୍ୟାସ ଓ ମୋ ପାଇଁ ଅଲଗା ରନ୍ଧା ଆମ ଘର ଲୋକଙ୍କୁ ବେଶୀ ଅଡୁଆରେ ପକାଉଥିଲା ।

ଆମ ଘରେ ମାଛ ଗୋଟିଏ ପ୍ରଧାନ ଖାଦ୍ୟ । ନନା ଆସିଲେ ଦିନ ମାଛ କେବଳ ତରକାରୀ ବା ଭଜାରେ ଆବଦ୍ଧ ନରହି ଭାତ ଡାଲି ଶାଗ ସବୁରି ଭିତରେ ଆସ୍ଥାନ ଜମାଇ ବସନ୍ତି ।

Digitized by srujanika@gmail.com

ମୁଁ ଲୋୟର ପ୍ରାଇମେରୀ ଚାରି କ୍ଲାସରେ ପଢ଼ିବାବେଳେ, ବୁଦ୍ଧଦେବଙ୍କ ବିଷୟ ପଢ଼ି ଅହିଂସା ପରମ ଧର୍ମ ଓ ଜୀବ ହତ୍ୟା ମହାପାପ ବୋଲି ଜାଣିବା ପରେ ମୋର ଉପର କ୍ଲାସ ପିଲା 'କହ୍ନୁଆ' ଲେଖକ ଉପେନ୍ଦ୍ର ଗୋବିନ୍ଦ ତ୍ରିପାଠୀଙ୍କ ଜ୍ୟେଷ୍ଠ ପୁତ୍ର ଆର୍ତ୍ତ ଭଞ୍ଜନଙ୍କ ସଙ୍ଗେ ଆଲୋଚନା କରି ଆମେ ମାଛ ମାଂସ ନ ଖାଇବା ପାଇଁ ସ୍ଥିର କରିଥିଲୁ ।

ମୁଁ ପରେ ଜାଣିଲି ଆର୍ତ୍ତ ଭାଇନା ଦିନଟିଏ ବି ମାଛ ଛାଡ଼ି ନଥିଲେ । ଶପଥର ପରଦିନ ଯଦି ମାଛ ମିଳି ନଥିବ ତେବେ ସେ ଶୁଖୁଆ ଖିଆରେ ବି ଶପଥ ଭାଙ୍ଗି ଦେଇଥିବେ । କିନ୍ତୁ ଶପଥ ଦିନଠାରୁ କିଛି ବର୍ଷ ପର୍ଯ୍ୟନ୍ତ ମାଛ ଶୁଖୁଆ, ମାଂସ ଅଣ୍ଡା ପ୍ରଭୃତି ଖାଇବା ମୁଁ ପୂରା ଛାଡ଼ି ଦେଇଥିଲି ।

ମୋ ମାଛ ନ ଖାଇବା କଥା ନନାଙ୍କୁ ବଡ଼ ଅଡୁଆ ଲାଗୁଥିଲା । ଘର ରନ୍ଧାରନ୍ଧିର ଅସୁବିଧା ସଙ୍ଗେ ମୋ ସ୍ୱାସ୍ଥ୍ୟହାନିର ନିରାମିଷ ଆହାର ଗୋଟିଏ ପ୍ରଧାନ କାରଣ ବୋଲି ସେ ଧରିନେଇଥିଲେ । ସେ ମୋତେ ସିଧା କିଛି ନ କହି ସତ୍ୟବାଦୀର ଜିଲ୍ଲାବୋର୍ଡ ଡାକ୍ତରଙ୍କ ସଙ୍ଗେ କଥାବାର୍ତ୍ତା କରି ମୋର ସ୍ୱାସ୍ଥ୍ୟ ପରୀକ୍ଷା କରି ମୋତେ ପରାମର୍ଶ ଦେବାପାଇଁ ତାଙ୍କୁ ଆମ ଘରକୁ ଡକାଇ ଆଣିଥିଲେ ।

ସତ୍ୟବାଦୀ ଡାକ୍ତରଖାନାର ଡାକ୍ତର ଡି.ଭି.ଆର (ଡାଭୁଲ ଭେଙ୍କଟ ରାମାସ୍ୱାମୀ) ଚଛନାୟୁକ ସବ୍ ଆସିଷ୍ଟାଣ୍ଟ ସର୍ଜନ ଜଣେ ଧୁରନ୍ଧର ଡାକ୍ତର ବୋଲି ତାଙ୍କର ନାଁ ଥିଲା ।

ସେ ପାଞ୍ଚହାତିଆ ମଣିଷ । ଦ୍ୱିବର୍ଣ୍ଣ ପରି ତେଢ଼ହେବ, ଗମ୍ଭୀର ମୁହଁ, ଗୋଲିଆ ମୁହଁଟା ପୁଣି ବସନ୍ତ ଚିହ୍ନରେ କିଛି ପରିମାଣରେ ଖାଲି ଡିପରେ ପୂର୍ଣ୍ଣ । ସେ କଥାଗୁଡ଼ାକ ଅଧା ତେଲେଙ୍ଗା ମିଶା ବଙ୍କା ଓଡ଼ିଆରେ ବଡ଼ ଠାଇଁ ଠାଇଁ କରି କହନ୍ତି । ତାଙ୍କ ସାମନାକୁ ସିଧା ସ୍କୁଲପିବାକୁ ଲୋକେ ଭୟ କରନ୍ତି ।

Digitized by srujanika@gmail.com

ତାଙ୍କ ସୁଚିକିତ୍ସାର ଖ୍ୟାତି ଯୋଗୁ ହେଉ ବା ସେଠାରେ ଅନ୍ୟ କେହି ଏଲୋପାଥିକ୍ ଡାକ୍ତର ନଥିବା ଯୋଗୁ ହେଉ ସତ୍ୟବାଦୀରେ ସମସ୍ତେ ତାଙ୍କୁ ବଡ ଡାକ୍ତର ବୋଲି କହନ୍ତି ।

ସେ ତାଙ୍କ ମଟର ସାଇକେଲରେ ଚଢି ଗାଁ ଭିତରକୁ ପଶିବା-କ୍ଷଣି, ରାସ୍ତାରେ ଖେଳୁଥିବା ପିଲାମାନେ ଆଲୋ ବୋଉଲୋ ବଡ ଡାକ୍ତର ଆସିଲାଣି ବୋଲି କହି ତୁନି ପିଟି ହୋଇ ଖେଳ ଛାଡ଼ି ଯେ ଯୁଆଡ଼େ ପଳେଇ ଯାଆନ୍ତି ।

ଗର୍ଭ ବେଦନା ପାଉଥିବା ସ୍ତ୍ରୀ ଲୋକମାନଙ୍କ ପାଖରେ ସେ ଯାଇ ଠିଆ ହୋଇଯିବା ମାତ୍ରେ ସେମାନେ ଭୟରେ ସୁରୁଖୁରୁରେ ପ୍ରସବ କରି ପକାଇବା ମଧ୍ୟ ଶୁଣାଯାଉଥିଲା ।

ବଡ ଡାକ୍ତର ମୋତେ ଦେଖିବା କ୍ଷଣି ମୋ ହାତକୁ ଉଠେଇ ନେଇ ମୋ ନାଡ଼ି ଚିପିଲେ । ଆଖିପତାକୁ ଭିତ ରକ୍ତ ଅଛି କି ନାହିଁ ପରୀକ୍ଷା କଲେ ମୋତେ ଖଟ ଉପରେ ଶୁଆଇ ମେଲେରିଆ ଯୋଗୁ ବଢିଥିବା ପିଲ୍ହା, ଯକୃତ ପ୍ରଭୃତି ଜୋରରେ ଚପାଚପି କରି ମୋତେ ନୟାନ୍ତ କରି-ପକାଇଦେଲେ, ଷ୍ଟେଥୋ ପକାଇ ଛାତି ପରୀକ୍ଷା କରିବା ପରେ ମୋ ଦେହର ଗଣ୍ଠି ସବୁ ଭଙ୍ଗାଭଙ୍ଗି କରି ଦେଖିଲେ ।

ଏପରି ଯାବତୀୟ ପରୀକ୍ଷା କରିସାରି ରଡ଼ମଡ଼ ହୋଇ ମୋ ମୁହଁକୁ ଚାହିଁ କହିଲେ 'ରକତ ନାହିଁରେ' ଖାଦ୍ୟ ଅଭାବ ହେଉଚି, 'ମରି ଯିବୁରେ' ମାଛ, ଅଣ୍ଡା କାହିଁକି ଖାଉନୁରେ, ମାଛ ନ ଖାଇଲେ ଆଉ କଅଣ ଖାଇବୁରେ, ଚଅଳ ଖାଇ ଦେହରେ ଜୋର୍ ହବରେ, ଆରେ ମାଆଛ ଖାଆରେ, କହରେ ମାଅଛ ଖାଇବୁ କି ନାହିଁରେ ?

ତାଙ୍କ ରୁକ୍ଷ କଥାରେ ମୁଁ ପୁରା ଡରିଗଲି । ତାଙ୍କ ଗବେଷଣାର ହାତରେ ପେଟେଚପା ଖାଇ ମୋ ପେଟ ପୁରା ଦରଜ ହୋଇ ଯାଇଥାଏ । ମୋ ପାଖରେ ନନା ଓ ଘରର ଅନ୍ୟମାନେ ଠିଆ ହୋଇଥାଆନ୍ତି କିନ୍ତୁ କାହାଠାରୁ ପଦେହେଲେ ସହାନୁଭୂତିସୂଚକ କଥା ଶୁଣିବାର ମୋର ଆଶା ନଥାଏ ।

Digitized by srujanika@gmail.com

ଶେଷରେ ନନା ମୋତେ କହିଲେ ଡାକ୍ତର ବାବୁଙ୍କ କଥାତ ଶୁଣିଲୁ ଏବେ କହ ମାଛ ଖାଇବୁ କି ନାହିଁ । ସେ ତୋର ଭଲପାଇଁ କହୁଛନ୍ତି ଗାଁରେ ତ ଭଲ ଦୁଧ ଦହି ମିଳୁନାହିଁ, ମାଛ ନ ଖାଇଲେ ଦେହ କପରି ଭଲ ହେବ । ମୁଁ ଥରେ ନନାଙ୍କ ମୁହଁକୁ ଚାହିଁସାରି ମୋ ଆଖି ଡାକ୍ତର ବାବୁଙ୍କ ଉପରେ ପଡ଼ିଲାକ୍ଷଣି 'ହଁ ମାଛ ଖାଇବି' ବୋଲି ମୋ ପାଟିରୁ ଆପେ ଆପେ ବାହାରି ପଡ଼ିଲା ।

ମୋ ପାଟିରୁ କଥା ନ ସରୁଣୁ, ମାଛ ଆସିବାର ବ୍ୟବସ୍ଥା ହୋଇଗଲା । ଜଣେ ପୂବରୁ ନିଂଙ୍କିଲିଗା ଖଙ୍ଗା ମାଛ ଆଣି ସାଇକଲରେ ପହଞ୍ଚିଗଲା ।

ମାଛ ଗନ୍ଧ ମୁଁ ସମ୍ଭାଳି ପାରିବି ନାହିଁ ବୋଲି କହିବାରୁ ମାଛ ମଞ୍ଜିକୁ ବାସି ତୋରାଣୀରେ ସିଝାଇ ଅଳ୍ପ ସଙ୍ଗେ ଟିକେଟି ବଡ଼ା ତିଆରି କରିଗଲା ।

ମୁଁ ସେଦିନ ଆଖି କାନ ବୁଜି ଅଣନିଶ୍ୱାସୀ ହୋଇ ବଡ଼ା ଖଣ୍ଡିଏ ପାଟିକୁ ନେଲି, ବୋଧହୁଏ ସୁଆଦ ଲାଗିଲା । ସେଇଦିନଠାରୁ ଆମ ଘରର ମାଛଖିଆ ସ୍ରୋତରେ ମୁଁ ପୂରାପୂରି ଭାସି ଚାଲିଲି । ଏବେ ମୁଁ କେଉଁଦିନ ମାଛ ଖାଉନଥିଲି ବୋଲି ଭାବିଲେ ମୋତେ ଆଶ୍ଚର୍ଯ୍ୟ ଲାଗେ ।

ଅବଶ୍ୟ ସେତେବେଳେ ମାଛ ଖାଇବାଦ୍ୱାରା ଯେ ମୋ ସ୍ୱାସ୍ଥ୍ୟର ବିଶେଷ କିଛି ଉନ୍ନତି ହେଲା ତା ନୁହେଁ ।

**କଟକ ପଢ଼ା**—ସେ ଯାହାହେଉ ୧୯୩୫ ଶେଷରେ ମୁଁ କଷ୍ଟେମଷ୍ଟେ ମାଇନର ଖଣ୍ଡ ପାଶକଲି । କଟକ ଯାଇ ଭଲ ପୁରୁଣା ସ୍କୁଲରେ ପଢ଼ିବାକୁ ମୋର ମନ ବଳିଲା ।

ନନା ଭାଇନାଙ୍କ ଭିତରେ କଥାବାର୍ତ୍ତା ହୋଇ ମୋର ପୁରୀଜିଲ୍ଲା ସ୍କୁଲରେ ପଢ଼ିବାର ପ୍ରସ୍ତାବ ହେଲା । ମୁଁ ସେ ପ୍ରସ୍ତାବ ଶୁଣି କହିଲି, ତାହେଲେ ଟିକିଏ ଅପେକ୍ଷା କରନ୍ତୁ ମୁଁ କୋଠା ଉପରକୁ ଯାଇ

Digitized by srujanika@gmail.com

ତଳକୁ ଡେଇଁପଡେ । ସେମାନେ ପଚାରିଲେ 'ଏପରି କାହିଁକି କରିବୁ' । ମୁଁ କହିଲି ଆପଣଙ୍କର ଇଚ୍ଛା ମୋ ହାତ କି ଗୋଡଟାଏ ଭାଙ୍ଗୁ । ମୁଁ ପୁରୀଯାଇ ଗୁଣ୍ଡିଚା ଭିଡ଼ରେ କି ଷଣ୍ଢଙ୍କ ଠେଲାରେ ଭାଙ୍ଗିବ କାହିଁକି ଆଗରୁ ନିଜେ ଭାଙ୍ଗି ନଦେବି କାହିଁକି ? ମୋ କଥା ଶୁଣି ସେମାନେ ଠୋ ଠୋ ହୋଇ ହସି କହିଲେ ତାହେଲେ ହାତଗୋଡ଼ ଭଲଥିବା ଲୋକ ଆଉ କେହି ପୁରୀରେ ନାହାନ୍ତି, ନାହିଁ ?

ମୁଁ ଭାଇନା ଯେଉଁ ସ୍କୁଲରେ ପଢ଼ିଥିଲେ ସେଇ ସ୍କୁଲରେ ପଢ଼ିବାକୁ ଜିଦ୍ ଧରିବାରୁ ମୋ କଥାରେ ରାଜିହୋଇ ନନା ଭାଇନା ମୋତେ କଟକ ଆଣି ରେଭେନ୍ସା କଲେଜିଏଟ୍ ସ୍କୁଲରେ ନାମ ଲେଖାଇଲେ । ଭାଇନା ସେତେବେଳକୁ ବି. ଏସ୍. ସି. ପାଶ୍ କରି ସାରିଥିବାରୁ କଟକରେ ଓକିଲାତି ପଢିବାର ଇଚ୍ଛା କରୁଥିଲେ । ଦୁଇଭାଇ କଟକରେ ରହିଲେ ମଧ୍ୟ ମୁଁ କଲେଜିଏଟ୍ ସ୍କୁଲ ଛାତ୍ରାବାସରେ ଓ ସେ ଅନ୍ୟତ୍ର କେଉଁଠି ରହିଲେ ।

କଟକରେ ନନାଙ୍କ ନବଭାରତ ପ୍ରେସ ଖୋଲାଥିବାରୁ ଓ ସେ କଟକ ଆସିଲେ ସେଇ ପ୍ରେସ ଘରେ ରହୁଥିବାରୁ କେତେବେଳେ ତାଙ୍କ ସଙ୍ଗେ ସାକ୍ଷାତ ମିଳିବାର ସୁବିଧା ହେଲା । ଦେଖାହେଲେ ମଧ୍ୟ ସବୁବେଳେ ସେ ଶତ ଶିଷ୍ୟ ପରିବେଷ୍ଟିତ । ଲେଖା ଓ ଆଲୋଚନାରେ ବ୍ୟସ୍ତ । ମୋ ଭଲମନ୍ଦ ବୁଝି ମୋ ସଙ୍ଗେ କଥାବାର୍ତ୍ତା କରିବାକୁ ତାଙ୍କର ସମୟ ନଥାଏ ।

ମୋ ସୁବିଧା ଅସୁବିଧା ବୁଝିବାପାଇଁ ସେ ପ୍ରେସ ମ୍ୟାନେଜର ଚିନ୍ତାମଣି ବାବୁଙ୍କୁ ନିର୍ଦ୍ଦେଶ ଦେଇଥାଆନ୍ତି । ଚିନ୍ତାମଣି ବାବୁ କଷ୍ଟେମଷ୍ଟେ ପ୍ରେସଟି ଚଳାଉଥିବାରୁ ସବୁବେଳେ ଅଭାବରେ ଥାଆନ୍ତି । ମୋତେ ତାଙ୍କଠାରୁ ମୋର ଖର୍ଚ୍ଚ ନେବାକୁ ହୁଏ । କେତେକେବେଳେ ସାମାନ୍ୟ ସ୍କୁଲଦରମା ପାଇଁ ମୋତେ ତାଙ୍କ ଘରକୁ ବହୁତ ଥର ଦଉଡ଼ିବାକୁ ପଡେ । ଜୋରିମାନା ସହିତ ଅନ୍ୟ ଦିନରେ ମୋତେ ଦରମା ଦାଖଲ କରିବାକୁ ହୁଏ ।

Digitized by srujanika@gmail.com

ଚିନ୍ତାମଣିବାବୁଙ୍କ ଘରକୁ ଦଉଡ଼ିବାରେ ମୋର ବିଶେଷ ଆପତ୍ତି ନଥାଏ । ତାଙ୍କ ଘରେ ମୋତେ ଦେଖିଲାକ୍ଷଣି ତାଙ୍କ ସ୍ତ୍ରୀ ଦୁଃଖୀନାମ୍ନୀ (ମୋ ବୋଉର ଜ୍ଞାତି କନେଇ ଝିଅ ଭଉଣୀ) ମୋ ପାଇଁ ଭଲମନ୍ଦ ଜିନିଷ ରଖିଥାଏ ସେ ଭାରି ସ୍ନେହୀ ଲୋକ କିଛି ନହେଲେ ଦୁଧ ଗ୍ଲାସେ ପିଆଇ ମୋତେ ଛାଡ଼େ । ପ୍ରେସକୁ ଯାଇ ଚିନ୍ତାମଣି ବାବୁଙ୍କୁ ଦେଖା-କରିବାରେ ଅବଶ୍ୟ ମୋର ସେପରି କିଛି ଲାଭ ହୁଏନାହିଁ !

ବୋଉ ମୋ ଅସୁବିଧା କଥା ଜାଣିବାପରେ ନନାଙ୍କୁ କହି ସ୍ଥାନୀୟ ପୋଷ୍ଟଅଫିସରେ ମୋ ନାମରେ ଗୋଟିଏ ଜମା ଆକାଉଣ୍ଟ ଖୋଲାଇ କିଛି ପଇସା ରଖିବାର ବ୍ୟବସ୍ଥା କରାଇ ଦେଇଥିଲା ।

**ମୋ ସିମଳା ଯାତ୍ରା**— ମୁଁ କଟକ ଆସିବାପରେ ମଧ୍ୟ ମୋ ସ୍ୱାସ୍ଥ୍ୟର ପରିବର୍ତ୍ତନ ହେଲାନାହିଁ । ଗୁରୁ ବାସ ପିଲାଙ୍କ ସ୍ୱାସ୍ଥ୍ୟ ଦାୟିତ୍ୱରେ ଥିବା ଡାକ୍ତର ରାଜକିଶୋର ନନ୍ଦ ମୋ ସ୍ୱାସ୍ଥ୍ୟ ପରୀକ୍ଷା କରି ଜଳବାୟୁ ପରିବର୍ତ୍ତନ ପାଇଁ କୌଣସି ସ୍ୱାସ୍ଥ୍ୟକର ସ୍ଥାନକୁ ଯିବାକୁ ମୋତେ ପରାମର୍ଶ ଦେଲେ ।

କଉନ୍‌ସିଲ ସଭାପାଇଁ ନନାଙ୍କର ସିମିଳା ଯିବାର ଥିଲା । ମୁଁ ତାଙ୍କ ପିଚ୍ଛା ଧରିଲି । ସେତେବେଳେ ଇଂରେଜ ଅମଳରେ କେନ୍ଦ୍ର-ଆସେମ୍ବ୍ଲି ଶୀତଦିନେ ଦିଲ୍ଲୀରେ ଓ ଖରାଦିନେ ସିମଳାରେ ବସୁଥିଲା ।

ଆମେ ସିମଳାରେ ପହଁଚି ଗୋଟିଏ ହୋଟେଲରେ ରହିଲୁ । ତାପରେ କିଛିଦିନପାଇଁ ବଙ୍ଗାଳୀଙ୍କ କାଳୀବାଡ଼ିରେ ରହିଲୁ । ସେଠା ହୋଟେଲର ଖାଦ୍ୟକୁ କାଳୀବାଡ଼ିର ଖାଦ୍ୟ ବଳିଗଲା । ସେଠାରେ ହରଡ଼ କି ମୁଗଡାଲି ନମିଳିବାରୁ ତା ସ୍ଥାନରେ ବିରିଡାଲି ଖାଇ ଖାଇ ପେଟ ଖରାପ ହେବା ଲାଗିରହିଲା ।

ଅଳ୍ପଦିନ ପରେ ନନାଙ୍କୁ 'କାର୍ଟରୋଡ଼'ରେ ସରକାରୀ ଘର ମିଳିଲା । ଗୋଟିଏ କ୍ୱାର୍ଟରରେ ଆମେ ଓ ସିଲହଟର ସଦସ୍ୟ ବସନ୍ତ କୁମାର ଦାସ ଏକାଠି ରହିଲୁ ।

**ବସନ୍ତ ବାବୁ**— ଭାରତ ଭାଗ ଭାଗ ହେବା ପରେ ଆସାମର ବସନ୍ତ ବାବୁଙ୍କ ନିର୍ବାଚନ ମଣ୍ଡଳୀଟି ପୂର୍ବପାକିସ୍ଥାନ (ଏବର ବଙ୍ଗଳାଦେଶ)

Digitized by srujanika@gmail.com

ରେ ମିଶିଯାଇଥିଲା । ସେ କିନ୍ତୁ ନିଜ ସ୍ଥାନ ଛାଡି ଭାରତକୁ ନଆସି ସେଠାର ମାଇନରିଟି ବା ହିନ୍ଦୁଙ୍କର ସେବା କରିବାକୁ ସେ ଦେଶରେ ରହିଥିଲେ । ଭାରତ ବିଭାଗହେବା ପରେ ଫଜଲୁଲହକଙ୍କ ବେଳେ ପାକିସ୍ଥାନର କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମଧ୍ୟ ମନ୍ତ୍ରୀଟିଏ ହୋଇଥିଲେ ।

ସେ ବିଦେଶ ଗସ୍ତରେ ଥିବାବେଳେ ସାମରିକ ଶାସକ ୟୁସୁବ ଖାଁ ନିର୍ବାଚିତ ସରକାରକୁ ଭାଙ୍ଗି ଶାସନ କ୍ଷମତା ନିଜ ହାତକୁ ନେବା ଯୋଗୁ ସେ ଆଉ ପାକିସ୍ଥାନରେ ପ୍ରବେଶ କରିନପାରି କଲିକତାରେ ଅଟକି ଯାଇଥିଲେ ଓ ସେହିଠାରେ ଅପେକ୍ଷା କରି କରି ଶେଷରେ ଆଖି ବୁଜିଲେ । ତାଙ୍କର ସ୍ଥାବର ଅସ୍ଥାବର ସମସ୍ତ ସମ୍ପତ୍ତି ପାକିସ୍ଥାନ ସରକାର ବାଜ୍ୟାପ୍ତ କରିନେଇଥିଲା ।

ବସନ୍ତ ବାବୁଙ୍କର ଗୋରା ଚକଚକ୍ ଚେହେରା, ଶାନ୍ତଶିଷ୍ଟ ପ୍ରକୃତି । ସେ ସେତେବେଳେ ଆସାମର ଜଣେ ପ୍ରଧାନ ଜାତୀୟବାଦୀ ନେତାଥିଲେ । ୧୯୩୭ ନିର୍ବାଚନ ପରେ ଆସାମ ଆସେମ୍ବ୍ଲିର ବାଚସ୍ପତି ହୋଇଥିଲେ । ସେ ନନାଙ୍କର ଜଣେ ପରମ ବନ୍ଧୁ ଓ ଦୁହିଁଙ୍କ ଭିତରେ ଦେଶ ଓ ସଂସ୍କୃତି ବିଷୟରେ ବହୁ ଆଳାପ ଆଲୋଚନା ହୋଇଥିଲା ।

ସିମଳାରେ ଆମ ପାଖଘରେ ବହୁକାଳ ଧରେ କଳାପାଣି ନିର୍ବାସନରୁ ଖଲାସ ହୋଇ ନିର୍ବାଚନରେ ଲଢି ବଡ଼ଲାଟ୍‌ ସଭାର ସଦସ୍ୟ ହୋଇ ଆସିଥିବା ମହାନ୍ ବିପ୍ଳବୀ ନେତା ଅମରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ ତାଙ୍କର ପିଲାପିଲି ଧରି ରହୁଥିଲେ, ତାଙ୍କର ଜ୍ୟେଷ୍ଠପୁଅ ଯୋଗବ୍ରତ ମୋର ଖେଳ ସଙ୍ଗୀ ହୋଇଗଲା ।

ସିମଳା କାର୍ଟରୋଡ଼ରେ ଘରଗୁଡ଼ାକ ଗୋଟାଏ ଗୋଟାଏ ପାହାଡ଼ରେ ବୁଦା ବୁଦାହୋଇ ଉପରତଳ କରି ଗଢ଼ା । ଆମଧାଡ଼ିରେ ଆଉ ଦୁଇତିନିଟି ଘରଥାଏ ସେଥିରେ ବିହାରର ଶ୍ରୀକୃଷ୍ଣ ସିହ୍ନା ସତ୍ୟନାରାୟଣ ସିହ୍ନା ପ୍ରଭୃତି ଥାଆନ୍ତି । ଅନ୍ୟଧାଡ଼ି ଘରମାନଙ୍କରେ ମଧ୍ୟପ୍ରଦେଶର ଏମ୍ ଏସ୍ ଆଣେ । ଆସାମର କୁଳଧର ଚଳିହା, ମାନ୍ଦ୍ରାଜ ପ୍ରେସିଡେନ୍ସିର ଅନନ୍ତ ଶୟନ ଅୟଙ୍ଗାର, ସତ୍ୟମୂର୍ତ୍ତି, କୁମାର

Digitized by srujanika@gmail.com

ସ୍ୱାମୀ ରାଜା ଇଉନାଇଟେଡ୍ ପ୍ରଭିନସ୍‌ର (ଏବର ଯୁକ୍ତପ୍ରଦେଶ) ଗୋବିନ୍ଦ ବଲ୍ଲଭ ପାନ୍ତ ପ୍ରଭୃତି ରହୁଥିଲେ । ଅନ୍ୟ ପାହାଡ଼ି ଉପରେ ଓଡ଼ିଶାର ଅନ୍ୟତମ ସଦସ୍ୟ ଶ୍ରୀ ଭୁବନାନନ୍ଦ ଦାସ ରହୁଥିଲେ । ନନା କଂଗ୍ରେସ (ବହୁଭିଦଳ)ର ଜେନେରାଲ ସେକ୍ରେଟାରୀ ଥିବାରୁ ସେମାନେ ବେଳେବେଳେ ନନାଙ୍କ ସଙ୍ଗେ ଆଲୋଚନା କରିବାକୁ ଆମ ଘରକୁ ଆସନ୍ତି । ମୁଁ ଭାରତର ବହୁ ବଡ ବଡ ନେତାଙ୍କୁ ଦେଖିବାର ସୁବିଧା ପାଏ । ସେମାନଙ୍କଠାରୁ ଓ ସେମାନଙ୍କ ବିଷୟରେ ବହୁତ ଉପାଦେୟ କଥା ଶୁଣେ ।

**ମହାନ୍ ବିପ୍ଳବୀ ଅମରବାବୁ—** ଅମରବାବୁ ନନାଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ । ନନା ତାଙ୍କୁ ବଡ଼ଭାଇ ପରି ଖାତିର କରୁଥିଲେ । ତାଙ୍କର ବିରାଟ ସୁନ୍ଦର ଚେହେରା । ହସ ହସ ମୁହଁ । ମୁଖମଣ୍ଡଳରେ ଶାନ୍ତିର ଜ୍ୟୋତି ବିଦ୍ୟମାନ । ସେ ବଡ ଧୀରେ ଧୀରେ କଅଁଳକରି କଥା କହନ୍ତି । ସେ କେବେ କାହା ଉପରେ ରାଗିବାର ବା ଚିଡ଼ିବାର ମୁଁ ଦେଖିନାହିଁ ।

ମୋର ଆଗେ ଧାରଣା ଥିଲା ଜାଣିସୁଣି ବିପ୍ଳବୀମାନେ ଗୋରା ସାହେବମାନଙ୍କୁ ବୋମା ଫଟାଇବା ଗୁଳିରେ ମାରିଦେଉଥିବାରୁ ବଡ କ୍ରୂର ଓ ହିଂସ୍ର ପ୍ରକୃତିର ଲୋକ ହୋଇଥିବେ । ତାଙ୍କ ଚେହେରା ସବୁ କଂସେଇ ଚେହେରାପରି ବିକଟାଳ ଦିଶୁଥିବ । ଆଖିସବୁ ନାଲି, ନାଲି ହୋଇଥିବ । ସେମାନେ କଥା କଥାକେ ରାଗିଯାଇ କଅଣ ବୋଇଲେ କଅଣ କରି ବସୁଥିବେ । କିନ୍ତୁ ସେମାନଙ୍କ ସାମନାକୁ ଯାଇ ହେଉ ନଥିବ, କିନ୍ତୁ ଅମରବାବୁଙ୍କୁ ଦେଖିଲାପରେ ଓ ତାଙ୍କ ଆଦର ଓ ସ୍ନେହ ଲାଭକଲା ପରେ ମୋର ପୂର୍ବ ଧାରଣା ଏକାବେଳକେ ବଦଳି ଯାଇଥିଲା ।

ଅମରବାବୁ ବଙ୍ଗଳାର ଗୋଟିଏ ବିଶିଷ୍ଟ ଧନୀ ଜମିଦାର ବଂଶରେ ଅଭିଜାତ ଥିଲେ । ବଙ୍ଗ ଭଙ୍ଗ ସ୍ୱଦେଶୀ ଆନ୍ଦୋଳନବେଳକୁ ସେ ଏମ୍.ଏ. ପାଶକରି ସାରିଥିଲେ । ପିତାମାତାଙ୍କ କଥାକୁ ଏଡ଼ି ନପାରି ବିବାହ ମଧ୍ୟ କରି ସାରିଥିଲେ ।

Digitized by srujanika@gmail.com

ସଂସାର ବନ୍ଧନ କିନ୍ତୁ ତାଙ୍କ ବିପ୍ଳବୀ ମନକୁ ବାନ୍ଧିରଖି ପାରିନଥିଲା । ମାତୃଭୂମିକୁ ଇଂରେଜ ସରକାରଙ୍କଠାରୁ ଜବରଦସ୍ତି ଛଡ଼ାଇ ଆଣି ସ୍ୱାଧୀନ କରାଇବାର ସ୍ୱପ୍ନ ସେ ଦେଖୁଥିଲେ । ସେ ସନ୍ତ୍ରାସବାଦୀ ଦଳର ନେତୃତ୍ୱ ନେଇଥିଲେ । ତାଙ୍କର ସୁନିୟନ୍ତ୍ରିତ ଗୋପନ ସନ୍ତ୍ରାସବାଦୀ କାର୍ଯ୍ୟରେ ବ୍ରିଟିସ୍ ସରକାରଙ୍କ ଆସନ ଟଳମଳ ହୋଇ ଉଠିଥିଲା ।

ସରକାର ଯେତେ ଖୋଜିଲେ ବହୁବର୍ଷଧରି ତାଙ୍କୁ ଧରିପାରୁ ନଥିଲେ । ତାଙ୍କୁ ଜୀବନରେ କିମ୍ବା ତାଙ୍କ ମୃତଶରୀରକୁ ଆଣି ସରକାରରେ ହାଜର କରିବାପାଇଁ ଏକ ବଡ଼ ପୁରସ୍କାର ଘୋଷଣା କରାଯାଇଥିଲା । ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ଘୋଷଣା କରାଯାଇଥିଲା । ତାଙ୍କର ବୃଦ୍ଧ ପିତାମାତା ଓ ଯୁବତୀ ସ୍ତ୍ରୀଙ୍କୁ ନାନାପ୍ରକାର ସରକାରୀ ନିର୍ଯାତନା ଭୋଗକରିବାକୁ ପଡ଼ିଥିଲା ।

ଏ ସବୁ ସତ୍ତ୍ୱେ ଇଂରେଜ ସରକାରଙ୍କ ଆଖିରେ ଧୂଳିଦେଇ ସେ ୧୦-୧୧ ବର୍ଷ କାଳ ଗୋପନରେ ରହି ଭାରତର ନାନାସ୍ଥାନରେ ସନ୍ତ୍ରାସବାଦ କାର୍ଯ୍ୟ ପରିଚାଳନା କରିପାରିଥିଲେ ।

ତାଙ୍କର ଅନୁଭୂତି ସବୁ ଶୁଣିବାକୁ ମୋର ଆଗ୍ରହ ବଢ଼ିଲା କିନ୍ତୁ ତାଙ୍କ ପାଖରେ ସେ କଥା ଉଠାଇବାକୁ ମୋର ସାହସ ନଥିଲା ।

ଆଣ୍ଡାମାନ (କଳାପାଣି)ରୁ ଫେରିଲା ପରେ ଯୋଗବ୍ରତ ଜନ୍ମ-ହୋଇଥିଲା । ତାଙ୍କ ସ୍ତ୍ରୀ ମଧ୍ୟ ବଡ଼ ସହିଷ୍ଣୁ ଓ ଧୀର ସ୍ୱଭାବର ସ୍ନେହଶୀଳ ମହିଳା । ମୁଁ ତାଙ୍କଘରେ ଖେଳିଲା ବେଳେ ଅମରବାବୁ ଯଦି କାହାସଙ୍ଗେ ତାଙ୍କ ପୂର୍ବ ଅନୁଭୂତି ବିଷୟରେ କଥାବାର୍ତ୍ତା ହୁଅନ୍ତି ତେବେ ସେସବୁ ମୁଁ କାନଡେରି ଶୁଣେ । ସେହି ଉପାୟରେ ତାଙ୍କ ବିପ୍ଳବୀ ଜୀବନର ଗୋଟିଏ ଦୁଇଟି ମାତ୍ର ଘଟଣା ମୁଁ ଶୁଣିବାକୁ ପାଇଥିଲି ।

ତାଙ୍କ ବୈପ୍ଳବିକ ଜୀବନର ଅଧିକାଂଶ ସମୟ ଭାରତର ବନ ଜଙ୍ଗଲରେ ବିଶେଷତଃ ବଙ୍ଗଳାର ଘୋର ସୁନ୍ଦରବନ ଜଙ୍ଗଲର ହିଂସ୍ରଜନ୍ତୁ ପୂର୍ଣ୍ଣ ଘାଟିସ୍ଥାନ ମାନଙ୍କରେ କଟିଥିଲା ।

Digitized by srujanika@gmail.com

ବେଳେବେଳେ ଛଦ୍ମବେଶରେ ସେ ଗ୍ରାମ ଓ ସହରମାନଙ୍କୁ ଆସି ତାଙ୍କ କାର୍ଯ୍ୟର ପରିଚାଳନା କରିବା ଛଡ଼ା, ଅଧିକାଂଶ ସମୟରେ ନିଘଞ୍ଚ ବନର ଭିତର କୁଡ଼ିଆ ଭିତରେ ବା ଗଛମୂଳରେ ସେ ଦିନ କଟାଉଥିଲେ ।

ଅନେକଥର ସେ ପୋଲିସ ଫୌଜଙ୍କ ସାମନାରୁ ଖସିଛନ୍ତି ଓ କେତେଥର ହିଂସ୍ରଜନ୍ତୁ ମୁହଁରୁ ବର୍ତ୍ତିଛନ୍ତି । ଥରେ ଦୂରରୁ ତାଙ୍କୁ ଖୋଜିକରି ଆସୁଥିବା ପୋଲିସ ଫୌଜଙ୍କ ସୂଚକ ପାଇ ସେ ଘୋର ଜଙ୍ଗଲରେ ପଶି ପ୍ରାଣବଳକଳରେ ଦଉଡ଼ି ପଳାଇବାକୁ ଲାଗିଥିଲେ । ଅନେକ ବାଟ ଯିବ ପରେ ପୋଲିସ କବଳରୁ ରକ୍ଷା ମିଳିଯିବାର ଆଶା ହେବାରୁ ସେ ଗୋଟିଏ ବଡ଼ ଗଛମୂଳେ ଥକ୍କାମାରି ଠିଆହୋଇ ଯାଇଥିଲେ ।

ତାଙ୍କ କ୍ଲାନ୍ତ ଶରୀର ଅବଶ ଲାଗିଲା । ଆଖି ମୁଦ ହୋଇଗଲା, ସେ ଠିଆରେ ଗଛକୁ ଆଉଜି ଶୋଇପଡ଼ିଲେ । କଅଣ ଘର୍ ର୍ ଘର୍ ର୍ ଶବ୍ଦରେ ତାଙ୍କ ନିଦ ଭାଙ୍ଗିଗଲା । ସେ ଆଖିଖୋଲି ଦେଖିଲେ, ଗୋଟିଏ ବିରାଟ ମହାବଳ ବାଘ ତାଙ୍କ ସାମନାରେ ଅଳ୍ପଦୂରରେ ବସି ତାଙ୍କ ଆଡ଼କୁ ଚାହିଁ ପାଟି ମେଲାକରି ହାଇ ମାରୁଛି ।

ତାଙ୍କ ଆଖି ମୁହୂର୍ତ୍ତକରେ ପୁଣି ବୁଜିହୋଇଗଲା । ସେ ମନେ ମନେ ଭଗବାନଙ୍କୁ ଡାକି କହିଲେ ହେ ଭଗବାନ ମୋର ଦେଶ ମାତୃକାର ପୂଜାରେ କଅଣ ଏଇଠି ଯବନିକାପାତ ହେବ । ମୁଁ ଶେଷରେ ଏହି ସାମାନ୍ୟ ହିଂସ୍ରଜନ୍ତୁର ପେଟରେ ଲୀନ ହୋଇଯିବି । ହଉ ତୁମର ଇଚ୍ଛା, ବନ୍ଦେ ମାତରଂ ।

ଅଳ୍ପସମୟ ପରେ ସେ ପତ୍ରର ଖଡ଼୍ ଖଡ଼୍ ଶବ୍ଦ ଶୁଣିବାକୁ ପାଇଲେ । ସେ ଶବ୍ଦ ତାଙ୍କଠାରୁ ଦୂରେଇ ଯାଉଥିବାର ଅନୁଭବକରି ସେ ଆଖିଖୋଲି ଚାହିଁଲାବେଳକୁ ବାଘଟି ହଲିହଲି ମନ୍ଥର ପଦବିକ୍ଷେପରେ ତାଙ୍କଠାରୁ ଦୂରେଇ ଯାଉଥିବାର ଦେଖିଲେ । ସେ ନିଶ୍ବାସମାରି ସେଠାରୁ ତାଙ୍କ ଗୁପ୍ତ ରହଣୀ ସ୍ଥାନକୁ ଚାଲିଲେ ।

Digitized by srujanika@gmail.com

ଅନେକ ସମୟରେ ତାଙ୍କୁ ନିଜର ବେଶ ବଦଳାଇ ଛଦ୍ମ ବେଶରେ ଜଙ୍ଗଲ ସୀମାରେ ଥିବା ଗ୍ରାମମାନଙ୍କରେ ନିଜର କର୍ମୀ ବା ବାର୍ତ୍ତାବାହକଙ୍କ ସଙ୍ଗେ ଯୋଗସୂତ୍ର ରଖିବାକୁ ଅପେକ୍ଷାକରି ରହିବାକୁ ପଡୁଥିଲା ।

ସେପରି ଗୋଟିଏ ଗ୍ରାମ ନିକଟରେ ଅଳ୍ପ ଦାଢ଼ିରଖି ମୁସଲମାନ ବେଶରେ ଅପେକ୍ଷାକରି ସେ ଅଣ୍ଡା ବ୍ୟବସାୟ କରିବାର ଛଳନା କରୁଥିଲେ । ବଡ଼ଲୋକ ଘର ପିଲା, ବ୍ୟବସାୟ ତାଙ୍କୁ ଜଣାନଥିଲା । ସେ ଅଣ୍ଡାଗୁଡ଼ାକ ବେଶୀ ପଇସାରେ କିଣି ସମୟ ସମୟରେ ମୂଲ୍ୟମୂଲାରେ ଅକୃତକାର୍ଯ୍ୟ ହୋଇ କିଣାଦାମଠାରୁ ଅଳ୍ପଦାମରେ ସେଗୁଡ଼ିକ ବିକ୍ରୀକରି ଦେଉଥିଲେ । ସେ ଯେଉଁଠି ଲୁଚିକରି ରହୁଥିଲେ ସେଠାରେ ବଳକା ଅଣ୍ଡା ଗୁଡ଼ାକ ଲୁଚାଇକରି ରଖିବାର ସୁବିଧା ନଥିଲା । ଅଣ୍ଡା ପାଖରେ ରଖିଲେ ରାତିରେ ଗଧିଆ ବିଲୁଆ ପ୍ରଭୃତି ହିଂସ୍ର ଜନ୍ତୁଙ୍କର ଉପଦ୍ରବ ବଢ଼ିବାର ଆଶଙ୍କା ଥିଲା । ତେଣୁ ସେଦିନର କିଣା ଅଣ୍ଡା ସେଇଦିନ ତାଙ୍କୁ ବିକିବାକୁ ପଡୁଥିଲା । ଅଣ୍ଡାରୁ ଲାଭ ଅପେକ୍ଷା ଗୁପ୍ତବେଶରେ ସେଠି କାଳୁଦିନ ଅପେକ୍ଷାକରି ରହିବା ତାଙ୍କର ବେଶୀ ପ୍ରୟୋଜନ ଥିଲା ।

ସନ୍ଧ୍ୟାବେଳକୁ ସେ ଅଣ୍ଡାଗୁଡ଼ିକ ନଅଛଅ କରି ଢାଳ ଥାଳ-ଖାଲିକରି ସେ ତାଙ୍କର ଲୁଚିବା ସ୍ଥାନକୁ ଯାଇ ବେଶ ବଦଳାଇ ଦେଉଥିଲେ । ଦିନରେ ମୁସଲମାନ ବେଶ ଓ ରାତିରେ ବାବାଜି ବେଶ ଧରି ସେ ଆତ୍ମଗୋପନ କରୁଥିଲେ ।

ତାଙ୍କର ଏପରି ବେପାର ଦ୍ୱାରା ସେଠାରେ ଆଗରୁ ବ୍ୟବସାୟ କରୁଥିବା ଆଉ ଗୋଟିଏ ଅଣ୍ଡା ବ୍ୟବସାୟୀର ବେପାରରେ ବାଧାପଡ଼ିଲା ଓ ସେ କ୍ଷତିଗ୍ରସ୍ତ ହେଲା । ଅମରବାବୁ ତାର ସନ୍ଦେହ ଚକ୍ଷୁ ଏଡ଼ାଇ ପାରିଲେ ନାହିଁ । ତାଙ୍କ ଚେହେରା ଓ କଥାବାର୍ତ୍ତାରୁ ସେ ଉଚ୍ଚବଂଶର ଶିକ୍ଷିତ ବ୍ୟକ୍ତି ବୋଲି ଜାଣିପାରି ସେ ଜଣେ ରାଜଦ୍ରୋହୀ ବିପ୍ଳବୀ ବୋଲି ସନ୍ଦେହକରି ବେପାରିଟି ସ୍ଥାନୀୟ ଚଉକିଦାରକୁ ଜଣାଇଦେଲା ।

ଚଉକିଦାର ପୋଲିସଫାଣ୍ଡିରେ ଖବରଦେଲା ସଙ୍ଗେ ସଙ୍ଗେ ଗୋଇନ୍ଦା ପୋଲିସ ତାଙ୍କର ଗତିବିଧି ଗୋପନରେ ଲକ୍ଷ୍ୟକରି ଥାନାରେ

Digitized by srujanika@gmail.com

ଥିବା ତାଙ୍କ ଫଟୋ ଦେଖି ତାଙ୍କୁ ଚିହ୍ନିନେଇ ଉପର ଅଫିସରଙ୍କୁ ବେତାର ସାହାଯ୍ୟରେ ଖବରଦେଲା ।

ଅମର ବାବୁ ଅଣ୍ଡା ବିକୁଥିଲାବେଳେ ସାଧାପୋଷାକଧାରୀ ପୋଲିସ ଫଉଜ ଅତି ସତର୍କତାର ସହିତ ସେ ଗ୍ରାମକୁ ଘେରାଉକରି ତାଙ୍କୁ ବନ୍ଦୀକଲେ । ଥାନାକୁ ନେବା ପରେ ହାତରେ ଗୋଡ଼ରେ ବେଡ଼ି ପିନ୍ଧାଇ ବନ୍ଧୁକଧାରୀ ଜଗୁଆଳୀ ଗହଣରେ କଲିକତାକୁ ପଠାଇ ଦେଲେ ।

ଇଂରେଜ ଜଜ୍‌ଙ୍କଦ୍ୱାରା ତାଂକର ବିଚାରହୋଇ ତାଙ୍କୁ ଯାବତ ଜୀବନ କାରାବାସ ଦଣ୍ଡ ମିଳି କଳାପାଣିକୁ ପଠାଇଦିଆଗଲା । କାରାଦଣ୍ଡ ସମ୍ପୂର୍ଣ୍ଣ ଭୋଗକଲା ପରେ ତାଙ୍କୁ ଛାଡ଼ିଦିଆ ଯାଇଥିଲା ।

**ମୋ ସ୍ୱେଟର—** ସିମଳା ଗଲାବେଳେ ମୋର ଗରମପୋଷାକ ନଥିବାରୁ, ମୁଁ ସାଧାରଣ ପୋଷାକ ଧରିଯାଇଥିଲି ଓ ସେଠାରେ ସାଲ, କମ୍ବଳ ଯାହା ପାଉଥିଲି ସେସବୁ ଗୁଡ଼ାଇ ହୋଇ ଶୀତ ସମ୍ଭାଳି ବୁଲୁଥିଲି । ସିମଳାରେ ଭାରି ଶୀତ, ଆମ ପାଖ ଘରମାନଙ୍କର ବଙ୍ଗାଳି ଓ ଅନ୍ୟ ପିଲାମାନେ ସୁନ୍ଦର ସୁନ୍ଦର ଗରମ ପ୍ୟାଣ୍ଟ, କୋଟ୍‌, ସ୍ୱେଟର ପ୍ରଭୃତି ପିନ୍ଧି ଖୁବ୍ ଫୁର୍ତ୍ତିରେ ବୁଲୁଥାଆନ୍ତି । ମୁଁ ସେମାନଙ୍କୁ ଦେଖି ମନମାରି ବୁଲୁଥାଏ କିନ୍ତୁ ମୋତେ ସେପରି ପୋଷାକ କରିଦେବାପାଇଁ ନନାଙ୍କୁ କହିବାକୁ ସାହସ କରୁନଥାଏ କିମ୍ବା ସୁବିଧା ବି ପାଉନଥାଏ ।

ନନାଙ୍କୁ ଦଣ୍ଡେ ଫୁରୁସତ ନଥାଏ । ଆମସଙ୍ଗେ ବସି ସୁଖାଳାପ କରିବା ତାଙ୍କ ପକ୍ଷରେ ପ୍ରାୟ ଅସମ୍ଭବ ଥାଏ । ଓଡ଼ିଶା କଂଗ୍ରେସ ଚିନ୍ତା, ଆସନ୍ତା ନିର୍ବାଚନ ଚିନ୍ତା, କେନ୍ଦ୍ର ଆସେମ୍ବ୍ଲି ଚିନ୍ତା ତା ସାଙ୍ଗକୁ ବହିଲେଖା ଚିନ୍ତା, ଆମପାଇଁ ଚିନ୍ତା କରିବାକୁ ବେଳ କାହିଁ ?

ଆଗେ ଜହରଲାଲଙ୍କ ପିତା ମୋତିଲାଲ ବଡ଼ଲାଟ ସଭାର ବିରୋଧିଦଳ ବା ସ୍ୱରାଜ ପାର୍ଟିର ସଭାପତି ଥିଲେ, ତାପରେ ବମ୍ବେର ଶ୍ରୀ ଭୁଲାଭାଇ ଦେଶାଇ ସଭାପତି ହେଲେ କିନ୍ତୁ ମୋତିଲାଲଙ୍କ ଦିନଠାରୁ ନନା ସେ ଦଳର ଜେନେରାଲ ସେକ୍ରେଟାରି ଥାଆନ୍ତି । ତେଣୁ ତାଙ୍କ ଦଳର ସଦସ୍ୟମାନଙ୍କର ସମସ୍ତ କାର୍ଯ୍ୟ ତାଙ୍କୁ ଦେଖିବାକୁ ହୁଏ ।

Digitized by srujanika@gmail.com

ସେ କାର୍ଯ୍ୟଛଡ଼ା କଟକରେ ତାଙ୍କ ଗୀତା ଛପା ଯାଉଥିବାରୁ, ଗୀତାର ଭାଷ୍ୟ ପ୍ରଭୃତି ସଂଶୋଧନ କରି ବା ଲେଖି ପ୍ରତିଦିନ ପ୍ରୁଫ ଦେବାପାଇଁ କଟକକୁ ଡାକରେ ପଠାଇବାକୁ ହୁଏ ଓ ପ୍ରେସରୁ ଆସିଥିବା ପ୍ରୁଫ ଦେଖିସାରି ଫେରନ୍ତା ଡାକରେ ଫେରାଇବାକୁ ହୁଏ । ତାଙ୍କୁ ଅନ୍ୟ କାମରେ ବାହାରିକୁ ଯିବାତ ଦୂରର କଥା ଅନ୍ୟ କଥା ଶୁଣିବାକୁ ବି ସମୟ ନଥାଏ ।

ସେ ଇଲେକ୍‌ଟ୍ରିକ ଆଲୁଅ ଜାଳି ଖଟଟି ଉପରେ ବଡ଼ ରାତି ବାରଟା ପର୍ଯ୍ୟନ୍ତ ଲେଖାପଢ଼ାରେ ବ୍ୟସ୍ତ ଥାଆନ୍ତି । ଆମକୁ ଆଲୁଅରେ ନିଦ ନ ହେବାର କହି ଆମେ ଆଲୁଅ ଲିଭାଇ ଶୋଇପଡ଼ିଲେ ସେ କେତେବେଳେ ଉଠି ଆଲୁଅ ଲଗାଇ ପୁଣି ତାଙ୍କ କାମରେ ଲାଗି ପଡ଼ନ୍ତି ।

ଏପରି ପରିସ୍ଥିତିରେ ମୁଁ ନନାଙ୍କୁ ବ୍ୟସ୍ତ କରିବାକୁ ସାହସ ନକରି ମାମୁଁଙ୍କ ସଙ୍ଗେ ଲଗାଇଲି । ମୋର ସାନ ମାମୁଁ ତାଙ୍କର ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ଆମ ସଙ୍ଗେ ସିମିଳା ଆସିଥିଲେ । ତାଙ୍କୁ ସେତେବେଳକୁ ଅଠେଇଶ ବର୍ଷ ବୟସ ମୋ ଭାଇନାଙ୍କଠାରୁ ସେ ମୋଟେ ଚାରିବର୍ଷ ବଡ଼ । ନନା ତାଙ୍କୁ ନିଜ ପୁଅପରି ବ୍ୟବହାର ଦେଖାନ୍ତି । ସେ ରୋଗା ଲୋକ । ମୋର ଖଣ୍ଡିଏ ସ୍ୱେଟର ପାଇଁ ନନାଙ୍କୁ କହିବାକୁ ମୁଁ ମାମୁଁଙ୍କ ସଙ୍ଗେ ବହୁତ ଲଗାଇବାରୁ ସେ ହେନେ ବାଧ୍ୟ ହୋଇ, ମୋ ପାଇଁ ସ୍ୱେଟରଟିଏ କିଣିଦେବାକୁ ସେ ବଡ଼ ସନ୍ତର୍ପଣରେ ନନାଙ୍କ ଆଗେ ପ୍ରସ୍ତାବ ସ୍ଥିର କଲେ ।

ମାମୁଁ ନନାଙ୍କୁ ଥରେ ଦୁଇଥର କହିବା ପରେ ସେ ଲେଖାରୁ ମୁହଁ ଉଠାଇ, ମୋତେ ଓ ମାମୁଁଙ୍କୁ ଟିକିଏ ଚାହିଁ ତାଙ୍କ ବାକ୍‌ସ ଫିଟାଇ ସ୍ୱେଟରଟିଏ ବାହାର କରିବାକୁ ମାମୁଁଙ୍କୁ ନିର୍ଦ୍ଦେଶ ଦେଲେ । ବାକ୍‌ସରୁ ବାହାର କରାଯାଇ ନନାଙ୍କର ହାତ ଥିବା ଗରମ ଉଲ୍‌ର ସ୍ୱେଟରଟିଏ ମୋତେ ଦିଆଗଲା ।

ନନାଙ୍କ ସ୍ୱେଟର । ମୁଁ ଅଷ୍ଟମ ଶ୍ରେଣୀର ଛାତ୍ର ୧୨-୧୪ ବର୍ଷର ଗୋଟିଏ ରୋଗା ପିଲା । ସେଇଟିକି ପିନ୍ଧିବାକ୍ଷଣି ମୋର ସମସ୍ତ ଅଙ୍ଗ-

Digitized by srujanika@gmail.com

ପ୍ରତ୍ୟେକଙ୍କ ସେଥିରେ ମୁଗ୍ଧ ଲୁଚିଗଲା । ମୁଁ ତାଙ୍କୁ ପିନ୍ଧିସାରି ମୋର ମୁହଁ ଟିକିଏ ଅମ୍ଳି ଲେଖିବାରୁ ନନା ମୋ ଆଡ଼କୁ ଚାହିଁ କହିଲେ "ତୋର ଶୀତ ଯିବା ପାଇଁ ଗରମ ପୋଷାକଟିଏ ଦରକାର ନା ଅନ୍ୟଙ୍କୁ ଦେଖାଇ ହେବାପାଇଁ ପୋଷାକଟିଏ ଦରକାର ? ବେଶ ଭୂଷାରେ ଅମ୍ଳମର୍ଯ୍ୟାଦା ବଢ଼େ ନାହିଁ ନିଜର ଚରିତ୍ର ସ୍ୱଭାବ ଓ ବିଦ୍ୟାରେ ବଢ଼େ ।

**ନନାଙ୍କ ଜିନିଷ କିଣା**—ମୁଁ ସେ ସ୍ୱେଟରଟି ଜକାଜକ କରି କୌଣସି-ମତେ ପିନ୍ଧି ତା ଉପରେ ଶାଲଟାଏ ଘୋଡ଼ାଇ ହୋଇ ବୁଲିଲି । ମାମୁଁ ନୂଆ ହୋଇ ପ୍ରଥମଥର ପାଇଁ ସିମଲା ଆସିଥାଆନ୍ତି । ସେଠାର ଦୋକାନ ବଜାରଗୁଡ଼ିକ ଆମ ରହିବା ସ୍ଥାନଠାରୁ ବହୁତ ଦୂର । ପାହାଡ଼ିଆ ବାଟ ଉଭୁବ ରାସ୍ତା । ହାତଟଣା ରିକ୍ସା ଏକମାତ୍ର ଯାନ ତାକୁ ଦୁଇଜଣ ଲୋକ ଟାଣନ୍ତି । ରିକ୍ସା ଭଡ଼ା ଅତ୍ୟଧିକ । ମାମୁଁଙ୍କର ଦୋକାନ ବଜାରକୁ ଯିବାର ସୁବିଧା ଥିଲେ ସେ ହୁଏତ ନିଜେ ଯାଇ ମୋ ଦେହକୁ ହେଲାଭଳି ମାପି ଗଣ୍ଡେ ସ୍ୱେଟର କିଣି ଆଣିଥାଆନ୍ତେ ବା ମୋ ପାଇଁ କୋର୍ଟଟାଏ ବରାଦ ଦେଇଥାଆନ୍ତେ । ନନା କେବେ ଦୋକାନ ବଜାରକୁ ନଯିବା କଥା ସେ ଭଲକରି ଜାଣିଥିଲେ ତେଣୁ ନନାଙ୍କୁ ସେ ବିଷୟରେ ଆଉ କିଛି କହିବା ତାଙ୍କର ଇଚ୍ଛା ନଥିଲା । ତେଣୁ ସେ ବିଷୟରେ ଆଉ କଥା ନ ଉଠାଇ ସେ ନୀରବ ରହିଲେ ।

ନନା ଯେଉଁଠି ଥାଆନ୍ତି ସେଠାରେ ତାଙ୍କୁ ମୁହୂର୍ତ୍ତେ ହେଲେ ବେଳ ନ ଥାଏ । କଟକ, କଲିକତା ଦିଲ୍ଲୀ ସିମଲା ପ୍ରଭୃତି ସହରରେ ସେ ବହୁତ ଦିନ ଲେଖାଏଁ ରହିଲେ ମଧ୍ୟ ବଜାରକୁ ଯାଇ ଜିନିଷପତ୍ର କିଣାକିଣି କରିବାର ତାଙ୍କୁ କେହି ଦେଖିନାହିଁ ।

କୌଣସିଠାରେ ସେ ଘର ଭିତରେ ଥିଲାବେଳେ ଯଦି (ଫେରିବାଲା) ବୁଲା ବିକାଳୀ ଦାଣ୍ଡରେ ଡାକି ଡାକି ଯାଏ ତା ଡାକ ଶୁଣି ମନହେଲେ ସେ ତାକୁ ଘରଭିତରକୁ ଡକାଇ ଆଣି ଦରଦାମ କରି, ଶସ୍ତାରେ କିଣିପାରିଲେ ବୋଲି ମନେମନେ ଖୁସି ହୋଇ, ଦରକାର ନ ଥିଲେ ମଧ୍ୟ ଗୁଡ଼ାଏ ଗୁଡ଼ାଏ କିଣି ପକାନ୍ତି ।

Digitized by srujanika@gmail.com

କିଛି ଜିନିଷ କିଣି କରି ଆଣିବାକୁ ବରାଦ ଥିଲେ ସେ କାହାକୁ ବଜାରକୁ ପଠାଇ ଜିନିଷ କିଣାଇ ଆଣନ୍ତି କାରଣ ସିଧା ସଳଖ ବଜାର ସଙ୍ଗେ ତାଙ୍କର ସମ୍ପର୍କ ନଥାଏ । ତେଣୁ ତାଙ୍କ ଜିନିଷ କିଣାରେ ବିଭ୍ରାଟ ଘଟେ ।

ମୋର ଭଉଣୀ ବାହାଘର ବେଳେ ବ୍ରହ୍ମପୁରରୁ ଜୋଇଁ ପାଇଁ ହଳେ ପାଟଯୋଡ଼ି ଆଣିବାକୁ ତାଙ୍କୁ ଅନୁରୋଧ କରାଯାଇଥିଲା । ସେ କାହା ହାତରେ ପାଟ ମଗାଇ ଆଣିଥିଲେ, ଆଗରୁ ସେ ପୁଡ଼ିଆ ଖୋଲି ଦେଖିବାକୁ ମଧ୍ୟ ସମୟ ପାଇ ନଥିଲେ । ଘରକୁ ଆସି ସମସ୍ତଙ୍କ ସାମନାରେ ସେ ପୁଡ଼ିଆ ଖୋଲିଲାବେଳକୁ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ସେ ପୁଡ଼ିଆ ଭିତରୁ ଦୁଇଟା ପାଟଶାଢ଼ୀ ବାହାରି ପଡ଼ିଥିଲା ।

ତାଙ୍କର ଜିନିଷ କିଣା ବି ଅଦ୍ଭୁତ, ଆଗରୁ କହିଚି କୌଣସି ଜିନିଷ କିଣିବାକୁ ସ୍ଥିର କଲେ ଦରକାର ନଥିଲେ ମଧ୍ୟ ସେ ବହୁ-ସଂଖ୍ୟାରେ କିଣି ପକାନ୍ତି । ଗୋଟିଏ ତକିଆ ଦରକାର ଥିଲେ ଦୁଇ ତିନି ଡର୍ଜନ ଏକାବେଳକେ କିଣାହୁଏ ।

ଆମ ଗ୍ରାମର ଜଣେ ବୃଦ୍ଧ ଲୋକ ତାଙ୍କୁ ଗୋଟିଏ ଭଲଗା ଚଷମା ଆଣି ଦେବାକୁ ଅନୁରୋଧ କରିଥିଲା । ଦିଲ୍ଲୀରେ ଗୋଟିଏ ବୁଲା ବିକା ଚଷମା ବାଲାକୁ ଡକାଇ ତାଙ୍କ ବସାକୁ ନିଆଗଲା । ମୂଲଚୂଲ ହେଲା । ଗୋଟିଏ ଚଷମା ନେଲେ ଟଙ୍କାଟିଏ ଓ ବେଶୀନେଲେ ଆଉରି କମ୍ ପଡ଼ିବ ବୋଲି କହିବାରେ ସେ ତିନି ଡର୍ଜନ ଚଷମା ଶସ୍ତା ଦରରେ କିଣି ଆଣି ଗ୍ରାମର ବହୁ ବୁଢ଼ାଙ୍କୁ ଯାଚି ଯାଚି ବାଣ୍ଟିଥିଲେ ।

ଏପରି ବୁଲାବିକାଙ୍କ ଠାରୁ ଡ଼ଜନ ଡ଼ଜନ ସାଲ୍, ଏଣ୍ଡି ଢଣ୍ଡା ପ୍ରଭୃତି ମନେ ମନେ ଶସ୍ତାରେ କିଣି ଲୋକଙ୍କୁ ବାଣ୍ଟିବାକୁ ବାଧ୍ୟ ହୁଅନ୍ତି । ମୁଢ଼ି ବାଲାଠାରୁ କେହି ମୁଢ଼ି କିଣୁଥିବାର ଦେଖିଲେ । ସେ ମୁଢ଼ି-ବାଲାର ସମସ୍ତ ମୁଢ଼ି କିଣିନେଇ ଆସ ଖାଇବା ବୋଲି ସେଠାରେ ଥିବା ସମସ୍ତଙ୍କୁ ଡାକନ୍ତି ।

Digitized by srujanika@gmail.com

ହାତରେ ପଇସା ନଥିଲେ ଗରିବ, କିନ୍ତୁ ହାତକୁ ପଇସା ଆସିଗଲେ ହାତ ଫୁରିଖୋଲା । ଲୋକେ କହନ୍ତି ଟଙ୍କାଟିଏ ତାଙ୍କଠାରୁ ବାହାରିବା କଷ୍ଟ କିନ୍ତୁ ଶହେ ଟଙ୍କାର ଚେକ୍ କାଟି ଦେବା ତାଙ୍କ ପକ୍ଷରେ ଅତି ସହଜ । ସେ ତାଙ୍କ ପକେଟରେ 'ଆପଦ୍‌ଧନ' ବା ଆପଦ ବେଳେ ହଠାତ୍ ଦରକାର ପାଇଁ କିଛି ପଇସା ରଖିଥାଆନ୍ତି, ବ୍ୟାଙ୍କରେ କେତେ ଅଛି, ଅଛି କି ନାହିଁ ବିଚାର ନକରି ଚେକ୍ କାଟି ଦିଅନ୍ତି । ଶହେ ଟଙ୍କା କେଉଁଠୁ 'ମିଳିବାର ସମ୍ଭାବନା ଥିଲେ ହଜାର ଟଙ୍କା ଖର୍ଚ୍ଚର ଆଗରୁ ଯୋଜନାକରି ବସନ୍ତି ।

ସେତେବେଳେ କେନ୍ଦ୍ର ଆସେମ୍ବ୍ଲି ସଦସ୍ୟଙ୍କର ଏବଂ ପାର୍ଲିଆମେଣ୍ଟ ସଦସ୍ୟଙ୍କ ଭଳି ସ୍ୱତନ୍ତ୍ର ମାସିକ ଭତ୍ତା ନଥାଏ । ଆସେମ୍ବ୍ଲି ସତ୍ରରେ ଯୋଗ ଦେଉଥିବା ସମୟଟିକ କେବଳ ପନ୍ଦର ଟଙ୍କାର ଦୈନିକ ଭତ୍ତାର ବ୍ୟବସ୍ଥା ଥାଏ । (ପରେ ତାହା ବଢିଥିଲା ।) ସପ୍ତାହକୁ ଥରେ ସଦସ୍ୟମାନେ ସେ ଭତ୍ତା ପାଆନ୍ତି ।

ମୋ ସ୍ୱେଟର ନଗାଯିବାର ଦୁଇ ତିନି ଦିନ ପରେ ଭତ୍ତା ମିଳିଲା । ୧୯୩୬/୩୭ ନିର୍ବାଚନ ପାଖେଇ ଆସୁଥାଏ । ସେଥିରେ ଫଟୋ ଉଠାଇବା ପାଇଁ କ୍ୟାମେରାଟିଏ ଦରକାର ବୋଲି ଶୁଣିଲାମାତ୍ରେ ଗୋଟିଏ ଭଲ କ୍ୟାମେରା କିଣିବା ପାଇଁ ଅକୁଣ୍ଠିତ ଚିତ୍ତରେ ସେ ପଇସା ଦେଇ ଦେଲେ । ସେତିକିବେଳେ ମୋ ପାଇଁ ଭଲ ସ୍ୱେଟରଟିଏ ମଧ୍ୟ କିଣା ହୋଇଗଲା ।

ସମୟ ଅସମୟରେ ଗୁଡାଏ ଲୋକଧରି ଗାଁରେ ପହଞ୍ଚି ସେମାନଙ୍କପାଇଁ ଖାଦ୍ୟର ବ୍ୟବସ୍ଥା କରିବାକୁ ବୋଉକୁ ବାଧ୍ୟକରିବା ତାଙ୍କ ଅଭ୍ୟାସ । ଗ୍ରାମରେ ସବୁବେଳେ ପରିବାପତ୍ର ମିଳୁନଥିବାରୁ ଅନେକ ସମୟରେ ବୋଉ ଅସୁବିଧାରେ ପଡ଼େ ।

ଥରେ ବୋଉ କହିଲା, 'ଜାଣୁଚ ତ ଏଠି ଭଲ ପରିବାପତ୍ର ମିଳୁ ନାହିଁ, କଲିକତା ବାଟେ ବରାବର ଯିବା ଆସିବା କରୁଛ, ଖାଲି ହାତରେ ଆସି ପହଁଚୁଛ । ସେଠାରୁ କିଛି ଭଲ ପରିବା ପତ୍ର ସାଙ୍ଗରେ ଧରି ଆସନ୍ତ ନାହିଁ ।'

Digitized by srujanika@gmail.com

ତାପରେ ନନା ଦିଲ୍ଲୀରୁ କଲିକତା ବାଟେ ଫେରିଲାବେଳକୁ ସେ କଥା ତାଙ୍କର ମନେପଡ଼ିଲା । ସେ ସଙ୍ଗେ ସଙ୍ଗେ ବଙ୍ଗଳାର ଏଗ୍ରୀକଲ୍‌ଚର ଡ଼ିପାର୍ଟମେଣ୍ଟକୁ ଫୋନ କରାଇଲେ ।

ସେଠାର ଜଣେ ଅଫିସର ଆସି ତାଙ୍କୁ ସାହେବ ବଜାର, ହଗ୍ ମାର୍କେଟର ସରକାରୀ ପରିବା କେନ୍ଦ୍ରକୁ ନେଇ ଯାଇ, ସରକାର ମାଳୟ ସିଂହାପୁର ପ୍ରଭୃତିରୁ ଉନ୍ନତ ଆଳୁଅ ମହଣ ସାରୁ ପ୍ରଭୃତିର ମଞ୍ଜି ଆଣି, କପରି ଗାଲୁ ନଥିବା ସୁସ୍ୱାଦୁ ବଡ଼ ବଡ଼ ଆଳୁଅ ଓ ମହଣ ସାରୁ ପ୍ରଭୃତି ସୃଷ୍ଟ କରୁଛନ୍ତି ତାର ନମୁନା ଦେଖାଇ ପ୍ରଶସ୍ତି ଗାନ କଲେ ସେଗୁଡ଼ି-କର କୋବି ମଟର ବିଲାତି ବାଇଗଣ ପ୍ରଭୃତି ପରିବାଠାରୁ ଉପ-କାରିତା ବେଶୀ ସେ ସମ୍ବନ୍ଧରେ ଏକ ସୁଦୀର୍ଘ ଭାଷଣ ନନାଙ୍କୁ ଶୁଣାଇଲେ ।

ନନା ସେ ଅଫିସରଙ୍କ ବକ୍ତୃତାରେ ପ୍ରୀତ ହୋଇ ଅନ୍ୟ ପରିବା ନ କିଣି ସେଥିରୁ ଗୁଡ଼ାଏ କିଣି ଦୁଇଟି ବଡ଼ ଝୁଡ଼ିରେ ଭର୍ତ୍ତି କରି ସାଙ୍ଗରେ ଧରି ଗାଁକୁ ଆସିଲେ । ବୋଉ ସେଗୁଡ଼ିକ ଦେଖି ଏକା-ବେଳକେ ଅବାକ୍ ହୋଇଗଲା ।

ସେଥିରୁ କିଛି ରନ୍ଧାହେଲା । ଆମେ ତାକୁ ପାଟିରେ ଦେବା ସଙ୍ଗେ ସଙ୍ଗେ ଥୁ, ଥୁ କରି ପାଟିରୁ ବାହାର କରି ଫୋପାଡ଼ିଲୁ । ସେଗୁଡ଼ିକ ବଡ଼ ସୁସ୍ୱାଦୁ ବୋଲି କହି ନନା ସେଥିରୁ କିଛି ଖାଇବାକୁ ଚେଷ୍ଟା କଲେ କିନ୍ତୁ ସେ ସବୁ ଆଉ ଆମଘରେ ରନ୍ଧା ନ ହୋଇ ଖତ ଗଦାରେ ଅଜାଡ଼ି ହୋଇଗଲା ।

**ନନାଙ୍କ ବିଦେଶୀ ସେବାକାରୀ ଦଳ**—ସିମଳାରେ ଆମଘରେ ଖାଇବା ପିଇବାର କୌଣସି ଅସୁବିଧା ନଥିଲା । ନନା ସିମିଳା ବା ଦିଲ୍ଲୀରେ ପହଞ୍ଚିବାକ୍ଷଣି ତାଙ୍କର ପୁରୁଣା ପୂଜାରୀ ଚାକର ସବୁ ଆସି ଜୁଟି ଯାଆନ୍ତି ।

ରାଜସ୍ଥାନର ପ୍ରତାପ ବୃଦ୍ଧ ବୋଲି ତାଙ୍କ ପୁରୁଣା ପୂଜାରୀଟି ସିମିଳାରେ ଆସି ପହଞ୍ଚିଥିଲା । ଆସେମ୍ବ୍ଲି ନଥିବା ସମୟରେ ନନାଙ୍କ

Digitized by srujanika@gmail.com

ପୂର୍ବାସ୍ଥ ଚାକରମାନେ ଅନ୍ୟ କେଉଁଠାରେ ଚାକିରି କରୁଥାଆନ୍ତି । ନନା ଆସିବା ବେଳକୁ ସେ ଚାକିରି ଛାଡ଼ିଦେଇ ତାଙ୍କ ପାଖକୁ ଚାଲି ଆସନ୍ତି ।

ଦିଲ୍ଲୀରେ, କାଶ୍ମୀରର 'କେଶୋ' ବୋଲି ଡ୍ରାଇଭରଟିଏ ମଧ୍ୟ ସେହିପରି ନନାଙ୍କ ଆସିବାକୁ ଚାହିଁ ରହିଥାଏ । ନନା ଆସିବାକ୍ଷଣି ତାଙ୍କୁ ପୁରୁଣା ଗାଡ଼ି ଖଣ୍ଡିଏ କିଣାଇ ଦିଏ । ଆସେମ୍ବ୍ଲି ସରିଗଲେ ସେ ଗାଡ଼ିଟି ବିକାଇ ଦେଇ ଅନ୍ୟତ୍ର ଚାକିରି କରିବାକୁ ବାହାରିଯାଏ । ନନା ସରକାରଙ୍କୁ ଘରଟି ଫେରାଇ ଦେଇ ଗାଁକୁ ଆସନ୍ତି । ଆସେମ୍ବ୍ଲି ନଥିଲା-ବେଳେ ଭତ୍ତା ମିଳୁ ନଥିବାରୁ ଘରଟି ଫେରାଇଦେବା ମଧ୍ୟ ନିୟମ ଥିଲା ।

ସେତେବେଳର ମୋଟରଗାଡ଼ି ଗୁଡ଼ିକ ଖୁବ୍ ବଡ଼ ନଥିଲା । କନାହୁଡ଼ିଦିଆ ଗାଡ଼ିସବୁ ମିଳୁଥିଲା, ୩୦୦ ଟଙ୍କା, ୪୦୦ ଟଙ୍କାରେ ଭଲ ସେକେଣ୍ଡହ୍ୟାଣ୍ଡ ଗାଡ଼ି ମିଳିଯାଉଥିଲା । ବେଳେବେଳେ ନନା ସେପରି ଗାଡ଼ିରେ 'କେଶୋ' ଡ୍ରାଇଭର ସହିତ ପିଲାପିଲିଙ୍କୁ ଧରି ବିହାର ଓଡ଼ିଶାର ଅଗନାଅଗନ ବନସ୍ତ ଭିତର ଦେଇ ଖାବୁଡ଼ାବୁ ଘାଟରାସ୍ତାରେ ଗାଡ଼ି ଚଳାଇ କଟକ ଆସୁଥିଲେ । 'କେଶୋ' କାଶ୍ମୀର ପାର୍ବତ୍ୟ ଅଞ୍ଚଳର ବିକଟ ଘାଟି ରାସ୍ତାମାନଙ୍କରେ ଗାଡ଼ି ଚଳାଇବାରେ ଅଭ୍ୟସ୍ତ ଥିଲା ତେଣୁ ବିହାର ଓଡ଼ିଶା ଭିତରେ ଘାଟି ରାସ୍ତାରେ ସେ ଅନାୟାସରେ ଗାଡ଼ି ଚଳାଉଥିଲା ।

ସେପରି ଆସିଲାବେଳେ ନନା ଜଙ୍ଗଲର ଭୀମକାନ୍ତ ଦୃଶ୍ୟ ଦେଖିବାକୁ ରାତିରେ ଆସିବାକୁ ପୃଖପାଆନ୍ତି । ଥରେ ନନା ପିଲାପିଲି ଧରି ଜିନିଷପତ୍ର ଲଦା ଖୋଲା ମଟରରେ ରାତିଅଧରେ ରାଞ୍ଚି ଘାଟି ଦେଇ ଘାଟିରୁ ତଳକୁ ଗଡ଼ିଲାବେଳକୁ ରାସ୍ତା ଉପରେ ଲାଙ୍ଗୁଡ଼ ପକାଇ ଗୋଟାଏ ବିରାଟ ମହାବଳ ବାଘ ବସିଥିଲା । ତାଙ୍କ ଗାଡ଼ି ବାଘ ଲାଙ୍ଗୁଡ଼କୁ ଦଳି ତଳକୁ ଗଡ଼ି ଚାଲିଗଲା । ବାଘଟା ହେଣ୍ଟାଳ ଗୁଡ଼ି କରି ବାଟ ମଟରକୁ ଗୋଡ଼ାଇବାପରେ ଜଙ୍ଗଲଭିତରେ ପଶିଗଲା । ହୁଡ଼ ନଥିବା ଖୋଲାଗାଡ଼ି ଉପରକୁ ଡେଇଁ ଗୋଟିଏ ଦୁଇଟି ମଣିଷମୁଣ୍ଡ ଝାମ୍ପି ନେବାର ଯେ ସୁବିଧା ଥିଲା ବୋଲି ବାଘଟା ତାର କିଛି ବ୍ୟବସ୍ଥା ନକରି ପଳାଇଗଲା ।

Digitized by srujanika@gmail.com

ତାପରେ ଯେଉଁ ଡାକବଙ୍ଗଳା ପଡ଼ିଲା ସେଠାରେ ବୋଉ ଜବରଦସ୍ତି ଗାଡ଼ି ଅଟକାଇ ଯାତ୍ରା ବନ୍ଦ କରାଇ ସେଠାରେ ରହିବାକୁ ନନାଙ୍କୁ ବାଧ୍ୟକଲା ।

ନନା ବଡ଼ ଦୁଃସାହସିକ ବ୍ୟକ୍ତି । ସେ ଜଙ୍ଗଲପୋଡ଼ିର ଦୃଶ୍ୟ ଦେଖନ୍ତି, ବାଟରେ ହିଂସ୍ରଜନ୍ତୁ ସବୁ ଦେଖନ୍ତି । କୌଣସି ଆସନ୍ନ ବିପଦ ପାଇଁ ତାଙ୍କର ଭୟ ନଥାଏ, ବରଂ ସେସବୁ ପ୍ରାକୃତିକ ଦୃଶ୍ୟ ସେ ଉପଭୋଗ କରନ୍ତି । 'କେଟୋ'ର ଗାଡ଼ି ଚଳାଇବା ଉପରେ ମଧ୍ୟ ତାଙ୍କର ଅଟଳ ବିଶ୍ୱାସ ଥାଏ ।

ସିମିଳା ଉଚ୍ଚ ପାହାଡ଼ିଆ ସ୍ଥାନ ହୋଇଥିବାରୁ ସେଠାରେ ଭଲ ଚଟକାମାଛ ମିଳେନାହିଁ, କିନ୍ତୁ ପାହାଡ଼ିଆ ଛେଳିର ଭଲ ସୁସ୍ୱାଦୁ ମାଂସ ମିଳେ ।

ମୋ ପାଇଁ ପ୍ରତିଦିନ ଗୋଟିଏ ଛେଳି କଲିଜା ଖଂଜା ଯାଇଥାଏ । ସେ କଲିଜାଟି ପ୍ରାୟ ଅଧକିଲେ ଓଜନ ହେବ କିନ୍ତୁ ଦାମ ଚାରପଇସା । ପ୍ରତାପସିଂହ ଭଲ ରାନ୍ଧେ । ରାନ୍ଧିବାରେ ବାହାଦୁରୀ ମଧ୍ୟ ଦେଖାଏ । ଦିନେ ସେ ବଜାରରୁ ଟଙ୍କାଏ ଦେଇ ଗୋଟିଏ ଶୁଖିଲା ଖୁରୁଡ଼ି ନଡ଼ିଆ କିଣିଆଣି ଖୁସିହୋଇ କହିଲା 'ଆଜି ମୁଁ ବଢ଼ିଆ ମସଲା ଆଣିଛି ଭଲ (ସବ୍‌ଜି) ତରକାରୀ ବନିବ । ରାଜସ୍ଥାନ ଲୋକ ହୋଇ ଦିଲ୍ଲୀ ସିମିଳାରେ ବଢ଼ିଥିବାରୁ ନଡ଼ିଆ ବିଷୟରେ ତାର ବିଶେଷ ଧାରଣା ନଥିଲା । ମୁଁ ଖୁରୁଡ଼ି ନଡ଼ିଆଟା ଦେଖି ଅବାକ ହେଲି । ସେତେବେଳେ ଆମ ଗାଁରେ ନଡ଼ିଆ ଗୋଟାକର ଦାମ୍ ଏକପଇସାରୁ କମ୍ ଥିଲା ।

ମୋର ଶାରୀରିକ ବ୍ୟାୟାମ ପାଇଁ ବୁଲାବୁଲି, ପାହାଡ଼ଚଢ଼ା ଛଡ଼ା ଦିନକୁ ଘଣ୍ଟାଏ ଘୋଡ଼ାଚଢ଼ି ବୁଲିବାର ବ୍ୟବସ୍ଥା ହୋଇଥିଲା । ସେଠାରେ ଘୋଡ଼ା ଗୁଡ଼ିକ ଭଲ ଶିକ୍ଷା ପାଇଥାଆନ୍ତି । ସେମାନେ ଏତେ ସାବଧାନ ଯେ ଘୋଡ଼ାଚଢ଼ା ଜାଣିନଥିବା ଲୋକ ତାଙ୍କର ସବାର ହୋଇଥିଲେ ମଧ୍ୟ ସେ ସୁରୁଖୁରୁରେ ପାହାଡ଼ ଚଢ଼ିବା ଓ ଓହ୍ଲାଇବା କାର୍ଯ୍ୟ କରିପାରନ୍ତି ।

Digitized by srujanika@gmail.com

**ଭୁବନାନନ୍ଦ ବାବୁ—** ମୁଁ ସକାଳୁ ଘୋଡ଼ାଚଢ଼ି ବି. ଦାସଙ୍କ ଘର ବାଟଦେଇ ଯାଏ। ସେ ତାଙ୍କ ଘରୁ ମୋତେ ଦେଖିଲେ ଥଟ୍ଟା କରି କହନ୍ତି 'ନନାଙ୍କୁ କହିବ ଦଦ ଗାଁକୁ ଫେରିଲେ ଓଡ଼ିଶାର କୁଆଡ଼ଣା ଭଲ ଘୋଡାଟିଏ ତୁମକୁ କିଣିଦେବେ ସେ ଅଠରନଳାରେ ଦଉଡ଼ କରିବ।'

ଭୁବନାନନ୍ଦବାବୁ ବିଲାତ ଫେରନ୍ତା ଇଞ୍ଜିନିଅର ଓ ନନାଙ୍କର ପୂର୍ବତନ ସହପାଠୀ। ସେ ସାହେବପରି ଚଳନ୍ତି। ବଡ଼ ସୌଖୀନ ଓ ମେଳାପି ଲୋକ। ସେ ଓ ମିସେସ୍ ଦାସ ମୋତେ ପୁଅପରି ସୁଖ ପାଆନ୍ତି। ମୁଁ ତାଙ୍କ ପିଲାଙ୍କ ସଙ୍ଗେ ଖେଳିବାକୁ ବହୁସମୟରେ ତାଙ୍କ ଘରକୁ ଯାଏ।

ମୁଁ ତାଙ୍କ ଘରକୁ ଯାଇ, ବହୁ ସାହେବ ଓ ଅନ୍ୟାନ୍ୟ ବଡ଼ବଡ଼ ନେତାଙ୍କୁ ତାଙ୍କ ଘରେ ଦେଖିବାର ସୁବିଧା ପାଇଛି। ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଆଲ୍ଲି ଜିନ୍ନାଙ୍କୁ ମଧ୍ୟ ତାଙ୍କଘରେ ଦେଖିଛି। ଜିନ୍ନା ଜଣେ ଉଚ୍ଚା ପତଳିଆ ଲୋକ ଦେଖା ଚେହେରା। ଗମ୍ଭୀର ମୁହଁ। ସବୁବେଳେ ଟାଇ ସହିତ ସାହେବ ପୋଷାକ ପିନ୍ଧିଥାଆନ୍ତି।

ଦିନେ ମୁଁ ଘୋଡ଼ାରେ ଚଢ଼ି ବି. ଦାସଙ୍କ ଘରବାଟେ ଚାଲିବେଳେ ସେ ମୋତେ କହିଲେ 'ବନମ' ମୁଁ ତୁମ ଘରକୁ ଫୋନ କରି କରି କେହି ଶୁଣୁନାହାନ୍ତି। ନନାଙ୍କୁ ପାଉନାହିଁ, ତୁମେ ଯାଇ ତାଙ୍କୁ କହ, ରଙ୍ଗେଇଲୁଣ୍ଡାଟା ଓଡ଼ିଶାର ରାଜଧାନୀ ହୋଇଗଲା। ସେ ଶୀଘ୍ର ଫୋନ କରି ମୋ ସଙ୍ଗେ କଥାବାର୍ତ୍ତା କରିବେ।

ମୁଁ ନନାଙ୍କୁ ସେ କଥା କହିବା ପରେ ଜାଣିଲି ସରକାର ଗଂଜାମର ଗୋପାଳପୁର ନିକଟ ରଙ୍ଗେଇଲୁଣ୍ଡା ନାମକ ଏକ ସ୍ଥାନକୁ ମଠାସ୍ଥଳ ବୋଲି ଧରି ଓଡ଼ିଶାର ଭବିଷ୍ୟତ ରାଜଧାନୀ ରୂପେ ବାଛିଥିବା ପ୍ରକାଶ କରିଛନ୍ତି। ଏବେ ସେହି ସ୍ଥାନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜବିହାର ଗଢ଼ାଯାଇଛି। ସେତେବେଳେ ଅଳ୍ପମାସ ପୂର୍ବରୁ ବିହାର ଓଡ଼ିଶାର ଓଡ଼ିଶା ସବ୍‌ଡିଭିଜନର ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର

Digitized by srujanika@gmail.com

ଓ ଅନୁଗୁଳ ସଙ୍ଗେ ଗଞ୍ଜାମ ଓ କୋରାପୁଟକୁ ମିଶାଇ କ୍ଷୁଦ୍ର ଓଡ଼ିଶା ପ୍ରଦେଶ ଗଢ଼ାଯାଇଥିଲା । ତାର ପ୍ରଥମ ଇଂରେଜ ଲାଟ ଗଂଜାମ କୋରାପୁଟ ବୁଲି କୋରାପୁଟର ଦୁଦୁମା ଅଞ୍ଚଳକୁ ଦେଖି ଅଭିଭୂତ ହୋଇ କହିଥିଲେ ପୃଥିବୀପୃଷ୍ଠରେ ଯଦି ସ୍ୱର୍ଗ ଥାଏ ତେବେ ଏଇଠି ହିଁ ଅଛି 'If there is heaven on Earth then it is here and only here' ସେ ଦକ୍ଷିଣାଞ୍ଚଳର ପ୍ରାକୃତିକ ଦୃଶ୍ୟରେ ବିଭୋର ହୋଇ ସ୍ଥଏତ ଉଟେଙ୍ଗଇଲୁଣ୍ଡାକୁ ରାଜଧାନୀ କରିବାପାଇଁ ପ୍ରସ୍ତାବ ଦେଇଥିଲେ ।

ରାଜଧାନୀ ପାଇଁ କେବଳ କେନ୍ଦ୍ରଭୂମି ଉପରେ ଗୁରୁତ୍ୱ ନଦେଇ ଅନ୍ୟ ସୁବିଧା ଅସୁବିଧା ବିଚାରକରିବାର କଥା । ସେପରି ହୋଇଥିଲେ ଭାରତର ଉତ୍ତର ପଶ୍ଚିମ କୋଣ ଦିଲ୍ଲୀରେ ଏ ଦେଶର ରାଜଧାନୀ ହୋଇ ପାରି ନଥାନ୍ତା । ଜଣେ ବିଶିଷ୍ଟ ଓଡ଼ିଆ ଜନନାୟକ ଭାବରେ ଓଡ଼ିଶା ଏପରି ରାଜଧାନୀ ବିଷୟରେ ବି. ଦାସଙ୍କର ଚିନ୍ତିତ ହେବାର କଥା ।

ନନା ମୋ କଥା ଶୁଣି ସେଠାରେ ଥିବା ଲୋକମାନଙ୍କୁ କହିଲେ, 'ସରକାର କହିଦେଲେ ମାନେ କଅଣ ରାଜଧାନୀଟେ ମୁଣ୍ଡାଇକରି ନେଇ ଉଟେଙ୍ଗଇଲୁଣ୍ଡାରେ ଥୋଇଦେବେ । ଭୁବନାନନ୍ଦ ଜଣେ ଅର୍ଥନୀତିଜ୍ଞ ହୋଇ ଏକଥା ଜାଣିପାରୁନାହିଁ, ମିଛରେ ବିବ୍ରତ ହେଉଛି ।

ଓଡ଼ିଶା ପ୍ରଦେଶର ଖର୍ଚ୍ଚପାଇଁ ସରକାର ଯେତିକି ଟଙ୍କା ମଞ୍ଜୁର କରିଛନ୍ତି ସେ ତ ସମୁଦ୍ରକୁ ଶଙ୍ଖେ ପାଣି । ସେଥିପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ନକରି ବିଚ୍ଛିନ୍ନ ଅଞ୍ଚଳକୁ ଓଡ଼ିଶା ସବ୍‌ଡିଭିଜନରେ ମିଶାଇ ଦିଆଯାଉ । ଓଡ଼ିଶା ପ୍ରଦେଶରେ ପୂର୍ବପରି ରଖିବାପାଇଁ ତ ଭୁବନାନନ୍ଦ ମତ ଦେଇଥିଲା । ସରକାରଙ୍କ ଟଙ୍କା କାହିଁ ? ଏବେତ ଓଡ଼ିଶା ସଚିବାଳୟ, ଗୌରୀଶଙ୍କର ପାର୍କ ପାଖ ପୁରୁଣା ଉତ୍କଳଦୀପିକା ଛାପାଖାନାର ଭଡ଼ାଘରେ ଓ ଜେଲ୍‌ ପାଖ ଘରେ (ଏବର ସିଟି ହସ୍‌ପିଟାଲରେ) ଚାଲିଛି । ମନ୍ତ୍ରୀ ବିଗୁଡ଼େହେଲେ ସେମାନେ ବସିବାକୁ ବି ଜାଗା ନାହିଁ । ଏବେ କୋଟି କୋଟି ଟଙ୍କା ଖର୍ଚ୍ଚକରି ଏଇ ସରକାର ଗୋଟାଏ ନୂଆ ରାଜଧାନୀ ତୋଳାଇ ପକାଇବେ ?

Digitized by srujanika@gmail.com

ସତକୁ ସତ ସେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରି ନଥିଲା । ଯୁଦ୍ଧ ଗୁଞ୍ଜରଣୀ କଲ୍ଲାପଡ଼ିଆରୁ ଉଠିଯିବା ପରେ ଗୌରୀଶଙ୍କରପାର୍କ ପାଖରୁ (ପୁରୁଣା ସେକ୍ରେଟାରିଏଟ) କଲପଡ଼ିଆକୁ ଉଠିଯାଇଥିଲା । ଭାରତ ସ୍ୱାଧୀନ ହେବାପରେ ସ୍ୱାଧୀନ ଭାରତ ସରକାରଙ୍କ ସାହାଯ୍ୟରେ ଭୁବନେଶ୍ୱରରେ ଓଡ଼ିଶାର ରାଜଧାନୀ ବସିଲା । ମଝିରେ ଯୁଦ୍ଧସମୟରେ କିଛିକାଳ ପାଇଁ ବୋମାମାଡ଼ ଡରରେ ରାଜଧାନୀକୁ କଟକରୁ ସମ୍ବଲପୁର ଉଠାଇ ନିଆଯାଇଥିଲା ।

**କେନ୍ଦ୍ର ଆସେମ୍ବ୍ଲି**—ସିମିଳାରେ ଆସେମ୍ବ୍ଲି ବସୁଥିବା ସମୟରେ ପ୍ରଥମ ପ୍ରାଦେଶିକ ଆସେମ୍ବ୍ଲି ନିର୍ବାଚନର ପ୍ରସ୍ତୁତି ଆରମ୍ଭ ହେଲା । ଓଡ଼ିଶା କଂଗ୍ରେସର ସଭାପତି ଭାବରେ ସେ ନିଜେ କାର୍ଯ୍ୟ କଂଗ୍ରେସ ସଭାପତି ପଣ୍ଡିତ ଜହରଲାଲ ନେହେରୁଙ୍କୁ ନିମନ୍ତ୍ରଣ କରି ଓଡ଼ିଶାରେ ବୁଲାଇବା ପାଇଁ ଆମକୁ ସିମିଳାରେ ଛାଡ଼ି ଓଡ଼ିଶାକୁ ଆସିଲେ । ସେ ଫେରିଯାଇ ପୁଣି କେନ୍ଦ୍ର ଆସେମ୍ବ୍ଲି ଆଲୋଚନାରେ ଭାଗନେଲେ ।

ସେ କେନ୍ଦ୍ର ଆସେମ୍ବ୍ଲି ବା ବଡ଼ଲାଟ ସଭାରେ ପ୍ରାୟ ବାର ବର୍ଷକାଳ ସଦସ୍ୟ ଥାଇ ପ୍ରାୟ ସମସ୍ତ ବିଷୟର ଆଲୋଚନାରେ ଭାଗ ନେଉଥିଲେ । ସରକାରଙ୍କର କୌଣସି ବିଲ୍‌କୁ ପାଶ୍ କରାଇବାର ବିଳମ୍ବ କରାଇବା ବିରୋଧି ଦଳ ପକ୍ଷରୁ ଦରକାର ହେଲେ ସେ ବହୁ ଘଣ୍ଟାଧରି ଏକାଦିକ୍ରମେ ବକ୍ତୃତା ଦେଇପାରୁଥିଲେ । ସେ ଅନେକ ସମୟରେ ସରକାରଙ୍କୁ କଡ଼ା ସମାଲୋଚନା କରିବା ସଙ୍ଗେ ସଙ୍ଗେ ବହୁ ଅସୁବିଧାରେ ପକାଉଥିଲେ, ତାଙ୍କ ତଥ୍ୟ ସମ୍ବଳିତ ଅକାଟ୍ୟ ଯୁକ୍ତି ସବୁକୁ ଇଂରେଜ ସରକାର ପ୍ରତିରୋଧ କରିପାରୁ ନଥିଲେ ।

ସେତେବେଳେ ଭାରତର ବହୁ ବ୍ୟବସାୟରେ ଇଂରେଜ କମ୍ପାନୀ ମାନଙ୍କର ଏକଚାଟିଆ କାରବାର ଥିଲା, ଯଥା, ଲୁଣ ରେଳବାଇ ପ୍ରଭୃତି ଇଂରେଜ ଲୋକଙ୍କ ହାତରେ ଥିଲା ।

ସରକାରଙ୍କ 'ରୁ' ବ୍ୟବସାୟ ନୀତି ଉପରେ ଆଠଘଣ୍ଟା ଓ ଓ ଲୁଣ ବ୍ୟବସାୟ ନୀତି ଉପରେ ଏକାଦିକ୍ରମେ ଦଶ ଘଣ୍ଟା କାଳ ସାରଗର୍ଭକ ଭାଷଣ ଦେଇ ସେ ରେକର୍ଡ ସୃଷ୍ଟି କରିଥିଲେ ।

Digitized by srujanika@gmail.com

କେନ୍ଦ୍ର ଆସେମ୍ବ୍ଲିରେ ସରକାରୀପଟେଟ ମେମ୍ବର ବା ମନ୍ତ୍ରୀ ଭାବରେ ବହୁ ବଡ଼ ବଡ଼ ବିଲାତି ରାଜନୈତିକ ଓ ଧୁରନ୍ଧର ଶାସକ ଆସନ ନେଇଥିଲେ । ସେମାନଙ୍କ ସହିତ ଜ୍ଞାନ ଓ ପାଣ୍ଡିତ୍ୟରେ ଟକ୍କର ଦେଇ ଲଢ଼ି ପାରୁଥିବାରୁ ନନାଙ୍କର ବାଗ୍ମୀତା ଓ ବ୍ୟବସ୍ଥାପକ ଭାବେ ପ୍ରତିପତ୍ତି ଯୋଗୁ ସରକାରୀ ପକ୍ଷ ତାଙ୍କୁ ନିଜ ପଟକୁ ଘେନି-ଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ ।

ସେତେବେଳର ବଡ଼ଲାଟ ବଡ଼ କୌଶଳରେ ଅନ୍ୟ ଜଣେ ସଦସ୍ୟଙ୍କ ଘରେ ଜଣେ ବନ୍ଧୁଙ୍କ ସାହାଯ୍ୟରେ ମହାମାନ୍ୟ ବ୍ରିଟିସ୍ ସମ୍ରାଟଙ୍କର ବଡ଼ ସମ୍ମାନାସ୍ପଦ ଉପାଧିଟାଏ ଗ୍ରହଣ କରିବାକୁ, ସେ କଣ ପସନ୍ଦ କରନ୍ତି ବୋଲି ତାଙ୍କୁ ପଚାରିଥିଲେ । ସେ ସେଥିରେ ହଁ ଭରିଥିଲେ ହୁଏତ ସଙ୍ଗେ ସଙ୍ଗେ ସେ ଗୋଟାଏ ବଡ଼ ପଦବୀ ପାଇ-ପାଆନ୍ତେ କିନ୍ତୁ ସେ ତାର ଉତ୍ତରରେ କହିଥିଲେ 'ହଁ ମୁଁ ବଡ଼ ଉପାଧି ଟାଏ ଚାହେଁ, ଯେ କୌଣସି ଲୋକ ତାହା ପାଇବାକୁ ଇଚ୍ଛା କରିବା ସ୍ୱାଭାବିକ, କିନ୍ତୁ ତାହା ଗୋଟାଏ ବିଦେଶୀ ସରକାରଠାରୁ ନୁହେଁ । ମୋର ଦେଶ ସ୍ୱାଧୀନ ହୋଇ ମୋ ସରକାର ମୋତେ ଯେକୌଣସି ଉପାଧି ଦେଲେ ମୁଁ ନିଶ୍ଚୟ ତାହା ଗ୍ରହଣ କରିବି ।

ତାପରେ ସେ ଓଡ଼ିଶାକୁ ଫେରିବାପରେ ତାଙ୍କୁ ବନ୍ଦୀ କରାଯାଇଥିଲା । ଶୀତଦିନେ ବିନା ଶୀତ ବସ୍ତ୍ରରେ ଗୋଟିଏ ସନ୍ତ-ସନ୍ତିଆ କୋଠରୀରେ ବନ୍ଦ କରି ରଖାଯାଇଥିଲା । ସେ ଥଣ୍ଡା ସହି ନ ପାରି ଅଚେତ ହୋଇଯାଉଥିଲେ କିନ୍ତୁ ସରକାରଙ୍କର ପ୍ରଲୋଭନ ବା ଅତ୍ୟାଚାର ତାଙ୍କ ମତକୁ ତିଳେହେଲେ ଟଳାଇ ପାରି ନଥିଲା ।

ତାଙ୍କର ଭାଷଣମାନଙ୍କ ଭିତରେ ବଡ଼ଲାଟ ସଭାରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରି ଗଢ଼ିବାପାଇଁ ୮-୨-୧୯୮୨ ରେ ଦେଇଥିବା ସାରଗର୍ଭକ ଭାଷଣ ଉଲ୍ଲେଖଯୋଗ୍ୟ । ସେହି ପାଣ୍ଡିତ୍ୟପୂର୍ଣ୍ଣ ଭାଷଣଟି ସରକାର ଓ ସଦସ୍ୟମାନଙ୍କର ଆଖି ଖୋଲି ଦେଇଥିଲା ଓ ସ୍ୱତନ୍ତ୍ର ପ୍ରଦେଶ ଦାବିକୁ ବହୁଦୂର ଆଗେଇ ନେଇଥିଲା ।

Digitized by srujanika@gmail.com

ସେଥର ସିମିଲା ଆସେମ୍ବ୍ଲି ସ୍ଥଗଲ । ମୋର ଦାନ୍ତ ଓ ଅନ୍ୟ ଚିକିତ୍ସା ପାଇଁ ଜଣେ ବନ୍ଧୁଙ୍କ ଘରେ ମୋତେ କଲିକତାରେ ଛାଡ଼ିଦେଇ ନନା ଆସି ଓଡ଼ିଶାର ପ୍ରାଦେଶିକ ନିର୍ବାଚନରେ ଲାଗିପଡ଼ିଲେ । କଲିକତାର ଜଣେ ଜାପାନୀ ଡାକ୍ତର ଡ଼. ଓ୍ୟାଟନବୀ ମୋ ଦାନ୍ତ ଚିକିତ୍ସା କରୁଥିଲେ । କଲିକତାରେ ମୁଁ ପୂଜା ଓ ଦୀପାବଳି ଉତ୍ସବ ଦେଖିସାରି ନଭେମ୍ବର ବେଳକୁ କଟକ ଫେରିଲି ।

# ମୋ ପାଠପଢା

## ପ୍ରଥମ ଭାଗ

(ପାଞ୍ଚ)

**ମୋ ପରୀକ୍ଷାଦଶା**— ସେଇ ଏକା ପଥରରୁ ଦିଅଁ ଗଢ଼ା ହୁଅନ୍ତି ଓ ରାସ୍ତାର 'ମୋରମ୍' ତିଆରି ହୁଏ । କୁଶଳୀ ଶିଳ୍ପୀର ଅକ୍ଲାନ୍ତ ପରିଶ୍ରମ ଓ ତୀକ୍ଷ୍ଣ ଦୃଷ୍ଟିଯୋଗୁ ସାମାନ୍ୟ ପଥରଖଣ୍ଡ ଦେବମୂର୍ତ୍ତିର ରୂପ ନେଇପାରେ ଓ ସେହିଭଳି ପଥର ଖଣ୍ଡେ ବାଲୁକା ଶଯ୍ୟାରେ ଗଡି ଗଡି ବାଲିଗରଡ଼ା ନାମ ନିଏ । ସେ କେତେବେଳେ ଦିଅଁଙ୍କ ଖଟୁଲିକୁ ଯାଏ କିନ୍ତୁ ଅଧିକାଂଶ ସମୟରେ ଚୂନାହୋଇ ରାସ୍ତାଗଢ଼ା କାମରେ ଲାଗେ ।

ମୋ ପାଠପଢାରେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ନାନାଙ୍କୁ ବେଳ ନଥିଲା । ଆମ ଜୀବନକୁ ନିଜେ ନିଜେ ରୂପନେବାକୁ ଛାଡ଼ିଦିଆଯାଇଥିଲା ତେଣୁ ମୋ ପାଠପଢ଼ା ଜୀବନଟା ବାଲିଗରଡ଼ା ଭଳି ଗଡ଼୍ଡାଳିକା ପ୍ରବାହରେ ଆପେ ଆପେ ଗଡ଼ିଗଡ଼ି ଚାଲିଥିଲା । କେବେ ଧକ୍‌କାବାଜି ଅଟକି ଯାଉଥିଲା କିମ୍ବା ପୁଣି ଅନ୍ୟ ବାଟରେ ଗଡ଼ିଗଡ଼ି ଚାଲିଥିଲା ।

ସିମିଳାରୁ ଫେରି ମୁଁ ନବଭାରତ ପ୍ରେସ୍‌ରେ ପହଁଚିବା ପରେ ମୋ ପାଠପଢାର ପ୍ରଶ୍ନ ଉଠାଇଲି, ସେତେବେଳକୁ ବାର୍ଷିକ ପରୀକ୍ଷା ଆଉ ଅଳ୍ପ କେତେଟାଦିନ ବାକି । ମୋ ବହିସବୁ ହାତ ନଲଗି ନୂଆପରି ଟ୍ରଙ୍କ ଭିତରେ ଥାଆନ୍ତି । ଡାକ୍ତରି ସାର୍ଟିଫିକେଟ୍ ଓ ଦରମା ପ୍ରଭୃତି ଦିଆହୋଇଥିବା ବ୍ୟବସ୍ଥାଯୋଗୁ ମୋ ନାମ କ୍ଲାସ ଓ ଛାତ୍ରାବାସ ଖାତାରୁ କଟିଯାଇ ନଥାଏ, କିନ୍ତୁ ଶିକ୍ଷକ ଓ ସହପାଠୀମାନେ ମୋତେ

Digitized by srujanika@gmail.com

ଅନେକଙ୍କୁ ଦେଖିନଥାନ୍ତି, ସ୍କୁଲକୁ ଯିବାକୁ ମୁଁ ଅତମତ ହେଲି। ଆଜି ଗୋଟିଏ ବର୍ଷ ପୂର୍ଣ୍ଣ ନଷ୍ଟ ହେଲା ବୋଲି ମୁଁ ଧରିନେଲି।

ନନା ଓ ଚିନ୍ତାମଣିବାବୁଙ୍କ ଆଗରେ ମୋ କଥା ପଡ଼ିଲା। ଚିନ୍ତାମଣିବାବୁ ମୋତେ କହିଲେ — ପରୀକ୍ଷା ନଦେଇ ବର୍ଷଟାଏ ମିଛରେ କାହିଁକି ନଷ୍ଟ କରିବୁ। ଚେଷ୍ଟାଟାଏ କର। ପରୀକ୍ଷା ଦଶ ଦଶ ଘଣ୍ଟା ବାଜିଯିବ ତେବେ ଉପରକ୍ଲାସକୁ ଯାଇ ପାଠ ଠିକ୍ କରିନେବୁ। ଆମର କଥୋପକଥନ ନନା ଶୁଣୁଥିଲେ କି ଅନ୍ୟକଥା ଭାବୁଥିଲେ କେଜାଣି ସେ ଆମ କଥାରେ ହଁ କି ନାଁ ପାଟି ଫିଟାଇଲେ ନାହିଁ।

ମାଇନର ପାଠଠାରୁ ମାଟ୍ରିକ୍ ପାଠ ସମ୍ପୂର୍ଣ୍ଣ ଅଲଗା। ଆଲଜେବ୍ରା ଜିଓମେଟ୍ରି, ସଂସ୍କୃତ ପ୍ରଭୃତି ସବୁ ନୂଆ ପାଠ। ତଥାପି ଚିନ୍ତାମଣି ବାବୁଙ୍କ କଥାରେ ରାଜି ହୋଇ ମୁଁ ସ୍କୁଲକୁ ଗଲି। ମୋତେ ଦେଖି କେହି କେହି ସହପାଠୀ ଓ ଶିକ୍ଷକ ମୋତେ ଉପହାସ କଲେ। ଅନ୍ୟମାନେ କହିଲେ ମିଛରେ ଫେଲ ହୋଇ କାହିଁକି ବଦନାମ ମୁଣ୍ଡାଇବ। ଘରକୁ ଚାଲିଯାଅ ଜାନୁଆରୀ ମାସରେ ଆସି ପୁଣି ସେହି କ୍ଲାସରେ ପଢ଼।

ହମିଦ ଖାଁ ବୋଲି (ଖୋର୍ଦ୍ଧା ମାଣିକଗୋଡ଼ା ନିବାସୀ) ଜଣେ ଶିକ୍ଷକ ଥାଆନ୍ତି। ସେ ଦେବପ୍ରକୃତିର ଲୋକ। ସେ ପିଲାଙ୍କୁ ସବୁବେଳେ ଉତ୍ସାହ ଦିଅନ୍ତି। ସେ ମୋ ପିଠି ଆଉଁସି କହିଲେ ବାପା ତୁମ ଦେହ ଭଲ ହୋଇଗଲା। ଆଜି ପରୀକ୍ଷା ଦେବା ଟିକିଏ କଷ୍ଟ ହେବ, ତୁମେ ବୁଦ୍ଧିଆ ଘରର ପିଲା, ତୁମ ବଡ଼ଭାଇ ଅଶୋକ ମୋର ଛାତ୍ର ଥିଲା ସେ ଅଳ୍ପ-ସମୟ ପଢ଼ି ମଧ୍ୟ ଭଲ କରୁଥିଲା। ଅଷ୍ଟମଶ୍ରେଣୀ ପାଠ ବିଶେଷ କଷ୍ଟ ନୁହେଁ ତୁମେ ଲାଗିପଡ଼ିଲେ ପାସ୍ କରିଯିବ।

ସଂସ୍କୃତ ପଣ୍ଡିତେ ମୋତେ ଦେଖିଲାକ୍ଷଣି ନିରୁତ୍ସାହକର ଗୁଡ଼ିଏ ଉପଦେଶ ଦେଲେ। ସଂସ୍କୃତ ପାଠ ବଡ଼ କଷ୍ଟ, ଏତେ ଅଳ୍ପଦିନରେ ପାଶକରି ହେବନାହିଁ ବୋଲି କହିଲେ।

ମୁଁ ଏପଟ ସେପଟ ବହୁତ ଭାବି ଶେଷରେ ପରୀକ୍ଷା ଦେବାକୁ ସ୍ଥିର କଲି, ଦିନରାତ୍ରି ଲାଗି ମାସଟାଏ କଳାଭଳି ଜ୍ଞାନ ଅର୍ଜନରେ ମନଦେଲି।

Digitized by srujanika@gmail.com

ମଧୁ ବଷପୁରେ ଥ୍ରାସ୍ ଟେକ୍ଟିକ ଓଣ ନମ୍ବର ଦେଖି ଉତ୍ତୀର୍ଣ୍ଣ ହେଲି । ଏହାକୁ ଓଣ୍ କଟକରେ ଶିକ୍ଷକମାନେ ମୋତେ ପ୍ରଶଂସା କଲେ, ସେଥିରେ ମୋର ଲାଭ ନଥିଲା କ୍ଷତି ହେଲା । ମୋ ମନ ମୋଟ ଦୋହଲିଗଲା । ମୁଁ ଘରକୁ ଗୁଣ୍ଡି ନଥିଲେ ଦେଶ ଚିନ୍ତାରେ ବେଶୀ ସମୟ କଟାଇଲି ।

**ଟନ୍‌ସିଲ ଅପରେସନ —** ସେତେବେଳେ ଔଷଧମାନେ ଖାଇଲେ ମଧ୍ୟ ରୋଗ ନମଳେ ଶୁଣ୍ଡ ନଥିଲା ଆମ ଗ୍ରାମ ... ରହୁଥିବା ଥିଲା । ସରକାରୀ ଡାକ୍ତର, ମୋର ଟନ୍‌ସିଲ ଅପରେସନ ପାଇଁ ମତ ଦେଲେ ।

ସେତେବେଳେ ନିଶ୍ଚିତ କଥା । ସେତେ ଉନ୍ନତି କରିନଥିଲା, ନିଷ୍ପେକ ବିଶେଷଜ୍ଞ କେହି ନଥିଲେ । ସବୁ ଆସିଷ୍ଟାଣ୍ଟ ସର୍ଜନମାନେ ରୋଗୀକୁ ଅଚେତ କରାଇବା ପାଇଁ ମଝିରେ ତା ମୁହଁରେ କନାମୁହାଁ ପିନ୍ଧାଇ ଦେଇ କ୍ଲୋରୋଫର୍ମ ଢାଳୁଥିଲେ । ତାର ମାତ୍ରା ଟିକିଏ ବେଶୀ ହୋଇଗଲେ ରୋଗୀର ଚେତା ନଫେରି ସେ ଯମପୁରକୁ ଯାଉଥିଲା । ଅବଶ୍ୟ ଏକଥା ସେତେବେଳେ ମୁଁ ଜାଣି ନଥିଲି ।

ମୋ ଟନ୍‌ସିଲ ଅପରେସନ କଥା ଜନାଙ୍କୁ ଲେଖିବାରୁ, ଡାକ୍ତର ଯାହା ପରାମର୍ଶ ଦେଉଛନ୍ତି ତାହାକରି ଦେବାକୁ ସେ ମୋତେ କହିଥିଲେ ।

ମୁଁ ନିଜେ ନିଜେ ଟନ୍‌ସିଲ ଅପରେସନ ପାଇଁ କଟକ ବଡ଼ ଡାକ୍ତରଖାନାକୁ ଗଲି । ସହପାଠୀ କେତେକ ମୋ ନିକଟକୁ ଯିବା-ଆସିବା କରୁଥିଲେ, ନିଜର ବୋଲି କେହି ଲୋକ ମୋ ପାଖରେ ନଥିଲେ ।

ଅପରେସନ ଦିନ ମୋତେ ମିଶାଇ ଷୋହଳଜଣଙ୍କର ଟନ୍‌ସିଲ ଅପରେସନ ହେବାର ଥିଲା । ତିନିଜଣ ଏଣା ହେମ୍ବାଙ୍କ ନଗରର ଅପରେସନ ଟେବୁଲ ଉପରେ ପ୍ରାଣତ୍ୟାଗ କଲେ । ସେମାନଙ୍କ ଭିତରୁ ଜଣେ ମୋ ସହପାଠୀ ଓ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ବୋଧରାମ ଦୁବେଙ୍କ ପୁତ୍ର ଥିଲେ ।

Digitized by srujanika@gmail.com

ମୁଁ ଭାଗ୍ୟକୁ ବା ଦୁର୍ଭାଗ୍ୟକୁ କୌଣସିମତେ ବଞ୍ଚିଗଲି । ଅପରେସନ ପରେ ଦୁଇ ତିନିଦିନ କାଳ ମୋ ପାଟି ଓ ନାକରୁ ମୁଣ୍ଡା ମୁଣ୍ଡା ରକ୍ତ ବାହାରୁଥିଏ । ଜଣେ ଟିଣ୍ଡା ନର୍ସ ମୋର ବହୁତ ଯତ୍ନନେଇ ସେବାକରି ମୋର ଆରୋଗ୍ୟ ହେବାରେ ସାହାଯ୍ୟ କରିଥିଲେ ।

ଟନ୍‌ସିଲ ଅପରେସନ ପରେ ମୋ ସ୍ୱାସ୍ଥ୍ୟର ବିଶେଷ ଉନ୍ନତି ନହେବାରୁ ହସପିଟାଲର ସୁପରିଟେଣ୍ଡେଣ୍ଟ ଗୋପ୍ତ ସିଭିଲସର୍ଜନ ମେଜର ଓନିଲ ମୋତେ ଭଲ ଭାବେ ପରୀକ୍ଷାକରି, ଟନ୍‌ସିଲରୁ ଷ୍ଟ୍ରେପ୍ଟୋ ରହିଯାଇଛି ଓ ଟନସିଲପରି ତାଳୁରେ ଥିବା ଆଡେନଏଡ ଗ୍ରନ୍ଥି ଗୁଡ଼ିକର ଅସ୍ତ୍ରୋପଚାର ହୋଇନାହିଁ ବୋଲି ମତଦେଇ ପୁଣି ସେଗୁଡ଼ିକ ଅପରେସନ ପାଇଁ ନିର୍ଦ୍ଦେଶ ଦେଲେ ।

ମନାଙ୍କର ବୈଜ୍ଞାନିକ ଚିକିତ୍ସା ଉପରେ ଅଟଳ ବିଶ୍ୱାସ । ସେ ମୋତେ ସାହେବଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ ଉପଦେଶ ଦେଇ ଚିଠି ଲେଖିଲେ ।

ସାହେବ ନିଜେ ଅପରେସନ କରିବେ ବୋଲି ଶୁଣି ମୋର ସାହସ ବଢିଲା ମୁଁ ପୁଣି ଏକାକୀ ଡାକ୍ତରଖାନାକୁ ଯାଇ ଅପରେସନ କରାଇଲି । ସେଥିରେ ଯନ୍ତ୍ରଣା ଭୋଗ କଲି ତଥାପି ମୁଁ ପୁଣି ଆଉଥରେ ମରଣ ମୁହଁରୁ ବର୍ତ୍ତିଗଲି । ବାପ, ମା, ଭାଇଭଉଣୀ କେହି ନଥାଇ କଟକରେ ଏପରି ଦୁଇଦୁଇଟା ଅପରେସନ ହୋଇଥିଲା ବୋଲି ହୁଏତ ଏବେ କେହି ଚିନ୍ତା କରିପାରିବେ ନାହିଁ । ପିଲାଙ୍କର ସାମାନ୍ୟ ଦେହ ଖରାପ ହେଲେ ପିତାମାତା କିପରି ବ୍ୟାକୁଳ ହୁଅନ୍ତି ସେ କଥା ଜଣେ ଡାକ୍ତର ଭାବରେ ମୁଁ ନିତି ଦେଖୁଛି ।

**ଛାତ୍ର ରାଜନୀତି**— ଅପରେସନ ପରେ ମୋ ସ୍ୱାସ୍ଥ୍ୟର ସମ୍ୟକ ଉନ୍ନତି ହେଲା । ମୁଁ ପୂରା ରାଜନୀତିରେ ଲାଗିପଡ଼ିଲି ।

ସେ ସମୟରେ ଓଡ଼ିଶା ରାଜନୀତିରେ ବହୁ ପରିବର୍ତ୍ତନ ଘଟିଥିଲା । କଂଗ୍ରେସ ପ୍ରଦେଶରେ ମନ୍ତ୍ରୀମଣ୍ଡଳ ଗଢିଥିଲା ମନ୍ତ୍ରୀମଣ୍ଡଳ ଓ ପ୍ରାଦେଶିକ କଂଗ୍ରେସ କମିଟି ଭିତରେ ମତଭେଦ ଉପୁଜିଥିଲା, ପ୍ରାଦେଶିକ କଂଗ୍ରେସକମିଟି

Digitized by srujanika@gmail.com

ନିର୍ବାଚନ ଲଢ଼ି ସଦସ୍ୟମାନଙ୍କୁ ନିର୍ବାଚିତ କରାଇଥିଲେ ମଧ୍ୟ ମନ୍ତ୍ରୀମାନେ କେନ୍ଦ୍ର ପାର୍ଲିମେଣ୍ଟ ବୋର୍ଡ଼ ନିର୍ଦ୍ଦେଶରେ ପ୍ରାଦେଶିକ କଂଗ୍ରେସ କମିଟିର କଥାକୁ ଗୁରୁତ୍ୱ ନଦେଇ ନିର୍ଦ୍ଦ୍ୱନ୍ଦରେ ଶାସନ ଚଳାଇଲେ। ମହାସଭାରଶୀର୍ଷସ୍ଥ ନିର୍ଦ୍ଦେଶ ଆଗରେ ଓଡ଼ିଶାର ସ୍ୱାର୍ଥକୁ ନ୍ୟୁନକରି ଦେଖିବାକୁ ବାଧ୍ୟ ହେଲେ।

ପ୍ରଦେଶରେ ବହୁପ୍ରକାର ବିଶୃଙ୍ଖଳା ଦେଖାଗଲା। ଛାତ୍ର ଆନ୍ଦୋଳନ, ସାମ୍ୟବାଦୀ ଆନ୍ଦୋଳନ, କୃଷକ ଆନ୍ଦୋଳନ ପ୍ରଭୃତି ମୁଣ୍ଡ ଟେକିଲେ।

ରେଭେନସା କଲେଜ ଏବଂ ସ୍କୁଲରେ ସେତେବେଳେ ଅନେକ-ଗୁଡ଼ିଏ ଦେଶପ୍ରେମୀ ମେଧାବୀ ଛାତ୍ର ପଢ଼ୁଥିଲେ। ସେମାନଙ୍କ ଭିତରେ ଜାତୀୟତାବାଦୀ ସଙ୍ଗଠନ ଗଢ଼ିଉଠିଥିଲା। ଆମେ ଏକାଠି ହୋଇ ଦେଶ ଓ ଜାତିର ଭିନ୍ନ ଭିନ୍ନ ସମସ୍ୟାମାନ ଆଲୋଚନା କଲୁ।

ଛୁଟି ସମୟରେ ବିଭିନ୍ନ ଅଞ୍ଚଳରେ କାମ କରିବା ପାଇଁ ଓ ଓଡ଼ିଶା ଭିତରେ ଆନ୍ଦୋଳନ କରିବାକୁ ଆମେ ବିଭିନ୍ନ ଉତ୍କଳ ଅବକାଶ ବାହିନୀ ବୋଲି ଅନୁଷ୍ଠାନଟିଏ ଗଢ଼ିଲୁ। ଓଡ଼ିଶାର ଅନ୍ୟାନ୍ୟ ସ୍କୁଲକୁ ଯାଇ ତାର ଶାଖାମାନ ଖୋଲିଲୁ। ପରେ ସେ ଅନୁଷ୍ଠାନ ପକ୍ଷରୁ ବାହିନୀ ନାମକ ପତ୍ରିକାଟିଏ ବାହାରୁଥିଲା।

ସାହିତ୍ୟ ଓ ରାଜନୀତି ଆଲୋଚନା ପାଇଁ ସ୍କୁଲ କଲେଜ ପିଲା ସବୁ ମିଶି ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଗ୍ୟାରେଜ ଘରେ ପ୍ରତ୍ୟେକ ଶନିବାର ଦିନ ଆମର ଆଲୋଚନା ସଭା ବସେ। ସେଥିକୁ ଜଣେ ଜଣେ ବରିଷ୍ଠ ସାହିତ୍ୟିକ ଓ ରାଜନୈତିକ ନେତାଙ୍କୁ ନିମନ୍ତ୍ରଣ କରି ଆମେ ତାଙ୍କର ବକ୍ତୃତା ଶୁଣୁ। ସରକାରଙ୍କ ଦ୍ୱାରା ବାଜ୍ୟାପ୍ତି ହୋଇଥିବା ବିପ୍ଳବାତ୍ମକ ବହି ଓ ଲେଖାସବୁ ଆଣି ଏଠି ସେଠି ଏପରିକି ଖାନନଗର ମଶାଣୀରେ ଲୁଚାଇ କରି ପଢ଼ୁ।

ଘରପୋଡ଼ି ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାହାଯ୍ୟ କରିବାକୁ ଯାଉ। ରୋଗୀସେବା, ନିରାଶ୍ରୟ ଲୋକଙ୍କ ଶବ-କାନ୍ଧେଇକରି ନେଇ ସତ୍କାର କରିବା କାର୍ଯ୍ୟ ମଧ୍ୟ କରୁ।

Digitized by srujanika@gmail.com

ସେତେବେଳେ କଟକରେ ଝଲମଲ୍ ବୋଲି ଅନ୍ନପୂର୍ଣ୍ଣା ଥିଏଟର ନିକଟରେ ଗୋଟିଏ ମାତ୍ର ସିନେମା ଘର ଥିଲା । କ୍ୟାପିଟାଲ ସିନେମା ପରେ ଖୋଲିଥିଲା । 'ବୁଢ଼େନିଆ' ବୋଲି ଗୋଟିଏ ଭ୍ରାମ୍ୟମାଣ ସିନେମା ମଝିରେ ମଝିରେ କଟକ ଆସି ଏବଂ ଜନତା ମେଳଣ୍ଡ ହାଟରେ ଖେଳ ଦେଖାଉଥିଲା ।

ଝଲମଲ ଓ କ୍ୟାପିଟାଲ ସିନେମାକୁ ଜନକଜନନୀ ବୋଲି ଗୋଟିଏ ଖେଳ ଆସିଥିଲା । ସେଥିରେ ଓଡ଼ିଆମାନଙ୍କ ପ୍ରତି ଅତି ଅଶ୍ରଦ୍ଧା ଦେଖାଇ ଜଣେ ବଙ୍ଗାଳି କଲିକତା ରାସ୍ତାରେ ଜଣେ ଓଡ଼ିଆ କଣ୍ଟି ଗୋଟିଏ ଓଡ଼ିଆ ଝୁଲଣାକୁ ବୋହାଉଥିବା ଓ ଝୁଲଣାଟି ଦେଖି ଦେଇ କଟକ ସହର ବୋଲି ବିଜ୍ଞାପନ କରୁଥିବାର ଦୃଶ୍ୟ ଦେଖାଯାଉଥିଲା ।

ଏ କଥା ଶୁଣି ସେଭଳି ଖେଳ ବନ୍ଦ କରିବାକୁ ସିନେମା ବାଲାକୁ ଆମେ ଅନୁରୋଧ କଲୁ, ସେଥିପାଇଁ କ୍ୟାପିଟାଲ ମ୍ୟାନେଜର ସେ ଖେଳ ଦେଖାଇବା ବନ୍ଦ କରିଦେଲେ, କିନ୍ତୁ ଝଲମଲ ବନ୍ଦ ନକରି, ଆମେ ଗୋଳମାଳ କଲେ ଆମକୁ ମରାମରି କରି ଘଉଡ଼େଇବା ପାଇଁ ଭଡ଼ାଟିଆ ଗୁଣ୍ଡା ଠିକ୍ କରି ରଖିଥିଲେ ।

ଆମେ ବହୁସଂଖ୍ୟାରେ ସ୍କୁଲ ଓ କଲେଜ ପିଲା, ଟିକଟ କରି ଝଲମଲରେ ଯାଇ ସିନେମା ହଲରେ ବସିଲୁ । ଆମ ଟିକେଟବକ୍ସ ଭଙ୍ଗାରୁଜା ଓ ଟୋକେଇ ଭର୍ତ୍ତି ଥିଲା । ସେ ଦୃଶ୍ୟ ଆସିଲାବେଳକୁ 'ଅପମାନ', 'ଅପମାନ' କହି ଆମେ ସମସ୍ତେ ଉପରକୁ ଟେକି ପୋଷାକକୁ ସିଟି ବଜାଇଲୁ । ସିନେମା ମେସିନକୁ ଟେକାପକାଇ ମେସିନଟି ମଧ୍ୟ ଭାଙ୍ଗିଦେଲୁ । ସିନେମା ଦେଖିବା ବନ୍ଦ ହୋଇଗଲା । ସେ ଗୋଳମାଳ ଭିତରେ ଆମେ ସବୁ ଫେରି କରି କିଏ କୁଆଡ଼େ ଚାଲିଗଲୁ । ସିନେମା ଗୁଣ୍ଡାମାନେ ଦର୍ଶକମାନଙ୍କ ଭିତରୁ ଆମକୁ ବାଛି ପାରିଲେ ନାହିଁ । ଜଣେ ଦୁଇଜଣ ନିରୀହ ଲୋକ ଗୁଣ୍ଡାମାନଙ୍କ ହାତରେ ପଡ଼ି ଅଧମରା ହୋଇଥିଲେ ।

Digitized by srujanika@gmail.com

ଏ ଘଟଣା ପରେ ଓଡ଼ିଆ ଜାତୀୟତା ପ୍ରତି ଆକୃଷ୍ଟ ହୋଇ ବହୁସ୍ଥାନ ଆମ ଅବକାଶ ବାହ୍ନମା ଆନ୍ଦୋଳନରେ ଯୋଗଦେଇଥିଲେ । ଆମଭିତରୁ ଜଗତକୃଷ୍ଣ ଦାସ ପ୍ରଭୃତି ସିଂହଭୂମି ଯାଇ ସେଠାରେ ଓଡ଼ିଆ ସ୍କୁଲ ଖୋଲି ଓଡ଼ିଆଭାଷାର ପ୍ରଚାର କରିଥିଲେ ।

ଏ ସବୁରେ ମାତି ଆମର କ୍ଲାସ ପଢ଼ା ଉଚ୍ଛେଇ ଯାଉଥିବାରୁ, ପରୀକ୍ଷାରେ ଭଲ ସ୍ଥାନ ରଖିବା ପାଇଁ, ପରୀକ୍ଷାର ଅଳ୍ପଦିନ ପୂର୍ବରୁ ଆମକୁ ମନପ୍ରାଣ ଦେଇ ପାଠ ପଢ଼ିବାରେ ଲାଗିବାକୁ ପଡ଼େ ।

ଅନ୍ୟ ସାଧାରଣ ପିଲାଙ୍କ ଉପରେ ଆମର ବ୍ୟକ୍ତିତ୍ୱର ପ୍ରଭାବ ପଡୁଥିବାରୁ ସେମାନେ ଆମର ଜ୍ଞାନ, ଦେଶପ୍ରେମ ଓ ଚରିତ୍ରବଳକୁ ସମ୍ମାନ ଦେଖାନ୍ତି । ଏପରିକି କୌଣସି ପିଲା ବିଡ଼ି କି ସିଗାରେଟ ଖାଉଥିଲାବେଳେ ଆମର ସାମନା ସାମନି ହୋଇଗଲେ ସେ ସବୁ ଲୁଚାଇ ଫିଙ୍ଗି ଦିଅନ୍ତି ।

ତେଣୁ ପାଠରେ ତଳକୁ ପଡ଼ିଗଲେ ଆମର ସମ୍ମାନ କମିଯିବା ଓ କାର୍ଯ୍ୟରେ ବାଧା ପଡ଼ିବା ଆଶଙ୍କାରେ ଆମକୁ ପରୀକ୍ଷା ପାଇଁ ଭଲ ଭାବରେ ପ୍ରସ୍ତୁତ ହେବାକୁ ପଡ଼େ ।

ଆମର ସେ କଲେଜିଏଟ ସ୍କୁଲ ପିଲାମାନଙ୍କ ଭିତରୁ ଏବେ ଅନେକେ ସୁନାମ ଧନ୍ୟ ଓ ଓଡ଼ିଶାରେ ସୁପରିଚିତ । ଶ୍ରୀ ପ୍ରସନ୍ନ କଣୋଇ ଦାସ, ଶ୍ରୀ ବାଙ୍କ ବିହାରୀ ଦାସ (ପୂର୍ବତନ ମନ୍ତ୍ରୀ) ଶ୍ରୀ ଗଙ୍ଗାଧର ରଥ (ପୂର୍ବତନ ଆଡ଼ଭୋକେଟ ଜେନେରାଲ) ସତ୍ୟବାଦୀ ମିଶ୍ର (ଅଧ୍ୟାପକ ଓ ଅଧ୍ୟକ୍ଷ) ଚିନ୍ତାମଣି ପାଣିଗ୍ରାହୀ (ବରିଷ୍ଠ ବ୍ୟବସ୍ଥାପକ) ଜଗତକୃଷ୍ଣ ଦାସ (ନୀରବ ସମାଜସେବୀ) ଶ୍ରୀ ଶୈଳେନ ମହାପାତ୍ର ଓ ଶ୍ରୀ ନିଶାମଣି-ଖୁଣ୍ଟିଆ ପ୍ରଭୃତି ରାଜନୈତିକ ନେତା ଭାବରେ ସମସ୍ତଙ୍କର ଜଣାଶୁଣା ।

ଆଗରୁ କହିଛି ଆମେ ଦେଶ କାର୍ଯ୍ୟରେ ଲିପ୍ତ ରହିଲେ ମଧ୍ୟ ଆମର ସ୍କୁଲ ପାଠ ପ୍ରତି ଦୃଷ୍ଟି ଥିବାରୁ ଆମ ଭିତରୁ ପ୍ରସନ୍ନ ବାବୁ ଓ ଗଙ୍ଗାଧର ପ୍ରଭୃତି ପାଟଣା ବିଶ୍ୱବିଦ୍ୟାଳୟ ମାଟ୍ରିକ୍ ପରୀକ୍ଷାରେ ଉଚ୍ଚ ସ୍ଥାନ ଅଧିକାର କରିପାରିଥିଲେ ।

Digitized by srujanika@gmail.com

**ନନାଙ୍କ ଚିଠି**—ତାଙ୍କର ଦରକାର ପଢ଼ିଲେ, କିନ୍ତୁ କାମ ବଗାଡ଼ କରି ମୋତେ ନନା ଚିଠି ଲେଖନ୍ତି । ମୁଁ ମୋ ପରୀକ୍ଷାପାଇଁ ବ୍ୟସ୍ତ ଥିଲା-ବେଳେ ଦିଲ୍ଲୀରୁ ତାଙ୍କର ସେପରି ଖଣ୍ଡିଏ ଚିଠିପାଇ ପରୀକ୍ଷା ଯୋଗୁ ମୋର ବେଳ ନଥିବାରୁ ମୋର ସେ ବଗାଡ଼ କାର୍ଯ୍ୟ କରିବା ସମ୍ଭବ ନୁହେଁ ବୋଲି ଉତ୍ତର ଦେଇଥିଲି । ତା' ପରେ ସେ ମୋ ନିକଟକୁ ଯେଉଁ ପତ୍ର ପଠାଇଥିଲେ ତାର ନକଲ ତଳେ ଦେଲି ।

ଜଗନ୍ନାଥେ ଭଲ କରନ୍ତୁ

ଦିଲ୍ଲୀ
ତା୨୭।୧୧।୫୮

ବାପା ନନ୍ଦନ,

ପରୀକ୍ଷା କେବେ ହେବ ଲେଖିବୁ । ପରୀକ୍ଷାରେ କିପରି କଲୁ ବୋଲି ତୋର ଧାରଣା ? କିନ୍ତୁ ହେଲି ନ ହେଲିରେ ବେଶୀ ଚିନ୍ତିତ ହେବୁ ନାହିଁ । ମନୁଷ୍ୟ କର୍ମ କରିବ, ମାତ୍ର କର୍ମର ଫଳ ମନୁଷ୍ୟ ହାତେ ନାହିଁ । ଏଇ ଭାବରେ ସବୁ କାର୍ଯ୍ୟରେ ଲାଗିବା ହିଁ ମନୁଷ୍ୟତା । ତା ନ ହେଲେ ଚିନ୍ତା ଚଞ୍ଚଳ ହୋଇ ମନୁଷ୍ୟତା ଭ୍ରଷ୍ଟ ହୁଏ । ପୂର୍ବେ ଯୋଗୀ-ମାନେ ସର୍ବଦା ଏଇ ସାଧନା କରୁଥିଲେ । ପ୍ରତ୍ୟେକ ମନୁଷ୍ୟ ସଂସାର କର୍ମ ଜଞ୍ଜାଳ ଭିତରେ ସର୍ବଦା କର୍ମତତ୍ପର ହୋଇ ଏଇପରି ଯୋଗୀ ହେବା ଉଚିତ । ଦେହପ୍ରତି ଦୃଷ୍ଟି ରଖୁଥିବୁ ।

ଶୁଭାକାଙ୍କ୍ଷୀ
ନୀଳକଣ୍ଠ ଦାସ

ଏ ଚିଠିଟି ଜଣେ ପିତାଙ୍କର ପୁତ୍ର ପାଖକୁ ନା ଜଣେ ଗୁରୁଙ୍କର ଛାତ୍ର ପାଖକୁ ତାହା ପାଠକେ ଅନୁମାନ କରିବେ । ସାଧାରଣତଃ ବାପ, ମା, ପିଲାଙ୍କ ପରୀକ୍ଷା ସମ୍ପର୍କରେ ଉଦ୍‌ବିଗ୍ନ ହୋଇ ଉଠନ୍ତି ପିଲା ପରୀକ୍ଷାରେ ଭଲ ନ କଲେ ସର୍ବନାଶ ହେବାପରି ମନେ କରି ପିଲାମାନଙ୍କୁ ମାଡ଼ ଗାଳି ଦିଅନ୍ତି ।

ତାହାଦ୍ୱାରା ଅନେକ ସମୟରେ କୋମଳମତି ପିଲାଙ୍କ ମନରେ ନୈରାଶ୍ୟ ଭାବ ଜାଗ୍ରତ ହୋଇ ଫଳ ଓଲଟା ହୁଏ । ଏଥିରେ କେହି କେହି

Digitized by srujanika@gmail.com

ପିଲା ବାପ ମା'ଙ୍କର ଉପରରେ ଆତ୍ମହତ୍ୟା କରିବାକୁ ମଧ୍ୟ ପ୍ରସ୍ତୁତ ନାହିଁ ।

କିନ୍ତୁ ନନାଙ୍କର ଉପରୋକ୍ତ ଚିଠିରେ ଉଦ୍‌ବିଗ୍ନତା ନାହିଁ । ଭଲ ନ କଲେ ଶାସ୍ତିର ଧମକ ନାହିଁ । ଉତ୍ସାହ କେବଳ କର୍ମର ଚେତନା । ଏ ଚିଠି କେବଳ ପୁଅ ପାଇଁ ନୁହେଁ । ଦେଶର ଜଣେ ବାଳକକୁ ଉପଯୁକ୍ତ କର୍ମପଥରେ ଗତି କରିବାର ନିର୍ଦ୍ଦେଶ । ତାଙ୍କର ଆଖିରେ ପୁଅ ଓ ଦେଶର ଅନ୍ୟ ଜଣେ ବାଳକ ଭିତରେ କୌଣସି ତଫାତ୍ ନଥିଲା । ସମସ୍ତ ଯୁବସମ୍ପ୍ରଦାୟକୁ କର୍ମ ମନ୍ତ୍ରରେ ଦୀକ୍ଷିତ କରିବାର ଅଭିପ୍ରାୟ ତାଙ୍କର ଥିଲା ।

୧୦ମ ଶ୍ରେଣୀର ବାଳକ ଭାବରେ ହୁଏତ ସେ ଚିଠିର ସମ୍ପୂର୍ଣ୍ଣ ମୂଲ୍ୟ ମୋର ବୋଧଗମ୍ୟ ହୋଇଥିଲା କି ନାହିଁ, ମୁଁ ଏବେ କହି ପାରିବି ନାହିଁ କିନ୍ତୁ ସେଇଦିନଠାରୁ ସ୍କୁଲ କଲେଜ ପଢ଼ା ପାଠକୁ ମୁଁ ଆଉ ଗୋଟାଏ ବଡ ବୋଝ ବୋଲି ମନେକରି ନାହିଁ ।

ପରେ ବିଦେଶରେ ବିଶେଷତଃ ଆମେରିକା ପରି ସ୍ୱାଧୀନ ଦେଶରେ ମୁଁ ଯାହା ଦେଖିଲି ସେଥିରେ ମୋର ସେ ଚିଠି କଥା ମନେପଡ଼ିଲା । ସେଠାରେ ପାଠପଢ଼ାରେ ବାଧ୍ୟବାଧକତା ନାହିଁ । ମାତ୍ର ମକଚ ପାଶ-ଟାଏ କରିବାକୁ ପିଲାମାନେ ଜୀବନର ସର୍ବସ୍ୱ ବୋଲି ଭାବନ୍ତି ନାହିଁ । ଅବିଚ୍ଛିନ୍ନ ଭାବରେ ପାଠ ପଢିବା ସବୁବେଳେ ସେଠାରେ ସମ୍ଭବ ନୁହେଁ । ଷୋହଳ ବର୍ଷ ପରେ ଯେକୌଣସି ପିଲାକୁ ନିଜ ଗୋଡ଼ରେ ଠିଆ ହୋଇ ମଣିଷ ହେବାକୁ ହୁଏ । ପାଠପଢ଼ା ବା ଅନ୍ୟ ଖର୍ଚ୍ଚ ପାଇଁ ପିତା-ମାତାମାନେ ସାହାଯ୍ୟ କରନ୍ତି ନାହିଁ ।

ଅଧିକାଂଶ ପିଲା ନିଜେ ରୋଜଗାର କରି କିଛି ପଇସା ସଞ୍ଚୟ କଲାପରେ, ସେଥିରେ ବର୍ଷେ ଅଧେ କି ଯେତିକି ପଢ଼ି ହେବ ସେତିକି ପଢ଼ି ପୁଣି ରୋଜଗାରରେ ଲାଗନ୍ତି । ଏପରି ଥାକ ଥାକ କରି ପଢ଼ି ସେମାନେ ବହୁଦିନରେ ଡିଗ୍ରୀଟାଏ ହାସଲ କରନ୍ତି ।

ମୁଁ ଶୁଣିଛି ନନା ସତ୍ୟବାଦୀ ସ୍କୁଲର ଅଧ୍ୟକ୍ଷ ଥିବାବେଳେ, ଗରିବ ଛାତ୍ରମାନଙ୍କୁ ଦିନରେ କାମ କରିବାକୁ ସୁବିଧା ଦିଆହୁଏ । ସେମାନେ ନାନା ବ୍ୟବସାୟାତ୍ମକ ବିଦ୍ୟା ଶିଖନ୍ତି । କିଏ ସୂତ କାମ

Digitized by srujanika@gmail.com

କରେ, କଏ ବାଗିଚ କାମକରେ, କଏ ଧୋବା କାମକରେ, କଏ ବା ବଢ଼େଇ କାମ କରେ । ସେ କାମରୁ ମଜୁରି ପାଇ, ଦରମା ଦେଇ ସେମାନେ ବଡ ସ୍କୁଲରେ ପାଠ ପଢ଼ନ୍ତି । ଏଭଳି ଭାବରେ ପିଲମାନଙ୍କୁ ଆତ୍ମନିର୍ଭରଶୀଳତା ଶିକ୍ଷା ଦିଆଯାଉଥିଲା । ସେମାନେ ବାପମାଆଙ୍କର ଗଳଗ୍ରହ ହେଉନଥିଲେ ।

ତଥାପି ଜାତି ବର୍ଣ୍ଣ ନିର୍ବିଶେଷରେ ଏପରିକି ଉଚ୍ଚ ଜାତିର ପିଲଙ୍କୁ ଏହିପରି କାମ କରାଇବା ଦ୍ୱାରା ଓ ସମସ୍ତଙ୍କୁ ଏକାଭଳି ଦେଖି ଏକ ସ୍ଥାନରେ ଏକାବେଳକେ ବସାଇ ଖୁଆଇବା ଦ୍ୱାରା ରକ୍ଷଣଶୀଳ ସମାଜ କର୍ତ୍ତାମାନେ, ସେ ଜାତି କୁଳ ଧର୍ମ ନଷ୍ଟ କରୁଛନ୍ତି ବୋଲି ପ୍ରଚାର କରି ତାଙ୍କର ଘୋର ବିରୋଧ କରିଥିଲେ ।

ସେ ସବୁ ସତ୍ତ୍ୱେ ନନା ବୁଝିଥିଲେ ନିଜ ଗୋଡ ଉପରେ ଠିଆ ହୋଇ ନିଜ ଅର୍ଜନରେ ବିଦ୍ୟା ଆହରଣ ଦ୍ୱାରା ଯେ ଆତ୍ମୋନ୍ନତି ହୁଏ ଓ ତାଦ୍ୱାରା କର୍ମ ପ୍ରତି ଓ ବିଦ୍ୟା ଆହରଣ ପ୍ରତି ଯେପରି ଅନୁରକ୍ତି ବଢ଼େ, ଅଭିଭାବକଙ୍କ ଟଙ୍କାରେ; ମାଗି ଯାଚି ପର ଟଙ୍କାରେ ବା ଅଭିଭାବକଙ୍କ କଠୋର ଶାସନରେ ତାହା ହୁଏ ନାହିଁ ।

ସତ୍ୟବାଦୀ ବିହାର ବା ଗୁରୁକୁଳ ସ୍କୁଲମାନଙ୍କ ଭିତରୁ ଓଡ଼ିଶାର ବହୁ ସୁପରିଚିତ ମନସ୍ୱୀ ବାହାରିଛନ୍ତି । ସେଠାରେ ବିଦ୍ୟାର୍ଥୀମାନେ ଅନ୍ୟ ସ୍କୁଲର ଛାତ୍ରମାନଙ୍କଠାରୁ ଆପେ ଆପେ ବାଛିହୋଇ ଯାଉଥିଲେ ତେଣୁ ସେ ଅନୁଷ୍ଠାନକୁ ମଣିଷଗଢ଼ା ଅନୁଷ୍ଠାନ ବୋଲି ଆଖ୍ୟା ଦିଆ-ଯାଇଥିଲା ।

ମୁଁ ସେ ସତ୍ୟବାଦୀ ବିଦ୍ୟାଳୟ ଦେଖିନାହିଁ । ମହାତ୍ମାଗାନ୍ଧିଙ୍କ ପ୍ରରୋଚନାରେ ଓ ଗୋପବନ୍ଧୁଙ୍କର ନିର୍ଦ୍ଦେଶରେ ସେ ଅନୁଷ୍ଠାନ ଜାତୀୟ ସ୍କୁଲରେ ପରିଣତ ହୋଇ ସ୍ୱାଧୀନତା ସଙ୍ଗ୍ରାମରେ ସମ୍ପୂର୍ଣ୍ଣ ରୂପେ ଝାସଦେଇ ଲୀନ ହୋଇଯିବା ପରେ ମୋର ଜନ୍ମ । ତେଣୁ ମୁଁ କେବଳ ଲୋକମୁଖରୁ ଶୁଣିଛି, ସେଠାରେ ପିଲମାନେ ଆତ୍ମନିର୍ଭରଶୀଳ, ନିଷ୍ଠାପର, ନିର୍ଭୀକ ସ୍ୱାଧୀନଚେତା ମାନବ ହେବାପାଇଁ ଶିକ୍ଷା ପାଉଥିଲେ ।

Digitized by srujanika@gmail.com

ମୁଁ କଲେଜିଏଟ ସ୍କୁଲ ଦଶମ ଶ୍ରେଣୀରେ ପଢ଼ିଲାବେଳେ ୧୯୩୮ ଶେଷ ବେଳକୁ ଶାସନ ବିଶୃଙ୍ଖଳାରୁ ଛାତ୍ରଆନ୍ଦୋଳନ ମୁଣ୍ଡ ଟେକିଲା ।

ବଡ଼ ବଡ଼ ଉଗ୍ରପନ୍ଥୀ ନେତାମାନେ ଆସି ଛାତ୍ର ଜନତାକୁ ଉଦ୍‌ବୋଧନ ଦେଇ ଉଦ୍‌ବୁଦ୍ଧ କଲେ । ସେ ସବୁ ସଭାରେ ଯୋଗଦେବା ପାଇଁ ସରକାରୀ ସ୍କୁଲ ପିଲାଙ୍କୁ ବାରଣ ଥିଲା । ଆମେ ସେ ମନା ନମାନି ସେପରି ସଭା ସମିତିରେ ଯୋଗଦେଇ ଆମ ସରକାରୀ ସ୍କୁଲର କର୍ମକର୍ତ୍ତା ମାନଙ୍କୁ ଅସୁବିଧାରେ ପକାଉଥିଲୁ ।

**ସୁକାନ୍ତବାବୁ**— ଆମ ସ୍କୁଲର ତତ୍‌କାଳୀନ ସ୍ୱାଧୀନଚେତା ପ୍ରଧାନ-ଶିକ୍ଷକ ଭକ୍ତକବି ମଧୁସୂଦନ ରାଓଙ୍କ ପୁତ୍ର, ଛାତ୍ରବତ୍ସଳ ସୁକାନ୍ତ ରାଓ ଆମକୁ ଅତ୍ୟନ୍ତ ସ୍ନେହ ଚକ୍ଷୁରେ ଦେଖୁଥିଲେ । ବୃତ୍ତିଗତ ଓ କର୍ତ୍ତବ୍ୟ ଦୃଷ୍ଟିରୁ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ସବୁ ଅଭିଭାବକମାନଙ୍କ ନିକଟକୁ ଚିଠି ଲେଖି ସେମାନେ ସେମାନଙ୍କ ପିଲାମାନଙ୍କୁ ସମସ୍ତ ସଭାସମିତି ଓ ଆନ୍ଦୋଳନରୁ ଦୂରେଇ ରଖିବାପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ ।

ସେତେବେଳେ ରେଭେନ୍‌ସା କଲେଜିଏଟ୍ ସ୍କୁଲ ଓଡ଼ିଶାର ଗୋଟିଏ ପ୍ରଧାନ ଆଦର୍ଶ ସ୍କୁଲ ଥିଲା । ସେଥିରେ ବଛା, ବଛା ଉଚ୍ଚମନା ଭଲଭଲ ଶିକ୍ଷକଙ୍କୁ ଆଣି ରଖାଯାଉଥିଲା ।

ସୁକାନ୍ତବାବୁ ଜଣେ ଭାବପ୍ରବଣ ଲୋକ ଥିଲେ । କ୍ଲାସରେ ସୀତାଙ୍କର ବନବାସ ଭଳି ବିଷୟ ପଢ଼ାଇଲାବେଳେ ଭେଁ ଭେଁ କାନ୍ଦି ପକାଉଥିଲେ । ଗ୍ରୀଷ୍ମ ଛୁଟିରେ କାଠଯୋଡ଼ି ନଦୀ ଆରପଟେ ଗୁଡ଼ିଏ ଗ୍ରାମ ନିଆଁ ଲାଗି ପୂରା ଭସ୍ମୀଭୂତ ହୋଇଯାଇଥିବାରୁ ଆମେ କେତେକ ପିଲା ଖରାରେ କଟକ ସହରରେ ବୁଲି ବୁଲି ସେ ଲୋକଙ୍କର ରହିବାର ବ୍ୟବସ୍ଥା କରାଇବାପାଇଁ ଚାନ୍ଦା ସଂଗ୍ରହ କରୁଥିଲୁ ।

ଆମ ଦେହ କଳାକାଠ ପଡ଼ୁଥିଲା । ଦେହରୁ ଗମ୍‌ଗମ୍ ଝାଳ ବୋହୁଥିଲା । ସୁକାନ୍ତବାବୁ ଗୋଟିଏ ଘୋଡ଼ାଗାଡ଼ିରେ କେଉଁଠାରୁ ଘରକୁ ଫେରିଲାବେଳେ ଆମକୁ ଦେଖି ପକାଇଲେ । ସେ ଗାଡ଼ିଟି ରଖି

Digitized by srujanika@gmail.com

ସେଠାରେ ଓ୍ୱାଲିପଡ଼ ଆମ ମୁହଁକୁ ଚାହିଁଲେ । ସଙ୍ଗେ ସଙ୍ଗେ ଆମ ପିଠି ଆଉଁସି ପକାଇଲେ ତାଙ୍କ ଆଖିରୁ ଦୁଇଧାର ଲୁହ ତଳକୁ ଗଡ଼ି-ପଡ଼ିଲା । ତାଙ୍କ ମନିବ୍ୟାଗଟି ଖୋଲି ସେଥିରେ ଥିବା ସମସ୍ତ ପଇସା ଆମ ହାତରେ ଧରାଇ ଆମକୁ କହିଲେ ଯାଅ ବୋର୍ଡ଼ିଂକୁ ଯାଇ ଖିଆ ପିଆ କରି ବିଶ୍ରାମ ନିଅ ।

ପରେ ସରକାରୀ ପକ୍ଷରୁ ଆମର କୁତ୍ସାରଟନା କରି କେହି ଆମକୁ ଦାୟିତ୍ୱହୀନ ଗଣ୍ଡଗୋଳକାରୀ ବୋଲି ସମ୍ବାଦପତ୍ରରେ ଲେଖିଥିବାରୁ, ସେ ଆମର ଏହି ଘଟଣାଟି ଲେଖି ଆମର କାର୍ଯ୍ୟକୁ ସମର୍ଥନ କରି ନିର୍ଭୀକଭାବରେ ସେ ଖବର କାଗଜରେ ପ୍ରତିବାଦ ପ୍ରକାଶ କରିଥିଲେ ।

ନନା ଆଗରୁ କେବେ ସ୍କୁଲ କଥା ପଚାରିବା ବେଳେ ମୁଁ ତାଙ୍କ ଆଗରେ ସୁକାନ୍ତବାବୁଙ୍କର ପ୍ରଶଂସା କରିଥିଲି ।

ନନା ସିମିଳାରେ ଥିବାବେଳେ ହେଡମାଷ୍ଟରଙ୍କର ଦୁଇଟି ଲେଖା ଚିଠି ପାଇଲେ ସେତେବେଳେ ତାଙ୍କ ଦେହ ଭଲ ନଥିଲା । ସେ ପତ୍ରସବୁ ପାଇବା ସଙ୍ଗେ ସଙ୍ଗେ ସେ ମୋତେ ଲେଖିଲେ—

ଆୟୁଷ୍ମାନ୍ ବଚନ

ମୋ ଦେହ ଟିକିଏ ଭଲ ହେଲାଣି ।
ତମ ହେଡମାଷ୍ଟର ମହାଶୟ ମତେ ଦୁଇଖଣ୍ଡି ଚିଠି ଲେଖିଛନ୍ତି । ଚିଠିରୁ ଜଣାଯାଉଛି, ସେଇପରି ଚିଠି ସେ ମଧ୍ୟ ଅନ୍ୟାନ୍ୟ ଅଭିଭାବକଙ୍କୁ ଲେଖିଛନ୍ତି । ବୋଧହେଉଛି ପିଲଙ୍କୁ ସମ୍ଭାଳିବା ବିଷୟ ଘେନି ସେ ଟିକିଏ ହଇରାଣରେ ପଡ଼ିଯାଉଛନ୍ତି । ପିଲଙ୍କର ଶିକ୍ଷକଙ୍କୁ ଏପରି ହଇରାଣରେ ପକାଇବା ଉଚିତ କି ? ବିଶେଷରେ ତୋଠୁଁ ମୁଁ ଏହା ଆଶା କରେ ନାହିଁ । ସ୍କୁଲରେ ବା ଶିକ୍ଷକମାନଙ୍କ କାର୍ଯ୍ୟରେ କୌଣସି ସୁବିଧା ଅସୁବିଧା ହେଲେ ତୁ ମୋତେ କହିବୁ ବୋଲି ମୋର ବିଶ୍ୱାସ । ତୁ ତ ହେଡମାଷ୍ଟର ମହାଶୟଙ୍କ ସଂବଧରେ ବଡ ଭଲ ମତ ଦେଉଥିଲୁ, ଏବେ କଅଣ ହେଲା କି ?

Digitized by srujanika@gmail.com

ପ୍ରଥମ ଚିଠିରେ ହେଡ଼ମାଷ୍ଟର ଲେଖିଛନ୍ତି, ତୁ ମଧ୍ୟେ ମଧ୍ୟେ ସିନେମା ଥିଏଟରକୁ ଯିବାକୁ ଅନୁମତି ମାଗୁଛୁ । ତତେ ସେପରି ଜାଗା-ମାନଙ୍କୁ ସେପରି ଜିନିଷସବୁ ଦେଖିବାକୁ ଯିବା ମୋର ମତ କି ନୁହେଁ, ଏହା ସେ ପଚାରିଛନ୍ତି । ଯଦି ଯିବା ମୋର ମତ, ତେବେ ମାସକେ କେତେଥର ଯିବାକୁ ହେବ । ଏ ପତ୍ରର କଅଣ ଉତ୍ତର ଦେବି ମତେ ଶୀଘ୍ର ଲେଖିବୁ ।

ଦ୍ୱିତୀୟ ଚିଠିରେ ହେଡ଼ମାଷ୍ଟର ମହାଶୟ ଲେଖିଛନ୍ତି କଟକ ଡାକ୍ତରସ୍କୁଲ ପିଲାମାନେ Strike କରିଥିଲେ । ସେଇ Strike ରେ ସେଇ ପିଲାଙ୍କ ପ୍ରତି ଅନୁକମ୍ପା ଦେଖାଇବା ପାଇଁ ଗଲା ତା୧୭।୮।୩୮ରେ ସଭା ହୋଇଥିଲା । ସେହି ସଭାରେ ଯୋଗଦେବା ପାଇଁ ତୁମ ବୋର୍ଡିଂର ଛାତ୍ରମାନେ ଅନୁମତି ଲୋଡ଼ିଥିଲେ । ପିଲାଙ୍କ ପଢ଼ାପଢ଼ିରେ ବ୍ୟାଘାତ ହେବ ଜାଣି ସେ ଅନୁମତି ଦେଲେ ନାହିଁ । ସେପରି ସଭା ମାନଙ୍କରେ ତତେ ଅନୁମତିଦେବା ମୋର ମତ କି ନା, ଏହା ସେ ମୋତେ ପଚାରିଛନ୍ତି, ଏଥିରେ ମଧ୍ୟ ତୋର କଅଣ ମତ ମତେ ଲେଖିବୁ ।

ଏ ମଧ୍ୟରେ ଏ ପତ୍ର ପାଇ ହେଡ଼ମାଷ୍ଟରଙ୍କ ପାଖକୁ ଯିବୁ । ଏସବୁ ବିଷୟରେ ଯାହା ତୋ ମନରେ ହେବ, ଭଦ୍ର ଓ ବିନୀତ ଭାବରେ ସବୁ ତାଙ୍କ ସଙ୍ଗେ ପରାମର୍ଶ କରିବୁ । ସେ ଭଲକଥା କହିବେ । ତୋ ସଙ୍ଗେ ବିଚାରକରି ତୋର ଯାହା ଭଲ ତା ପରାମର୍ଶ ଦେବେ ।

ତୁ ମୋ ପକ୍ଷପାଇ ହେଡ଼ମାଷ୍ଟରଙ୍କ ସଙ୍ଗେ ଦେଖାକରିବାକୁ ତତେ ମୁଁ ଲେଖୁଚି ବୋଲି ହେଡ଼ମାଷ୍ଟର ମହାଶୟଙ୍କୁ ମଧ୍ୟ ଲେଖିଦେଇଛି ।

× × ×

ଆଶାକରେ ଦେହମୁଣ୍ଡ ଭଲଅଛୁ ।

ଶୁଭକାଂକ୍ଷୀ
ନୀଳକଣ୍ଠ ଦାସ

ସେ ହେଡ଼ମାଷ୍ଟର ସୁକାନ୍ତବାବୁଙ୍କୁ କଅଣ ଲେଖିଥିଲେ ମୁଁ ଜାଣେ ନାହିଁ । କିନ୍ତୁ ଛାତ୍ର ଓ ଶିକ୍ଷକ ଭିତରେ କିପରି ସମ୍ପର୍କ ରହିବା

Digitized by srujanika@gmail.com

ଉଚିତ, ମୋ ପାଖକୁ ଲେଖା ଚିଠିରେ ସୂଚିତ ହୋଇଥିଲେ । ହେଡ଼-ମାଷ୍ଟର ଯେ ଜଣେ ସ୍ୱାଧୀନଚେତା ଆଦର୍ଶ ଶିକ୍ଷକ ଓ ସେ ନିଶ୍ଚୟ ମୋତେ ଭଲ ପରାମର୍ଶ ଦେବେ ସେ କଥା ଧରି ନେଇଥିଲେ ।

ସେ ତାଙ୍କ ରୋଗଶଯ୍ୟାରୁ ସେତେବେଳର ମୋ ଭଳି ଗୋଟିଏ ସ୍କୁଲ୍ଛାତ୍ରର ମତ ଲୋଢ଼ି ଯେପରି ଠିକ୍ ବାଟରେ ଯିବାର ବାଟ ବତେଇ ଥିଲେ, ସେପରି ବୋଧହୁଏ ଅଉ କୌଣସି ଅଭିଭାବକ କରିନଥିବେ ।

**ଅତୁଲ ବାବୁ**—ଶିକ୍ଷକ ଛାତ୍ରର ସମ୍ପର୍କ କଥା ବିଚାରିଲା ବେଳେ ନନାଙ୍କର ତାଙ୍କ ଶିକ୍ଷକଙ୍କ ପ୍ରତି ଭକ୍ତି ଓ ସେମାନଙ୍କ ସମ୍ପର୍କ ବିଷୟରେ ମୋର ଗୋଟିଏ ଘଟଣା ମନେ ପଡ଼େ ।

ନନା ସେଥର ବଡ଼ଲାଟ ସଭାର ଅଧିବେଶନ ପାଇଁ ଦିଲ୍ଲୀ ବାହାରିବାର ଠିକ୍ ପୂର୍ବରୁ ନବଭାରତ ପ୍ରେସରେ ବସି ଆମମାନଙ୍କ ସଙ୍ଗେ କ'ଣ ସବୁ ଆଲୋଚନା କରୁଥିଲେ । ଆଗ ଦୁଆର ବାଟେ ଜଣେ ଦୀର୍ଘକାୟ ବୃଦ୍ଧ ଧୀରେ ଧୀରେ ଘର ଭିତରକୁ ପଶି ଅସିଲେ ।

ନନାଙ୍କର ତାଙ୍କ ଉପରେ ଆଖି ପଡ଼ିଯିବା ସଙ୍ଗେ ସଙ୍ଗେ ସେ ତରତରରେ ଉଠିଯାଇ ତାଙ୍କ ଗୋଡ଼ ଛୁଇଁ ପ୍ରଣାମ କଲେ । ସେ ନନାଙ୍କୁ ଉଠାଇ ନେଇ ଦୁଇ ହାତରେ କୁଣ୍ଢାଇ ପକାଇ କହିଲେ 'ନୀଳକଂଠ ତୁମପରି ଛାତ୍ର ଆଉ ମିଳିବେ ନାହିଁ । ନନା ଉତ୍ତର ଦେଲେ ସାର୍, ଆପଣଙ୍କ ପରି ଶିକ୍ଷକ ଅଉ କାହାନ୍ତି ।

ନନାଙ୍କର ସେତେବେଳକୁ ଦାଢ଼ି କେଶ ସବୁ ପୂରା ଧଳା, ସେ ଦୁହିଁଙ୍କ ଭିତରୁ କିଏ ବଡ଼ କିଏ ସାନ ବାରି ହେଉ ନଥାଏ । ସେମାନଙ୍କର ଏପରି କଥୋପକଥନ ଶୁଣି ଆମକୁ ବଡ଼ ହସ ଲାଗିଲା । ସେଠାରେ ଥିବା ସବୁ ଲୋକେ ଉଣେ ଅଧିକେ ସେମାନଙ୍କ ହସ ଚାପି ରଖିବାକୁ ଚେଷ୍ଟା କରି ଅନ୍ୟ ଆଡ଼କୁ ମୁହଁ ବୁଲାଇ ଠିଆ ହୋଇ ରହିଲେ ।

ସେ ଭଦ୍ରଲୋକ ହେଉଛନ୍ତି ନନାଙ୍କ ପୂର୍ବତନ କେମେଷ୍ଟ୍ରି ପ୍ରଫେସର ଅତୁଲ ଗାଙ୍ଗୁଲି । ରେଭେନ୍‌ସା କଲେଜରେ ବିଜ୍ଞାନ ଖୋଲିବା ଉଦ୍ଦେଶ୍ୟରେ ପ୍ରଥମେ କେମେଷ୍ଟ୍ରି ବା ରସାୟନିକ ବିଦ୍ୟାର

Digitized by srujanika@gmail.com

ବିଭାଗ ଖୋଲାଯାଇ ଥିଲା । ସେ ଥିଲେ ତାର ପ୍ରଥମ ଅଧ୍ୟାପକ । ସେ ଡି. ଏସ୍. ସି. ପାଶକରି କଲିକତାରୁ ଆସି କାର୍ଯ୍ୟରେ ଯୋଗ ଦେଇଥିଲେ ।

ବିଜ୍ଞାନ କଅଣ ସେ ବିଷୟରେ ଛାତ୍ରମାନଙ୍କର କୌଣସି ଧାରଣା ନଥିବାରୁ ସେମାନେ ସେଥିପ୍ରତି ଆଗ୍ରହ ପ୍ରକାଶ କଲେନାହିଁ । ସେଥିରେ କେହି ନାମ ନ ଲେଖାଇଲେ କେମେଷ୍ଟ୍ରି ରେଭେନ୍‌ସା କଲେଜ (ଓଡ଼ିଶାର ଏକମାତ୍ର କଲେଜ) ରୁ ଉଠିଯାଇ ଆଉ ନିକଟ ଭବିଷ୍ୟତରେ ଓଡ଼ିଶାରେ ବିଜ୍ଞାନର କୌଣସି ବିଭାଗ ଖୋଲିବାର ଆଶା ନଥିଲା ।

ନନା ସେକଥା ଶୁଣି ଅତୁଲବାବୁଙ୍କ ସଙ୍ଗେ ପରାମର୍ଶ କଲେ । ନନା ସେତେବେଳେ ଏଫ.ଏ. (ଏବର ଆଇ.ଏ.) ସେଥିରେ ସବୁ ବିଷୟ ବାଧ୍ୟତାମୂଳକ ଥିଲା ତାକୁ ପାଶକରି ସଂସ୍କୃତ ଓ ଦର୍ଶନ ନେଇ ବି.ଏ. କ୍ଲାସରେ ନାମ ଲେଖାଇଥିଲେ ।

ଓଡ଼ିଶାରୁ ବିଜ୍ଞାନ ଚୂରମାର ଉଠିଯିବା କଥାରେ ମର୍ମାହତ-ହୋଇ ସେ ଆଉ ଦୁଇ ସହପାଠି ଛାତ୍ରଙ୍କୁ ବୁଝାଇ ସେମାନଙ୍କ ସହିତ କେମେଷ୍ଟ୍ରି ବିଭାଗରେ ନାମ ଲେଖାଇଲେ ସେ ସଂସ୍କୃତ ଛାଡ଼ି ବି.ଏ. ରେ କେମେଷ୍ଟ୍ରି ଓ ଦର୍ଶନ ନେବାରୁ ସଂସ୍କୃତ ଅଧ୍ୟାପକ ତାଙ୍କଉପରେ କୋପାନ୍ୱିତ ହୋଇ ତୁ କେମେଷ୍ଟ୍ରିରେ ପୋଡ଼ି ମରିବୁ ବୋଲି କହିବା ସତ୍ତ୍ୱେ ସେ ରସାୟନ ବିଦ୍ୟା ବା କେମେଷ୍ଟ୍ରି ପଢିଥିଲେ । ତେଣୁ ଅତୁଲ ବାବୁଙ୍କ ସହିତ ନନାଙ୍କର ସମ୍ପର୍କ ଅତି ଘନିଷ୍ଟ ଥିଲା ଓ ଓଡ଼ିଶାରେ ବିଜ୍ଞାନ ଶିକ୍ଷାର ଉନ୍ନତିପାଇଁ ସେ ଦୁହେଁ ପରାମର୍ଶ କରି କାର୍ଯ୍ୟ-କରୁଥିଲେ । ନନା ବି.ଏ. ର କେମେଷ୍ଟ୍ରି ପରୀକ୍ଷାରେ ସମଗ୍ର କଲିକତା ବିଶ୍ୱବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ରଖି ପାଶ୍ କରିଥିବାରୁ ଅତୁଲ-ବାବୁଙ୍କର ଆହୁରି ପ୍ରିୟ ହୋଇପଡ଼ିଥିଲେ । ବହୁବର୍ଷ ପରେ ମଧ୍ୟ ସେ ଖୋଜି ଖୋଜି ଆସି ନନାଙ୍କୁ ସାକ୍ଷାତ କରୁଥିଲେ ।

ଅତୁଲବାବୁ ଅଧ୍ୟାପକ ଥିଲାବେଳେ ଗୋଟିଏ ହାସ୍ୟୋଦ୍ଦୀପକ କୌତୁକିଆ ଘଟଣା ପ୍ରଚାର ହୋଇଥିଲା ଅନେ ଅଜୁ ସେ କଥା

Digitized by srujanika@gmail.com

ଶୁଣିଥିବାରୁ ତାଙ୍କୁ ଦେଖିବା ସଙ୍ଗେ ସଙ୍ଗେ ଆମ ସମସ୍ତଙ୍କୁ ହସ ମାଡ଼ୁଥିଲା ।

ଅତୁଲବାବୁ କେମେଷ୍ଟ୍ରି ପଢ଼ାଉଥିଲେ । ତାଙ୍କର କଳାଜ୍ଞାନ ବିଶେଷରେ ଇଂରାଜୀରେ ଜ୍ଞାନ ବହୁତ କମ ଥିଲା । ସେ ଇଂରାଜୀରେ କଥାବାର୍ତ୍ତା କରିପାରୁ ନଥିଲେ ।

ରେଭେନ୍‌ସା କଲେଜ ପ୍ରଥମେ କଲେଜିଏଟ୍ ସ୍କୁଲ କୋଠାରେ ହେଉଥିଲା । ପରେ ଏବର ରେଭେନ୍‌ସା କଲେଜ କୋଠା ତୋଳାହୋଇ ସେଠାକୁ ଉଠିଗଲା । ଅତୁଲବାବୁଙ୍କ କେମେଷ୍ଟ୍ରି ବିଭାଗ ମଧ୍ୟ ନୂଆ କୋଠାକୁ ଆସିଲା ।

ସେ ନୂଆକୋଠା ପରିଦର୍ଶନ ପାଇଁ ସେତେବେଳର ଶୋବ ଡିରେକ୍ଟର ସାହେବ କଟକ ଆସିଥିଲେ । କେମେଷ୍ଟ୍ରି ବିଭାଗର ତଳ ବାରଣ୍ଡାରେ ମୂଷା ଗାଳ ମାଟି ଜମା ହୋଇଥିଲା । ନୂଆକୋଠାକୁ ମୂଷା ଗାଳିବା ଦେଖି ସାହେବ କଣ୍ଟ୍ରାକ୍‌ଟରଙ୍କ ଉପରେ ମନେ ମନେ ବିରକ୍ତ ହୋଇ ମୂଷାମାଟିକୁ ଦେଖାଇ କହିଲେ ଇଏ କଣ ?

ଅତୁଲବାବୁ ସେଠାରେ ଠିଆ ହୋଇଥିଲେ, ସେ ଭାବିଲେ, ସାହେବ ବୋଧହୁଏ ମୂଷା ଗାଳିବା କଥା ଜାଣନ୍ତି ନାହିଁ, କି ମୂଷାମାଟି କେବେ ଦେଖିନାହାନ୍ତି ।

ସେ ସାହେବଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସାହେବଙ୍କୁ ବୁଝାଇବାକୁ ଦୁଇହାତରେ ଅଭିନୟକରି କହିଲେ 'ସାର୍, ସାର୍ ଲିଟିଲ୍, ଲିଟିଲ୍ ଆନିମଲସ୍ ଉଇଥ ଲଙ୍ଗ୍ ଲଙ୍ଗ୍ ଟେଲସ୍ ଡିଗ୍ ଡିଗ୍ ଡିଗ୍ ହିଁ, ହିପ, ହିପ ହିପ ।' ଓଡ଼ିଆରେ ହେବ— କ୍ଷୁଦ୍ର କ୍ଷୁଦ୍ର ଜୀବ, ଲମ୍ବା ଲମ୍ବା ଲାଙ୍ଗୁଡ଼, ଖୋଳିଲେ, ଖୋଳିଲେ ଖୋଳିଲେ, ଗଦା, ଗଦା ଗଦା (ମାଟିଜମା ହୋଇଗଲା ।)

ଅତୁଲବାବୁ ଚାଲିଗଲାପରେ ସେକଥା ନେଇ ହସବୃଷ୍ଟି ହେଲା । ନନା କହିଲେ ସେ ଭାରି ଭଲ ମଣିଷ ।

Digitized by srujanika@gmail.com

**ଛାତ୍ର ଆନ୍ଦୋଳନ—** ସେହି ମେଡ଼ିକାଲ ସ୍କୁଲ ଆନ୍ଦୋଳନକୁ ସରକାର ଚପାଇଦେଇ ପାରିନଥିଲେ । ତାହା ଓଡ଼ିଶା ବ୍ୟାପି ଏକ ବିରାଟ ଛାତ୍ର ଆନ୍ଦୋଳନର ରୂପ ନେଇଥିଲା । କଲେକ୍ଟର ଏବଂ ହେଡ଼ମାଷ୍ଟ୍ରଙ୍କର ସେଥିରେ କରିବାର କିଛି ନଥିଲା । ଆମର ବି ତାଙ୍କ ସଙ୍ଗେ କୌଣସି ବ୍ୟକ୍ତିଗତ ବିବାଦ ନଥିଲା । ଆମେ ଆମର ଆନ୍ଦୋଳନରେ ମାତିଥିଲୁ ସେ ତାଙ୍କର କଟକଣା ଜାରିକରି ତାଙ୍କ ସରକାରୀ ଦାୟିତ୍ୱ ତୁଲାଉଥିଲେ ।

ସେହି ଆନ୍ଦୋଳନରେ ଜଣେ ସତ୍ୟାଗ୍ରହୀ ଭାବରେ ବିକ୍ଷିପ୍ତ ଦଳରେ ଯୋଗଦେବାକୁ ମୁଁ ଆମ ସ୍କୁଲର ଆଉ ଦୁଇଜଣ ଛାତ୍ରଙ୍କୁ ଧରି ଛାତ୍ରାବାସରୁ ବାହାରିଗଲି । ସଚିବାଳୟ ସାମନାରେ କର୍ମଚାରୀମାନଙ୍କୁ ବାଟଜଗ ସତ୍ୟାଗ୍ରହ କଲାବେଳେ ମୋତେ ବନ୍ଦୀ କରାଗଲା । ମୁଁ କଟକ ଜେଲର ହାଜତ ଘରେ ରହିଲି । ଆମକୁ କଚେରୀକୁ ବିଚାରପାଇଁ ନେଲେ ଗଣ୍ଡଗୋଳର ଆଶଙ୍କାକରି, ଜେଲ ଅଫିସକୁ ମାଜିଷ୍ଟ୍ରେଟ ଆସି ଆମର ବିଚାରକରି ଆମକୁ ପ୍ରଥମ ଦଫାରେ ଦେଢ଼ମାସ ଲେଖାଏଁ କାରାଦଣ୍ଡ ଆଦେଶ ଦେଲେ ।

ଆମ ଦୁଇଟିଦଳ ବନ୍ଦୀ ହେବାପରେ ଆନ୍ଦୋଳନ ଭୀଷଣ ଆକାର ଧରିଲା । କଟକ ଜେଲ ପୂରା ଭର୍ତ୍ତି ହୋଇଗଲା । ବିଚାର ସରିଥିବା ଆମ ଦୁଇଦଳକୁ ଅନ୍ୟମାନଙ୍କଠାରୁ ଅଲଗାକରି ଅନୁଗୁଳ ଜେଲକୁ ସ୍ଥାନାନ୍ତରିତ କରିବାର ବ୍ୟବସ୍ଥା ହେଲା । ଆମେ ତାର ବିରୋଧକରି ଅନଶନ କଲୁ ଆମକୁ ଟେକି ଟେକି ଲୁହାବାଡ଼ିଦିଆ ବସକୁ ଓ ପରେ ଲୁହାଭଡ଼ିଦିଆ ରେଳଡବାକୁ ବୋହିନେଇ ଅନୁଗୁଳ ଜେଲରେ ଛାଡ଼ିଦିଆଗଲା । ଭୀଷଣ ଖରା ଓ ଗରମଯୋଗୁ ଅନୁଗୁଳ ଜେଲରେ ଅଳ୍ପଦିନ ଥିଲେ ମଧ୍ୟ ମୋର ସ୍ୱାସ୍ଥ୍ୟ ପୂରା ଭାଙ୍ଗିପଡ଼ିଲା ନାକରୁ ପୁଣି ରକ୍ତପଡ଼ିଲା ।

ଦିଲ୍ଲୀରୁ ଫେରି ଓଡ଼ିଶା କଂଗ୍ରେସ ସଭାପତିଭାବେ ସରକାର ଓ ଛାତ୍ରଙ୍କ ଭିତରେ ମଧ୍ୟସ୍ଥତାକରି ନନା ଆନ୍ଦୋଳନ ବନ୍ଦକଲେ ।

Digitized by srujanika@gmail.com

ଜେଲରୁ ଖଲାସହୋଇ ମୁଁ ସିଧା ଗାଁକୁ ଯାଇ କେତେଦିନ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ବିଶ୍ରାମ ନେବାକୁ ସ୍ଥିର କଲି । ସେ ବର୍ଷ ମୁଁ ଦଶମ ଶ୍ରେଣୀରୁ ଏକାଦଶ ଶ୍ରେଣୀକୁ ଉଠିଥିଲି । ପାଠପଢ଼ି ମାଟ୍ରିକ ପରୀକ୍ଷା ଦେବାକଥା କିନ୍ତୁ ସୁଭାଷବାବୁ କଂଗ୍ରେସ ରାଷ୍ଟ୍ରପତି ହେବାପରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇ ଶୀଘ୍ର ଭାରତ ସ୍ୱାଧୀନ ହେବାର ଧାରଣା ଜନ୍ମିଥିବାରୁ Mass Contact ବା ଲୋକ ସମ୍ପର୍କରେ ମନ ବଳାଇ ଭାରତ ସ୍ୱାଧୀନହେଲେ ପୁଣି ପାଠପଢ଼ା ଆରମ୍ଭ କରିବି ବୋଲି ସ୍ଥିରକରି ସେ ବର୍ଷ ପାଠପଢ଼ାରେ ଡୋରିବାନ୍ଧିଲି ।

ମୋର ଦେହ ଟିକିଏ ଭଲହେବା ପରେ ମୁଁ ବହୁତ ରାଜନୈତିକ ବହି ଓ ଖବରକାଗଜ ଆଣି ପଢ଼ାପଢ଼ି କଲି । ସ୍ୱାଧୀନତା ସଂଗ୍ରାମ କିପରି ତ୍ୱରାନ୍ୱିତ ହୋଇପାରିବ ସେଥିପାଇଁ ମଫସଲ ଲୋକଙ୍କ ମାନସିକ ଓ ଆର୍ଥିକ ପରିସ୍ଥିତି ଠଉରାଇବାକୁ ଗ୍ରାମ ନିକଟରେ ଜଣେ ଦୁଇଜଣ କର୍ମୀ ସଂଗ୍ରହକରି ଗାଁ ଗାଁ ପାଦରେ ବୁଲି ବୁଲି ଲୋକ ସମ୍ପର୍କରେ ଲାଗିପଡ଼ିଲି ।

**ମୋ ମାଟ୍ରିକ ପରୀକ୍ଷା**— ୧୯୩୯ ମସିହାଟି ଜେଲ ମଫସଲ ଭ୍ରମଣ ପ୍ରଭୃତିରେ କଟିବାପରେ, କଂଗ୍ରେସ ନେତାଙ୍କ ନିଷ୍କ୍ରିୟତା ଯୋଗୁ ସୁଭାଷଙ୍କ ସମ୍ପୂର୍ଣ୍ଣ ବିପ୍ଳବ ଓ ସ୍ୱାଧୀନତା ପ୍ରାପ୍ତି ଆନ୍ଦୋଳନର ଆଶୁ ଆଶା ନ ଦେଖି ଓ କଟକର ମୋ ପଢ଼ା ସାଥୀମାନେ ମାଟ୍ରିକ ପାଶ କରି-ଯାଇଥିବା ଶୁଣି ମୁଁ ମୋର ମତ ବଦଳାଇ ପୁଣି ସ୍କୁଲ ପାଠ ଶେଷ କରିବାକୁ ବସିଲି ।

କଟକ ଫେରି ତଳ କ୍ଲାସ ପିଲାଙ୍କ ସଙ୍ଗେ ପଢ଼ିବାକୁ ଲଜ୍ଜ୍ୟାବୋଧ କରି ମୁଁ ନୂଆ ସତ୍ୟବାଦୀ ହାଇସ୍କୁଲରେ ନାମ ଲେଖାଇଲି । ସେଠାରେ ପ୍ରଧାନ ଶିକ୍ଷକଙ୍କୁ କହି ସେଠା ବୃନ୍ଦଧର ଛାତ୍ରବାସରେ ଏକୁଟିଆ ଗୋଟିଏ ଛୋଟ କୋଠରୀରେ ରହିବାର ବ୍ୟବସ୍ଥା କଲି ।

ସତ୍ୟବାଦୀରେ ନାମଲେଖାଇବା ପରେ ମୁଁ ପାଠ ବିଭ୍ରାଟରେ ସମ୍ମୁଖୀନ ହେଲି । କଲେଜିଏଟ୍ ସ୍କୁଲରେ ଦଶମ ଶ୍ରେଣୀରେ ମୁଁ ଅଙ୍କ-

Digitized by srujanika@gmail.com

ଅପସ୍‌ନାଲ ନେଇଥିଲି । କିନ୍ତୁ କିଛିଦିନ ପରେ ଦେଶପ୍ରେମୀ ବିଶିଷ୍ଟ ଓଡ଼ିଆ ଶିକ୍ଷକ ଗୋପାଳ କାନୁନଗୋ ଆମ ସ୍କୁଲକୁ ଆସିବାପରେ ଆମେ କେତେପିଲା ତାଙ୍କସଙ୍ଗେ ରାଜନୀତି ଆଲୋଚନା କରିବାର ସୁବିଧା ପାଇବା ପାଇଁ ଅଙ୍କ ଛାଡ଼ି ଓଡ଼ିଆ ଅପ୍‌ସନାଲ ନେଇଥିଲୁ ।

ସତ୍ୟବାଦୀ ସ୍କୁଲରେ ଓଡ଼ିଆ ଅପ୍‌ସନାଲର ବ୍ୟବସ୍ଥା ନଥିଲା । ଅଙ୍କର ମଧ୍ୟ ବିଶେଷ ସୁବିଧା ନଥିଲା । ମୁଁ ନବମ ଶ୍ରେଣୀରେ କେବଳ ପାଶ୍ କରିବାପାଇଁ ଅଷ୍ଟମଶ୍ରେଣୀ ଭଳି ସଂସ୍କୃତ ପଢ଼ିଥିଲି, ତଥାପି ସଂସ୍କୃତ ପଣ୍ଡିତଙ୍କ ହାଇସ୍ପ ହେଲି ଓ ମୁଁ କିଛି ସଂସ୍କୃତ ଜାଣେନାହିଁ ବୋଲି କହିଲି ।

ସେ ସ୍କୁଲର ସଂସ୍କୃତ ଶିକ୍ଷକ ସ୍ୱର୍ଗତ ଚନ୍ଦ୍ରଶେଖର ରଥ ଜଣେ ଅହଂକାର ଶୂନ୍ୟ ଆଧୁନିକ ପଣ୍ଡିତ ଥିଲେ । ସେ ମୋତେ ସାହସ ଦେଇ କହିଲେ ପଣ୍ଡିତଙ୍କ ପୁଅ ବଳବଳେଇଲେ ସଂସ୍କୃତ କହନ୍ତି । ଇସ୍କୁଲରେ କି ଗୋଟେ ସଂସ୍କୃତ ପାଠ ବାନ୍‌ ବନ୍ତୋ ବନ୍ତ ଜାଣିଲେ ସ୍କୁଲପାଠ ହେଲା ତୁମର ଅସୁବିଧା କଅଣ ଅଛି ତୁମେ କମ୍ପାଲସରି ଓ ଅପ୍‌ସନାଲ ଦୁଇଟାଯାକ ସଂସ୍କୃତ ନିଅ ଭଲହେବ ।

ମୁଁ ସଂସ୍କୃତ ନେଲି । ମାଟ୍ରିକ ପରୀକ୍ଷା ଦେବାପାଇଁ ଜଣେ ସାହିତ୍ୟାଚାର୍ଯ୍ୟ ପଣ୍ଡିତ ଆସି ଆମ କ୍ଲାସରେ ପଢୁଥିଲେ । ଆମ ପଣ୍ଡିତେ ତାଙ୍କୁ ସଂସ୍କୃତ ପରୀକ୍ଷା ଦେବାରୁ ନିଷ୍କୃତି ଦେବାକୁ ରାଜିଥିଲେ କିନ୍ତୁ ସେ ଜିଦ୍ ଧରି ଆମସଙ୍ଗେ ପରୀକ୍ଷାଦେଲେ । ପଣ୍ଡିତ ହୋଇଥିବାରୁ ସେ ସଂସ୍କୃତ ପ୍ରଶ୍ନର ସରଳ ଉତ୍ତର ନଦେଇ ତାଙ୍କ ପାଣ୍ଡିତ୍ୟଭାଷାରେ କଡ଼ା କଡ଼ା ଉତ୍ତର ସବୁ ଲେଖିଲେ । ଫଳରେ ଯେତିକ ଦରକାର ସରଳ ଭାଷାରେ ମୁଁ ସେତିକ ଲେଖିଥିବାରୁ ବଛାବଛି ପରୀକ୍ଷାରେ ତାଙ୍କଠାରୁ ଟିକିଏ ବେଶୀ ନମ୍ବର ପାଇଲି । ସେ ସେଥିରେ ଉତ୍ତ୍ୟକ୍ତ ହୋଇ ପଣ୍ଡିତେ କିଛି ଜାଣନ୍ତିନାହିଁ ଓ ପାତର ଅନ୍ତର କରିଛନ୍ତି ବୋଲି ତାଙ୍କୁ ସମସ୍ତଙ୍କ ଆଗରେ ଭର୍ତ୍ସନା କଲେ । ପଣ୍ଡିତ ଚନ୍ଦ୍ରଶେଖର ଆଧୁନିକ ଚିନ୍ତାଧାରାର ଲୋକ ଥିବାରୁ ପଣ୍ଡିତଙ୍କ କଥାକୁ ପସନ୍ଦ ନକରି ହସି ହସି ସେ ଗାଳିତକ ସହିନେଇଥିଲେ ।

Digitized by srujanika@gmail.com

**ମୋ କଲେଜ ପଢ଼ା**— ୧୯୬୧ରେ ମାଟ୍ରିକ ପାଶ କରିବାପରେ ମୁଁ କଟକ ଆସି ରେଭେନ୍‌ସା କଲେଜରେ ନାମ ଲେଖାଇଲି । ମୁଁ ପ୍ରେସ-ଘରେ ରହି ସକାଳ ନଅଟାବେଳେ ବାଲୁବଜାର ହିମାନନ୍ଦା ହୋଟେଲରୁ ବାଅଣା ପଇସାରେ ମାଛ ସହିତ ପେଟପୂର ମିଲ୍‌ ଟିଏ ଖାଇ କଲେଜକୁ ଯାଏ କଲେଜ ବୋର୍ଡ଼ିଂରେ ସ୍ଥାନ ମିଳୁନଥାଏ । ପ୍ରେସରେ ନନାଙ୍କ ସଂଗେ ବେଳେବେଳେ ଦେଖାହୁଏ କିନ୍ତୁ ମୋ ପାଠପଢ଼ା କଥା ସେ ବେଶୀ କିଛି ପଚାରନ୍ତି ନାହିଁ । ମୁଁ ଗାଁରୁ ବା ପ୍ରେସ୍‌ ମ୍ୟାନେଜରଙ୍କ ଠାରୁ ପଇସା ନେଇ ମୋ ଖର୍ଚ୍ଚବାର୍ଚ୍ଚ କରୁଥାଏ ।

ମୁଁ କଲେଜରେ ପଢ଼ିବାର ଦୁଇତିନ ମାସ ପରେ ଦିନେ ପ୍ରେସରେ ଭାଇନା ଆସି ପହଁଚିଲେ, ନନା ମଧ୍ୟ ସେଠାରେ ଥିଲେ । ନନାଙ୍କର ବି. ଏ. ରେ ବିଜ୍ଞାନ ଥିଲା । ଭାଇନା ବି. ଏସ୍‌. ସି. ପାଶ୍‌ କରିଥିଲେ । ଦୁହେଁ ବିଜ୍ଞାନକୁ ପସନ୍ଦ କରନ୍ତି ।

ଭାଇନା ଜଣେ ରାଜନୈତିକ ଯୁବନେତା ହୋଇଥିବାରୁ ତାଙ୍କ ସଙ୍ଗେ ମୋର ଦେଖାସାକ୍ଷାତ ଖୁବ୍‌ କମ୍‌ ହୁଏ, ତଥାପି ଦେଖାହେବା ସଙ୍ଗେ ସଙ୍ଗେ ସେ ମୋ ପାଠକଥା ବେଶୀ ପଚାରନ୍ତି ଓ ସେ କଥା ପଚାରି ବେଳେବେଳେ ଅଡୁଆରେ ପକାଇ ଶୋଧାଶୋଧି କରନ୍ତି ।

ସେ ମୋତେ ପଚାରିଲେ ଚତୁର୍ଥ ବିଷୟ କଅଣ ନେଇଛୁ । ସେତେବେଳେ Arts ବା କଳାରେ ଚତୁର୍ଥ ବିଷୟ ଦିଆହେଉ ନଥିଲା । ମୁଁ କହିଲି କି ଚତୁର୍ଥ ବିଷୟ ମୁଁ ତ ଲଜିକ, ଏକୋନମିକ୍‌ସ ଓ ସଂସ୍କୃତ ନେଇ କଳା ପଢୁଛି ।

ମୋ ଉତ୍ତର ପାଇବାକ୍ଷଣି ସେ ମୋ ଉପରେ ଭୀଷଣଭାବରେ ଚିଡ଼ି ଉଠି ମୋତେ କହିଲେ ଆରେ ମୂର୍ଖ ତୁ ଏ ଯୁଗରେ ବିଜ୍ଞାନ ନପଢ଼ି ସଂସ୍କୃତ ପଢୁଛୁ ? ଏପରି ସଂସ୍କୃତରେ ପାଶକରି କଅଣଟା କରିପକାଇବୁ । ଯଦି ସଂସ୍କୃତ ପଢ଼ିବା କଥା ପୁରୀରେ ଯାଇ କାବ୍ୟତୀର୍ଥ କି ଆଚାର୍ଯ୍ୟ ପଢ଼ ! ସଂସ୍କୃତ ଟୋଲରେ ଯାଇ ନାମ ଲେଖା ମଠମାନଙ୍କରୁ ବି ମୁଠିଏ ମୁଠିଏ ସଦାବର୍ତ୍ତ ଅଭଡ଼ା ମିଳିଯିବ । ଆଜି କଟକରେ ରହି ପଇସା ଖର୍ଚ୍ଚ କରି କଲେଜରେ ପଢ଼ିବା କି ଦରକାର । କଳାବିଦ୍ୟାର କହିଅଣି ତେତେ-

Digitized by srujanika@gmail.com

ବେଳେ ହେଲେ ଘରେ ମଧ୍ୟ ପଢ଼ିହେବ କିନ୍ତୁ ପରୀକ୍ଷାଗାରର ସାହାଯ୍ୟ ନ ନେଇ ବିଜ୍ଞାନ ପଢ଼ିହେବ କି ?

ମୁଁ ଅବାକ ହୋଇ ନନାଙ୍କ ଆଡ଼କୁ ଚାହିଁ କହିଲି ମୋର ଯଦି ବିଜ୍ଞାନ ପଢ଼ିବାଟା ନିତ୍ୟାନ୍ତ ଦରକାର ଥିଲା ତେବେ ଆଗରୁ ତୁମେ କି ଭାଇନା ମୋତେ ସେକଥା କିଛି କହିଲ ନାହିଁ କାହିଁକି ? କେଉଁ ବିଦ୍ୟା ମୋର ପଢ଼ିବା ଉଚିତ କି ଅନୁଚିତ ତାହାର ଭବିଷ୍ୟତ କଅଣ ସେ ବିଷୟ ବର୍ତ୍ତମାନ ଆଲୋଚନା କଲେ ଲାଭ କଅଣ ?

ଭାଇନା ମୋତେ ଆଉକିଛି ନକହି, ନନାଙ୍କୁ କହିଲେ 'ପ୍ରିନସିପାଲ ପରିଜା ସାହେବଙ୍କୁ ତାଙ୍କ 'ଆର୍ଟ'ସ ବଦଳାଇ ତାକୁ ବିଜ୍ଞାନରେ ସ୍ଥାନ ଦେବାକୁ ଅନୁରୋଧକରି ଚିଠିଟିଏ ଲେଖି ତା-ହାତରେ ଦିଅନ୍ତୁ । ସେ ଚେଷ୍ଟାକରନ୍ତୁ । ମୋର ଆଶା, ପରିଜା ସାହେବ ତାକୁ ବିଜ୍ଞାନରେ ସ୍ଥାନଦେବେ ।'

ମୁଁ ଚିଠିଟି ନେଇ ପରିଜା ସାହେବଙ୍କୁ ଦେବାରୁ ସେ ଚିଠିଟି ପଢ଼ିସାରି ମୋ ମୁହଁକୁ ଚାହିଁ କହିଲେ ଏତେଦିନ ଗଡ଼ିଗଲାଣି ପାଠ ବହୁତ ଆଗେଇଯିବଣି, ତୁମେ ଆଗରୁ ଠିକ୍ କରି ବିଜ୍ଞାନ ନେଲନି, ତୁମେ କଅଣ ଶୋଇପଡ଼ିଥିଲ ? ଏବେ ନିଦ ଭାଙ୍ଗିଲା, କଳାତ ନେଇଚ ପୁଣି କାହିଁକି ବିଜ୍ଞାନ ନେବାକୁ ଇଚ୍ଛା ।· ବର୍ତ୍ତମାନ ବିଜ୍ଞାନ କ୍ଲାସରେ ଆଉ ଗୋଟିଏ ହେଲେ ସ୍ଥାନ ଖାଲିନାହିଁ, ତୁମକୁ ସେଥିରେ ସ୍ଥାନଦେବା ଅସମ୍ଭବ ।

ମୁଁ ତାଙ୍କୁ କହିଲି "ମୁଁ ବଡ଼ ସଙ୍କଟରେ ପଡ଼ି ଆପଣଙ୍କ ଦ୍ୱାରସ୍ଥ ହୋଇଚି । ମୁଁ ମଫସଲ ସ୍କୁଲରୁ ପାଶ୍ କରି ଆସିଥିଲି କଳା ଓ ବିଜ୍ଞାନ କାହାର କେତେ ଗୁରୁତ୍ୱ ତାହା ବୁଝିନପାରି କଳାବିଭାଗରେ ପଶିଥିଲି । ବର୍ତ୍ତମାନ ଯେଉଁ ଅବସ୍ଥା ସେଥିରେ ଆପଣ ବିଜ୍ଞାନ ନେବାକୁ ମନାକଲେ ମୋ ପାଠପଢ଼ା ପୂରା ବନ୍ଦ ହୋଇଯିବ ।"

"ମୁଁ ସଂସ୍କୃତ ନେଇଥିବାରୁ ଭାଇନା ମୋତେ କହୁଛନ୍ତି ତୁ ଯାଇ ସଂସ୍କୃତ ଟୋଲରେ ପୁଷ୍ଟରେ ପଢ଼ । ସେତ ସମ୍ଭବ ନୁହେଁ । ତେଣୁ ମୁଁ

Digitized by srujanika@gmail.com

ପାଠ ଛାଡ଼ିଦେବା କଥଣ ଆପଣ ପସନ୍ଦ କରୁଛନ୍ତି ? ଆପଣ ଯଦି କିଛି ବ୍ୟବସ୍ଥା ନକରିବେ ତେବେ ମୁଁ ପୁଣି ନଯାଇ ଆପଣଙ୍କ ଦୁଆରେ ପଡ଼ିରହିବି ।”

ପରିଜା ସାହେବ ମୋ କଥା ଶୁଣି ଆଶ୍ଚର୍ଯ୍ୟ ହୋଇପଡ଼ି କହିଲେ, ସଂସ୍କୃତ କଲେଜରେ ପଢିବ, ପାଠ ଛାଡ଼ିବ । କଥା କଅଣ ? ମୁଁ ତ ତୁମ କଥାରୁ ଅଗମୂଳ କିଛି ବୁଝିପାରୁନି ।

ମୁଁ ତାଙ୍କୁ ଘଟଣାଟି ଆମୂଳଚୂଳ ବର୍ଣ୍ଣନା କରି ସାରିବା ପରେ ସେ କହିଲେ “ଓହୋ ଅଶୋକ ବିଜ୍ଞାନ ଛାଡ଼ିଥିଲା ତେଣୁ ସେ ତୁମକୁ ବିଜ୍ଞାନ ନେବାକୁ ବାଧ କରୁଛି ତୁମେ ବିଜ୍ଞାନରେ ପାରିବ ତ ?

“ମୁଁ ପ୍ରାଣପଣେ ଚେଷ୍ଟା କରିବି ବୋଲି କହିବାରୁ ସେ କହିଲେ ହଉ ହଉ ସ୍ଥାନତ ଆଉ ଜମା ନାହିଁ । ତଥାପି ତୁମକୁ ଏପରି ଗୋଟାଏ ବିପଦରୁ ଉଦ୍ଧାର କରିବାକୁ ଚେଷ୍ଟା କରିବା । ତୁମେ ବୋଡ଼ିଂକୁ ଯାଇ ବୁଝ ଯଦି କୌଣସି ବିଜ୍ଞାନରେ ସ୍ଥାନ ପାଇଥିବା ପିଲାକୁ ବିଜ୍ଞାନ ଭଲ ନ ଲାଗି ସେ କଳାକୁ ବଦଳାଇବାକୁ ଚାହୁଁଥିବ ତେବେ ତାକୁ ନେଇ ମୋ ପାଖକୁ ଆସ ମୁଁ ତୁମ ଦୁହିଁଙ୍କ ପାଠବଦଳାବଦଳ କରିଦେବି । ମୁଁ ଜାଣେ କଳାକୁ ବଦଳାଇବାକୁ ଗୋଟାଏ ପିଲା ସୁଁ ସୁଁ ହେଉଥିଲା, ମୁଁ ତାକୁ ଅନୁରୋଧ କରିଥିଲି ଦେଖ ସେ କି ଆଉ କଏ ସେପରି ଥିବେ ।”

ମୁଁ ବୋଡ଼ିଂ ବାରଣ୍ଡାରେ ବୁଲି ପଚରାପଚରି କରିବାରେ ଖୋର୍ଦ୍ଧାର ଜାନକୀ (ଏବର ଓଡ଼ିଆ ପ୍ରଫେସର ଜାନକୀ ବଲ୍ଲଭ ମହାନ୍ତି) ବାବୁଙ୍କ ସନ୍ଧାନ ନେଲି । ସେ ମୋ ପ୍ରସ୍ତାବରେ ସଙ୍ଗେ ସଙ୍ଗେ ରାଜି ହୋଇଯିବାରୁ ତାଙ୍କୁ ନେଇ ପରିଜା ସାହେବଙ୍କ ପାଖକୁ ଗଲି ।

ଆମର ରୋଲ ନମ୍ବର ୪୦ ଓ ୧୪୦ ଦୁଇଟି ଯାକ ବଦଳା-ବଦଳି ହୋଇ ମୁଁ ବିଜ୍ଞାନ ବିଭାଗରେ ପଶିଲି । ମୋର ମାଟ୍ରିକ୍‌ରେ ଅଙ୍କ ଅପସନାଲ ନ ଥିବାରୁ ପ୍ରଥମ ନାମ ଲେଖାବେଳେ ମୁଁ ବିଜ୍ଞାନ

Digitized by srujanika@gmail.com

ନେବାକୁ ସୁଯୁଁ ଥିଲେ ହୁଏତ ସଫଳ ହୋଇଥାଆନ୍ତି । ଯାହାହେଉ ସୁବିଧାରେ ମୋତେ ବିଜ୍ଞାନ ମିଳିଗଲା ଓ ଫିଜିକସ୍, କେମେଷ୍ଟ୍ରି ଓ ବାଓଲଜି ନେଇ ବିଜ୍ଞାନ ପଢ଼ିଲି । ଅବଶ୍ୟ ଅଙ୍କ ନ ଥିବାରୁ ଚତୁର୍ଥ ବିଷୟ ନେଇ ପାରିଲି ନାହିଁ ଭାଇନାଙ୍କ ଚତୁର୍ଥ ବିଷୟ ରହିଗଲା ।

**ବୟାଳିଶ ଆନ୍ଦୋଳନ**—୧୯୪୨ ଜୁଲାଇରେ ଆପେ ଆପେ ଶ୍ରେଣୀ ଉଠାହୋଇ ମୁଁ ଦ୍ୱିତୀୟ ବାର୍ଷିକ ଶ୍ରେଣୀ ହେଲି । ଅଗଷ୍ଟ ମାସରେ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ ହେବାରୁ ମୋର ବିଜ୍ଞାନରେ ନାମ ଲେଖା ମୋ ପାଠ ପଢାରେ ସାହାଯ୍ୟ କରୁ ନ କରୁ ମୋତେ ଲାବରେଟୋରୀରୁ ଏସିଡ଼ ସ୍ପିରିଟ ସବୁ ସଂଗ୍ରହକରି କଲେଜ ଛାଡ଼ ଓ ପୋଡ଼ାପୋଡ଼ି ଆନ୍ଦୋଳନରେ ଭାଗ ନେବାପାଇଁ ବିଶେଷ ସାହାଯ୍ୟ କଲା, କଲେଜ ଅଫିସ ପୋଡ଼ ଓ ଭଙ୍ଗାରୁଜା କାମପାଇଁ ବିଜ୍ଞାନ ବିଭାଗରୁ ବିସ୍ଫୋରକ, ଏସିଡ଼ ସ୍ପିରିଟ ସବୁ ଯୋଗାଡ଼ କରିବା ମୋ ପକ୍ଷରେ ସୁବିଧା ହେଲା ।

ଆମେ କେତେଜଣ ଗୁପ୍ତରେ ସେସବୁ କାମ କଲୁ, କଲେଜ ଅଫିସ ପୋଡ଼ ଦିନ-ପିଲଙ୍କ ଭୋ, ଭା ଭିତରେ ସେଠାରୁ ଖସିଗଲୁ ।

ପୋଲିସ ଆସି ଧରପଗଡ଼ କରି ବଡ ବଡ଼ କ୍ଲାସର ଗ୍ରୁପ ନେତାମାନଙ୍କୁ ବନ୍ଦୀ କରି ନେଇଗଲେ । ଏପରିକି କଲେଜ ଅଫିସ ପୋଡ଼ କଥା କିଛି ନଜାଣି ଗୁରୁବାରି ହୋଷ୍ଟେଲରେ ଆଶ୍ରମରେ ବସି ଭୋଜନ କରୁଥିବାବେଳେ ଗ୍ରୁପନେତା ବିବୁଧେନ୍ଦ୍ର ମିଶ୍ର, ସ୍ୱରାଜମଲ୍ଲ ଶାହା ପ୍ରଭୃତି ଧରାହେଲେ । ସେମାନଙ୍କୁ ବହୁକାଳ ଅଟକବନ୍ଦୀ ରୂପେ ଜେଲ ଜୀବନ କଟାଇବାକୁ ପଡ଼ିଥିଲା ।

ଆମେମାନେ ବାହାରେ ରହି କାମ କରିପାରିବୁ ବୋଲି ସେତେବେଳେ ମନେମନେ ଖୁସି ହୋଇଥିଲୁ କିନ୍ତୁ ଭବିଷ୍ୟତରେ ସ୍ୱାଧୀନତା ସଂଗ୍ରାମି ଭାବେ ତାମ୍ରପତ୍ର ଓ ଭତ୍ତା ମିଳିବାର ବ୍ୟବସ୍ଥା ହେବାର ଟିକିଏ ସୂଚନା ପାଇଥିଲେ ହୁଏତ ନିଜ ନିଜ ଭିତରେ ବାଡ଼ିଆପିଟା ହୋଇ ମୋତେ ଆଗ ବନ୍ଦୀକର ବୋଲି କହି ପୋଲିସକୁ ହାତ ଦେଖାଇ ଦେଇଥାଆନ୍ତୁ ।

Digitized by srujanika@gmail.com

ସେତେବେଳେ ଯେଉଁ ସୁଭାଷ ନେତାମାନେ ବନ୍ଦୀହେଲେ ସେମାନଙ୍କ ବସାଘର ସବୁ ଖାନତଲାସ ହେଲା । ମୁଁ ସୁଭାଷ ବାବୁଙ୍କ ଫରଓ୍ୱାର୍ଡ ବ୍ଲକ୍ (ଯେ ବେଆଇନ ହୋଇଥିଲା) ତାହା ସହିତ ସଂଯୁକ୍ତ ଥିଲି । ସୁରାଜ ମଲ୍ଲ ଶାହା ପ୍ରଭୃତି ଆମର ନେତାଥିଲେ । ସୁରାଜବାବୁ ବନ୍ଦୀ ହେବାପରେ ତାଂକ ଘର ଖାନତଲାସ ହେବାରେ ମୋ ନାମରେ କେତେକ ଆପତ୍ତିଜନକ କାଗଜ ପତ୍ର ଧରା ପଡ଼ିଲା । ସେ ଖବର ପାଇ ପୋଲିସଠାରୁ ଆତ୍ମଗୋପନ କରିବାକୁ ମୁଁ ବାଧ୍ୟ ହେଲି । ମୋତେ ଲୁଚିକରି ଏଣେତେଣେ ବୁଲିବାକୁ ପଡ଼ିଲା ।

ସେତେବେଳେ ଓଡ଼ିଶାରେ ସୁଭାଷପନ୍ଥୀ ଗୋଦାବରୀଶ ବାବୁଙ୍କ ମିଳିତ ମନ୍ତ୍ରୀମଣ୍ଡଳର ସରକାର ଗଢ଼ିଥିବାରୁ ଗୁଇନ୍ଦା ବିଭାଗରେ ମଧ୍ୟ ଦୁଇଟି ଦଳ ଥିଲେ । ଗୋଟିଏ ଦଳ ଥିଲା ଇଂରେଜଙ୍କ ସପକ୍ଷରେ ଗଭର୍ଣ୍ଣର ଓ କେନ୍ଦ୍ର ସରକାରଙ୍କ ସହିତ ସଂଯୁକ୍ତ ଓ ଅନ୍ୟ ଦଳଟି ପ୍ରାଦେଶିକ ମନ୍ତ୍ରୀମଣ୍ଡଳ ପ୍ରତି ଅନୁରକ୍ତ ।

ଡ଼ି.ଏସ୍.ପି. ବିମଳ ଘୋଷଙ୍କ ଦଳ ଇଂରେଜ ସରକାରଙ୍କ ପକ୍ଷରେ ଥାଇ ଆମମାନଙ୍କୁ ଧରିବାକୁ ଚେଷ୍ଟା କରୁଥାଆନ୍ତି । ଡ଼ି.ଏସ୍.ପି. ଗଙ୍ଗାଧର ଦ୍ୱିବେଦୀଙ୍କ ଦଳ ମନ୍ତ୍ରୀମଣ୍ଡଳର ସପକ୍ଷରେ ଥାଇ ଘୋଷଦଳର କାର୍ଯ୍ୟକଳାପ ଆମକୁ ଜଣାଇ ସତର୍କ କରି ଦେଉଥାଆନ୍ତି । ତେଣୁ ଇଂରେଜ ସରକାରଙ୍କ ସନ୍ଦେହରେ ଥିବା କେତେକ ଯୁବକ ଆତ୍ମଗୋପନ କରି ସ୍ଥାନ ପରିବର୍ତ୍ତନ ଦ୍ୱାରା ଜେଲ ବାହାରେ ରହି ସୁଭାଷ ସେନାଙ୍କ ସଙ୍ଗେ ଯୋଗାଯୋଗ ସ୍ଥାପନ ଓ ବୈପ୍ଳବିକ କାର୍ଯ୍ୟ କରିପାରୁଥିଲେ ।

୧୯୪୪ ଅଧାବେଳକୁ ପୃଥିବୀର ରାଜନୀତି ଓଲଟିଗଲା । ଇଂରେଜଙ୍କ ମିତ୍ରପକ୍ଷ ଋଷିଆକୁ ଜର୍ମାନ ଦଳରୁ ଖସାଇ ଆଣିଥିଲେ । ଆମେରିକା ପୂର୍ଣ୍ଣପ୍ରାଣରେ ଅଜସ୍ର ଧନ ଜୀବନ ଯୋଗାଇ ଇଂରେଜଙ୍କୁ ସାହାଯ୍ୟ କରିଥିଲେ । ଫ୍ରାନ୍ସର ଡିଗଲଙ୍କ ସାହାଯ୍ୟରେ ଫ୍ରାନ୍ସ ଜର୍ମାନ କବଳରୁ ମୁକ୍ତହୋଇ ମିତ୍ରପକ୍ଷରେ ଲଢ଼ୁଥିଲା ।

ସେଇ ପରିପ୍ରେକ୍ଷୀରେ ଭାରତର ରାଜନୈତିକ ବାତାବରଣ ଅଦ୍ଭୁତ ଗତିଧରିଲା । ଇଂରେଜଙ୍କର ଦ୍ୱିତୀୟ ମହାସମରରେ ବିଜୟ ଓ ସୁଭାଷ ସେନାର ପରାଜୟ ଆମକୁ ମର୍ମାହତ କରିପକାଇଥିଲା ।

Digitized by srujanika@gmail.com

ଇଂରେଜ ସରକାର କଂଗ୍ରେସ ନେତାମାନଙ୍କୁ କାରାଗାରରୁ ମୁକ୍ତଦେଇ, କଂଗ୍ରେସ ଓ ମୁସଲିମ ସଙ୍ଗେ ଭାରତକୁ ସ୍ୱାଧୀନତା ଦେବାପାଇଁ କଥାବାର୍ତ୍ତା ଚଳାଇଥିଲେ । ସ୍ୱାଧୀନତା ସଂଗ୍ରାମ ହିନ୍ଦୁ-ମୁସଲମାନଙ୍କ ଗୃହଯୁଦ୍ଧ ଆଡ଼କୁ ଗତିକରୁଥିଲା । ମୁସଲିମ ଲିଗ ସଭାପତି ମହମ୍ମଦ ଆଲ୍ଲି ଜିନା, ପାକିସ୍ଥାନ ଦାବିକରି ଭାରତକୁ ଦୁଇଖଣ୍ଡ କରିବାକୁ ଜିଦ୍‌ଧରି ବସିଥିଲେ ।

ଏପରି ପରିସ୍ଥିତିରେ ସରକାର ଅଉ ସ୍ୱାଧୀନତା ସଂଗ୍ରାମକୁ କୌଣସି ଗୁରୁତ୍ୱ ଦେଉ ନଥିଲେ । ରାଜନୈତିକ ବନ୍ଦୀମାନେ ଖଲାସ ହେବା ସଙ୍ଗେ ସଙ୍ଗେ ଆତ୍ମଗୋପନକାରୀ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ସରକାରଙ୍କ ଦୃଷ୍ଟି ଅପସାରିତ ହୋଇଥିଲା ।

ମୁଁ ପାଠଛାଡ଼ି ଏପଟ ସେପଟ ହେବାରେ ବୁହୁଁ ବୁହୁଁ ଦୁଇବର୍ଷ ବିତି ଯାଇଥିଲା । ରାଜନୈତିକ ସଂଗ୍ରାମର ଶୂନ୍ୟତା ମୋତେ ବାଧୁଥିଲା । ମୁଁ ଭବିଷ୍ୟତ କଥା କିଛି ନଭାବି ସଂଗ୍ରାମରେ ଲିପ୍ତଥିବାରୁ, ଯୁଦ୍ଧପରେ କଅଣ କରିବି କିଛି ଭାବି ଠିକ୍ କରିପାରୁ ନଥିଲି ।

ପୁଣି ପାଠପଢ଼ିବାକୁ ଇଚ୍ଛା ବଳିଲା । କଟକ କଲେଜରେ ପୁଣି ନାମ ଲେଖାଇ ପଢିବା ସୁବିଧାଜନକ ନଥିଲା । ମୋର ପୂର୍ବତନ ସହପାଠୀ ଓ କଲେଜ ପୋଡ଼ ସଙ୍ଗୀ ଶ୍ରୀ ଚନ୍ଦ୍ରମଣି ପାଣିଗ୍ରାହୀ ଆଗରୁ କଲିକତା ଯାଇ ସେଠାରେ ପଢୁଥିବାର ଜାଣିଥିଲି, ତେଣୁ କଲିକତାକୁ ଲେଖାଲେଖି କଲି ।

ମୋର ଭବିଷ୍ୟତ ପଢ଼ାପାଇଁ ଅବଶ୍ୟ ଘରେ କେହି ବିଶେଷ ଚିନ୍ତିତ ନଥିଲେ କି ସେମାନଙ୍କ ଭିତରୁ କେହି ମୋର ପାଠପଢ଼ାପାଇଁ ଯୋଗାଡ଼ କରିଦେବା ମୋର ଆଶା ନଥିଲା । ନନା ତ ମୂଳରୁ ଜ୍ଞାନ-ଅର୍ଜନ ପାଇଁ ପାଠ ପଢିବାକୁ ଉପଦେଶ ଦେଉଥିଲେ ମୋ କଲେଜ-ପଢ଼ାପାଇଁ ସେ ବା ବ୍ୟସ୍ତହେବେ କାହିଁକି ? ମୁଁ ପାଠପଢ଼ି ସରକାରୀ ସ୍ୱୀକାର କରିବା ବି ଅସମ୍ଭବ ଥିଲା । ସେଭଳି ସରକାରୀ ବିଦ୍ରୋହୀ ଲୋକକୁ ଯେତେ ପଢିଲେ ଚାକିରି ମିଳନ୍ତା କୁଆଡୁ । ଭାଇନା

Digitized by srujanika@gmail.com

ବି ଏସ୍.ସି· ପାଶ୍ ପରେ ଗୋଟିଏ ବଡ଼ କମ୍ପାନୀ ଦ୍ୱାରା ମନୋନୀତ ହୋଇ କେମିକାଲ୍ ଇଂଜିନିୟରିଙ୍ଗ ପଢ଼ିବାକୁ ଜର୍ମାନ ଯିବାକୁ ପାଶପୋର୍ଟ କରି ସାରିଥିଲେ କିନ୍ତୁ ସରକାର ପକ୍ଷରୁ ନହେଉ 'ବା କମ୍ପାନୀ ପକ୍ଷରୁ ହେଉ ଗୋଟିଏ କିଛି ବଡ଼ ବାଧା ସୃଷ୍ଟି ହୋଇ ତାଙ୍କ ଜର୍ମାନ ଯିବା ୧୯୩୭ରେ ବନ୍ଦ ହୋଇ ଯାଇଥିଲା ।

ଜର୍ମାନ ଯିବା ନହେବାରୁ ସେ ବନ୍ଧୁଚେଷ୍ଟାରେ B. N. R. ଇଂରେଜଙ୍କ ପ୍ରାଇଭେଟ ରେଲକମ୍ପାନୀରେ ବଡ଼ ଚାକିରିଟିଏ ଯୋଗାଡ଼ କରିଥିଲେ । ନନା ରେଲଓ୍ୱେ ବୋର୍ଡ଼'ର ମେମ୍ବର ଥିବାରୁ ସେ କମ୍ପାନୀର ପରିଚାଳନା ବିରୁଦ୍ଧରେ ବଡ଼ଲାଟ ସଭାରେ ପ୍ରଶ୍ନ ଉଠାଇ ସେପରି କମ୍ପାନୀମାନଙ୍କୁ ଅଡ଼୍ଆରେ ପକାଉଥିଲେ । ନନାଙ୍କୁ ଖୁସି କରିବାକୁ ସେ କମ୍ପାନୀର ସାହେବ ମ୍ୟାନେଜର ଭାଇନାଙ୍କ ନିଯୁକ୍ତି-ବିଷୟ ଜଣାଇଲେ । ତାହା ଶୁଣି ନନା କହିଲେ ମୋ ପୁଅକୁ ସେ ବଡ଼ ଚାକିରି ଦେଉଛନ୍ତି । ତା'ଠାରୁ କଅଣ ଆଉ ଯୋଗ୍ୟ ଲୋକ ନାହାନ୍ତି ? ଆପଣ କଣ ଏପରି ଲାଞ୍ଚ ଦେଇ ମୋ ପାଟିବନ୍ଦ କରିଦେବେ ବୋଲି ଚିନ୍ତୁଛନ୍ତି । ସେତିକିରେ ଭାଇନାଙ୍କ ଚାକିରି ଚାଲିବା ଇତିଶ୍ରୀ ହୋଇଥିଲା । ସେ ଦେଶ କାମ କଲେ ଓ ଉକିଲ ହେଲେ ।

Digitized by srujanika@gmail.com

# ଆନ୍ଦୋଳନ ପରେ ମୋ ଶିକ୍ଷା

(ଛଅ)

**କଲିକତା ଯାତ୍ରା—** ମୁଁ ମୋ ପାଠପଢ଼ା ବିଷୟରେ ନନା ଓ ଭାଇନାଙ୍କୁ କିଛି ନକହି କଲିକତା ଯାଇ ସେଠାରେ ପଢ଼ିବାକୁ ସ୍ଥିର କରି କଲିକତାରେ ଥିବା ମୋର ଭଉଣୋଇଙ୍କ ସଙ୍ଗେ ଯୋଗାଯୋଗ କରି କଲିକତାରେ ପହଞ୍ଚିଲି ।

ମୋର ଭଉଣୋଇ ମଧୁବାବୁ ଇଂଜିନିଅରିଂ ପାଶକରି କଲିକତାରେ ଟ୍ରେନିଂ ନେଉଥିଲେ । ଆଇ.ଏସ.ସି. ପାଶ୍ ପରେ ସ୍ୱାଧୀନ ବ୍ୟବସାୟ କରିବାପାଇଁ ଡାକ୍ତରୀ ବିଦ୍ୟା ପଢ଼ିବାକୁ ମୋର ମନଥିବାର ସେ ଜାଣିଥିଲେ । କାରମାଇକେଲ ମେଡ଼ିକାଲ କଲେଜର ଗୋଟିଏ ଆଇ.ଏସ. ସି. ସେକ୍‌ସନ ଥିଲା । ସେଥିରେ ପଢ଼ି ଆଇ. ଏସ. ସି. ପାଶ-କଲେ ସେ ମେଡ଼ିକାଲ କଲେଜରେ ପଢ଼ିବାର ସୁବିଧା ହୋଇପାରେ ଭାବି ସେ ଆଇ. ଏସ୍. ସି. ସେକ୍‌ସନର ପ୍ରିନସିପାଲ ଗୋପାଳବାବୁଙ୍କ ସଙ୍ଗେ ଆଗରୁ କଥାବାର୍ତ୍ତା କରିଥିଲେ ।

ମୁଁ ମଧୁବାବୁଙ୍କ ସଙ୍ଗେ ଯାଇ ସେହି ଅଧ୍ୟକ୍ଷ ଗୋପାଳ ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗେ ଦେଖାକଲି । ପୂର୍ବରୁ ସେ ମୋ ପରିଚୟ ପାଇଥିଲେ । ସେ ମୋତେ ଦେଖିବା ସଙ୍ଗେ ସଙ୍ଗେ କହିଲେ ତୁମ ନାମ ଲେଖାଇବା ଗୋଟାଏ ଅତି ସାମାନ୍ୟ କଥା ଭାରତରେ, ବିଶେଷତଃ ବଙ୍ଗଳାରେ ଏପରି କଲେଜ ନାହିଁ ଯେଉଁ ପଣ୍ଡିତ ନୀଳକଣ୍ଠଙ୍କ ପୁଅକୁ କଲେଜରେ ସ୍ଥାନ ନଦେଇ ଫେରାଇ ଦେବ । ସେ ଏପରି ଥଟ୍ଟାରେ କହୁଥିଲେ କି ନାହିଁ ସେଥିପାଇଁ ମୁଁ ଭାବନା ନକରି ତାଙ୍କ କଥାରେ ସମ୍ପୂର୍ଣ୍ଣ ବିଶ୍ୱାସ କରି ସେ ସାର୍ଟିଫିକେଟ ସବୁ ଆଣିବାକୁ କହିବା ସଙ୍ଗେ ସଙ୍ଗେ ସେସବୁ ଯୋଗାଡ଼ କରିବାକୁ କଟକ ଆସିଲି ।

Digitized by srujanika@gmail.com

କଟକରୁ ଗୋଟନରେ ବିଶ୍ୱବିଦ୍ୟାଳୟ ପରିବର୍ତ୍ତନ ସାର୍ଟିଫିକେଟ ସବୁ ସଂଗ୍ରହକରି କଲିକତା ଫେରିଲି । ଅମେ ଗୋପାଳ ବାବୁଙ୍କ ସଙ୍ଗେ ସାକ୍ଷାତ କରିବାକୁ ବହୁତ ଚେଷ୍ଟାକଲୁ । ସେ ପ୍ରଥମେ ଧରିଛୁଆଁ ଦେଲେ-ନାହିଁ ପରେ ମେଡ଼ିକାଲ କଲେଜ ଅଫିସକୁ ଯିବାକୁ ଆମକୁ ନିର୍ଦ୍ଦେଶ ଦେଇ ଚୁପ୍ ରହିଲେ ।

ସେ କଲେଜରେ ନାମଲେଖା କ୍ଷମତା ଗୋପାଳ ବାବୁଙ୍କର ନଥିଲା । ନାମ ଲେଖାଇବା ମେଡ଼ିକାଲ କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱରେ ଥିଲା । ଗୋପାଳବାବୁ ନାମଲେଖା ସମସ୍ୟା ସହିତ ବୋଧହୁଏ ବିଶେଷ ପରିଚିତ ନଥିଲେ ଓ ଆମକୁ ଉପରଓଠାଉରିଆ ଭାବରେ କହି ଦେଇଥିଲେ । ସେଠାରେ ନାମ ଲେଖାଇବାପାଇଁ ବହୁଚେଷ୍ଟା କରି ମୁଁ ନିରାଶରେ ଫେରିଲି ।

ମୋର ଜଣେ ଆତ୍ମୀୟ ଓ ପୂର୍ବତନ ଶିକ୍ଷକ କଲିକତାରେ ଏମ୍.ଏସ୍. ସି. ପଢ଼ୁଥିଲେ । ସେ ମୋତେ ସାହସ ଦେଇ କହିଲେ ସେଣ୍ଟପଲସ୍ କଲେଜରେ ଜଣେ ଓଡ଼ିଆ ଖ୍ରୀଷ୍ଟିଆନ୍ ଶ୍ରୀ ପ୍ରେମାନନ୍ଦ ମହାନ୍ତି ଅଧ୍ୟକ୍ଷ ଅଛନ୍ତି । ସେ ତୁମ ନନାଙ୍କୁ ଭଲକରି ଚିହ୍ନନ୍ତି ଓ ଖାତିର କରନ୍ତି, ଚାଲ ତାଙ୍କ ପାଖକୁ ଯିବା, ସେ ନିଶ୍ଚୟ ତୁମକୁ ବହୁତ ଆଦର କରିବେ ଓ ତାଙ୍କ କଲେଜରେ ନିଶ୍ଚୟ ତୁମର ନାମ ଲେଖାଇ-ଦେବେ ।

ଅଧ୍ୟକ୍ଷ ମହାନ୍ତିଙ୍କ ଚଳତାଳି ଦାଣ୍ଡଘରେ ମୁଁ ବସି ରହିଲି, ମାଷ୍ଟ୍ରେ ତାଙ୍କ ନିକଟକୁ ମୋ କଥା ଜଣାଇବାକୁ ଗଲେ । ଆଦରତ ଦୂରର କଥା ସେ ମୋତେ ସାକ୍ଷାତଟାଏ ବି ଦେଇପାରିଲେ ନାହିଁ । ମାଷ୍ଟ୍ରେ ଫେରିଅସି କହିଲେ ବଙ୍ଗଳାର ଯୁଦ୍ଧକାଳୀନ କୃତ୍ରିମ ଦୁର୍ଭିକ୍ଷ ଯୋଗୁଁ ଓ ଗତ ପରୀକ୍ଷାରେ ପାଠପଢ଼ା ଅସୁବିଧା ଯୋଗୁ ବହୁପିଲା ସେହି ଶ୍ରେଣୀରେ ରହିଯାଇଛନ୍ତି । ଆଉବର୍ଷବି ଶତକଡ଼ା ତିରିଶିରୁ କମ ପିଲା କଲିକତା ବିଶ୍ୱବିଦ୍ୟାଳୟରୁ ଆଇ.ଏସ୍.ସି. ପାଶ୍ କରିଛନ୍ତି । ଏଠା ନିୟମ ଅନୁସାରେ ଯିଏ ଫେଲ ହୁଅନ୍ତି ସେମାନଙ୍କୁ ପୁଣି କଲେଜରେ

Digitized by srujanika@gmail.com

ନାମ ଲେଖାଇ ପଢ଼ିବାକୁ ହୁଏ । ତେଣୁ ସେ କଲେଜରେ ଆଉ ଗୋଟିଏ ହେଲେ ସ୍ଥାନ ନାହିଁ । ନାମଲେଖା ସମୟ ବି ଗଡ଼ି ଗଲାଣି । ତେଣୁ ମୋତେ ସାହାଯ୍ୟ କରିବାପାଇଁ ସମ୍ପୂର୍ଣ୍ଣ ଅକ୍ଷମ ବୋଲି ଜଣାଇ ଦେଇଛନ୍ତି । ଏହାପରେ ମୁଁ ଆଉ ଅନେକ କଲେଜକୁ ଯାଇ ସବୁଠାରୁ ପୂରା ନିରାଶ ହୋଇ ଫେରିଲି ।

ଆଉ ପାଠପଢ଼ିବାର ଆଶା ମୋତେ ପ୍ରାୟ ଛାଡ଼ିବାକୁ ପଡ଼ିଲା । ଓଡ଼ିଶାକୁ ନଫେରି କେତେକ ରାଜନୈତିକ ବନ୍ଧୁଙ୍କ ପରାମର୍ଶରେ ଚା' ବଗିଚାର ଶ୍ରମିକ ସଙ୍ଗଠନ ଓ ଅନ୍ୟାନ୍ୟ ଆନ୍ଦୋଳନରେ ଯୋଗ ଦେବାକୁ ଆସାମ ଯିବାପାଇଁ ସ୍ଥିରକଲି ।

ଆସାମ ଯିବାପାଇଁ ସିଆଲଦା ଷ୍ଟେସନରେ ଗାଡ଼ି ସମୟ, ଟିକଟ ମୂଲ୍ୟ ପ୍ରଭୃତି ବୁଝିବାକୁ ମୁଁ ବସାରୁ ବାହାରି ଶଶିଭୂଷଣ ଦେ ଷ୍ଟ୍ରିଟରେ ଓହ୍ଲାଇ ପଡ଼ିଲି । ସେଠାରୁ ଗଳିକନ୍ଦିରେ ପଶି ବୋଝେ ଭାବନା ମୁଣ୍ଡରେ ମୁଣ୍ଡାଇ ଅନ୍ୟମନସ୍କ ଭାବରେ ଚାଲି ଚାଲି ଷ୍ଟେସନ ଆଡ଼କୁ ଗତିକଲି ।

**ବଙ୍ଗବାସୀ କଲେଜ—** ଚାଲୁ ଚାଲୁ ବଡ଼ ଫାଟକ ଭିତରେ ଥିବା ଗୋଟାଏ ବଡ଼ କୋଠା ଉପରେ ମୋ ଆଖି ପଡ଼ିଲା । ବସ୍ତି ଭିତରେ ଚାରିପଟେ ଘର ସାମନାରେ ଗ୍ରେଟିଆ ଗଳି ରାସ୍ତାରେ ଘରଟା ଦେଖି ସେଇଟା ଗୋଟାଏ ଛୋଟ ଗୋଦାମ ହୋଇପାରିଥାଏ ବୋଲି ମୋର ମନେହେଲା ।

ମୁଁ ଭଲକରି ଫାଟକ ଭିତରକୁ ଚାହିଁଲାବେଳକୁ ଗୋଟିଏ ମାର୍ବଲ ପଥର ମୂର୍ତ୍ତି ଓ ତା ନିକଟରେ ଉଡୁଥିବା ଜାତୀୟ ପତାକାଟି ଦେଖିବାକୁ ପାଇଲି ଓ ଗୋଟିଏ ସ୍ଥାନରେ ବଡ଼ ବଡ଼ ଅକ୍ଷରରେ 'ବଙ୍ଗବାସୀ କଲେଜ' ବୋଲି ଲେଖା ହୋଇଥିବା ମୋ ଆଖିରେ ପଡ଼ିଲା ।

ବଙ୍ଗବାସୀ କଲେଜ ନାମ ଜଣାଶୁଣା, ତେଣୁ ମୁଁ ନିର୍ଭୟରେ ଲୋକ ଗହଳି ଠେଲି ତା ଭିତରେ ପଶିଲି । ବହୁଲୋକ ଯିବାଆସିବା

Digitized by srujanika@gmail.com

କରୁଥାଆନ୍ତି କିନ୍ତୁ କାହାସଙ୍ଗେ କାହାକୁ କଥାବାର୍ତ୍ତା କରିବାର ଯେପରି ତଭ ନଥାଏ । ମୁଁ କାଠ ପାହାଚ ଚଢ଼ି ଚଢ଼ି ଉପରମହଲକୁ ଉଠିଗଲି ।

ଉପର ବାରଣ୍ଡାରେ ସିଢ଼ି ପାହାଚଠାରୁ ଅଳ୍ପ ଦୂରରେ ଏକ ପାଖିଆ ହୋଇ ବସି ଦୁଇଜଣ ବ୍ୟକ୍ତି ଗପସପ କରୁଥିବାର ଦେଖିଲି । ସେଥିରୁ ଜଣେ ବୟସ୍କ ମୋଟ ସୋଟା ସାଧାରଣ ଲୋକ, ତାଙ୍କର ପ୍ରଧାନ ଖଣ୍ଡେ ମୋଟ ଲୁଗା ଓ ହାତକଟା ଫତେଇ । ତାଙ୍କ ନାମ ହୋଲ ପଣ୍ଡା । ସେ ବଙ୍ଗବାସୀ କଲେଜର ଜଣେ ଅନ୍ତେବାସୀ ଅଫିସ ପିଅନ । ଅନ୍ୟଜଣକ ଯୁବକ, ବାରିପଦା ନିବାସୀ ଓ ବଙ୍ଗବାସୀ କଲେଜର ଜଣେ କ ଛାତ୍ର । ତାଙ୍କ ନାମ ଜଗଦୀଶ ମହାପାତ୍ର ।

ସେମାନଙ୍କ କଥାବାର୍ତ୍ତାର ଓଡ଼ିଆ ଭାଷା ମୋ କାନରେ ବାଜିବା-କ୍ଷଣି ମୁଁ ସେଠାରେ ଅଟକିଗଲି ଓ ସେମାନଙ୍କୁ ଓଡ଼ିଆରେ ପଦେଅଧେ କଅଣ ପଚାରିଦେଲି । ହୋଲ ପଣ୍ଡେ ମୋ ଓଡ଼ିଆ କଥା ଶୁଣି ମୋତେ ମୋର ନାଁ ଗାଁ ଠିକଣା ସବୁ ପଚାରି ବସିଲେ ।

ମୁଁ ଜଣେ ଓଡ଼ିଆ ଓ କଟକରୁ ଆସିଛି ବୋଲି ଜାଣିପାରିବା ପରେ ମୋର କଲିକତା ଆସିବା ଉଦ୍ଦେଶ୍ୟ କଅଣ ବୋଲି ପ୍ରଶ୍ନ କଲେ । ତାର ଉତ୍ତରରେ ମୁଁ କହିଲି ପାଠପଢ଼ିବାପାଇଁ ଆଇ.ଏସ.ସି. ଦ୍ୱିତୀୟ ଶ୍ରେଣୀରେ ଭର୍ତ୍ତିହେବାକୁ ମୁଁ କଲିକତା ଆସିଥିଲି କିନ୍ତୁ ଏଠାରେ କୌଣସି କଲେଜରେ ନାମ ଲେଖାଇବାର ସୁବିଧା ନ ମିଳିବାରୁ ମୁଁ ବାଧ୍ୟ ହୋଇ ଅନ୍ୟତ୍ର ଚାଲିଯିବା ପାଇଁ ସ୍ଥିରକରି, ଅନ୍ୟମନସ୍କ ଭାବରେ ବୁଲି ବୁଲି ଆସି ଏଠାରେ ଆପଣମାନଙ୍କ ନିକଟରେ ପହଁଚି ଯାଇଛି । ଆପଣଙ୍କର କଥାବାର୍ତ୍ତାରେ ଯଦି ମୁଁ ବାଧା ଦେଉଥାଏ ତେବେ ଯାଉଚି ।

ମୋ କଥା ଶୁଣିଲାମାତ୍ରେ ସେ କହିଲେ କଅଣ ହେଲା, ଆପଣ ଆମ କଟକରୁ ଆସିଛନ୍ତି । ଆପଣଙ୍କୁ କଲିକତା ସହରରେ ପାଠ ପଢ଼ିବାକୁ ସୁବିଧା ମିଳିବ ନାହିଁ । ଅନ୍ୟ କେଉଁଠାରେ ନ ମିଳିଲେ

Digitized by srujanika@gmail.com

ଏଠାରେ ନିଶ୍ଚୟ ମିଳିବ । ମୁଁ ଏ ପ୍ରିନସ୍‌ପାଲଙ୍କ ବାପାଙ୍କ ଅମଳରୁ ଏଠି ଅଛି, ଏ ପ୍ରିନସ୍‌ପାଲ ପି. କେ. ବୋଷ ବାବୁଙ୍କୁ ମୁଁ କାଖେଇ କୁଣ୍ଢେଇ ମଣିଷ କରିଛି ଇଏ ମୋ କଥା ଶୁଣିବେ ନାହିଁ ? ଆପଣ ଭୁଲି ନଯାଇ ଏଠାରେ ଟିକିଏ ଅପେକ୍ଷା କରନ୍ତୁ, ମୁଁ ପ୍ରିନସ୍‌ପାଲଙ୍କ ପାଖରୁ ଆସେ' ।

ମୁଁ କିଛି ସମୟ ଅପେକ୍ଷା କରିବା ପରେ ହେଡ଼ପଣ୍ଡା ମୋତେ ନେଇ ପ୍ରିନସପାଲଙ୍କ ଅଫିସରେ ଛାଡ଼ିଦେଇ ଆସିଲେ । ପ୍ରିନସ୍‌ପାଲ ବୋଷ ସାଧାସିଧା ପୋଷାକ, ପରିଚ୍ଛନ୍ନ ଅମାୟିକ ଭଦ୍ରଲୋକ । ସେ ମୋ ପରିଚୟ ପଚାରିବାରେ ମୁଁ ଆଉ ମୋ ବଂଶ ପରିଚୟ ନଦେଇ ତାଙ୍କୁ କହିଲି,

'ମୁଁ ରାଜନୀତି ଝଡ଼ ଝଞ୍ଜାରେ (କାଟିଖଣ୍ଡି ପରି) ଏପଟ ସେପଟ ହେଉଥିବା ଜଣେ ବିପ୍ଳବୀ କର୍ମୀ ।'

ମୁଁ ଆଇ. ଏସ. ସି.ର ଗୋଟିଏ ବର୍ଷର ପଢ଼ା ଶେଷ କରିଥିଲି ଅନ୍ୟ ବର୍ଷଟି ଶେଷକରି ପାରିନାହିଁ । ଆପଣ ଦୟାକରି ଦ୍ୱିତୀୟ ବର୍ଷଟି ପଢିବାର ସୁବିଧା ଦେଲେ ମୁଁ ଆଇ.ଏସ. ସି. ଖଣ୍ଡକ ଅନ୍ତତଃ ଶେଷ କରିଦିଅନ୍ତି ।.

ସେ ମୋର ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଭଲକରି ନିରେଖି ନେଇ କହିଲେ 'ଏଇଟା ବିପ୍ଳବୀ ଯତିନଙ୍କ କଲେଜ, କୌଣସି ଜାଣିଥିବା ବିପ୍ଳବୀ କର୍ମୀଙ୍କୁ ଏ କଲେଜ ବିଦ୍ୟାଧ୍ୟୟନ ପାଇଁ ନାସ୍ତିବାଣୀ ଶୁଣାଇବା କଷ୍ଟ ।'

ତାପରେ ମୋର ରାଜନୈତିକ ଓ କଲେଜପଢା ଜ୍ଞାନ ପରୀକ୍ଷା କରିବା ପାଇଁ ମୋତେ ଗୁଡ଼ିଏ ପ୍ରଶ୍ନ ପଚାରିଲେ । ମୋଠାରୁ ଉତ୍ତର ଶୁଣି ସାରିବା ପରେ କହିଲେ 'ତୁମକୁ ନେବାରେ ମୋର ଆପତ୍ତି ନାହିଁ କିନ୍ତୁ ମୋର ଗୋଟିଏ ମାତ୍ର ସନ୍ଦେହ ଅଛି । ତୁମପରି ବହୁତ କର୍ମୀ ଆଗରୁ ଆସିଛନ୍ତି କିନ୍ତୁ ସେଥିରୁ ଅନେକ ପରୀକ୍ଷା ପର୍ଯ୍ୟନ୍ତ ଅପେକ୍ଷା ରହି-ପାରି ନାହାନ୍ତି । ତୁମେ କେଉଁ ପରିସ୍ଥିତିରେ ଏଠାକୁ ଆସିଚ ତାହା

Digitized by srujanika@gmail.com

ମୁଁ ଜାଣେ ନାହିଁ । ତୁମେ ଯଦି ପରୀକ୍ଷା ପର୍ଯ୍ୟନ୍ତ ଏପରି ସ୍ଥିର ରହି ପାଠପଢ଼ି ପାରିବ ଓ ସେଥିପାଇଁ ମୋତେ ଜବାବ ଦେବ । ତେବେ ନାମ ଲେଖା ତାରିଖ ପୂରି ଯାଇଥିଲେ ମଧ୍ୟ ତୁମ ନାମଲେଖାର ବ୍ୟବସ୍ଥା ହୋଇଯିବ । ପରୀକ୍ଷା ଆଉ ଆଠ ନଅ ମାସ ଅଛି । ତୁମ ସାଧାରଣ-ଜ୍ଞାନରୁ ମୁଁ ଯାହା ଜାଣୁଛି ତୁମେ ଯଦି ମନଦେଇ ପାଠପଢ଼ାରେ ଲାଗିପଡ଼ ତେବେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇପାରିବ ।'

ପ୍ରିନସିପାଲଙ୍କ ମଧୁର ଓ ସହାନୁଭୂତିଶୀଳ ବଚନ ଶୁଣି ମୋତେ ସ୍ୱପ୍ନ ରାଜ୍ୟରେ ବିଚରଣ କଲାପରି ଲାଗିଲା । ଏତେ ସୁବିଧାରେ ଏଭଳି ଏକ କଲେଜରେ ଏପରି ଭାବରେ ମୋତେ ସ୍ଥାନ ମିଳିଯିବ ବୋଲି ମୁଁ ପ୍ରଥମେ ବିଶ୍ୱାସ କରିପାରିଲି ନାହିଁ । ବୁଡ଼ିଗଲା ମଣିଷ କୁଟା ଖଣ୍ଡିକୁ ଦୃଢ଼ ହସ୍ତରେ ଧରି ପକାଇଲା ପରି ମୁଁ ସେ ସୁବିଧା ପାଇବାପାଇଁ । ମୁଁ ଆଇ. ଏସ୍.ସି. ପାଶ ନକଲା ପର୍ଯ୍ୟନ୍ତ ସେ କଲେଜ କଦାପି ଛାଡ଼ିବି ନାହିଁ' ବୋଲି ବିନମ୍ର ଭାବରେ ଉତ୍ତର କରି ପ୍ରିନସିପାଲଙ୍କ ଆଗରେ କହି ପକାଇଲି ।

**ଭୋଳାପଣ୍ଡେ**—ମୋ ନାମ ଲେଖାର ବ୍ୟବସ୍ଥା କରିବା ପାଇଁ ଭୋଳା ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇ ପ୍ରିନସିପାଲ ମୋତେ ପଣ୍ଡାଙ୍କ ସଙ୍ଗେ ପଠାଇ ଦେଲେ । ମୁଁ ବସାକୁ ଯାଇ ମୋର ସମସ୍ତ ସାର୍ଟିଫିକେଟ ଓ ନାମ ଲେଖା ଫିସ୍ ଧରି ସେ କଲେଜ ଅଫିସରେ ପହଞ୍ଚିଲି ।

ମୋତେ ଭୋଳା ପଣ୍ଡେ କହିଲେ ମୁଁ ତୁମ କାଗଜ ପତ୍ର ଦେଖାଇ ଅର୍ଡ଼ର ଆଣି ସବୁ ଠିକ୍ ଠାକ୍ କରାଉଛି ତୁମେ ଯାଇ ଝୁଡ଼ିଏ 'କମଳା' ଦେନଆସ । ମୁଁ ଭାବିଲି, ମୋ ନାମ ଲେଖା ଯୋଗୁ ସେ ମୋତେ ଖାଇବାକୁ ମାଗୁଛନ୍ତି ତେଣୁ ମୁଁ କହିଲି କମଳା ନାଁ, ରସଗୋଲା କଅଣ ଆଣିବି ?

ସେ କହିଲେ ରସଗୋଲା କଅଣ ହେବ ? ସେ କିରାଣୀ ତୁମ ନାମ ଲେଖାଇବ ଓ ନାମ ଲେଖିବାର ଉପସ୍ଥାନ ବହିମାନଙ୍କରେ ତୁମ ନାମ ଉଠାଇ ଉପସ୍ଥାନ ଠିକ୍ କରିଦେବ ସେ ବଡ଼ ଖିଆଲି ଲୋକ । ତା'ପାଇଁ କମଳା ଦରକାର । ତା'ପାଖରେ କମଳା ଝୁଡ଼ିଟା ରଖିଦେଲେ

Digitized by srujanika@gmail.com

ଯେ କମଳା ଖାଉ ଖାଉ ପିଚ୍ଛିଲା ଟୋକେଇରୁ ତୁମ ନାମ ବଢ଼ାଇ, ପରେ ତାରିଖରୁ ତୁମ ଜନ୍ମସ୍ଥାନ ଟେକାଇ ପରେ ତାରିଖରେ ଓ ଠିକ୍ ସମୟରେ ତୁମ ନାମ ଲେଖା ସାରିଦେବ । କମଳା ତାର ପ୍ରିୟ ସେ ଆଜ୍ଞା କରୁ ରୁହେଁ ନାହିଁ । ଯେ କମଳା ଦେବ ସେ ଅନ୍ୟକାମ ଛାଡ଼ି ଆଗ ତା କାମ କରିଦେବ । କମଳା ପାଖରେ ନଥିଲେ ଭଉଭଉ ହୋଇ ଏଣୁତେଣୁ ଗୁଡ଼ାଏ ଗପି ଗପି ବହୁତ ଡେରି କରିବ । ପାଖରେ କମଳା ଥିଲେ ଭୁଜବାନ୍ ହୋଇ ଶୁନାପିଲା ପରି କାମଟା ଶୀଘ୍ର କରିଦେବ । ତେଣୁ ତା'ଠାରୁ ଶୀଘ୍ର କାମଟା ହାସଲ କରିବାକୁ ହେଲେ ତାକୁ କମଳାଟିଏ ଧରାଇ କାମ ପାଖରେ ବସାଇ ଦିଆଯାଏ । ଆଜି ବହୁତ ଡେରି ହୋଇ-ଗଲାଣି, କମଳା ନଥିଲେ ସେ ଅଙ୍କ ନକରି ପୁଣି କାଲି କାଲି କହି ବହୁତ ଦଉଡ଼ାଇବ ।

କମଳା ଆସିଲା, ନାଁ ଲେଖା ସରିଲା । ପଣ୍ଡା ତାଙ୍କ କୋଠରୀକୁ ଯିବାକୁ ମୋତେ ଡାକିଲେ । କଲେଜର କାଠସିଡ଼ିଟା ଯେଉଁଠି ବୁଲିଯାଇ ହିଷ୍ଟ୍ରି ହାଲକୁ ଯାଇଛି ସେଇଠି ଓସାରିଆ ପାହାଚ ପଟକୁ ଭିତର କାନ୍ଥ ପର୍ଯ୍ୟନ୍ତ ବଢ଼ାଇ ନେଇ ତାର ଦୁଇପଟେ ପଟାମାରି ଓ ଆଗରେ ଗ୍ରିଲ୍ ଦୁଆରଟିଏ ଲଗାଇ କୋଠରୀଟିଏ କରାଯାଇଛି । ସେ ଘରଟିର ଓସାର ଚାରିଫୁଟ ଲମ୍ବା ସାତ ଆଠ ଫୁଟ, ଉପରସିଡ଼ି ପାହାଚ ଅନୁସାରେ କୋଠରୀର ଛାତଟି ତେରେଛିଆ ହୋଇଥିବାରୁ ଉଚ୍ଚତା ଆଠ ଦଶ ଫୁଟରୁ କମି କମି ଶେଷ ମୁଣ୍ଡରେ ଘରର ଚଟାଣ ସଙ୍ଗେ ପ୍ରାୟ ଲାଗିଯାଇଥାଏ ।

ସେ ଘର ଭିତରେ ପଶି ଆମେ ଲାଗିଲାପରି ଦିଅଁଙ୍କ ସାମନାକୁ ଗଲୁ । ଘରର ଶେଷ ମୁଣ୍ଡରେ ଦିଅଁଙ୍କ ଖଟୁଲୀଟିଏ ଅଛି । ପଣ୍ଡା ଦିଅଁଙ୍କ ପାଖେ ମୁଣ୍ଡିଆ ମାରି ମୋତେ ମୁଣ୍ଡିଆ ମାରିବାକୁ ନିର୍ଦ୍ଦେଶ ଦେଲେ । ସେ କହିଲେ ମୁଁ ତୁମପାଇଁ ଏହି ଦିଅଁଙ୍କୁ ଜଣାଇଥିଲି, ତାଙ୍କରି ଦୟାରୁ ତୁମ ନାମ ଲେଖା ହେଲା । ତାଙ୍କରି ଆଶୀର୍ବାଦରେ ତୁମର କାର୍ଯ୍ୟ ସିଦ୍ଧିହେଉ ।

ମୁଁ ଦିଅଁଙ୍କୁ ମୁଣ୍ଡିଆ ମାରିବା ପୂର୍ବରୁ ଚପରାଶୀ ପଣ୍ଡାଙ୍କ ମହାନ୍ ହୃଦୟପୂର୍ବକ ଓ କାଣ୍ଡପ୍ରାଣକୁ ମନେ ମନେ ନମସ୍କାର କଲି ।

Digitized by srujanika@gmail.com

ପଣ୍ଡିତ ଜଣେ ସାମାନ୍ୟ ଚପରାଶୀ । କାହାଘରେ ଶୁଦ୍ଧର କି ପୂଜାସ୍ତ ହେବାପାଇଁ ତାଙ୍କ ପିଲଙ୍କିନେ କଲିକତା ଆସିଥିବେ । ତାଙ୍କ ଜୀବନରୁ ଅଧିକାଂଶ ସମୟ ଚପରାଶୀ ରୁକଘରେ କଟାଇଥିଲେ କିନ୍ତୁ ଲୋଭ ତାଙ୍କୁ ସ୍ପର୍ଶ କରିନଥିଲା, କୁଟିଳତା କି ନୀଚତା ତାଙ୍କୁ ଆକ୍ରମଣ କରି-ନଥିଲା । ତାଙ୍କ ଭିତରେ ସହାନୁଭୂତିଶୀଳ ମାନବିକତା ଭରି ରହିଥିଲା ।

ସେ ସାମାନ୍ୟ ଓଡ଼ିଆ ଚପରାଶୀଟିଏ ହୋଇଥିଲେ ମଧ୍ୟ ମୁଁ ଦେଖିଛି ସେ କଲେଜର ସବୁ ଅଧ୍ୟାପକ ଓ କର୍ମଚାରୀମାନେ ତାଙ୍କୁ ଖାତିର କରନ୍ତି । ଦେଖିଲାକ୍ଷଣି ଆଗ ନମସ୍କାର କରି ସେ ଜଗନ୍ନାଥ ଦେଶର ଜଣେ ନିଷ୍ଠାପର ବ୍ରାହ୍ମଣ ହୋଇଥିବାରୁ ତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରନ୍ତି । ଚପରାଶୀଟାଏ କି ଜଡ଼େ ବୋଲି ତାଙ୍କୁ ସେଠାରେ କେହି ହେୟଜ୍ଞାନ କରିବା ମୁଁ ଦେଖିନାହିଁ ।

**ହୁଟିଷ୍ଟୋଲା ଖୋକା**—୧୯୪୩ ଇଂରେଜ ସରକାରଙ୍କ ସୃଷ୍ଟ ବଙ୍ଗଳାରେ କୃତ୍ରିମ ଦୁର୍ଭିକ୍ଷ ପରେ କଲିକତା ସହରରେ ଭୀଷଣ ଲୋକ ଭିଡ଼ ହୋଇଥିଲା । ଖାଦ୍ୟାଭାବ ଯୋଗୁ ମଫସଲରୁ ଓ ଦୂରଦୂରାନ୍ତରରୁ ବହୁଲୋକ କଲିକତା ଚଳାଇ ଆସିଥାଆନ୍ତି । କଲିକତାରେ ଖାଦ୍ୟ ଓ ରହିବା ସ୍ଥାନରେ ଅତ୍ୟନ୍ତ ଅଭାବ ଦେଖାଯାଇଥାଏ । ଚାଉଳ, ଅଟା ସବୁ ଦୁର୍ମୂଲ୍ୟ । ଯାହାମିଳେ ସେଥିରେ ଚାଉଳ ଦେହରେ ଗୋଡ଼ି, ଅଟା ଦେହରେ ଝିଟି ବା ପଥର ଗୁଣ୍ଡ ମିଶାହୋଇଥାଏ ।

କଲେଜ ପାଖରେ ରହିବାର କୌଣସି ସୁବିଧା ନ ହେବାରୁ ମୁଁ ମୋ ପୂର୍ବସ୍ଥାନ ମଧୁବାବୁଙ୍କ ଗେଷ୍ଟ ଘରେ କଲିକତାଠାରୁ ବହୁଦୂର ବାଲି-ଉତ୍ତର ପଡ଼ାଠାରେ ଥାଏ । ସେଠାରୁ ମୋ କଲେଜକୁ ଆସିବା ବେଳେ ଦୁଇଟି ବାଟରେ ଆସି ହୁଏ । ଗୋଟିଏ ବାଟ ବାଲି ବେଲୁଡ଼ ଲିଲୁଆ ହାବଡ଼ା ଦେଇ ସିଆଲଦା ପର୍ଯ୍ୟନ୍ତ ବସମାନଙ୍କରେ ଆସିବାକୁ ହୁଏ । ସେ ବାଟରେ ବହୁତ କଳକାରଖାନା ଥିବାରୁ ଅଫିସ ଯିବା ଆସିବା ବେଳେ ବସରେ ଆଦୌ ପଶି ହୁଏନାହିଁ । ବହୁ କଷ୍ଟରେ ପଶିଲେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ଚପାଚପି ଅବସ୍ଥାରେ ଆସିବାକୁ ହୁଏ ।

Digitized by srujanika@gmail.com

ଅନ୍ୟ ବାଟଟି ହେଲା ବାଲିବ୍ରିଜ ପାର ହୋଇ, ବା, ଉତ୍ତରପଡ଼ା ଠାରୁ ଗଙ୍ଗାନଦୀ ପାର ହୋଇ ଦକ୍ଷିଣେଶ୍ୱର ଯାଇ ସେଠାରୁ ବସରେ ଶ୍ୟାମ ବଜାର ଆସି, ଶ୍ୟାମବଜାରରୁ ସିଆଲଦା ଆସିବାକୁ ହୁଏ। ଦୁଇଟିଯାକ ଯେଉଁ ବାଟରେ ଆସିଲେ ସିଆଲଦାରୁ ଚାଲିକରି ମୁଁ କଲେଜକୁ ଆସେ, ବସାଠାରୁ ମେନ୍ ରାସ୍ତାକୁ ମଧ୍ୟ ବହୁ ଗଳିକନ୍ଦି ଦେଇ ଚାଲିକରି ଆସିବାକୁ ପଡ଼େ।

ମୋର ସକାଳ ଓ ସନ୍ଧ୍ୟାର ସବୁ ସମୟତକ ପ୍ରାୟ କଲେଜକୁ ଯିବା ଆସିବା ରାସ୍ତାରେ ଚାଲିଯାଏ। ବନ୍ଦ ଖୋଲା ଘରେ ପାଠ ପଢ଼ିବାକୁ ସମୟ ଓ ପରିସ୍ଥିତି କୌଣସିଟିର ସୁବିଧା ନଥାଏ।

ଜଣଙ୍କର ଦୁଇତାଲା ଘରର ତଳ ଦୁଇବଖରା ଓ ଭିତର ବାରଣ୍ଡାଟି ଆମ ବସାଘର। ଭିତର ବାରଣ୍ଡାର ଅଧାକରେ ରନ୍ଧାବଢ଼ା ହୁଏ। ମୁଁ ବାହାର କୋଠରୀ ବା ଦାଣ୍ଡଘରେ ରହେ। ସେଠାରେ ଅତି ଉଚ୍ଚରେ ଅଳ୍ପ ପାୱାରର ଇଲେକ୍‌ଟ୍ରିକ୍ ବଲବ୍‌ଟିଏ ଲାଗିଥିବାରୁ ସେ ମିଞ୍ଜି ମିଞ୍ଜି ଆଲୁଅରେ ମୁଁ ପଢ଼ିବାକୁ ଚେଷ୍ଟାକରେ। ଅଳ୍ପ ସମୟ ବସି ପଢ଼ିଲେ ଆଖି କଅଣ ହୋଇଯାଏ ଓ ଯିବାଆସିବା ପରିଶ୍ରମ ଯୋଗୁ ଦେହ ଅବଶ ହୋଇ ନିଦ ଲାଗିଯାଏ।

ସେ ଘରର ଉପରତାଲା ଓ ତଳତାଲାର ଅନ୍ୟ ଘର ମାନଙ୍କରେ ଘରବାଲାଙ୍କ ଲୋକେ ରହୁଥାଆନ୍ତି। ଘରବାଲା ଓ ଭଡ଼ାବାଲା ସମସ୍ତଙ୍କ ପାଇଁ ଗୋଟିଏ ଅଗଣା, ଗୋଟିଏ ପାଇଖାନ ଓ ଗୋଟିଏ କୂଅ, ଘରବାଲାଙ୍କର ବାହାରକୁ ଯିବାକୁ ଅନ୍ୟ ରାସ୍ତା ଥିଲେ ମଧ୍ୟ ସେମାନେ ଅନେକ ସମୟରେ ମୋ କୋଠରୀ ବା ଦାଣ୍ଡଘର ବାଟେ ଯିବା ଆସିବା କରି ମୋ ପାଠପଢ଼ାରେ ବ୍ୟାଘାତ ଘଟାନ୍ତି।

ଘରବାଲା ବୁଢ଼ୀଟି ବଡ଼ କଜିଆଖୋର, ଟିକିଏ କଥାରେ ସବୁବେଳେ କଟକଟ ହେବା ତାର ଅଭ୍ୟାସ। ତାର ଗୋଟିଏ ଅବିବାହିତା ବୟସ୍କା କ୍ଷୀଣକାୟା ଶ୍ୟାମଳୀ କନ୍ୟା ଥାଏ। ସେ ବିଚରା ଘରେ ରହି ରହି ବିରକ୍ତ ହୋଇ ପଡ଼ୋଶୀ ଘରମାନଙ୍କୁ ବୁଲାଇବାକୁ ଚେଷ୍ଟା କରେ। ତାର ବୁଢ଼ୀଟା ଅବିବାହିତ ଗୁଣ୍ଡା ଭାଇରୁ ଯିଏ ଘରେ ଥାଆନ୍ତି

Digitized by srujanika@gmail.com

ସେ ବଳୁ ଗୋଡ଼ କାଟିଲାକ୍ଷଣି ତା'ର ଚୁଟି ଧରି ତା ପିଠିରେ ଦୁଇ-ଚାରିଟା ବିଧା ଲଦି ଘର ଭିତରକୁ ଭିଡ଼ି ଆଣନ୍ତି ।

ମୋ କୋଠରୀ ବାଟେ ଯିବାଆସିବା କଲାବେଳେ ମୁଁ ନ ଥିଲେ ମଧ୍ୟ ସେ ଭାଇମାନେ ଦାଣ୍ଡ ଦୁଆର ମେଲାକରି ଚାଲିଯାଆନ୍ତି । ମୁଁ ଦୁଆର ବନ୍ଦକରି ଯିବାପାଇଁ ଅନୁରୋଧ କଲେ ମୋତେ ଜଡ଼େ ଫୁଟେ ଜନ୍ମ ଗାଳି ଦିଅନ୍ତି ।

ମୋର ବନ୍ଧୁ କଲିକତାରେ ମାସ ଶହେ ଟଙ୍କା ଭତ୍ତାରେ କାମ ଶିଖୁଥିଲେ । ମାମୁଁ, ମାଇଁ ଦୁଇପ୍ରାଣୀ, ବେଶୀ ପଇସରେ ଘରଟିଏ ନେବାପାଇଁ ତାଙ୍କର ସମ୍ବଳ ନ ଥିବାରୁ କଷ୍ଟେମଷ୍ଟେ ସେଥିରେ ଚଳୁଥିଲେ । ସେମାନେ ମୋତେ ଅତ୍ୟଧିକ ସ୍ନେହ କରୁଥିବାରୁ ମୁଁ ରହିବାରେ ଅସୁବିଧାଟା ମଧ୍ୟ ଖୁସି ମନରେ ସହିଯାଉଥିଲେ । କିନ୍ତୁ ମୋତେ ବଡ଼ ଅଡୁଆ ଲାଗୁଥିଲା । ମୁଁ କଲେଜ ପାଖରେ ସ୍ଥାନଟିଏ ଖୋଜୁଥିଲି ।

ଘରବାଲାର ଉପଦ୍ରବରେ ବ୍ୟସ୍ତ ହୋଇ ଶେଷରେ ମୋ ବନ୍ଧୁ ସେ ଘରଛାଡ଼ି ଅନ୍ୟତ୍ର ଯିବାକୁ ବ୍ୟବସ୍ଥା କଲେ । ଠିକ୍ ସେ ଘର ଛାଡ଼ିବା ପୂର୍ବରୁ ମୁଁ ଉପହାସ୍ୟକରି ସେ ଘର କାନ୍ଥରେ ଭଡ଼ାବାଲାର ଅବସ୍ଥା ବର୍ଣ୍ଣନା କରି ଲେଖିଥିଲି:—

ଏକା ବୃଦ୍ଧା ପ୍ରକୃତି ମୁଖରା କନ୍ୟା ସା ଚ ଚଞ୍ଚଳା ।
ସର୍ବାପୂର୍ବା ଇନ୍ଦ୍ରସ୍ତୁ ଅଜସ୍ରୀ ଖଟୋଡ଼ ଦୁର୍ନିବାର
ତାସାଂ ବସ୍ତ୍ରାଂ ସର୍ବ ଗୃହୋପରି ବାହାନଂ ତାମ୍ରଂ ଗାଳିଃ
ସ୍ମାରଂ ସ୍ମାରଂ ଏ ଗୃହ ଚରିତଂ ସ୍ରମ୍ଭୀଭୂତୋ ଭଡ଼ାଳି ।

ପରେ ସେ ଘରକୁ, ଆମକୁ ଖୋଜିବାକୁ ଆସି ଅନେକ ବନ୍ଧୁ ବିଶେଷରେ ଇଣ୍ଡିଅନ ଆଲ୍ୟୁମିନିଅମ୍ କାରଖାନାରେ କାମକରୁଥିବା ରାମ କକେଇ (ଆଚାର୍ଯ୍ୟ ହରିହରଙ୍କ ସାନ ଭାଇ) ସେ ଶ୍ଲୋକଟି ପଢ଼ି ହସି ହସି ଫେରିବା କଥା ଆମକୁ ଜଣାଇଥିଲେ ।

ଘର ଛାଡ଼ିଲାବେଳକୁ ପୂଜା ଛୁଟି ପାଖେଇ ଆସିଥିଲା । ପୂଜା ଛୁଟିଟା ବଙ୍ଗଳାରେ ବହୁତ ଲମ୍ବା, ପ୍ରାୟ ଦେଢ଼ମାସ । ତା ପରେ ପରୀକ୍ଷା

Digitized by srujanika@gmail.com

ପାଇଁ ଅଳ୍ପ କେତୋଟିଦିନ ବାକି ରହିବା କଥା । ମୁଁ ଶେଷରେ ବ୍ୟସ୍ତହୋଇ ଅନ୍ୟ ଉପାୟ ନ ଦେଖି ପ୍ରିନସିପାଲଙ୍କୁ ଭେଟି କହିଲି 'ସାର୍ ମୁଁ ଏଠାରେ ଶେଷ ପର୍ଯ୍ୟନ୍ତ ରହି ପାଠପଢିବାକୁ ଆପଣଙ୍କୁ ଜବାବ ଦେଇଥିଲି । କିନ୍ତୁ ରହିବା ଅସୁବିଧା ଯୋଗୁ ଏପର୍ଯ୍ୟନ୍ତ କିଛି ପଢି ପାରିଲି ନାହିଁ । କଲେଜ ଅଖପାଖରେ ମୁଣ୍ଡ ଗୁଞ୍ଜିବାକୁ ଟିକିଏ ସ୍ଥାନ ମିଳିଲା ନାହିଁ । ଦୂରରେ ରହି ଯିବାଆସିବାରେ ଖାଲି ସମୟ ଗଲା । ତେଣୁ ମୁଁ ପଢ଼ାପଢ଼ି ଛାଡ଼ିଦେବାକୁ ବାଧ୍ୟ ହେଉଛି । ସେ ମୋ କଥା ଶୁଣି ମୋତେ କହିଲେ ଦିନେ ଦୁଇଦିନ ଅପେକ୍ଷା କର ମୁଁ ଚେଷ୍ଟାଟାଏ କରେ ।

କଲେଜ ପାଖ ଅଖିଲ ମିସ୍ତ୍ରୀ ଲେନରେ ଗୋଟିଏ ପୁରୁଣା ମଠ ଦେଉଳ ଢଙ୍ଗା ଘର ଉପରେ କୋଠାଟିଏ ଭଡ଼ା ଯାଉଥିଲା । ପ୍ରିନସ-ପାଲ ନିଜେ ସେଠାକୁ ଯାଇ ବନ୍ଧନା ଦେଇ କଲେଜ ମେସ୍ ପାଇଁ ସେ ଘରଟି ଠିକ୍ କରି ଆସିଲେ ।

ତାପରେ ମୋତେ ଡକାଇ ମେସ ଭଡ଼ା ଓ ଖର୍ଚ୍ଚ ପାଇଁ ୬୦ ଟଙ୍କା ଷଠିଏ ଟଙ୍କା ଆଗତୁରା କଲେଜ ଅଫିସରେ ଜମା କରି ରସିଦ ନେଇ ପୂଜା ପରେ ଆସି ସେଠାରେ ରହିବାକୁ ନିର୍ଦ୍ଦେଶ ଦେଲେ ।

**ବଂଗବାସୀ ମେସ**— ପୂଜା ଛୁଟିରୁ ଫେରି ମୁଁ ମୋ ଟଙ୍କ ବେଡ଼ିଂ କଲେଜ ନିକଟ କଉନଭଟ ସିଂହ କ୍ୟାନିଙ୍ଗ ହଷ୍ଟେଲରେ ଜଣେ ସହପାଠୀ ପାଖେ ରଖି ପ୍ରିନସିପାଲଙ୍କ ସହିତ ସାକ୍ଷାତ କଲି । ନୂଆ ମେସ ପାଇଁ ପରିଚାଳକ ପଦରେ ନିଯୁକ୍ତ ହୋଇଥିବା ବଟାନି ପ୍ରଫେସର ଦାସ-ଗୁପ୍ତଙ୍କ ନିକଟକୁ ଯିବାକୁ ସେ ମୋତେ କହିଲେ ।

ପରିଚାଳକ ଦାସଗୁପ୍ତ ମୋ କଥା ଶୁଣୁ ନ ଶୁଣୁ ଖିଙ୍କାରି ହୋଇ କହିଲେ 'ତମର ପ୍ରିନସିପାଲ ଜଣେ ଭୋଳାନାଥ । ସେ ଆସି କହିଲା ତାକୁ କହିଲେ ଯା ଟଙ୍କା ଜମାକରି ଦେଇ ଆସ, ତତେ ଜାଗା ମିଳିବ । କେଉଁଟା ପିଲାଙ୍କ ପାଇଁ ଜାଗା ଅଛି, ତାହା କିଛି ବୁଝିଲେ ନାହିଁ । ଏବେ ମୁଁ ବିଚାର କରେ କଅଣ ? ସମସ୍ତଙ୍କୁ କେଉଁଠୁ ଜାଗା ଦେବି । ତୁମେ ଅଫିସକୁ ଯାଇ ଟଙ୍କା ଫେରାଇ ନିଅ, ତୁମ ପାଇଁ ସେଠାରେ ସ୍ଥାନ ହେବନାହିଁ' ।

Digitized by srujanika@gmail.com

ତାଙ୍କ କଥା ଶୁଣି ମୋ ମନରେ ଛାନିଆ ପଶିଗଲା । ମୁଁ କରେ କଅଣ ? ମୁଁ ସେଠାରୁ ଚାଲି ନଯାଇ ତାଙ୍କ ନିକଟରେ ଠିଆହୋଇ ରହିଲି, କେତେ ଭାବନା ମୋ ମୁଣ୍ଡ ଭିତରେ ଖେଳିଗଲା ।

ବଙ୍ଗବାସୀ କଲେଜ ଗୋଟିଏ ଜାତୀୟ କଲେଜ । ସେଠାରେ ସବୁ ଅଧ୍ୟାପକ ଦେଖା ହାତରେ ଚଉଦ ପା' ଜଣେକୁ ଜଣେ ବଢ଼ୁଁ ବଢ଼ା । କେହି କାହାକୁ ଖାତିର କରନ୍ତି ନାହିଁ, ଯେଉଁ ବିଦ୍ୟାରେ ଯିଏ ଧୁରନ୍ଧର । ସମସ୍ତେ ନାମଜାଦା ପଣ୍ଡିତ ବ୍ୟକ୍ତି । ଅଧିକାଂଶ ଅଧ୍ୟାପକ ସେଠାର ଅବୈତନିକ ଶିକ୍ଷକ । କେହି କେହି ମାଗଣା ପଢ଼ାଇବା ସଙ୍ଗେ ସଙ୍ଗେ ସେ କଲେଜକୁ ମଧ୍ୟ କିଛି ଆର୍ଥିକ ସାହାଯ୍ୟ କରନ୍ତି ।

କେମେଷ୍ଟ୍ରି ଅଧ୍ୟାପକ ହେଉଛନ୍ତି ସୁନାମ ଧନ୍ୟ ଲଳିତ ମୋହନ ମିତ୍ର ବା ଏଲ୍. ମିତ୍ର । ତାଙ୍କ କେମେଷ୍ଟ୍ରି ବହି ସେତେବେଳେ ଭାରତର ସବୁ କଲେଜରେ ପାଠ୍ୟ ପୁସ୍ତକ ଥିଲା । ସେ କଲିକତାରେ ୱକିଲାତି କରି ଜୀବିକା ନିର୍ବାହ କରନ୍ତି କିନ୍ତୁ ଆମ କଲେଜରେ ରସାୟନକ ବିଭାଗର ଅବୈତନିକ ମୁଖ୍ୟ ଥାଆନ୍ତି । ତାଙ୍କ ସାମନାରେ ପାଟି ଫିଟାଇବାର ସାହସ କାହାରି ନଥାଏ ।

ଆମର ଇଂରେଜୀ ପ୍ରଫେସର ଶ୍ରୀ ରାଜକୁମାର ଚକ୍ରବର୍ତ୍ତୀ ସେତେବେଳେ କଂଗ୍ରେସ ଦଳର ମୁଖିଆ ବଡ଼ଲାଟ ସଦସ୍ୟ । ସେପରି ବିଦ୍ୱାନ ଜାତୀୟବାଦୀ ନିସ୍ୱାର୍ଥପର ଅଧ୍ୟାପକଙ୍କଦ୍ୱାରା ଆମ କଲେଜ ପୂର୍ଣ୍ଣ ହୋଇଥାଏ । ପ୍ରିନ୍ସିପାଲ୍ ଜଣେ ଖଳିତ ଫେରନ୍ତା ବିଦ୍ୱାନ ବ୍ୟକ୍ତି ହେଲେ ମଧ୍ୟ ସେମାନଙ୍କୁ ସମ୍ମାନ ଦେଖାଇ କଥାବାର୍ତ୍ତା କରନ୍ତି । ସେମାନଙ୍କ କଥାକୁ ଫିଙ୍ଗିଦେଇ ପାରନ୍ତି ନାହିଁ ।

ଆମ କ୍ଲାସର ପଙ୍ଖାମାନଙ୍କରେ କାଠର ପଙ୍କ୍ତି ବା ବ୍ଲେଡ୍ ଲାଗିଥାଏ । ଇଂରେଜ ଅମଳରେ କଲିକତା ବିଶ୍ୱବିଦ୍ୟାଳୟର ଆମ ପାଠ୍ୟ କ୍ରମରେ 'ବାଇବଲ୍' ଗୋଟିଏ ବାଧ୍ୟତାମୂଳକ ବିଷୟ ଥିଲା । ଆମର ଅବୈତନିକ ବାଇବଲ୍ ଅଧ୍ୟାପକ ଦିନେ ଆମକୁ ପଢ଼ାଇଲା-ବେଳେ ଇଲେକ୍‌ଟ୍ରିକ ପଙ୍ଖାର ପୁରୁଣା କାଠ ବ୍ଲେଡ୍‌ଟିଏ ପଙ୍ଖା ବୁଲିଲା-ବେଳେ ପଙ୍ଖାରୁ ଅଲଗା ହୋଇଯାଇ ଆମ ମୁଣ୍ଡ ଉପରଦେଇ ଉଡ଼ିଗଲା

Digitized by srujanika@gmail.com

କାନ୍ଥରେ ବାଜିଲା, ଅବଶ୍ୟ ଅମର କାହାର କିଛି କ୍ଷତି ହୋଇନଥିଲା । କିନ୍ତୁ ଅଧ୍ୟାପକ ଅଧ୍ୟକ୍ଷଙ୍କ ଉପରେ ବିଗିଡ଼ିଗଲେ । 'ଭଲ ପ୍ରିନ୍ସ୍‌ପାଲ ଭଲ କଲେଜ କରିଛି, ଏଠାରେ ବଳି ପଢ଼ିବାକୁ ପୂା ପାଖକୁ ବାପ ମା ପିଲାଙ୍କୁ ପଠାଉଛନ୍ତି' ବୋଲି କହି କାଠପଟା ଖଣ୍ଡିକ କାଖରେ ଯାକି ପ୍ରିନ୍-ସିପାଲଙ୍କ ଅଫିସକୁ ଯାଇ ତାଙ୍କୁ ଧମକାଧମକି କରିଥିଲେ ।

ଅଧ୍ୟାପକମାନଙ୍କର ଯେ ପ୍ରତିପତ୍ତି, ସେଥିରେ ଅଧ୍ୟାପକ ଦାସଗୁପ୍ତ ଯଦି ମୋତେ ସ୍ଥାନ ନ ଦେବାକୁ ଧରି ବସନ୍ତି ତେବେ ପ୍ରିନ୍ସି-ପାଲ ବି ମୋ ପିଠରେ ପଡ଼ିପାରିବେ ନାହିଁ ବୋଲି ମୋର ଧାରଣା ହୋଇଥିଲା ।

ମୁଁ ବହୁସମୟ ସେଠାରେ ମଇବରେ ଠିଆ ହୋଇ ରହିବା ପରେ, ଅଧ୍ୟାପକ ଦାସଗୁପ୍ତ ଅସ୍ୱସ୍ତି ଅନୁଭବକରି ମୋତେ କହିଲେ ଆଜି କାହିଁକି ଠିଆ ହୋଇ ରହିଛ ? ମୋତେ କଅଣ ଅବିଶ୍ବାସ କରୁଛ ! ମୁଁ ବର୍ତ୍ତମାନ ସେଠାକୁ ଯାଉଛି ତୁମେ ମୋ ସାଙ୍ଗରେ ଆସ, ମୁଁ ସତ କହୁଛି କି ମିଛ କହୁଛି ସେଠାରେ ପ୍ରକୃତରେ କେତେଟା ସିଟ ଅଛି ଓ କେତେଜଣେ ଟଙ୍କା ଜମା ଦେଇଛନ୍ତି ତୁମେ ନିଜ ଆଖିରେ ଦେଖିଲେ ଜାଣିପାରିବ ।

ସେ ଆଗେ ଆଗେ ଚାଲିଲେ, ମୁଁ ତାଙ୍କ ପଛେ ପଛେ ଗଲି । ତାଙ୍କର ଏମ୍.ଏସ୍.ସି. ପଢୁଥିବା ଜଣେ ଛାତ୍ର ମଧ୍ୟ ଆମ ସଙ୍ଗେ ଗଲେ ।

ନୂଆ ମେସ ଦୁଆରେ ପହଞ୍ଚି ଅଧ୍ୟାପକ ଦାସଗୁପ୍ତ ଗେଟ ଦୁଆର ଖୋଲି ଫିଟାଇ ଭିତରେ ପଶିବାକ୍ଷଣି ଗେଟ ଦୁଆରକୁ ଲାଗି-ଥିବା ଗୋଟିଏ କୋଠରୀଟିରେ ପଶିଯାଇ ବର୍ତ୍ତମାନ ଛାତ୍ର ଜଣକ ସେ ରୁମରେ ରହିବାକୁ ଅନୁମତି ମାଗିଲେ । ସେ ରୁମ ସାମନାରେ ସିଙ୍ଗଲ ରୁମ ବା ଜଣକିଆ କୋଠରୀ ବୋଲି ଲେଖାଥିଲା । ଦାସଗୁପ୍ତ ମୋହମତ ଭାଙ୍ଗି ନ ପାରି ସେ ଛାତ୍ରଙ୍କ ପ୍ରସ୍ତାବରେ ସମ୍ମତି ଜଣାଇ ହଁ ରହ ବୋଲି କହି-ଦେଲେ ।

ତାପରେ ଅଧ୍ୟାପକ ସିଢ଼ି ପାହାଚ ଚଢ଼ି ତାଙ୍କ ଅଫିସ ଆଡ଼କୁ ଗଲାବେଳେ ମୁଁ ତାଙ୍କ ପଛେ ପଛେ ଯାଇ ଅନ୍ୟ କୋଠରୀ ସବୁ ଉଣ୍ଡିଲି ।

Digitized by srujanika@gmail.com

ଗୋଟିଏ ଫ୍ଲେଟ କୋଠରୀ ସାମନାରେ ତିନକଣିଆ ବୋଲି ଲେଖା ହୋଇଥିଲା । ମୁଁ ତାକୁ ଦେଖାଇ ମୁଁ ଏଠି ରହିବି ବୋଲି ସାହସ କରି ଅଧ୍ୟାପକଙ୍କୁ କହିବାରେ, ଅତର୍କିତ ଭାବରେ ତାଙ୍କ ପାଟିରୁ 'ହଁ ଇହିଁ' ବୋଲି ବାହାରି ପଡ଼ିଲା । ସେ ସେହି ପଦକ କହିଦେଇ ଉପରେ ତାଙ୍କ ଅଫିସ ଘରେ ପଶିଲେ ।

ମୁଁ ଏକା ଦୌଡ଼ାକେ କ୍ୟାନିଙ୍ଗ ହଷ୍ଟେଲକୁ ଯାଇ ମୋ ଜିନିଷ ପତ୍ର ଆଣି ସେ ରୁମରେ ରଖାରଖି କଲି । ସେ ରୁମ୍‌ଟି ତାଙ୍କ ଅଫିସର ସାମନାସାମନି ଥିଲା । ସେ ମୋ ଜିନିଷ ପତ୍ର ବୁହାହେବାର ଦେଖି ମୋତେ କହିଲେ 'ତୁମେ ଏତେ ଶୀଘ୍ର ଆସିଗଲ ଯେ ! ଏଠିତ ମେସ୍ ଖୋଲି ନାହିଁ, ଖାଇବା ପିଇବାର କିଛି ବ୍ୟବସ୍ଥା ହୋଇନାହିଁ ତୁମେ ଖାଇବ କଅଣ ? ରହିବ କପରି ?

'ମୁଁ ଉତ୍ତର ଦେଲି ସାର୍, ମୋର ଆଉ ଉପାୟ କଅଣ ଅଛି । ମୁଁ ତ ସେ ଗୃହାବାସର ବାରଣ୍ଡାରେ ଆଶ୍ରୟ ନେଇଥିଲି ତେଣୁ ସ୍ଥାନ ପାଇବା ସଙ୍ଗେ ସଙ୍ଗେ ବାହାରି ଆସିଲି । ବର୍ତ୍ତମାନ ପାଇଁ ଆପଣଙ୍କର ପଇସାଦିଆ ଗେଷ୍ଟ ବା ଅତିଥି କରି ମୋର ଖାଇବା ବ୍ୟବସ୍ଥା କରି-ଦିଅନ୍ତୁ । ସେ କହିଲେ ମୁଁ ତ କ୍ୟାନିଙ୍ଗ ହଷ୍ଟେଲରେ ଗେଷ୍ଟ ହୋଇ ଖାଉଛି ଆଉ ମୋର ଗେଷ୍ଟ କଅଣ ? ' ମୁଁ ଉତ୍ତର ଦେଲି ସାର ମୁଁ ଆପଣଙ୍କ ଭଳି ଗେଷ୍ଟଙ୍କ ଗେଷ୍ଟବି ହୋଇପାରେ ।

ମୋ ରହସ୍ୟ କଥା ଶୁଣି ସେ କହିଲେ ତୁମେ ଖାସା ଜଣେ ଭଲ ପିଲଟାଏ ହୋଇଛ, ହେଲେ ଏଠିତ ଏପର୍ଯ୍ୟନ୍ତ ଦରୁଆନ କେହି ନିଯୁକ୍ତ ହୋଇ ନାହାନ୍ତି ଗେଟ୍ କିଏ ଫିଟାଇବ ? ଇଲେକଟ୍ରିକ୍ ଲାଇନ ତ ଆସିନାହିଁ ଅନ୍ଧାରରେ କପରି ଏକୁଟିଆ ରହିବ ?

ମୁଁ ଉତ୍ତର ଦେଲି, ସାର ବଜାରରେ ଯଥେଷ୍ଟ ମହମବତୀ-ମିଳୁଛି । ଦରୁଆନ ଅସୁବିଧା କଥା ଚିନ୍ତା ନକରି ଗୁଚ୍ଛାଏ ମୋତେ ଦିଅନ୍ତୁ ଆପଣ ଦରଓ୍ୱାନ୍ ନିଯୁକ୍ତ କରିବା ପର୍ଯ୍ୟନ୍ତ ମୁଁ ତାର କାର୍ଯ୍ୟ ଚଳାଇ ନେବି । ମୋ କଥା ଶୁଣି ସେ ଆଉ କିଛି ନ କହି ମୌନଭାବରେ ତାଙ୍କ ଅଫିସ କାର୍ଯ୍ୟ କରିବାରେ ଲାଗିପଡ଼ିଲେ ।

Digitized by srujanika@gmail.com

ମୁଁ ଆଗରୁ କୁଲିସଂଗଠନ ମାନଙ୍କରେ କାମ କରି କୁଲି ମାନଙ୍କ ଚଳଣୀ ସମ୍ବନ୍ଧ ସମ୍ୟକ୍ ପରିଚିତ ଥିଲି । ଶଶିଭୂଷଣ ଦେ ଷ୍ଟ୍ରିଟ ଓଡ଼ିଆ କୁଲି ପ୍ରଭୃତିଙ୍କର ଗୋଟିଏ ପ୍ରଧାନ ହାଟ । ସେଠାରେ ଗୁଡ଼ାଖୁ, ବଡ଼ି, କବିରାଜି ଔଷଧ, ଓଡ଼ିଆ ଖବର କାଗଜଠାରୁ ଆରମ୍ଭ କରି ଅତି ଶସ୍ତା ଆସବାବ ପତ୍ର ପର୍ଯ୍ୟନ୍ତ ସବୁ ମିଳେ । ଅଖିଳ ମିସ୍ତ୍ରୀ ଲେନକୁ ଶଶିଭୂଷଣ ଦେ ଷ୍ଟ୍ରିଟ ପ୍ରାୟ ଲାଗିଛି ।

ସେଠାରେ ଦେବଦାରୁ କାଠର ମୋଟା ପାକଙ୍ଗ କେଶର ପଟାକୁ କଣ୍ଟାରେ ବାଡ଼େଇ ଶସ୍ତା ଖଟ ଟେବୁଲ ବେଞ୍ଚ ପ୍ରଭୃତି କରି ବିକ୍ରୀ କରାଯାଏ । ମୁଁ ସେଠାକୁ ଯାଇ ତିନିଟଙ୍କା ଆଠଅଣା ମୂଲ୍ୟରେ ଖଟ ଟେବୁଲ ବେଞ୍ଚ ପ୍ରଭୃତିର ଗୋଟିଏ ସେଟ୍ କିଣି ଆଣି ରୁମରେ ପକାଇ ତା ଉପରେ ମୋ ବେଡ଼ିଂରୁ ବିଛଣା ଚାଦର ପ୍ରଭୃତି ବାହାର କରିପକାଇ ସେ ସବୁ ସଜାଇ ଦେଲି ।

ପ୍ରଫେସର ଦାସଗୁପ୍ତ ତାଙ୍କ ଅଫିସ କାମ ସାରି ମୋ ରୁମ୍ ବାଟେ ଫେରିଲାବେଳକୁ ମୋ କୋଠରୀ ଭିତରକୁ ଚାହିଁ, ସାଜସଜା ସବୁ ଦେଖି ମୋତେ କହିଲେ 'ଓହୋ ତୁମେ କଅଣ ଏତେ ଶୀଘ୍ର ଏ କୋଠରୀଟାକୁ ଇନ୍ଦ୍ର ଭୁବନ କରିଦେଲ । ତୁମେ ଆଚ୍ଛା ପିଲାଟାଏ ହୋଇଛ ? ତୁମେ କେଉଁଠୁ ଆସିଛ ? ମୁଁ କହିଲି ସାର୍ କୋକ ଯେଉଁଠାରୁ ଆସନ୍ତି ସେଇଠାରୁ । ସେ ମୋତେ ଆଗରୁ କୋକ ବୋଲି କହିଥିଲେ ତେଣୁ ନିଜେ ଲଜ୍ଜିତ ହୋଇ ମୋ ପିଠିରେ ହାତ ମାରି, ମୋତେ ଚାବିଟି ଧରାଇ ହସିକରି ସେଠାରୁ ଚାଲିଗଲେ ।

**କଲିକତା ଓଡ଼ିଆ —**

ଦିନେ ଦୁଇଦିନ ଭିତରେ ବୋର୍ଡିଂଟି ପୂରା ଭର୍ତ୍ତି ହୋଇଗଲା । ମୋ ପରି ଦୁସ୍ଥ ବିହାରୀ ଆସାମ ଓ ପୂର୍ବବଙ୍ଗର ଗୁଡ଼ିଏ ପିଲା ସେଠାରେ ଆସି ରହିଲେ । ମେସ୍ ଚାକର ବଙ୍ଗଳା ଭାଷାକୁ ଓଡ଼ିଆ ମିଶାଇ ବିକୃତ ଭାବେ ଖଣ୍ଡେଇ ଖଣ୍ଡେଇ କରି କହୁଥିବା ଓଡ଼ିଆ ପୂଜାରୀ ଓ ଚାକର ସେଠାରେ ନିଯୁକ୍ତି ପାଇଲେ । ସେମାନେ ଓଡ଼ିଆରେ ନ କହି ଖଣ୍ଡିଆ ବଙ୍ଗଳାରେ କହୁଥିଲେ ଯଦି ମୁଁ ଓଡ଼ିଆ ଜାଣି ମୋତେ

Digitized by srujanika@gmail.com

ଆମବାବୁ ବୋଲି ଡାକୁଥିଲେ । ଓଡ଼ିଆ ପୂଜାରୀଟିଏ ମୁଁ ଖାଇଲାବେଳେ ନଜାଣିଲପରି ମୋ ଭାତ ଭିତରେ ଅଧିକା ଖଣ୍ଡେ ଦୁଇଖଣ୍ଡ ମାଛଭଜା ଲୁଚାଇକରି ଦେଉଥିଲା । ସେଥିପାଇଁ ବିଦେଶ ଆସି ବିଦେଶୀଙ୍କୁ ପ୍ରାଣରେ ଡରି ତାଙ୍କ ଭାଷା କହିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେମାନଙ୍କ ଭିତରେ ଜାତି ପ୍ରୀତି ଯେ ଅକ୍ଷୁଣ୍ଣ ଥିଲା ତାହା ସେଥିରୁ ଅନୁମିତ । ସେତେବେଳେ କଲିକତା ଲୋକଙ୍କର ଓଡ଼ିଆଙ୍କ ଦାରିଦ୍ର୍ୟ ପ୍ରତି ତାଚ୍ଛଲ୍ୟ ଯୋଗୁ ଓଡ଼ିଆ କୁଲି, ପୂଜାରୀ ଓ ଚାକର ଶ୍ରେଣୀର ଲୋକମାନେ ସେଠାରେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠାବୋଧ କରୁଥିଲେ ।

ମୁଁ ଓଡ଼ିଆରେ କଥାବାର୍ତ୍ତା କରୁଥିବାରୁ ପୂର୍ବବଙ୍ଗର ମୋ ସହପାଠୀ ନିରଞ୍ଜନ ମୁଖାର୍ଜୀ ଦିନେ ମୋତେ କହିଲେ ଦାସ ସାଙ୍ଗା ତ ବଙ୍ଗାଳୀ ଛଡ଼ା ଆଉ କିଛି ହୋଇପାରିବ ନାହିଁ । ତୁମେ ନିଶ୍ଚୟ ବଙ୍ଗାଳି, ଓଡ଼ିଶାରେ ବୋଧହୁଏ ପୁରୁଷ ପୁରୁଷ ଧରି ରହିଯାଇଥିବାରୁ ତୁମକୁ ବଙ୍ଗଳାରେ କଥାବାର୍ତ୍ତା କରିବାକୁ ସଙ୍କୋଚ ଲାଗୁଛି, ତେଣୁ ତୁମେ ନିଜକୁ ଓଡ଼ିଆ ବୋଲି ପରିଚୟ ଦେଉଛ । ଆମେତ ପୂର୍ବ-ବଙ୍ଗର ଲୋକ ଆମ କଥିତ ଭାଷାକୁ ବି ଏଠାର ବଙ୍ଗାଳିମାନେ ଥଟ୍ଟା-କରନ୍ତି ତଥାପି ଆମେ ତ ନିଜକୁ ବଙ୍ଗାଳି ବୋଲି ପରିଚୟ ଦେଇ ଆମ ବଙ୍କା ଭାଷା କହୁଛୁ । ତୁମେ ତୁମର ବଙ୍କା ବଙ୍ଗଳା ଭାଷା କହି ନିଜକୁ ବଙ୍ଗାଳି ବୋଲି କାହିଁକି ପରିଚୟ ଦେଉନାହଁ ? ଏହା ବଙ୍ଗାଳି ଜାତି ପ୍ରତି ମଙ୍ଗଳକର ନୁହେଁ ।

ମୁଁ ତାଙ୍କ ଶ୍ରେଷ୍ଠକାଠ ବକ୍ତୃତାଟି ଶୁଣିସାରି ତାଙ୍କୁ କହିଲି ତମର 'ଦାସ' ସାଙ୍ଗା ଥିଲେ ମଧ୍ୟ ମୁଁ ଜଣେ ବ୍ରାହ୍ମଣ । ବଙ୍ଗଳାରେ ଦାସମାନେ ବ୍ରାହ୍ମଣ ନୁହନ୍ତି । ମୁଁ ବଙ୍ଗାଳି ନୁହେଁ ମୁଁ ଜଣେ ଖାଣ୍ଟି ଓଡ଼ିଆ । ସେ ସେଥିରେ କୌଣସିମତେ ତୁନିହୋଇ ରହିଲେ ମଧ୍ୟ ଟେଷ୍ଟ ପରୀକ୍ଷା ଫଳ ଓ ନମ୍ବର ସବୁ ନୋଟିସ ବୋର୍ଡ଼ରେ ଟଙ୍ଗା ହେବାଦିନ ତାକୁ ଦେଖିସାରି ସେ ପୁଣି ମୋ ନିକଟକୁ ଦଉଡ଼ି ଆସି କହିଲେ, ଓଡ଼ିଆନେତା ଏବେ ଧରାପଡ଼ୁଛି । ଆଉ ମନା କରିପାରିବ ନାହିଁ । ଆମେ ସବୁ ବଙ୍ଗଳାରେ ୩୦,୪୦ ନମ୍ବର ରଖିଥିଲାବେଳେ ତୁମେ

Digitized by srujanika@gmail.com

ରଖିଛ ସତୁରି ଏଥିରେ କହୁଚ ତୁମେ ବଙ୍ଗାଳି ନୁହଁ । ମୁଁ ସେ ଘଟଣାର ରହସ୍ୟ ଜାଣିଥିବାରୁ ମନେ ମନେ ହସିଲି । ଟେଷ୍ଟ ପରୀକ୍ଷାରେ ଓଡ଼ିଆରେ ପରୀକ୍ଷା ଦେବାର ବ୍ୟବସ୍ଥା ନ ଥିବାରୁ ମୋର ବଙ୍ଗଳା (ମାତୃଭାଷା) କଲମଟି ଖାଲିଥିଲା । ନମ୍ବର ବସାଉଥିବା କିରାଣୀ ଅନ୍ୟ ସବୁ ବିଷୟ ଭଲ ଭଲ ନମ୍ବର ଦେଖି ମୁଁ ନିଶ୍ଚୟ ମାତୃଭାଷାରେ ଭଲ କରିଥିବି ବୋଲି ବିଶ୍ବାସ କରି ମୋର ଖାଲିଥିବା ବଙ୍ଗଳା କଲମରେ ସତୁରି ନମ୍ବର ବସାଇ ଦେଇଥିଲା । ଟେଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପିଲା ବେଶୀ କମ ନମ୍ବର ରଖିବାରେ କିଛି ଯାଆସ ନଥିଲା । ତେଣୁ ଆଉ ଅଧିକ ପରିଶ୍ରମ କରି ମୋ ନମ୍ବର ଖୋଜିବା ତାର ପ୍ରୟୋଜନ ନଥିଲା ।

## ଆଇ. ଏସ୍. ସି. ପରୀକ୍ଷା—

ବଛାବଛି ପରୀକ୍ଷା ପରେ ମଧ୍ୟ ବିଶ୍ବବିଦ୍ୟାଳୟ ପରୀକ୍ଷା ସମସ୍ତ ନିକଟେଇ ଆସିଲା । ସମସ୍ତେ ଜୋର ସୋରରେ ପଢାପଢ଼ି କରିବାକୁ ଆରମ୍ଭ କଲେ, କିନ୍ତୁ ସେତିକିବେଳକୁ ଦୁର୍ଭିକ୍ଷ ପରର ସଂକ୍ରାମକ ରୋଗୀସବୁ ମାଡ଼ି ଆସିଲା । ଖାଦ୍ୟାଭାବ କଲିକତା ଆବର୍ଜନାପୂର୍ଣ୍ଣ ଗଳି ଓ ଆମର ସନ୍ତସନ୍ତିଆ ନୂଆ ମେସ୍ କୋଠାର ଅସ୍ବାସ୍ଥ୍ୟକର ପରିସ୍ଥିତି ଯୋଗୁ ଆମ ଗଳିରେ ଓ କଲିକତା ସହରର ନାନା ସ୍ଥାନରେ ବସନ୍ତର ପ୍ରାଦୁର୍ଭାବ ଦେଖାଗଲା ।

ଆମ ମେସର ଆସାମର କୁଳଧର କଲିତା ନାମକ ବାଳକଟିଏ ବସନ୍ତ ରୋଗରେ ପଡ଼ି ହଠାତ୍ ମରି ଗଲା । ସେ ମୋ ପାଖ କୋଠରୀରେ ରହୁଥିଲା । ଆଉ ଅନେକ ପିଲା ମଧ୍ୟ ବସନ୍ତ ରୋଗରେ ଆକ୍ରାନ୍ତ ହେଲେ ।

ମୁଁ ଆଗରୁ ବସନ୍ତ ଟୀକା ନେଇଥିଲେ ମଧ୍ୟ ମୋର ମନ ଛଟ-ପଟ ହେଲା କିନ୍ତୁ ପୁଣି ବସନ୍ତ ଟୀକା ନେଇ ଟୀକାଜ୍ବର ଭୋଗକରି ପାଠ ନଷ୍ଟ କରିବା ପାଇଁ ମୋ ମନ ବଳିଲା ନାହିଁ । ବିଖ୍ୟାତ ଗବେଷକ କଲିକତା ବିଶ୍ବବିଦ୍ୟାଳୟର ଅଧ୍ୟାପକ ପଣ୍ଡିତ ବିନାୟକ ମିଶ୍ର ଅଧ୍ୟାପନା ସଙ୍ଗେ ସଙ୍ଗେ ହୋମିଓପାଥିକ ଚିକିତ୍ସା ମଧ୍ୟ କରୁଥିଲେ । ଓଡ଼ିଆ ପରୀକ୍ଷାର୍ଥୀମାନଙ୍କୁ ସେ ହୋମିଓ-ପାଥିକ ବସନ୍ତ ପ୍ରତିଷେଧକ,

Digitized by srujanika@gmail.com

ଔଷଧ ଦେଉଥିବାର ଶୁଣି ମୁଁ ତାଙ୍କର ହାରସ୍ଥ ହେଲି । ସେ ମୋତେ 'ମାଲେନଷ୍ଟ୍ରପ୍ଟମ ଟେନ' ବଟିକା କେତୋଟି ଦେଲେ । ସେ ବଟିକା ଯୋଗୁ ହେଉ ବା ମୋର ପୂର୍ବଟୀକା ଯୋଗୁ ହେଉ ମୁଁ ବସନ୍ତରୁ ବର୍ତ୍ତୀ ଗଲି କିନ୍ତୁ ରୋଗ ମୋତେ ଛାଡ଼ିଲା ନାହିଁ । ମୁଁ ବସନ୍ତରେ ନ ପଡ଼ି 'ନିମୋନିଆ'ରେ ପଡ଼ିଲି ।

ନନା ଆସେମ୍ବ୍ଲି ପାଇଁ ଦିଲ୍ଲୀରୁ କଲିକତା ବାଟେ କଟକ ଯିବା ଆସିବା କରନ୍ତି ଓ କଲିକତାରେ ସକାଳେ ଓହ୍ଲାଇ ଜଣେ ବନ୍ଧୁଙ୍କ ଘରେ ଦିନଟି କଟାଇ ସନ୍ଧ୍ୟାରେ ପୁଣି ଏକ୍ସପ୍ରେସ ଧରନ୍ତି । ଗଲାବେଳେ ମଧ୍ୟ ଦିନଟି ସେହିପରି କଟାନ୍ତି । ମୁଁ ତାଙ୍କ ସଙ୍ଗେ ବେଳେବେଳେ ଯାଇ ଦେଖାକରେ ।

ମୋତେ ନିମୁନିଆ ହେବାବେଳେ ନନାଙ୍କର ଦିଲ୍ଲୀରୁ ଫେରିବାର ଥିଲା ମୁଁ ତାଙ୍କ ବନ୍ଧୁଙ୍କ ଘରକୁ ଖବର ଦେଇଥିଲି । ନନା ମୋ ଦେହ ଖରାପ ଶୁଣି ଆମ ମେସ୍‌ରେ ମୋ ରୋଗଶଯ୍ୟା ପାଖରେ ଆସି ପହଁଚିଲେ । ମୋ ଚିକିତ୍ସା କଥା ପଚାରି ବୁଝିଲେ ।

ଆମ ଗଳିପାଖର ଜଣେ ଘରୋଇ ଡାକ୍ତର ଆସି ମୋତେ ଇନ୍‌ଜେକସନ ଔଷଧ ପ୍ରଭୃତି ଦେଇ ଚିକିତ୍ସା କରୁଥିଲେ । ମୁଁ ଡାକ୍ତରଙ୍କୁ ଖବର ଦେଇ ଡକାଇ ଆଣିବାକୁ କହିବାରୁ ନନା ନାହିଁକଲେ ଓ ସେ ଡାକ୍ତରୀ ଚିକିତ୍ସାରେ ମୋ ଦେହ ଶୀଘ୍ର ଭଲ ହୋଇଯିବ ବୋଲି କହି ମୋତେ ଦେହ ପା' ଜଗି ଚଳିବାକୁ ଉପଦେଶ ଦେଇ, ତାଙ୍କର କାମ ଥିବାରୁ ତରତର ହୋଇ ଚାଲିଗଲେ ।

ପରୀକ୍ଷା ମୁଣ୍ଡ ଉପରେ ଥିବାରୁ ଅସୁସ୍ଥତା ସତ୍ତ୍ୱେ ଦିନରାତି ମୁଁ ଅକ୍ଳାନ୍ତ ପରିଶ୍ରମ କରି ପଢ଼ିବାକୁ ବାଧ୍ୟ ହେଉଥିଲି । ଇଉନିଭର୍ସିଟି ପରୀକ୍ଷା'ବେଳକୁ ମୁଁ ବଡ଼ ଦୁର୍ବଳ ହୋଇ ପଡ଼ିଥିଲି । ଇଉନିଭର୍ସିଟି ବର୍ତ୍ତମାନ ବିଲଡ଼ିଙ୍ଗ କୋଠାର ସବୁ ଉପର ମହଲା ପରୀକ୍ଷା ହଲରେ ମୋ ନମ୍ବର ପଡ଼ିଥିଲା । ଏତେ ପାହାଚ ଉଠି ଉପରକୁ ଯିବାପାଇଁ ମୋର ଶକ୍ତି ନଥିବାର ଜାଣି ପ୍ରିନସିପାଲ୍ ମୁଁ ଲିଫ୍‌ଟରେ ଚଢ଼ି

Digitized by srujanika@gmail.com

ଯିବା ଆସିବା କରିବା ପାଇଁ ଅନୁମତି କରାଇ ଦେଇଥିଲେ, । ଶେଷ ପର୍ଯ୍ୟନ୍ତ ପ୍ରିନସ୍‌ପାଲ୍‌ ନିଜ ପୁଅ ପରି ମୋ ଯତ୍ନ ନେଉଥିଲେ । ତାଙ୍କ ମହାନୁଭବତା ଓ ସାହାଯ୍ୟ ଲୋକ ପଣ୍ଡାଙ୍କ ସହାନୁଭୂତି ମୋର ଜୀବନର ଗତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲା ।

ମୁଁ କୌଣସିମତେ ପରୀକ୍ଷା ଦେଇସାରି ଗ୍ରାମକୁ ଫେରିଲି । ଫାଷ୍ଟ ଡ଼ିଭିଜନରେ ପାଶ୍‌ କରିଥିବାର ପରୀକ୍ଷା ଫଳ କଟକ ଆସି କଲିକତା ବିଶ୍ୱବିଦ୍ୟାଳୟରେ ପରୀକ୍ଷା ଦେଇଥିବା ଜଣେ ବଙ୍ଗାଳୀ ଛାତ୍ର ସଂଗ୍ରହ କରିଥିବା ପାଶ୍‌ ଲିଷ୍ଟରୁ ଦେଖିଲି ।

ନୂଆହୋଇ ଖୋଲିଥିବା ଓଡ଼ିଆ ମେଡ଼ିକାଲ କଲେଜକୁ ନାମ ଲେଖାଇବା ପାଇଁ ମୁଁ ଦରଖାସ୍ତ କରିସାରିଥିଲି । (ଆମେ ପାଶ୍‌ କଲା ପରେ ଓଡ଼ିଶା ମେଡିକାଲ କଲେଜର ନାମ ବଦଳି ତାହା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ନାମରେ ନାମିତ ହୋଇଥିଲା) ମୋତେ ମିଶାଇ ତିନିଜଣ ମାତ୍ର ଫାଷ୍ଟ ଡ଼ିଭିଜନ ପିଲା ଦରଖାସ୍ତ କରିଥିବାରୁ ଆମ ସମସ୍ତଙ୍କୁ ସୁବିଧାରେ ମେଡିକାଲ କଲେଜରେ ସ୍ଥାନ ମିଳିଯାଇଥିଲା । ସେ ବର୍ଷ ୧୯୪୫ରେ ଏକବିଂଶ ପିଲା ମେଡ଼ିକାଲ କଲେଜରେ ନାମ ଲେଖାଇ ଥିଲେ ।

## ମେଡ଼ିକାଲ୍‌ ପାଠ —

ମୋର ପୂର୍ବ ବନ୍ଧୁମାନଙ୍କ ଅନୁରୋଧକୁ ଏଡ଼ି ପ୍ରବଳ ରାଜନୈତିକ ଆନ୍ଦୋଳନଠାରୁ ନିଜକୁ ଦୂରେଇ ରଖି ମୁଁ ଡାକ୍ତରୀ ପଢ଼ାରେ ଲାଗି ପଡ଼ିଲି । ଅବଶ୍ୟ ନବଭାରତ ପ୍ରେସକୁ ଯିବା ଆସିବା କରିବା ଦ୍ୱାରା ସାହିତ୍ୟ ଚର୍ଚ୍ଚା ଓ ନନାଙ୍କ ନିର୍ଦ୍ଦେଶରେ ମୋତେ ସାମୟିକ ଲେଖାଲେଖି କରିବାକୁ ପଡ଼ୁଥିଲା ।

ମୁଁ ମେଡ଼ିକାଲରେ ପଢ଼ିବାର ଦୁଇବର୍ଷ ପରେ ୧୯୪୭ ଅଗଷ୍ଟ ପନ୍ଦରରେ ଭାରତ ସ୍ୱାଧୀନ ହେଲା । ସେଥିପାଇଁ ନବଭାରତ ମାସିକ ପତ୍ରିକାରେ ସ୍ୱାଧୀନତା ସଂଖ୍ୟାରେ ମୋର 'ସରି ତୋ ପଥ ସରିନାହିଁ' କବିତାଟି ପ୍ରକାଶିତ ହୋଇଥିଲା । ସେ ପର୍ଯ୍ୟନ୍ତ ମୁଁ ଖଦଡ଼ ଧୋତି

Digitized by srujanika@gmail.com

ପଞ୍ଜାବି ଓ ଟଶି ପିନ୍ଧୁଥିଲି; ପିଲାଦିନୁ ଖଦଡ଼ ପିନ୍ଧିବା ଅଭ୍ୟାସ ଥିଲା । ମୁଁ ସେ ପୋଷାକକୁ ସ୍ୱାଧୀନତା ଯୁଦ୍ଧରେ ଲିପ୍ତ ସୈନିକର ପୋଷାକ ବୋଲି ମନେକରୁଥିଲି ।

ସେ ଯୁଦ୍ଧ ସରିଗଲା । ମୁଁ ମୋର ସେସବୁ ପୋଷାକ ଛାତ୍ରାବାସ ସାମନାରେ ଏକାଠିକରି ପୋଡ଼ିଦେଇ ସେହିଦିନଠାରୁ ପ୍ୟାଣ୍ଟ ସାର୍ଟ ପ୍ରଭୃତି ପିନ୍ଧିଲି । ଲଢ଼େଇର ପୋଷାକକୁ କ୍ଷମତା ରାଜନୀତିର ପୋଷାକ ରୂପେ ବ୍ୟବହାର ହେବାର ସନ୍ଦେହ ମୋ ମନରେ ଜାଗ୍ରତ ହୋଇଥିଲା ।

୧୯୫୦ ମସିହାରେ ଓଡ଼ିଶା ମେଡ଼ିକାଲ କଲେଜରୁ ନବର୍ଷରେ ଏମ.ବି.ଏସ. ପାଶ୍‌କରି ମୁଁ ଡାକ୍ତର ହେଲି । ନାମ ଲେଖାଇଥିବା ୩୧ ଜଣଙ୍କ ଭିତରୁ ଆମେ ମାତ୍ର ନଅ ଜଣ ପାଶ୍ କରିଥିଲେ ମଧ୍ୟ ଆମ ଭିତରୁ କାହାକୁ ଆସିଷ୍ଟାଣ୍ଟ ସର୍ଜନ ଚାକିରିଟିଏ କରିବାପାଇଁ ଓଡ଼ିଶାରେ ପୋଷ୍ଟ ଖାଲି ନଥିଲା । ଆମ ଭିତରୁ ଅଧିକାଂଶ ଘରୋଇ ଡାକ୍ତରୀ ଆରମ୍ଭ କଲେ । ମୁଁ ମଧ୍ୟ କଟକ ବାଙ୍କାବଜାରରେ ଥିବା ନନାଙ୍କ ନବଭାରତ ପ୍ରେସର ଗୋଟିଏ କୋଠରୀରେ କ୍ଲିନିକ୍ ଓ ଦୋକାନଟିଏ କରି ଘରୋଇ ଡାକ୍ତରୀ ଆରମ୍ଭ କରିଥିଲି ।

Digitized by srujanika@gmail.com

# ଗାଉଁଲି ନନା

## ଦ୍ୱିତୀୟ ଭାଗ—ପରିସ୍ଥିତିର ପ୍ରବାହ

( ସାତ )

**ସେତେବେଳର ଗ୍ରାମ୍ୟ ଚଳଣୀ—**

ଗାଁରେ ଥିଲାବେଳେ ନନାଙ୍କୁ ଯେ ଦେଖିବ, ସେ ଭାବିବ ଏ ଜଣେ ପୂରା ଗାଉଁଲି ଲୋକ। କାନ୍ଧରେ ଖଣ୍ଡିଏ ଗାମୁଛା ହାତରେ ଗୋଟିଏ ବଙ୍କୁଲି ବାଡ଼ି ଧରି ଗାଁର ଏମୁଣ୍ଡ ସେମୁଣ୍ଡ ବୁଲି ଆସନ୍ତି। ବୁଲି ବୁଲି କୂଅ ବୁଢ଼ୀମା, ତୁଳସୀ ଚଉରା କିମ୍ବା କାହା ପିଣ୍ଡାରେ ବସି-ପଡ଼ି ଲୋକମାନଙ୍କ ସଙ୍ଗେ ଗାଁ ଗଣ୍ଡା ବିଷୟ ଓ ଲୋକଙ୍କ ସୁବିଧା ଅସୁବିଧା ବିଷୟରେ କଥାବାର୍ତ୍ତା ହୁଅନ୍ତି।

ଧନୀ, ଦରିଦ୍ର ନିର୍ବିଶେଷରେ ସମସ୍ତଙ୍କ ସଙ୍ଗେ ମିଶି ସେମାନଙ୍କ ସହିତରେ ସମାନ ଭାବରେ ଆଳାପ କରନ୍ତି। ଗ୍ରାମର ଗରିବ ଓ ସ୍ୱାଭିମାନୀ ଲୋକଙ୍କୁ ସେ ଆଦର କରନ୍ତି ଓ ସମ୍ମାନ ଦେଖାନ୍ତି।

ବହୁ କାଳରୁ ଆମ ଗ୍ରାମ୍ୟ ସମାଜରେ ଗରିବ ଓ ଧନୀର ସମାନ ଆସନ ରହିଆସିଥିଲା। ବିଶେଷରେ ଗାଁ କୋଠସମ୍ପତ୍ତି, ସଭାସମିତି ଓ ଭୋଜି ଭାତରେ ଗରିବ ଓ ଧନୀର ସମାନ ଅଧିକାର ଥାଏ। ସମସ୍ତଙ୍କର ଆତ୍ମମର୍ଯ୍ୟାଦା ଜ୍ଞାନ ଅଧିକ ଥିଲା। କିଏ କାହା ପାଖରେ ମୁଣ୍ଡ ନୁଆଁଇ ଠିଆ ହେଉ ନଥିଲେ। ଗ୍ରାମର ନ ଥିଲାବାଲା, ଥିଲାବାଲାଙ୍କ ପାଖରେ ନିଜର ଦୈନ୍ୟ ଦେଖାଇ ହାତ ପତାଉ ନଥିଲେ।

ମୁଁ ପିଲାଦିନେ ବାହାରେ ଉଚ୍ଚ ପାଠ ପଢ଼ିଲାବେଳେ ଗାଁକୁ ଗଲେ ଅତି ଦରିଦ୍ର ଗ୍ରାମବାସୀଟିଏ ମଧ୍ୟ ମୋତେ ଦେଖିଲା ମାତ୍ରେ ହାତ

Digitized by srujanika@gmail.com

ଟେକ ଆଶୀର୍ବାଦ କରି, ବାପା କପରି ଅଛୁ ? କଅଣ ପଢ଼ୁଛୁ ବୋଲି ପଚାରନ୍ତି । ନ ଥିଲାବାଲା ହେଲେ ମଧ୍ୟ ମନର ଦାରିଦ୍ର୍ୟ ଲୋକଙ୍କୁ ସ୍ପର୍ଶ କରି ନଥିଲା । ସବୁ ଅବସ୍ଥାରେ ସମସ୍ତେ ଧୀରସ୍ଥିର ରହିବାକୁ ଚେଷ୍ଟା କରୁଥିଲେ । ଆଜିକାଲି ପରି ଅର୍ଥାଭାବରେ ବିବ୍ରତ ହୋଇ ଭାଙ୍ଗି ପଡ଼ୁ ନଥିଲେ । ଏବପରି ଗ୍ରାମର କେହି ବଡ଼ ଅଫିସରଙ୍କୁ ଦେଖିଲେ ବାବୁ ମତେ କି ମୋ ପୁଅକୁ ଗୋଟେ ଚାକିରି କରେଇ ଦିଅ, କି ଅମୁକ କରିଦିଅ, ସମୁକ କରିଦିଅ କହି ପଛରେ ଗୋଡ଼ାଉ ନଥିଲେ । ଲୋକଙ୍କର ନୈତିକ ବଳ ଅତୁଟ ଥିଲା ।

ମୁଁ ଜାଣେ ଯେ ପରମାଗୁରୁ ନନା ସମ୍ମାନ ଦେଖାଉଥିଲେ । ଗ୍ରାମର ଗରିବ ଲୋକଟିଏ କୌଣସିଥିଲେ ଯେପରି କ୍ଷୁନ୍ନ ନହୁଏ ସେଥିପାଇ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ଧର୍ମ, ଜାତି ଓ ଆର୍ଥିକ ସ୍ଥିତି ନିର୍ବିଶେଷରେ ଆମ ଦୁଆରେ ଏକା ସ୍ଥାନରେ ସମସ୍ତେ ବସି ଏକାପ୍ରକାର ପାତ୍ରରେ ଚା, ଜଳଖିଆ ଖାଉଥିଲେ । ଗରିବମାନଙ୍କ ପ୍ରତି ବେଶୀ ସହାନୁଭୂତି-ଶୀଳ ହେବାପାଇଁ ସେ ଆମକୁ ନିର୍ଦ୍ଦେଶ ଦେଉଥିଲେ ।

ଆମ ଗ୍ରାମପରି ବ୍ରାହ୍ମଣ ଶାସନମାନଙ୍କରେ ଦଶହରା ଦେବୀ ପୂଜା ବେଳକୁ ନିର୍ଦ୍ଧାରିତ ଦିନମାନଙ୍କରେ ଗ୍ରାମ ଦେବଦେବୀମାନେ ବିମାନରେ ବୁଲି ବୁଲି ଭିନ୍ନ ଭିନ୍ନ ଲୋକଙ୍କ ଘରେ ପାଳି ଅନୁସାରେ ଭୋଗ ଖାଆନ୍ତି । ଯାହାଙ୍କ ଘରେ ଯେଉଁଦିନ ଭୋଗ ହୁଏ ସେଦିନ ସେମାନେ ଯାହାଙ୍କ ଘରେ ପାଳି ନଥାଏ ସେମାନଙ୍କୁ ନିଜ ଘରକୁ ଭୋଜି ଖାଇବାକୁ ନିମନ୍ତ୍ରଣ କରନ୍ତି । ଗାଁଟି ଖୁବ୍ ବଡ଼ ହୋଇଥିବାରୁ ଏକା-ଦିନକେ ଏକାଧିକ ଲୋକଙ୍କର ପାଳିପଡ଼େ । ତେଣୁ ପାଳି ନଥିବା ଲୋକେ ଏକା ସମୟରେ ଭୋଜି ଖାଇବାକୁ ତିନି ଚାରି ବା ତତୋଧିକ ଘରୁ ନିମନ୍ତ୍ରଣ ପାଆନ୍ତି । ଯେଉଁ ନିମନ୍ତ୍ରଣ ପାଇବା ଲୋକ ଘରେ ବେଶୀ କୁଟୁମ୍ବ ଥିଲେ ସେମାନେ ବାଣ୍ଟି ହୋଇ ଭୋଜି ଖାଇବାକୁ ଯାଆନ୍ତି । ଏକୁଟିଆ ଲୋକ ହୋଇଥିଲେ ସେ କାହା ଘରକୁ ଯିବ ବା କାହା-ଘରକୁ ନଯିବ ସେ କଥା ଭାବି ଦ୍ୱନ୍ଦରେ ପଡ଼େ । କେବଳ ପୂଜା କାର୍ତ୍ତିକ ଅନ୍ୟ ପର୍ବପର୍ବାଣୀରେ ମଧ୍ୟ ସେହିପରି ହୁଏ । ପିଲାଦିନେ ଛୁଟି ସମୟରେ ଆମଘରେ ପୁରୁଷ ପିଲା ଭାବରେ ମୁଁ ପ୍ରାୟ ଏକୁଟିଆ ଥାଏ ।

Digitized by srujanika@gmail.com

ପୂଜା ସମୟରେ ନନାଙ୍କର ଅତି ପ୍ରିୟ ସତ୍ୟବାଦୀର ଅନ୍ୟତମ ପଞ୍ଚସଖା ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ କନିଷ୍ଠ ଭାଇ । ଆମ ଗ୍ରାମର ବାହାର ଓଡ଼ିଶା ପୂର୍ବତନ କାଉନ୍‌ସିଲର ଆଡଭୋକେଟ ହରିହର ଦାସଙ୍କ ଘରେ ଓ ତାଙ୍କ ପଡ଼ୋଶୀ ଅଭାବଗ୍ରସ୍ତ ବନମାଳୀ ଦାସ ଓ ଅନ୍ୟ କେତେକଙ୍କ ଘରେ ପାଳିପଡ଼ି ଏକାଦିନରେ ଭୋଜି ଡାକରା ଆସେ । ହରିଦାସଙ୍କ ଘରେ ବଡ଼ ଜାକଜମକରେ ଭୋଜି ହୁଏ । ଭୋଜିପାଇଁ ବହୁ ପ୍ରକାର ସୁସ୍ୱାଦୁ ଖାଦ୍ୟ ତିଆରି ହୋଇଯାଏ ଓ ଠିକ୍ ଖାଇବା ସମୟରେ ଭୋଜି ହୁଏ ।

ବନମାଳୀ ଦାସେ ବହୁ କଷ୍ଟରେ ସାଧାସିଧା ଭୋଜିଟିଏ କରିଥାଆନ୍ତି । ସେ ବଡ଼ ନୈଷ୍ଠିକ ଲୋକ ହୋଇଥିବାରୁ ନୈଷ୍ଠିକତା ଜଗୁ ଜଗୁ ଭୋଜିରେ ନଠ କରି ଖାଇବାବେଳ ଗଡ଼ାଇ ଦିଅନ୍ତି । ତେଣୁ ମୋର ପିଲା ମନ ହରିଦାସଙ୍କ ଘର ଭୋଜିଠାରେ ଥାଏ ।

ସେପରି ଭୋଜିରେ ଯାହା ଘରକୁ ଗଲେ ଚଳିବ ଭାବି ଲୋକେ ବେଶୀ ସଂଖ୍ୟାରେ ହରିଦାସଙ୍କ ପରି ଯାହାଙ୍କ ଘରେ ଭଲ ଭୋଜି ହୁଏ ସେମାନଙ୍କ ଘରକୁ ଯାଆନ୍ତି, କିନ୍ତୁ ଆମଘରେ କଡ଼ା ଆଦେଶ । ନନା ଆଗରୁ ମୋତେ ବୁଝାଇ କହି ଦେଇଥାଆନ୍ତି ହରିଦାସଙ୍କ ଘରକୁ ଲୋକ ଯିବେ, ତୁ ଗଲେ ନଗଲେ କିଛି ଯାଏଆସେ ନାହିଁ । ବନମାଳୀ ଦାସଙ୍କ ଭଳି ଅଭାବି ଲୋକଙ୍କ ମନରେ କଷ୍ଟ ଦେବୁ ନାହିଁ । ତାଙ୍କ ଘରେ ଯେଉଁପରି ଭୋଜି ହେଉ, ତାଙ୍କ ଘରକୁ ନିଶ୍ଚୟ ଯିବୁ । ସେ ଖୁସି ହେବେ ।

ବନମାଳୀ ଦାସେ ରାତିରେ ଡାକ ଆସିଲାବେଳକୁ ମୁଁ ଦୁଇ ତିନିକିଞ୍ଚି ଶୋଇ ସାରିଥାଏ । ନିଦରୁ ଉଠି ଆଖି ମଳି ମଳି ହରିଦାସଙ୍କ ଘରବାଟେ ତାଙ୍କ ଘରକୁ ଯାଏ । ସେତେବେଳକୁ ହରିଦାସଙ୍କ ଘରେ ଖିଆପିଆର ବଡ଼ ଗହଳ ଲାଗିଥାଏ, କେତେ ଲୋକେ ଖାଇସାରି ନାନା ସୁସ୍ୱାଦୁ ଖାଦ୍ୟ ଖାଇବାର ବର୍ଣ୍ଣନା କରି କରି ଘରକୁ ଫେରିଆସନ୍ତି । ମୁଁ ମନମାରି ବନମାଳୀ ଦାସଙ୍କ ଘରେ ପହଞ୍ଚେ ।

Digitized by srujanika@gmail.com

ସେହି ବନମାଳୀ ଦାସେ ଜଣେ ଅତ୍ୟନ୍ତ ସରଳ ସତ୍ୟନିଷ୍ଠ ଆତ୍ମନିର୍ଭରଶୀଳ ଗରିବ ବ୍ରାହ୍ମଣ । ଘର କେତେ ହାତ ଛଡ଼ା ଜମି ବାଡ଼ି ପ୍ରାପ୍ତ ନଥାଏ । ପୁରୀ ଲୋକନାଥ ମହାଦେବଙ୍କ ଉପରେ ପାଣିଲଗି କରିବାପାଇଁ ପାରଳାଖେମୁଣ୍ଡି ମହାରାଜାଙ୍କଠାରୁ ସେ ମାସକୁ ତିନୋଟି ମାତ୍ର ଟଙ୍କା ପାଉଥିଲେ । ସେଥିପାଇଁ ପ୍ରତ୍ୟେକ ଏକାଦଶୀ ଦିନ ୧୨-୧୪ ମାଇଲ ବାଟ ଚାଲି ଚାଲି ଯାଇ ଜଳାଭିଷେକ କରି ଫେରୁଥିଲେ । ସେ ଯେତେ କଷ୍ଟରେ ଚଳିଲେ ମଧ୍ୟ ନିଜର ନ୍ୟୁନତା ଦେଖାଇ କାହାପାଖରେ ହାତ ପତାଉ ନଥିଲେ ବରଂ ତାଙ୍କ ଘରକୁ ଭୋଜି ଖାଇ ନଆସିଲେ ସେ ଅଭିମାନ କରୁଥିଲେ ।

## ଗାଁ ଲୋକେ—

ନନା ଗାଁ ଲୋକଙ୍କ ସଙ୍ଗେ ଘନିଷ୍ଠ ସମ୍ପର୍କ ରଖିଥାନ୍ତି । ସେ କହନ୍ତି ଯେ ଗାଆଁ ର ନୁହେଁ ସେ କାହାର ନୁହେଁ । ସେ ରାତି ଅଧରେ ଆସି ଗାଁରେ ପହଞ୍ଚିଲେବି ହାତରେ ଲଣ୍ଠନଟିଏ ଧରି କାନ୍ଧରେ ଗାମୁଛାଟିଏ ପକାଇ ଗାଁ ବୁଲି ବାହାରି ପଡ଼ନ୍ତି ।

ଆଗେ ଆମ ଅଞ୍ଚଳରେ ଲୋକେ ଭାଙ୍ଗ, ଅଫିମ ପ୍ରଭୃତି ନିଶା-ଦ୍ରବ୍ୟ ପ୍ରଚୁର ପରିମାଣରେ ଖାଉଥିଲେ । କିନ୍ତୁ ନନା ହରି ବଡେଇ ଅନନ୍ତ ମିଶ୍ର ପ୍ରଭୃତିଙ୍କର କୁଅଭ୍ୟାସ ଓ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଯୋଗୁ ଆମ ଗ୍ରାମ ଗୋଟିଏ ଆଦର୍ଶ ଗ୍ରାମରେ ପରିଣତ ହୋଇଥିଲା ।

ମୋ ପିଲାଦିନେ ଭାଙ୍ଗ ଖାଇବା ଦୂରରେ ଥାଉ ବିଡ଼ି ସିଗାରେଟ-ଟିଏ କିଏ ଖାଇବା ମୁଁ ଦେଖିନାହିଁ । ଗାଁ ରେ ବହୁତ ଗୁଡ଼ିଏ ଦୋକାନ ଥିଲା କିନ୍ତୁ କେହି ବିଡ଼ି ସିଗାରେଟ ରଖୁ ନଥିଲେ । ମୁଁ ଲୋୱର-ପ୍ରାଇମେରୀ ଉପର କ୍ଲାସରେ ପଢ଼ିଲା ବେଳେ ସତ୍ୟବାଦୀ ଜେଉଳ ପାଖରେ ଜଣେ ବିଦେଶୀ ଯାତ୍ରୀ ସିଗାରେଟ ଖାଉଥିବାର ପ୍ରଥମଥର ପାଇଁ ଦେଖିଥିଲି ।

ମାଇନର ସ୍କୁଲରେ ପଢ଼ିଲାବେଳେ ବାଟରେ ବାଉଁଶମନେ ମଦଦୋକାନ ପାଖରେ ବସିବା ମୋ ଆଖିରେ ପଡ଼ୁଥିଲା । ସେଠାରେ ମାଛି ଭଣ ଭଣ ହେଉଥାଆନ୍ତି ଓ ମଦ ଗନ୍ଧରେ ବାଟ ଚାଲି ହେଉ ନଥିଲା ।

Digitized by srujanika@gmail.com

ତେଣୁ ଯେ କୌଣସି ମାଦକଦ୍ରବ୍ୟ ପ୍ରତି ଆମର ଘୃଣା ଜାତ ହୋଇଥିଲା । ସେତେବେଳେ ସତ୍ୟବାଦୀ ସ୍କୁଲର ଶିକ୍ଷକମାନଙ୍କୁ ଲୋକେ ଦେବତା ପରି ମନେକରୁଥିଲେ । ସେମାନଙ୍କୁ ସମ୍ମାନ ଦେଖାଇ ସେମାନଙ୍କ ଆଦର୍ଶରେ ଚଳିବାକୁ ଚେଷ୍ଟା କରୁଥିଲେ ।

ନନା କେବଳ ଗାଁ ଲୋକଙ୍କୁ ସୁଖ ପାଉଥିଲେ ନୁହେଁ, ସେମାନଙ୍କ ସ୍ଥୂଳଚଳଣି ଓ ଥଟ୍ଟା, ଥଟ୍ଟାଳିଆଙ୍କୁ ମଧ୍ୟ ଖୁବ୍ ସୁଖ ପାଆନ୍ତି । ନନା ଗାଁକୁ ଆସିଲେ ଗାଁର ବହୁ ମାନ୍ୟଗଣ୍ୟ ଲୋକ ତାଙ୍କ ନିକଟରେ ଆସି ବସନ୍ତି । ସେମାନଙ୍କ ଭିତରେ ତାଙ୍କ ବାଲ୍ୟଗୁରୁ ମଧୁସୂଦନ ମିଶ୍ର ପଣ୍ଡିତ ଅଭିମାନ ଦାସ, ହରିହର ମିଶ୍ର, ଗୋପିନାଥ ନନ୍ଦ, ଦୟାନିଧି ମହାପାତ୍ରେ ପ୍ରଭୃତି ପ୍ରଧାନ ।

ଶ୍ରୀ ମଧୁସୂଦନ ମିଶ୍ର ଓ ହରିହର ମିଶ୍ର ପ୍ରସ୍ତୁତକ ଅନନ୍ତଙ୍କ ବଡ ଭାଇ । ମଧୁ ମିଶ୍ର ବା ବଡ ଆପଣେ ଶ୍ରୀରାମଚନ୍ଦ୍ରପୁର ଭର୍ଣ୍ଣାକୁଲର ସ୍କୁଲର ହେଡପଣ୍ଡିତ ଥାଇ ନନାଙ୍କୁ ପାଠ ପଢ଼ାଇଥିଲେ ପରେ ନନା ଓ ଗୋପବନ୍ଧୁ ପ୍ରଭୃତିଙ୍କ ପ୍ରରୋଚନାରେ କାଳି, କଲମ, ଟେବୁଲ, ଚଉକି ସହିତ ସତ୍ୟବାଦୀକୁ ଉଠାଇ ନେଇ ସେଠାରେ ସତ୍ୟବାଦୀ ବିହାର ଆରମ୍ଭ କରିଥିଲେ । ସମାଜ ସଂସ୍କାର ଆନ୍ଦୋଳନରେ ସେ ନନାଙ୍କର ଜଣେ ପ୍ରଧାନ ସମର୍ଥକ ଥିଲେ । ସେ ଜଣେ ଉଚ୍ଚମନା ଦୂରଦର୍ଶୀ ପୁରୁଷ ଥିଲେ ।

ପଣ୍ଡିତ ଅଭିମାନ ଦାସ ନନାଙ୍କର କୁଟୁମ୍ବର ବଡ ଭାଇ । ତାଙ୍କର ଦୁଇପୁଅ ଶ୍ରୀ ନୀଳମଣି ଦାସ ଓ ଅଧ୍ୟାପକ ଚନ୍ଦ୍ରମଣି ଦାସ ସତ୍ୟବାଦୀର ଆଦର୍ଶ ପୁଅ ଥିଲେ । ପଣ୍ଡିତ ଅଭିମାନ ଦାସ ଓ ନୀଳମଣି ଦାସ ସେ ସ୍କୁଲରେ ଶିକ୍ଷକତା କରିଥିଲେ । ନୀଳମଣି ବଞ୍ଚିତ ଅଂଚଳ କାମ କରିବାକୁ ସିଂହଭୂମିରେ ବହୁଦିନ କଟାଇଥିଲେ ଓ ପରେ ନୂଆ ସତ୍ୟବାଦୀ ସ୍କୁଲର ଉଦ୍ୟୋକ୍ତା ଓ ଶିକ୍ଷକ ଥିଲେ । ଐତିହାସିକ ଅଧ୍ୟାପକ ଚନ୍ଦ୍ରମଣି ଦାସ ଓଡ଼ିଶାରେ ଜଣାଶୁଣା ଓ ଓଡ଼ିଆ ସାହିତ୍ୟରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ସେ ସତ୍ୟବାଦୀ ଗୋପବନ୍ଧୁ ସ୍ମୃତି ବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଥିଲେ ।

Digitized by srujanika@gmail.com

ହରିହର ମିଶ୍ର, ଗୋପିନାଥ ନନ୍ଦ ପ୍ରାଇମେରୀ ସ୍କୁଲ ଶିକ୍ଷକ ଦୟାନିଧି ମହାପାତ୍ର ପ୍ରଭୃତି ଗାଉଁଲି ଲୋକଙ୍କଠାରୁ କେବଳ ଆମ ଗ୍ରାମର ନୁହେଁ ଆଖପାଖ ଅଞ୍ଚଳର ସମସ୍ତ ଖବର ନନା ବୁଝି ନିଅନ୍ତି ।

ନନାଙ୍କର ଜଣେ ଠଟ୍ଟଲି ବାଲ୍ୟ ବନ୍ଧୁ ଥାଆନ୍ତି । ସେ ହେଉଛନ୍ତି ସାହିତ୍ୟିକ ଗୋବିନ୍ଦ ତ୍ରିପାଠୀଙ୍କ ବଂଶର ଶ୍ରୀ ନାରାୟଣ ତ୍ରିପାଠୀ । ନନା ଗାଁକୁ ଆସିବା ଖବର ଶୁଣିବାକ୍ଷଣି ସେ ତାଙ୍କର ନିଜର ସମସ୍ତ କାର୍ଯ୍ୟ ଛାଡ଼ି ନନାଙ୍କ ନିକଟକୁ ଚାଲି ଆସନ୍ତି । ତାଙ୍କର ସହିତ ନନାଙ୍କ ସମ୍ପର୍କକୁ ଲକ୍ଷ୍ୟକରି ଲୋକେ ତାଙ୍କୁ ମାନକଣ୍ଣଙ୍କ ବିଦୂଷକ ଆଖ୍ୟା ଦେଇ ଥାଆନ୍ତି । ତାଙ୍କଠାରୁ ହାଲୁକା ଠଟ୍ଟଲି ଗପ ସବୁ ଶୁଣି ନନାଙ୍କର ଚିନ୍ତା-କ୍ଲିଷ୍ଟ ଭାବନା ବହୁଳ ମସ୍ତିଷ୍କର ଗୁରୁଭାର ଅନେକାଂଶରେ ଲଘୁ ହୋଇଯାଏ ।

ସେ ଜଣେ ଧଡ଼ଆ ପତଳା ଲୋକ । ପରିଧାନ ଖଣ୍ଡିଏ ଗ୍ରେଟିଆ ମଇଳା ଲୁଗା, କାନ୍ଧରେ ଖଣ୍ଡେ କୋଇଲନିଳ କୋଟ ମଇଳା ଗାମୁଛା । ମୁଣ୍ଡର କେଶଗୁଡ଼ିକ ସବୁବେଳେ ତେଲରେ ଜୁଡ଼ୁବୁଡ଼ୁ । ସେ କଥ କହିଲାବେଳେ ଭିତରୁ ଡେଙ୍ଗା ଦିଆ ହୋଇଥିବା ବିରାଟ ପାନଖିଲି ଦ୍ୱାରା ଗିରିଶୃଙ୍ଗ ପରି ଦିଶୁଥିବା ଦୁଇଟି ଗାଲର ନିମ୍ନ-ଦେଶରେ ଥିବା ପାଟିର ଦୁଇ କଳରୁ ଦୁଇଧାର ପାନପିକ । ସେ କଥା କହିଲା ବେଳେ ବୋହି ଅସୁ ଥାଆନ୍ତି । ତାକୁ ତାଙ୍କର ସେଇ କୋଟ ଗାମୁଛାରେ ପୋଛି ପକାଉ ଥାଆନ୍ତି । ପାଦରେ ବିଧେ ବହଳର ଧୂଳି । ସେ ଆସି ନିର୍ବିକାର ଭାବରେ ନନାଙ୍କ ଦେହକୁ ଲଗି ମସିଣା ବା ଶେଯ ଉପରେ ବସି ପଡ଼ନ୍ତି । ନନା ସେଥିରେ ଗଡ଼ପଡ଼ ହେଉଥିଲେ । ସେ ନନାଙ୍କ ତକିଆରୁ ଅଧେ ମୁଣ୍ଡରେ ଦେଇ ସେଠାରେ ଗଡ଼ି ପଡ଼ନ୍ତି । ତେଣୁ ସେ ଆସିବାକ୍ଷଣି ଆଉଖଣ୍ଡେ ତକିଆ ମଗାଯାଏ । ଆମେ କୁନ୍ଥୁ କୁନ୍ଥୁ ହେଲେ ମଧ୍ୟ ବାଧ୍ୟହୋଇ ନିଜ ତକିଆ ଖଣ୍ଡିକ ଆଣିଦେଉ । ଆମ ଭିତରୁ କାହା ତକିଆ ଦିଆଯିବ ସେଥିପାଇଁ ମଧ୍ୟ ଆମ ଭିତରେ ତର୍କବିତର୍କ ଓ ଖଣ୍ଡଯୁଦ୍ଧ ହୋଇସାରିଲା ପରେ ସେ ତକିଆ ଖଣ୍ଡ ପାଇଥାଆନ୍ତି ।

Digitized by srujanika@gmail.com

ସେ ଚକଆଟି ମୁଣ୍ଡରେ ଦବାଇ ଅଳ୍ପ ସମୟ ପରେ ପାନପିକ ଓ ତେଲରେ ଜୁଡୁବୁଡୁ ହୋଇ ଚକଆଟି ତାର ରଙ୍ଗ ବଦଳାଇ ନିଏ । ନନା ସବୁ ଦେଖନ୍ତି କିନ୍ତୁ କିଛି କହନ୍ତି ନାହିଁ । ନନା ନିଜେ ବଡ଼ ପରିଷ୍କାର ପରିଚ୍ଛନ୍ନ କିନ୍ତୁ କାରଣ ତିଆଡ଼ିଙ୍କୁ କେବେ ସେ ସମ୍ବନ୍ଧରେ କିଛି କହିବାର ଆମେ ଶୁଣିନାହୁଁ । ନନାଙ୍କୁ ବି ସେ ସମ୍ବନ୍ଧରେ କିଛି ମନ୍ତବ୍ୟ ଦେବାକୁ ସମୟ ନଥାଏ । ତିଆଡ଼ି ମଉସା ପହଁଚୁ ପହଁଚୁ ଥଇଲି କଥା ଆରମ୍ଭ କରିଦଅନ୍ତି । ତାଙ୍କୁ ଦେଖିଲାକ୍ଷଣି ନନାଙ୍କର ଗୁରୁ ଗମ୍ଭୀର ମୁଖ ଆପେ ଆପେ ହସ ହସ ଭାବ ଧାରଣ କରେ ।

## ତିଆଡ଼ି ମଉସା—

ଆମେ ତାଙ୍କୁ ତିଆଡ଼ି ମଉସା ବୋଲି ଡାକୁ ସେ ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରର ଲୋକ । ତାଙ୍କର ଦୁଃଖର ସଂସାର ତାଙ୍କ ସ୍ୱଳ୍ପ ଜମିବାଡ଼ିରୁ କଷ୍ଟେମଷ୍ଟେ ତାଙ୍କର ଖର୍ଚ୍ଚବାର୍ଚ୍ଚ ଚଳେ । ନିଜର ଉପାସ ଭୋକ ବା ବାଦବିବାଦ ପ୍ରଭୃତି କଥା କାହା ଆଗରେ ନିଜର ଦୁଃଖ ବା ଦୈନ୍ୟ ପ୍ରକାଶ କରନ୍ତି ନାହିଁ ।

ତାଙ୍କର ସ୍ତ୍ରୀ ବାତଜ୍ୱର ରୋଗୀ, ଦୁଇଦୁଇଟା ଗୋଦର ଗୋଡ଼ ସବୁ ଘର ଚିନ୍ତା ତାଙ୍କ ଉପରେ ପକାଇ ଦେଇ ମଉସା ବାହାରେ ବୁଲିବୁଲି ଗପରେ ସମୟ କଟାଉଥାଆନ୍ତି । ଘରକୁ ଆସିବାକ୍ଷଣି ଗୃହିଣୀ ବହୁ ଅଭିଯୋଗ ବଖାଣି ଗଡ଼ର ଗଡ଼ର ହୁଅନ୍ତି । କିନ୍ତୁ ସେ ସବୁକୁ ମଉସା ଏ କାନରେ ପକାଇ ସେ କାନରେ ବାହାର କରିଦିଅନ୍ତି । ଘରେ ସାଗ, ଭାତ ଯାହା ମିଳେ, ତାହା ତୃପ୍ତିରେ ଭୋଜନକରି ପୁଣି ଦାଣ୍ଡକୁ ବାହାରି ପଡ଼ନ୍ତି । ତାଙ୍କର ସ୍ତ୍ରୀଙ୍କ ବ୍ୟବହାର ଘର କଥା କି ନିଜ କଥା ସେ କାହାକୁ ଜଣାଇ ଦିଅନ୍ତି ନାହିଁ ।

ସେ ଖୁବ୍ ଭଲରେ ଚଳନ୍ତି ବୋଲି ଅନ୍ୟମାନଙ୍କୁ ଧାରଣା ଦେବାକୁ, ଘରେ ପଖାଳ ସାଗ ଖାଇଥିଲେ ମଧ୍ୟ ଖେଚେଡ଼ି, ମାଛତରକାରୀ ଆମ୍ବିଳ ଭଜା ପ୍ରଭୃତି ନାନା ସୁଖାଦ୍ୟ ଖାଇକରି ଆସିଛନ୍ତି ବୋଲି ବର୍ଣ୍ଣନା କରନ୍ତି ।

Digitized by srujanika@gmail.com

ଥରେ ଘରୁ ବାହାରି ଚଢ଼ିଲେ ଆଉ ପୁଣି ଘରଆଡ଼େ ମୁହଁ ଫେରାଇବା ତାଙ୍କୁ ବୋଧହୁଏ ଭଲ ଲାଗେ ନାହିଁ । ସେ ଥରେ ଥରେ ଲୁଣ ତେଲ ପାଇଁ ଦୋକାନକୁ ଯାଇ ଘରକୁ ଫେରୁ ଫେରୁ ଦୁଇ ତିନିଦିନ ଲାଗିଯାଏ ।

ପ୍ରଥମେ ତାଙ୍କର ସନ୍ତାନସନ୍ତତି କେହି ନଥିଲେ । ବିବାହର ବହୁ ବର୍ଷ ପରେ ଗୋଟିଏ ପୁଅ ଜନ୍ମ ହୋଇଥିଲା, ପିଲାଟି ଜନ୍ମରୁ ନାନା ରୋଗ ଭୋଗୁଥିଲା । ଦିନେ ମଜସା କେଉଁଆଡ଼ୁ ବୁଲି ବୁଲି ଘରକୁ ଫେରିଲାବେଳକୁ ପିଲାକୁ ବହୁତ ଜ୍ୱର । ଘରଣୀ ନିଜେ ତିନିଦିନ ବାତଜ୍ୱର ରୋଗରେ ପଡ଼ି ଟିକିଏ ଭଲ ଲାଗିବାରୁ ପୁଅ ପାଖରେ ମୁହଁ ଶୁଖାଇ ବସିଥିଲେ ।

ସେ ଦୃଶ୍ୟ ଦେଖି ମଜସା ପୁଅର ରୋଗଶଯ୍ୟା ପାଖରେ ବସିପଡ଼ି ପୁଅ ମୁଣ୍ଡକୁ ଟିକିଏ ଆଉଁସିଲେ । ତାପରେ ଚଞ୍ଚଳ ହୋଇ ସେଠାରୁ ଉଠି ଘର ଭିତରୁ ଖାଲି ଶିଶିଟିଏ ଆଣି 'ମୁଁ ଡାକ୍ତରଖାନା ଯାଇ ଔଷଧ ନେଇ ଆସେ କହି ଘରୁ ଚାଲିଗଲେ ।'

ନିଜ ଘରୁ ଆସି ଆମ ଦୁଆରେ ପହଞ୍ଚିଲାବେଳକୁ ନନା ସେଠାରୁ ଗାଁକୁ ଆସିଥିବାର ଶୁଣି ଆମ ଘର ଭିତରକୁ ମୁହାଁଇଲେ । ନନାଙ୍କୁ ଦେଖିବାକ୍ଷଣି ଗପ ଜମିଗଲା । ସେ ପୁଅ ଔଷଧ ଏପରିକି ଘରକୁ ଖବର ଦେବା ପର୍ଯ୍ୟନ୍ତ ସବୁ ଭୁଲି ଯାଇ ନନାଙ୍କ ପାଖରେ ଦୁଇଟି ଦିନ କଟାଇଦେଲେ ।

ଦୁଇଦିନ କାଳ ଘରକୁ ନ ଫେରିବାରୁ ଓ ତାଙ୍କର କୌଣସି ଖବର ନ ପାଇବାରୁ ତାଙ୍କ ସ୍ତ୍ରୀଙ୍କ ମନରେ ବହୁ ପ୍ରକାର ଆଶଙ୍କା ଜାତ ହେଲା । ଅନ୍ୟ ବେଳ ହୋଇଥିଲେ ହୁଏତ ସେ ଏତେ ବ୍ୟସ୍ତ ହୋଇ ନଥାନ୍ତେ କିନ୍ତୁ ଏକମାତ୍ର ପୁଅର ଏପରି ଦେହ ଖରାପବେଳେ, ଅତି ଚିନ୍ତାରେ ନଖାଇ ନପିଇ ଔଷଧ ପାଇଁ ଯାଇ ନ ଫେରିବାରୁ ତାଙ୍କ ମନକୁ ପାପ ଛୁଇଁଲା ।

ପୁଅର ମେଲେରିଆ ଜର ଛାଡ଼ି ଯାଇଥିଲା । ସେ ପୁଅକୁ ପଡ଼ୋଶୀ ଘରେ ଛାଡ଼ି, ସେଠାରୁ ଦୁଇମାଇଲ ଦୂର ଡାକ୍ତରଖାନା, ରେଳଷ୍ଟେସନ

Digitized by srujanika@gmail.com

ପ୍ରଭୃତି ସବୁ ଖୋଜି ଖୋଜି ତାଙ୍କର କୌଣସି ସମ୍ବାଦ ନ ପାଇବାରୁ ହତାଶ ହୋଇ ଆମ ବାଡ଼ିପଟେ ବାହୁନା ପକାଇ ପକାଇ ଘରକୁ ଫେରୁଥିଲେ ।

ମୋ ବୋଉକୁ ଦେଖିବାକ୍ଷଣି କାନ୍ଦି କାନ୍ଦି ସେ କହିଲେ 'ପୁଅର ଅତି ଦେହ ଖରାପ ଦେଖି ତାର ଆଶା ଛାଡ଼ି 'ଭଏ' କୁଆଡ଼େ ପଳାଇଲେ କି ରେଳ ଗାଡ଼ି ଆଗରେ ଶୋଇ ପଡ଼ିଲେ । ପୁଅ ଦେହଟା ଭଲ ହେଲାଣି, କିନ୍ତୁ ଭଏ ଏବେ ଗଲେ କୁଆଡ଼େ, ମୁଁ ଏବେ କଅଣ କରିବି ।

ମୋ ବୋଉ ତାଙ୍କୁ କିଛି କହିବା ପୂର୍ବରୁ ମଉସା ଆମ ଘର ଭିତରୁ ତାଙ୍କ ଘରଣୀଙ୍କ ବାହୁନା ଶୁଣି, ଖାଲି ଖିଗିଛ ଧରି ତାଙ୍କ ନିକଟକୁ ଆସି କହିଲେ 'ହଁ ହଁ ମୁଁ ଜାଣିଥିଲି । ପୁଅର ଜର ନଷ୍ଟସୁ ଛାଡ଼ି ଯିବଣି, ତୁମେ ମିଛରେ କାହିଁକି ବ୍ୟସ୍ତ ହେଉଛ ? ଦାସେ ଆପଣେ ଘର ଗାଁକୁ ଆସିଥିଲେ, ତେଣୁ ମୁଁ ଏଠାରେ ଟିକିଏ ଅଟକି ଗଲି । ଚାଲ ଚାଲ ଘରକୁ ଯିବା । ଆଉ କାନ୍ଦାକଟା କର ନାହିଁ । ଦାସେ ଆପଣେ ଶୁଣିଲେ ଆମକୁ କଅଣ ଭାବିବେ । ସେ ତାଙ୍କ ସ୍ତ୍ରୀକୁ ଘରେ ପହଞ୍ଚାଇ ଦେଇ ପୁଣି ଆମ ଘରକୁ ଲେଉଟି ଆସିଲେ ।

## ଥଣ୍ଟଲି କଥା :—

ସେ ଗ୍ରାମ୍ୟ ଲୋକଙ୍କୁ ଓ ଛୋଟ ଛୋଟ ଘଟଣା ଦେଖି ଲୋକ ଚରିତ୍ର ଚିହ୍ନି ସବୁବେଳେ ନୂଆ ନୂଆ ହାସ୍ୟୋଦ୍ଦୀପକ ଗଳ୍ପ ସବୁ ସୃଷ୍ଟି କରନ୍ତି । ସେ ଗଳ୍ପର ବର୍ଣ୍ଣନାରେ କାହାପ୍ରତି ଈର୍ଷା, ତାଚ୍ଛଲ୍ୟ ବା ଷଡ଼କାରକ ବସ୍ତୁର କୌଣସି ସୂଚନା ନଥାଏ । ସେଗୁଡ଼ିକର ସୃଷ୍ଟି କେବଳ ହାଲୁକା ମନ ଖୁସି କରିବା ପାଇଁ ।

ଆମେ ପିଲାମାନେ ବେଳେବେଳେ ସେଠାରେ ବସି ତାଙ୍କ କଥା ଶୁଣୁ । ତାଙ୍କ କଥା ଶୁଣିଲେ ସେଠାରୁ ଆଉ ଉଠିଆସିବାକୁ ମନ ହୁଏ ନାହିଁ । କିଏ କି ଭଙ୍ଗୀରେ କଥା କହିଲା, କିଏ କପରି କାଶିଲା, କପରି ଛିଙ୍କିଲା 'ହସିଲା' ଚାଲିଲା କି କି ଅବାନ୍ତର କାର୍ଯ୍ୟ

Digitized by srujanika@gmail.com

କଲ, ସେଗୁଡିକ ବନେଇ ଚୁନେଇ ସୁନ୍ଦର ଭାବରେ ବର୍ଣ୍ଣନା କରି ପାରନ୍ତି ।

ଆମ ଗ୍ରାମରେ ଗୋବନ୍ଦ ମିଶ୍ର ବୋଲି ଜଣେ ଧଡିଆ, କାଳିଆ ଲୋକ ଥିଲା, ତା ମୁହଁରେ ଗୋଟେ ଦୁଇଟା ଖାଲୁଆ ଖାଲୁଆ କଟା ଦାଗ, ଏଠି ସେଠି ହୋଇ ଦୁଇ ଷ୍ଟରଟା ଦାଡି । ସେ ପେଟମରା ରୋଗୀ ହୋଇଥିବାରୁ ସବୁବେଳେ ମୁହଁଟାକୁ ବକ୍ରିତ କରୁଥାଏ ।

ତା ସମ୍ବନ୍ଧରେ ହସ ସୃଷ୍ଟି କରିବାକୁ ଯାଇ ମଉସା କହିଲେ ଆଜି ମୁଁ ଆସିଲା ବେଳକୁ ଗାଁ ମଝି ମଣ୍ଡପଠାରେ ବସି ଗୋବନ୍ଦ ଗୋଟିଏ ଦର୍ପଣରେ ନିଜ ମୁହଁ ଦେଖି ନାନା ପ୍ରକାର ଅଙ୍ଗଭଙ୍ଗୀ ସୃଷ୍ଟି କରି ମୁଣ୍ଡୁକେଇ ମୁଣ୍ଡୁକେଇ ହସୁଥିଲା । ମୋତେ ଦେଖିବାକ୍ଷଣି ଟିକିଏ ଅପ୍ରତିଭ ହୋଇଗଲା ତାପରେ, ତାକୁ ସମସ୍ତେ ଅସୁନ୍ଦର ବୋଲି କହିଲେ ମଧ୍ୟ ସେ ଦର୍ପଣରେ ନିଜ ମୁହଁ ଦେଖି ତାର ଛଅ ଭଉଣୁଙ୍କ ଭିତରେ ସବୁଠାରୁ ସୁନ୍ଦର ସେ ଏକଥା ଜାଣିପାରନ୍ତି ବୋଲି ମୋତେ କହିଲା ।

'ମୁଁ ଆଉ ତାକୁ କଅଣ କହିବି ! ମୋ ପାଟିରୁ ବାହାରି ପଡିଲା ହଇରେ ତୋ ଚେହେରା ତ ଏମିତି, ତୋ ଭଉଣୀମାନଙ୍କ ଚେହେରା କମିତି ନ ହୋଇଥିବ । ଅହା ଏପରି ବାଛୁବାଛୁ ଜୋଇଁ ଗୁଡିଏ କରିବାକୁ ତୋ ଶ୍ୱଶୁରଙ୍କୁ କେତେ କଷ୍ଟ କରିବାକୁ ପଡୁନଥିବ ? ମଉସାଙ୍କର ଏ କଥାରେ ସମସ୍ତେ ଠୋ ଠୋ ହସିଲେ କିନ୍ତୁ ତାଙ୍କ ମୁହଁରୁ ହସ ବାହାରିଲା ନାହିଁ ।

ବେଳେବେଳେ ମଉସା ଆରମ୍ଭ କରି ଦଅନ୍ତି ବୁଝିଲେ ଦାସ ଆପଣେ ଆଜି ମୁଁ ହରଚଣ୍ଡୀ ଠାକୁରାଣୀଙ୍କୁ ଦର୍ଶନ କରି ସାରି ଦଣ୍ଡା ଗୋରଡା କାଟେ ନଈ କୂଳେ କୂଳେ ଆସୁଥିଲାବେଳେ ଦାସିଆ ବାଉରିଠାରୁ ଗୋଟେ ନୂଆ ପ୍ରକାର 'ମାଛ' ବାହାରି ଥିବା କଥା ଶୁଣି ଆସିଲି । କଥା କଅଣ କି ! ନଈ ବାଙ୍କ ନିକଟରେ ଜଣେ ବାଟୋଇ ନଈରେ ପଶି ଆରପଟକୁ ଯିବା ପାଇଁ ଦାସିଆକୁ ପଚାରିବାରେ ଦାସିଆ ଉତ୍ତର ଦେଲା ସାଆନ୍ତଲେ ଯାଉନୁ ମୁଁ ପରା ଆରପଟୁ ଏଇନେ ଆଇଲି ।

Digitized by srujanika@gmail.com

ବେଶୀ ପାଣି ନାହିଁ । ପଣିକରି ଯାଇହେବ । ସେଠି ମୋତେ ଗଅଁଠ ଗାଣ୍ଡିଏ ପାଣି, ଲମ୍ବ ଓଦା ହବନ ଗାମୁଛା ପାଲଟି ଗୁଲଯାଅ ।'

ସେ ପୁଣି କେବେ ଆରମ୍ଭ କରନ୍ତି 'ଆଜ୍ଞା ପେଟମରାକୁ ଯେ ବୋଇତ ବଣିଜ ସବୁ ନୁହଁ, ଏ କଥାର ତାତ୍ପର୍ଯ୍ୟ ଆଜ ମୁଁ ବୁଝିକରି ଆସିଲି । ମୁଁ ଗାଁ ଡାଣ୍ଡେ ଡାଣ୍ଡେ ଆସିଲାବେଳକୁ ଦେଖିଲି କାଳୁ ଢଆଡ଼ଏ ପୁଳ.୯ ଶିଶି ଧରି ଡାକ୍ତରଖାନାକୁ ବାହାରି ଥିଲେ । ତାଙ୍କ ଘରେ ସମସ୍ତଙ୍କର ଶୁଳା ହଗା ବାହାରିଛି ଓ ସମସ୍ତେ ପେଟମରା ରୋଗରେ ଗଡ଼ୁଛନ୍ତି । ସେ ଡାକ୍ତରଖାନା ଯିବାକୁ ତରତର ହେଉଛନ୍ତି ।

ତାଙ୍କୁ ଦେଖିବାକ୍ଷଣି 'ଭେପା ପଣ୍ଡିତେ' ନିଜ ଦୁଆରୁ ବଡ଼ ପାଟିକରି ଡାକ ଗୁଡ଼ କହିଲେ ''ହେ କାଳୁ ଭାଇନା ତୁମେ ଏତେ ଭୁଲଟାଏ କରିବାକୁ କାହିଁକି ଯାଉଛ, ଡାକ୍ତରଖାନାରୁ ଔଷଧ ଆଣି ଘରେ ସମସ୍ତଙ୍କ ପେଟମରା ଭଲ କଲେ ତୁମର କି ଲାଭ ହେବ । ପେଟମରା ଭଲକରି, ତୁଆରେ କାହିଁକି ଘରେ ବୋଷେଇ ବାସର ବ୍ୟବସ୍ଥା କରାଇ ଘର ଖର୍ଚ୍ଚ ବଢ଼ାଇ ଖର୍ଚ୍ଚାନ୍ତ ହେବ ।

ମାଲରୁ ଗୋଟାଇ ପାଚଲା ତାଳ ଖାଇ ବର୍ଷଁଶଯାକ ତ ଦୁଇମାସ ଦାନ ବିନା ଖର୍ଚ୍ଚରେ ଚଳିଗଲା, 'ଏବେ ତାଳ ଖାଇବା ଯୋଗୁ ପେଟମରା ରୋଗ ବାହାରିବା ଯେ ସମସ୍ତଙ୍କର ବୋଷେଇ କରି ଖାଇବା ମାସେ ହେଲା ବନ୍ଦ, ଚୁଡ଼ାଧୂଆ ପାଣିରେ ଚଳି ଯାଉଛି । ତୁମେ ବସ୍ଥିର କଲ ଏହାଦ୍ୱାରା ତୁମର କେତେ ପଇସା ଖର୍ଚ୍ଚ ନହୋଇ ଜମା ହେଲାଣି । ଏତିକି ଦିନରେ ବ୍ୟବସାୟ କରିଥିଲେବି ତୁମେ କଅଣ ଏତେ ପଇସା ରଖି ପାରିଥାଆନ୍ତ ? ଯାଅ ଯାଅ ଘରକୁ ଫେରିଯାଅ ଶାସ୍ତ୍ର ପର କହୁଚି ପେଟମରାକୁ ବୋଇତ ବଣିଜ ସବୁନୁହଁ ।'

ହୃଷ୍ଟା ବମି ଡାସର ମୁଗଜଗା ଜର କଥା, ମଉସା ବର୍ଣ୍ଣନା କରିବା ମୋର ମନେ ପଡୁଛି ।

Digitized by srujanika@gmail.com

ଶୀତଦିନ, ବିଲରେ ମୁଗ କଟାହୋଇ ପଡ଼ିଛି । କାକର ପଡ଼ୁଛି । ପୁରା କଟା ନସରିଲେ ଶଗଡ଼ କରି ନିଜ ଖଳାକୁ ଅଣା ହେବ ନାହିଁ । ରାତିରେ ନଜଗିଲେ ଚୋର ନେଇଯିବେ । ରମିଦାସ ଏକୁଟିଆ ଲୋକ ରାତିରେ ମୁଗ ଜଗୁଥିଲା । ଦିନେ ତାକୁ ଜର ଆସିଲା ସେ ଜରକୁ ଧମକାଇ କହିଲା କରେ ଚୋରେ କଣ ସଲାକରି ମୋ ପାଖକୁ ପଠାଇଛନ୍ତି ମୁଁ ଘରେ ଶୋଇଲେ ମୋ ମୁଗ ତକ ନେଇଯିବେ । ଆରେ ଜର ତୁ ମତେ ଚିହ୍ନିନୁ ମୋ ଘରେ କଅଣ କମ୍ବଳ, ଘୋଡ଼ିହେଲା ଅଛି ଯେ ତୋତେ ଘୋଡ଼ାଇ ପୋଡ଼ାଇ ଖଟରେ ଶୁଆଇ ଦେବ । ମୋ ଘରେ ଚାକର ଚାକରାଣୀ ଅଛନ୍ତି ଯେ ତୋର ସେବାକରି ଗୋଡ଼ ଘସିବେ । ନା । ମୋ ଘରେ ଧନ ଥୁଆହୋଇଛି ଯେ ତୋତେ ଏଇଲେ କିଣିକରି ମିଠା ଔଷଧ ପାଚି ସୁଆଦୁ ଫଳ ସବୁ କିଣିକରି ଦେବ । ହଇରେ ଆମ ଗାଁରେ ଏତେ ବଡ଼ଲୋକ ଅଛନ୍ତି, ଯାହାଙ୍କର ଭଲ ଘୋଡ଼ିହେଲା ଅଛି, ଚାକର ଅଛନ୍ତି, ମଉଜ ମଜଲିସ୍ କରିବାକୁ ପଇସା ଅଛି । ତାଙ୍କ ଘରକୁ ନଯାଇ ମୋ ପାଖକୁ ଆସିଛୁ ନା ଆ, ଆ ପାଇବୁ ତତେ ପୁରା ଥଣ୍ଡା କରିଦେଉଛି । ଚାଲ ମୋ ସାଙ୍ଗେ ମୁଗ ଜଗିବୁ ଚାଲ । ଏହାକହି ସ୍ତ୍ରୀ କଥା ନମାନି ହୁଣ୍ଡାରାମି ଜରକୁ ସାଙ୍ଗରେ ଧରି ଥଣ୍ଡା କାକରରେ ବିଲରେ ତିନି ଚାରିଦିନ ମୁଗ ଜଗାଇବା ପରେ ଜଳ ମୁଣ୍ଡରେ ରମିକୁ ସାଡ଼େଙ୍ଗା କରି ପକାଇଦେଇ, ଦେହରୁ ଜର ତା ବ୍ୟବହାରରେ ତା ଶରୀରକୁ ଛାଡ଼ି ପଳାଇଲା ।

ଗାଁବାଲା ତାର ଥଣ୍ଡା ଶରୀରକୁ ଗାଁକୁ ଆଣି ଶବ ସତ୍କାରର ବ୍ୟବସ୍ଥା କଲେ ।

ବିଚରା ଗରିବ ଲୋକଟିର ଏ ଦୁଃଖ ଶୁଣି ଆମ ମନରେ ଯେତିକି ସହାନୁଭୂତି ଓ ବେଦନା ଜାତ ହେଲା ତାଙ୍କର କଥା ଚାତୁରୀରେ ସେ ଲୋକର ମୂର୍ଖାମୀ ଓ ହୁଣ୍ଡାମୀ ପାଇଁ ସେତିକି ହସ ମଧ୍ୟ ମାଡ଼ିଲା ।

**ସମାଜ ଚିତ୍ର.—**

ନନା ଏପରି ଲୋକଙ୍କ ସଙ୍ଗେ ମିଶି ଗ୍ରାମ୍ୟ ସମାଜର ସମ୍ପୂର୍ଣ୍ଣ ଚିତ୍ର ଆଖି ଆଗରେ ରଖି, ସାଧାରଣ ଲୋକଙ୍କର ଚାଲିଚଳଣି, ହାବ-

Digitized by srujanika@gmail.com

ଘର ଦୁଃଖ ସୁଖ ଓ ଗ୍ରାମ୍ୟ ଜୀବନ ସଙ୍ଗେ ସମ୍ପର୍କ ରଖିଥାଆନ୍ତି । ଖାଲି ସେତିକି ନୁହେଁ ସବୁ ଗ୍ରାମର ଇତିହାସ ଲୋକଗୀତି ଓ ଗ୍ରାମ୍ୟ କବିଙ୍କ କବିତା ସବୁ ସଂଗ୍ରହ କରୁଥାଆନ୍ତି ।

କେଉଁ ଗ୍ରାମର କୌଣସି ଲୋକ କଥା ପଡିଲେ ସେ ତାର ଚଉଦ ପୁରୁଷ କଥା ଗାଇ ଯାଇ ପାରନ୍ତି । କେଉଁ ଲୋକ କେଉଁ ବଂଶର, ତା ବଂଶରେ କିଏ କେବେ କଅଣ କରିଥିଲେ, ସେ ବଂଶ କେଉଁସ୍ଥାନ ଦେଇ ଏବେ କେଉଁଠି ଯାଇ ବାସ କରୁଛନ୍ତି । ତାରି ବଂଶର କେଉଁ ଲୋକ ରଜାଙ୍କଠାରୁ କପଟି, ବ୍ରହ୍ମା, ପଟ୍ଟଯୋଶୀ, ବାହିନୀପତି ତର୍କରତ୍ନ ପ୍ରଭୃତି କେଉଁ ଉପାଧି ପାଇଥିଲା ବା ଲୋକଦଣ୍ଡ, ମୁଷା ଲାଙ୍ଗୁଡ଼ି ଚଡ଼କା ମଙ୍କଡ଼, ମାଇମାଛ ପାଣି, ବଡ଼ଠୋପା, ଚୁଡ଼ାଭଜା ପ୍ରଭୃତି ବ୍ୟଙ୍ଗାତ୍ମକ, ଉପପଦରେ ଡକାଯାଉଥିଲା ସେ ସବୁ ତାଙ୍କୁ ଜଣାଥିଲା ।

ଆମ ଗ୍ରାମର ଆଶୁକବି ରାମ ଦାସଙ୍କର କବିତା ସବୁ ଲୋକ ମୁଖରୁ ଶୁଣିବା ତାଙ୍କୁ ଖୁବ୍ ସୁଖ ଲାଗେ । ସେଥିରୁ ଗୁଡ଼ିଏ ସଂଗ୍ରହ କରି ଲେଖି ରଖିବାକୁ ସେ ମୋତେ ବରାଦ କରିଥିଲେ ।

ରାମ ଦାସେ ଅବଧାନ କରୁଥିଲେ କୌଣସି ଘଟଣା ଘଟିଲେ ବା ତାଙ୍କୁ କେହି ବାଟରେ ଘାଟରେ କୌଣସି ପ୍ରଶ୍ନ କଲେ ସେ ସଙ୍ଗେ ସଙ୍ଗେ ଅତି ସୁନ୍ଦର କବିତାଟିଏ ଯୋଡ଼ିକରି ବୋଲିଦେଇ ପାରୁଥିଲେ । କିନ୍ତୁ କିଛି ଲେଖିକରି ରଖୁନଥିଲେ । ରାମ ଦାସେ ମୋ ଜନ୍ମର ବହୁ ପୂର୍ବରୁ ସ୍ୱର୍ଗାରୋହଣ କରିଥିଲେ । ତାଙ୍କ ପୁଅ ଆମ ନୂଆ ସତ୍ୟବାଦୀ ସ୍କୁଲ ମେସରେ ପାଚକ କାର୍ଯ୍ୟ କରୁଥିଲେ । ସେ ମଧ୍ୟ ବହୁଦିନୁ ଆରପୁରକୁ ଗଲେଣି ।

ଯଦିଓ ରାମ ଦାସଙ୍କ କବିତା ସବୁ ଲେଖା କି ଛପା ହୋଇନାହିଁ ତଥାପି ଏବେବି କେହି କେହି ତାଙ୍କ କବିତାର ପଦେ ଅଧେ ବୋଲନ୍ତି । ସେ ଥରେ କୁଆଡ଼େ ଯାଉଥିଲାବେଳେ ଜଣେ କିଏ ପଛରୁ ତାଙ୍କୁ ଅବଧାନେ ଅବଧାନେ ବୋଲି ଡାକିବାରୁ ସେ ସଙ୍ଗେ ସଙ୍ଗେ ବୋଲି ଦେଇଥିଲେ, ଅବଧାନେ ଅବଧାନେ କିଏ ଡାକୁଛି । ମୁଁ ତ ଭଗବତ ଆଉ ଅନ୍ତ ଖୋଜି ବୁଲୁଛି ।

Digitized by srujanika@gmail.com

ଏହି ଦୁଇ ପଦରୁ ଇଂରେଜ ଅମଳରେ ଆଧୁନିକ ସ୍କୁଲ ସବୁ ବସିଲା ପରେ ଅବଧାନମାନଙ୍କ ଅବସ୍ଥା କଅଣ ଥିଲା ତାର ଛବି ମିଳୁଛି ।

## ନନାଙ୍କ ଥଟ୍ଟା ଟାପରା:—

ସତ୍ୟବାଦୀ ବଣାରର ଯେତେଜଣ ପୂର୍ବତନ ଶିକ୍ଷକଙ୍କୁ ମୁଁ ଦେଖିଚି ସେମାନେ ସମସ୍ତେ ବାହାରକୁ ଗମ୍ଭୀର ଦେଖାଯାଉଥିଲେ ମଧ୍ୟ ସମସ୍ତେ ହାସ୍ୟ ରସିକ ଥିଲେ । ଗୋଦାବରୀଶ ବାବୁ (ମିଶ୍ରେ) ହରିହର ଦାଦେଇ (ଆଚାର୍ଯ୍ୟ) ପ୍ରଭୃତି ସମସ୍ତେ ବେଳେ ବେଳେ ଯେ ଟିଏ ଗୋଟିଏ ଥଟ୍ଟାଳି କଥା କହି ଶ୍ରୋତାମାନଙ୍କୁ ହସାଇ ହସାଇ ଗଡ଼ାଇ ଦିଅନ୍ତି କିନ୍ତୁ ନିଜେ ହସନ୍ତି ନାହିଁ ।

ଥରେ ନନାଙ୍କ ନିକଟକୁ ଆସିଥିବା, ଦୁଇଜଣ ସମବୟସୀ ଗପ କରୁ କରୁ ଜଣେ ଅନ୍ୟ ଜଣଙ୍କୁ ପଚାରିଲା 'ହଇରେ ତୋର ବୟସ ଏବେ କେତେ ? ସେ ଉତ୍ତର ଦେଲେ 'ବାଉନ ହେବ' । ପଚାରିଥିବା ଭଦ୍ର-ବ୍ୟକ୍ତି ଅଟ୍ଟହାସ କରି କହିଲେ 'କିରେ ତୋ ବୟସ କଅଣ ଲୁଚିଗଲା କି ? ଦଶବର୍ଷ ତଳେ ତ କହୁଥିଲୁ ତୋତେ ବାଉନ ହୋଇଥିଲା ବୋଲି ଏବେ କଅଣ ସେଇ ବାଉନ ।'

ନନା ସେ ଦୁହିଁଙ୍କ କଥୋପକଥନ ଶୁଣୁଥିଲେ । ସେ ହଠାତ୍ କହି ପକାଇଲେ 'ଭଦ୍ରଲୋକର ଗୋଟେ କଥା' । ସେ ତାଙ୍କ ପୂର୍ବ କଥାକୁ ବଦଳାଇବେ କିପରି ?

ଗାଁରେ ଦୋଳପୂର୍ଣ୍ଣିମା ଦିନ ନନା ଦାଣ୍ଡରେ ବୁଲୁଥିଲେ, ଘରକୁ ଫେରିଲା ବେଳକୁ ତାଙ୍କ ମୁହଁଦାଢ଼ି, ମୁଣ୍ଡର କେଶ ପ୍ରଭୃତି ସବୁ ଅବିର ରଙ୍ଗରେ ଏକାକାର ହୋଇ ଯାଇଛି । ତାଙ୍କ ମୁହଁରେ ଏପରି ରଙ୍ଗ ବୋଳିବାକୁ କିଏ ସାହସ କଲା ଏକଥା ବିଚାରି ଆମେ ବଡ଼ ଆଶ୍ଚର୍ଯ୍ୟ ହେଲୁ, ବୋଉ ପଚାରିବାକ୍ଷଣି ସେ ହସି ହସି କହିଲେ ଆଉ କିଏ ବୋଳିବ ସେଇ ଲମ୍ବ ଜନ୍ତୁଟା ବୋଳିଦେଲା ।

Digitized by srujanika@gmail.com

ହାଡ଼ୁମିଶ୍ର ବୋଲି, ଜଣେ ଧଡ଼ିଆ ଢେଙ୍ଗାବୁଢ଼ା, ନନାଙ୍କ ମାମୁଁ-ଝିଅ ଭଉଣୀକୁ ବିବାହ କରିଥିଲେ । ନନାଙ୍କର ସେ ଭଉଣୀ ବହୁ କାଳରୁ ସ୍ୱର୍ଗାରୋହଣ କରିଥିଲେ । ହାଡ଼ୁମିଶ୍ରଙ୍କ ଲମ୍ବା ଚେହେରା ଯୋଗୁ ତାଙ୍କୁ ଲୋକେ ଧର୍ମ୍ମ ସାପ ନାମ ଦେଇ ଥାଆନ୍ତି । ନନାଙ୍କ କଥାରୁ ଆମେ ବୁଝିଲୁ ସେଦିନ ହାଡ଼ୁମିଶ୍ରେ ତାଙ୍କ ଭଣୋଇ ଭାବରେ ତାଙ୍କୁ ଥଟ୍ଟା କରିବାକୁ ଯାଇ ତାଙ୍କ ମୁହଁରେ ଅବିର ବୋଳି ଦେଇଥିଲେ ।

ଆମେ ଦେଖିବାରେ ସମାନସ୍କନ୍ଧ ଭାବରେ ତାଙ୍କୁ ଥଟ୍ଟା କରିବା ଲୋକ ଖୁବ୍ କମ୍ ଥାଆନ୍ତି । ପଣ୍ଡିତ ଗୋଦାବରୀଶ ମିଶ୍ର ନନାଙ୍କୁ ଭାଇନା ବୋଲି ଡାକିଲେ ମଧ୍ୟ ବେଳେ ବେଳେ ବୁଲେଇ କରି କଥାଟା କହି, ନଜାଣିଲା ଭଳି ରହି ଯାଆନ୍ତି ।

ସେ ଥରେ ନନାଙ୍କୁ କହିଲେ "ଭାଇନା ତୁମ ଆଲମାରୀଟା ପିନ୍ଧିପକାଅ ବେଳ ହେଲାଣି ଯିବା ।" ଆମେ ତାଙ୍କ ମୁହଁକୁ ବଲ ବଲ କରି ଚାହିଁଲୁ, ନନା ଯେଉଁ ଫତେଇଟି ପିନ୍ଧନ୍ତି, ସେଥିରେ ବହୁତ ଗୁଡ଼ିଏ ପକେଟ ଥାଏ । ନନା ତାଙ୍କର ସମସ୍ତ ଚିଠିପତ୍ର ଓ ଦରକାରୀ କାଗଜ ପ୍ରଭୃତି ସେ ଜାମା ପକେଟରେ ଗୁଞ୍ଜି କରି ରଖିଥାଆନ୍ତି । ନନା ଉତ୍ତର ଦେଲେ 'ଦିହରେ ଦିହରେ ପିନ୍ଧି ନପକାଇଲେ ସେଥିରେ ଥିବା ଜିନିଷ ସବୁ ମୋ ଘରେ ରଖିବାକୁ ଜାଗା କାହିଁ ?

୧୯୫୧ରେ ମୁଁ ନନାଙ୍କ ସଙ୍ଗେ ନାଗପୁର ଯାଇଥିଲି । ସେଠାରେ ତାଙ୍କର ଘନିଷ୍ଠ ବନ୍ଧୁ ଡାକ୍ତର ଏନ. ବି. ଖାରେଙ୍କ ସଙ୍ଗେ ଦେଖା ହେଲା, ଥରେ ବହୁତଦିନ ଧରି କେନ୍ଦ୍ର ଅସେମ୍ବ୍ଲି ସଦସ୍ୟ ଗାନ୍ଧିଙ୍କ ଡାକ୍ତର, ପ୍ରଥମ ପ୍ରାଦେଶିକ କଂଗ୍ରେସ ମନ୍ତ୍ରୀମଣ୍ଡଳର ମଧ୍ୟ-ପ୍ରଦେଶର ପ୍ରଧାନ ମନ୍ତ୍ରୀ, ବଡ଼ଲାଟଙ୍କ ଏକଜିଉଟିଭ କାଉନ୍‌ସିଲ୍‌ର (ମନ୍ତ୍ରୀସଭା) ସଦସ୍ୟ ପ୍ରଭୃତି ଥିଲେ ।

ସେ ନନାଙ୍କୁ ଦେଖିବା ସଙ୍ଗେ ସଙ୍ଗେ କୁଣ୍ଢାଇ ପକାଇ କହିଲେ 'Oh my blue necked slave how long we have not met. (ନୀଳକଂଠ ଦାସ ବା ହେ ନେଳିଆ ବେକା କ୍ରୀତଦାସ

Digitized by srujanika@gmail.com

ତୁମ ସଙ୍ଗେ କେତେ କାଳ ହେଲ ସାକ୍ଷାତ ହୋଇନାହିଁ । ନନା ତାର ଉତ୍ତର ଦେଲେ You are my same sodibicarb without any change ତୁମେ ମୋର ଯେଉଁ ଖାରକୁ ସେହି ଖାର ତୁମର କିଛି ପରିବର୍ତ୍ତନ ହୋଇନାହିଁ । ସେ ଦୁହିଁଙ୍କଭି ଏତେ ବଡ ଓ ନନାଙ୍କର ଏପରି ସବୁ ଥଟ୍ଟାଳ ବନ୍ଧୁ ଅଛନ୍ତି ବୋଲି ମୁଁ ବିଶ୍ୱାସ କରୁନଥିଲି ।

କେନ୍ଦ୍ର ଆସେମ୍ବ୍ଲିର ପୂର୍ବତନ ବାଚସ୍ପତି ଭିଟଲଭାଇ ପଟେଲ (ବଲ୍ଲଭଭାଇ ପଟେଲଙ୍କ ବଡଭାଇ) ଓ ଭାରତର ଅନ୍ୟ କେତେ ବଡ ବଡ ନେତାଙ୍କ ସଙ୍ଗେ ତାଙ୍କର ଅତି ବନ୍ଧୁତା ଓ ଥଟ୍ଟାଳ କଥାବାର୍ତ୍ତା ଚାଲୁଥିବାର ଶୁଣିଥିଲି କିନ୍ତୁ ଏପରି କୁଣ୍ଡିଆ କୁଣ୍ଡେଇ ଓ କଥାବାର୍ତ୍ତା ହେବା ଦେଖି ନଥିଲି ।

ଓଡ଼ିଶାରେ ତାଙ୍କ ସମସାମୟିକ ବଡ଼ନେତା ଓ ବିଦ୍ୱାନ ବ୍ୟକ୍ତି ଓ ସାଧାରଣ ଲୋକେ ତାଙ୍କ ସଙ୍ଗେ ସଙ୍କୋଚରେ କଥାବାର୍ତ୍ତା କରନ୍ତି, ଯଦୁମଣି ମଙ୍ଗରାଜ, ଦିବାକର ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ଚିନ୍ତାମଣି ମିଶ୍ର, ମଧୁସୂଦନ ମହାନ୍ତି ପ୍ରଭୃତି ତାଙ୍କର ଅତି ପ୍ରିୟ ସହକର୍ମୀମାନେ ବେଳେବେଳେ ଥଟ୍ଟାଳ କଥାରେ ଯୋଗଦାନ କରନ୍ତି କିନ୍ତୁ ତାଙ୍କୁ ଦ୍ୱିଧାସଙ୍କୋଚ ଥଟ୍ଟା ଟାପରା କରିବା ଲୋକ ଓଡ଼ିଶାରେ ପ୍ରାପ୍ତ ନଥିଲେ ।

ଗଞ୍ଜାମରେ ନନା ଭାଷଣ ଦେବାପାଇଁ ଗୁଡ଼ିଏ ରାଜନୈତିକ ସଭାର ଆୟୋଜନ ହୋଇଥିଲା । ଗଞ୍ଜାମର ନେତା ଓ ଡିଷ୍ଟ୍ରିକ୍ଟ ବୋର୍ଡ ସଭାପତି ଶ୍ରୀ ଦିବାକର ପଟ୍ଟନାୟକ ସେ ସବୁ ବ୍ୟବସ୍ଥା କରିଥିଲେ । ନାମ ଖଣ୍ଡି, କୁକୁଡ଼ା ଖଣ୍ଡି, ହରିଡ଼ା ଖଣ୍ଡି ପ୍ରଭୃତି ଗ୍ରାମମାନଙ୍କରେ ସଭା କାର୍ଯ୍ୟ ସରିବା ପରେ ନନା ଦିବାକରବାବୁଙ୍କୁ କହିଲେ ହଇରେ ଦିବାକର ତୁମର କଅଣ ଏଠାରେ ଖାଲି ଖଣ୍ଡି ଆଉ ଗୋଟା କିଛି ନାହିଁ । ତା ଉତ୍ତରରେ ଦିବାକରବାବୁ କହିଲେ 'ହଁ ଆଜ୍ଞା ଗୋଟା ବି ଅଛି କାଲି ଗଞ୍ଜା ଗ୍ରାମରେ ସଭାହେବ ।

ବୋଉ ଆମର କେଉଁ କେଉଁ ଅମ୍ଳୀୟ ଓ ଗ୍ରାମସ୍ଥଙ୍କ ସାହାଯ୍ୟରେ ଆମ ଜମିବାଡ଼ି ବୁଝାବୁଝି କରେ । ଟଙ୍କା ଦରକାର ହେଲେ ନନା ଗାଁକୁ ଯାଇ ବୋଉକୁ ମାଗି ତାଠାରୁ ଟଙ୍କା ନେଇ

Digitized by srujanika@gmail.com

ଆସନ୍ତି । ଗୋଟାଏ ନିର୍ବାଚନବେଳେ ଟଙ୍କା ଦରକାର ହେବାରୁ ଯଦୁମଣି ମଙ୍ଗରାଜଙ୍କୁ ସଙ୍ଗରେ ନେଇ ଟଙ୍କା ଆଣିବାକୁ ନନା ଗାଁକୁ ଯାଇଥିଲେ ।

ନନା ଓ ମଙ୍ଗରାଜେ ବାରଣ୍ଡାରେ ବସିଥାଆନ୍ତି ବୋଉ ଘର ଭିତରେ ଥାଏ । ନନା ଟଙ୍କା ମାଗିବାରୁ ସଙ୍କେତରେ ବୋଉ ଘର ଭିତରେ ଥାଇ ନନାଙ୍କୁ ପାଞ୍ଚଆଙ୍ଗୁଠି ଦେଖାଉଛନ୍ତି । ଫସଲ ବିକା ଘା ପାଖରେ ମୋଟରେ ପାଞ୍ଚଶହ ଟଙ୍କା ଥିବାର ସଙ୍କେତରେ ଜଣାଇଲା, ମଙ୍ଗରାଜେ ବୋଉର ହାତକୁ ଗୁଣ୍ଠି ନନାଙ୍କୁ କହିଲେ 'ବଡମବୋଉ ଆପଙ୍କୁ ବୁଢ଼ୁଆ ଦେଖାଇଲେଣି,' ନନା ଉତ୍ତର ଦେଲେ 'ଆମେତ ମାଗିବା ଲୋକ ଖାଲିତ ଫେରିବା ନାହିଁ ଗୁପୁଣ୍ଡି ମିଳୁ ବଧାଏ ମିଳୁ ଯାହା ମିଳିଲେ ନେଇକରି ଯିବା ।

**ଶବସଂସ୍କାର ଓ ଭୂତ :**—ଘର ଟଙ୍କା ପାଇଁ ହେଉ ବା ଯେଉଁଥି-ପାଇଁ ହେଉ, ଆଗରୁ କହିଛି ଗାଁକୁ ଆସି ନନା ଗାଆଁରେ ଥିଲେବେଳେ ଚୂଲ ଗାଉଁଲି । ଲୋକଙ୍କ ଦୁଃଖ ସୁଖରେ ଭାଗ ନେବାପାଇଁ ସେ ସବୁ-ବେଳେ ତତ୍ପର ଥିଲେ ।

ଦଶହରା ପର୍ବ ବେଳ । ତାରେ ହଇଜା ଲାଗିଲା । ଆମେ ସବୁ ପ୍ରତିଷେଧକ ଇଞ୍ଜେକସନ ନେଲୁ, ସିଝା ପାଣି ବ୍ୟବହାର କଲୁ ନନା ଦିଲ୍ଲୀ ଆସେମ୍ବ୍ଲିରୁ ଫେରି ଗାଁକୁ ଅସିଥାଅନ୍ତି । ରାତି ନଅଟା ଦଶଟା ବେଳେ ଖବର ମିଳିଲା, ଆମ ସାଇର ଶ୍ରୀ ଭଗବାନ ଦାସ ହଇଜାରେ ମରିଗଲେ । ଗାଁ ଯାକ ଲୋକଙ୍କର ପର୍ବ ବେଳ । ଗାଁ ଭିତରେ ମୁର୍ଦ୍ଦାର ପଡ଼ିଥିବା ଯାକ ଠାକୁରାଣୀ ଗାଁ ଭିତରକୁ ପ୍ରବେଶ କରିବା ନିଷେଧ । ଗାଁ ବୁଲି ଭୋଗ ନ ଖାଇଲେ ସମସ୍ତଙ୍କ ଘରେ ଭୋଗ ସବୁ ଛିଡ଼ିଯିବ, କୁଣିଆମଇସ ସବୁ ଉପାସ ରହିଯିବେ ।

ଏକେତ ପୂଜା ବେଳର ଅନ୍ଧାର ରାତି, ତହିଁକି ହଇଜା ମଡ଼ା । ଶ୍ମଶାନ ପୁଣି ଗ୍ରାମଠାରୁ ଅଧମାଇଲଏ ଦୂର ତ୍ରିବେଣୀ ଆରପଟେ ଗୋଟିଏ ଅତି ନିକାଞ୍ଚନ ସ୍ଥାନରେ । ପର୍ବ ଓ କୁଣିଆ ମଇସ ଗୁଡ଼ି ରାତି ଅଧରେ

Digitized by srujanika@gmail.com

ସେ ଶବକୁ ଦାହ କରିବାକୁ ନେବାକୁ କିଏ ବାକି ହେବ? କାଠ, ଧୋବା, ଭଣ୍ଡାରୀ ପ୍ରଭୃତି ବା ସେତେବେଳେ ମିଳିବେ କୁଆଡୁ? ଭଗବାନ ଦାସଙ୍କ ଦୁଇ ପୁଅ ଥାଇ ବିଦେଶରେ, ଘରେ ପୁଅପିଲା କେହି ନାହିଁ ।

ସେଦିନ ଗାଁରେ ହଇଜା ଲାଗିବା ଶୁଣି ହରି ଦଦେଇ (ଆୟୁର୍ଯ୍ୟ ହଟହର) ବି ଗାଁକୁ ଆସିଥାଆନ୍ତି । ଶବ ଉଠିବା ଅସୁବିଧା ହେଉଛି ଶୁଣି ନନା ଓ ଦଦେଇ ଦୁଇଭାଇ ଯାକ ଆଉ ଦୁଇଜଣଙ୍କୁ ଯୋଗାଡ଼ି କରି ଭଗବାନ ଦାସଙ୍କ ଘରକୁ ଯାଇ କୋକୁଆ ବାନ୍ଧି ନିଜେ ନିଜେ ଶବ କାନ୍ଧେଇ ଶ୍ମଶାନକୁ ନେଇଗଲେ । ଧୋବା ଭଣ୍ଡାରୀ କାଠ ପ୍ରଭୃତିର ଯୋଗାଡ଼ ପାଇଁ ଜଣକୁ ଶବକୁ ଜଗାଇ ଅନ୍ୟମାନେ ଗ୍ରାମକୁ ଯିବାର ପ୍ରସ୍ତାବ ହେଲା । କିନ୍ତୁ ସେପରି ସ୍ଥାନରେ ଏକୁଟିଆ ଜଗିବ କିଏ ବୋଲି କଥା ଉଠିବାରେ ନନା ସଙ୍ଗେ ସଙ୍ଗେ ଶବ ଜଗିବାକୁ ଆଗୁଆ ହୋଇ ବାହାରି ପଡ଼ିଲେ । ତାଙ୍କୁ ସେଠାରେ ଛାଡ଼ିଯିବାବେଳେ ତାଙ୍କ ଭିତରୁ ଜଣେ ବୟସ୍କ ଲୋକ କହିଲେ 'ନୀଳକଣ୍ଠ ତୁମେ ଶବକୁ ଧରି ଜଗିଥିବ, ଶବକୁ ମୁହୂର୍ତ୍ତେ ପାଇଁ ଛାଡ଼ିକରି କୁଆଡ଼େ ଯିବ ନାହିଁ । ଶବ ଏକୁଟିଆ ହେଲାକ୍ଷଣି ତା ଦେହରେ ମଶାଣିରୁ ଭୂତ ପ୍ରେତ ସବୁ ପଶିଯିବେ, ସର୍ବନାଶ ହେବ, ତେଣୁ ହୁସିଆର ରହିବ ।'

ସେମାନେ ଗାଁକୁ ଯାଇ ସବୁ ଯୋଗାଡ଼କରି ଫେରୁ ଫେରୁ ବହୁତ ରାତି ହୋଇଗଲା । ସେମାନେ ସମସ୍ତେ ଫେରିକରି ଦେଖିଲେ, ଶବ ନିକଟରେ ଗୋଟିଏ ଗଛର ଚେରକୁ ମୁଣ୍ଡିଦେଇ ନନା ନିର୍ଭୟରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି । ତାଙ୍କୁ ଉଠାଇବା ପରେ ଜଣେ ତାଙ୍କୁ ପଚାରିଲେ 'ହଇଓ ତୁମକୁ ଏ ଭୟଙ୍କର ସ୍ଥାନରେ ନିଦ କିପରି ଲାଗିଲା? ତୁମକୁ ଡର ମାଡ଼ିଲା ନାହିଁ । ତୁମେ ଶବକୁ ନ ଧରି ତାକୁ ଛାଡ଼ି ଦୂରେଇ ହୋଇ ଶୋଇଛ, ଶବ ଦେହରେ ମଶାଣିର ଭୂତ ପ୍ରେତ ସବୁ ପଶିଯାଇଥିବେ ଏବେ କଅଣ କରାଯିବ? ତାପରେ ବାଲୁଆ ଢାଥିଆ ସବୁତ ଅଛନ୍ତି ଶବକୁ ଘୋଷାରି ନେଇ ଯାଇଥାଆନ୍ତେ ତୁମେ କିପରି ନିଘୋଡ଼ ନିଦରେ ଶୋଇଗଲ?

Digitized by srujanika@gmail.com

ସେ ଉତ୍ତର ଦେଲେ, ତୁମେ ସବୁ ଦେଖ ନା ମୁଁ କଅଣ ଶବଟିକୁ ଏକୁଟିଆ ଛୁଇଁ ଦେଉଛି, ଶବ ଦେହରୁ ମୋ ଦେହକୁ କୋଟିଏ ବଉଡ଼ା ଚଢ଼ ପଡ଼ ଲଗାଇ ରଖିଥିଲେ। ଭୂତ ଅଛି କପରି ପ୍ରଶ୍ନ। ଭୂତଭୀତ ମସ୍ତିଷ୍କ ସୃଷ୍ଟି କରି ଅଛି। ସେମାନେ ମୋତେ ନ ଡରି କପରି ଆସନ୍ତେ। ବାଲୁଆ ଗଧିଆଙ୍କ କଥା ଶୁଣ, ମୋ ଦଂଷ୍ଟ୍ର ଶୁଣି ତାଙ୍କ ପିଳେହି ପାଣି ହୋଇଯାଇଥିବ ତା ପରେ ଅମର କଳେଇକୁ ଏତେ ଡର ଯେ ଗାଁ ଅଛି ସେ ରୋଗୀକୁ ଛୁଇଁବାକୁ ସମସ୍ତେ ପଛେଇଲେ। ବାଲୁଆ ଗଧିଆଙ୍କର କଅଣ କଳେଇକୁ ଡର ନାହିଁ। ସେମାନେ କଳେଇ ରୋଗୀ ମାଂସ ଖାଇ କାହିଁକି ବୁଝାଉଣି ହଗମୁତି ହୋଇ ମରନ୍ତେ। ତା'ପରେ ସେଠାରେ ବଡ଼ ହସଟାଏ ହେଲା।

ତାଙ୍କର ନିର୍ଭୀକ ମନୋବୃତ୍ତି ଯୋଗୁ ସେ କୁସଂସ୍କାରଠାରୁ ନିଜକୁ ବହୁତ ଦୂରରେ ରଖୁଥିଲେ। ଭୂତ, ପ୍ରେତ, ଡାହାଣୀ ଚିରୁଗୁଣୀ ଭୟ ତାଙ୍କର ଆଦୌ ନଥିଲା। ଏ ସବୁ ସେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଚିନ୍ତା ଚିନ୍ତା କରି ବିଚାର କରି ଦେଖୁଥିଲେ। ମଶାଣି ଯାଇ ଏକୁଟିଆ ବୁଲି ବୁଲି ରାତିରେ ଶିରଗୁଣି କଥା ସବୁ ଖଡ଼ରା ହାଡ଼ର କାଙ୍କାଳମାନ ଫଉଫଉ କି ନୁହେଁ ତାହା ପରୀକ୍ଷା କରୁଥିଲେ।

## ଫଳିତ ଜ୍ୟୋତିଷ: —

ଜ୍ୟୋତିଷ ବିଦ୍ୟା ବିଶେଷତଃ ଗଣିତ ଜ୍ୟୋତିଷରେ ତାଙ୍କର ଖୁବ୍ ପ୍ରବେଶ ଥିଲା, ଫଳିତ ଜ୍ୟୋତିଷକୁ ସେ ଉଚ୍ଚ ସ୍ଥାନ ଦେଉ-ନଥିଲେ। ଫଳିତ ଜ୍ୟୋତିଷର କୁଫଳ ଶୁଣି ଅନେକ ଭୟଭୀତ ହୁଅନ୍ତି। ବାଆଁ ଲାଗିଥିବା କାଳେଶୀଙ୍କ ଭବିଷ୍ୟତବାଣୀରେ ଲୋକେ ଗୁନିଆ ହୁଅନ୍ତି। ଭଣ୍ଡ ବାବାଜିଙ୍କ ଲମ୍ବା ଅଭିଶାପରେ ଡରିଯାଆନ୍ତି। ତେଣୁ ସେ ସବୁର ପୁଙ୍ଖାନୁପୁଙ୍ଖ ବିଚାର ନକରି ସେଗୁଡ଼ିକୁ ଗ୍ରହଣ କରି ନେବାକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ।

ଜାତକର ଫଳାଫଳରେ ନିର୍ଭର ନକରିବା ପାଇଁ ମତ ଦେଇ ସେ କହନ୍ତି 'ଜୀବ ଜଗତରେ ଭବିଷ୍ୟତକୁ ଲୁଚାଇ ରଖିବା ଭଗବାନ-ଙ୍କର ଇଚ୍ଛା। ଭଗବାନ ସେ ସବୁ ଲୁଚାଇ ରଖିଛନ୍ତି ବୋଲି ଏ ଜଗତ

Digitized by srujanika@gmail.com

ଧୁରୁଖୁରୁରେ ଚାଲିଛୁ । ତେଣୁ ନିଜର ଭବିଷ୍ୟତ ଜାଣିବାକୁ ଚେଷ୍ଟା ନକରି ମନୁଷ୍ୟ ନିଜର କର୍ମ କରିଚିବା ଉଚିତ ।

ସେ ତାଙ୍କର ଜନ୍ମ ଜାତକ ତିଆରି କରିଥିଲେ ଓ ଆମମାନଙ୍କର ଜାତକ କରାଇ ନଥିଲେ। ବୈବାହିକ ସମ୍ବନ୍ଧ ବେଳେ ଜାତକ ଦେଖାଇବାର ସେ ସମ୍ପୂର୍ଣ୍ଣ ବିରୋଧି ଥିଲେ । ଜଗନ୍ନାଥଙ୍କୁ ସ୍ମରଣ କରି ଆମଘରେ ସମସ୍ତ ବୈବାହିକ ସମ୍ପର୍କ ଠିକ୍ ହେଉଥିଲା ।

ଥରେ ଜଣେ ପଞ୍ଜାବୀ ଭାଗ୍ୟଫଳ ଗଣନାକାରୀ ବହୁ ଲୋକଙ୍କର ହାତ ଓ ଜାତକ ଦେଖି ମିଛ ସତ ଫଳାଫଳ ଗୁଡ଼ାଏ କହି ଟଙ୍କା ଗୁଡ଼ାଏ ନେଇ ଚାଲିଯିବା ପରେ ଲୋକଙ୍କ ମୁଣ୍ଡରେ ଚେତା ପଶିଲା । ସେମାନେ ସେ ଠକକୁ ଖୋଜାଖୋଜି କରି ଆଉ ପାଇଲେ ନାହିଁ ।

ସେ ଘଟଣା ନନାଙ୍କ କାନକୁ ଯିବାରୁ ସେ କହିଲେ ବିଚରା ଗଣକର କିଛି ଦୋଷ ନାହିଁ । ଆମ ଲୋକଙ୍କର ଭବିଷ୍ୟତ ଫଳାଫଳ ବିଶେଷରେ ଭଲ ଭାଗ୍ୟ ଆସୁଥିବା ସମ୍ପର୍କ ଜାଣିବା ପାଇଁ ଯେଉଁ ବ୍ୟାକୁଳତା, ସେ ହେଉଛି ଠକେଇ ହେବାର ପ୍ରବୃତ୍ତି । ଗଣକଟି ଅନ୍ୟ-ମାନଙ୍କର ସେହି ଠକେଇ ହେବା ପ୍ରବୃତ୍ତିକୁ ଚରିତାର୍ଥ କରି ଚାଲିଗଲା ସେଥିପାଇଁ ତାକୁ ଧନ୍ୟବାଦ ଦେବା ଉଚିତ । ନିଜକୁ ଦୋଷ ନଦେଇ ସେ ବିଚରାକୁ ବୃଥାରେ କାହିଁକି ଦୋଷ ଦେଉଛ । ବରଂ ଦେବତାଙ୍କୁ ମାନସିକ କରି ଲାଞ୍ଚ ଯାଚିବା, ଭବିଷ୍ୟତ ଜାଣିବାକୁ ବାବାଜି ଓ ଗଣକ ମାନଙ୍କର ହାତଗସ୍ତ ହେବା ଏସବୁ ଦୁର୍ବଳତା ଓ ଠକେଇ ହେବାର ପ୍ରବୃତ୍ତି । ଏହା ମୋତେ ମଣିଷ ସବୁ କାଳେ ବିପଦରେ ପଡ଼ି ଆସୁଛି ।

ତାଙ୍କର ସେହି ଦୃଢ଼ ଧାରଣା ଯୋଗୁ ସେ ନିଜେ ତାଙ୍କର ଗୋଟିଏ ଅତି ବିଶିଷ୍ଟ କାର୍ଯ୍ୟ ସମାପନ କରିବାରେ ଅଟଳ ରହି ତାଙ୍କ କାର୍ଯ୍ୟ ସାଧନ କରିପାରିଥିଲେ । ସେ ଯେଉଁ କାର୍ଯ୍ୟ କରିବାକୁ ସ୍ଥିରହୋଇ ତାକୁ ଭଲକରି ବିଚାର କରି ସେ କାର୍ଯ୍ୟରେ ହାତ ଦେଲେ, ସେଥିରେ ମନ ପ୍ରାଣ ଦେଇ ଲାଗିପଡ଼ି ସିଦ୍ଧିଲାଭ କରନ୍ତି । ସେ ଯେଉଁ କାର୍ଯ୍ୟରେ

Digitized by srujanika@gmail.com

ହାତ ବଢ଼ାଅନ୍ତି ପ୍ରାୟ ସେଥିରେ ସଫଳ ହୁଅନ୍ତି । ସେ କୌଣସି ନିର୍ବାଚନ ଲଢ଼ି କେବେ ପରାସ୍ତ ହୋଇ ନଥିଲେ । ତେଣୁ ସେ କୌଣସି କାର୍ଯ୍ୟରେ ପଶିଲେ ବିପକ୍ଷ ପଟର ଲୋକ ତାଙ୍କୁ ସେଥିରୁ ନିବୃତ୍ତ କରାଇବା ପାଇଁ ଚେଷ୍ଟା କରନ୍ତି ।

ଓଡ଼ିଶାର ଯୁଦ୍ଧକାଳୀନ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ା ହେବାବେଳେ ସେ ସେଥିରେ ଲାଗି ପଡ଼ିଥିଲେ । ତାଙ୍କୁ ସେଥିରୁ କୌଣସିମତେ ନିବୃତ୍ତ କରାଇ ଦେଲେ ତାଙ୍କର ଅନ୍ୟ ବନ୍ଧୁମାନେ ସେଥିରେ କୃତକାର୍ଯ୍ୟ ହୋଇ ପାରିବେ ନାହିଁ ବୋଲି, ବିପକ୍ଷ ଦଳଙ୍କର ବିଶ୍ୱାସ ଥିଲା ।

ସେହି ସମୟରେ ଆମେ ସବୁ ନବଭାରତ ପ୍ରେସର ଉପର ଘରେ ନନାଙ୍କ ପାଖରେ ବସିଛୁ । ନନାଙ୍କର ପୂର୍ବତନ ଛାତ୍ର ଜଣେ ବିଶିଷ୍ଟ ଜ୍ୟୋତିଷାଚାର୍ଯ୍ୟ (ଫଳିତ ଜ୍ୟୋତିଷ) ଆସି ତାଙ୍କ ଗୋଡ଼ତଳେ ମୁଣ୍ଡିଆ ମାରିଲେ । ନନ ତାଙ୍କୁ କୁଶଳ ପ୍ରଶ୍ନ ପଚାରି ସାରି ସେ ଏବେ କଅଣ କରୁଛନ୍ତି ବୋଲି ପଚାରିବାରେ, ସେ କହିଲେ ସେ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶିତା ଲାଭକରି ଜନ୍ମ ଜାତକ ବା ଜନ୍ମ ସମୟରୁ ଗଣନା କରି ଭବିଷ୍ୟତ କଥା ଠିକ୍ ଠିକ କହିପାରୁଛନ୍ତି । ସେ ଦୃଷ୍ଟାନ୍ତ ଦେଇ କେଉଁ ବିଶିଷ୍ଟ ବ୍ୟକ୍ତିଙ୍କୁ କି କି କଥା କହିଛନ୍ତି ଓ ଏପରିକି କିଏ ଭବିଷ୍ୟତରେ କେଉଁଦିନ କେଉଁ ରଙ୍ଗର ଗାଡ଼ି କିଣିବ ସେକଥା ମଧ୍ୟ ଠିକ୍‌କରି କହିଥିଲେ ସେସବୁ ବର୍ଣ୍ଣନା କଲେ ।

ସେ ଭଦ୍ରଲୋକଙ୍କୁ ନନା ତାଙ୍କ ଛାତ୍ର ଥିଲାବେଳେ ଦେଖିଥିଲେ ପରିଚୟ ଦେବାରୁ ଚିହ୍ନି ପାରିଥିଲେ ତାଙ୍କ ବ୍ୟବସାୟ କଥା କିଛି ଜାଣି ନଥିଲେ । ଜାତକ ସାଧିବା କଥା ଶୁଣି ସେ କହିଲେ 'ହଇରେ ତୋତେ ଆଉ କିଛି ମିଳିଲା ନାହିଁ ଏଥିରୁ, ଗୁଡ଼ାକରେ କାହିଁକି ଲାଗିଛୁ ? ନନା ମିଳିତ ମନ୍ତ୍ରୀମଣ୍ଡଳ ଗଠନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସେ ଆଉ ସେପରି କଥାବାର୍ତ୍ତାରେ ସମୟ ନଷ୍ଟ ନକରିବାକୁ ସେ ଭଦ୍ରଲୋକଙ୍କୁ ବିଦାୟ ଦେବାକୁ ଚେଷ୍ଟା କଲେ ।

ଜ୍ୟୋତିଷେ କିନ୍ତୁ ସହଜରେ ଛାଡ଼ିବା ଲୋକ ନୁହନ୍ତି । ସେ ସେଠାରୁ ନ ଉଠି ବିନମ୍ର ଭାବରେ କହିଲେ ଆପଣ ମୋ କାର୍ଯ୍ୟକୁ

Digitized by srujanika@gmail.com

ବେପରୱା କରୁଛନ୍ତି, କିନ୍ତୁ ମୋତେ ଚେଷ୍ଟା କରି ଥରେ ମୋର ଦେଖନ୍ତୁ ଆପଣଙ୍କ ଜନ୍ମ ତାରିଖଟା ମାତ୍ର କହିଦେଲେ ଅପଣ ବର୍ତ୍ତମାନ ଯେଉଁ କାର୍ଯ୍ୟରେ ଲାଗିଛନ୍ତି ଭବିଷ୍ୟତରେ ତାର ଫଳ କଣ ହେବ ମୁଁ ଗ୍ରହ ନକ୍ଷତ୍ର ଗଣନା କରି ଠିକ୍ କରି କହିଦେଇ ପାରିବି ।

ନନା କହିଲେ ମୋ କାର୍ଯ୍ୟର ଫଳ କଣ ହେବ ତାହା ତୁ କହିବା ଦରକାର ନାହିଁ ମୋର ବିଶ୍ୱାସ ମୁଁ ନିଶ୍ଚୟ ସଫଳ ହେବି । ତୁ ଗ୍ରହ ନକ୍ଷତ୍ର କଣ ଗଣନ କରିବୁ ! ଗଣିତ ଜ୍ୟୋତିଷ ପଢିଛୁ ? ଗ୍ରହ ନକ୍ଷତ୍ର ବିଷୟରେ କଣ ଜାଣୁ ? କେଉଁ ଗ୍ରହ ନକ୍ଷତ୍ରଙ୍କର ବର୍ତ୍ତମାନର ସ୍ଥିତି କଣ ? ବରାହ ମିହିରଙ୍କ ସମୟରୁ ଆଜି ଭିତରେ ସେମାନଙ୍କ ଗତିବିଧିରେ କି ପରିବର୍ତ୍ତନ ଘଟିଛି ଓ ଘଟିବ ଓ ସେମାନଙ୍କର ଜୀବ ଜଗତ ଉପରେ ପ୍ରଭାବର କି କି ବୈଜ୍ଞାନିକ ତଥ୍ୟ ପ୍ରକାଶିତ ହେଲାଣି ସେସବୁ କହିପାରିବୁ ?

ନନାଙ୍କର ଗଣିତ ଜ୍ୟୋତିଷରେ ଅଗାଧ ପାଣ୍ଡିତ୍ୟ କଥା ଓ ତାଙ୍କ ବୈଜ୍ଞାନିକ ଚିନ୍ତାଧାରା କଥା ଜ୍ୟୋତିଷେ ତାଙ୍କ ଛୁଆବେଳୁ ଜାଣନ୍ତି । ତେଣୁ ସେ ସମ୍ବନ୍ଧରେ ତାଙ୍କ ସଙ୍ଗେ ଯୁକ୍ତିତର୍କ ବା ବିଦ୍ୟା ଚର୍ଚ୍ଚାର ଅସ୍ପର୍ଦ୍ଧା ନକରି ସେ କହିଲେ 'ଆଜ୍ଞା ସେଥିରୁ ସବୁ କଥା ମିଳିବ । ଆପଣ ଖାଲି ଆପଣଙ୍କ ଜନ୍ମ ବେଳଟା କହନ୍ତୁ ମୋର ଗଣନା ଠିକ୍ ହେଉଛି କି ନାହିଁ ଦେଖିବେ ।

ନନା ଆଉ କଥାବର୍ତ୍ତି ନକରି ତାଙ୍କ ବହିପଢ଼ାରେ ଲାଗିଲେ । ଜ୍ୟୋତିଷେ କିନ୍ତୁ ଛାଡ଼ିବା ଲୋକ ନୁହନ୍ତି । ସେ ଗଣନା କରି କାଏ କେଉଁ ମଠର ଗାଈ କିଣିବ ଓ ତାର ରଙ୍ଗ କିପରି ହୋଇଥିବ, ସେପରି କଥା ସବୁ ଆଗରୁ ଠିକ୍ କରି କହିଥିବାର ଦୃଷ୍ଟାନ୍ତ ଦେଇ ପୁନରାବୃତ୍ତି କରି ଚାଲିଥାଆନ୍ତି ।

କେତେ ସମୟ ପରେ ନନା ତାଙ୍କ ପଢ଼ାବହିରୁ ମୁହଁ କାଢ଼ି କହିଲେ, 'ହଇରେ ତାହେଲେ ତୁ ତ ଗୋଟାଏ ସବଜାଣ ଲୋକ । ଅରେ ଆଉ ଦଳେ କିଏ ଅଛରେ ! ଶୀଘ୍ର ପୋଲିସ ସାହେବଙ୍କୁ ଫୋନ

Digitized by srujanika@gmail.com

କର । ଏପରି ଲୋକଙ୍କୁ ଏ ଯୁଦ୍ଧ ସମୟରେ ସରକାର ବାହାରେ ରଖିବା ନିରାପଦ ନୁହେଁ । ଶୀଘ୍ର ଏହାଙ୍କୁ ଧରିକରି ନଜରବନ୍ଦୀ କରି ରଖନ୍ତୁ । ଏ ଲୋକ ଶତ୍ରୁପକ୍ଷର ହାତରେ ପଡ଼ିଲେ ଏଠା ସରକାରଙ୍କର ସବୁ ଗୁପ୍ତ ଖବର ଶତ୍ରୁଙ୍କ ନିକଟରେ ପ୍ରକାଶ କରି ସରକାରଙ୍କର ସର୍ବନାଶ କରିବ ।’ ଏହା କହି ସେଠାରୁ ଉଠି ଆଉ ଗୋଟାଏ ବହି ଆଣିବାକୁ ପାଖ କୋଠରୀକୁ ଚାଲିଗଲେ ।

ଜ୍ୟୋତିଷ ବାବୁ ହୋଇ ସେଠାରୁ ଉଠି ନିରାଶରେ ଫେରିଗଲା-ବେଳେ ଆମ ଭିତରୁ ତାଙ୍କର ଜଣେ ଆତ୍ମୀୟଙ୍କୁ ତଳେ ଭେଟି କହିଲେ, ଗୁରୁଦେବଙ୍କୁ ପାରିଲି ନାହିଁ । ବହୁଚେଷ୍ଟା ସତ୍ତ୍ୱେ ମୋର କାର୍ଯ୍ୟ ସିଦ୍ଧି ହେଲା ନାହିଁ । ବିରୋଧୀ ଦଳର ଜଣେ ଧନୀ ବଡ଼ ପଣ୍ଡା ଯାହାଙ୍କର ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ା ହେଲେ ପ୍ରଭୂତ କ୍ଷତି ହେବ, ସେ ମୋତେ ବହୁ ଅର୍ଥର ଲୋଭ ଦେଖାଇ ଗୁରୁଦେବଙ୍କ ନିକଟକୁ ପଠାଇଥିଲେ । ମୁଁ ଚେଷ୍ଟା କରି ମିଳିତ ମନ୍ତ୍ରୀ ମଣ୍ଡଳ ହେବ । କଦାପି ସମ୍ଭବ ନୁହେଁ ବୋଲି ତାଙ୍କୁ କହିବାକୁ ଆସିଥିଲି । ସେପରି କହିପାରି ଥିଲେ, ହୁଏତ ଗୁରୁଦେବ ତାଙ୍କ ସଂକଳ୍ପରୁ ଓହରି ଯାଇଥାଆନ୍ତେ ଓ ମୋତେ ପଠାଇଥିବା ବ୍ୟକ୍ତିଙ୍କର କାମନା ପୂର୍ଣ୍ଣ ହୋଇଥାନ୍ତା । କିନ୍ତୁ ମୁଁ କୃତକାର୍ଯ୍ୟ ହୋଇପାରିଲି ନାହିଁ । ଗୁରୁଦେବଙ୍କ ବିରାଟ ବ୍ୟକ୍ତିତ୍ୱକୁ ମୁଣ୍ଡିଆ ମାରି ମୁଁ ଫେରି ଯାଉଛି ।

## ରୋଗୀ ସେବା ଓ କାଲେଶୀ ଛଡ଼ା :—

ପାଠପଢ଼ା ଓ ଶିକ୍ଷାଦାନ ଛଡ଼ା ଜନସେବାର ବି ପ୍ରଧାନ ପୀଠ ଥିଲା, ନନାଙ୍କର ସତ୍ୟବାଗ ବିହାର, ସେ ସ୍କୁଲର ଛାତ୍ରମାନଙ୍କ ଥିଲାବେଳେ ପୁଣି ସ୍କୁଲପଟେ ପ୍ରତିବର୍ଷ ଭୀଷଣ ହଇଜା ଲାଗୁଥିଲା । ହଇଜା ରୋଗ ସବୁବେଳେ ଭୀଷଣ ଆକାର ନଧରିଲେ ବି ସେଅଞ୍ଚଳରେ ପ୍ରାୟ ବସା କରିଥାଏ ।

ବୋର୍ଡିଂ ଘର ଭିତରେ ଶୋଇଲେ ବିପଦ ସମୟରେ କାଳେ ସଙ୍କୋଚ କରି ତାଙ୍କୁ ନିଦରୁ ନ ଉଠାଇ କେହି ଫେରିଯାଇ ପାରେ । ସେଥିପାଇଁ କି ବର୍ଷା କି ଶୀତ ସେ ତାଙ୍କ କୋଠରୀର ସାମନା

Digitized by srujanika@gmail.com

ଦାଉଣ୍ଡାରେ ଝୁଲନ୍ତୁ କଣ୍ଢେଇଟାଏ ଓ ହୁକାର ବନ୍ଧାସାର ଖଣ୍ଡେ ଖଟିଆ ଉପରେ ପଡ଼ି ବସି ପୁଲାଏ ଧରି ଟାନୁଥାଆନ୍ତି । ରାତିର ଯେକୌଣସି ପ୍ରହରରେ କେଉଁ ଗ୍ରାମରୁ ହଇଜା ଲାଗିଥିବାର ଖବର ଆସି ପହଞ୍ଚିଲେ ସେ ତାଙ୍କ ହୋମିଓପ୍ୟାଥିକ ବାକ୍ସଟି ଧରି ରୋଗୀର ଚିକିତ୍ସା ପାଇଁ ବାହାରି ପଡ଼ନ୍ତି ।

ତାଙ୍କୁ ଦେଖିବା ମାତ୍ରେ ରୋଗୀର ମନରେ ସାହସ ଆସେ ଓ ତାଙ୍କୁ ଦେଖୁ ଦେଖୁ ସେ ପ୍ରାୟ ଅଧା ଭଲ ହୋଇଯାଏ । ଏପରିକି ଔଷଧ ସରି ଯାଇଥିବାବେଳେ ତାଙ୍କ ହାତରୁ କେବଳ ପାଣି ଟିକିଏ ଖାଇ ରୋଗୀ ଭଲ ହୋଇଯାଆନ୍ତି ।

ଡର ଭୟ ବା ରୋଗ ବୈରାଗ୍ୟକୁ ଖାତିର ନକରି ସେ ନିର୍ଜନ ଅନ୍ଧକାର ରାତିରେ ଗାଁକୁ ଗାଁ ବୁଲି ରୋଗୀ ସେବା କରନ୍ତି । ଯେତେବେଳେ ଗ୍ରାମରେ ବସନ୍ତ, ମହାମାରୀ ପ୍ରଭୃତି ଦେଖାଗଲେ ଗ୍ରାମ ଠାକୁରାଣୀଙ୍କର କାଳିଶୀ ବଜେ ହୁଅନ୍ତି ।

ମୂର୍ଖ କାଳିଶୀଗୁଡ଼ାକ ନିଶାଖାଇ ନିଜକୁ ଠାକୁରାଣୀ ମନେକରି ହାତରେ ବେତ ହଲାଇ ଡାକି ଡାକି ମୁଁ ବାଡ଼ ଠାକୁରାଣୀ ମୋତେ ପୂଜା ଦିଅ, ଭୋଗ ଦିଅ, ତୁମେ ଅନ୍ୟାୟ କରିଛ, ପାପ କରିଛ, ମୁଁ ଏ ଗାଁରୁ ଏତେ ମୁଣ୍ଡ ଖାଇବି, ସେତେ ମୁଣ୍ଡ ଖାଇବି ବୋଲି କହିବାବେଳେ ନନା ସେ କାଳିଶୀ ହାତରୁ ବେତଟା ଛଡ଼ାଇ ନେଇ ତାକୁ ଗୋଇଠା ମାରି ବେତ୍ରାଘାତ କରନ୍ତି । ସେଗୁଡ଼ାକ ଦିଅଁ ନୁହନ୍ତି ଓ ତାଙ୍କ କଥା ବିଶ୍ୱାସ କରି ଭୟଭୀତ ନହେବା ପାଇଁ ଲୋକଙ୍କୁ ବୁଝାନ୍ତି ।

ପରେ ତାଙ୍କ ଉଦ୍ୟମରେ ସେ ଅଞ୍ଚଳରେ କାଳିଶୀ ବଜେ ପ୍ରାୟ ବନ୍ଦ ହୋଇଯାଇ ଥିଲା । ଲୋକେ ହଇଜାକୁ ଗୋଟାଏ ରୋଗ ବୋଲି ବୁଝି ଚିକିତ୍ସା ଓ ପ୍ରତିଷେଧକ ଇନ୍‌ଜେକ୍‌ସନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । କାଳିଶୀ ମାନେବି ଭୟଭୀତ ହୋଇ ଯଦିବା କେବେ ବଜେ ହେଉଥିଲେ ତେବେ ଲୋକଙ୍କୁ ନଡ଼ିରେଇ ଔଷଧ ଖାଅ, ସାବଧାନରେ ରହ, ଫିଟାପାଣି ପିଅ, ଗାଁ ଘର ସବୁ ପରିଷ୍କାର ରଖ

Digitized by srujanika@gmail.com

ପ୍ରଭୃତି କହିବା ଆରମ୍ଭ କରି ଦେଇଥିଲେ । ମୋ ପିଲାବେଳକୁ ଆଜି କାଲେଣି ଲାଗିବା ନଥିଲା, ମୁଁ ଦେଖିନାହିଁ ।

## ବିପଦରେ ଧୈର୍ଯ୍ୟ—

ସତ୍ୟବାଦୀ ସ୍କୁଲର ସମାଜସେବା ଭିତରେ ଘରପୋଡ଼ି ଲିଭାଇବା ମଧ୍ୟ ଗୋଟିଏ କାର୍ଯ୍ୟ ଥିଲା । ଆଖ ପାଖ ଗ୍ରାମରେ କେଉଁଠି ଘର ପୋଡ଼ି ଯାଉଥିବାର ସମ୍ବାଦ ଆସିଲେ ଶିକ୍ଷକମାନେ ପିଲାଙ୍କୁ ଧରି ନିଆଁ ଲିଭାଇବାକୁ ସେଠାକୁ ଦଉଡ଼ୁଥିଲେ । ଘରପୋଡ଼ି ବିଷୟରେ ନନାଙ୍କର ବହୁତ ଅଭିଜ୍ଞତା ଥିଲା ।

ଘରପୋଡ଼ି ପରି କୌଣସି ବିପଦ ପଡ଼ିଲେ ସେ ହାଉଳି ନଖାଇ ବ୍ୟସ୍ତବ୍ୟସ୍ତ ନହୋଇ ଧୈର୍ଯ୍ୟଧରି ତାର ବ୍ୟବସ୍ଥା କରାଇବା ତାଙ୍କର ଅଭ୍ୟାସରେ ପଡ଼ିଯାଇଥିଲା ।

ସେ ଗାଁରେ ଥିବା ଭିତରେ ଆମ ଗ୍ରାମର ପୂର୍ବ ମୁଣ୍ଡରେ ଜଣଙ୍କ ଘରେ ନିଆଁ ଲାଗିଲା । ସେତେବେଳେ ସେ ପଶ୍ଚିମ ମୁଣ୍ଡରେ କୌଣସି ସ୍ଥାନରେ ଲୋକଙ୍କ ସଙ୍ଗେ ବସି ଆଳାପ ଆଲୋଚନା କରୁଥିଲେ ।

ଲୋକମାନେ ପାଟିତୁଣ୍ଡ କରି ଉକାଉକ ହୋଇ ନିଆଁ ଲିଭାଇବାକୁ ସେ ଘର ଆଡ଼କୁ ଦଉଡ଼ୁ ଥାଆନ୍ତି । ବୋଉ ଆମ କୋଠା ଉପରେ ଠିଆ ହୋଇ ଦାଣ୍ଡକୁ ଚାହିଁ ରହିଥିଲା । ସେ ଦୂରରୁ ଦେଖିଲା ପଶ୍ଚିମ ପଟରୁ ଜଣେ ଲୋକ ମୁଣ୍ଡରେ ଗାମୁଛାଟିଏ ପକାଇ ତଳକୁ ମୁହଁ ପୋତି ଧୀରମନ୍ଥର ଗତିରେ ଚାଲି ଚାଲି ଆସୁଛି । ମଝିରେ ମଝିରେ ଏପଟେ ସେପଟେ ଆଖି ପକାଇ ପୁଣି ପୂର୍ବପରି ଚାଲିଛି । ତା ପଛରେ ଆସୁଥିବା ଲୋକମାନେ ଦଉଡ଼କରି ଆଗକୁ ଚାଲି ଯାଉଛନ୍ତି କିନ୍ତୁ ସେ ଲୋକର ଗତିରେ କୌଣସି ପରିବର୍ତ୍ତନ ହେଉନାହିଁ ।

ସେ ଲୋକ ଉପରେ ବୋଉ ମନେ ମନେ ରାଗିଗଲା । ସେ ଭାବିଲା ସମସ୍ତେ ବ୍ୟସ୍ତ ହୋଇ ଦଉଡ଼ୁଥିବା ବେଳେ ଏ ଅଳସୁଆଟା କିପରି ଏତେ ଧୀରେ ଧୀରେ ଚାଲି ପାରୁଛି ।

Digitized by srujanika@gmail.com

ଆମ ଘର ପାଖ ହେବାରୁ ସେ ଲୋକ ମୁଣ୍ଡଟେକ ଆମ ଘରକୁ ଚାହିଁବାରୁ ବୋଉ ନନାଙ୍କୁ ଡାକିପାରି ଘର ଭିତରକୁ ପଶିଗଲା । ନନା, ସେହିପରି ଚାଲି ଚାଲି ଘର ପୋଡ଼ି ସ୍ଥାନକୁ ଗଲେ, ନିଆଁ ଲିଭି ସବୁ ଥଇଥାନ ହେବାପରେ ସମସ୍ତଙ୍କ ପଛରେ ଘରକୁ ଫେରିଲେ ।

ଘରପୋଡ଼ି ବା ସେହିପରି ଦୁର୍ଘଟଣାର ସମ୍ମୁଖୀନ ହେଲେ ଲୋକେ ନିଜ କଥା ନ ବିଚାରି ନିଜ ଘରଦ୍ୱାର ଯେପରି ମେଲା ଥାଏ ସେହିପରି ଛାଡ଼ିଦେଇ ଅନ୍ୟକୁ ସାହାଯ୍ୟ କରିବାକୁ ଦଉଡ଼ିକରି ଚାଲି-ଯାଆନ୍ତି ।

କେତେକ ଅଫିମା ଓ ଅସାମାଜିକ ଲୋକ ସେ ଅବସ୍ଥାର ସୁବିଧା ନେଇ ସେମାନଙ୍କ ଘରେ ପଶି ଚୋରି କରନ୍ତି ଓ କାହା ଉପରେ ରାଗ ଥିଲେ ତା' ଘର ଲୁଟି ବା ପୋଡ଼ା ଚେଷ୍ଟା କରିଦିଅନ୍ତି । ତେଣୁ କାଳେ କାଏ ଘର ମେଲା କରି ଚାଲିଯାଇଥିବ ବା କେହି ଚୋର ବା ଅସମାଜିକ ଲୋକ ପଛେଇ ରହି ଯାଇଥିବ ସେହିକଥା ଭାବି ଚାରିଆଡ଼କୁ ଲକ୍ଷ୍ୟକରି ନନା ଧୀରେ ଧୀରେ ଆସୁଥିଲେ ।

## କଳି ମିମାଂସା—

ସତ୍ୟବାଦୀ ଆଖ ପାଖରେ ଗାଁମାନଙ୍କରେ ଘରସବୁ ଚାଳକୁ ଚାଳ ଲାଗି ଧାଡ଼ି ଧାଡ଼ି ହୋଇ ତିଆରି ହୋଇଥାଏ, ତେଣୁ ଗୋଟିଏ ଘରେ ନିଆଁ ଲାଗିଲେ ସମସ୍ତ ଗାଁ'ଟି ପୋଡ଼ି ଭସ୍ମୀଭୂତ ହୋଇଯିବାର ସମ୍ଭାବନା ଥାଏ ।

ଅନେକ କ୍ଷେତ୍ରରେ ଅସାବଧାନତା ହେତୁ ନିଆଁ ଲାଗେ କେତେକ ସ୍ଥାନରେ କଳିକଜିଆରୁ ନିଆଁ ଲାଗିଥାଏ । କେତେକ ଗାଁ ଦାଣ୍ଡ ବଡ଼ ଅଣଓସାରିଆ କନ୍ଥ ଅଡ଼ଙ୍ଗ ପିଣ୍ଡା ଗୁଡ଼ିକ ଖୁବ୍ ଉଚ୍ଚ ଉଚ୍ଚ ସେପରି ଗ୍ରାମମାନଙ୍କରେ ବୁଢ଼ୀମାନେ ଆଗେ କଳି କରିବାରେ ବଡ଼ ଧୁରନ୍ଧର ଥିଲେ ।

Digitized by srujanika@gmail.com

ଦୁଇପଟରେ ଶାଶୁ ବୁଢ଼ୀମାନେ ସାମନାସାମନି ବସି କମ୍ୱା ଲଇଁ କରି ଅଣ୍ଟାରେ ଗୋଟିଏ ହାତ ଦେଇ ଅନ୍ୟ ହାତଟି ହଲାଇ ଅଶ୍ରାବ୍ୟ ଭାଷା ପ୍ରୟୋଗ କରି ଅଭିନୟ କଲାଭଳି ଘଣ୍ଟା ଘଣ୍ଟା ଧରି କଳି କରନ୍ତି । କଳି କରି କରି ପାଟି ଖଇନି ମାରିଗଲେ ପଛକୁ ହାତ ବଢ଼ାଇ ଦେଲାକ୍ଷଣି ବୋହୂମାନେ ପାନଖିଲ ବଢ଼ାଇ ଦିଅନ୍ତି । ପାଟି ଓଦା ହୋଇଗଲେ ପୁଣି କଳି ଚାଲେ ।

ଦଣ୍ଡ ଅତି ଓସାରିଆ ହୋଇଥିବାରୁ ସେ ବାଟରେ ଯିବା ଲୋକଙ୍କୁ ଭଲ ଶୁଣି ଶୁଣି ଯିବାକୁ ହୁଏ । ଛୋଟ ଛୋଟ କୋମଳମତି ସ୍କୁଲ ପିଲାମାନେ ସେ ବାଟେ ଯିବା ଆସିବା କଲାବେଳେ ସେ ଭାଷା ଶିଖି ବେଳେବେଳେ ନିଜ ଭିତରେ ଆବୃତ୍ତି କରନ୍ତି ।

ସେ କଳି ମଧ୍ୟ ବେଳେ ବେଳେ ଭୀଷଣ ଆକାର ଧାରଣ କରି ନାନା ପ୍ରକାର ଅନିଷ୍ଟ ଓ ମାଲିମକଦ୍ଦମାରେ ପରିଣତ ହୁଏ । ସେଥିରୁ ଘରପୋଡ଼ି ସୃଷ୍ଟି ହେବା ମଧ୍ୟ ଅସମ୍ଭବ ହୁଏ ନାହିଁ ।

ନନା ଓ ଅନ୍ୟାନ୍ୟ ଶିକ୍ଷକମାନେ ସେ ବାଟେ ଗଲାବେଳେ ପ୍ରାୟ ମୁଣ୍ଡ ପୋତି ପୋତି ଚାଲିଯାଆନ୍ତି । ନନା ସେ ପ୍ରକାର କଳି ବନ୍ଦ କରାଇବାକୁ ଗ୍ରାମବାସୀଙ୍କୁ ଅନୁରୋଧ କଲେ ମଧ୍ୟ କିଛି ଫଳ ହୋଇ ନଥିଲା ।

ସେପରି କଳିରୁ ଜାତ କୁଫଳ ସବୁ ଉପଲବ୍ଧି କରି କଳି-ହୁଡ଼ିମାନଙ୍କୁ ନିଜେ ଜବତ କରିବାକୁ ସ୍ଥିର କଲେ । ଦିନେ ସେ ଗ୍ରାମ ବାଟେ ଆସିଲାବେଳକୁ ସେପରି କଳି ଲାଗିଥିବା ଗୋଟିଏ ସ୍ଥାନରେ ଠିଆ ହୋଇଯାଇ ଗୋଟିଏ ବୁଢ଼ୀର ମୁହଁକୁ ଉଠମଠ କରି ଚାହିଁ ରହିଲେ । ତାଙ୍କ ଭଳି ଜଣେ ସମ୍ମାନାସ୍ପଦ ଲୋକ ଠିଆ ହୋଇ ତାକୁ ଏପରି ଚାହିଁ ରହିବାରେ ସେ ଆସ୍ତେ ଆସ୍ତେ ଅସ୍ୱସ୍ତି ବୋଧ କଲା । ତାର ଅନର୍ଗଳ ବାହାରୁଥିବା ସେ କର୍କଶ ସ୍ୱର କମି କମି ଆସିଲା । ସେ ଧୀରେ ଧୀରେ ପଛେଇ ପଛେଇ ଘର ଭିତରକୁ ପଶି ଯାଇ ଧଡ଼ କରି ଦୁଆର ବନ୍ଦ କରିଦେଲା । ପ୍ରତିଦ୍ୱନ୍ଦୀ ପଛଘୁଞ୍ଚା ଦେବାର ଦେଖି

Digitized by srujanika@gmail.com

ଆଉ ବୁଢ଼ୀଟି ମଧ୍ୟ ସୁନା ପିଲା ଚର ଘର ଭିତରକୁ ପଶି ଯାଇ ଦୁଆର ବନ୍ଦକରି ଦେଇଥିଲା ।

ନନା ସେଠାରୁ ଚାଲିଯିବା ପରେ ସେ ଘଟଣା ସେ ଗ୍ରାମରେ ଓ ପାଖ ଆଖ ଗ୍ରାମରେ ପ୍ରଘଟ ହୋଇଗଲା । ସେହିଦିନଠାରୁ ସେ ଗ୍ରାମ ମାନଙ୍କରେ କଳି ବନ୍ଦ ହୋଇ ଶାନ୍ତି ବିରାଜମାନ କଲା ।

ଏବେ ସେ ସବୁ ଗ୍ରାମରେ ଆଉ ସେପରି ବାଦ ଚାଲିମାନ ଦେଖାଯାଏ ନାହିଁ । ସେହିସବୁ ଗ୍ରାମର ଲୋକେ ନନାଙ୍କୁ ଅତ୍ୟନ୍ତ ଭକ୍ତି କରୁଥିବାରୁ ଓ ନନା ସେମାନଙ୍କୁ ସ୍ନେହ କରି ସେମାନଙ୍କ ଉପକାରରେ ଲାଗିଥିବାରୁ ସେମାନଙ୍କ ଭିତରେ ସଂହତି ନଥିଲେ ମଧ୍ୟ ଏହା ସମ୍ଭବ ହୋଇଥିଲା ।

Digitized by srujanika@gmail.com

# ସମାଜ ସଂସ୍କାର

(ଆଠ)

**ସାମାଜିକ ଅବସ୍ଥା— :**

ପରାଧୀନ ଭାରତର ଅନ୍ଧକାର ମୁହୂର୍ତ୍ତରେ ଅବହେଳିତ ମୁମୂର୍ଷୁ ଓଡ଼ିଆ ଜାତିର ରକ୍ଷଣଶୀଳ, କୁସଂସ୍କାର ପୂର୍ଣ୍ଣ ସ୍ୱାର୍ଥାନ୍ୱେଷୀ ମନ୍ତ୍ରୀମାନ ସମାଜ ଭିତରେ ତାଙ୍କର ଜନ୍ମ ।

ମଦୁଗରେ ମଦୁର ଯୋକ ଥିଲପରି ସେତେବେଳେ ଲୋକ-ମାନେ ପଡ଼ୋଶୀ ଓ ବିଦେଶୀ ଶାସନକର୍ତ୍ତାଙ୍କ ଅତ୍ୟାଚାର ଭିତରେ ଭାଗ୍ୟକୁ ଆଦରି ପଡ଼ି ରହିଥିଲେ । ଅନ୍ୟାୟକୁ ବୁଝି ତା' ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସାହସ ଓ ଶକ୍ତି କାହାରି ନଥିଲା । ଦୁର୍ବଳ ପ୍ରତି ସବଳର ଅତ୍ୟାଚାର ଅବାରିତ ଗତିରେ ଚାଲିଥିଲା । ସେ ସବୁ ପ୍ରତି ଲୋକେ ସହନଶୀଳ ହୋଇଯାଇଥିଲେ ।

ମୁସଲମାନ ଓ ବର୍ଗୀଙ୍କର ଅତ୍ୟାଚାର ପରେ ଦେଶର ନାରୀ ରମଣୀ କବାଟ କୁଟର ଅବଗୁଣ୍ଠିତା ଅବହେଳିତା ବନ୍ଦିନୀରେ ପରିଣତ ହୋଇଥିଲା । ସମାଜରେ ନାରୀର କୌଣସି ସ୍ଥାନ ନଥିଲା । ପୁରୁଷ ଶିକ୍ଷାର ଯେଉଁଠି ବ୍ୟବସ୍ଥା ନଥିଲା ସ୍ତ୍ରୀ ଶିକ୍ଷାର ପ୍ରଶ୍ନ ଉଠିବ କୁଆଡୁ । ସ୍ତ୍ରୀମାନଙ୍କୁ ଅନେକ ସମୟରେ ଗାଈଗୋରୁପରି ପଣ୍ୟଦ୍ରବ୍ୟ ଭଳି ବ୍ୟବହାର କରାଯାଉଥିଲା ।

ଉଚ୍ଚଜାତିର ସମାଜରେ ବାଲ୍ୟ ବିବାହର ବ୍ୟବସ୍ଥା ଥିଲା, ସାତ ଆଠ ବର୍ଷରୁ ଶିଶୁ ଅବସ୍ଥାରେ ଝିଅମାନେ ବିବାହିତ ହୋଇ କଷ୍ଟ ପାଉଥିଲେ । ଅନେକ ସମୟରେ ବଡ଼ ହୋଇ ଶାଶୁ ଘରକୁ ଯିବା

Digitized by srujanika@gmail.com

ପୂର୍ବରୁ ବିଧବା ହୋଇ ନିଃସହାୟ ଭାବରେ ଜୀବନ ସାରା ହା ହୁତାଶରେ କଟାଉଥିଲେ । ଅନେକ ବିଷ ଖାଇ, ଦଉଡ଼ି ଲଗାଇ, ପାଣିକୁ ଡେଇଁ ଆତ୍ମହତ୍ୟା କରୁଥିଲେ ।

ଏମାନଙ୍କର ବିବାହ ଛଡ଼ା, ବିତ୍ତଶାଳୀ ପ୍ରୌଢ଼ ଓ ବୃଦ୍ଧମାନଙ୍କର କ୍ଷୁଦ୍ର ବାଳିକାମାନଙ୍କୁ କିଣି ବା ସେମାନଙ୍କ ଅଭିଭାବକମାନଙ୍କୁ ପ୍ରଲୋଭନ ଦେଖାଇ ବିବାହ କରିବା ପ୍ରଥା ସମାଜରେ ସ୍ୱୀକୃତି ଲାଭ କରିଥିଲା । ସେମାନେ ତାଙ୍କର ଯୌବନ ଲାଭ କରିବା ପୂର୍ବରୁ ବିଧବା ହୋଇ ତାଙ୍କର ସ୍ୱାମୀଙ୍କର ପୂର୍ବ ସ୍ତ୍ରୀମାନଙ୍କର ପୁତ୍ର, ପୁତ୍ରବଧୂ ଓ ନାତି ନାତୁଣୀଙ୍କ ଦ୍ୱାରା ନାନା ଭାବରେ ନିର୍ଯାତିତ ହେଉଥିଲେ ।

ଏ ସବୁ ଦେଖି ଦେଖି ନନାଙ୍କର ସ୍ୱାଭିମାନୀ ବିଦ୍ରୋହୀ ମନ ସମାଜ ଉପରେ ବିଦ୍ରୋହ କରି ଉଠିଥିଲା । ଏପରି ଘଟଣା ସବୁ ତାଙ୍କ ମନରେ କିପରି ଛାପ ପକାଇଥିଲା ଓ ସେତେବେଳେ କି ପ୍ରକାର ଘଟଣା ଘଟୁଥିଲା ସେପରି ଗୋଟିଏ ସତ୍ୟମୂଳକ ଘଟଣା ଉପରେ ତାଙ୍କ ଦ୍ୱାରା ୧୯୧୩ରେ ତାଙ୍କ ହାତ ଲେଖା 'କମଳା' ବିଷୟରୁ ମିଳିଥିବା ପୃଷ୍ଠାରୁ ଧାରଣା କରି ହେବ ।

ସମାଜ ସଂସ୍କାରକ ନନା (ପଣ୍ଡିତ ନୀଳକଣ୍ଠ)



Digitized by srujanika@gmail.com

## ନନାଙ୍କ ହାତଲେଖା 'କମଳା'—

(ଜଣେ ସମାଜପତି ବୃଦ୍ଧ ପଣ୍ଡିତ ପୁଅ ବୋହୂ ନାତିନାତୁଣୀ ପ୍ରଭୃତି ଥାଇ ମଧ୍ୟ ନିଜେ ବିପତ୍ନୀକ ହେବାରୁ ନାତୁଣୀ ବୟସର ଗୋଟିଏ ବାଳିକାକୁ ପୁନର୍ବିବାହ କରି ସନ୍ଦେହୀ ପ୍ରେମିକର ଜୀବନ ଯାପନ କରୁଥିଲେ। କିନ୍ତୁ ତାଙ୍କ ବାଳିକା ନାତୁଣୀଟିର ବିବାହିତ ଅଳ୍ପଦିନ ପରେ ସ୍ୱାମୀ ବିଦେଶକୁ ଯିବା ଅବସ୍ଥାରେ ନିଖୋଜ ହେବାରୁ ତାହା ଉପରେ ଜବରଦସ୍ତି ବୈଧବ୍ୟ ଲଦି ଦେଇଥିଲେ। ସେହି ବାଳିକା କମଳା ସେଠାରେ କୌଣସି ବ୍ୟକ୍ତିତ୍ୱବାନ ସଚ୍ଚରିତ୍ର ଯୁବକ ଠାରୁ ସତ୍ ଶିକ୍ଷା ପାଇ ନିଜକୁ ସଚ୍ଚରିତ୍ରା କରି ଗଢ଼ୁଥିଲା ଓ ତାର ସ୍ୱାମୀ ଜୀବିତ ଓ ନିଶ୍ଚୟ ଦିନେ ଫେରି ଆସିବେ ବୋଲି ମନେ କରୁଥିଲା। ସେ ବାଳିକା ତାର ବୈଧବ୍ୟକୁ ସ୍ୱୀକାର ନକରି ଅନ୍ୟଠାରୁ ସାନ୍ତ୍ୱନା ସହାନୁଭୂତି ଖୋଜି ତାର ସ୍ୱାମୀଙ୍କୁ ମନେ ମନେ ଖୋଜୁଥିଲା ବେଳେ ତାର ପିତାମହ ପଣ୍ଡିତଙ୍କ କଠୋର ବ୍ୟବହାରରେ ସେ ଅତିଷ୍ଠ ହୋଇ ଉଠୁଥିଲା। କାହା ସଙ୍ଗେ ତାର ଭବିଷ୍ୟତ ବିଷୟରେ ଆଲୋଚନା କରିବା ମଧ୍ୟ ତାହା ପକ୍ଷରେ ବିଷମସ୍ୟ ହୋଇଥିଲା।)

ସେହି 'କମଳା' ବିଷୟରେ ମିଳିଥିବା କେତୋଟି ଛିନ୍ନ ପୃଷ୍ଠାର ନକଲ ତଳେ ଦେଲି।

### କମଳା
### (ନୀଳକଣ୍ଠ ଦାସ ଅଗଷ୍ଟ ୧୯୧୩)

× × ×

ପଣ୍ଡିତଙ୍କ ଘରକୁ ଅପରିଚିତ ଲୋକ ବା ବାହାର ଲୋକ ଆସିଲେ ପଣ୍ଡିତଙ୍କ ବାହାରଘରେ ବସିବାର ସୁବିଧା ପାଉଥାଆନ୍ତି। କେହି ଲୋକ ଆସିଲେ ଚାକରଟୋକା ସେଇ ଦାଣ୍ଡ ପାଖ ବଖରା ଘରେ ମସିଣା ପକାଇ ଦେଇ ଆଗନ୍ତୁକ ଲୋକଙ୍କୁ ବସିବାକୁ କହି ନିଜ କାମରେ ଲାଗିଯାଏ। ଆଗନ୍ତୁକ ଲୋକ ବସିବା ଘରେ ଅପେକ୍ଷା କରି ବସେ।

କେହି କେହି ନିକଟରେ ଥିବା ପଣ୍ଡିତଙ୍କ ବନ୍ଧୁର ମଧ୍ୟ ବ୍ୟବହାର କରନ୍ତି। ସ୍ତ୍ରୀମାନଙ୍କ ରହିବା ଘର ସେ ସ୍ଥାନରୁ ଦୂର ନ ହେଲେ

Digitized by srujanika@gmail.com

ମଧ୍ୟ ସେଠାରେ ବସି ସ୍ତ୍ରୀ ଲୋକ ମାନଙ୍କୁ ଘର କାମ କଲାବେଳେ ଦେଖିବାର ସୁବିଧା ମିଳେ ନାହିଁ । ବରଂ ଏଠାରେ ବସିଲେ ବାଣ୍ଡରେ ଯାଉଥିବା ଲୋକ ଉପରେ ଦୃଷ୍ଟି ପଡ଼ିପାରେ । ଅତଏବ ଆଗନ୍ତୁକ ମାନେ ବସିବା ଘରେ ନିର୍ବିଘ୍ନରେ ବସନ୍ତି ।

ଏହିଦିନେ ଘରେ ପଣ୍ଡିତେ ନଥିବା ବେଳେ ସିଦ୍ଧାର୍ଥ ଆସି ତାଙ୍କ ବାଣ୍ଡପାଖ ଘରେ ବସିଥିଲା । ବୁଢ଼ୀର ଟୋକା ବସିବାକୁ କହିଦେଇ ବାଡ଼ିଆଡ଼କୁ ଚାଲିଯାଇଥିଲା । କିନ୍ତୁ କିଛିକ୍ଷଣ ପରେ ଫେରିଆସି ଯାହା ଦେଖିଲା ସେଥିରେ ତାହାର ମନ କିପରି ହୋଇଗଲା । ସେ ଦେଖିଲା ପଣ୍ଡିତଙ୍କ ବସିବା ଘରର ବାଣ୍ଡପାଖ ଦୁଆର ବନ୍ଦ ଅଛି । ଘର ମଧ୍ୟରେ ସିଦ୍ଧାର୍ଥ ବସିଅଛି । ଏବଂ ଗୋଟିଏ ସ୍ତ୍ରୀଲୋକ ତାହାର କୋଳରେ ମୁହଁ ଲୁଚାଇ କାନ୍ଦୁଅଛି ।

ସିଦ୍ଧାର୍ଥ ନବୀନ ଯୁବକ । ବେଶ ଉଜ୍ଜ୍ୱଳ ଓ ପ୍ରଭାମୟ । ନବୀନ ଶ୍ମଶ୍ରୁ ବଡ଼ ସୁନ୍ଦର । ଏଥିରେ ପୁଣି ନାରୀର ଶରୀର କୋଳରେ । ନାରୀର ରୂପ ଦେଖାଯାଉ ନଥିଲା । ସେ କୋଳରେ ମୁହଁ ମାଡ଼ି ବସିଥିଲା । କେବଳ ରୁକ୍ଷ ଚିକୁର ଓ ମଳିନ ବସ୍ତ୍ର ସମସ୍ତ ପୃଷ୍ଠ ଦେଶ ଆଭରଣ କରିଥିଲା ।

ବୁଢ଼ୀର ଟୋକା ବାଳକ ହେଲେହେଁ ଏ ମୋହନ ଛବି ଚାହିଁ କିଛିକ୍ଷଣ ହୁଡ଼ା ହେଲା । କଅଣ ବିଚାରିଲା, ଅନେକ ସମୟ ପରେ ଧୀର ସ୍ୱରରେ ଡାକିଲା 'କମଳା ସାଆନ୍ତାଣୀ, କମଳା ସାଆନ୍ତାଣୀ !' ଏହିପରି ଦୁଇ ତିନଥର କି ପାଞ୍ଚଥର ଡାକିଲା ପରେ କମଳା ସିଦ୍ଧାର୍ଥ କୋଳରୁ ମୁଣ୍ଡ କାଢ଼ି ଆଖି ପୋଛୁ ପୋଛୁ ଅନ୍ୟମନସ୍କ ଭାବରେ ଟିକିଏ ଖାଲି ଚାହିଁଲା, ଓ ପୁଣି କୋଳରେ ମୁହଁ ରଖି ବରଂ ଉଚ୍ଚ ସ୍ୱରରେ କହିଁ କହିଁ ହୋଇ କାନ୍ଦିବାକୁ ଲାଗିଲା । ତହୁଁ ବୁଢ଼ୀର ନିଜର ବାଳକ ସୁଲଭ ଚପଳତାରେ କହିଲା—ମୋ କଥା ଶୁଣୁନାହଁ, ମୁଁ ବାପାଙ୍କ ଆଗେ କହିଦେବି । ହେଉଛି ନୁଆ ସାଆନ୍ତାଣୀ ଦେଖିଲୋଣି ।

ସବୁତ ସତ । ସେତେବେଳକୁ 'ପଳଶ୍ରୀ' ଦ୍ୱାରର ଆଡ଼ୁଆଳରେ କେତେବେଳୁ ଚାହିଁ ରହିଥିଲା । ଏ ଦୃଶ୍ୟ ଦେଖି ହସୁଥିଲା । ଏବଂ

Digitized by srujanika@gmail.com

ତାହାର ବାଳିକା ବୁଦ୍ଧିରେ କଅଣ ଭାବୁଥିଲା ତାହା ଅମ୍ଭଙ୍କୁ ଜଣା ନାହିଁ । କିନ୍ତୁ ସେ ହସ ଯେ ସରଳ ମଧୁର ନ ହୋଇ କୁଟିଳ ଓ ଅନୁଦାର ଥିଲା ତାହା ବେଶ ଅନୁମାନ କରାଯାଉଥିଲା ।

ସେ ଯେ ଆଜି ଦୁଆର କଡ଼େ ସିଦ୍ଧାର୍ଥଙ୍କୁ ଏପରି ଚାହୁଁଥିଲା ତାହା ନୁହେଁ । ପଣ୍ଡିତଙ୍କର ପରିଚିତ ଅପରିଚିତ ଯେ କୌଣସି ବ୍ୟକ୍ତି ଘରକୁ ଆସିଲେ ଫଙ୍କର ସୁବିଧା ଜଣ୍ଡି ତାହାକୁ ଏପରି ଚାହେଁ, ଏବଂ ସୁବିଧା ପାଇଲେ ବିଶେଷତଃ ନବଯୁବକ ହେଲେ ହସେ । ସେ ଦ୍ୱିତୀୟ ତରୁଣୀ ଭାର୍ଯ୍ୟା, ପଣ୍ଡିତଙ୍କର ନୂତନ ସହଧର୍ମିଣୀ । ଅର୍ଥ ବଳରେ ହାତ ଗଣ୍ଠି ପଡ଼ିଛି ।

'ହାଟେସ'ଙ୍କୁ ଚାହିଁ ସେ ଏହିପରି ଥରେ ହସିବାର ଲକ୍ଷ୍ୟ କରିଥିଲେ । ସେହିଦିନଠାରୁ ପଣ୍ଡିତେ ସାରଙ୍ଗ ଉପରକୁ ଟିକିଏ ମନେ ମନେ ବିରକ୍ତ ଅଛନ୍ତି । ଏବଂ ସେଥିପାଇଁ ବିଏମ ଅଚଳଙ୍କୁ ମଧ୍ୟ ନିଜେ ନଥିଲାବେଳେ ଘରକୁ ନଗ୍ରଡବା ପାଇଁ ଚାକର ଟୋକାକୁ କହିକି ଗୋପନରେ ମନାକରି ଦେଇ ଅଛନ୍ତି ।

ଫୁଙ୍କରି କମଳା ସରବରେ କାନ୍ଦିବାକୁ ଲାଗିଲା । କିନ୍ତୁ 'ବାପାଙ୍କ ଆଗରେ କହିଦେବି, ନୂଆ ସାଆନ୍ତାଣୀ ଦେଖିଲେଣି ପ୍ରଭୃତି କଥା ଶୁଣି ସିଦ୍ଧାର୍ଥ ତାହାଙ୍କ ଚକ୍ଷୁ ବିସ୍ଫାରିତ କରି ଚାକରକୁ ଟିକିଏ ସ୍ଥିର ଦୃଷ୍ଟିରେ ଚାହିଁଲେ । ପୁଣି ମୁଣ୍ଡ ନୁଆଁଇ ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ ଫୁଙ୍କୁରି କମଳାର ମୁଣ୍ଡ ଓ ପିଠି ଆସ୍ତେ ଆସ୍ତେ ଆଉଁସିବାକୁ ଲାଗିଲେ ।

ଚାକର ଟୋକା ସମବ୍ୟସ୍ତରେ ଏ କଥା କମଳା ବୋଉକୁ କହିଦେଲା । କିନ୍ତୁ ଏକଥା ଶୁଣି ନଶୁଣିଲା ପରି ହୋଇ କମଳା ବୋଉ ନିଜ କାର୍ଯ୍ୟରେ ଲାଗି ରହିଲେ

କମଳା କିଛିକ୍ଷଣ ସେହିପରି ଅବସ୍ଥାରେ ଥିଲା । କିନ୍ତୁ ଏଥି-ମଧ୍ୟରେ ସିଦ୍ଧାର୍ଥଙ୍କ ଟିକା ଦରକାର ହେବାରୁ ସିଦ୍ଧାର୍ଥ ଧୀରେ ଧୀରେ

Digitized by srujanika@gmail.com

କମଳାକୁ ଉଠାଇ ଚୁପ୍ ଚୁପ୍ କରି କେତେ କଥା କହୁଥିଲୁ, ଏବଂ ନିଜେ ବାହାର ପିଣ୍ଡାକୁ ଉଦ୍ୟତ ହେଲୁ। କମଳା ଅର୍ଦ୍ଧ ରୋଦନ ଗଦ୍ ଗଦ୍ ସ୍ୱରରେ କହିଲା— ସିଦ୍ଧ ଭଉଣୀ କାଲି ଆସିବ, ତାହା ଥିଲା-ବେଳେ ଆସିବ ନାହିଁ। ଏଣିକି ଏବେ ଆସୁଥିବ। ଏହା କହି କମଳା ଘର ଭିତରକୁ ଭୁଷିଲା। ସିଦ୍ଧାର୍ଥ ପୂଜାର ଠେକାକୁ ବଡ଼ ପାଟିକରି ଡାକି ଦୁଆର ଦେବାକୁ କହି ଘରୁ ବାହାରେ ଚାଲିଗଲା।

ଅଲ୍ପାପ୍ସିତ ରୁକ୍ଷ କୁନ୍ତଳା କମଳା ଉଠି ଲୁଗାର ଟେଣିଏ କାନ ଦାନ୍ତରେ କାମୁଡ଼ି ଜାଣେ ହାତରେ ଦୀପ ନିଶା ଲୁଗାରେ ଆଖି ମଳି ମଳି ଧୀରେ ଧୀରେ ଘର ଭିତରକୁ ଚାଲିଗଲା। ଘୁଙ୍କିବା ଆସି ଦ୍ୱାର ବନ୍ଦ କରିଦେଇ ନିଜ କାର୍ଯ୍ୟରେ ଗଲା।

ପଣ୍ଡିତେ ସନ୍ଧ୍ୟା ପୂର୍ବରୁ ଘରକୁ ଆସିଲେ। ଚପଳ ପ୍ରକୃତି ଘୁଙ୍କର ଠୋକା ଗୋପିଆ ଯାହା ଦେଖିଥିଲା ପଣ୍ଡିତଙ୍କ ଆଗେ ବର୍ଣ୍ଣନା କଲା। ପଣ୍ଡିତେ ପ୍ରଚଣ୍ଡ କୋପ ପ୍ରକାଶ କଲେ, କିନ୍ତୁ ଦାଣ୍ଡକୁ ଏ କଥା ବାହାର ନ କରିବା ଭଲ ବୋଲି ଆଉ କିଛି ନ କହି ସହସା ସ୍ତ୍ରୀମାନଙ୍କ ଘର ଖଞ୍ଜାରେ ପ୍ରବେଶ କଲେ।

ସେଠାରେ କମଳା, କମଳା ବୋଉ, ପକାଉ ସମସ୍ତେ ଭାତ ଖାଉଥିଲେ। ପାରା ଗୁଡ଼ିରେ ସାପ ପଶିଲେ ଗୁଡ଼ି ମଧ୍ୟରେ ବନ୍ଦ ଥିବା ପାରା ସବୁ ଯେପରି ବ୍ୟାକୁଳ ହୋଇ ଉଡ଼ାଉଡ଼ି କରନ୍ତି, ସେହିପରି ପଣ୍ଡିତଙ୍କୁ ଦ୍ୱାର ଦେଶରେ ଉପସ୍ଥିତ ଦେଖି ସ୍ତ୍ରୀମାନେ ଇତସ୍ତତଃ ଗୃହ ମଧ୍ୟରେ ଲୁଚିବାକୁ ସ୍ଥାନ ଖୋଜିଲେ। ପଣ୍ଡିତେ କିଛିକ୍ଷଣ ସ୍ଥିର ଦୃଷ୍ଟିରେ ଦ୍ୱାରବନ୍ଧ ଧରି ଠିଆ ହେଲେ। ପରେ ଧୀର କୋପସୂଚକ ଗମ୍ଭୀର ସ୍ୱରରେ କହିଲେ—

'କମଳା, ତୋର ଏ କି ଗତି? ଖାଲି ମେଳେ ମାଇଚ କରିବାକୁ ବୋଉ ଶିଖାଇଛି ପରା! ଆଜି ସିଦ୍ଧାର୍ଥ ପାଖେ କଅଣ କରୁଥିଲୁ? ଆରେ ବାପର ଘରେ ମିଶଗର ନାହିଁ!

Digitized by srujanika@gmail.com

କମଳା, ମୁହଁ ନିଗୁଞ୍ଜି କାନ୍ଥ ପାଖକୁ ଛିଡ଼ା ହୋଇଥାଏ । କଥାର କିଛି ଉତ୍ତର ଦେଖା ନାହିଁ । ପଣ୍ଡିତେ ଏଥିରେ ବିଶେଷ ରାଗାନ୍ୱିତ ହୋଇ କ୍ରମେ କ୍ରମେ ବଢ଼ି ଗତି କରି ଘର ଭିତରକୁ ପଶିଗଲେ । ପଶି ଯାଇ କମଳାର ବାହୁକୁ ଧରି, କମଳାର ମୁହଁକୁ ନିଜ ଆଡ଼କୁ କରି ଦେଲେ । ଟିକିଏ ଜୋରରେ କରିଦେଲ ପରି ବୋଧ ହେଲା ।

ପଣ୍ଡିତେ କମଳାକୁ ମାରିବାକୁ ଯାଇ, କମଳାକୁ ଧରିଲେ ସତ, କିନ୍ତୁ ଧରିବା ପରେ ତାଙ୍କ ହାତ ଥରିବା ପରି ବୋଧ ହେଲା । ସେ ଚିତ୍ର ପିତୁଳା ପରି କିଛିକ୍ଷଣ ଛିଡ଼ା ହୋଇ ରହିଲେ । କମଳା କିନ୍ତୁ କୌଣସି ଅଙ୍ଗଭଙ୍ଗୀ ନକରି ମୂର୍ତ୍ତି ଟେକି ଛିଡ଼ା ହୋଇଥାଏ ।

କିଛିକ୍ଷଣ ପରେ ପକାର ପ୍ରକୃତ ଟିକିଏ ବୁଝିଦେଲେ । ପକାର ସେହି ସେଗ୍ନନରେ ଧୀରେ ଧୀରେ ଘରୁ ଅପସୃତ ହେଲା ପରେ, ପଣ୍ଡିତଙ୍କର ରାଗ କାହିଁକି ଧୀରେ ଶାନ୍ତ ହୋଇ ଆସିଲା । ପଣ୍ଡିତଙ୍କର ହୋଇ ଉତ୍ପଳ ରାଗରେ କ ଟୈନ ପଥାପ ଥିଲ ତାହା ଆମ୍ଭମାନଙ୍କୁ ଜଣା ନାହିଁ । କିନ୍ତୁ ପଣ୍ଡିତେ ସେହି ନିର୍ଜନ ମନ୍ଦିରରେ କମଳାକୁ ପାଇ ଧୀର ସ୍ନେହପୂର୍ଣ୍ଣ ଭାଷାରେ କହିଲେ 'ମୋ ମାଆ ପରା, ମୋତେ ଗୁହାଁ କଥା କହ । ମୁଁ ତୋ ବାପାତ, ଆଉତ କେହି ନୁହେଁ କଉଣେ କଥା ହେଲ ମୋତେ କହ । ମୁଁ ତୋତେ ମାରିବ ନାହିଁ, କିଛି କହିବ ନାହିଁ ।

ପଣ୍ଡିତେ ଏପରି କହିଲବେଳେ କମଳାର ମୁହଁରୁ ଅବିନ୍ୟସ୍ତ ଅଳକର ଦାମ ଧୀରେ ଧୀରେ ଅପସାରିତ କରି ଚିବୁକରେ ହସ୍ତ ଦେଇ ମୁଖ ଉତ୍ତୋଳନର ଚେଷ୍ଟା କରୁଥିଲେ । ପଣ୍ଡିତେ ଡାହାଣ ହାତରେ କମଳାର ବାମ ବାହୁ ଧରିଥିଲେ ଏବଂ ବାଆଁ ହାତରେ ମୁଖ ମଣ୍ଡଳ ଉଠାଉଥିଲେ । କିନ୍ତୁ କମଳା ବରାବର କିଛି ନକହି ଚୁପ୍ ହୋଇ ମୁହଁ ତଳକୁ ପୋତି ରଖୁଥିଲା । ପରିଶେଷରେ ପଣ୍ଡିତେ ମୁହଁଉଠିକ ପାଇଁ ମୁଖ ମଣ୍ଡଳ ଉଠାଇ ଦେବାରେ କୃତକାର୍ଯ୍ୟ ହେଲେ । ଦେଖିଲେ କମଳା ଚକ୍ଷୁ ମୁଦ୍ରିତ । ପଣ୍ଡିତେ ସେଠାରୁ ମୋ ମାଆ ପରା, ମୋ ଅଉକୁ ବୁହାଁମ, ପ୍ରଭୃତି ଧୀର ମଧୁର ପ୍ରେମମୟ ସ୍ୱରରେ କହୁ କହୁ ବାଆଁ ହାତ

Digitized by srujanika@gmail.com

ମୁଣ୍ଡର ପଶ୍ଚାତରେ ରଖି କମଳାକୁ ସ୍ନେହରେ ନିଜ କୋଳକୁ ଟାଣି ଆଣି, ତାହାଙ୍କ ହାତରେ ତାହାର କପାଳ, ବକ୍ଷସ୍ଥଳ ଓ ଚିବୁକର ଆସ୍ତେ ଆସ୍ତେ ପୋଛିଲା ପରି ଆଉଁସିବାକୁ ଆରମ୍ଭ କଲେ ।

କମଳାର ଚକ୍ଷୁ ଏତେବେଳ ଯାଏଁ ମୁଦ୍ରିତ ଥିଲା । କେବଳ ମଧ୍ୟେ, ମଧ୍ୟେ ନାକପୁଡ଼ା ଟିକିଏ ଟିକିଏ ଫୁଲିବାର ଦେଖାଯାଉଥିଲା ସତ୍ୟ କିନ୍ତୁ ସେ କିଛି କହୁନଥିଲା ।

ପଣ୍ଡିତଙ୍କର ପ୍ରଚଣ୍ଡ କୋପ ପରେ ବିଧବା ନାତୁଣୀ ପ୍ରତି ଏପରି ସ୍ନେହର ଆବେଗ ଦେଖିଲେ ସାଧାରଣ ଲୋକର ମନରେ ଅହ୍ଲାଦ ହେବାର କଥା, କିନ୍ତୁ କମଳା କଅଣ ଭାବୁଥିଲା ତାହା କେହି ଜାଣିବାର ଉପାୟ ନାହିଁ । ମାତ୍ର ପଣ୍ଡିତେ ଯେତେବେଳେ ସ୍ନେହାତିଶଯ୍ୟ ଭାବରେ ମଧୁର ମୃଦୁ ଲଳିତ ଭାଷା ପ୍ରକାଶ କରି କମଳାକୁ ଅତି ଆଦରରେ କୋଳକୁ ଟାଣି ଆଣିଲେ, ହଠାତ୍ କମଳା ଆଖିର ପତା ଫିଟିଗଲା ।

ହଠାତ୍ କାହିଁକି ତାର ଅଶ୍ରୁ ବିଧୌତ କୋକନଦ ନିନ୍ଦ ନୟନର ସ୍ଫୁଲିଙ୍ଗ ଶରୀରରୁ ବହ୍ନିକଣା ନିର୍ଗତ ହେଲା । ଚାହୁଁ ଚାହୁଁ ଶରୀରରେ ରୋମାଞ୍ଚ ଜାତ ହେଲା । ଚକ୍ଷୁ ବିସ୍ଫାରିତ ଓ ଦୃଷ୍ଟି ଦୃଢ଼ ଓ ସ୍ଥିର ହେଲା । ଓଷ୍ଠର କମ୍ପନ, ନାସାର ବିସ୍ଫାରଣ, କପୋଳର ରକ୍ତିମା ଲଲାଟର କୁଟିଳ କୁଞ୍ଚନ କମଳାକୁ ଭୀମକାନ୍ତ ଚଣ୍ଡୀ ରୂପରେ ପରିଣତ କଲା । ସେ କିଛି ନକହି ସ୍ଥିର ଦୃଢ଼ ଦୃଷ୍ଟିରେ ପଣ୍ଡିତଙ୍କ ମୁଖମଣ୍ଡଳକୁ ଚାହିଁ ରହିଲା ।

ପଣ୍ଡିତେ ତାକୁ ଚାହିଁବାକୁ କହୁଥିଲେ ସେ ଚାହିଁଲା ସତ, କିନ୍ତୁ ପଣ୍ଡିତଙ୍କ ମୁଖରେ ଆହ୍ଲାଦ ପରିବର୍ତ୍ତିରେ ସମ୍ଭ୍ରମ ଓ ଭୟର ମଳିନ ରେଖା ଅଙ୍କିତ ହେଲା । ପଣ୍ଡିତଙ୍କର ଆଲିଙ୍ଗନ ବନ୍ଧନ ହଠାତ୍ ଶିଥିଳ ହୋଇଗଲା । ଆଲୁଳାୟିତ ଅବିନ୍ୟସ୍ତ କୁନ୍ତଳା କଠୋର ବୈଧବ୍ୟ ଭୂଷଣା କମଳାର ଊର୍ଦ୍ଧ୍ୱ ଦୃଷ୍ଟିର ଭୀମ ଚକ୍ଷୁବାଣ ସହ୍ୟ କରି ନପାରି ଯେପରିକି ପଣ୍ଡିତେ ବିବ୍ରତ ହୋଇ ପଡ଼ିଥିଲେ ।

Digitized by srujanika@gmail.com

ହଠାତ୍ ଧୀରସ୍ଥିର ବନ୍ଧୁ ଦ୍ରୁତ ସ୍ୱରରେ କମଳା କହି ଉଠିଲା। 'ତୁମେ ମୋ ଦେହ ଛୁଅଁ ନାହିଁ। ତୁମେ ବାଘ ହୁଅ ସେ ହୁଅ ଏ ଘରୁ ଯାଅ।' ଏ କଥାରେ ସମସ୍ତ ଘର ଚମକିତ ହେଲା। ସେତିକିବେଳେ ତାଙ୍କ 'ବର୍ଷୀ ଘରୁ ଗୋଟିଏ ବିକଳ କ୍ରନ୍ଦନ ଧ୍ୱନି ମଧ୍ୟ ଶୁଭିଗଲା।

ପଣ୍ଡିତେ ସହସା ଚକିତ ହୋଇ ବଜ୍ରାହତ ପରି କମଳାକୁ ଚାହିଁ ଅନ୍ତର ହୋଇ ଛିଡ଼ା ହେଲେ, ଏବଂ କିଛିକ୍ଷଣ ସ୍ଥିର ଭାବରେ ଛିଡ଼ା ହେବା ପରେ ଆସ୍ତେ ଆସ୍ତେ ଚାଲିଆସିଲେ। ଆସିବାର ଠିକ୍ ପୂର୍ବରୁ ଅତି ଅନ୍ତର୍ଯ୍ୟାମୀ ଭଳି ଆକ୍ଷେପ ବ୍ୟଞ୍ଜକ ଅସ୍ପଷ୍ଟ ସ୍ୱରରେ ସେ କହିବାର ଶୁଣାଯାଉଥିଲା।

'ଘୋର୍ ରେ ଏ ମାନବ ମଁ ବକ୍ଷସୀ'।

ପଣ୍ଡିତେ କମଳା ଘରୁ ଆସିଲାବେଳକୁ ସନ୍ଧ୍ୟା ପ୍ରାୟ ଅସ୍ତମିତ ହୋଇ ଆସୁଥିଲା। ସେ ତାଙ୍କ ବୈଠକଖାନାକୁ ଆସିଲା-ବେଳକୁ ସେଠାରେ ଯାଗ ନ ଥିଲା। ଗୋପିଆ ଆସି ଦୀପ ଜାଳିଦେଲା। ପଣ୍ଡିତେ ଆଜି ସନ୍ଧ୍ୟା ନ କରି ଝଟେ ସନ୍ତାପ ପରି ବସିପଡ଼ିଲେ। ବସୁ ବସୁ ଖଟରେ ଧୀର ମୂର୍ତ୍ତିକୁ ଦେଖି ପଡ଼ିଗଲେ।

ଏକାକୀ ପଣ୍ଡିତେ କେତେବେଳେ ସ୍ଥିର ଦୃଷ୍ଟିରେ ଚାଳକୁ ଚାହିଁ-ଥିଲେ। କିଛିକ୍ଷଣ ଚାହିଁ ଚାହିଁ ଗୋଟାଏ ଗଭୀର ନିଶ୍ୱାସ ପକାଇ କଡ଼ ଲେଉଟାଇ ଥିଲେ। ପହରେ ରାତି ହୋଇଗଲା। ଗୋପିଆ ଆସି ଭୋଜନକୁ ଡାକିଲା। ପଣ୍ଡିତେ ଭୋଜନରେ ବସିଲେ, କିନ୍ତୁ କିଛି ଖାଇ ପାରିଲେ ନାହିଁ। ପୁଣି ଯାଇ ସେହି ମସିଣାରେ ସେହିପରି ପଡ଼ିଗଲେ, କିଛିକ୍ଷଣ ପରେ ଚାକର ଶୋଇବାକୁ ଡାକିଲା। ସେ ସେହି ଘରେ ଶୋଇବେ ବୋଲି କହି ଗୋପିଆକୁ ବିଦା କରିଦେଲେ।

କିଛିକ୍ଷଣ ପରେ ଶଯ୍ୟାରୁ ଉଠି ପଣ୍ଡିତେ ରାତିରେ ଅନେକ ସମୟ ଅଗଣାରେ ବୁଲିବାର ଦେଖାଯାଉଥିଲା। ମଧ୍ୟେ ମଧ୍ୟେ କମଳା ଯେଉଁ ଘରେ ଶୋଇଥିଲା ସେହି ଘରର ଦ୍ୱାରରେ ସ୍ଥିର ହୋଇ ଛିଡ଼ା ହେଉଥିଲେ, ହଠାତ୍ ସେ ଘରେ ଫୁସ୍ ଫାସ୍ କଥାବାର୍ତ୍ତାର ଶବ୍ଦ ଶୁଭିଲା।

Digitized by srujanika@gmail.com

ପଣ୍ଡିତେ ଅତିଶୟ ଧୀର ଓ କୋମଳ ପଦ ବିକ୍ଷେପରେ ବୁଲୁଥିଲେ । ପଣ୍ଡିତେ କାନ ଡେରି ନିସ୍ପନ୍ଦ ନିସ୍ତବ୍ଧ ଭାବରେ କବାଟ ପାଖେ ଠିଆ ହୋଇ ଶୁଣିଲେ ।

'ବୋଉ ତୁ ଆଉ କାନ୍ଦନା । ପଣ୍ଡିତ ହୋଇଥିଲେ, ମନ ହେଲେ ଯାଉଥାଆନ୍ତି ! ଦାଇବର ଏପରି ବିଧାନ ଥିଲା ! ତୁ ଆଉ କାନ୍ଦନା, ମୁଁ ତତେ କଅଣ କହୁଛି, ତୁ ମୋ ପାଇଁ କେତେ ଦୁଃଖ ପାଇଲୁ ତୁ କାନ୍ଦନା ।

ପଣ୍ଡିତେ ଜାଣିଲେ ଏହା କମଳାର ସ୍ୱର । କିନ୍ତୁ ଏ ସ୍ୱର କମଳା ବୋଉକୁ ଶାନ୍ତ କରିବା ପରିବର୍ତ୍ତେ ତାହାର କ୍ରନ୍ଦନ ବୃଦ୍ଧି କଲା । ପୁଣି କମଳା କହିଲା 'ନୂଆ ମା' ଶୋଇପଡ଼ିଛି । ସେ ବର୍ତ୍ତମାନ ଉଠି ଶୁଣିବ । ତୁ ଆଉ କାନ୍ଦନା ତତେ ମୋ ରାଣ ତୁ ଆଉ କାନ୍ଦନା ।'

କମଳା ଯଶୋଦାଙ୍କୁ ନୂଆ ମା ବୋଲି ଡାକୁଥିଲା । ନୂଆ ମା ଶୁଣିବ ଏକଥା ଶୁଣି କମଳା ବୋଉର କାନ୍ଦ କ୍ରମେ ଆଉ ଶୁଭିଲା ନାହିଁ । କିନ୍ତୁ ସେ ଯେ ମଧ୍ୟେ ମଧ୍ୟେ ଉଇଁ ଉଇଁ ହେଉଥିଲା ତାହା ସ୍ପଷ୍ଟ ଜଣା ଯାଉଥିଲା । କେତେକ୍ଷଣ ପରେ କମଳା ବୋଉ କହିବାର ଶୁଭାଗଲା ।

'ଜଗନ୍ନାଥେ, ତୁମେ କଅଣ ସତେ ପଥର ପାଲଟି ଗଲ ? ମୋ ମା, ନନା ଛଉରି ଅଛିଲେ ମୁଁ କହିକରି ତତେ ଖୁଣ୍ଡି ଦେବି ।

କମଳା କହିଲା ନନା ମୋତେ କାହିଁକି ନେବେ ? ବନସ୍ତ ଭିତରେ ବାଳ ମାଟିଆ ବେକରେ ବାନ୍ଧି କୁଆଁଡେଇଁ ବୁଲିବେ । ଦେବ ! ପଣ୍ଡିତ ହେଲା ବୋଲି ମୋର କଅଣ ଆଉ କେହି ନାହିଁ ? ଏ ବସୁଧାରେ କଅଣ ମୋ ପାଇଁ ସ୍ଥାନ ନାହିଁ ?

କମଳା ବୋଉ ପୁଣି ଗଦ୍ ଗଦ୍ ହୋଇ କହିଲା 'ଚନ୍ଦନ, ଘର ବାହାର ତ ହାତ ଧରିଥିଲୁ । ତାକୁତ ବାଟରେ ଛାଡ଼ିଇ ଦେଇ

Digitized by srujanika@gmail.com

ଅଛେଲ । ତୁ ଗଣ୍ଡ ହେଲୁ ଏ କଥା ମୋତେ କହନା, ଦୈବଗ୍ରହନ ତ ସତନ ଦେଖିଛୁ । ଏହା କହୁ କହୁ ପୁଣି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । କମଳା ମଧ୍ୟ କିଛି ନକହି ତୁନି ହୋଇ ରହିଲା । ବହୁକ୍ଷଣ ପରେ କମଳା ବୋଉ କହିଲା 'ସିଧ ଆଜି କଅଣ କହିଲା ? ଆଜ କଅଣ ତାଙ୍କୁ ଘରେ ପୂରେଇବେ ?

କମଳା ଈଷତ୍ ଗଦ୍ ଗଦ୍ ସ୍ୱରରେ କହିଲା—କାହିଁକି ସିଧ ଭାଇନା ଆଜ ଆସିବେ ନାହିଁ ? ବାପା କଅଣ ମନାକରିବେ ? ମତେ କହର ଦେଉନାହାନ୍ତି କାହିଁକି ? କମଳା ବୋଉ— ମୋ ମାଆ ତା କହନା ।

'କମଲ —ଆଜ କଅଣ କପାଳ ଫାଟିଲା ବୋଲି ହୋଉଛୁଟି ହେବ ? ବାପାତ କେତେଥର ଇମିତି କଲେଣି, ଆଜ କଅଣ ନୂଆ ହେଲା ? ଅଜିତ ନମାନ ଘରେ ପଶିଲେ, ମହାପାଆନ୍ତ ହେଲେ' ଏହା କହୁ କହୁ କମଳା କଇଁ କଇଁ ହୋଇ କାନ୍ଦି ଉଠିଲା । କିଛିକ୍ଷଣ ପରେ କାନ୍ଦ କାନ୍ଦ କହିଲା ସିଧ ଭାଇନା ଆସୁଥିଲେ ବୋଲି ସିନା । ଆଉ ସେତ ଆସିବେ ନାଇ, ମୁଁ କୁଆଡ଼କୁ ଯିବି ? ମହାପ୍ରଭୁ ମୋ ଛୁଆ କାଠ କରିଦିଅ ମୁଁ ପାଟ ନକରେଁ । ମୁଁ କେଉଁଦିନୁ ଜହର ଖାଇ ମରନ୍ତିଣି, ଖାଲି ସିଧ ଭାଇନାର ସାନ୍ତ୍ୱନା ପାଇଁ ସିନା । ବୋଉ ତୁ କହିଲୁ ଗଡ଼ଉଇ ଦେଇ ଅଜଲେ, କୁଉଁଠେଇଁ ଚନ୍ଦ୍ରେଇ ଦେଲେ ?

କମଳା ବୋଉ—କୁଉଁଠେଇଁ ମୁଁ କଅ.ଣ୍ଡି କହିବ ? କୁଆଡ଼େ ତ ସିଆଡ଼େ ବଙ୍ଗଳାରେ । କେତେ ମନା କଲି ସେତ ପ୍ରଣ୍ ପୋଥି ପିଠାଇ ତୋତେ ବନ୍ଧା କରିଦେଲେ । ଇସ୍ୱା କଅଣ ମନେଥିଲା ।

ଚଣ୍ଡି ତେ ଏ କଥା ଶୁଣି ଆଉ ସମ୍ଭାଳି ପାରିଲେ ନାହିଁ । ମନର ଅଯଥା ନନ୍ଦା ତାଙ୍କର ଅସହ୍ୟ ହେଲା । ସେ ଅଗଣାକୁ ଚାଲି ଆସି ଖଙ୍କାର ଖାଇ ମାରିଦେଲେ ।

Digitized by srujanika@gmail.com

ବଙ୍କୁଲି ମାଟି ମେଘ ଘେଂଟାର ଆସୁଥିଲା ଅଣ୍ଡ ବାହାରେ ରହିବା ସମ୍ଭବ ନୁହେଁ ପଣ୍ଡିତେ ଅଗତ୍ୟା ଯାଇ ଘରେ ଶୋଇଲେ, କିନ୍ତୁ ନିଦ୍ରା ହେଲା ନାହିଁ। ନାନା ଭାବରେ, ମନ ଉଦ୍ବେଳିତ ହେଲା। ସେଥିରେ ପୁଣି ନିଜର ପୁତ୍ର ବଧୂ ଓ ନାତୁଣୀ ଠାରୁ ମିଳିଲା ଅସହ୍ୟ ନିନ୍ଦାବାଦ ସ୍ତୁତି, କ୍ରୋଧ, ଦ୍ଵେଷ ଓ ଅପମାନ ତାହାଙ୍କୁ ଜର୍ଜର କରୁଥିଲା। ସେଥିରେ ପୁଣି ଘରେ ଝିଅ ମାଆଙ୍କୁ ନିଜର ବଡ଼କଥା ଶୁଣିବା ଘୋର ଅମର୍ଯ୍ୟାଦା ଭାବି ବୋଧହୁଏ ପଣ୍ଡିତେ ବ୍ୟଥିତ ହୋଇ-ଥିବେ।

କମଳାଭି ବଡ଼ କେତେ ଲୋକଙ୍କ ସଙ୍ଗେ ଦେଖା ଯାଉଥିଲେ। ସେମାନେ ଆସି କହିଲେ, ସେ ସେଠାରେ ଜ୍ଵରରେ ମରିଗଲେ। ଏପରି କେତେକ ଲୋକ ଏ ଅଞ୍ଚଳରେ ସଙ୍ଗୀମାନଙ୍କ ଉପାର୍ଜିତ ଟଙ୍କା ଆତ୍ମସାତ କରିବା ଲାଗି ସେମାନଙ୍କୁ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ଆସି, ମରିଗଲେ ବୋଲି କହିବାର ପ୍ରମାଣ ମିଳେ। କେତେ ଦୁଇଜଣ ପରେ ଭାଗ୍ୟବଳେ ବଞ୍ଚି ଫେରି ଆସନ୍ତି। ତେଣୁ ସଙ୍ଗୀମାନଙ୍କ ଏ କଥାରେ କମଳା ବରର ଆତ୍ମୀୟ ସ୍ଵଜନ ମନରେ ଓ କମଳା ବୋଉଙ୍କର ସନ୍ଦେହ ହେବାର କଥା।

ପୁଣି ମୁମୂର୍ଷୁ ଅବସ୍ଥାରେ ଲୋକେ ଛାଡ଼ିଆସିବା ସତ୍ୟ ହେଲେ ମଧ୍ୟ, ରୋଗୀର ବଞ୍ଚିବାର ଆଶା ଥିଲେ କେହି ଛାଡ଼ି ଆସନ୍ତି ନାହିଁ ବୋଲି ପଣ୍ଡିତେ ଭାବିଲେ। ପୁଣି ସମ୍ପୂର୍ଣ୍ଣ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ସ୍ଵୟଂ ଧର୍ମରାଜ ସ୍ଵାମୀଙ୍କୁ ଡାକି ଖଡ଼ି ପକାଇଲେ, ହନୁମାନ ପ୍ରଶ୍ନ ପିଟାଇ ମରିବାର ସ୍ଥିର କରି ଶାସ୍ତ୍ରୀୟ ବିଧି ଅନୁସାରେ ପଣ୍ଡିତେ କମଳାକୁ ବିଧବା କରିଥିଲେ। ଏପରି ସ୍ଥଳେ ପଣ୍ଡିତଙ୍କର ନିନ୍ଦା କରିବାର କୌଣସି କାରଣ ନାହିଁ। ଏହା ପଣ୍ଡିତେ ସ୍ପଷ୍ଟ ଜାଣିଥିଲେ। ଏଣୁ ଏ ନିନ୍ଦା ଯେ ତାଙ୍କର ଅସହ୍ୟ ହୋଇଥିବ ସେଥିରେ ବିଚିତ୍ରତା କଅଣ।

ରାତି ପ୍ରାୟ ୧ଟ ଦୁଇ ପ୍ରହର ହେବ ନିଶୀଥର ନିସ୍ତବ୍ଧତା ଭେଦ କରି ପବନାନ୍ଦୋଳିତ ମେଘଶ୍ରେଣୀ ଆକାଶରେ ଇତସ୍ତତଃ ଭ୍ରମଣ

Digitized by srujanika@gmail.com

କରୁଥିଲା । ମଧ୍ୟେ ମଧ୍ୟେ ତାରାପୁଞ୍ଜର କ୍ଷୀଣ ସ୍ଥାୟୀ ଜ୍ୟୋତି ମେଘଖଣ୍ଡ-ମାନଙ୍କର ଅନ୍ତରାଳରେ ଦ୍ରୁତ ଗତିରେ ଲୁଚି ଲୁଚି ଲୀନ ହେଲାପରି ଦେଖାଯାଉଥିଲା ।

କ୍ରମେ କ୍ରମେ ପଶ୍ଚିମାକାଶରୁ ଘନ କୃଷ୍ଣ ମେଘ ବାହାରି ଅତି ଅଳ୍ପ ସମୟ ମଧ୍ୟରେ ସମସ୍ତ ପ୍ରକୃତିର ଛବି ସୂଚୀଭେଦ୍ୟ ଅନ୍ଧକାରରେ ଘୋଡ଼ାଇ ଦେଇଅଛି । ନିଶ୍ଚଳ ପବନ କିଛିକ୍ଷଣ ବନ୍ଦ ଥିଲା । ଏବେ ଘୂର୍ଣ୍ଣିତ ଝଙ୍କାରରେ ମଫସଲର ଗ୍ରାମମାନଙ୍କର ନାରିକେଳ ନିକୁଞ୍ଜ ଝଙ୍କାରିତ କରି ସମୁଦ୍ର କୂଳକୁ ପ୍ରଧାବିତ ହେଉଅଛି ।

ପ୍ରଭଞ୍ଜନାକୁଳିତ ସିନ୍ଧୁର ମନ୍ଦ୍ରନାଦ ସେହି ଭୀଷଣତମ ଭେଦ ଗମ୍ଭୀର ଝଙ୍କାରରେ ଯୋଗଦେଇ ତାହାକୁ ଘୋର ବିଭୀଷିକାମୟ କରୁଅଛି । ମଧ୍ୟେ ମଧ୍ୟେ ଗୋଟିଏ ଦୁଇଟି ତାରାପୁଞ୍ଜ ଖଦ୍ୟୋତ ନିଭିଲା ପରି ବିମଳ ପ୍ରଭା ସୃଷ୍ଟି କରି ମେଘମାଳାର ଅନ୍ତରାଳରେ ଦେଖାଦେଇ ପୁଣି ଆକାଶରେ ଲୁଚି ଲୁଚି କ୍ଷଣକେ ବିଲୀନ ହେଉଛନ୍ତି । ଦିଗବଳୟର ମୂଳରୁ ଆରମ୍ଭ କରି ଆକାଶର ମଧ୍ୟଦେଶ ପର୍ଯ୍ୟନ୍ତ ଚପଳା ନିଜର କ୍ଷଣ ପ୍ରଭା ପ୍ରକାଶ କରୁଅଛି । ମଧ୍ୟେ ମଧ୍ୟେ ଧୀରମନ୍ଦ୍ର ମେଘ ନିନାଦରେ କରାଳ ପ୍ରକୃତି ଭୀଷଣତର ବୋଧ ହେଉଅଛି ।

ତଳେ ଗୋଟିଏ ନଦୀ ନିଜର ସୁବିପୁଳ ପ୍ରାବୃଟ ବକ୍ଷ ବିସ୍ତାର କରି ଚାଲୁଅଛି । ଫେନିଳ ଜଳରେ ତାରା ପୁଞ୍ଜର ପ୍ରତିବିମ୍ବ ଦେଖୁନାହିଁ ସତ୍ୟ, ମାତ୍ର ଘୋର ଅନ୍ଧକାରର ଭୟାବହ ପ୍ରତିବିମ୍ବ ସେ ନିର୍ଜନ ରାତ୍ରିର ଭୀମ ଦୃଶ୍ୟ ଭୀଷଣତର କରୁଅଛି । ଅପରପାର୍ଶ୍ୱରେ ଘୋର ଜଟିଳ ବଂଶ କାନନ ଅସ୍ପଷ୍ଟ ଦୂରବର୍ତ୍ତୀ ଶ୍ରେଣୀ ନିବଦ୍ଧ ଉଚ୍ଚ ଭେଦ ନାରିକେଳ ପଂକ୍ତିରେ ସ୍ଥିତ ନଦୀ ବକ୍ଷର ଗମ୍ଭୀର ଦୃଶ୍ୟରେ ଯୋଗ ଦେଉଅଛି ।

ନିସ୍ତବ୍ଧ ଅବନୀ ପୂର୍ବର ସୁନାମ ପ୍ରସିଦ୍ଧ ନରେନ୍ଦ୍ର ପୁଷ୍କରିଣୀ ନିଜର ସୁବିଶାଳ ଫେନିଳ ବକ୍ଷ ବିସ୍ତାର କରି ପ୍ରକୃତିର ଏହି କରାଳ ଛବି ପ୍ରତି ଅନୁକ୍ତ ଉଦ୍ଧିଅଛି । କ୍ରମେ ତାରାପୁଞ୍ଜ ଅଦୃଶ୍ୟ ହେଲା । ନଦୀ

Digitized by srujanika@gmail.com

ଗର୍ଭର ସୁଷମା ବିଲୁପ୍ତ ହେଲା । ଆକାଶ ଓ ପୃଥିବୀ ଏକ ଘୋର କରାଳ ଅନ୍ଧକାରରେ ଆବୃତ ହେଲା । ପବନ ଟିକିଏ ଖରତର ହେଲା । ବିଜୁଳି ଯେତେ ଶୀଘ୍ର ଶୀଘ୍ର ସ୍ଫୁରିବାକୁ ଲାଗିଲା ପ୍ରକୃତିର ଘୋର ଛବି ସେତିକି ଭୀଷଣତର ଓ ଗଭୀର ଧ୍ୱାନ୍ତମୟ ହେବାକୁ ଲାଗିଲା ।

ଏହି କରାଳ କାଳରେ ଚପଳା ସ୍ଫୁରଣରେ ସେହି ନଦୀ କୂଳରେ ଗୋଟିଏ ଚଣ୍ଡୀମୂର୍ତ୍ତି ହଠାତ୍ ଦେଖାଯାଇ ପୁଣି କରାଳ ଅନ୍ଧକାରରେ ବିଲୀନ ହେଲା ।

ଏ କାଳ ରାତ୍ରିରେ ଲୋକ ବାହାରକୁ ଆସିବାର କ୍ଲେଶ ମାତ୍ର କଳ୍ପନା କରାଯାଇ ନପାରେ । ପଥହରା ନିରନ୍ନ ଭିକ୍ଷୁକମାନେ ମଧ୍ୟ ଅଜ ପିଣ୍ଡାରେ ଆଜନ୍ନ ସ୍ଥାନେ ସ୍ଥାନେ କୁଣ୍ଡେଇ ଲାଗି ଗଲେଣି । ଏପରିକି ଚୋରମାନେ ମଧ୍ୟ ଏକା ଲଗେ ଗୃହରୁ ବାହାରିବାକୁ ସାହସ କରିବେ ନାହିଁ । ଜନମାନବ ଦୂରେ ଥାଉ, ପଥହରା କୁକ୍କୁର ମାନେ ଆଶ୍ରାଲୋଡ଼ି ପିଣ୍ଡାକୁ ଉଠି ପିଣ୍ଡାରେ ଶୋଇଥିବା ଲୋକଙ୍କ ତାଡ଼ନା ଭ ଶବ୍ଦ କରି କରି ଅଗଣାରେ ଆଶ୍ରୟ ନେଲେଣି । ଷଣ୍ଢମାନେ ମଠ ବାଡ଼ିର ପ୍ରଶସ୍ତ ଦ୍ୱାର ଅବଲମ୍ବନ କରି ଆଶ୍ରୟ ଗ୍ରହଣ କରିଅଛନ୍ତି ।

ଏଥିରେ ସ୍ତ୍ରୀ ଲୋକ ଦୂରେ ଥାଉ ବାହାରି ଲୋକ ସମାଗମହୀନ ଏ ସ୍ଥାନରେ ଏତେବେଳେ ଦେଖାଦେବ କାହିଁକି ? ଏ କି ମନୁଷ୍ୟ ଯୋନି ନୁହେଁ । ପୁଣି ବିଦ୍ୟୁତ ଚମକିଲା । ଏ କିଏ ? ଏ ଯେ ଯୁବତୀର ସ୍ଥୂଳ କଳେବର । କେବଳ ବସନ ଓ ଆଲୁଳାୟିତ କୁନ୍ତଳରେ ଏପରି ଚଣ୍ଡୀ ରୂପ ଧାରଣ କରିଅଛି । ପୁଣି ଚପଳାର କ୍ଷଣସ୍ଥାୟୀ ଜ୍ୟୋତିରେ ଦେଖାଗଲା । ଏ ଯୁବତୀର ବୟସ ୧୫ । ୧୬ ରୁ ବେଶୀ ନୁହେଁ । ଅଙ୍ଗ ଯଷ୍ଟି ସୁଗଠିତ ସୁନ୍ଦର ଓ ସୌଷ୍ଠବମୟ । ସ୍ଥୂଳ ଚକ୍ଷୁର ପ୍ରାନ୍ତଭାଗ ଇତସ୍ତତଃ ବିକ୍ଷିପ୍ତ ହେଲେ ମଧ୍ୟ ଜାନୁଦେଶ ସ୍ପର୍ଶ କରୁଅଛି । ପରିପାଟି-ବିହୀନ ଶୁଭ୍ର ପରିଧାନ ଶରୀର କାନ୍ତିରେ ଯେପରିକି ମଳିନ ଦେଖା ଯାଉଛି । ସ୍ତ୍ରୀ ମୂର୍ତ୍ତିଟି ନିସ୍ପନ୍ଦ ଭାବରେ ନଦୀର ବକ୍ଷକୁ ନିର୍ନିମେଷ ନୟନରେ ଚାହିଁ ଛିଡ଼ା ହୋଇ ରହିଅଛି । ଏ କିଏ ଜଳ ଦେବୀ ? ବଦନ ମଣ୍ଡଳ ଉଦାର ଓ ପ୍ରସନ୍ନ । ବକ୍ଷ ସ୍ଫୀତ ଓ ଗ୍ରୀବା ଉନ୍ନତ । ସମସ୍ତ

Digitized by srujanika@gmail.com

ଶଙ୍ଖର ସେଠରେ ଷଟପ୍ରଭାରେ ଧୌତ ହୋଇ ନିଜର କନକ କାନ୍ତିରେ ସ୍ୱୟଂ ଷଟପ୍ରଭାକୁ ତିରସ୍କାର କରୁଅଛି । ଚକ୍ଷୁର ଜ୍ୟୋତି ସ୍ଥିର । ଅବୟବ ଯେପରିକି ଏକ ସ୍ୱର୍ଗୀୟ ତେଜରେ ବିଭୂଷିତ । ଏ ଦେବୀ ନା ମାନବୀ ? ତପସ୍ୱିନୀ ନା କନ୍ୟା ? ଏଠାରେ ଏତେବେଳେ ଏହାର କି ଉଦ୍ଦେଶ୍ୟ ?

ମୁହୂର୍ତ୍ତକ ମଧ୍ୟରେ ସେହି କରାଳ ସ୍ତବ୍ଧତା ଭେଦକରି, ସେହି କାଳରାତ୍ରିର ନିସ୍ତବ୍ଧତା ପବନର ଶବ୍ଦ ଭୀଷଣତର କରି ସୁସ୍ପଷ୍ଟ ନାରୀ କଣ୍ଠର ଶବ୍ଦ ଶୁଣାଗଲା "ଭଗବାନ, ଏହା କି ଏ ବାଳିକାର ଭାଗ୍ୟରେ ଥିଲା ? ଏହି ଶେଷ, ଏ ଜୀବନରେ କମଳାର ଏହି ଶେଷ କଥା, ବୋଉ ମୋତେ ଦୋଷ ଦେବୁ ନାହିଁ । ଏ ସଂସାରରେ ତୋ ବିନା ମୋର ଆଉ କେହି ନ ଥିଲା । କିନ୍ତୁ ମୁଁ ତୋର ଗୋଟିଏ ଝିଅ ମାତ୍ର ଥିଲି । ତୁ ଏଠାରେ ନଥିଲୁ ମଧ୍ୟ ମୋର ଏହି ଶେଷ କଥା । ମୁଁ ତୋତେ ନ କହି ଚାଲି ଆସିଅଛି । ମୋତେ କ୍ଷମା ଦେବୁ । ଜନନୀ ! ତୋର ଅଧମା କମଳା, ତୋତେ ସେ ମାତୃସ୍ନେହର ଋଣ ସୁଝାଇବାକୁ ସମୟ ପାଇଲା ନାହିଁ । ଆଜ ନଦୀ ସ୍ରୋତରେ ତାର ଜୀବନ ଶେଷ ହେଉଅଛି । ପାପର ଅତ୍ୟାଚାରଠାରୁ ଜୀବନ ଅଧିକ ସ୍ପୃହଣୀୟ ନୁହେଁ । ମୁଁ ତୋର ଝିଅ ହୋଇ ପାଠ ପଢ଼ିଥିଲି ବୋଲି ତୁ କେବେ କହୁ । କେବେ ଗର୍ବ ବା ନ କରୁ । କିନ୍ତୁ ଜଗତରେ ପାଠଠାରୁ ମୂଲ୍ୟବାନ ଚରିତ୍ର ହରାଇଲେ ପାଠରୁ କି ଫଳ । ପାଠ ମୋର ଚରିତ୍ର ରଖିପାରିଲା ନାହିଁ । ଏହିକ୍ଷଣି ପୁଷ୍ପ ବ୍ରାହ୍ମଣ ନାରୀଶିକ୍ଷାର ଉଦ୍ୟାପନ ହେବ ।"

"ପ୍ରିୟ ଭଉଣୀ ତୁମର ପ୍ରିୟ ଶିଷ୍ୟାର ଜୀବନ ତରଙ୍ଗ ନଦୀ ତରଙ୍ଗରେ ମିଶିଯିବ । ଆତ୍ମହତ୍ୟାରେ ଚରିତ୍ର ରକ୍ଷିତ ହେବ । ଏଁ ଆତ୍ମହତ୍ୟା ! ଏଁ ପ୍ରିୟ ଭଉଣୀ ତୁମ୍ଭେ କେଉଁଠାରେ ଅଛିଲ ! ଏତେବେଳେ କଅଣ ତୁମେ ବଦାସ୍ତ ହୋଇ ଥାଅନ୍ତି । ଆତ୍ମହତ୍ୟା କଅଣ ସର୍ବଶ୍ରେଷ୍ଠ ପାପ, ଏଁ ପ୍ରିୟ ଭଉଣୀ" ।

ଏହା କହି କମଳା କିଛିକ୍ଷଣ ଚୁପ୍ ହେଲା । ଏ ମଧ୍ୟରେ ମୃଦୁ ଗମ୍ଭୀର ନାଦରେ ବର୍ଷା ଆରମ୍ଭ ହେଲାଣି । ବାରି ବିନ୍ଦୁ କମଳାର

Digitized by srujanika@gmail.com

ଚକ୍ଷୁରେ ମୁକ୍ତାବିନ୍ଦୁ ଜଳ ମଧ୍ୟେ ମଧ୍ୟେ ବିଜୁଳି ଯୋଗେ ଦେଖା ଯାଉଥିଲା । ଏବେ ଏହା ଚକ୍ଷୁର ଭେଦ କରି ଶରୀର ଆବରଣ ବସ୍ତ୍ରକୁ ତିନ୍ତାଇ ଦେଉଅଛି ।

କ୍ରମେ ଘୋର ବୃଷ୍ଟି ଆରମ୍ଭ ହେଲା । କିନ୍ତୁ କମଳାର ସେଥିରେ ଭ୍ରୂକ୍ଷେପ ନାହିଁ । ସେ ଯେନ୍ତି କରାଳ ପ୍ରକୃତି ସମକ୍ଷରେ ନଦୀ ବକ୍ଷକୁ ଯେପରିକି ନିଜର ପ୍ରଶସ୍ତ ବକ୍ଷ ଉନ୍ମୁକ୍ତ କରି ଦଣ୍ଡାୟମାନ ରହିଅଛି । ଅନେକକ୍ଷଣ ପରେ ପୁଣି ଶବ୍ଦ ଶୁଭିଲା —

"ଆତ୍ମହତ୍ୟା, ନାଁ···ଆତ୍ମହତ୍ୟା ମହାପାପ, ସିଏ ଶ୍ରଢ଼ନା ଏ ପାପିୟସୀକୁ କାହିଁକି ଏ ଶିକ୍ଷା ଦେଲା ? ବିଧାତାର ଏ ଦ୍ୱନ୍ଦ୍ୱ ସଂସାରରେ ଏହିକି ଅଦୃଷ୍ଟ ଲିପି । ହେ ଭଗବାନ, ଧର୍ମର ଏ କି ନିୟମ । ନାଁ ମହାପାପ କରି ଧର୍ମରକ୍ଷା କରିବି । ପ୍ରାଣନାଥ, ଜୀବିତେଶ୍ୱର, ସତେ କି ଏ ପାପିୟସୀ ପ୍ରତି ଏତେ ନିର୍ଦ୍ଦୟ, 'ଚନ୍ଦ୍ର ଶେଖର' ତୁମ୍ଭେ କି ଜୀବ ସଂସାରରେ ନାହିଁ ? ଆତ୍ମହତ୍ୟା କଲେ ପରଲୋକରେ ସତେ ଏ ପାପିୟସୀକୁ ଘୃଣା କରିବ । ନାଁ ତୁମ୍ଭେ ବି ହେତ ଏ ଇହଲୋକରେ ନାହିଁ । ଏତେଦିନ ଏ ଶରୀର ଦୁର୍ଦ୍ଦଶାରେ ମଧ୍ୟ ମୁଁ ନିରାଶ ହୋଇନାହିଁ । ଜୀବିତେଶ୍ୱର ଯଦି ତୁମେ ଥାଅ, ଏବଂ ସମୟରେ ମୋତେ ଖୋଜ, ତେବେ ତ ପରଲୋକରେ ମୋର ସ୍ଥାନ ନାହିଁ, ନାଁ ହେଲା ନାହିଁ । ଆଜି କମଳାର ଶେଷ ।

ନା କିଛି କ୍ଷଣ ପରେ ପୁଣି ନାଁ । ଆଜି କମଳାର ନବ ଜୀବନ, ଭଗବାନ ସହାୟ ହୁଅ । ଅନନ୍ତ ଆକାଶ ତୁମ୍ଭ ବକ୍ଷରେ ଏ ଅବଳାକୁ ଧାରଣ କର । ହେ ପତିତପାବନ, ପତିତତାରଣ, ଦାରିଦ୍ର୍ୟ ନିବାରଣ ତୁମେ ମୋତେ ଗ୍ରହଣ କର । ପୃଥିବୀ ତୁମେ ଉନ୍ମୁକ୍ତ ବକ୍ଷରେ ମୋତେ ବାସ ଦିଅ । ଏହା କହୁ କହୁ ତାହାର ମୁଖ ମଣ୍ଡଳ ଉଜ୍ଜ୍ୱଳ ହେଲା । ଶରୀର ଯେପରିକି ଉଦାର ଜ୍ୟୋତି ଧାରଣ କଲା ।

ସେ କିଛି କ୍ଷଣ ପରେ ସେହି ବର୍ଷାରେ ନଦୀକୂଳ ପରିତ୍ୟାଗ କରି କ୍ରମେ କ୍ରମେ ସଡ଼କରେ ଚାଲିବାକୁ ଲାଗିଲା । ବିଜୁଳି ଚମକରେ ମଧ୍ୟେ ମଧ୍ୟେ କିଛି ଦୂର ଯାଏ ଦେଖା ଯାଉଥିଲା । କିନ୍ତୁ ଶେଷକୁ ଦୂରରେ

Digitized by srujanika@gmail.com

ଅଦୃଶ୍ୟ ହେଲା । କିଛିକ୍ଷଣ ପରେ ଗୋଟିଏ ସଙ୍ଗୀତର ଧ୍ୱନି ତାହାର କଣ୍ଠରୁ ସେଦିନର ଜଗନ ପ୍ରକୃତି ପ୍ରତିଧ୍ୱନିତ କରୁଥିଲା । ନିକଟବର୍ତ୍ତୀ ଗ୍ରାମବାସୀମାନେ ମଧ୍ୟ ତାହା ଶୁଣି ପରଦିନ ଭୂତପ୍ରେତ ସମ୍ବନ୍ଧରେ ଅନେକ କଥାବାର୍ତ୍ତା କରିଥିଲେ । ସେ ସଙ୍ଗୀତଟି ଅନେକବେଳ ଯାଏ ଏପରି ଶୁଣା ଯାଉଥିଲା—

ନମି ହେ ! ସାର ତୁମ ଶ୍ରୀପଦ
ସମ୍ପଦେ ବିପଦେ ତୁମେ ସାହା ସମ୍ପଦ
ତବ ଦାନ ଏ ଜୀବନ  ମରଣ ତବ ବିଧାନ
ବିବେକ ହେ ! ତବ ବାଣୀ ଶରଣ୍ୟ ଶବଦ
ତବ ଅର୍ଥେ ଏଥି ବସୁ ଧରଣୀ ଏ ଆକାଶ
ଜଳ ସ୍ଥଳ କାନନ ହେ ! ତବ ସାଧନ
ଯେବେ ଦେବି ଏ ଜୀବନ ତବ ପଦେ ବଳି ଦାନ
ଏତିକ ମୁଁ ହେଲେ ମହାପାପନାଶନ
ଆତ୍ମଘାତି ସ୍ୱାର୍ଥ ଲାଗି ଦୁର୍ବଳତା ପାପ ଭଗୀ
ନହେବି, ଚିହ୍ନିଛି ତବ ଭକତି ମଦ
ମାନବର ସାଧି ହିତ  ଅମ୍ଭେ ଯେ କରୁଛି ସୃଷ୍ଟି
ନେଇ ଆତ୍ମବଳି ତାର କିବା ଅନଥ
କରିବି ମୁଁ ଆତ୍ମଦାନ  ମାନବ ହିତ ସାଧନ
ହୁଅ ସାହା ଜନବନ୍ଧୁ ଅଭିଧ୍ରୁପଦ ।

ଶିକ୍ଷାର ପ୍ରସାର, ସ୍ତ୍ରୀ ଶିକ୍ଷାର ମହତ୍ତ୍ୱ, କୁସଂସ୍କାର ଓ ସମାଜର ପୀଡ଼ନ ବିରୁଦ୍ଧରେ ଯୁକ୍ତିବାଦର ଗୌରବ ଏ ଲେଖାରେ ଜୀବନ୍ତ ହୋଇ ଉଠିଛି । ସମାଜର ତତ୍କାଳୀନ ପରିସ୍ଥିତିରେ ତାଙ୍କର ଅନ୍ତରାତ୍ମା କିପରି ଚିତ୍କାର କରି ଉଠୁଥିଲା ଓ ଶିକ୍ଷାଦ୍ୱାରା ତାହାର ସମାଧାନ କରିବାକୁ ସେ କିପରି ବ୍ୟଗ୍ର ଥିଲେ ତାହା ଜଣା ପଡୁଛି ।

## ସଂସ୍କାରର ପ୍ରଭାବ—

କଥାରେ ଅଛି କହିବା ସହଜ କିନ୍ତୁ ନିଜେ କରିବା କଷ୍ଟ । ଅନେକ ସମାଜ ସେବୀ ନେତା ଅଛନ୍ତି ଯେଉଁ କହନ୍ତି ଗୋଟାଏ କଥା,

Digitized by srujanika@gmail.com

କରନ୍ତି ଠିକ୍ ତାର ଓଲଟା । କିନ୍ତୁ ନନା ଯାହା କହୁଥିଲେ ତାହା ତାଙ୍କ ଜୀବନରେ ସମ୍ପୂର୍ଣ୍ଣ ଭାବେ ପ୍ରତିଫଳିତ ହେଉଥିଲା । ସମାଜର କୁସଂସ୍କାର ବିରୁଦ୍ଧରେ ସ୍ୱର ଉଠାଇବା ସଙ୍ଗେ ସଙ୍ଗେ ସେ ସବୁ କୁସଂସ୍କାର ଠାରୁ ନିଜକୁ ଦୂରରେ ରଖୁଥିଲେ ।

ଦିନ, ବାର, ଅମୁକ ବେଳେ ଯାତ୍ରା ଶୁଦ୍ଧି, ଅମୁକ ଦିନରେ ଘର ଛୁଇଁବା ନିଷେଧ, ଯାତ୍ରା ଆରମ୍ଭରେ ପଛରୁ ଡାକିଲେ ଫେରି ଆସିବା, ଛୁଆଁ ଅଛୁଆଁ ପ୍ରଭୃତି ମଣିଷ ଗଢ଼ା କୌଣସି କୁପ୍ରଥାକୁ ସେ ମାନୁ ନଥିଲେ । ଜାତିଭେଦ ପ୍ରଥାର ସେ ସମ୍ପୂର୍ଣ୍ଣ ବିରୋଧୀ ଥିଲେ । ମୋର ମନେ ଅଛି ମେଳଣକୁ ବାହାର ଓ ହରିଜନ ମାନଙ୍କର ଆସନରେ ଅବାଧ ମିଳ ମିଶା ଅନେକ ଥର ମୁଁ ଦେଖିଛି ।

ହରିଜନ ଠାରୁ ଅନ୍ୟଧର୍ମୀ ଏପରିକି ମୁସଲମାନ ପର୍ଯ୍ୟନ୍ତ ଯେ ଆମ ଘରକୁ ଆସୁଥିଲେ ଆମ ରୋଷେଇ ଘର ଭିତରେ ମଧ୍ୟ ସେମାନେ ଥିଲେ ଅବାଧ । ସେମାନଙ୍କ ଅଇଁଠା ବାସନ କୋସନ ପ୍ରଭୃତି ଅକୁଣ୍ଠିତ ଚିତ୍ତରେ ନିଜ ହାତରେ ମାଜି ପରିଷ୍କାର କରୁଥିଲେ । ଆମଘରେ ସବୁ ଜାତିର ଲୋକେ ଏକାଠି ବସି ଆହାର କରିବା ଅତି ସାଧାରଣ ଥିଲା ।

ଗାନ୍ଧିଙ୍କ ହରିଜନ ଆନ୍ଦୋଳନର ବହୁ ପୂର୍ବରୁ ପତ୍ୟବାଧା ବନ୍ଧାରେ ଚଳାଉଥିବା ବେସିକ ବୋର୍ଡିଂରେ ଗୋଟିଏ ହରିଜନ (କଣ୍ଡରା) ପିଲାକୁ ଅନ୍ୟ ଉଚ୍ଚ ଜାତିର ପିଲାଙ୍କ ସଙ୍ଗେ ଏକାଠି ରଖାଇ ଥିଲେ ଓ ଗୋଟିଏ ସ୍ଥାନରେ ସେ ବେଳେ ସବୁ ଜାତିର ପିଲାଙ୍କୁ ଭୋଜନ କରିବାରେ ବ୍ୟବସ୍ଥା କରିଥିଲେ । ପିଲାମାନଙ୍କୁ ଜାତି ନିର୍ବିଶେଷରେ ଆତ୍ମ ନିର୍ଭରଶୀଳ ହେବାକୁ ବିଭିନ୍ନ ବ୍ୟବସାୟ ଶିକ୍ଷା ଦେଉଥିଲେ । ଏପରିକି ବ୍ରାହ୍ମଣ ପିଲାମାନେ ବଢ଼େଇ, କଣ୍ଡାରୀ ପ୍ରଭୃତିଙ୍କ କାମ ଶିଖୁଥିଲେ ।

ଏ ସବୁ କାମ ଯୋଗୁ ସେତେବେଳର ସମାଜ ପତିମାନଙ୍କର ସେ ଶତ୍ରୁ ଭାଜନ ହୋଇଥିଲେ । ତାଙ୍କୁ ହାତରେ ମାରି ନପାରି ଭାତରେ ମାରିବାକୁ ରକ୍ଷଣଶୀଳ ମାନେ ତାଙ୍କ ସ୍କୁଲ ଘର ଓ ବଗିଚା ଲାଇବ୍ରେରୀକୁ

Digitized by srujanika@gmail.com

ସୋଭା ଧ୍ୱଂସ କରି ଦେଇଥିଲେ । କାରଣ କାଳ ପୁରୀ ମୁକ୍ତିମଣ୍ଡପ ପଣ୍ଡିତମାନେ ତାଙ୍କୁ ସମାଜଚ୍ୟୁତ କରି ଏକ ଘରକିଆ କରିବାକୁ ଆପ୍ରାଣ ଚେଷ୍ଟା କରି ନିଷ୍ଫଳ ହୋଇଥିଲେ । ନନା କଲିକତାରେ ଏ.ଠ ପଢ଼ିଲା ବେଳୁ ଶିଆଳରେ ମାଂସ ଭକ୍ଷିଥିଲେ ଓ ପରେ ବର୍ଣ୍ଣବ୍ୟବସ୍ଥା ଭଙ୍ଗି ମାଂସ ନବାଢ଼ି ତା ସଙ୍ଗେ ହାତି ବ ବେଢ଼ ର ଥିଲେ । ସମାଜପତିଙ୍କ ଆଖିରେ ପୁରୀର ଶାସନ ବ୍ରାହ୍ମଣ ମାଂସ ଭକ୍ଷିବା ଅବୈଧ ଥିବାରୁ ନନାଙ୍କ ସମାଜ ସଂସ୍କାର ଆନ୍ଦୋଳନର ପ୍ରତୀକ କରି ମାଂସକୁ ଦେଖାଇ ଥିବାରୁ ସେ ଆନ୍ଦୋଳନ ମାଂସ ଆନ୍ଦୋଳନ ନାମରେ ପରିଚିତ ହୋଇଥିଲା ।

ସେ କାଳରେ ନୈଷ୍ଠିକ ହିନ୍ଦୁମାନେ ଆଉ କାହା ହାତରେ ରନ୍ଧା ପଦାର୍ଥ ଖାଉ ନଥିଲେ । ପୁରୀ ଅଞ୍ଚଳରେ ହୋଟେଲ ନଥିଲା । ନନା କଲିକତା ବା ଅନ୍ୟ ସ୍ଥାନକୁ ଗଲେ ହୋଟେଲରେ ଖାଉଥିଲେ । ପୁରୀର କେତେକ ଲୋକ ନନାଙ୍କ ବ୍ରାହ୍ମଣ ହୋଟେଲ କଥା ଶୁଣି ତାଙ୍କ ନାମରେ ନାନା ପ୍ରକାର କୁତ୍ସା ରଟନା କରୁଥିଲେ ।

ସେହି ବର୍ଷମାନଙ୍କରେ ପୁରୀର ଜଣେ ବ୍ରାହ୍ମଣ ପଣ୍ଡିତ ଆଉ ଜଣଙ୍କୁ କହିଲେ, ହରି ଓଁ ଜାଣିଛ ମାଳକଣ୍ଠ ପାଠକ । ଶୀରସ୍ଥ ନ ହୋଇଗଲାଣି, ମୁଁ ଏବେ ଶୁଣିଲି ସେ କଲିକତାରେ 'ହୋଟେଲ' ଖାଉଛି । ଶ୍ରୋତା ପଚାରିଲେ ହୋଟେଲ କି ଜିନିଷ ? ଉତ୍ତର ମିଳିଲା ଆରେ ଓଲୁ, 'ହୋଟେଲ' କଅଣ ଜାଣିନାହୁଁ । ତାପରେ ହାତ ଦେଖାଇ କହିଲେ ଏଗ ଏତେ ବଡ଼ ବଡ଼ ଅଖାଦ୍ୟ ଜିନିଷ । ଗୋରୁ କି ଘୁଷୁରି ମାଂସ ହୋଇଥିବ ।

ସେଇମାନେ ଆମ ଜେଜେବାପାଙ୍କୁ ତାଙ୍କ ନାତି (ଝିଅଘର ପୁଅ) ବ୍ରତଘର ଭୋଜି ସଭାରେ ବସିଲା ବେଳେ ପଚାରିଥିଲେ କାହିଁକି ବଡ଼େଇରେ ହାପ୍ସୀ କି ମୁଣ୍ଡରେ ହାପ୍ସୀ । ତୁମ ପୁଅ ବିଧର୍ମୀ କାର୍ଯ୍ୟ କରୁଛି ତାକୁ ତେଜ୍ୟ ପୁତ୍ର କର ।

ଜେଜେ ବାପା ଉତ୍ତର ଦେଇଥିଲେ ତୁମେ ବାରଣ ବଡ଼େଇ ? ତୁମେ ଧର୍ମୀ ? ତୁମେମାନେ ଅତି ନୀଚ ଧର୍ମାବଲମ୍ବୀ ଠାରୁ ବି ହୀନ ।

Digitized by srujanika@gmail.com

ଦେଉଳ ମାଟିଆ ବାଟରୁ ଆସିଥିବା ଅଶୀବର୍ଷର ଜଣେ ନମସ୍କୀତ ବୃଦ୍ଧ ବ୍ରାହ୍ମଣଙ୍କୁ ଠିକ ଚୋର ବସିଲା ବେଳେ ତୁମେ ଏପରି ଅଦୂରଦର୍ଶୀ ପ୍ରଶ୍ନ ପଚାରୁଛ ? ତୁମ ମତ ସହିତ ମୁଁ ଏକମତ ନହେଲେ ତ ତୁମେମାନେ ମୋତେ ନିଶ୍ଚୟ ଏ ଗାଁ ନିଜ ଜନ୍ମଠାରୁ ଉଠାଇ ଦେବ । ତେଣୁ ମୁଁ ଅନେକ ଆଗେ ଉଠିଯାଉଛି । ମୋ ସ୍ପଷ୍ଟ ଧାରଣା । ସେ ଯାହା କରୁଛନ୍ତି ତାହା ତୁମର ଓ ସମାଜର ମଙ୍ଗଳ ପାଇଁ କରୁଛନ୍ତି । ତାଙ୍କୁ ବାଧା ଦେଲେ ତୁମ ଅମଙ୍ଗଳ ହେବ । ବୃଦ୍ଧ କହି ନେଲେ ରାସ୍ତାରେ ଜଣାଯାଉଥିଲା ସେ ଖାଇବା ପତ୍ରୀ ଉଠି ସିଧା ଗାଁକୁ ବୁଲି ଆସିଥିଲେ

ବୃଥାରେ ଚନ୍ଦ୍ରଧର କରିଥିବା ଓ ମଧ୍ୟବିତ୍ତ ବ୍ରାହ୍ମଣ ମାନେ ଧାରି ଉଧାର କରି ଗୁଡ଼ାଏ ପଇସା ଖର୍ଚ୍ଚ କରି ମହାସ୍ନାନ ହେବାକୁ ନନା ବିରୋଧ କରୁଥିଲେ । ଚନ୍ଦ୍ରଧର ଅନୁଷ୍ଠାନ ପୂର୍ବକାଳେ ପାଠ ପଢ଼ିବାକୁ ଘରଗୁଡ଼ ଗୁରୁ ଆଶ୍ରମକୁ ଯିବାବେଳେ, ବ୍ରହ୍ମଗୁରୁଙ୍କୁ ଆଶୀର୍ବାଦ କରି ତାଙ୍କଠାରୁ ବେଦ ବିଦ୍ୟା ନେବା ପାଇଁ ଅନୁଷ୍ଠିତ ହେଉଥିଲା । ଟୁଟୁକ୍ତ ଉପଯୋଗ ଏ ଯୁଗର ସ୍କୁଲ କଲେଜରେ ପାଠ ପଢ଼ିବା ପରେ ବୃଥା ଆଡମ୍ବରପୂର୍ଣ୍ଣ ବ୍ରତ ବା ଉପନୟନ ଉତ୍ସବ କରିବାର କୌଣସି ଯୁକ୍ତିଯୁକ୍ତତା ନାହିଁ ବୋଲି ସେ ଲୋକଙ୍କୁ ବୁଝାଉ ଥିଲେ ।

ସଂସ୍କୃତର ପ୍ରଖ୍ୟାତ ଅନନ୍ତ ମିଶ୍ର, ଶ୍ରୀ ଜୟମଙ୍ଗଳ ରଥ ଓ ବୈରାଗୀ ମିଶ୍ର ପ୍ରଭୃତି ବ୍ରତ ବିରୋଧ, ଓ ବାଲ୍ୟ ବିବାହ ପ୍ରଭୃତିରେ ଲାଗିଥିବା ସମାଜ ସଂସ୍କାରକ ମାନେ ଘନିଷ୍ଠ ବନ୍ଧୁ ଥିଲେ । ବୈରାଗୀ ମିଶ୍ରଙ୍କ ଜୀବନୀରେ ଗୋଟିଏ ନିମନ୍ତ୍ରଣ ବାବୁ ଯୁକ୍ତିରେ ଲେଖି ସେ ସବୁ ସମ୍ବନ୍ଧରେ ନନାଙ୍କ ସଙ୍ଗେ ଆଲୋଚନା କରୁଥିଲେ ।

ମୋ ନିଜର ବ୍ରତଘର ଆଡମ୍ବର ଶୂନ୍ୟ ଭାବରେ ହୋଇ ଥିବାରୁ କଟକର ବିଖ୍ୟାତ କବିରାଜ (ନନାଙ୍କର ଘନିଷ୍ଠ ବନ୍ଧୁ) ଶ୍ରୀ ବଳୁକେଶ୍ୱର ଆଚାର୍ଯ୍ୟ 'ନନା ତୋତେ ଠକି ଦେଲେ' ବୋଲି ମୋତେ ପରିହାସ କରୁଥିଲେ ।

Digitized by srujanika@gmail.com

## ପୂର୍ବ ପୁରୁଷଙ୍କ ପ୍ରତି ସମ୍ମାନ—

ନନା ଗୀତା ବା କର୍ତ୍ତବ୍ୟ ଧର୍ମୀ ଥିବାରୁ ଦେବ ଦେବୀ, ପ୍ରତିମା ଗୁରୁ ବା ଧର୍ମ ପୁରୁଷ ପୂଜା ଓ ପୂଜା ଉପାସ ପ୍ରଭୃତିରେ ବିଶ୍ୱାସ କରୁ-ନଥିଲେ । କିନ୍ତୁ ପୂର୍ବ ପୁରୁଷଙ୍କ ପ୍ରତି ତାଙ୍କର ଅଗାଧ ଭକ୍ତି ଥିଲା ।

ପୁରୀ ବଡ ଦେଉଳର ବାଇଶି ପାହାଚ ଆମ ପୂର୍ବପୁରୁଷଙ୍କ ଅସ୍ଥି ଧୋଇଥିବାରୁ ସେଠାରେ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଥମେ ମୁଣ୍ଡିଆ ମାରୁଥିଲେ । କୋଣାର୍କ ଦର୍ଶନକୁ ଯିବାବେଳେ ପୂର୍ବପୁରୁଷଙ୍କ ଅମର ଗାଥା ବିଷୟରେ ଛାତ୍ରମାନଙ୍କୁ ଯେ ଉଦ୍‌ବୋଧନ ଦେଇଥିଲେ ତାହା 'କୋଣାର୍କ କାବ୍ୟ'ରେ ଲିପିବଦ୍ଧ ହୋଇଛି ।

ଜଗନ୍ନାଥ ଧର୍ମକୁ ସେ ମୈତ୍ରୀ ଧର୍ମ ବିଚାରରେ ଗଭୀର ଗବେଷଣା କରି ସେ ସମ୍ବନ୍ଧରେ ଗୀତା ଭାଷ୍ୟ ସମେତ ବହୁ ପୁସ୍ତକ ରଚନା କରି ଯାଇଛନ୍ତି । ଜଗନ୍ନାଥ ଯେ ଓଡ଼ିଆ ଜାତିର ଅଭିଭାବକ ସେଥିପାଇଁ ସେ ଗର୍ବ ଅନୁଭବ କରୁଥିଲେ ।

ପୁଅ ପିଣ୍ଡ ଦେଲେ ପିତୃଲୋକ ସନ୍ତୋଷ ହୁଅନ୍ତି ବୋଲି ତାଙ୍କ ପିତା ପୁତ୍ର ପ୍ରାପ୍ତିର କାମନାକରି ତାଙ୍କୁ ପାଇଥିବାରୁ ସେ ପିତୃଶ୍ରାଦ୍ଧ ପ୍ରଭୃତି ବଡ଼ ନିଷ୍ଠାସହକାରେ କରୁଥିଲେ । ବିଶେଷତଃ ସେପରି ଅନୁଷ୍ଠାନ ବା ପୂଜ୍ୟପୂଜା ଦ୍ୱାରା ପୂର୍ବପୁରୁଷର ସ୍ମୃତି ଜାଗରୂକ ରହୁଥିବାରୁ ସେ କାର୍ଯ୍ୟଗୁଡ଼ିକୁ ବଡ଼ ପବିତ୍ର ମନେ କରୁଥିଲେ । ତାଙ୍କର ବେନସ୍ତମ ଜୀବନ ଯାତ୍ରା ଓ କାରାଗାର ଭୋଗ ପ୍ରଭୃତି ଯୋଗୁ ପିତୃଶ୍ରାଦ୍ଧରେ ବ୍ୟାଘାତ ଘଟୁଥିବାରୁ ସେ ସୁବିଧା ପାଇବା ସଙ୍ଗେ ସଙ୍ଗେ ଗୟାଶ୍ରାଦ୍ଧ କରି ପକାଇଥିଲେ । ତଥାପି ଗାଁରେ ଥିଲେ କିମ୍ବା ଅନ୍ୟଠାରେ ସୁବିଧା ହେଲେ ସେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ତର୍ପଣ ପ୍ରଭୃତି କରୁଥିଲେ ।

ଆମର ସଂସ୍କୃତି ଓ ପରମ୍ପରା ପ୍ରତି ସେ ସର୍ବଦା ଜାଗ୍ରତ ଥିଲେ । ଆମ ପରମ୍ପରାକୁ ଭାଙ୍ଗି ତା ସ୍ଥାନରେ ବିଦେଶୀ ପରମ୍ପରା ଓ

Digitized by srujanika@gmail.com

ଚାଲିଚଳଣ ସବୁ ଭିନ୍ନ କରି ନିଜକୁ ଉନ୍ନତ ଦେଖାଇ ହେବାର ହବ-ଭାବକୁ ସେ ଆଦୌ ପସନ୍ଦ କରୁନଥିଲେ ।

ବିବାହ ଭୋଜି ପ୍ରଭୃତିରେ ନିଜେ କିମ୍ବା ନିଜ ଲୋକ ଯାଇ ଗୁଆ ମହାପ୍ରସାଦ ଦେଇ ନିମନ୍ତ୍ରଣ କରିବା ସୁସ୍ଥ ପରମ୍ପରାକୁ ସେ ପସନ୍ଦ କରୁଥିଲେ । ଛପା ପତ୍ର ନିମନ୍ତ୍ରଣରେ ଆନ୍ତରିକତାର ଅଭାବ ଥିବା ଦର୍ଶାଉଥିଲେ । ଆମ ଘରେ କୌଣସି ଶୁଭ ବା ଅଶୁଭ କାର୍ଯ୍ୟ ହେଲେ ସେ ନିଜେ ଯାଇ ବା ଲୋକ ପଠାଇ ନିମନ୍ତ୍ରଣ କରୁଥିଲେ । ଛପା ପତ୍ର କଥା ଉଠାଇଲେ ସେ କହନ୍ତି ସେମାନେ ଆମ ଡାକରାରେ ଆମର ଅତିଥି ହୋଇ ଆସିବେ ନା ଛପା ପତ୍ର ପାଇ ଲାଟ ସାହେବଙ୍କ ପାର୍ଟିକୁ ଅଧସ୍ତନ ଭାବରେ ଆସିବେ ? ସେପରି ପତ୍ର ଦେଇ ଡାକିବା ଗୋଟିଏ ସାମାଜିକ ଅଶୋଭନୀୟତା ।

ମୁଁ ମେଡିକାଲ କଲେଜରେ ପଢ଼ିଲାବେଳେ ମୋର ବିବାହ ହେଲା । ଛପା ପତ୍ର ନ ଦେଲେ ମେଡିକାଲ ବିଦେଶୀ ଅଧ୍ୟାପକ ଓ ଅନ୍ୟମାନଙ୍କର ତାରିଖ ମନେ ରଖି ସେ କାର୍ଯ୍ୟରେ ଯୋଗଦେବା ସମ୍ଭବ ହେବ ନାହିଁ ବୋଲି ତାଙ୍କୁ ଜଣାଇବାରୁ ସେ କହିଲେ ତୁମେ ଆଗ ଯାଇ ନିଜେ ମୌଖିକ ନିମନ୍ତ୍ରଣ କରି ଆସ ପରେ ଛପା ପତ୍ରଟିଏ ଦେଇ ଆସିବ । ସେ ଯେଉଁ ପତ୍ରଟି ଛପାଇଥିଲେ ସେଥିରେ ଲେଖାଥିଲା ମୁଁ ତୁମକୁ ଆଗରୁ ନିମନ୍ତ୍ରଣ କରିଛି ନିମନ୍ତ୍ରଣର ସ୍ମାରକ ସ୍ୱରୂପ ଏ ପତ୍ରଟି ଦେଲି ।

## ବିପନ୍ନ ଅଞ୍ଚଳ ସେବା—

ସ୍କୁଲ ଛାତ୍ରାବସ୍ଥାରୁ ଭାର୍ଗବୀ ନଦୀକୂଳରେ ହଇଜା ରୋଗୀଙ୍କର କୁଡ଼ି କୁଡ଼ି ଶବ ଦେଖି ସେ ଗୋପବନ୍ଧୁ, ହରିହର ଓ ଅନନ୍ତଙ୍କ ସଙ୍ଗେ ଆଜୀବନ ସେବା ବ୍ରତର ଶପଥ ନେଇଥିଲେ । ଛାତ୍ରାବସ୍ଥାରୁ ସେବାଦଳ ଗଢ଼ି ଜୀବନ ବିପନ୍ନ କରି କଟକ ଓ ପୁରୀରେ କଲେଜ ରୋଗୀ ସେବା, ନଈବଢ଼ି ଘରପୋଡ଼ି ପ୍ରଭୃତି ସମୟରେ ବିପନ୍ନ ଲୋକଙ୍କର ସେବା ଆରମ୍ଭ କରିଦେଇଥିଲେ ।

Digitized by srujanika@gmail.com

୧୯୧୮ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକ ଥିବା ସମୟରେ ନଦୀବନ୍ୟା ଓ ଅନାବୃଷ୍ଟି ଯୋଗୁ ଓଡ଼ିଶାରେ ଭୀଷଣ ଦୁର୍ଭିକ୍ଷର ପଡ଼ିଲା । ପୁରୀ ଜିଲ୍ଲା ସଦର ଥାନା ଉପରି ଅଞ୍ଚଳରେ ନଅଙ୍କ ଦୁର୍ଭିକ୍ଷ ପୁନରାବୃତ୍ତି ହୋଇଥିଲା । ସେ ସ୍କୁଲ ଛାଡ଼ି ପ୍ରାୟ ଦୁଇବର୍ଷ କାଳ ଦୁର୍ଭିକ୍ଷ ପୀଡ଼ିତଙ୍କ ସେବାରେ ଲାଗି ପଡ଼ିଥିଲେ । ଇଂରେଜ ସରକାର ବା ଦେଶୀ ଅଫିସରଙ୍କର ସେ ଲୋକଙ୍କ ପ୍ରତି କୌଣସି ସହାନୁଭୂତି ନଥିଲା ବରଂ ସେମାନେ ଲୋକେ ଭଲ ଅଛନ୍ତି । ପିତଳ ଖଡ଼ୁକୁ ଦେଖାଇ ସେଠା ଲୋକେ ଧନୀ ଓ ସ୍ତ୍ରୀ ଲୋକମାନେ ସୁନାଖଡ଼ୁ ପିନ୍ଧନ୍ତି ବୋଲି ଉପରକୁ ରିପୋର୍ଟମାନ ଦେଉଥିଲେ ।

କୁଡ଼ କୁଡ଼ ମୃତ ଓ ଅସ୍ଥି କଙ୍କାଳ ସାର ମୁମୂର୍ଷୁଙ୍କ ଭିତରେ ନନାଙ୍କୁ କାର୍ଯ୍ୟ କରିବାକୁ ପଡ଼ିଥିଲା । ଦିନରାତି ଅତନ୍ଦ୍ର - ଭାବରେ ବୁଭୁକ୍ଷୁଙ୍କ ସେବା କରିବା ସଙ୍ଗେ ସଙ୍ଗେ ସେପରି ବିପଦର ଭବିଷ୍ୟତ ନିରାକରଣ ପାଇଁ ସେ ବ୍ୟାକୁଳ ହୋଇ ଯୋଜନା କରୁଥିଲେ । ସରକାରୀ କର୍ମଚାରୀଙ୍କ ବିରୋଧ ସତ୍ତ୍ୱେ ତଥ୍ୟମାନ ସଂଗ୍ରହ କରୁଥିଲେ ।

ତାଙ୍କ ହସ୍ତାଙ୍କିତ ପୁରୀ ସଦରର ରଙ୍ଗୀନ ନକ୍ସାଟିରୁ ଜଣାପଡ଼େ ସେ କିପରି ସେ ଅଞ୍ଚଳର ପ୍ରତ୍ୟେକ ଗ୍ରାମର ସମସ୍ତ ବିବରଣୀ ସଂଗ୍ରହ କରି ସେଥିରେ ଲିପିବଦ୍ଧ କରିଥିଲେ । କେଉଁ ଗାଁରେ କେତେ ଲୋକ, କେଉଁ ଜମିରେ କେତେବର୍ଷ ହେଲା ମରୁଡ଼ି ପଡ଼ିଥିଲା, କେଉଁଠାରେ ଲୋକଙ୍କ ଅବସ୍ଥା କିପରି ଥିଲା, କେଉଁ ନଦୀ ଉପରେ କେଉଁଠାର ଲୋକ ନିର୍ଭର କରୁଥିଲେ ଓ ସେ ନଦୀମାନେ ବଢ଼ି ସମୟରେ କେଉଁଠାରେ ବିପ୍ଳୁତ କରୁଥିଲେ । କେଉଁ ଅଞ୍ଚଳ କେତେ ବିପନ୍ନ, ସେ ସବୁ ବିଶଦ ଭାବରେ ବର୍ଣ୍ଣନା କରିଥିଲେ ।

ବିହାର ଓଡ଼ିଶାର ଓଡ଼ିଶା ବିଭାଗ କମିସନରଙ୍କ ରିପୋର୍ଟର ତ୍ରୁଟି ଦେଖାଇ କଠୋର ପ୍ରତିବାଦ ନିର୍ଭୀକ ଭାବରେ ପତ୍ରପତ୍ରିକା ମାନଙ୍କରେ ଛପା ହେବା ସଙ୍ଗେ ସଙ୍ଗେ ତାଙ୍କର ପ୍ରଧାନ ସଖା ଓ ଗୁରୁ ପଣ୍ଡିତ ଗୋପବନ୍ଧୁଙ୍କ ହାତକୁ ଲୋକଙ୍କୁ ଦୁଷ୍ପ୍ରାପ୍ୟ ମୁଠିଏ ଭାତ, ପିତଳ ଖଡ଼ୁ ଓ ତାଙ୍କ ତିଆରି ମ୍ୟାପ୍ର କପି ବଢାଇ ଦେଇଥିଲେ ।

Digitized by srujanika@gmail.com

ଗୋପବନ୍ଧୁ ବିହାର ଓଡ଼ିଶା କାଉନସିଲ ବା ଲାଟସଭାର ସଦସ୍ୟ ଭାବରେ ସେ ସବୁ ଲାଟ ସଭାଘରର ଟେବୁଲ ଉପରେ ଥୋଇ ମର୍ମସ୍ପର୍ଶୀ ବ୍ୟଥାଭରା ଭାଷଣ ଦେଇ, ସଦସ୍ୟ ଓ ସରକାରଙ୍କର ଦୁଃସ୍ଥ ଓଡ଼ିଶାବାସୀଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ।

ଅବହେଳିତ ପରାଧୀନ ଓଡ଼ିଶାରେ ଏପରି ବିପତ୍ତି ସବୁ ଲାଗି ରହିଥିଲା । ଓଡ଼ିଶା ନୂତନ ପ୍ରଦେଶ ହୋଇ ପ୍ରାଦେଶିକ ସରକାର ଗଢ଼ା ହେବାପରେ ମଧ୍ୟ ସୀମିତ ସମ୍ବଳ ଯୋଗୁ ସରକାର ବିପନ୍ନ ଲୋକଙ୍କୁ ବିଶେଷ ସାହାଯ୍ୟ କରିପାରୁ ନଥିଲେ । ସେ ଲୋକଙ୍କୁ ଦେଶବାସୀଙ୍କ ଦାନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ ।

**ବୟାଳିଶ ବାତ୍ୟା—**

—୧୯୪୨ ନଭେମ୍ବର ମାସରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ଗୋଟିଏ ବଡ଼ ଧରଣର ବାତ୍ୟାରେ ଧ୍ୱଂସ ବିଧ୍ୱସ୍ତ ହୋଇଗଲା । ପୁରୀ ଓ ଗଞ୍ଜାମ ଜିଲାରେ ବହୁ ଗଛପତ୍ର ଓ ଘରଦ୍ୱାର ଭାଙ୍ଗିଗଲା । ସମୁଦ୍ର ଓ ଚିଲିକା ପାଣି କୋଡ଼ିଏ ଫୁଟ ଉଚ୍ଚରେ ଉପକୂଳବର୍ତ୍ତୀ ଅଞ୍ଚଳକୁ ମାଡ଼ି-ଆସି ପାରିକୁଦ, ମାଲୁଦ ବିଶେଷରେ ଗଞ୍ଜାମର ପାଲୁର ଅଞ୍ଚଳକୁ ସମ୍ପୂର୍ଣ୍ଣ ରୂପେ ଧୋଇ ନେଲା ।

ନନା ଦିଲ୍ଲୀରେ ଥିଲେ ସେ ସମ୍ବାଦ ପାଇବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ବାହାରି ଆସିଲେ । ନନାଙ୍କ ସଙ୍ଗେ ଆମେ କେତେ ଜଣ ଗ୍ରୁପ ପାଲୁର ଅଞ୍ଚଳକୁ ଗଲୁ । ସେଠାରେ ସ୍ଥାନୀୟ ନେତା ଶ୍ରୀଦିବାକର ପଟ୍ଟନାୟକ, ଶ୍ରୀଜଗନ୍ନାଥ ମିଶ୍ର ସତ୍ୟବାଦୀ ପ୍ରଧାନ ବହୁ କର୍ମୀଙ୍କୁ ଧରି ଲୋକ ସେବାରେ ଲାଗିଥିଲେ ।

ଗାଁ ଗଣ୍ଡା ସବୁ ନିଶ୍ଚିହ୍ନ ହୋଇଯାଇଥିଲା । ବହୁଲୋକ ଓ ଗୃହପାଳିତ ପଶୁପକ୍ଷୀ ସମୁଦ୍ର ଗର୍ଭକୁ ଭାସି ଯାଇଥିଲେ । ୧୮୦ ଲୋକ ଥିବା ଗୋଟିଏ ଗାଆଁରୁ ମାତ୍ର ଦୁଇଜଣ ବଞ୍ଚି କରି ଥିଲେ । ଆମେ ସେଠା ଲୋକଙ୍କ ସଙ୍ଗେ କଥାବାର୍ତ୍ତା ହୋଇ ମର୍ମନ୍ତୁଦ କାହାଣୀ ସବୁ ଶୁଣିଲୁ ।

ସେ ସ୍ଥାନରେ ସ୍ୱେଚ୍ଛାସେବକ କର୍ମୀମାନେ ଗଞ୍ଜାଜିଲା ବୋର୍ଡ଼ ପ୍ରେସିଡେଣ୍ଟ ଦିବାକର ବାବୁଙ୍କ ପରିକଳ୍ପିତ ଆର୍ଥିକ ସାହାଯ୍ୟରେ ପାହାଡ଼

Digitized by srujanika@gmail.com

ତଳେ ବାଉଁଶ ଖୁଣ୍ଟଗଡ଼ା ଘର କରାଇ ଦୁଃସ୍ଥ ଲୋକମାନଙ୍କୁ ଆଶ୍ରୟଦାନ କରିବାର ବ୍ୟବସ୍ଥା କରୁଥିଲେ, କିନ୍ତୁ ତାହା ଯଥେଷ୍ଟ ନ ଥିଲା । ବହୁଲୋକ ଥଣ୍ଡା କାକରରେ ଶୀତଦିନେ ବିନା ଶୀତ ବସ୍ତ୍ରରେ ବାହାରେ ପଡ଼ି ରହୁଥିଲେ । ସେମାନଙ୍କ ଅବସ୍ଥା ଦେଖିଲେ ଆପେ ଆପେ ଆଖିକୁ ଲୁହ ଆସି ଯାଉଥିଲା । କର୍ମୀମାନେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ବାହାରର ସାହାଯ୍ୟକୁ ଚାହିଁ ବସିଥିଲେ ।

ନନା ଦିଲ୍ଲୀରୁ ଆସିବାବେଳେ ବାଟରେ ବିପନ୍ନ ଲୋକଙ୍କ ସାହାଯ୍ୟ ପାଇଁ କେତେକ ଦାତବ୍ୟ ଅନୁଷ୍ଠାନର ଦ୍ୱାରସ୍ଥ ହୋଇଥିଲେ, କଲିକତାର ମାରୁଆଡ଼ି ସମିତି ପାଲୁରକୁ ଟ ୨୫୦୦୦ ଟଙ୍କାର ସାହାଯ୍ୟ ପଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ନନା ସିଧା ବିପନ୍ନ ଅଞ୍ଚଳକୁ ଚାଲି ଆସିବା ପରେ ସେ ସମିତିର ଲୋକ କେତେକ ଆସି ନନାଙ୍କୁ ଖୋଜିଲେ । ନିଜର ନାମ କମାଇବା ପାଇଁ ଜଣେ ଦୁଇଜଣ ଦେଖେଇହବା ଜନସେବୀ ନେତା ସେ ଲୋକ ଆସି-ଥିବାର ସୁବିଧା ପାଇ ସେ ଲୋକଙ୍କୁ ଭେଟି ତାଙ୍କୁ ଏଣୁ ତେଣୁ କହି ପାଲୁର ଯିବାରୁ ନିବର୍ତ୍ତାଇ ଦେଲେ ଓ ତାଠାରୁ ଅଳ୍ପକିଛି ସାହାଯ୍ୟ ଆଦାୟ କରି ପାରିକୁଦ ଅଞ୍ଚଳକୁ ପଠାଇ ବାତ୍ୟା ସାହାଯ୍ୟକାରୀ ଭାବରେ ସେମାନଙ୍କ ନାମ ଖବର କାଗଜରେ ଛପାଇ ନିଶ୍ଚିନ୍ତ ହେଲେ ।

ସେଇ ପାଲୁର ଅଞ୍ଚଳରେ ଥିବାବେଳେ ନନା ସେ ସମ୍ବାଦଟି ପଢ଼ି ବଡ଼ ବ୍ୟସ୍ତ ହୋଇପଡ଼ି କହିଲେ । ଏ ଦେଶ କଅଣ ହେଲା । ସେ ଲୋକେ କଅଣ କଲେ ! They are going to make name for themselves at the cost of such helpless and hungry people. ଏପରି ଅସହାୟ ଭୋକିଲା ଲୋକଙ୍କ ମୂଲ୍ୟରେ ସେମାନେ ନିଜର ନାମ କମାଇବାକୁ ବସିଛନ୍ତି ।

ତାଙ୍କର ବ୍ୟସ୍ତତା ଦେଖି ଗଞ୍ଜାମ ନେତାଙ୍କ ଭିତରୁ ଶ୍ରୀଜଗନ୍ନାଥ ମିଶ୍ର କହିଲେ 'ପଣ୍ଡିତଜୀ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ସେଇ ପଚିଶ ହଜାର ଟଙ୍କା ଆମେ ଭିକ୍ଷାକରି ଏହି ଜିଲ୍ଲାରୁ ଉଠାଇ ଲୋକଙ୍କର ବ୍ୟବସ୍ଥା କରିବା ।'

Digitized by srujanika@gmail.com

ନନା କହିଲେ 'ଆମ ଦରିଦ୍ର ପ୍ରଦେଶରେ କି ପଇସାବାଲା ଲୋକ ଅଛନ୍ତି ଯେ ଆମେ ସବୁବେଳେ ସେମାନଙ୍କ ନିକଟରେ ହାତ ପତାଇ ତାଙ୍କୁ ଖୁସିଥିବା । ମୁଁ ତ ସୁବର୍ଣ୍ଣରେଖା ଆରପଟେ ଏ ଦୁର୍ଭାଗା ଦେଶ ପାଇଁ ଟଙ୍କା ଅଣେ ଜୁଥିଲି, କେବେହେଲେ ଏ ଚଣ୍ଡିନେ ବଡ଼ ଲୋକ ହେବେ ବୋଲି ଏଣେ ଆଶା କଲେ ।' ଏତକ କହୁ କହୁ ତାଙ୍କ ଆଖିରୁ ଟପ୍ ଟପ୍ ହୋଇ ଲୁହ ତଳକୁ ଗଡ଼ି ପଡ଼ିଲା । ଆମେ ସମସ୍ତେ ତଳକୁ ମୁଣ୍ଡ ପୋତି ଦୁଃଖରେ ଠିଆ ହୋଇ ରହିଲୁ ।

ନନାଙ୍କର ସେ ଦୁଃଖ ଦେଖି କେତେ ପୁରାତନ କର୍ମୀଙ୍କର ଗୋପବନ୍ଧୁଙ୍କ ଅନ୍ତିମ ଅବସ୍ଥା କଥା ମନେପଡ଼ିଲା ଓ ସେ ବିଷୟରେ ଆମ ଭିତରେ ଆଲୋଚନା ହେଲା ।

## ଗୋପବନ୍ଧୁଙ୍କ ଦୃଷ୍ଟାନ୍ତ—

୧୯୨୭ ସାଲରେ ଯେତେବେଳେ ବୈତରଣୀ ନଦୀରେ ବନ୍ୟା ହେଲା ସେତେବେଳେ କେତେକ ସୁବିଧାବାଦୀ ନେତା ନିଜେ ବଡ଼ ହେବାପାଇଁ ଗୋପବନ୍ଧୁଙ୍କୁ ବଦନାମ କରିବାକୁ ଗୋପବନ୍ଧୁଙ୍କ ବନ୍ୟା ସାହାଯ୍ୟ କାର୍ଯ୍ୟର ତୀବ୍ର ସମାଲୋଚନା କଲେ । ଗୋପବନ୍ଧୁ ଉତ୍କଳ କଂଗ୍ରେସର ପ୍ରତିଷ୍ଠାତା ଓ ସଭାପତି ଥିଲେ କିନ୍ତୁ ସେଥିରେ ତାଙ୍କ ବିରୁଦ୍ଧରେ ସାଙ୍ଘାତିକ ବିବାଦ ମଧ୍ୟ ମୁଣ୍ଡ ଟେକିଲା ।

ସେ ସବୁର ସମାଧାନ ପାଇଁ ମହାତ୍ମା ଗାନ୍ଧି ସି. ଏଫ. (ଦୀନବନ୍ଧୁ) ଆଣ୍ଡ୍ରୁଜଙ୍କୁ କଟକ ପଠାଇଲେ । ଗୋପବନ୍ଧୁ ନିର୍ଦ୍ଦୋଷ ଓ କଳଙ୍କହୀନ ବୋଲି ମତ ଦେଇ ଆଣ୍ଡ୍ରୁଜ ଫେରିଗଲେ । ସେଥିରେ କିନ୍ତୁ କୋମଳ-ପ୍ରାଣ ଗୋପବନ୍ଧୁ ପ୍ରାୟ ଭାଙ୍ଗି ପଡ଼ିଲେ । ପଞ୍ଜାବକେଶରୀ ଲାଲା ଲଜପତ ରାଏ ଓଡ଼ିଶାର ଅବସ୍ଥା ଲକ୍ଷ୍ୟକରି ଗୋପବନ୍ଧୁଙ୍କୁ ବୋଧଦେଇ ଲେଖିଥିଲେ ।

'It requires uncommoh strength of mind to work at a place where people are not sufficiently advanced to receive your work and wcrth with sympathy and

Digitized by srujanika@gmail.com

appreciation and where the so called educated people are so very jealous of your importance or influence'.

ଆପଣଙ୍କର କାର୍ଯ୍ୟ ଓ ଯୋଗ୍ୟତା ସହାନୁଭୂତି ସହିତ ଉପଲବ୍ଧି କରିପାରିବା ଭଳି ଯେଉଁ ସ୍ଥାନରେ ସାଧାରଣ ଲୋକେ ଯଥେଷ୍ଟ ଅଗ୍ରଗତି କରିନାହାନ୍ତି ଓ ସେଠାରେ ତଥାକଥିତ ଶିକ୍ଷିତ ଲୋକେ ତୁମର ପ୍ରାଧାନ୍ୟ ଓ ପ୍ରଭାବ ସହି ନପାରି ଈର୍ଷା ଜର୍ଜରିତ, ସେ ସ୍ଥାନରେ କାର୍ଯ୍ୟ କରିବାପାଇଁ ଅସାଧାରଣ ମାନସିକ ବଳର ପ୍ରୟୋଜନ ।

ଲାଲାଜୀ ଓ ଅନ୍ୟାନ୍ୟ ବନ୍ଧୁଙ୍କ ସହାନୁଭୂତି ସତ୍ତ୍ୱେ ଗୋପବନ୍ଧୁ ସେ ଆଘାତ ସମ୍ଭାଳି ପାରିଲେ ନାହିଁ । କଟକରୁ ଆଣ୍ଡ୍ରୁଜଙ୍କ ଦ୍ୱାରା ନିର୍ଦ୍ଦୋଷ ବୋଲି ଘୋଷିତ ହେବାପରେ ସାକ୍ଷୀଗୋପାଳ ଫେରିଲେ । ଅଳ୍ପଦିନ ପରେ ତାଙ୍କର ସାଥୀ ଓ ପ୍ରଧାନ ସହକର୍ମୀଙ୍କୁ ଦିଲ୍ଲୀରୁ ଡକାଇ ଆଣିଲେ । ତାଙ୍କୁ ଦେଖିବାକ୍ଷଣି କୁଣ୍ଢାଇ ପକାଇ ଭୋ ଭୋ କାନ୍ଦି କହିଲେ ନୀଳକଣ୍ଠ ମୁଁ ଆଉ କଟକ ଫେରିବିନି, ମୋ ନାମରେ ପୁଣି ବଡ଼ି ଜଉଡ଼ି ଖାଇଗଲି ବୋଲି ଖବର କାଗଜରେ ଲେଖିଲେ । ସେଥିରେ ପୁଣି ମୋତେ ସଫେଇ ଦେଇ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବାକୁ ପଡ଼ିଲା ! ତା'ପରେ ଗୋପବନ୍ଧୁ ଆଉ କଟକ ଫେରି ନଥିଲେ, ସେଇଠେଁ ପଡ଼ି ମାତ୍ର ୫୧ ବୟସରେ ତାଙ୍କର ମହାପ୍ରୟାଣ ହୋଇଥିଲା ।

ଏହି କଥା ଆଲୋଚନା ହେବା ପରେ ସେଠାରେ ଥିବା ନନାଙ୍କ ସହକର୍ମୀମାନେ କହିଲେ ଗୋପବନ୍ଧୁଙ୍କୁ ସ୍ମରଣ କରି ନୀଳକଣ୍ଠ ଲାଲାଜୀଙ୍କ ଚିଠି ଅନୁସାରେ ଅସୀମ ଧୈର୍ଯ୍ୟ ଓ ଅସାଧାରଣ ମାନସିକ ବଳ ଯୋଗୁ ସମସ୍ତ ବାଧାବିଘ୍ନ ଅତିକ୍ରମକରି ଦେଶ ସେବା କରି ଚାଲିଛନ୍ତି ।

Digitized by srujanika@gmail.com

# ଦେଶର ରାଜନୈତିକ ବାତାବରଣ

(ନଅ)

**ଅଢ ରାଜନୀତି—**

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ପାଇକ ବିଦ୍ରୋହ, ଇଂରେଜଙ୍କ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନକୁ ସମ୍ପୂର୍ଣ୍ଣ ରୂପେ ଦୋହଲାଇ ଦେଇଥିଲା । ଭାରତରେ ଶାସନ ବିଲାତ ସରକାର ନିଜ ହାତକୁ ନେଇଥିଲେ । ବିଲାତର ଗଣତନ୍ତ୍ର ସରକାର ଦୁନିଆକୁ ଦେଖାଇବାପାଇଁ ଓ ଭାରତବାସୀଙ୍କୁ ଭୁଲାଇବାକୁ ଭଲ ସୁଶାସନର ପ୍ରତିଶ୍ରୁତି ଦେଇଥିଲେ ।

ଭାରତୀୟ ବୁଦ୍ଧିଜୀବୀମାନଙ୍କୁ ହାତରେ ରଖିବାକୁ ତତ୍କାଳୀନ ବଡ଼ଲାଟ ଡଫରିନଙ୍କୁ ଶୁଭେଚ୍ଛା ନେଇ ପାଇକ ବିଦ୍ରୋହବେଳେ ମାଜିଷ୍ଟ୍ରେଟ ଥିବା ଜଣେ ଅବସରପ୍ରାପ୍ତ ଶାସକ, ହ୍ୟୁମସ ସାହେବ ଇଂରେଜ ପଢୁଆ ବ୍ୟକ୍ତିଙ୍କୁ ନେଇ ଜାତୀୟ କଂଗ୍ରେସ ନାମକ ଅନୁଷ୍ଠାନ-ଟିଏ ଗଢ଼ିଥିଲେ ।

ପାଇକ ବିଦ୍ରୋହ ବେଳେ ହିନ୍ଦୁ ମୁସଲମାନମାନଙ୍କ ଏକତା ଇଂରେଜ କମ୍ପାନୀ ସରକାରଙ୍କୁ ଅତି ଅସୁବିଧାରେ ପକାଇଥିବାରୁ ହିନ୍ଦୁ ମୁସଲମାନ ଭେଦ ନୀତି ପ୍ରୟୋଗ କରିବାକୁ ସରକାର ବରାବର ଚେଷ୍ଟା କରୁଥିଲେ ।

୧୯୦୫ ମସିହାରେ ବଡ଼ଲାଟ ଲର୍ଡ କର୍ଜନ ବଙ୍ଗଳା (ବଙ୍ଗ, ବିହାର, ଓଡ଼ିଶା, ଆସାମ) ପ୍ରେସିଡ଼େନ୍ସିରେ ହିନ୍ଦୁମାନଙ୍କ ଭିତରେ ଜାତୀୟତା-ବାଦର ଅଗ୍ରଗତି ଦେଖି ବଙ୍ଗଳାକୁ ଭାଙ୍ଗି ହିନ୍ଦୁ ଓ ମୁସଲମାନ ବହୁଳ ଅଲଗା ଅଲଗା ଦୁଇଟି ପ୍ରଦେଶ କରିବାର ସ୍ଥିର କଲେ । ସେପରି ବିଭାଜନ ଦ୍ୱାରା ହିନ୍ଦୁଙ୍କୁ ଦୁର୍ବଳ କରି ହିନ୍ଦୁ ମୁସଲମାନଙ୍କ ଭିତରେ

Digitized by srujanika@gmail.com

ଚିର ବିଭେଦର ମଞ୍ଜି ପୋତି ଭାରତକୁ ସୁଦୃଢ଼ ରୂପରେ ଚିରକାଳ ଶାସନ କରିବାର ବ୍ୟବସ୍ଥା ହୋଇଥିଲା ।

ବଙ୍ଗ ଭଙ୍ଗ ପ୍ରସ୍ତାବରେ ବଙ୍ଗଳାରେ ବିଦ୍ରୋହ ନିଆଁ ଜଳି ଉଠିଲା । ସେ ଜାତୀୟବାଦ ବହ୍ନି ଦ୍ରୁତବେଗରେ ଭାରତର ସବୁ ପ୍ରଦେଶକୁ ବ୍ୟାପିଲା ।

ପ୍ରଥମାବସ୍ଥାରେ ଗୋପବନ୍ଧୁ ନନା ପ୍ରଭୃତି ସେହି ବୈପ୍ଳବାତ୍ମକ ଜାତୀୟ ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ସେ ଆନ୍ଦୋଳନକୁ ଦବାଇବା ପାଇଁ ସରକାର ହିନ୍ଦୁ ଅଫିସର ଓ ପୋଲିସଙ୍କ ଉପରେ ଆସ୍ଥା ନ ରଖି ଉତ୍ତର ପ୍ରଦେଶ ଓ ଅନ୍ୟ ସ୍ଥାନରୁ ମୁସଲମାନ ପୋଲିସ ଅଫିସର ଆଣି ବଙ୍ଗଳାରେ ଦମନଲୀଳା ଚଳାଇଲେ ।

ଜାତୀୟ କଂଗ୍ରେସର ନରମପନ୍ଥୀମାନେ କେବଳ ରାଜନୀତିରେ ପୂର୍ବରୁ ଭାଗ ନେଉଥିଲେ କିନ୍ତୁ ବଙ୍ଗ ଭଙ୍ଗ ପରେ ଉଗ୍ରପନ୍ଥୀ ସନ୍ତ୍ରାସ-ବାଦୀ ଯୁବକମାନେ ରାଜନୀତିରେ ପ୍ରବେଶ କଲେ ।

ନରମ ପନ୍ଥୀ କଂଗ୍ରେସୀଙ୍କ ଭିତରେ ବହୁ ବଡ଼ ବଡ଼ ସୌଖୀନ ଧନୀ ଓକିଲ ଓ ବ୍ୟବସାୟୀ ଥିଲେ । ସେମାନେ କେବଳ ପ୍ରସ୍ତାବ ପାଶ ବା ନରମ ବକ୍ତୃତା ଦ୍ୱାରା ସରକାରକାର୍ଯ୍ୟର ମୃଦୁ ସମାଲୋଚନା କରୁଥିଲେ । ଦେଶପାଇଁ ସ୍ୱାର୍ଥତ୍ୟାଗ କରି ବିଦ୍ରୋହ ନିଆଁକୁ ଡେଇଁବା ପାଇଁ ସେମାନେ ପ୍ରସ୍ତୁତ ନଥିଲେ ।

**ଗାନ୍ଧି ରାଜନୀତି**—୧୯୧୭ ବେଳକୁ ଦକ୍ଷିଣ ଆଫ୍ରିକାରେ ତାଙ୍କର ଅହିଂସ ଆନ୍ଦୋଳନର ପରୀକ୍ଷା ସାରି ଭାରତ ଆସି ମହାତ୍ମା ଗାନ୍ଧି ଭାରତ ରାଜନୀତିରେ ଯୋଗଦେଲେ । ତାଙ୍କ ଅହିଂସ ଚିନ୍ତାଧାରା ପ୍ରଥମେ ପ୍ରଥମେ ନରମପନ୍ଥୀଙ୍କୁ ସୁହାଇଲା । ପରେ ତାଙ୍କର ତ୍ୟାଗର ମାର୍ଗ ଅନେକଙ୍କୁ ଅବଶ୍ୟ ବିବ୍ରତ କରି ପକାଇଲା । ଇଂରେଜ ସରକାର ତାଙ୍କୁ କାଇଜର ହିନ୍ଦ୍ ପଦକ ଯାଚିଲେ, ଭାରତବାସୀ ପ୍ରଥମ ମହା-ସମରରେ ଇଂରେଜଙ୍କୁ ସାହାଯ୍ୟ କଲେ ଯୁଦ୍ଧ ପରେ ଭାରତବାସୀଙ୍କୁ ଶାସନ କ୍ଷମତା ହସ୍ତାନ୍ତର କରିବାର ପ୍ରତିଶ୍ରୁତି ଦେଲେ । ସେ ମହା-

Digitized by srujanika@gmail.com

ସମଭରେ ଇଂରେଜଙ୍କୁ ସାହାଯ୍ୟ ଦେବାକୁ ଗାନ୍ଧି ଦେଶବାସୀଙ୍କୁ ଆହ୍ବାନ କଲେ ।

ଉଗ୍ରପନ୍ଥୀ ବିପ୍ଳବୀମାନେ ମହାସମରର ସୁବିଧା ନେଇ ଦେଶରେ ସଶସ୍ତ୍ର ବିପ୍ଳବ କରାଇବାର ଯୋଜନା କଲେ । ବିପ୍ଳବୀ ରାସ ବିହାରୀ ଘୋଷ, ମାନବେନ୍ଦ୍ର ରାୟ ପ୍ରଭୃତି ଗୋପନରେ ଦେଶ ଛାଡ଼ି ଇଂରେଜଙ୍କ ଶତ୍ରୁମାନଙ୍କଠାରୁ ସାହାଯ୍ୟ ଆଶାକରି ବିଦେଶକୁ ଚାଲିଗଲେ ।

ଯୁଦ୍ଧକାଳୀନ ଜରୁରୀ ଆଇନ ଦ୍ୱାରା ଇଂରେଜ ସରକାର ଅକଥନୀୟ ଦମନଲୀଳା ଚଳାଇଲେ । ଯୁଦ୍ଧ ସରିଲା । ଇଂରେଜ ସରକାର ତାଙ୍କର ପ୍ରତିଶ୍ରୁତି ରକ୍ଷା ନକରି ମହାତ୍ମା ଗାନ୍ଧିଙ୍କୁ ନିରାଶ କଲେ । ଯୁଦ୍ଧକାଳୀନ ଆଇନର ମିଆଦ ପୂରିବା ପରେ ଜାତୀୟବାଦୀଙ୍କୁ ଦମନ କରିବା ପାଇଁ 'ରାଉଲେଟ ଆକ୍ଟ' ପରି ଆଇନମାନ ପ୍ରୟୋଗ କଲେ ।

ଦେଶରେ ସେ ଆଇନର ବିରୁଦ୍ଧରେ ସ୍ୱର ଉଠିଲା । ସେ ଆଇନର ଗୋଟିଏ ପ୍ରତିବାଦ ସଭାକୁ ବନ୍ଦ କରିବାକୁ ଯାଇ ପଞ୍ଜାବ ସରକାର ଜାଲିଆନାବାଗ୍ ହତ୍ୟାକାଣ୍ଡ ପରି ନାରକୀୟ କାଣ୍ଡ କରି ବସିଲେ । ଦେଶସାରା ବିଦ୍ରୋହ ନିଆଁ ହୁତୁ ହୁତୁ ହୋଇ ଜଳି ଉଠିଲା । ମହାତ୍ମା ଗାନ୍ଧି ସେ ଅତ୍ୟାଚାରର ପ୍ରତିବାଦ କଲେ କିନ୍ତୁ ସେଥିପାଇଁ ହେଉଥିବା ଧ୍ୱଂସାତ୍ମକ ଭଙ୍ଗାରୁଜା କାର୍ଯ୍ୟର ନିନ୍ଦା କଲେ ।

ଗାନ୍ଧି ଭାରତ ରାଜନୀତିରେ ପ୍ରବେଶ କଲାବେଳକୁ ଆଲିଗଡ଼ରେ ମୁସଲିମ୍ ଲିଗ ଗଢ଼ା ହୋଇସାରିଥିଲା । ଏହା ସରକାରଙ୍କର ଗୋଟିଏ ଅନୁଗତ ଅନୁଷ୍ଠାନ ଥିଲା ଓ ଜାତୀୟବାଦୀ ଆନ୍ଦୋଳନର ବିରୋଧ କରୁଥିଲା । ହିନ୍ଦୁମାନଙ୍କର ସ୍ୱାର୍ଥ ରକ୍ଷା କରିବାକୁ ହିନ୍ଦୁ ଅନୁଷ୍ଠାନ ମଧ୍ୟ ଗଢ଼ି ଉଠିଥିଲା ।

ଗାନ୍ଧି କଂଗ୍ରେସରେ ଯୋଗ ଦେବାପରେ ୧୯୧୯ ଡିସେମ୍ବରରେ ଅମୃତସର ସହରଠାରେ ପଣ୍ଡିତ ମୋତିଲାଲ ନେହେରୁଙ୍କ ସଭାପତିତ୍ୱରେ ଜାଲିଆନାବାଗ ଅତ୍ୟାଚାରର ପ୍ରତିବାଦ କରିବା ପାଇଁ ଜାତୀୟ

Digitized by srujanika@gmail.com

କଂଗ୍ରେସର ଅଧିବେଶନ ବସିଥିଲା । ସେତିକବେଳକୁ ସେଠାରେ ମୁସଲିମ୍ ଲିଗର ବାର୍ଷିକ ଅଧିବେଶନ ମଧ୍ୟ ବସିଲା । ମହାତ୍ମା ଗାନ୍ଧିଙ୍କ ଉଦ୍ୟମରେ କଂଗ୍ରେସ ସଭାପତି ମୋତିଲାଲ ଓ ମୁସଲିମ୍ ଲିଗ ସଭାପତି ଆଜମଲ ଖାଁ ଜାତୀୟ ଏକତାର ଡାକଦେଇ ଏକାଠି ଯାଇ ଶିଖ୍ ମାନଙ୍କର ସ୍ୱର୍ଣ୍ଣମନ୍ଦିରରେ ପ୍ରାର୍ଥନା କଲେ । ସେହି ଅଧିବେଶନରେ ମହାତ୍ମା ଗାନ୍ଧି ଭାରତର ଉଚ୍ଚତମ ନେତା ଭାବେ ସ୍ୱୀକୃତ ହୋଇଥିଲେ ।

ସେହି କଂଗ୍ରେସ ଅଧିବେଶନରେ ବାଳ ଗଙ୍ଗାଧର ତିଲକ, ଆନି ବେଶାନ୍ତ, ଶ୍ରୀନିବାସ ଶାସ୍ତ୍ରୀ, ମହମ୍ମଦ ଆଲି ଜିନ୍ନା, ଜହରଲାଲ ପ୍ରଭୃତି କଂଗ୍ରେସର ତୁଙ୍ଗ ନେତାମାନେ ଯୋଗ ଦେଇଥିଲେ । ସେ ଅଧିବେଶନ ପରେ କଂଗ୍ରେସର ସୌଖୀନ ନରମପନ୍ଥୀମାନଙ୍କୁ ଅହିଂସ ସଂଗ୍ରାମ ପଥରେ ଚାଲିବାକୁ ବାଧ୍ୟ କରିବା ପାଇଁ ଗାନ୍ଧି ଲାଗି ପଡ଼ିଲେ । ମୁସଲମାନମାନଙ୍କୁ ଜାତୀୟତାବାଦୀ ସ୍ରୋତରେ ମିଶାଇବା ପାଇଁ ଲୋକ-ମାନ୍ୟ ତିଲକଙ୍କ ସମ୍ମତି ତୁର୍କରେ ମୁସଲମାନ ଧର୍ମ ବିରୁଦ୍ଧରେ ହୋଇଥିବା ଖିଲାଫତ୍ ଆଇନର ପ୍ରତିବାଦ ପାଇଁ ଭାରତୀୟ ମୁସଲମାନମାନଙ୍କ ସଙ୍ଗେ ହାତ ମିଳାଇ ଥିଲେ ।

ମହମ୍ମଦ ଆଲ୍ଲି ଜିନ୍ନା ତିଲକଙ୍କର ଓକିଲ ଥିଲେ । ଜିନ୍ନା ଜାତୀୟତାବାଦୀ ମୁସଲମାନ ଯୁବସଂଗଠନର ମୁଖ୍ୟ ଥିଲେ ଓ ସାମ୍ପ୍ରଦାୟିକ ମନୋଭାବର ସମ୍ପୂର୍ଣ୍ଣ ବିରୋଧ କରୁଥିଲେ । ସେ ପାର୍ଶି ମହିଳାଙ୍କର ପାଣିଗ୍ରହଣ କରିଥିଲେ । ବମ୍ବେରେ ଜଣେ ଅତି ଉଚ୍ଚ ପ୍ରତିପତ୍ତିଶାଳୀ ପ୍ରଗତିବାଦୀ ବାରିଷ୍ଟର ଭାବରେ ତାଙ୍କର ନାମ ଥିଲା । ସେ ସାହେବୀ ପୋଷାକ ପରିଧାନ କରୁଥିଲେ ଓ ସାହେବୀ ଠାଣିରେ ଚଳୁଥିଲେ । ଧର୍ମ ବା ମସଜିଦ୍ ସହିତ ତାଙ୍କର କୌଣସି ସମ୍ପର୍କ ନଥିଲା ।

୧୯୨୦ରେ ମହାତ୍ମା ଗାନ୍ଧି ପୁଣି ସତ୍ୟାଗ୍ରହ ଆନ୍ଦୋଳନର ଡାକରା ଦେଲେ । ମୋତିଲାଲ, ଚିତ୍ତରଞ୍ଜନ ଦାସ ପ୍ରଭୃତି ବହୁ ବିଳାସୀ ଧନାଢ୍ୟ ଓକିଲ ବିଳାସ ଓ ନିଜ ବ୍ୟବସାୟ ଛାଡ଼ି ଗାନ୍ଧିଙ୍କ

Digitized by srujanika@gmail.com

ନରଭତମ୍ବର ପନ୍ଥାକୁ ଅନୁସରଣ କରି ସୂତାକାଟି ମୋଟା ଲୁଗା ପିନ୍ଧି କାରାଗାର ବରଣ ପାଇଁ ନିଜକୁ ପ୍ରସ୍ତୁତ କଲେ । କିନ୍ତୁ ସେସବୁ କଥା ଜିନ୍ନାଙ୍କୁ ସୁହାଇଲା ନାହିଁ । ସେ ପ୍ରତ୍ୟକ୍ଷ ଆନ୍ଦୋଳନରେ ଯୋଗଦେବାକୁ ରାଜି ନଥିଲେ । ଗାନ୍ଧିଙ୍କ ବାବାଜି ଧର୍ମମନ୍ତ୍ର ତାଙ୍କୁ ଭଲ ଲାଗୁ ନଥିଲା । ସେ ଗାନ୍ଧି ଓ ନେହେରୁଙ୍କର ପ୍ରତିପତ୍ତି ମଧ୍ୟ ସହ୍ୟ କରିପାରୁ ନଥିଲେ, ସେ କଂଗ୍ରେସ ଛାଡିଲେ । ବମ୍ବେର ଆଇନ ବ୍ୟବସାୟ ଛାଡି ଲଣ୍ଡନ ପ୍ରିଭି କାଉନ୍‌ସିଲରେ ଆଇନ ବ୍ୟବସାୟ ଆରମ୍ଭ କଲେ ।

ସେ ଭାରତ ଛାଡ଼ିବା ପରେ, ସେ ନେତୃତ୍ୱ ସଂଗ୍ରାମରେ ପରାସ୍ତ ହୋଇ ଭାରତ ଛାଡି ପଳାଇଗଲେ ବୋଲି କଂଗ୍ରେସର ଜଣେ ଭୁଇଁନେତା କୌଣସି ରାଜନୈତିକ ସଭା ମଞ୍ଚରେ ମନ୍ତବ୍ୟ ପ୍ରକାଶ କଲେ । ସେ ମନ୍ତବ୍ୟ ଶୁଣି ଜିନ୍ନା ଉକ୍ଷିପ୍ତ ହୋଇ ଉଠିଲେ । ଭାରତ ଫେରି କଂଗ୍ରେସ ନେତାଙ୍କୁ କଳେ ବଳେ କୌଶଳେ ହରାଇ ପାଣେ ମାଡି ଚଢ଼ାଇବାକୁ ପ୍ରତିଜ୍ଞା କରି ଭାରତକୁ ଲେଉଟି ଆସିଲେ । ବିଲାତରୁ ଫେରି ମୁସଲିମ୍ ଲିଗରେ ପଶି ସାମ୍ପ୍ରଦାୟିକତା ଆନ୍ଦୋଳନ ଚଳାଇ ମୁସଲିମ୍ ଲିଗର ଅପ୍ରତିଦ୍ୱନ୍ଦ୍ୱୀ ନେତା ହୋଇ ପଦେ ପଦେ କଂଗ୍ରେସର ବିରୋଧ କଲେ । ଭାରତ ବିଭାଜନର ମୂଳଦୁଆ ପଡିଲା । କଂଗ୍ରେସୀ ଜିନ୍ନା ଭବିଷ୍ୟତ ପାକିସ୍ଥାନର ପ୍ରାଣ ପ୍ରତିଷ୍ଠାତାରେ ପରିଣତ ହେଲେ ।

## ସତ୍ୟାଗ୍ରହ ଆନ୍ଦୋଳନ—

୧୯୨୦ ନାଗପୁର ଜାତୀୟ କଂଗ୍ରେସ ଅଧିବେଶନରେ ଗାନ୍ଧିଙ୍କ ସତ୍ୟାଗ୍ରହ ଆନ୍ଦୋଳନ ପ୍ରସ୍ତାବ ଗୃହୀତ ହୋଇଥିଲା । ଗାନ୍ଧି, ମୋତିଲାଲ ଚିତ୍ତରଞ୍ଜନ ଲାଲା ଲଜପତ ରାଏ ଜହରଲାଲ ଓ ସୁଭାଷ ପ୍ରଭୃତିଙ୍କୁ ସରକାର ବନ୍ଦୀକଲେ । ଦେଶସାରା ଆନ୍ଦୋଳନ ଖେଳିଲା । ନାଗପୁର ଅଧିବେଶନ ପରେ ଓଡ଼ିଶାରେ କଂଗ୍ରେସ ଗଢ଼ା ହୋଇଥିଲା । ଆନ୍ଦୋଳନରେ ଯୋଗଦେଇ ଗୋପବନ୍ଧୁ ଓ ନନା ପ୍ରଭୃତି କାରାବରଣ କରିଥିଲେ । ଆନ୍ଦୋଳନ ଅହିଂସା ଦଉଡ଼ିରେ ବନ୍ଧା ହୋଇଥିବାରୁ ଆସ୍ତେ ଆସ୍ତେ ଧିମେଇ ଆସିଲା । ନେତାମାନେ କାରାଦଣ୍ଡ ଭୋଗକରି ପାରି ଖଲାସ ହେଲେ ।

Digitized by srujanika@gmail.com

ଏହି ସମୟରେ କଂଗ୍ରେସର ବହୁ ଉଗ୍ରପନ୍ଥୀ ଯୁବକର୍ମୀ ନିରୁତ୍ସାହିତ ହୋଇପଡ଼ିଲେ ଓ ବୈପ୍ଳବାତ୍ମକ ସଂନ୍ତ୍ରାସବାଦୀ ଆନ୍ଦୋଳନରେ ଯୋଗ ଦେଲେ । ଉଦାହରଣସ୍ୱରୂପ କଟକ କଂଗ୍ରେସ କମିଟି ସମ୍ପାଦକ ଖଣ୍ଡପଡ଼ାସ୍ଥିତ ଶ୍ରୀ ବଂଶୀଧର ମିଶ୍ର (ପୂର୍ବତନ ଏମ. ପି. ଓ ସମାଜବାଦୀ ନେତା ଶ୍ରୀ ଶ୍ରୀନିବାସ ମିଶ୍ରଙ୍କ ବଡ଼ଭାଇ) ନିଜର ପିଲାମାନଙ୍କୁ ଛାଡ଼ି ବଙ୍ଗଳାର ସଂନ୍ତ୍ରାସବାଦୀ ଦଳରେ ଯୋଗ ଦେଇଥିଲେ । ସେ ଚିଟାଗଙ୍ଗ ସାମରିକ କାରଖାନା ଲୁଟ ଓ ସେପରି ଅନ୍ୟ କାର୍ଯ୍ୟମାନଙ୍କରେ ବିଶିଷ୍ଟ ଭୂମିକା ଗ୍ରହଣ କରିଥିବାରୁ ସରକାର ତାଙ୍କୁ ଖୋଜିଲେ । ଚିଟାଗଙ୍ଗରୁ ଆତ୍ମଗୋପନ କରି ରେଙ୍ଗୁନ ଯାଇ, ନିଜର ନାମ ବଦଳାଇ ମୁସଲମାନ ବେଶରେ ଜାହାଜ ଖଲାସି ଭାବରେ ୟୁରୋପକୁ ପଳାୟନ କଲେ । ସେଠାରେ ପହଞ୍ଚି ଶ୍ରମିକ ଆନ୍ଦୋଳନରେ ଭାଗ ନେଇଥିଲେ । ପ୍ରାୟ ତିରିଶ ବର୍ଷ କାଳ ତାଙ୍କର କୌଣସି ଖୋଜ ଖବର ମିଳିନଥିଲା । ଭାରତ ସ୍ୱାଧୀନ ହେବାର ପ୍ରାୟ ତିନି ଚାରି ବର୍ଷ ପରେ ସେ ବୃଦ୍ଧ ଅବସ୍ଥାରେ ଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

ମୁସଲିମ ଲିଗ୍ ପ୍ରତି ଜାତୀୟତାବାଦୀ ମୁସଲମାନମାନେ ଆକୃଷ୍ଟ ନଥିଲେ ତାହା ନାମକୁ ମାତ୍ର ଗୋଟିଏ ଅନୁଷ୍ଠାନ ଥିଲା କିନ୍ତୁ ଆସ୍ତେ ଆସ୍ତେ ହିନ୍ଦୁ ମୁସଲମାନ ଭେଦଭାବ ବଢ଼ିଗଲା । ବଙ୍ଗଳାରେ ମୁସଲମାନମାନଙ୍କ ସଂଖ୍ୟା ହିନ୍ଦୁ ମାନଙ୍କ ସଙ୍ଗେ ସମାନ ଥିଲା କିନ୍ତୁ ପାଠଶାଠ, ଚାକିରି ଓ ରାଜନୀତି କ୍ଷେତ୍ରରେ ଓ ଆର୍ଥିକ ଅବସ୍ଥାରେ ସେମାନେ ହିନ୍ଦୁମାନଙ୍କର ବହୁ ପଛରେ ପଡ଼ିଥିଲେ । ମୁସଲିମ୍ ଲିଗ ସେମାନଙ୍କ ପାଇଁ କୌଣସି କାର୍ଯ୍ୟ ନକଲେ ମଧ୍ୟ ସେମାନଙ୍କୁ ହିନ୍ଦୁମାନଙ୍କ ବିରୁଦ୍ଧରେ ଠିଆଇବାକୁ ଲାଗିଲେ । ଦୂରଦୃଷ୍ଟି ସମ୍ପନ୍ନ ଚିତ୍ତରଞ୍ଜନ ଦାସ ମୁସଲମାନମାନଙ୍କର ଉନ୍ନତି ପାଇଁ ଆପ୍ରାଣ ଚେଷ୍ଟାକରି ବହୁ ହିତକର ଯୋଜନା ସୃଷ୍ଟି କରିଥିଲେ । ନିର୍ବାଚନରେ ଭାଗନେଇ କଂଗ୍ରେସ କ୍ଷମତା ହାସଲ କଲେ ମୁସଲମାନମାନଙ୍କୁ ଚାକିରି କ୍ଷେତ୍ରରେ ସୁବିଧା ଦେଇ ଓ ସେମାନଙ୍କର ଅନ୍ୟାନ୍ୟ ଉନ୍ନତି କରି ହିନ୍ଦୁଙ୍କ ସମକକ୍ଷ କରିବାକୁ ପ୍ରସ୍ତାବ ଦେଇଥିଲେ । ସେ ଭାବୁଥିଲେ ଯଦି ମୁସଲମାନମାନେ ଶିକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ ଅନ୍ୟମାନଙ୍କ ସମକକ୍ଷ ହେଲେ ସେମାନଙ୍କ ପାଇଁ ଆଉ ସ୍ଥାନ ସଂରକ୍ଷଣ ପ୍ରଭୃତି ସରକାରୀ ବ୍ୟବସ୍ଥା ଦରକାର ହେବ

Digitized by srujanika@gmail.com

ନାହିଁ, ସେମାନେ ମତାନ୍ଧତା ଛାଡ଼ି ସମ୍ପୂର୍ଣ୍ଣ ଭାବରେ ଜାତୀୟ ସ୍ରୋତରେ ସାମିଲ ହୋଇପାରିବେ । ତାଙ୍କର ଏହି ଚିନ୍ତାଧାରା ଯୋଗୁ ସେ ବଙ୍ଗଳାରେ ହିନ୍ଦୁ ଓ ମୁସଲମାନ ଉଭୟଙ୍କର ଅପ୍ରତିଦ୍ୱନ୍ଦୀ ନେତା ହୋଇଉଠିଥିଲେ । ସେଥିପାଇଁ ଅବଶ୍ୟ ତାଙ୍କୁ କଂଗ୍ରେସର ବହୁ ନେତାଙ୍କର ଚକ୍ଷୁଶୂଳ ହେବାକୁ ପଡ଼ିଥିଲା । ପରେ ତାଙ୍କ ଯୋଜନା ସବୁ କାର୍ଯ୍ୟକାରୀ ହୋଇ ନପାରିବାରୁ ଓ ତାଙ୍କର ବିରୋଧ ନ ହେବାରୁ ମୁସଲିମ ଲିଗର କ୍ଷମତା ବଙ୍ଗଳାରେ ପ୍ରସାର ଲାଭକରି ଦେଶ ବିଭାଜନର ବାଟ ଫିଟିଥିଲା ।

ଜାତୀୟ କଂଗ୍ରେସର ୧୯୨୩ ଗୟା ଅଧିବେଶନରେ ଚିତ୍ତରଞ୍ଜନ ସଭାପତି ହେଲେ । ୧୯୨୧ରେ କେନ୍ଦ୍ର ଓ ରାଜ୍ୟ ବିଧାନସଭା ନିର୍ବାଚନର କଂଗ୍ରେସ ବିରୋଧ କରିଥିଲା । ଆଉ ନିର୍ବାଚନର ବିରୋଧ ନ କରି କେନ୍ଦ୍ର ଓ ରାଜ୍ୟ ବିଧାନ ସଭାମାନଙ୍କରେ ପଶି ଇଂରେଜ ଶାସନର ବୈଧାନିକ ବିରୋଧ କରି କ୍ଷମତା ହାସଲ କରିବା ଶ୍ରେଷ୍ଠ ପନ୍ଥା ବୋଲି ଚିତ୍ତରଞ୍ଜନ ଓ ମୋତିଲାଲ ପ୍ରଭୃତି ପ୍ରସ୍ତାବ ଦେଲେ । ପଟେଲ, ରାଜଗୋପାଳଚାରୀ ଓ ରାଜେନ୍ଦ୍ର ପ୍ରସାଦ ପ୍ରଭୃତି ଗାନ୍ଧିବାଦୀ ପନ୍ଥୀ No changer ବା ଅପରିବର୍ତ୍ତନ ପନ୍ଥୀମାନେ ସେ ପ୍ରସ୍ତାବର ଘୋର ବିରୋଧ କରିବାରୁ ମୋତିଲାଲ ଚିତ୍ତରଞ୍ଜନ ପ୍ରଭୃତି ପରିବର୍ତ୍ତନ ପନ୍ଥୀମାନେ କଂଗ୍ରେସ ଭିତରେ ସ୍ୱରାଜ୍ୟ ଦଳ ଗଢ଼ିଲେ ।

ଲୋକଙ୍କର ଦୁର୍ଦ୍ଦଶା ବର୍ଣ୍ଣାଇବା ଓ ସରକାରୀ ଗଲତିସବୁ ପଦାରେ ପକାଇବା ପାଇଁ ବିଧାନସଭା ଉପଯୁକ୍ତ ସ୍ଥାନ ବୋଲି ଗୋପବନ୍ଧୁଙ୍କର ବିଶ୍ୱାସ ଥିଲା । ୧୯୧ –୨୦ ଓଡ଼ିଶାର ଦୁର୍ଭିକ୍ଷ ବେଳେ ସେ ବିହାର ଓଡ଼ିଶା ବିଧାନ ସଭାର ସଦସ୍ୟ ଥାଇ ସେଠାରେ ଲୋକଙ୍କ ଦୁର୍ଦ୍ଦଶା ବର୍ଣ୍ଣନା କରି ସରକାରଙ୍କର ଆଖିରୁ ଅନ୍ଧପୁଟୁଳି ଖୋଲି ପାରିଥିଲେ ।

୧୯୨୩ରେ ଆଜାଦଙ୍କ ସଭାପତିତ୍ୱରେ ପୁଣି କଂଗ୍ରେସର ଗୋଟିଏ ଅଧିବେଶନ ବସି ଗାନ୍ଧିଙ୍କ ଅନୁମୋଦନରେ ଚିତ୍ତରଞ୍ଜନଙ୍କ ପ୍ରସ୍ତାବ ଗୃହୀତ ହେଲା । ସ୍ୱରାଜ୍ୟ ଦଳର ପ୍ରାର୍ଥୀ ଭାବରେ ନନା ୧୯୨୪ ନିର୍ବାଚନରେ ଜୟଯୁକ୍ତ ହୋଇ କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । ୧୯୨୮ ନେତ୍ରୋତ୍ସବ ଦିନ ଗୋପବନ୍ଧୁ ଦେହତ୍ୟାଗ କଲେ ।

Digitized by srujanika@gmail.com

୧୯୨୮ରେ କେତେକ ଅବାସ୍ତବ ପ୍ରସ୍ତାବ ଦେଇ ବିଲାତ ସରକାର ସାତଜଣିଆ ସାଇମନ କମିଶନଙ୍କୁ ଭାରତକୁ ପଠାଇଲେ । ୧୯୨୯ରେ କଂଗ୍ରେସ ସାଇମନ କମିଶନଙ୍କୁ ବର୍ଜନ କରି ପ୍ରସ୍ତାବ ପାଶ କରାଇଲେ ଓ ଲବଣସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କଲେ । ନନା କେନ୍ଦ୍ର ବିଧାନ ସଭା ବର୍ଜନ କରି ଲବଣ ସତ୍ୟାଗ୍ରହରେ ଯୋଗଦେଇ ଦୀର୍ଘକାଳ ପାଇଁ କାରାବରଣ କଲେ ।

ଶେଷରେ ସରକାର ଗାନ୍ଧିଙ୍କୁ ଖଲାସ କରି ଗାନ୍ଧି-ଇର୍ୱିନ ପାକ୍ଟ ସ୍ୱାକ୍ଷରିତ କରାଇଲେ । ରାଜନୈତିକ ବନ୍ଦୀମାନେ କାରାଗାରରୁ ମୁକ୍ତିଲାଭ କଲେ । ଗାନ୍ଧି ଗୋଲଟେବୁଲ ବୈଠକ ପାଇଁ ବିଲାତ ଯାତ୍ରା କରି ଜିନ୍ନା, ଅମ୍ବେଦକର ପ୍ରଭୃତି ସାମ୍ପ୍ରଦାୟିକ ନେତାଙ୍କର ଶରବ୍ୟ ହୋଇ ନିରାଶ ହୃଦୟରେ ଭାରତ ଫେରିଲେ ।

୧୯୩୪-୩୫ ନିର୍ବାଚନରେ ନନା ପୁଣି କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହେଲେ । ୧୯୩୫ରେ 'ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଆକ୍ଟ' ପାଶ ହୋଇ ୧୯୩୭ରେ ଦେଶ ସାରା ପ୍ରାଦେଶିକ ଆସେମ୍ବ୍ଲି ପାଇଁ ସାଧାରଣ ନିର୍ବାଚନ ହେବାର ସ୍ଥିର ହେଲା ।

## ନିର୍ବାଚନ ରାଜନୀତି—

ଓଡ଼ିଶା କଂଗ୍ରେସର ସେ ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା । ୧୯୩୭ ପ୍ରଥମ ନିର୍ବାଚନରେ ସେ ଓଡ଼ିଆ କଂଗ୍ରେସର ସଭାପତି ଥିଲେ, ସେ ଓଡ଼ିଶା ବାହାରେ ଥିଲାବେଳେ ତତ୍କାଳୀନ ଓଡ଼ିଶା କଂଗ୍ରେସର ଅନ୍ୟ ନେତାମାନେ କଂଗ୍ରେସର ସମ୍ବଳ ଓ ପରିସ୍ଥିତି ଦୃଷ୍ଟିରୁ ବାଣପୁରଠାରେ କଂଗ୍ରେସ କମିଟି ବସାଇ କେବଳ ଅଳ୍ପ କେତୋଟି ସ୍ଥାନରେ ନିର୍ବାଚନ ଲଢ଼ିବାର ପ୍ରସ୍ତାବ ପାଶ କରାଇଥିଲେ । ଓଡ଼ିଶା ସେହି ବର୍ଷ ନୂଆ ହୋଇ ସ୍ୱତନ୍ତ୍ର ପ୍ରଦେଶଟିଏ ହୋଇଥିଲା । ଗଞ୍ଜାମ ଓ କୋରାପୁଟ ଓଡ଼ିଶାରେ ମିଶିଥିଲା ।

ସେତେବେଳେ ପ୍ରତାପଶାଳୀ ଧନୀ, ରାଜା, ଜମିଦାର ମଠମହନ୍ତ ପ୍ରଭୃତି କଂଗ୍ରେସ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ବାହାରି ଥାଆନ୍ତି । ସେମାନଙ୍କ ପଛରେ ଇଂରେଜ ସରକାରଙ୍କର ସଦିଚ୍ଛା, ସହାନୁଭୂତି ଓ

Digitized by srujanika@gmail.com

ପୂର୍ଣ୍ଣ ସମର୍ଥନ ଥାଏ । କେତେକ କଂଗ୍ରେସ ନେତା ସେମାନଙ୍କ ସଙ୍ଗେ ସାଲିସ କରି କେତୋଟି ମାତ୍ର ସ୍ଥାନରେ ପ୍ରତିଦ୍ୱନ୍ଦ୍ୱିତା କରାଇବା ପାଇଁ ଗୁପ୍ତ ମନ୍ତ୍ରଣା କରୁଥାଆନ୍ତି ।

ସେତେବେଳେ କଂଗ୍ରେସ ଗୋଷ୍ଠୀ ଲଢୁଆ ଅନୁଷ୍ଠାନ ଭାବରେ ସମ୍ପୂର୍ଣ୍ଣ ନିଃସ୍ୱ ଥାଏ । ପାଣ୍ଠି ବୋଲି ପ୍ରାୟ କିଛି ନ ଥାଏ ଅନେକ କଂଗ୍ରେସ ନେତା ନିର୍ବାଚନରେ ଠିଆ ହେବାକୁ ପଶ୍ଚାତ୍‌ପଦ ହେଉଥାଆନ୍ତି । କିନ୍ତୁ ନନା ଥିଲେ ଦୂରଦ୍ରଷ୍ଟା । ପୂରିଲ ନକ୍କୁ ଖାଲି ହାତରେ ଠେଲି ପଡ଼ିଲ ଦେ ତାଙ୍କର ଅଦମ୍ୟ ସାହସ ଥିଲା । ସେ କଂଗ୍ରେସ ଲୋକଙ୍କୁ ସାହସ ଦେଇ ପୂର୍ବ ପ୍ରସ୍ତାବରେ ବିରୋଧ କରି ସମଗ୍ର ଓଡ଼ିଶାରେ ନିର୍ବାଚନ ଲଢ଼ିବାକୁ ସ୍ଥିର କରିଥିଲେ ।

ଉତ୍କଳ ଜପାସ ହେଲା ଶୋକ ଭୁଲି ସେତେବେଳେ ଓଡ଼ିଶାର ଏ ମୁଣ୍ଡରୁ ସେ ମୁଣ୍ଡ ବୁଲି ନିର୍ବାଚନ ସଭାମାନ କରି କଂଗ୍ରେସ ବାର୍ତ୍ତା ପ୍ରଚାର କରିଥିଲେ । ସେତେବେଳେ ଓଡ଼ିଶାରେ ଯାନବାହାନ, ରାସ୍ତାଘାଟର ବିଶେଷ ସୁବିଧା ନଥାଏ ଅଧିକାଂଶ ସ୍ଥାନ ଅରଣ୍ୟ ଓ ବିପଦସଙ୍କୁଳ ଓ ସ୍ୱାସ୍ଥ୍ୟ ଜନୁକୂଳ ଥିଲା । ମାଗି ଯାଚି ଅଳ୍ପ କେତେ ଟଙ୍କା ସଂଗ୍ରହ କରି ସେ ନିର୍ବାଚନ ଚଳାଇବା ପାଇଁ ଅଣ୍ଟା ଭିଡ଼ିଥାଆନ୍ତି ।

ନିର୍ବାଚନ ସମୟରେ ଗଲାବେଳେ ଯାଉଥିବା ସ୍ଥାନମାନଙ୍କୁ ଯିବା ପାଇଁ କେଉଁଠି ଖଣ୍ଡିଏ ପୁରୁଣା ଜର୍ଜ ବ୍ରାଣ୍ଡ ଫୋର୍ଡ଼ ଗାଡ଼ି ମିଳେ ସେଥିରେ ପେଟ୍ରୋଲ ପାଇଁ ପଇସା ନଥିଲେ କାହାରିକୁ ବି ଦେଉ । ଅନ୍ୟ କେଉଁଠିକି ଠେଲାରେ ଯାତ୍ରା କରିବାକୁ ହୁଏ । ଅଧିକାଂଶ ସ୍ଥାନ ପାଇଁ ସେ ସୁବିଧା ମଧ୍ୟ ନଥାଏ । ଶଗଡ଼, ସବାରୀ, ସାଇକେଲ ପଛ ବା ଚଢ଼ିଯାଇବାର ଅଭିଜ୍ଞତା ନେବାକୁ ପଡ଼େ ।

କାର୍ଯ୍ୟସୂଚୀ ଆଗରୁ ଠିକ୍ ହୋଇଥାଏ, ସେଥିରୁ ଟିକିଏ ଏପଟ ସେପଟ ହୁଏ ନାହିଁ । କିନ୍ତୁ କୌଣସି ବାଧା ବିଘ୍ନ ତାଙ୍କୁ ଅଟକାଇ ପାରେ ନାହିଁ । ସେ ଯେଉଁ କାର୍ଯ୍ୟ ଯେଉଁ ସମୟରେ କରିବା କଥା ତାହା ଠିକ୍ ଠିକ୍ କରି ପାରନ୍ତି ।

Digitized by srujanika@gmail.com

ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଧୋଇ ଅଞ୍ଚଳର ଗୋଟିଏ ସ୍ଥାନରେ ନିର୍ବାଚନ ସଭା ହେବାର ଆଗରୁ ସ୍ଥିର ହୋଇଥିଲା । ଏହି ସମୟରେ ପୁରୀଠାରେ ସେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହେଲେ । ତାଙ୍କ ସହକର୍ମୀମାନେ ସେ ଅବସ୍ଥାରେ ତାଙ୍କୁ ସେଠାକୁ ନଯିବା ପାଇଁ ପ୍ରବର୍ତ୍ତାଇଲେ କିନ୍ତୁ ସେ କାହା କଥା ନ ଶୁଣି ୧୦୪° ଜ୍ୱରରେ ଗୋଟିଏ ସବାରୀରେ ବସି ପୁରୀରୁ ବାହାରି ପଡିଥିଲେ । ସେ ବାଟରେ ସବାରୀ ଯିବା ସମ୍ଭବ ନହେବାରୁ ଅଧାବାଟରୁ ତାଙ୍କୁ ଗୋଟାଏ ବେତାରେ ବସାଇ ଭାରକରି ନିଆଯାଇଥିଲା । ସେ ନିର୍ଦ୍ଦିଷ୍ଟ ସ୍ଥାନରେ ଠିକ୍ ସମୟରେ ପହଞ୍ଚି ତାଙ୍କର ଦୁଇ ଘଣ୍ଟାର ଦୀର୍ଘ ଭାଷଣ ଶେଷ କରିବା ପରେ ତାଙ୍କ ଦେହରୁ ଗୋଟାଏ ଝାଳ ବୋହିଯାଇ ସେ ନିସ୍ତେଜ ହୋଇ ପାଣି ମୁନ୍ଦାଏ ପିଇ ଟିକ୍ ଆରାମରେ ବସି ପଡିଥିଲେ ।

ଏହିପରି ଜ୍ୱର ଅବସ୍ଥାରେ ବା ଅନ୍ୟାନ୍ୟ ଶାରୀରିକ ଅସୁସ୍ଥତା ଭିତରେ ବିଭିନ୍ନ ଜିଲ୍ଲାରେ ସାଇକେଲ ଚଢ଼ିରେ କେତେବେଳେ ବୁହାହୋଇ ବାବା କାହା କାନ୍ଧରେ ହାତଦେଇ ଚାଲି ଚାଲି ଯାଇ ସଭାକାର୍ଯ୍ୟ ଚଳାଇ ତାଙ୍କ ଅଭ୍ୟାସରେ ଛିଡ଼ିଯାଇଥିଲା ।

ଓଡ଼ିଶା ନୂଆ ବିଧାନ ସଭାର ମୋଟ ୭୦ଟି ସ୍ଥାନରୁ ଗୁଡ଼ିଏ ସ୍ଥାନ ସଂରକ୍ଷିତ ଆସନ ବୋଲି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିଲା । ଅନ୍ୟ କେତେକ ସ୍ଥାନ ପ୍ରଭାବଶାଳୀ ରାଜା ଜମିଦାରଙ୍କ ହାତ ମୁଠାରେ ଥିଲା । ଜମିଦାର ଓ ସରକାରୀ ନିର୍ବାଚନ ପ୍ରତିଦ୍ୱନ୍ଦୀଙ୍କ ସଙ୍ଗେ ପ୍ରତିଦ୍ୱନ୍ଦିତା କରିବାକୁ ଅନେକ ସ୍ଥାନରେ ପ୍ରାର୍ଥୀ ମିଳୁ ନଥିଲେ । ସେପରି କେତେକ ସ୍ଥାନରେ ନନା ନିଜେ ଯାଇ ଯୋଗ୍ୟ ଲୋକ ଦେଖି ସେମାନଙ୍କୁ ବୁଝାଇ ସୁଝାଇ ବହୁ କଷ୍ଟରେ କଂଗ୍ରେସପ୍ରାର୍ଥୀ କରି ଠିଆ କରାଇଥିଲେ ।

କଂଗ୍ରେସ ବିରୋଧୀ ଜମିଦାର ଦଳ ତାଙ୍କର ନିର୍ବାଚନ ଲଢ଼ିବା ପାଇଁ ଲକ୍ଷ ଲକ୍ଷ ଟଙ୍କାର ପାଣ୍ଠି ସଂଗ୍ରହ କରିସାରିଥିଲେ । ତାଙ୍କର କ୍ଷମତା ଥିଲା, ସରକାରୀ କଳ ମଧ୍ୟ ତାଙ୍କ ପାଇଁ କାମ କରୁଥିଲା ।

କଂଗ୍ରେସ ଦଳର କ୍ଷମତା କି ଅର୍ଥ କିଛି ନଥିଲା । ଅନେକ କଂଗ୍ରେସ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ଫିସ୍ ୨୫୦ଙ୍କା ଦେବାକୁ ମଧ୍ୟ ସମ୍ବଳ ନଥିଲା ।

Digitized by srujanika@gmail.com

ନିର୍ବାଚନର ନିତାନ୍ତ ପ୍ରୟୋଜନୀୟ ଖର୍ଚ୍ଚ ପାଇଁ ନନା ତାଙ୍କ କଂଗ୍ରେସ କେନ୍ଦ୍ର ଆସେମ୍ବ୍ଲି ଦଳର ନେତା ବମ୍ବେର ଭୁଲାଭାଇ ଦେଶାଇଙ୍କୁ ଅନୁରୋଧ କଲେ । ଅତି କମ୍‌ରେ ଗୋଟିଏ ପ୍ରଚାରପତ୍ର ଖବର କାଗଜ ପାଇଁ ଟ ୩୦୦୦ଙ୍କା ଓ ପ୍ରାର୍ଥୀଙ୍କର ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟ ୭୦୦୦ଙ୍କା ର ପ୍ରସ୍ତାବ ଦେଲେ ।

ଭୁଲାଭାଇ ତାଙ୍କ ପ୍ରସ୍ତାବ ଶୁଣି ସେଠାରେ ଥିବା ଅନ୍ୟ ବନ୍ଧୁମାନଙ୍କୁ ଦେଖାଇ କହିଲେ "ଶୁଣ ପଣ୍ଡିତଜୀ କହୁଛନ୍ତି ଗୋଟାଏ ପ୍ରଦେଶର ନିର୍ବାଚନ ଦଶ ହଜାର ଟଙ୍କାରେ କରିଦେବେ । ଏହାଙ୍କର ସାହସ ଓ ଆତ୍ମବିଶ୍ୱାସ ତ କାହାରି କମ ନୁହେଁ । ସମୁଦ୍ରକୁ ଶଙ୍ଖେ ପାଣି ଦେଇ ଏତିକି ଟଙ୍କାରେ କ'ଣ ନିର୍ବାଚନ ହେବ ?

ଭୁଲାଭାଇ ବମ୍ବେରୁ ସଂଗ୍ରହକରି ୧୯୩୬ ନଭେମ୍ବର ସାତ ତାରିଖରେ 'ଲୋକମତ' କାଗଜ ବାହାର କରି କଂଗ୍ରେସ ନିର୍ବାଚନ ପ୍ରଚାର ଚଳାଇବାପାଇଁ ତିନ ହଜାର ଟଙ୍କା ନନାଙ୍କ ହାତରେ ଦେଲେ । ନିର୍ବାଚନ ପ୍ରାର୍ଥୀଙ୍କ ଖର୍ଚ୍ଚ ପାଇଁ ୧୯୩୭ ଜାନୁୟାରୀ ନଅରେ ଆଉ ତିନହଜାର ଟଙ୍କା ପଠାଇଲେ । ଫଇଜପୁର ନିଖିଳ ଭାରତ କଂଗ୍ରେସ ସାଧାରଣ ବୈଠକ ବେଳେ ଓଡ଼ିଶା ନିର୍ବାଚନ ପ୍ରସ୍ତୁତି ଜୋର ସୋରରେ ଚାଲିଥିବା ଶୁଣିବା ପରେ ୧୯୩୭ ଜାନୁୟାରୀ ଶେଷରେ ପୁଣି ଦୁଇହଜାର ଟଙ୍କା ଦେଲେ । ନିଜ ଦାୟିତ୍ୱରେ ଯାହାକୁ ଯାହା ଦେବା ଉଚିତ ତାହା ଖର୍ଚ୍ଚ କରିବାର ଅନୁମତି ଦେଇ ନନା ସେହି ଆଠ ହଜାର ଟଙ୍କା ଗ୍ରହଣ କରିଥିଲେ ।

ସେ ତାଙ୍କର ନିର୍ବାଚନ ଗସ୍ତବେଳେ ଲୋକଙ୍କ ଦାନ ଓ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ଫିସ୍ ୭୦୦ ଟଙ୍କା ମିଶି ଆଉ ଅଢେଇ ହଜାର ଟଙ୍କା ସଂଗ୍ରହ କରିପାରିଥିଲେ ।

ସେତିକି ଟଙ୍କାକୁ ସେ କିପରି ସାବଧାନତା ସହିତ ନିର୍ବାଚନରେ ଖଟାଇ ଥିଲେ ତାହା କଂଗ୍ରେସ କମିଟିର ନିର୍ବାଚନ ହିସାବ ଖାତାରୁ ଜଣାପଡେ । ଯେଉଁ ପ୍ରାର୍ଥୀଙ୍କୁ ଅତି କମ୍‌ରେ ଯେତିକି ଦେଲେ ସେ ଜିତି ପାରିବେ, ତାଙ୍କୁ ସେ ପାଣ୍ଠିରୁ ସେତିକି ମାତ୍ର ଦିଆଯାଇଥିଲା ।

Digitized by srujanika@gmail.com

## ଉତ୍କଳ ପ୍ରାଦେଶିକ ନିର୍ବାଚନ କମିଟି ୧୯୩୬/୩୭
## (ଅଫିସ ସେକ୍ରେଟାରୀ ଶ୍ରୀ ଅନ୍ତର୍ଯ୍ୟାମି ପଣ୍ଡାଙ୍କ ଦର୍ବାରେ ହିସାବ

UTKAL PROVINCIAL PARLIAMENTARY COMMITTEE
ELECTION ACCOUNT STATEMENT
1936-37 ELECTION (ORISSA)
Prepared by:- Sri Antaryami Panda, [illegible]

| RECEIPT | | EXPENDITURE | |
|---|---|---|---|
| Advance a/c – from [illegible] } | 100-0-0 | Advance a/c ——— | ✓121-0-0 |
| Pledge from 9 candidates | 700-0-0 | Jawaharlalji's tour in Orissa a/c } | ✓88-3-9 |
| Jawaharlal Purse fund – | 734-14-0 | Telegrams a/c ——— | ✓158-8-0 |
| Jawaharlal for tour in Orissa | 28-0-0 | Travelling & Propaganda (Including [illegible]) ——— | ✓602-1-6 |
| Pandit N. Das a/c – New town B. [illegible] } | 8,000-0-0 | Stationery a/c ——— | ✓4-4-3 |
| Donation a/c ——— | 955-0-0 | Grant to Candidates Paper a/c | ✓9,178-11-3 |
| | | Road Share a/c ——— | ✓193-0-0 |
| | | Postage a/c — | ✓10-14-6 |
| | | Allowance of the Secy ——— | ✓90-0-0 |
| | | Deposit with Govt for Harijan Candidate [illegible] } | ✓50-0-0 |
| | 10,517-14-0 | | 10496-11-6 |
| | | Cash Balance * | 21-11-6 |
| | | | 10,517-14-0 |
| | | | 10496-11-3 |

| | |
|---|---|
| [illegible] | 3-2-0 |
| Cash with [illegible] | 18-9-6 |
| | 21-11-6 |

ଅ.ସ୍ତୁ-ଚ୍ଛବ ଜମା ଟ୧୦୦ (ସ୍ୱଚ୍ଛପତ୍ର ଆଡ଼ିବା ଟ ୮୦୦୦ ପ୍ରାର୍ଥୀଙ୍କ ଜମା ଟ ୭୦୦ ଚଉଦଅଣା।—ଅନ୍ୟାନ୍ୟ ସୂତ୍ର ଟ ୧୭୧୬—ମୋଟ ଜମା ଟ ୧୦୫୧୭ ଚଉଦଅଣା ବ୍ୟୟ—ମୋଟ ଖର୍ଚ୍ଚ ଟ ୧୦୫୧୮ ଛଅ ଅଣା ନଅ ପାହୁଲା ।

Digitized by srujanika@gmail.com

ନିର୍ବାଚନ ଖର୍ଚ୍ଚ ଓ ପ୍ରଚାର ପତ୍ର ପାଇଁ ଦିଆଯାଇଥିବା ୯୧୭୮ ଟଙ୍କା ଏଗାରଅଣା ତିନପାହୁଲାର ହିସାବ ।

Details of Grant to Candidates — ପ୍ରାର୍ଥୀମାନେ ନେବା

1) Birakishore Behera — 10-0-0
2) Mohan Das — 600-0-0
3) Secy, G.D.C.C — 595-11-3
4) Fakir Behera — 640-0-0
5) Puniya Nayak (Ganjam) — 10-0-0 / 515-0-0
6) Pramanik Patnaik — ~~630-0-0~~
7) Radhakrishna Biswas Roy — 500-0-0 + 250 / 365-0-0
8) Rajkrishna Bose — 320-0-0
9) Girijabhusan Dutta — 355-0-0 + 50 + 90
10) M. Hanif — 100-0-0
11) Jadumoni Mangaraj — 282-0-0
12) Nandakishore Das — 100-0-0
13) Pranshankar Roy — 100-0-0
14) Dibakar Patnaik — 100-0-0 + 116 + 650 + 200
15) Lokanath Misra — 80-0-0
16) Nabakrishna Choudhuri — 200-0-0

4,572-11-3

ବିଭିନ୍ନ ଜିଲ୍ଲା ନିର୍ବାଚନ ଦପ୍ତର ନାଁରେ ନେବା

4572-11-3
50-0-0 ✓ Girija Bhu
116-0-0 ✓ Dibakar
650-0-0 ✓ Dibakar
250-0-0 ✓ R.K. Biswas Roy
175-0-0 N. Gan – Sambalpur office
200-0-0 ✓ Dibakar
35-0-0 [illegible]
90-0-0 ✓ Girija Bhu
40-0-0 Sambalpur office

ପ୍ରଚାର ପତ୍ର ପତ୍ରିକା ନାଁରେ ନେବା — 6,178-11-3
3,000-0-0 – to be also grant to "Lokanath"
9,178-11-3

Digitized by srujanika@gmail.com

ତତ୍‌କାଳୀନ ଯୁବ କଂଗ୍ରେସ ନେତା ଭଗବତୀ ଶ୍ରୀ ପାଣିଗ୍ରାହୀ, ଶ୍ରୀ ମୋହନ ଦାସ ଓ ଶ୍ରୀ ଚନ୍ଦ୍ରମଣି ମିଶ୍ରଙ୍କ ସମ୍ପାଦନାରେ ନିର୍ବାଚନ ପ୍ରଚାର ପାଇଁ ଲୋକମତ ସାପ୍ତାହିକ ପତ୍ରିକା ପ୍ରକାଶ ପାଉଥିଲା। ଲୋକମତ ବାବଦ ତିନି ହଜାର, ପ୍ରାର୍ଥୀମାନଙ୍କୁ ଦେବା ଛଅହଜାର, ଏକ ଶହ ଅଣାଅଶୀ ଅଫିସ ଖର୍ଚ୍ଚ, ଗସ୍ତଖର୍ଚ୍ଚ ଚିଠି ଟେଲିଗ୍ରାମ ଖର୍ଚ୍ଚ ସବୁ ମିଶି ପ୍ରାୟ ତେରଶହ ଏପରି ମୋଟ୍ ଦଶହଜାର ପାଞ୍ଚଶହ ଖର୍ଚ୍ଚରେ, ସେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ୁଥିବା ଜମିଦାର ସରକାରୀ ଦଳର ମୁକାବିଲା କରିଥିଲେ। କଂଗ୍ରେସ ପକ୍ଷରୁ ଠିଆ ହୋଇଥିବା ଓ ଶେଷ ପର୍ଯ୍ୟନ୍ତ କଂଗ୍ରେସର ସମର୍ଥନ ପାଉଥିବା (ସମସ୍ତ ପ୍ରାର୍ଥୀ) ଛତିଶ ଜଣ ଯାକଙ୍କୁ ସେ ନିର୍ବାଚନରେ ଜୟଯୁକ୍ତ କରାଇପାରିଥିଲେ। କଂଗ୍ରେସ ସଭାପତି ଜବାହରଲାଲ ନେହେରୁ ଓଡ଼ିଶା ନିର୍ବାଚନ ଗସ୍ତବେଳେ ଓଡ଼ିଶା କଂଗ୍ରେସର ନିର୍ବାଚନ ପ୍ରସ୍ତୁତିରେ ମୁଗ୍‌ଧ ହୋଇ ଓଡ଼ିଶା ନିର୍ବାଚନ ପ୍ରସ୍ତୁତି ସରିବା ପରେ ପରେ ନନାଙ୍କୁ ତାଙ୍କ ପ୍ରଦେଶର ପ୍ରମୁଖ ସଭାମାନଙ୍କରେ ଭାଷଣ ଦେବାପାଇଁ ନିମନ୍ତ୍ରଣ କରି ନେଇଥିଲେ।

## କ୍ଷମତା ଷଡ଼ଯନ୍ତ୍ର—

ଓଡ଼ିଶା କଂଗ୍ରେସର ନିର୍ବାଚନ ବିଜୟ ସମସ୍ତଙ୍କୁ ଚକିତ କରି ଦେଇଥିଲା। ଓଡ଼ିଶା ବିଧାନ ସଭାରେ କଂଗ୍ରେସ ଦଳ ସଂଖ୍ୟା ଗରିଷ୍ଠ ହେଲା।

ଅନ୍ୟ କୌଣସି ପ୍ରଦେଶ ଏପରି ବିପୁଳ ବିଜୟ ହାସଲ କରି ନଥିବାରୁ କେନ୍ଦ୍ର କଂଗ୍ରେସ ନେତୃବୃନ୍ଦ 'ସାବାସ ଓଡ଼ିଶା' ବୋଲି ନନାଙ୍କ ପାଖକୁ ଅଭିନନ୍ଦନ ବାର୍ତ୍ତାମାନ ପଠାଇଥିଲେ।

ବହୁ ପ୍ରଦେଶରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ଲଢୁଆ କଂଗ୍ରେସ କ୍ଷମତା ଗ୍ରହଣ ଭିତରେ ପଶି ପ୍ରାଦେଶିକ ସରକାର ସବୁ ଗଢ଼ିବାର ସମ୍ଭାବନା ବଢ଼ିଲା। ସେଥିପାଇଁ କାରଣରୁ କଂଗ୍ରେସ ଭିତରେ ଥିବା ସ୍ୱାର୍ଥାନ୍ୱେଷୀ କ୍ଷମତା ପିପାସୀ ଲୋକେ ଚେଇଁ ଉଠିଲେ। ଅନ୍ୟର ଗୋଡ଼ ଭାଙ୍ଗି, କ୍ଷମତା ପାଇବାକୁ କେନ୍ଦ୍ର ନେତାଙ୍କୁ ଧରି ଉପରକୁ ଉଠିବାକୁ ଚେଷ୍ଟା କଲେ।

Digitized by srujanika@gmail.com

ଏହା ଫଳରେ ଓଡ଼ିଶା କଂଗ୍ରେସ ବିଧାୟକ ଦଳର ଗୋଟିଏ ସଭା ହେଲା । ବିଧାନସଭାକୁ ନିର୍ବାଚିତ ହୋଇ ନଥିବା କୌଣସି ବ୍ୟକ୍ତିଙ୍କୁ ମନ୍ତ୍ରୀ ମଣ୍ଡଳରେ ଯୋଗ ଦେଇ ପରେ ନିର୍ବାଚିତ ହୋଇ ଆସିବାକୁ ବାରଣ କରି ପ୍ରସ୍ତାବଟିଏ ମଧ୍ୟ ପାସ ହେଲା । ସେ ପ୍ରସ୍ତାବ କେନ୍ଦ୍ର ପାର୍ଲିମେଣ୍ଟାରୀ ବୋର୍ଡ ନିକଟକୁ ପଠାଇ ଦିଆଯାଇଥିଲା ।

ଉତ୍କଳ କଂଗ୍ରେସ କମିଟି ବିଧାୟକମାନଙ୍କୁ ନିର୍ଦ୍ଦେଶିତ କରିଥିବାରୁ ଉତ୍କଳ କଂଗ୍ରେସକୁ ନ ପଚାରି ବିଧାୟକମାନେ ଏପରି ଏକ ନୀତିଗତ ପ୍ରଶ୍ନ ପ୍ରସ୍ତାବରେ ପାଶ କରାଇବା ଉଚିତ ନୁହେଁ ଓ ବିଧାୟକମାନେ ମୂଳ ଅନୁଷ୍ଠାନ ପ୍ରାଦେଶିକ କଂଗ୍ରେସ ନିକଟରେ ଦାୟୀ ରହିବା ଉଚିତ ବୋଲି କେନ୍ଦ୍ର ନେତୃବୃନ୍ଦଙ୍କ ନିକଟକୁ ନନା ଚିଠି ଲେଖିଥିଲେ । ପ୍ରାଦେଶିକ କଂଗ୍ରେସ ଲୋକଙ୍କୁ ନିର୍ବାଚନ ପ୍ରତିଶ୍ରୁତି ଦେଇ ଲୋକଙ୍କ ନିକଟରେ ଦାୟୀ ଥିବା କଥା ମଧ୍ୟ ସୂଚାଇ ଦେଇ ଥିଲେ ।

କେନ୍ଦ୍ର ପାର୍ଲିମେଣ୍ଟାରୀ କମିଟି ନିଜ ହାତରେ ପ୍ରାଦେଶିକ କଂଗ୍ରେସ ସରକାରମାନଙ୍କର ଚୁଟି ରଖିବାକୁ ଚାହୁଁଥିବାରୁ ତାଙ୍କ ସଙ୍ଗେ ଏକମତ ହୋଇ ନଥିଲେ । ସେମାନେ ପ୍ରାଦେଶିକ କଂଗ୍ରେସ କମିଟି ହାତରେ କୌଣସି କ୍ଷମତା ଛାଡ଼ିଦେବାକୁ ଚାହୁଁ ନଥିଲେ ।

୧୯୫୭ ନିର୍ବାଚନରେ ନନାଙ୍କ ନେତୃତ୍ୱରେ ଓଡ଼ିଶା କଂଗ୍ରେସର ବିପୁଳ ବିଜୟ ହୋଇଥିବାରୁ ନନାଙ୍କୁ କେନ୍ଦ୍ର କଂଗ୍ରେସର କାର୍ଯ୍ୟକାରୀ କମିଟି ସଦସ୍ୟ କରି ନିଆ ହେବାର ପ୍ରସ୍ତାବ ଉଠିଥିଲା କିନ୍ତୁ ନନାଙ୍କ ସ୍ଥାନରେ ହରେକୃଷ୍ଣ ମହତାବଙ୍କୁ ନିଆ ଯାଇଥିଲା ।

କଂଗ୍ରେସ ଦଳ ଧରାବାଡ଼ିରେ ଚଳିବାବେଳେ କଂଗ୍ରେସର ବଡ଼ ଚକ୍ରୀମାନେ ପ୍ରଦେଶଗୁଡ଼ିକୁ ମୁଠା ହାତରେ ରଖିବାକୁ ନିଜ ଲୋକ ବା ଆଜ୍ଞାବହ ଲୋକ ଦେଖି ମୁଖ୍ୟମନ୍ତ୍ରୀ (ପ୍ରଧାନମନ୍ତ୍ରୀ) କରି ଚାହୁଁଥିଲେ ଅନ୍ୟ ଚାଣ୍ଟୁଆ ଲୋକ ପ୍ରାଦେଶିକ ପ୍ରଧାନମନ୍ତ୍ରୀ ହେବା ସେମାନେ ଚାହୁଁ ନଥିଲେ । ସେହି କାରଣରୁ ମଧ୍ୟ-ପ୍ରଦେଶରେ ଡାକ୍ତର ଏନ. ବି ଖାରେଙ୍କୁ ମାତ୍ର ଅଳ୍ପ କେତେଦିନ ମାତ୍ର ମୁଖ୍ୟମନ୍ତ୍ରୀ ରହି ସେ ଆସନରୁ ଓହରି ଯିବାକୁ ପଡ଼ିଥିଲା । ତାଙ୍କ ସ୍ଥାନରେ ରବିଶଙ୍କର ଶୁକ୍ଳଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା ।

Digitized by srujanika@gmail.com

ବମ୍ବେ ପ୍ରଦେଶରେ ନରିମାନ ସେତେବେଳେ କଂଗ୍ରେସର ଅପ୍ରତିଦ୍ୱନ୍ଦ୍ୱୀ ନେତା ଥିଲେ । ନିର୍ବାଚନରେ କଂଗ୍ରେସ ସଫଳତା ହାସଲ କଲାପରେ ସେ ଦଳର ମୁଖ୍ୟଭାବରେ ଦଳ ତରଫରୁ ସରକାର ଗଢ଼ିବା କଥା, କିନ୍ତୁ କୌଣସି ତୁଙ୍ଗ ନେତାଙ୍କର ବିଶେଷ ଦୃଷ୍ଟିରେ ଥିବାରୁ କେନ୍ଦ୍ର ପାର୍ଲିମେଣ୍ଟାରୀ କମିଟି ତାଙ୍କୁ ନବାଛି ସେ ତୁଙ୍ଗ ନେତାଙ୍କର ପ୍ରିୟ ନରମପନ୍ଥୀ ବି.ଜି. ଖେରଙ୍କୁ ମୁଖ୍ୟକରି ବାଛିଲେ । ସେପରି ଓଡ଼ିଶାରେ ନୂଆହୋଇ ମିଶିଥିବା ଗଞ୍ଜାମ ଜିଲ୍ଲାର ଶ୍ରୀ ବିଶ୍ୱନାଥ ଦାଶଙ୍କୁ ମୁଖ୍ୟକରି ବଛା ଯାଇଥିଲା ।

ଉତ୍ତର ପ୍ରଦେଶରେ ମୁସଲିମଲିଗ୍ ଗଢ଼ା ଯାଇଥିଲା । ମୁସଲିମଲିଗର କେତେକ ଟାଣୁଆ ନେତା ନିର୍ବାଚନରେ ଜିତିଥିଲେ । ମୁସଲିମ ଲିଗରେ ଜିନ୍ନାଙ୍କ ପ୍ରଭାବ ସେମାନେ ସହିପାରୁ ନଥିଲେ । ସେମାନେ କଂଗ୍ରେସ କାର୍ଯ୍ୟକ୍ରମକୁ ସ୍ୱୀକାର କରି ସେଠାର କଂଗ୍ରେସ ମନ୍ତ୍ରୀମଣ୍ଡଳରେ ଯୋଗଦେବାକୁ ରାଜି ହେଲେ । ସେମାନଙ୍କ ଭିତରୁ ଚଉଧୁରୀ ଖଲିକୁଜ୍ଜମାନ ଓ ଇସ୍ମାଇଲ ଖାଁଙ୍କୁ ନେଇ ପନ୍ଥ ମନ୍ତ୍ରୀମଣ୍ଡଳ ଗଢ଼ା ହେବାକୁ ସ୍ଥିର ହେଲା ।

କିନ୍ତୁ କଂଗ୍ରେସର ତୁଙ୍ଗ ନେତାଏ ସଂଖ୍ୟା ଦୃଷ୍ଟିରୁ ସେ ଦୁଇଜଣଙ୍କୁ ନ ନେଇ ସେମାନଙ୍କ ଭିତରୁ ଜଣଙ୍କୁ ମାତ୍ର ମନ୍ତ୍ରୀମଣ୍ଡଳରେ ଗ୍ରହଣ କରିବାକୁ ଜିଦ୍ ଧରିଲେ । ତେଣୁ ସେଠାରେ କଂଗ୍ରେସ ଓ ମୁସଲିମଲିଗ୍‌ର ମିଶ୍ରଣ ହୋଇପାରିଲା ନାହିଁ । ଫଳରେ ସେଠାରେ ଜିନ୍ନାଙ୍କ ଆସ୍ଥାନ ଟାଣ ହେଲା ।

୧୯୩୬-୩୭ ନିର୍ବାଚନ ପରେ କଂଗ୍ରେସ ଦଳ ପ୍ରାଦେଶିକ ଶାସନ ଆଦରିବାକୁ ଟାଳଟୁଳ କରିବାବେଳେ ବିରୋଧିଦଳ ପ୍ରଥମ (କମଚଳା) ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ । ସେଥିରେ ପାରଳା ମହାରାଜା ମାନଧାତା ଗୋବିନ୍ଦ ପଟ୍ଟନାୟକ ଓ ଜାଜପୁରବାସୀ ମୁସଲମାନ ନେତା ଲତିଫୁର ରହମାନ ସ୍ଥାନ ପାଇଥିଲେ ।

କଂଗ୍ରେସ, ବିଶ୍ୱନାଥ ଦାଶଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଢିବାବେଳେ ଆଉ ମୁସଲମାନ ବା ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ପ୍ରତିନିଧି ଗ୍ରହଣ କରିବା ନୀତିକୁ ଗ୍ରହଣ କଲେ ନାହିଁ ।

Digitized by srujanika@gmail.com

ସଂଖ୍ୟାଲଘୁ ସମ୍ପ୍ରଦାୟର ବିଦ୍ରୋହ ଓ ଶେଷରେ ଦେଶ ବିଭାଜନ ପାଇଁ ତୁଙ୍ଗନେତାମାନଙ୍କର ପ୍ରିୟାପ୍ରୀତି ତୋଷଣ ନୀତି ଓ ଖାମଖିଆଲି ବ୍ୟବହାର ଓ କ୍ଷମତାର ଅପବ୍ୟବହାର କିଛି କମ୍ ଦାୟୀ ହୋଇନଥିଲା ।

କ୍ଷମତା ପାଇଁ ତୁଙ୍ଗ ନେତାଙ୍କର ହାତଟେକା ଦଳର ସୃଷ୍ଟି ବହୁ ବଡ଼ ବଡ଼ ଦେଶପ୍ରେମୀ ସଚ୍ଚୋଟ ନେତାଙ୍କୁ ସେ ଅନୁଷ୍ଠାନରୁ ଦୂରେଇ ଦେଇଥିଲା । କଂଗ୍ରେସ ଭିତରେ ଥିବା ନିର୍ଭୀକ କର୍ମକର୍ତ୍ତା ଓ ତାଙ୍କର ଅନୁଗତ କର୍ମୀମାନଙ୍କୁ କ୍ଷମତା ଆଦରିଥିବା ନେତାଙ୍କ ଦ୍ୱାରା ନାନା ଅତ୍ୟାଚାରର ସମ୍ମୁଖୀନ ହଟହଟା ହେବାକୁ ପଡ଼ିଥିଲା । ପ୍ରାଦେଶିକ କଂଗ୍ରେସର କ୍ଷମତା ହ୍ରାସକରି ପ୍ରାଦେଶିକ କଂଗ୍ରେସ କମିଟି ସଭାପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କର ଏକ ଗୋଡ଼ାଣିଆ ବ୍ୟକ୍ତିରେ ପରିଣତ କରିବା ହିଁ ଏବେ କୁଫଳ ଫଳୁଛି ।

## କଂଗ୍ରେସ କ୍ଷମତା ରାଜନୀତିର ଦୁଇଟି ମୌଳିକ ପ୍ରଶ୍ନ—

୧ । ପ୍ରାଦେଶିକ କମିଟି ସହିତ ପ୍ରାଦେଶିକ ବିଧାନସଭା କଂଗ୍ରେସ ଦଳର ସମ୍ପର୍କ ? ନିର୍ବାଚନ ପରେ ନିର୍ବାଚିତ କଂଗ୍ରେସ ଶାସକ ଦଳ ସେମାନଙ୍କୁ ନିର୍ବାଚିତ କରାଇଥିବା ପ୍ରାଦେଶିକ କଂଗ୍ରେସ କମିଟି ନିକଟରେ ସେମାନଙ୍କ କାର୍ଯ୍ୟ ପାଇଁ ଦାୟୀ ରହିବାକୁ ୧୯୩୬ ନିର୍ବାଚନ ପରେ ଉତ୍କଳ କଂଗ୍ରେସ କମିଟି ସଭାପତି ଭାବରେ ନନା ନିଖିଳ ଭାରତ କଂଗ୍ରେସ କମିଟି ନିକଟରେ ଦୃଢ଼ ଦାବୀ ଉପସ୍ଥାପିତ କରିଥିଲେ । କିନ୍ତୁ ତୁଙ୍ଗନେତାମାନେ ସେ ପ୍ରଶ୍ନ ଆଡ଼େଇ ଦେଇ ସେମାନଙ୍କ ମନୋନୀତ କେନ୍ଦ୍ର ପାର୍ଲିମେଣ୍ଟାରୀ କମିଟି ହାତରେ କଂଗ୍ରେସ ମନ୍ତ୍ରୀମଣ୍ଡଳର ସମସ୍ତ ଦାୟିତ୍ୱ ଦେଲେ । ତା ଫଳରେ ନିର୍ବାଚିତ କଂଗ୍ରେସ ସରକାରମାନେ ପ୍ରାଦେଶିକ କଂଗ୍ରେସ କମିଟି ସେମାନଙ୍କୁ ନିର୍ବାଚିତ କରିଥିଲେ ମଧ୍ୟ ସେମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କଲେ ଓ ଭୋଟରମାନଙ୍କ ଠାରୁ ଓ ଭୋଟରଙ୍କ ସଙ୍ଗେ ସମ୍ପର୍କ ଥିବା ଆଞ୍ଚଳିକ କମିଟିଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଇ କେନ୍ଦ୍ର କଂଗ୍ରେସ ପାର୍ଲିମେଣ୍ଟାରୀ କମିଟିର ହାତ ବାରେଣୀ ହୋଇ କାର୍ଯ୍ୟ କଲେ । ସେଥିଯୋଗୁ ଲୋକ ସମ୍ପର୍କ ଓ ଆଞ୍ଚଳିକ ଉନ୍ନତି ଓ ପ୍ରାଦେଶିକ ଲୋକ ସ୍ୱାର୍ଥ ପଛରେ ପଡ଼ିଗଲା । ଦୁର୍ନୀତି ବ୍ୟାପିଲା ।

Digitized by srujanika@gmail.com

## ୬) ସ୍ୱାଧୀନ ଭାରତରେ ଶାସନକଳ ସହିତ ପୁରୁଣା ଲଢୁଆ କଂଗ୍ରେସର ସମ୍ପର୍କ ?

ସ୍ୱାଧୀନତା ପୂର୍ବର ସ୍ୱାର୍ଥତ୍ୟାଗୀ ଲଢୁଆ କଂଗ୍ରେସର ନାମ ସ୍ୱାଧୀନ ଭାରତ ନିର୍ବାଚନରେ କ୍ଷମତାଲାଭ ପାଇଁ ବ୍ୟବହାରକରି କଂଗ୍ରେସ ସଂଗଠନର ମର୍ଯ୍ୟାଦା କ୍ଷୁଣ୍ଣ ନକରିବାକୁ ଏବଂ କଂଗ୍ରେସକୁ ଭାଙ୍ଗି କଂଗ୍ରେସରୁ ଅଲଗାହୋଇ ନୂଆ ଦଳ ଗଢ଼ି ନିର୍ବାଚନ ଲଢ଼ିବା ପାଇଁ ଜାତିର ଜନକ ମହାତ୍ମା ଗାନ୍ଧି ପରାମର୍ଶ ଦେଇଥିଲେ । କିନ୍ତୁ କ୍ଷମତାପ୍ରେମୀ ତୁଙ୍ଗନେତାମାନେ ତାହା ମଧ୍ୟ ପ୍ରତ୍ୟାଖ୍ୟାନ କରିଥିଲେ ।

ସେ ଦୁଇଟିଯାକ ପ୍ରଶ୍ନର ଠିକ୍ ଭାବରେ ସମାଧାନ ହୋଇଥିଲେ ଆଜି ହୁଏତ କଂଗ୍ରେସ ଓ ଦେଶର ଏପରି ଦୁରବସ୍ଥା ହୋଇ ନଥାନ୍ତା ।

ଆଞ୍ଚଳିକ କଂଗ୍ରେସ କମିଟି ଦୃଢ଼ହୋଇ ଲୋକଙ୍କ ସ୍ୱାର୍ଥ ବଜାୟ ରଖିପାରିଥିଲେ ଅଞ୍ଚଳର ସ୍ୱାର୍ଥ ଉପରେ ବାଧା ପଡ଼ି ନଥାନ୍ତା । କେନ୍ଦ୍ରରୁ ସୁପାରିଶ ପାଇ ଯେ କେତେ ସୁବିଧାବାଦୀ ଲୋକ, ମଧ୍ୟ ଉପରୁ ଆସି ଶାସନ ଆସନରେ ବସି ଆଞ୍ଚଳିକ ସ୍ୱାର୍ଥ ସହିତ ଜଡ଼ିତ ନହୋଇ ଲୋକଙ୍କ ଆସ୍ଥା ହରାଇ ନଥାନ୍ତେ ଓ ଆଞ୍ଚଳିକ ଦଳ ସବୁ ମୁଣ୍ଡ ଟେକି ପାରି ନଥାନ୍ତେ । ଆଜି ସେହି କାରଣରୁ କଂଗ୍ରେସର ମୂଳପିଣ୍ଡ ରାଜଗୋପାଳ ଚାରୀଙ୍କ ବୃହତ୍ ମାଦ୍ରାଜ ପ୍ରେସିଡେନ୍ସିର ତାମିଲନାଡୁ ଆନ୍ଧ୍ର, କର୍ଣ୍ଣାଟକ ପ୍ରଭୃତି କଂଗ୍ରେସ ହାତ ମୁଠାରୁ ଆଞ୍ଚଳିକ ଦଳଙ୍କ ହାତକୁ ଖସି ଯାଉଛି । ସବୁ ପ୍ରଦେଶରେ ନେତାମାନେ ଦିଲ୍ଲୀର ଅନୁଗ୍ରହକୁ ଖୋଜି ରହିବା ହେତୁ କେନ୍ଦ୍ର ସନ୍ତୁଷ୍ଟ ଓ ରାଜ୍ୟ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ଭିତରେ ବିବାଦ ଲାଗି କଂଗ୍ରେସ ଶାସନ ଠାଆକୁ ଠାଆ ଭୁଷୁଡ଼ି ପଡ଼ୁଛି ।

କଂଗ୍ରେସ ନାମକୁ ବ୍ୟବହାର ନକରି ବିଲାତ ଓ ଆମେରିକା ପରି ଦୁଇଟି ବଡ଼ ଗଣତାନ୍ତ୍ରିକ ଦଳ ନିର୍ବାଚନ ଲଢ଼ିଥିଲେ । ବହୁଦଳ ସୃଷ୍ଟି ଓ ସଦସ୍ୟ କିଣାବିକା ପ୍ରଶ୍ନ ଉଠି ନଥାନ୍ତା କିମ୍ବା ଆଞ୍ଚଳିକ

Digitized by srujanika@gmail.com

ସ୍ୱାର୍ଥକୁ ଦୃଷ୍ଟି ଦେଇଥିଲେ, ଦେଶର ପୂର୍ବ ଓ ପଶ୍ଚିମରେ ଏପରି ନିଆଁ ଜଳି ଉଠି ନ ଥାନ୍ତା ।

ତେଣୁ ଦେଶର ଏ ଘଡ଼ିସନ୍ଧି ବେଳେ ସେହି ଦୁଇ ମହାନ୍ ନେତାଙ୍କର ଦୁଇଟି ଯାକ ମୌଳିକ ପ୍ରଶ୍ନ ଯେକୌଣସି ଚିନ୍ତାଶୀଳ ଲୋକର ମନରେ ଉଠିବା ସ୍ୱାଭାବିକ ।

## ଯୁଦ୍ଧ ରାଜନୀତି—

ଦ୍ୱିତୀୟ ମହାସମର ବେଳେ କଂଗ୍ରେସ ଇଂରେଜ ସରକାରଙ୍କ ସଙ୍ଗେ ଲୁଚାଲୁଚି ସଂଗ୍ରାମ ଚଳାଇଲେ । ବ୍ୟକ୍ତିଗତ ସତ୍ୟାଗ୍ରହ ଚାଲିଲା, କଂଗ୍ରେସ ପ୍ରାଦେଶିକ ସରକାରରୁ ଓହରି ଆସିଲେ କିନ୍ତୁ ମୁସଲମାନଙ୍କର ତାଙ୍କ ପ୍ରାଦେଶିକ ସରକାର ସବୁ ନଗ୍ରୁଡ଼ି ଦୃଢ଼ ହୋଇ ରହିଲା । ଶେଷରେ କଂଗ୍ରେସ ୧୯୪୨ ଅଗଷ୍ଟ ଆଠ ତାରିଖରେ 'ଭାରତ ଛାଡ଼' ପ୍ରସ୍ତାବ ପାଶ କରାଇଲେ । ଦେଶରେ ହିଂସାତ୍ମକ ବିପ୍ଳବ ନିଆଁ ଜଳି ଉଠିଲା । ମୁସଲମାନମାନେ ସେଥିରେ ଯୋଗଦେଲେ ନାହିଁ ।

୧୯୪୪ ବେଳକୁ ଆନ୍ଦୋଳନ ଥଣ୍ଡା ହୋଇ ଆସିଲା । ଗାନ୍ଧି କାରାଗାରରୁ ମୁକ୍ତ ହେଲେ । ମୁସଲମାନମାନେ ନିଜର ଆସ୍ଥାନ ଦୃଢ଼ କରାଇ କଂଗ୍ରେସକୁ ହିନ୍ଦୁଙ୍କର ଅନୁଷ୍ଠାନ ବୋଲି ପ୍ରଚାର ଚଳାଇଲେ । ତଥାପି କଂଗ୍ରେସର ତୁଙ୍ଗ ନେତାମାନେ କଂଗ୍ରେସ ବାହାରେ ଥିବା ଜାତୀୟତାବାଦୀ ମୁସଲମାନମାନଙ୍କୁ ଖାପଛଡ଼ା କରି ଲୀଗକୁ ମୁସଲମାନମାନଙ୍କର ମୁଖ୍ୟ ଅନୁଷ୍ଠାନ ଓ ଜିନ୍ନାଙ୍କୁ ମୁସଲମାନମାନଙ୍କର ପ୍ରଧାନ ନେତା ବୋଲି ସ୍ୱୀକାର କଲେ । ଏପରିକି ଜେଲରୁ ଫେରି ଗାନ୍ଧି, ଜିନ୍ନାଙ୍କୁ 'କ୍ୱାଇଦ ଇ ଆଜାମ' ବା ମୁସଲମାନମାନଙ୍କ ଶ୍ରେଷ୍ଠ ନେତା ବୋଲି ସମ୍ବୋଧନ କରି ପତ୍ରାଳାପ ଚଳାଇଲେ ।

ମୋତିଲାଲଙ୍କ ପରେ ଭୁଲାଭାଇ ଦେଶାଇ କେନ୍ଦ୍ର ଆସେମ୍ବ୍ଲିରେ କଂଗ୍ରେସ ଦଳର ନେତା ଥିଲେ । ସେ ଜେଲ ନଯାଇ ଆସେମ୍ବ୍ଲି କାର୍ଯ୍ୟ ଚଳାଉଥିଲେ । ଯୁଦ୍ଧ ନୀତି ଅହିଂସା ନୀତିର ବିରୋଧୀ ହୋଇଥିବାରୁ ଯୁଦ୍ଧ କାର୍ଯ୍ୟରେ ଗାନ୍ଧି କୌଣସି ପ୍ରକାର ସାହାଯ୍ୟ କରିବେ ନାହିଁ ବୋଲି ଆଗରୁ ମତ ଦେଇଥିଲେ ମଧ୍ୟ ଜେଲରୁ ଫେରିବା ପରେ

Digitized by srujanika@gmail.com

ଇଂରେଜ ସରକାରଙ୍କଠାରୁ ଭାରତ ସ୍ୱାଧୀନତାର ପ୍ରତିଶ୍ରୁତି ପାଇଲେ ଯୁଦ୍ଧ କାର୍ଯ୍ୟରେ ସାହାଯ୍ୟ କରିବେ ବୋଲି ମତଦେଲେ ।

ତେଣୁ ୧୯୪୨ ମସିହାରେ ସରକାରୀ ଦମନ ନୀତିର ବିରୋଧ କରିବାକୁ ଓ ଅଚଳ ଅବସ୍ଥା ସୁଧାରିବାକୁ କେନ୍ଦ୍ର ଆସେମ୍ବ୍ଲି ଦଳପତି ଭୁଲାଭାଇ ଦେଶାଇ ଓ ମୁସଲିମଲିଗ୍ ଦଳପତି ଲିଆକତ ଅଲ୍ଲିଙ୍କ ଭିତରେ ବୁଝାମଣା ହୋଇ ବଡ଼ଲାଟ କାଉନସିଲ ଶାସନ ପରିଷଦରେ ଦୁଇଦଳ ଯୋଗ ଦେବାପାଇଁ କେତେକ ବଡ଼ ବ୍ୟକ୍ତି ଚେଷ୍ଟାଚଳାଇଲେ ।

ସେତେବେଳେ ଅଧିକାଂଶ କଂଗ୍ରେସ ନେତା ଜେଲରେ ଥିବାରୁ ଭୁଲାଭାଇ, ଗାନ୍ଧିଙ୍କର ମତ ନେଇଲେ । ସେ ପ୍ରସ୍ତାବରେ ଆଗେଇ ଯିବା ପାଇଁ ଗାନ୍ଧି ତାଙ୍କୁ ଲିଖିତ ପରାମର୍ଶ ଦେଲେ । କଂଗ୍ରେସ ଓ ଲିଗ୍ କେନ୍ଦ୍ର ଆସେମ୍ବ୍ଲି ପ୍ରତିନିଧି ବଡ଼ଲାଟ ଶାସନ ପରିଷଦ ଯୋଗଦେବାକୁ ସ୍ଥିର ହେଲା, ଅବଶ୍ୟ କେତେକ ଅନିବାର୍ଯ୍ୟ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା ।

ତୁଙ୍ଗ ନେତାମାନେ ଜେଲରୁ ଫେରିଲା ପରେ ଭୁଲାଭାଇ ନିଜ ଇଚ୍ଛାରେ ପଛବାଟେ ବଡ଼ଲାଟ ଶାସନ ପରିଷଦରେ ପଶିବାର ଚେଷ୍ଟା କରୁଥିଲେ ବୋଲି ଅପପ୍ରଚାର ହେଲା । ଗାନ୍ଧିଙ୍କ ଅନୁମତି କଥା ଭୁଲି ଯାଇ ସମସ୍ତେ ଭୁଲାଭାଇଙ୍କୁ ଦୋଷ ଦେଲେ । ଫଳରେ ୧୯୪୫-୪୬ ନିର୍ବାଚନରେ ତାଙ୍କପରି ବଡ଼ ବ୍ୟବସ୍ଥାପକଙ୍କୁ ନିର୍ବାଚନ ଟିକେଟ ମିଳିଲା ନାହିଁ । ସେ ମର୍ମାହତ ହୋଇ ଦେହତ୍ୟାଗ କଲେ ।

ଅବଶ୍ୟ କ୍ୟାବିନେଟ ମିଶନ ଆସିବା ପରେ କଂଗ୍ରେସ ଓ ମୁସଲିମଲିଗ ଟଣାଓଟରା ଭିତରେ କନଷ୍ଟିଚ୍ୟୁଏଣ୍ଟ ଆସେମ୍ବ୍ଲିରେ ଯୋଗଦେଲେ, କିନ୍ତୁ ସେତେବେଳକୁ ଲେଉଡ଼ ଗୁଡ଼ କହୁଣୀକୁ ବୋହି ଯାଇଥିଲା । କଂଗ୍ରେସ ଓ ଲିଗ ସଦସ୍ୟମାନଙ୍କ ଭିତରେ ମିଳାମିଶାର ବାଟ ନଥିଲା । ମୁସଲିମ ଲିଗ କଂଗ୍ରେସକୁ ସବୁ କଥାରେ ସନ୍ଦେହ ଦୃଷ୍ଟିରେ ଦେଖି ପ୍ରତି କଥାରେ ବିରୋଧ କରିବାକୁ ଲାଗିଲେ ଓ ପାକିସ୍ଥାନ ପ୍ରାପ୍ତି ପାଇଁ ଜିଦ୍ ଧରି ବସିଲେ । ଶେଷରେ ତାଙ୍କର କଥାହିଁ ରହିଲା ଭାରତ ଦୁଇଖଣ୍ଡ ହୋଇ ଭାରତ ଓ ପାକିସ୍ଥାନ ଦୁଇ ଦେଶରେ ପରିଣତ ହେଲା । ଦେଶରେ ରକ୍ତ ନଦୀ ବୋହିଲା । କଂଗ୍ରେସି ସିମାନ୍ତ ପ୍ରଦେଶ ମଧ୍ୟ ପାକିସ୍ଥାନକୁ ଗଲା ।

Digitized by srujanika@gmail.com

# ବୈପ୍ଳବିକ ରାଜନୀତି

(ଦଶ)

**ଆଜନ୍ମ ବିପ୍ଳବୀ—**

ସମାଜ, ରାଜନୀତି, ଶିକ୍ଷା ସବୁ କ୍ଷେତ୍ରରେ ଗତାନୁଗତିକତାକୁ ଭାଙ୍ଗି ଦେଶ ଓ ଜାତିର ମଙ୍ଗଳ ପାଇଁ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ନନା ସବୁବେଳେ ଚେଷ୍ଟିତ ଥିଲେ ।

ସେ ଥିଲେ ଆଜନ୍ମ ବିପ୍ଳବୀ । ସ୍କୁଲରେ ପଢ଼ିଲାବେଳେ ଉତ୍କଳ ଗୌରବ ମଧୁସୂଦନଙ୍କ ସ୍ୱଦେଶୀ ଶପଥରେ ଦସ୍ତଖତ କରିବାରେ ସେ ପ୍ରଥମ ବ୍ୟକ୍ତି ଥିଲେ । ବିଦେଶୀ ପଦାର୍ଥ ବର୍ଜନ ଓ ସ୍ୱଦେଶୀ ଜିନିଷ ବ୍ୟବହାର ପାଇଁ ଶପଥ ନେଲାବେଳେ ସରକାରୀ ବୃତ୍ତିପାଇ ପଢ଼ୁଥିବା ଗରିବ ସ୍କୁଲ ଛାତ୍ରଟିଏ ହୋଇ ମଧ୍ୟ ମହାପ୍ରତାପୀ ଇଂରେଜ ସରକାରଙ୍କୁ ଡରି ନଥିଲେ ।

୧୯୦୫ ବଙ୍ଗଭଙ୍ଗ ବେଳେ ଓଡ଼ିଶାରେ ସମ୍ବଲପୁର ମିଶିଲା, ଓଡ଼ିଶାରେ ଆନନ୍ଦ ଉତ୍ସବ ଲାଗିଲା । ଉତ୍କଳ ସମ୍ମିଳନୀର ଓଡ଼ିଆ ଆନ୍ଦୋଳନରେ ସେ ବହୁ ଆଗରୁ ଅନୁପ୍ରାଣିତ ହୋଇ ଯୋଗ ଦେଇଥିଲେ । କିନ୍ତୁ ବଙ୍ଗଭଙ୍ଗର ଭବିଷ୍ୟ ପରିଣାମ ତାଙ୍କ ଦୂରଦୃଷ୍ଟି ଯୋଗୁ ସେ ହୃଦୟଙ୍ଗମ କରିପାରିଲେ, ହିନ୍ଦୁ ଓ ମୁସଲମାନ ରାଜ୍ୟ ଅଲଗା ଅଲଗା କରି ଜାତିଭେଦ ସୃଷ୍ଟି କରିବା ପାଇଁ ବଡ଼ଲାଟ କର୍ଜନ ବଙ୍ଗଳାକୁ ଭାଗ ଭାଗ କରିଥିଲେ, ତେଣୁ ଓଡ଼ିଆଙ୍କ ଉତ୍ସବରେ ନ ମାତି ସେ ବଙ୍ଗାଳିମାନଙ୍କ ସଙ୍ଗେ ମିଶି ବଙ୍ଗଭଙ୍ଗର ତୀବ୍ର ପ୍ରତିବାଦ କରିଥିଲେ ।

ସ୍ୱଦେଶୀ ବା ବନ୍ଦେମାତରଂ ଆନ୍ଦୋଳନବେଳେ ସେ କଟକରେ ବିପ୍ଳବୀ ଯୁବ ସଂଘ ଗଢ଼ିଥିଲେ । ଫାଶି ପାଇବା ପୂର୍ବରୁ

Digitized by srujanika@gmail.com

କଟକରେ ଆସି ଲୁଚିଥିବା ବିପ୍ଳବୀ ଶ୍ରୀଦେବବ୍ରତ ବୋଷଙ୍କୁ ସମ୍ବର୍ଦ୍ଧନା କରାଇଥିଲେ । ଶଶିବାବୁ ପ୍ରଭୃତି ବନ୍ଧୁ ବିପ୍ଳବୀଙ୍କ ସହିତ ତାଙ୍କର ଘନିଷ୍ଠତା ଥିଲା । ସେ ତାଙ୍କର ବିପ୍ଳବୀ ସନ୍ତ୍ରାସବାଦୀ ଦଳ ଅନୁଶୀଳନ ସମିତି ସମ୍ପର୍କ ସ୍ଥାପନ କରିଥିଲେ । ଦେଶରୁ କେବେକେବେ କୌଣସିମତେ ବିଦେଶୀ ଶାସନକୁ ହଟାଇବାର ସେ ମୂଳରୁ ପକ୍ଷପାତି ଥିଲେ ।

ସେ ମାତ୍ର, ଖୋସାମଦିଆ ମାନଙ୍କୁ ପସନ୍ଦ କରୁନଥିଲେ । କୌଣସି ଅନୁଷ୍ଠାନର ମନ୍ଥର ଗତି ବା ନିଷ୍କ୍ରିୟତା ସେ ସହ୍ୟ କରି ନ ପାରି ସେଠାରେ ଦୁରୂହ ହେଲେ ମଧ୍ୟ ପରିସ୍ଥିତିର ଜଟିଳତା ଭାଙ୍ଗିବାକୁ ସେ ଅଗ୍ରସର ହୋଇ ବାହାରି ପଡ଼ୁଥିଲେ ।

ଓଡ଼ିଶାରେ କଂଗ୍ରେସ ଅନୁଷ୍ଠାନର ଜଣେ ପ୍ରତିଷ୍ଠାତା ପୁରୋଧା ହୋଇଲେ ମଧ୍ୟ ଯେତେବେଳେ ସେ କଂଗ୍ରେସ ଅନୁଷ୍ଠାନର ନିଷ୍କ୍ରିୟତା ଓ ଇଂରେଜ ସରକାରଙ୍କ ପ୍ରତି କୋମଳ ମନୋଭାବ ଦେଖିଛନ୍ତି ସେତେବେଳେ ବିଦ୍ରୋହୀ ହୋଇ ଉଠିଛନ୍ତି ।

କାରାଗାରରୁ ଫେରି ୧୯୨୩ରେ ସେ କଂଗ୍ରେସର ଉଗ୍ରପନ୍ଥୀ ଚିତ୍ତରଞ୍ଜନ ପ୍ରଭୃତିଙ୍କ ସଙ୍ଗେ ମିଶି କଂଗ୍ରେସର ସ୍ୱରାଜ୍ୟ ଦଳରେ ଯୋଗ ଦେଇ ଓଡ଼ିଶାରୁ ନିର୍ବାଚିତ ହୋଇଲେ କେନ୍ଦ୍ର ଆସେମ୍ବ୍ଲି ବା ବଡ଼ଲାଟ ସଭାର ସଦସ୍ୟ ହୋଇ ଜଣେ ଦକ୍ଷ ବ୍ୟବସ୍ଥାପକ ଭାବରେ ସରକାରଙ୍କର ପ୍ରତ୍ୟକ୍ଷ ବିରୋଧ କରିଥିଲେ । ପୁଣି ଦରକାର ବେଳେ ସେଥିରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ଯୋଗଦେଇ ଥରକୁ ଥର କାରାବରଣ କରିଥିଲେ ।

୧୯୩୭ରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଢ଼ାଗଲା । ୧୯୩୯ ଦ୍ୱିତୀୟ ମହାସମରର ଠିକ ପୂର୍ବରୁ ୧୯୩୮-୩୯ରେ ବିଶ୍ୱରାଜନୀତି କାହିଁକି । ଭାରତର ଓ ଓଡ଼ିଶାର ରାଜନୀତିରେ ମଧ୍ୟ ବହୁ ହଟ୍ଟରମଠ ଓ ଅସ୍ଥିରତା ଦେଖାଗଲା ।

୧୯୩୮ରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ଜାତୀୟ କଂଗ୍ରେସର ସଭାପତି ହୋଇଥିଲେ । ବିଶ୍ୱଯୁଦ୍ଧ ଲାଗିବାର ସମ୍ଭାବନା ଦେଖି ସେଥିରୁ ଲାଭ ଉଠାଇ ଭାରତର ପୂର୍ଣ୍ଣ ସ୍ୱାଧୀନତା ପାଇଁ ଇଂରେଜଙ୍କର ସମ୍ପୂର୍ଣ୍ଣ ବିରୋଧ କରି ସବୁ ପ୍ରଦେଶରେ ସମାନ୍ତରାଳ ସ୍ୱାଧୀନ ସରକାର

Digitized by srujanika@gmail.com

ଗଠନର ସ୍ୱପ୍ନ ଦେଖିଥିଲେ । କିନ୍ତୁ କ୍ଷମତାରେ ପଶିଥିବା କଂଗ୍ରେସର ନେତୃବୃନ୍ଦ କୌଣସି ବୈପ୍ଳବିକ ପଦକ୍ଷେପ ନେବାକୁ ହଠାତ୍ ସାହସ କରି ନଥିଲେ । ସତ୍ୟ ଓ ଅହିଂସାର ପ୍ରଚାରକ ମହାତ୍ମା ଗାନ୍ଧି ଇଂରେଜମାନେ ଶତ୍ରୁ ହେଲେବି ସେମାନେ ଯୁଦ୍ଧ ବିପଦରେ ପଡିଥିଲାବେଳେ ଅହିଂସ ନୀତି ଅନୁସାରେ, ସେମାନଙ୍କର ବିରୋଧ କରି ସେମାନଙ୍କୁ ବିପଦରେ ପକାଇବା ଉଚିତ ନୁହେଁ କହି ସୁଭାଷଙ୍କ ଉଗ୍ର ମତର ବିରୋଧ କଲେ ।

କଂଗ୍ରେସ ସଭାପତି ପାଇଁ ଦ୍ୱିତୀୟଥର ପ୍ରତିଦ୍ୱନ୍ଦିତା କରି ସୁଭାଷ ଜିତିଲେ କିନ୍ତୁ ବିରୋଧ ଶିବିରର ହୋଇ ତାଙ୍କର ଆସନ ଟଳମଳ ହେଲା ଶେଷକୁ ସେ ରାଷ୍ଟ୍ରପତି ପଦରୁ ଓହରିଯିବାକୁ ବାଧ୍ୟ ହୋଇଥିଲେ ।

ସୁଭାଷ ହିନ୍ଦୁ ମୁସଲମାନ ସମସ୍ତଙ୍କୁ ଏକାଠିକରି ସଂଗ୍ରାମ ଚଳାଇବା ପାଇଁ ଅଗ୍ରଗାମୀ ଦଳ ବା ଫରୱାର୍ଡ ବ୍ଲକ ଗଢ଼ିଲେ ।

## ସୁଭାଷ ଓ ନନା-

ସୁଭାଷଙ୍କର ବୈପ୍ଳବିକ ପନ୍ଥାକୁ କେନ୍ଦ୍ର ନେତୃତ୍ୱକୁ ତଥା ସବୁ ପ୍ରଦେଶିକ କମିଟି ବିରୋଧ କଲେ ମଧ୍ୟ ନନା ସୁଭାଷଙ୍କ ପନ୍ଥାକୁ ସ୍ୱାଗତ କରି ତାଙ୍କ ସପକ୍ଷରେ ମତ ଦେଇଥିଲେ । ସୁଭାଷ କଂଗ୍ରେସର ସଭାପତି ପଦରୁ ଓହରି ଗଲେ ମଧ୍ୟ ନନା ଉତ୍କଳ କଂଗ୍ରେସର ସଭାପତି ଥାଇ ତାଙ୍କ ମତ ଜାଣିବାକୁ ତାଙ୍କୁ ଜଣେ ପୂର୍ବତନ ସଭାପତି (ରାଷ୍ଟ୍ରପତି)ର ସମ୍ମାନ ଦେଇ ଓଡିଶାକୁ ଡକାଇ ଆଣି ବିରାଟ ଅଭ୍ୟର୍ଥନାର ଯୋଗାଡ଼ କଲେ ସୁଭାଷଙ୍କୁ ହାତୀରେ ବସାଇ ବିରାଟ ଶୋଭାଯାତ୍ରାରେ କଟକ ବୁଲାଇଲେ ବ୍ରହ୍ମପୁର, ପୁରୀ, ବାଲେଶ୍ୱର ପ୍ରଭୃତି ସହର ଓ ବହୁ ପୁରପଲ୍ଲୀ ବୁଲାଇ ସବୁଠାରୁ ବିରାଟ ସଭାର ଆୟୋଜନ କରାଇ ତାଙ୍କର ବୈପ୍ଳବିକ ବାର୍ତ୍ତା ଲୋକଙ୍କୁ ଶୁଣାଇଲେ ।

ମୁଁ ସେତେବେଳେ ଛାତ୍ର ଆନ୍ଦୋଳନ ପରେ ଜେଲରୁ ଫେରି ମଫସଲରେ ରାଜନୈତିକ କାର୍ଯ୍ୟରେ ଲାଗିଥିଲି । ମୁଁ ଜଣେ ସ୍ୱେଚ୍ଛାସେବକ ଭାବରେ ସୁଭାଷବାବୁଙ୍କ ଅଭ୍ୟର୍ଥନାରେ ଯୋଗଦେଇ ତାଙ୍କ ସଙ୍ଗେ କଟକବାଟ ବୁଲିବାର ସୁଯୋଗ ପାଇଥିଲି । ତାଙ୍କର କେତେକ ସଭାସମିତିରେ ଯୋଗଦେଇଛି ।

Digitized by srujanika@gmail.com

ସୁଭାଷ ନକଟ ଚନ୍ଦନପୁର ବଜାରରେ ତାଙ୍କପାଇଁ ଗୋଟିଏ ଅଭ୍ୟର୍ଥନା ସଭା ହୋଇଥିଲା । ସେଥିରେ ସୁଭାଷ ଓଡ଼ିଆ ଭାଷାରେ ଏକ ବୈପ୍ଳବିକ ଭାଷଣ ଦେଇ କଂଗ୍ରେସର ଡାଙ୍ଗନେତାମାନଙ୍କୁ ସମାଲୋଚନା କରିଥିଲେ । ସେ ସଭାରେ ଜଣେ କଂଗ୍ରେସ କର୍ମୀ ତାଙ୍କୁ ପ୍ରଶ୍ନ କରିଥିଲେ ଆପଣ ତ ଏପର୍ଯ୍ୟନ୍ତ କଂଗ୍ରେସର ଡାଙ୍ଗନେତା ମାନଙ୍କ ସଙ୍ଗେ ଏକ ସ୍ୱରରେ କଥା କହୁଥିଲେ, ଏବେ ଆପଣଙ୍କ ନେତୃତ୍ୱରେ ଆଞ୍ଚ ଲାଗିଲା ବୋଲି ସେମାନଙ୍କୁ ଏପରି ସମାଲୋଚନା କାହିଁକି କରୁଛନ୍ତି ?

ଏ ପ୍ରଶ୍ନର ଉତ୍ତର ମୁଁ ଦେବି ବୋଲି ନନା ସେ ସଭାରେ ଉଠି ଠିଆହେଲେ । ସେ କହିଲେ-

**ଋଷିଙ୍କ ତପସ୍ୟାଭଙ୍ଗ—**

କଂଗ୍ରେସର ଡାଙ୍ଗନେତାମାନେ ଇଂରେଜଙ୍କଠାରୁ ଭାରତର ଶାସନ ଛଡ଼ାଇ ନେଇ ଭାରତକୁ ସମ୍ପୂର୍ଣ୍ଣ ସ୍ୱାଧୀନ କରିବାକୁ ଏକନିଷ୍ଠ-ଭାବରେ ତପସ୍ୟାରେ ଲାଗିଥିଲେ । ସେତେବେଳେ ସୁଭାଷ ସେମାନଙ୍କ ସଙ୍ଗେ ଥିଲେ ।

ସେହିପରି ତପସ୍ୟାରତ ଯୋଗୀ ଋଷିମାନେ ଏକମନ ଏକ-ପ୍ରାଣରେ ତପସ୍ୟାରତ ରହି ଇନ୍ଦ୍ରଙ୍କ ଆସନ ଛଡ଼ାଇ ନେବା କଥା ଆପଣମାନେ ପୁରାଣମାନଙ୍କରୁ ଶୁଣିଥିବେ । ଇନ୍ଦ୍ର ମଧ୍ୟ ନାନା ଉପାୟରେ ସେମାନଙ୍କର ତପଭ୍ରଷ୍ଟ କରାଇବାର ଚେଷ୍ଟା କରୁଥିବା କଥା ଆପଣମାନେ ଜାଣନ୍ତି ।

ଜଣେ ଋଷି ଗୋଟିଏ ନମ୍ବଗଛ ମୂଳରେ ବସି ଆଖି ମୁଜ ହୋଇ ତପସ୍ୟାରେ ନିମଗ୍ନ ଥିଲେ । ଇନ୍ଦ୍ରଙ୍କ ଆସନ ଟଳମଳ ହେଲା । ସେ ସ୍ୱର୍ଗର ଅପ୍ସରା ମେନକା ସୁନ୍ଦରୀକୁ ଯୋଗୀଙ୍କ ତପ ଭ୍ରଷ୍ଟ କରିବାକୁ ପଠାଇଲେ ।

ମେନକା ଯୋଗୀଙ୍କର ଯୋଗରେ ଏକାଗ୍ରତା ଦେଖି କଅଣ କରିବେ ବୁଝିପାରିଲେ ନାହିଁ । ସେଠାରେ ତାଙ୍କର ନାଚ, ଗୀତ ସବୁ ବୃଥା ହେଲା । ଋଷି କିଛି ଦେଖିପାରୁ ନଥିଲେ କି ଶୁଣିପାରୁ ନଥିଲେ ବସି ଥିଲେ ପୂରା ଯୋଗସ୍ଥ ।

Digitized by srujanika@gmail.com

ମେନକା ବଡ ଚତୁରୀ, କେଉଁ ଉପାୟରେ ତାଙ୍କ ତପସ୍ୟା ଭଙ୍ଗ କରିବେ ସେ ବିଷୟରେ ଗଭୀର ଚିନ୍ତା କଲେ । ସେ ଭାବିଲେ ମନୁଷ୍ୟର ଜୀବନ ଧାରଣ ପାଇଁ ଖାଦ୍ୟ ନିତାନ୍ତ ପ୍ରୟୋଜନ, ସେହି ଖାଦ୍ୟ ପାଇଁ ମନୁଷ୍ୟର ଲୋଭ ମୋହ ସବୁ ଜାତ ହୁଏ । ସେ ଯୋଗୀ ନିଶ୍ଚୟ କିଛି ଖାଉଥିବେ । ସେଇ ବାଟେ କିଛି କରିବାକୁ ହେବ ।

ମେନକା ସେଠାରେ ଦିନ ରାତି ଜଗି ରହି ଶେଷରେ ଦେଖିଲେ । ଯୋଗୀ ଦିନକେ ଥରେ ମାତ୍ର ନିମ୍ବଗଛ ଆଡକୁ ମୁହଁ ବୁଲାଇ ଚକ୍ଷୁ ବନ୍ଦ ଥିବା ଅବସ୍ଥାରେ ନିମ୍ବ ଛେଳାରୁ ପୁଳାଏ ଦାନ୍ତରେ କାମୁଡି ପାଟିକୁ ନେଇ ନିଜର କ୍ଷୁଧା ନିବାରଣ କରୁଅଛନ୍ତି ।

ତାପରେ ଋଷି ଯେପରି ଖାଇବା ପୂର୍ବରୁ ନିମ୍ବ ଗଛର ସେହି ସ୍ଥାନରେ କିଛି ସୁସ୍ୱାଦୁ ସର ବୋଳି ଦେଲେ । ସେ ଖାଦ୍ୟ ପାଟିରେ ଲାଗିବାରୁ ଯୋଗୀ ମୁହଁକୁ କପାଳ ଟିକିଏ ବିକୃତ କଲେ । କିନ୍ତୁ ଆଖି ନ ଫିଟାଇ ପୁଣି ଧ୍ୟାନମଗ୍ନ ହେଲେ ।

ମେନକା ଏପରି ଦୁଇ ତିନିଦିନ ସର ବୋଳିଲା ପରେ ଦିନେ ଯୋଗୀ ଆଶ୍ଚର୍ଯ୍ୟ ହେଲପରି ଆଖି ମେଲିକରି ଟିକିଏ ଚାହିଁଲେ । ତାଙ୍କ ଆଖି ଲାବଣ୍ୟମୟୀ ମେନକାଙ୍କର ଅପୂର୍ବ ସୌନ୍ଦର୍ଯ୍ୟ ଉପରେ ପଡ଼ିଲା-କ୍ଷଣି ସେ ବିଦ୍ରୂପରେ ପ୍ରକାଶ କରି ପୁଣି ଆଖି ମୁଦି ଦେଲେ ।

ତାପରେ ଯୋଗୀଙ୍କର ଧ୍ୟାନରତ ମନ ଟିକିଏ ଏପଟ ସେପଟ ହେଲା । ମେନକା ସୁସ୍ୱାଦୁ ପଦାର୍ଥ ବୋଳିବା ବନ୍ଦକରି ଅଙ୍ଗଭଙ୍ଗୀ ଦେଖାଇ ସେଠାରେ ଆସ୍ତେହୋଇ ଗୁଣୁ ଗୁଣୁ ଗୀତ ଗାଇବାକୁ ଲାଗିଲେ । ସେ ସଙ୍ଗୀତର ମୃଦୁ ଝଙ୍କାର ଯୋଗୀଙ୍କ କାନରେ ଧୀରେ ଧୀରେ ପଶିଲା ।

ସୁସ୍ୱାଦୁ ଖାଦ୍ୟ କାହିଁକି ବନ୍ଦ ହେଲା ଭାବି ଯୋଗୀଙ୍କର ଆଖି ପୁଣି ଖୋଲିଲାକ୍ଷଣି ମେନକାଙ୍କୁ ଦେଖି ତାଙ୍କର ଯୋଗୀମନ ଭୋଗ-ଆଡ଼କୁ ଟାଣି ହେଲା । ଶେଷରେ ସେ ତପସ୍ୟାଭ୍ରଷ୍ଟ ହୋଇ ମେନକାଙ୍କ ପଛରେ ଦଉଡ଼ିଲେ ।

କଂଗ୍ରେସ ଏକ ସଂଗ୍ରାମୀ ଅନୁଷ୍ଠାନ । ଇଂରେଜ ସରକାର, ପ୍ରାଦେଶିକ ସରକାର ଗଠନରେ କ୍ଷମତାରୂପକ ମେନକାଙ୍କୁ ପଠାଇ

Digitized by srujanika@gmail.com

କଂଗ୍ରେସ ଯୋଗୀମାନଙ୍କ ତପସ୍ୟା ଭ୍ରଷ୍ଟ କରାଉଛନ୍ତି । ସେ ତପସ୍ୟା ଭ୍ରଷ୍ଟ ଯୋଗୀ ବା ତୁଙ୍ଗନେତାମାନେ କ୍ଷମତା ମୋହରେ ଅନ୍ଧ ସଂଗ୍ରାମର ଯୋଗପଥରେ ଅଗ୍ରସର ହେବାକୁ କୁଣ୍ଠିତ ହେବାରୁ ମହାଯୋଗୀ ସଂଗ୍ରାମୀ ସୁଭାଷ ସେମାନଙ୍କୁ ତ୍ୟଜି କଂଗ୍ରେସରୁ ଅଲଗା ହୋଇ ଦେଶକୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇ ବୁଲୁଛନ୍ତି ।

ନନାଙ୍କର ଏହି ଚୋଟିକ 'ଗଳ୍ପ'ରେ ସେଠାର ଜନତା ଆବେଗଭରା ଲୋଚନରେ ସୁଭାଷଙ୍କୁ ଚାହିଁରହି ମନେ ମନେ ପ୍ରଣତି ଜଣାଇଲେ ସୁଭାଷଙ୍କ ଆଖି ବି ଛଳଛଳ ହୋଇଗଲା ।

## ସୁଭାଷଙ୍କ ଖେଦ —

ଚନ୍ଦନପୁରରୁ ସୁଭାଷ ରହୁଥିବା ମୋଟି ସାହି କୋଠାକୁ ଫେରି ଭୋଜନ ପରେ ଟିକିଏ ବିଶ୍ରାମ ନେଇ ସୁଭାଷ ସମୁଦ୍ରକୂଳକୁ ବୁଲି ବାହାରିଲେ । ସୁଭାଷଙ୍କ ସଙ୍ଗେ ନନା, ଯଦୁମଣି ମଙ୍ଗରାଜ ଓ ଆମେ କେତେକ କର୍ମୀ ତାଙ୍କ ସଙ୍ଗେ ସମୁଦ୍ରକୂଳକୁ ଗଲୁ । ଲୋକ ଗହଳିର ବହୁଦୂର ଦୂରକୁ ଯାଇ ଟିକିଏ ନିଛାଟିଆ ସ୍ଥାନରେ ଆମେ ବସିଲୁ । ସୁଭାଷଙ୍କର ଓଡ଼ିଆ ନେତାଙ୍କ ସଙ୍ଗେ ଆନ୍ତରିକ ଆଳାପ ଆଲୋଚନା ଚାଲିଥିବାବେଳେ ସୁଭାଷ ଯଦୁମଣି ବାବୁଙ୍କୁ କହିଲେ 'ମୁଁ ଗୁରୁଦ୍ରୋହ କରିଛି । ମୁଁ ମଣିଷ ଚିହ୍ନି ପାରିଲି ନାହିଁ ତାର ଏବେ ଫଳ ପାଉଛି ।

କଂଗ୍ରେସର ରାଷ୍ଟ୍ରପତି ହେବାବେଳେ ମୁଁ ଓଡ଼ିଶାରୁ ଜଣେ ବିପ୍ଳବୀ ଜାଙ୍ଗୁବାବାଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ନେବାକୁ ଚାହିଁଥିଲି । ମଲକଣ୍ଠଙ୍କ ଉଦ୍ୟମରେ ଓଡ଼ିଶା କଂଗ୍ରେସ ଗତ ନିର୍ବାଚନରେ ଅଭୂତପୂର୍ବ ସଫଳତା ହାସଲ କରିଥିବାରୁ ଓଡ଼ିଶାରୁ ଜଣକୁ କାର୍ଯ୍ୟକାରୀ କମିଟିରେ ନେବାକୁ ପ୍ରସ୍ତାବ ହୋଇଥିଲା । କଂଗ୍ରେସର ରାଷ୍ଟ୍ରପତି ଭାବରେ ଲୋକ ବାଛିବା କାର୍ଯ୍ୟ ମୋ ଉପରେ ନ୍ୟସ୍ତ ଥିଲା ।।

ଓଡ଼ିଶାରୁ କେତେକ ଯୁବନେତା ଯାଇ ମୋତେ କହିଲେ ମାଲକଣ୍ଠ ରକ୍ଷଣଶୀଳ ପାଲଟି ଯାଇଛନ୍ତି କଂଗ୍ରେସ ତୁଙ୍ଗନେତାଙ୍କ କାର୍ଯ୍ୟରେ ପ୍ରତିବାଦ କରୁଛନ୍ତି । ତାଙ୍କୁ ନ ନେଇ ଜଣେ ଓଡ଼ିଆ ସଂଗ୍ରାମୀ ଯୁବନେତାଙ୍କୁ ନିଅନ୍ତୁ । ଏହା କହି ସେମାନେ ଜଣକ ନାମ ପ୍ରସ୍ତାବ କଲେ ।

Digitized by srujanika@gmail.com

ସେମାନଙ୍କ କଥାରେ ମୁଁ ଅନୁପ୍ରାଣିତ ହୋଇ ସେ ନାମ ଗାନ୍ଧିଙ୍କୁ କହିବା ସଙ୍ଗେ ସଙ୍ଗେ ସେ କହିଲେ କଅଣ ତୁମେ ନୀଳକଣ୍ଠଙ୍କୁ ନ ନେଇ ଅନ୍ୟ ଜଣଙ୍କୁ ନେବାକୁ ଚାହୁଁଛ ? ହଉ ତୁମେ ଯାହା ଭଲ ଭାବୁଛ ତା କର କିନ୍ତୁ ମୁଁ କହିରଖେ ପଛରେ ତୁମେ ଅନୁତାପ କରିବ (ପସ୍ତେଇବ) ।

ମୁଁ ମୋର ମନୋମତ ବ୍ୟକ୍ତିଙ୍କୁ ନେଲି କିନ୍ତୁ ପରେ ଭୋଟ ବେଳକୁ ସେ ମୋ ବୈପ୍ଳବିକ ପନ୍ଥାର ବିରୋଧୀ ଅନ୍ୟମାନଙ୍କ ସଙ୍ଗେ ମିଶି ମୋ ବିରୁଦ୍ଧରେ ମତ ପ୍ରକାଶ କରି ଭୋଟ ଦେଲେ ଓ ମୋ ବିରୋଧିଙ୍କ ସଙ୍ଗେ ପୁଣି ମିଶିଗଲେ ।

ଆମେ କର୍ମୀମାନେ ଟିକିଏ ଦୂରଛଡ଼ା ହୋଇ ବସି ନେତାମାନଙ୍କ କଥୋପକଥନ ଶୁଣୁଥିଲୁ । କିଛି ସମୟ ପରେ ଆମେ ସେମାନଙ୍କ ପାଖକୁ ଘୁଞ୍ଚିଆସି ସୁଭାଷ ବାବୁଙ୍କୁ ପଚାରିଲୁ ଗାନ୍ଧି ଓ ନେହେରୁ ଅନ୍ୟାନ୍ୟ କ୍ଷମତାଭିଳାଷୀ ନେତାଙ୍କ ପରି ନୁହନ୍ତି ସେମାନଙ୍କ ସଙ୍ଗେ ଆପଣଙ୍କ ମତ ପାର୍ଥକ୍ୟ କେଉଁଠି ?

ସେ ଉତ୍ତର ଦେଲେ "ମୁଁ ଜଣେ ପୂର୍ଣ୍ଣ ଜାତୀୟବାଦୀ । କୌଣସି ମନ୍ତ୍ରନିୟମକୁ ଅପେକ୍ଷା ନକରି କଳେ ବଳେ କୌଶଳେ ଅହିଂସ ପନ୍ଥାରେ ହେଉ ହିଂସା ପନ୍ଥାରେ ହେଉ, ଇଂରେଜଙ୍କଠାରୁ କ୍ଷମତା ଛଡ଼ାଇ ଆଣି ଭାରତକୁ ଯଥାଶୀଘ୍ର ସ୍ୱାଧୀନ କରିବାକୁ ଚାହେଁ । ଭାରତର ସ୍ୱାଧୀନତା ପ୍ରାପ୍ତି ମୋ ଜୀବନର ପ୍ରଧାନ ଲକ୍ଷ୍ୟ ।

ସେମାନଙ୍କ ଭିତରୁ ଜଣେ ସାଧୁପୁରୁଷ ସତ୍ୟ ଅହିଂସାକୁ ସେ ଜୀବନର ବ୍ରତ କରି ଧରିଛନ୍ତି । ତାଙ୍କର ଲକ୍ଷ୍ୟ ସାଧନ ଓ ବ୍ରତ ପାଳନ ପାଇଁ ସେ ଯେ କୌଣସି ତ୍ୟାଗ ସ୍ୱୀକାର କରିପାରନ୍ତି, ଦେଶ ଜୀବନ ସମସ୍ତ ତାଙ୍କ ନିକଟରେ ତୁଚ୍ଛ ।

ଅନ୍ୟ ଜଣଙ୍କ ବିଷୟରେ ବେଶୀ କିଛି କହିବାକୁ ନାହିଁ, ତାଙ୍କର ମତରେ ସ୍ଥିରତା ନାହିଁ । ତାଙ୍କର ଗାନ୍ଧିଙ୍କ ପ୍ରତି ଅନୁରକ୍ତି ଅଛି ସେଥିପାଇଁ ସେ ଅନେକ ସମୟରେ ଉଗ୍ରମତକୁ ଚାପି ରଖୁଛନ୍ତି । ତେଣୁ ସେମାନଙ୍କ ସଙ୍ଗେ ଦେଶର ଏ ଘଡ଼ିସନ୍ଧି ବେଳେ ମୋର ମତଭେଦ ହେବା ସ୍ୱାଭାବିକ ।

Digitized by srujanika@gmail.com

ସନ୍ଧ୍ୟାରେ ପୁରୀ ବଡ଼ ଦାଣ୍ଡରେ ଏକ ବିରାଟ ସାଧାରଣ ସଭା ହେଲା । ଠିକ୍ ଆରମ୍ଭ ହେବା ବେଳକୁ ବିରୋଧୀ ନେତାଙ୍କ ଦଳ ସେ ସଭାକୁ ଭଣ୍ଡୁର କରି ସୁଭାଷଙ୍କୁ କୁହାଇ ନଦେବାକୁ ଯୋଜନା କରିଥିଲେ । ସେମାନଙ୍କ କାରଣ ଓ କୁତ୍ସାପ୍ରବୃତ୍ତିର ସତ୍ତ୍ୱେ ଲକ୍ଷାଧିକ ଲୋକ ସେଠାରେ ରୁଣ୍ଡ ହୋଇଥିଲେ । ବିରୋଧୀମାନେ ଘାସ ଦେଖାଇ ଦେଖାଇ ଗୁଡ଼ାଏ ବୁଲା ଷଣ୍ଢଙ୍କୁ ଡାକି ଆଣି ସେ ଘାସ ବିଡ଼ା ସବୁ ସଭା ଭିତରକୁ ଫୋପାଡ଼ି ଦେବାରେ ଷଣ୍ଢମାନେ ସଭା ଭିତରକୁ ପଶିବାକୁ ଚେଷ୍ଟା କଲେ । ଲୋକମାନେ ସେଥିରେ ଇତସ୍ତତଃ ହେବାକୁ ଲାଗିଲେ ।

ସୁଭାଷ ଗୋପବନ୍ଧୁ ମୂର୍ତ୍ତିତଳେ ସଭାମଞ୍ଚ ଉପରେ ବସିଥିଲେ । ତାଙ୍କୁ ଚାହାଁଇ ବକ୍ତୃତା ଦେବାକୁ ସଭାପତି ଉଠ ଉଠ୍ ହେଉଥିଲେ । ସୁଭାଷ ସଭାପତିଙ୍କ ଭାଷଣକୁ ଅପେକ୍ଷା ନକରି ସଭାର ଲୋକଙ୍କ ଭିତରେ ଷଣ୍ଢ ପାଇଁ ଗଣ୍ଡଗୋଳ ଆରମ୍ଭ ହେବାର ଦେଖି ବକ୍ତୃତା ଦେବାକୁ ନିଜେ ଠିଆ ହୋଇ ପଡ଼ିଲେ ।

ସେ ବଜ୍ର ନିର୍ଘୋଷ ସ୍ୱରରେ କହିଲେ "ଭାଇଓ ଏ ସଂଗ୍ରାମ ନେହି ହେ । ଆପ୍ ଏସି ସଂଗ୍ରାମ ଦୂର କର ଦିଜଏ, ଜିସନେ ଜଲ୍‌ସେ ଜଲ ସ୍ୱରାଜ ମିଲ୍‌ଜାଏଗା ।

ଷଣ୍ଢ ବା ବିରୋଧୀ ଲୋକଙ୍କୁ ଖାତିର ନକରି, ନିସ୍ତବ୍ଧ ଭାବରେ ଜନତା, ନେତାଜୀଙ୍କର ଦେଢ଼ଘଣ୍ଟା ବ୍ୟାପି ସାରଗର୍ଭକୁ ଉତ୍ତେଜନାପୂର୍ଣ୍ଣ ଭାଷଣ ଶୁଣିବାକୁ ଲାଗିଲେ । ସୁଭାଷଙ୍କର ତେଜସ୍ୱୀନ, ଯୁଗାନ୍ତକାରୀ ସରଳ ହିନ୍ଦିର ଭାଷଣ ଯେ ଶୁଣିଥିବ ସେ ଜୀବନବ୍ୟାପି ସେ ମହାନ ନେତାଙ୍କୁ ଝୁରି ହେଉଥିବ । ଏବେବି ସେ ଭାଷଣ ମନେପଡ଼ିଲେ ରକ୍ତ ତାତି ଉଠେ ।

ଭାଷଣ ପରେ ସୁଭାଷ ବସାକୁ ଫେରିଲେ । ତାଙ୍କ ନାମରେ ଆଗରୁ ବହୁ କୁତ୍ସା ରଟନା କରାଯାଇଥିଲା । ସେ ଧନୀ ଜମିଦାରଙ୍କ ସଙ୍ଗେ ହାତ ମିଳାଇଥିବାଠାରୁ ଓଡ଼ିଆ ବିଦେଶୀ ବଙ୍ଗାଳି ପର୍ଯ୍ୟନ୍ତ ବହୁ କଥା ପ୍ରଚାର କରାଯାଇଥିଲା । ନନା ଆଗରୁ ସେ କଥା ସବୁ ତାଙ୍କୁ ଚେତାଇ ଦେଇ ଓଡ଼ିଶା ଗହଣୀ ଭିତରେ ବଙ୍ଗଳାରେ କଥାବାର୍ତ୍ତା ନ ହୋଇ ଓଡ଼ିଆ ବା ହିନ୍ଦିରେ କଥାବାର୍ତ୍ତା କରିବାକୁ ପରାମର୍ଶ ଦେଇଥିଲେ ।

Digitized by srujanika@gmail.com

ସୁଭାଷ ବହୁଦିନ ଓଡ଼ିଶା ନ ଆସି ତାଙ୍କର ଓଡ଼ିଆ ଭାଷା କହିବା ଅଭ୍ୟାସ ନ ଥିଲେ ତଥାପି ଚେଷ୍ଟାକରି କେତେକ ଛୋଟ ଛୋଟ ସଭାରେ ଧୀରେ ଧୀରେ ଓଡ଼ିଆ ଭାଷାରେ ବକ୍ତୃତା ଦେଉଥିଲେ ଓ ଲୋକଙ୍କ ସଙ୍ଗେ ଏ ଓଡ଼ିଆ ଭାଷାରେ କଥାବାର୍ତ୍ତା କରିବାକୁ ଚେଷ୍ଟା କରୁଥିଲେ ।

ସେ ବସାରେ ପହଞ୍ଚିବା ପରେ ଜଣେ ବଙ୍ଗାଳି ଯୁବକ ତାଙ୍କୁ 'ଆପନାର କି ଦରକାର' ବୋଲି ବଙ୍ଗଳା ଭାଷାରେ ପଚାରିବାରୁ ସେ କହିଲେ 'ମୋର କିଛି ଦରକାର ନାହିଁ, ଓଡ଼ିଆ ଭୂଇଁରେ ତୁମ ବଙ୍ଗଳା କଥା ବି ଦରକାର ନାହିଁ ।'

**ବିରୋଧ ପ୍ରଚାର—**

ସୁଭାଷ ଓଡ଼ିଶାରେ ଉଚ୍ଛ୍ୱସିତ ଅଭ୍ୟର୍ଥନା ପାଉଥିଲେ ମଧ୍ୟ ଓଡ଼ିଶାର କଂଗ୍ରେସ ସରକାର ଓ ଅନ୍ୟ ନେତାମାନେ ତାଙ୍କ କାର୍ଯ୍ୟର ବିରୋଧ କରୁଥିବାରୁ ସେମାନଙ୍କୁ ସମର୍ଥନ କରୁଥିବା ଖବର କାଗଜମାନେ ସୁଭାଷଙ୍କ ପ୍ରେରିତ ଖବରଗୁଡ଼ିକ ସବୁ ଭଲକରି ଛପାଉ ନଥିଲେ । ଯାହା ଛପା ହେଉଥିଲା ତାହା ବିକୃତ ଆକାରରେ ସମାଲୋଚନା ସହିତ ପ୍ରକାଶ ପାଉଥିଲା । ସୁଭାଷ ମନକଣ୍ଠ ଓ ତାଙ୍କ ସହକର୍ମୀମାନଙ୍କୁ ପ୍ରତିକ୍ରିୟାଶୀଳ ଓ ଧନୀ ଜମିଦାରଙ୍କ ସଙ୍ଗେ ହାତ ମିଳାଇଥିବା ଲୋକ ବୋଲି ବର୍ଣ୍ଣନା କରାଯାଉଥିଲା । ସୁଭାଷଙ୍କ ଅଭ୍ୟର୍ଥନାରେ ଯେଉଁମାନେ ଭାଗ ନେଉଥିଲେ ସେମାନଙ୍କ ବିରୁଦ୍ଧରେ ନାନା କଥା ଲେଖା ଯାଉଥିଲା, ଅଧିକାଂଶ ନେତା ସୁଭାଷଙ୍କ କାର୍ଯ୍ୟକୁ ବୁଝିପାରୁ ନଥିଲେ ।

ସେତେବେଳର କଂଗ୍ରେସ ସମର୍ଥିତ ଦୈନିକ ଓଡ଼ିଆ ଖବର କାଗଜରେ ପ୍ରକାଶିତ ନିମ୍ନଲିଖିତ ସମ୍ବାଦଟିରୁ ଓଡ଼ିଶାରେ ସୁଭାଷ ବିରୋଧୀ କଂଗ୍ରେସବାଲାଙ୍କ ମତ ସ୍ପଷ୍ଟଭାବରେ ଜଣାପଡୁଛି ।

**ଦୈନିକ ସଂଖ୍ୟା** ପୁଷ ତା ୧୦ । ୮ । ୧୯୩୯

**ପୁରୀରେ ସୁଭାଷ ଚନ୍ଦ୍ର—**

ସାଧାରଣଙ୍କ ମଧ୍ୟରେ ଆଲୋଚନା ।

ସୁଭାଷ ବାବୁ ରେଳ ଷ୍ଟେସନରେ ପହଞ୍ଚିବାବେଳେ ଯେ କେତେଜଣ ତାଙ୍କ ବେକରେ ଫୁଲମାଳ ଦେଇଥିଲେ, ତାଙ୍କ ମଧ୍ୟରେ ଜଣେ ତରୁଣ ପୁରୁଷର ସାଧାରଣଙ୍କ ପକ୍ଷରୁ ଫୁଲମାଳ ଦେଇଥିଲେ ।

Digitized by srujanika@gmail.com

ସାଧାରଣ ସହରର ପୁରୀ ମ୍ୟୁନିସିପାଲିଟି ତରଫରୁ ଅଭିନନ୍ଦନ ପତ୍ର ସାଧାରଣତଃ ଚେୟାରମ୍ୟାନ ପଢ଼ିବାର କଥା, କିନ୍ତୁ ସଭାପତିଙ୍କ ଅଭି-ନନ୍ଦନଟି ପଢ଼ିବାକୁ ନଦେଇ ରାୟ ବାହାଦୁର ଲୋକନାଥ ମିଶ୍ର ପୁରୀ ଜନସାଧାରଣଙ୍କ ତରଫରୁ ଗୋଟିଏ ଅଭିନନ୍ଦନ ପତ୍ର ପଢ଼ିଥିଲେ ।

ରାୟ ବାହାଦୁର ମନଇଚ୍ଛାରେ ଏପରି ଜନସାଧାରଣଙ୍କ ପ୍ରତିନିଧି ବୋଲାଇବା ଉଚିତ ହୋଇନାହିଁ ବୋଲି ସାଧାରଣରେ ଆଲୋଚନା ଚାଲିଛି । ଏପରି ଅଭିନନ୍ଦନ ପତ୍ର ଦିଆଯିବ ବୋଲି ଜନ-ସାଧାରଣଙ୍କୁ ଜଣାଇ ଦିଆଯାଇ ନଥିଲା ଏବଂ କୌଣସିପ୍ରକାର ସଭା ସମିତି ମଧ୍ୟ ହୋଇ ନଥିଲା । ଅନ୍ୟ ଦିଗରୁ ଦେଖିଲେ ଲୋକନାଥ ବାବୁ କୌଣସି ନିର୍ବାଚନ ମଣ୍ଡଳୀରୁ ଭୋଟ ପାଇ ନିର୍ବାଚିତ ହୋଇ ନାହାନ୍ତି । ଦୁଇଦଳର କଳି ଲାଗିବାରେ ତୃତୀୟପକ୍ଷ ଲାଭ ନ୍ୟାୟରେ ଲୋକନାଥ ବାବୁ ଉପରୁ ଆସି ଚେୟାରମ୍ୟାନ ହୋଇଛନ୍ତି । ତେଣୁ ଜନସାଧାରଣଙ୍କ ପ୍ରକୃତ ପ୍ରତିନିଧି ବୋଲି ତାଙ୍କର ଗର୍ବ କରିବାର କିଛି ନାହିଁ ।

ଶ୍ରୀ କଳିଯୁଗ ବାମଦେବ ପ୍ରତିହାରୀ ପୁରୀ ସେବାୟତମାନଙ୍କ ପକ୍ଷରୁ ଷ୍ଟେସନରେ ମାଳ ଦେଇଥିଲେ, ଅନେକ ସେବାୟତମାନଙ୍କ ମଧ୍ୟରେ ଆଲୋଚନା ହେଉଥିବାର ଦେଖାଯାଏ ଯେ ସେବାୟତ ମାନଙ୍କର କୌଣସି ସଭା ସମିତି ଓ ପରାମର୍ଶ ନ ନେଇ ପ୍ରତିହାରୀ ନିଜକୁ ନିଜେ ନେତା ସାଜିବା ଉଦ୍ଦେଶ୍ୟରେ ଏପରି କରିବା କେତେଦୂର ସମୀଚୀନ ।

ବାବୁ ମୁରାରି ତ୍ରିପାଠୀ ପୁରୀ ସେବା ସମିତି ସ୍ୱେଚ୍ଛାସେବୀ ରୂପ ଅନୁଷ୍ଠାନ ତରଫରୁ ସୁଭାଷ ବାବୁଙ୍କୁ ମାଳ ପିନ୍ଧାଇଥିଲେ । ଶ୍ରୀଯୁକ୍ତ ଆର୍ତ୍ତବନ୍ଧୁ ଦାଶ ଓକିଲ, ସେବା ସମିତିର ସମ୍ପାଦକ, ସେବାସମିତିର କର୍ମକର୍ତ୍ତା ତଥା ସଭ୍ୟମାନଙ୍କର ଏ ବିଷୟରେ ପରାମର୍ଶ ନନେଇ ମୁରାରି ବାବୁ ଏ ଅନୁଷ୍ଠାନ ତରଫରୁ ପ୍ରତିନିଧି କିପରି ବୋଲାଇଲେ ? ଅନୁଷ୍ଠାନର ଜଣେକ କର୍ମୀ ମନଇଚ୍ଛା କାର୍ଯ୍ୟ କରିବା ଅନୁଷ୍ଠାନର ସର୍ବପ୍ରିୟତା ପକ୍ଷେ ଶୁଭଙ୍କର ନୁହେ !

Digitized by srujanika@gmail.com

ପୁରୀ ଛାତ୍ରସଂଘ ତରଫରୁ ଓ ପୁରୀ ଜିଲ୍ଲା ସ୍କୁଲ ଇଉନିଅନ ତରଫରୁ ଅଭିନନ୍ଦନ ପତ୍ର ପଢ଼ାଯାଇଥିଲା । ଯେତେଦୂର ଜଣାଯାଉଛି ପୁରୀ ଛାତ୍ରମାନଙ୍କର ଏ ସମ୍ବନ୍ଧରେ ପରାମର୍ଶ ଓ ବୈଠକ କରାଯାଇ ନାହିଁ କି ଅଭିନନ୍ଦନ ଦେବା କଥା କେହିଁ ଜାଣନ୍ତି ନାହିଁ । ଜିଲ୍ଲା ସ୍କୁଲର ଦୁଇ ଚାରିଜଣ ଛାତ୍ର ଆପେ ଆପେ ଅଭିନନ୍ଦନ ଲେଖି ଦେଇଛନ୍ତି । ଜିଲ୍ଲା ସ୍କୁଲ ତରଫରୁ ଅଭ୍ୟର୍ଥନାମାନ ଦିଆଯାଇଛି, ହୁଏତ ଜିଲ୍ଲା ସ୍କୁଲ କର୍ତ୍ତୃପକ୍ଷ ଓ ଛାତ୍ରମାନେ ଅଧିକ ସଂଖ୍ୟାରେ ଏହା ଜାଣନ୍ତି ନାହିଁ । ଏମାନଙ୍କ ଭିତରୁ ଦଶ ବାରଜଣ, ଶୋଭା ଯାତ୍ରାରେ ଆସିଲାବେଳେ "Down with Gandhibad Down with Ministry" ଫରୱାର୍ଡ ବ୍ଲକର ଜୟ ଇତ୍ୟାଦି କହୁଥାଆନ୍ତି । ଏହା ଅନେକ ବିଶିଷ୍ଟ ଲୋକଙ୍କ ମନରେ ଆଘାତ ଦେଉଥିବାର ଦେଖାଯାଉଥିଲା । କେହି କେହି ମୁଖ୍ୟ ଉଦ୍ୟୋକ୍ତା ମନାକଲେ ସୁଦ୍ଧା ଏମାନେ ମାନୁ ନଥିଲେ । ଛାତ୍ର ଜୀବନରେ ଏ ସ୍ୱେଚ୍ଛାଚାରିତା ସୁନ୍ଦର ନୁହେଁ । ଯେଉଁ-ଜଣେ ଅଧେ ଏପରି କେତେ ଛାତ୍ରଙ୍କୁ ମତାଇ ଏ କାଣ୍ଡ ଭିଆଉଛନ୍ତି ସେମାନେ ଛାତ୍ର ସମାଜର ମଙ୍ଗଳ କରୁନାହାନ୍ତି ବୋଲି ଅଧିକାଂଶ ଛାତ୍ରମାନଙ୍କ ମଧ୍ୟରେ ସମାଲୋଚନା ହେଉଥିବାର ଦେଖାଯାଏ ।

ଜିଲ୍ଲାବୋର୍ଡ ଓ ମ୍ୟୁନିସିପାଲିଟି ଯେଉଁ ଅଭିନନ୍ଦନ ପତ୍ର ମାନ ଦିଆଗଲା, ଅଭିନନ୍ଦନ ପୂର୍ବରୁ ଯାହା ଦେବାର ସ୍ଥିର ହୋଇଥିଲା, ସୁଭାଷ ବାବୁଙ୍କର କଂଗ୍ରେସ ନିୟମାବଳୀ ଓ ଶୃଙ୍ଖଳାର ପ୍ରତିରୋଧଭାବ ଦେଖା-ଯିବା ପରେ ମ୍ୟୁନିସିପାଲିଟିର ପ୍ରାୟ ଅଧେ କମିଶନରଙ୍କ (କଂଗ୍ରେସ ଦଳର ସମସ୍ତ ସଭ୍ୟ) ଅଭିନନ୍ଦନ ଦିଆଯିବାଠାରେ ବିରୋଧ କରି ଚେୟାରମ୍ୟାନଙ୍କୁ… × × ×

× × କଟକର କର୍ତ୍ତା ପଣ୍ଡିତ ନୀଳକଣ୍ଠ ଦାସ ଏବଂ ତାଙ୍କର ସହକର୍ମୀମାନେ ଯେଉଁମାନେ କି ଆଗରୁ କେତେଦିନ ତଳେ ଏହି ଟମା ଜମିଦାର ମହନ୍ତଙ୍କ ବିରୁଦ୍ଧରେ ଖୁବ୍ ସମାଲୋଚନା ଚଳାଉଥିଲେ । ଆଜି ସେମାନଙ୍କ ଘରେ ଅଭ୍ୟର୍ଥିତ ହୋଇ ଏବଂ କଂଗ୍ରେସ ସମ୍ବନ୍ଧୀୟ ସମସ୍ତ ଆଲୋଚନା ଏମାନଙ୍କ ସଙ୍ଗେ କରିବାରେ ସାଧାରଣ, ନୀଳକଣ୍ଠ ବାବୁଙ୍କ ବିଷୟରେ ସନ୍ଦେହଭାବ ପୋଷଣ କରିବା ଶୁଣାଯାଉଛି । ଏବଂ ତାଙ୍କ ଚକ୍ରାନ୍ତ ପ୍ରତ୍ୟେକ କ୍ଷେତ୍ରରେ ମନ୍ତ୍ରୀ ବିରୋଧୀ ହେଉଥିବାରୁ

Digitized by srujanika@gmail.com

ମନ୍ତ୍ରୀମଣ୍ଡଳ ବିରୁଦ୍ଧରେ ଦଳ ଗଠନ ଉଦ୍ଦେଶ୍ୟରେ କଂଗ୍ରେସର ତତ୍କାଳ ବିରୋଧି ଥିବା ପ୍ରତିକ୍ରିୟାଶୀଳ ବ୍ୟକ୍ତିମାନଙ୍କ ସଙ୍ଗେ ମଳକଣ୍ଠ ବାବୁଙ୍କର ଏ ସହଯୋଗ ବୋଲି ଚାରିଆଡ଼େ ପ୍ରକାଶ ପାଉଛି ।

କାଲି ସନ୍ଧ୍ୟା ପାଞ୍ଚଟାରେ ସୁଭାଷବାବୁ ସଦଳବଳେ ବାଲେଶ୍ୱର ଗଲେ ।

## ସୁଭାଷ ପ୍ରତିଭା—

ଅନ୍ଧାରରେ ଅଣ୍ଡାଳ ହେଉଥିବା କୌଣସି ବ୍ୟକ୍ତି ସାମନାରେ ହଠାତ୍ ଗୋଟିଏ ଜ୍ୱଳନ୍ତ ମଶାଲ ଦେଖାଇଦେଲେ, ସେ ତତ୍କ୍ଷଣାତ୍ ଆଖି ବନ୍ଦ କରି ସେ ଜ୍ୱଳନ୍ତ ଶିଖାର ବିରୋଧ କରିବାକୁ ଦୂରକୁ ଘୁଞ୍ଚିଯାଏ । ସେ ଆଲୋକର ମହତ୍ତ୍ୱ ବା ସୁଦୂରପ୍ରସାରୀ ପ୍ରଭାବ ସେତେବେଳେ ସେ ଉପଲବ୍ଧି କରିବାକୁ ସମୟ ପାଏନାହିଁ । ତେଣୁ ସୁଭାଷ ଚନ୍ଦ୍ରଙ୍କ ବିପ୍ଳବବାଣୀର ଗୋପମାପ୍ୟ ଉଗ୍ର ପନ୍ଥାକୁ ବୁଝି ନ ପାରି, ଗତାନୁଗତିକ ଶାନ୍ତିପଥର ପଥିକ କଂଗ୍ରେସବାଲା ଓ ସେମାନଙ୍କ ବୃଟିଶ ସମ୍ବାଦ ସଂସ୍ଥାମାନେ ସୁଭାଷ ଓ ମାଳକଣ୍ଠ ପ୍ରଭୃତିଙ୍କୁ ବିରୋଧ କରିବା ସ୍ୱାଭାବିକ ।

ପରେ ମୁଁ ଥରେ ଦୁଇଥର ନନାଙ୍କ ସଙ୍ଗେ ସୁଭାଷଙ୍କ କଲିକତାର ଏଲଗିନ ରୋଡ଼ ଘରକୁ ଯାଇ ତାଙ୍କୁ ସାକ୍ଷାତ କରିଛୁ । ସେ ଓଡ଼ିଶାର ଯୁବକର୍ମୀଙ୍କ ଖବର ଆମଠାରୁ ବୁଝିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ବିଷୟରେ ନନାଙ୍କ ସଙ୍ଗେ ଆଲୋଚନା କରନ୍ତି ।

ସେତେବେଳକୁ ଭୁଇଁ କଂଗ୍ରେସ ନେତାମାନେ ଇଂରେଜଙ୍କର ପୂରା ବିରୋଧ ନକରି ଚିଷିଲପର କାମ ସବୁ କରୁଥାଆନ୍ତି । ଇଂରେଜ ସରକାର ହିନ୍ଦୁ ମୁସଲମାନ ଭେଦଭାବ ବଢ଼ାଇ ନାନା ଗଣ୍ଡଗୋଳ ସୃଷ୍ଟି କରି କଂଗ୍ରେସ କାର୍ଯ୍ୟ ଭଣ୍ଡୁର କରିବାପାଇଁ ନାନା ଉପାୟ ପାଞ୍ଚି ଥାଆନ୍ତି ।

ହିନ୍ଦୁ ମୁସଲମାନଙ୍କ ମିଳନକୁ ଦୃଢ଼ କରିବାକୁ ଯୋଜନା କରି ସ୍ୱାଧୀନ ମୁସଲମାନ ନବାବ ସିରାଜଦ୍ଦୌଲାଙ୍କ ବିରୁଦ୍ଧରେ କୁତ୍ସାରଟନା ପାଇଁ ଇଂରେଜ ମନଗଢ଼ା ଅନ୍ଧକୂପ ହତ୍ୟାର ସ୍ମାରକୀ କଲିକତାର ହଲୱେଲ ମନୋମେଣ୍ଟକୁ ଭାଙ୍ଗିବାର, ସୁଭାଷ ବନ୍ଦୋବସ୍ତ କରିଥାଆନ୍ତି ।

Digitized by srujanika@gmail.com

କଂଗ୍ରେସ ଇଂରେଜ ସରକାରଙ୍କ ସମ୍ପୂର୍ଣ୍ଣ ବିରୋଧ ନ କରି ଅଭିମାନ କଲାଭଳି ପ୍ରାଦେଶିକ ମନ୍ତ୍ରୀମଣ୍ଡଳ ଭାଙ୍ଗି ସରକାରରୁ ଓହରି ଆସିବାରୁ ଓ ଯୁଦ୍ଧବେଳେ ଇଂରେଜଙ୍କ ଶତ୍ରୁପକ୍ଷ ଜାପାନ ପୂର୍ବଆଡ଼ୁ ମାଡ଼ି ଆସିଲେ ଇଂରେଜ ସରକାର ପଛଘୁଞ୍ଚା ଦେଲାବେଳେ ସେ ସ୍ଥାନ ସବୁ ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଧ୍ୱଂସବିଧ୍ୱଂସ କରି ଚାଲିଯିବାର ସମ୍ଭାବନାଥିବାରୁ ଓ ଭାରତର ସଂହତି ପାଇଁ ପୂର୍ବ ଅଞ୍ଚଳରେ ହିନ୍ଦୁ-ମୁସଲମାନମାନଙ୍କ ମିଳିତ ଜାତୀୟ ସରକାର ଗଢ଼ି ଉଠିବାର ଆଲୋଚନା ମଧ୍ୟ ଚାଲିଥାଏ ।

ଅଳ୍ପଦିନ ପରେ ସରକାର ସୁଭାଷଙ୍କୁ ବନ୍ଦୀ କରି ଜେଲରେ ପୂରାଇଲେ । ଜେଲରେ ତାଙ୍କ ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିବାର ଅଭିଯୋଗ ନେଇ ଆନ୍ଦୋଳନ ହେବାରୁ ତାଙ୍କୁ ଆଣି ତାଙ୍କ ନିଜ ଘରେ ଅନ୍ତରୀଣ ବନ୍ଦୀ କରି କଡ଼ା ପୋଲିସ ପହରା ଦେଇ ରଖାଇଲେ ।

ଭାରତ ଭିତରେ ରହି ସଂଗ୍ରାମ ଚଳାଇ ଜୟଯୁକ୍ତ ହେବାର ସମ୍ଭାବନା ନ ଦେଖି ସେ ବିଦେଶରେ ସ୍ୱାଧୀନ ଭାରତ ସରକାର ଗଢ଼ି ସଂଗ୍ରାମ ଚଳାଇବା ପାଇଁ ଅନ୍ତରୀଣ ବନ୍ଦୀ ଥିବା ଅବସ୍ଥାରେ ଇଂରେଜ ସରକାରଙ୍କ ଆଖିରେ ଧୂଳି ଦେଇ ଅନ୍ତର୍ଦ୍ଧାନ ହେଲେ । ବିଦେଶୀ ରେଡ଼ିଓରୁ ତାଙ୍କର ବକ୍ତୃତାର ସ୍ୱର ନଶୁଣିବା ପର୍ଯ୍ୟନ୍ତ ସେ କୁଆଡ଼େ ଗଲେ କିପରି ଗଲେ, ସରକାର ବା ଦେଶବାସୀ ଲୋକେ କେହି ତାର ଠିକ୍ ପାଇ ପାରିନଥିଲେ ।

ପ୍ରାଦେଶିକ କଂଗ୍ରେସ କମିଟି ଏକମତଭାବେ ଜାତୀୟ କଂଗ୍ରେସ ସଭାପତି ପାଇଁ ନନା ସୁଭାଷଙ୍କୁ ଭୋଟ ଦେଇଥିବାରୁ ଓ ପରେ ସୁଭାଷ କଂଗ୍ରେସରୁ ଯିବାପରେ ତାଙ୍କ ପାର୍ଟିକୁ ଅନୁମୋଦନ କରି ଅଭିନନ୍ଦିତ କରିଥିବାରୁ ସେ ତୁଙ୍ଗ ନେତାମାନଙ୍କର ଚକ୍ଷୁଶୂଳ ହୋଇଥିଲେ, ତାଙ୍କୁ କଂଗ୍ରେସରୁ ବହିଷ୍କୃତ କରିବା ପାଇଁ ମଧ୍ୟ ପ୍ରସ୍ତାବ ଆସିଥିଲା କିନ୍ତୁ ରାଜେନ୍ଦ୍ର ପ୍ରସାଦ ପଟେଲ ପ୍ରଭୃତି ସେଥିରେ ଏକମତ ହୋଇ ନଥିଲେ । ପ୍ରଦେଶର ବିରୋଧ ବଢ଼ିବାରୁ ତାଙ୍କୁ ଆପେ ଆପେ ତାଙ୍କ ହାତଗଢ଼ା ଅନୁଷ୍ଠାନ ପ୍ରିୟ ଉତ୍କଳ କଂଗ୍ରେସରୁ ଓହରିଯିବାକୁ ପଡ଼ିଥିଲା ।

**ମିଳିତ ମନ୍ତ୍ରୀମଣ୍ଡଳ—**

କଂଗ୍ରେସ ମନ୍ତ୍ରୀମଣ୍ଡଳ ସରକାର ଛାଡ଼ିବା ପରେ ଓଡ଼ିଶା ଅବସ୍ଥା ପୂର୍ବରୁ ବଦ୍‌ତର ହୋଇଉଠିଲା । ଯୁଦ୍ଧର ଆଳ ଦେଖାଇ ଇଂରେଜ

Digitized by srujanika@gmail.com

ସରକାର ସମସ୍ତ ଉନ୍ନୟନ ଯୋଜନା ବନ୍ଦକରି ଦେଇଥିଲେ, ଯୁଦ୍ଧର ଆତଙ୍କ ପୂର୍ବ ଆଡୁ ମାଡ଼ି ଆସୁଥିଲା ।

ସୁଭାଷଙ୍କ ପୂର୍ବ ଯୋଜନା ଅନୁସାରେ ପୂର୍ବଖଣ୍ଡରେ ଆସାମ, ବଙ୍ଗଳା ଓ ଓଡ଼ିଶାରେ ଦେଶୀ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ାଯିବାର ଉଦ୍ୟମ ହେଲା । ବଙ୍ଗଳାରେ ସୁଭାଷ ବୋଷଙ୍କ ବଡ଼ଭାଇ ଶରତ ଚନ୍ଦ୍ର ବୋଷ ମୁସଲିମଲିଗର ଫଜଲୁଲହକଙ୍କ ସହିତ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବା ପରେ ପରେ ଇଂରେଜ ସରକାର ଶରତ ବୋଷଙ୍କୁ କାରାରୁଦ୍ଧ କଲେ । ଫଳରେ ଯେତେବେଳେ ଜାପାନୀ ସେନା ଭାରତକୁ ମାଡ଼ି ଆସିବାର ସନ୍ଦେହ ସରକାରଙ୍କ ମନରେ ଜାଗ୍ରତ ହେଲା ସରକାର ବଙ୍ଗଳାରେ ଖାଦ୍ୟ ସରବରାହ ବନ୍ଦ କରାଇ କୃତ୍ରିମ ଦୁର୍ଭିକ୍ଷ ସୃଷ୍ଟି କରାଇ ଶତ୍ରୁ ସେନାଙ୍କର ପଥରୋଧ କରିବାକୁ ଜାଗ୍ରତ ହୋଇ ରହିଲେ । ଲୋକେ ଖାଇବାକୁ ନ ପାଇ ପୋକ ମାଛି ପରି ମଲେ ।

ଓଡ଼ିଶାରେ ସୁଭାଷଙ୍କର ସେହି ଯୋଜନା ଅନୁସାରେ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ମୁସଲିମଲିଗର ଶୋଭାନ ଖାଁ କଂଗ୍ରେସର ଗୋଦାବରୀଶ ମିଶ୍ରଙ୍କୁ ନେଇ ଉତ୍କଳ ପ୍ରାଣ ପାରଳା ଗଜପତିଙ୍କ ପ୍ରଧାନ ମନ୍ତ୍ରୀତ୍ୱରେ ନନା ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ାଇବାରେ ସମର୍ଥ ହେଲେ ।

ଓଡ଼ିଶାରେ ମନ୍ତ୍ରୀ ମଣ୍ଡଳଟିଏ ଥିବାଯୋଗୁ ସୁଭାଷ କର୍ମୀମାନେ ସେମାନଙ୍କ ଘାଟି ସ୍ଥାପନ କରି ସୁଭାଷ ସେମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇ ପାରିଥିଲେ । ସୁଭାଷ ବାବୁ ବର୍ମାରେ ଜାପାନ୍ ସରକାର ଗତି ଭାରତକୁ ସୈନ୍ୟଧରି ଆସିବାର ଯୋଜନା କରୁଥିବା ସମ୍ବାଦରେ ସେମାନେ ଆଶାନ୍ୱିତ ହୋଇଥିଲେ । ଗୁପ୍ତ ରେଡ଼ିଓ ଓଆରଲେସ ଯନ୍ତ୍ର ସାହାଯ୍ୟରେ ସୁଭାଷ ସେନାଙ୍କ ସହିତ ସଂଯୋଗ ସ୍ଥାପନକରା ଯାଇଥିଲା ଓ ସେ ସେନାର ବିଭିନ୍ନ ପଦବୀର ବ୍ୟାଜ ସବୁ ଗୁପ୍ତରେ ବିଦେଶରୁ ଆଣାଯାଇ କର୍ମୀଙ୍କ ଭିତରେ ବଣ୍ଟାଯାଉଥିଲା । ଦୃଷ୍ଟାନ୍ତ ସ୍ୱରୂପ ଫରୱାର୍ଡ ବ୍ଲକ ଯୁବନେତା ବିବୁଧେନ୍ଦ୍ର ମିଶ୍ରଙ୍କୁ କମାଣ୍ଡର ବ୍ୟାଜ ମିଳିଥିଲା ଓ ସେ ତାହା ଗୋପନରେ ବ୍ୟବହାର କରୁଥିଲେ ।

ସୁଭାଷ ସେନାଙ୍କୁ ଭାରତ ଆସିଲେ ସାହାଯ୍ୟ କରିବା ପାଇଁ ଇଂରେଜ ସେନା ଭିତରେ ଦେଶପ୍ରେମୀ ଓଡ଼ିଆ ଯୁବକଙ୍କୁ ତାଲିମ

Digitized by srujanika@gmail.com

କରିବାକୁ ଯୁଦ୍ଧ ବାହିନୀକୁ ପଠାଇବାକୁ ନ୍ୟାସନାଲ ଓ୍ୱାର ଫ୍ରଣ୍ଟ ନାମକ ଅନୁଷ୍ଠାନ ଗଢ଼ାଯାଇ ନନା ତାର ଡିରେକ୍ଟରଙ୍କ ଦେଖାଇଥିଲେ ।

ସୁଭାଷ ସେନାର ଆଜାଦ ହିନ୍ଦ୍ ଫୌଜର ଶ୍ରୀ ବ୍ରଜମୋହନ ପଟ୍ଟନାୟକଙ୍କ ସାନଭାଇ ଶ୍ରୀ ଭୁବନ ମୋହନ ପଟ୍ଟନାୟକ, ହରେକୃଷ୍ଣ ମିଶ୍ରଙ୍କ ବଡ଼ଭାଇ ଶ୍ରୀ ବିବେକାନନ୍ଦ ମିଶ୍ର ଓ ପୁରାତନ କଂଗ୍ରେସକର୍ମୀ ନେଉଟିବୋଇର ଶ୍ରୀ ଲିଙ୍ଗରାଜ ପଟ୍ଟନାୟକ ପ୍ରଭୃତି ଓଡ଼ିଶା ପାଓନିଅର ଫୋର୍ସ (ଅଗ୍ରଗାମୀ ଯୁଦ୍ଧ ବାହିନୀ) ରେ ଯୋଗ ଦେଇଥିଲେ ।

କଂଗ୍ରେସର ତତ୍କାଳୀନ ମତ ବିରୁଦ୍ଧରେ ମିଳିତ ମନ୍ତ୍ରୀମଣ୍ଡଳ ଓ ନ୍ୟାସନାଲ ଓ୍ୱାର ଫ୍ରଣ୍ଟ ପ୍ରଭୃତି ଗଢ଼ାଇ ଥିବାରୁ ନନାଙ୍କ ବିରୁଦ୍ଧରେ ନାନା କୁତ୍ସା ପ୍ରଚାର ହୋଇଥିଲା । ଇଂରେଜ ସରକାର ମଧ୍ୟ ତାଙ୍କୁ ଅତି ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । ମିଳିତ ମନ୍ତ୍ରୀମଣ୍ଡଳର ପୁରୋଧା ଭାବରେ ପାରଳାଖେମୁଣ୍ଡି ମହାରାଜାଙ୍କ ପରି ଇଂରେଜଙ୍କ ବିଶ୍ୱସ୍ତ ଜମିଦାର ତାଙ୍କ ଢାଲ ରୂପେ ରହିଥିବାରୁ ତାଙ୍କ ଦେହରେ ହାତଦେଇ ପାରୁନଥିଲେ । କିନ୍ତୁ ପରୋକ୍ଷରେ ତାଙ୍କ ପଛରେ ଲାଗିଲେ ।

ଦେଶର ବୃହତ ଭବିଷ୍ୟତ ସ୍ୱାର୍ଥଦୃଷ୍ଟିରୁ ବିରୋଧୀ ଲୋକ ଓ ଇଂରେଜ ସରକାରଙ୍କ ସମସ୍ତ ତାଡ଼ନା ତାଙ୍କୁ ନୀରବରେ ସହିବାକୁ ପଡ଼ୁଥିଲା ।

ଓଡ଼ିଶାର ଗୋରା ଲାଟ ସାର୍ ହଥର୍ଣ୍ଣ ଲୁଇସ୍ ତାଙ୍କୁ ଓ ତାଙ୍କ ସୁଭାଷ ପନ୍ଥୀ କର୍ମୀମାନଙ୍କୁ ସନ୍ଦେହ ଦୃଷ୍ଟିରେ ରଖି ମନ୍ତ୍ରୀମଣ୍ଡଳର ଅଜାଣତରେ ଏକ ସ୍ୱତନ୍ତ୍ର ଗୁଇନ୍ଦା ଦଳ ଲଗାଇ ତାଙ୍କ ଦଳର ଚଳ-ଚଳଣ ଉପରେ କଡ଼ା ନଜର ରଖୁଥିଲେ ସ୍ୱତନ୍ତ୍ର ଗୁଇନ୍ଦାମାନେ ନାନା ବେଶ ଧରି ଗୁପ୍ତରେ ସମ୍ବାଦ ସବୁ ଗ୍ରହଣ କରିବାକୁ ନନାଙ୍କ ନିକଟରେ ପହଞ୍ଚୁ ଥିଲେ ।

ଦୋଳପୂର୍ଣ୍ଣିମୀ ସମୟରେ ମୁଁ ଭାଇନା ଓ ନନା ଗ୍ରାମରେ ଥିଲା-ବେଳେ ଜଣେ ଉଚ୍ଚପଦସ୍ଥ ଗୁଇନ୍ଦା କର୍ମଚାରୀ ଆମ ଗତିବିଧି ଲକ୍ଷ-କରିବାକୁ ସନ୍ନ୍ୟାସୀ ବେଶରେ ଆମ ଗାଁକୁ ଆସି ନନାଙ୍କଠାରୁ ଗୀତା ପ୍ରବଚନ ଶୁଣିବାକୁ ଆସିଛନ୍ତି କହି, ଉଣ୍ଡାଉଣ୍ଡି ଓ ପଚରାପଚରି କଲାବେଳେ ଧରାପଡ଼ି ରାତାରାତି ଆମ ଗାଁ ଗୁଡ଼ ଗୁପ୍ତରେ ପଳାଇ ଯାଇଥିଲେ ।

Digitized by srujanika@gmail.com

ଯୁଦ୍ଧ ସମୟରେ ଜିନିଷ ପତ୍ରର ଦରଦାମ ହୁ, ହୁ ହୋଇ ବଢିଲା ବହୁତ ଜିନିଷ ଦୁଷ୍ପ୍ରାପ୍ୟ ହେଲା । ଆମ ଦେଶରେ ତ କଳକାରଖାନା କିଛି ନଥିଲା, ମଟର, ସାଇକେଲଠାରୁ ଆରମ୍ଭ କରି ଛୁଞ୍ଚି ପର୍ଯ୍ୟନ୍ତ ସବୁ ବିଦେଶରୁ ରପ୍ତାନି ହୋଇ ଆସୁଥିଲା । ଦେଶରେ ଗୋଟିଏ ସେଫ୍‌ଟିରେଜରର ବ୍ଲେଡ୍ ବି ମିଳୁନଥିଲା । ଲୋକମାନେ ବଡ ହଟହଟା ହେଲେ । ମହର୍ଘ ସାଙ୍ଗକୁ ବନ୍ୟା ଓ ବାତ୍ୟା ବିପତ୍ତି ସବୁ ଲାଗି ରହିଥିଲା । ଇଂରେଜ ସରକାର ଯୁଦ୍ଧରେ ବ୍ୟାପୃତ ଥିବାରୁ ପ୍ରଦେଶକୁ ସାହାଯ୍ୟଦେବାପାଇଁ କେନ୍ଦ୍ରର ସମ୍ବଳ ନଥିଲା ।

ଗଜପତି ନେତୃତ୍ୱରେ ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ ଚାଲୁଥିଲେ ମଧ୍ୟ ଅର୍ଥାଭାବରୁ ସେମାନେ ଲୋକଙ୍କର ସମାଲୋଚନାର ସମ୍ମୁଖୀନ ହୋଇ ପାରୁନଥିଲେ ତଥାପି ଲୋକଙ୍କର ହିତପାଇଁ ଲାଗିପଡ଼ି ମେଡ଼ିକାଲ କଲେଜ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଭୃତି ସ୍ଥାପନ କରିଥିଲେ ।

## ସରକାରୀ ଉତ୍ପାତ—

ମିଳିତ ମନ୍ତ୍ରୀମଣ୍ଡଳର ସୁଭାଷପନ୍ଥୀ ପୂର୍ବତନ କଂଗ୍ରେସୀ ସଦସ୍ୟ ଓ ସମର୍ଥକମାନଙ୍କ ପଛରେ ଗୁପ୍ତଚରମାନେ ଲାଗି ରହିଥିଲେ । ନନାଙ୍କର କେତେକ କର୍ମୀଙ୍କୁ ନାନା ବାହାନାରେ ବିଭିନ୍ନ ସ୍ଥାନରେ ଅଟକରଖିଥିଲେ ମଧ୍ୟ କର୍ମୀମାନଙ୍କ ଗୁପ୍ତ ଦେଶକାର୍ଯ୍ୟ ବନ୍ଦ ନଥିଲା ।

ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ାହେବା ପରେ ସରକାରଙ୍କର ଦୈନିକ ମୁଖପତ୍ର ବାହାରିବା ଓ ଜାତୀୟ ଯୁଦ୍ଧ ସାମ୍ମୁଖ୍ୟ ଗଢ଼ା ହେବାର ଯୋଜନା ଚାଲିଥିବା ବେଳେ ନବଭାରତ ପ୍ରେସରୁ ସୁଭାଷ ବୋଷଙ୍କ ଜୀବନୀ ବହିଟିଏ ପ୍ରକାଶ ପାଇଲା । ବିରୋଧୀ ଓ ଇଂରେଜ ସରକାରଙ୍କ ଅନୁଗତ କର୍ମଚାରୀମାନେ ନନାଙ୍କୁ ଦଣ୍ଡିତ କରିବାକୁ ସୁଯୋଗ ଖୋଜୁଥିଲେ । ସେ ବହିଟିକୁ ଇଂରାଜୀରେ ଅନୁବାଦ କରାଇ ଲାଟ ସାହେବ ହାଥର୍ଣ୍ଣ ଲୁଇସଙ୍କୁ ଦେଲେ । ଲାଟ ସାହେବ ପ୍ରଧାନମନ୍ତ୍ରୀ ପାରଳା ମହାରାଜାଙ୍କୁ ଡକାଇ ତାଙ୍କ ଆଗରେ ଉଦ୍‌ବେଗ ଓ କ୍ରୋଧ ପ୍ରକାଶ କଲେ ।

Digitized by srujanika@gmail.com

ସେଥିରେ ସବୁଆଡେ ହୁଲସ୍ଥୁଲ ପଡ଼ିଗଲା । ମନ୍ତ୍ରୀମଣ୍ଡଳ ଭାଙ୍ଗିବ-ପ୍ରେସ କାଗଜ ବନ୍ଦହେବ, ନୀଳକଣ୍ଠ ଗୋଦାବରୀଶ ପ୍ରଭୃତି ବନ୍ଦୀହେବେ ପ୍ରଭୃତି ଗୁଜବ ଚଉଆଡେ ପ୍ରଚରିତ ହେଲା । କର୍ମୀ ଓ ପ୍ରେସର କର୍ମଚାରୀମାନେ ପ୍ରାଣ ଆତଙ୍କରେ ଥରହର ହେଲେ ।

ନନା କଟକରେ ନଥିଲେ । ସେ ଆସି କଟକରେ ପହଞ୍ଚିବା-କ୍ଷଣି, ସେ କାଗଜର ଲେଖକ ଓ ଅନ୍ୟମାନେ କିଏ ନନାଙ୍କୁ ସେ ସମ୍ବାଦ ଜଣାଇବ ଠିକ୍ କରିପାରିଲେ ନାହିଁ । ଶେଷରେ ଶ୍ରୀ ଭୂଧେନ୍ଦ୍ର ମିଶ୍ର ସାହସକରି ସେ ଘଟଣାଟି ନନାଙ୍କୁ ଜଣାଇଲେ । ନନା ସେଥିରେ ରାଗିଯାଇ କଅଣ ବୋଲି କଅଣ କରିବେ ବୋଲି ସମସ୍ତେ ଆଶଙ୍କା କରୁଥିଲେ । ସେମାନଙ୍କ ଅସାବଧାନତା ଯୋଗୁ ବହିଛପା ଧରାପଡ଼ିଯାଇଥିବାରୁ ସେମାନେ ନିଜ ନିଜକୁ ଦୋଷ ଦେବାରେ ଲାଗିଥାଆନ୍ତି ।

ନନା ସେ କଥା ଶୁଣି ହସି ହସି କହିଲେ, ସେମାନେ କଅଣ କରିବେ କରନ୍ତୁ ତୁମେ ଏପରି ଡରୁଛ କାହିଁକି ? ଯାହା ହେବାର ହେବ । ମନ୍ତ୍ରୀମଣ୍ଡଳ ଭାଙ୍ଗିଲେ ଭାଙ୍ଗିବ । ପ୍ରେସ କାଗଜ ପ୍ରଭୃତି ବାଜ୍ୟାପ୍ତ ହେଲେ ହେବ । ଆମେ ଜେଲ ଗଲେଯିବା କଅଣ ହୋଇଯିବ ଏହାବେଳ ଏ ପ୍ରେସରେ ଯଦି ଆମେ ସୁଭାଷଙ୍କ ଜୀବନୀଟାଏ ବି ଛପାଇ ପାରିବା ନାହିଁ । ତେବେ ଏ ସବୁ ଥାଇ ଆମେ କାହାରେ ରକ୍ଷା କଲୁ । ତୁମେ ଡର ନାହିଁ ସରକାର ଓ ଲାଟସାହେବ କଅଣ କରି ପକେଇବେ କରନ୍ତୁ ।

ମହାରାଜା ତାଙ୍କୁ ଡକାଇବାରେ ସେ ତାଙ୍କୁ ସାକ୍ଷାତକରି କହିଲେ କାହାର ଜୀବନୀଟାଏ ଛପାଇବା କେଉଁ ଆଇନରେ ମନା ଅଛି । ହିଟଲର, ମୁସୋଲିନି, ଚର୍ଚ୍ଚିଲ ସମସ୍ତଙ୍କ ଜୀବନୀ ତ ଛପା ହେଉଛି ଏଥିରେ ଗୋଟେ ଅଧିକା କଥା କଅଣ ହୋଇଗଲା । ଲାଟ ସାହେବ ଚୁଆଡେ ମାଛିଟାଏ ଦେଖି ବାଘ ବୋଲି କାହିଁକି ଚୁଆଡେ ଚମକି ପଡ଼ୁଛନ୍ତି ।

ତାଙ୍କର ଅକାଟ୍ୟ ଯୁକ୍ତି ଓ ଦୃଢତାରେ ଲାଟ ସାହେବ ପ୍ରତ୍ୟକ୍ଷରେ କିଛି କରିପାରିଲେ ନାହିଁ, ନନାଙ୍କ ଅଧ୍ୟକ୍ଷତାରେ ଜାଗ୍ରତ ଯୁବ ସଂଘ ମଧ୍ୟ ଗଢ଼ାହେଲା । କିନ୍ତୁ ନାନା ଆଳରେ ନାନା ସ୍ଥାନ

Digitized by srujanika@gmail.com

ଥରକୁ ଥର ଖାନତଲାସ ହୋଇ ଲେଖକଙ୍କ ବଡଭାଇଙ୍କ ସମେତ କେତେକ କର୍ମୀଙ୍କୁ ନେଇ କାରାଗାରରେ ଅଟକବନ୍ଦୀ ରୂପେ ରଖାଗଲା ।

ଫରୱାର୍ଡ ବ୍ଲକକୁ ଆଗରୁ ବେଆଇନ କରାଯାଇଥିଲା । ମୋର ବଡଭାଇ ଯୁବନେତା ଶ୍ରୀ ଅଶୋକ ଦାସ ଆଗରୁ ଫରୱାର୍ଡ ବ୍ଲକର କେନ୍ଦ୍ର କାର୍ଯ୍ୟକାରୀ କମିଟିର ମେମ୍ବର ଥିଲେ । ତାଙ୍କ ଉପରେ ସରକାରଙ୍କର ସ୍ପଷ୍ଟ ଦୃଷ୍ଟି ଥାଏ କିନ୍ତୁ ତାଙ୍କୁ ଧରିବାଭଳି ସିଧାସଳଖ ପ୍ରମାଣ କିଛି ସରକାରଙ୍କୁ ମିଳୁନଥାଏ । ନାନାପ୍ରକାର ବାହାନା ଦେଖାଇ ଥରକୁ ଥର ସରକାର ବନ୍ଦୀ କରୁଥାଆନ୍ତି କିନ୍ତୁ ଥରକୁଥର ମୋକଦ୍ଦମାରେ ସେ ଜପ୍ୟୁକ୍ତ ହୋଇ ଖଲାସ ହୋଇ ଆସୁଥାଆନ୍ତି । ଶ୍ରୀ ହରିହର ମହାପାତ୍ର (ପରେ ବିଶ୍ବବିଦ୍ୟାଳୟର ଉପକୁଳପତି) ଶ୍ରୀ ଗୋପବନ୍ଧୁ ସାହୁ (ପରେ ମନ୍ତ୍ରୀ ଓ ଆଡଭୋକେଟ୍) ଜେନେରାଲ ପ୍ରଭୃତି ବଡବଡ ଆଡଭୋକେଟମାନେ ତାଙ୍କ ପାଇଁ ମୋକଦ୍ଦମା ଲଢୁଥାଆନ୍ତି ।

ଶେଷରେ ଅସ୍ବାଭାବିକ ଭାବରେ ସରକାର ନବଭାରତ ପ୍ରେସକୁ ଖାନତଲାସ କରି ସେଠାରୁ ସୁଭାଷଙ୍କ ସହିତ ସମ୍ପର୍କ ଥିବା କେତେକ ଆପତ୍ତିଜନକ କାଗଜପତ୍ର ଜବତ କରି ଭାଇନାଙ୍କୁ ବନ୍ଦୀ କଲେ ଓ ଯୁଦ୍ଧକାଳୀନ ଶତ୍ରୁ ବନ୍ଦୀ-ହିସାବରେ ବିଚାରକରି ଦଣ୍ଡଦେବାର ମସୁଧା-କରି ମୋକଦ୍ଦମା ରୁଜୁ କଲେ ।

ଜବତ ହୋଇଥିବା କାଗଜପତ୍ର ଭିତରେ ବିଦେଶରେ ଛପା ହୋଇଥିବା ପ୍ରଚାରପତ୍ର ସବୁଥିଲା । ନନାଙ୍କ Lands and people ଓ ଅନ୍ୟାନ୍ୟ ବହି ଭିତରୁ ମେସବୁ ବାହାରିଥିବାରୁ ସେ ବହିସବୁ ଜବତ ହୋଇଥିଲା । ସେଥିରୁ ଖଣ୍ଡିଏ ପ୍ରଚାରପତ୍ରରେ "Subash guards will march through the nerve centers of British imperialism ସୁଭାଷ ସେନା ବ୍ରିଟିଶ ସରକାରଙ୍କ ସାମ୍ରାଜ୍ୟବାଦର ସ୍ନାୟୁକେନ୍ଦ୍ର ମାଡ଼ି ଚାଲିଯିବେ ବୋଲି ଲେଖାଥିଲା । ସେ ଘଟଣା ମିଳିତ ମନ୍ତ୍ରୀମଣ୍ଡଳ ଚାଲିଥିଲାବେଳେ ବୟାଳିଶ ଆନ୍ଦୋଳନ ପୂର୍ବରୁ ଘଟିଥିଲା । ଭାଇନାଙ୍କୁ ବହୁଦିନ ଧରି ଜେଲରେ ଅଟକରଖି ସେ ମୋକଦ୍ଦମା ଚାଲିଥିଲା ।

Digitized by srujanika@gmail.com

ସୁଭାଷସେନାର କର୍ଣ୍ଣେଲ ବ୍ରଜମୋହନ ପଟ୍ଟନାୟକଙ୍କ ପିତା ଫାଷ୍ଟକ୍ଲାସ ମାଜିଷ୍ଟ୍ରେଟ ଶ୍ରୀ ରାଧାମୋହନ ପଟ୍ଟନାୟକଙ୍କ ଇଜ୍‌ଲାସରେ ସେ ମୋକଦ୍ଦମା ଚାଲିଲା । ସାକ୍ଷୀପ୍ରମାଣ ଅଭାବରୁ ଶେଷରେ ମାଜିଷ୍ଟ୍ରେଟ ଭାଇନାଙ୍କୁ ଖଲାସ କରି ଦେଇଥିଲେ, ସେଥିପାଇଁ ଇଂରେଜ ହାକିମଙ୍କ-ଠାରୁ ତାଙ୍କୁ ନିର୍ଯ୍ୟାତନା ସହିବାକୁ ପଡ଼ିଥିଲା ।

ସେହି ସମୟରେ ସ୍ଥାନୀୟ ଫରୱାର୍ଡ ବ୍ଲକ କର୍ମୀଙ୍କ ସଙ୍ଗେ ସମ୍ପର୍କ ରଖିଥିବା କେତେକ ସୁଭାଷସେନା ବିଦେଶରୁ ଆସି, ପୁରୀ ସମୁଦ୍ର କୂଳରେ ଓ ଗଞ୍ଜାମର ଚାଲୁଇଠାରେ ଡଙ୍ଗା ଓ ପାରାଚ୍ୟୁଟ ଯୋଗେ ଓହ୍ଲାଇଥିବାବେଳେ ସରକାରଙ୍କ ଦ୍ୱାରା ବନ୍ଦୀହୋଇ ମୃତ୍ୟୁଦଣ୍ଡ ପାଇଥିଲେ । ସେମାନଙ୍କ ଭିତରେ ସୁଭାଷଙ୍କ ନିଜ ସମ୍ପର୍କୀୟ ଲୋକ ମଧ୍ୟ ଥିଲେ । ତଥାପି ସୁଭାଷ ସେନାଙ୍କ ସଙ୍ଗେ ସମ୍ପର୍କ ରଖିଥିବା ଗୁପ୍ତ ଓ୍ୱାରଲେସ୍ ରେଡ଼ିଓ ସବୁ ସରକାରଙ୍କ ଆଖିରେ ଧୂଳିଦେଇ ଓଡ଼ିଶାର ନାନା ସ୍ଥାନରେ କାର୍ଯ୍ୟ କରୁଥିଲା । ବପୁଲିଶ ଆନ୍ଦୋଳନବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଗଞ୍ଜାମରେ ତାଙ୍କ ବାସ-ଭବନରୁ ବନ୍ଦୀ ହେଲବେଳେ ସେ କଥା ଭାରତରେ କେହି ଜାଣିବା ପୂର୍ବରୁ ବିଦେଶୀ ରେଡ଼ିଓରୁ ଘୋଷଣା କରାଯାଇ ସାରିଥିଲା ।

ସବୁକାଳେ ଯୁଦ୍ଧରେ ବିଜେତା ଦଳର, ପରାକ୍ରମ ବଢ଼େ ଓ ସେ ପ୍ରଶଂସିତ ହୁଏ । ଯୁଦ୍ଧରେ ପରାସ୍ତ ହୋଇଥିବା ଦଳ ନିନ୍ଦା ଓ ଅପମାନ ପାଏ ଓ ତାକୁ ନିଶ୍ଚିହ୍ନ କରିବାକୁ ବିଜେତା ଚେଷ୍ଟାକରେ ।

ଇଂରେଜଙ୍କ ବିରୁଦ୍ଧ ଯୁଦ୍ଧ ଜିତି ଥାଆନ୍ତେ ତେବେ ଇଂରେଜଙ୍କ ଅବସ୍ଥା ଅନ୍ୟ ପ୍ରକାର ହୋଇ ଥାଆନ୍ତା । ସୁଭାଷ ବିଜୟୀ ଭାବରେ ଭାରତକୁ ଲେଉଟି ଥାଆନ୍ତେ କିନ୍ତୁ ବିଧିର ବିଧାନ ଅନ୍ୟପ୍ରକାର, ସୁଭାଷସେନାର ପରାଜୟ ଶୁଣି ନନା ଓ ଅନ୍ୟାନ୍ୟ କର୍ମୀମାନେ ମର୍ମାହତ ହୋଇପଡ଼ିଲେ ।

୧୯୪୩ ଫେବୃୟାରୀରେ କାରା କାରାଗାରରେ ଗାନ୍ଧିଙ୍କ ଅନଶନ ଯୋଗୁ ଭାଇସରାଏ କାଉନସିଲ (କେନ୍ଦ୍ରମନୋନୀତ ମନ୍ତ୍ରୀମଣ୍ଡଳର) ର

Digitized by srujanika@gmail.com

ସଦସ୍ୟ ଏମ୍. ଏସ୍ ଆଣେ, ଏନ୍.ଏସ୍ ସରକାର ଓ ମୋଦି ପ୍ରଭୃତି ଇସ୍ତଫା ଦେଲେ ।

ଓଡ଼ିଶାର ଲାଟସାହେବ ନନାଙ୍କ ଦଳ ବିରୁଦ୍ଧରେ ବହୁ ଗୁପ୍ତ ରିପୋର୍ଟ ବଡ଼ଲାଟଙ୍କ ପାଖକୁ ପଠାଉଥିଲେ । ନନାଙ୍କର ଓଡ଼ିଶାର ଲାଟ ସାହେବଙ୍କ ସଙ୍ଗେ ଖୋଲା ଖୋଲି ମତଭେଦ ହେଲା । ନନା ଜଣସ୍ୱ ଯୁଦ୍ଧ ସାମ୍ରାଜ୍ୟର ମୁଖ୍ୟ ହେତୁ ଇସ୍ତଫା ଦେଲେ । ନବଭାରତ ଦୈନିକ ପତ୍ରିକାର ସରକାରୀ ସାହାଯ୍ୟ ମଧ୍ୟ ବନ୍ଦହେଲା । ସେ ସେହି କାଗଜକୁ ସରକାରୀ କଳଠାରୁ ଦୂରରେ ରଖି ନିଜେ ଚଳାଇଲେ ।

ଇଂରେଜମାନେ ଜିତିଲେ ମଧ୍ୟ ତାଙ୍କର ଭାରତୀୟ ସୈନ୍ୟ ବାହିନୀ ଭିତରେ ସୁଭାଷଙ୍କ ଭୂତ ଦେଖିବାକୁ ପାଇଲେ । ବନ୍ଦୀ ସୁଭାଷ ସେନାଙ୍କୁ ଆଣି ଦିଲ୍ଲୀ ଲାଲକିଲା ଭିତରେ ରଖି ଯୁଦ୍ଧବନ୍ଦୀ ଭାବରେ ସାମରିକ ଅଦାଲତରେ ବିଚାର କଲାବେଳକୁ, ସେନାବାହିନୀ ଓ ଦେଶ ହଲଚଲ ଜମିଲା । ନନା ନବଭାରତ ଦୈନିକ ପତ୍ରିକାରେ ସେମାନଙ୍କୁ ସମର୍ଥନ କରି ବହୁ ଅଗ୍ରଲେଖା ଲେଖିଲେ । ଜବାହରଲାଲ ନେହେରୁ ବହୁକାଳ ପରେ ଓକିଲାତି ପୋଷାକ ପିନ୍ଧି ସେମାନଙ୍କ ସପକ୍ଷରେ ଲଢ଼ିଲେ । ଇଂରେଜ ସରକାର ବାଧ୍ୟହୋଇ ସେମାନଙ୍କୁ ଖଲାସ କଲେ ଓ ଭାରତକୁ ସ୍ୱାଧୀନତା ଦେବାର ବିଚାର କଲେ ।

ଶେଷରେ ଇଂରେଜମାନେ କୌଶଳରେ ଭାରତକୁ, ଭାରତ ଓ ପାକିସ୍ଥାନ ଦୁଇଟି ଦେଶବୋଲି ବିଚାରକରି ଦୁଇଭାଗ କରି ଛାଡି ଚାଲିଗଲେ । ମହାତ୍ମାଗାନ୍ଧି ଦୁଇଦେଶ ପ୍ରସ୍ତାବକୁ ଗ୍ରହଣ ନକଲେ ମଧ୍ୟ ଅନ୍ୟାନ୍ୟ କଂଗ୍ରେସ ନେତାମାନେ ତାଙ୍କ କଥା ନଶୁଣି ଇଂରେଜଙ୍କ ପ୍ରସ୍ତାବରେ ରାଜି ହୋଇଗଲେ । ଦେଶରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ବୃଦ୍ଧି ପାଇଲା ମହାତ୍ମାଗାନ୍ଧିଙ୍କର ମୁସଲମାନଙ୍କ ପ୍ରତି କୋହଳ ନୀତି ଦେଖି ତାଙ୍କ ପ୍ରାର୍ଥନା ସଭାରେ ସ୍ୱାଧୀନତାର ଅଳ୍ପଦିନ ପରେ ନାଥୁରାମ ଗଡ଼ସେ ନାମକ ଜଣେ ହିନ୍ଦୁ ଯୁବକ ତାଙ୍କୁ ଗୁଳି କରି ମାରିଦେଲେ ।

ଦେଶର ରାଜନୈତିକ ପରିସ୍ଥିତି ପୁରା ଓଲଟ ପାଲଟ ହୋଇଗଲା । ନନାଙ୍କ କେନ୍ଦ୍ର ଆସେମ୍ବ୍ଲିର ସଦସ୍ୟ ପଦର କାର୍ଯ୍ୟକାଳ ବ

Digitized by srujanika@gmail.com

ପୂରିଗଲା । ସେ ରାଜନୀତି ପୂରାପୂରି ଛାଡ଼ିଦେଇ ପୂର୍ଣ୍ଣ ପ୍ରାଣରେ ଲେଖା ପଢ଼ାରେ ମନୋନିବେଶ କଲେ ।

ନବଭାରତ ଦୈନିକ ପତ୍ରିକା (ରାଜନୈତିକ ପତ୍ରିକା) ବନ୍ଦ ହୋଇଗଲା । ମିଳିତ ମନ୍ତ୍ରୀମଣ୍ଡଳର ଆବଶ୍ୟକତା ଆଉ ନଥିବାରୁ ତାଙ୍କ ପରାମର୍ଶରେ ସ୍ୱାଧୀନତା ମିଳିବା ପୂର୍ବରୁ ପାରଳାଖେମୁଣ୍ଡି ମହାରାଜା ଇସ୍ତଫା ଦେଇ ମନ୍ତ୍ରୀମଣ୍ଡଳ ଭାଙ୍ଗିଦେଇଥିଲେ ।

ସେ ନବଭାରତ ମାସିକ ପତ୍ରିକାର ସମ୍ପାଦନା, ସାହିତ୍ୟର ଜନ୍ମ ପରିମାଣ ପରି ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ ରଚନା ପ୍ରଭୃତି ସାହିତ୍ୟ ଚର୍ଚ୍ଚାରେ ପୁଣି ଲାଗିପଡ଼ିଲେ ।

Digitized by srujanika@gmail.com

# ନନାଙ୍କ ପାଠନିଷ୍ଠା ଓ ପାଣ୍ଡିତ୍ୟ

(ଏଗାର)

## ପାଠ ଓ ଚିନ୍ତାରେ ଏକାଗ୍ରତା—

ତାଙ୍କ ରାଜନୈତିକ ଜୀବନର ସମସ୍ତ ଉତ୍ଥାନପତନ ଭିତରେ ମଧ୍ୟ ସେ ଲେଖାପଢ଼ା କେବେ ଛାଡ଼ିନଥିଲେ । ପାଠ ପଢ଼ାଟା ଥିଲା ତାଙ୍କର ଗୋଟାଏ ବଡ଼ ନିଶା ।

ରାତି ନଅଟା ଦଶଟା ପର୍ଯ୍ୟନ୍ତ ରାଜନୀତି ଚର୍ଚ୍ଚା, ସାହିତ୍ୟ ଆଲୋଚନା ଓ ଗପସପ ସବୁ ସରୁଲେ । ତାପରେ ଖାଇସାରି ସେ ବହିଧରି ରାତି ତିନିଟା ଚାରିଟା ପର୍ଯ୍ୟନ୍ତ ପଢ଼ନ୍ତି । ଗୋଟିଏ ବହି ଥରେ ପଢ଼ିସାରିଲେ ସେ ତାକୁ ଫିଙ୍ଗି ଦିଅନ୍ତି । ଏକାଗ୍ରତାଯୋଗୁ ସେ ବହିର ବିଷୟବସ୍ତୁ ତାଙ୍କର ଚିରଦିନ ପାଇଁ ମନରେ ଅଙ୍କି ହୋଇଯାଏ । ଯେତେଦିନ ପରେ ପଚାରିଲେ ସେ ବହିର ପୃଷ୍ଠା ଓ ପଂକ୍ତି ସହିତ ତାର ସମସ୍ତ ବିଷୟବସ୍ତୁ ଡୁଣ୍ଡେ ଡୁଣ୍ଡେ କହିଯାଇ ପାରନ୍ତି । ତାଙ୍କର ପ୍ରଖର ସ୍ମରଣଶକ୍ତି ଯୋଗୁ ତାଙ୍କର ନିଜର ଲାଇବ୍ରେରୀଟିଏ ରଖିବା ଦରକାର ହୋଇନଥିଲା ।

ବହି ନଥିଲେ ଏକୁଟିଆ ବସିଲାବେଳେ ସେ ବସିବସି କଣସବୁ ନିବିଷ୍ଟ ଚିତ୍ତରେ ଭାବୁଥାଆନ୍ତି । ସେ ଯେତେବେଳେ ଯେଉଁଠି ବସନ୍ତି, ଚକାମାଳି ପକାଇ ମେରୁଦଣ୍ଡ ସିଧା କରି ବସି ରହନ୍ତି । ସେ ଏପରି ବସି ଯୋଗସ୍ଥ ଭଳି ଗଭୀରଭାବରେ ଚିନ୍ତାମଗ୍ନ ଥିଲାବେଳେ ତାଙ୍କ ଆଖି ମେଲା ଥିଲେ ମଧ୍ୟ ସେ ଚାହିଁକରି ମଧ୍ୟ କାହାକୁ ଦେଖନ୍ତି ନାହିଁ ଓ ତାଙ୍କ ନିକଟରେ କଥାବାର୍ତ୍ତା ହେଲେ ତାହା ଶୁଣିପାରନ୍ତି ନାହିଁ ।

ତାଙ୍କର ଖାଇବାବେଳ ହେଲେ ରୋଷେଇ ସରିବା ସଙ୍ଗେ ସଙ୍ଗେ ପାଣି ଉଷୁମ ହୋଇ ତାଙ୍କ ଗାଧୁଆ ସ୍ଥାନରେ ଥୁଆ ହୋଇଥାଏ । ନନା ଖବର ପାଇଲାକ୍ଷଣି, ଗାଧୁଆ ଘରକୁ ଯାଇ ଉଷୁମ

Digitized by srujanika@gmail.com

ପାଣି ଦୁଇଗୁଣ୍ଡ ଢ଼ାଳ ଢ଼ାଳିହୋଇ ପଡ଼ୁ ସ୍ନାନ ଶେଷକରି ଖାଇବା ଅସନରେ ଆସି ବସନ୍ତି । ବିଦ୍ୟାର୍ଥୀର ପଞ୍ଚ ଲକ୍ଷଣ—କାକସ୍ନାନ, ବକ-ଧ୍ୟାନ, ଶ୍ୱାନନିଦ୍ରା, ଅଳ୍ପାହାରୀ, ଗୃହତ୍ୟାଗୀ ରୁ କାକ ସ୍ନାନକୁ ଯଦି କୂଅପରି ଅଳ୍ପ ପାଣିରେ ସ୍ନାନ କରିବା ଅର୍ଥରେ ନିଆଯାଏ ତାହେଲେ ସେସବୁ ଲକ୍ଷଣତକ ତାଙ୍କଠାରେ ଥିଲା ।

ଆମ ଘରେ, ଆମ ଗାଁ ପାଖର 'ଗଦା' ବୋଲି ୧୨, ୧୪ ବର୍ଷ ବାଳକଟିଏ ବୋଉକୁ ରୋଷେଇରେ ସାହାଯ୍ୟ କରିବାକୁ ଥାଏ । ସେ ନନାଙ୍କୁ ମଉସା ଓ ବୋଉକୁ ମାଉସୀ ବୋଲି ସମ୍ବୋଧନ କରେ । ଥରେ ନନା ବାରଣ୍ଡାପିଣ୍ଡାରେ ଚିନ୍ତାମଗ୍ନ ହୋଇ ବସିଛନ୍ତି । ରୋଷେଇ ସରିଯିବାରୁ "ମଉସା ଖାଇବାକୁ ଆସନ୍ତୁ, ଉଷୁମ ପାଣି ଦିଆହେଲାଣି" ବୋଲି ତାଙ୍କ ନିକଟକୁ ଆସି 'ଗଦା' ଦୁଇ ତିନିଥର ବଡ଼ ପାଟିରେ କହିବା ପରେ ବି, ସେ ହୁଁ କି ଚୁଁ କିଛି କହିଲେ ନାହିଁ ।

ଗଦା ବଡ଼ ବଗୁଲିଆ ପିଲା, ତା କଥା ଶୁଣି ନନା ସେଠାରୁ ନ ଉଠିବାରୁ, ସେ ମନେ ମନେ ବିରକ୍ତ ହୋଇ ଶେଷରେ ତାର ଦୁଇହାତର ଦୁଇଟାଯାକ ବଣି ଆଙ୍ଗୁଠି ତାଙ୍କ ଆଖି ଆଗକୁ ତାଙ୍କ ଆଖିରେ ଗେଞ୍ଜିଲା ଭଳି ଦେଖାଇ କହିଲା "ତୁମକୁ କଅଣ ମୁଁ ଦିଶୁନାହିଁ ମୋ କଥା କଅଣ ତୁମକୁ ଶୁଭୁନାହିଁ ! ମୁଁ କେତେ ଡାକୁଥିବି, ହେ ସ୍ନଟୁଖୁନ ମୁଟୁମୁନ ମଉସା, ଭାତ ବଢ଼ା ହୋଇ ଥଣ୍ଡା ହେଲାଣି, ଆସ ମୁଠେ ହାଣିଦେଇଯିବ ।"

ତାର ଶବ୍ଦରେ ଓ ଆଙ୍ଗୁଠି ଗେଞ୍ଜା ଅଭିନୟରେ ତାଙ୍କର ଧ୍ୟାନ ଭାଙ୍ଗିଲା କିନ୍ତୁ ସେ ତାର କଥା ଓ ଅଙ୍ଗଭଙ୍ଗୀ ଭଲଭାବରେ ବୁଝିପାରି ନଥିଲେ କି ଦେଖିପାରି ନଥିଲେ । ସେ କହିଲେ 'କଅଣ ରୋଷେଇ ସରିଲାଣି ହଉ ତେବେ ଚାଲ ମୁଁ ଯାଉଛି' । ଏହାକହି ସେଠାରୁ ଉଠି ସିଧା ସିଧା ଗାଧୁଆ ଘରକୁ ଗଲେ ।

ତାଙ୍କର ଅସରନ୍ତି ଭାବନା ଦେଶକଥା, ପାଠକଥା, ପ୍ରଭୃତି ଭାବ ଭାବ ନିଜକଥା, ଘରକଥା କି ଅନ୍ୟ ସାଂସାରିକ ସାଧାରଣ କଥାରେ ମନ ଦେବାପାଇଁ ତାଙ୍କୁ ବେଳ ମିଳେ ନାହିଁ କି ଆଗ୍ରହ ନଥାଏ ।

Digitized by srujanika@gmail.com

## ଘର ସଂସାର ଚିନ୍ତା—

୧୯୩୭ ମସିହାରେ ଜେଲ୍‌ରୁ ଫେରି ଘରେ ପହଞ୍ଚିବା ସଙ୍ଗେ ସଙ୍ଗେ ବୋଉ ବ୍ୟସ୍ତ ହୋଇ ତାଙ୍କୁ କହିଲା ତୁମେ କେଉଁ ଘରର କାହା କଥା କିଛି ବୁଝିବ ନାହିଁ ତେବେ ଘର ସଂସାର କଲ କାହିଁକି ? ମୁଁ ମାଇପି ଟାଏ ଦଶବର୍ଷ ବୟସରୁ ତୁମ ଘରକୁ ଆସି ତୁମ ଘର ଜଞ୍ଜାଳ ମୁଣ୍ଡାଇ ଖାଲି ଘାଣ୍ଟି ହେଉଥିବି ।'

ବୋଉ ନନାଙ୍କୁ କେବେ ଏମିତି କଡ଼ା କଥା କହେ ନାହିଁ, ସବୁ ଦିନବେଳେ ସହିଯାଏ । ତା ଉପରେ ଘରର ସମସ୍ତ ଭାର ଲଦାଇଦେଇ ସେ ନିଶ୍ଚିନ୍ତ ଥାଆନ୍ତି । ସୁବିଧା ଅସୁବିଧା ନବୁଝି ବେଳା ଅବେଳାରେ ପାଞ୍ଚ ପାଞ୍ଚ ଲୋକ ସାଙ୍ଗରେ ଧରି ବେଳେବେଳେ ଘରେ ପହଞ୍ଚନ୍ତି ସେମାନଙ୍କୁ ସଙ୍ଗେ ସଙ୍ଗେ ହାତରେ ରାନ୍ଧି ବୋଉ ଖାଇବାକୁ ଦିଏ । ନନାଙ୍କର ଟଙ୍କା ଦରକାର ହେଲେ, ତାଙ୍କୁ ଯୋଗାଇବାକୁ ପଡ଼େ । ତାଙ୍କର କିଛି ଅସୁବିଧା ହେଲେ ସେ ଓଲଟି ବୋଉକୁ ଦୋଷ ଦେଇ କହନ୍ତି ଏଥିରୁ ତେ ଟାଏ ବାଲି ମାଠିଆ ବେକରେ ବାନ୍ଧି ଜୀବନ ଯାକ କେତେ ନଛ ପଡ଼ିବ ? ବୋଉ ବଡ଼ ଶାନ୍ତଶିଷ୍ଟ ଓ ସହିଷ୍ଣୁ ଲୋକ, ସେ ତାଙ୍କୁ କିଛି ଉତ୍ତର ନଦେଇ ତୁନି ରହିଯାଏ ।

ଉପରେ ବୋଉକୁ ଏପରି କହିଲେ ମଧ୍ୟ ତା ଉପରେ ନନାଙ୍କର ବଡ଼ ଉଚ୍ଚ ଧାରଣା ଥାଏ ଓ ତାର କଥାକୁ ସେ ସମ୍ମାନ ଦିଅନ୍ତି । ବୋଉ ଏପରି ଟାଣ ଟାଣ କଥା କହିବାର ବିଶେଷ କାରଣ ଥିଲା । ସେତେବେଳେ ଗୃହଯୋଗ୍ୟ ହେବା ପୂର୍ବରୁ ବିବାହ ଦେବାକୁ ଡରୁଥିଲ ମୋର ଭଉଣୀମାନେ ମଧ୍ୟ ପାଠ ପଢ଼ିବାର ବିଶେଷ ସୁବିଧା ପାଇନଥିଲେ ଗୃହଯୋଗ୍ୟ ନହୋଇଥିଲେ ମଧ୍ୟ ମୋ ବଡ଼ ଭଉଣୀର ବିବାହ ବୟସ ହୋଇଯାଇ ଥିଲା ତେଣୁ ବୋଉର ଏପରି ବ୍ୟସ୍ତ ହେବା ସ୍ୱାଭାବିକ ।

ବୋଉ ପୁଣି କହିଲା—ବଡ଼ ଝିଅକୁ ବୟସ ହେଲଣି, ଝିଅପାଇଁ ପାତ୍ରଟିଏ ଖୋଜିବାକୁ ତୁମକୁ ବେଳ ନାହିଁ ଆଉ କିଏ ଖୋଜିବ ? ଝିଅ କଅଣ ସବୁଦିନ ଅଭିଆଡ଼ି ହୋଇ ଘରେ ରହିବ ? ବୋଉ କଥାଶୁଣି ସେ ଗମ୍ଭୀର ହୋଇଗଲେ । କିଛି ସମୟ ପରେ କହିଲେ ହଁ ହଁ ସେବି ତ ମୋର ଗୋଟିଏ କର୍ତ୍ତବ୍ୟ, ମୁଁ ସେ କଥା ନଭାବି ଭୁଲ କରୁଛି ।

Digitized by srujanika@gmail.com

ରେଲ ଗାଡ଼ି ସମୟ-ତାଲିକାଟି ବାକ୍ସରୁ ବାହାରକରି ତାକୁ ଏପଟ ସେପଟ କେଇଥର ଚାହିଁବା ପରେ ସେ ଆମଘରର ହଳିଆକୁ ଡାକି କହିଲେ ଏବେ ବ୍ରହ୍ମପୁରକୁ ଗାଡ଼ି ଅଛି ସମୟ ହେଲାଣି ତୁ ଶୀଘ୍ର ଶଗଡ଼ ଯୋଚ ମୁଁ ଷ୍ଟେସନକୁ ଯିବି ।

ସେ ବ୍ରହ୍ମପୁରରେ ଜଗନ୍ନାଥ ପଣ୍ଡାଙ୍କ ନ୍ୟାସନାଲ ହୋଟେଲରେ ପହଁଚିଲେ । ସେ ଆସିବାର ଖବର ପାଇ ତାଙ୍କ ସହକର୍ମୀ ଦିବାକର ପଟ୍ଟନାୟକ, ଶ୍ରୀ ଜଗନ୍ନାଥ ମିଶ୍ର ବଳରାମ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ଅର୍ଜ୍ଜୁନ ଚୌଧୁରୀ ପ୍ରଭୃତି ତାଙ୍କ ନିକଟକୁ ଆସିଲେ । ସେ ସେମାନଙ୍କୁ କହିଲେ ଏଥର ମୁଁ ଦେଶ କାମରେ ନଆସି ନିଜ କାମରେ ଆସିଛି । ସେ କାମଟି ନହେଲେ ମୋର ଦେଶ କାର୍ଯ୍ୟ କରିବାରେ ବାଧା ହେବ, ତେଣୁ ତୁମେମାନେ ସମସ୍ତେ ଲାଗି ପଡ଼ି ତାର କିଛି ବ୍ୟବସ୍ଥା କଲେ ଯାଇଁ ମୁଁ ଏଠାରୁ ଫେରିବି ।

ବ୍ରହ୍ମପୁରରେ ବିବାହ ଯୋଗ୍ୟ ଭଲ ପାତ୍ର କିଏ ଅଛନ୍ତି ସେ ବିଷୟରେ ଅନୁସନ୍ଧାନ ଚାଲିବା ପରେ ନନାଙ୍କର ପ୍ରିୟ ବନ୍ଧୁ ମଦନ ରଥଙ୍କ ଭାଇଙ୍କର ଗୋଟିଏ ପୁଅ ବାହାହେବାକୁ ଥିବା ଶୁଣି ତାଙ୍କ ନିକଟକୁ ଗଲେ କିନ୍ତୁ ସେ ପୁଅଟିର ଅଳ୍ପଦିନ ପୂର୍ବରୁ ଅନ୍ୟ ସ୍ଥାନରେ କଥା ଦିଆ ସରିବାରୁ ସେଠାରୁ ଫେରି ତାଙ୍କ ଦଦେଇ ପୁଅ ଭାଇଙ୍କର ଗୋଟିଏ ପୁଅ ମାନ୍ଦ୍ରାଜରେ ଇଞ୍ଜିନିଅରିଂ ପଢ଼ୁଥିବାର ଶୁଣି ସେ ଭଦ୍ରଲୋକଙ୍କୁ ଯାଇ ଭେଟିଲେ ।

ସେ ଭଦ୍ରଲୋକ ଶିକ୍ଷା ବିଭାଗର ଜିଲ୍ଲା ଶିକ୍ଷା ଅଫିସର ଶ୍ରୀ ଶିବରାମ ରଥ ସେ ତାଙ୍କ କୋଠା ଉପରେ ଠିଆ ହୋଇଥିଲେ । ନନା ତାଙ୍କୁ ଦୂରରୁ ଦେଖିବାକ୍ଷଣି ଡାକିକରି କହିଲେ "ରଥେ ମୁଁ ଆପଣଙ୍କ ପାଖକୁ ଗୋଟିଏ କାମରେ ଆସିଛି । ସେ ତଳକୁ ଓହ୍ଲାଇ ଆସି ଘର ଭିତରକୁ ଡାକିବାରୁ ନନା କହିଲେ ଆପଣ ମୋ ପ୍ରସ୍ତାବଟି ଗ୍ରହଣ କରିବେ ବୋଲି କବାବ ଦେଲେ ମୁଁ ଆପଣଙ୍କ ଘର ଭିତରକୁ ଯିବି । ଶିବରାମ ବାବୁ ବଡ଼ ଉଦାର ଓ ସରଳିଆ ଲୋକ ସେ କହିଲେ ଆପଣଙ୍କ ପ୍ରସ୍ତାବ ତ କେବେ ଅବାନ୍ତର ହୋଇନଥିବ ହଉ ମୁଁ କବାବ ଦେଉଛି ମୋ ଘରେ ଆପଣଙ୍କ ପାଦ ପଡ଼ୁ ।

Digitized by srujanika@gmail.com

ନନାଙ୍କ ପ୍ରତି ତାଙ୍କର ଅତି ଉଚ୍ଚ ଧାରଣା ଥିଲା । ନନାଙ୍କ ପ୍ରସ୍ତାବ ଶୁଣିବା ସଙ୍ଗେ ସଙ୍ଗେ ତାଙ୍କ ପରିଚିତ ବନ୍ଧୁ, ବାନ୍ଧବେ ଜାଣି ସେ ବଡ଼ ଆଗ୍ରହ ଦେଖାଇଲେ । ସେତେବେଳେ ପୁଅମାନଙ୍କର ମତନେବା କିଛି ଦରକାର ପଡ଼ୁନଥିଲା ତେଣୁ ନନା ସେଇଠାରେ ଠିକ୍ କରିସାରି ରଥଙ୍କ ସାନଭାଇ (ନନାଙ୍କ ପୂର୍ବତନ ଗୁରୁ)ଙ୍କୁ ସଙ୍ଗରେ ଧରି ଗାଁକୁ ଆସି ବିବାହ ଦିନ ନିର୍ଦ୍ଧାରଣ କରି ତାଙ୍କୁ ଜଣାଇଦେଲେ ।

ଝିଅଟି ଦେଖିବାକୁ କିପରି ? ସ୍ୱଭାବ ଚରିତ୍ର କଅଣ ? ଘର କିପରି ? ଏସବୁ ବୋଉ ନନାଙ୍କୁ ପଚାରିବାରେ ନନା କହିଲେ, ଘର ଭଲ ଝିଅଟି ଦକ୍ଷିଣର ଜଣେ ଜଣାଶୁଣା ବିଖ୍ୟାତ ପଣ୍ଡିତଙ୍କ ନାତି ଓ ଜଣେ ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ଝିଅ । ତାଛଡ଼ା ମୁଁ ଅଧିକ କିଛି ଜାଣେ ନାହିଁ ସେଇ ଆମ ପାଇଁ ଯଥେଷ୍ଟ । ମୁଁ ପିଲାଙ୍କୁ ଦେଖିନାହିଁ, ସେ ପିଲାଦିନୁ ଦକ୍ଷିଣରେ ରହି ବଢ଼ିଥିବାରୁ ଓ ବର୍ତ୍ତମାନ ମାନ୍ଦ୍ରାଜରେ ରହି ପଢ଼ୁଥିବାରୁ ମୋ ଲୋକେ ବି ତାକୁ କେହି ଦେଖିନାହାନ୍ତି । ଝିଅଟି ଇଞ୍ଜିନିୟରିଙ୍ଗ ପଢୁଛି ତେଣୁ ମେଧାବୀ ଓ ଚରିତ୍ରବାନ ହୋଇଥିବ । ଖୋଣ୍ଡା କାଲ କେମ୍ପା କି ଅନ୍ଧ ହୋଇନଥିବ । ରଙ୍ଗରେ ହୁଏତ ଟିକିଏ ସଫା କି ମଇଳା ହୋଇଥିବ । ଝିଅ ପିଲାର ରଙ୍ଗରେ କଅଣ ଯାଏ ଆସେ । ଆମ ଝିଅତ ତାଙ୍କ ଘରର ମନକୁ ପାଇଲା ତାପରେ ଅଉ ବିଚାର କରିବାର କଣ ଅଛି ?

ବୋଉ ନନାଙ୍କ କଥା ଶୁଣି ଅବାକ୍ ହେଲା । ନନାଙ୍କୁ ଜ୍ୱାଇଁ ବାଛିବାକୁ କହି ଭୁଲ କରିଛି କି ଠିକ୍ କରିଛି ତା ଭାବିପାରିଲା ନାହିଁ । ଏପରି ହୁଙ୍କପିଟା ଜ୍ୱାଇଁ ବଛା ବୋଧହୁଏ ଆଉ କେଉଁଠି ହୋଇନଥିବ । କିନ୍ତୁ ଆମ ଭାଗ୍ୟକୁ ଯୋଗ୍ୟ ଓ ଭଲ ଜ୍ୱାଇଁ ବାଛିବାରେ ତାଙ୍କର କିଛି ଭୁଲ ହୋଇନଥିଲା ।

ଅବଶ୍ୟ ଆଉ ଦୁଇଭଉଣୀଙ୍କ ବିବାହ ବେଳକୁ ବୋଉ ନନାଙ୍କୁ ଆଉ କଷ୍ଟ ନଦେଇ ନିଜେ ଯୋଗାଡ଼କରି ଆମ ଜିଲ୍ଲାରେ ଜଣାଶୁଣା ଘରେ ଜ୍ୱାଇଁ ଠିକ୍ କରିଥିଲା । ନନାବି ଖୁସିରେ ସେଥିରେ ସମ୍ମତି ପ୍ରଦାନକରି ନିଶ୍ଚିନ୍ତ ହୋଇଥିଲେ ।

Digitized by srujanika@gmail.com

## ପାଠପଢ଼ା ଉପଦେଶ—

ଆମ ପାଠପଢ଼ା ବିଷୟରେ ବି ସେ ବ୍ୟସ୍ତ ହେଉନଥିଲେ । ଆମ ପଢ଼ାପଢ଼ିର ତତ୍ତ୍ୱ ନେଇ ନପାରିଲେ ମଧ୍ୟ ପାଠପଢ଼ା ସମ୍ବନ୍ଧରେ ବେଳେବେଳେ ଉପଦେଶ ଦେଉଥିଲେ । ପାଠ ମନେରଖିବା ବିଷୟରେ ସେ ମୋତେ ଗୋଟିଏ ଦୃଷ୍ଟାନ୍ତ ଦେଇ କହୁଥିଲେ, ମନେକର ତୁମେ ତୁମ ଦୁଆରେ ବସି ଗପ କରୁଛ, ସାମନା ରାସ୍ତାରେ ତୁମ ସହିତ କୌଣସି ସମ୍ପର୍କ ନଥିବା ବହୁ ଲୋକ ଯିବା ଆସିବା କରୁଛନ୍ତି, ସେଥିରୁ କାହା ସମ୍ବନ୍ଧରେ କେହି ଯଦି ତୁମକୁ ପଚାରେ ଅମୁକ ଲୋକ ଏହି ବାଟରେ ଯିବାର ଥିଲା ସେ ଲମ୍ବା ମୋଟା କାଳିଆ ଲୋକଟି ଖଣ୍ଡିଏ ନାଲିଜାମା ପିନ୍ଧି ଏ ବାଟରେ ଯାଇଥିବ, ସେ ଯାଇଛି କି ନାହିଁ ତୁମେ କହିପାରିବ କି ? ତା' ବିଷୟରେ ତମର ଖିଆଲ ନଥିବାରୁ ସେ ଯିବାର ଦେଖିଥିଲେ ମଧ୍ୟ ସେ ଯିବାର ତୁମେ ଲକ୍ଷ୍ୟ କରି ନଥିବ କି ତା କଥା ମନେ କରିନଥିବ, ତେଣୁ ତା ବିଷୟରେ କିଛି କହିପାରିବ ନାହିଁ ।

ତୁମ ସମ୍ପର୍କୀୟ ବନ୍ଧୁ, ଯଥା ତୁମ ମାମୁଁ ଯଦି ତୁମକୁ ନବୁଝି କୌଣସି ଜରୁରୀ କାମରେ ତରତରରେ ସେହିକି ବେଳେ ଚାଲି ଯାଇଥିବେ ତେବେ ଯେତେଦିନ ପରେ ହେଉ ତୁମର ସେ ଘଟଣା ମନେ ରହିଥିବ ଓ ସେ କେଉଁ ସମୟରେ କି ପୋଷାକ ପିନ୍ଧି କପରି ଯାଉଥିଲେ ସେ ବିଷୟ ତୁମେ ବିଶଦଭାବରେ ବର୍ଣ୍ଣନା କରି କହିପାରିବ ।

ସେହିପରି ନିଜର ଜ୍ଞାନ ଅର୍ଜନ ପାଇଁ ଯେଉଁ ପୁସ୍ତକର ବିଷୟ ବସ୍ତୁକୁ ତୁମେ ଆଗ୍ରହ ସହକାରେ ପଢ଼ି ନିଜର କରିବାକୁ ଇଚ୍ଛା କରିବ ତାହା ସବୁଦିନ ପାଇଁ ତୁମର ମନେ ରହିଯିବ କିନ୍ତୁ ପରୀକ୍ଷାର ବାଧ୍ୟ ବାଧକତାରେ କିମ୍ବା ଅନ୍ୟକଥା ଭାବୁଥିଲା ବେଳେ ବା ଖାଲି ପଢ଼ିବା କଥା ବୋଲି ବହିର କିଛିଟିଏ ପଢ଼ିଗଲେ ତାର ପଢ଼ିବା ବିଷୟଗୁଡ଼ିକ ମନେରଖିବା କଷ୍ଟସାଧ୍ୟ ହେବ ।

## ବଦଭ୍ୟାସ—

କୌଣସି ବିଷୟ ବୁଝି ହେଉନଥିଲେ ବା ତୁମପାଇଁ କଷ୍ଟ ଥିଲେ ତାକୁ ଅଧ୍ୟବସାୟ ବଳରେ ମଧ୍ୟ ଆୟତ୍ତ କରିହେବ ବୋଲି ତାଙ୍କ ମତ

Digitized by srujanika@gmail.com

ଥିଲା । ସେ ବି.ଏ.ରେ ପ୍ରଥମକରି କେମେଷ୍ଟ୍ରି ନେଇଥିବାବେଳେ ତାଙ୍କର ମନେ ହେଉଥିଲାନାହିଁ କି ସେ ଭଲକରି ବୁଝିପାରିଲେ ନାହିଁ ତେଣୁ ସେ ସେହି ବିଷୟକୁ ଆୟତ୍ତାଧୀନ କରିବାକୁ ଦୃଢ଼ପରିକର ହୋଇ ଅଧ୍ୟବସାୟ ବଳରେ ଏକାଦିକ୍ରମେ ୭୯ଥର ପଢ଼ି ସେ କେମିଷ୍ଟ୍ରିର ସମସ୍ତ ବିଷୟ ବସ୍ତୁ ପୂରା ମୁଖସ୍ଥ କରିଦେଇଥିଲେ । ତା ଫଳରେ ବି.ଏ. ପରୀକ୍ଷାରେ କଲିକତା ବିଶ୍ୱବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀଙ୍କ ଭିତରେ ସେହି ବିଷୟରେ ସେ ସର୍ବୋଚ୍ଚ ସ୍ଥାନ ଅଧିକାର କରିପାରିଥିଲେ । ସେ ବି.ଏ. ପାଠ ପଢ଼ିଲାବେଳେ ଦର୍ଶନଶାସ୍ତ୍ରର ବେଶୀ ଧ୍ୟାନ ଦେଇପାରି ନଥିବାରୁ ଓ ଏମ୍.ଏ.ରେ ଗୋଟିଏ ନୂଆ ବିଷୟ ନେବାକୁ ଥିବାରୁ ସେ ଦର୍ଶନ ଶାସ୍ତ୍ର ନେଇ ଏମ୍.ଏ. ପଢ଼ିଥିଲେ ।

ପିଲାଏ ତଳ କ୍ଲାସରେ ଯେଉଁଥିରେ ଭଲ କରନ୍ତି ଉପର କ୍ଲାସ ପାଠପାଇଁ ତାକୁହିଁ ବାଛନ୍ତି କିନ୍ତୁ ସେ ତାଙ୍କର ପାଠକୁ ଜ୍ଞାନ ଅର୍ଜନ ପାଇଁ ପଢୁଥିବାରୁ ଭଲଟାକୁ ନବାଛି ଖରାପଟାକୁ ବାଛି ତାକୁ ଭଲ ଭାବରେ ପଢ଼ି ଆୟତ୍ତ କରିବାକୁ ଚେଷ୍ଟା କରୁଥିଲେ ।

## ଅଦ୍ଭୁତ ସ୍ମରଣଶକ୍ତି—

ତାଙ୍କର ସ୍ମରଣଶକ୍ତି ସମ୍ବନ୍ଧରେ ମୋର ଗୋଟିଏ କଥା ମନେ ପଡ଼ୁଛି ତା ୨୮ । ୧୧ । ୧୯୪୩ ଶନିବାର ଦିନ ଓଡ଼ିଶାର ବିଶିଷ୍ଟ ସଂସ୍କୃତ ଓ ଓଡ଼ିଆ ଭାଷାର ପଣ୍ଡିତ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ନନାଙ୍କ ସଙ୍ଗେ କେତେକ ଶାସ୍ତ୍ର ବିଷୟରେ କଅଣ ଆଲୋଚନା କରିବାପାଇଁ ନବଭାରତ ପ୍ରେସକୁ ନନାଙ୍କ ପାଖକୁ ଆସିଥିଲେ ।

ସେଠାରେ ଯଦୁମଣି ମଙ୍ଗରାଜ, ଗଞ୍ଜାମର ଜଗନ୍ନାଥ ମିଶ୍ରେ ଓ ମୁଁ ନନାଙ୍କ ପାଖରେ ବସିଥିଲୁ । ଆର୍ତ୍ତବାବୁ ଆସିବାରୁ ସେମାନଙ୍କ ଆଲୋଚନା ଶୁଣିବାକୁ ଆମେ ଟିକିଏ ଆଡ଼େଇ ହୋଇ ବସିଲୁ । ନନା ଖୋଲାଖୋଲି ଲୋକ ତାଙ୍କପାଖରେ ଗୁପ୍ତ ବା ଲୁଚାଲୁଚି କଥା କିଛି ନଥାଏ । ସେ ଯାହା ସଙ୍ଗରେ ଯେ କୌଣସି ବିଷୟ ଆଲୋଚନା କରନ୍ତୁ ତା ସମସ୍ତଙ୍କ ସମକ୍ଷରେ କରନ୍ତି ସେଠାରୁ ଉଠି ବୁଲିଯିବାକୁ କେବେ କହନ୍ତି ନାହିଁ । ଥରେ ଆମେ ତାଙ୍କ ପାଖରେ ବସିଥିଲୁ, ଜଣେ ବିଶିଷ୍ଟ ରାଜନୈତିକ ନେତା ରାଜନୀତି ବିଷୟରେ କିଛି ଗୋପନ କଥା

Digitized by srujanika@gmail.com

କଥାବାର୍ତ୍ତା ପାଇଁ ଆମକୁ ସେଠାରୁ ତଳକୁ ପଠାଇ ଦେବାକୁ ଅନୁରୋଧ କଲେ । ଆମେ ତଳକୁ ଗଲୁ, କିନ୍ତୁ ସେ ଦୁହିଁଙ୍କର ଉଚ୍ଚସ୍ୱରର କଥାବାର୍ତ୍ତାରେ ଆମେ ତଳେ ରନ୍ଧନଘର ଉପରକୁ ଆସିବାରୁ ସେ କହିଲେ ବସ । ଏ ବାପୁଡ଼ୀର କି ଗୁପ୍ତ ମନ୍ତ୍ରଣା ଅଛି ତା' କଥା କାହିଁକି ଶୁଣୁଚ ଆମେ ବସିଲୁ କଥାବାର୍ତ୍ତା ଯୁକ୍ତିତର୍କ ଚାଲିଲା ।

ଆର୍ତ୍ତବାବୁ ଓ ନନାଙ୍କର ସାହିତ୍ୟ ଚର୍ଚ୍ଚା ଚାଲିଲା । ପୁରୁଣା ସଂସ୍କୃତ ସାହିତ୍ୟ ଓ ଓଡ଼ିଆ ସାହିତ୍ୟରୁ ତୁଳନାତ୍ମକ ଆଲୋଚନା ହେଲା ବେଳେ, ପୁରାତନ ସଂସ୍କୃତ କବି ଶ୍ରୀହର୍ଷ ପ୍ରଭୃତିଙ୍କ ଲେଖାରୁ ଦୃଷ୍ଟାନ୍ତ ଦେଇ ସେ ଯାହା କହୁଥାଆନ୍ତି, ସେସବୁ ନନାଙ୍କୁ ଜଣାଥାଏ, ସେ ତା ଉପରେ ସେହି ବହିରୁ ଉଦାହରଣ ଦେଇ ଶ୍ଳୋକ ସବୁ ବୋଲି ତାଙ୍କର ମନ୍ତବ୍ୟ ଅନାୟାସରେ ଉପସ୍ଥାପିତ କରି ଚାଲୁ ଥାଆନ୍ତି ।

ଆଲୋଚନା ପରେ ଆର୍ତ୍ତବାବୁ ଆଶ୍ଚର୍ଯ୍ୟବ୍ୟଞ୍ଜକ ସ୍ୱରରେ କହିଲେ "ହଇଓ ନୀଳକଣ୍ଠ ତ ସେ ତୁମେତ ସଂସ୍କୃତ ଟୋଲକୁ ଯାଇ ନାଇଁ, ମୁଁ ତ ବୁଢ଼ାଯୁଗ ଧରି ଏସବୁ ବହି ପଢ଼ିବାରେ ଲାଗିଛି, ଏସବୁ ପଢ଼ିବାକୁ ତୁମକୁ କେତେଦିନ ଲାଗି ନଥିବ ? କିନ୍ତୁ ତୁମର ସମୟ କାହିଁ ? ତୁମେ ଏ ସବୁ କେବେ କେବେ ପଢ଼ିଲ ?

ନନା ଉତ୍ତର ଦେଲେ "୧୯୧୯ ମଧ୍ୟରେ ମାସଟିଏ ମାତ୍ର ସେ ସବୁ ପଢ଼ିଥିଲି । ତାପରେ ସେସବୁ ପୁସ୍ତକ ମାନଙ୍କ ସଙ୍ଗେ ଦେଖାହେବାର ସୁବିଧା ଆଉ ମୁଁ ପାଇନାହିଁ ।"

୧୯୧୦ରୁ ୧୯୧୮ ମସିହା ଭିତରେ ସତ୍ୟବାଦୀ ସ୍କୁଲର ପରିଚାଳକ ଥିଲାବେଳେ ସେ ପୁରୁଣା ସଂସ୍କୃତ ସାହିତ୍ୟ, ବେଦ ଉପନିଷଦ ସବୁ ପଢ଼ି ସମାଜପତି ବିଶିଷ୍ଟ ସଂସ୍କୃତ ପଣ୍ଡିତ ମାନଙ୍କ ସଙ୍ଗେ ସମାଜ ସଂସ୍କାର ଆନ୍ଦୋଳନ ବେଳେ ଯୁକ୍ତିତର୍କ କରୁଥିଲେ ।

ସେ ଶିକ୍ଷା ଅନୁଷ୍ଠାନର ପରିଚାଳକ ହେଲେ ଅନ୍ୟ ଶିକ୍ଷକ ଓ ଛାତ୍ରମାନଙ୍କ ସନ୍ଦେହ ମୋଚନ କଲାଭଳି ସମସ୍ତ ବିଦ୍ୟାରେ ଅଗାଧ ପାଣ୍ଡିତ୍ୟ ଥିବା ଦରକାର ବୋଲି ତାଙ୍କ ଧାରଣା ଥିବାରୁ ସେ ଅନୁଷ୍ଠାନର ଗୋଟିଏ ଚଳନ୍ତି ଅଭିଧାନ ବା ବିଶ୍ୱକୋଷ ରୂପେ ନିଜକୁ ଗଢ଼ିଥିଲେ । ଇତିହାସ ଗଣିତ ଜ୍ୟୋତିଷ, ବ୍ୟାକରଣ, ଉଦ୍ଭିଦ ବିଜ୍ଞାନ ଠାରୁ ଆଧ୍ୟାତ୍ମିକ ତତ୍ତ୍ୱ ପର୍ଯ୍ୟନ୍ତ ସମସ୍ତ ବିଦ୍ୟା ନିଷ୍ଠା ସହକାରେ ଅଧ୍ୟୟନ କରି ଆୟତ୍ତ କରିଥିଲେ ।

Digitized by srujanika@gmail.com

ସେ କୌଣସି ଶ୍ରେଣୀରେ ଯେ କୌଣସି ବିଷୟପାଠ ଶିକ୍ଷକ ଆସି ନଥିଲେ ସେ ଶ୍ରେଣୀରେ ସେ ବିଷୟଟିକୁ ସେ ସୁନ୍ଦର ଭାବରେ ପଢ଼ାଇ ପାରୁଥିଲେ । ଏପରିକି ଡ୍ରଇଁ କ୍ଲାସରେ ମାଷ୍ଟ୍ର ନଥିଲେ ସେ ଡ୍ରଇଁ ପଢ଼ାଇ ସେଥି ପାଇଁ ମଡେଲଡ୍ରଇଁ ପୁସ୍ତକ ବୋଲି ବହି ଲେଖିଥିଲେ । ଓଡ଼ିଆ ବ୍ୟାକରଣକୁ ସଂସ୍କୃତ ବ୍ୟାକରଣଠାରୁ ଅଲଗା କରି ଦେଖିବାପାଇଁ ଓଡ଼ିଆ ବ୍ୟାକରଣ ଲେଖିଥିଲେ ଓ ଓଡ଼ିଆ ଅକ୍ଷରର ଜଟିଳତା ଉଠାଇବା ପାଇଁ କିପରି ସଂସ୍କାର କରି ଯୁକ୍ତାକ୍ଷରର ଜଟିଳତା ଅନୁସ୍ୱାର ପ୍ରୟୋଗରେ ସମାଧାନର ପନ୍ଥା ଦେଖାଇଥିଲେ ।

ଅର୍ଦ୍ଧିବାବୁଙ୍କ ସଙ୍ଗେ ଆଲୋଚନା ସଭା ପରେ ସେଠାରେ ଥିବା ଅନ୍ୟାନ୍ୟ ଲୋକ ବଡ଼ବାଗ୍ମୀ ହେଲେ । କେବଳ ବିଦ୍ୟା ଜୋରର ସୁବିଧା ପାଇ, ସେଥିରେ ଲଢ଼ିଥିଲେ, ପଣ୍ଡିତଙ୍କ ସମଗ୍ର ପୃଥିବୀରେ ଜଣେ ବଡ଼ ପଣ୍ଡିତ ଆସନ ପାଇ ପାରେ ଆଜ୍ଞେ ।

## ସାର ଆଶୁତୋଷ ଓ ନନା—

ସେ ଯେ ଜୀବନରେ ସେତେ ସୁବିଧା ପାଇ ନଥିଲେ ତା ନୁହେଁ । କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଆଶୁତୋଷ ତାଙ୍କୁ ଚିହ୍ନିଥିଲେ ତାଙ୍କ ପାଇଁ ବ୍ୟବସ୍ଥା ମଧ୍ୟ କରିଥିଲେ । ସାର ଆଶୁତୋଷ ମେଧାବୀ ଲୋକଙ୍କୁ ବଡ଼ ଆଦର କରୁଥିଲେ । ଭାରତବର୍ଷ ସାରା ଖୋଜ ଖୋଜି ବିଶେଷ ମେଧାବୀ ଲୋକଙ୍କୁ ନେଇ କଲିକତା ବିଶ୍ୱବିଦ୍ୟାଳୟରେ ସମ୍ମାନିତ ପଦରେ ରଖି ଗବେଷଣାର ସୁବିଧା ଦେଉଥିଲେ । ନୋବେଲ ପ୍ରାଇଜ ପ୍ରାପ୍ତ ବିଶିଷ୍ଟ ବୈଜ୍ଞାନିକ ସି.ଭି. ରମନଙ୍କୁ ଗୋଟିଏ ସ୍ୱଳ୍ପବେତନ ପ୍ରାପ୍ତ ଯୁବକ କର୍ମଚାରୀ ଅବସ୍ଥାରେ ଟ୍ରେନରେ ଭେଟି ତାଙ୍କର ଗୁପ୍ତ ପ୍ରତିଭାର ଆଭାସ ପାଇ ତାଙ୍କୁ ଆଣି କଲିକତାରେ ଅଧ୍ୟାପକ କରିଥିଲେ । ଭାରତୀୟ ପ୍ରବୀଣ ବସ୍ତୁପନ୍ଥୀ ବିରାଟ ଦାର୍ଶନିକ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କୁ ଆଣି ଦର୍ଶନ ବିଭାଗରେ ସ୍ଥାନ ଦେଇଥିଲେ । ସେହିପରି ସତ୍ୟବାଦୀ ସ୍କୁଲ ପରିଦର୍ଶନରେ ଯାଇ ନନାଙ୍କ ପ୍ରତିଭାରେ ମୁଗ୍ଧହୋଇ ତାଙ୍କ ପାଇଁ Oriental Learning ପ୍ରାଚ୍ୟଜ୍ଞାନ ଓ ଭାଷା ଚର୍ଚ୍ଚାର ଗୋଟିଏ ସ୍ୱତନ୍ତ୍ର ଅଧ୍ୟାପକ ପଦ ସୃଷ୍ଟି କରିଥିଲେ । ନନା ଗୋପବନ୍ଧୁଙ୍କ ପ୍ରେରଣାରେ ୧୯୨୦ରେ ସତ୍ୟବାଦୀ ବିଦ୍ୟାଳୟରୁ ବିଦାୟ ନେଇ ସେହି ପଦ ଗ୍ରହଣ କରିଥିଲେ । କିନ୍ତୁ ଜନ୍ମଭୂମିର

Digitized by srujanika@gmail.com

ସେବାରେ ନିଜକୁ ନିୟୋଜିତ କରିବା ପାଇଁ ସେ ସୁବିଧାରୁ ନିଜକୁ ବଞ୍ଚିତ କରିଥିଲେ ।

୧୯୨୧ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ସତ୍ୟବାଦୀ ଅନୁଷ୍ଠାନକୁ ନେଇ ସେ ଆନ୍ଦୋଳନରେ ପୂର୍ଣ୍ଣପ୍ରାଣରେ ଝାସ ଦେଲେ । ଗୋପବନ୍ଧୁଙ୍କ ସଙ୍ଗେ ପତ୍ରାଳାପ ଭିତରେ ଗୋପବନ୍ଧୁ ତାଙ୍କୁ ଲେଖିଲେ ତୁମେ ଯେଉଁ କାମରେ ଲାଗିଛ ଆଉ କେହି ସହଜରେ ତାହା କରିପାରିବେ ନାହିଁ । ତୁମର ପାଣ୍ଡିତ୍ୟ ପାଇଁ ସେଠାରେ ପ୍ରଶସ୍ତ କ୍ଷେତ୍ର ରହିଛି, ଭାରତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଦିଗରେ ବହୁତ କାମ ବାକି ପଡ଼ିଛି । ତୁମେ ଆମ ସଙ୍ଗେ ଯୋଗ ନ ଦେଇ ସେହି କାର୍ଯ୍ୟରେ ଲାଗିଥାଅ ।

ନନା କିନ୍ତୁ ସେଠାରେ ସ୍ଥିର ହୋଇ ରହି ପାରିଲେ ନାହିଁ । ସେ ଗୋପବନ୍ଧୁଙ୍କୁ ଲେଖିଲେ ଆପଣ ଯେଉଁ କାର୍ଯ୍ୟ ହାତକୁ ନେଇଛନ୍ତି ସେ କାର୍ଯ୍ୟକୁ ଆଗେଇ ନେବା ପାଇଁ ଆପଣଙ୍କ ସଙ୍ଗେ ଓଡ଼ିଶାରେ ଆଉ ଲୋକ କାହାନ୍ତି । ଏକାରେ ଯୁଦ୍ଧ କରି ହେବନାହିଁ । ତାପରେ ଏକାଠି ଦେଶ କାମ କରିବାକୁ ଶପଥ ନେଇ ଆମେ ଜୀବନ ଆରମ୍ଭ କରିଥାଇଁ । ଆପଣଙ୍କୁ ସେ ଦୁର୍ଗମ ପଥରେ ଆଗେଇ ଯିବାକୁ ଛାଡ଼ିଦେଇ ମୁଁ କପର ଚହଟରେ ରହିପାରିବ । ଆପଣଙ୍କ ଭାଗ୍ୟ ସହିତ ମୋର ଭାଗ୍ୟ ଆଗରୁ ଗୁନ୍ଥା ସରିଛି ଆମେ ଏକା ନଈରେ ପହଁରିବା ।

ଏହାପରେ ସେ କଲିକତା ବିଶ୍ୱବିଦ୍ୟାଳୟ ଛାଡ଼ି ଗୋପବନ୍ଧୁଙ୍କ ସଙ୍ଗେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ସମ୍ବଲପୁର ଠାରେ ପଶ୍ଚିମ ଓଡ଼ିଶାର ଆନ୍ଦୋଳନର ଭାର ନେଲେ ।

କିଛିକାଳ ପରେ ଆଶୁତୋଷଙ୍କ ସଙ୍ଗେ ଦେଖା ହୋଇଯିବାରୁ ସେ ନନାଙ୍କୁ କହିଲେ "ତୁମେ ମୋତେ ନ କହି ଚାଲିଗଲ ? ନନା ଉତ୍ତର ଦେଲେ ମୁଁ ଆପଣଙ୍କୁ କହିଥିଲେ ଆପଣ କଣ ଛାଡ଼ିଥାଆନ୍ତେ ଦେଶର ଡାକ ଏଡ଼ାଇ ମୁଁ ସ୍ଥିର ହୋଇ ସରସ୍ୱତୀଙ୍କ ପାଦତଳେ କିପରି ବସିରହି ପାରନ୍ତି । ତାପରେ ଆମ କେତେଜଣଙ୍କୁ ଛାଡ଼ିଦେଲେ ଦେଶ କାମ କରିବାକୁ ଓଡ଼ିଶାରେ ଲୋକ କାହାନ୍ତି ?

Digitized by srujanika@gmail.com

**ପାଣ୍ଡିତ୍ୟ ପ୍ରତିଭା**—ସେ କାରାଗାରରେ ମଧ୍ୟ ସରସ୍ୱତୀଙ୍କ ଆରାଧନା ଛାଡ଼ି ପାରିନଥିଲେ । ରାଜନୀତି ଓ ଦେଶ ସେବା ଧନ୍ଦା ଭିତରେ କିଛିଏ ସମୟ ପାଇଲେ ସେ ଲେଖା ପଢ଼ାରେ ବୁଡ଼ି ରହୁଥିଲେ ।

ଗୁଣ ଚିହ୍ନେ ଗୁଣିଆ । ତାଙ୍କର ଅଗାଧ ପାଣ୍ଡିତ୍ୟ ଗୋପବନ୍ଧୁଙ୍କୁ ମୁଗ୍ଧ କରିଥିଲା । ବ୍ରହ୍ମପୁରର କଂଗ୍ରେସ ନେତା ଜଗନ୍ନାଥ ମିଶ୍ରଙ୍କ ଠାରୁ ମୁଁ ଶୁଣିଛି ସେ ଗୋପବନ୍ଧୁଙ୍କୁ ଦର୍ଶନ କରିବା ପାଇଁ ପ୍ରଥମ ଥର ପୁରୀରେ ଥିବା ସତ୍ୟବାଦୀ ପ୍ରେସକୁ ଆସିଥିଲେ । ଗୋପବନ୍ଧୁ ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀମାନେ ସେଠାରେ ରହୁଥିଲେ । ସେ ସ୍ଥାନ ମଧ୍ୟ କଂଗ୍ରେସ ଅଫିସ ରୂପେ କାର୍ଯ୍ୟ କରୁଥିଲା ।

ସେଦିନ ମୁରଳି ତ୍ରିପାଠୀ ଓ ପଣ୍ଡିତ ପାଣ୍ଡେ ଉତ୍ତର ଭାରତରେ ବସୁଥିବା ଗାଜିପୁର କଂଗ୍ରେସର ଅଧିବେଶନକୁ ପ୍ରତିନିଧି ଭାବରେ ଯିବା ପାଇଁ ସଜବାଜ ହେଉଥାଆନ୍ତି । ଗୋପବନ୍ଧୁ ସେମାନଙ୍କୁ ପଚାରିଲେ, "ବାହାରେ ସେଠାରେ ତୁମେ କେଉଁଠାରୁ ଆସିଛ ବୋଲି ପଚାରିଲେ ତୁମେ ତୁମର କି ପରିଚୟ ଦେବ" ସେମାନେ କହିଲେ "ଆମେ କହିବୁ ଆମେ ସେହି ସ୍ଥାନରୁ ଆସିଛୁ, ଯେଉଁଠାରେ ଜଗନ୍ନାଥ ଅଛନ୍ତି, ମହୋଦଧି ଅଛି ଓ କୋଣାର୍କ ମନ୍ଦିରର ଚାରୁକଳା ରହିଛି ।"

ଗୋପବନ୍ଧୁ କହିଲେ "ଆରେ ସେ ପୁରୁଣା କଥାଗୁଡ଼ାକ କହି କିଛି ଲାଭ ନାହିଁ ଏବର କଥା କଅଣ କହିବ କହ ।" ସେମାନେ ସମସ୍ତେ ନୀରବ ରହିବାରୁ ଗୋପବନ୍ଧୁ କହିଲେ "ଆରେ କହିବ, ଆମେ ସେହି ସ୍ଥାନରୁ ଆସିଛୁ ଯେଉଁଠି ନୀଳକଣ୍ଠ ଦାସଙ୍କ ପରି ଜଣେ ମହାନ୍ ପଣ୍ଡିତ ଅଛନ୍ତି, ତେବେ ତୁମକୁ ସମସ୍ତେ ଠିକଣା ଚିହ୍ନିବେ ।

ସେତେବେଳକୁ ନନା କେନ୍ଦ୍ରୀୟ ଆସେମ୍ବ୍ଲିରେ ବିରୋଧୀ ଦଳ କଂଗ୍ରେସର ସମ୍ପାଦକ ଥାଇ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଭାଷଣରେ ସେ ସଭାକୁ ସରଗରମ ରଖିଥାଆନ୍ତି ଓ ସମସ୍ତ ସଦସ୍ୟ ଓ ଦର୍ଶକଙ୍କର ଶ୍ରଦ୍ଧା ଓ ଭକ୍ତିଭାଜନ ହୋଇଥାଆନ୍ତି । ଭାରତର ବହୁ ସ୍ଥାନରେ ଶିକ୍ଷା ଓ ସଂସ୍କୃତି ଉପରେ ସାରଗର୍ଭିତ ଭାଷଣ ଦେଉଥାଆନ୍ତି । ସେ ଭାରତର ସୁଧୀ ମଣ୍ଡଳରେ ପରିଚିତ ହୋଇ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଜୈନେନ୍ଦ୍ର କୁମାର ତାଙ୍କର ଓଡ଼ିଆରେ ଲେଖା ଆର୍ଯ୍ୟଜୀବନ ପୁସ୍ତକକୁ ହିନ୍ଦୀରେ ଅନୁବାଦ କରିସାରି ଥାଆନ୍ତି ।

Digitized by srujanika@gmail.com

ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ଅଧୀନରେ ଥାଇ ସ୍ୱୟଂ ଭାଇସ୍‌ରୟ ଅର୍ଲ୍‌ଅଫ୍‌ରିଡ଼ିଂ ତାର ଚାନ୍ସେଲର ଥାଆନ୍ତି । ବିଲାତ ଓ ଭାରତର ବଡ଼ ବଡ଼ ବିଦ୍ୱାନଙ୍କୁ ଦେଇ ତାହା ଚଳାଯାଉଥାଏ ।

ସାର୍ ହରିସିଂହ ଗୌର କେ. ଟି, ଏମ. ଏ, ଡି ଲିଟ୍, ଡି. ସି. ଏଲ୍. ଏଲ୍. ଏଲ୍, ଡି (ଏମ. ଏଲ୍. ଏ, ନାଗପୁର) ସରକାରଙ୍କ ଦ୍ୱାରା ମନୋନୀତ ହୋଇ ସେ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ସେହି ବିଶ୍ୱବିଦ୍ୟାଳୟ ସିନେଟ ବା କୋର୍ଟକୁ ଜଣେ ଉଚ୍ଚକୋଟୀର ବିଦ୍ୱାନ ପଣ୍ଡିତ ଭାବେ ବଡ଼ଲାଟ ସମ୍ରାଟ, ସଭ୍ୟମାନେ ନନାଙ୍କୁ ନିର୍ବାଚିତ କରି ସଦସ୍ୟ କରି ପଠାଇଥିଲେ । ଅତଏବ ସେପ୍ଟେମ୍ବର ୧୯୨୨ ଠାରୁ ଅନେକ କାଳ ପର୍ଯ୍ୟନ୍ତ ନନା ଦିଲ୍ଲୀ ୟୁନିଭରସିଟି କୋର୍ଟର ଜଣେ ସୁଦକ୍ଷ ସଦସ୍ୟ ଥିଲେ ।

ଏସବୁରେ ଗୋପବନ୍ଧୁଙ୍କ ପରି ଜଣେ ମହାପ୍ରାଣ ବ୍ୟକ୍ତି ଓ ନନାଙ୍କର ସମଧର୍ମୀ ଅଗ୍ରଜ ତାଙ୍କ ପାଣ୍ଡିତ୍ୟ ଓ ପ୍ରତିଭାପାଇଁ ଗର୍ବ ଅନୁଭବ କରିବା ସ୍ୱାଭାବିକ । ଏପରିକି ଓଡ଼ିଆ ସ୍ୱତନ୍ତ୍ର ପ୍ରଦେଶ ହେବାପାଇଁ ଯୁକ୍ତି ଦର୍ଶାଇ ନନା କେନ୍ଦ୍ର ଆସେମ୍ବ୍ଲିରେ ଯେଉଁ ସାରଗର୍ଭକ ଭାଷଣ ଦେଇଥିଲେ ଖବର କାଗଜରେ ପ୍ରକାଶ ପାଇଥିବା ତାର କପିକୁ ଧରି ଉଚ୍ଚମନା ଗୋପବନ୍ଧୁ କଟକରେ ସାଇ ଧାଇ ବୁଲି ଅତି ଖୁସିରେ ସମସ୍ତଙ୍କୁ ଦେଖାଇବାରେ ଲାଗିଥିଲେ ।

ନନାଙ୍କର ଅନ୍ୟତମ ସହକର୍ମୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସଙ୍ଗେ ଅନେକ ସମୟରେ ରାଜନୈତିକ ମତଭେଦ ହେଲେ ମଧ୍ୟ ତାଙ୍କ ପାଣ୍ଡିତ୍ୟ ପ୍ରତି ସେ ଅତ୍ୟନ୍ତ ସମ୍ମାନ ଦେଖାଉଥିଲେ । ଆଠଗଡ଼ର ପୂର୍ବତନ ଦେୱାନ ଶ୍ରୀ ଦିବ୍ୟସିଂହ ମିଶ୍ର ଥରେ ଗୋଦାବରୀଶ ମିଶ୍ରଙ୍କ ନିକଟକୁ ଯାଇଥିଲେ । ସେହିସମୟରେ ନନା ଓ ଗୋଦାବରୀଶ ବାବୁଙ୍କର ଅତି ରାଜନୈତିକ ମତଭେଦ ଉପୁଜି ଥିଲା ଏପରିକି ଦୁହିଁଙ୍କ ଭିତରେ ଦେଖାସାକ୍ଷାତ ମଧ୍ୟ ହେଉନଥିଲା ।

ସେତିକିବେଳେ, ଦିବ୍ୟସିଂହବାବୁ ସେଠାରେ ବସିଥିବା ସମୟରେ ଡାକପିଅନ ଗୋଦାବରୀଶ ବାବୁଙ୍କୁ ଖଣ୍ଡିଏ ଚିଠି ଦେଇଗଲା । ସେ ଚିଠି ଉପରେ ପଣ୍ଡିତ-ଅମ୍ବୁଜ ବୋଲି ଗୋଦାବରୀଶଙ୍କର ଜଣେ ଆତ୍ମୀୟ ସ୍ୱଜନଙ୍କ ନାମ ଲେଖାଥିଲା । ଗୋଦାବରୀଶ ସଙ୍ଗେ ସଙ୍ଗେ

Digitized by srujanika@gmail.com

ତାଙ୍କୁ ଉଠାଇ ଚଟିଟି ବଢ଼ାଇଦେଇ କହିଲେ 'ତୁମନାମ ପଛରେ କଅଣ ପଣ୍ଡିତ ଲେଖାଗଲାଣି, ତୁମେ ପଣ୍ଡିତ ହେଲ କେବେ ? କି ପାଣ୍ଡିତ୍ୟ ଥିଲେ ପଣ୍ଡିତ ଲେଖାହୁଏ ସେକଥା କଅଣ ତୁମକୁ ଜଣାନାହିଁ ? ମୋତେ କିଏ ପଣ୍ଡିତ ବୋଲି ଲେଖିଲେ ଏବେବି ମୋତେ ଲାଜ ମାଡ଼େ ! ଉତ୍କଳରେ ଏପର୍ଯ୍ୟନ୍ତ ଜଣେ ମାତ୍ର ପଣ୍ଡିତ ପଦବାଚ୍ୟ ଲୋକ ଅଛନ୍ତି ସେ ହେଉଛନ୍ତି ନୀଳକଣ୍ଠ ଦାସ ।"

ଦିବ୍ୟସିଂହ ବାବୁ ଓ ସେଠାରେ ଥିବା ଅନ୍ୟମାନେ ଗୋଦାବରୀଶ ଓ ନୀଳକଣ୍ଠଙ୍କ ଭିତରେ ଥିବା ମନୋମାଳିନ୍ୟ କଥା ଜାଣିଥିଲେ ତେଣୁ ଗୋଦାବରୀଶଙ୍କ ଏପରି ଉକ୍ତିରେ ସେମାନେ ଆଶ୍ଚର୍ଯ୍ୟ ହେଲେ ।

ସତ୍ୟବାଦୀ ଗୋଷ୍ଠିର ସାଧକମାନେ ପରସ୍ପରକୁ କି ଉଦାର ଦୃଷ୍ଟିରେ ଦେଖୁଥିଲେ ଓ ପ୍ରତିଭାକୁ କପରି ଉଚ୍ଚ ସ୍ଥାନ ଦେଉଥିଲେ ତାହା ଏଥିରୁ ଅନୁମେୟ ।

## ସାଧାରଣ ଜୀବନ—

ସତ୍ୟବାଦୀ ବିଦ୍ୟାଳୟ ଓ ଜେଲ୍ ଜୀବନ ପରେ ନବଭାରତ ପ୍ରେସ ଘର ଥିଲା ନନାଙ୍କର ପ୍ରଧାନ ସାଧନାପୀଠ । ସେହିଠାରେ ସେ ଖଣ୍ଡିଏ ମସିଣା ଉପରେ ତକିଆଟିଏ ଧରି ପଡ଼ିରହି ଥାଆନ୍ତି । ସେଇଠି ରାଜନୀତି ଚର୍ଚ୍ଚା, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଅନ୍ୟର ଦୁଃଖ ସୁଖ ବୁଝିବା, ସଭାସମିତି ପାଇଁ ଲେଖା ଲେଖିବା ପ୍ରଭୃତି ସବୁ ନିରବଚ୍ଛିନ୍ନ ଭାବରେ ଚାଲିଥାଏ ।

କଟକ ଆସିଲେ ଯିବା ପର୍ଯ୍ୟନ୍ତ ସେ ମସିଣା ଉପରେ ଗଡ଼ୁଥାଆନ୍ତି । ବାହାର ବୁଲି ନାହିଁ । କୌଣସି ପ୍ରକାର ଖେଳର ସଉକ ନାହିଁ, ସିନେମା ଦେଖାନାହିଁ, କେବଳ କୌଣସି ସଭାସମିତି ପାଇଁ ଡାକରା ଆସିଲେ ସେଠାରୁ ଉଠି କିଛିସମୟ ପାଇଁ ବାହାରକୁ ଯାଆନ୍ତି ।

ଖାଇବା ପୂର୍ବରୁ ପାଇଖାନା ଯିବା ସ୍ନାନାଦି ସମାପନ କରିବା ଦଶ ପନ୍ଦର ମିନିଟରୁ ବେଶୀ ନୁହେଁ । କୋଠାଉପରର ବାରଣ୍ଡାରେ ଦୁଇ ବୁଦିତାଳ ପାଣି ଢାଳି ହୋଇଗଲେ ସ୍ନାନ ସରିଲା । ଗାଧୋଇଲାବେଳେ ଲୁଗା ପାଲଟିଲାବେଳେ ମଧ୍ୟ ବେଳେ ବେଳେ ସେ ଲେଖା ଡାକୁଥାଆନ୍ତି ଓ ଅନ୍ୟ କେହି ଜଣେ ତାକୁ ଟିପୁଥାଏ ।

Digitized by srujanika@gmail.com

ଖାଇବାବେଳକୁ ସେହି ଘରର ଗୋଟେ ଚଟେ ଓଳିଆ ହୋଇ ଆସନ ପଡ଼େ। ପ୍ରେସରେ ଯିଏ ଥାଆନ୍ତି ସମସ୍ତେ ଏକାଠି ବସି ଖୁସି ଗପ ଭିତରେ ଆହାର କରନ୍ତି। ତାଙ୍କର କୌଣସିପ୍ରକାର ବଦ୍ ଅଭ୍ୟାସ ନଥାଏ।

## ନନାଙ୍କ ପାନଖିଆ —

ଆଗରୁ ସେ ବହୁତ ପାନ ଖାଉଥିଲେ, ଏପରିକି ଦିନକୁ ପ୍ରାୟ ଚବିଶଘଣ୍ଟା ଗୁଣ୍ଡି ପାନ ଖାଇ ଦେଉଥିବାର ଆମେ ଶୁଣିଛୁ, କିନ୍ତୁ ତାଙ୍କର ମନବଳ ଏତେ ଯେ ସେ ଦିନେ ପାନ ଖାଇବା ଛାଡ଼ି ଦେଇଥିଲେ ସେହିଦିନଠାରୁ ଗୁଣ୍ଡି ପାନ ଆଉ ଛୁଇଁ ନାହାନ୍ତି।

ତାଙ୍କ ପାନଖିଆ ବିଷୟରେ ବି ଗୋଟିଏ କଥା ଲେଖିଯାଉଛି। ସେ କେନ୍ଦ୍ର ଆସେମ୍ବ୍ଲିରେ ବିରୋଧୀଦଳର ସମ୍ପାଦକ ଥିଲାବେଳେ ଇଂରେଜ ଅମଳ ଥିବାରୁ ଦିଲ୍ଲୀର ପାର୍ଲାମେଣ୍ଟ ଗୃହ ଭିତରେ ସେମାନଙ୍କ ଆସନ ନିକଟରେ କେବଳ ସିଗାରେଟ୍ ପାଉଁଶ ପକାଇବା ପାଇଁ ଶ୍ରେଷ୍ଠ ପାଉଁଶ ଦାନମାନ ରଖାଯାଇଥାଏ। ପାନ ପିକ୍ ପକାଇବାର କୌଣସି ବ୍ୟବସ୍ଥା ନଥାଏ। ପାନ ଅଭ୍ୟାସ ଥିବା ସଦସ୍ୟମାନଙ୍କର 'ପିକ୍' ପକାଇବାକୁ ବଡ଼ ଅସୁବିଧା ହେଉଥାଏ। ସେମାନେ ପାର୍ଲାମେଣ୍ଟ ଗୃହରେ ଥିବାପର୍ଯ୍ୟନ୍ତ ପାନ ଖାଇପାରନ୍ତି ନାହିଁ, କିମ୍ବା ଖାଇଲେ ସେମାନଙ୍କୁ ଥରକୁ ଥର ନିଜ ସ୍ଥାନରୁ ଉଠି ପାଇଖାନା ବେସିନ ପାଖକୁ ଯାଇ ପାନ ପିକ୍ ପକାଇବାକୁ ହୁଏ।

ଥରେ ଜଣେ ପାନଅଭ୍ୟାସୀ ସଦସ୍ୟ ସେଠାରୁ ଉଠିକରି ବେସିନ ପାଖକୁ ନଯାଇ ପାଉଁଶ ଦାନରେ ପାନପିକ୍ ପକାଇ ଦେଇଥିଲେ। ଶାସକ ଦଳର ଜଣେ ଇଂରେଜ ସଦସ୍ୟଙ୍କ ଆଖିରେ ତାହା ପଡ଼ିଲା। ସେ ତାହା ସହ୍ୟକରି ନପାରି ବିରୋଧୀ ଦଳର ସମ୍ପାଦକ ହିସାବରେ ସେଥିପ୍ରତି ନନାଙ୍କ ଦୃଷ୍ଟି ଆକର୍ଷଣ କଲେ। ନନା ସେକଥା ଶୁଣି ସେଠାରେ ପିକ୍ ଦାନର ବନ୍ଦୋବସ୍ତ କରିବାକୁ କହିବାରେ ଗୋରା ସଦସ୍ୟ ପିକ୍‌ଦାନି ରଖି ସେଠାରେ ଛେପ ପକାଇଲେ ସେ ସ୍ଥାନ ଅସନା ହୋଇଯିବ ବୋଲି ନାକ ଟେକିଲେ।

Digitized by srujanika@gmail.com

ତାପରେ ନନା, ପିପିଲିର ପାନବଟୁଆ, ବାଲକାଟିର ଚୂନଦାନି ଗୁଆକାତି, ବ୍ରହ୍ମପୁରର ପାଣ୍ଡୁଆ ଖୁବୁଣି ଗୁଣ୍ଡି ପ୍ରଭୃତି ଯୋଗାଡ଼ କଲେ । ବିହାରର ଶ୍ରୀକୃଷ୍ଣ ସିହ୍ନାଙ୍କ ହାତରେ ମଘେଯାନ ମଗାଇଲେ । କାଶୀରୁ ଶ୍ରୀପ୍ରକାଶ ବନାରସୀ ମସଲ୍ଲା ଆଣିଲେ ଓ ବମ୍ବେର ଜଣେ ସଦସ୍ୟ 'ପାନବାହାର ବା ଚୂନ ଖଇରଦିଆ ଗୁଣ୍ଡିଗୁଆ ଯୋଗାଇଲେ ।

ନନ ସେସବୁ ତାଙ୍କ ବିରାଟ ବଟୁଆଟିରେ ପୂରାଇ 'ଲବି'ର ଟେବୁଲ ଉପରେ ରଖିଲେ । ସେହିଦିନଠାରୁ ଭାରତୀୟ ସଦସ୍ୟମାନଙ୍କ ଭିତରେ ଯୋଉଁସୋଉଁରେ ପାନଖିଆ ବଢ଼ିଲା । ପାଉଁଶ ଦାନିସବୁ ପାନ ପିକରେ ଭର୍ତ୍ତି ହୋଇ ପିକ କାହାରକୁ ଚହଲିଲା ।

ଇଂରେଜ ଶାସକଦଳ ବ୍ୟସ୍ତବ୍ୟସ୍ତ ହୋଇ ସେ ଘରେ ଶେଷରେ ପିକଦାନ ଯୋଗାଇବାର ବ୍ୟବସ୍ଥା କଲେ । ପିକଦାନିର ବ୍ୟବସ୍ଥା କରିସାରି ଆସେମ୍ବ୍ଲି ପାର୍ଟିରେ ଥିବା ଇଂରେଜ ସଦସ୍ୟ ସଭାରେ ଉଠି ନନାଙ୍କୁ ଠଟ୍ଟା କରି କହିଲେ ବର୍ତ୍ତମାନ ମହାମାନ୍ୟ ଇଂରେଜ ସରକାର ଦେଶୀ ସଦସ୍ୟଙ୍କ ପାନଖିଆର ସୁବିଧାପାଇଁ ପିକଦାନ ଯୋଗାଇ ଦେଇ-ଛନ୍ତି । ମାନନୀୟ ପଣ୍ଡିତ ଦାସ ଓ ତାଙ୍କ ଦଳର ସଦସ୍ୟମାନଙ୍କୁ ଆଉ କଷ୍ଟକରି ପାଉଁଶ ଦାନିରେ ପାନପିକ ପକାଇବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ । ସେଥିପାଇଁ ମାନ୍ୟବର ସଭ୍ୟ ପଣ୍ଡିତ ଦାସ ନିଶ୍ଚୟ ସରକାରଙ୍କୁ ଧନ୍ୟବାଦ ଦେବେ ।

ନନା ଧନ୍ୟବାଦ ଦେବାକୁ ଉଠି କହିଲେ' ଇଂରେଜ ସରକାର ଏ ଦେଶକୁ ଲୁଟିକରି ସବୁ ବିଲାତ ନେଇ ଯାଆନ୍ତି । ଯାହାକିଛି ଅଳ୍ପ ଖର୍ଚ୍ଚରେ ଏ ଦେଶରେ ରେଳରାସ୍ତା, ବିଜୁଳିଆଲୁଅ ଯୋଗାଣ ପ୍ରଭୃତିର ବ୍ୟବସ୍ଥା କରନ୍ତି ସେଥିପାଇଁ କୃତଜ୍ଞ ହୋଇ ଏ ଦେଶବାସୀଙ୍କୁ ସରକାରଙ୍କର ସ୍ତୁତିଗାନ କରି ଧନ୍ୟବାଦ ଜଣାଇବାକୁ ପଡ଼େ ।

ଏତେକାଳ ଏ ଦେଶରେ ଶାସନ କରିବା ପରେ ଏଠାର ସରକାରୀ ଦଳର କର୍ତ୍ତାମାନେ ଯେ ଭାରତୀୟ ସଦସ୍ୟମାନଙ୍କର ପାନଖିଆ କଥା ଉପଲବ୍ଧି କରି ପିକଦାନ ଯୋଗାଇଲେ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କାରଣ ଏ ଦେଶରେ ପଚାଶ ବର୍ଷ ରେଳଚଳା ପରେ, ଭାରତୀୟମାନେ ରେଳଯାତ୍ରା କଲାବେଳେ ସେମାନଙ୍କୁ ଯେ ଝାଡ଼ାପରିସ୍ରା

Digitized by srujanika@gmail.com

ଲାଗୁଥିବ । ସରକାର ସେକଥା ଉପଲବ୍ଧି କରି ରେଲର ଓ ଥାର୍ଡ଼କ୍ଲାସ ଡବାମାନଙ୍କରେ ପାଇଖାନା ଯୋଡ଼ିବାର ବ୍ୟବସ୍ଥା କରିଥିଲେ ଓ ସେଥି-ପାଇଁ ଲୋକଙ୍କଠାରୁ ଧନ୍ୟବାଦ ଦାବି କରିଥିଲେ ଓ ସେହି ଢଙ୍ଗରେ ବର୍ତ୍ତମାନ ପିକଦାନି ବ୍ୟବସ୍ଥା ପାଇଁ ମୋଠାରୁ ଧନ୍ୟବାଦ ଦାବି କରୁଛନ୍ତି । ମୁଁ ମାନ୍ୟବର ସରକାର ପକ୍ଷ ସଦସ୍ୟଙ୍କୁ ଧନ୍ୟବାଦ ଦେଉଛି ବସି ନେବା ହୁଅନ୍ତୁ ।

## ପ୍ରେସ ଜୀବନ—

ନବଭାରତ ପ୍ରେସର ଉପରତାଲାରେ ନନାଙ୍କ କୋଠରୀ ପାଖ ଗୋଟିଏ ଛୋଟ କୋଠରୀ ଛଡ଼ା, ଲୋକେ ରହିବା ପାଇଁ ପ୍ରେସ ଅଗଣା ଆଉ ପଛ କମ୍ପୋଜଖାନା ଉପରେ ଗୋଟିଏ ଲମ୍ବା ଘୁଳଛିଆଣୀ ଘର ଥାଏ । ସେଥିରେ ସବୁବେଳେ ବହୁକର୍ମୀ, କଲେଜ ପଢ଼ୁଆ ପୁଅ ସାହିତ୍ୟିକ ଓ ଅନ୍ୟଠାରେ କାମକରୁଥିବା ଶିକ୍ଷାପରିଚୟ ଲୋକ ବସବାସ କରୁ-ଥାଆନ୍ତି । ଛୁଟିରେ ଆସିଥିବା ଦୂରଦୂରାନ୍ତରର ଲୋକମାନେ ମଧ୍ୟ ଆସି ମଝିରେ ମଝିରେ ରହନ୍ତି । ପ୍ରେସଟି ଗୋଟିଏ ଧର୍ମଶାଳାର କାମ କରୁଥାଏ ।

ସେଠାରେ ଯେତେବେଳେ ଯିଏ ଥାଆନ୍ତି ସେ ସମସ୍ତଙ୍କ ପାଇଁ ପ୍ରେସ ମେସରେ ଖାଦ୍ୟର ବ୍ୟବସ୍ଥା ହୁଏ । ପ୍ରେସରୁ ଯାହା ଲାଭ ମିଳେ ଓ ସମୟ ସମୟରେ ମୂଳଧନର କିଛି ଅଂଶ ସବୁତ ସେମାନଙ୍କ ଭୋଜନ ଓ ଜଳଖିଆ ପ୍ରଭୃତିରେ ଖରଚ ହୋଇଯାଏ । ନନାଙ୍କ ନିକଟକୁ ପ୍ରତିଦିନ ବହୁ ବଡ଼ ବଡ଼ ବୁଦ୍ଧିଜୀବୀ ରାଜନୈତିକ ନେତା ପୁଅ ଓ ଗାଉଁଲି ଲୋକ ନାନା ବିଷୟରେ ଆଲୋଚନା ପାଇଁ ଆସନ୍ତି । ସେମାନେ ନନାଙ୍କ ସେହି ମଜିନାରେ ବା ମଜିନା ପାଖରେ ବସନ୍ତି । ନନା ସେମାନଙ୍କ ଭିତରୁ କାହାକୁ ଚା' ଜଳଖିଆ ପ୍ରଭୃତି ନ ଖୁଆଇ ଛାଡ଼ନ୍ତି ନାହିଁ ।

ସେହିକାରଣରୁ ପ୍ରେସରେ ବରାବର ଅଭାବ ଲାଗି ରହିଥାଏ । ନନା ତାଙ୍କ ବହିବିକ୍ରି ଟଙ୍କାରୁ ଆସେମ୍ବ୍ଲି ଭତ୍ତାର ଉଦ୍‌ବୃତ୍ତ ଧନରୁ ଓ ଘରୁ ଯେଉଁଠାରୁ ଯାହା ପାଆନ୍ତି ସେସବୁକୁ ମିଶାଇ ପ୍ରେସ ଖର୍ଚ୍ଚ ଚଳାଇ ଥାଆନ୍ତି । ତେଣୁ ପ୍ରେସଟି ଖୁବ୍ ଭଲ ଚାଲୁଥିଲେ ମଧ୍ୟ ଗୋଟିଏ ଲାଭ

Digitized by srujanika@gmail.com

ଜନକ ବ୍ୟବସ୍ଥା ନହୋଇ ଗୋଟିଏ ଜ୍ଞାନପୀଠ ବିଦ୍ୟାଳୟରେ ପରିଣତ ହୋଇଥାଏ। ଦେଶର ବହୁ ଯୁବକ ରାଜନୀତି, ସାହିତ୍ୟ ଓ ସାମ୍ବାଦିକତା ଓ ଜନସେବା ପ୍ରଭୃତିରେ ସେଠାରୁ ତାଲିମ ପାଇଥାଆନ୍ତି।

ନନାଙ୍କର ନିଜର ସୁଖସ୍ୱାଚ୍ଛନ୍ଦ୍ୟ ପ୍ରଭୃତି ପ୍ରତି ଆଦୌ ନଜର ନଥାଏ। କୌଣସି ସଭା ସମିତିକୁ ଯିବା ଦରକାର ପଡ଼ିଲେ ତାଙ୍କ ଜାମା, ଯୋତା, ବାଡ଼ି ସବୁ ଦରଣ୍ଡା ହୋଇ ତାଙ୍କୁ ଯୋଗାଇ ଦିଆଯାଏ।

ସେ ଥରେ ଜର ଦେହରେ ସେଇ ମସିଣାରେ ଗଡ଼ୁଥାଆନ୍ତି। ତାଙ୍କ ଚାରିପଟେ ବହୁତ ପିମ୍ପୁଡ଼ି ବେଢ଼ି ଥାଆନ୍ତି। ପିମ୍ପୁଡ଼ି କାମୁଡ଼ି ଦିହ ହାତ ଠାଆ ଠାଆ ହୋଇ ଫୁଲି ଯାଇଥାଏ। କିନ୍ତୁ ସେ କିଛି କହୁ ନଥାନ୍ତି।

ତାଙ୍କର ଅନ୍ତରଙ୍ଗ ସହକର୍ମୀ (ସ୍ୱର୍ଗତ) ଯଦୁମଣି ମଙ୍ଗରାଜ ସେ କଥା ଦେଖି ଆମକୁ ପାଟିକରି କହିଲେ—'ପୂଜ୍ୟ ପଣ୍ଡିତଙ୍କୁ ତୁମେ ଏପରି ରଖିଛ ? ଖଣ୍ଡେ ଫଟା ଖଟଉପରେ ବି ତାଙ୍କୁ ନିଶ୍ଚିନ୍ତରେ ଶୁଆଇ ପାରୁନାହଁ।'

ସେହିଦିନ ଯୋଗାଡ଼ ହୋଇ ଆଠଟଙ୍କାରେ ଖଣ୍ଡେ ଫଟା ଖଟ କିଣା ହୋଇ ଆସିଲା ଓ ସେଥିରେ ତାଙ୍କୁ ଶୁଆଇ ଦିଆଗଲା। କିନ୍ତୁ ହେଲେ ବି ତାଙ୍କର ବହି ଛାଡ଼ିବା ନଥାନ୍ତି ଦରକାର, ତେଣୁ ପ୍ରେସ ଅଫିସରୁ ଖଣ୍ଡେ କାଠ ଟେବୁଲ ଆଣି ତାଙ୍କ ବହି ପୁଳାକର ଉପରେ ରଖି ଟେବୁଲଟିକୁ ଖଟକୁ ଲଗାଇ ଦିଆଗଲା।

ଅଳ୍ପ ସମୟ ପରେ ଟେବୁଲ ଉପରୁ ବହିଗୁଡ଼ିକ ଆସ୍ତେ ଆସ୍ତେ ଆସି ଖଟ ମଣ୍ଡନ କଲେ। ଖଟଟି ବହିରେ ପୂରିଗଲା ପରେ ବେଳେ ବେଳେ ସେମାନଙ୍କ ଭିତରୁ ଗୋଟାଏ ଦୁଇଟା ତଳକୁ ଲମ୍ଫ ପ୍ରଦାନ କଲେ। ସେ ସବୁକୁ ଗୋଟାଇ ପୁଣି ଖଟ ବା ଟେବୁଲ ଉପରେ ରଖିବାକୁ ବା ତାଙ୍କ ହାତରେ ଦେବାକୁ ଆମକୁ ଘନ ଘନ ଡାକରା ପଡ଼ିଲା। ଆମର କାମ ବଢ଼ିଲା।

Digitized by srujanika@gmail.com

୧୯୩୪ ମସିହାରୁ ସେ ପ୍ରେସରୁ ନବଭାରତ ମାସିକ ପତ୍ରିକା ବାହାରୁଥିଲା । କିଛିକାଳ ପାଇଁ ନନାଙ୍କ ଅଧ୍ୟକ୍ଷତାରେ ଓ ଶ୍ରୀ ଭଗବତୀ ପାଣିଗ୍ରାହୀ, ମୋହନ ଦାସ ଓ ଶ୍ରୀ ଚନ୍ଦ୍ରମଣି ମିଶ୍ରଙ୍କ ସମ୍ପାଦକତ୍ୱରେ 'ଲୋକମତ' ସାପ୍ତାହିକ ପତ୍ରିକା ବାହାରିଥିଲା । ପରିଶେଷରେ ନବଭାରତ ଦୈନିକ ଓ ସାପ୍ତାହିକ ମଧ୍ୟ ବାହାରିଲା । ପ୍ରେସରେ ଛପା ହେଉଥିବା ସମସ୍ତ ବହି ପତ୍ରିକା ପ୍ରଭୃତିର ଛପା ନନା ନିଜେ ତନ୍ନ ତନ୍ନ କରି ଦେଖୁଥିଲେ । ପ୍ରେସର ଛପାରେ ଗୋଟିଏ ହେଲେ ଭୁଲ ରହିଯିବା ସେ ସହ୍ୟ କରିପାରୁ ନଥିଲେ ।

ନିଜେ କୌଣସି ପ୍ରବନ୍ଧ ସମ୍ପାଦକୀୟ ବା ବକ୍ତୃତା ପ୍ରଭୃତି ଲେଖିଲେ, ତାଙ୍କ ପାଖରେ ଯିଏ ଥାଆନ୍ତି ସେମାନଙ୍କୁ ପଢ଼ାଇ ତାଙ୍କର ମତ ପଚାରୁଥିଲେ । ଶ୍ରୋତାଙ୍କ ପାଇଁ କୌଣସି ଲେଖା ଟିକିଏ ଜଟିଳ ହୋଇଥିବାର ଜାଣିଲେ, ସେ ସେହି ଲେଖାକୁ ସଙ୍ଗେ ସଙ୍ଗେ ଚିରି ଫିଙ୍ଗି ଦେଇ ଆଉ ସରଳ କରି ଲେଖିବା ଆରମ୍ଭ କରୁଥିଲେ । ସେ କହୁଥିଲେ ମୋର ଲେଖା ମୁଁ ପଢ଼ିବା ପାଇଁ ଅଭିପ୍ରେତ ନୁହେଁ । ତାକୁ ସାଧାରଣ ଲୋକ ପଢ଼ି ବୁଝିପାରିବା ଉଚିତ ।

ଯୁବ ଲେଖକମାନଙ୍କୁ ସେ ବହୁ ପ୍ରକାରରେ ସାହାଯ୍ୟ କରୁଥିଲେ । ଦରକାର ହେଲେ ସେମାନଙ୍କ ଲେଖାକୁ ସେମାନଙ୍କ ସାମନାରେ ପଢ଼ି ସଂଶୋଧନ କରି କିପରି କଅଣ ଲେଖିବାକୁ ହେବ ବତାଇ ଦେଉଥିଲେ । ଭଲ ଲେଖାଟିଏ ପାଇଲେ ଲେଖକଙ୍କୁ ଡାକି ଧନ୍ୟବାଦ ଦେଉଥିଲେ ଓ ଆଶୀର୍ବାଦ କରୁଥିଲେ । କେହି ଯୁବ ଲେଖକ ଲେଖା ବନ୍ଦ କରିଦେଲେ, ସେ କାହିଁକି ଆଉ ଲେଖୁନାହାନ୍ତି ବୋଲି ତାଙ୍କ ପାଖକୁ ଖବର ପଠାଉଥିଲେ ।

ନିଜର ମତ ଯାହାହେଉ ଅନ୍ୟର ମତକୁ ସେ ଯଥାଯୋଗ୍ୟ ସମ୍ମାନ ଦେଇ, ବଳିଷ୍ଠ ଲେଖଣୀ ମୁନରେ ସେ ନବଭାରତ ପତ୍ରିକାର ସମ୍ପାଦନା କରୁଥିଲେ । ନବ ଭାରତରେ ଯାହାର ଲେଖା ପ୍ରକାଶ ପାଉଥିଲା କି ଲେଖା ଉପରେ ସମ୍ପାଦକୀ ସ୍ତମ୍ଭରେ ମନ୍ତବ୍ୟ ବାହାରୁଥିଲା ସେ ନିଜକୁ କୃତକୃତ୍ୟ ମନେକରୁଥିଲା ।

# ସାହିତ୍ୟଚର୍ଚ୍ଚା ଓ ନବଭାରତ ପ୍ରେସ

(ବାର)

## ସାହିତ୍ୟ ସମାଲୋଚନା (ନାରୀ ସ୍ୱାଧୀନତା)

ବ୍ୟାସକବି ଫକୀର ମୋହନ ସେନାପତିଙ୍କର ସୁଯୋଗ୍ୟ ପୁତ୍ର ଦର୍ଶନ ଅଧ୍ୟାପକ, ବ୍ରାହ୍ମଧର୍ମୀ ଶ୍ରୀ ମୋହିନୀ ମୋହନ ସେନାପତି 'ନାରୀ ସ୍ୱାଧୀନତା' ବିଷୟରେ ତାଙ୍କର ଗୋଟିଏ ପ୍ରବନ୍ଧ 'ନବଭାରତ'ରେ ପ୍ରକାଶିତ ହେବାପାଇଁ ଦେଇଥିଲେ ।

ସେ ପ୍ରବନ୍ଧଟି ପ୍ରକାଶିତ ହେବା ପରେ ସେ ଆସି ନନାଙ୍କୁ କହିଲେ, ଆପଣ ମୋ ପ୍ରବନ୍ଧଟି ପ୍ରକାଶ କରିବାରେ ମୁଁ ଆନନ୍ଦିତ କିନ୍ତୁ ଆପଣ ସେ ସମ୍ବନ୍ଧରେ କିଛି ସମ୍ପାଦକୀୟ ମନ୍ତବ୍ୟ କାହିଁକି ଦେଲେ ନାହିଁ ?

ନନା ଉତ୍ତର ଦେଲେ ଆପଣଙ୍କ ପରି ଜଣେ ସମ୍ମାନାସ୍ପଦ ଦାର୍ଶନିକଙ୍କର ମତ ସିନା ଛପାଇଦେଲି, ମୋର ଭିନ୍ନ ମତର ମନ୍ତବ୍ୟ ଛପାନ୍ତି କିପରି ? ମୋ ମତ ଆପଣଙ୍କର ଓ ଅତ୍ୟାଧୁନିକ ମତାବଲମ୍ବୀ-ମାନଙ୍କର ହୃଦ୍ୟତ ରୁଚିକର ହୋଇନଥାନ୍ତା । ତେଣୁ ଆପଣଙ୍କ ମତକୁ ସମ୍ମାନ ଦେଖାଇ ମୁଁ ନୀରବ ରହିବାକୁ ବାଧ୍ୟ ହେଉଛି ।

ଆପଣଙ୍କ ମତ ତେବେ କଅଣ ? ବୋଲି ଅଧ୍ୟାପକ ପଚାରିବାରୁ ସେ କହିଲେ ମୋ ବିଶ୍ୱାସରେ ଶିଷ୍ଟ ସମାଜରେ ପୁରୁଷ ସ୍ତ୍ରୀକୁ ପରାଧୀନ କରି ନରଖି, ସ୍ତ୍ରୀ ଯୋଗୁ ପୁରୁଷହିଁ ପରାଧୀନ ହୋଇ ରହିଛି । ଜୀବ ଜଗତରେ ପଶୁ ହେଉ, ପକ୍ଷୀ ହେଉ ସବୁଜାତିର ପୁରୁଷ ସମ୍ପୂର୍ଣ୍ଣ ସ୍ୱାଧୀନ । ସେ ସୃଷ୍ଟିର ପ୍ରଗତି ପାଇଁ କେବଳ ବୀଜ ବପନ କରି ଚାଲିଯାଏ । ପିଲାମାନଙ୍କୁ ପୋଷିବାର ଦାୟିତ୍ୱ ତାର ନଥାଏ । ମାନବ ସମାଜରେ ପୁରୁଷକୁ ପିଲାପାଇଁ ଦାୟୀ କରାଇ ପିଲା ଓ ସ୍ତ୍ରୀର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାପାଇଁ ତାର ଜୀବନସାରା ତାକୁ ବାନ୍ଧିକରି ରଖାଯାଉଛି ।

Digitized by srujanika@gmail.com

ଆମ ଭାରତୀୟ ସମାଜରେ ସ୍ତ୍ରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀର ସମ୍ମାନ ଦିଆଯାଇଛି । ଆମ ସମାଜରେ ସ୍ତ୍ରୀର ସ୍ଥାନ ଉଚ୍ଚ ଓ ସମ୍ମାନାସ୍ପଦ, ଅନେକାଂଶରେ ଦୁହେଁ ଦୁହିଁଙ୍କ ଉପରେ ନିର୍ଭରଶୀଳ ।

ଆମ ଦେଶର ରାଜନୈତିକ ଅସ୍ଥିରତା, ସାମାଜିକ ବିଶୃଙ୍ଖଳା ଓ ବିଦେଶୀ ଯବନ ଆକ୍ରମଣ ଯୋଗୁ ପୁରୁଷ ସ୍ତ୍ରୀକୁ ଜଗୁ ଜଗୁ, ସ୍ତ୍ରୀ ତାର କେତେକ କ୍ଷମତା ହରାଇବାକୁ ବାଧ୍ୟ ହୋଇଥିଲା । ବର୍ତ୍ତମାନ ସ୍ତ୍ରୀକୁ ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ସୁବିଧା ଦେବା ଉଚିତ କିନ୍ତୁ ପୁରୁଷଠାରୁ ଅଲଗା ହୋଇ ସମ୍ପୂର୍ଣ୍ଣ ସ୍ୱାଧୀନତା ଭୋଗକରି ସ୍ୱେଚ୍ଛାଚାରିଣୀ ହେଲେ ଆମର ବିରାଟ ସଂସ୍କୃତି ପୂରା ଲୋପ ହୋଇଯିବ । ଦେଶ ଓ ଜାତିର ପ୍ରଭୂତ କ୍ଷତି ଘଟିବ ।

ସ୍ତ୍ରୀ ଚରିତ୍ର ଓ ସମାଜରେ ସେମାନଙ୍କ ବିଶିଷ୍ଟ ସ୍ଥାନ ପ୍ରଭୃତି ସମ୍ବନ୍ଧରେ ତାଙ୍କର ମତ ବଡ଼ ଦୃଢ଼ ଥିଲା । ଘରର ଝିଅମାନଙ୍କୁ ଓ ଦେଶର ଭବିଷ୍ୟତ ମାଆମାନଙ୍କୁ ସାଧାରଣ ସ୍ଥାନରେ ନେଇ ନାଚିବାଟା ସେ ଆଦୌ ପସନ୍ଦ କରୁ ନଥିଲେ । ଉତ୍କଳ ସାହିତ୍ୟ ସମାଜର ଗୋଟିଏ ଅଧିବେଶନରେ ସେ ତାଙ୍କର ଜଣେ ସମବୟସ୍କ ବନ୍ଧୁଙ୍କ ସଙ୍ଗେ ସେଠାରେ ବସିଥିବାବେଳେ ସେ ବନ୍ଧୁଙ୍କର ବୋହୂ ଆସି ନାଚିବାରେ "ବୋହୂଟାକୁ କଅଣ ବେଶ୍ୟା କରୁଛୁ" କହି ବନ୍ଧୁଙ୍କ ହାତଟାଣି, ତାଙ୍କୁ ନେଇ ସେଠାରୁ ବାହାରି ଆସିଥିଲେ । ଅନ୍ୟ ପୁରୁଷଙ୍କ ସାମନାରେ ବାହାରେ ନାଚିବାଟା ବାରଙ୍ଗନା ବା ଦେବଦାସୀଙ୍କର ନିଜସ୍ୱ ବୋଲି ସେ ଭାବୁଥିଲେ । ଅବଶ୍ୟ ବର୍ତ୍ତମାନ ଏ କଳାବିକାଶ ଯୁଗରେ ଯେଉଁଟି ନାଚ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେଲଣି ସେତେବେଳେ ହୁଏତ ସେ ତାଙ୍କ ମତ ପରିବର୍ତ୍ତନ କରିଥାଆନ୍ତେ ।

ବଡ଼ଲାଟ ସଭାରେ ବେଶ୍ୟାନିରୋଧ ଆଇନ ପେଶ୍ ହେଲାବେଳେ ସେ ତାର ଦୃଢ଼ ପ୍ରତିରୋଧ କରି କହିଥିଲେ—ଘରଟିଏ କଲେ ନର୍ଦ୍ଦମା-ଟିଏ କରିବା ଦରକାର । ଆମର ପୂର୍ବପୁରୁଷମାନେ ବହୁକଥା ବିଚାରିକୁ ନେଇ ନର୍ଦ୍ଦମାପରି ଗାଁ ଓ ବସ୍ତିଠାରୁ ଦୂରରେ ଏ ବୃତ୍ୟ ଅନୁଷ୍ଠାନଟି ରଖିବାର ବ୍ୟବସ୍ଥା କରିଥିଲେ ।

Digitized by srujanika@gmail.com

ମନୁଷ୍ୟ ଏକ ମାନସିକ ପ୍ରାଣୀ । ତାର ମାନସିକ ବିକୃତି ଘଟି-
ପାରେ ବା କୌଣସି ବିଷୟରେ ନିମ୍ନସ୍ତରରେ ରହିପାରେ । ସମାଜରେ
ସବୁ ମାନସିକ ସ୍ତରର ଲୋକେ ଥାଆନ୍ତି । ତେଣୁ କେତେକ ମାନସିକ
ଦୁର୍ବଳ ଲୋକ ଯୌନ ପିପାସା ଚରିତାର୍ଥ କରିବାକୁ ସମାଜର ବିବାହିତ
ପରିସର ଭିତରେ ବାନ୍ଧି ନହୋଇ, ବା ବାନ୍ଧିହେବାକୁ ନଚାହିଁ ଏପରି
ଘୃଣ୍ୟ ଅନୁଷ୍ଠାନ ମଧ୍ୟ ଗଢ଼ାନ୍ତି । କାଳିଦାସଙ୍କ ପରି ସୂର୍ଯ୍ୟକବି ମଧ୍ୟ
ସଫଳ ବୈବାହିକ ଜୀବନର ଅଭାବରୁ ଦୁର୍ବଳତାର ବଶବର୍ତ୍ତୀ ହୋଇ
ବେଶ୍ୟା ଘରେ ପଡ଼ି କବିତା ଲେଖୁଥିବାର ଶୁଣାଯାଉଛି । ତେଣୁ ବେଶ୍ୟା-
ଘରେ ଗୁପ୍ତରେ କେତେ ମହାତ୍ମାଙ୍କ ପାଦ ପଡୁଥିବ ବୋଲି ବେଶ୍ୟାଘର
ମାଟିକୁ ଆଣି ଘର ତୋଳାଗଲାବେଳେ ଘର ନିଁହରେ ପକାଯାଏ ।
ବେଶ୍ୟା ଅନୁଷ୍ଠାନ ଘୃଣ୍ୟହେଲେ ମଧ୍ୟ ସମାଜରେ ତାହାର ପ୍ରୟୋଜନ
ରହିଛି । ଗୋଟିଏ ଘରର ନଳାମୁହଁ ବନ୍ଦ କରିଦେଲେ ଯେପରି ଘରଟି
ନଳାପାଣିରେ ପୂର୍ଣ୍ଣହୋଇ ଘରଟିଯାକ ଗନ୍ଧେଇବ ସେହିପରି ଏ
ଅନୁଷ୍ଠାନଟି ବନ୍ଦ ହୋଇଗଲେ ଆମର ସମାଜର ସ୍ତରେ ସ୍ତରେ ବ୍ୟଭିଚାର
ପଶିଯିବ ।

କେନ୍ଦ୍ର ଅସେମ୍ବ୍ଲିରେ 'ହିନ୍ଦୁଝିଅଙ୍କ ବାପ ସମ୍ପତ୍ତିରେ ଭାଗ'
ସମ୍ବନ୍ଧରେ ବିଲ୍‌ଟି ଆସିବାକ୍ଷଣି ସେ ବିଲ୍ ଉପରେ ଆପତ୍ତି କରି ଭାରତ
ସ୍ୱାଧୀନହେବା ପର୍ଯ୍ୟନ୍ତ (ସେ କେନ୍ଦ୍ର ଆସେମ୍ବ୍ଲି ସଦସ୍ୟ ଥିବା ପର୍ଯ୍ୟନ୍ତ)
ସେ ବିଲ୍‌ଟିକୁ ମଧ୍ୟ ପାଶ୍ କରାଇ ନଦେଇ ଅଟକାଇ ରଖିଥିଲେ ।
'ବିବାହିତ ଝିଅଙ୍କୁ ଭାଗ ନଦେଇ ବୋହୂ ଓ ଅଭିଆଡ଼ି ଝିଅଙ୍କୁ ଭାଗଦେବା'
ତାଙ୍କର ମତ ଥିଲା ।

ଭଉଣୀ ଘରକୁ ଭାଇ ବୋଝ ଧରିଗଲେ ଭଉଣୀ ଓ ଭଣଜା
ଭଣେଇଙ୍କ ମନରେ ଯେ ଆନନ୍ଦ ହୁଏ ଓ ସେମାନଙ୍କ ଭିତରେ ଯେ
ଆନ୍ତରିକତା ଓ ସଦ୍ଭାବ ଉଠେ, ଭଉଣୀ ବାପ ସମ୍ପତ୍ତିରୁ ଭାଗ ନେଇ
ଗଲେ ସେ ଭାବ ରହିବା ଅସମ୍ଭବ ।

ତାପରେ 'ମାଟି' ହେଲା ମାଆ-ଟି । ଭାଇ ସେହି ମାଟିରେ ଥାଏ
ଭାଇର ସେ ମାଆପରି ତାର ସେବାରେ ଲାଗିଥାଏ । ଦୂର ଗାଁଆଁର
ଭଉଣୀଟି ଭାଗନେଲା ପରେ ତା-ସ୍ୱାମୀର କ ପିଲାଙ୍କର ସେ ମାଟି ବା

Digitized by srujanika@gmail.com

ସମ୍ପତ୍ତି ପ୍ରତି ସେତେ ମମତା ନଥାଏ । ସେ ତାର ଘର ଜମିକୁ ବେଶୀ ଅର୍ଥ ଆଶାରେ ବା ଅନ୍ୟ କାରଣରୁ ହରିର ବେପାରୀ ଲୋକଙ୍କୁ ମଧ୍ୟ ସେ ଜମିକୁ ବିକି ଦେଇପାରେ । ସେଥିରୁ ଅସନ୍ତୋଷ ମାମଲାମକଦମା ପ୍ରଭୃତି ସୃଷ୍ଟି ହେବାର ବହୁତ ଆଶଙ୍କା ଅଛି । ସ୍ତ୍ରୀସ୍ୱତ୍ୱ ଦେବା ମୁସଲମାନ ଧର୍ମ କଥା ସେ ଦୃଷ୍ଟାନ୍ତ ଦେଉଥିଲେ । ମୁସଲମାନ ଜମିରେ ଝିଅର ଭାଗ ଥିବାରୁ ସେଥିରେ ଦୂରଦୂରାନ୍ତର ବହୁଲୋକଙ୍କ ଦାବି ସାବ୍ୟସ୍ତ ହୋଇ ସେ ଜମି ମଧ୍ୟ ସହଜରେ ବିକ୍ରି ହୋଇପାରେନାହିଁ । ଅନେକ ସମୟରେ କୃଷି ନ ହୋଇପାରି ପଡ଼ିଆ ପଡ଼େ ଓ ତାର ମୂଲ୍ୟ କମିଯାଏ । ମୁସଲମାନଙ୍କ ଅବସ୍ଥା ଆଖିରେ ଦେଖି ମଧ୍ୟ ଆଖିମୁଜି ଏପରି ଅସାମାଜିକ ବିଲ ପାଶ୍ କରାଇବାର ସେ ବିରୋଧୀ ଥିଲେ । କିନ୍ତୁ ଭାରତ ସ୍ୱାଧୀନ ହେବାପରେ ନେତାମାନେ ସେପରି ବିଲ୍ ସବୁ ପାଶ୍ କରାଇ ନେଉଛନ୍ତି, ତାର ପରିଣାମ ଲୋକେ ଭୋଗୁଛନ୍ତି ।

ପରେ ନାଗ ସ୍ୱାଧୀନତା ବର୍ଷଧରେ ନବଭାରତରେ ସେ ବହୁ ପ୍ରବନ୍ଧ ଲେଖିଥିଲେ ।

## ଲେଖା ଓ ଲେଖକ—

ଲେଖକମାନଙ୍କ ଲେଖାକୁ ସେ ସମାଲୋଚକ ଦୃଷ୍ଟିରେ ପରୀକ୍ଷା କରି ପ୍ରକାଶ କରିବାକୁ ଦେଉଥିବାରୁ । ଥରେ ଜଣେ ଶୃଙ୍ଗାର ରସର କବିତା ଲେଖୁଥିବା ଜଣେ ପ୍ରତିଷ୍ଠିତ କବିଙ୍କର ଗୋଟିଏ କବିତା ତାଙ୍କର ରୁଚିକର ନହେବାରୁ ସେ ତାହା 'ନବଭାରତ'ରେ ପ୍ରକାଶ କରି ନଥିଲେ ।

କବିତାଟି ପ୍ରକାଶିତ ନହେବାରୁ ସେ କବି କ୍ଷୋଭାନ୍ୱିତ ହୋଇ ତାଙ୍କ କବିତା କାହିଁକି ପ୍ରକାଶିତ ହେଲାନାହିଁ ବୋଲି ସେଥିପାଇଁ ନନାଙ୍କୁ କୈଫିୟତ ମାଗି ଲେଖିଲେ 'ଆପଣ ମୋ କବିତା ପ୍ରକାଶ ନ କରିବାର କି ଯୁକ୍ତି ଅଛି ? ଆପଣ ଆପଣଙ୍କ ପାଇଁ କବିତା ଛାପୁଛନ୍ତି ନା ଲୋକଙ୍କ ପାଇଁ ଛାପୁଛନ୍ତି ? ଆପଣଙ୍କ ଲେଖା କବିତା ଏ ଦେଶରେ କେତେଜଣ ପଢ଼ିବାକୁ ଭଲ ପାଆନ୍ତି, ଆଉ ମୋ କବିତା କେତେ ଲୋକ ପଢ଼ିବାକୁ ଆଗ୍ରହ ପ୍ରକାଶ କରନ୍ତି ତାହା କଅଣ ଆପଣ ଜାଣନ୍ତି ନାହିଁ ।

Digitized by srujanika@gmail.com

ଆପଣଙ୍କ ଲେଖା କବିତାଠାରୁ ମୋ ଲେଖା କବିତା ନିଶ୍ଚିତଭାବରେ ଉତ୍କୃଷ୍ଟ । ଆପଣ ମୋ କବିତା ନ ଛପାଇବା ଦ୍ୱାରା ଆପଣଙ୍କ ପତ୍ରିକାର ମାନ କ୍ଷୁଣ୍ଣ କରୁଛନ୍ତି ।

ନନା ତାଙ୍କ କଥା ନୀରବରେ ଶୁଣିସାରି କହିଲେ 'ବାପା ମୋତେ କହ ଜଣେ ଭଦ୍ରଲୋକ ସବୁ ରୁଚିସମ୍ପନ୍ନ ପୋଷାକ ପିନ୍ଧି ବାଟରେ ଚାଲିଯାଉଥାଏ ତାକୁ ବେଶୀ ଲୋକ ଆଗ୍ରହରେ ଚାହିଁବେ ନା । ଜଣେ ଲୋକ ଲଙ୍ଗଳା ହୋଇ ତାର ପିଠିକୁ ନାନାରଙ୍ଗରେ ରଙ୍ଗାଇ ସେ ବାଟରେ ଯାଉଥାଏ ତାକୁ ବେଶୀ ଲୋକ ଚାହିଁବେ । ରୁଚିସମ୍ପନ୍ନ ସାର-ଗର୍ଭକ କବିତା ଓ ନଗ୍ନ ଶୃଙ୍ଗାର ଭଳି କବିତା ବା ମୋ ଲେଖା ଓ ତୁମ ଲେଖା ଭିତରେ ଏତିକି ମାତ୍ର ତଫାତ୍ । କେବଳ ବେଶୀ ଲୋକ ଆଗ୍ରହରେ ପଢ଼ିଲେ କି ଚାହିଁଲେ ମୂଲ୍ୟ ବଢ଼େନାହିଁ । ଏଥର ବୁଝିଲତ ? ସେକଥା ଶୁଣି ଗୁଁ ଗୁଁ ହୋଇ ସେ କବି ସେଠାରୁ ଉଠି ଚାଲିଗଲେ କିନ୍ତୁ ଅନେକକାଳ ପର୍ଯ୍ୟନ୍ତ ନନାଙ୍କର ବିରୋଧୀ ହୋଇ ରହିଲେ ।

କିଏ ବିରୁଦ୍ଧରେ ଗଲା କି କିଏ ସପକ୍ଷରେ ଗଲା ସେଥିପାଇଁ ଖାତିର ନହୋଇ ନନା ନିର୍ଭୀକଭାବରେ ତାଙ୍କ ମତ ପ୍ରକାଶ କରୁଥିଲେ । ଏପଟେ ଗୋଟେ କଥା ସେପଟେ ତାହାକୁ ସନ୍ତୋଷ କରିବାକୁ ଅନ୍ୟ ଗୋଟେ କଥା କହିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ସେ ଯାହା ଭାବୁଥିଲେ ତାହା ନିର୍ଭୟରେ ପ୍ରକାଶ କରୁଥିଲେ । ଠୋ, ଠୋ, ହିଧା ସଳଖ ଜବାବ ତାଙ୍କଠାରୁ ମିଳୁଥିଲା । ଓଡ଼ିଆଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସେ ସର୍ବଦା ତତ୍ପର ଥିଲେ । ତେଣୁ ଓଡ଼ିଆ ଲେଖା କି କବିତା ତଳକୁ ଖସିଲେ ସେ ସହିପାରୁ ନଥିଲେ ।

ରେଭେନ୍ସା କଲେଜର ପଶ୍ଚିମ ଛାତ୍ରାବାସର ବାର୍ଷିକୋତ୍ସବରେ ପୌରୋହିତ୍ୟ କରିବାପାଇଁ କେତେକ ଛାତ୍ର ତାଙ୍କୁ ନିମନ୍ତ୍ରଣ କରି ନେଇ ଯାଇଥିଲେ । ସେ କଲେଜରେ ବହୁ ଭାଷାଭାଷି ପିଲା ପଢ଼ନ୍ତି ତେଣୁ ସେ ଇଂରାଜୀରେ ତାଙ୍କ ଭାଷଣ ଦେବାପାଇଁ ଉଦ୍ୟୋକ୍ତାମାନଙ୍କର ଇଚ୍ଛା ଥିଲା କିନ୍ତୁ ସେମାନେ ସେକଥା ତାଙ୍କୁ ଖୋଲଖୋଲି ଭାବରେ କହିପାରୁ ନଥିଲେ । ଶେଷରେ ଉଦ୍ୟୋକ୍ତାମାନଙ୍କ ଭିତରୁ ଜଣେ ତାଙ୍କୁ ପଚାରିଲେ 'ଆପଣ ଇଂରାଜୀରେ କହିବେ ନା ଓଡ଼ିଆରେ କହିବେ ?'

Digitized by srujanika@gmail.com

ନନା ସଙ୍ଗେ ସଙ୍ଗେ ଉତ୍ତର ଦେଲେ, 'ଇଂରଜରେ କହିବାକୁ ହୁଏ, ଓଡ଼ିଆରେ କୁହାଯାଏ' ମୁଁ ଏଠାରେ ମୋର ପିଲମାନଙ୍କୁ ଓଡ଼ିଆରେ କହିବ ।

ସାହିତ୍ୟ ଆଲୋଚନାବେଳେ ସମସ୍ତ ସମୟରେ ପିଲମାନଙ୍କ ସଙ୍ଗେ ସେ ମଜା କରନ୍ତି । ଜଣେ ଆଧୁନିକ କବି ତାଙ୍କ କବିତାରେ 'ମରମି' ଶବ୍ଦ ବ୍ୟବହାର କରିଥିଲେ, ତାକୁ ପଢି ନନା ତାଙ୍କ ସଙ୍ଗେ ଆଲୋଚନା କରୁଥିବା କଲେଜ ପିଲଙ୍କୁ କହିଲେ 'ହଇରେ ଏ 'ମରମି' ଶବ୍ଦ ଓଡ଼ିଆ ଭାଷାକୁ ଅଇଲା କୁଆଡ଼ୁ ?' କୁନି ଭାଇନା (ଶ୍ରୀ ବଟୁଧେନ୍ଦ୍ର ମିଶ୍ର) ସଙ୍ଗେ ସଙ୍ଗେ ଉତ୍ତର ଦେଲେ ଭୁଲ ରହିଲା କେଉଁଠି । ଗରମରୁ ଗରମି, ସରମରୁ ସରମି ହେଉଛି ମରମରୁ ମରମି କାହିଁକି ନହେବ । ସେ ସେଥିରେ ହସିପକାଇ କହିଲେ ତୁ ସ୍ତ୍ରୀଜନୋଚିତ ଭାବରେ ରଙ୍ଗମିଶି କରୁଥିଲୁ ବୋଲି ଜାଣିଥିଲି ତୁ ଏବେ ସାହିତ୍ୟଚର୍ଚ୍ଚା କଲୁଣି ନାଇଁ ?

ତାଙ୍କ ନିକଟରେ କବି ମାୟାଧର ମାନସିଂହ, କବି ରାଧାମୋହନ ଗଡ଼ନାୟକ, ଡକ୍ଟର କୁଞ୍ଜବିହାରୀ ଦାଶ ସାହିତ୍ୟିକ ମଧୁ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ସରଳା ଦେବୀ, ଶ୍ରୀରାମ ଦାସ ମୁରାରି ଜେନା, ଅଧ୍ୟାପକ ନରେନ୍ଦ୍ର ମିଶ୍ର ପ୍ରଭୃତି ଜ୍ଞାନବନ୍ତ କବି ସାହିତ୍ୟିକ, ଐତିହାସିକ, ଔପନ୍ୟାସିକ, ସାମ୍ବାଦିକ ସବୁ ଭିନ୍ନ ଭିନ୍ନ ସମୟରେ ଆସି ଜୁଟନ୍ତି । ବହୁପ୍ରକାର ଆଲୋଚନା ଓ ସମାଲୋଚନା ଚାଲେ ।

ଭାରତ ସରକାରଙ୍କ ଅନୁମୋଦିତ ଇଂରେଜି ଶବ୍ଦର 'ରଘୁବୀର'ଙ୍କ ଦେଶଜ ଅଭିଧାନିକ ପ୍ରତିଶବ୍ଦ ଉପରେ ଆଲୋଚନା ଚାଲିଥିଲା । ନେକଟାଇକୁ କଣ୍ଠଲଙ୍ଗୋଟ ବୋଲି କହିବା କେତେ ଅଯୌକ୍ତିକ ତାହା ବୁଝାଇବାକୁ ଯାଇ ସେ କହିଲେ "ଲଙ୍ଗୋଟ ଅର୍ଥ-ହେଲା କଉପୁନି ଅର୍ଥାତ୍ ଯେଉଁ କନା ଖଣ୍ଡ ଲିଙ୍ଗକୁ ଘୋଡ଼ାଇ ରଖେ । ସାହେବମାନେ ନେକଟାଇ ପିନ୍ଧନ୍ତି, ନେକଟାଇ ଯଦି କଣ୍ଠ ଲଙ୍ଗୋଟ ହୁଏ ତେବେ ସାହେବମାନଙ୍କର ଲିଙ୍ଗ କଅଣ ବେକ ପର୍ଯ୍ୟନ୍ତ ଲମ୍ବି ଥାଏ । ଏପରି ପ୍ରତିଶବ୍ଦ ଯଦି ବାହାର କରାଯାଏ ତେବେ ଆମ ଦେଶୀ ଭାଷା ଓ ସାହିତ୍ୟ ଯାଇ କେଉଁଠି ପହଁଚିବ ? କଣ୍ଠ ଲଙ୍ଗୋଟ କହି କଣ୍ଠ ବନ୍ଧନୀ କହିଲେ କି ଅସୁବିଧା ହେଉ ଥାଉଥିଲା ଯେ ଅମର 'ରଘୁବୀର'ଙ୍କ ଭଳି ପଣ୍ଡିତମାନେ ଏପରି

Digitized by srujanika@gmail.com

କରି ବସିଲେ । ସାଧାରଣତଃ ଯୁବସାହିତ୍ୟିକ ଓ ଯୁବନେତାମାନଙ୍କ ସଙ୍ଗେ ସେ ଏପରି ହସ କୌତୁକରେ କଥାବାର୍ତ୍ତା କରନ୍ତି ।

**ଓଡ଼ିଆ ସାହିତ୍ୟ—**

ଓଡ଼ିଆ ସାହିତ୍ୟରେ ସମାଲୋଚନା ବିଭାଗର ଉତ୍‌ଥାନ ତାଙ୍କର ଓଡ଼ିଆ ସାହିତ୍ୟକୁ ଏକ ବଡ଼ ଦାନ । ବଳିଷ୍ଠ ଯୁକ୍ତି ସହିତ ନିରପେକ୍ଷ ବିଚାରରେ ସମାଲୋଚନା ତାଙ୍କ ଲେଖାର ବିଶେଷତ୍ୱ ଥିଲା । ଉପେନ୍ଦ୍ର ଭଞ୍ଜଙ୍କଠାରୁ ରାଧାନାଥ, ଫକୀରମୋହନ ପର୍ଯ୍ୟନ୍ତ ସମସ୍ତଙ୍କ ସାହିତ୍ୟ-କୃତିର ବିଶେଷତ୍ୱ ଦେଖାଇ ସେ ପ୍ରବନ୍ଧମାନ ପ୍ରକାଶ କରିଯାଇଛନ୍ତି ।

ଓଡ଼ିଆ ଶିଶୁ ସାହିତ୍ୟର ସ୍ରଷ୍ଟାମାନଙ୍କ ମଧ୍ୟରେ ସେ ଅନ୍ୟତମ । ଶିଶୁମାନଙ୍କ ସଙ୍ଗରେ ମିଶି ତାଙ୍କର ମନସ୍ତତ୍ତ୍ୱ ବୁଝି ସେମାନଙ୍କୁ ଭବିଷ୍ୟତ ଉଚ୍ଚାକାଙ୍‌କ୍ଷୀ ମଣିଷକରି ଗଢ଼ିବା ପାଇଁ ଉପାଦାନ ଯୋଗାଇବା ହିଁ ଶିଶୁ ସାହିତ୍ୟିକଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ସେ ବିଚାରୁଥିଲେ ।

ବେଳ ମିଳିଲେ ସେ ପିଲାଙ୍କୁ କୋଳରେ ବସାଇ ବହୁତ ଗପ କହନ୍ତି, ଖେଳ କରନ୍ତି । ତାଙ୍କ ସଙ୍ଗେ ପ୍ରାଣ ପୂରି ହସନ୍ତି । ନଜାଣିଥିବା ପିଲାଏ ତାଙ୍କ ଦାଢ଼ି ଦେଖି ଡରିଲେ ସେ ସେମାନଙ୍କୁ ମଜା ମଜା କଥା କହି ପାଖକୁ ଆଣନ୍ତି ।

ପ୍ରେସ ସାମନାରେ ସୋନପାପୁଡ଼ି ବା ସୂତା ପରି ଗୁଡ଼େଇ ଗୁଡ଼େଇ ହୋଇଥିବା ମିଠା ଜିନିଷ ବିକ୍ରୀ ହୁଏ ପିଲାଏ ସେଠାରେ ରୁଣ୍ଡ ହୋଇଥାଆନ୍ତି । ସେ ପ୍ରେସରୁ ବାହାରକୁ ଆସିବାର ଦେଖିଲେ ପିଲାମାନେ ତାଙ୍କୁ ଦେଖି ପଳାଇବାକୁ ଚେଷ୍ଟା କରନ୍ତି । ସେ ତାଙ୍କୁ ଡାକି କହନ୍ତି । 'ପିଲେ ଏ ସୋନପାପୁଡ଼ି କିଅଣ ଜାଣିଛ ? ଇଏ ଏଇ ମୋର ଦାଢ଼ିକୁ ନେଇ ବେସନ ଗୋଳେଇ ଭଜାକରି ତିଆରି ହୋଇଚି ସେତିକିରେ ପିଲାଙ୍କ ଡର ଛାଡ଼ିଯାଏ ।

ତାଙ୍କର ପିଲାଙ୍କ ପାଇଁ ଲେଖା ରାମାୟଣ ମହାଭାରତ ଓ ଭାଗବତ ଓଡ଼ିଶାର ଆଦି ଶିଶୁ ସାହିତ୍ୟ । ତାହାଛଡ଼ା ସେ ଶିଶୁଙ୍କ ପାଇଁ ବହୁ ଗପ ଓ କବିତା ଲେଖିଛନ୍ତି । ସେ ତାଙ୍କ ଲେଖାର ସ୍ତରେ

Digitized by srujanika@gmail.com

ସ୍ତରେ ଶିଶୁଙ୍କୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତ ଦିଗ୍‌ଦର୍ଶନ ଦେଖାଇବାର ଚେଷ୍ଟା କରୁଛନ୍ତି ଦୃଷ୍ଟାନ୍ତସ୍ୱରୂପ ତାଙ୍କ 'ପିଲା ଓ ଚଢ଼େଇ' କବିତାରେ, ସ୍ୱାଧୀନତାର ମହତ୍ତ୍ୱ କଅଣ ପିଲାଙ୍କୁ ଦେଖାଇଛନ୍ତି । ପିଲାଙ୍କୁ ଉତ୍ତର ଦେବାକୁ ଯାଇ ଚଢ଼େଇଟି କହୁଛି—

ଓଡେ଼ ପିଠି ଖାଉଛି ମୁଁ ଇଚ୍ଛାରେ ଚରି<br>
ଉପାସ ବାଧିବ ନାହିଁ ବନ୍ଧନ ପରି<br>
ଗୀତ ଗାଇ ପୋଷା ହେବା ନୁହେଁ ମୋ କାମ<br>
ପ୍ରଭୁ ମନ ଯୋଗାଇବା ବଡ଼ ବିଷମ ।

## ଶିକ୍ଷକ ପ୍ରବୃତ୍ତି —

ସେ ଶିକ୍ଷକତା ବହୁକାଳରୁ ଛାଡ଼ିଥିଲେ ମଧ୍ୟ ସବୁବେଳେ ଜଣେ ଶିକ୍ଷକ । ଯୁବକମାନଙ୍କୁ ଜବରଦସ୍ତି କରି ଶିଖାଇବା ଓ ଶିକ୍ଷାରେ ଉତ୍ସାହିତ କରିବା ତାଙ୍କର ଗୋଟିଏ ପ୍ରବୃତ୍ତି ।

ମୁଁ ୧୯୪୫ରେ ମେଡ଼ିକାଲ କଲେଜରେ ପଢ଼ା ଆରମ୍ଭ କଲି । ମେଡ଼ିକାଲ ପାଠ ପାଇଁ ସମୟ ଅଣ୍ଟେ ନାହିଁ । ବହୁତ ପାଠ । ସବୁବେଳେ ପରୀକ୍ଷା । ସାହିତ୍ୟଚର୍ଚ୍ଚା କି ଲେଖାଲେଖି କରିବାକୁ ମୋର ଆଦୌ ସମୟ ନଥାଏ ।

ସନ୍ଧ୍ୟା ପାଞ୍ଚଟାବେଳେ ଟିକିଏ ସମୟ କରି ମେଡ଼ିକାଲ କଲେଜରୁ ମୁଁ ପ୍ରେସକୁ ବୁଲିଆସେ । ନନା ମୋତେ ଦେଖିବାକ୍ଷଣି ଖବରକାଗଜର ଲେଖା ଲେଖିବା କିମ୍ବା କୌଣସି ବିଷୟରେ ପ୍ରବନ୍ଧ ଲେଖାଇବା ପ୍ରଭୃତି କାର୍ଯ୍ୟରେ ଲଗାଇ ଦିଅନ୍ତି ।

ମୁଁ ଫେରିଯିବା ପାଇଁ ଛଟପଟ ହୁଏ । ପରୀକ୍ଷା ଅଛି ବୋଲି କହିଲେ, ସେ କହନ୍ତି ପରୀକ୍ଷା ସମୟରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି Connative tension ବଢ଼ିଯାଏ, ବଡ଼ ଲମ୍ବା ବିଷୟକୁ ଚୁମ୍ବକରେ ଧରିହୁଏ । ତୁ ବର୍ତ୍ତମାନ ଅଳ୍ପ ସମୟରେ ଭଲ ଲେଖିପାରିବୁ । ଏଇ ବିଷୟଟା ଲେଖି ଦେଇ ଯା' କହି ଗୋଟାଏ କିଛି ଧରାଇ ଦିଅନ୍ତି ।

ମୁଁ ସେ କାମ ସାରି ଆସୁ ଆସୁ ରାତି ନଅଟା ହୁଏ । ମୁଁ ରାତି ଅନିଦ୍ରା ହୋଇ ମୋର ରୁମମେଟ୍‌ ସାହାଯ୍ୟରେ ପରୀକ୍ଷା ପାଇଁ ପ୍ରସ୍ତୁତ

Digitized by srujanika@gmail.com

ହୁଏ । ମୋର ବନ୍ଧୁ ଆଗରୁ ପାଠକୁ ଘୋଷିକରି ରଖିଥାଆନ୍ତି ମୁଁ ଗଲେ ମୋ ଆଗରେ ଆବୃତ୍ତି କରନ୍ତି ମୁଁ ପୁଣି ତାଙ୍କ ଆଗରେ ଆବୃତ୍ତି କରେ ଓ ମନେରଖେ । ମୁଁ ବହି ନଦେଖି ଏପରି ଶୁଣି ଶୁଣି କାମ ଚଳାଇ ନେଉଥିବାରୁ ମୋର ବନ୍ଧୁ ଓ ଅନ୍ୟ ସଙ୍ଗୀମାନେ ମୋ ମେଡ଼ିକାଲ ପାଠକୁ ମୋର ବେଦ ବୋଲି କହନ୍ତି ।

ପ୍ରେସକୁ ଯିବାଦ୍ୱାରା ମୋର ମେଡ଼ିକାଲ ପାଠପଢ଼ାରେ ଅସୁବିଧା ହେଲେ ମଧ୍ୟ ସେଠାରୁ ମୋତେ ଏତେ ଶିକ୍ଷା ମିଳେ ଓ ନନାଙ୍କ ସାନିଧ୍ୟ ଏତେ ଭଲଲାଗେ ଯେ ତାର ପରଦିନ ଠିକ୍ ସମୟରେ ମୋ ଗୋଡ଼ ଆପେ ଆପେ ଯାଇ ପ୍ରେସରେ ପହଁଚିଯାଏ । ମୋର ବିଶ୍ୱାସ ତାଙ୍କ ପାଖକୁ ଯିଏ ଯାଉଛି କିଛି ଜ୍ଞାନ ଅର୍ଜନ କରି ଫେରିଛି ।

କାହା ପାଖରେ କିଛି ପ୍ରତିଭା ଥିବାର ସଙ୍କେତ ପାଇଲେ ସେ କପରି ସେଥିରେ ଆଗେଇଯିବ, ସେଥିପାଇଁ ସେ ତାକୁ ଉତ୍ସାହ ଦେଉଥିଲେ । ସତ୍ୟବାଦୀ ସ୍କୁଲରେ ଅଧ୍ୟକ୍ଷ ଥିଲାବେଳେ ସମୟାନୁବର୍ତ୍ତିତା ପ୍ରତି ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ସେ ଠିକ୍ ସମୟରେ କ୍ଲାସରେ ପହଞ୍ଚି ପାଠ ଆରମ୍ଭ କରିଦେଉଥିଲେ । ଡେରିକରି ଆସିଥିବା ପିଲା ଡରରେ କ୍ଲାସ ଭିତରକୁ ପଶିପାରୁ ନ ଥିଲେ ।

ଦିନେ ସେ ତଳ କ୍ଲାସରେ ପଢ଼ାଉଥିଲାବେଳେ, ଗୋଟିଏ ପିଲା ଅନ୍ୟମନସ୍କ ହୋଇ ଥରକୁଥରେ କ୍ଲାସର ଦୁଆର ଆଡ଼କୁ ଚାହୁଁଥିବାର ଦେଖାଗଲା । ନନା ତାକୁ ଠିଆକରାଇ ଦେଇ ତାର ଅମନଯୋଗୀତାର କାରଣ କଅଣ ବୋଲି ପଚାରିବାରୁ ସେ କହିଲା—

ବାହାରେ ରହିଛି ମଦନ
ଅଳପ ବିଶୁଚ ବଦନ ।

ନନା ବାହାରକୁ ବୁଲିଯାଇ ଦେଖିଲେ ମଦନ ବୋଲି ଗୋଟିଏ ପିଲା ଡେରିକରି ଆସିଥିବାରୁ ଲୁଚିକରି ଦୁଆର ମୁହଁରେ ଠିଆହୋଇ ପାଠ ଶୁଣୁଛି ।

Digitized by srujanika@gmail.com

ସେ ସଙ୍ଗେ ସଙ୍ଗେ ଗୀତରେ ଉତ୍ତର ଦେଇଥିବା ସାନ ପିଲାଟିକୁ କୁଣ୍ଢାଇ ପକାଇ କହିଲେ ବାପା ତୋ ଭିତରେ ବହୁତ ପ୍ରତିଭା ଅଛି, ତୁ ସେ ପ୍ରତିଭାକୁ ଠିକ୍ ବାଟରେ ଚଳାଇପାରିଲେ ଦିନେ ଜଣେ ବଡ଼ କବି ହେବୁ । ତୁ କଅଣ କବିତା ଲେଖୁଛୁ ମୋତେ ଆଣି ଦେଖାଉଥିବୁ ।' ସେହିଦିନଠାରୁ ସେ ବାଳକ ନିସଙ୍କୋଚରେ କବିତା ଲେଖି ନନାଙ୍କୁ ଦେଖାଉଥିଲେ । ନନା ତାଙ୍କୁ ଉତ୍ସାହ ଦେଇ ସରସ୍ୱତୀ ପୂଜା ଗଣେଶ ପୂଜା, ବିଦାୟ ସମ୍ବର୍ଦ୍ଧନା ସମୟରେ ତାଙ୍କଦ୍ୱାରା କବିତା ସବୁ ଲେଖାଇ ସେ ଛାତ୍ରମାନଙ୍କରେ ପଢାଉଥିଲେ ।

ନନା ସତ୍ୟବାଦୀ ବିଦ୍ୟାଳୟ ଛାଡ଼ି କଲିକତା ବିଶ୍ୱବିଦ୍ୟାଳୟକୁ ଅଧ୍ୟାପକ ହୋଇ ଗଲାବେଳେ ସେ ବାଳକ ଯେଉଁ ବିଦାୟ ସଙ୍ଗୀତ ଲେଖି ବିଦାୟ ସମ୍ବର୍ଦ୍ଧନା ସଭାରେ ବୋଲିଥିଲେ ସେଥିରେ ସମସ୍ତଙ୍କ ଆଖିରୁ ଲୁହ ଗଡ଼ି ପଡ଼ିଥିଲା । ତାର କେତେ ପଦ ହେଉଛି—

ବରଷନ୍ତୁ ଶ୍ରୀ ଗୋପାଳ
ପଥେ ତବ ସୁମଙ୍ଗଳ
କି ଯେନ ବିଦାୟ ଦେବୁ ଏହି ଶିଶୁ ପରାଣେ
ଆସ ଭାଇ ଆପ କହି

× ×

× × ପ୍ରାଣ ପ୍ରୀତି କମ୍ପନେ ।

ସେହି ପିଲାଟି ପରେ ହେଲେ ଓଡ଼ିଶାର ସୁନାମଧନ୍ୟ କବି ନଅାଁଖୁଣ୍ଟା ସମ୍ପାଦକ ଶ୍ରୀ ଗୋଦାବରୀଶ ମହାପାତ୍ର । ଜଣେ ଶିକ୍ଷାବିତ୍ ଭାବରେ ପ୍ରତିଭା ଚିହ୍ନି ସେ ପ୍ରତିଭାକୁ ଉତ୍ସାହିତ କରିବାର ଏପରି ଅଗଣିତ ଦୃଷ୍ଟାନ୍ତ ରହିଛି । ୧୯୩୦ ଲବଣ ସତ୍ୟାଗ୍ରହ ବେଳେ କାକଟ-ପୁରରେ ଲୁଣମରା ଚାଲିଥାଏ । ପୁରୀ ସହରର ରାମଚଣ୍ଡୀ ସାହି କଂଗ୍ରେସ ଆଶ୍ରମରୁ ବାନର ସେନାମାନେ ତାଲିମପାଇଁ ପ୍ରଚାର କାର୍ଯ୍ୟପାଇଁ ଯାଉଥାଆନ୍ତି ।

ସେହିଠାରେ ଗୀତ ସବୁ ଯୋଡ଼ାଯାଏ, ସେଇ ଗୀତ ବୋଲି ପିଲାଏ ପ୍ରଚାର କରନ୍ତି । ବା ଇମିଶା ମୁଠି ଖୁଞ୍ଜାଇ ପଖାଳ ରଖିଦେଇ

Digitized by srujanika@gmail.com

ଯ ଇଥାଆନ୍ତି ପ୍ରସ୍ତୁତ ପରେ ସଭା ଫେରନ୍ତି ତେବେ ତାକୁ ଖାଆନ୍ତି । ଦିନେ ଦିନେ ସେ ପଖାଳକୁ ଗାଡ଼ମାଙ୍କଡ଼ମାନେ ଖାଇ ହାଣ୍ଡିକୁ ଖପର କରିଦେଇଥାଆନ୍ତି । ପିଲାମାନେ ମୁହଁ ଶୁଖାଇ ବସି ଗୀତ ଗାଉଥାଆନ୍ତି । ନନା ସେଠାକୁ ଯାଇ ବରାବର ପିଲାଙ୍କ କଥା ବୁଝି ତାଙ୍କୁ ଆଶ୍ୱାସନ ଦେଇ ଫେରନ୍ତି ।

ଥରେ ନନା ସେଠାକୁ ଗଲାବେଳକୁ ଅନନ୍ତ ବୋଲି ଗୋଟିଏ ପିଲା ଗୀତ ଲେଖୁଥାଆନ୍ତି, ଶଙ୍କର ବୋଲି ଆଉ ଗୋଟିଏ ପିଲା ତାଳ ଦେଇ ସେ ଗୀତ ବୋଲୁଥାଆନ୍ତି । ସେ ଗୀତ ଶୁଣିବାର ଅନନ୍ତଙ୍କ ଆଡ଼କୁ ଚାହିଁକରି କହିଲେ, "ତୁମେ ଏଠାରେ କାହିଁକି ? ତୁମର ସ୍ଥାନ ଏ ନୁହେଁ । ଅନନ୍ତ ତାଙ୍କୁ ଅବାକ୍ ହୋଇ ଚାହିଁରହିଲେ । ସେ ପୁଣି କହିଲେ ତୁମେ ମାଟ୍ରିକ୍ ପାଶ କରିଛ ଶୀଘ୍ର ଯାଇ କଲେଜରେ ନାମ ଲେଖାଅ, ପାଠ ଛାଡ଼ ନାହିଁ, ଆଗରେ ତୁମର ବିରାଟ ଭବିଷ୍ୟତ ପଡ଼ିରହିଛି । ଅନନ୍ତ ସେହିଦିନଠାରୁ ଦେଶ ସେବା ସଙ୍ଗେ ସଙ୍ଗେ ଦୁଃଖେ କଷ୍ଟେ ପାଠପଢ଼ାରେ ମଧ୍ୟ ଲାଗିଲେ । ସେ ହେଉଛନ୍ତି ଓଡ଼ିଶାର ଜଣେ ମହାନ୍ ବାମପନ୍ଥୀ ନେତା ଓ କବି ଶ୍ରୀ ଅନନ୍ତ ପଟ୍ଟନାୟକ ।

## କଟକର ଶିକ୍ଷାକେନ୍ଦ୍ର—

ସତ୍ୟବାଦୀ ଅନୁଷ୍ଠାନର ବଲସ୍ତୁ ପରେ ତାଙ୍କ ଭାବଧାରାର ପ୍ରକାଶ ଓ ପ୍ରଚାର ପାଇଁ ସେ ୧୯୩୪ ମସିହାରେ କଟକର ବାଙ୍କା-ବଜାରରେ ଗୋଟିଏ ଭଡ଼ାଘରେ ନବଭାରତ ପ୍ରେସ ବସାଇ ପତ୍ରିକା ବାହାର କରୁଥିଲେ ।

ଦୁଇ ଦଶନ୍ଧି ଧରି ସେ ଅନୁଷ୍ଠାନଟି ଗୋଟିଏ ପ୍ରଧାନ ଶିକ୍ଷାକେନ୍ଦ୍ର ରୂପେ କାର୍ଯ୍ୟ କରୁଥିଲା । ସତ୍ୟବାଦୀ ବିହାରପରି ସେଥିରେ ମଧ୍ୟ ମଣିଷ ଗଢ଼ା ଚାଲିଥିଲା । ବର୍ତ୍ତମାନ ଯୁଗର ବହୁ ବଡ଼ ବଡ଼ ପଣ୍ଡିତ, ଗବେଷକ ଓ ଦେଶସେବୀ ସେଠାରୁ ପ୍ରେରଣା ପାଇଛନ୍ତି । ଓଡ଼ିଶାର ବହୁ ଲବ୍ଧ-ପ୍ରତିଷ୍ଠ ସାହିତ୍ୟିକ ସେଇଠାରେ ନନାଙ୍କ ପାଖରେ ବସି ସାହିତ୍ୟ ସାଧନା କରିଥିଲେ ।

ଦେଶର ରାଜନୈତିକ ସ୍ୱାଧୀନତା ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତିର ପୁନରୁଦ୍ଧାର ଓ ପ୍ରଚାରର ପ୍ରୟୋଜନୀୟତା ପାଇଁ ସେ ବ୍ୟଗ୍ରତା ପ୍ରକାଶ କରୁଥିଲେ ।

Digitized by srujanika@gmail.com

ସେ ବୁଝିଥିଲେ ଭାରତରୁ କେବଳ ଇଂରେଜ ଛାଡ଼ି ଚାଲିଗଲେ ଭାରତ ପ୍ରକୃତ ସ୍ୱାଧୀନତା ପାଇବ ନାହିଁ । ପୃଥିବୀ ବକ୍ଷରେ ଗୋଟିଏ ଉନ୍ନତ ସ୍ୱାଧୀନ ଦେଶ ଭାବରେ ଭାରତକୁ ବଞ୍ଚିରହିବାକୁ ହେଲେ ଭାରତକୁ ତାର ନିଜର ସଂସ୍କୃତି ଉପରେହିଁ ଭବିଷ୍ୟତ ଗଢ଼ିବାକୁ ପଡ଼ିବ ।

ଭାରତ ସଂସ୍କୃତିର ବିଶ୍ୱକୁ ଯେ ଅମରଦାନ ଦେବାକୁ ଅଛି ତାହା ପ୍ରତ୍ୟେକ ଭାରତୀୟ ନିଜେ ବୁଝି ଅନ୍ୟକୁ ବୁଝାଇବାକୁ ହେବ । ପରକୁ କେବଳ ଅନୁକରଣ କରି ବଞ୍ଚିରହିବାରେ ଭାରତର ସ୍ୱାଧୀନତାର ଅର୍ଥ କିଛି ରହିବ ନାହିଁ ।

ସେହି ପ୍ରେସ ଅନୁଷ୍ଠାନରେ ଗଦା ଗଦା ବହି ଭିତରେ ନନା ନିଜକୁ ବୁଡ଼ାଇ ରଖି ଓଡ଼ିଶାର ଜଗନ୍ନାଥ ସଂସ୍କୃତିର ବିଶେଷତ୍ୱ ଖୋଜି ଖୋଜି ବାହାର କରିଥିଲେ । ସାହିତ୍ୟ ଓ ସଂସ୍କୃତି, ଭାଷା ଓ ସାହିତ୍ୟ, ଓଡ଼ିଆ ସାହିତ୍ୟର କ୍ରମପରିଣାମ ପ୍ରଭୃତି ନାନା ଚିନ୍ତାଶୀଳ ପୁସ୍ତକ ଓ ଲେଖା ରଚନା କରି ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଥିଲେ ।

ବହୁ ବିଶିଷ୍ଟ ସାହିତ୍ୟିକଙ୍କ ଆଲୋଚନା ସଭା ସେଠାରେ ବସୁଥିଲା । ସେହି ଘରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ବିଚାର, 'ଓଡ଼ିଆ ସାହିତ୍ୟ ଏକାଡେମୀ'ର ପ୍ରଗତିମୂଳକ ଯୋଜନା ପ୍ରଭୃତି ଆରମ୍ଭ ହୋଇଥିଲା । ଏପରି ଗୋଟିଏ ଦିନ ନଥିଲା ଯେଉଁ ଦିନ ପ୍ରେସଟି, ସାହିତ୍ୟିକ, ସମାଜସେବୀ ଓ ରାଜନୈତିକ ଅତିଥିଙ୍କ ଦ୍ୱାରା ପୂର୍ଣ୍ଣ ରହୁନଥିଲା ।

## ନବଭାରତ ପ୍ରେସ ଦାନ—

ନବଭାରତ ଅନୁଷ୍ଠାନଟି ଗୋଟିଏ ଶିକ୍ଷାକେନ୍ଦ୍ର ରୂପେ ପରିଚିତ ହେବା ସଙ୍ଗେ ସଙ୍ଗେ ପ୍ରେସଟି ମଧ୍ୟ ଓଡ଼ିଶାର ଗୋଟିଏ ବଡ଼ ନାମଜାଦା ପ୍ରେସ ଭାବରେ ଖ୍ୟାତି ଅର୍ଜନ କରିଥିଲା ।

Digitized by srujanika@gmail.com

ସେଥିରେ ଗୋଟିଏ ଦୈନିକ ଖବରକାଗଜ, ମାସିକ, ସାପ୍ତାହିକ, ପତ୍ରପତ୍ରିକା ଓ ଅନ୍ୟାନ୍ୟ ବହୁ ବରାଦ ପୁସ୍ତକ ବିଜ୍ଞାପନ ପ୍ରଭୃତି ସୁନ୍ଦର ଓ ନିର୍ଭୁଲ ଭାବରେ ଛପାଯାଇ ପାରୁଥିଲା । ନନା ପ୍ରେସର ସମସ୍ତ ଛପାଛପି କାର୍ଯ୍ୟତନ୍ନ ତନ୍ନ କରି ଦେଖୁଥିଲେ ।

ନନାଙ୍କ ବାର୍ଦ୍ଧକ୍ୟ ଓ ପକ୍ଷାଘାତ ରୋଗପରେ ପ୍ରେସରେ ରହିବା ଓ ପ୍ରେସ ପ୍ରତି ପୂର୍ବପରି ଦୃଷ୍ଟି ଦେବା ତାଙ୍କ ପକ୍ଷରେ ସମ୍ଭବପର ହେଲାନାହିଁ ।

ପୂର୍ବରୁ ନନା ଯେଉଁ ବିରାଟ ଗୋପବନ୍ଧୁ ମେମୋରିଆଲର କଳ୍ପନା କରିଥିଲେ, ଭବିଷ୍ୟତରେ ସେହି ଅନୁଷ୍ଠାନକୁ ନବଭାରତ ପ୍ରେସଟି ଦାନ କରିଦିବାର ଘୋଷଣା ମଧ୍ୟ କରିଥିଲେ କିନ୍ତୁ ନାନା ବାଧାବିଘ୍ନ ଯୋଗୁ ତାଙ୍କ ଗୋପବନ୍ଧୁ ଅନୁଷ୍ଠାନ ରୂପ ନେଇପାରି ନଥିଲା ।

ତେଣୁ ଗୋପବନ୍ଧୁ ଯେଉଁ ଲୋକସେବକ ମଣ୍ଡଳ ଅନୁଷ୍ଠାନକୁ ସତ୍ୟବାଦୀ ପ୍ରେସଟି ଦାନ କରିଥିଲେ ସେ ସେହି ଅନୁଷ୍ଠାନକୁ ନବଭାରତ ପ୍ରେସଟି ଅର୍ପଣ କରିଦିବାକୁ ଇଚ୍ଛା ପ୍ରକାଶ କଲେ ।

ସେହି ଅନୁଷ୍ଠାନଟି ଗୋପବନ୍ଧୁଙ୍କର ଘନିଷ୍ଠ ସହକର୍ମୀ ପଣ୍ଡିତ ନୀଳକଂଠଙ୍କ ସ୍ମୃତି ଓ ସଂସ୍କୃତିର ପରମ୍ପରା ରକ୍ଷା କରିପାରିବ ବୋଲି ଆଶାନ୍ୱିତ ହୋଇ ସେ ଦାନକୁ କାର୍ଯ୍ୟକାରୀ କରାଇବା ପାଇଁ ମୁଁ ଲାଗିପଡ଼ିଲି ।

ନନାଙ୍କର ଅତିପ୍ରିୟ କନିଷ୍ଠ ସହକର୍ମୀ, ଲୋକସେବକ ମଣ୍ଡଳ ସଦସ୍ୟ, ସମାଜ ସମ୍ପାଦକ ଶ୍ରୀ ରାଧାନାଥ ରଥଙ୍କ ସାହାଯ୍ୟରେ ମୁଁ ଲୋକସେବକ ମଣ୍ଡଳର ତତ୍କାଳୀନ ସଭାପତି ଶ୍ରୀ ବଳବନ୍ତ ରାଏ ମେହେଟାଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ଲୋକସେବକ ମଣ୍ଡଳକୁ କେତେକ ସର୍ତ୍ତରେ ସେ ପ୍ରେସଟି ଗ୍ରହଣ କରାଇବାକୁ ରାଜି କରାଇଲି ।

କେନ୍ଦ୍ର ଲୋକସେବକ ମଣ୍ଡଳଙ୍କ ନିର୍ଦ୍ଦେଶନାରେ ଲୋକସେବକ ମଣ୍ଡଳ ପକ୍ଷରୁ ରାଧାନାଥ ବାବୁ ପ୍ରେସ ସରଞ୍ଜାମର ତାଲିକା ସହିତ

Digitized by srujanika@gmail.com

ପ୍ରେସଟି ଗ୍ରହଣ କରି ୧୯୭୪ ଅଗଷ୍ଟରେ ଚୁକ୍ତିପତ୍ର ସ୍ୱାକ୍ଷର କଲେ । ପ୍ରେସଟି ନନାଙ୍କ ଆଦର୍ଶବାଦ ସହିତ ଗୋପବନ୍ଧୁ ଭବନକୁ ଉଠିଗଲା ।

ଚୁକ୍ତି ଅନୁସାରେ ନୀଳକଣ୍ଠ ଟ୍ରଷ୍ଟ ଫଣ୍ଡ ସ୍ଥାପନ ଓ ପ୍ରେସକୁ ଲିଜ୍‌କରି ତାର ଲଭ୍ୟାଂଶରୁ ନବଭାରତ ମାସିକ ପତ୍ରିକା ପ୍ରକାଶନ ଓ ଉଦ୍‌ବୃତ୍ତ ଧନ ଓଡ଼ିଶାର ସଂସ୍କୃତି ପାଇଁ ଖର୍ଚ୍ଚ କରିବାର ବ୍ୟବସ୍ଥା କରାଯାଇ ମୁଁ ବା ଆମର କେହି ପ୍ରତିନିଧି ପ୍ରେସ ପରିଚାଳନାରେ ଜଣେ ସଦସ୍ୟ ରହିବାର କଥା ରହିଲା ।

କଟକ ଗୋପବନ୍ଧୁ ଭବନକୁ ପ୍ରେସ ଉଠିଯିବା ପରେ କୌଣସି କାରଣରୁ ଏପର୍ଯ୍ୟନ୍ତ ପ୍ରେସଟି ଲିଜ୍‌କରିବା ଲୋକସେବକ ମଣ୍ଡଳ ପକ୍ଷରେ ସମ୍ଭବପର ହୋଇନାହିଁ ।

ତଥାପି ଗୋପବନ୍ଧୁଙ୍କ 'ସମାଜ' ସହିତ ନବଭାରତକୁ ସଂଶ୍ଳିଷ୍ଟ ରଖିବା ପାଇଁ ସମାଜର ସାପ୍ତାହିକ ସାହିତ୍ୟ ଆଲୋଚନାକୁ 'ପଣ୍ଡିତ ନୀଳକଣ୍ଠଙ୍କ ନବଭାରତ'ର ନୂତନ ପ୍ରସ୍ଥ ବୋଲି ନାମିତ କରାଯାଇଛି ।

ରାଧାନାଥ ବାବୁ ଏବେ କେନ୍ଦ୍ର ଲୋକସେବକ ମଣ୍ଡଳର ସଭାପତି ଆସନ ଅଳଂକୃତ କରିଛନ୍ତି ତେଣୁ ସେ ପ୍ରେସକୁ ଲିଜ୍‌କରି ଚୁକ୍ତି-ସଂପୂର୍ଣ୍ଣ କରିବେ ବୋଲି ଆଶା କରାଯାଉଛି ।

●

Digitized by srujanika@gmail.com

# ନବାଙ୍କ ରାଗ

(୧୭୮)

**କ୍ଷଣକୋପ—**

କର୍ତ୍ତବ୍ୟ ନିଷ୍ଠାପାଇଁ ସେ ଯେତିକି କଠୋର, ବ୍ୟବହାରରେ ସେ ସେତିକି କୋମଳ । ତାଙ୍କ କାର୍ଯ୍ୟରେ ବାଧା ପଡ଼ିଲେ, କିମ୍ବା କାହାର କୌଣସି କାର୍ଯ୍ୟରେ ବିଚ୍ୟୁତି ସେ ସହିପାରନ୍ତି ନାହିଁ, ବିରକ୍ତ ହୋଇ ହଠାତ୍ ବଡ଼ ପାଟିକରି ରାଗି ଉଠନ୍ତି, ମାତ୍ର ପରେ ତାଙ୍କ ରାଗ ନିଆଁରେ ପାଣିପଡ଼ିଲା ପରି କୁଆଡ଼େ ଉଭେଇ ଯାଏ ।

ହଠାତ୍ ରାଗି ଯାଉଥିବାରୁ ଓଡ଼ିଶାର ବିଖ୍ୟାତ ବ୍ୟଙ୍ଗ ପତ୍ରିକା 'ନିଆଁଖୁଣ୍ଟା' ତାଙ୍କୁ 'ଦୁର୍ବାସା' ଆଖ୍ୟା ଦେଇଥିଲା ଓ କେତେକ ଲୋକ ତାଙ୍କୁ ସେଇଆ ବୋଲି ଭାବନ୍ତି କିନ୍ତୁ ଦୁର୍ବାସାଙ୍କ ପରି ସେ କାହାକୁ ଅଭିଶାପ ଦେଇ କେବେ କାହାର ଅନିଷ୍ଟ କରିନାହାନ୍ତି କି ଯେତେ ରାଗିଲେ ତାଙ୍କ ପାଟିରୁ କୌଣସି ଦୁର୍ଭାଷା ମଧ୍ୟ ବାହାରେ ନାହିଁ । ସେ କେବେ ଅଶ୍ଳୀଳ କଥା କହନ୍ତି ନାହିଁ ବରଂ ରାଗିଯିବା ପରେ ସେ ଯୁକ୍ତି ବଳରେ ନିଜର ଭୁଲ ହେଲା କି ଠିକ୍ ହେଲା ବିଚାର କରି ତାର ସମାଧାନ ପନ୍ଥା ସ୍ଥିର କରନ୍ତି । ସବୁବେଳେ ଆଗ ସେ ନିଜର ଦୋଷ ଦେଖିବାକୁ ଚେଷ୍ଟା କରନ୍ତି ଓ ଅନ୍ୟମାନଙ୍କୁ ପ୍ରଥମେ ନିଜର ଦୋଷ ଦେଖିବାକୁ କହନ୍ତି ।

ସେ ଚିନ୍ତାମଗ୍ନ ଥିବାବେଳେ ବା ଲେଖାପଢ଼ା ବେଳେ ନିଜକୁ ଭୁଲି ତାଙ୍କ ମନ ଅନ୍ୟ ଜଗତରେ ବିଚରଣ କରୁଥାଏ । ତେଣୁ ସେ ସବୁରେ ହଠାତ୍ ବ୍ୟାଘାତ ଘଟି ତାଙ୍କ ଭାବନାର ସୁଅ ଅଟକି ଗଲେ ସେ ରାଗି ଉଠନ୍ତି ।

Digitized by srujanika@gmail.com

ମୋର ପିଲାଦିନେ ଥରେ ମୁଁ ଅଜାଜର କୋଠାଉପର ଘରେ ତାଙ୍କ ସାଙ୍ଗ ଏକା ପଙ୍କ୍ତିରେ ଖାଇ ବସିଥିଲି। ସେ ଚଟାପଟ ଖାଇକରି ଉଠିଯାଇ ସେଇଘରେ ଖଟ ଉପରେ ବସି କୌଣସି ଜରୁରୀ ବିଷୟରେ ଡାକିଗଲେ ଓ ଶ୍ରୀ ଚନ୍ଦ୍ରମଣି ମିଶ୍ର ଏହି ସବୁ କାଗଜ କଲମ ଧରି ଟିପିବାରେ ଲାଗିଲେ।

କିଛି ସମୟ ପରେ ମୁଁ ଖାଇସାରି ବାହାର ପିଣ୍ଡାକୁ ବାହାରି ପଡ଼ିଲାବେଳକୁ ସେଠାରେ ପଡ଼ିଥିବା ଗୋଟିଏ ଆରାମ ଚୌକିର ହାତ ଉପରେ ଗୋଟିଏ ବୁଢ଼ା ହନୁମାନ୍ ଆସି ବସିଥିଲା। ତାକୁ ଅଚାନକ କିଏ ଘଉଡ଼ାଇ ଥିବାରୁ ସେ ରାଗିକରି ଥିଲା, ମୋତେ ଦେଖିବା କ୍ଷଣି ଦାନ୍ତ ଦେଖାଇ ଖିଁ, ଖିଁ ହୋଇ ଗୋଡ଼ାଇ ଆସିଲା। ମୁଁ ଆରେ ବୋଉଲୋ ବୋଲି ଏକ ଚିତ୍କାର ଛାଡ଼ି ଘର ଭିତରକୁ ଦଉଡ଼ି ଆସିବା ସଙ୍ଗେ ସଙ୍ଗେ ନନା ଖଟରୁ ଉଠିଆସି ମୋ ପିଠିକୁ ଗୁମୁଡ଼ା ଟାଏ ଚକାଇ ଦେଲେ, ମୁଁ ତଳେ ପଡ଼ିଗଲି।

ମୋ ରଡ଼ ଶୁଣି ବୋଉ ତଳୁ ଉପରକୁ ଦଉଡ଼ି ଆସିଲା। ମୋ ଅବସ୍ଥା ଦେଖି ନନାଙ୍କୁ ଭର୍ତ୍ସନା କଲା। ମୁଁ କାହିଁକି ପାଟି କଲି, ସେ କଥା ନନା ଜାଣିନଥିଲେ। ବୋଉ ମୋତେ ସାଙ୍ଗରେ ନ ନେଇ କାହିଁକି ତଳକୁ ଯାଇଥିଲା ବୋଲି ତାହାର ପ୍ରତିବାଦ କରି ମୁଁ ଚିତ୍କାର କରୁଥିଲି ବୋଲି ସେ ମନେକରିଥିଲେ ଓ ତାଙ୍କ ଭାବନାର ସ୍ରୋତ ଭାଙ୍ଗିଯିବାରୁ ଚଟି ଉଠିଥିଲେ।

**ତାଙ୍କ ରାଗରୁ ଲାଭ—**

ପରେ ଘଟଣାଟି ବୁଝିବା ପରେ ଓ ମାଙ୍କଡ଼କୁ ଡେଇଁ ପଳାଉଥିବାର ଦେଖି ସେ ଲଜ୍ଜିତ ହୋଇ ମୋ ପିଠି ଆଉଁସିଲେ। ଏପରି ଉଚ୍ଚକରି ପାଟି କରିବା ଉଚିତ ନୁହେଁ ବୋଲି ମୋତେ ବୁଝାଇ ମୋର ଡର ଛଡ଼ାଇବାକୁ ଆରଥର ଗାଁକୁ ଆସିଲାବେଳକୁ ମୋ ପଇଁ କଲିକତାରୁ ଗୋଟିଏ Air Gun ବା ଛରା ବନ୍ଧୁକ ଆଣି ଦେଇଥିଲେ।

କଟକରେ ଚନ୍ଦ୍ରମଣି ବାବୁ ଓ ନନା ଏକାଠି କାଜିବଜାରରେ ଗୋଟିଏ ବସାରେ ରହୁଥିବାବେଳେ, କୁକୁର ପ୍ରିୟ ଚନ୍ଦ୍ରମଣି ବାବୁ

Digitized by srujanika@gmail.com

ଦୁଇଟି ବିଲାତି କୁକୁର ଛୁଆ ଆଣି ରଖିଥିଲେ । କୁକୁର ଭୁକାରେ ନନାଙ୍କ ଚିନ୍ତା ଧାରାରେ ବାଧା ପଡୁଥିବାରୁ ସେ ଆଦୌ କୁକୁରକୁ ଭଲ ପାଆନ୍ତି ନାହିଁ ।

ମୁଁ ଓ ମୋ ଛୋଟ ଭଉଣୀ ଡାକ୍ତରୀ ପରାମର୍ଶ ପାଇଁ କଟକ ଆସି ସେହିଠାରେ ରହୁଥିଲୁ । ଆମେ ଛୋଟପିଲା ହୋଇଥିବାରୁ କୁକୁର ଛୁଆ ଦୁଇଟିଙ୍କୁ ବହୁତ ଆଦର କରୁଥିଲୁ । ସେମାନଙ୍କ ପାଟି ନନାଙ୍କୁ ନ ଶୁଭିବା ସ୍ଥାନରେ ଚିନ୍ତାମଣି ବାବୁ ସେ ଦୁଇଟିଙ୍କୁ ଲୁଚାଇ ରଖିଥିଲେ । ଆମେ ସେମାନଙ୍କୁ ଘେନ ଖେଳୁ ଖେଳୁ ତାଙ୍କୁ ସେ ସ୍ଥାନରୁ ଘେନ ଆସିଥିଲୁ ।

ନନାଙ୍କ ନିକଟକୁ ବହୁ ପ୍ରକାରେ ଲୋକ ଆସନ୍ତି । ଓ୍ୟାର୍ଡ ଆଣ୍ଡ ପ୍ରେଜେସ୍‌ର ଲେଖକ ଶ୍ରୀ ନିମାଇଁ ଚରଣ ଦାସ ତାଙ୍କର ପୁରୁଣା ଛିଣ୍ଡା କାନଭାସ ଯୋତା ଦୁଇଟି ନନାଙ୍କ କୋଠରିର ଦୁଆର ମୁହଁରେ ରଖି ଦେଇ ଘର ଭିତରେ ନନାଙ୍କ ସଙ୍ଗେ ବହୁ ସମୟ ଧରି କ'ଣ ସବୁ ଆଲୋଚନା କରୁଥିଲେ ।

ଇତ୍ୟବସରରେ କେତେବେଳେ ସେଥିରୁ ଗୋଟିଏ କୁକୁର ଛୁଆ ତାର ଗୁପ୍ତ ସ୍ଥାନକୁ ନ ଫେରି ନିମାଇଁ ବାବୁଙ୍କ ଯୋତାକୁ କମୋଡ ରୂପେ ବ୍ୟବହାର କରି ତହିଁରେ 'ଦୁଇ' କାର୍ଯ୍ୟ ସମାପନ କରି ଖସି ଯାଇଥିଲା ।

କଥାବାର୍ତ୍ତା ଶେଷ ପରେ ନିମାଇଁ ବାବୁ ଅନ୍ୟମନସ୍କ ଭାବରେ ଆସି ତାଙ୍କ ଯୋତାରେ ହଠାତ୍ ଗୋଡ଼ ଭର୍ତ୍ତି କରିବା ସଙ୍ଗେ ସଙ୍ଗେ ଇସ୍ ବୋଲି ଏକ ଚିତ୍କାର କରି ଉଠିଲେ । ନନା ତାଙ୍କ ସ୍ଥାନରୁ ଉଠି-ଆସି କଥାଟା ଜାଣିବା ପରେ ନିମାଇଁ ବାବୁଙ୍କ ଗୋଡ଼ ଧୁଆର ବ୍ୟବସ୍ଥା କରି ତାଙ୍କ ପାଇଁ ସେଇକ୍ଷଣି ହଳେ ନୂଆ ଯୋତା କିଣି ଆଣିବା ପାଇଁ ଆଦେଶ ଦେଇ ଭୃତ୍ୟନାଙ୍କୁ ବଜାରକୁ ପଠାଇଦେଲେ ।

ଆମକୁ ଓ କୁକୁର ଛୁଆ ଆଣିଥିବା ବ୍ୟକ୍ତିଙ୍କୁ ତାଙ୍କଠାରୁ ଯଥେଷ୍ଟ କଡ଼ା କଡ଼ା କଥା ଶୁଣିବାକୁ ମିଳିଲା । ନିମାଇଁ ବାବୁଙ୍କୁ ତାଙ୍କ ପୁରୁଣା ଯୋତା ବଦଳରେ ହଳେ ନୂଆ ଯୋତା ମିଳିଲା ।

Digitized by srujanika@gmail.com

ତାପରେ ସେ କୁକୁର ଛୁଆଙ୍କ ଉପରେ ନବୀସନ ତନ୍ତ୍ରର ଆଦେଶ ଦେବାରେ ମୁଁ ଗୋଟିଏ କୁକୁର ଛୁଆ ଲୁଚାଇ କରି ଋଷି ସାଙ୍ଗରେ ଗାଁକୁ ନେଇଗଲି ଓ ଅନ୍ୟଟି ଦଶପଲ୍ଲୀ ମେଳର ପୂର୍ବତନ ନେତା ଶ୍ରୀଗୋବିନ୍ଦ ମିଶ୍ର ତାଙ୍କ ଚମ୍ପାପୁର ଆଶ୍ରମକୁ ନେଇ ଯାଇଥିଲେ ।

ସେହି ଚଲୁରୀ ଗୋବିନ୍ଦ ବାବୁ ବି ଜଣେ ଏକବାଜିଆ ରାଗି ଲୋକ । ସେ ଦଶପଲ୍ଲୀ ମେଳ ବେଳେ ଆସନ୍ନ ପ୍ରାଣଦଣ୍ଡରୁ ଖସି ଓଡ଼ିଶାରୁ ଯାଇ ଗାନ୍ଧିଙ୍କ ସାବରମତୀ ଆଶ୍ରମରେ ପହଞ୍ଚିଥିଲେ । ୧୯୧୮ ଦୁର୍ଭିକ୍ଷବେଳେ ଓଡ଼ିଶାକୁ ଓ ଓଡ଼ିଶାର ଗୋପବନ୍ଧୁ ନୀଳକଣ୍ଠ ପ୍ରଭୃତି ନେତାମାନଙ୍କୁ ମହାତ୍ମା ଗାନ୍ଧିଙ୍କ ସହିତ ପରିଚୟ କରାଇ ଦେଇ ଥିଲେ । ପରେ ସାବରମତୀ ଆଶ୍ରମରୁ ଓଡ଼ିଶା ଫେରି କଟକ ଜିଲାର ଚମ୍ପାପୁରଠାରେ ଗାନ୍ଧି ଆଶ୍ରମ ଓ ସେବା ସଂସ୍ଥା ଗଢିଥିଲେ । ନନାଙ୍କର ସେ ଜଣେ ପରମ ବନ୍ଧୁ ଥିଲେ ।

ଥରେ ସେ ଦୁହିଁଙ୍କ ଭିତରେ ଆଲୋଚନା ଓ ତର୍କ ବିତର୍କ ହେଉହେଉ ନନା ତାଙ୍କ ଉପରେ ବିରକ୍ତ ହୋଇ ଚାଟିଠାଏ କଷିଦେଲେ ! ସେ ଆତ୍ମଭିମାନୀ ଓ ରାଗି ଲୋକ । ସେ ରାଗରେ ଚନ୍ ଚନ୍ ହୋଇ ସେଠାରୁ ଉଠି ଚାଲିଗଲେ । ସେ ଚାଲିଯିବା ପରେ ନନା ତାଙ୍କ ନିକଟକୁ କ୍ଷମା ପ୍ରାର୍ଥନା ଚିଠିଟିଏ ଦେଇ ଲୋକ ପଠାଇ ସଙ୍ଗେ ସଙ୍ଗେ ଡକାଇ ଆଣି ତାଙ୍କୁ କହିଲେ "ଗୋବିନ୍ଦ ତୁ ମୋ କଥାରେ ଏତେ ରାଗି କରି ଉପାସରେ ଚାଲିଗଲୁ । ମୁଁ ତୋତେ ଅପେକ୍ଷା କରି ବସିଛି ଆ ସାଙ୍ଗହୋଇ ଖାଇବା ।"

ଜଣେ ବରିଷ୍ଠ ପୁସ୍ତକ ପ୍ରକାଶକ ତାଙ୍କର କେତୋଟି ପିଲାଙ୍କ ଗୀତ ବହି ଛାପିଥିଲେ । ସେ ବହିଗୁଡ଼ିକ ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇ ଭଲ ବିକ୍ରି ହୋଇଥିଲା । ନନା ନବଭାରତ ପ୍ରେସ୍ ଉପରେ ବସି ପ୍ରେସର ଜଣେ ଅସ୍ଥାୟୀ ପରିଚାଳକଙ୍କ ହାତରେ ତାଙ୍କୁ ଡକାଇ ଆଣି ଶୀଘ୍ର ସେ ଟଙ୍କା ଆଣି ତାଙ୍କୁ ବା ପରିଚାଳକଙ୍କୁ ଦେଇଦେବେ ବୋଲି କହିଥିଲେ ମଧ୍ୟ ସମୟ ଭିତରେ ନ ଦେବାରୁ ନନା ଭୁବନେଶ୍ୱର ଚାଲିଯାଇଥିଲେ । ସେ ପରିଚାଳକ ମଧ୍ୟ ଅଳ୍ପଦିନ ଭିତରେ କାର୍ଯ୍ୟ ଛାଡ଼ି ଚାଲିଯାଇଥିଲେ ।

Digitized by srujanika@gmail.com

ନନା ଭୁବନେଶ୍ୱରରେ ଥିବାବେଳେ ସେ ପ୍ରକାଶକଙ୍କୁ ଡକାଇ ଟଙ୍କା କଥା ଉଠାଇବାରୁ ସେ କହିଲେ ଆପଣ କହିବା ଅନୁସାରେ ମୁଁ ସେ ପରିବ୍ରାଜକଙ୍କୁ ସମସ୍ତ ଟଙ୍କା ଦେଇ ସାରିଛି ।

ନନା ତାଙ୍କ କଥା ଶୁଣି ଅଗ୍ନିଶର୍ମା ହୋଇ କହିଲେ । 'ତୁମେ ପ୍ରକାଶକ ଗୁଡ଼ାକ ଚୋର ।' ନନାଙ୍କ କଥାରେ ପ୍ରକାଶକ କଟକ ଫେରିଆସିଲେ । ସେ କଟକ ଫେରିଯିବା ପରେ ନନା ଅନୁତାପ କଲେ, ଏପରି ଗୋଟାଏ ଶବ୍ଦ କାହିଁକି ତାଙ୍କ ପାଟିରୁ ବାହାରିଲା ବୋଲି ତାର ପ୍ରାୟଶ୍ଚିତ ପାଇଁ ଖାଇବା ବନ୍ଦ କରିଦେଲେ । ସେ କହିଲେ ସେ ପ୍ରକାଶକଙ୍କୁ ଡକାଅ ମୁଁ ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବି, ସେ ମୋ କ୍ଷମା ପ୍ରାର୍ଥନା ଗ୍ରହଣ ନ କରିବା ପର୍ଯ୍ୟନ୍ତ ମୁଁ ଜଳସ୍ପର୍ଶ କରିବି ନାହିଁ ।

ପ୍ରକାଶକ ପୁଣି ଡକାହୋଇ ଆସିଲେ । ସେ 'ଚୋର' ଶବ୍ଦ ବ୍ୟବହାର କରିଥିବାରୁ ତାଙ୍କୁ କ୍ଷମା ପ୍ରାର୍ଥନା ମାଗିଲେ ପ୍ରକାଶକ କହିଲେ ଏକ ଅଭାଗ୍ୟ କଥା; ଆଜ୍ଞା ଆମକୁ ତ କିଏ କେତେ କଥା କହୁଛନ୍ତି । ଆପଣଙ୍କ ପରି ଆମର ଜଣେ ଗୁରୁସ୍ଥାନୀୟ ଲୋକ ଏପରି କହିଦେଲେ ବୋଲି କଅଣ ହୋଇଗଲା । ଟଙ୍କା ନେବା ଲୋକ ଆପଣଙ୍କୁ କାହିଁକି ସେ କଥା ଜଣାଇ ନାହାନ୍ତି ସେ କଥା ବୁଝିବାକୁ ମୁଁ ତରତର ହୋଇ କଟକ ଫେରିଯାଇଥିଲି । ଆପଣ ଏଥିପାଇଁ କାହିଁକି ଏତେ ବ୍ୟସ୍ତ ଓ କାହିଁକି ଅନଶନ କରିଛନ୍ତି । ନନା କହିଲେ ସେ ଯାହାହେଉ ମୋ ପରି ଲୋକ ପାଟିରୁ ଏପରି ଶବ୍ଦ ବାହାରିବା ଆଦୌ ଶୋଭନୀୟ ନୁହେଁ ।

## କାଶୀ ଭାଇନା ରହସ୍ୟ—

ଆମ ଗାଁରେ କାଶୀନାଥ ବାହିନୀପତି ବୋଲି ନନାଙ୍କର ଜଣେ ପୁତୁରା (ମାମୁଁଙ୍କ ନାତି) ଥିଲେ । ସେ ବଡ଼ ସ୍ପଷ୍ଟବାଦୀ ଓ ସଚ୍ଚୋଟ ଲୋକ । 'ଠୋ ଠା କରି କହିବା ତାଙ୍କ ଜନ୍ମଗତ ଅଭ୍ୟାସ ।'

ତାଙ୍କୁ କୌଣସି କାର୍ଯ୍ୟରେ ବାଟ ଖର୍ଚ୍ଚ ଦେଇ କେଉଁ ସ୍ଥାନକୁ ପଠାଇଲେ । ସେ ଯାନବାହନରେ ନ ଯାଇ ସୁବିଧା ହେଲେ ଚାଲି

Digitized by srujanika@gmail.com

କରି ଯାଇ ସେ କାର୍ଯ୍ୟ ଶେଷ କରି ଖର୍ଚ୍ଚ ନ ହୋଇଥିବା ପଇସାତକ ଗୋଟିକଠୁ ସବୁ ଫେରାଇ ଦିଅନ୍ତି । ମିଛ କହିବା କି ଠୋଷରଫାଟ କରିବା ତାଙ୍କୁ ଆସେ ନାହିଁ । ଅନ୍ୟ କେହି କାହାକୁ ଠକୁଥିବାର ବା ମିଥ୍ୟାର ଆଶ୍ରୟ ନେଉଥିଲେ ସେ ସହିପାରନ୍ତି ନାହିଁ । ଯାହାଙ୍କୁ କହନ୍ତି ଗଣ୍ଡା ବାଡରେ ଝୁଲିବା ଲୋକ ।

ଥରେ ନନା ତାଙ୍କୁ କୌଣସି କାର୍ଯ୍ୟଟିଏ କରିବାକୁ କହିବାରୁ, ସେ ପରିସ୍ଥିତିରେ ସେପରି କାର୍ଯ୍ୟକରିବା ଆଦୌ ସମ୍ଭବପର ନୁହେଁ ବୋଲି ସେ ଜଣାଇଦେଲେ । ଅନ୍ୟଜଣେ ସେହି କାର୍ଯ୍ୟ କରିଦେବେ ବୋଲି ସେ କାର୍ଯ୍ୟର ଭାର ନେଇ ସେ ବାବଦକୁ କିଛି ଟଙ୍କା ପଇସା ଧରି ଚାଲିଗଲେ । ସେ କାର୍ଯ୍ୟଟା ତ ହେବାର ନୁହେଁ ତେଣୁ ଦାୟିତ୍ୱ ନେଇଥିବା ଲୋକ ନନାଙ୍କୁ କେବଳ ଖୁସି ରଖିବାକୁ ସେ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି ମଝିରେ ମଝିରେ ମିଥ୍ୟା ସମ୍ବାଦ ଜଣାଉଥାଆନ୍ତି ।

କାଶୀ ଭାଇନା ସେ କଥା ଲକ୍ଷ୍ୟକରି, ସେ ଲୋକ ମିଛ କହି ଠକୁଛନ୍ତି ବୋଲି ନନାଙ୍କୁ ଜଣାଇଲେ, ନନା ସେ ଲୋକଙ୍କ କଥାକୁ ପୂରା ବିଶ୍ୱାସ କରୁଥିବାରୁ କାଶୀ ଭାଇନାଙ୍କୁ ବିରକ୍ତ ହୋଇ କହିଲେ ହଇରେ ଗୁଣ୍ଡା. ତୋ ହାତରେ ତ ହେଲା ନାହିଁ । ସେ ତ ଲାଗିପଡି କିଛୁହେଲେ କରିବାକୁ ଚେଷ୍ଟା କରୁଛନ୍ତି । ତୁ ମୋ ଆଗରେ ତାଙ୍କ ନାମରେ ଆସି କାହିଁକି ଏତେ ଚୁଗୁଲି କହୁଛୁ ।

ନନାଙ୍କ କଥାରେ ସେ କହିଲେ ମୋର ଆଉ କାମ ନାଇଁ, ତୁମ ଆଗରେ ଆସି ଏତେ କହିବି । ମୁଁ ପୂରା ସତ କହୁଚି । ତୁମେ ଆଖିଥାଇ ଅନ୍ଧ ପରି କାମକରୁଛ । ନନା ତାଙ୍କ କଥା ଶୁଣି ରାଗି ଯାଇ କହିଲେ । "କେଉଁଠି କିଏ କଣ କରଯାଏ କାହାକୁ କଅଣ କୁହାଯାଏ ତୋର ବାଛ ବିଚାର ନାହିଁ । ତୁ ଗୋଟାଏ ଗଣ୍ଡମୂର୍ଖ । ଯା' ତୁ ମୋ ଆଗରୁ ବେଗେ ବାହାରି ଯାଅ, ତୋର ମୂଲ୍ୟବାନ ପରାମର୍ଶ ଗୁଡ଼ାକ ମୋର କିଛି ଦରକାର ନାହିଁ ।"

କାଶୀ ଭାଇନା ଖଣ୍ଡେ ଗାମୁଛା ପିନ୍ଧନ୍ତି । ଲୁଗା ଖଣ୍ଡକୁ ଗୁଡେଇ ଗୁଡେଇ କରି ରଖିଥାଆନ୍ତି । ଯିବା ଆସିବା ବେଳେ ସେ ଲୁଗା ଖଣ୍ଡକ

Digitized by srujanika@gmail.com

କାଖରେ ଜାକି ଧରିଥିଲେ । ସେ ନନାଙ୍କୁ ଉତ୍ତର ଦେଲେ ମୁଁ ଯାହା ହୁଏ କହୁଛି, ତୁମେ ଜଣେ ପଣ୍ଡିତ ମୂର୍ଖ । ପିବାକୁ ତ କହୁଚ ଯାଉଚ । ଏହା କହି ଲୁଗା ଖଣ୍ଡିକ କାଖରେ ଜାକି ପିବାକୁ ବାହାରି ପଡ଼ିଲେ ।

ନନା ତାଙ୍କୁ ଜଣେ ଅପ୍ରିୟ ସତ୍ୟ କହୁଥିବା ସାଧୁ ବ୍ୟକ୍ତି ବୋଲି ଜାଣନ୍ତି ଓ ଅନ୍ତର ସହିତ ସୁଖ ପାଆନ୍ତି । କାଶୀ ଭାଇନା ଦୁଆର ଡେଇଁ ଅଳ୍ପ ବାଟ ଯାଇଛନ୍ତି କି ନାହିଁ ନନା ତାଙ୍କୁ ପଛରୁ ଡାକିଲେ 'ଆ ଆ' ସତରେ କୁଆଡ଼େ ପଳାଉଛ । ତାଙ୍କ ଡାକ ଶୁଣି ପାରି ମୁହଁ ପଛକୁ ଫେରାଇ କାଶୀ ଭାଇନା କହିଲେ, ମୁଁ କଅଣ ମନକୁ ଭୁଲି ଯାଉଛି । ତୁମେ କହିଲ ବୋଲି ଯାଉଥିଲି । ହଉ ତୁମେ ଡାକୁଚ ବୋଲି ଫେରୁଚ । କହ କାହିଁକି ଡାକିଲ । କଅଣ କଥା ଅଛି କହ ।

ଏହା କହି ଲେଉଟି ଆସି ପୁଣି ତାଙ୍କ ପାଖରେ ବସିଲେ ପରେ କାଶୀ ଭାଇନାଙ୍କ କଥା ସତ ବୋଲି ଜଣାପଡ଼ିଥିଲା ।

## ଝିମିଟି ଖେଳରୁ ମହାଭାରତ –

ନନାଙ୍କର ସମୟାନୁବର୍ତ୍ତିତା ଗୁଣ ଯୋଗୁ, କୌଣସି କାର୍ଯ୍ୟରେ ଅଯଥା ବିଳମ୍ବ ଘଟିବାର ଦେଖିଲେ ସେ ଅସନ୍ତୁଷ୍ଟ ହୋଇ ଉଠୁଥିଲେ ।

ମିଳିତ ମନ୍ତ୍ରୀମଣ୍ଡଳଗଡ଼ା ହେବାର ଅବ୍ୟବହିତ ପୂର୍ବରୁ ନନାଙ୍କର କୌଣସି ଜରୁରୀ କାର୍ଯ୍ୟରେ ହଠାତ୍ କଲିକତା ଯିବା ଦରକାର ଥାଏ । ନନା ପ୍ରେସ ବାହାରକୁ ଯାଇଥିଲେ ।

ତଳ ପ୍ରେସ କବାଟ ବନ୍ଦ କରି ମୁଁ ଓ ପ୍ରେସର ଶକ୍ତି ବୋଲି ଜଣେ କର୍ମୀ କୋଠାର ଉପର ତାଲ ଘରେ ସନ୍ଧ୍ୟାବେଳେ ବସିଥାଉ । ମୁଁ ବହି ପଢୁଥିଲି । ଶକ୍ତି ଟେବୁଲ ପଙ୍ଖା ବୁଲୁଥିଲା ବେଳେ ତା ଭିତରେ ଅଙ୍ଗୁଠିରେ କାଟି ଖଣ୍ଡିଏ ଧରି ଖଡ଼ ଖଡ଼ କରି ଖେଳୁଥିଲେ ।

Digitized by srujanika@gmail.com

ଏକସ୍‌ପ୍ରେସ ଡାଡ଼ର ସମସ୍ତ ହୋଇ ଆସିଲା । ନନା ଓ ଗୋଦାବରୀଶ ବାବୁ ଅନ୍ୟ କୌଣସି କାର୍ଯ୍ୟରେ ବ୍ୟସ୍ତ ଥାଇ, ପ୍ରେସକୁ ଆସିବାକୁ ଡେରି ହୋଇ ଯାଇଥିବାରୁ ସେମାନେ ତରତରରେ ଆସି ପ୍ରେସ ଦୁଆର ବାଡେଇଲେ । ଆମେ ଦ୍ୱାର ଫିଟାଇବାକୁ ତଳକୁ ଯିବାକୁ ଉଠ୍ ଉଠ୍ ହେଉ ହେଉ ନନା ଜୋରରେ ଦୁଆରେ ଧକ୍କାଟାଏ ଦେଇ ବଡ଼ ପାଟିଟାଏ କରିଦେଲେ, ସେତିକିରେ ଶକ୍ତିଙ୍କ ଟେବଲରୁ ସଙ୍କ ଉପସ୍ଥିତ ହେଲା ତାଙ୍କ ଆଙ୍ଗୁଠିଟା ଖସି ଯାଇ ଚଙ୍ଗା ଭିତରେ ପଶି ଚଙ୍ଗା ବ୍ଲେଡ଼ରେ ଖୁବ ଚୂର୍ଣ୍ଣି ହୋଇଯାଇ ପିଚ ପିଚ ରକ୍ତ ବାହାରିଲା । ମୁଁ ତଳକୁ ଯାଇ ଦୁଆର ଫିଟାଇବ ନାଁ । ଶକ୍ତିଙ୍କର ରକ୍ତବୁହା ବନ୍ଦ କରିବ ହବୁଛି । ନନା ଓ ଗୋଦାବରୀଶ ବାବୁ ଆସି ଆମ ପାଖରେ ପହଞ୍ଚିଲେ ।

ନନା ଆମକୁ ନବୁଝି ଆମର ଦାୟିତ୍ୱହୀନତା ପାଇଁ ଆମକୁ ଦୋଷ ଦେଇ ଦେଇ ତାଙ୍କ ଲୁଗାପଟା ଠିକ କରିବା ପାଇଁ ପାଖ ଘରକୁ ଗଲେ । ଏହା ଭିତରେ ଗୋଦାବରୀଶ ବାବୁ ଆମଠାରୁ ଘଟଣାଟି ଶୁଣିସାରିଥିଲେ । ନନା ଆମ ପାଖକୁ ଫେରିଆସି, ଶକ୍ତି ହାତରେ ପଟି ଓ ରକ୍ତ ଦେଖି ଆମକୁ ବୁଝିଁ କଅଣ ହେଲା ବୋଲି ପଚାରିବାରେ ଗୋଦାବରୀଶ ବାବୁ ମୁରୁକି ମୁରୁକି ହସି ତାଙ୍କ କହିବା ଠାଣିରେ କହିଲେ । ଆଜି କ'ଣ ହୁଅନ୍ତା? ତେଜ ପାଟିଟେ ହେଲା, ଉପରେ ଚଙ୍ଗାରେ ଆଙ୍ଗୁଠିଟେ ପଶିଲା, ରକ୍ତ ବୋହିଲା, ଆପଣଙ୍କ ଦୟାରୁ ବଞ୍ଚେଇ ବଞ୍ଚା ଗଲାଛି ।

ନନା ତାଙ୍କ ପାଟିକରିଥିବା ପାଇଁ ଲଜ୍ଜିତ ହୋଇ ଓ ଶକ୍ତିଙ୍କୁ ନେଇ ଶୀଘ୍ର ଚିକିତ୍ସା କରାଇବା ପାଇଁ ବାହାର କରି କଲିକତା ଚାଲିଗଲେ ।

**ରାଗରୁ ହସ** — ପୂର୍ବରୁ ସମୟ ଦେଇ ଠିକ୍ ସମୟରେ ଯାଇ ପହଞ୍ଚି ନ ପାରିଲେ କ ଜବାବ ଠିକ୍ ନ, ରଖିଲେ ସେ ବ୍ୟସ୍ତ ହୋଇ ପଡ଼ନ୍ତି । ଜବାବ ଅନୁସାରେ ଯେଉଁଠିକୁ ଯିବାକୁ କହିଥିବେ ସେହି ସ୍ଥାନରେ ଠିକ୍ ସମୟରେ ପହଞ୍ଚିବାରେ ତାଙ୍କର କେବେ ବ୍ୟତିକ୍ରମ ହୁଏନାହିଁ । ଦିନେ କେଉଁଠି ଗୋଟିଏ ସ୍ଥାନରେ ଗୋଟିକ ଦେଇ ଗୋଟିଏ ସଭାରେ ବକ୍ତୃତା ଦେବାପାଇଁ ଗୋଟିଏ ସଭାର ଆୟୋଜନ ହୋଇଥିଲା । ସେହି ନିର୍ଦ୍ଦିଷ୍ଟ ଦିନର ସ୍ଥିର ଛଅ ଦିନ ପୂର୍ବରୁ ସେହି ସମ୍ବାଦ ତାଙ୍କର କାନକରେ

Digitized by srujanika@gmail.com

ଉପସ୍ଥିତ ରହିବା ନିତାନ୍ତ ଦରକାର ପଡ଼ିବାରୁ ସେ ସେହି ଦିନଟି ଘୁଞ୍ଚାଇ ଅନ୍ୟ ଦିନ ଠିକ୍‌କରି ଉଦ୍ୟୋକ୍ତା ମାନଙ୍କ ପାଖକୁ ଗୁଡ଼ିଏ ଜରୁରୀ ଚିଠିଲେଖିଲେ ।

ଚିଠି ଲେଖିସାରି ସେ ଡାକିବାରେ, ମଫସଲରୁ ଆସି ପ୍ରେସ ମେସରେ ନୂଆ ହୋଇ ସେପେଇ କାର୍ଯ୍ୟରେ ସାହାଯ୍ୟ କରୁଥିବା ଗଣେଶ ନାମକ ବାଳକ ତାଙ୍କ ପାଖକୁ ଆସିଲା । ନନା ବହୁତ କଥା ଭାବୁଥିଲେ ତେଣୁ ଅନ୍ୟ ମନସ୍କ ଭାବରେ ଗଣେଶ ହାତକୁ ଚିଠିତକ ବଢ଼ାଇ ଦେଇ 'ନେ ସାଙ୍ଗେ ସାଙ୍ଗେ ଯାଇ ପକାଇ ଦେ' ବୋଲି କହି ତାଙ୍କ ଲେଖାପଢ଼ାରେ ଲାଗିଗଲେ । ଗଣେଶ ତରତରରେ ଚିଠି ପୁଳାକ ନେଇ ଛାତ ଉପରକୁ ଚାଲିଗଲା ।

ପୂର୍ବ କାର୍ଯ୍ୟନିର୍ଦ୍ଦେଶ ଅନୁସାରେ ସଭାଦିନ ନନା ଯିବାର ବିଳମ୍ବ ଦେଖି ସେ ସବୁ ସ୍ଥାନରୁ ଉଦ୍ୟୋକ୍ତାମାନେ ତାଙ୍କ ନିକଟକୁ ଲୋକ ପଠାଇଲେ ।

ସେ ଲୋକମାନେ ଆସି କହିଲେ "ଆଜ୍ଞା ଆପଣ କାର୍ଯ୍ୟବ୍ୟସ୍ତ ରହି ସଭାକଥା ବୋଧହୁଏ ଭୁଲିଗଲେ ? ଆମେ ଠାଆକୁ ଠାଆ ଆପଣଙ୍କ କଥା ଅନୁସାରେ ସଭାର ଆୟୋଜନ କରି ଆପଣଙ୍କୁ ଚାହିଁ ଚାହିଁ ବେଳ ଗଡ଼ିଗଲା । ସଭାକୁ ଆସିଥିବା ଲୋକମାନେ ଛଟପଟ ହୋଇ ଫେରିବାକୁ ଆରମ୍ଭ କରିବାରୁ ଆମେ ସେମାନଙ୍କୁ ବୋଧଶୋଧ ଦେଇ ବସାଇ, ଆପଣଙ୍କ ମନେ ପକାଇ ଆପଣଙ୍କୁ ନେଇ ଯିବାକୁ ଆସିଛୁ ।"

ନନା ସେମାନଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ, ସେମାନଙ୍କ ଭିତରୁ କେହି କଏଣ ତାଙ୍କ ଚିଠି ପାଇ ନାହାନ୍ତି ବୋଲି ପ୍ରଶ୍ନ କଲେ । ସେମାନେ କହିଲେ କି ଚିଠି ? ଆପଣଙ୍କ ସଙ୍ଗେ କଥାବାର୍ତ୍ତା ହୋଇ ଯିବାପରେ ଆମେ ତ ଆଉ କୌଣସି ଖବର ପାଇନାହୁଁ ।

ସେମାନେ କାହିଁକି ଚିଠି ପାଇଲେ ନାହିଁ, କିଏ ତାଙ୍କଠାରୁ ଚିଠିସବୁ ପକାଇବାକୁ ନେଇଥିଲା ବୋଲି ପ୍ରେସ ତମାମ ବହୁତ ଖୋଜ ଲୋଡ଼ା ହେବା ପରେ ନିର୍ବୋଧ ଗଣେଶ ଆସି ତାଙ୍କ ଆଗରେ ନିର୍ବିକାର ଚିତ୍ତରେ ଠିଆହେଲା ।

Digitized by srujanika@gmail.com

ନନା ପଚାରିଲେ, ତୁ ଚିଠିତକ ପକାଇବାକୁ ମୋଠାରୁ ନେଇଥିଲୁ ? ସେ କହିଲା 'ହଁ'। ପ୍ରଶ୍ନ—ତେବେ ସେ ଚିଠି କଅଣ କଲୁ ନ ପକାଇଲୁ କାହିଁକି ? ଉତ୍ତର—ଆଜ୍ଞା ପକେଇ ଦେଇଛି ।

ପ୍ରଶ୍ନ—ଯଦି ପକାଇଲୁ ସେ ନପାଇଲେ କାହିଁକି ? ତାପରେ ନନା ବଡ଼ ପାଟିରେ ରାଗିକରି କହିଲେ 'ତୁ କେଉଁଠି ପକାଇଲୁ ? ଡାକ ବାକ୍ସରେ ନା, ତୁ ଚଣ୍ଡ୍ରାନ ଚିଠିତକ ନେଇ ଛାତ ଉପରେ ଠିଆହୋଇ ମ୍ୟୁନିସିପାଲିଟି ନଳାକୁ ପକାଇଦେଲୁ ?

ଉତ୍ତର— 'ଆଜ୍ଞା ହଁ । ଆପଣେ ଶୀଘ୍ର ପକାଇବାକୁ କହିଥିଲେ ମୁଁ ତତ୍‌କ୍ଷଣାତ ଛାତ ଉପରୁ ଦାଣ୍ଡ ନଳାକୁ ପକାଇ ଦେଇଛି ।"

ତାର ନିର୍ବୋଧ ଉତ୍ତରରେ ନନାଙ୍କ ରାଗ ଏକାବେଳକେ ଥଣ୍ଡା ହୋଇଗଲା, ସେ ଫେଁ କରି ହସି ପକାଇଲେ । ସେଠାରେ ଥିବା ସବୁ ଲୋକେ ମଧ୍ୟ ହୋ, ହୋ ହସି ଉଠିଲେ । ଗଣେଶ ଅକାବକା ହୋଇ ସମସ୍ତଙ୍କ ମୁହଁକୁ ବଲବଲ କରି ଚାହିଁ ସେଠାରେ ଠିଆ ହୋଇ ରହିଲା । ନନା ପ୍ରେସବାଲାଙ୍କୁ କହିଲେ "ଖାସା ପ୍ରେସ୍ କରିଚ ? ଭଲ ଲୋକ ଆଣି ମୋ ପାଖରେ ପଠାଇ ମୋତେ ଅପଦସ୍ତ କରୁଛ ।" ଯାହା ହେଉ ନନା ବାଧ୍ୟ ହୋଇ ଅନ୍ୟ କାର୍ଯ୍ୟ ଛାଡ଼ି ସେ ସଭାମାନଙ୍କୁ ଯାଇ ସେଠାରେ ଅପେକ୍ଷା କରି ରହିଥିବା ଅଳ୍ପ କେତେକ ଲୋକଙ୍କୁ ତାଙ୍କ ବିଳମ୍ବ ପାଇଁ କ୍ଷମାପ୍ରାର୍ଥନା ମାଗି ସେ ସଭାକାର୍ଯ୍ୟ କୌଣସିମତେ ଚଳାଇନେଲେ ।

**ରାଗରେ ମୁକ୍ତି** — ଓଡ଼ିଶା ଆସେମ୍ବ୍ଲିର ବାଚସ୍ପତି ଥିବାବେଳେ ସେ ପ୍ରାୟ ଭୁବନେଶ୍ୱରରେ ରହୁଥିଲେ । କଟକ ପ୍ରେସଘରେ କେତେକ ଆଲମାରୀରେ ତାଙ୍କର ଜରୁରୀ କାଗଜପତ୍ର, ନବଭାରତ ପତ୍ରିକାର ବନ୍ଧାବନ୍ଧି ଓ ଅନ୍ୟ କେତେକ ଦରକାରୀ ପୁସ୍ତକ ରହିଥିଲା । ତାଙ୍କର ଚାବି ପକାଇବା ଅଭ୍ୟାସ ନଥିବାରୁ ସେ ଘରେ ଆଲମାରୀରେ କୌଣସିଥିରେ ଚାବି ନଥିଲା । ନନା ନ ଥିବାରୁ ପ୍ରେସକୁ ଆସୁଥିବା ଆଗନ୍ତୁକମାନେ ଅବାଧରେ ସେ ଘରେ ପ୍ରବେଶ କରୁଥିଲେ ଓ ସମୟ ସମୟରେ ସେଠାରେ ରହୁଥିଲେ ।

Digitized by srujanika@gmail.com

ନଟବର ମିଶ୍ର ବୋଲି ତାଙ୍କର ଜଣେ ସେବାକାରୀ ଲୋକ ଥିଲା, ଭୁବନେଶ୍ୱରରେ ତାଙ୍କ ପାଖରେ ରହିବାକୁ ସେ ରାଜି ନ ହୋଇ ପ୍ରେସରେ ମେସିନମ୍ୟାନ୍ କାମ କରୁଥିବାରୁ ନନା ତାକୁ ପ୍ରେସ ଘରେ ରଖାଇ ଥିଲେ । ଜଣେ ବିଶ୍ୱସ୍ତ ଲୋକଭାବେ ନନାଙ୍କ ସମସ୍ତ ଜିନିଷ ପତ୍ର ବହି ପ୍ରଭୃତି ତାର ମାରଫତରେ ଥିଲା ।

ନନାଙ୍କର କେତେକ ବହି ଓ ପତ୍ରିକା ଦରକାର ହେବାରୁ ସେସବୁ ଭୁବନେଶ୍ୱର ନେଇଯିବା ପାଇଁ ସେ କଟକ ପ୍ରେସକୁ ଆସିଲେ । କିନ୍ତୁ ସେଥିରୁ ଅନେକ ବହି ଯଥା ସ୍ଥାନରେ ନରହି ସେଠାରୁ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ତାହା ଦେଖି ସେ ନଟବରକୁ ଡାକି ରାଗିକରି କହିଲେ 'ମୋ ବହି ସବୁ କୁଆଡ଼େ ଗଲା । ତୁ ମୂର୍ଖ ! ସେ ସବୁର ମୂଲ୍ୟ ନ ବୁଝି ସେସବୁ ବଜାରରେ ଚୁଙ୍ଗା କାଗଜ ଦରରେ ବିକି କିଅଣ ବଡ଼ ଖାଇଦେଲୁ'? ନଟବର ନୀରବ ରହିଲା । ସେ ଖାଲି ହାତରେ ଭୁବନେଶ୍ୱର ଫେରିଲେ ।

ପରେ ତାଙ୍କୁ କେହି କହିଲା, ପ୍ରେସକୁ ଯିବା ଆସିବା କରୁଥିବା ଜନୈକ ସାହିତ୍ୟିକ ତାଙ୍କ ବହି ଲେଖିବାପାଇଁ ସେଗୁଡ଼ିକ ନେଇ ଯାଇଛନ୍ତି । ସେ କଥା ସତ୍ୟ ବା ମିଥ୍ୟା ହେଉ ତାହା ଶୁଣିବା ପରେ ନନା ପୁଣି ପ୍ରେସକୁ ଆସି ନଟବରକୁ ଡକାଇ କହିଲେ "ଆରେ ମୋ ବହିସବୁ ଜଣେ ସାହିତ୍ୟିକ ନେଇଯାଇଥିବାର ମୁଁ ଶୁଣିଲି, ସେ ବିଷୟରେ ମୁଁ ଅନୁସନ୍ଧାନ କରୁଛି" । ନନାଙ୍କ ପାଟିରୁ କଥା ସରିଛି କି ନାହିଁ, ନଟବର ତାର ଦୁଇହାତ ମକଚି ମକଚି, ତା ପାଟିରୁ ବାହାରି ପଡ଼ିଲା, 'ଆଜ୍ଞା ମୁଁ ତ ଗରିବ ଲୋକ, ଏଠି ଆପଣଙ୍କ ଆଶ୍ରାରେ ପଡ଼ିଛି ଯାହା ଦୋଷ ଦେବେ ଦିଅନ୍ତୁ ।'

ତା କଥା ବିଶେଷତଃ 'ଗରିବ ଲୋକ' ଏହି ପଦକ ଶୁଣିବା ମାତ୍ରେ ନନାଙ୍କ ଯୁକ୍ତି ସବୁ ବାହାରି ପଡ଼ିଲା । ସେ କହିଲେ 'ହଇରେ କିଅଣ କହିଲୁ, ତୁ ଗରିବ ଲୋକ, ତୁ ଗରିବ ବୋଲି ମୁଁ ତତେ ଦୋଷ ଦଉଥିଲି ? କିରେ ଗରିବ ବଡ଼ଲୋକର ପ୍ରଶ୍ନ ଉଠୁଛି କେଉଁଠୁ ? ତୁ ବଡ଼ଲୋକ ହୋଇଥିଲେ କଣ ତୋତେ ମୁଁ ଦୋଷ

Digitized by srujanika@gmail.com

ଦେଇ ନଥାନ୍ତି ? ହଇରେ ତୁ ଏଠାରେ ରହିଥିବାରେ ନଥିଲୁ ? ନା
ମୋର ବନ୍ଧୁ ହଜନାହିଁ ? ତୋର କଅଣ ସେ ସବୁର ଚତୁରନେବା
ଉଚିତ ନଥିଲା ? ଏ ପରିସ୍ଥିତିରେ ତୋତେ ଦୋଷ ଦେବାରେ ମୋର
ଭୁଲଟା କେଉଁଠି ହୋଇଗଲା ? କହୁଛୁ, ଗରିବ ଲୋକ । ମୁଁ ଗରିବ
ବି ବଡ଼ ଲୋକ ବିଚାର କରି ଯେପରି ତୋତେ ଦୋଷ ଦେଉଥିଲି ।
ମୂର୍ଖ, ଏବେ ସବୁ ଜିନିଷ ଉପରେ ଭଲକରି ଆଖି ରଖ, ଦରକାର
ହେଲେ ତାଲାପକା । ଯେତେ ବଡ଼ଲୋକ ଆସିଲେବି ମୋ ବିନା
ଅନୁମତିରେ ତୁ କାହାକୁ ମୋର କୌଣସି ଜିନିଷ ଛୁଇଁବାକୁ ଦେବୁ
ନାହିଁ ।"

ତାଙ୍କର ଏପରି ଅକାଟ୍ୟ ଯୁକ୍ତି ବେଳେ ବେଳେ ତାଙ୍କୁ ଓ ଅନ୍ୟ-
ମାନଙ୍କୁ ବଡ଼ ଅସୁବିଧାରେ ପକାଏ । ସେ 'କହନ୍ତି ଧାରଣା ପରମ ପ୍ରମାଣ'
ତାଙ୍କର ଏପରି ଧାରଣା, ଯୁକ୍ତି ଓ ଲୋକଠାରୁ ମୂର୍ଖ ଉପରେ କଥା
ଅନେକ ସମୟରେ ପରେ ନାହିଁ ପରୀକ୍ଷାରେ ତାଙ୍କର ବିରୋଧ
କରନ୍ତି ।

ସେ ଅନେକ ସମୟରେ ନିଜର କାର୍ଯ୍ୟକ୍ଷମ ଶକ୍ତି ଓ ସାମର୍ଥ୍ୟ
ଦୃଷ୍ଟିରେ ଅନ୍ୟମାନଙ୍କ ଶକ୍ତିକୁ ବିଚାର କରି ସେମାନଙ୍କଠାରୁ ସେହି-
ପରି କାର୍ଯ୍ୟ ସବୁ ଆଶା କରନ୍ତି । ଅନ୍ୟ ଲୋକ ସେହିପରି କାର୍ଯ୍ୟ-
କରିବାକୁ ଅସମର୍ଥ ହେବ ବୋଲି ଶୁଣିଲେ ବିଶ୍ୱାସ କରନ୍ତି ନାହିଁ ।

ତାଙ୍କର ସେହି ଧାରଣାଯୋଗୁ, ସମୟ ସମୟରେ ତାଙ୍କ
ବିଶ୍ୱାସୀ ଓ ନିଜ ଲୋକ ତାଙ୍କଠାରୁ ଦୂରେଇ ଯାଆନ୍ତି ଓ ଅନ୍ୟ ଚତୁର
ଧପ୍ପାବାଜ ଲୋକ ସବୁ ହଁ ହଁ କରି ତାଙ୍କଠାରୁ ସମସ୍ତ ଫାଇଦା
ଉଠାଇ ଶେଷରେ ତାଙ୍କୁ ଠକି ଦିଅନ୍ତି ।

**ସମନ୍ତ ଭାଇନାଙ୍କ ଉପକାରୀ ଘୋଷା—**

ଚତୁର ଲୋକଙ୍କୁ ଚିହ୍ନି ନ ପାରିଲେ ମଧ୍ୟ ସେ ସରଳିଆ
ଲୋକଙ୍କୁ ସୁଖ ପାଆନ୍ତି । ସେମାନେ କିଛି ଦୋଷାବହ କାର୍ଯ୍ୟକଲେ ତାଙ୍କ
ଦୋଷ ନ ଧରି ସେମାନଙ୍କୁ ବୁଝାଇ ସେ କାର୍ଯ୍ୟରୁ ନିବୃତ୍ତ କରନ୍ତି ।

Digitized by srujanika@gmail.com

ଗାଁକୁ ଗଲେ, ଆମ ଗାଁ ଘରର ଉପର ମହଲାର ଗୋଟିଏ କୋଠରୀରେ ଝରକା ପାଖରେ ଖଣ୍ଡିଏ ଖଟ ଉପରେ ଟେଣାର ନନା ପଡ଼ାପଡ଼ି କରନ୍ତି। ସେହି ପୂର୍ବପଟ ଝରକା ତଳକୁ ଲାଗି ଆମ ପଡ଼ୋଶୀ ସମନ୍ତ ଭାଇନା ବା ସୋମନାଥ ଦାସଙ୍କ ସ୍କୁଲଘର। ସେ ଜଣେ ସିଧାସିଧା କଳ୍ପନା ବିଳାସୀ, ଲୋଅର ପ୍ରାଇମେରୀ ଶିକ୍ଷକ ଥିଲେ।

ସେ ସୁନ୍ଦର ବଂଶୀ ବାଦନ କରିପାରନ୍ତି। ତାଙ୍କର ମୁଣ୍ଡ ସବୁବେଳେ ବହୁ ପ୍ରକାର ଯୋଜନା ଉଦ୍ଭାବନ କରିବାରେ ବ୍ୟସ୍ତ ଥାଏ। ପ୍ରତ୍ୟେକ ସଭ୍ୟ ମାନବର, ଭଲପାଣି ନିର୍ମଳ ବାୟୁ ଓ ପାଇଖାନା ନିତ୍ୟାନ୍ତ ପ୍ରୟୋଜନ ବୋଲି ମନରେ ସ୍ଥିରକରି ସେ ଏକୁଟିଆ ଲୋକ ହେଲେ ମଧ୍ୟ ତାଙ୍କ ଘରର ଦୁଇଟି ଅଣଓସାରିଆ କୋଠରୀର ମଝି କାନ୍ଥଟିକୁ ଭାଙ୍ଗି ସେ ନିଜ ହାତରେ ଘରର ଦୁଇ ପଟେ ଦୁଇଟି ବଡ଼ ବଡ଼ ଝରକା ଲଗାଇ ବାୟୁ ପାଇଁ ସ୍ୱାଧୀନ ଗତିପଥ ସୃଷ୍ଟି କରିଥିଲେ। ଅବଶ୍ୟ ଶହେ ଦୁଇଶହ ବର୍ଷର ପୁରୁଣା ଘର ସେ ଅତ୍ୟାଚାର ସହନପାରି ଭୁଷୁଡ଼ି ପଡ଼ିବାର ସମ୍ଭାବନାକୁ ସେ ଖାତିର କରିନଥିଲେ।

ବାଡି ଦୁଆରେ ଲମ୍ବା ଲମ୍ବା ଗାତ ଖୋଳି ତା ଉପରେ କିଛି କିଛି ଉଚ୍ଚାରେ ବସିକରି ଝାଡ଼ା ଫେରିବା ପାଇଁ ଅଣଓସାରିଆ କାଠ ପଟା ପକାଇ, ତାକୁ ବୃକ୍ଷ ଘେରାଇ ଗାଧୁ ପାଇଖାନା ସୃଷ୍ଟି କରିଥିଲେ। ଦାଣ୍ଡ ଦୁଆରେ ନିଜ ହାତରେ ଖୋଳି ଖୋଳି ମାଟି ଫାନ୍ଦ ବସାଇ କୂଅଟିଏ ଖୋଳାଇ ପାଣିର ବ୍ୟବସ୍ଥା କରିଥିଲେ। ଆମର ସେ ସ୍ଥାନରେ ପାଣି ଅତି ଖାରିଆ ହୋଇଥିବାରୁ ଆଗରୁ ସେଠାରେ କେହି କୂଅ ଖୋଳୁ ନଥିଲେ। ତାଙ୍କ କୂଅ ପାଣି ଖାରିଆ ହେଲେ ମଧ୍ୟ ପରେ ସେ ତା ଉପରେ ବୃନ୍ଦମା କରି ଗୁଡ଼ିଯାଇଥିବାରୁ ଏପର୍ଯ୍ୟନ୍ତ ଲୋକମାନେ ତା ଉପରେ ବସନ୍ତି ଓ ସେ ପାଣି ପିଇବାକୁ ନ ହେଲେ ମଧ୍ୟ ଅନ୍ୟ କାର୍ଯ୍ୟରେ ବ୍ୟବହାରକରି ନାନା ଭାବରେ ଉପକୃତ ହୁଅନ୍ତି।

Digitized by srujanika@gmail.com

ସେ ଶିକ୍ଷକ ଥିବାବେଳେ ବୃହସ୍ପତିଙ୍କ ପାଣିପାଗ ପଟା ବା ଉପରର ବୃଷ୍ଟିଟିଏ ଦେଖିବା ପରେ, ବାୟୁର ଆର୍ଦ୍ରତା ଅନୁସାରେ ସେ ପଟାରେ ଥିବା ବୃହସ୍ପତିଙ୍କ ଛବିଟିର ରଙ୍ଗ ବଦଳି ସେ ସ୍ଥାନର ଜଳବାୟୁ ଓ ଆର୍ଦ୍ରତା ଜଣାଇଦେଉଥିବାରୁ ତାହା ଓଡ଼ିଶାର ସମସ୍ତ ସ୍କୁଲରେ ପିଲାଙ୍କ ଶିକ୍ଷା ପାଇଁ ରହିବା ଉଚିତ ବୋଲି, ସେ ମନେ କରିଥିଲେ ଓ ସବୁ ଶିକ୍ଷକ ତାହା ନିଶ୍ଚୟ ବ୍ୟବହାର କରିବେ ବୋଲି ସେ ଧରି ନେଇଥିଲେ ।

ସେ ହିସାବ କରି ଦେଖିଲେ ଯେ, ହେଲେ ଗୋଟିଏ ପଟା ତିଆରିରେ ମାତ୍ର ଦୁଇ ଅଣା ପଇସା ଖର୍ଚ୍ଚ ହେବ, ତାକୁ ଗୁଡ଼ା ଅଣାରେ ଆନନ୍ଦରେ ବିକ୍ରୀ କରିହେବ । ଓଡ଼ିଶାର ଲୋଇର ପ୍ରାଇମେରୀ, ଅପର ପ୍ରାଇମେରୀ ଓ ମାଇନର ସ୍କୁଲର ସଂଖ୍ୟା ହିସାବ କରିନେବା ପରେ ପ୍ରତ୍ୟେକ ସ୍କୁଲ ଅନ୍ତତଃ ଗୋଟିଏ କିଣିନେଲେ ତାଙ୍କର ହଜାର ହଜାର ବୃଷ୍ଟିପଟା ବିକ୍ରୀ ହୋଇ ଯାଇପାରିବ, ପିଲାଙ୍କର ଉପକାର କରିବା ସଙ୍ଗେ ସଙ୍ଗେ, ପଟା ତିଆରି ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବାଦ ମଧ୍ୟ ସେ ବହୁତ ଲାଭ ପାଇପାରିବେ, ସେଥିରୁ ଯଥେଷ୍ଟ ଲାଭ ହେଲେ ସେ ଅନ୍ୟ ପ୍ରଦେଶକୁ ପଠାଇବା ପାଇଁ ବଡ଼ ବ୍ୟବସାୟ ଆରମ୍ଭ କରି ତାଙ୍କ ଶ୍ରେଣିଆ ଶିକ୍ଷକତା ମଧ୍ୟ ଛାଡ଼ି ଦେଇ ସ୍ୱାଧୀନ ବ୍ୟବସାୟ କରି ପାରିବେ ବୋଲି ଧରି ନେଇଥିଲେ ।

ସେହି ଅନୁସାରେ ସେ ତାଙ୍କର ସମସ୍ତ ସଞ୍ଚିତ ଓ ଧାର ଉଧାର ଅର୍ଥ ଖଟାଇ ସ୍କୁଲ ସଂଖ୍ୟା ଅନୁସାରେ ସେତିକି ସଂଖ୍ୟାରେ ପାଗପଟା ତିଆରି କରାଇ ତାଙ୍କ ମାଟି ଘରେ ଥାକମାରି ରଖିଥିଲେ । ତାପରେ ଯେ କୌଣସି ଲୋକଙ୍କୁ ଦେଖିଲେ ସେ ପଟାର ବିଶେଷତ୍ୱ ଗୁଡ଼ିକ ସମ୍ବନ୍ଧରେ ଗୋଟିଏ ସୁଦୀର୍ଘ ଭାଷଣ ପରେ ସେଥିରୁ ଖଣ୍ଡିଏ ପଟା ଉପହାର ଦେଇ ଛାଡ଼ୁଥିଲେ । ତଥାପି ଦୂର ନଷ୍ଟ ହେବା ପର୍ଯ୍ୟନ୍ତ ସେ ପଟାର ସଂଖ୍ୟା ତାଙ୍କ ଘରେ ବିଶେଷଭାବରେ କମି ନ ଥିଲା ।

ପିଲାଙ୍କ ଶିକ୍ଷାର ଉନ୍ନତି ହେବା ଭାବନା ସଙ୍ଗେ ସଙ୍ଗେ ନିଜ ଶିକ୍ଷାର ଉନ୍ନତି ପାଇଁ ଭାବି ଭାବି ସେ ପୂର୍ଣ୍ଣାଙ୍କ ବିଦ୍ୟା ହାସଲ ପାଇଁ

Digitized by srujanika@gmail.com

ଇଂରାଜୀ ଅଭିଧାନଟିଏ ସମ୍ପୂର୍ଣ୍ଣଭାବରେ ଆୟତ୍ତ କରିବାକୁ ସ୍ଥିର କଲେ । ସେଥିପାଇଁ ଅଭିଧାନଟିଏ କିଣି ଆଣି ଦିନରାତି ସମସ୍ତ ପାଇବା ମାତ୍ରେ ଡି. ଏ ଟି. - କ୍ୟାଟ୍ ଡ଼ି ଓଜି-ଡଗ୍ ଏପରି ପ୍ରତ୍ୟେକ ଶବ୍ଦ ବହୁ ସମୟ ଧରି ବଡ଼ ପାଟିରେ ଘୋଷିବାକୁ ଲାଗିଲେ ।

ନନା ଉପର ଘରେ ଚଢ଼ାପଢ଼ି କରୁଥିଲାବେଳେ ଝିଅକା ଡକ୍ରୁ ଅବାରିତ ଗତିରେ ସେ ଶବ୍ଦ ସବୁ ଉପରକୁ ଉଠି ନନାଙ୍କ ପଢ଼ା ପଢ଼ିରେ ବ୍ୟାଘାତ ସୃଷ୍ଟି କଲେ, ସେ ପ୍ରଥମେ ରାଗିଯାଇ ପାଟି ତୁଣ୍ଡ କଲେ, କିନ୍ତୁ ତାଙ୍କର ବଡ଼ ପାଟି ସମନ ଦାସଙ୍କ ନିବିଷ୍ଟ ଚିତ୍ତରେ ଘୋଷିବା କାର୍ଯ୍ୟରେ କୌଣସି ବାଧା ଦାନ କରିପାରିଲା ନାହିଁ ।

ନନାଙ୍କ ପାଟିରେ ବନ୍ଦ ନ ହେବାରୁ ସେ ଶବ୍ଦର ଉତ୍ପତ୍ତିର କାରଣ ନିର୍ଦ୍ଧାରଣ କରିବାପାଇଁ ନନା ସମନ ଦାସକୁ ପାଖକୁ ଡ଼ାକି ଅନୁସନ୍ଧାନ କଲେ ।

ସମନ ଦାସେ କହିଲେ କେଜାଣି, ଶିକ୍ଷାବିହୀନ ମନୁଷ୍ୟ ପଶୁତୁଲ୍ୟ, ଆପଣ ଶିକ୍ଷାବନ୍ତ୍ ବଡ଼ ପଣ୍ଡିତ, ଆପଣଙ୍କର ବହୁତ ବହି ଅଛି । ଆପଣ ବହୁଦିନ ଧରି ବହୁ ପୁସ୍ତକ ଅଧ୍ୟୟନ କରି ନିଜର ଭିତରେ ଜ୍ଞାନର ଭଣ୍ଡାର ସାଇତିକରି ରଖିଅଛନ୍ତି । ମୋର ବହି ନାହିଁ, ସମୟ ନାହିଁ, ମୁଁ ଇଂରାଜୀ ମଧ୍ୟ ଜାଣେ ନାହିଁ ତେଣୁ ମୁଁ ନିଜକୁ ପଶୁଭିରୁ ମୁକ୍ତ କରିବା ପାଇଁ ଜ୍ଞାନ ଆହରଣ କରିବାକୁ ବସିଛି ବସିଛି ବୁଝିପାରିଲି ଯେ ଶବ୍ଦର ଯୋଡ଼ା ଯୋଡ଼ରେ ପୁସ୍ତକମାନଙ୍କର ବିଷୟ ବସ୍ତୁ ପ୍ରକାଶ ପାଏ । ଅଭିଧାନରେ ତ ସବୁ ଶବ୍ଦ ରହିଛି ସେଗୁଡ଼ିକ ଘୋଷିକରି ଆୟତ୍ତ କରିଦେଲେ ସବୁ ବହି ପଢ଼ିବା ଭଳି ଜ୍ଞାନ ଆହରଣ ହୋଇଯିବ । ଆମର କଥାରେ ଅଛି ସଂସ୍କୃତ ଅଭିଧାନ ଅମର ଯୁମର ନଥିଲେ ଦୋଷ, ଆଉ ସବୁ ପାଠ ବୁଲିରେ ଖୋସ । ସେହି-ଯୋଗୁ ଅଭିଧାନ ଆଣି ଘୋଷିବା ଆରମ୍ଭ କରିଛି ।

ନନା କହିଲେ 'ହଁ ବାପା ତୁ ଗୋଟିଏ ଭଲ ଉପାୟ ବାହାର କରିଛୁ । କିନ୍ତୁ ସେଥିରେ ଗୋଟିଏ କେଁ ରହିଯାଉଛି । ତୁ କହିବା ଅନୁସାରେ ଅଭିଧାନକୁ ନଥିଲେ କରି ପାଟି ବନ୍ଦକରି ଘୋଷିବା କଥା ।

Digitized by srujanika@gmail.com

ତୁ ବଡ଼ ପାଟିରେ ପାଟି ମେଲା କରି ଘୋଷିବା ଦ୍ୱାରା ପାଠଗୁଡ଼ିକ ସୁଷ୍ଟୁ ଦ୍ୱାରା ବାଟେ ଚପିହୋଇ ମୁଣ୍ଡଭିତରକୁ ନ ପଶି ପାଟିବାଟେ ଫସ ଫସ ହୋଇ ବାହାରି ପଳାଇ ଯାଉଛନ୍ତି । ତୋର ସମସ୍ତ ପରିଶ୍ରମ ପଣ୍ଡ ହେଉଛି । ତୁ ପାଟିକୁ ବନ୍ଦ କରି ଶବ୍ଦସବୁ ଗିଳିଲା ପରି ମନେ ମନେ ଘୋଷି କରି ଦେଖ ତୋର ମନେରଖିବା ମାତ୍ରା ନିଶ୍ଚୟ ବଢ଼ିବ । ତାପରେ ନନା ସମନ୍ତ ଦାସଙ୍କ ଘୋଷା ଉତ୍ପାତରୁ ରକ୍ଷା ପାଇଲେ ।

## ସାମ୍ବାଦିକଙ୍କ ଉପରେ ରାଗ—

ଆଜିକାଲି ସାମ୍ବାଦିକତା ପାଇଁ ବିଶ୍ୱବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ-ମାନଙ୍କରେ ପାଠ୍ୟକ୍ରମ ରଖାଯାଇ ତାଲିମ ଦିଆଗଲାଣି । ଆଗେ ସେପରି ପାଠ୍ୟକ୍ରମ ନ ଥିଲା । ଓଡ଼ିଶାରେ ଗୋଟେ ଦୁଇଟା ଦୈନିକ କାଗଜକୁ ସମ୍ବାଦ ଯୋଗାଇ ଲୋକେ ସାମ୍ବାଦିକ ହେଉଥିଲେ । ନବଭାରତ ଦୈନିକ ପତ୍ରିକା ବାହାରିଲାବେଳେ ସେ ସାମ୍ବାଦିକମାନଙ୍କୁ ତାଲିମ ଦେଇ କିପରି ସମ୍ବାଦ ସଂଗ୍ରହ ଓ ପରିବେଷଣ କରିବାକୁ ହୁଏ ତାହା ଶିକ୍ଷା ଦେଉଥିଲେ ।

ସାହିତ୍ୟ, ରାଜନୀତି, ସାମ୍ବାଦିକତା ପ୍ରଭୃତି ଯୁବକମାନଙ୍କୁ ଶିଖାଇବା ପାଇଁ ସେ ଆଗ୍ରହ ପ୍ରକାଶ କରୁଥିଲେ । ସେ ଜାତିର ଚରିତ୍ର ଗଠନ ଓ ସାଧୁତାକୁ ପ୍ରଥମ ସ୍ଥାନ ଦେଉଥିବାରୁ ଯେ କୌଣସି ଶିକ୍ଷାରେ ସ୍ଖଳନ, କାର୍ଯ୍ୟରେ ଭୁଲ ମନଗୋଟି ଆକାର୍ଯ୍ୟ ବା ବିଶୃଙ୍ଖଳା ଦେଖିଲେ ସେ ଶିକ୍ଷାର୍ଥୀମାନଙ୍କ ପ୍ରତି କଠୋର ବ୍ୟବହାର କରୁଥିଲେ । ସେଥିରେ ପର କି ଆପଣା, ପୁଅକି ଝିଅକି ସେ କଥା ସେ ବିଚାରକୁ ନେଉ ନ ଥିଲେ । ସେ ସବୁରେ ଭେଦଭାବ ନ ରଖି ସମସ୍ତଙ୍କୁ ଦେଶ ଗଠନ କର୍ମୀ ଭଳି ବ୍ୟବହାର କରୁଥିଲେ ।

ମୋର ବି ଭୁଲ ହେଲେ ସେଥିପାଇଁ ଗୁରୁଙ୍କ ବାକର ବାହାରି ଲୋକଙ୍କ ସାମନାରେ ମୋତେ ତାଙ୍କଠୁ ଭର୍ତ୍ସନା କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ସେତେବେଳେ କିଏ କଅଣ ଭାବିବ ସେକଥା ତାଙ୍କ ମନକୁ ଆସୁ ନ ଥିଲା । ଦୈନିକ ନବଭାରତର ସଂବାଦଦାତା ଭାବରେ ଭୁବନେଶ୍ୱରର ତାଙ୍କର ଜଣେ ପୁରାତନ କର୍ମୀ ବନ୍ଧୁଙ୍କ ପୁଅକୁ ଆଣି ତାଲିମ

Digitized by srujanika@gmail.com

ଦେଉଥିଲେ, ତାଙ୍କ କାଗଜରେ ସ୍ୱଚ୍ଛ ସମ୍ବାଦର ପରିବେଷଣ ପାଇଁ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟି ଥିଲା । ସେ ଦିଲ୍ଲୀରେ ଥିବା ସମୟରେ 'ସରକାର ଶୁଣିବେ କି ?' ବୋଲି ଗୋଟିଏ ସମ୍ବାଦ ତାଙ୍କ କାଗଜରେ ପ୍ରକାଶିତ ହୋଇଥିଲା । ସେ ବାହାରେ ଥିଲେ ବି କାଗଜଟି ତନଖି କରି ଦେଖନ୍ତି । କାଗଜରେ ସେତକ ଦେଖିବା ସଙ୍ଗେ ସଙ୍ଗେ ସେ କଟକକୁ ଦିଲ୍ଲୀରୁ ଫୋନକରି ସମ୍ବାଦରେ ଏପରି ଗୁହାରି କାହିଁକି ଦିଆଗଲା ଓ କିଏ ଦେଇଛନ୍ତି ବୋଲି ପଚାରିବା ସଙ୍ଗେ ସଙ୍ଗେ, ସେ ଲୋକ ସମ୍ବାଦ ସଂଗ୍ରହ ପାଇଁ ସମ୍ପୂର୍ଣ୍ଣ ଅଯୋଗ୍ୟ ଓ ସେ ଲୋକକୁ ସେ କାର୍ଯ୍ୟରୁ ଶୀଘ୍ର ଅନ୍ତର କରିବାକୁ ଆଦେଶ ଦେଲେ ।

ଦିଲ୍ଲୀରୁ ଫେରିବାକ୍ଷଣି ଭୁବନେଶ୍ୱରର ସେହି ଯୁବକ ସେ କଥା ଲେଖିଛନ୍ତି ବୋଲି ଜାଣିବା ପରେ ତାଙ୍କୁ ଡକାଇ ସମସ୍ତଙ୍କ ସାମନାରେ ଭର୍ତ୍ସନା କରି କହିଲେ 'ତୋ ହାତରେ ସାମ୍ବାଦିକତା ହେବ ନାହିଁ ତୁ ଏହିକ୍ଷଣି ଏଠାରୁ ଚାଲି ଯା ।'

ସେ ଯୁବକ ଉଚ୍ଚ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେତେବେଳେ ନିଜ ପିତାଙ୍କ ତିରୋଧାନ ଓ ଜମିବାଡ଼ି ଗଣ୍ଡଗୋଳ ପରେ ଦୁଃସ୍ଥ ଅବସ୍ଥାରେ ଥିଲେ । ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ଥିଲା ଓ ସାହିତ୍ୟ ଚର୍ଚ୍ଚା କରି କୌଣସି ଶ୍ରେଷ୍ଠ ଜମିଦାର (ରଜା)ଙ୍କଠାରୁ ବାଣୀଭୂଷଣ ଏକ ଉପାଧି ପାଇ ନିଜ ନାମରେ ଯୋଡ଼ି ଲେଖୁଥିଲେ ।

ତାଙ୍କୁ ନନା ସ୍ନେହ ଦୃଷ୍ଟିରେ ଦେଖୁଥିଲେ ବାଣୀଭୂଷଣ ଏକ ଅର୍ଥରେ 'ମୁଦ୍ରଣ ମେସିଣ' ହୋଇଥିବାରୁ ଥଟ୍ଟାରେ ତାଙ୍କୁ 'ମୁଦ୍ରୁବ' ବୋଲି ଡାକୁଥିଲେ । ଆମେ ସମସ୍ତେ ମଧ୍ୟ ତାଙ୍କୁ ମୁଦ୍ରୁବ ବୋଲି ଡାକୁଥିଲୁ ।

କାର୍ଯ୍ୟ ଉପରେ ପର, ଆପଣାର ନଦେଖି ନନା ସମସ୍ତଙ୍କ ସାମନାରେ ଏପରି ଅପମାନ ଦେଇ ଚାଲିଯିବାକୁ କହିଥିବାରୁ ସେ ଅଭିମାନୀ ଯୁବକ ନଖାଇ ନପିଇ ସେହିକ୍ଷଣି ପ୍ରେସ ଛାଡ଼ି ଚାଲିଗଲେ ।

ସେ ଉପରୁ ଓହ୍ଲାଇ ତଳକୁ ଯିବାପରେ, ନନା 'ମୁଦ୍ରୁବ' ମୁଦ୍ରୁବ ବୋଲି ଡାକ ଛାଡ଼ିଲେ । ସେ ଏକମୁହାଁ ହୋଇ ପଳାଇ

Digitized by srujanika@gmail.com

ଯାଉଛନ୍ତି ବୋଲି ଶୁଣି ତାଙ୍କୁ ଫେରାଇ ଆଣିବାକୁ ଲୋକ ପଠାଇଲେ । ବାଙ୍କାବଜାର ଧର୍ମଶାଳା ପାଖରୁ ବହୁ କଷ୍ଟରେ ଧରାହୋଇ ସେ ତାଙ୍କ ନିକଟକୁ ଆସି ମୁହଁ ଶୁଖାଇ ଗମ୍ଭୀର ଭାବରେ ଠିଆହେଲେ । ଆଜି କଅଣ ଅଧିକା ଶାସ୍ତି ମିଳିବ କି ଅନ୍ୟ ବିପଦ ଘଟିବ ବୋଲି ଭାବି ସେ ବରଡ଼ା ପତ୍ର ପରି ଥରୁଥାଆନ୍ତି ।

ନନା ତାଙ୍କର ପିଠି ଆଉଁସି କହିଲେ 'ବାପା ତୁ ଖାଇ ନାହୁଁ ମୁଁ ଘାଟିଏ କରିଦେଲି ବୋଲି ଉତ୍ତର କରି ପଳାଇଲୁ । ଯା'ଆ ଆଗ ଗାଧୋଇ କରି ଖାଇ ନେ । ସମ୍ବାଦ କାଗଜ ପର୍ଯ୍ୟବେକ୍ଷଣ କରିବାକୁ ହୁଏ ମୁଁ ତୋତେ ବତାଇବି । ସମ୍ବାଦ ପତ୍ର, ପ୍ରାର୍ଥନା ବା ରକ୍ଷାସ୍ତ୍ର ପତ୍ର ନୁହେଁ, ସରକାର ହୁଅନ୍ତୁ, ଯେ ହୁଅନ୍ତୁ ସେ ସମ୍ବାଦରୁ ସେତିକ ଜାଣିବେ । ଦରକାର ମଣିଲେ ପ୍ରତିକାର କରିବେ କିନ୍ତୁ ସମ୍ବାଦପତ୍ର କାହାକୁ ଖୁସାମଦ କରିବା ଉଚିତ ନୁହେଁ । ଏଣିକି ତୁ ମଫସଲ ସମ୍ପାଦନା ଦାୟିତ୍ୱରେ ରହିବା ପାଇଁ ମୋଠାରୁ ତାଲିମ ନେବୁ । ଯେଉଁଠି ଯାହା ଘଟୁଛି ତାର ସତ୍ୟାସତ୍ୟ ବୁଝି ସମ୍ବାଦଟି କେବଳ ପ୍ରକାଶ ହେବାପାଇଁ ଦେବୁ ।'

## ନୂଆ ସତ୍ୟବାଦୀ ସ୍କୁଲ ଓ ଛାତ୍ରଙ୍କ ଉପରେ କୋପ—

ସେ ତାଙ୍କର ପୂର୍ବ ଅନୁଷ୍ଠାନ ସତ୍ୟବାଦୀ ବିଦ୍ୟାଳୟର ସ୍ମୃତି ଭୁଲିପାରୁ ନଥିଲେ । ସେ ସେଇ ପ୍ରସଙ୍ଗରେ ଲେଖିଛନ୍ତି 'ସତ୍ୟବାଦୀ ସ୍କୁଲ୍ ମୋ ପ୍ରତି ଇତିହାସ ନୁହେଁ' ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଦେଶର ଦୁର୍ଗତିର ଚିତ୍ର ଗୋପବନ୍ଧୁଙ୍କର ଓ ତାଙ୍କ ବନ୍ଧୁମାନଙ୍କର ମନରେ ଯେ କଠୋର କଶାଘାତ କରିଥିଲା, ସେଥିପାଇଁ ଦେଶକୁ ଉନ୍ନତ କରିବାକୁ ଜାତୀୟ ଜୀବନ ଗଢିବାର ଆକାଂକ୍ଷା ସେମାନଙ୍କୁ ଅସ୍ଥିର କରିପକାଇଥିଲା । ସେ ସ୍ୱପ୍ନକୁ ସାର୍ଥକ କରିବାକୁ ଶିକ୍ଷା, ସମାଜ ସଂସ୍କାର ଆର୍ଯ୍ୟ ସଂସ୍କୃତିର ପୁନରୁଦ୍ଧାର ପାଇଁ ସତ୍ୟବାଦୀ ବିଦ୍ୟାଳୟ ଗଢି ସେ ମହାପୁରୁଷମାନେ ସେଠାରେ ସାଧନାରେ ଲାଗିପଡ଼ିଥିଲେ ।

ସେଇଠାରେ ହିଁ ନନା କୋଣାର୍କେ ପ୍ରଣୟିନୀ, ଖାରବେଳ ପ୍ରଭୃତି ପରି ସରସ ଐତିହାସିକ କାବ୍ୟ ଓ ଆର୍ଯ୍ୟଜୀବନ ପରି

Digitized by srujanika@gmail.com

ଭାରତ ସଂସ୍କୃତିର ବିଶ୍ଳେଷଣକାରୀ ସାହିତ୍ୟ ସୃଷ୍ଟି କରିଥିଲେ । ସେହିଠାରେ ପାଠ୍ୟକ୍ରମ ଛଡ଼ା ଜ୍ଞାନ ବିକୀରଣ ପାଇଁ ନାନା ପୁସ୍ତକ, ପ୍ରବନ୍ଧ ଓ ସତ୍ୟବାଦୀ ମାସିକ ସାହିତ୍ୟ ପତ୍ରିକା ପ୍ରକାଶନ କରାଯାଇ ଥିଲା ।

ରାଜନୀତି ଓ ସ୍ୱାଧୀନତା ସଂଗ୍ରାମର ପ୍ରଖର ସ୍ରୋତରେ ସତ୍ୟବାଦୀ ଅନୁଷ୍ଠାନ ଭାସି ବୁଲିଗଲା । ୧୯୨୧ ଠାରୁ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଜଣେ ପ୍ରଧାନ ଯୋଦ୍ଧା ଭାବରେ ସେ ଅଧିକାଂଶ ସମୟ ରାଜନୀତି ଓ ସଂଗ୍ରାମରେ ବ୍ୟସ୍ତ ରହିଲେ । ତଥାପି ସତ୍ୟବାଦୀ ଅନୁଷ୍ଠାନ ପ୍ରତି ତାଙ୍କର ପ୍ରଗାଢ଼ ମମତା ରହିଥିଲା ।

ସତ୍ୟବାଦୀ ବନବିଦ୍ୟାଳୟକୁ ଭାଙ୍ଗି ଜାତୀୟ ସ୍କୁଲରେ ପରିଣତ କଲାବେଳେ ସେ ଗୋପବନ୍ଧୁଙ୍କ ସହିତ ଏକମତ ହୋଇପାରି ନଥିଲେ । ୧୯୦୯ରେ ତାଙ୍କ ଗ୍ରାମରୁ ତାଙ୍କର ପୂର୍ବତନ ଭର୍ଣ୍ଣାକୁଲାର ସ୍କୁଲର ଆସବାବପତ୍ର ଉଠାଇ ଆଣି ସତ୍ୟବାଦୀ ସ୍କୁଲ ଆରମ୍ଭ କରା-ଯାଇଥିଲା । ପୁଣି ପରେ ତାଙ୍କର ପୂର୍ବତନ ଛାତ୍ର ସେହି ଗାଁର ଆଉ ଗୋଟିଏ ସ୍କୁଲର ଆସବାବ ପତ୍ର ଆଣି ପୂର୍ବତନ ସତ୍ୟବାଦୀ ସ୍କୁଲର ସ୍ମୃତି ଭୂମି ଉପରେ ମାଇନର ସ୍କୁଲଟିଏ ଆରମ୍ଭ କଲାବେଳେ ନନା ସେମାନଙ୍କୁ ଉତ୍ସାହିତ କରି ନିଜେ ତାର ପରିଚାଳନା ସମିତିର ସଭାପତିତ୍ୱ ଭାର ଗ୍ରହଣ କରିଥିଲେ ।

ସେ ଯେବେ ସତ୍ୟବାଦୀ ବା ଗାଁକୁ ଆସନ୍ତି ସ୍କୁଲକୁ ଯାଇ ଦେଖିରେ ବୁଲି ଆସନ୍ତି । ଦେଶର ନୂତନ ଆବହାଓ୍ୱା ଭିତରେ ସେ ସ୍କୁଲଟି ଗତାନୁଗତିକ ଭାବରେ ଗଢ଼ି ଚାଲିଲା । ସେଥିରେ ପ୍ରାଣ ସଞ୍ଚାର କଲା ଭଳି ବ୍ୟକ୍ତିତ୍ୱବାନ, ଦେଶସେବୀ, ସ୍ୱାର୍ଥତ୍ୟାଗୀ ତେଜସ୍ୱୀ ଶିକ୍ଷକ ଆଉ କେହି ନଥିଲେ ।

ସବୁବେଳେ ଶିକ୍ଷକଙ୍କ ଅଭାବ । ଏଣୁ ତେଣୁ ଆସି କିଏ କିଛି-କାଳ ପାଇଁ ସେଠାରେ ଡେରା ପକାଇ ସୁବିଧା ଦେଖି ଅନ୍ୟତ୍ର ଚାଲି ଯାଉଥିଲେ । ବେଶୀ ପଇସା ଖର୍ଚ୍ଚ କରି ଭଲ ଭଲ ଶିକ୍ଷକ ଅଣାଇବା ପାଇଁ ସେ ସ୍କୁଲର ସମ୍ବଳ ନଥିଲା ।

୧୯୩୯ରୁ ଓଡ଼ିଶାରେ ମେଡ଼ିକାଲ ସ୍କୁଲରୁ ଆରମ୍ଭ ହୋଇ ଛାତ୍ର ଆନ୍ଦୋଳନ ଏକ ବିରାଟ ଆକାର ଧାରଣ କରିଥିଲା । ସେତେବେଳେ

Digitized by srujanika@gmail.com

ନନା ଉତ୍କଳ କଂଗ୍ରେସର ସଭାପତିଥିଲେ । ସେ ଦିଲ୍ଲୀରୁ ଓକଲ ହୋଇ ଆସି ଛାତ୍ର ଓ ସରକାରଙ୍କ ଭିତରେ ମଧ୍ୟସ୍ଥତା କରି ସେ ଆନ୍ଦୋଳନର ଜଳନ୍ତା ଅଗ୍ନି ପ୍ରଶମିତ କରିଥିଲେ ।

ସେତେବେଳେ ହୁତ୍ ହୁତ୍ ହୋଇ ଜଳୁଥିବା ନିଆଁ ନିଭିଗଲା କିନ୍ତୁ ଛାତ୍ର ଅସନ୍ତୋଷର ଅଙ୍ଗାର ସବୁଆଡ଼େ ଲୁଚିକି ଥିଲା ଓ ମଝିରେ ମଝିରେ ଠାଏ, ଠାଏ ଜଳି ଉଠୁଥିଲା ।

କୌଣସିଠାରେ କଅଣ କିଛି ଅସୁବିଧା ହେବା ସଙ୍ଗେ ସଙ୍ଗେ ଛାତ୍ରମାନେ ଧର୍ମଘଟ କରିବା ଆରମ୍ଭ କରିଦେଉଥିଲେ । କଟକର ଗୋଟିଏ ଘଟେଇ ସ୍କୁଲର ଜଣେ ଅବସରପ୍ରାପ୍ତ ବୃଦ୍ଧ ଶିକ୍ଷକଙ୍କୁ ନୂଆ ସତ୍ୟବାଦୀ ସ୍କୁଲର ହେଡ ମାଷ୍ଟର କରି ରଖାଯାଇଥିଲା । ପଢ଼ାପଢ଼ି କରି ନିଜକୁ ପ୍ରସ୍ତୁତ କରି ପିଲାଙ୍କୁ ପଢ଼ାଇବାର ଶକ୍ତି ଆଉ ତାଙ୍କର ନଥିଲା । ତାଙ୍କୁ ସାହାଯ୍ୟ କରିବା ଭଳି ଯଥେଷ୍ଟ ଅଭିଜ୍ଞତା ସମ୍ପନ୍ନ ଶିକ୍ଷକ ମଧ୍ୟ ସେଠାରେ ନଥିଲେ ।

ସ୍କୁଲରେ ଟୋଟେଢ଼ିଇ ଅସୁବିଧା ଦର୍ଶାଇ ପିଲାମାନେ ଧର୍ମଘଟ କଲେ । ହେଡମାଷ୍ଟର ତାଙ୍କର ପଢ଼ାର ସୁବିଧା ନ କରି ଓଲଟି ସେମାନଙ୍କୁ ଗାଳି ଗୁଲଜ କରିଥିବାରୁ ହେଡମାଷ୍ଟରଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ ।

ନନା ସେ ଖବର ପାଇ ସତ୍ୟବାଦୀ ଆସିଲେ । ସ୍କୁଲକୁ ଯାଇ ପିଲାଙ୍କ ପାଠପଢ଼ା କଥା ବୁଝିଲେ । ପାଠପଢ଼ାରେ ବହୁତ ତ୍ରୁଟି ଥିବା ଲକ୍ଷ୍ୟ କରି, ପରୀକ୍ଷା ଦେବାକୁ ଯାଉଥିବା ପିଲାମାନଙ୍କୁ ଡାକି ନିଜେ ସେମାନଙ୍କର କ୍ଲାସ ନେଇ ପାଠସବୁ ବୁଝାଇଲେ ।

ସେହି ପରିସ୍ଥିତିରେ ସେଠାରେ ଥିବା ମାଷ୍ଟ୍ରମାନଙ୍କ ଭିତରୁ ଯେ ଯାହା ପଢ଼ାଇପାରିବେ ତାଙ୍କୁ ସେ ଦାୟିତ୍ୱ ଦେଇ ହେଡମାଷ୍ଟରଙ୍କୁ ବୟସ ଦୃଷ୍ଟିରୁ ଅବସର ଘେନିବା ପାଇଁ ଅନୁରୋଧ କଲେ । ଆଉ ଜଣେ ଭଲ ହେଡ୍ ମାଷ୍ଟର ଖୋଜି ଆଣାଇବାପାଇଁ ପିଲାଂକୁ ପ୍ରତିଶ୍ରୁତି ଦେଲେ ।

ପିଲାମାନଙ୍କ ଧର୍ମଘଟ ବନ୍ଦ ହୋଇ ସ୍କୁଲରେ ପଢ଼ାପଢ଼ି ଆରମ୍ଭ ହୋଇଥିଲା । କିନ୍ତୁ କେତେକ ଛାତ୍ରନେତାଙ୍କ ଉଦ୍ୟମରେ ସେମାନଙ୍କ

Digitized by srujanika@gmail.com

ସମସ୍ତ ଦାବି ପୂରଣ ହୋଇ ନଥିବାରୁ ଆଜି ଥରେ ଧର୍ମଘଟ ଆରମ୍ଭ ହୋଇ, ଛାତ୍ରମାନଙ୍କର ଏକ ପଟୁଆର ଆମ ଦୁଆରେ ପହଂଚିଲା । ପିଲାମାନେ ହେଡ଼ମାଷ୍ଟରଙ୍କ ବିରୁଦ୍ଧରେ ବିକ୍ଷୋଭ ଅକ୍ଷୁନ୍ନ ରଖି ତାଙ୍କ ନାମରେ ଧ୍ୱନିମାନ ଦେଉଥିଲେ ।

ଆମେ ଆମ ଦାଣ୍ଡ ପିଣ୍ଡାରେ ବସିଥିଲୁ । ଜନା ଛାତ୍ର ନେତାଂକୁ ଡାକି ପଚାରିଲେ "ପିଲାଏ କଅଣ ହେଲା କି ? ମୁଁ ତ ସବୁ ବ୍ୟବସ୍ଥା କଲି, ଭଲ ହେଡ଼ ମାଷ୍ଟରଟିଏ ଆଣିବା ପାଇଁ ବି ବନ୍ଦୋବସ୍ତ କରୁଛି ପୁଣି ଏ ଧର୍ମଘଟ ଶୋଭାଯାତ୍ରା ସବୁ କଅଣ ?

ଜଣେ ଛାତ୍ରନେତା ଆଗୁଆ ହୋଇ ଜନାଙ୍କ ସାମନାକୁ ଆସି କହିଲେ 'ଆପଣ ଆମର ସବୁ ଦାବି ପୂରଣ କଲେ ନାହିଁ । ପାଠର ସିନା ବ୍ୟବସ୍ଥା କଲେ କିନ୍ତୁ ଆମକୁ ହେଡ଼ ମାଷ୍ଟ୍ରେ ଯେପରି ବ୍ୟବହାର କରିଛନ୍ତି ଓ ଅପମାନିତ କରିଛନ୍ତି, ତାଙ୍କଠାରୁ ଆମେ ଯେଉଁ କ୍ଷମା ପ୍ରାର୍ଥନା ଦାବି କରିଥିଲୁ ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ । ସେ ହିଁ ସମକ୍ଷରେ ଆମକୁ କ୍ଷମା ପ୍ରାର୍ଥନା ନ ମାଗିବା ପର୍ଯ୍ୟନ୍ତ ଆମେ ଧର୍ମଘଟ ଚାଲୁ ରଖିବୁ ।'

ଜନା ମୁହଁକୁ ଟିକିଏ ଗମ୍ଭୀର କରି କହିଲେ 'ହଁ ହଁ ସେଇଟା ଠିକ୍ କଥା । ତୁମର ଗୋଟାଏ ବଡ଼ ଦାବି ରହିଯାଇଛି । ସେ ଖାଲି କ୍ଷମା ପ୍ରାର୍ଥନାଟାଏ କଥାରେ କରିଦେଲେ ହେବ ନାହିଁ, ପରେ ମାନି ନ ପାରନ୍ତି, ତାଙ୍କଠାରୁ ଲିଖିତ କ୍ଷମା ପ୍ରାର୍ଥନାଟାଏ ଆଣି ଛପାଇ ଦେବାକୁ ହେବ ।

ତୁମକୁ ତୁମ ବାପ, ମା ଓ ଗୁରୁଜନମାନେ ଅଯଥାରେ ବେଳେ ବେଳେ କେତେ ଖରାପ ବ୍ୟବହାର କରିଥିବେ, ମାଡ଼ ବି ଦେଇଥିବେ ତୁମେ ଯାଇ ସେମାନଙ୍କଠାରୁ କ୍ଷମା ପ୍ରାର୍ଥନା ଲେଖି ଆଣ । ମୁଁ ହେଡ଼-ମାଷ୍ଟ୍ରଙ୍କ ଠାରୁ କ୍ଷମା ପ୍ରାର୍ଥନା ଲେଖାଇ ନେଉଛି । ମୋର ଗୋଟିଏ ପ୍ରେସ ଅଛି ତୁମକୁ ଛପା ଖର୍ଚ୍ଚ ବି ପଡ଼ିବ ନାହିଁ । ମୁଁ ସେ ସବୁ ଏକାଠି କରି ତୁମ ପାଇଁ ଗୋଟିଏ ମାନପତ୍ର ସୁନେଲି ଅକ୍ଷରରେ ଛପାଇ ଦେବି ।

ସେଥିରୁ ଖଣ୍ଡେ ବନ୍ଧାଇ କରି ତୁମେ ପାଖରେ ରଖିଥିବ । ବାହାହୋଇ ସ୍ତ୍ରୀ ଆସିଲେ, ସେଇ ବାସରଘରରେ ତୁମ ବାରପଣିଆ

Digitized by srujanika@gmail.com

ସାବ୍ୟସ୍ତ କରିବାକୁ ବାପ, ମା, ଗୁରୁଜନ ଓ ଶିକ୍ଷକଙ୍କର ସେଇ ସୁନ୍ଦର କ୍ଷମା ପ୍ରାର୍ଥନା ପଦଟି ତୁମ ଭାର୍ଯ୍ୟାଙ୍କୁ ଉପହାର ଦେବ ।' ଏତକ କହିବା ପରେ ପିଲାମାନଙ୍କୁ କଟମଟ କରି ବଡ଼ ବଡ଼ ଆଖିରେ ଚାହିଁ ଦୁଇ ତିନି ଥର ନିଜ ଦାଢ଼ି ଆଉଁସିଲାପରି ଭଙ୍ଗିନେଇ ଉଚ୍ଚ ସ୍ୱରରେ କହିଲେ 'ଅର୍ବାଚୀନ ବାଳକଗଣ, କି ଅଭିପ୍ର ତୁମ ଭାବନା ।'

ସେ ଚକା ପକାଇ ସିଧା ହୋଇ ବସିଥିଲେ, ତାଙ୍କର ସେ ଭୀଷ୍ମରୂପ ଦେଖି ଛାତ୍ରମାନେ ସେ ଯୁଅଡ଼େ ଛିନ୍ନଛତ୍ର ହୋଇ ଧାଇଁ ପଳାଇଲେ । ନେତାମାନେ ବି ସେଠାରୁ ଖସି ପଳାଇବାକୁ ବାଟ ପାଇଲେ ନାହିଁ । ଧର୍ମଘଟ ଭାଙ୍ଗିଗଲା । ପଢ଼ାପଢ଼ି ଚାଲିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ କମିଟିର ସେ ସଭାପତି ଥିଲେ । ପୂର୍ବ ଖଣ୍ଡ ଗଡ଼ଜାତମାନଙ୍କର ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ଓ ସେତେବେଳର ଟ୍ରେନିଙ୍ଗ କଲେଜର ଅଧ୍ୟକ୍ଷ ଶ୍ରୀ ମହେଶଚନ୍ଦ୍ର ପ୍ରଧାନ ତାଙ୍କର ସମ୍ପାଦକ ଥିଲେ ।

ନନା ମହେଶ ବାବୁଙ୍କ ସଙ୍ଗେ ପରାମର୍ଶ କରି 'ରଜନନ୍ଦ ଚାନ୍ଦ୍ରୀ'ର ଜଣେ ଅଭିଜ୍ଞ ଯୁବକ ଶିକ୍ଷକ ଶ୍ରୀ ଲକ୍ଷ୍ମୀଶଙ୍କର ଭଟ୍ଟନଗରଙ୍କୁ ହେଡ଼-ମାଷ୍ଟର କରି ସତ୍ୟବାଦୀ ସ୍କୁଲକୁ ଅଣାଇଲେ ।

ପରେ ସେଇ ସତ୍ୟବାଦୀ ସ୍କୁଲ ଏବଂ ସରକାରୀ ହାଇସ୍କୁଲରେ ପରିଣତ ହୋଇଛି । ସେ ବକୁଳ ବନ ଆଜି ନାହିଁ । ବକୁଳବନ ପୁରା ପଡ଼ା ହୋଇଗଲାଣି । ଛାୟାଘନ କୁଞ୍ଜରେ ଅଧ୍ୟୟନ ଓ ଅଧ୍ୟାପନାର ଆଉ ସୁବିଧା ନାହିଁ । ସରକାରଙ୍କ ତାଞ୍ଚରେ ଅନ୍ୟ ସାଧାରଣ ସରକାରୀ ସ୍କୁଲପରି ଅନ୍ୟଠାରୁ ବଦଳି ହୋଇ ଆସୁଥିବା ଶିକ୍ଷକଙ୍କୁ ନେଇ ସେ ସ୍କୁଲ ଚାଲିଛି । କିନ୍ତୁ ସ୍ମୃତି ରହିଯାଇଛି । ଏବେବି ସେବାଟେ ଗଲାବେଳେ ତା ନିକଟରେ ପଞ୍ଚସଖା ସ୍ମୃତିପୀଠକୁ ଚାହିଁ, ଆଖି ଛଳଛଳ ହୋଇ ଯାଉଛି ଓ ମୁଣ୍ଡ ଆପେ ଆପେ ତଳକୁ ନଇଁ ଯାଉଛି ।

●

Digitized by srujanika@gmail.com

# ତୃତୀୟ ଭାଗ—ପ୍ରତିଷ୍ଠାର ସଂସ୍ଥାପନା

( ଚଉଦ )

## ନିର୍ବାଚନ ଝଡ଼—

ଭାରତ ସ୍ୱାଧୀନତାର ପ୍ରାକ୍‌କାଳରେ ପୁଣି ନିର୍ବାଚନ ବାଆ ବୋହିଲା । କଂଗ୍ରେସ ଅନୁଷ୍ଠାନ ନିର୍ବାଚନ ପାଇଁ ସଜବାଜ ହେଲା ।

ନବ୍ୟ ଆନୁଷ୍ଠାନିକ ରୂପେ କଂଗ୍ରେସରୁ ବାହାର ଯାଇ ନଥିଲେ, କେବଳ ପରିସ୍ଥିତିର ତାଡ଼ନାରେ ସେଥିରୁ ଆଡ଼େଇ ହୋଇ ରହିଥିଲେ ।

ବିଶ୍ୱ ଯୁଦ୍ଧ ଯୋଗୁ ୧୯୩୭ ପରେ ଆଉ ନିର୍ବାଚନ ହୋଇ ନ ଥିଲା । ପୂର୍ବ ବିଧାନସଭା ନିର୍ବାଚନରେ ନିଜେ କର୍ଣ୍ଣଧାର ଥିବାରୁ ସେ ନିଜେ କୌଣସି ନିର୍ବାଚନ ମଣ୍ଡଳୀରେ ଠିଆ ହେଇ ସେଠାରେ ଲାଗି ରହିବା ପାଇଁ ପ୍ରସ୍ତୁତ ନ ହୋଇ ଅନ୍ୟମାନଙ୍କ ପଛରେ ଲାଗିଥିଲେ । ଯୁଦ୍ଧ ପରେ ନିର୍ବାଚନ ବେଳକୁ ସେ କଂଗ୍ରେସର କର୍ମକର୍ତ୍ତା ନଥିବାରୁ ତାଙ୍କର ଅନ୍ୟମାନଙ୍କ ନିର୍ବାଚନ ପାଇଁ ଭାବିବାକୁ ସୁବିଧା ନଥିଲା । ତେଣୁ ସେ ନିଜେ ନିର୍ବାଚନ ଲଢ଼ିବା ପାଇଁ ସେତେବେଳର କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ଦରଖାସ୍ତ ପଠାଇଥିଲେ । କଂଗ୍ରେସର ପରିସ୍ଥିତି ଓ ମତି ବଦଳି ଗଲା ତେଣୁ ଭୁଇଁ ନେତାମାନେ ରଜା ଜମିଦାରମାନଙ୍କୁ ପ୍ରାର୍ଥୀ ମନୋନୀତ କଲେ ମଧ୍ୟ ତାଙ୍କୁ ବାଛି ନ ଥିଲେ ।

ତାଙ୍କର ପ୍ରାର୍ଥୀତ୍ୱ କଂଗ୍ରେସ ଦ୍ୱାରା ଗୃହୀତ ନ ହେବାରୁ ସେ ମନ ଦୁଃଖରୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନନେଇ ନୀରବ ରହିଥିଲେ । ରାଜନୀତିରୁ ଅଲଗା ରହି ସେ ପୁରାପୁରି ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କରିବାରୁ ତାଙ୍କ ଅନୁଗତ କର୍ମୀମାନେ ତାଙ୍କୁ ଛାଡ଼ି ଯେ ଯୁଆଡ଼େ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ଦଳରେ ଆଶ୍ରୟ ନେଲେ ।

Digitized by srujanika@gmail.com

ସ୍ୱାଧୀନତା ପରେ ସ୍ୱାଧୀନ ଭାରତରେ କଂଗ୍ରେସ ନେତାଙ୍କର ଶାସନ ଚଳାଇଲା । ଅନେକ ନେତା ଦେଶର ସ୍ୱାର୍ଥ ଆଡ଼କୁ ଦୃଷ୍ଟି ନଦେଇ ନିଜ ନିଜ ସ୍ୱାର୍ଥରେ ବୁଡ଼ି ରହିଲେ । ଲୋକଙ୍କର ଆସ୍ଥା ଆସ୍ତେ ଆସ୍ତେ କଂଗ୍ରେସ ଉପରୁ ତୁଟିବାକୁ ଲାଗିଲା ।

କଂଗ୍ରେସ ଭିତରେ ଥାଇ ତାକୁ ସୁଧାରିବାକୁ ସୁବିଧା ନଥିବାରୁ ନାନା ବାହାରେ ରହିଲେ ମଧ୍ୟ ବିଧାନସଭାରେ ପଶି କଂଗ୍ରେସ ଶାସକ-ମାନଂକୁ ଚେତାଇ ଦେଶକୁ ଠିକ୍ ବାଟରେ ଚଳାଇବା ପାଇଁ ତାଙ୍କୁ ବହୁ ଲୋକ ଅନୁରୋଧ କଲେ ।

## ସ୍ୱାଧୀନ ଭାରତର ନିର୍ବାଚନ—

୧୯୫୧-୫୨ ନିର୍ବାଚନ ଲଢ଼ିବା ପାଇଁ ୧୯୫୧ ସେପ୍ଟେମ୍ବର ମାସରେ କେତେକ ଯୁବକର୍ମୀ ତାଙ୍କୁ ଓ ତାଙ୍କର ପୁରାତନ ବନ୍ଧୁମାନଂକୁ ଏକାଠି କରି, ଗୋଟିଏ ବିରୋଧୀ ଦଳ ଗଢ଼ିବାକୁ ପୁରୀର 'ନଗର ସେବା ସଦନ' ଭବନରେ ଗୋଟିଏ ସମାବେଶ ଅନୁଷ୍ଠିତ କଲେ । ସେଠାରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଉପସ୍ଥିତିରେ ତାଂକୁ 'ଉତ୍କଳ ଗୁରୁ' ଭାବରେ ସମ୍ବର୍ଦ୍ଧନା କରି ଗୋଟିଏ ନୂଆ ବିରୋଧୀ ଦଳ ଗଢ଼ିବାକୁ ଅନୁରୋଧ କଲେ ।

ସେଠାରେ Independent peoples party ବା ସ୍ୱାଧୀନ ଜନସଂଘ ନାମକ ଗୋଟିଏ ଦଳ ଗଢାଯାଇ ସେଥିରେ ନନା ସଭାପତି, ଗୋଦାବରୀଶ ବାବୁ ଉପ-ସଭାପତି, ଶ୍ରୀ ଯଦୁମଣି ମଙ୍ଗରାଜ କୋଷାଧ୍ୟକ୍ଷ ଓ ଅନ୍ୟ ଦୁଇ ଜଣ ଯୁବ-ନେତା ସମ୍ପାଦକ ପଦ ଗ୍ରହଣ କଲେ ।

ଦଳ ଗଢ଼ା ହେବା ପରେ ସମସ୍ତ ବିରୋଧୀ ଦଳଂକୁ ବିଶେଷରେ ପ୍ରଗତିଶୀଳ ଦଳମାନଂକୁ ଧରି ନିର୍ବାଚନ ବୁଝାମଣା କରିବା ପାଇଁ ସ୍ଥିର ହେଲା । ପରେ ନବଗଠିତ ପ୍ରେସଘେ କେତେକ ଦଳ ତୁଣ୍ଡହୋଇ କଥାବାର୍ତ୍ତା ଚାଲିଲା । କିନ୍ତୁ ଭିନ୍ନ ଭିନ୍ନ ମତର ଦଳମାନଂକୁ ଧରି ଏକମତ କରିବା ସହଜସାଧ୍ୟ ହେଲନାହିଁ । ସେଠାରେ ମିଳିତ ହୋଇଥିବା ଦଳମାନଙ୍କ ଭିତରେ ସଂହତି ରହିଲା ନାହିଁ । ସବୁ ଦଳ ସବୁ ସ୍ଥାନରେ ଜିତିବେ ବୋଲି ଆଶା କରି ସେଠାରେ ନିଜ ନିଜ

Digitized by srujanika@gmail.com

ପ୍ରତିନିଧି ଠିଆ କରାଇବାକୁ ଜିଦ୍ ଧରିଲେ। କେହି ଅନ୍ୟ କାହାକୁ କୌଣସି ସ୍ଥାନ ଛାଡ଼ିବାକୁ ରାଜି ହେଲେ ନାହିଁ ।

ଦୃଷ୍ଟାନ୍ତ ସ୍ୱରୂପ—ସେତେବେଳର ଅବିଭକ୍ତ କମ୍ୟୁନିଷ୍ଟ ଦଳର ଓଡ଼ିଶା ଶାଖାର ସମ୍ପାଦକ ଶ୍ରୀ ମୋହନ ଦାଶଙ୍କ ସଙ୍ଗେ ଆଲୋଚନା କଲାବେଳେ, କୌଣସି ନିର୍ବାଚନ ମଣ୍ଡଳ ପାଇଁ ଆଉ କେଉଁ ଦଳର ନାମ ଉଠିବା ସଙ୍ଗେ ସଙ୍ଗେ ସେ ସ୍ଥାନଟି ଆମର ପକେଟ ଓ ସେ ସ୍ଥାନ ଆମେ ଆଉ କେଉଁ ବିରୋଧୀ ଦଳକୁ ଛାଡ଼ି ପାରିବୁ ନାହିଁ ବୋଲି ମୋହନ ବାବୁ ଜିଦ୍ ଧରୁଥିଲେ।

ମୋହନବାବୁ ନନାଙ୍କର ଜଣେ ପୂର୍ବତନ ଘନିଷ୍ଠ ସହକର୍ମୀ ଥିଲେ। ସେ ଏପରି ଅନେକ ସ୍ଥାନ ଦାବିକରି ସେ ସବୁ ତାଙ୍କ ପକେଟ ବୋଲି କହିବାରୁ, ନନା ସେଥିରେ ଚିଡ଼ିଯାଇ ତାଙ୍କୁ କହିଲେ "ଆରେ ମୋହନ ତୁ କେତେ ଚିରା ପକେଟ ପିନ୍ଧି ବୁଲୁଛୁ ? କୌଣସି ପକେଟ ତ କାହାକୁ ଦେବାକୁ ରାଜି ହେଉ ନାହୁଁ । ସେ ପକେଟରୁ ଭୋଟ ଗଳି ପଳାଇବ, ତୁମେ ବିରୋଧିଦଳ ତଳ ବାଡ଼ଆବାଡ଼ି ହେଉ ହେଉ ଶାସକ ଦଳ ମହାପାତେ ସବୁ ମାରିନେବେ, ତୁମେ ଜଳକା ହୋଇ ଗୁହିଁ ରହିଥିବ ।

ବିରୋଧୀଦଳଙ୍କ ନିର୍ବାଚନ ବୁଝାମଣା ଫସର ଫାଟିବାରୁ ଗୋଟିଏ ସ୍ଥାନରେ ବହୁ ବିରୋଧୀଦଳ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ସେ ସ୍ଥାନ ମାନଙ୍କରେ ଶାସକ କଂଗ୍ରେସର ବିଜୟ ସୁନିଶ୍ଚିତ ଜାଣି ନନା କେତୋଟି ମାତ୍ର ସ୍ଥାନରେ ବାଛି ବାଛି ତାଙ୍କ ପ୍ରାର୍ଥୀ ଠିଆ କରାଇଲେ । ସେଥିଯୋଗୁ କେବଳ ତାଙ୍କ ନୂଆ ଦଳ ପକ୍ଷରୁ କଟକ, ପୁରୀ, ଗଞ୍ଜାମ ଜିଲାରୁ ମାତ୍ର ସାତୋଟି ସ୍ଥାନରେ ତାଙ୍କ ଦଳ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ତାଙ୍କ ସ୍ଥାନରେ ଉପସ୍ଥିତ ବିରୋଧି ଦଳମାନେ ପ୍ରାର୍ଥୀ ଠିଆ କରାଇ ନଥିଲେ ।

Digitized by srujanika@gmail.com

# ନିର୍ବାଚନ ପ୍ରଚାର ପର୍ବ



❀ ପଣ୍ଡିତ ନୀଳକଣ୍ଠ ଦାସ ❀
( ସମ୍ପାଦକ—ସ୍ୱାଧୀନ ଜନତା )
ଉତ୍କଳମଣି ଗୋପବନ୍ଧୁଙ୍କ ସାଥୀ ଉତ୍କଳ ଗୁରୁ ପଣ୍ଡିତ ନୀଳକଣ୍ଠ
ଆପଣଙ୍କ ସେବା କରିବାକୁ ଏବେବି ପ୍ରସ୍ତୁତ ଅଛନ୍ତି

ସତ୍ୟବାଦୀରୁ ନନା, ବଣପୁରରୁ ପଣ୍ଡିତ ଗୋଦାବରୀଶ, କେନ୍ଦ୍ରାପଡ଼ାରୁ ଶ୍ରୀ ଯଦୁମଣି ମଙ୍ଗରାଜ, ବ୍ରହ୍ମପୁରର ଦ୍ୱୈତ ସ୍ଥାନରୁ ଆଡ୍‌ଭୋକେଟ ରାମଚନ୍ଦ୍ର ମିଶ୍ର ଓ ଜଣେ ହରିଜନ, ବାଲିଅନ୍ତା, ପିପିଲି ଓ ଖୋର୍ଦ୍ଧାରୁ ଜଣେ ଜଣେ ନିର୍ବାଚନ ଲଢ଼ୁଥିଲେ ।

ସେ ନୂଆ ଦଳ ସଙ୍ଗଠିତ ହେବାପାଇଁ ବେଳ ନଥିଲା, ତାର ଆର୍ଥିକ ସମ୍ବଳ ମଧ୍ୟ ଜଣ୍ଟି ନଥିଲା । ଏକାଦିନକେ ଓଡ଼ିଶାର ସବୁ କେନ୍ଦ୍ରରେ ନିର୍ବାଚନ ଭୋଟ ଗ୍ରହଣର ବ୍ୟବସ୍ଥା ହୋଇଥିବାରୁ ଓ ନିର୍ବାଚନ ନିକଟେଇ ଆସୁଥିବାରୁ ନନା କି ଗୋଦାବରୀଶ ବାବୁ ନିଜ ନିଜ ନିର୍ବାଚନ ମଣ୍ଡଳୀ ଛାଡ଼ି ଅନ୍ୟ ସ୍ଥାନରେ ନିର୍ବାଚନ ପ୍ରଚାର କରିବାକୁ ସମୟ ପାଇ ନଥିଲେ ।

## ନନାଙ୍କ ନିର୍ବାଚନ ମଣ୍ଡଳୀ :—

ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ଯେତେ ସୁବିଧା ହେବ ବୋଲି ଆମେ ଭାବିଥିଲୁ ସେତେବେଳେ ପରିସ୍ଥିତି ତାହା ନଥିଲା । ସେ ନିର୍ବାଚନ ମଣ୍ଡଳୀଟି ଶାସକ ଦଳର ସୁବିଧା ପାଇଁ ଏପରି ଗଢ଼ା ଯାଇ-ଥିଲା ସେ ତାର ଅନୁକୂଳ ପାଇବା ଆମ ପକ୍ଷରେ କଷ୍ଟ ଥିଲା । ନାଆଁଲୁ

Digitized by srujanika@gmail.com

ସତ୍ୟବାଦୀ ହେଲେ ମଧ୍ୟ ଅନେକ ସ୍ଥାନ ସତ୍ୟବାଦୀଠାରୁ ବହୁ ଦୂର ଦୂର ଅଞ୍ଚଳରେ ରହିଥିଲା ।

ଗୋଟିଏ ପଟେ ଖୋର୍ଦ୍ଧା ଦେଇ ମହାଭବସ୍ତ ଅଞ୍ଚଳକୁ ଯିବାକୁ ହେଲେ ଅନ୍ୟ ପଟେ ପୁରୀ ସହର ବଟେ ସମୁଦ୍ର କୂଳେକୂଳେ କୋଣାର୍କ ପର୍ଯ୍ୟନ୍ତ ଯିବାକୁ ହୁଏ, କଣାସ ଅଞ୍ଚଳକୁ ଡେଲଙ୍ଗ ଦେଇ ଗଲେ, ଧାନକେଉ ଅଞ୍ଚଳକୁ ବ୍ରହ୍ମଗିରି ଦେଇଯିବା କଥା, ଅଧିକାଂଶ ଅଞ୍ଚଳକୁ ବାଟ-ଘାଟ କିଛି ନଥାଏ । ସ୍ୱଳ୍ପକର୍ମୀ ଓ ଅର୍ଥାନାଟନ, ଯାନବାହନ ଅଭାବ ଯୋଗୁ ସେ ସବୁ ସ୍ଥାନରେ ଠିକ୍ ସମୟରେ ପହଂଚି ପ୍ରଚାର କରିବା ଅସମ୍ଭବ ମନେ ହେଲା ।

ନନଙ୍କ ସଙ୍ଗେ ଆଉ ତିନିଜଣ ମଧ୍ୟ ପ୍ରତିଦ୍ୱନ୍ଦିତା କରୁଥିଲେ, ଜଣେ ସେ ସ୍ଥାନର ଶାସକ କଂଗ୍ରେସର ପୂର୍ବତନ ନିର୍ବାଚିତ ସଦସ୍ୟ, ଆଉ ଜଣେ ସ୍ୱାଧୀନ କଂଗ୍ରେସ ନାମରେ ସ୍ଥାନୀୟ ପ୍ରଖ୍ୟାତ ପ୍ରଭାବଶାଳୀ ଆଇନ ବ୍ୟବସାୟୀ ଓ ଅନ୍ୟ ଜଣେ କଣାସ ଅଞ୍ଚଳର ସ୍ଥାନୀୟ ସ୍ୱାଧୀନ ପ୍ରତିନିଧି ।

ନନା ତାଙ୍କ ପୁରାତନ ସହକର୍ମୀମାନଙ୍କୁ ଖବର ଦେଲେ । ସେମାନେ କେହି ଧରା-ଛୁଆଁ ଦେଲେ ନାହିଁ । ସେମାନଙ୍କ ଭିତରୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ସ୍ୱାଧୀନ କଂଗ୍ରେସ ପ୍ରାର୍ଥୀଙ୍କୁ ଖୋଲଖୋଲି ସାହାଯ୍ୟ କରି ନନାଙ୍କର ବିରୋଧ କରିବାକୁ ଆଗେଇ ଆସିଥିଲେ । ଶାସକ କଂଗ୍ରେସକୁ ଆଉଜିଥିବା ତାଙ୍କ ପୁରାତନ କର୍ମୀମାନେ ପ୍ରକାଶ୍ୟରେ ତାଙ୍କର ବିରୋଧ କରୁଥିଲେ ।

ନିର୍ବାଚନ ଆରମ୍ଭ ପୂର୍ବରୁ ମୁଁ ଦେଖିଲି ସତ୍ୟବାଦୀରେ ନନାଙ୍କ ପାଖରେ ଗୋଟିଏ ହେଲେ ସ୍ଥାନୀୟ କର୍ମୀ ଦିଶୁନାହାନ୍ତି । ବାହାର କର୍ମୀମାନେ ବେଳେବେଳେ ଆସି ତାଙ୍କ ସଙ୍ଗେ କଥାବାର୍ତ୍ତା କରି ଫେରି ଯାଉଥାଆନ୍ତି ।

ସେ ନିଜେ ବୃଦ୍ଧ । ବୟସ ସତୁରି ଆଖପାଖ, ସେଥିରେ ପୁଣି ବହୁମୂତ୍ର ରୋଗ । ଲୋକଙ୍କ ସଙ୍ଗେ ଯୋଗାଯୋଗ ସ୍ଥାପନ କରିବାପାଇଁ ଯିବା ଆସିବା କରିବାକୁ ତାଙ୍କ ପାଖରେ ମୋଟର ଗାଡ଼ି ଖଣ୍ଡିଏ ମଧ୍ୟ

Digitized by srujanika@gmail.com

ନାହିଁ । ଟଙ୍କା ପଇସାର ଏକାନ୍ତ ଅଭାବ, କଡ଼ା ସୁଧରେ କରଜ କରିବା ଛଡ଼ା ଅନ୍ୟ ଉପାୟ ବି ତାଙ୍କର ନଥିଲା । ତାଙ୍କର ଥିଲା କେବଳ ଅସୀମ ମନବଳ ଓ ଯୁବଜନୋଚିତ ଅଦମ୍ୟ ଉତ୍ସାହ ।

## ନିର୍ବାଚନ ପ୍ରଚାରରେ ମୋର ଯୋଗଦାନ —

ମୁଁ ସେତେବେଳକୁ ଡାକ୍ତରୀ ପାଶ୍ କରି ବସିବାଠାରୁ ଜାଣିବା ଭଲ ବର୍ଷର କଟକ ନବଭାରତ ପ୍ରେସର ପଶ୍ଚିମ ପଟ ଦାଣ୍ଡ ଘରେ ମୋର ଡାକ୍ତରୀ ବ୍ୟବସାୟ ଆରମ୍ଭ କରିଥାଏ । କିନ୍ତୁ ଉଚ୍ଚ ଶିକ୍ଷା ପାଇଁ ଆମେରିକା ଯିବାକୁ ସଳଖାଳ ହେଉଥାଏ । ମୁଁ ଦିଲ୍ଲୀକୁ ଯାଇ ଆମେରିକା ରେସିଡେନସି ଟ୍ରେନିଂ ପାଇଁ ବଛା ହୋଇଥିବାରୁ, ଆମେରିକା ଯାଇ ଟ୍ରେନିଂରେ ଯୋଗଦେଲେ ସେଠାରେ ମୋତେ ମାସିକ ଭତ୍ତା ମିଳିବା କଥା କିନ୍ତୁ ସେଠାକୁ ଯାଇ ପହଂଚିବି କପରି । ବାଟ ଖର୍ଚ୍ଚ ପାଇବି କେଉଁଠୁ, ଏହିସବୁ ଚିନ୍ତାରେ ମୁଁ ଘାରି ହେଉଥାଏ ।

ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବାକୁ ସରକାରଙ୍କର ବୃତ୍ତି ଓ ଧାର ଦେବାର ବ୍ୟବସ୍ଥା ଥିବାରୁ ମୁଁ ସାହସ କରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେଲି । ମୋର ଅନ୍ୟ ଦୁଇଜଣ ସାଥୀଙ୍କୁ ସରକାରୀ ସାହାଯ୍ୟ ପାଇଁ ସୁପାରିଶ କରି ସାରିଥାଆନ୍ତି ତେଣୁ ମୁଁ ଦରଖାସ୍ତ କରିବା ପାଇଁ ସେ ମୋତେ ଉପଦେଶ ଦେଲେ । ପାଣି ଜାହାଜରେ ଅତି ଶସ୍ତା ଶ୍ରେଣୀରେ ଗଲେ ଜାହାଜ ଖର୍ଚ୍ଚ ସାତଶହ ଟଙ୍କା ପଡ଼ିବ ବୋଲି ସେତିକି ମଞ୍ଜୁର କରିଦିବା ପାଇଁ ଲେଖିଲେ ।

ମୁଁ ଦିଲ୍ଲୀ ଯାଇ ଯିବାର ଯୋଗାଡ଼ କରୁଥିବା ବେଳେ ମୋର ଅନ୍ୟ ଦୁଇବନ୍ଧୁ ଉଡ଼ାଜାହାଜରେ ଯିବାପାଇଁ ସରକାର ସମସ୍ତ ଖର୍ଚ୍ଚ ମଞ୍ଜୁର କରିବା ସ୍ଥଳେ ମୋର ଦରଖାସ୍ତ ନାକଚ କରି ମୋ ପାଖକୁ ପଠାଇ ଦେଇଥିବା ଖବର ପାଇଲି । 'ମୋର ପିତା ଅତ୍ୟନ୍ତ ଧନୀ ବ୍ୟକ୍ତି ହୋଇଥିବାରୁ ମୋତେ ସାତଶହଟଙ୍କାର ଋଣ ବି ମିଳିବ ନାହିଁ' ବୋଲି ମୋ ଦରଖାସ୍ତ ଉପରେ ମନ୍ତବ୍ୟ ଲେଖା ଯାଇଥିଲା ।

ନନା ଆମ ଗ୍ରାମର ଆଡଭୋକେଟ ହରିହରଦାସଙ୍କ ଠାରୁ ବାର ପରସେଣ୍ଟ ସୁଧରେ ତିନି ହଜାର ଟଙ୍କା କରଜ ଆଣି ନିର୍ବାଚନ

Digitized by srujanika@gmail.com

ଲଢୁଥିବା କଥା ସ୍ୱାସ୍ଥ୍ୟମନ୍ତ୍ରୀ (ଆମ ଗ୍ରାମର ମନ୍ତ୍ରୀ) ଓ ମୁଖ୍ୟମନ୍ତ୍ରୀଙ୍କର ଅଗୋଚର ନଥିଲା । କିନ୍ତୁ ସେ କଂଗ୍ରେସ ବିରୁଦ୍ଧରେ ନିର୍ବାଚନ ଲଢ଼ୁଥିବାରୁ ବୋଧହୁଏ ତାଙ୍କୁ ଏପରି ସାର୍ଟିଫିକେଟ ମିଳି ମୋର ଯାହା ଆପାତତଃ ବନ୍ଦକରି ଦିଆଯାଇଥିଲା । ମୋ ଯାହା ପାଇଁ ପାଣି ଜାହାଜରେ ପ୍ରାପ୍ୟ ତିନି ହଜାର ଲାଗିବା ସ୍ଥଳେ ମୋଟେ ସତ୍ତରଶହ ପାଇଁ ସୁପାରିଶ ହୋଇଥିଲା, ସେତିକି ମିଳିଥିଲେ ବି ହୁଏତ ମୋ ଯିବା ସମ୍ଭବ ହୋଇ ନ ଥାନ୍ତା । ତେଣୁ 'ଭଗବାନ ଯାହା କରନ୍ତି ତାହା ମଙ୍ଗଳ ସକାଶେ ବୋଲି ଭାବି ମୁଁ ନନାଙ୍କୁ ଭୋଟରେ ସାହାଯ୍ୟ କରିବାକୁ ଲାଗିପଡ଼ିଲି ।

ମୁଁ ଆମେରିକା ନଯାଇ ତାଙ୍କ ନିର୍ବାଚନରେ ଯୋଗ ଦେବାରେ ସେ ଖୁସି ହୋଇ ମୋତେ କହିଲେ, "ତୁ ବ୍ୟସ୍ତ ହୁଅନା ଏବେ ନିର୍ବାଚନ କାମରେ ଲାଗ୍, ଭୋଟ ସରିଲେ ଦେଖିବ, କେଉଁଠୁ ହେଲେ ବାଟଖର୍ଚ୍ଚ ପାଇଁ ଧାର ଉଧାର ମିଳିଯିବ ।"

ନିର୍ବାଚନରେ କର୍ମୀ ସଂଗ୍ରହ ଗୋଟିଏ ବଡ଼ ଚିନ୍ତା ହେଲା । ମୁଁ କଟକର ମୋ ବ୍ୟବସାୟ କେନ୍ଦ୍ର ପୂରା ବନ୍ଦ କରି ଗାଁକୁ ଆସିଲି । ସଙ୍ଗଠନ ଓ ନନାଙ୍କ ସ୍ୱାସ୍ଥ୍ୟ ଦୁଇଟିଯାକ ଭାର ମୋତେ ନେବାକୁ ପଡ଼ିଲା । ନନାଙ୍କର ବହୁମୂତ୍ର ରୋଗ ପାଇଁ ସେ ଡାକ୍ତରୀ ବିଜ୍ଞାନସମ୍ମତ ପନ୍ଥାରେ ଚାଲୁଥାଆନ୍ତି । ଠିକ୍ ସମୟରେ ଔଷଧ ଓ ଠିକ ସମୟରେ ପଥ୍ୟ ଖାଇବାର ବ୍ୟତିକ୍ରମ ହେବାର ନୁହେଁ । ବିଜ୍ଞାନ ପ୍ରତି ତାଙ୍କର ଅତ୍ୟନ୍ତ ଶ୍ରଦ୍ଧା । ତେଣୁ ତାଙ୍କୁ ଯେ ଔଷଧ ଦିଆଯାଏ ସେ ତାର କାଗଜ ପତ୍ରରୁ ଔଷଧର ଦ୍ରବ୍ୟ ଗୁଣ, ରସାୟନିକ ପ୍ରକ୍ରିୟା ପ୍ରଭୃତି ଚିହ୍ନ ଚିହ୍ନ କରି ପଢ଼ିନେଇ, ବୁଝି ନପାରିଲେ ପ୍ରଶ୍ନ ପଚାରି ସେଗୁଡ଼ିକ ବ୍ୟବହାର କରନ୍ତି ।

ଥରେ ସେ ଜଣେ ରୋଗ ନିର୍ଣ୍ଣୟ ବିଭାଗର ଅଧ୍ୟାପକଙ୍କୁ ଗୋଟିଏ ଔଷଧର ରସାୟନିକ ସ୍ଥିତି ଓ ମିଶ୍ରଣ ବିଷୟରେ ପ୍ରଶ୍ନ କରିବାରୁ ସେ ବିଷୟ ଫାର୍ମାକୋଲୋଜି ଅଧ୍ୟାପକ କେବଳ କହି ପାରିବେ ବୋଲି ସେ ଉତ୍ତର ଦେଲେ । ଡାକ୍ତରୀ ବିଦ୍ୟାର ଯେ କୌଣସି ବିଭାଗର ଅଧ୍ୟାପକ ହେଲେ ଅନ୍ୟ ବିଭାଗର ବିଷୟ ଅନ୍ତତଃ କିଛି କିଛି ଜାଣିବା ଉଚିତ ବୋଲି ନନା ତାଙ୍କୁ କହିଥିଲେ ।

Digitized by srujanika@gmail.com

ସେ ଡାକ୍ତରଙ୍କ କଥାମାନ ଔଷଧ ବ୍ୟବହାର କରନ୍ତି, କିନ୍ତୁ ଏପରି ପ୍ରଶ୍ନ ପଚାରି ବେଳେ ବେଳେ ଡାକ୍ତରମାନଙ୍କୁ ହଇରାଣରେ ପକାନ୍ତି । ତେଣୁ ତାଙ୍କୁ ସବୁ ବୁଝାଇ ଔଷଧ ବ୍ୟବସ୍ଥା କରିବାର ଭାର ମୋତେ ହାତକୁ ନେବାକୁ ପଡ଼ୁଥିଲା । ନିର୍ବାଚନ ପ୍ରଚାରରେ ବାହାରିକୁ ଗଲେ ତାଙ୍କୁ ଜଗିକରି ମୋତେ ତାଙ୍କ ପାଖରେ ଥିବାକୁ ହୁଏ । ତେଣୁ ଆମ କାମରେ ସମୟ ସମୟରେ ବାଧା ପଡ଼େ ।

ଆମର ନିର୍ବାଚନ ସଂଗଠନ ବୋଲି ଗୋଟାଏ କିଛି ନଥିଲା । ଶାସକ ଓ ସ୍ୱାଧୀନ କଂଗ୍ରେସ ଦୁଇପଟ୍ଟ ମୋଟର ଗାଡ଼ି, ମାଇକ ପ୍ରଭୃତି ଘେନି ପୁରୁଣା କର୍ମୀମାନେ ଜୋରସୋରରେ ପ୍ରଚାର ଆରମ୍ଭ କରି ଦେଇଥାଆନ୍ତି । ସେମାନଙ୍କୁ ଟକ୍କର ଦେବାକୁ ସେ ସବୁ ଜିନିଷ ଆମର କିଛି ନଥାଏ, ଆମର ସମ୍ବଳ କେବଳ ନନାଙ୍କ ବ୍ୟକ୍ତିତ୍ୱ ଓ ନାଁ ।

## ପ୍ରଥମ ନିର୍ବାଚନ ସଭା ଓ ପ୍ରଚାର

ସତ୍ୟବାଦୀରେ ପୁରାତନ କର୍ମୀ ଓ ନେତୃସ୍ଥାନୀୟ କେତେକ ବ୍ୟକ୍ତି ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିବା ପୂର୍ବରୁ ପ୍ରାର୍ଥୀ ବାଛିବା ବାହାନାରେ 'ସ୍ୱାଧୀନ କଂଗ୍ରେସ' ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରାଇ ନେବାକୁ ସ୍ଥାନୀୟ ଲୋକଙ୍କର ଗୋଟିଏ ସଭା ଡାକିଥିଲେ । ନନା ଯାଇ ସେ ସଭାରେ ଯୋଗଦେଲେ ।

ସେ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ ହେବା ସଙ୍ଗେ ସଙ୍ଗେ ସେ ପ୍ରସ୍ତାବକ ଓ ସମର୍ଥକଙ୍କୁ ଚାହିଁ ଠିଆହୋଇ ତାଙ୍କ ନିଜର ଭାଷଣ ଆରମ୍ଭ କରିଦେଲେ । ସେ ବଜ୍ର ଗମ୍ଭୀର ସ୍ୱରରେ ଆତ୍ମପ୍ରତ୍ୟୟ ସହିତ କହିବାକୁ ଲାଗିଲେ "ଆରେ ଏମାନେ ମୋ ସତ୍ୟବାଦୀରେ କିଏ ? ଏହି ସତ୍ୟବାଦୀ ମୋର, ଏଠାରେ ମୋର ପରମ୍ପରା ରହିଛି, ପ୍ରତିଷ୍ଠା ଅଛି, ପ୍ରତିପତ୍ତି ଅଛି । ମୁଁ ଏ ଲୋକଙ୍କର ସେବା କରିବାକୁ ଚାହିଁବାବେଳେ ମୋତେ ସେଥିରେ ବାଧା ଦେବ କିଏ ?" ତାଙ୍କ କଥାରେ ସଭାଭିତରେ ଧନ୍ୟ ଧନ୍ୟ କରତାଳି ହେଲା ।

ସେତିକିରେ ସଭାପତି ଓ ଉଦ୍ୟୋକ୍ତା ମାନେ ଉଠି ଚାଲିଗଲେ । ଜଣେ ସ୍ଥାନୀୟ ଯୁବକ (ମୋର ବନ୍ଧୁ ଉଦୟନାଥ) ସଭାପତି ହେଲେ

Digitized by srujanika@gmail.com

ସହରରେ ବହୁଲୋକ ମାଇକମେ ବସି ଘଣ୍ଟା ଘଣ୍ଟାଧରି ନନାଙ୍କ ଭାଷଣ ଶୁଣିଲେ । ନିର୍ବାଚନ ବାତାବରଣ ଏକାବେଳକେ ତାଙ୍କ ସପକ୍ଷକୁ ଟାଣିହୋଇ ଆସିଲା । ସେହି ଗୋଟିକ ଭାଷଣ ସାରା ନିର୍ବାଚନ ମଣ୍ଡଳରେ ସ୍ପନ୍ଦନ ଖେଳାଇ ଦେଲା ।

ନିର୍ବାଚନ ସଂଗଠନ ଚଳାଇବା ପାଇଁ ଲୋକ ବାଛିବା ବଡ଼ କଷ୍ଟକର ଥିଲା । କିଏ କିପରି ଲୋକ ସେ କଥା ଜାଣି କାହାକୁ କେତେ ବିଶ୍ୱାସକରି, କାହା ଉପରେ କି ଭାର ନ୍ୟସ୍ତ କରାଯିବ, ତାହା ଏକ ବଡ଼ ସମସ୍ୟା ଥିଲା ।

ଆରମ୍ଭରୁ ମୁଁ ଝୁଣ୍ଟିଲି । ମୁଁ ମୋର ଜଣେ କୁହାଳିଆ ବାଲ୍ୟବନ୍ଧୁଙ୍କୁ ଡକାଇ କିଛି ବାଟଖର୍ଚ୍ଚ ଦେଇ ଗୋଟିଏ ଦୂର ଗାଁକୁ ସଙ୍ଗଠନ ଆରମ୍ଭ କରିବା ପାଇଁ ପଠାଇ ଦେଲି, ପରେ ମୁଁ ଜାଣିଲି, ସେ ଆଉ ଗୋଟିଏ ଦୂର ସ୍ଥାନରେ ମାଇକଟିଏ ଧରି ଗୀତ ଗାଇ ଗାଇ ଅନ୍ୟଜଣେ ପ୍ରାର୍ଥୀଙ୍କର ପ୍ରଚାର କରୁଥିଲେ ।

ନନା ସେ କଥା ଜାଣିବା ପରେ ମୋତେ କହିଲେ ଲୋକ ଚିହ୍ନିବା କଷ୍ଟ । ପୁରୁଣାଙ୍କୁ ଛାଡ଼ି ଆମକୁ ତାଲିମ ଦେଇ ନୂଆ ଲୋକ ପ୍ରସ୍ତୁତ କରିବାକୁ ପଡ଼ିବ । ଯେ କୌଣସି ସଂଗ୍ରାମ ପାଇଁ ଅନାବିଳ ଯୁବଶକ୍ତି ହିଁ ଦରକାର ।

ପିଲାଙ୍କ ଭିତରୁ କିଏ କଣ ଜାଣିବା ପାଇଁ ମୁଁ ଭୋଟର ଲିଷ୍ଟ ମଗାଇ ତାର ନକଲ କରାଇବା ପାଇଁ କୋଡ଼ିଏ ଉତ୍ସାହୀ ଯୁବକଙ୍କୁ ଆଣି ଦିନରାତି କାମରେ ଲଗାଇ ସେମାନଙ୍କ ଗତିବିଧି ଲକ୍ଷ୍ୟକଲି ।

ଏହା ଭିତରେ କଟକ ଯାଇ ନନାଙ୍କ ଫଟୋ ଓ ଭୋଟ ଚିହ୍ନ ସମ୍ବଳିତ ଗୋଟିଏ ଛୋଟିଆ ପ୍ରଚାର ପତ୍ର ଛପାଇ ଆଣିଲି । ଫଟୋତଳେ କେବଳ ଲେଖାଥିଲା "ଉତ୍କଳଗୁରୁ ନୀଳକଂଠ ଏବେବି ତୁମ ସେବା କରିବାକୁ ପ୍ରସ୍ତୁତ ଅଛନ୍ତି, ଭୋଟଦେଇ ତାଙ୍କୁ ଜୟଯୁକ୍ତ କରନ୍ତୁ ।"

ଭୋଟର ତାଲିକା ଲେଖିଥିଲା ପିଲାଙ୍କ ଭିତରୁ ବାଛି ବାଛି କେତେକଙ୍କୁ ପ୍ରଚାର ପତ୍ର ଧରାଇ, ବାଛି ବାଛି ଆଗ୍ରହୀ ଲୋକଙ୍କୁ ଦେବାକୁ, ଓ ପ୍ରତି ଗ୍ରାମର ଦେବାଳୟ ବା ଆଖଡ଼ା ଘର ପ୍ରଭୃତିରେ

Digitized by srujanika@gmail.com

ଖଣ୍ଡିଏ ଦୁଇଖଣ୍ଡ ଅଠାଦେଇ ମାରିବାକୁ କହି ଗାଁ ମାନଙ୍କୁ ପଠାଇଦେଲି ।

ସେହି ପ୍ରଚାର ପତ୍ର ଖଣ୍ଡିକରେ ଅଭୂତପୂର୍ବ ଫଳ ମିଳିଲା । ସେ ଫଟୋ ପ୍ରଚାର ପତ୍ର ନେଇ ଅନେକ ଲୋକ କାଚ ବନ୍ଧାଇ, ଘରେ ରଖି ପୂଜା କରିବାକୁ ଲାଗିଲେ । ପ୍ରତି ଗ୍ରାମରୁ ସ୍ୱେଚ୍ଛାରେ କର୍ମୀମାନେ ଘରରୁ ଖାଇ ଆମ ନିର୍ବାଚନ ପ୍ରଚାର ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ଖବର ମିଳିଲା ।

ଆଖ ପାଖ ଗାଁ ଗୁଡ଼ାରେ ପିନା ହେଲ ହୋଇଗଲା । ଅଗରୁ କହିଛି, ଆମ ନିର୍ବାଚନ ମଣ୍ଡଳୀ ଖୋର୍ଦ୍ଧାରୁ କୋଣାର୍କ, ଚିଲିକା କୂଳରୁ ପୁରୀ ପର୍ଯ୍ୟନ୍ତ ଲମ୍ବିଥିଲା । ଅଧିକାଂଶ ସ୍ଥାନ ସହିତ ମୁଁ ଆଦୌ ପରିଚିତ ନଥିଲି । ସେସବୁ ସ୍ଥାନରେ ଆଗରୁ କାମ କରିଥିବା ବା ସେ ସବୁ ସ୍ଥାନର ବାଟ ଘାଟ ସହିତ ପରିଚିତ ଥିବା କୌଣସି ପୁରୁଣା ପ୍ରତିଷ୍ଠିତ କର୍ମୀ ବି ଆମ ସଙ୍ଗରେ କେହି ନଥିଲେ । ସେଠାରେ ଜଣେ ଜଣାଶୁଣା ଲୋକ ଯେଉଁ ବଡ଼ ଗାଁ ଗଣ୍ଡା ସହିତ ପରିଚିତ ସେପରି ଜଣେ ଲୋକ ସଙ୍ଗରେ ନେଇ ନ ବୁଲିଲେ ସେ ସବୁ ସ୍ଥାନରେ ସଙ୍ଗଠନ ଗଢ଼ା ହେବ କିପରି ? ସମସ୍ୟା ବା କାହିଁ !

**ପଣ୍ଡିତ କର୍ମୀ ଆହରଣ**—ଏହିପରି ଭାବୁଥିଲା ବେଳେ ମୁଁ ଦେଖିଲି, ଆମ ଗ୍ରାମ ଦାଣ୍ଡରେ ସଂସ୍କୃତରେ ଏମ୍. ଏ ପାଶ କରିଥିବା ଜଣେ ବିଦ୍ୱାନ ପଣ୍ଡିତ ଠିଆ ହୋଇ ସରକାରଙ୍କର ସ୍ୱାସ୍ଥ୍ୟ ଓ ଶିକ୍ଷା-ମନ୍ତ୍ରୀଙ୍କର ବିରୁଦ୍ଧରେ ବଡ଼ ପାଟିରେ ବିଷୋଦ୍‌ଗାର କରି ବକ୍ତୃତା ଦେବାରେ ଲାଗିଛନ୍ତି ।

ସେ ପାରଳାଖେମୁଣ୍ଡି ସଂସ୍କୃତ କଲେଜର ଅଧ୍ୟକ୍ଷ ଥିଲେ, ପରେ ବଲାଙ୍ଗିର କଲେଜରେ ଅଧ୍ୟାପକ ହୋଇଥିଲେ, କିନ୍ତୁ ସେ ଥର୍ଡ କ୍ଲାସରେ ଏମ୍. ଏ ପାଶ୍ କରିଥିବାରୁ ନୂଆ ନିୟମ ଅନୁସାରେ କଲେଜରୁ ତାଙ୍କୁ ଗୋଟିଏ ସ୍କୁଲକୁ ଶିକ୍ଷକ କରି ପଠାଇବାରେ ସେ ତାଙ୍କ ଚାକିରୀରୁ ଇସ୍ତଫା ଦେଇ ଦେଇଥିଲେ । ତାଙ୍କର ଅଭିଜ୍ଞତାକୁ ଓ ପାଣ୍ଡିତ୍ୟକୁ କୌଣସି ସମ୍ମାନ ଦିଆହୋଇ ନଥିଲା, ତେଣୁ ତାଙ୍କର କ୍ଷୁବ୍ଧ ହେବା ତ କଥା ।

Digitized by srujanika@gmail.com

ସେ ଭଦ୍ରଲୋକ ବଡ଼ ଏକସିଂଘା ମଣିଷ, ଯାହା ବୁଝିଥିବେ ସେଇଆ । ତାଙ୍କର ଦୁନିଆରେ ବହୁତ ଲୋକଙ୍କ ଉପରେ ରାଗ, ସେ ଥରେ ରାଗିଲେ ତାହା ସବୁବେଳ ପାଇଁ କୁହୁଳୁ ଥାଏ । ଆଉ ନିର୍ବାପିତ ହୁଏ ନାହିଁ ।

ନନା ସତ୍ୟବାଦୀ ବିଦ୍ୟାଳୟର ଅଧ୍ୟକ୍ଷ ଥିବାବେଳେ, ସ୍ଥାନୀୟ ସଂସ୍କୃତ ଟୋଲର ପରିଚାଳକ ଭାବରେ ସେ ଭଦ୍ରଲୋକଙ୍କର ପିତା ଅତି-ବୃଦ୍ଧ ହୋଇଥିବାରୁ ତାଙ୍କୁ ପଣ୍ଡିତ କାର୍ଯ୍ୟରୁ ଅବ୍ୟାହତି ଦେବାପାଇଁ ସୁପାରିଶ କରିଥିଲେ । ତେଣୁ ସେହି ଭଦ୍ରଲୋକଙ୍କ କୋପଦୃଷ୍ଟି ଆମର ସମଗ୍ର ଦାସ ସାହି ଉପରେ ପଡ଼ିଥିଲା । ମୁଁ କି ଆମ ସାହିର ଅନ୍ୟ କେହି ତାଙ୍କୁ ନମସ୍କାର କଲେ, ସେ ତାହା ଗ୍ରହଣ ନକରି ମୁହଁ ବୁଲାଇ ଆମ ବଂଶ ପ୍ରତି ଅଭିଧାନ ବହିର୍ଭୂତ ଭାଷାସବୁ ଗାଇ ଗାଇ ବାଟ ଭାଙ୍ଗି ଚାଲି ଯାଉଥିଲେ ।

ସେ ସରକାର ଓ ମନ୍ତ୍ରୀଙ୍କୁ ଗାଳି ଦେଉଥିଲାବେଳେ ମୁଁ ତାଙ୍କ ସାମନାକୁ ନ ଯାଇ ତାଙ୍କ ପଛକୁ ପଛ କରି ବିପରୀତ ଦିଗକୁ ଚାହିଁ ସରକାରଙ୍କ ବିରୁଦ୍ଧରେ ମୋତେ ବାଟଖର୍ଚ୍ଚ ନ ଦେବାର ଯେ ଅଭି-ଯୋଗ ଥିଲା ତାର ବାହାନା କରି ସରକାରଙ୍କୁ ଓ ମନ୍ତ୍ରୀଙ୍କୁ ବଡ଼ ଜୋରରେ ଗାଳି ଦେବାକୁ ଆରମ୍ଭ କଲି । କିଛି ସମୟ ପର୍ଯ୍ୟନ୍ତ ଆମ ଦୁହିଁଙ୍କର ଗାଳି ଅବାରିତ ଗତିରେ ବିପରୀତ ଦିଗକୁ ଗତିକରି ଚାଲିଲା ।

ସେ ମୋର ଗାଳିଗୁଡ଼ିକ ଆସ୍ତେ ଆସ୍ତେ କାନ ଦେଇ ଶୁଣିବାକୁ ଲାଗିଲେ, ତାପରେ କୌତୁହଳବଶତଃ ପଛକୁ ବୁଲିପଡ଼ି ଗମ୍ଭୀର ଦୃଷ୍ଟିରେ ମୋତେ ଚାହିଁବା ସଙ୍ଗେ ସଙ୍ଗେ ମୁଁ ତାଙ୍କୁ ନମସ୍କାରଟାଏ କରି, ଜଣାଇ କହିଲି ଆଜ୍ଞା ଗୋଟିଏ ଶଗଡ଼ର ଦୁଇଟା ବଳଦ ଗାଡ଼ି-ଟାକୁ ଦୁଇ ଆଡ଼କୁ ଟାଣିଲେ କ'ଣ ଗାଡ଼ି ଚାଲିବ । ଆଜ୍ଞା ଆମ-ଦୁହିଁଙ୍କର ଲକ୍ଷ୍ୟ ଏକ, କିନ୍ତୁ ଆମେ ଦୁହେଁ ବିପରୀତ ଦିଗକୁ ଚାହିଁ ଏପରି ଅରଣ୍ୟ ରୋଦନ କଲେ ସରକାରଙ୍କ ଦଳର କି କ୍ଷତି ହେବ । ଆମର ବା କି ଲାଭ ହେବ । ମଇଳା ଓଳାଇ ପରିଷ୍କାର କରିବାପାଇଁ ଅଲଗା ଅଲଗା ହୋଇ ରହିଥିବା ଖଡ଼ିକାଠାରୁ ଖଡିକା ମୁଠାଟା ବେଶୀ କାମ ଦେଏ ।

Digitized by srujanika@gmail.com

ଯଦି ଆମେ ସରକାରଙ୍କୁ ଗଢ଼ିବାକୁ ଚାହୁଁଥାଉଁ କିମ୍ବା ତାଙ୍କର କୁକାର୍ଯ୍ୟ ପଦାରେ ପକାଇବାକୁ ଚାହୁଁଥାଉଁ ତେବେ ଆମକୁ ଏକାଠି ହୋଇ କାମ କରିବାକୁ ହେବ ।

ବର୍ତ୍ତମାନ ନିର୍ବାଚନ ଚାଲିଛି ସେଥିରେ ଯଦି ଆମେ ସେ ଦଳକୁ ଅନ୍ତତଃ ଏଣ୍ଟି ସ୍ଥାନରେ ହରାଇ ତାଙ୍କର କାର୍ଯ୍ୟକୁ ପ୍ରତିରୋଧ କରିବାକୁ ଜଣେ ଟାଣୁଆ ପ୍ରତିନିଧି ବିଧାନସଭାକୁ ପଠାଇପାରିବ, ତେବେ ସେ ଠିକଣା ଜବାବ ପାଇବେ ।

ମୋ କଥା ଶୁଣିବା ପରେ ସେ କିଛିଏ ନରମ ହେଲେ । ମୋ କଥାଟା ବୋଧହୁଏ ତାଙ୍କ ମନକୁ ପାଇଲା । ତାଙ୍କ ଜୀବନରେ ସେ କେବେ ନନାଙ୍କ ସାମନା ସାମନି ହୋଇ ନଥିଲେ । ତାଙ୍କ ପିତାଙ୍କ ଅବସର ପ୍ରାପ୍ତିରେ ନନା କିଛି ଗୁରୁତ୍ୱ ଦେଇ ନଥିଲେ, ବହୁକାଳର କଥା ହୋଇଥିବାରୁ ସେ କଥା ପୂରା ଭୁଲି ଯାଇଥିଲେ । ଏଣୁ ପଣ୍ଡିତେ ତାଙ୍କୁ ଗାଳି ଦେଉଛନ୍ତି ବୋଲି ଥରେ ତାଙ୍କ କାନରେ ପଡ଼ିବାରୁ ସେ ଚକିଥିଲେ ।

'ସେ ମୋତେ କପରି ଗାଳି ଦେଉଛନ୍ତି, 'ତାଙ୍କର ତ ମୁଁ କେବେ କୌଣସି ଉପକାର କରିଥିଲାପରି ମୋର ମନେ ହେଉନାହିଁ' । ଆଜି-କାଲି ଯୁଗରେ ଯାହାର ଉପକାର କରାଯାଏ ସେଇ କେବଳ ସୁବିଧା ପାଇଲେ ଶତ୍ରୁତା କରି ଗାଳିଗୁଲଜ କରେ । ଏହା ଅଙ୍ଗେ ନିଭାଇବା କଥା ।

ସେ ପଣ୍ଡିତଙ୍କ ସଙ୍ଗେ ଆସ୍ତେ ଆସ୍ତେ ଭଲଭାବରେ ମିଳାମିଶା କଲାପରେ ସିନେ ତାଙ୍କୁ ନେଇ ବଡ଼ କୌଶଳରେ ଅନ୍ୟ ଗୋଟିଏ ସଭାରେ ନନାଙ୍କ ନିକଟରେ ପହଞ୍ଚାଇ ଦେଇପାରିଲି । ନନାଙ୍କ ସଙ୍ଗେ କଥାବାର୍ତ୍ତା କରିବା ପରେ ସେ ମୋ ସଙ୍ଗେ ନିର୍ବାଚନ ପ୍ରଚାରରେ ବାହାରି ପଡ଼ିଲେ । ସତ୍ୟବାଦୀ ନିକଟ ବନପୁରଠାରୁ କଣାସ ଅଞ୍ଚଳ ଦିଲୋଚନପୁର ପର୍ଯ୍ୟନ୍ତ ଅନେକ ସ୍ଥାନରେ ତାଙ୍କର ବନ୍ଧୁବର୍ଗ ଓ ଚାହାଁ ଘରଚଷ୍ଣ ଲୋକ ସବୁ ଥିଲେ । ତାଙ୍କ ବନ୍ଧୁଙ୍କ ଘର ପିଲାମାନେ ବି ଆମ ପ୍ରଚାର କାର୍ଯ୍ୟରେ ଯୋରସୋରରେ ଲାଗିପଡ଼ିଲେ ।

Digitized by srujanika@gmail.com

ମୁଁ ତାଙ୍କୁ ଏକ ଦର୍ଶନୀୟ ବସ୍ତୁରୂପେ ବ୍ୟବହାର କରି ସାଙ୍ଗରେ ନେଇ ଗାଆଁକୁ ଗାଁ ବୁଲି ଲୋକମାନଙ୍କୁ କହିଲି ଆପଣମାନେ, ଦେଖୁଛନ୍ତି ଅନ୍ୟଦଳରେ ଅସଂଖ୍ୟ ଭଡ଼ାଟିଆ ଟାଉଟର ପ୍ରଚାର କରି ବୁଲୁଛନ୍ତି । କିନ୍ତୁ ଆପଣମାନେହିଁ ଆମର ପ୍ରକୃତ କର୍ମୀ ଆପଣମାନଙ୍କୁ ପ୍ରଚାର କାର୍ଯ୍ୟ କରିବା ପାଇଁ ଅନୁରୋଧ କରିବାକୁ ମୋ ସଙ୍ଗରେ ଏହି ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବି ଦୁଃଖ କଷ୍ଟ ସହିବୁଲୁଛନ୍ତି । କଂଗ୍ରେସୀ ଦୁର୍ନୀତି ଓ ଅତ୍ୟାଚାରର ସେ ଜଣେ ଭୁକ୍ତଭୋଗୀ । ସେ ରାମାୟଣ ଲେଖିଛନ୍ତି ତେଣୁ ଅତ୍ୟାଚାରୀ ରାକ୍ଷସମାନଙ୍କ ବିରୁଦ୍ଧରେ ପ୍ରଚାର କରିବାକୁ ବାହାରିଛନ୍ତି । ଆପଣ ଏ କଳଙ୍କିତ ସରକାରୀ ଲୋକଙ୍କୁ ଭୋଟ ନ ଦେଇ ଆପଣଙ୍କର ଆଜୀବନ ସେବାକାରୀ ଯୋଗ୍ୟତମ ପ୍ରାର୍ଥୀଙ୍କୁ ଭୋଟ ଦେବାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଆପଣଙ୍କୁ ଅନୁରୋଧ କରିବାକୁ ଆସିଛନ୍ତି ।

ମୁଁ ପଣ୍ଡିତଙ୍କୁ କୌଣସିଠାରେ ବେଶୀ କହିବାକୁ ବା ବକ୍ତୃତା ଦେବାକୁ ସୁବିଧା ଦେଉ ନଥିଲି । କାରଣ କିଏ ଗୋଟିଏ ବେଆଡ଼ୁଆ କରି ପ୍ରଶ୍ନ କରି ତାଙ୍କୁ ଉତାଇ ଦେଲେ ତାଙ୍କ ପାଟିରୁ କି ଅଭାଷା ଭାଷା ବାହାରିପଡ଼ିବ ତାର କିଛି ଠିକ ଠିକଣା ନଥିଲା । ସାଧୁ ଭାବରେ ଓ କାହାର ବ୍ୟକ୍ତିଗତ କୁତ୍ସାରଟନା ନ କରି ନିର୍ମଳ ନିର୍ବାଚନ ପ୍ରଚାର ଚଳାଇବାପାଇଁ ନନା ଆଗରୁ ମୋତେ ସତର୍କ କରାଇ ଦେଇଥିଲେ ।

ଦିନକୁ ଦିନ ଆମର ସ୍ୱେଚ୍ଛାସେବୀ କର୍ମୀଙ୍କ ସଂଖ୍ୟା ସମୁଦ୍ର ଢେଉ ପରି ବଢିବାରେ ଲାଗିଲା, ସମସ୍ତ ନିର୍ବାଚନ ମଣ୍ଡଳୀରେ ଆମ ସପକ୍ଷରେ ଉତ୍ସାହର ଢେଉ ଖେଳିଲା । ସବୁ ଗ୍ରାମରେ ଆମ ସଙ୍ଗଠନ ଅଫିସ ସବୁ ଖୋଲି ଶୃଙ୍ଖଳାରେ ଚାଲିଲା ।

**ପ୍ରଚାର ବିଭ୍ରାଟ—**

ନାନାପ୍ରକାର ଲୋକ ସ୍ୱତଃ ପ୍ରବୃତ୍ତ ହୋଇ ନିଜେ ନିଜେ ପ୍ରଚାର କାର୍ଯ୍ୟରେ ଲାଗିବାରୁ ସେମାନଙ୍କୁ ପୂର୍ବ ପରି ଆୟତ୍ତରେ ରଖିବା ସମସ୍ତ ସମୟରେ ଭାରି କଷ୍ଟକର ହୋଇପଡ଼ୁଥିଲା ।

କୌଣସି କୌଣସି କାର୍ଯ୍ୟରେ ସେପରି କର୍ମୀଙ୍କୁ ସବୁ ବୁଝାଇ ସୁଝାଇ ପଠାଇବା ପରେ ବି କାହାରି କାହାରି ନିଜର ବାହାଦୁରୀ ଯୋଗୁ ବା

Digitized by srujanika@gmail.com

ନବୋଧତା ହେତୁ ଆମକୁ ବୃଥାରେ ହଇରାଣ ହେବାକୁ ପଡ଼ୁଥିଲା ।

ସବୁ ସ୍ଥାନକୁ ନନାଙ୍କୁ ନେବାର ସୁବିଧା ନଥିଲା । ତ୍ରିଲୋଚନ-ପୁର, କଣାସ ପ୍ରଭୃତି ସ୍ଥାନକୁ ଢେଲଙ୍ଗ ବାଟେ ନନାଙ୍କୁ ଶଗଡ଼ରେ ନେବାର କଥା ହେଲା । ସେ ଗ୍ରାମଗୁଡ଼ିକ ଆମ ଗ୍ରାମଠାରୁ ବହୁତ ଦୂର । ସେଠାର ବେଶୀ ଲୋକଙ୍କ ସଙ୍ଗେ ପରିଚୟ ନଥିଲେ ମଧ୍ୟ ମୁଁ ଥରେ ଦୁଇଥର ସାଇକଲରେ ଯାଇ ସେ ସ୍ଥାନ ସବୁ ବୁଲି ଆସିଥିଲି ।

ତ୍ରିଲୋଚନପୁର ଗୋଟିଏ ଲମ୍ବା, ବଡ଼ ବ୍ରାହ୍ମଣ ଶାସନ କରୁ ସେ ଗ୍ରାମରେ ସେତେବେଳେ କାହା ସଙ୍ଗେ କାହାର ପଟି ନଥିଲା । ମୁଁ ସେ ଗ୍ରାମରେ ଗୋଟିଏ ସଭା କରିବାର ଆୟୋଜନ କରି ଆସିଥିଲି । ଗ୍ରାମବାସୀମାନେ ମଧ୍ୟ ନନାଙ୍କ ଆଗମନକୁ ସ୍ୱାଗତ କରି ଚାହିଁ ରହିଥିଲେ ।

ଯେଉଁ କର୍ମୀ ସେଠାକୁ ଯାଇ ଧେଣ୍ଡୁରା ଦେଇ ସଭାର ସମ୍ବାଦ ଜଣାଇବା କଥା, ସେ ଯିବା ପୂର୍ବରୁ ଆମର କଥୋପକଥନରୁ କିଛି ଶୁଣିବାକୁ ପାଇଥିଲେ । ସେ ଗ୍ରାମର ବାହାରେ ରହୁଥିବା କେତେକ ପ୍ରତିପତ୍ତିଶାଳୀ ଲୋକଙ୍କୁ ଅଲଗା ଅଲଗା ଖବର ଦେଇ ସେ ସଭାକୁ ଡକାଇ ନେବାପାଇଁ ଆମେ କଥାବାର୍ତ୍ତା ହେଲାବେଳେ ସେ କର୍ମୀ କେତୋଟି ନାମ ଶୁଣିଥିଲେ ।

ସେ କର୍ମୀ ସେହି ଗ୍ରାମକୁ ଯାଇ ଧେଣ୍ଡୁରା ଦେଲାବେଳେ ନିଜ ବୁଦ୍ଧି ଖର୍ଚ୍ଚ କରି ସେ ଗ୍ରାମର ସେହି ବଡ଼ଲୋକ ମାନଙ୍କ ନାମ କହିଲେ ବେଶୀ ଲୋକେ ସଭାକୁ ଆସିବେ ବିଚାରି 'ପଣ୍ଡିତଜୀ ଆସିବେ ଓ ତାଙ୍କ ସଙ୍ଗେ ସେ ଗ୍ରାମର ଅମୁକ ଅମୁକ ଲୋକ ଆସିବେ ୫ଟା ବେଳେ ସଭା-ହେବ ବୋଲି ପ୍ରଚାର କରି ଧେଣ୍ଡୁରା ବାଡ଼େଇ ଦେଲେ ।

ସଭା ସ୍ଥାନ ଆଗରୁ ଠିକ୍ ହୋଇଥିଲା । ମୁଁ ନନାଙ୍କୁ ନେଇ ସଭାରେ ବସାଇଲି । ଆମର କେତେକ କର୍ମୀ ଓ ଛୋଟ ଛୋଟ ପିଲାଙ୍କ ଛଡ଼ା ସେ ଗ୍ରାମର ଆଉ ଗୋଟିଏ ହେଲେ ଲୋକ ସେ ସଭାକୁ ନଆସିବାର ଦେଖି ଆମେ ଆଶ୍ଚର୍ଯ୍ୟ ହେଲୁ । ମୁଁ ଖବର ନେବାରେ ଅଧିକାଂଶ ଲୋକ ସେମାନଙ୍କ ପିଣ୍ଡାରେ ବସି ଗଁ ଗଁ ହେଉଥିବା କଥା ଶୁଣିଲି ।

Digitized by srujanika@gmail.com

ମୁଁ ଯାଇ ପଚରାଉଚରା କରିବାପରେ ଶେଷରେ କେତେକ ଲୋକ ମୋତେ କହିଲେ ଆଜ୍ଞା ଆମେ ସବୁ ଆଗ୍ରହରେ ପଣ୍ଡିତଙ୍କ ଭାଷଣ ଶୁଣିବାକୁ ବସିଁ ରହିଥିଲୁ, କିନ୍ତୁ ଆପଣ ଯେ ପୋଲିସୁ ବସାଇଲେ ସେଥିରେ ତ ଏ ଗ୍ରାମର 'ଅଣ୍ଡିରାପୁଅ' ଗୁଡ଼ାଙ୍କୁ ପଣ୍ଡିତେ ସାଙ୍ଗରେ ଧରିଆସି ସଭା କରିବେ ବୋଲି ଜଣାଇଦେଲେ, ସେଇମାନେ ଭୋଟରେ ସବୁ କରିପକାଇବେ ଆମେ 'ମାଇକିଆ' ଗୁଡ଼ାକ ଆଉ କାହିଁକି ସେଠାକୁ ଯିବୁ ? 'ହଳଏ କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ' ନୀଳକଣ୍ଠ ବାବୁ ଆସିବେ ପୁଣି ତାଙ୍କ ସଙ୍ଗେ ଏ କଳାହା ଛତରା ବାଉବୁଲା ଗୁଡ଼ାକ ଆସିବେ, ଆମେ ଆଉ ସଭାକୁ ଯିବା କି ନିର୍ବାଚନ ପ୍ରଚାର କରିବା ବା ଭୋଟଦେବା ଆଉ କି ଦରକାର ।"

ମୁଁ ଦ୍ୱାର ଦ୍ୱାର ବୁଲି ସେମାନଙ୍କୁ କ୍ଷମା ପ୍ରାର୍ଥନା ମାଗି ବହୁତ ବୁଝାସୁଝା କରିଲା ପରେ ସେମାନେ ଆସି ସଭାରେ ଯୋଗଦେଲେ । ଆମ ଭାଗ୍ୟକୁ ଆମେ ଖବର ଦେଇଥିବା ସେ ବିଶିଷ୍ଟ ଲୋକମାନେ କେହି ସେଠାକୁ ଆସିନଥିଲେ । ସଭା ସରିଲା ପରେ, ସେଠାର ଲୋକମାନେ ଉତ୍ସାହରେ ନିର୍ବାଚନ ଅଫିସ ପାଇଁ ଘର ଓ କର୍ମୀସବୁ ଯୋଗାଇ ଦେଇ ପୂର୍ଣ୍ଣପ୍ରାଣରେ ପ୍ରଚାରରେ ଲାଗିପଡ଼ିଲେ । ଅନ୍ୟ ଗ୍ରାମ ତୁଳନାରେ ସେ ଅଞ୍ଚଳରୁ ଆମକୁ ବହୁତ ଅଧିକା ଭୋଟ ମିଳିଗଲା ।

**ପଣ୍ଡିତଙ୍କ କଳି—**

ସେଠାରେ ସଭାସାରି ଆମେ ଯାଇ କଣାସ ଡାକ ବଙ୍ଗଳାରେ ଡେରା ପକାଇଲୁ । ଆମ ସଙ୍ଗେ ସେ ଏକସିଧା ପଣ୍ଡିତେ ଥାଆନ୍ତି । ଆମ ଗାଁ ପାଖରୁ ଯାଇଥିବା କେତେକ କର୍ମୀ ବି ଥାଆନ୍ତି । ପଣ୍ଡିତେ ତାଙ୍କ 'ଶାଳଗ୍ରାମ' ଠାକୁର ଥିବା କୋଥଳିଟିକୁ ଧରି ସବୁଆଡ଼େ ଯାଆନ୍ତି ସକାଳୁ ଗାଧୁଆ ପାଧୁଆ ସାରି ଶାଳଗ୍ରାମ ମୂର୍ତ୍ତିକୁ ପୂଜା କରନ୍ତି । ସେ ସେଦିନ କୋଥଳିଟିକୁ ଡାକବଙ୍ଗଳା ଘରର କାନ୍ଥରେ ଥିବା ଖୋଟିଏ କଣ୍ଟାରେ ଝୁଲାଇ ଦେଇଥିଲେ ।

ଆମ ସାଙ୍ଗରେ ଥିବା ଜଣେ ଖଣ୍ଡାୟତ ଯୁବକର୍ମୀ କୌତୁହଳ-ବଶତଃ ସେ ଝୁଲାଟି ଛୁଇଁକରି ତା ଭିତରେ କଅଣ ଅଛି ବୋଲି ଟିକିଏ ହଲାଇ ଦେଲେ । ସେ କଥା ପଣ୍ଡିତଙ୍କ ଆଖିରେ ପଡ଼ିଗଲା । "ଆରେ ଧର୍ମ ଗଲା, ଜାତି ଗଲାରେ ବୋଲି ପାଟିଟାଏ କରି ତାଙ୍କ

Digitized by srujanika@gmail.com

ସ୍ଥାନରୁ ଉଠି ଦୋଉଆଁକେ ସେ ଯୁବକଙ୍କ ନିକଟକୁ ଝପଟିଯାଇ ତାଙ୍କୁ ଅକଥ୍ୟ ଭାଷାରେ ଗାଳିଗୁଲଜ କରି ତାଙ୍କୁ ମାରି ନମାରି ହୋଇ ତାଙ୍କ ଉପରକୁ ଉଡୁଙ୍କି ଉଠିଲେ ।

ଆମେ ସେଠାକୁ ଆସିଥିବା ଶୁଣି ବହୁ ସ୍ଥାନୀୟ ଲୋକ ଆମ ପାଖରେ ଆସି ବସିଥିଲେ । ଆମେ ସମସ୍ତେ ତଟସ୍ଥ ହୋଇଗଲୁ ।

ସେ ଯୁବକ ନିଜର ଦୋଷ କଅଣ କିଛି ବୁଝି ନପାରି ପ୍ରଥମେ ଟିକିଏ ଅପ୍ରତିଭ ହୋଇଗଲେ କିନ୍ତୁ ଘଟଣାଟା ବୁଝିପାରିବା ପରେ ସେ ମଧ୍ୟ ପ୍ରତିଗର୍ଜନ କରି ପଣ୍ଡିତଙ୍କ ମୁହାଁମୁହିଁ ହୋଇଗଲେ ।

କର୍ମୀମାନେ ଜାତି କୁଳ ଅନୁସାରେ ଦୁଇପଟକୁ ସମର୍ଥନ କରି ଯୋଦ୍ଧାଦଳରେ ପରିଣତ ହେବାକୁ ଉଦ୍ୟତ ହେଲେ । ପାଟି ତୁଣ୍ଡରେ ସେ ଘର କମ୍ପି ଉଠିଲା ।

ମହାଭାରତ ଯୁଦ୍ଧର ପ୍ରାରମ୍ଭ ଦେଖି ନନା ଉଠିଯାଇ ପଣ୍ଡିତଙ୍କ ବାହୁକୁ ଧରି କହିଲେ 'ପଣ୍ଡିତେ ଅନ୍ୟର ଜାତି ଗଲେ ସେ ପ୍ରାୟଶ୍ଚିତ ପାଇଁ ସିନା ତୁମ ପାଖକୁ ଆସିବ । ତୁମର ଜାତିଗଲେ ତୁମେ କଅଣ ଆଉ କାହା ପାଖକୁ ଯିବା ଦରକାର ? ତୁମେ ଅଟକ ତାର ବ୍ୟବସ୍ଥା କରି ପାରିବ ।' ହଉ ଆସ ସେ କଥା ବୁଝିବା କହି ତାଙ୍କୁ ନେଇ ପାଖରେ ବସାଇଲେ ଓ ଅନ୍ୟ କଥା କହି ତାଙ୍କ ମନ, ତେଣେ ପ୍ରସ୍ତୁତର କାର୍ଯ୍ୟକ୍ରମ ଆଡ଼କୁ ଟାଣିନେଇ ଅନ୍ୟ କେତେଜଣଙ୍କ ସଙ୍ଗେ ଗୋଟିଏ କାର୍ଯ୍ୟରେ ତାଙ୍କୁ ବାହାରକୁ ପଠାଇଦେଲେ । ବିଶେଷତଃ ପରଦିନ ସେଠାକୁ ଶିକ୍ଷାମନ୍ତ୍ରୀ ଆସିବାର ଥିବାରୁ ତାଙ୍କୁ କଳାପତାକା ଦେଖାଇବାପାଇଁ ଯୋଜନା କରିବାରେ ସେ ଲାଗିଗଲେ । ତାଙ୍କ କ୍ରୋଧ ଶାନ୍ତ ହୋଇଗଲା ।

ଆମେ ଆଉ କେତେଜଣ, କୌଶଳରେ ସେ ଯୁବକଙ୍କୁ ଅନ୍ୟତ୍ର ନେଇଯାଇ ବୁଝାସୁଝା କଲୁ । ସେ ବୁଝିବା ସୁଝିବା ଲୋକ ହୋଇଥିବାରୁ ଆମ କଥାରେ ପଣ୍ଡିତଙ୍କ ମୂର୍ଖାମୀ କଥା ଭାବି ହସି ପକାଇଲେ ।

## ସାମ୍ୟବାଦୀ ପ୍ରାର୍ଥୀଙ୍କ ଆଶୀର୍ବାଦ ଭିକ୍ଷା—

ସେ ଅଞ୍ଚଳରେ କେତେକ ସଭା କରିବାପରେ ନନାଙ୍କୁ ଘେନି ଆମେ ଶଗଡରେ ସତ୍ୟବାଦୀ ଲେଉଟିଲୁ । ଠିକ ଢେଲଙ୍ଗରେ ପହଞ୍ଚିବା

Digitized by srujanika@gmail.com

ପୂର୍ବରୁ ଜଣେ ଭିନ୍ନ ଭିନ୍ନ ରଙ୍ଗର ଟୋପି ଓ ପୋଷାକ ପିନ୍ଧି ସାଇ-
କେଲରେ ଶଗଡ଼କୁ ଟପି ଚଳିବାବେଳେ ଆମ ପାଖଦେଇ ଆଗକୁ ଚାଲି-
ଗଲେ । ସାଇକଲ ଆଗରେ ଓ ପଛରେ ଦୁଇଟି ପତାକା । ଓ କର୍ମୀଙ୍କ
ଟୋପି ପ୍ରଭୃତି ଦେଖି, ସେ କେଉଁ ଦଳର କର୍ମୀ ବୋଲି ନନା ଆମକୁ
ପଚାରିଲେ । ନୂଆ ହୋଇ ଅଲଗା କରି ନିର୍ବାଚନ ଲଢ଼ୁଥିବା
ସୋସିଆଲିଷ୍ଟ କର୍ମୀ ହୋଇପାରନ୍ତି, କାରଣ ସେ ପତାକା କମ୍ୟୁନିଷ୍ଟଙ୍କ
ପତାକାଠାରୁ ଭିନ୍ନ ଦେଖାଯାଉଛି ବୋଲି ମୁଁ କହିଲି ।

କେତେ ସମୟ ପରେ ଗୋରୁଙ୍କୁ ବିଶ୍ରାମ ଦେବାକୁ ଆମେ
ଦେଲଙ୍ଗ ରେଳ ଷ୍ଟେସନ ପାଖପଟେ ଶଗଡ଼ ଠିଆ କଲୁ । ଦେଲଙ୍ଗ-
ପିପିଲି ନିର୍ବାଚନ ମଣ୍ଡଳୀରୁ ବହୁ ପ୍ରାର୍ଥୀ ନିର୍ବାଚନ ଲଢ଼ୁଥିଲେ ।
ଆମ ଦଳ ନାମରେ ଜଣେ ପ୍ରାର୍ଥୀ ସେଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ
ତାଙ୍କର ଜଣେ କର୍ମୀ ନନାଙ୍କ ସଙ୍ଗେ କଥାବାର୍ତ୍ତା କରିବାକୁ ସେଠାରେ
ଅପେକ୍ଷା କରୁଥିଲେ ।

ପୁରୀର ଜଣେ ଡାକ୍ତର ସୋସିଆଲିଷ୍ଟ ଦଳ ତରଫରୁ ସେ ସ୍ଥାନରେ
ନିର୍ବାଚନ ଲଢ଼ୁଥିଲେ । ସେ ଜରରେ କମ୍ପି କମ୍ପି ଗାମୁଛାଟିଏ ପିନ୍ଧି,
ଡାଲଟିଏ ଧରି ପାଇଖାନା କାର୍ଯ୍ୟସାରି ଫେରୁଥିଲେ । ନନାଙ୍କୁ
ଦେଖିବାକ୍ଷଣି ଡାଲଟି ତଳେ ଥୋଇଦେଇ ନନାଙ୍କ ନିକଟକୁ ଆସି ବିନମ୍ର
ଭାବରେ ନମସ୍କାରଟିଏ କଲେ ।

ନନା କହିଲେ "ଏବେ ତ ତୁମର ଜଣେ କର୍ମୀ ସାଇକଲରେ
ଆସୁଥିବାର ଦେଖିଲୁ, ନିର୍ବାଚନ ପ୍ରଚାର ତା'ହେଲେ ଯୋରସୋରରେ
ଚାଲିଛି ।"

ଡାକ୍ତର ଜରରେ କମ୍ପି କମ୍ପି ଉତ୍ତର ଦେଲେ "ଆଜ୍ଞା ମୋର
ଆଉ କର୍ମୀ କାହାନ୍ତି ? ମଙ୍ଗଳପୁରିଆ ବାଉରିଙ୍କ ଉପରେ ତ ନିର୍ଭର
କରି ମୁଁ ଠିଆହୋଇ ପଡ଼ିଥିଲି । ଏବେ ତ ଧାନକଟା ବେଳ । ସେମାନେ
ସମସ୍ତେ ତ ଧାନ କାଟିବାକୁ ଚାଲିଗଲେ । ଆଉ କର୍ମୀ କେଉଁଠୁ
ଆସିବେ । ଯିଏ ସାଇକଲରେ ଆସିବା ତ ଆପଣ ଦେଖିଛନ୍ତି ସେ ମୁଁ,
ଟମାଟେ ଝାଡ଼ା ଦେଖାଉଥିବାରୁ ମୁଁ ଯୋରରେ ସାଇକଲମାରି
ଚାଲି ଆସୁଥିଲି । ଆପଣଙ୍କ ଶଗଡ଼ ପାଖେ ଅଟକି ଆଶୀର୍ବାଦ ମାଗି

Digitized by srujanika@gmail.com

ପାରିଲି ନାହିଁ । "ଏବେ ଆପଣ ମୋତେ ଆଶୀର୍ବାଦ କରନ୍ତୁ ମୁଁ କପରି ନିର୍ବାଚନରେ ଜୟଯୁକ୍ତ ହୁଏ ।"

ନନା ତାଙ୍କ କଥା ଶୁଣି ଉତ୍ତରରେ କହିପକାଇଲେ "ବାପା, ମୁଁ ସେପରି ଆଶୀର୍ବାଦଟାଏ କପରି ଦେଇପାରିବି ? ମୋର ପରି ଏଠାରେ ଜଣେ ପ୍ରାର୍ଥୀ ଅଛନ୍ତି, ମୁଁ କେବଳ ତୁମକୁ ଆଶୀର୍ବାଦ କରୁଛି ଶୀଘ୍ର ତୁମ ବ୍ୟାଧି ଛାଡ଼ି ଯାଇ ତୁମେ ସୁସ୍ଥ ହୁଅ ।"

ଏପରି ଘଟଣାରେ ଅନ୍ୟ ଯେକୌଣସି ନେତା ନୀରବ ହୋଇଯାଇ ଥାଆନ୍ତେ ବା ବଙ୍କେଇ କରି କଥାଟା କହି ସେ ପ୍ରାର୍ଥୀଙ୍କୁ ଖୁସି କରି ଛାଡ଼ି ଥାଆନ୍ତେ, କିନ୍ତୁ ତାଙ୍କର ସିଧା କଥା । ମୁହଁ ଉପରେ ସିଧା ସଳଖ ସତ୍ୟ ଅପ୍ରିୟ ହେଲେ ବି ସେ କହିବାକୁ କୁଣ୍ଠା ବୋଧ କରୁ ନଥିଲେ ।

**ଭିନ୍ନ ଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର—**

ଆମ ନିର୍ବାଚନ ମଣ୍ଡଳୀ ଛଡ଼ା ସୁବିଧା ଦେଖି ନନା ତାଙ୍କ ଦଳର ପ୍ରାର୍ଥୀଙ୍କ ପାଇଁ ଅନ୍ୟ ନିର୍ବାଚନ ମଣ୍ଡଳୀମାନଙ୍କରେ ପ୍ରଚାର ସଭାରେ ଭାଷଣ ଦେବାକୁ ଯାଉଥିଲେ । ବୋଧହୁଏ ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀର ଗୋଟିଏ ସଭାରେ ବିରୋଧୀପକ୍ଷର ଜଣେ ଉଠି ପ୍ରଶ୍ନ କଲେ "ଆପଣ ତ ୧୯୩୭ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କହୁଥିଲେ ଏବେ ଜଣେ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କପରି କହୁଛନ୍ତି ?"

ନନାଙ୍କର କଥା କଥାକେ ଉଦାହରଣ, ସେ କହିଲେ "ନିମୋନିଆ ଜର ହେଲେ ମକରଧ୍ୱଜ ଦିଆଯାଏ, ଟାଇଫଏଡ଼ ହେଲେ କିଅଣ ସେଇ ଔଷଧ ଦିଆଯିବ ! ସେତେବେଳେ ଇଂରେଜ ସରକାର ବିରୁଦ୍ଧରେ କଂଗ୍ରେସ ଲଢୁଥିଲା ତେଣୁ କଂଗ୍ରେସକୁ ଭୋଟଦେବା ଉଚିତ ଥିଲା । ଏବେ ଗଣତନ୍ତ୍ର ଶାସନ ଚାଲିଲା । ଦେଶୀ ସରକାରଙ୍କୁ ଏବାଟରୁ ବାଟକୁ ଆଣିବାକୁ ଗଣତନ୍ତ୍ର ସୁରକ୍ଷା ପାଇଁ ଯେ ଠିଆ ହୋଇଛନ୍ତି ତାଙ୍କୁ ଭୋଟଦେବା ଉଚିତ ।"

ପଶ୍ଚିମବାଗର ଗବକୁଣ୍ଡ ଅଞ୍ଚଳରେ କଂଗ୍ରେସର ଭଲ ସଂଗଠନ ଥାଏ । କଂଗ୍ରେସର ପ୍ରାର୍ଥୀ ବି ଜଣେ ପୁରୁଣା ଦେଶସେବୀ ଓ ସ୍ଥାନୀୟ ଲୋକ ।

Digitized by srujanika@gmail.com

ମୁଁ ନନାଙ୍କୁ ନେଇ ଶଗଡ଼ରେ ଯାଇ ସେ ଅଞ୍ଚଳର ଗୟଖଣ୍ଡି ଗ୍ରାମରେ ପହଞ୍ଚିଲି । ଆମେ ଜଣଙ୍କ ପିଣ୍ଡାରେ ଯାଇ ବସିଲୁ । ନନା ଆସିବା ଶୁଣି ଗୁଡ଼ିଏ ଲୋକ ଆସି ଜୁଟିଲେ । ସେଥିରୁ ଅଳ୍ପକେତେକ ଆମଲୋକ, ଅଉ କେତେକ କାହାକୁ ଭୋଟ ଦେବେ ନ ଦେବେ ସ୍ଥିର କରିନଥିବା ଲୋକ ଓ ଅନ୍ୟ ଗୁଡ଼ିକ କଂଗ୍ରେସ ଲୋକ ।

ନନା ସେଠାରେ କେତେକ ଲୋକଙ୍କ ସଙ୍ଗେ କଥା ବାର୍ତ୍ତା ହେଲେ, ହଠାତ୍ ଜଣେ କଂଗ୍ରେସ ବାଲା ଉଠି କହିଲା "ଆପଣ ଆଜଯାଏ କେଉଁଠି ଥିଲେ ? ଏତେକାଳ ଭିତରେ ଏ ସ୍ଥାନରେ କେତେଥର ଆପଣଙ୍କ ପାଦ ପଡ଼ିଛି ? ଭୋଟ ସରିଲେ ପୁଣି କେତେଥର ପାଦ ପଡ଼ିବ ? ବର୍ତ୍ତମାନ ଭୋଟ ସମସ୍ୟା ପଡ଼ିଛି ବୋଲି ଆପଣ ଧାଇଁ ଧାଇଁ ହୋଇ ଆସି ପହଞ୍ଚିଛନ୍ତି, ଭୋଟ ସରିଲେ ଆଉ ଆପଣଙ୍କୁ ଦେଖିବ କିଏ ? ଆପଣଙ୍କୁ ଭେଟିବାକୁ ହେଲେ ହାତରୁ ପଇସା ଖର୍ଚ୍ଚ-କରି ଭୁବନେଶ୍ୱର କିମ୍ବା କଟକ ଯାଇ ଆପଣଙ୍କୁ ଖୋଜିବାକୁ ପଡ଼ିବ, ଦେଖା ମିଳିବ କି ନାହିଁ ସନ୍ଦେହ ।

ଆପଣ ଜାଣନ୍ତି ଏଠୁ ଆମର ଜଣେ ସ୍ଥାନୀୟ ଲୋକ ଠିଆ ହୋଇଛନ୍ତି । ଆମ ଦୁଃଖ ସୁଖ ବୁଝିବାକୁ ସେ ସବୁବେଳେ ହାଜର ଅଛନ୍ତି । କାଲି ସୁବିଧା ଅସୁବିଧା ପଡ଼ିଲେ ସେ ଆମ କାନ୍ଧ ସଙ୍ଗେ କାନ୍ଧ ମିଳାଇ ଆମ ଦୁଆରେ ଆସି ଠିଆ ହେବେ । ଆମେ ତାଙ୍କୁ ଭୋଟ ନ ଦେଇ ଆପଣଙ୍କୁ କାହିଁକି ଭୋଟ ଦେବୁ ? ଏଠାରେ ବୃଥା ଚେଷ୍ଟା ନକରି ଆପଣ ଶୀଘ୍ର ଏଠାରୁ ଫେରି ଯାଆନ୍ତୁ ।"

ନନା କହିଲେ "ତୁମେ ତାହାକୁ ଭୋଟ ଦେବ କି ନଦେବ ସେ ଅଲଗା କଥା । ଏ ଭୋଟ କାହିଁକି ଦେଉଛ ଓ ଭୋଟ କଅଣ ? ତାର ମର୍ଯ୍ୟାଦା କେତେ ? କାହାକୁ ଦେବା ତୁମର ପ୍ରକୃତ ହିତକର ଓ କେଉଁ ସ୍ତରର ଭୋଟ ପାଇଁ କପରି ପ୍ରତିନିଧି ବାଛିବା ଉଚିତ ସେସବୁ ତୁମେ ବୁଝିଛତ ? ତୁମକୁ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ବିଧାନ-ସଭା ଠାରୁ ଲୋକସଭା ପର୍ଯ୍ୟନ୍ତ ସବୁଥିକି ଭୋଟ ଦେବାକୁ ପଡୁଛି । କାହାର କାର୍ଯ୍ୟ କଅଣ ଓ ସେଥିକୁ କାହାକୁ ବାଛି ଦାୟିତ୍ୱ ଦେବା

Digitized by srujanika@gmail.com

ଦରକାର ସେକଥା ତୁମେ ନିଜ ଘର କଥା ବିଚାରିଲେ ବୁଝି ପାରିବ ।

ମନେକର ଏ ଗାଁରେ ତୁମର ଗୋଟିଏ ସମ୍ପତ୍ତି ଥିବା ଗୃହସ୍ଥର ଘର । ତମର ଗୁଡ଼ିଏ ଜମି ଅଛି । ଘରେ ଗୁଡ଼ିଏ ଗାଈଗୋରୁ ରଖିଛ । ହାଟବଜାର କରୁଛ । ସେସବୁ ପାଇଁ ତୁମକୁ ଭିନ୍ନ ଭିନ୍ନ ବ୍ୟବସ୍ଥା କରିବାକୁ ପଡୁଛି କି ନାହିଁ ? ସମ୍ପତ୍ତି ବୁଝିବାପାଇଁ ତୁମେ ଗୁମାସ୍ତା ରଖିଛ । ଚାଷ ପାଇଁ ହଳିଆ, ମୂଲିଆ ରଖିଛ । ରୋଷେଇପାଇଁ ରୋଷେଇଆ ଅଛି । ଘରର ଅନ୍ୟକାମ କରିବାପାଇଁ ଓ ଗୋଡ଼ ଘଷି ସେବାକରିବା ପାଇଁ ଚାକର ବାକର ଅଛନ୍ତି । ଗାଈଜଗା, ଗୋରୁ ଚୋଡ଼ାଣି ଦେବାପାଇଁ ଅନ୍ୟ ଲୋକ ଅଛନ୍ତି । ଜମିର ମାଲମକଦ୍ଦମା ପ୍ରଭୃତି ବୁଝିବା ପାଇଁ ସହରରେ ଓକିଲ ବି ଠିକ୍ କରିଛ । ଯେ ଯେଉଁ କାର୍ଯ୍ୟପାଇଁ ଯୋଗ୍ୟ ସେଥିପାଇଁ ଭିନ୍ନ ଭିନ୍ନ ଲୋକ ବାଛିକରି ରଖିଛ । କାମ ସୁରୁଖୁରୁରେ ଚାଲୁଛି ।

କିନ୍ତୁ ତୁମେ ଯଦି ଓକିଲ ଗୁମାସ୍ତାଙ୍କଠାରୁ ଗୋଡଘଷା ଓ ଗୋରୁ ଚୋଡାଣି ଦେବା ଆଶାକର, ହଳିଆ ମୂଲିଆଙ୍କୁ ଗୁମାସ୍ତା ଓ କଚେରି କାମରେ ଲଗାଇବ ତେବେ ତୁମ ସମ୍ପତ୍ତିର ଅବସ୍ଥା କଅଣ ହେବ ? ଜମିବାଡ଼ି ମାଲମକଦ୍ଦମା ବୁଝିବା ପାଇଁ ଓକିଲ ବେଶୀ ଉପଯୁକ୍ତ, ନା ତୁମ ପାଖ ଲୋକ ମୂର୍ଖ ହେଲେବି ବେଶୀ ଉପଯୁକ୍ତ ।

ତୁମେ ବର୍ତ୍ତମାନ ଯେଉଁଥିପାଇଁ ଭୋଟ ଦେଇ ପ୍ରତିନିଧି ବାଛୁଚ ସେଥିପାଇଁ କିଏ ବେଶୀ ଉପଯୁକ୍ତ ସେକଥା ବୁଝି ଭୋଟ ଦେବ ନା କିଏ ତୁମ ପାଖ ଲୋକ ସେକଥା ବିଚାରି ଭୋଟଦେବ ?

ବିଧାନ ଓ ଲୋକ ସଭାର ପ୍ରତିନିଧିର କାର୍ଯ୍ୟ ଗ୍ରାମ ପଞ୍ଚାଏତ ପ୍ରତିନିଧିର କାର୍ଯ୍ୟଠାରୁ ଖୁବ ଅଲଗା । ସେ ତୁମର ଓ ପ୍ରଦେଶ ବା ଦେଶର ବୃହତ୍ତର ସ୍ୱାର୍ଥ ଜଗି ଦେଶକୁ ଚଳାଇବାପାଇଁ ଆଇନକାନୁନ ତିଆରିହେବା ସଭାର ପ୍ରତିନିଧି । ସେ କାହିଁକି ତୁମ ଦୁଆରକୁ ଦଉଡ଼ିବ ? ଭାରତର ପ୍ରଧାନମନ୍ତ୍ରୀ ଠାରୁ ପ୍ରଦେଶର ମନ୍ତ୍ରୀମାନେ ଯଦି ତାଙ୍କ ନିର୍ବାଚନ ମଣ୍ଡଳୀର ଗୃହ ବିବାଦ ଓ ଛୋଟ ଛୋଟ କଥା ବା ଦୁଃଖ-

Digitized by srujanika@gmail.com

ସୁଖ ବୁଝିବା ପାଇଁ ଦେଶର ବୃହତ୍ତର କାର୍ଯ୍ୟ ଗୁଡ଼ ଭୋଟର ମାନଙ୍କ ପାଖରେ ଆସି ପଡ଼ନ୍ତି ତେବେ ଏ ଦେଶର ଅବସ୍ଥା କଅଣ ହେବ ? ତେବେ ଏ ଦେଶ ଚାଳିବ କିପରି ? ପଞ୍ଚାୟତ ଓ ପଞ୍ଚାଏତ ସମିତିର ସଦସ୍ୟମାନେ ତେବେ ଆଉ କି କାର୍ଯ୍ୟ କରିବେ ?

ତାପରେ ଏଥିପାଇଁ ତୁମେ ଯଦି କେବଳ ତୁମର କାମକରିବାକୁ ତୁମ ଗାଁ ଲୋକଙ୍କୁ ଯୋଗ୍ୟତା ଥାଉ ନଥାଉ ବାଛିବାକୁ ବସିବ ଯେଉଁ ଦୂର ଦୂରାନ୍ତର ଗ୍ରାମରୁ କେହି ଠିଆହୋଇ ନାହାନ୍ତି ସେମାନେ କାହା-ଉପରେ ନିର୍ଭର କରିବେ ? କାରଣ ପ୍ରତିନିଧି କୌଣସି ବ୍ୟକ୍ତି ବା ଗ୍ରାମର ହୋଇ ରହନ୍ତି ନାହିଁ । ସେ ସମଗ୍ର ନିର୍ବାଚନ ମଣ୍ଡଳୀ ଓ ଦେଶର ସେବା କରନ୍ତି ।

ମୋତେ କଅଣ ତୁମେ ଜାଣନାହିଁ ? ମୁଁ କାହିଁକି ଭୋଟ ପାଇଁ ତୁମ ଦୁଆରକୁ ଆସନ୍ତି । ତୁମ ସ୍ୱାର୍ଥରକ୍ଷା ପାଇଁ ଯେ ଠିଆ ହେଉଛି ସେ ଆପେ ଆପେ ବଛା ହେବା ଉଚିତ । ତୁମେ ଭୋଟର ମର୍ଯ୍ୟାଦା ଏପର୍ଯ୍ୟନ୍ତ ବୁଝି ନପାରି ଏପରି ମୂର୍ଖାମିରେ ଯାଉଛି ହେଉଛ ବୋଲି ତୁମ ଦୁଆରକୁ ଆସି ତୁମକୁ ଚେତାଇ ଦେବାକୁ ପଡ଼ୁଛି ।

ଯେଉଁ କାମ ପାଇଁ ତୁମେ ଭୋଟ ଦେଇ ବାଛିବାର କଥା, ସେ କାର୍ଯ୍ୟ ମୁଁ ଭଲ ଭାବରେ କରି ପାରିବି କି ଅନ୍ୟ ପ୍ରତିଦ୍ୱନ୍ଦୀ କରି ପାରିବେ, କିଏ ସେଥିପାଇଁ ବେଶୀ ଯୋଗ୍ୟ ସେ କଥା ବୁଝିକରି ସିନା ତୁମେ ଭୋଟ ଦେବ । କିଏ ତୁମ ବାଡ଼ିରେ ଭଲ କୋଡ଼ ହାଣିବ, କିଏ ଭଲ ଗୋଡ଼ ଘଷିବ, କଳି କଲାବେଳେ କାହାକୁ କାନ୍ଧ ଦେଇ ଠିଆ ହେବ ଏକଥା ବିଚାରି ଯଦି ଭୋଟ ଦେଉଥାଅ ତେବେ ସେ ସବୁ କାର୍ଯ୍ୟ ପାଇଁ ମୁଁ ପୂରା ଅଯୋଗ୍ୟ । ତୁମର ଓ ଦେଶର ଅସଲ ସ୍ୱାର୍ଥ ନ ଜାଣି ମୁଁ ଆସି ତୁମ ଗୋଡ଼ ଘଷି ପାରିବି ନାହିଁ । ସେପରି କାମ ଯଦି ତୁମେ ମୋଠାରୁ ଆଶା କରୁଥାଅ ତେବେ ତୁମରି ଭୋଟ ମୋର ଲୋଡ଼ା ନାହିଁ ।”

ନନାଙ୍କର ଭୋଟରଙ୍କ ସାମନାରେ ଏପରି ଦୃଢ଼ ମତ ପ୍ରକାଶ ଓ ଅଭିଭାବକ ଭଳି କଥାବାର୍ତ୍ତାରେ ମୋଭଳି ଅନଭିଜ୍ଞ କର୍ମୀ ପ୍ରଥମେ

Digitized by srujanika@gmail.com

ବିଚଳିତ ହୋଇଯିବା ସ୍ୱାଭାବିକ । କିନ୍ତୁ ମୁଁ ପରେ ବୁଝିଲି ସେ ସାମାନ୍ୟ ଗୋଟେ ଭିକାରୀ ନୁହନ୍ତି ! ସେ ଏ ଜାତିର ଜଣେ ମୁରବୀ । ସେ ଲୋକଙ୍କର ହିଁ ଅଭିଭାବକ । ଏ ଦେଶର ଆବାଳ ବୃଦ୍ଧବନିତାଙ୍କର ସେ ଜଣେ ଶୁଭାକାଂକ୍ଷୀ ଗୁରୁଜନ ।

ତାଙ୍କ ଯୁବାବସ୍ଥାରେ ସେ ନିଷ୍ଠାପର ଭାବରେ ଯେଉଁ ସେବା କରିଛନ୍ତି ଯେଉଁ ଶିକ୍ଷା ଓ ସଂସ୍କୃତିର ବାଟ ଫିଟାଇଛନ୍ତି ଓ ଦେଶପାଇଁ ଜୀବନବ୍ୟାପି ଯେ ସ୍ୱାର୍ଥ ତ୍ୟାଗ କରିଛନ୍ତି ତାର ପଟାନ୍ତର ନାହିଁ । ସବୁ ଅପପ୍ରଚାର ଓ ପ୍ରଲୋଭନ ତାଙ୍କ ବ୍ୟକ୍ତିତ୍ୱ ସାମନାରେ ପାଣି ଫାଟି ଯାଉଥିଲା । ତାଙ୍କ ଜୀବନରେ ଜନସେବା ପାଇଁ ସେ ସବୁବେଳେ ବିପୁଳ ସମର୍ଥନ ପାଇ ନିର୍ବାଚିତ ହୋଇ ଆସିଛନ୍ତି ।

**ବିରୁଦ୍ଧ ପ୍ରଚାର**—ଆମ ଦେଶରେ ନିର୍ବାଚନମାନଙ୍କରେ ବହୁ ଅପପ୍ରଚାର ଚାଲେ । ଲୋକଙ୍କୁ ତାହା ସତ କି ମିଛ ବାଛିବାକୁ ସୁବିଧା ସୁଯୋଗ ନଥାଏ ତେଣୁ ଅପପ୍ରଚାର କରୁଥିବା ବ୍ୟକ୍ତି ସମୟ ସମୟରେ ସଫଳ ହୁଅନ୍ତି ।

ସେହି ନିର୍ବାଚନରେ ନନାଙ୍କ ବିରୁଦ୍ଧରେ ବହୁ ଚକ୍ରାନ୍ତ କରାଯାଇଥିଲା ଓ ବହୁ ଅପପ୍ରଚାର ମଧ୍ୟ ହୋଇଥିଲା । ତାଙ୍କର କଥାର ଅର୍ଥକୁ ଅନର୍ଥକରି ପ୍ରଚାର କରିବାକୁ ମଧ୍ୟ ଚେଷ୍ଟା କରାଯାଇଥିଲା ।

ନିର୍ବାଚନବେଳେ ପ୍ରାର୍ଥୀମାନେ ନାନା ପ୍ରତିଶ୍ରୁତି ଦିଅନ୍ତି । ନନା କିନ୍ତୁ କୌଣସି ପ୍ରତିଶ୍ରୁତି ଦେଉନଥିଲେ ମଧ୍ୟ ବେଳେ ବେଳେ ତାଙ୍କ କଥାକୁ ପ୍ରତିଶ୍ରୁତି ଭଳି ଚିତ୍ରକରି ବିରୋଧିଦଳ ଆମ କର୍ମୀମାନଙ୍କୁ ଅସୁବିଧାରେ ପକାଉଥିଲେ ।

ବନପୁର ଗ୍ରାମ ନିକଟରେ ଥିବା ଗୋଟିଏ ଛୋଟ ନଦୀରେ ବନ୍ଧଟିଏ କରାଯାଇ ପାଣି ଅଟକାଇବାର ବ୍ୟବସ୍ଥା ନହେଲେ ସେ ଗ୍ରାମରେ ଫସଲହାନି ହେଉଥିବାର ଅଭିଯୋଗ କରି ସେଠାର ଲୋକେ ନନାଙ୍କ ନିର୍ବାଚନ ସଭାରେ ସେଥିପାଇଁ ବ୍ୟବସ୍ଥା କରାଇବାକୁ ପ୍ରତିଶ୍ରୁତି ଦେବାକୁ ନନାଙ୍କୁ ଅନୁରୋଧ କଲେ । ସେଥିପାଇଁ ସରକାରଙ୍କୁ ଦରଖାସ୍ତ କରିବାକୁ ନନା ପରାମର୍ଶ ଦେଇ, ସେ ନିର୍ବାଚିତ ହେବା

Digitized by srujanika@gmail.com

ପରେ ସେଥିପାଇଁ ଯାହା ଦରକାର ବୁଝିସୁଝି ତାହା କରିବାକୁ ଚେଷ୍ଟା କରିବେ ବୋଲି କହିଲେ ।

ସେ ସଭାସାରି ଫେରିବା ପରେ ଅନ୍ୟ ଦଳର କେତେକ ଖଳ ଲୋକ ସେ ନଈ ତଳ ଆଡ଼କୁ ଥିବା ଆଉ ଗୋଟିଏ ବେଶୀ ଭୋଟର ଥିବା ବଡ଼ ଗାଁରେ ନନାଙ୍କ ବିରୁଦ୍ଧରେ ପ୍ରଚାରକରି କହିଲେ ନଦୀର ଉପର ମୁଣ୍ଡ ଗ୍ରାମରେ ବନ୍ଧ କରାଇବାକୁ ପଣ୍ଡିତଜୀ ପ୍ରତିଶ୍ରୁତି ଦେଇଛନ୍ତି । ସେଠାରେ ବନ୍ଧ ବନ୍ଧା ହେଲେ ତୁମ ଜମିରେ ମରୁଡ଼ି ପଡ଼ିବ ଓ ତୁମର ସର୍ବନାଶ ହେବ । ପଣ୍ଡିତେ ସେ ଗାଁ ଆର ଭୋଟ ପାଇବାକୁ ତୁମ ଗ୍ରାମକୁ ନଷ୍ଟ କରିବାକୁ ବସିଛନ୍ତି ।

ଆମେ ସେ ପ୍ରଚାର ଶୁଣି ନନାଙ୍କୁ ନେଇ ସେଠାରେ ଆଉ ଗୋଟିଏ ସଭା କରିବାକୁ ବାଧ୍ୟ ହେଲୁ । ନନା ପ୍ରକୃତ କଥା ସେମାନଙ୍କୁ ବୁଝାଇଲେ ।

ଧାନକେରା ବ୍ରହ୍ମଗିରି ପାଖ ଧୋଇ ଅଞ୍ଚଳ । ଧାନକଟା ବେଳ । ବଡ଼ ଦୁସାଧ୍ୟ ବାଟ । ମାଇଲ ମାଇଲ ବାଟ କେବଳ ହିଡ଼ ବନ୍ଧ ଉପରେ ଚାଲି ଚାଲି ଯିବାକୁ ହୁଏ । ସେ ଅଞ୍ଚଳରେ ଆଗରୁ ନନା ବହୁ ସେବା କାର୍ଯ୍ୟ କରିଥିଲେ ଓ ସେ ଲୋକେ ତାଙ୍କୁ ଦେବତାପରି ଭକ୍ତି କରୁଥିଲେ ଓ ତାଙ୍କୁ ଏ ବୟସରେ କଷ୍ଟ ଦେଇ ସେଠାକୁ ନ-ନେବାକୁ ଆମକୁ ଅନୁରୋଧ କରିଥିଲେ । ସେଠାରୁ ନନାଙ୍କ ଛଡ଼ା ଆଉ କେହି ଗୋଟିଏ ଭୋଟ ପାଇବେ ନାହିଁ ବୋଲି ଆମେ ନିଶ୍ଚିନ୍ତ ଥିଲୁ ।

ନିର୍ବାଚନ ସମୟରେ ସଡ଼କେ ଘୋଡ଼ା ଛୁଟେ । ସତ ମିଛ ହୁଏ । ହେଲା କଥା ନହେଲାରେ ପରିଣତ ହୁଏ । ମୁହୂର୍ତ୍ତକେ ଅବସ୍ଥା ପୁରା ବଦଳି ଯାଏ, ତେଣୁ ଆମର ସ୍ଥାନୀୟ କର୍ମୀମାନେ ଅବସ୍ଥା ଅନୁଧ୍ୟାନ କରି ମଝିରେ ମଝିରେ ଆମକୁ ଖବର ପଠାଉ ଥାଆନ୍ତି ।

ନିର୍ବାଚନ ବେଳେ ଖବର ରଖିବା ଗୋଟିଏ ଜରୁରୀ କାର୍ଯ୍ୟ । ସେଥିପାଇଁ ସମ୍ବାଦ ସଂଗ୍ରହ କରିବାକୁ ଆମ କର୍ମୀମାନଙ୍କୁ ଅନ୍ଧାର ରାତିରେ ଦୁର୍ଗମ ରାସ୍ତାଦେଇ ଲୁଚି ଲୁଚି ଠାଉଠର ଓ ଖଳ ଲୋକଙ୍କ

Digitized by srujanika@gmail.com

ପଶ୍ଚାତ ଧାବନ କରିବାକୁ ପଡ଼ୁଛି । ପାଳଗଦା ମୂଳେ, ଗୁହାଳ ପାଖେ ବା ଗଛଉପରେ ଲୁଚି ସେମାନଙ୍କ କାର୍ଯ୍ୟ ଲକ୍ଷ କରି ରାତି କଟାଇବାକୁ ପଡ଼ୁଛି । ତାହାଦ୍ୱାରା ପ୍ରକୃତ କଥା ଜଣାଇ ନିରୀହ ଗ୍ରାମବାସୀଙ୍କୁ ପ୍ରଲୋଭନ ଓ ମିଥ୍ୟାପ୍ରବୃତ୍ତିରୁ ନିବର୍ତ୍ତାଇବାକୁ ଚେଷ୍ଟା କରାଯାଉଛି ।

ଧାନକେରା ଅଞ୍ଚଳରୁ ହଠାତ୍ ଖବର ଆସିଲା, ଜଣେ ବିରୋଧୀ ପ୍ରାର୍ଥୀଙ୍କ ମିଥ୍ୟା ପ୍ରବୃତ୍ତି ଫଳରେ ସେ ଅଞ୍ଚଳର ଅବସ୍ଥା ଏକାବେଳକେ ବଦଳି ଯାଇଛି । ଆମକୁ ସେଠାରେ ଗୋଟିଏ ହେଲେ ଭୋଟ ମିଳିବାର ଆଉ ଆଶା ନାହିଁ ।

ନନା ସେଠାକୁ ଯାଇ ନପାରିବାର ସୁବିଧା ନେଇ କୌଶଳ କ୍ରମେ ସେଠାରେ ପ୍ରଚାର କରାଯାଉଛି, "ପଣ୍ଡିତଜୀ ଅତି ଯୋଗ୍ୟ-ବ୍ୟକ୍ତି ହେଲେ ମଧ୍ୟ ସେ ଅତି ବୃଦ୍ଧ ହୋଇ ଗଲେଣି, ତାଙ୍କ ଆଖିକୁ ଦିଶୁନାହିଁ, କାନକୁ ଶୁଭୁନାହିଁ, ସେ ଚଳତ୍‌ଶକ୍ତି ରହିତ ଅକର୍ମଣ୍ୟ ହୋଇ ଗଲେଣି । ବିରୋଧୀ ଦଳର ଅନ୍ୟ ପ୍ରାର୍ଥୀ ତାଙ୍କର ପୂର୍ବତନ ଛାତ୍ର ହୋଇଥିବାରୁ, ତାଙ୍କର ବଡ଼ ପୁଅ ପରି । ସେ ପ୍ରଥମେ ପଣ୍ଡିତଜୀଙ୍କ ପାଖକୁ ଆଶୀର୍ବାଦ ପାଇଁ ଯାଇଥିଲେ ଓ ତାଙ୍କୁ ପ୍ରାର୍ଥୀ କରାଇବାକୁ ପଣ୍ଡିତଜୀଙ୍କର ଇଚ୍ଛା ଥିଲା, କିନ୍ତୁ ତାଙ୍କ ସାନପୁଅ ତାହା କରାଇ ଦେଲା ନାହିଁ ।

ତାଙ୍କର କନିଷ୍ଠ ପୁତ୍ର (ମୁଁ) ଜଣେ ବେକାର ଯୁବକ ତାର ରୋଜଗାରର କୌଣସି ପନ୍ଥା ନାହିଁ । ସେ ପଣ୍ଡିତଜୀଙ୍କ ନାମର ସୁବିଧା ନେଇ ତାଙ୍କୁ ଜୟଯୁକ୍ତ କରାଇଲେ, ସଦସ୍ୟପଦରୁ ସେ ଲାଭ ଉଠାଇବ । ତେଣୁ ଭୋଟର ମାନେ ବିଚାର କରନ୍ତୁ ସେମାନେ ପଣ୍ଡିତଜୀଙ୍କ ସାନପୁଅ ପାଇଁ ଭୋଟ ଦେବେ ନା ତାଙ୍କ ଯୋଗ୍ୟ ଛାତ୍ରକୁ ଭୋଟ ଦେବେ ।" ମୁଁ ସେସବୁ ସ୍ଥାନକୁ ଆଗରୁ ଯାଇଥିବାରୁ ମୋତେ ସେମାନେ ଅନ୍ୟ ପ୍ରାର୍ଥୀଙ୍କ ତୁଳନାରେ ପିଲାଟିଏ ବୋଲି ଜାଣନ୍ତି । ତେଣୁ ସେପରି ପ୍ରଚାରକୁ ବିଶ୍ୱାସ କରିବା ସେଠାର ନିରୀହ ଲୋକଙ୍କ ପକ୍ଷରେ ସ୍ୱାଭାବିକ ।

ଆମର ଆଉ ଉପାୟ କ'ଣ ? ନନା ବୁଲିକରି ଯିବାକୁ ପ୍ରସ୍ତୁତ ଥିଲେ ମଧ୍ୟ ସେଠାକୁ ବୁଲି ବୁଲି ଯିବା ତାଙ୍କ ପକ୍ଷରେ ଅସମ୍ଭବ ।

Digitized by srujanika@gmail.com

ଶେଷରେ ବହୁଭଳିକରି ଆମେ ତାଙ୍କୁ ସଭାସ୍ଥଳେ ବସାଇ ନେଲୁ ।

ସେ ଅଞ୍ଚଳରେ ବୋଦ୍ଧୁଛଡ଼ା ଅନ୍ୟକେହି ସଭାସ୍ଥଳରେ ବସି-ଯିବାର ସେଠାର ପିଲାମାନେ ଦେଖିନଥିଲେ । ତେଣୁ ସଭାସ୍ଥ ଡାକ ଶୁଣିବାକ୍ଷଣି ବାଟଯାକ ଛୋଟ ଛୋଟ ପିଲାମାନେ ବୋଦ୍ଧୁ ଦେଖିବାକୁ ଦଉଡ଼ିକରି ସଭାସ୍ଥ ପାଖକୁ ଆସନ୍ତି, ସଭାସ୍ଥ ଭିତରେ ବସିଥିବା ବ୍ୟକ୍ତିଙ୍କୁ ଦେଖି ବୁଢ଼ାଟେ କହି ନିରାଶରେ ଫେରି ଯାଆନ୍ତି ।

ବାଟରେ ପଡ଼ୁଥିବା ଗାଁମାନଙ୍କର ଲୋକେ ଆସି ପ୍ରଣାମ କରି ପଦଧୂଳି ନେଇ ଚାଲି ଯାଉଥାଆନ୍ତି । ସେ ଧାନକ୍ଷେତରେ ପହଞ୍ଚିବା ପରେ ତାଙ୍କର ଉପସ୍ଥିତି ମାତ୍ର, ପରିସ୍ଥିତିକୁ ପୁଣି ବଦଳାଇ ଦେଲା । ଅନ୍ୟ ପକ୍ଷର ଲୋକେ ଲୁଚିଲେ ।

ଅନ୍ୟ ଦଳମାନଙ୍କର ପାର୍ଟି ଫଣ୍ଡ ଓ ଅନ୍ୟାନ୍ୟ ସୂତ୍ରରୁ କର୍ମୀ-ମାନଙ୍କ ନିକଟକୁ ବହୁତ ଟଙ୍କା ଆସୁଥାଏ । ସେମାନଙ୍କ ଭିତରୁ ଅନେକ ସେ ଟଙ୍କା ସବୁ ବରବାଦ ବା ଆତ୍ମସାତ କରି, ସେ ଟଙ୍କା ଲୋକଙ୍କୁ ଓ ଗାଁ ସବୁକୁ ଦିଆଯାଉଛି, କାମ ଭଲ ଚାଲିଛି ଓ ଭୋଟ ନିଶ୍ଚୟ ମିଳିବ ବୋଲି ଖବର ସବୁ ଉପର ନେତା ମାନଙ୍କ ନିକଟକୁ ପଠାଉଥାଆନ୍ତି । ନେତାମାନେ ବି ସେ ଖବର ପାଇ ନିଶ୍ଚିନ୍ତ ଥାଆନ୍ତି ।

ସତ୍ୟବାଦୀ ନନାଙ୍କର ସ୍ଥାନ ହୋଇଥିବାରୁ ସେଠାରେ କଂଗ୍ରେସ ପ୍ରଚାର କିପରି ଚାଲିଛି ବୋଲି ଦେଖିବାକୁ ଜଣେ ବଡ଼ ନେତା ଆସିବେ ବୋଲି ଗୋଟିଏ ବଡ଼ ସଭା ହେବା ପ୍ରସ୍ତୁତ ହୋଇଥିଲା । ସେ ନେତା ଠିକ ସମୟରେ ଆସି ପହଞ୍ଚିଲ ବେଳକୁ ବହୁ ଅର୍ଥ ସାପେକ୍ଷ ବିରାଟ ସୁସଜ୍ଜିତ ସଭା ମଣ୍ଡପ ନିକଟରେ ଜଣେ ହେଲେ ଶ୍ରୋତା ଉପସ୍ଥିତ ନଥିଲେ । କେବଳ କର୍ମୀମାନେ ଏପଟ ସେପଟ ହେଉଥିଲେ ।

ନେତା ସାମନାରେ ଥିବା ସାକ୍ଷୀଗୋପାଳଙ୍କ ଅରୁଣ ସ୍ତମ୍ଭକୁ ଚାହିଁ ଦେଖିଲେ ତା ମୂଳରେ ନୀଳକଣ୍ଠଙ୍କର ଫଟୋଥିବା ପ୍ରସ୍ତର ଫଳକଟିଏ ପୁଷ୍ପମାଳାରେ ସୁସଜ୍ଜିତ ହୋଇ ରଖାଯାଇଛି । ଯିବା ଆସିବା ଲୋକେ ସେ ଫଟୋ ଆଗରେ ମୁଣ୍ଡିଆ ମାରି ଚାଲି ଯାଉଛନ୍ତି । ହୁରପଟ ଦୋକାନ

Digitized by srujanika@gmail.com

ମାନଙ୍କରେ ଲୋକମାନେ ବସି ଠୁପଠାପ ହେଉଛନ୍ତି ଓ ସଭା ଏବଂ ସେ ନେତାଙ୍କ ଆଡ଼କୁ ଘୃଣ୍ଣ ମୁହଁକୁ ଦୃଷ୍ଟି ଦେଉଛନ୍ତି ।

ସେଥିରେ ସେ ନେତାଙ୍କର ବିରକ୍ତ ଭାବ ଲକ୍ଷକରି ସଭାର ଉଦ୍ୟୋକ୍ତାମାନଙ୍କ ଭିତରୁ ଜଣେ ଯୁବକ କହିଲେ "ଏଠାରେ ଏପରି ସଭାକୁ ବେଶୀଲୋକ ଆସନ୍ତି ନାହିଁ । ଏଠାର ଲୋକମାନେ ଶିକ୍ଷିତ ତେଣୁ ଭୋଟ ବକ୍ତୃତା ଶୁଣିବା ଦରକାର ମନେକରନ୍ତି ନାହିଁ । ସଭାକୁ ନଆସିଲେ ମଧ୍ୟ କଂଗ୍ରେସକୁ ଭୋଟ ଦେବା ସୁନିଶ୍ଚିତ ।"

ସେ ନେତା କହିଲେ "ଗାଁ ଚମେଳ ଧୋବା କୁଠରୁ ଜଣା-ପଡୁଛି । ମୁଁ କେଉଁଣ ସତ୍ୟବାଦୀଙ୍କର କପଟ ସଭା ହୁଏ ଦେଖିନାହିଁ ତୁମେ ପିଲାଲୋକ, ମୋତେ ଭୁଲାଇବାକୁ ବସିଛ ? ଭୋଟ ନେଲାବାଲା ତ ଆଗରେ ଜଳ ଜଳ ଦିଶୁଛନ୍ତି, ତୁମେ ଖାଲି ଆମକୁ ଠକଠାକ ଟଙ୍କା ଗୁଡାକ ଆଣି ବରବାଦ କରି ଅର୍ଥଶ୍ରାଦ୍ଧ କରିବାରେ ଲାଗିଛ ।"

## ଭୋଟ ଠାକୁରାଣୀ—

ଅନ୍ୟ ଦଳମାନଙ୍କର ଭୋଟର ଓ ଗାଁ ମାନଙ୍କୁ ପଇସା ଦିଆନିଆ ଖବର ଅମେ ଶୁଣୁଥିଲୁ ଆମ କର୍ମୀମାନେ ବି ଠିକ ଭୋଟ ପୂର୍ବରୁ ଅନ୍ୟ ଦଳ ଲୋକେ ଟଙ୍କା ନେଇ ବାଣ୍ଟିବାକୁ ଯିବାବେଳେ ସେମାନଙ୍କୁ ଧରୁଥିଲେ । ଆମର କର୍ମୀମାନେ ବି ନିଜ ଘରୁ ଖାଇ ପୂର୍ଣ୍ଣପ୍ରାଣରେ କାମ କରୁଥିଲେ ତେଣୁ ଆମ ଆଡୁ ଟଙ୍କା ପଇସା କାରବାରର କୌଣସି ପ୍ରଶ୍ନ ନଥିଲା ।

ସମସ୍ତିପୁର କେନ୍ଦ୍ରରେ ଗୋଟିଏ ବଡ଼ ଗ୍ରାମରୁ ଭୋଟ ଦେବାକୁ ଆସୁଥିବା ବହୁତ ଗୁଡ଼ିଏ ଲୋକଙ୍କୁ ସେ ଗ୍ରାମର ଜଣେ ଚତୁର ଅଫିମା ଲୋକ ବଳମନ୍ଦ ସ୍କୁଲରେ ବସାଇଦେଇ ଆମ ନିକଟକୁ ଆସି କହିଲା, ଆଜ୍ଞା ଆମ ଗ୍ରାମର ଲୋକମାନଙ୍କୁ ଡାକ ଡ଼କ କରି ମୁଁ ଆପଣଙ୍କୁ ଭୋଟ ଦେବାପାଇଁ ଅଣୁଥିଲି କିନ୍ତୁ ଆରଦଳର ଲୋକ ସେମାନଙ୍କୁ ଆମ ଗ୍ରାମର ମନ୍ଦିର ପାଇଁ ବହୁ ଟଙ୍କା ଦେବାକୁ କହି ବାଟରେ ଅଟକାଇ ଦେଇଅଛନ୍ତି । ଆପଣ ଆମ ଗ୍ରାମର ଭାଗବତ ଘର ପାଇଁ ଅଳ୍ପ କିଛି ଟଙ୍କା ଦେଇଦେଲେ ସବୁ ଠିକ ହୋଇଯିବ । ସେମାନେ ସେମନ୍ତେ ଆସି ଆପଣଙ୍କୁ ଭୋଟ ଦେଇଯିବେ ।

Digitized by srujanika@gmail.com

ନନା ମାଡିରୁ ଓହରିବା ଲୋକ ନୁହନ୍ତି । ସେ ବିରକ୍ତ ହୋଇ କହିଲେ ଯାଅ ସେମାନଙ୍କୁ କହିଦେବ ଯେପରି ଲୋକଙ୍କ ଭୋଟରେ ଦେଶର କୌଣସି ମଙ୍ଗଳ ହେବନାହିଁ । ମୁଁ ଏପରି ଭୋଟ ଚାହେଁ ନାହିଁ ।

ସେ ଲୋକ ଅଗରୁ ନନାଙ୍କ ପାଖକୁ ବହୁଥର ଆସି ଭଲେଇ ହୋଇ କଥାବାର୍ତ୍ତା କରୁଥିଲା । ସେ ଗ୍ରାମର ଲୋକେ ତାକୁ ଆମ ଲୋକ ବୋଲି ଜାଣୁଥିଲେ । କିନ୍ତୁ ସେ ଗୋଟିଏ ଅଫିମ ଟାଉଟର ଲୋକ ଓ ସେ ଗ୍ରାମର ଲୋକେ ତାଙ୍କୁ ବିଶ୍ୱାସ କରନ୍ତି ନାହିଁ ବୋଲି ମୁଁ ବୁଝିଥିଲି । ତେଣୁ ସେ ଲୋକ କଥାରେ ମୋର ବଡ଼ ସନ୍ଦେହ ହେଲା ।

ମୁଁ ସେ ଲୋକକୁ ଏକୁଟିଆ କରି ଡାକିନେଇ କଥାବାର୍ତ୍ତା ଛଳରେ ଜଣେ କର୍ମୀଙ୍କ ଘରେ ଛାଡ଼ିଦେଇ, ମୁଁ ଟିକିଏ ଆସୁଛି ତୁମେ ଏଠାରେ ଥାଅ ବୋଲି କହି ସେ ଲୋକକୁ ଘରଭିତରେ ରଖିଦେଇ ବାହାରେ ଜଗିରଖିବା ପାଇଁ ଆମ କର୍ମୀଙ୍କୁ ନିର୍ଦ୍ଦେଶ ଦେଇ ସେଠାରୁ ଚାଲିଆସିଲି ।

ବାଟରେ ଅଟକିଥିବା ଲୋକଙ୍କୁ ଯାଇ ଭେଟିବାରେ ସେମାନେ କହିଲେ "ଆଜ୍ଞା ଭୋଟ ସମସ୍ତ ତିଆରି ଅଛୁ ଏଠାରେ ବସିଥାଅ ମୁଁ ସମସ୍ତ ବୁଝିକରି ଆସୁଛି ବୋଲି କହି ସେ ଲୋକ ଆପଣଙ୍କ ପାଖକୁ ଯାଇଥିଲେ ଆମେ ତାଙ୍କୁ ଅପେକ୍ଷା କରି ବସିଛୁ" । ମୁଁ ସେ ଟାଉଟରର କାରସାଦି ବୁଝି ପାରିଲି । ଭୋଟରମାନଙ୍କୁ ସଙ୍ଗରେ ଆଣି ଭୋଟ ଦିଆଇ ସାରିଲା ପରେ ସେ ଲୋକକୁ ମୁକ୍ତ କଲି ।

## ଭୋଟ ଫଳାଫଳ—

ଭୋଟ ସରିଲା ୧୯୫୭ ଜାନୁଆରୀ ଦଶ ତାରିଖରେ ନିର୍ବାଚନ ଫଳାଫଳ ଘୋଷିତ ହେଲା । ନନା ଅଧିକ ଭୋଟରେ ନିର୍ବାଚିତ ହେଲେ । ଗୋଦାବରୀଶ ବାବୁ ଓ ବ୍ରହ୍ମପୁରରୁ ରାମବାବୁ ଓ ଦଣ୍ଡପାଣି ମଧ୍ୟ ନିର୍ବାଚିତ ହୋଇ ଆସିଥିଲେ ।

ଆମ ପିପିଲି ପ୍ରାର୍ଥୀ ବି ଜିତି ଥାଆନ୍ତେ କିନ୍ତୁ ସେ ଅପରପକ୍ଷର ଅପପ୍ରଚାରକୁ ଖଣ୍ଡନ କରିପାରି ନଥିଲେ । ସେ ନନାଙ୍କ ନାମରେ,

Digitized by srujanika@gmail.com

ନନାଙ୍କ ଛବି ଦେଇ 'ଭୋଟରଙ୍କୁ ଅନୁରୋଧ' ବୋଲି ଖଣ୍ଡିଏ ପ୍ରଚାର ପତ୍ର ଛାପିଥିଲେ । ତା ଉପରେ, ଧାନକେରା ପ୍ରଚାରଠାରୁ ଆହୁରି ଗୁରୁତର ପ୍ରଚାର ଅନ୍ୟପକ୍ଷରୁ ଚାଲିଥିଲା । ଆମ ପ୍ରାର୍ଥୀ ଜଣେ ମିଥ୍ୟାବାଦୀ ସେ ପ୍ରଧାନହୋଇ ନିଜକୁ ପଟ୍ଟନାୟକ ବୋଲି ପରିଚୟ ଦେଉଛନ୍ତି ଓ ପଣ୍ଡିତ ନୀଳକଣ୍ଠ ଗୋପବନ୍ଧୁଙ୍କ ସମ୍ପର୍କ ଲୋକ ସେ କେଉଁକାଳୁ ଆର ପୁରକୁ ଚାଲିଗଲେଣି ଏବେ ସେ ପ୍ରାର୍ଥୀଙ୍କୁ ସମର୍ଥନ କରାଉଛନ୍ତି ବୋଲି ପ୍ରାର୍ଥୀ ମିଛ ଲେଖିଛନ୍ତି ବୋଲି ପ୍ରଚାର ଚାଲିଥିଲା ।

ସେ ପ୍ରାର୍ଥୀ ଆସି ତାଙ୍କ ନିର୍ବାଚନ ମଣ୍ଡଳୀରେ ନନାଙ୍କୁ ବୁଲାଇବା ପାଇଁ ଛାଡ଼ିଦେବାକୁ ଆମକୁ ଅନୁରୋଧ କରିଥିଲେ । କିନ୍ତୁ ଏକା ଦିନରେ ଆମ ଦୁଇସ୍ଥାନର ଭୋଟ ଦେବା ଧାର୍ଯ୍ୟ ହୋଇଥିଲା । ଆଉ ବେଳ ନଥିଲା । ଆମ ନିର୍ବାଚନ ମଣ୍ଡଳୀରେ ନନାଙ୍କ ଉପସ୍ଥିତି ନିତାନ୍ତ ପ୍ରୟୋଜନ ଥିଲା । ତେଣୁ ସେ ପ୍ରାର୍ଥୀଙ୍କୁ ଆମେ ନିରାଶରେ ଫେରାଇ ଦେଇଥିଲୁ । ସେ ଶେଷ ମୁହୂର୍ତ୍ତିଆ ଅପପ୍ରଚାରର ଶୀକାର ହୋଇ ହାରିଯାଇଥିଲେ । ଏହାପରେ ନନା ଓ ଗୋଦାବରୀଶ ବାବୁ ଦୁଇଜଣଯାକ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ବ୍ୟସ୍ତ ରହିବାରୁ ଅନ୍ୟ ପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିପାରି ନଥିବାରୁ ସେମାନଙ୍କ ଭିତରୁ ଅନ୍ୟମାନେ ବି ହାରି ଯାଇଥିଲେ ।

Digitized by srujanika@gmail.com

# ନନାଙ୍କ ଯୁବ ଦୃଷ୍ଟିକୋଣ

(ପନ୍ଦର)

## ମୋର ଆମେରିକା ଯାତ୍ରା—

ନିର୍ବାଚନ ସରିବା ପରେ ମୋ ଆମେରିକା ଯିବା କଥା ପୁଣି ଉଠିଲା । ଓଡ଼ିଶାରୁ ବାଟଖର୍ଚ୍ଚ ଯୋଗାଡ଼ ଆଶା ଛାଡ଼ି, ନନା କଲିକତା ଯାଉଥିବା ବେଳେ ସେଠାରେ ଯୋଗାଡ଼ କରିବା ପାଇଁ ମୁଁ ତାଙ୍କ ସଙ୍ଗେ ବାହାରି ପଡ଼ିଲି ।

ନନା ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢିଲାବେଳେ ବଙ୍ଗଳାର ନଗେନ୍ଦ୍ର ନାଥ ରକ୍ଷିତ ନାମକ ଜଣେ ବିପ୍ଳବୀ ଯୁବକ ପୁରୀ ପଳାଇ ଆସି ନନାଙ୍କ ପାଖରେ ରହି ପାଠ ପଢୁଥିଲେ । ନନାଙ୍କ ପାଇଁ ଗାରୁ ଆସୁଥିବା ଖୋରାକରେ ଦୁହେଁ ଚଳୁଥିଲେ । ପରେ ସେ ଜଣେ ବ୍ୟବସାୟୀଙ୍କ ସଙ୍ଗେ ସାଥୀ ହୋଇ ବ୍ୟବସାୟ କରି ଦୁହେଁ ଯାକ ବଡ଼ ଶିଳ୍ପପତି ହୋଇ ପାରିଥିଲେ ।

ନନା ରାଜନୀତିରେ ପଶିବା ପରେ ସେ ଦୁହେଁ ନନାଙ୍କ କାର୍ଯ୍ୟରେ ସାହାଯ୍ୟ କରି ଓଡ଼ିଶାର ବଢ଼ି ମରୁଡ଼ି ଓ କଂଗ୍ରେସ କାର୍ଯ୍ୟରେ ସ୍ୱତଃ ପ୍ରବୃତ୍ତ ହୋଇ ଓଡ଼ିଶାକୁ ଦରକାର ବେଳେ ସାହାଯ୍ୟ ପଠାଉଥିଲେ । ନଗେନବାବୁଙ୍କ ସାଥୀ ଶିଳ୍ପପତି ନନାଙ୍କୁ ଦେବତା ପରି ମନେକରୁଥିଲେ । ନନା ନିଜପାଇଁ ତାଙ୍କୁ କେବେ କୌଣସି ସାହାଯ୍ୟ ମାଗୁନଥିଲେ । ମୁଁ ଆଗରୁ ତାଙ୍କୁ ଚିହ୍ନିଥିଲି । ନନା ତାଙ୍କର ଆତିଥ୍ୟ ଗ୍ରହଣ କଲେ । ମୁଁ ନନାଙ୍କ ସଙ୍ଗରେ ସେ ଶିଳ୍ପପତିଙ୍କ କଲିକତା ବାସଭବନରେ ଥିବାବେଳେ ମୁଁ ନନାଙ୍କ ନାମ ବ୍ୟବହାର କରି ତାଙ୍କୁ ମୋର ବାଟଖର୍ଚ୍ଚ ପାଇଁ କରଜ ମାଗିଲି ଓ ଆମେରିକାରେ

Digitized by srujanika@gmail.com

ମର୍ଦ୍ଦିଶିଲେ ମୋ ଭଗ୍ନ ଟଙ୍କାରୁ ତାଙ୍କ ଋଣ ପରିଶୋଧ କରିଦେବ ବୋଲି ପ୍ରତିଶ୍ରୁତି ଦେଲି ।

ସେ ମୋ କଥା ଶୁଣି ମୋତେ କହିଲେ ଏତେଥିପାଇଁ ପଣ୍ଡିତଜୀଙ୍କ ସଙ୍ଗେ ତୁମେ ଆସିଛ । ତୁମେ ଏକୁଟିଆ ଆସିଥିଲେ କଥାଟା ହୋଇ ନଥାନ୍ତା, ଯାହାହେଉ ପଣ୍ଡିତଜୀଙ୍କୁ ବହୁକାଳ ହେଲା ଦର୍ଶନ କରି ନଥିଲି, ତାଙ୍କର ଦର୍ଶନ ପାଇବା ମୋ ପ୍ରତି ସୌଭାଗ୍ୟର ବିଷୟ ।

ମୁଁ ତାଙ୍କୁ ଓ ତାଙ୍କ କର୍ମକ୍ଷେତ୍ରକୁ ଛାଡ଼ି ଯାଜ୍ଦବନ ପାଇଁ ବିଦେଶକୁ ଚାଲିଯିବା କଥା ନନାଙ୍କୁ ହୁଏତ ଭଲ ଲାଗୁ ନଥିଲା । ସେ ପ୍ରକାଶ୍ୟରେ କିଛି ନକହିଲେ ମଧ୍ୟ ମନେ ମନେ କ୍ଷୁଣ୍ଣ ହେଉଥିଲେ । ନନା ବାହାନା ଦେଖାଇ ମୋର ଯିବା ସମୟ ଘୁଞ୍ଚାଇବା ପାଇଁ ମନେ ମନେ ଇଚ୍ଛା କରୁଥିଲେ । ମୋର ଯିବାରେ ବହୁତ ଡେରି ହୋଇ ଯାଉଥିଲା ତେଣୁ ଆଉ ବେଶୀ ଡେରି କରିବା ମୋ ପକ୍ଷରେ ସମ୍ଭବ ନଥିଲା ।

ସେ ଶିଳ୍ପପତିଙ୍କୁ ମୁଁ ମୋର ବାଟଖର୍ଚ୍ଚ ପାଇଁ ତିନ ହଜାର ଟଙ୍କା ଋଣ ମାଗିଥିଲି, ସେ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ସେ ଟଙ୍କା ମୋ ହାତକୁ ଆସି ନଥିଲା । ପୋଷାକପତ୍ର ପାଇଁ ମୋର କଟକ କଲେଜର ଆ ବାବପତ ବକ ସେକେଣ୍ଡହାଣ୍ଡ ପୁରୁଣା ଗରମ ପୋଷାକ ମୋତେ ଯୋଗାଡ଼ କରିବାକୁ ପଡ଼ିଥିଲା । ପାସପୋର୍ଟ ଭିସା ପ୍ରଭୃତି ପାଇଁ ମୋତେ କଲିକତା ଦଉଡ଼ା ଦଉଡ଼ି କରି ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା ।

ଏସବୁ ଚିନ୍ତାରେ ବ୍ୟସ୍ତ ରହି ନନାଙ୍କ ନିର୍ବାଚନ ହିସାବ ପତ୍ର ମୁଁ ନିଜେ ଠିକଠାକ୍ କରି ନପାରି ଅନ୍ୟ ହାତ ଯାଞ୍ଚ କରାଇବାର ବ୍ୟବସ୍ଥା କରାଇଥିଲି, ନିର୍ବାଚନ ହିସାବ ଦାଖଲ ତାରିଖ ପୂର୍ବରୁ ମଧ୍ୟ ମୋର ଭାରତ ଛାଡ଼ିବାର ଥିଲା ।

ମୁଁ କଟକରୁ ବିଦାୟ ନେଇ ଆମେରିକା ଉଦ୍ଦେଶ୍ୟରେ କଲିକତା ଯାତ୍ରା କରିବା ଦିନ ନନା ଅଭିମାନ ଚାପି ନ ପାରି ତାଙ୍କ ନିର୍ବାଚନ ହିସାବ ଠିକ ନକରି ଚାଲି ଯାଉଥିବାରୁ ଭୁଲ ଭଟକା ବାହାରି

Digitized by srujanika@gmail.com

ସେ ସଦସ୍ୟ ପଦରୁ କାଢ଼ି ଯାଇପାରନ୍ତି ଓ ସେଥିପାଇଁ ମୋ ଭଳି ବାଗ୍ମିତ୍ୱ ସ୍ୱନତା ବାଗ୍ମୀ ବୋଲି ମୋ ଉପରେ ଅନ୍ୟମାନଙ୍କ ଆଗରେ ବହୁତ ପାଟି ତୁଣ୍ଡ କଲେ ଓ ମୁଁ ଗଲାବେଳେ ମଧ୍ୟ ମୋତେ ଭଲ ଭାବରେ କଥା କହି ନଥିଲେ ।

ମୁଁ କଲିକତାରେ ରକ୍ତ ସଂଗ୍ରହ ପାଇଁ ବସି ରହିଲି । ଶିଳ୍ପପତି ମୋତେ ଦେଖିଲେ ମଧ୍ୟ ସେ ବିଷୟ ଆଉ ଉଠାଉ ନଥିଲେ । ବମ୍ବେରୁ ଜାହାଜ ଛାଡ଼ିବାର ଏକ ଦୁଇଦିନ ପୂର୍ବରୁ ମୁଁ ସାହସ କରି ତାଙ୍କୁ ମୋ ଅସୁବିଧା ଜଣାଇବାରୁ ସେ ଆଶ୍ଚର୍ଯ୍ୟ ହୋଇ କହିଲେ 'ମୋ ପୁଅ କଅଣ ଏପର୍ଯ୍ୟନ୍ତ ତୁମକୁ ଟଙ୍କା ଦେଇନାହିଁ, ଏପର୍ଯ୍ୟନ୍ତ ତୁମର ଟିକଟ ହୋଇନାହିଁ ? ତାପରେ ସେ ତାଙ୍କ ପୁଅକୁ ଡାକି ଶୀଘ୍ର ସେ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଲେ ।

ମୋ ଜାହାଜ କମ୍ପାନୀର ଦିଲ୍ଲୀ ଅଫିସକୁ ଫୋନ୍ ହେଲା । କଲିକତାରେ ସେ କମ୍ପାନୀର ଗୋଟିଏ ସହଯୋଗୀ ଅଫିସରେ ଟଙ୍କା ଜମା କରି ସାରେ ଦିଲ୍ଲୀକୁ ଫୋନ୍ କରାଇବାକୁ ପଡ଼ିଲା । ସେ କମ୍ପାନୀଙ୍କ ନିର୍ଦ୍ଦେଶରେ ଉଡ଼ାଜାହାଜରେ କଲିକତାରୁ ବମ୍ବେ ଯାତ୍ରା କରି ବମ୍ବେ ଉଡ଼ାଜାହାଜ ବନ୍ଦରରେ ତାଙ୍କ ଲୋକଠାରୁ ଟିକଟ ସଂଗ୍ରହ କଲି । ରାତିରେ ବମ୍ବେରେ ପହଞ୍ଚି ତା ପରଦିନ ସକାଳୁ ଜାହାଜ ଧରି ମୁଁ ଯାତ୍ରା ଆରମ୍ଭ କଲି ।

କଲିକତାରୁ କଟକ ଆସି ନନାଙ୍କୁ ନିର୍ବାଚନ ହିସାବ ବୁଝାଇବି ବୋଲି ମୁଁ ଭାବିଥିଲି କିନ୍ତୁ ପୂର୍ବୋକ୍ତ କାରଣରୁ ମୋତେ ବେଳ ହୋଇ ନଥିଲା, ତାପରେ ତାଙ୍କର ମୋ ଉପରେ ରାଗିବାର ପ୍ରକୃତ କାରଣ ମଧ୍ୟ ମୁଁ ଜାଣିଥିଲି ତେଣୁ ମୁଁ ଟିକିଏ ମନମାରି ଆମେରିକା ଗଲି ।

## ଯୁବ ଶକ୍ତିର ଆଶା—

ଯୁବ ଶକ୍ତି ହିଁ ଦେଶର ଆଶା ଭରସା । ଯେକୌଣସି ଜାତିର ଯୁବକମାନେ ଯେପରି ଗଢ଼ା ହେବେ, ସେ ଦେଶର ଭବିଷ୍ୟତ ସେହିପରି ରୂପ ନେବ । ସତ୍ୟବାଦୀ ମଣିଷ ଗଢ଼ା ଅନୁଷ୍ଠାନର 'ନନା' ଥିଲେ କୁଳପତି, ଯୁବଶକ୍ତିର ସର୍ବାଙ୍ଗୀନ ଉନ୍ନତି ପାଇଁ,

Digitized by srujan ka@gmail.com

ପାଠ୍ୟ ଚରିତ୍ରବାନ ଓ ସାହସୀ ଯୁବକ ଗଢ଼ିବା ତାଙ୍କର ପ୍ରଧାନ କାର୍ଯ୍ୟ ଥିଲା ।

ସତ୍ୟବାଦୀର ଜଣେ ପୁରାତନ ଛାତ୍ର ଶ୍ରୀ ମର୍ଦ୍ଦରାଜ ରାଏଙ୍କ ଠାରୁ ମୁଁ ଶୁଣିଛି—

ସ୍କୁଲ ଛୁଟି ପରେ ସବୁଦିନ ଦୁଇ ଚାରିଜଣ ଛାତ୍ରଙ୍କୁ ସାଙ୍ଗରେ ଧରି ସେମାନଙ୍କ ସଙ୍ଗେ ଆଳାପ ଆଲୋଚନା କରି କରି ନନା କିଛି ବାଟ ବୁଲିବାକୁ ଯାଆନ୍ତି ।

ଥରେ ଶ୍ରୀ ମର୍ଦ୍ଦରାଜ ରାଏ ପ୍ରଭୃତି ଚାରି ପାଞ୍ଚଜଣ ଛାତ୍ରଙ୍କୁ ଧରି ସେ ବୁଲି ଯାଉଥିଲେ, ବୁଲି ବୁଲି ଗଲାବେଳେ, ସେ ରାସ୍ତା ଉପରେ ନ ବୁଲି ରାସ୍ତା କଡ଼ରେ ବୁଲିକରି ଯିବା ଅଭ୍ୟାସ । ପିଲାମାନେ ବାଧ୍ୟ ହୋଇ ସେହି ବାଟରେ ତାଙ୍କ ପଛେ ପଛେ ବୁଲୁଥାନ୍ତି । ରାସ୍ତା କଡ଼ରେ ବହୁତ ଖାଲ ଢିପ ଥାଏ । ତେଣୁ ସେମାନଙ୍କୁ ସାବଧାନରେ ବୁଲିକରି ଯିବାକୁ ପଡ଼େ । ସେଥିରେ ପୁଣି ସେ ପିଲାମାନଙ୍କୁ ନାନା କଥା ପଚାରୁଥାଆନ୍ତି, ପିଲାମାନେ ତାଙ୍କୁ ଉତ୍ତର ଦେବା ଭିତରେ ରାସ୍ତା ପ୍ରତି ଦୃଷ୍ଟି ଦେଇ ନପାରି ବେଳେ ବେଳେ ଝୁଣ୍ଟନ୍ତି ।

ସେଦିନ ଏପରି ବୁଲିଲା ବେଳେ ସେମାନଙ୍କ ଭିତରୁ ଜଣେ ଛାତ୍ର ଶ୍ରୀ ହରିହର ମହାପାତ୍ର (ନୂଆ ସତ୍ୟବାଦୀ ସ୍କୁଲର ପୁରାତନ ପ୍ରଧାନ ଶିକ୍ଷକ) ତାଙ୍କୁ ପଚାରିଲେ "ସାର୍, ଏତେବଡ଼ ରାସ୍ତା ପଡ଼ି ଥାଉ ଥାଉ ଆମେ ଏ ରାସ୍ତା କଡ଼ରେ ଯିବା କଅଣ ଦରକାର ? "ତାର ଉତ୍ତରରେ ନନା କହିଲେ "ତାର କାରଣ ଅଛି । ଜୀବନରେ ଗତି କରିବାକୁ ତୁମେ ସବୁବେଳେ ସିଧା ସଳଖ ସୁନ୍ଦର ରାସ୍ତା ପାଇବ ନାହିଁ । ତୁମକୁ ଦୁନିଆର ବହୁ ଦୁଃଖ କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ତେଣୁ ନିଜକୁ ସେଥିପାଇଁ ପ୍ରସ୍ତୁତ କରିବା ଉଚିତ । ତା ହେଲେ ସେପରି ଅବସ୍ଥାକୁ ତୁମେ ହସି ହସି ମୁକାବିଲା କରି ପାରିବ । ଗତାନୁଗତିକ ପନ୍ଥାରେ ଆଖି ମୁଦି ନବୁଲି ଭବିଷ୍ୟତକୁ ଆଖି ଆଗରେ ରଖି ଦୁରୂହ ପଥରେ ବୁଲି ପାରିବା ଶିଖିଲେ ତୁମେ ଜୀବନ ଯୁଦ୍ଧରେ ଜୟୀ ହେବ । ତୁମର ଓ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ।

Digitized by srujanika@gmail.com

ନନା ଯୁବଶକ୍ତିର ପରମ ଉପାସକ ଥିଲେ । ସେମାନଙ୍କଠାରେ ଦେଶର ଭବିଷ୍ୟତ ଦେଖୁଥିଲେ । ସେମାନଙ୍କୁ କର୍ମ ମନ୍ତ୍ରରେ ପ୍ରବୃତ୍ତ କରୁଥିଲେ । ସେହିଭଳି ଭାବରେ ସେ ଅଗଣିତ କର୍ମୀଙ୍କୁ ବରାବର ଉତ୍ସାହ ଦେଇ ଆସିଥିଲେ । ସମାଜସେବା, ସମାଜ ସଂସ୍କାର, ଦେଶସେବା ସାହିତ୍ୟ, ରାଜନୀତି ସବୁଥିରେ ସାଧୁତା ଓ ଯୁବ ପ୍ରାଣର ସଞ୍ଚାର ପାଇଁ ସେ ସର୍ବଦା ବୈପ୍ଳବିକ ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିଲେ ।

ତା ୭।୩।୧୯୩୭ ମସିହାରେ ପ୍ରାଦେଶିକ ନିର୍ବାଚନ ହେବା ପୂର୍ବରୁ ସେ ଓଡ଼ିଶା କଂଗ୍ରେସର ସଭାପତି ଥାଇ ଗଞ୍ଜାମଜିଲ୍ଲା କଂଗ୍ରେସର ଯୁବ ସମ୍ପାଦକ ଶ୍ରୀ ବଳରାମ ପଣ୍ଡାଙ୍କ ପାଖକୁ ତାଙ୍କ ଦିଲ୍ଲୀ ପିରୋଜସାହା ବାସଭବନରୁ ଲେଖିଥିଲେ—"କଂଗ୍ରେସ ଗୋଟିଏ ଶୃଙ୍ଖଳା" ମୋର, ତମର ବା ନବବାବୁଙ୍କର ବ୍ୟକ୍ତିଗତ ମତ ଯାହାହେଉ, ସମସ୍ତେ ବସି ସମସ୍ତଙ୍କ ମତରୁ ଯାହା ବାହାରିବ ସେଇ ଅନୁସାରେ କାର୍ଯ୍ୟ କରିବା ଉଚିତ ।

ମୋ ମତ ରହିବ, ଆଉ ସମସ୍ତେ ଭୁଲ, ଏପରି ଭାବିବା ଠିକ୍ ନୁହେଁ, ବା କିଏ କାହାପାଖେ ଖାଇଲ ବୋଲି ସେଥିରେ ରାଜନୈତିକ ସହଯୋଗ ଶଙ୍କାକର କୁତ୍ସାରଟନାରେ ବ୍ରତୀ ହେବା ଶୁଭଙ୍କର ନୁହେ । ଏସବୁ କ୍ଷୁଦ୍ରତାରୁ ନିଷ୍କୃତି ପାଇବାକୁ ହେବ ।

ତୁମେମାନେ ଦେଶର ଭବିଷ୍ୟତ । ଆମେ ଉତ୍ସାହ ଉଦ୍‌ବୋଧନ ପାଇଁ ତୁମକୁ ଚାହିଁ ବସିଛୁ । ଆଉ ଅଧିକା କଅଣ ଲେଖିବି । ଇତି ।

ଶୁଭାକାଙ୍କ୍ଷୀ
ନୀଳକଣ୍ଠ ଦାସ

୧୯୩୭ ନିର୍ବାଚନ ପରେ ଶ୍ରୀ ବିଶ୍ୱନାଥ ଦାସ ଓଡ଼ିଶାର ପ୍ରଧାନମନ୍ତ୍ରୀ ହେଲେ । ନିର୍ବାଚନରେ ବ୍ୟବହାର କରିଥିବା ପୁରୀ-ନ୍ୟାସନାଲ ବୁକ୍‌ଷ୍ଟୋରର ଶ୍ରୀ ବୃନ୍ଦାବନ ସାହୁଙ୍କ ହୁଡଖୋଲା ପୁରୁଣା ଗାଡ଼ି ଖଣ୍ଡିକରେ ଉତ୍କଳ କଂଗ୍ରେସ ସଭାପତି ଭାବରେ ନନା ବିଶ୍ୱନାଥ ବାବୁଙ୍କୁ ସାଙ୍ଗରେ ଧରି, ନନା ଠାଆକୁ ଠାଆ ସର୍ବ୍ବାକର ତାଙ୍କୁ ଲୋକଙ୍କ ସହିତ ପରିଚିତ କରାଉଥିଲେ ।

Digitized by srujanika@gmail.com

ପୁରୀର ବଡଦାଣ୍ଡର ସଭାରେ ସେ ମାଳଚନ୍ଦ ଅଭୟଙ୍କୁ ହାତ-ହେଙ୍କ କହିଥିଲେ । "ମୁଁ ବିଶ୍ୱନାଥ ବାବୁଙ୍କୁ ଏ ଉତ୍କଳବାଳ ଚଳେ ଆଶୀର୍ବାଦ କରୁଛି ସେ ଯୁବକ ଭଳି ଉତ୍ସାହରେ ତୁମମାନଙ୍କର ସେବାକରି ଧନ୍ୟ ହୁଅନ୍ତୁ" ।

ସଭାସାର ହେମାନେ 'ପୁରୀ ସର୍କିଟ ହାଉସ'ରେ ବିଶ୍ରାମ ନେଉଥିବା ସମୟରେ ପୁରୀ-ଜିଲ୍ଲା ସରକାରୀ ହାଇସ୍କୁଲରେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ହେଡେବେଲର ସେ ସ୍କୁଲର ହେଡମାଷ୍ଟର ସ୍ୱର୍ଗତ ହରିହର ମିଶ୍ର ସେଠାକୁ ଆସି ନିମନ୍ତ୍ରଣ କଲେ ।

ନନା ଓ ବିଶ୍ୱନାଥ ବାବୁ ସେଇ ଫୋର୍ଡ ଗାଡ଼ିରେ ପୁରୀଜିଲ୍ଲା ସ୍କୁଲକୁ ଗଲେ ! ସ୍କୁଲ ହାତ ପାଖରେ ଗାଡ଼ି ରହିବାକ୍ଷଣି ପ୍ରଧାନ ଶିକ୍ଷକ ଓ କେତେକ ଛାତ୍ର ପ୍ରଧାନମନ୍ତ୍ରୀଙ୍କୁ ପାଛୋଟି ନେଲେ । ନନା ଗାଡ଼ି ଭିତରେ ଚୁପ ହୋଇ ବସିରହିଲେ ।

ସଭାରେ ପହଞ୍ଚିବା ପରେ, ପଣ୍ଡିତଜୀ କାହାନ୍ତି ? ସେ ଆଗ କହିବେ ବୋଲି ବିଶ୍ୱନାଥବାବୁ କହିବାରୁ ପିଲାଏ ଶିକ୍ଷକମାନେ ଆସି ନନାଙ୍କୁ ଗାଡ଼ିରୁ ଟେକି ସଭାକୁ ନେଇଗଲେ ।

ନନା ତାଙ୍କ ବକ୍ତୃତା ଦେବା ପୂର୍ବରୁ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ନମସ୍କାର କରି କହିଲେ— ଆଜକୁ ପ୍ରାୟ ପାଞ୍ଚଶହ ବର୍ଷ ତଳେ ଜର୍ମାନୀର ଗୋଟିଏ ସ୍କୁଲରେ ପ୍ରସିଦ୍ଧ ଦାର୍ଶନିକ ମାର୍ଟିନ ଲୁଥର ତାଙ୍କ ବାଲ୍ୟକାଳରେ ସେ ସ୍କୁଲରେ ତଳ ଶ୍ରେଣୀରେ ପଢ଼ୁଥିଲେ । ତାଙ୍କର ଶ୍ରେଣୀ ଶିକ୍ଷକ ସେ କ୍ଲାସକୁ ପଶିବାକ୍ଷଣି ପିଲାମାନଙ୍କୁ ଆଗେ ନମସ୍କାର କରନ୍ତି । ସେ କ୍ଲାସ ପିଲା ତାଙ୍କୁ ପଚାରିଲେ "ଆପଣ ଗୁରୁଜନ, ଆପଣ ଆମକୁ କାହିଁକି ନମସ୍କାର କରୁଛନ୍ତି" ?

ଶିକ୍ଷକ ଉତ୍ତରରେ କହିଥିଲେ ଆମେ ସାଧା ହେବ ଭ ହୋଇ-ଚଳୁଛି ! ତୁମମାନଙ୍କ ଭିତରେ ଭବିଷ୍ୟତର ଅନନ୍ତ ପ୍ରତିଭା ନିହିତ ଅଛି । ତୁମ ଭିତରୁ ବିଶ୍ୱବନ୍ଦିତ ମହାମାନବ ବାହାରିପାରନ୍ତି, ତେଣୁ ସେଇ ଭବିଷ୍ୟତ ପ୍ରତିଭା ଉଦ୍ଦେଶ୍ୟରେ ମୁଁ ମୋର ପ୍ରଣତି ଜଣାଉଛି ।

ତାପରେ ନନା କହିଲେ ବର୍ତ୍ତମାନ ଏ ଦେଶରେ ଛାତ୍ର ଓ ଯୁବ-ଆନ୍ଦୋଳନ ମୁଣ୍ଡଟେକି ଉଠୁଛି । କେନ୍ଦ୍ର ନେତୃତ୍ୱ ତାର ସମାଲୋଚନା କରୁଛନ୍ତି ।

Digitized by srujanika@gmail.com

୧୯୨୧ରେ ମହାତ୍ମା ଗାନ୍ଧୀ ଏହି ଯୁବଶକ୍ତିକୁ ଆହ୍ୱାନ ଦେଇ ସ୍କୁଲ କଲେଜ ଛାଡ଼ିବାକୁ କହିଥିଲେ, ସେତେ ରବୀନ୍ଦ୍ରନାଥ ଓ ଶ୍ରୀନିବାସ ଶାସ୍ତ୍ରୀ ପ୍ରଭୃତି ଛାତ୍ରମାନଙ୍କ ଶିକ୍ଷାରେ ବ୍ୟାଘାତ ହୋଇ ସେମାନଙ୍କ ଭବିଷ୍ୟତ ନଷ୍ଟ ହେବାର ଉପଲକ୍ଷ ଦେଇ ତାଙ୍କୁ ସମାଲୋଚନା କରି ସେଥିରୁ ନିବର୍ତ୍ତାଇ ଥିଲେ ।

ପୃଥିବୀରେ ଯେଉଁଠି ଯେତେ ଆନ୍ଦୋଳନ ହୋଇଛି ସେଥିରେ ଯୁବଶକ୍ତି ହିଁ ନିଜର ଆଗପଛ ନବିଚାରି ଲାଗି ପଡ଼ିଛି । ବର୍ତ୍ତମାନ ଦେଶର ସ୍ଥବିର ନେତୃବୃନ୍ଦ ତାହା ବୁଝିପାରୁ ନାହାନ୍ତି । ଯୁବଚେତନାକୁ କେହି ପଥରୋଧ କରିପାରିବ ନାହିଁ ।

ଭାରତବର୍ଷରେ ବର୍ତ୍ତମାନ ଯେ ଯୁବଚେତନାର ଅଭିପ୍ରକାଶ ହେଉଛି, ସେ ଦେଶ ପକ୍ଷରେ ହିଁ ମଙ୍ଗଳକର ହେବ । ତୁମର ସେଇ ଯୁବଶକ୍ତି ଠିକ୍ ବାଟେ ଗଲେ ଏ ଦେଶକୁ ନୂଆ ଚେତନାରେ ଉଦ୍‌ବୁଦ୍ଧ କରିବ, ଭାରତକୁ ସ୍ୱାଧୀନ କରିବ, ନୂଆ ଦେଶ ଗଢ଼ିବ ତେଣୁ ମୁଁ ତୁମ ଭିତରେ ଥିବା ସେହି ଶକ୍ତିକୁହିଁ ନମସ୍କାର କରୁଛି ।

**କର୍ମ ଚିନ୍ତା ଓ କର୍ମୀର ଅଭାବ—** ୧୯୫୨ ନିର୍ବାଚନ ପରେ ଜନା ଯେତେବେଳେ ଦେଶର ଉନ୍ନତିକଳ୍ପେ ଗଠନମୂଳକ କାମ ସବୁରେ ହାତ ଦେବାକୁ ଚାହିଁଲେ ସେତେବେଳେ ଆଉ କେହି ଦେଶ ସେବୀ ଉତ୍ସାହୀ କର୍ମୀ ତାଙ୍କ ପାଖରେ ନଥିଲେ । ଉପଯୁକ୍ତ ଯୁବକର୍ମୀର ଅଭାବ ସେ ପଦେ ପଦେ ଅନୁଭବ କରୁଥିଲେ ।

ଦେଶରେ ସେତେବେଳେ ବହୁ ଦଳର ବହୁ ଆନ୍ଦୋଳନ ଓ ଶୋଭାଯାତ୍ରା ଚାଲିଥିଲା । ଆମର ଦାବି ପୂରଣ କର, ଦେଶରେ ଶୋଷଣ ବନ୍ଦକର ପ୍ରଭୃତି ଧ୍ୱନି ଦେଇ ଶୋଭାଯାତ୍ରା ସବୁ ଗଲା-ବେଳେ ସେ ଲକ୍ଷ୍ୟ କରି ଜଣେ ଯୁବକର୍ମୀଙ୍କୁ ଡ଼ାକି କହିଥିଲେ "ହଇରେ ଏଥିରୁ ସବୁ କଅଣ ମିଳିବ, ତୁଷ କୁଟିଲେ କି ଚାଉଳ ବାହାରେ" । "ସେ କର୍ମୀ କହିଲେ ଆପଣ ଆମ 'ସଭା ସବୁ ଦେଖି ନାହାନ୍ତି ଲୋକଙ୍କ ଜାଗରଣ ଜାଣିପାରୁ ନାହାନ୍ତି ।" ଜନା ତାର ଉତ୍ତର ଦେଲେ "ପଞ୍ଚାଏ ଠୋକା, ପଞ୍ଚାଏ ବୋକାଙ୍କୁ ଯୋଗାଡ଼ କଲେ ଦଳ, ସଭା ସବୁ ହେଲା, ମୋଟରେ ସେପରି ସଭାରୁ କଅଣ ମିଳିବ, ତୁମେ ଦେଶର ଭବିଷ୍ୟତ ଚିନ୍ତାକର, ଦେଶକୁ ଉନ୍ନତ କରିବାପାଇଁ

Digitized by srujanika@gmail.com

ବାଟ ବଣିବ । ଏପରି ଶ୍ରେଣୀ ସଂଘର୍ଷ ଲଗାଇ ନିଜ ନିଜ ଭିତରେ ବାଡ଼ିଆବାଡ଼ି ହେଲେ ପ୍ରକୃତ ସ୍ୱାଧୀନତା ବା ଉନ୍ନତିର ପନ୍ଥା ମିଳିବ ନାହିଁ ।"

ମୁଁ ଆମେରିକା ବୁଲିଗଲାବେଳେ ସେ ଯେପରି ଛନ୍ନ ହୋଇଥିଲେ ସେଥିରୁ ସେ ଜଣେ ଆଦେଶପାଳନକାରୀ ଉତ୍ସାହୀ ଯୁବ କର୍ମୀ ହରାଇଲେ ବୋଲି ବଜୁରୁଥିବାର ମୁଁ ଅନୁମାନ କରିଥିଲି । ମୋତେ ପରେ ଆମେରିକାକୁ ଦେଇଥିବା ତାଙ୍କ ଚିଠି ପତ୍ରରୁ ମଧ୍ୟ ସେହି ଆଭାସ ମିଳୁଥିଲା । ଦେଶ ଓ ଜାତି ପାଇଁ କାମ କରିବାର ଓ କରାଇବାର ଅଦମ୍ୟ ପିପାସା ଉପଯୁକ୍ତ ଯୁବ-କର୍ମୀର ଅଭାବରେ ଚରିତାର୍ଥ ନ ହେବାରୁ ସେ କିପରି ମର୍ମାହତ ହେଉଥିଲେ ସେ ଚିଠିରେ ମଧ୍ୟ ତାର ସୂଚନା ଥିଲା ।

**ଚିଠିପତ୍ର**—ଜନ୍ମଭୂମିର ସେବାପାଇଁ ବିଶେଷରେ ଏ ଜାତିର ବଳିଷ୍ଠ ଚରିତ, ସାହିତ୍ୟ, ରାଜନୀତି ଓ ଅର୍ଥନୀତିର ଗଠନ ପାଇଁ ନିସ୍ୱାର୍ଥ ଯୁବଶକ୍ତିର କି ପ୍ରୟୋଜନ ତାହା ସେ ତିଳେ ତିଳେ ଅନୁଭବ କରୁଥିଲେ । ସେପରି କର୍ମୀ ବା ବାହ୍ୟଶକ୍ତିର ଅଭାବରେ ନିଜେ ଯୋଗସ୍ଥ ରହି ନିଜକୁ ଯୁବଭାବରେ ଉଦ୍‌ବୁଦ୍ଧ କରି ରଖୁଥିଲେ ।

(୧) ମୋତେ ଆମେରିକା ଲେଖିଥିବା କେତେକ ଚିଠିର ନକଲ ତଳେ ଦଉଛି—

ଜଗନ୍ନାଥେ ଭଲ କରନ୍ତୁ କଟକ

ବାପା ବହ୍ମମ୍, ତା ୨୫. ୭. ୫୨

କେଉଁ କାଗଜ ଏଠୁ ପାଉ ଲେଖିବୁ । ମୁଁ ସବୁ କାର୍ଯ୍ୟ କରୁଛି । କିନ୍ତୁ ସବୁବେଳେ ମନେହେଉଛି ସାଙ୍ଗକୁ କେହି ନାହିଁ । ଆଗ ପଛକୁ କେହିନାହିଁ । ଏକାଭେ ଏତେ ଲୋକ ବିଶ୍ୱାସ ଓ ଏତେ ପ୍ରତିଷ୍ଠା ମୋ'ଠି ଥିଲ, ଏହା ଏବେ ମୋତେ ବିସ୍ମିତ କରିଛି । କିନ୍ତୁ ଏ ସବୁର ବ୍ୟବହାର ପାଇଁ ସମସ୍ତ କ୍ଷେତ୍ର ଓ ଅବସର ଥିଲେ ମଧ୍ୟ ମୋର ପରିସ୍ଥିତି ନାହିଁ । ଏହାହିଁ ମୋର ଦୁଃଖ । ଗୋଦାବରୀଶ ମାସ ଦୁଇ ହେବ ଅସୁସ୍ଥ । ଦିନରେ ସାମାନ୍ୟ ୧°° ଡ଼ିଗ୍ରୀରୁ ଉଣା ଜର ହେଉଛି, ରାତିକୁ ଛାଡୁଛି, ରୋଗ କେହି ଠିକ୍ କହୁନାହାନ୍ତି । ଆଶାକରେ ଭଲଅଛୁ ।

ଶୁଭକାଙ୍‌କ୍ଷୀ
ନୀଳକଣ୍ଠ ଦାସ

Digitized by srujanika@gmail.com

(୨) ଜଗନ୍ନାଥେ ଭଲ କରନ୍ତୁ

ନବଭାରତ ପ୍ରେସ୍
କଟକ-୨

ବାପା ବନ୍ଦନ,

କରେ ବାପା, ତୁ ଏତେକାଳ ଚିଠି ଦେଲୁନ କିଆଁ ? ଏବେ କେତେଦିନ ହେଲା ଡାକକୁ ଚାହିଁ ଚାହିଁ ମୁଁ ନିରାଶ ହେଉଛି । କୌଣସି କାମରେ ମନ ଲାଗୁନାହିଁ ।

କିନ୍ତୁ ରାଜମଣ୍ଡରେ ପଶିବାରୁ ରାଶିରାଶି କାମ ପଡ଼ିରହିଛି । ସବୁ ପରିସ୍ଥିତି କ୍ରମେ ବଦଳିବାକୁ ଯାଉଛି । ଖୁବ୍ ଭଲ ହୁଅନ୍ତା । କିନ୍ତୁ ବେଳେବେଳେ ନିରାଶ୍ରୟ ଲାଗୁଛି । ମନେହେଉଛି ତୁ ପାଖରେ ଥାଆନ୍ତୁ । କିନ୍ତୁ ନିରାଶ ହେବ'ଭଳି ଲୋକ ମୁଁ ନୁହେ । ଆତ୍ମାକୁ ଯୋଗସ୍ଥ କରି ରଖି ଯେକୌଣସି ଯୁବକଠାରୁ କମ ଉତ୍ସାହରେ ଲାଗିନାଇ । ମୁଁ କିଛି ହାରେଇ ଯାଉଛି ବୋଲି ବୁଝିବୁ ନାଇ ।

ମାତ୍ର ଆସ୍ଥା ଲୋଡ଼ା । ଯୁବଶକ୍ତିର ସାହଚର୍ଯ୍ୟ ଓ ସହାୟତା ଲୋଡ଼ା । ଖାଲି ତୁ ପାଖରେ ଥିଲେ ମୁଁ ସବୁ କରିପାରନ୍ତି । ଏ ବୟସରେ ବି ଏହାହିଁ ମନେ ହେଉଛି ।

× × ×

ଆଶାକରେ ଦେହପା' ସବୁ ଭଲ ଅଛି । କେବେ ଆସିବୁ ଲେଖିବୁ । ତୋତେ ଦେଖିବାକୁ କାହିଁକି ମୋର ଭାରି ମନେହେଉଛି । ଏଇ ଦୁର୍ବଳତାକୁ ଏଡ଼ି ମୁଁ ଉପରକୁ ଉଠି ପାରୁନାହିଁ ।

ଶୁଭକାଂକ୍ଷୀ
ନୀଳକଣ୍ଠ ଦାସ

Digitized by srujanika@gmail.com

(୩) ଜଗନ୍ନାଥେ ଭକ୍ତଜନନ୍ତୁ

ନବଭାରତ ଅଫିସ
କଟକ-୨
ତା ୩. ୧. ୬୩.

ବାପା ବନମ,

ଇଂରେଜ ବହି ଲେଖି ଏବେ କିଛୁ ଲାଭନାହିଁ ଭାବି ବନ୍ଦ କଲି । ଅମେରିକାରେ ତୋ ଥିବା ଭିତରେ ଯଦି ଛପାଇ ହେବନାଇ, ତେବେ ତୁ ଏଠାକୁ ଆସିଲା ପରେ ଲେଖିଲେ ହେବ । ଅବଶ୍ୟ କାଳ ସନ୍ଧିଲେ । ମାତ୍ର ମାନବ ପ୍ରାଣରେ ଆଶାର ଉଦଗମ୍ ଚୀଇନ୍ତନ ବା ଶାଶ୍ବତ । ପ୍ରାଣରେ ସେଇ ଆଶାଶୀଳତାଇ ହେଉଛି ଯୌବନ ।

ତୁ ନଥାଇ ତ ମୋଇ ଦେହ ଭଲ ଅଛି । ମୁଁ ଏବେ ରାତି ସ୍ବାରଣ୍ଟା ଯାଏ ଲେଖାପଢ଼ା କରି ସକାଳ ୮ଘଣ୍ଟା—୯ଟା ଯାଏଁ ଶୋଉଛି । ତୁ ଆସିଲେ ନିଶ୍ଚୟ ଏହାଠାରୁ ଭଲରେ ଓ ଭଲ ରହିବ । ପୂର୍ଣ୍ଣକର୍ମଠତା ଭିତରେ ଇହ ମରିବ ବୋଲି ଆଶା କରୁଚ ।

ଏବେ ଦୁଇ ସ୍ବରବଦନରେ ବା ସପ୍ତାହ ଭିତରେ ପ୍ରାୟ ୩୨୦- ପୃଷ୍ଠାର 'ହମ-ପରିଣାମ' ବିଷୟ ଭାଗଟି ଲେଖା ଓ ଛପା ସରିଯିବ । ପରେ ଓଡ଼ିଆରେ ଜଗନ୍ନାଥ ଧର୍ମ ଓ ତନ୍ତ୍ର ଲେଖିବ ବୋଲି ମନସ୍ଥ କରିଛି ।

ଏଥିରେ ପ୍ରକାଶ ଓ ପ୍ରଚ୍ଚରର ଆଶା ନଥାଇ ଇଂରେଜରେ ପୁସ୍ତକ ଲେଖି, ଏସବୁ ପଛକୁ ପକାଇବା ସମୀଚୀନ ପ୍ରସନ୍ନ ନୁହେ ବୋଲି ମନେହେଲା ।

× × ×

ପିଲା କଥା କି ବୋହୂ କଥା, ରୋଗ କଥା କି ଟୀକାକଥା ମୁଁ କିଛି ଜାଣେ ନାଇ । ଡ଼ିସେମ୍ବର ୧୦ କି ୧୧ ସରିକି ମୁଁ ଏଇଠି ପିଲାକୁ ଦେଖିଥିଲି ।

× × ×

Digitized by srujanika@gmail.com

ପିଲାଟାକୁ ଦେଖିଲେ ଟିକଏ କମିତ ଲାଗୁଚ । ଏଇଟା ଗାବ ଭାବ । 'ଅଶୋକ' ଜନ୍ମହେଲା ପରେ, ତାକୁ ଦେଖି ମୋର ଏଇପରି ଗୋଟାଏ ମନଚାରୁ ଅଯଥା ଆକର୍ଷଣ ମୁଁ ଅନୁଭବ କରୁଥିଲି ଓ ବିସ୍ମିତ ଗୋଟାଏ ପୁଣି କ୍ଷୁଭିତ ହୋଇ *'ଦା.ସ ଆପଣ'ଙ୍କୁ କହିଥିଲି "ମୋର ଏପରି ଭାବ କାହିଁକି ହେଉଚି । ଏଇଟାତ ଆସକ୍ତି । ମୋଇତ ଥିଲେ କର୍ତ୍ତବ୍ୟ ଜ୍ଞାନ ଶିଥିଳ ହୋଇଯିବ ନାହିଁ" । ସେ ଟିକଏ ହସିଦେଇ କହିଥିଲେ "ସେଇଟା ସ୍ୱାଭାବିକ, ଏଥିରେ ଭୟ କରିବାର କିଛି କାରଣ ନାହିଁ ।"

ଠିକ୍ ଲେଖିଚୁ, ଯେଉଁ କଥା ସେ ବୁଝିବେ । ତୋ ଭଳି ଯୁବକର ହୃଦୟର ସୁଖୀ ହେବାପାଇଁ ସମସ୍ତେ ଭଲ ଅଛନ୍ତି ବୋଲି ଜାଣିବା ଦରକାର । କିନ୍ତୁ ଅତିନ୍ଦ୍ରିତ ଭାବରେ ଆଦର୍ଶ ଲାଭପାଇଁ ଯୁଝି ବସିଥିବା ଆନନ୍ଦଲାଲ ବୃଦ୍ଧ ପକ୍ଷରେ ସେଇଟା ବାସନା ନୁହେଁ କି ?

ଥାଉ ଏ ଦର୍ଶନ । ଏ ତୋ ପାଇଁ ନୁହେଁ । ଏ ମୋର ଗୋଟିଏ ଅତର୍କିତ ଆତ୍ମପ୍ରକାଶ ।

× + ×

କେବେ ଆସି ଘରକୁ ଠିକ୍ କରି ଚିଠି ଲେଖିବୁ, ଯେତେଶୀଘ୍ର ଠିକ୍ କରିବୁ ।

× × ×

ଗୋଦାବରୀଶ ଭଲ ଅଛନ୍ତି । ବୋଉ କ୍ରମେ କାଲୁଣୀ ହୋଇ ଯାଉଚି । ଯେତେ କହିଲେ ଔଷଧ ନା। ଧରୁନାହିଁ । ସେଥିରେ ପୁଣି ପଇସାର ଅଭାବ । ନଡ଼ିଆ ଗଛରେନାହିଁ ଦର ହେଲା ୨୪୦ କୁ ପ୍ରାୟ ୫୫୦ । ମାମୁଁ ଡାକ୍ତରଖାନାରେ ଭଲ ଥିଲେ। ମୁଁ ପ୍ରାୟ ମାସେ ହେଲା କିଛି ଜାଣେନାହିଁ ।

ଆଜ୍ ପ୍ରଦେଶ ବିଷୟରେ ନେହେରୁ ଲଇ ପଡ଼ିଲେ । ପ୍ରଦେଶ ଗଡ଼ା ହେଉଚି । ତୋ ଚିଠିର ବିଷୟମାନ ସରିଲା । ଆଉ ସବୁ ଭଲ ।

ଶୁଭକାଙ୍କ୍ଷୀ
ନନା

---

*ଦାସେ ଆପଣେ—ଉତ୍କଳମଣି ଗୋପବନ୍ଧୁ ଦାସ ।

Digitized by srujanika@gmail.com

ନନା ଦେଶକୁ ଉନ୍ନତ କରି ଗଢ଼ିବା ଆଦର୍ଶ ନେଇ ଜୀବନ ଆରମ୍ଭ କରିଥିଲେ ତେଣୁ ଯୁବକମାନଙ୍କୁ ଚେତେଇ ଦେବା ସେ ପ୍ରଧ ନ କର୍ତ୍ତବ୍ୟ ବୋଲି ଭାବନ୍ତି । ତାଙ୍କ ଚିଠିରେ ଜୀବନ ଦର୍ଶନ ବୁଝାଇବା ସଙ୍ଗେ ସଙ୍ଗେ ଲେଖାରେ ଭୁଲ ଥିଲେ ମଧ୍ୟ ସେ ଦାଉନ୍ତି । ମୋର ପୂର୍ବ ଚିଠିରେ କେତେକ ଭୁଲ ଥିବାରୁ ସେ ମୋ ପାଖକୁ ବା ଆମେରିକାକୁ ଲେଖିଥିଲେ—

(୪) ଜଗନ୍ନାଥେ ଭଲକରନ୍ତୁ ୧୭. ୩. ୫୩

ଭୁବନେଶ୍ବର

M L-A-Qvs:36 (4)

ବାପା ବନ୍ଧମ,

ଭୁଲ (ଭୂଲ ନୁହେଁ) ସଂଶୋଧନ କରିବା ମୋ କାମ, ମୁଁ କରୁଚି । ପରେ ହୁଏତ ତୋ କାମରେ ଲାଗିପାରେ । ଚିରଞ୍ଜୁ ନୁହେ ଚିରଞ୍ଜୀ (ଚିର୍×ଞ୍ଜୀ) ସଞ୍ଚେ ନୁହେ ସନ୍ତ୍ରେ (ସତ୍+ଭ୍+ଏ) ମୋର ପ୍ରଣାମ ଗ୍ରହଣ କରିବେ । ଏହା ମୋହ ପ୍ରତି ପ୍ରଯୁଜ୍ୟ ନୁହେଁ । ଖାଲି 'ପ୍ରଣାମ' ଓ ଶେଷକୁ ଦରକାର ମନେକଲେ "ପ୍ରଣାମ, ଇତ୍ୟାଦି" । ବା ସେଇଭଳି କିଛି । ଗ୍ରହଣ କରିବା ନକରିବାର ପ୍ରଶ୍ନ କିଛି ଉଠୁନାହିଁ ।

ଶୁଭାକାଂକ୍ଷୀ

ନନା

ତାପରେ ପଢାଲେଖା ଓ ଦେଶ କାମରେ ଶରୀର ଉପରେ ବହୁ ଅତ୍ୟାଚାର କରିବାର ଶରୀର ଭାଙ୍ଗି ପଡ଼ିବା କଥା ସୁଚନା ଦେଇ ଏହି ମତେ ଲେଖିଥିଲେ—

(୫) ଜଗନ୍ନାଥେ ଭଲକରନ୍ତୁ ଭୁବନେଶ୍ବର (ଉଦଗିର)

ତା ୧୯. ୭. ୫୩

ରବିବାର

ବାପା ବନ୍ଧମ,

ତୋ ଚିଠି ଗ୍ରାମରେ ପାଇଥିଲି । ଏ ମଧ୍ୟରେ ମତେ ଲାଗେ, ଲାଗେ ଦୁଇଥର ବାତଜ୍ବର ହୋଇଗଲାଣି । ମଧୁ ଏଠାରେ Executive Engineer ହୋଇଅଛି । ମୁଁ ତାର ଘରେ ଏଠି ସ୍ବାସ୍ଥ୍ୟୋନ୍ନତି କରିବାରେ

Digitized by srujanika@gmail.com

ଲାଗିଛି । ଦେହ ଆଜି ଭଲ ଅଛି । ସ୍ୱାସ୍ଥ୍ୟ ଉପରେ ଗୁଡାଏ ଅତ୍ୟାଚାର କଲି । ବହୁତ ଜାଗା ବୁଲି ବକ୍ତୃତା ଦେଲି—ବାତଜ୍ୱର ଦେହରେ ଥାଇ—ଇତ୍ୟାଦି । ଏବେ ବିଶ୍ରାମ କରୁଛି । କିଛି ଚିନ୍ତା ନାଇ । ଭଲ-ହେଲ ମାତ୍ରେ ଇଂରେଜରେ ଖଣ୍ଡେ ବହି ଲେଖି ପଠାଇବି ବୋଲି ବସୁଛି । ଦେଖାଯାଉ ଏଣେତ ଶୀଘ୍ର—ତୃଣସ୍ୱରାଗ ଜଗନ୍ନାଥଧର୍ମ ଲେଖିବାକୁ ହେବ । ସବୁ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । ତୁ ଆସିବା ଯାଏ ସ୍ୱାସ୍ଥ୍ୟଟା ଭଲ ରଖିବା ସେଇପରି କର୍ତ୍ତବ୍ୟ ବୋଲି ବସୁଛି ।

ପଡ଼ିକରି ବୋଉ ଗୋଡ ଭାଙ୍ଗିଯାଇଥିବା କଥା ଶୁଣିଥିବୁ । ପୂରା ଭଲ ହୋଇନାଇ । ସେ ୨୦ଟା ଦିନ Plaster of paris ବନ୍ଧା ରଖିପାରୁ ନାହିଁ ଦୁଇଥର ବନ୍ଧାଇଲାଣି । ଆଉ ତୃଣସ୍ୱ ଥାଇ ନ କରି ପ୍ରକୃତି ଉପରେ ଛାଡ଼ି ଦେବାକୁ ହେଲା । ସାମାନ୍ୟ ଟିକିଏ ଗ୍ରେଷ୍ଟାଉଟ । କାନ ସାଙ୍ଗକୁ ଗୋଡ-ଗୋଟାଏ ଜ୍ଞାନେନ୍ଦ୍ରିୟକୁ ଗୋଟାଏ କର୍ମେନ୍ଦ୍ରିୟ । ତଥାପି ବଗିଚାରେ କାକୁଡ଼ି କଖାରୁ ପୋତା ବନ୍ଦ ନାହିଁ—ଇତ୍ୟାଦି ସବୁକାର୍ଯ୍ୟ ।

ଆଶାକରେ ତୁ ଖୁସିରେ ଅଛୁ—ଶୀଘ୍ର ପତ୍ର ଦେବୁ ।

ଶୁଭକାଙ୍କ୍ଷୀ -

ନନା

**ପକ୍ଷାଘାତ ରୋଗ**—ତା ପରେ ପରେ ତାଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଲା । ୫ତାରିଖ ସେପ୍ଟେମ୍ବର ୧୯୫୩ ପୁଣାରେ ଗୋଟିଏ ସଭାରେ ଯୋଗଦେବାପାଇଁ ସେ ଦୁଇ ତାରିଖ ଦିନ ପୁଣା ଯାଇଥିଲେ । ସେଇ ରାତିରେ ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେଲେ । ତାଙ୍କଠାରୁ ଚିଠି ଯାଇବା ବନ୍ଦ ହୋଇଗଲା ।

ତାଙ୍କ ଚିଠି ବନ୍ଦ ହେବାରେ ମୋତେ ବ୍ୟସ୍ତ ଲାଗିଲା । କିନ୍ତୁ ଆମଘରୁ ସେ କଥା ମୋତେ କେହି ଜଣାଉ ନଥିଲେ । ନାଗପୁରରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଂଘଚାଳକ ପୂଜ୍ୟ ଗୋଲୱାଲକରଜଙ୍କର ଚିଠିଟିଏ ପାଇଲି । ସେ ଲେଖିଥିଲେ, ପଣ୍ଡିତଜୀଙ୍କ ପକ୍ଷାଘାତ ରୋଗର ଖବରକାଗଜରୁ ପଢ଼ି ସେ ଅନୁସନ୍ଧାନକରି ବୁଝିଥିଲେ ଯେ ପଣ୍ଡିତଜୀ କବିରାଜ ଚିକିତ୍ସା କରାଉଛନ୍ତି ଓ ଭଲଅଛନ୍ତି ।

Digitized by srujanika@gmail.com

ନନାଙ୍କର ବହୁଦିନର ବହୁମୂତ୍ର ରୋଗ ମୁଁ ଜଗିଜଗି ଆୟତ୍ତାଧୀନ କରି ରଖିଥିଲେ । ମୋ ପଢ଼ା ମାନ ବରଷେ ଖଣ୍ଡେ ଲାଗିବ ବୋଲି ମୁଁ ଆସିଥିଲି । ମୁଁ କେବେ ଚିନ୍ତା ନ କରେ ପତ୍ରରେ ସେ ମୋତେ ଥରକୁ ଥର ଚିଠି ଲେଖୁଥିଲେ ।

ମୁଁ ଆସିବା ପରେ ସେ ରୋଗ ବଢ଼ି ପକ୍ଷାଘାତ ହୋଇଛି ଓ ସେ ଡାକ୍ତରୀ ଚିକିତ୍ସାରୁ ସୁବିଧା ନ ପାଇ କବିରାଜୀ ଚିକିତ୍ସା କରୁଛନ୍ତି । ଏସବୁ ପଢ଼ିକରି ମୋ ମନଟା କିପରି ହୋଇଗଲା । ମୁଁ ସେତେବେଳକୁ ପ୍ରାୟ ଦୁଇବର୍ଷ ଆମେରିକାରେ ରହିଗଲିଣି ତଥାପି ପରୀକ୍ଷା ହୋଇନାହିଁ ପଢ଼ା ସରିନାହିଁ, ମୋ ମନ ଅସ୍ଥିର ହୋଇ ରହିପାରିଲା ନାହିଁ । ମୁଁ ସଙ୍ଗେ ସଙ୍ଗେ ଦେଶକୁ ଫେରି ଆସିବାକୁ ବାହାରିଲି ।

ମୋର ଅଧ୍ୟାପକ ଡକ୍ଟର ମ୍ୟାକମ୍ୟାନସ ଜଣେ ଅତି ବିଦ୍ୱାନ ଓ ସ୍ନେହବତ୍ସଳ ଶିକ୍ଷକ । ସେ ମୋର ମନର ଅବସ୍ଥା ଜାଣି, ମୁଁ ହଠାତ୍ ବ୍ୟସ୍ତ ହୋଇ ଦେଶକୁ ବାହାରି ନଯାଇ ଘରକୁ ଫେରନ୍ତା ଟେଲିଗ୍ରାମ ପଠାଇ ବୁଝିସୁଝି କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇଲେ ।

ମୁଁ ତିନିଦିନ ପରେ ଫେରନ୍ତା ଟେଲିଗ୍ରାମ ପାଇ ଜାଣିଲି ସେ ଭଲଅଛନ୍ତି ଓ ତାଙ୍କୁ ବିଶେଷଜ୍ଞ ଡାକ୍ତରମାନେ ଦେଖିବା ପରେ ସେ ବିଧାନ ସଭାରେ ଯୋଗଦେଇ ପୂର୍ବପରି କାର୍ଯ୍ୟ କରୁଛନ୍ତି ।

ମୁଁ ଟେଲିଗ୍ରାମ ଦେଖାଇବା ପରେ ମୋତେ ମୋର ଅଧ୍ୟାପକ କହିଲେ "ତୁମେ ଜାଣ ମୁଁ ତୁମ ପାଇଁ କେତେ ଚିନ୍ତିତ ଥିଲି ଏ ତିନିଦିନଯାକ ମୋତେ ନିଦ ଲାଗିନାହିଁ କି ମୁଁ ଭଲକରି ଖାଇପାରି ନାହିଁ । ମୁଁ ତୁମ ଅବସ୍ଥା ଜାଣେ ତୁମେ ଥରେ ଗଲେ ପୁଣି ଫେରିବାକୁ ତୁମର ଆର୍ଥିକ ସମ୍ବଳ ନାହିଁ । ତୁମ ପରୀକ୍ଷା ମୁଣ୍ଡ ଉପରେ ତୁମର କୃତକାର୍ଯ୍ୟ ହେବା ସୁନିଶ୍ଚିତ, ତୁମେ ଡିଗ୍ରୀଟାଏ ନନେଇ ଫେରିଗଲେ ତୁମ ଦେଶରେ କଣ କରିଥାଆନ୍ତ ? ତା ପରେ ଜଣେ ରୋଗନିର୍ଣ୍ଣୟକାରୀ ହିସାବରେ ପକ୍ଷାଘାତ ବିଷୟ ତୁମେ ଜାଣ, ତାହା ଘନ ଘନ ଆସି ପ୍ରାଣ ନେଇଯାଇ ପାରେ କିମ୍ବା ଥରେ ଆସିଲେ ଆଉ କୋଡ଼ିଏ ପଚିଶ ବରଷ ପର୍ଯ୍ୟନ୍ତ ନ ଆସିପାରେ । ସବୁ ଜାଣିଲେ ମଧ୍ୟ ନିଜର ବିପଦ ପଡ଼ିଲେ ମଣିଷ ସବୁ ଭୁଲିଯାଏ । ମୁଁ ତୁମକୁ ଦୋଷ ଦେଉନି ତଥାପି

Digitized by srujanika@gmail.com

ତୁମେ ଏ ଟେଲିଗ୍ରାମ ପାଇଲା ପରେ ତୁମ ପାଠ ବିଶେଷ କରିପାରି ନିବେ ବୋଲି ମୁଁ ଆଶା କରୁଛି”।

ଉଲ୍ଲିଖିତ ପତ୍ରେ ନନାଙ୍କଠାରୁ ମଧ୍ୟ ଖଣ୍ଡିଏ ଚିଠି ମୁଁ ପାଇ, ପରୀକ୍ଷା ସରିବା ପର୍ଯ୍ୟନ୍ତ ରହିବାକୁ ସ୍ଥିର କଲି। ପରୀକ୍ଷା ସରିବା ପରେ ପରେ ଅନ୍ତ ଫଳ ଜାଣିବାକୁ ଅପେକ୍ଷା ନକରି ଦେଶକୁ ଫେରିଲି।

**ବିଧାନସଭା କାର୍ଯ୍ୟ**—ବିଧାନସଭାର ସଭ୍ୟ ହେବା ପରେ ବ୍ରହ୍ମା ବିଷ୍ଣୁ, ମହେଶ୍ୱରଙ୍କ ପରି, ନନା, ଗୋଦାବରୀଶ ବାବୁ ଓ ସ୍ୱାଧୀନ ସଭ୍ୟ ଉତ୍କଳର ପ୍ରାଣକୃଷ୍ଣ ପରିଜା ବିଧାନ ସଭାରେ ବିରୋଧୀ ଦଳର ଏକାଠି ଆସନ ଗ୍ରହଣ କରିଥିଲେ। ସେମାନଙ୍କ ଭିତରେ ପୂର୍ଣ୍ଣ ସୌହାର୍ଦ୍ଦ୍ୟ ଥିଲା ଓ କୌଣସି ବିଷୟ ବିଧାନ ସଭାରେ ବିଚାର ପାଇଁ ଆସିଲେ ସେମାନେ ଏକାଠି ଆଲୋଚନା କରି ସେମାନଙ୍କ ମତବ୍ୟକ୍ତ କରି ଭାଷଣ ଦେଉଥିଲେ।

ସମସ୍ତ ଦରକାରୀ ଆଲୋଚନାରେ ସେମାନେ ଭାଗ ନେଉଥିଲେ, ଆଲୋଚନା ପୂର୍ବରୁ ନନା ସେ ସମ୍ବନ୍ଧରେ ବହୁ ପୁସ୍ତକ ପଢ଼ି ଓ ଅନୁସନ୍ଧାନ କରି ତଥ୍ୟ ସଂଗ୍ରହ କରେ ଭାଷଣ ଦେଉଥିଲେ। ସେଥି-ପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ୁଥିଲା।

ତାଙ୍କର ରାତି ୩-୪ଟା ପର୍ଯ୍ୟନ୍ତ ପଢ଼ିବାର ଅଭ୍ୟାସ ଥିଲା। ଦରକାରବେଳେ ପଢ଼ୁ ପଢ଼ୁ କୁଆ ବୋବାଉଥିଲା। ମଶାରି ଭିତରେ ନ ଶୋଇ ବସି ଅନିଦ୍ରା ହୋଇ ପଢ଼ିବାବେଳେ ମଶା କାମୁଡ଼ି ତାଙ୍କୁ ବାତଜ୍ୱର ରୋଗ ଧରିଥିଲା।

ବିଧାନ ସଭା ଓ ଲୋକ ସଭା ପ୍ରଭୃତିରେ କୌଣସି ବିଲ୍ ବା ବିଷୟ ଆଲୋଚନାକୁ ଆସିବା ପୂର୍ବରୁ ସେ ସମ୍ବନ୍ଧରେ ବଡ଼ା ବଡ଼ା ତଥ୍ୟ ସମ୍ବଳିତ କାଗଜ ସନ୍ଧ୍ୟାବେଳେ ସଦସ୍ୟମାନଙ୍କ ଘରକୁ ଆସେ ଆଜି କାଲିର ଦରପାଟୁଆ ସଦସ୍ୟମାନେ ସେ ସବୁ ବଡ଼ା ନ ଖୋଲି ସକାଳେ କାଗଜ କିଣାଳୀର ଡାକକୁ ରଦ୍ଦି ରଖିଥାଆନ୍ତି ଓ ସେତକ ବିକ୍ରୀ କରିଦେଇ ଦୁଇ ପଇସା କରନ୍ତି। ସେପରି ହାତଟେକା ବିଦ୍ୟାହୀନ ଭଣ୍ଡାସ୍ୱାର୍ଥୀଙ୍କ ସଂଖ୍ୟା ଗୋରୁଲାଙ୍ଗୁଡ଼ ଧରି ବୈତରଣୀ ପାରହେଲା ପରି ପାର୍ଟି ଟିକଟରେ ଭୋଟ ପାଉଥିବାରୁ ନ କମି ଏବେ ବଢ଼ି ଗଲାଣି।

Digitized by srujanika@gmail.com

ନନାଙ୍କ ପରି ସେ ସବୁ କାଗଜକୁ ଟିକିନଖି କରି ପଢ଼ି ତାର ଗୁରୁତ୍ୱ ବୁଝି ସେ ସବୁର ଆଲୋଚନା କରିପାରିଲେ ଭଳି ସଦସ୍ୟ ବହୁତ କମ୍ ଅଛନ୍ତି । ଥରେ ଭୁବନେଶ୍ୱରରେ ବିଜୁଳି ବିଭ୍ରାଟ ଯୋଗୁ ରାତି ଏଗାରଟାବେଳେ ଆଲୁଅ ବନ୍ଦ ହୋଇଯିବାରୁ ନନାଙ୍କ ପଢ଼ା ବନ୍ଦ ହୋଇଗଲା । ସେ ବ୍ୟସ୍ତ ହୋଇ କରି କହି ପକାଇଲେ । ଆରେ ଏକି ସରକାର ହୋଇଛି ? ଏ ସରକାର ମୋତେ ମୂର୍ଖ କରିଦେବ । ସେ କଥା ଶୁଣି ତାଙ୍କ ନାତି ନାତୁଣୀମାନେ ହସି ଉଠିଥିଲେ, ତଥାପି ଗୋଟିଏ କିରୋସିନ ଲ୍ୟାମ୍ପ ଜଳା ହୋଇ ତାଙ୍କ ଆଗରେ ଥୁଆ ହେବାରୁ ସେ ପୁନ ହୋଇ ତାଙ୍କ ପଢ଼ାପଢ଼ିରେ ଲାଗିଲେ ।

## ଆଲୁଅ ପାଇଁ ପୋଲିସ ଧମକ—

ବିଧାନ ସଭାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଲ୍‌'ର ଆଲୋଚନା ଚାଲିଥିବା ବେଳେ ନନାଙ୍କୁ ବାସିଲରଡ଼ସେଣ୍ଟ୍ରୀ ଧରିଲା । ସେ ଅଲଗା ହୋଇ ଗୋଟିଏ ଏମ. ଏଲ୍. ଏ କ୍ୱାର୍ଟରରେ ଥାଆନ୍ତି, ବହୁ ଥର ଝାଡ଼ା ଯିବା ପରେ ସେ ନିସ୍ତେଜ ହୋଇ ପଡ଼ିଲେ । ଡାକ୍ତର ଆସି ତାଙ୍କୁ ଔଷଧ ଦେଇ ପୂର୍ଣ୍ଣ ବିଶ୍ରାମ ନେବାକୁ କହି ଚାଲିଗଲେ, ଆସେମ୍ବ୍ଲିରେ ଚାଲିଥିବା ଆଲୋଚନାରେ ପରଦିନ ତାଙ୍କର ଭାଗ ନେବାର ଥିଲା । ତେଣୁ ଡାକ୍ତର କଥା ନଶୁଣି ସେ ବହି ଧରିଲେ ।

ତାଙ୍କ ଦେହ ଖରାପ ଖବର ପାଇ ଗୋଦାବରୀଶ ବାବୁ ଓ ପରିଜା ସାହେବ ତାଙ୍କୁ ଦେଖିବାକୁ ଆସିଲେ । ଆସେମ୍ବ୍ଲିରେ ତାଙ୍କ କାର୍ଯ୍ୟ ଚଳାଇ ନେବାକୁ କହି, ସେ ଆଜି ନପଢ଼ି ଆଖି ମୁଜି ପୂର୍ଣ୍ଣ ବିଶ୍ରାମ ନେଇ ପଡ଼ି ରହିବାକୁ ଅନୁରୋଧ କରି ଚାଲିଗଲେ ।

ପିପିଲି ଥାନା ମୁକୁନ୍ଦପୁର ନିବାସୀ ନନାଙ୍କର ଜଣେ ଅତିପ୍ରିୟ ସଂଗଠନ କର୍ମୀ ଶ୍ରୀ ପୀତବାସ ପଣ୍ଡା ନନାଙ୍କ ପାଖରେ ଜଗି ରହିଥିଲେ । ସେ ନନାଙ୍କୁ ବିଶ୍ରାମ ଦେବାକୁ ଆଲୁଅଟି ଲିଭାଇ ଆର ଘରକୁ ଚାଲିଗଲେ ନନା କାହାରି କଥା ନଶୁଣି ନିଜେ ହରିଣ୍ଡି ହରିଣ୍ଡି ସୁଇଚ ଟିପି ଆଲୁଅ ଲଗାଇ ପଢ଼ି ବସିଲେ ।

ପୀତବାସ ବାବୁ ଆସି ଆଲୁଅ ଲିଭାଇ ପଢ଼ା ବନ୍ଦକରିବାକୁ ତାଙ୍କୁ ଅନୁରୋଧ କରିବାରୁ ସେ କହିଲେ ମୋତେ ପଢ଼ା ଜରୁ

Digitized by srujanika@gmail.com

ଆସିଗଲା, ଜର ଅସିଲେ ହଇଜା ଓ ସେପରି ବେଗ ଭଲ ହୋଇଯାଏ ମୋର ଦେହ ଭଲ ହୋଇଗଲା । ଆଉ ପଢ଼ିବାରେ ଆପତ୍ତି କଅଣ ।

ପୀତବାସ ବାବୁ ତାଙ୍କର ପୂର୍ଣ୍ଣ ବିଶ୍ରାମ ଦରକାର ବୋଲି ତାଙ୍କ ସଙ୍ଗେ ଯେତେ ଯୁକ୍ତି କଲେ ସେ ସବୁ ନିଷ୍ଫଳ ହେଲା । ସେ ଯେତେଥର ତାଙ୍କୁ ବୁଝାଇ ସୁଝାଇ ଆଲୁଅ ଲିଭାଇଲେ ନନା ସେତେଥର ଦୁଇତିନି ମିନିଟ୍ ନୀରବ ରହିବା ପରେ ସୁଇଚ ଟିପି ଆଲୁଅ ଲଗାଇ ପଢ଼ି ବସୁଥାଆନ୍ତି । ଶେଷରେ ପୀତବାସ ବାବୁ ତାଙ୍କ ଘରକୁ ଯାଇ ମେନ ସୁଇଚ ବନ୍ଦ କରି ସମସ୍ତ ଘର ଅନ୍ଧାର କରିଦେଲେ ।

ନନା କୌତୁକ କରିବାକୁ ପଣ୍ଡାଙ୍କୁ ଆଉ କିଛି ନ କହି, ସତରେ ଫୋନ୍ ଉଠାଇ ପୋଲିସକୁ ଫୋନ କଲା ଭଳି ଅଭିନୟ କରି ବଡ଼ ପାଟିରେ କହିଲେ ହାଲୋ, ହାଲୋ, ପୋଲିସ, ପୋଲିସ । ମୁଁ ଏତେ ନମ୍ବର ଆସେମ୍ବ୍ଲି କ୍ୱାର୍ଟରରୁ କହୁଛି । ବେଗେ ଆସ, ବେଗେ ଆସ, ଅବସ୍ଥା ବଡ଼ ଗୁରୁତର । ମୋ ଘରେ ଡକାଏତଟାଏ ପଶିଛି । ତାକୁ ମୁଁ ଚିହ୍ନେ ତାର ନାମ ପୀତବାସ ପଣ୍ଡା ଘର ଧାଣ୍ଡମୁକୁନ୍ଦପୁର, ଥାନା ପିପିଲି ଜିଲ୍ଲା ପୁରୀ । ସବୁ ନୋଟ କର ଶୀଘ୍ର ଆସ । ସେ ଏବେବି ଏଇ ଘରେ କେଉଁଠି ଅନ୍ଧାରରେ ଅଛି । ସେ ମୋର ପୁସ୍ତକ ସବୁ ଛଡ଼ାଇ ନେଇଗଲା । ମୋତେ ଅନ୍ଧ କରିଦେଲା । ମତେ ଏବେ ଦୁନିଆ ଅନ୍ଧାର ଦିଶୁଛି । ତା ନାଁରେ ଏତଲା ନିଅ । ସେ ମୋ ଘରର ଆଲୁଅ ନେଇ ଯାଇଛି, ଶୀଘ୍ର ଆସ ତାକୁ ବନ୍ଦୀକରି ଆଲୁଅ ଉଦ୍ଧାର କର ।

ତାପରେ ପୀତବାସ ବାବୁ ମେନସୁଇଚ୍ ଟିପି ଘର ଆଲୁଅ କରିଦେଇ ହସି ହସି କହିଲେ, ଆଉ ପୋଲିସକୁ କଷ୍ଟକରି ଡାକିବା ଦରକାର ନାହିଁ, ଡକେଇତ ଆପଣଙ୍କ ଯଥାସର୍ବସ୍ୱ ଫେରେଇ ଦେଉଛି । ଆଲୁଅ ନିଅନ୍ତୁ, ବହି ନିଅନ୍ତୁ । ତାପରେ ନନାଙ୍କର ପୁଣି ସତ୍ତ୍ୱସାର ପଢ଼ା ଚାଲିଲା । ସେ ଆସେମ୍ବ୍ଲି ପାଇଁ ପ୍ରସ୍ତୁତ ହୋଇ ପରଦିନ ଯାଇ ସେଇ ଦୁର୍ବଳ ଦେହରେ ସେ ବିଲ୍ ର ଆଲୋଚନାରେ ଭାଗନେଲେ ।

ଆସେମ୍ବ୍ଲିରେ ଯେକୌଣସି ବିଷୟ ପଡ଼ିଲେ, ସେ ସମ୍ବନ୍ଧରେ ସମସ୍ତ ତଥ୍ୟ ସଂଗ୍ରହ କରି ପୂର୍ବାପର ସଙ୍ଗତି ଦେଖି ଭଲ ଚିନ୍ତା କରିବା ପରେ ସେ ଏକ ସାରଗର୍ଭକ ଭାଷଣ ଦିଅନ୍ତି ।

Digitized by srujanika@gmail.com

ଥରେ ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମ୍ପର୍କରେ ଗୋଟିଏ ବିଲ ଆଲୋଚନା ପାଇଁ ଆସି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା । ସେଥିରେ କେବଳ ମତ ଜଣାଇବା ଛଡ଼ା ଆଉ ବେଶୀକିଛି କହିବାର ନଥିଲା । ନନା କିନ୍ତୁ ସେ ବିଲ୍ ଉପରେ କିଛି କିଛି ଜଗନ୍ନାଥ ସଂସ୍କୃତି ଉପରେ ନନା ପାଣ୍ଡିତ୍ୟପୂର୍ଣ୍ଣ ତଥ୍ୟ ସମ୍ବଳିତ ଏକ ସୁଦୀର୍ଘ ଭାଷଣ ଦେବା ଆରମ୍ଭ କରିଦେଲେ ।

ଭାଷଣଟି ବିଲ୍ ର ସଂପୃକ୍ତ ବିଷୟର ବାହାରକୁ ଚାଲିଯାଉଛି ଓ ତଦ୍ୱାରା ବୃଥାରେ ବହୁ ସମୟ ନଷ୍ଟ ହେଉଛି ବୋଲି ସେ ଭାଷଣକୁ ବନ୍ଦ କରିବାପାଇଁ ସରକାର ପକ୍ଷର ସଦସ୍ୟ ଶ୍ରୀ ରାଜକୃଷ୍ଣ ବୋଷ ବାରମ୍ବାର ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଇଲେ ।

ବାଚସ୍ପତି ନନ୍ଦକିଶୋର ଦାସ କାନପାଖେ ହାତଦେଇ ନିବିଷ୍ଟ ଚିତ୍ତରେ ସେ ଭାଷଣ ଶୁଣୁଥିଲେ । ସରକାରୀ ଦଳର ସଭ୍ୟ ବେଶୀ ବ୍ୟସ୍ତ କରିବାରୁ ସେ କହିଲେ "ମାନ୍ୟବର ସତ୍ୟବାଦୀର ସଭ୍ୟ ବହୁ ଉପାଦେୟ ବିଷୟ କହୁଛନ୍ତି ସେ ସବୁ ଶୁଣିବାକୁ ହେବ । ଏପରି ପାଣ୍ଡିତ୍ୟପୂର୍ଣ୍ଣ ଭାଷଣ ଆଉ କାହାଠୁ ମିଳିବ ନାହିଁ । ତାଙ୍କୁ କହିବାକୁ ଦିଅ" ।

'ଷ୍ଟାଲିନ'ଙ୍କ ମୃତ୍ୟୁପରେ ବିଧାନସଭାରେ ଶୋକ ପ୍ରସ୍ତାବର ଆଲୋଚନା ହେବାବେଳେ ନନା କହିବାକୁ ଉଠିବାରୁ କମ୍ୟୁନିଷ୍ଟ ରୁଷିଆର ଉଗ୍ର ଶାସକଙ୍କ ବିଷୟରେ ସେ କଅଣ କହିବେ ସେଥିପାଇଁ ସମସ୍ତେ ଉଦ୍‌ଗ୍ରୀବ ହୋଇ ଚାହିଁ ରହିଥିଲେ ।

ସେ କହିଲେ "ସେଠାରେ (ରୁଷିଆରେ) ଗୋଟିଏ ବିରାଟ ଗବେଷଣାଗାର ଖୋଲାଯାଇ ମାନବ ଜାତିର ଶୋଷଣହୀନ ସମାଜର ପ୍ରତିଷ୍ଠା ପାଇଁ ଗୋଟିଏ ପ୍ରକାର ମତବାଦର ଗବେଷଣା ଚାଲିଥିଲା । ସେ କେନ୍ଦ୍ରର, ଷ୍ଟାଲିନ ପ୍ରଧାନ ଚାଳକ ଥିଲେ । ସେ ଚାଲିଗଲେ । ସେ ଚାଲିଯିବା ଦ୍ୱାରା ମନେହେଉଛି ସେ ଗବେଷଣାଗାରଟି ବନ୍ଦ ହୋଇଯିବ କି ? ହଉ କଅଣ ହେବ ଦେଖାଯାଉ ।

Digitized by srujanika@gmail.com

## ବୈପ୍ଳବିକ ଭାଷଣ:—

୧୯୨୧ରେ ବର୍ଷକ ଭିତରେ 'ସ୍ୱରାଜ' ପ୍ରାପ୍ତି ହେବ ବୋଲି ଡାକ ଦେଇ ମହାତ୍ମାଗାନ୍ଧି ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ। କିନ୍ତୁ ସେ ଆନ୍ଦୋଳନକୁ ୧୯୨୨ରେ ହଠାତ୍ ବନ୍ଦ କରିଦେଲେ।

ସେପରି କରିବାରେ ସ୍ୱାଧୀନତା କାମି ଉଗ୍ରପନ୍ଥୀ ଯୁବକମାନେ ମର୍ମାହତ ହୋଇ ବିପ୍ଳବ ପନ୍ଥା ଆଡ଼କୁ ଆଗେଇ ଯାଇଥିଲେ।

ସେତେବେଳେ ଋଷିଆରେ ସମାଜବାଦ ପନ୍ଥା ବା କମ୍ୟୁନିଜିମ୍-ଜୟଲାଭ କରିଥିଲା। ତେଣୁ ସେହି ପନ୍ଥାରେ ଆକୃଷ୍ଟ ହୋଇ ଭାରତରେ ଚନ୍ଦ୍ରଶେଖର ଆଜାଦଙ୍କ ନେତୃତ୍ୱରେ ହିନ୍ଦୁସ୍ଥାନ ସାମ୍ୟବାଦୀ ସଂଘ ଗଢ଼ାଯାଇଥିଲା। ବିପ୍ଳବୀ ଭଗତ ସିଂହଙ୍କ ପ୍ରରୋଚନାରେ ସେ ଦଳର ସେପରି ନାମକରଣ କରାଯାଇଥିଲା। ସେହି ଦଳର ୟୁରୋପର କେତେ ସାମ୍ୟବାଦୀ ସଂଘ ବିଶେଷତଃ ଆୟର୍ଲଣ୍ଡର ସାମ୍ୟବାଦୀ ସଂଘ ସହିତ ସମ୍ପର୍କ ରହିଥିଲା।

୧୯୨୮ ମସିହାରେ ସାଇମନ କମିଶନକୁ ବିରୋଧ କରିବାପାଇଁ ଲୋକ ସେବକ ମଣ୍ଡଳ ସଭାପତି ଲାଲା ଲଜପତ ରାୟ ଗୋଟିଏ ପ୍ରତିବାଦ ଶୋଭାଯାତ୍ରା ଘେନି ଗଲାବେଳେ ଲାହୋରର ସିନିଅର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସ୍କଟ ସାହେବଙ୍କ ଲାଠି ଚାଳନା ଆଦେଶ ଯୋଗୁ ଲାଲାଜୀଙ୍କ ମୁଣ୍ଡରେ ଲାଠିମାଡ଼ ହୋଇ ୧୭ ନଭେମ୍ବର ୧୯୨୮ ରେ ସେ ଇହଲୀଳା ସମ୍ବରଣ କଲେ।

ହିନ୍ଦୁସ୍ଥାନ ସୋସିଆଲିଷ୍ଟ ଆସୋସିଏସନ୍ ତରଫରୁ ତାର ପ୍ରତିଶୋଧ ନେବାକୁ ଲାଲାଜୀଙ୍କ ମୃତ୍ୟୁର ଠିକ୍ ମାସକ ପରେ ଭଗତସିଂ ରାଜଗୁରୁ ଓ ଶିବରାମ ସ୍କଟଙ୍କୁ ହତ୍ୟା କରିବାକୁ ଯାଇ ଆସିଷ୍ଟାଣ୍ଟ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସଣ୍ଡର ସାହେବଙ୍କୁ ହତ୍ୟାକଲେ। ପୋଲିସର ସମସ୍ତ ତତ୍ପରତା ସତ୍ତ୍ୱେ ସେମାନେ ଧରା ପଡ଼ିନଥିଲେ।

ସେମାନଙ୍କ ଦ୍ୱାରା ଦେଶରେ ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକ ବମ୍ବେରେ ଶ୍ରମିକ ଧର୍ମଘଟ ହୋଇଥିଲା।

Digitized by srujanika@gmail.com

ସେ ସବୁରେ ବ୍ରସ୍ତ ହୋଇ ସେହି ବିପ୍ଳବୀ ସାମ୍ୟବାଦୀମାନଙ୍କୁ ଦମନ କରିବା ପାଇଁ ୧୯୨୯ର ପ୍ରଥମ ଭାଗରେ ବଡଲାଟ କାଉନ୍‌ସିଲର ଗୃହବିଭାଗର ସଦସ୍ୟ (ମନ୍ତ୍ରୀ) ଜେମସ୍ କ୍ରିରର ସାଧାରଣ ସୁରକ୍ଷା ଆଇନ୍ ବା ପବ୍ଲିକ ସେଫ୍‌ଟି ବିଲ କେନ୍ଦ୍ର ବିଧାନ ସଭାରେ ପେଶ କରିଥିଲେ ।

ସେହି ଆଇନ ଅନୁସାରେ ଯେ କୌଣସି ବ୍ୟକ୍ତିକୁ ଜଣେ ସାମ୍ୟବାଦୀ ବିପ୍ଳବୀ ବୋଲି ସନ୍ଦେହ କଲେ, ତାକୁ ଧରି ନିର୍ବାସିତ ଦଣ୍ଡ ଦେବା, ତାର ସମସ୍ତ ଧନ ସମ୍ପତ୍ତି ପ୍ରଭୃତି ବାଜ୍ୟାପ୍ତି କରିନେବା କ୍ଷମତା ହସ୍ତଗତ କରିବାର ବ୍ୟବସ୍ଥା ହୋଇଥିଲା ।

କଂଗ୍ରେସର ପରିବର୍ତ୍ତନବାଦୀ ସ୍ୱରାଜ୍ୟ ଦଳ ପକ୍ଷରୁ କେନ୍ଦ୍ର ବିଧାନ ସଭାରେ ମୋତିଲାଲ ନେହେରୁ ସଭାପତି ଓ ଜିନା ସମ୍ପାଦକ ଥିଲେ ।

ସେମାନେ ସେ ଆଇନକୁ 'ଭାରତୀୟ ଦାସତ୍ୱ ଆଇନ ବା ସାଧାରଣ ବିପଦ ଆଇନ୍' ଆଖ୍ୟା ଦେଇଥିଲେ ।

ତା ୬।୨।୧୯୨୯ ତାରିଖ ଦିନ କେନ୍ଦ୍ର ଆସେମ୍ବ୍ଲିରେ ସେ ବିଲକୁ ପାଶ କରାଇ ନ ଦେବାକୁ ବିରୋଧ କରି ଜିନା ତାଙ୍କ ଭାଷଣରେ କହିଥିଲେ "ହେ ରକ୍ଷଣଶୀଳ, ସାମ୍ରାଜ୍ୟବାଦୀ ଧର୍ମ ଇଂରେଜ ସରକାର ! ଯୁବକମାନେ ପ୍ରଭାବିତ ହେବେ ବୋଲି ମନେକରି, ସାମ୍ୟବାଦୀ ଭାବଧାରାକୁ ସମାଜ ବିରୋଧୀ କହି ଦମନଲୀଳା ଚଳାଇବାକୁ ଚେଷ୍ଟା କରନାହିଁ ।

ଯେ କୌଣସି ନୂତନ ଭାବଧାରା ବା ମତକୁ ସ୍ୱାଗତ କରିବା ବା ସେଥିରେ ଅନୁପ୍ରାଣିତ ହେବା, ଅସ୍ୱାଭାବିକ ବିପ୍ଳବ ବା ବିବର୍ତ୍ତନ ନୁହେଁ ତାହା ଅଭ୍ୟୁଦୟ ବା ସ୍ୱାଭାବିକ ଜୀବନଧାରା ।

ଯଦି କୌଣସି ଶାସନ ପ୍ରଣାଳୀ ଲୋକଙ୍କୁ ସୁଶାସନ ନଦିଏ ତେବେ ସେ ସରକାର କେବଳ ଦମନ ନୀତିରେ ନିଜର ଗାଦିକୁ ସ୍ଥାୟୀ କରି ରଖିପାରିବ ନାହିଁ । ସାମ୍ୟବାଦ ଗୋଟିଏ ନୂତନ ଆଦର୍ଶ ।

Digitized by srujanika@gmail.com

ଏହା ପୃଥିବୀ ସାରା ଶାଖା ମେଲିଛି, ଭାରତକୁ ଆସିବ ହିଁ ଆସିବ ।

ତୁମେ ବୈଜ୍ଞାନିକ ଦୃଷ୍ଟି କୋଣରୁ ବିଚାର କଲେ ଜାଣିପାରିବ ଯେ ଫୁଲଟି ଗଛର ଅଭ୍ୟୁଦୟ ମାତ୍ର । ଜଣେ ସାଧାରଣ ଲୋକ ଗଛ ନିକଟକୁ ଯାଇ ଫୁଲଟିକୁ ଦେଖି, ତାହା ସେ ଗଛର ବୈପ୍ଳବିକ ପରିବର୍ତ୍ତନ ବୋଲି ଭାବି ପାରେ, କିନ୍ତୁ ଉଦ୍ଭିଦ ବିଜ୍ଞାନୀ ତାହା ଭାବେ ନାହିଁ । ଫୁଲ ଫୁଟିବା ପାଇଁ ଗଛଟି କଳ୍ପିତ । ନୂତନ ଭାବଧାରାରେ ସମାଜକୁ ପୁଷ୍ଟ କରିବା ପାଇଁ ନୂଆ ଭାବର ସୃଷ୍ଟି । ତୁମେ କ୍ଷମତା-ମଦରେ ବୁଦ୍ଧିହୀନ ନୂତନତ୍ୱକୁ ଦେଖି ଚମକି ପଡୁଛ ।

ରୁଷିଆର ଦୁର୍ଦ୍ଦାନ୍ତ ରାଜତନ୍ତ୍ର ସାଇବେରିଆର ବରଫ 'ଭିତରେ କାରାରୁଦ୍ଧ କରି ଯେଉଁ ଆଦର୍ଶ ଓ ଭାବଧାରାକୁ ରୋକି ପାରିନାହିଁ । ତୁମେ ଇଂରେଜ ଦରବାରୀ ମହଲା ମହଲର ଏଣ୍ଟୁଡ଼ିଶାଳରେ ସେ ଶିଶୁକୁ ଟୋଟି ଚିପି ମାରିଦେଇ ଅନ୍ଧାଧୁନ୍ଦିଆ ରାଜତନ୍ତ୍ରର ସମ୍ରାଜ୍ୟବାଦରେ ଏ ଦେଶକୁ ଚିରଦିନ ଲୁଟିକରି ପାରିବ ବୋଲି ଆସ୍ପର୍ଦ୍ଧା କରି ନାହିଁ ।

ଏ ଦେଶରେ ଯୁଗ ଯୁଗଧରି ଏପରି ବହୁତ ନୂତନ ଭାବଧାରା ଓ ଆଦର୍ଶ ପ୍ରବେଶ କରିଛି । ଆମ ଭାରତୀୟ ସଂସ୍କୃତି ତାକୁ କୋଳ କରି ନେଇଛି । ଆମର ଯୁବକ ଯଦି ସେ ଆଦର୍ଶରେ ମୁକ୍ତିର ଆଲୋକ ଦେଖେ ତେବେ ତୁମେ ତାକୁ ବନ୍ଧୁକ ମୁନରେ ଦବାଇ ଦେଇ-ପାରିବ ନାହିଁ । ସେ ଆଦର୍ଶ ଯଦି ଏ ଭୂଇଁ ପାଇଁ ଉପଯୁକ୍ତ ନ ହେବ, ଯୁଗ ଯୁଗ ଧରି ଆସିଥିବା ବହୁ ଆଦର୍ଶ ପରି ଏ ମଧ୍ୟ ମନକୁ ମିଳେଇ ଯିବ । ତୁମେ ତାର ପଥରୋଧ କରନାହିଁ ।

ସେଫ୍ଟି ଆଇନ, କେନ୍ଦ୍ର ଆସେମ୍ବ୍ଲିରେ ବିଚାର ଚାଲିଥିଲାବେଳେ ସରକାରୀ ପକ୍ଷ ବିରୋଧୀ ଦଳର କଥା ନ ଶୁଣି ତାକୁ ଜବରଦସ୍ତ ପାଶ କରାଇ ନେବାକୁ ବାହାରିଲା ବେଳକୁ, ଭଗତସିଂହ କେନ୍ଦ୍ର ଆସେମ୍ବ୍ଲି ସଭା ଗୃହରେ ପଶି ବୋମା ଫୁଟାଇଲେ । ସରକାର କାଲ ତାଙ୍କୁ ସାଧାରଣ କଥା ଶୁଭୁନାହିଁ ବୋମା ଶବ୍ଦ ତାଙ୍କୁ ଶୁଭିବ କହି ଧରା ଦେଲେ । ତାଙ୍କ ହାତରେ ଯେଉଁ ବନ୍ଧୁକଟି ଥିଲା ସେଥିରେ ସଣ୍ଡରସଙ୍କୁ ହତ୍ୟା କରାଯାଇଥିଲା ବୋଲି ପ୍ରମାଣ କରି ସରକାର ତାଙ୍କୁ ଓ ତାଙ୍କ ବନ୍ଧୁମାନଙ୍କୁ ତରବରରେ ଫାସି ଖୁଣ୍ଟରେ ଝୁଲାଇ ଦେଲେ ।

Digitized by srujanika@gmail.com

## ଅନ୍ୟ ମତବାଦ ପ୍ରତି ସହନଶୀଳତା—

ନନା ଉତ୍କଳ କଂଗ୍ରେସର ସଭାପତି ଥିବାବେଳେ କଂଗ୍ରେସ ଭିତରେ ସାମ୍ୟବାଦୀ ଗୋଷ୍ଠି ଗଢି ଉଠିଥିଲା । ଓଡ଼ିଶାରେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ବାସ ଭବନରେ ଗୋଟିଏ ସଭା ବସି ଓଡିଶା କଂଗ୍ରେସ ଭିତରେ ସାମ୍ୟବାଦୀ ଗୋଷ୍ଠି ଗଠନ ହେଲାବେଳେ ସେ ସେହି ଗୋଷ୍ଠିକୁ ଆଶୀର୍ବାଦ ଦେଇଥିଲେ କିନ୍ତୁ ସଭାପତି ଭାବରେ ସମସ୍ତ ମତର କଂଗ୍ରେସ ଲୋକେ ତାଙ୍କର ହୋଇଥିବାରୁ, ସେ ସାମ୍ୟବାଦୀ ଗୋଷ୍ଠି ବିଷୟରେ କିଛି ମନ୍ତବ୍ୟ ଦେଇ ପାରିବେ ନାହିଁ ବୋଲି ଜଣାଇ ଦେଇଥିଲେ ।

ନିର୍ଭୀକ ଭାବରେ ଅନ୍ୟ ମତବାଦର ପ୍ରଚାରକୁ ସୁବିଧା ଦେଇ ସେ ଜୀବନରେ ବହୁ ନିର୍ଯାତନା ସହିଛନ୍ତି । ମହାବିପ୍ଳବୀ ମାନବେନ୍ଦ୍ର ରାଏ ପ୍ରଥମ ମହାସମର ବେଳେ ଇଂରେଜଙ୍କ ଶତ୍ରୁ ପକ୍ଷରୁ ସାହାଯ୍ୟ ଆଣି ଭାରତକୁ ସ୍ୱାଧୀନ କରିବା ଉଦ୍ଦେଶ୍ୟରେ ଭାରତରୁ ଖସି ପଳାଇ ଥିଲେ । ପରେ ରୁଷିଆର କମ୍ୟୁନିଷ୍ଟ ବିପ୍ଳବରେ ଯୋଗ ଦେଇଥିଲେ ଲେନିନଙ୍କ ନିର୍ଦ୍ଦେଶରେ କମ୍ୟୁନିଜିମ ବାର୍ତ୍ତାର ପ୍ରଚାର ପାଇଁ ସେ ଚୀନ ଦେଶକୁ ଯାଇଥିଲେ । ଲେନିନଙ୍କ ତିରୋଧାନ ପରେ ଷ୍ଟାଲିନବାଦ ସଙ୍ଗେ ତାଙ୍କର ମତଭେଦ ହେବାରୁ ଶେଷରେ ସେ ଭାରତକୁ ବହୁବର୍ଷ ପରେ ଫେରି ଆସିଥିଲେ ।

ଦ୍ୱିତୀୟ ପୃଥିବୀ ମହାସମରର ଅବ୍ୟବହିତ ପୂର୍ବରୁ ନିଜ ମାତୃଭୂମିରେ ପହଞ୍ଚି, କଂଗ୍ରେସର ଶୀର୍ଷନେତା ମାନଙ୍କ ସଙ୍ଗେ ଭାରତର ଭବିଷ୍ୟତ କାର୍ଯ୍ୟ ପନ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ । ସେମାନଙ୍କ ସହିତ ତାଙ୍କର ମତ ପାର୍ଥକ୍ୟ ରହିବାରୁ ସେ ରାଡ଼ିକାଲ ଡେମୋକ୍ରାଟିକ ପାର୍ଟି ବୋଲି ଗୋଟିଏ ଦଳ ଗଢିଥିଲେ ।

ସେ ତାଙ୍କ ଦୃଷ୍ଟିକୋଣ ବୁଝାଇବା ପାଇଁ କଟକ ଆସିଲା ବେଳେ, ଗୋଟିଏ ସଭାର ଆୟୋଜନ ହୋଇଥିଲା । କଂଗ୍ରେସ ଓ ଅନ୍ୟାନ୍ୟ ଦଳର ଲୋକେ ତାଙ୍କର ତୀବ୍ର ବିରୋଧ କରି ସଭା କରାଇ ନ ଦେବାକୁ ସ୍ଥିର କରିଥିଲେ । ନନା ଏମ୍.ଏନ ରାୟଙ୍କୁ କହିବାକୁ ଦେବାକୁ, ଲୋକଙ୍କୁ ଅନୁରୋଧ କରି ସେ ସଭାରେ ସଭାପତିତ୍ୱ କରିଥିଲେ । ସେ ସଭାରେ ବିରୋଧୀମାନଙ୍କ ଦ୍ୱାରା ଏମ ଏନ ରାୟ ଓ ନନା ଅପମାନିତ ନିର୍ଯାତିତ ହୋଇଥିଲେ ।

Digitized by srujanika@gmail.com

ସେ କାହାର ଅନୁଗାମୀ ନଥିଲେ, କୌଣସି କଥା ତାଙ୍କ ମନକୁ ନ ପାଇଲେ ସେ ସଙ୍ଗେ ସଙ୍ଗେ ତାର ସମାଲୋଚନା କରୁଥିଲେ । ମାନବେନ୍ଦ୍ର ଗୁପ୍ତ ନନାଙ୍କ ସଙ୍ଗେ ଏକ ଡ଼ବାରେ ରେଲଯାତ୍ରା କରୁଥିବା-ବେଳେ, ବ୍ୟଥିତ ହୋଇ କହି ପକାଇଲେ ସତେ କଅଣ ଏ ରାଜ୍ୟ ସ୍ୱର୍ଗ ରାଜ୍ୟରେ ପରିଣତ ହେବ ?

ସେଇ ଡ଼ବାରେ ସ୍ୱର୍ଗତ ଦିବାକର ପଟ୍ଟନାୟକ ମଧ୍ୟ ଯାଉଥିଲେ ମୁଁ ତାଙ୍କଠାରୁ ଶୁଣିଛି । ଏମ୍. ଏନ୍. ଗୁପ୍ତଙ୍କ କଥା ଶୁଣିବା ସଙ୍ଗେ ସଙ୍ଗେ ନନା କହିଲେ "ମିଷ୍ଟର ଗୁପ୍ତ ଆପଣ ପରା ଜଣେ ନିଷ୍ଠାପର କମ୍ୟୁନିଷ୍ଟ ସଂଘର୍ଷ ଓ କର୍ମ ପରା ଆପଣଙ୍କ ଆଦର୍ଶ, ବିଳାସର ତକିଁରେ ସ୍ଥାନ କାହିଁ ଆପଣ ଏ କାଳ୍ପନିକ ସ୍ୱର୍ଗ ସୁଖର କଳ୍ପନା କିପରି କରୁଛନ୍ତି ।"

ଖଟି ଖାଇବା ପରା କମ୍ୟୁନିଜମ୍‌ର ଅନୁସରଣୀୟ ପନ୍ଥା । ସ୍ୱର୍ଗରେ ଖଟି ଖାଇବାର ପ୍ରଶ୍ନ କେଉଁଠି ଉଠୁଛି । ସ୍ୱର୍ଗର ଆଦର୍ଶ ହେଲା ପୂର୍ବର ପୁଣ୍ୟ ଯୋଗୁ ହେଉ ବା ଭାଗ୍ୟ ଯୋଗୁ ହେଉ କୌଣସି କର୍ମ ନକରି ବିଳାସ ବ୍ୟସନରେ ବୁଡ଼ି ରହି ସମୟ କଟାଇବା । ସେଠାରେ ପରା କର୍ମ କରିବାକୁ ପଡ଼େ ନାହିଁ । ସୁଖାଦ୍ୟ, ସୁନ୍ଦର ସୁବାସିତ ଉଦ୍ୟାନ ସୁରା ଓ ଅପ୍‌ସରା ପ୍ରଭୃତି ନର୍ତ୍ତକୀଙ୍କ ଭିତରେ ଭୋଗ ବିଳାସରେ ସମୟ କଟାଇବା ସେଠାରେ ଆଦର୍ଶ । ସେ ଯୁକ୍ତିରେ ମାନବେନ୍ଦ୍ରଗୁପ୍ତ ଚକିତ ହୋଇ ପଡ଼ିଥିଲେ ।

କଟକରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗୋଟିଏ ସଭା ହେବାର ଥିଲା । ସାମ୍ୟବାଦୀ ଦଳ ତାର ବିରୋଧ କରୁଥିଲେ । ସ୍ୱୟଂ ସେବକମାନେ ସେ ସଭାରେ ସଭାପତିତ୍ୱ କରିବାପାଇଁ ନନାଙ୍କୁ ଅନୁରୋଧ କରିବାରେ ସେ ସଂଘର ମତ କଅଣ ଜାଣିବାକୁ ଚାହୁଁ-ଥିବାରୁ ସେ ସଭାରେ ଯୋଗଦେବାପାଇଁ ନିର୍ଭୟରେ ରାଜି ହୋଇଗଲେ ।

ସ୍ୱୟଂସେବକ ସଂଘର ଆପ୍ଟେ ବୋଲି ଜଣେ ବୃଦ୍ଧ ନେତା ସେ ସଭାରେ ଭାଷଣ ଦେବାର ଥିଲା । ଆଉ ଜଣେ ଯୁବକ ଆପ୍ଟେ ଗାନ୍ଧି ହତ୍ୟାକାରୀ 'ଗଡ଼୍‌ସେ'ଙ୍କର ବନ୍ଧୁ ଥାଇ ସେ ହତ୍ୟା ସହିତ ସମ୍ପୃକ୍ତ ଥିଲେ ।

Digitized by srujanika@gmail.com

ଆର୍. ଏସ୍. ଏସ୍. ବିରୋଧି ସାମ୍ୟବାଦୀମାନେ ବୃଦ୍ଧ ଆପ୍ଟେଙ୍କୁ ଗାନ୍ଧିହତ୍ୟା ସହିତ ସମ୍ପୃକ୍ତ ଆପ୍ଟେ ବୋଲି କହି ସଭା ଭିତରକୁ ଧ୍ୱନି ମାନ ଦେଇ ପଶି ଆସି ତାଙ୍କୁ ଆକ୍ରମଣ କଲେ । ବୃଦ୍ଧ ଆପ୍ଟେ ମୂର୍ଚ୍ଛା-ମାଡ଼ି ପଡ଼ିଗଲେ, ଓ ଠେଲା ପେଲାରେ ସଭାପତି ଓ ତାଙ୍କ ସାଥୀ ମାନଙ୍କର ମଧ୍ୟ ହାତ ଗୋଡ଼ ଖଣ୍ଡିଆ ଖାବରା ହୋଇଗଲା । ଏପରି ରାଜନୈତିକ ଅସହିଷ୍ଣୁତା ଓ ଅବିମୃଶ୍ୟକାରୀ ମିଥ୍ୟା ପ୍ରଚାରକୁ ନନା ପସନ୍ଦ ନକରି ତାର ଦୃଢ଼ ପ୍ରତିବାଦ କରିଥିଲେ ।

## ସରକାରୀ କର୍ମଚାରୀଙ୍କ ପ୍ରତି ମନୋଭାବ—

ଉପର କର୍ତ୍ତାଙ୍କ ଆଦେଶ ପାଳନ କରି ପୋଲିସ ଓ ଅନ୍ୟ କର୍ମଚାରୀମାନଙ୍କ କର୍ତ୍ତବ୍ୟ ପାଳନ ପାଇଁ ପୋଲିସବାଲାଙ୍କୁ ସବୁବେଳେ ବିପଦ ସମ୍ମୁଖୀନ ହେବାକୁ ପଡ଼େ । ସେମାନେ କଳପରି କାର୍ଯ୍ୟ କରିଯାଆନ୍ତି ।

ଇଂରେଜ ସମୟରେ ନନା ସରକାରଙ୍କୁ ଓ ସରକାରୀ ନୀତିକୁ ତୀବ୍ର ସମାଲୋଚନା କରୁଥିଲେ ମଧ୍ୟ ସରକାରୀ କର୍ମଚାରୀଙ୍କୁ ଆକ୍ଷେପ ନକରି ସେମାନଙ୍କୁ ଭିନ୍ନ ଚକ୍ଷୁରେ ଦେଖୁଥିଲେ । ସରକାରୀ ଖୋସାମତିଆ ମାନଙ୍କୁ ମଧ୍ୟ ସେ ବିଶେଷ ଗୁରୁତ୍ୱ ଦେଉନଥିଲେ, ଯେଉଁଆଡ଼େ ବର୍ଷା ସେହିଆଡ଼େ ଛତା ଦେଖାଇବା ସେମାନଙ୍କର ଅଭ୍ୟାସ ଓ ଦେଶୀ ସରକାର ଗଢ଼ାହେଲେ ସେମାନେ ତାଙ୍କ ଛତା ବୁଲାଇ ହସ୍ତସ୍ତ ହୋଇଯିବେ ବୋଲି ସେ ଭାବୁଥିଲେ ।

ଇଂରେଜ ସରକାରଙ୍କ ପୋଲିସ କର୍ମଚାରୀମାନଙ୍କୁ ଗାଳି ଗୁଲଜ କରିବା କି ଅଯଥା ଦୋଷାରୋପ କରିବା ସେ ପସନ୍ଦ କରୁ-ନଥିଲେ । ବରଂ ସେମାନଙ୍କୁ ଦେଶ ଭକ୍ତିରେ ଅନୁପ୍ରାଣିତ କରି ସେମାନଙ୍କ ମତିଗତି ବଦଳାଇବା ପାଇଁ ଚେଷ୍ଟା କରୁଥିଲେ ।

ପ୍ରଥମ ଅସହଯୋଗ ଆନ୍ଦୋଳନ ବେଳେ କଟକର ଜଣେ ଦେଶୀ ଇନସ୍‌ପେକ୍ଟର ବାନରସେନାଙ୍କୁ ଗୋଡ଼ାଇ ଗୋଡ଼ାଇ ନିଜ ହାତରେ ପିଟୁଥିଲେ ସେଥିପାଇଁ ପରେ ସରକାରଙ୍କଠାରୁ ଉଚ୍ଚ ପଦବୀ ପାଇଥିଲେ ।

Digitized by srujanika@gmail.com

ମୁଁ ସ୍ୱର୍ଗତଃ ପୂର୍ବତନ ପୋଲିସ ଏସ୍.ପି., ଶ୍ରୀ ନୀଳକଣ୍ଠ ମିଶ୍ରଙ୍କ ଠାରୁ ଶୁଣିଛି ଯେ ସମୟରେ ଅସହଯୋଗ ଆନ୍ଦୋଳନ ବେଳେ କଟକ କାଠଯୋଡ଼ି ବାଲିରେ ସଭା ହେଉଥାଏ । କଂଗ୍ରେସ ନେତାମାନେ ଲୋକଙ୍କୁ ସ୍କୁଲ୍, କଲେଜ୍, ସରକାରୀ ଚାକିରୀ ସବୁ ଛାଡ଼ି ଆନ୍ଦୋଳନରେ ଯୋଗଦେବା ପାଇଁ ଆହ୍ୱାନ ଦେଉଥାଆନ୍ତି ।

ଯୁବ ନେତାମାନେ ସେଠାରେ ବକ୍ତୃତା ଦେଲାବେଳେ ସେହି ଅତ୍ୟାଚାରୀ ଇନ୍ସପେକ୍ଟରଙ୍କ କଥା ମନେପକାଇ, ସେ ସଭାରେ ଉପସ୍ଥିତ ଥିବା ପୋଲିସବାଲାଙ୍କୁ ଦେଖାଇ କୁକୁର ଚାକର କହି କଡ଼ା ଭାଷା ପ୍ରୟୋଗ କରି ଭାଷଣମାନ ଦେଉଥାଆନ୍ତି ।

ନନା ସେ ସବୁ ଶୁଣିସାରି ବକ୍ତୃତା ଦେବାକୁ ଉଠି କହିଲେ "ଗାନ୍ଧୀଙ୍କ ଭାଷାରେ ଏ ଆନ୍ଦୋଳନ ଧର୍ମଯୁଦ୍ଧ । ଏଥିରେ ଆମର କାହାପ୍ରତି ହିଂସା ବା ଦ୍ୱେଷ ଭାବନାହାରେ ନାହିଁ । କୁରୁପାଣ୍ଡବ ଯୁଦ୍ଧରେ ପାଣ୍ଡବଙ୍କର ବହୁ ଗୁରୁଜନ ଓ ନମସ୍ୟ ବ୍ୟକ୍ତି; କୌରବଙ୍କ ଅନ୍ନରେ ପ୍ରତିପାଳିତ ହେଉଥିବାରୁ କୌରବଙ୍କ ପକ୍ଷରେ ବାଧହୋଇ ଯୁଦ୍ଧ କରୁଥିଲେ । ପାଣ୍ଡବମାନେ କେବେ ହେଲେ ସେମାନଙ୍କୁ ଅସମ୍ମାନ ବ୍ୟବହାର ଦେଖାଇ ନାହାନ୍ତି । ବରଂ ଥଇଲୁ ଅଭ ସେମାନଙ୍କ ନିକଟରୁ ଆଶୀର୍ବାଦ ଭିକ୍ଷା କରିଛନ୍ତି ।

ଆଜି ଯେଉଁ ସରକାରୀ ଲୋକେ ଏଠାରେ ଆସି ଆମ ଚଉହଦରେ ଠିଆ ହୋଇଛନ୍ତି । ସେମାନଙ୍କ ଭିତରେ ଭୀଷ୍ମ, ଦ୍ରୋଣ ପରି କେତେ ଦେଶହିତୈଷୀ ବନ୍ଧୁ ଥିବେ ତାହା କିଏ ଜାଣେ । ସେମାନେ ଆମର ନମସ୍ୟ । ମୁଁ ସେମାନଙ୍କ ଉଦ୍ଦେଶ୍ୟରେ ନମସ୍କାର ଜଣାଉଛି । ଏହି ଭୀଷ୍ମ, ଦ୍ରୋଣମାନେ ହୁଏତ ବୁଝିପାରୁ ନାହାନ୍ତି ଯେ ସେମାନେ ପ୍ରକୃତରେ କୌରବଙ୍କ ସଦୃଶ ଇଂରେଜଙ୍କର ଅନ୍ନରେ ପ୍ରତିପାଳିତ ନୁହନ୍ତି । ସେ ସବୁ ଆମର, ଆମ ଦେଶର ଅନ୍ନ । ଯେତେ-ବେଳେ ସେମାନେ ସେ କଥା ଉପଲବ୍ଧି କରି ଇଂରେଜ ମୋହ ତୁଟାଇ ଦେବେ, ସେତେବେଳେ ଆମ ପାଖକୁ ଏହି ଆନ୍ଦୋଳନର ଲୋକକୁ ଡେଇଁ ପଡ଼ିବେ । ଏହିକ୍ଷଣି ଏହି ସଭାରେ ହୁଏତ ଗୋଳମି

Digitized by srujanika@gmail.com

ପୋଷାକ ପୋଡ଼ାଉ, ଜାତୀୟ ପତାକାଧରି ବନ୍ଦେ ମାତରଂ ଗାଇ ଛୁଟିବେ ।”

ସେ ଏହିପରି କହୁ କହୁ ସେଠାରେ ଥିବା ଜଣେ ନୂଆ ପୋଲିସ ସବ୍‌ଇନ୍‌ସପେକ୍ଟର ତାଙ୍କର ପୋଲିସ ପୋଷାକ ଓ ଟୋପି ଫିଙ୍ଗିଦେଇ ବନ୍ଦେ ମାତରଂ ଧ୍ୱନିକରି ସଭାମଞ୍ଚକୁ ଛୁଟିଆସି ନନାଙ୍କର ପଦଧୂଳି ଗ୍ରହଣକରି ଆନ୍ଦୋଳନରେ ମିଶିଗଲେ । ପରେ ବନ୍ଦୀ ହୋଇ ଆନ୍ଦୋଳନରେ ଜାତୀୟ ଧ୍ୱଜ ସବୁ ଦେଇ କାରାଗାର ବରଣ କଲେ ।

ନନାଙ୍କର ଚିନ୍ତାଧାରା ଅନ୍ୟମାନଙ୍କଠାରୁ ପୃଥକ୍ ଥିଲା ତେଣୁ ଅନେକ ସମୟରେ ତାଙ୍କର ସହକର୍ମୀମାନେ ତାଙ୍କୁ ବୁଝିନପାରି ତାଙ୍କର ବିରୋଧ କରୁଥିଲେ । ସେ ଥିଲେ ନୂତନ ପଥଦ୍ରଷ୍ଟା । ଯେଉଁଠାରେ ସମସ୍ତେ ଅନ୍ଧାର ଦେଖୁଥିଲେ ସେଇଠାରେ ଆଲୋକର ଶିଖା ଆବିଷ୍କାର କରି ସେ ନୂତନ ପଥ ସୃଷ୍ଟି କରିପାରୁଥିଲେ ।

**ନୂତନ-ପଥଦ୍ରଷ୍ଟାଙ୍କ ବିପଦ**—ନନାଙ୍କ ତିରୋଧାନର ବହୁ ବର୍ଷ ପରେ ଶ୍ରୀ ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ କଟକ ରାମଚନ୍ଦ୍ର ଭବନରେ ନନାଙ୍କର ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଥିଲା ।

ରାଜନୀତିରେ ମହତାବ ବାବୁ ନନାଙ୍କ ସହିତ ବହୁଦିନ ଏକାଠି କାର୍ଯ୍ୟକରି ଆସିଥିଲେ ଓ ବହୁ କାର୍ଯ୍ୟରେ ମଧ୍ୟ ତୀବ୍ର ବିରୋଧ କରୁଥିଲେ ତେଣୁ ସେ ତାଙ୍କ ସମ୍ବନ୍ଧରେ କଅଣ କହିବେ ବୋଲି ସମସ୍ତେ ଉଦ୍‌ଗ୍ରୀବ ହୋଇ ରହିଥିଲେ । କେତେକବ ସେ ସଭାରେ ଟୁପ୍ ଟାପ୍ ହେଉଥିଲେ ।

ମହତାବ ବାବୁ ସଭାରେ ଥିବା ଲୋକଙ୍କ ମନ ବୁଝିପାରିଥିଲେ । ଅନ୍ୟମାନଙ୍କ ବକ୍ତୃତା ସରିବା ପରେ ସେ ତାଙ୍କ ସଭାପତି ଅଭିଭାଷଣରେ କହିଲେ—

“ହଁ ମୁଁ ମୋ ଜୀବନରେ ତାଙ୍କର ବହୁତ ବିରୋଧ କରିଛି । କରିବା ମଧ୍ୟ ଆମ ଭଳି ଲୋକ ପକ୍ଷରେ ସ୍ୱାଭାବିକ । ଆମ୍ଭେମାନେ ଶଗଡ଼ ଗୁଳାରେ ଚାଲିବା ଲୋକ । ସେ ମହାପୁରୁଷ, ପଥଦ୍ରଷ୍ଟା, ସେ

Digitized by srujanika@gmail.com

କଣ୍ଟା ବଣରେ ଅବାଟରେ ବାଟ ଫିଟାନ୍ତି । ଆମେ ସେ' ବାଟକୁ ଉତ୍ତର ଧରାବନ୍ଧା ବାଟରେ ଚାଲିବାକୁ ତାଙ୍କର ବିରୋଧ କରୁ ।”

ଯେଉଁ ମହାପୁରୁଷମାନେ ଲୋକ ମଙ୍ଗଳ ପାଇଁ ନୂଆ ପଥ ସୃଷ୍ଟି କରିଯାଇଛନ୍ତି ସେମାନେ ତାଙ୍କ ଜୀବନରେ ସମାଜର ବହୁ ଉପଦ୍ରବ ସହିଛନ୍ତି । ସେମାନଙ୍କ ତିରୋଧାନ ପରେ ସେମାନଙ୍କ କଥା ଓ କାର୍ଯ୍ୟର ମହତ୍ତ୍ୱ ଲୋକେ ଉପଲବ୍‌ଧି କରନ୍ତି । ପଥଦ୍ରଷ୍ଟାମାନେ ଇତିହାସ ସୃଷ୍ଟି କରି ଦୁଃଖ କଷ୍ଟରେ ସଂସାରରୁ ବିଦାୟ ନିଅନ୍ତି ।

ସକ୍ରେଟିସ୍, ହୋମର, ଯିଶୁଖ୍ରୀଷ୍ଟ ମହାତ୍ମାଗାନ୍ଧୀ ପ୍ରଭୃତି ବଡ ବଡ ମହାପ୍ରାଣ ବ୍ୟକ୍ତିମାନେ ସେମାନଙ୍କ ମତ ଓ ବ୍ୟକ୍ତିତ୍ୱ ପାଇଁ ସେହି ଦଶା ଭୋଗିଛନ୍ତି ।

ରୋମାନ୍ କବି ‘ହୋମର୍’ଙ୍କ ଅମର କବିତା ହଜାର ହଜାର ବର୍ଷ ପରେ ଏବେବି ବଞ୍ଚି ରହିଛି । ସେ ତାଙ୍କ ଜୀବଦଶାରେ ସମାଜର ଭାବଧାରାକୁ ଗ୍ରହଣ ନକରି ନୂତନ ଭାବଧାରାର ପ୍ରଚାର କରି-ଥିବାରୁ ସେ ସମାଜର ସମ୍ପୂର୍ଣ୍ଣ ରୂପେ ଅନାଦୃତ ହୋଇ ତାଙ୍କ ଗୀତ ଗାଇ ଗାଇ ଅତି ଦରିଦ୍ର ଭାବରେ ରାସ୍ତା ରାସ୍ତା ବୁଲି ଭିକ ମାଗୁଥିଲେ ।

ତାଙ୍କ ସମ୍ବନ୍ଧରେ ଥିବା କଥାଟି ନନା ସବୁବେଳେ କହନ୍ତି ।

Forty states of Greece and Rome, Claimed Homer Dead.
For on all their Streets 'Homer' used to beg his daily bread.

ଜୀବଦଶାରେ କେହି ତାଙ୍କ ବ୍ୟକ୍ତିତ୍ୱ ଉପଲବ୍‌ଧି କରିପାରୁ ନଥିଲେ ମଧ୍ୟ ସେ ମରିଗଲା ପରେ ଗ୍ରୀସ ଓ ରୋମର ଚାଳିଶିଟି ଯାକ ରାଜ୍ୟ ହୋମରଙ୍କୁ ତାଙ୍କ ନିଜ ରାଜ୍ୟର ବୋଲି ଦାବି କରିଥିଲେ । ହୋମର ସେମାନଙ୍କ ରାସ୍ତାରେ ବୁଲି ବୁଲି ତାଙ୍କର ଦୈନିକ ଆହାର ସଂଗ୍ରହ କରିବାକୁ ଭିକ୍ଷାର ଆଶ୍ରୟ ନେଇଥିବାରୁ ତାଙ୍କର ଲୋକ ବୋଲି ଦାବି ସାବ୍ୟସ୍ତ କରିଥିଲେ ।

ସେଥିଯୋଗୁ ନନାଙ୍କୁ କିଏ କଅଣ କହିଲା କିପ୍ରକାର ବ୍ୟବହାର ଦେଖାଇଲା ସେଥିପ୍ରତି ଦୃଷ୍ଟିପାତ ନକରି ସେ ତାଙ୍କ ଆଦର୍ଶରେ ଅଟଳ ରହିଥିଲେ ।

Digitized by srujanika@gmail.com

# କଂଗ୍ରେସ ରାଜନୀତି ଓ ପୁରାତନ ବନ୍ଧୁ

(ଷୋଡ଼ଶ)

## ନେତାଜି ଓ କଂଗ୍ରେସ—

କଂଗ୍ରେସ ଥିଲା ନେତାଙ୍କର ପ୍ରିୟ ଅନୁଷ୍ଠାନ । ସେ ନିଜେ କଂଗ୍ରେସରୁ ବାହାରି ଯାଇ ନଥିଲେ, କି କଂଗ୍ରେସ ତାଙ୍କୁ ବହିଷ୍କାର କରି ନଥିଲା । ସେତେବେଳର ନେତାମାନଙ୍କ ସଙ୍ଗେ ମତଭେଦ ଓ ପରିସ୍ଥିତିର ଘାତରେ ସେ କଂଗ୍ରେସ ପ୍ରଜାମଣ୍ଡଳରୁ ଅଲଗା ରହିଥିଲେ ।

ସୁଭାଷଙ୍କୁ କଂଗ୍ରେସରୁ ବାହାର କରି ଦିଆଯାଇଥିଲେ ମଧ୍ୟ ସେ ବର୍ମାରେ ଆଜାଦ୍ ହିନ୍ଦ୍ ସରକାର ଓ ଆଜାଦ ହିନ୍ଦ୍ ଫୌଜ ଗଠନ କଲେବେଳେ ଜାତୀୟ କଂଗ୍ରେସକୁ ଭୁଲି ନଥିଲେ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନ ପାଇଁ ବିଦେଶ ରେଡ଼ିଓରୁ କଂଗ୍ରେସର ତୁଙ୍ଗନେତାମାନଙ୍କୁ ଜଣ ଜଣ କରି ସମ୍ବୋଧନ କରି କାକୁତିମିନତି ସହିତ ସହଯୋଗର ଆହ୍ୱାନ ଦେଇଥିଲେ ।

କଂଗ୍ରେସର ଜାତୀୟ ପତାକାକୁ ଆଜାଦ ହିନ୍ଦ୍ ସରକାର ନିଜର ପତାକାରୂପେ ଗ୍ରହଣ କରିଥିଲେ । ଭାରତୀୟ ଜାତୀୟ କଂଗ୍ରେସର ଆଦର୍ଶକୁ ନିଜର ଆଦର୍ଶ କରି ଗ୍ରହଣ କରିବାକୁ ପ୍ରସ୍ତାବ ପାଶ କରାଇଥିଲେ । ଜୟଲାଭ ପରେ ଭାରତୀୟ କଂଗ୍ରେସର ନେତୃତ୍ୱ ମାନି ଚଳିବାକୁ ଘୋଷଣା କରିଥିଲେ ।

ଆଜାଦ୍ ହିନ୍ଦ୍ ଫୌଜର ସେନାଦଳମାନଙ୍କୁ, ଗାନ୍ଧି ବ୍ରିଗେଡ ନେହେରୁ ବ୍ରିଗେଡ ପ୍ରଭୃତି ନାମକରଣ କରିଥିଲେ ।

ନେତା ମଧ୍ୟ ନିଜକୁ ଜଣେ କଂଗ୍ରେସୀ ଲୋକ ବୋଲି ମନେ କରୁଥିଲେ । ଲୋକେ ମଧ୍ୟ ତାଙ୍କୁ ସେଇ ଦୃଷ୍ଟିରେ ଦେଖୁଥିଲେ । ୧୯୫୧।୫୨

Digitized by srujanika@gmail.com

ନିର୍ବାଚନ ବେଳେ ଲୋକେ କହୁଥିଲେ ପଣ୍ଡିତଙ୍କ ଅସଲ କଂଗ୍ରେସ ସେ ଓଡ଼ିଶାରେ କଂଗ୍ରେସ ଗଢ଼ିଛନ୍ତି । ସେଥିପାଇଁ ପ୍ରାଣପାତ କରି କାର୍ଯ୍ୟ କରିବାକୁ କେବେ ପଶ୍ଚାତ୍‌ପଦ ହୋଇ ନାହାନ୍ତି ।

ସେ କଂଗ୍ରେସ ପାଇଁ ଓ ଦେଶ ପାଇଁ ଯାହା କରିଛନ୍ତି । ଏବେ କଂଗ୍ରେସୀ ବୋଲଉଥିବା ଦଳମାନେ ସେ ତୁଳନାରେ କଅଣ କରିଛନ୍ତି ? ନିର୍ବାଚନ ସଭାମାନଙ୍କରେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀକୁ ମୋ ସତ୍ୟବାଦୀ ବୋଲି କହୁଥିଲେ, କଂଗ୍ରେସକୁ ମଧ୍ୟ ସେହିପରି ମୋ କଂଗ୍ରେସ ବୋଲି କହୁଥିଲେ ।

## ନନାଙ୍କୁ କଂଗ୍ରେସରୁ ଡାକରା—

ସ୍ୱାଧୀନତା ପ୍ରାପ୍ତିରେ ପ୍ରଥମ ନିର୍ବାଚନ ପରେ କଂଗ୍ରେସର ଅଭିମୁଖ୍ୟ ବଦଳିଲା । ନେହେରୁ ପୁରାତନ ଦେଶପ୍ରେମୀ ଓ ବୁଦ୍ଧି-ଜୀବୀମାନଙ୍କୁ କଂଗ୍ରେସ ଭିତରକୁ ଆଣିବାକୁ ଚେଷ୍ଟାକଲେ ।

ଜହର ଲାଲଙ୍କ ପିତା ମୋତିଲାଲ ସ୍ୱରାଜ ଦଳର ନେତା ଭାବେ କେନ୍ଦ୍ର ଆସେମ୍ବ୍ଲିର ବିରୋଧି ଦଳର ନେତୃତ୍ୱ ନେଉଥିଲାବେଳେ ସେ ଦଳର ସୁଯୋଗ୍ୟ ସମ୍ପାଦକ ଥିଲେ ନନା । ସେତିକବେଳୁ ଜହରଲାଲ ନନାଙ୍କ ପ୍ରତିଭା ସମ୍ବନ୍ଧ ପରିଚିତ । ଜହରଲାଲ କେନ୍ଦ୍ର ଅସେମ୍ବ୍ଲିର ଦର୍ଶକ ଗ୍ୟାଲେରୀରେ ବସି ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଜାତୀୟତାବାଦୀ ଭାଷଣ ବି ଶୁଣିଛନ୍ତି । ପରେ ତାଙ୍କ ସଙ୍ଗେ ବହୁବାର ଏକାଠି କଂଗ୍ରେସ କାର୍ଯ୍ୟ କରିଛନ୍ତି । ୧୯୩୭ ନିର୍ବାଚନ ବେଳେ ଜହରଲାଲ ଜାତୀୟ କଂଗ୍ରେସର ସଭାପତି ଓ ନନା ଉତ୍କଳ କଂଗ୍ରେସର ସଭାପତି ଥାଇ ଦୁହେଁ ଓଡ଼ିଶାରେ ବୁଲି ଭୋଟ ପ୍ରଚାର କରିଛନ୍ତି ଓ ସେ ନନାଙ୍କୁ ଡାକନେଇ ଅନ୍ୟ ପ୍ରଦେଶରେ ନିର୍ବାଚନ ସଭାମାନଙ୍କରେ ଭାଷଣ ଦିଆଇଛନ୍ତି । ଓଡ଼ିଶା ପ୍ରସଙ୍ଗ ଉଠିବାବେଳେ ତାଙ୍କ ମନରେ ନନାଙ୍କ କଥା ଉଠିବା ସ୍ୱାଭାବିକ ।

ଓଡ଼ିଶାର କଂଗ୍ରେସରେ ସେତେବେଳେ ଦଳୀୟ ରାଜନୀତି ଯୋଗୁ ଫାଙ୍କ ସୃଷ୍ଟି ହୋଇ ଆସୁଥିଲା । କେତେକ ଓଡ଼ିଆ କଂଗ୍ରେସ

Digitized by srujanika@gmail.com

ନେତା ସେ ସଙ୍ଗଠନକୁ ଦୃଢ଼ କରିବା ପାଇଁ ନନାଙ୍କ ସହଯୋଗ ଚାହୁଁଥିଲେ । ଶ୍ରୀ ବନମାଳୀ ପଟ୍ଟନାୟକଙ୍କ ସଭାପତିତ୍ୱରେ କଂଗ୍ରେସ-କମିଟି ବସି ନନା କଂଗ୍ରେସରେ ଯୋଗଦେବା ପାଇଁ ପ୍ରସ୍ତାବ ପାଶ ହୋଇଥିଲା ।

ଜବାହରଲାଲ ନେହେରୁ ସେ ପ୍ରସ୍ତାବରେ ଖୁସିହୋଇ କଂଗ୍ରେସକୁ ଲେଉଟି ଆସିବାକୁ ନନାଙ୍କୁ ଲେଖିଥିଲେ ।

ALL INDIA CONGRESS COMMITTE
7. Jantar Mantar Road. NEW DELHI
Date-March 25, 1955.

Ref-

My dear friend,

I am happy to learn that you have expressed a wish to come back to the Congress. You were in the old days a pillar of the Congress in Orissa and it was a matter of sorrow to me, as to others, that you should have left it fifteen years ago. I shall be happy indeed if you come back and helf us with your wise counsel.

with all good wishes:
yours Sincerly
S/s Jawaharlal Neheru:

ଅଖିଳ ଭାରତୀୟ କଂଗ୍ରେସ କମିଟି
ମାର୍ଚ୍ଚ ୨୫-୧୯୫୫

ମୋର ପ୍ରିୟବନ୍ଧୁ,

ଆପଣ କଂଗ୍ରେସକୁ ଫେରି ଆସିବାର ଇଚ୍ଛା ପ୍ରକାଶ କରି-ଥିବାର ସମ୍ବାଦ ଶୁଣି ମୁଁ ଆନନ୍ଦିତ ହେଲି । ଅତୀତରେ ଓଡ଼ିଶାରେ ଆପଣ କଂଗ୍ରେସର ଗୋଟିଏ ବଳିଷ୍ଠ ସ୍ତମ୍ଭ ସ୍ୱରୂପ ଥିଲେ । ଆପଣ ପନ୍ଦର ବର୍ଷ ତଳୁ ସେ ଅନୁଷ୍ଠାନରୁ ଦୂରେଇ ଗିବା ମୋ ପ୍ରତି ତଥା ଅନ୍ୟମାନଙ୍କ ପ୍ରତି ଅତ୍ୟନ୍ତ ଦୁଃଖଦାୟକ ହୋଇଥିଲା । ଆପଣ ପୁନ ପ୍ରତ୍ୟାବର୍ତ୍ତନ କରି ଆପଣଙ୍କର ଜ୍ଞାନସମ୍ପନ୍ନ (ମୂଲ୍ୟବାନ) ପରାମର୍ଶ ଦ୍ୱାରା ଆମକୁ ସାହାଯ୍ୟ କରନ୍ତୁ ତାହେଲେ ମୁଁ ଅତ୍ୟନ୍ତ ଖୁସିହେବି ।

ଆପଣଙ୍କର ବନ୍ଧୁ
ଜବାହରଲାଲ ନେହେରୁ

Digitized by srujanika@gmail.com

ଆପଣ ତ କଂଗ୍ରେସ, ଆପଣଙ୍କୁ ପ୍ରକୃତ କଂଗ୍ରେସ ବୋଲି, ଅନ୍ୟ କଂଗ୍ରେସ ପ୍ରାର୍ଥୀମାନଙ୍କୁ ଭୋଟ ନଦେଇ ଆପଣଙ୍କୁ ଦେଇଥିଲୁ । ଆପଣ ପୁଣି କଂଗ୍ରେସର ନେତୃତ୍ୱ ନେଲେ, ଆମର ଭାଗ୍ୟର କଥା ଏଥିରେ ଆପତ୍ତି କରିବାର କଅଣ କାରଣ ଅଛି ।

ଏହି ସଭ୍ୟମାନଙ୍କର ସର୍ବସମ୍ମତିକ୍ରମେ ପାଶ ହୋଇଥିବା ପ୍ରସ୍ତାବକୁ ଧରି ସେ କଂଗ୍ରେସରେ ଯୋଗଦେଲେ ।

ଏହି କଂଗ୍ରେସରେ ଯୋଗ ଦେବା ପରେ କେତେ ପ୍ରକାର ଗୁଜବ ଶୁଣାଗଲା । ଜଣେ ଭଦ୍ରଲୋକ ତାଙ୍କୁ ଆସି ପଚାରିଲେ 'ଆମେ ଶୁଣୁଚୁ ଆପଣ କେଉଁଠି ଅନ୍ୟ ପ୍ରଦେଶକୁ ଗଭର୍ଣ୍ଣର ହୋଇ ଯାଉଛନ୍ତି ?' ନନା କହିଲେ 'ତୁମେ କଅଣ ବିଚାରୁଛ ଲୋକ ପ୍ରତିନିଧିଠାରୁ ଗଭର୍ଣ୍ଣର ପଦଟା ବେଶୀ ସମ୍ମାନପ୍ରଦ, ମୁଁ ଜୀବନରେ ଲୋକସେବାର ବ୍ରତ ନେଇଛି ସ୍ୱଭାବ ଧାର ଲୋକ ନିର୍ବାଚିତ ପ୍ରତିନିଧି ପଦ ଆଗରେ ସରକାରଙ୍କ ମନୋନୀତ ଗଭର୍ଣ୍ଣର ପଦ ମୋ ପାଇଁ ତୁଚ୍ଛ । ମୁଁ ଶେଷ ଜୀବନରେ ଲୁକଘଟାଏ କାହିଁକି କରିବି ?'

ଗଭର୍ଣ୍ଣର ରୂପେ ଅନ୍ୟ କେଉଁଠି ଯାଇ ଠୁଣ୍ଟାଟାଏ ପରି କାହିଁକି ବସି ରହିବି । ମୁଁ ତୁମର ସେବାପାଇଁ ପୁଣି ନିର୍ବାଚନ ବେଳେ ଲୋକଙ୍କ ଦ୍ୱାରସ୍ଥ ହେବି । ଶେଷ ପର୍ଯ୍ୟନ୍ତ ଲୋକଙ୍କ ସେବା କରିବା ମୋର କାମ୍ୟ ।'

## ଓଡ଼ିଶା ବିଧାନ ସଭାର ବାଚସ୍ପତି –

ପୁଣି ନିର୍ବାଚନ ଆସିଲା । ସେ ପ୍ରାର୍ଥୀ ପତ୍ର ଦାଖଲ କଲେ । ସତ୍ୟବାଦୀ ଲୋକେ ତାଙ୍କୁ ନିର୍ଦ୍ୱନ୍ଦରେ ନିର୍ବାଚିତ କରାଇଲେ । ବିଧାନ ସଭା ତାଙ୍କୁ ସମ୍ମାନ ଦେଖାଇ ବାଚସ୍ପତି ନିର୍ବାଚିତ କଲେ ।

ବାଚସ୍ପତି ଆସନରେ ତାଙ୍କୁ ବସିବାର ଯେ ଦେଖିଛି, ଗୋଟିଏ ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ବୋଲି ତାଙ୍କୁ ମନେ କରିଥିବ । ଦଳ ମତ ନିର୍ବିଶେଷରେ ସମସ୍ତ ସଦସ୍ୟ ତାଙ୍କୁ ଗୁରୁ ପରି ସମ୍ମାନ ପ୍ରଦର୍ଶନ କରୁଥିଲେ । ବିନା ପାଟିତୁଣ୍ଡ ବା ଗୋଳମାଳ ନଥାଇ ଶୃଙ୍ଖଳାର ସହିତ ବିଧାନସଭାର କାର୍ଯ୍ୟ ନିର୍ବାହିତ ହେଉଥିଲା । କୌଣସି ସଭ୍ୟ ଭାଷଣ ଦେଲା ବେଳେ ସେ ଆଦେଶ ଦେଇ ବସିବାକୁ କହିଲେ

Digitized by srujanika@gmail.com

ତାଙ୍କ କଥାମାନ ବିନା ଆପତ୍ତିରେ ସେ ସଭ୍ୟ ବନ୍ଧୁଏ ପରା ଭୁଜ ଖୋଲି ବସି ପଡୁଥିଲେ।

ଓଡ଼ିଶା ବିଧାନସଭାର କାର୍ଯ୍ୟାଳୟ ତାଙ୍କ ଯୋଗୁ ସ୍ୱତନ୍ତ୍ର ସମ୍ମାନସ୍ପଦ ଆସନ ଲାଭ କରିଥିଲା। ସେ ବିଧାନସଭା କାର୍ଯ୍ୟାଳୟକୁ ଶାସନ ବିଭାଗ ଅଧୀନରୁ ଅଲଗା କରାଇ ଗୋଟିଏ ସ୍ୱତନ୍ତ୍ର ବିଭାଗରେ ପରିଣତ କରାଇଥିଲେ।

ବାଚସ୍ପତି ପଦକୁ ସେ ସମ୍ପୂର୍ଣ୍ଣ ନିର୍ଦ୍ଦଳୀୟ କରି ରଖିଥିଲେ। ତେଣୁ ସବୁ ଦଳର ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଥିଲା।

## ସ୍ୱାଧୀନ ମତ ପ୍ରକାଶ—

ରାଜ୍ୟ ସଭା ସଦସ୍ୟ ନିର୍ବାଚନ ବେଳେ ସେ ପ୍ରକାଶ୍ୟରେ ଜଣେ ବିରୋଧୀ ଦଳର ମନୋନୀତ ବିଶିଷ୍ଟ ଜନସେବୀ, ଦିବାକର ପଟ୍ଟନାୟକଙ୍କୁ ନିଜର ଭୋଟଟି ଦେଇ ନିର୍ବାଚିତ କରାଇ ଥିଲେ।

ଅବଶ୍ୟ ସେଥିପାଇଁ ଓ ସମସ୍ତ ସମୟରେ ତାଙ୍କ ନିର୍ଭୀକ ପଦକ୍ଷେପ ଯୋଗୁ ଶାସକ କଂଗ୍ରେସ ଦଳର କେନ୍ଦ୍ର କେନ୍ଦ୍ର ତାଙ୍କ ଉପରେ କ୍ଷୁବ୍ଧ ହେଉଥିଲେ। ବୋଧହୁଏ ସେହିସବୁ କାରଣରୁ ତାଙ୍କ ବାର୍ଦ୍ଧକ୍ୟର ଆଳ ଦେଖାଇ ପରେ ନିର୍ବାଚନ ଲଢିବାକୁ ଓଡ଼ିଶା କଂଗ୍ରେସର କର୍ତ୍ତା-ମାନେ ତାଙ୍କ ନାମ ସୁପାରିଶ କରି ନଥିଲେ।

ତାଙ୍କର ସବୁ କାର୍ଯ୍ୟରେ କିଛି ନା କିଛି ନୂତନତା ଥାଏ। ଗତାନୁଗତିକ ସ୍ରୋତରେ ଗଡ଼ି ଚାଲିବା ଲୋକ ସେ ନୁହଁନ୍ତି। ଜଣେ ବିଚକ୍ଷଣ ବ୍ୟବସ୍ଥାପକ ଭାବରେ ୧୯୨୮ ରୁ ପ୍ରାୟ କୋଡ଼ିଏ ବର୍ଷ କାଳ ଜୀବନ କଟାଇ ସେ ଆଇନ କାନୁନର ସୂକ୍ଷ୍ମାତି-ସୂକ୍ଷ୍ମ ବିଷୟମାନ ହଠାତ୍ ଧରି ପାରୁଥିଲେ।

ବିଧାନ ସଭା ଭାଙ୍ଗିବା ସଙ୍ଗେ ସଙ୍ଗେ ପାରମ୍ପରିକ ରୀତିରେ ଆପେ ଆପେ ବାଚସ୍ପତି ପଦ ଶୂନ୍ୟ ହୋଇ ଯାଉଥିଲା। ଓଡ଼ିଶାରେ ବିଧାନସଭାର କାର୍ଯ୍ୟକାଳ ପୂରିବା ପୂର୍ବରୁ ମନ୍ତ୍ରୀ ମଣ୍ଡଳ ଇସ୍ତଫା ଦେଲେ, ବିଧାନସଭା ଭାଙ୍ଗିଲା। ଓଡ଼ିଶାରେ ରାଷ୍ଟ୍ରପତି ଶାସନ

Digitized by srujanika@gmail.com

ଜାରି ହେଲା । ବାଚସ୍ପତିଙ୍କୁ ମଧ୍ୟ ତାଙ୍କ ସ୍ଥାନରୁ ଓହରି ଯାଇ ସେ ସ୍ଥାନ ଖାଲି ପଡ଼ିଲା । ଭାରତର ସମ୍ବିଧାନ ଅନୁସାରେ ବାଚସ୍ପତି ପଦ କଦାପି ଦିନକ ପାଇଁ ହେଲେ ଖାଲି ପଡ଼ି ପାରିବ ନାହିଁ ବୋଲି ନନା ଏକ ବୈଧାନିକ ପ୍ରଶ୍ନ ଉଠାଇଲେ । ଭାରତରେ ଚହଳ ପଡ଼ିଲା । କାରଣ ସବୁ ପ୍ରଦେଶରେ ଆଗରୁ ସେହିପରି ଚାଲିଥିଲା ।

ଭାରତ ସରକାର ନନାଙ୍କର ସେହି ବୈଧାନିକ ପ୍ରଶ୍ନର ସମାଧାନ ପାଇଁ ସବୁଆଡ଼ ଆଇନ ମନ୍ତ୍ରଣାଳୟ ଓ ବଡ଼ ବଡ଼ ଆଇନଜ୍ଞମାନଙ୍କର ମତ ନେଲେ । ନନାଙ୍କର ମତ ଠିକ ଓ ଭାରତରେ ଚାଲିଥିବା ସେ ପନ୍ଥା ଭୁଲ ବୋଲି ପ୍ରମାଣିତ ହେବା ପରେ, ସବୁ ପ୍ରଦେଶରେ ଆଉ ଜଣେ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ବାଚସ୍ପତି ତାଙ୍କ ଆସନରେ ଅଧିରୂଢ଼ ରହିବା କଥା ଭାରତ ସରକାର ଘୋଷଣା କଲେ ।

## ପ୍ରୋଚାନସେଲରପଦ ଓ ଡକ୍ଟରେଟ ଲାଭ—

ବାଚସ୍ପତି ହେବା ପୂର୍ବରୁ ୩୧.୮.୫୫ ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରୋଚାନସେଲର ପଦ ପାଇଥିଲେ ।

ସତ୍ୟବାଦୀ ଗୁରୁକୁଳର ଅଧ୍ୟକ୍ଷ, କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଦିଲ୍ଲୀ ଇଉନିଭରସିଟି କୋର୍ଟ ମେମ୍ବର ପ୍ରଭୃତି ଅଭିଜ୍ଞତାରୁ ସେ ଜଣେ ବରିଷ୍ଠ ଶିକ୍ଷାବିତ ଭାବରେ ଓଡ଼ିଶାରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ମନୋନିବେଶ କରିଥିଲେ । ଇଂରେଜ ସମୟରେ ଓଡ଼ିଶା ଖଣ୍ଡ ବିଖଣ୍ଡିତ ହୋଇ ଏପ୍ରଦେଶରେ ସେ ପ୍ରଦେଶରେ ପଡ଼ିଥାଏ । ତା'ର ନିଜର ସରକାରଟିଏ ବି ନଥାଏ । ସେଥିରେ ବିଶ୍ୱବିଦ୍ୟାଳୟ ସ୍ୱପ୍ନ ଦେଖିବା ଓ କାର୍ଯ୍ୟକାରୀ କରିବା ଭିତରେ ବହୁତ ତଫାତ ଥିଲା ।

ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ମାନ୍ଦ୍ରାଜ ପ୍ରେସିଡ଼େନ୍ସିରେ ଥିବା ଗଞ୍ଜାମର ବ୍ରହ୍ମପୁର ସହରରେ ନନାଙ୍କ ସଭାପତିତ୍ୱରେ ଗୋଟିଏ ବେସରକାରୀ ବିଶ୍ୱବିଦ୍ୟାଳୟ କମିଟି ଗଠିତ ହୋଇଥିଲା । ସେଥିପାଇଁ ନନା ବହୁତଥ୍ୟ ସଂଗ୍ରହ କରିଥିଲେ ।

୧୯୩୭ ରେ କଂଗ୍ରେସର ମନ୍ତ୍ରୀମଣ୍ଡଳ ଗଢ଼ାହେବା ପରେ ପୁଣି ତାଙ୍କ ଉଦ୍ୟମରେ ଗୋଟିଏ ସରକାରୀ ବିଶ୍ୱବିଦ୍ୟାଳୟ କମିଟି

Digitized by srujanika@gmail.com

ଗଡ଼ାଯାଇ ସେ ତାର ସଭାପତି ହେଲେ । ସେହି କମିଟି ଶିକ୍ଷାବିତ ମାନଙ୍କଠାରୁ ବହୁ ପ୍ରଶ୍ନୋତ୍ତର ଓ ନାନା ସ୍ଥାନରୁ ତଥ୍ୟ ସଂଗ୍ରହ କରି ବର୍ଷ ବର୍ଷ ଲାଗି ଗୋଟିଏ ରିପୋର୍ଟ ପ୍ରସ୍ତୁତ କଲେ ।

କଂଗ୍ରେସ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଇ ପରେ ପାରଳା-ଗୋଧା-ବରିଶଙ୍କ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ା ହେବା ପରେ ସେହି ରିପୋର୍ଟର ସୁପାରିଶ ଓ ତଥ୍ୟ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଗଢ଼ା ଯାଇଥିଲା । ତେଣୁ ଓଡ଼ିଶାରେ ତାଙ୍କୁ ବିଶ୍ୱବିଦ୍ୟାଳୟର ଜନକ କୁହାଯାଇ ପାରେ ।

ପ୍ରୋଭାଇସଚାନସେଲର ଭାବେ ସେ ଘଣ୍ଟାଘଣ୍ଟା ଧରି ବସି ରହି ସିନେଟ ସଭାର ସଭାପତିତ୍ୱ କାର୍ଯ୍ୟ ତୁଲାଉଥିଲେ । ବିଶ୍ୱ-ବିଦ୍ୟାଳୟର ଗଠନ ଓ ପ୍ରଗତି ପାଇଁ ନାନା ଯୋଜନା ପ୍ରସ୍ତୁତ କରୁଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ଦେଖାଇ ୧୨।୨୧।୪୪ ସମାବର୍ତ୍ତନ ଉତ୍ସବରେ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧିରେ ଭୂଷିତକରି ଖଣ୍ଡିଏ ମାନପତ୍ର ବା ସାର୍ଟିଫିକେଟ ଦେଇଥିଲେ ।

ସେହିଦିନ ସେହି ସମାବର୍ତ୍ତନ ଉତ୍ସବରେ ଏ. ଏସ୍. ସି. ଅନର୍ସରେ ଫାଷ୍ଟକ୍ଲାସ ଫାଷ୍ଟ ହୋଇ ତାଙ୍କର ଜଣେ ଆତ୍ମୀୟ ମେଧାବୀ ଛାତ୍ର ତାଙ୍କର ସ୍ୱର୍ଣ୍ଣପଦକ ଓ ସାର୍ଟିଫିକେଟ ଧରି ଆସିଥିଲା ।

ନନା ସେ ଛାତ୍ରକୁ କୁଣ୍ଢାଇ ପକାଇ କହିଲେ ହଇରେ ଏ ସ୍ୱର୍ଣ୍ଣପଦକଟା ତୋ ହାତକୁ ଦେଇ ଦେଲେ, ମୋର ମନେ ହେଉ ଥିଲା ମୁଁ ଉଠିଯାଇ ସେ ପଦକଟା ତୋ ବେକରେ ଲଗାଇଦେବି ।

ତାପରେ ଅନେକ କଥାବାର୍ତ୍ତା ଚାଲିଲା । ନନା ସେ ଛାତ୍ରଠାରୁ ତାର ସାର୍ଟିଫିକେଟଟି ଆଣି ନିଜର ଡକ୍ଟରେଟ ସାର୍ଟିଫିକେଟ ସଙ୍ଗେ ମିଶାଇ କହିଲେ, "ହଇରେ ଏ ଦୁଇଟା ତ ସମାନ ଓସାର ଲମ୍ବ, ଏକା କାଗଜରେ ତିଆରି, ହଇରେ ଇଏ କି ଉପାଧି କାଗଜ ? ଏ ଉପାଧିର ମୂଲ୍ୟ କଣ ? ମୁଁ କଲିକତା ବିଶ୍ୱବିଦ୍ୟାଳୟରୁ ମୋର ଯେଉଁ ବି.ଏ ଡିଗ୍ରୀ ସାର୍ଟିଫିକେଟଟା ପାଇଥିଲି ସେଟା କେତେ ବଡ଼ ଥିଲା । ସେ ପାର୍ଚମେଣ୍ଟ କାଗଜରେ ମୋର ଶିଶୁପୁତ୍ର ଅଶୋକ ଶୋଇ

Digitized by srujanika@gmail.com

ଦୁଇବର୍ଷ ହଠାତ୍ମୃତ୍ୟୁ କରିଥିଲା । ଏ କାଗଜରେ ମୃତ୍ୟୁଦେଲେ ତ ସଙ୍ଗେ ସଙ୍ଗେ ମିଳାଇଦିବ ଆମ ଡ୍ରିଗ୍ରୀ ଉତ୍ତର କେଉଁଠି? ତାଙ୍କର ନବଜଆ କଥାରେ ବଡ଼ ହସ ସୃଷ୍ଟିହେଲା ।

ସେ ପିଲାଟିର କୃତିତ୍ୱରେ ସେ ସବୁଠାରୁ ବେଶୀ ଆନନ୍ଦ ପାଇଥିଲେ । ସେ ବାଳକଟିକୁ ନିଜ ଗାଡ଼ିରେ ବସାଇ ଘରକୁ ଆଣିଲେ ଓ ବଡ଼ହୁଅ ବୋଲି ଆଶୀର୍ବାଦ କଲେ । ସେ ବାଳକ ବା ଯୁବକର କୃତିତ୍ୱ ଦେଖିଲେ ଆନନ୍ଦରେ ବିଭୋର ହୋଇ ଯାଇଥିଲେ । ଅତି ତଳ କ୍ଲାସରେ ପଢ଼ୁଥିବା ମୋ ଜ୍ୟେଷ୍ଠ ପୁଅଟିକୁ ଦେଖିଲେ "ବାପା ତୁ କ୍ଲାସରେ ଫାଷ୍ଟ ହୋଇଚୁ କି ନାହିଁ" ବୋଲି ପ୍ରଥମେ ପଚାରୁଥିଲେ ।

## ଗୋଦାବରୀଶ ତିରୋଧାନ ଧକ୍କା:—

୧୯୫୬ ଅଗଷ୍ଟ ୨୬ର ତାରିଖ ଦିନ ତାଙ୍କର ପ୍ରଧାନ ସାଥୀ ଓ ଅନ୍ତରଙ୍ଗ ବନ୍ଧୁ ପଣ୍ଡିତ ଗୋଦାବରୀଶ ମିଶ୍ର ସ୍ୱର୍ଗାରୋହଣ କଲେ । ସେଥିରେ ନନା ମର୍ମାହତ ହୋଇ ପଡ଼ିଲେ । ସେ ନନାଙ୍କ ପାଇଁ ଏପରି ଜଣେ ଲୋକଥିଲେ ଯାହାଙ୍କୁ କି ନନା ନିଜର ସମକକ୍ଷ ମନେ କରୁଥିଲେ । ଉପର ତଳ ଭାଇପରି ଦୁହିଁଙ୍କର ମତାନ୍ତର, ମନାନ୍ତର ମିଳନ, ସଦଭାବ, ଥଟ୍ଟା, ପରିହାସ ଜୀବନଯାକ ଲାଗି ରହିଥିଲା । ଦୁହେଁ ଦୁହିଁଙ୍କ କାର୍ଯ୍ୟକୁ କେତେବେଳେ ପୂର୍ଣ୍ଣ ପ୍ରାଣରେ ପସନ୍ଦ କରୁଥିଲେ ତ କେତେବେଳେ ଅପସନ୍ଦ କରି ଉଡ଼ାଇ ଦେଉଥିଲେ । ତାଙ୍କ ଦୁହିଁଙ୍କ ଭିତରେ କି ଘନିଷ୍ଠତା ଓ କେତେ ଆତ୍ମିୟତା ଥିଲା ସେମାନଙ୍କର ପରସ୍ପର ପ୍ରତି ବ୍ୟବହାର ଦେଖି ତାହା ବାହାରୁ କେହି କଳନା କରି ପାରିବ ନାହିଁ ।

ଦୁହେଁ ଥରେ ବ୍ରହ୍ମପୁର ଯାଇଥିଲେ । ସେତେବେଳେ ଗଞ୍ଜାମ ମାନ୍ଦ୍ରାଜ ପ୍ରେସିଡେନ୍‌ସି ଅଧିନରେ ଥିଲା । ବ୍ରହ୍ମପୁରରେ ତେଲେଗୁ ଆଧିକ୍ୟ ଥିଲା । ରିକ୍‌ସା ଚାଲୁହୋଇ ନଥିଲା, ତେଲଙ୍ଗା ଝଟକାବାଲାମାନେ ଗୋଟାଏ ଦୁର୍ଦ୍ଦାନ୍ତ ଗୁଣ୍ଡା ଦଳଗଢ଼ି ଯାତ୍ରୀମାନଙ୍କୁ ବଡ଼ ହୋଇରାଣରେ ପକାଉଥିଲେ ।

ନନା ଓ ଗୋଦାବରୀଶ ବାବୁ ଝଟକାଟିରେ ଷ୍ଟେସନରୁ ଆସି ସହରରେ ଜଣେ ଭଦ୍ରଲୋକଙ୍କ ଦୁଆରେ ଓହ୍ଲାଇଲେ । ଝଟକାବାଲାକୁ

Digitized by srujanika@gmail.com

ପଇସା ଜାଉଁଲାବେଳକୁ ସେ ପଇସା ନ ଛୁଇଁ ବଡ଼ ଝିଙ୍କ୍ ଝିଙ୍କ୍ କରିବା ଆରମ୍ଭ କରିଦେଲା । ନାଲ, ନାଲ ଆଖି ଦେଖାଇ ଖାଣ୍ଡୁରୁ ମାଣ୍ଡୁରୁ କରି କଣ ଗୁଡ଼ାଏ ବକିବାକୁ ଲାଗିଲା । ନନା ତାଙ୍କ ପ୍ରାପ୍ୟଠୁ ଅଧିକା କରି ମଧ୍ୟ ତାକୁ ଦେଖାଇଲେ । ସେ ନନେବାରୁ, 'ନନେଲ ନାହିଁ' କହି ପଇସାତକ ଝଟକା ବାଲା ସାମନାରେ ଥୋଇଦେଇ ଘରଭିତରକୁ ପଶିଗଲେ ।

ଝଟକା ବାଲାର ପାଟି ବହୁସମୟ ପର୍ଯ୍ୟନ୍ତ ଶୁଭୁଥିଲା । ଗୋଦାବର୍ଦ୍ଧନ ବାବୁ ନନାଙ୍କ ସଙ୍ଗେ ଘରଭିତରକୁ ନଆସି ପଛେଇକରି ରହିଯାଇଥିଲେ । ସେତେବେଳେ ଝଟକାବାଲା ପାଖରେ ଗୁଡ଼ାଏ ଗୁଣ୍ଡା ଶ୍ରେଣୀର ଲୋକ ଆସି ରୁଣ୍ଡ ହେବାର ଦେଖିଲେ ସେ ଜଣେ ତେଲୁଗୁ ଓ ଓଡ଼ିଆ, ଦୁଇଭାଷା ଜାଣିଥିବା ଲୋକଙ୍କୁ ଡାକି ଝଟକା ବାଲାକୁ ଟଙ୍କର ସେ ଯାହା ଦାବି କରୁଥିଲା ସମସ୍ତ ପଇସା ଦେଇ ପାଟିତୁଣ୍ଡ ବନ୍ଦ କରାଇ ଘରଭିତରକୁ ଆସିଥିଲେ ।

ନନା ଘରଭିତରେ ଅନ୍ୟମାନଙ୍କ ସଙ୍ଗେ ଆଳାପ କରୁଥିଲେ । ଗୋଦାବର୍ଦ୍ଧନ ବାବୁଙ୍କୁ ଦେଖି କହିଲେ "ଦେଖିଲ, ଝଟକା ବାଲାକୁ ଯାହା ଦବାକଥା ତାଠାରୁ ମୁଁ ବେଶୀ ପଇସା ଦେଇ ଆସିଥିଲି, ସେ ବକୁଥିଲା ଏମିତି ପାଟିତୁଣ୍ଡ କଲେ ମୁଁ ବ୍ୟସ୍ତ ହୋଇ ତାକୁ ଆଉ ଗୁଡ଼ାଏ ଦେଇ ପଳାଇବି । ମୁଁ ତାକୁ ଧମକାଇ ଚାଲିଆସିଥିଲି ସେ ଆଉ କେତେ ବକର ବକର ହୁଅନ୍ତା । ମୁଁ ଜାଣିଥିଲି ମୋ ଧମକରେ ସେ ଗୁଡ଼ାଏ ଖାଲି ବକର ବକର ହୋଇ ଚାଲିଯିବ ।"

ଗୋଦାବର୍ଦ୍ଧନ ବାବୁ କହିଲେ "ହଁ, ହଁ ତୁମେ ବଡ଼ ମାଡପର ଲୋକ, ମୋତେ ପଛରେ ଛାଡ଼ି ଏକମୁହାଁ ହୋଇ ଘରଭିତରକୁ ଚାଲିଆସିଲ । ତାକୁ ଦାଢ଼ି ଦେଖାଇ ଡରେଇ ଦେଇଥିଲ । ସେ ବକର ବକର ହୋଇସାରି ତାର ତୁମ ଦାଢ଼ି ମନେ ପଡ଼ିବାରୁ ସେ ଡରିକରି ଏକା ଦୌଡ଼ାକେ ପଳାଇଲା ।"

ଏପରି କଥା ନନାଙ୍କୁ ଆଉ କିଏ କହିବ ?

Digitized by srujanika@gmail.com

## ଏକାଖୁଣ୍ଟରେ ଦୁଇବଳଦ :—

ମିଳିତ ମନ୍ତ୍ରୀ ମଣ୍ଡଳ ବେଳେ ଗୋଟିଏ ବିରାଟ ଗୁପ୍ତକାର୍ଯ୍ୟରେ ହାତଦେଇ ଉପରେ ଇଂରେଜ ସରକାରଙ୍କ ସଙ୍ଗେ ସାଲିସ୍ କରି ମିଳିତ ମନ୍ତ୍ରୀ ମଣ୍ଡଳ ଗଢ଼ିଥିବାରୁ କାହାକୁ ସେ ସବୁ କଥା କହି ନପାରି ନିଜକୁ ଦୋଷି ସାବ୍ୟସ୍ତ କଲାଭଳି ଆଚରଣରେ ସରକାରଙ୍କର ଓ ଅନ୍ୟ ଦଳଙ୍କର ସମସ୍ତ ନିର୍ଯ୍ୟାତନା ଓ ଲାଞ୍ଛନା ସହି ଯାଉଥିଲେ । ଏହିପରି ଦୁଃଖ ସମୟରେ ସେ ଦୁହେଁ ଏକାଠି ଚଳନ୍ତି । ସେ ସମୟରେ ସଭାଟିଏ କରି ଲୋକମାନଙ୍କୁ କଷ୍ଟ ବୁଝାଇବା ଚେଷ୍ଟା କଲେ ମଧ୍ୟ ସେଥିରେ ତାଙ୍କୁ ବାଧା ମିଳୁଥିଲା ।

ଗୋଟିଏ ସଭାରେ ମନ୍ତ୍ରୀ ଗୋଦାବରୀଶ ବାବୁ ଠିଆ ହୋଇ ନନାଙ୍କର ବହୁ ପ୍ରସଂଶା କରି ଭାଷଣ ଦେଲେ । ତାପରେ ନନା ବକ୍ତବ୍ୟ ଦେବାକୁ ଯାଇ କହିଥିଲେ, "ଆମେ ଦୁଇଟା ବଳଦ ଏକାଖୁଣ୍ଟରେ ବନ୍ଧାହୋଇ ପରସ୍ପରକୁ ଚାଟୁଛୁ । ସେ ମୋର ପ୍ରଶଂସା କରିଗଲେ ମୁଁ ବି ତାଙ୍କୁ ପ୍ରଶଂସା କରି କହୁଛି, କିନ୍ତୁ ସେ ସବୁରୁ କଅଣ ମିଳିବ । ଆପଣମାନଙ୍କ ଉପରେ ସବୁ ନିର୍ଭର କରେ, ଆପଣମାନେ ଆମକୁ ଭଲ କରି ଜାଣନ୍ତି । ଆମର ବିଶେଷରେ ମନ୍ତ୍ରୀମଣ୍ଡଳର କାର୍ଯ୍ୟକୁ ଧୈର୍ଯ୍ୟର ସହିତ ପରୀକ୍ଷା କରି ଦେଖନ୍ତୁ । କେତେଣିକି ଭଲକି ମନ୍ଦ ତାହା ଭବିଷ୍ୟତରେ ଇତିହାସ କହିବ ।

ସୁଭାଷ ସେନାର ପରାଜୟ ପରେ ମନ୍ତ୍ରୀ ମଣ୍ଡଳର ଆଉ ଆବଶ୍ୟକତା ନାହିଁ ବୋଲି ମତ ଦେବାରୁ । ମନ୍ତ୍ରୀମଣ୍ଡଳ ଭାଙ୍ଗିଦେବା ବେଳେ ସେ ଦୁଇଜଣଙ୍କ ଭିତରେ ପୁଣି ମତଭେଦ ହେଲା । ମତଭେଦ ମନୋମାଳିନ୍ୟରେ ପରିଣତ ହେଲା । ଏପରିକି ଦୁହିଁଙ୍କ ଭିତରେ କଥାବାର୍ତ୍ତା ମଧ୍ୟ ବନ୍ଦ ହୋଇଗଲା ।

ନନା ବଡ଼ ଟାଣୁଆ ଲୋକ ଯାହା ବୁଝିଥିବେ ସେଇଆ, ସେ ଭାଙ୍ଗିଯିବେ ପଛେ ଲଇଁବେ ନାହିଁ । କିନ୍ତୁ ଗୋଦାବରୀଶଙ୍କ କବି ହୃଦୟ ଅତି କୋମଳ । ସେ ତାଙ୍କ ଜୀବନୀରେ ଲେଖିଛନ୍ତି—

"ନୀଳକଣ୍ଠ ବାବୁଙ୍କ ସହିତ ମୋର ଯେତେ ଘନିଷ୍ଠତା ଥିଲା, ତାଙ୍କର ବା ମୋହର କାହାରି, ଅନ୍ୟ କାହାରି ସଙ୍ଗେ ସେତେ

Digitized by srujanika@gmail.com

ନଥିଲା । ଆମେ ଦୁହେଁ ଏକଥ ଖାଉ, ବୁଲୁ, ହସୁ, ବସୁ, କଳ୍ପନା କଳ୍ପନା କରୁ । ତା ଦେଖି ଗୋପବନ୍ଧୁ ବାବୁ କେବେ କପଟ ହସି ହସି ଠଟ୍ଟାରେ ପଦେ ଅଧେ ଦେଖେଇ ଦେଖେଇ କହନ୍ତି । ମୁଁ ବୁଝିପାରେ ଆମ ଦୁହିଁଙ୍କ ଭିତରେ ଏବେ ମନ ମିଳୁଥିବାରୁ ତାଙ୍କର ଆନନ୍ଦ ହୁଏ ।

ନୀଳକଣ୍ଠ ବାବୁଙ୍କ ଚରିତ୍ରର ସାମଞ୍ଜସ୍ୟ ଥିଲା ଅତିକ୍ରମ । ଶ୍ରେୟ ଓ ପ୍ରେୟ ମଧ୍ୟରୁ ତାଙ୍କ ଆଦର୍ଶ ଥିଲା ଶ୍ରେୟ ଓ ମୋର ଥିଲା ପ୍ରେୟ ।

ସେ ଯେ କାହିଁକି ମୋତେ ଏତେ ସୁଖ ଦେଉଥିଲେ, କିମ୍ବା ମୁଁ ଯେ କାହିଁକି ତାଙ୍କୁ ଏତେ ଶ୍ରଦ୍ଧା କରୁଥିଲି, କେବେ ଭଲ ରୂପେ ବୁଝି ନାହିଁ । ଚୁମ୍ବକର ବିପରୀତ ବିନ୍ଦୁମାନ ଟଣା ଟଣି ହୁଅନ୍ତି । ଆକାଶରେ ମେଘ ଅସ୍ତି-ତଡ଼ିତ [Positive Electricity] ରେ ପୂରିଲାବେଳେ ଏଣେ ତଳେ ନାସ୍ତି ତଡ଼ିତ [Negative Electic charge] ଧାରଣ କରେ । ସେତେବେଳେ ଦୁହିଁଙ୍କର ତଡ଼ିତ ଶକ୍ତି ମିଶିବାକୁ ଲୋଡ଼େ । ନୀଳକଣ୍ଠବାବୁଙ୍କର ଓ ମୋର ବନ୍ଧୁତା ଭିତରେ ଯେପରି ଗୋଟାଏ କିଛି ଭୌତିକ ରହସ୍ୟ ହୁଏତ କାର୍ଯ୍ୟ କରିଥିବ" ।

ଦୁଇ ବିଜୁଳି ଶକ୍ତି ମିଶିବା ପରେ ଆଲୋକ ସୃଷ୍ଟି କରି ଯେପରି ପୁଣି ଅଲଗା ହୋଇ ଯାଆନ୍ତି, ସେହିପରି ସେ ଦୁହେଁ ବରାବର ଅଲଗା ହୋଇ ଯାଉଥିଲେ କିନ୍ତୁ ପୁଣି ତାଙ୍କ ମନରେ ମିଶିବାର ଅଦମ୍ୟ ପିପାସା ଜେଇଁ ଉଠୁଥିଲା ।

ସତ୍ୟବାଦୀ ବନ୍ଧ'ର, ଉତ୍କଳ କଂଗ୍ରେସ, ମିଳିତମନ୍ତ୍ରୀମଣ୍ଡଳ ସବୁ କ୍ଷେତ୍ରରେ ସେଇଆ ଘଟିଥିଲା । ମିଳିତ ମନ୍ତ୍ରୀ ମଣ୍ଡଳ ଗଢ଼ା ହେବା ବେଳେ ଦୁହିଁଙ୍କର ମିଳନ ହୋଇ ଉତ୍କଳ ରାଜନୀତିରେ ଘୁଅଲ୍ୟ ଖେଳିବା ପରେ ସେ ମନ୍ତ୍ରୀମଣ୍ଡଳ ଭାଙ୍ଗିବା ବେଳକୁ ସେ ଦୁଇଜଣ ପୁଣି ସମ୍ପୂର୍ଣ୍ଣ ଅଲଗା ହୋଇ ଯାଇଥିଲେ ।

ଗୋଦାବରୀଶ ବାବୁ କିନ୍ତୁ ସେ ବିଚ୍ଛେଦ ବେଶୀଦିନ ସହ୍ୟ କରି ପାରୁନଥିଲେ । ନନାଙ୍କ ସଙ୍ଗେ ମିଶିବା ପାଇଁ ବ୍ୟାକୁଳ ହୋଇ, ନନାଙ୍କ ବିରୁଦ୍ଧରେ ଅଭିଯୋଗ କରି ୩.୬.୪୭ ରେ ଅନଶନ ଆରମ୍ଭ କରିଥିଲେ । ନନା ୭.୬.୪୭ ରେ ତାଙ୍କ ନିକଟକୁ ଯିବା ପରେ ତାଙ୍କ ଅନଶନ ଭଙ୍ଗି-

Digitized by srujanika@gmail.com

ଥିଲା । ସେ ଜନନୀଙ୍କ ସଙ୍ଗେ ମିଶିବା ଆଗରେ ଅନଶନ କରିଥିବା କଥା ଅନେକ କୁହାକୁହି ହେଲେ । ଯାହାହେଉ ସେମାନେ ପୁଣି ମିଶିଲେ ।

୧୯୫୧ ରେ ଦଳ ଗଢି ନିର୍ବାଚନ ଯୁଦ୍ଧରେ ଏକାକୀ ବାହାରି ପଡ଼ିଲେ । ଏକାଠି ସଦସ୍ୟ ହେଲେ । ଗୋଦାବରୀଶ ବାବୁଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡିଥିଲା, ବ୍.କଲାଇ ରୋଗରେ ପଡ଼ି ବହୁଦିନ ଭୋଗିଲେ । ସେତେ-ବେଳକୁ ସେ ରୋଗର ଔଷଧ ବାହାରି ନଥିଲା । ସେ ଶେଷ ଜୀବନରେ ନିରାଶାର ରୋଗ ଶଯ୍ୟାରେ ପଡ଼ି ପଡ଼ି ତା୨୬-୮-୫୬ରେ ଆଖି ମୁଜିଲେ ।

ତାଙ୍କ ମୃତ୍ୟୁରେ ଦେଶରେ ଚହଳ ପଡ଼ିଗଲା । ବିରାଟ ଏକ ଶୋଭାଯାତ୍ରାରେ ତାଙ୍କୁ ବକୁଳ ବନ ଶ୍ମଶାନକୁ ନେଇ ଗଲାବେଳେ ଜନନୀଙ୍କର ଆଖିରୁ ଝର ଝର ଲୁହ ଗଡ଼ି ପଡ଼ିଲା । ସେ ଶବାଧାର ଓ ଶୋଭାଯାତ୍ରାକୁ ଚାହିଁ ବ୍ୟାକୁଳ ହୋଇ କହିପକାଇଲେ "ଲୋକେ ତାଙ୍କୁ ଏତେ ଭଲପାଆନ୍ତି ବୋଲି ସେ ନିଜେ ଏକଥା ଟିକିଏ ଦେଖନ୍ତା କି ?

ଗୋଦାବରୀଶ ବାବୁ ଚାଲିଗଲା ପରେ ଜନନୀଙ୍କୁ ବେଶୀ ଅସହାୟ ଲାଗିବା ସ୍ୱାଭାବିକ । ତଥାପି କାର୍ଯ୍ୟର କ୍ଷେତ୍ର ମିଳିବାରୁ ସେ କର୍ମରେ ଲାଗି ରହିଲେ ।

ଗୋପବନ୍ଧୁ, କୃପାସିନ୍ଧୁ, ଅନନ୍ତ ସବୁ ଭାରତର ସ୍ୱାଧୀନତା ପୂର୍ବରୁ ବ୍ୟଥିତ ହୃଦୟରେ ଚାଲି ଯାଇଥିଲେ । ସ୍ୱାଧୀନତା ପରେ ମଧ୍ୟ ଗୋଦାବରୀଶ ନିରାଶ ହୃଦୟରେ ବିଦାୟ ନେଲେ । ଦେଶକୁ ଯାହାକର ଦେଖି ଯିବାକୁ ସେମାନେ ଚାହିଁଥିଲେ ସେ ଆଶା ତାଙ୍କର ପୂରଣ ହୋଇ ନଥିଲା । ଦେଶ ସେମାନଙ୍କ ଜୀବଦଶାରେ ସେମାନଙ୍କୁ ଯଥେଷ୍ଟ ସମ୍ମାନ ଦେଖାଇ ପାରି ନଥିଲା ।

ଗୋଦାବରୀଶଙ୍କ ମିଳିତ ମନ୍ତ୍ରୀ ମଣ୍ଡଳ ବହୁ ବାଧାବିଘ୍ନ ସତ୍ତ୍ୱେ ଦ୍ୱିତୀୟ ମହାସମରର ଆର୍ଥିକ ଅନାଟନ ବେଳେ· ମେଡ଼ିକାଲ୍ କଲେଜ୍, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଭୃତି ଅନୁଷ୍ଠାନ ବସାଇ ଓ ଯେଉଁ

Digitized by srujanika@gmail.com

ଲୋକହିତକର କାର୍ଯ୍ୟ ସବୁ କରିଯାଇଛନ୍ତି ସେଥିପାଇଁ ଅମର ହୋଇ ରହିଛନ୍ତି ।

## ମହତାବଙ୍କ ଏକମତ—

ମିଳିତ ମନ୍ତ୍ରୀ ମଣ୍ଡଳକୁ କଂଗ୍ରେସର ଜଣେ ବଡ଼ ପଣ୍ଡା ଭାବରେ ସେତେବେଳେ ଶ୍ରୀହରେକୃଷ୍ଣ ମହତାବ ଘୋର ବିରୋଧ କରୁଥିଲେ ମଧ୍ୟ ମିଳିତ ମନ୍ତ୍ରୀ ମଣ୍ଡଳ ବିଷୟରେ ପରେ ତାଙ୍କ ପାଖରେ ଯେ ସମ୍ବାଦ ସବୁ ପହଞ୍ଚିଥିଲା ସେଥିରେ ସେ ମତ ବଦଳାଇ ତା୭।୧୧।୭୮ରେ ଲେଖିଛନ୍ତି ।

"ଗାନ୍ଧିଜୀଙ୍କ ଅହିଂସାତ୍ମକ ଆନ୍ଦୋଳନକୁ ଶ୍ରୀ ସୁଭାଷ ଚନ୍ଦ୍ର ବୋଷ ଯେତେବେଳେ ଆହ୍ୱାନ କରି ସ୍ୱକୀୟ କାର୍ଯ୍ୟକ୍ରମ ଆରମ୍ଭ କଲେ । ପଣ୍ଡିତ ନୀଳକଣ୍ଠ ସୁଭାଷ ବାବୁଙ୍କର ଜଣେ ଦୃଢ଼ ସମର୍ଥକ ଥିଲେ ।

ସେହି କାର୍ଯ୍ୟ କ୍ରମରେ ସେ କଂଗ୍ରେସ ଛାଡ଼ିଲେ ଓ ଯୁଦ୍ଧକାଳୀନ ପରିସ୍ଥିତିରେ ଗଠିତ ଏକ ଅଣ-କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଗଠନର ପୁରୋଧା ହେଲେ ।

ସେ ସମୟର ସରକାରୀ କାଗଜପତ୍ର ପ୍ରକାଶ ପାଇନାହିଁ । ସେ ସବୁ ପ୍ରକାଶ ପାଇଲେ ଜଣାଯିବ କିପରି ସୁଭାଷ ବାବୁଙ୍କ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରକାଶ ପାଇଥିଲା । ବିବୁଧେନ୍ଦ୍ର ମିଶ୍ର ଅଶୋକ ଦାସ, ସୁରଜ ମଲ୍ଲ ସାହା, ଶ୍ରୀହର୍ଷ ମିଶ୍ର ପ୍ରମୁଖ ଯୁବକମାନେ ସେତେବେଳେ ଯେ ବନ୍ଦୀ ହୋଇଥିଲେ ତାହା ଏକ ସୁପରିକଳ୍ପିତ ଗୋପନୀୟ ଆନ୍ଦୋଳନର ପରିଣାମ ଥିଲା ।

ଏହି ଆନ୍ଦୋଳନ ସହିତ ସମ୍ପର୍କ ଥିବାରୁ ତତ୍‌କାଳୀନ ଗଭର୍ଣ୍ଣର ସାର୍ ହଥର୍ଣ୍ଣ ଲୁଇସ୍ ବ୍ୟବସ୍ଥା ସଭାକୁ ଭାଙ୍ଗିଦେଇ ପରୋକ୍ଷ ଶାସନ ଜାରି କରିବା ସହିତ ସେହି ସମୟରେ ଭାଇସ୍‌ରାୟଙ୍କ ପାଖକୁ ଯେଉଁ ରିପୋର୍ଟ ପଠାଇଥିଲେ, ସେଥିରେ ତତ୍‌କାଳୀନ ରାଜନୀତି ସମ୍ବନ୍ଧୀୟ ସମସ୍ତ ବୃତ୍ତାନ୍ତ ନିଶ୍ଚିତ ଭାବରେ ଥିବ ।"

Digitized by srujanika@gmail.com

ଦେଶ କାର୍ଯ୍ୟରେ ଏପରି ବହୁ ଭୁଲ ବୁଝାମଣା ସତ୍ତ୍ୱେ ନନା ତାଙ୍କ ଆଦର୍ଶରେ ଅଟଳ ରହି କିଏ କେତେବେଳେ ଦେଶଦ୍ରୋହୀ କହିଲ, ପଚାଅଣ୍ଡା ଫୋପାଡ଼ିଲ କି ଦେଶପ୍ରାଣ କହି ଫୁଲମାଳ ଦେଲ ସେଥିପ୍ରତି ଭ୍ରୂକ୍ଷେପ ନକରି ଜରାଗ୍ରସ୍ତ ରୋଗାକ୍ରାନ୍ତ ଶଯ୍ୟାରେ ମଧ୍ୟ ସେ ଉତ୍ସାହୀ ଯୁବକ ପରି ଅକ୍ଲାନ୍ତ ପରିଶ୍ରମ କରିଯାଉଥିଲେ । କାର୍ଯ୍ୟକାରୀ ଶକ୍ତିଥିବା ପର୍ଯ୍ୟନ୍ତ ତାଙ୍କର କର୍ମରେ କୌଣସି ଶିଥିଳତା ପ୍ରକାଶ ପାଇ ନଥିଲା ।

## ସାହିତ୍ୟ ଏକାଡେମୀ ଓ ପଦ୍ମଭୂଷଣ ଉପାଧି—

୧୯୫୭ ମସିହାରେ ଭାରତ ସରକାର ନନାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କଲେ, ବିଦେଶୀ ଇଂରେଜ ସରକାରଙ୍କର ବଡ ଉପାଧିର ଲୋଭ ସମ୍ବରଣ କରି ତାହା ପ୍ରତ୍ୟାଖାନ କଲାବେଳେ, ନିଜର ଦେଶୀ ସରକାରଠାରୁ ଉପାଧି ଗ୍ରହଣ କରିବେ ବୋଲି ସେ ଯାହା କହିଥିଲେ ତାହା ଆଂଶିକ ଭାବରେ ପୂରଣ ହେଲା ।

୧୯୫୮ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହେଲେ । ତାଙ୍କର କର୍ମଠ ଜୀବନ ଭିତରେ ସେ ଯେଉଁ ଅନୁଷ୍ଠାନ ସହିତ ସମ୍ପୃକ୍ତ ହୁଅନ୍ତି ତାକୁ ଜୀବନ୍ତ କରି ସେଥିରେ କିଛି ନା କିଛି ନୂତନତା ଆଣି ଦିଅନ୍ତି ।

ସାହିତ୍ୟ ଏକାଡେମୀର ସଭାପତି ଭାବରେ ସେହି ଅନୁଷ୍ଠାନର କାର୍ଯ୍ୟକୁ ସେ ନିକଟରୁ କରି ଦେଖୁଥିଲେ । ସେଥିରେ ଗବେଷଣା କିପରି ଭଲ ଭାବରେ ଚାଲିବ ସେଥିପାଇଁ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା । ସାହିତ୍ୟ ଏକାଡେମୀର ଗବେଷକ ଭାବେ ଜଣେ ନୂଆ ଏମ୍. ଏ. ପାଶ୍ କରିଥିବା ଯୁବକଙ୍କୁ ସାମୟିକ ନିଯୁକ୍ତି ମିଳିଥିଲା ।

ସେ ତାଙ୍କୁ ଡାକି ପଚାରିଲେ 'ବାବୁ ତୁମେ ଗବେଷକ ହେବ ।' ତ କେତେ ପୋଥି ପଢି ପାରିଛ ? କାଲି ଗୋଟିଏ ତାଳପତ୍ର ପୋଥି ଆଣି ମୋ ଆଗରେ ପଢିବ । ତୁମର ଯୋଗ୍ୟତା କେତେ, ଜାଣିଲେ ତୁମକୁ ସେ ପଦରେ ସ୍ଥାୟୀ କରାଯିବାକୁ ସୁପାରିଶ କରାଯିବ । ପରଦିନ ପୋଥିଟିଏ ଆଣି ସେ ତାଙ୍କ ଆଗରେ ପଢି ସାରିବା ପରେ ତାଙ୍କୁ ଆଶୀର୍ବାଦ କରି ଓ ଉତ୍ସାହ ଦେଇ ସେ ପଦରେ ସ୍ଥାୟୀ କରିବାକୁ ସୁପାରିଶ କରିଥିଲେ ।

Digitized by srujanika@gmail.com

ସାହିତ୍ୟ ଓ ସଂସ୍କୃତିର ପୁନୋରୁଦ୍ଧାର, ପ୍ରତିଭା ପୂଜା ଓ ଗୁଣର ଆଦର ପାଇଁ ସ୍ୱାଧୀନ ଭାରତରେ ସାହିତ୍ୟ ଏକାଡେମୀର ସୃଷ୍ଟି ହୋଇଛି । ଦୁଃସ୍ଥ ଗୁଣୀଜନଙ୍କୁ ସାହାଯ୍ୟ କରିବା ସମ୍ମାନ ଦେବା ତାହାର ପ୍ରଧାନ ଉଦ୍ଦେଶ୍ୟ କିନ୍ତୁ ସରକାରୀ କଳ ଓ ନାଲି ଫିତାର ବନ୍ଧନୀ ଭିତର ଦେଇ ଗତି କରୁଥିବାରୁ ଅନେକ ସମୟରେ ସେପରି ଅନୁଷ୍ଠାନ ମାନେ ସେମାନଙ୍କର କାମ ଠିକ୍ ଭାବରେ ସାଧନ କରି ପାରନ୍ତି ନାହିଁ ।

ନନା ସାହିତ୍ୟ ଏକାଡେମୀର ସଭାପତି ଥିବାବେଳେ ଶ୍ରୀରାମଚନ୍ଦ୍ର ବାରିକ ନାମକ ଜଣେ ଗୁଣୀ ଶୁଦ୍ଧ ଧାର୍ମିକ ବୃଦ୍ଧଙ୍କୁ ଏକାଡେମୀ ତରଫରୁ ଅନ୍ୟ ପ୍ରକାର ସାହାଯ୍ୟ କରି ନପାରି ପିଅନ ପଦରେ ନିଯୁକ୍ତି ଦେବାକୁ ସୁପାରିଶ କଲେ ।

ସାହିତ୍ୟ ଏକାଡେମୀର ପରିଚଳନା ଶିକ୍ଷାମନ୍ତ୍ରୀଙ୍କ ଅଧୀନରେ ଥିବାରୁ ତତ୍କାଳୀନ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ସେ ନିଯୁକ୍ତି ପତ୍ର ଉପରେ (There is nonecessity of a peon) ଏଥିପାଇଁ ପିଅନ ନିଯୁକ୍ତିର ଆବଶ୍ୟକତା ନାହିଁ ବୋଲି ଲେଖି ପତ୍ରଟି ନନାଙ୍କ ପାଖକୁ ପଠାଇ ଦେଲେ ।

ନନା ତାର ଉତ୍ତର ଦେଲେ (It may not be a necessity but it is a dignity fcr this Institution) ଏହାର ପ୍ରୟୋଜନ ନଥାଇ ପାରେ କିନ୍ତୁ ଏ ଅନୁଷ୍ଠାନ ପାଇଁ ଏହା ଏକ ମର୍ଯ୍ୟାଦା ।

ସେ ଲେଖା ପରେ ଗୋବନ୍ଧୁଙ୍କର ପରମ ସେବକ ନିରାଶ୍ରୟ ଦୁଃସ୍ଥ ବୃଦ୍ଧ ରାମ ବାରିକ ସେ କାର୍ଯ୍ୟରେ ନିଯୁକ୍ତି ହୋଇ ସାମାନ୍ୟ ଆର୍ଥିକ ସାହାଯ୍ୟ ପାଇ ପାରିଥିଲେ ।

**ନିସ୍ୱାର୍ଥ ସେବକ ରାମ ବାରିକ—**

ନୂଆ ସତ୍ୟବାଦୀ ସ୍କୁଲ ବୋର୍ଡିଂରେ ରହିଲି ବେଳେ ମୁଁ ପ୍ରଥମେ ତାଙ୍କର ପରିଚୟ ପାଇଥିଲି । ସେ ଥିଲେ ଆମ ସ୍କୁଲର ଦପ୍ତରୀ ! ସେ ପିରିଅଡକୁ ପିରିଅଡ଼ ଘଣ୍ଟା ପିଟନ୍ତି । ଅଫିସକାମ, ପରୀକ୍ଷାକାମ ଚଳାନ୍ତି । ବୋର୍ଡିଂରେ ସନ୍ଧ୍ୟାବେଳକୁ ଆମ ଲଣ୍ଠନରେ ପଳାଏ ପଳାଏ କିରାସିନି ଦିଅନ୍ତି । ଆମର କାହାର ଦେହ ଖରାପ ହେଲେ ଡାକ୍ତର-

Digitized by srujanika@gmail.com

ଖାନା ପାଇ ଔଷଧ ଆଣି ଦିଅନ୍ତି ଓ ରୋଗୀସେବା କରନ୍ତି । ସାଧାରଣ ଚପରାଶୀ ଭଳି କାହାକୁ କେବେ ହାତ ପତାଇ ବକ୍‌ସିସ ପ୍ରଭୃତି ମାଗିବା ଆମେ ଦେଖିନାହୁଁ ।

ଅତି ନମ୍ର, ଭଦ୍ର ସ୍ୱଭାବର ଲୋକ ଧୀରେ ଧୀରେ ଅଳ୍ପ ହସି କଥା କହନ୍ତି । ସେ ଦପ୍ତରୀ ଥିଲେ ମଧ୍ୟ ଆମେ ତାଙ୍କୁ ଶିକ୍ଷକର ସମ୍ମାନ ଦେଉ ।

ମୁଁ ପରେ ବୁଝିଥିଲି ତାଙ୍କ ଘର ସତ୍ୟବାଦୀ ନିକଟର ବନପୁର ଗ୍ରାମରେ । ଜନା ସତ୍ୟବାଦୀ ସ୍କୁଲ ବିଦ୍ୟାଳୟର ଅଧ୍ୟକ୍ଷ ଥିଲାବେଳେ ସେ ତାଙ୍କର ସେବାକାରୀ କାର୍ଯ୍ୟ କରୁଥିଲେ । ଜନା ତାଙ୍କ ସେବା ଓ ବ୍ୟବହାରରେ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ ।

ସେତେବେଳେ ଗୋପବନ୍ଧୁ, ବିହାର ଓଡ଼ିଶା କାଉନ୍‌ସିଲର ସଦସ୍ୟ ଥିଲେ । ସେ ଅନେକ ସମୟରେ କଟକ, କଲିକତା, ପାଟନା ପ୍ରଭୃତି ଏକାକୀ ଯାତ୍ରା କରୁଥିଲେ । ସେ ସବୁବେଳେ ନାନା ଭାବନାରେ ବୁଡ଼ି ରହୁଥିବାରୁ ତାଙ୍କ ଜିନିଷପତ୍ରର ବା ନିଜର ବିଶେଷ ଯତ୍ନ ନେଇପାରୁ ନଥିଲେ ।

ସତ୍ୟବାଦୀରେ ଜଣେ ଗ୍ରାମର ଶ୍ରେଣୀପୁ ଲୋକ ତାଙ୍କ ଭୋଳା ପଣର ସୁଯୋଗ ପାଇ ତାଙ୍କ ଟିଣ ଟ୍ରଙ୍କ ଖଣ୍ଡିକ ଫିଟାଇ ସୁବିଧା ପାଇଲେ ତାଙ୍କ ଜିନିଷ ପତ୍ର ଚୋରି କରୁଥିଲା । ଅନ୍ୟମାନେ ସେ କଥା ଲକ୍ଷ୍ୟକରି ଗୋପବନ୍ଧୁଙ୍କୁ କହିଲେ ଓ କେତେଥର ଚୋର ଧରା ହେଲା କିନ୍ତୁ ଦୟାଳୁ ଗୋପବନ୍ଧୁ ସେ ଲୋକର କାକୁତି ମିନତି ଓ କନ୍ଦାକଟାରେ ଭୁଲିଯାଇ ଥରକୁ ଥର ତାକୁ ଛାଡ଼ି ଦେଉଥିଲେ ।

ଚୋର ପ୍ରଶ୍ରୟ ପାଇଲେ ବେଶୀ ଚୋରି କରେ । ସେ ସାହସ ପାଇ ଥରେ ଗୋପବନ୍ଧୁ ପାଟନାରୁ ଫେରି ସତ୍ୟବାଦୀରେ ଗୋଡ଼ ଦେବାର ଅଳ୍ପ ସମୟ ପରେ ତାଙ୍କ ଟ୍ରଙ୍କ ଖୋଲି ପ୍ରାୟ ସବୁ ଜିନିଷ ନେଇଗଲା ।

ପୋଲିସକୁ ଖବର ଦେବାକୁ ବିଚାର ପଡ଼ିଲା । ଜଣେ ଶିକ୍ଷକ କହିଲେ, ପୋଲିସକୁ ଖବରଦେଇ ଲାଭ କଅଣ ? ସେମାନେ ସିନା ଚୋରକୁ ଧରି ଆଣିବେ ଚୋର 'ଦାସ ଆପଣଙ୍କ ଗୋଡ଼ ତଳେ

Digitized by srujanika@gmail.com

ପଢ଼ିଲେଣି ସେ ତ ତାଙ୍କୁ ଛାଡ଼ିଦେବେ ସ୍ୱେଇର କି କ୍ଷତି ହେବ ?

ଏହି କଥା ଶୁଣି ଗୋପବନ୍ଧୁ କହିଲେ ନାଁ ମୁଁ ଏପରି କେବେ ତାଙ୍କୁ ଛାଡ଼ିବି ନାହିଁ । ସ୍ୱେଇର ଦଣ୍ଡ ପଡ଼ିବା ଉଚିତ । ତାଙ୍କ ମୁହଁ ଦିନକୁ ଦିନ ବଢ଼ି ଯାଉଛି ।

ସ୍ୱେଇର ଧରାହୋଇ ଆସିଲା । ସେ ଗୋପବନ୍ଧୁଙ୍କ ଗୋଡ଼-ତଳେ ହାତଯୋଡ଼ି ଲମ୍ବ ହୋଇ ପଡ଼ିଗଲା । ଗୋପବନ୍ଧୁ ଟିକିଏ ଅପ୍ରତିଭ ହୋଇ ପଡ଼ିଲେ କିନ୍ତୁ ସେଠାରେ ଥିବା ଅଧ୍ୟାପକମାନଙ୍କ ମୁହଁକୁ ଚାହିଁ, ଦେହକୁ ଟାଣ କରି ସ୍ୱେଇରକୁ କହିଲେ "ହଁ ଗୋଡ଼ତଳେ ପଡ଼ିଗଲେ କଅଣ ହୋଇଗଲା ? ସ୍ୱେଇ କାହିଁକି ? ମୋ ଗୋଡ଼ ତଳେ ପଡ଼ିଗଲେ ଭାବୁଛୁ ଏଥର ତୋତେ ଛାଡ଼ିଦେବି ! ହଇରେ ତୋ ଭଳି ଲୋକ ଆମ ଗୋଡ଼ତଳେ ପଡ଼ିଲେ ତ ତତେ ଆଶୀର୍ବାଦ ମିଳିବ । ମୋ ଗୋଡ଼ତଳେ ପଡ଼ିଗଲୁ ତୋର କଅଣ କ୍ଷତିଟାଏ ହୋଇଗଲା ଯେ ମୁଁ ତୋତେ ଛାଡ଼ି ଦେବି । ସ୍ୱେଇର ! ଯା, ଜେଲଖାନାକୁ ଯା, ଘଣା ପେଲ, ତେବେ ଯାଇ ତୋର ସ୍ୱେଇର ବୁଦ୍ଧି ଛାଡ଼ିବ ।" ଏହା କହି ତରତରରେ ସେ ସେଠାରୁ ଉଠି ଘର ଭିତରକୁ ଚାଲିଯାଇ ଥିଲେ ।

ନନା ଗୋପବନ୍ଧୁଙ୍କର ଏ ଅବସ୍ଥା ଦେଖି ତାଙ୍କ ପାଖରେ ଗୋଟିଏ ବିଶ୍ୱସ୍ତ ଲୋକ ସବୁବେଳେ ରଖିବା ପାଇଁ ଗୋପବନ୍ଧୁଙ୍କୁ ପ୍ରବର୍ତ୍ତାଇ ରାମ ବାରିକଙ୍କୁ ତାଙ୍କ ପାଖରେ ରଖାଇ ଦେଇଥିଲେ ।

ସେହିଦିନଠାରୁ ଗୋପବନ୍ଧୁଙ୍କ ତିରୋଧାନ ପର୍ଯ୍ୟନ୍ତ ରାମ ବାରିକ ଗୋପବନ୍ଧୁଙ୍କ ଛାଇପରି ତାଙ୍କ ପାଖେ ପାଖେ ରହି ତାଙ୍କର ସେବା କରି ଆସିଥିଲେ ।

ଗୋପବନ୍ଧୁଙ୍କ ସ୍ୱର୍ଗାଗମନ ପରେ ସେ ନୂଆ ସତ୍ୟବାଦୀ ସ୍କୁଲରେ ଦପ୍ତରୀ କାମ କରୁଥିଲେ, ସେ ସବୁବେଳେ ନିସମ୍ବଳ । ତାଙ୍କର ଏକମାତ୍ର ପୁଅ ଈଶ୍ୱର ସେହି ସତ୍ୟବାଦୀ ସ୍କୁଲରେ ପଢ଼ୁଥିଲା । ପିଲାଟି ବଡ଼ ଶାନ୍ତ ଶିଷ୍ଟ, କିନ୍ତୁ ସଂସାର ପ୍ରତି ତାର ବୈରାଗ୍ୟ ଜନ୍ମିଲା ।

Digitized by srujanika@gmail.com

ରାମ ତାଙ୍କୁ ବିବାହ କରାଇ ସଂସାର ଆଡ଼କୁ ମନ ଫେରାଇବାକୁ ଚେଷ୍ଟା କରିବା ସତ୍ତ୍ୱେ ବିବାହର ପରେ ପରେ ସେ ବୋହୂଟିକୁ ଘରେ ଛାଡ଼ି ବାବାଜି ହୋଇ କେଉଁଆଡ଼େ ଚାଲିଗଲେ । ରାମ ବୋହୂଟିକୁ ଧରି ତାଙ୍କର ଶେଷ ପର୍ଯ୍ୟନ୍ତ ପୁଅ ଫେରିବା ଆଶାରେ ରହିଥିଲେ । ବୋହୂଟି ମଧ୍ୟ ଅତି ଉତ୍ତମ ସ୍ୱଭାବର ଥିବାରୁ ଶ୍ୱଶୁରଙ୍କ ସେବାରୁ ନିଜକୁ ବଞ୍ଚିତ ନ କରି, ଅନ୍ୟ କେଉଁଆଡ଼େ ଯାଇ ନଥିଲା ।

ସ୍କୁଲଟି ସରକାରୀ ହେବାବେଳେ ତାଙ୍କୁ ବୟସ ହୋଇଛି ବୋଲି ସେଠାରୁ ତାଙ୍କୁ ବିଦାୟ ନେବାକୁ ପଡ଼ିଥିଲା । ସେ ବୃଦ୍ଧ ବୟସରେ ବଡ଼ କଷ୍ଟରେ ଜୀବନ ଧାରଣ କରି ରହିଥିଲେ ।

ସେ ଯାହାଙ୍କ ପାଖରେ ତାଙ୍କ ସେବକ ଜୀବନ ଆରମ୍ଭ କରି ଥିଲେ ତାଙ୍କରି ପାଖରେ ଆସି ଶେଷରେ ମୁହଁ ଲୁଚାଇ ଠିଆ ହେଲେ । ରାମ ବାରିକ ବଡ଼ ଅଭିମାନୀ ଓ ଆତ୍ମମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତି କାହାଠାରୁ ହାତଟେକା ଦାନ ଗ୍ରହଣ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ ଜାଣି ନବା ସବୁକଥା ବିସ୍ତାରକୁ ଆଣି ତାଙ୍କ ପାଇଁ ସାହିତ୍ୟ ଏକାଡ଼େମୀରେ ପିଅନ ପଦ ସୃଷ୍ଟି କରାଇ ତାଙ୍କୁ ସ୍ଥାନ ଦେଇଥିଲେ ।

ସତ୍ୟବାଦୀ ବିହାରର ନିସ୍ୱାର୍ଥପର ଦେଶଗତ। ପାଣି ପବନ ଭିତର ଦେଇ ଯିଏ ଯେତେ ବଢ଼ିଥିଲେ ସେ ସମସ୍ତଙ୍କର କିଛିନା କିଛି ବିଶେଷତ୍ୱ ବା ପ୍ରତିଭା ଥିଲା । ସେମାନେ ଛୋଟ ହେଲେବି ରାମ-ଚନ୍ଦ୍ରଙ୍କ ଗୁଣ୍ଡୁଚି ପରି କିଛିନା କିଛି ଦେଶ ସେବା କରିଯାଇଛନ୍ତି ।

ଜ୍ଞାନପୀଠ ଓ ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ସାହିତ୍ୟିକ ଗୋପିନାଥ ମହାନ୍ତି ଶୁଣିଅଛନ୍ତି ଚୁଣ ଚନ୍ଦ୍ରିକା ପରି, ରାମ ବାରିକ ସାହିତ୍ୟ ଏକାଡ଼େମୀରେ ପିଅନ ଥିଲାବେଳେ ତାଙ୍କଠାରୁ ଶୁଣି ଶୁଣି ରାମବାରିକଙ୍କଠାରୁ ଗୋପବନ୍ଧୁଙ୍କ ବିଷୟରେ ତଥ୍ୟସବୁ ସଂଗ୍ରହକରି 'ଉତ୍କଳମଣି' ପୁସ୍ତକ ଖଣ୍ଡି ରଚନା କରିଛନ୍ତି । ସେଥିରୁ ରାମବାରିକଙ୍କ ସେବାକାରୀ ବ୍ୟକ୍ତିତ୍ୱ ଫୁଟି ଉଠୁଛି ।

ରାମବାରିକଙ୍କ ପରି ସତ୍ୟବାଦୀ ସ୍କୁଲର ଅନ୍ୟ କେତେକ କର୍ମୀ-ବୃନ୍ଦଙ୍କୁ ମଧ୍ୟ ମୁଁ ଦେଖିଛି । ସତ୍ୟବାଦୀ ବିହାରର ପୁରାତନ ଅଫିସ

Digitized by srujanika@gmail.com

କରଣୀ ସମସରପୁରର ପଣ୍ଡିତ ରଘୁନାଥ ମିଶ୍ର (ପାଣିଗ୍ରାହୀ)ଙ୍କ ପରିଚୟ ପାଇ ତାଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇଛି।

ସତ୍ୟବାଦୀ ବିହାରରେ ଥିବାବେଳେ ସେ ଅଫିସ କାର୍ଯ୍ୟ ଚଳାଇବା ସଙ୍ଗେ ସଙ୍ଗେ ନନାଙ୍କର ଛାଇପରି ଉକ୍ତ ସାହିତ୍ୟ ଚର୍ଚ୍ଚାରେ ଲାଗିଥିଲେ, ନନାଙ୍କର କେତେ ବକ୍ତୃତାର ଶ୍ରୁତଲିଖନ ନେଇ ସେ ଲେଖି ପକାଉଥିଲେ। ବହି ଲେଖାବେଳେ ନନା ଅରକ୍ଷୁଅର ସେ ଲେଖା ବିଷୟରେ ତାଙ୍କ ମତ ପଚାରୁଥିଲେ। ଶେଷ ପର୍ଯ୍ୟନ୍ତ ନନାଙ୍କ ପ୍ରତି ସେ ଚିର ଅନୁଗତ ଥିଲେ। ନନାଙ୍କ ୧୯୫୧।୫୨ ଭୋଟ ବେଳେ ଅଣ୍ଟାଭିଡ଼ି ସେ ପ୍ରଚାର ପାଇଁ ବାହାରି ପଡ଼ିଥିଲେ। ସେ ଲୋକଙ୍କୁ କହୁଥିଲେ 'ଆରେ ମଳକଣ୍ଠ ବାବୁଙ୍କୁ ନିର୍ବାଚିତ କଲେ ସେ ଅନୁଗୃହୀତ ହେବେ ନାହିଁ ବିଧାନ ସଭାରେ ସତ୍ୟବାଦୀର ପ୍ରତିନିଧିତ୍ୱ ଅନୁଗୃହୀତ ହେବ ଓ ଓଡ଼ିଶା ବିଧାନ ସଭା ଏପରି ଜଣେ ସଦସ୍ୟ ପାଇ ଅନୁଗୃହୀତ ହେବ।

ରଘୁନାଥ ବାବୁଙ୍କ ଅବସ୍ଥା ସ୍ୱଚ୍ଛଳ ନଥିଲା। କିନ୍ତୁ ସେ ସମ୍ପୂର୍ଣ୍ଣ ସ୍ୱାଧୀନମନା ଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ ସେ ସବୁଦିନ ସକାଳ ୭ଟାରେ ଘରୁ ବାହାରି ଭୁର ପାଞ୍ଚମାଇଲ ବାଟ ଚାଲି ସତ୍ୟବାଦୀ ଆସି ଏଠି ସେଠି ଲେଖାପଢ଼ା ଓ ହିସାବ ପତ୍ର କାମ କରି ରାତି ୯।୧୦ଟା ବେଳକୁ ତମ୍ପସାପ ପୁଣି ଚାଲି ହିଡ଼ ଡେଇଁ ଡେଇଁ ବର୍ଷା ଝଡ଼ ଅନ୍ଧାର ନିମାନ ଗ୍ରାମକୁ ଫେରନ୍ତି। ମୁହଁ ସବୁବେଳେ ହସହସ। ମନରେ ଟିକିଏ ହେଲେ ଗ୍ଲାନି ଥିଲା ପରି ଜଣାପଡେ ନାହିଁ। ସେ ସତ୍ୟବାଦୀ ଅଞ୍ଚଳରେ ଜଣେ ସମ୍ମାନ ପ୍ରଦ ବ୍ୟକ୍ତିରୂପେ ଗଣାଯାଉଥିଲେ।

ହରି ଧଟଦେଇ—ସତ୍ୟବାଦୀ ପଞ୍ଚ ପ୍ରଦୀପ ଭିତରୁ ନନାଙ୍କ ଶେଷ ପର୍ଯ୍ୟନ୍ତ ଅଜ ଗୋଟିଏ ପ୍ରଦୀପ ଥାଇ ସ୍ନିଗ୍ଧ ଶୀତଳ କିରଣ ବିଚ୍ଛୁରିତ କରି ଓଡ଼ିଶାକୁ ଉଦ୍‌ବୁଦ୍ଧ କରୁଥିଲା।

ସେ ପ୍ରଦୀପ ହେଉଛନ୍ତି ଆମ କୁଟୁମ୍ବର ନନାଙ୍କ ବଡ଼ଭାଇ ଋଷିପ୍ରତିମ ଆଚାର୍ଯ୍ୟ ହରିହର ଦାସ।

Digitized by srujanika@gmail.com